# ଏମ୍. ଏ.

# ଓଡ଼ିଆ ପାଠ୍ୟକ୍ରମ

## ଲୋକ ସାହିତ୍ୟ ଓ ସଂସ୍କୃତି

### ପେପର ୨୨

ଆଲୋଚକ

**ଡ. ସଞ୍ଜୟ କୁମାର ବାଗ୍**

UTKAL UNIVERSITY

**D D C E**
**Education for All**

## ଦୂର-ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ

**ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର**

**ଭୁବନେଶ୍ୱର**

**ଲୋକ ସାହିତ୍ୟ ଓ ସଂସ୍କୃତି**

ପେପର –୨୨

***Published by :***

**Directorate of Distance & Continuing Education**

**Utkal University, Vani Vihar, Bhubaneswar**

**First Edition : 2014**

© Directorate, DDCE, Utkal University

***No. of Copies*** : ............ Copies

View expressed are those of the authors and DDCE takes no responsibility for the same.

***Printed at :***

inteCAD

442, Saheed Nagar, Bhubaneswar-751007

Ph. : 0674-2544631, Mob.- 9437044631

This SIM has been prepared exclusively by Directorate of Distance & Continuing Education (DDCE), Utkal University, It conforms to the syllabi and contents as approved by the Utkal University.

# ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି


ପ୍ରଥମ ପରିଚ୍ଛେଦ

*ପ୍ରଥମ ଭାଗ*

ଲୋକଧାରା ଓ ଲୋକ ସଂସ୍କୃତି : ସଂଜ୍ଞା, ସ୍ୱରୂପ ୫

*ଦ୍ୱିତୀୟ ଭାଗ*

ଓଡିଶାରେ ଲୋକ ସାହିତ୍ୟ ଚର୍ଚ୍ଚାର ପରମ୍ପରା ୩୫

ଦ୍ୱିତୀୟ ପରିଚ୍ଛେଦ

*ପ୍ରଥମ ଭାଗ*

ଲୋକ ସାହିତ୍ୟର ପ୍ରକାରଭେଦ ୫୪

*ଦ୍ୱିତୀୟ ଭାଗ*

ଲୋକ ସାହିତ୍ୟ ଓ ଲୋକ ଜୀବନ ୯୨

ତୃତୀୟ ପରିଚ୍ଛେଦ

*ପ୍ରଥମ ଭାଗ*

ଓଡିଆ ଲୋକ ସାହିତ୍ୟ ୧୧୭

*ଦ୍ୱିତୀୟ ଭାଗ*

ଓଡିଆ ଲୋକ ସଂସ୍କୃତି ୧୩୯

ଚତୁର୍ଥ ପରିଚ୍ଛେଦ

*ପ୍ରଥମ ଭାଗ*

ଓଡିଶାର ଆଦିବାସୀ ଜୀବନଧାରା ଓ ଲୋକ ସାହିତ୍ୟ ୧୫୫

*ଦ୍ୱିତୀୟ ଭାଗ*

ଓଡିଶାର ଲୋକ ନାଟକ ପରମ୍ପରା ଓ ପ୍ରକାରଭେଦ ୧୭୨

ପଞ୍ଚମ ପରିଚ୍ଛେଦ

*ପ୍ରଥମ ଭାଗ*

ଆଧୁନିକ କାବ୍ୟ, କବିତାରେ ଲୋକ ସାହିତ୍ୟର ପ୍ରଭାବ ୧୯୬

*ଦ୍ୱିତୀୟ ଭାଗ*

ଆଧୁନିକ ଓଡିଆ କଥା ସାହିତ୍ୟରେ ଲୋକ ସାହିତ୍ୟର ପ୍ରଭାବ ୨୨୪

ସହାୟକ ଗ୍ରନ୍ଥ ଏବଂ ପରବର୍ତ୍ତୀ ଅଧ୍ୟୟନ ନିମିତ୍ତ ପୁସ୍ତକ ସୂଚୀ ୨୫୦

ପ୍ରଥମ ପରିଚ୍ଛେଦ

ପ୍ରଥମ ଭାଗ

# ଲୋକଧାରା ଓ ଲୋକ ସଂସ୍କୃତି : ସଂଜ୍ଞା, ସ୍ୱରୂପ

୧.୧.୦ ଉପକ୍ରମ

୧.୧.୧ ଲୋକଧାରା ବା ଲୋକ ସଂସ୍କୃତି କ'ଣ

*୧.୧.୧.୧ 'ଲୋକ' କ'ଣ ?*

*୧.୧.୧.୨ ଲୋକଧାରା କ'ଣ ?*

୧.୧.୨ ଲୋକ ଉପାଦାନ

୧.୧.୩ ଲୋକ ଗୋଷ୍ଠୀ

*୧.୧.୩.୧ ଲୋକ ଗୋଷ୍ଠୀର ସ୍ୱରୂପ*

*୧.୧.୩.୨ ଲୋକ ଗୋଷ୍ଠୀର ସଂରଚନା*

୧.୧.୩.୨.୧ ଘନିଷ୍ଠତା

୧.୧.୩.୨.୨ ନୂତନ କର୍ମ ପରିସର

୧.୧.୩.୨.୩ ପରିବେଶ ଓ ପରିସ୍ଥିତି

୧.୧.୩.୨.୪ ବାର୍ତ୍ତା-ବିନିମୟ

୧.୧.୩.୨.୫ ଜ୍ଞାନ ପିପାସା

୧.୧.୩.୩ ଉଦ୍ଦେଶ୍ୟମୂଳକ ଗୋଷ୍ଠୀ ଚୟନ, ଏବଂ ବର୍ଜନର ଇଚ୍ଛା

୧.୧.୪ ପରମ୍ପରା

*୧.୧.୪.୧ ସାମ୍ପ୍ରତିକତା*

*୧.୧.୪.୨ ପୁନରାବୃତ୍ତି*

*୧.୧.୪.୩ ସଚେତନ ଅଂଶଗ୍ରହଣ*

*୧.୧.୪.୪ ଅର୍ଥପୂର୍ଣ୍ଣତା*

*୧.୧.୪.୫ ପରମ୍ପରା ବାହକ*

*୧.୧.୪.୬ ନୂତନ ସଂଯୋଜନା, ଅନ୍ତର୍ଗ୍ରହଣ, ଏବଂ ବିକାଶ*

*୧.୧.୪.୭ ପରିବର୍ତ୍ତନଶୀଳତା ଏବଂ ରକ୍ଷଣଶୀଳତା*

*୧.୧.୪.୮ ବିଲୋପନ*

*୧.୧.୪.୯ ଯଥାର୍ଥତା*

୧.୧.୫ ପରିବେଷଣ

*୧.୧.୫.୧ ପାଠ*

*୧.୧.୫.୨ ପ୍ରପାଠ*

*୧.୧.୫.୩ ପ୍ରସଙ୍ଗ*

## ୧.୧.୦ ଉପକ୍ରମ

ଲୋକଧାରା ଓ ଲୋକ ସଂସ୍କୃତିର ସଂଜ୍ଞା ସ୍ୱରୂପକ୍ରମରେ ଏଠାରେ ପ୍ରଥମେ ଆମେ ଲୋକ, ଏବଂ ଲୋକଧାରା କହିଲେ କ'ଣ, ଏବଂ ଲୋକ ଉପାଦାନ ସମ୍ପର୍କରେ ଆଲୋଚନା କରିବାକୁ ପ୍ରୟାସ କରାଯାଉଛି । ଏହା ସହିତ ଲୋକଧାରାର ମୁଖ୍ୟ ଆଧାର ଲୋକ ଗୋଷ୍ଠୀ ତଥା ଏହାର ସ୍ୱରୂପ, ଏବଂ ସଂରଚନା ସମ୍ପର୍କରେ ଆଲୋଚନା କରାଯାଉଛି । ଏହା ବ୍ୟତୀତ— ପରମ୍ପରା, ପରିବେଷଣ ଭଳି ଲୋକଧାରାର ଅନ୍ୟ ପ୍ରମୁଖ ଆୟାମଗୁଡିକ ସମ୍ପର୍କରେ ମଧ୍ୟ ଆଲୋଚନା କରାଯିବାର ପ୍ରୟାସ କରାଯାଉଛି । କାରଣ, ଲୋକଧାରାର ଅଧ୍ୟୟନରେ ବିଷୟଗତ ଅବଧାରଣା କ୍ଷେତ୍ରରେ ଏହିସବୁ ଆୟାମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

## ୧.୧.୧ ଲୋକଧାରା ବା ଲୋକ ସଂସ୍କୃତି କ'ଣ ?

ଇଂରାଜୀ Folkore ଶବ୍ଦର ଓଡିଆ ପାରିଭାଷିକ ଶବ୍ଦ ଭାବରେ 'ଲୋକଧାରା' ଏବଂ 'ଲୋକ ସଂସ୍କୃତି' ଶବ୍ଦଦ୍ୱୟ ଓଡିଆରେ ସାଧାରଣତଃ ବ୍ୟବହୃତ ହୋଇଆସୁଛି । ଭାରତୀୟ ଲୋକଧାରା ଅଧ୍ୟୟନରେ କେବଳ 'ଲୋକଧାରା', ଓ 'ଲୋକ ସଂସ୍କୃତି' ନୁହେଁ, 'ମାନବବିଦ୍ୟା', 'ଲୋକବିଦ୍ୟା', 'ଲୋକଯାନ', 'ଲୋକ ବିଜ୍ଞାନ', ଏବଂ 'ଲୋକଚର୍ଯ୍ୟା' ଭଳି ଆହୁରି ଅନେକ ଶବ୍ଦ ମଧ୍ୟ ଏହାର ପାରିଭାଷିକ ଶବ୍ଦ ଭାବରେ ବିଦ୍ୱାନମାନେ ବ୍ୟବହାର କରୁଛନ୍ତି । ଓଡିଶାର ଲୋକତତ୍ତ୍ୱର ବିଦ୍ୱାନମାନଙ୍କ ମଧ୍ୟରୁ ଭାବଗ୍ରାହୀ ମିଶ୍ର, କଇଲାଶ ପଟ୍ଟନାୟକ, ଓ କୃଷ୍ଣଚନ୍ଦ୍ର ପ୍ରଧାନ 'ଲୋକବିଦ୍ୟା'; ପ୍ରସନ୍ନ କୁମାର ମିଶ୍ର 'ଲୋକତତ୍ତ୍ୱ', କୁମୁଦ ରଞ୍ଜନ ପାଣିଗ୍ରାହୀ, ଏବଂ ସୁଧୀର କୁମାର ସାହୁ 'ଲୋକଧାରା', ଶ୍ୟାମସୁନ୍ଦର ମହାପାତ୍ର 'ଲୋକ ସଂସ୍କୃତି', ଏବଂ 'ଲୋକବିଦ୍ୟା' ଶବ୍ଦ ବ୍ୟବହାରକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି । ତେବେ, ବିଷୟ ଦୃଷ୍ଟିରୁ Folklore ଅଧ୍ୟୟନ, ଏବଂ Culture ଅଧ୍ୟୟନ ସାରା ବିଶ୍ୱରେ ପ୍ରାରମ୍ଭିକ ପର୍ଯ୍ୟାୟରୁ ସ୍ୱତନ୍ତ୍ର । ଏବଂ, 'ଫୋକଲୋର୍' କହିଲେ— 'ଫୋକ୍' ଯାହାର ଅର୍ଥ ଲୋକସମୂହ ବା ଗୋଷ୍ଠୀ, ଏବଂ 'ଲୋର୍' ହେଉଛି ସେହି ଲୋକଙ୍କର ବା ସମ୍ପୃକ୍ତ ଗୋଷ୍ଠୀର ପାରମ୍ପରିକ ଜ୍ଞାନ (କେବଳ ଜ୍ଞାନ ମାତ୍ର ନୁହେଁ), ତଥା ଯେଉଁ ଜ୍ଞାନ ପାରମ୍ପରିକ ଭାବରେ ସମ୍ପୃକ୍ତ ଗୋଷ୍ଠୀ ମଧ୍ୟରେ ଆଦାନପ୍ରଦାନ ହୋଇଥାଏ । ଅତଏବ, 'ଲୋର୍' ଶବ୍ଦର ପରିଭାଷା ଭାବରେ ବିଜ୍ଞାନ, ସଂସ୍କୃତି, ଯାନ, ଚର୍ଯ୍ୟା, ଏବଂ ବିଦ୍ୟା ଅପେକ୍ଷା 'ଧାରା' ଶବ୍ଦଟି ଆପାତତଃ ଉପଯୁକ୍ତ ମନେହୁଏ, ଯଦିଓ ଏହି ଶବ୍ଦଟି ମଧ୍ୟ 'ଲୋର୍'ର ପ୍ରକୃତ ପାରିଭାଷିକ ଶବ୍ଦନୁହେଁ; ହୁଏତ 'ଲୋକ-ବ୍ୟୁତ୍ପତ୍ତି (folk-etymology)' ମଧରେ ଏହାର କୌଣସି ସମପର୍ଯ୍ୟାୟବାଚୀ ଶବ୍ଦ ଥାଇପାରେ । ସେ ଯାହାହେଉ, ଇଂରାଜୀ Folklore ଶବ୍ଦର ପାରିଭାଷିକ ଶବ୍ଦ ଭାବରେ ଓଡିଆରେ 'ଲୋକଧାରା', ଓ 'ଲୋକ ସଂସ୍କୃତି' ଶବ୍ଦର ବ୍ୟବହାରକୁ ସମସ୍ତ ବିଦ୍ୱାନ ସ୍ୱୀକାର କରିସାରିଛନ୍ତି ଏଣୁ, ଏଠାରେ 'ଲୋକ ସଂସ୍କୃତି'କୁ ସଂସ୍କୃତି ଅଧ୍ୟୟନର ଏକ ଅଂଶ ଭାବରେ ଗ୍ରହଣନକରି ବରଂ Folklore ଅଧ୍ୟୟନ ଭାବରେ ଗ୍ରହଣ କରାଯାଉଛି ।

Folklore ପରିଭାଷାଟି ପ୍ରଥମେ ୧୮୪୬ ମସିହାରେ ଉଇଲିୟମ୍ ଜନ୍ ଥମସ୍ (William John Thoms)ଙ୍କଦ୍ୱାରା *The Athenaeum* ପତ୍ରିକାକୁ ଲିଖିତ ଏକ ପତ୍ରରେ popular antiquities ବା popular literature ପ୍ରତିବଦଳରେ ପ୍ରସ୍ତାବିତ ହୋଇଥିଲା । ଥମସ୍ ଏହି ପତ୍ର ଅଗଷ୍ଟ ୧୨ ତାରିଖରେ ଲେଖିଥିଲେ । ଏହି ପତ୍ରରେ ସେ ନିଜର ପ୍ରକୃତ ନାମ ଉଲ୍ଲେଖନକରି ଏକ ଛଦ୍ମନାମ Ambrose Merton ବ୍ୟବହାର କରିଥିଲେ । ପତ୍ରପ୍ରାରମ୍ଭରେ ହିଁ ସେ popular antiquities ବା popular literature ସମ୍ପର୍କରେ ଲେଖିଥିଲେ— "...though by-the-bye it is more a Lore then a Literature, and would most be aptly described by a good Saxon compound, Folklore, — *the Lore of the people*…" । ତେବେ, ଏହାର ବହୁପୂର୍ବରୁ ହେନେରୀ ବୁର୍ନେ (Henery Bourne) *Antiquities Vulgares* (1725), ଥୋମାସ୍ ପେରୀ (Thomas Perry) *Reliques of Ancient English Poetry* (1765), ଫ୍ରାନ୍‌ସିସ୍ ଗଜ୍ (Francis Grose) *The Antiquities of England and Wales* (1773-1787), ଏବଂ, ଜନ୍ ହେଦେର୍ (Johann Gottfried

von Herder) *Stimmen der Volker in Liedern* (1778-1779), ଜାକବ୍ ଓ ୱିଲହେମ୍ ଗ୍ରୀମ୍ (Jacob and Wilhem Grimm)ଙ୍କ *Kindergarund Hausmarchen* (812-1815), ଜନ୍ ବ୍ରାଣ୍ଡ୍ (Johnn Brand)ଙ୍କ *Observations on Popular Antiquities: Chiefly Illustrating the Origin of Our Vulgar Customs, Ceremonies, and Superstitions* (1813), ଆଲେନ୍ କନିଂହାମ୍ (Allen Cunningham)ଙ୍କ *Songs: Chiefly in the Rural Language of Scotland* (1813), ୱାଲ୍ଟର୍ ସ୍କଟ୍ (Walter Scott)ଙ୍କ *The Boarder Antiquities of England and Scotland* (1814-1817), ଏବଂ ୱିଲିୟମ୍ ଜନ୍ ଥମସ୍ଙ୍କ *Anecdotes and Traditions* (1839) ପ୍ରଭୃତି ଲୋକ ଗୀତ, ଲୋକ କଥା ସମ୍ପର୍କିତ ସଙ୍କଳନଗୁଡିକ ପ୍ରକାଶ କରିଥିଲେ । ଏମାନେ ତାଙ୍କ ଗ୍ରନ୍ଥରେ Volkslied (folk song), Volksseele (folk soul), ଏବଂ Volksglauble (folk belief) ଭଳି ପରିଭାଷାମାନ ବ୍ୟବହାର କରିଥିଲେ । ସେ ଯାହାହେଉ, ଥମସ୍ Folklore ପରିଭାଷା ପ୍ରସ୍ତାବିତ କରିବାପରେ ଫିନିଶ୍ ଲିଟ୍ରେଚର୍ ସୋସାଇଟି (୧୮୩୧), ଫିନ୍ଲାଣ୍ଡ୍ ଏହାକୁ ଆପଣେଇ ନେଇଥିଲା, ଏବଂ ପରବର୍ତ୍ତୀ ସମୟରେ ବ୍ରିଟିଶ୍ ଫୋକ୍‌ଲୋର୍ ସୋସାଇଟି (୧୮୭୮), ଓ ଆମେରିକାନ୍ ଫୋକ୍‌ଲୋର୍ ସୋସାଇଟି (୧୮୮୮) ପ୍ରଭୃତି ଗଠିତହୋଇ ଏହାର ବିଧିବଦ୍ଧ ଅଧ୍ୟୟନ ପାଇଁ ପୃଷ୍ଠଭୂମି ନିର୍ମାଣ ହେଲା । ସମ୍ପ୍ରତି, ସମଗ୍ର ବିଶ୍ୱର ବିଭିନ୍ନ ଦେଶରେ ଏହାର ଅନୁଶୀଳନ ଏବଂ ଅଧ୍ୟୟନକୁ ନୂତନ ଭାବରେ କହିବାର ପ୍ରୟାସ ଫଳରେ Folkloristics ବା ଲୋକତତ୍ତ୍ୱ ଏକ ଆଲୋଚନାତ୍ମକ ବିଭାଗ ଭାବରେ ଦେଖାଦେଇଛି ।

#### *୧.୧.୧.୧ 'ଲୋକ' କ'ଣ ?*

ଲୋକଧାରା ବା ଲୋକ ସଂସ୍କୃତି ଚର୍ଚ୍ଚାରେ 'ଲୋକ' ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଆମେ କାହାକୁ ଏହି 'ଲୋକ' ଭାବରେ ଗ୍ରହଣ କରିପାରିବା ? 'ଲୋକ' କିଏ ଏହା ସମ୍ପର୍କରେ ଅନେକ ବିଦ୍ୱାନ ନିଜ ଅଧ୍ୟୟନରୁ, ନିଜ ଦୃଷ୍ଟିକୋଣରୁ ପରିଭାଷିତ କରିବାକୁ ପ୍ରୟାସ କରିଛନ୍ତି ଯେପରି—

"ଲୋକ ଶବ୍ଦର ଅର୍ଥ ଜନପଦ ବା ଗ୍ରାମ୍ୟ ନୁହେଁ, ବରଂ ନଗର ଓ ଗ୍ରାମରେ ବାସ କରୁଥିବା ସମଗ୍ର ଜନତା, ଯାହାର ବ୍ୟବହାରିକ ଜ୍ଞାନର ଆଧାର ପୁସ୍ତକ ନୁହେଁ" (ଦ୍ୱିବେଦୀ, ୧୯୫୨, ୬୫) । ସେହିପରି, ରବୀନ୍ଦ୍ର ଭ୍ରମର କହନ୍ତି, "ଲୋକର ଅର୍ଥ କେବଳ ଗ୍ରାମ ଏବଂ ଜନପଦର ଲୋକଙ୍କୁ ବୁଝାଏ ତେବେ, କେବଳ ଗ୍ରାମ ନୁହେଁ ନଗର, ଜଙ୍ଗଲ, ପାହାଡ ଆଦି ଅଞ୍ଚଳରେ ବସବାସ କରୁଥିବା ସେଇ ମଣିଷ ଯେଉଁମାନେ ଅଶିକ୍ଷିତ ତଥା ଅଳ୍ପ-ସଭ୍ୟ ହୋଇଥିବାରୁ ପରମ୍ପରା ରୀତିନୀତି ପ୍ରଭୃତି ଆଦିମ ବିଶ୍ୱାସ ପ୍ରତି ଆସ୍ଥାଶୀଳ ଥାଆନ୍ତି, ସେମାନଙ୍କୁ ବୁଝାଇଥାଏ" (ଭ୍ରମର ୧୯୬୫, ୩) । ଅନୁରୂପ ଭାବରେ, ଶ୍ରୀରାମ ଶର୍ମା ମଧ୍ୟ ଲୋକକୁ ପରିଭାଷିତ କରନ୍ତି— "ଲୋକ ଶବ୍ଦ ସେଇ ବିଶେଷ ଜନସମୂହକୁ ବୁଝାଏ ଯେଉଁମାନେ ସାଜସଜ୍ଜା, ସଭ୍ୟତା, ଶିକ୍ଷା, ପରିଷ୍କାର ଆଦିଠୁ ଦୂରରେ ରହି ଆଦିମ ମନୋବୃତ୍ତିଗୁଡିକ ଭିତରେ ସମାବିଷ୍ଟ ଥାଆନ୍ତି" (ଶର୍ମା ୨୦୧୦, ୧୪) ।

ଲୋକ ସାହିତ୍ୟର ବିଶିଷ୍ଟ ଗବେଷକ, କୃଷ୍ଣଦେବ ଉପାଧ୍ୟାୟ, ଏବଂ ସତ୍ୟେନ୍ଦ୍ର ବିଦ୍ୟାର୍ଥୀ ମଧ୍ୟ ଲୋକଧାରା ସମ୍ପର୍କିତ ତାଙ୍କର ଅବଧାରଣାକୁ "ଯେଉଁ ଲୋକମାନେ ସଂସ୍କୃତ ତଥା ପରିଷ୍କୃତ ଲୋକମାନଙ୍କ ପ୍ରଭାବଠାରୁ ଦୂରରେ ରହି ପୁରାତନ ସ୍ଥିତି ଭିତରେ ବଞ୍ଚିଥାଆନ୍ତି ସେଇମାନେ ହିଁ 'ଲୋକ'" (ଉପାଧ୍ୟାୟ ୧୯୭୭, ୧୨), ଏବଂ "ଲୋକ ଆଭିଜାତ୍ୟପୂର୍ଣ୍ଣ; ସଂସ୍କୃତ, ଶାସ୍ତ୍ରୀୟ ତଥା ପାଣ୍ଡିତ୍ୟର ଚେତନା ଥିବା ମଣିଷ ସମାଜରୁ ଭିନ୍ନ ଏକ ଗୋଷ୍ଠୀରେ ଅହଂକାର ମୁକ୍ତ ଏବଂ ପରମ୍ପରାର ପ୍ରବାହରେ ବଞ୍ଚି ରହେ" (ବିଦ୍ୟାର୍ଥୀ ୧୯୭୧, ୧-୨) ଭାବରେ ପରିଭାଷିତ କରନ୍ତି ।

ଅନୁରୂପ ଭାବରେ, ଲୋକକୁ ଓଡିଆ ଲୋକ ସାହିତ୍ୟବିଦ୍‌ମାନେ ମଧ୍ୟ ନିଜ ନିଜ ଦୃଷ୍ଟିକୋଣରୁ ପରିଭାଷିତ କରିବାର ପ୍ରୟାସ କରିଛନ୍ତି ଯେପରି— "ଲୋକ ଶବ୍ଦ ବିଶେଷ ବ୍ୟାପକ; ଏହାର ଅର୍ଥ ସର୍ବସାଧାରଣ ଜନତା । କନ୍ଧ,

କୋହ୍ଲ, ସାନ୍ତାଳ, ଭୂୟାଁ, ଗଣ୍ଡ, ଗଦ୍‌ବାଙ୍କଠାରୁ ଆରମ୍ଭ କରି ପଲ୍ଲୀ ଆଉ ନଗରର ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଜନତା ପର୍ଯ୍ୟନ୍ତ ସମସ୍ତେ ଏହାର ଅନ୍ତର୍ଗତ" (ଦାଶ ୧୯୫୮, ୬)।

'ଲୋକ କହିଲେ ଗ୍ରାମ, ସହର, ଏବଂ ନଗରରେ ବାସକରୁଥିବା ସେଇମାନଙ୍କୁ ବୁଝାଯାଏ, ଯେଉଁମାନଙ୍କ ମଧ୍ୟରେ ଏକ ସାଧାରଣ ସାଂସ୍କୃତିକ ଐତିହ୍ୟ ଥିବ, ଏବଂ ଯେଉଁମାନଙ୍କ ବ୍ୟବହାରିକ ଜ୍ଞାନ ଲିଖିତ ନୁହେଁ, ମୁଖ ନିଃସୃତ ପରମ୍ପରା ଉପରେ ଆଧାରିତ ଥିବ, ଏବଂ ଯେଉଁମାନେ ତଥାକଥିତ ସଭ୍ୟମାନଙ୍କ ନିର୍ଦ୍ଦିଷ୍ଟ ଧାରା ଅନୁସୃତ ଜୀବନ ତୁଳନାରେ ଗୌଣ, ସେହିମାନଙ୍କ ଜୀବନଧାରଣ ଶୈଳୀ ସ୍ୱାଭାବିକ, ଓ ପାରମ୍ପରିକ ଅଟେ' (Das 1978, 9)।

"ଲୋକ ଶବ୍ଦର ଅର୍ଥ ହେଉଛି ଜନତା ବା ଜନ ସାଧାରଣ । ଯେଉଁ ସାହିତ୍ୟ ଶିକ୍ଷା ସଂସ୍କୃତି ଓ ଆଭିଜାତ୍ୟ ନିର୍ବିଶେଷରେ ଜନସାଧାରଣଙ୍କଦ୍ୱାରା ଗୃହୀତ, ଜନସାଧାରଣଙ୍କଦ୍ୱାରା ଅଭିପ୍ରେତ ଏବଂ ଜନସାଧାରଣଙ୍କର ଆନନ୍ଦ ବିଧାନଦ୍ୱାରା ସମର୍ଥ ତାହା ହିଁ ଲୋକ ସାହିତ୍ୟ ନାମରେ ପରିଚିତ" (ଦାସ ୧୯୯୪, ୫)।

ଉପରୋକ୍ତ ପରିଭାଷାଗୁଡିକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟହୁଏ ଯେ, 'ଲୋକ' ହେଉଛି— ଆଦିମ, ଆଦିବାସୀ ଜନ ଗୋଷ୍ଠୀ, ନିମ୍ନ ଶ୍ରେଣୀ, ଅସାକ୍ଷର ତଥା ତଥାକଥିତ ସଭ୍ୟତା ବା ଆଧୁନିକତାଠାରୁ ଦୂରରେ ରହୁଥିବା ଲୋକ ଗୋଷ୍ଠୀ । ପାଶ୍ଚାତ୍ୟରେ ମଧ୍ୟ, ଲୋକଧାରା ଅଧ୍ୟୟନର ପ୍ରାରମ୍ଭିକକାଳରେ ଅର୍ଥାତ୍ ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ 'ଲୋକ' କହିଲେ ନିମ୍ନଶ୍ରେଣୀ, ଗ୍ରାମାଞ୍ଚଳବାସୀ, ଆଦିମ, ନିରକ୍ଷର, ଆଦିବାସୀ, ଅସଭ୍ୟ ପ୍ରଭୃତିଙ୍କୁ ବୁଝାଯାଉଥିଲା । ଯେପରି, ଆଣ୍ଡରିଉ ଲାଙ୍ଗ (Andrew Lang) ଏକ ପ୍ରବନ୍ଧରେ ଲେଖନ୍ତି, "...folklore is thus led to, examine the usage, myths, and ideas of savages, which are still retained, in rude enough shape, by the European peasantry" (Lang 1884,11) । ସେହିପରି, ସୋଫିଆ ବୁର୍ନେ (Charlotte Sophia Burne) ମଧ୍ୟ କହନ୍ତି, "...the generic term under which the traditional beliefs, customs, stories, songs and sayings current among backward peoples, or retained by the uncultured classes of more advanced peoples, are comprehended and included" (Burne 1914,1-2) ।

ଲୋକକୁ ଏପରି ଭାବରେ ବ୍ୟାଖ୍ୟା କରିବାର କାରଣ— ଅଷ୍ଟାଦଶ ଏବଂ ଊନବିଂଶ ଶତକର ଜର୍ମାନ୍ ବିଦ୍ୱାନମାନଙ୍କ ମନରେ ଏକ ଧାରଣାଥିଲା ଯେ, ଗ୍ରାମାଞ୍ଚଳ ଏବଂ ନିମ୍ନଶ୍ରେଣୀର ଲୋକଙ୍କପାଖରେ ଜର୍ମାନ୍ ଜାତିର ପୁରାତନ ଜ୍ଞାନରାଶି ସଂରକ୍ଷିତ ହୋଇ ରହିଛି ଯାହା ସଭ୍ୟତା ଓ ଶିକ୍ଷାର ଦ୍ରୁତ ବିକାଶ ଫଳରେ ଖୁବ୍‌ଶୀଘ୍ର ବିଲୋପ ହୋଇଯିବ । ଅତଏବ, ସେମାନେ ଏହାର ସଂଗ୍ରହ ଏବଂ ସୁରକ୍ଷା ଦିଗରେ ପ୍ରଚେଷ୍ଟା କରିବାକୁ ଲାଗିଲେ । ଏହିପରି କରିବା ପଛରେ ସେମାନଙ୍କ ଭିତରେ ଆଉ ଏକ ଧାରଣାଥିଲା ଯେ, ଏହାଦ୍ୱାରା ଜର୍ମାନ୍ ଜାତିର ସାଂସ୍କୃତିକ ଇତିହାସ ବା 'ଅପସୃୟମାନ ସଂସ୍କୃତି (dying culture)' ସବୁକୁ ରକ୍ଷା କରାଯାଇପାରିବ । ଏମାନେ ତାଙ୍କର ଭୂମିକାକୁ, କେବଳ ସମାଜର ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡିକୁ ହିଁ ଲିପିବଦ୍ଧ କରୁଥିବା ଐତିହାସିକମାନଙ୍କ ଭୂମିକାଠାରୁ ଭିନ୍ନ ଭାବରେ ଦେଖୁଥିଲେ କାରଣ, ଏହି ବିଦ୍ୱାନମାନେ ସାଧାରଣ ଲୋକଙ୍କ ଗୀତ, ଗଳ୍ପ, ବିଶ୍ୱାସ, ରୀତିନୀତି ଓ ପରମ୍ପରାକୁ ଗୁରୁତ୍ୱ ଦେଉଥିଲେ । ତେବେ, ଲୋକଧାରା ଅଧ୍ୟୟନର ଏହି ପ୍ରାରମ୍ଭିକ ପର୍ଯ୍ୟାୟରେ ଏ ବିଦ୍ୱାନମାନେ ସେହି ଲୋକମାନଙ୍କ ସାହିତ୍ୟ ପ୍ରଥା, ପରମ୍ପରାକୁ ଅଧ୍ୟୟନ କରୁଥିଲେ, ଯେଉଁମାନଙ୍କୁ ସେମାନେ ତାଙ୍କଠୁ ଭିନ୍ନ ବୋଲି ମନେକରୁଥିଲେ, ଅଲଗା ଭାବରେ ଦେଖୁଥିଲେ ତଥା ଶିକ୍ଷା ଏବଂ ସଭ୍ୟତାର ବିକାଶକ୍ରମରେ ଯେଉଁମାନେ ପଛରେ ରହିଯାଇଛନ୍ତି ବୋଲି ଭାବୁଥିଲେ । ଜର୍ମାନ୍‌ର ବିଦ୍ୱାନ୍‌ମାନଙ୍କୁ ଅନୁସରଣକରି ବ୍ରିଟେନ୍ ଏବଂ ଇଂଲଣ୍ଡ୍‌ର ଭାଷା, ସାହିତ୍ୟ ଏବଂ ଇତିହାସର ବିଦ୍ୱାନମାନେ ମଧ୍ୟ ସମକାଳୀନ ଗ୍ରାମାଞ୍ଚଳର ଲୋକ ସାହିତ୍ୟ ଏବଂ ପ୍ରଥା ପରମ୍ପରାକୁ 'popular antiquities' ଏବଂ 'popular literature' ଭାବରେ ଗ୍ରହଣକରି ସେସବୁ ସଂଗ୍ରହ କରିବାରେ ଲାଗିପଡିଥିଲେ । ଜର୍ମାନ୍, ବ୍ରିଟେନ୍ ଏବଂ ଇଂଲଣ୍ଡର ବିଦ୍ୱାନମାନଙ୍କଦ୍ୱାରା ସଂଗୃହୀତ ଏହି ବାଚିକ ଉପାଦାନଗୁଡିକୁ ଆଧାରକରି ଥମସ୍ 'Folk-lore' ପରିଭାଷାଟି ପ୍ରସ୍ତାବିତ କରିଥିଲେ ।

ପ୍ରାରମ୍ଭିକ ପର୍ଯ୍ୟାୟରେ 'ଲୋକ' ସମ୍ପର୍କିତ ଏହି ଅବଧାରଣା ପ୍ରାୟ ଅର୍ଦ୍ଧ-ଶତକରୁ ଅଧିକ ସମୟ ବଜାୟ ରହିଥିଲା । ସେହିପରି, ପାରମ୍ପରିକ ଗୀତ, ଏବଂ କାହାଣୀକୁ ଲୋକଧାରାର ଉପାଦାନ ଭାବରେ ଗ୍ରହଣ କରାଯାଉଥିଲା, ଏବଂ ବିଂଶ ଶତକର ପ୍ରଥମାର୍ଦ୍ଧବେଳକୁ ଏକଥା ବି କୁହାଗଲା ଯେ ବିଜ୍ଞାନ ଓ ଶିଳ୍ପର ବିକାଶ ତଥା ଆଧୁନିକ ସଭ୍ୟତାର ବିକାଶ ସହିତ ଲୋକଧାରା ଅଧ୍ୟୟନ ମଧ୍ୟ ନିଜର ସ୍ଥିତି ହରେଇବସିବ "...folk cultures will disappear in those places where a high degree of industrialization develops…. True folk cultures can hardly be said to exist in countries like the United States, Canada, England, and Germany, though in peripheral areas there are perhaps marginal manifestations. It also seems impossible, in view of the trends, that new folk culture will rise" (Foster 1953, 171) ।

ବିଂଶ-ଶତକର ଦ୍ୱିତୀୟାର୍ଦ୍ଧ ପରେପରେ କିନ୍ତୁ ଲୋକଧାରା ପରିଭାଷାର ପରିସର ବ୍ୟାପକ ହେବା ସଙ୍ଗେସଙ୍ଗେ 'ଲୋକ'କୁ ନୂଆ ପୃଷ୍ଠଭୂମିରେ ଦେଖାଗଲା । ଆଲାନ୍ ଡଣ୍ଡିସ୍ କହିଲେ, "ଲୋକ ଅର୍ଥ ଯେକୌଣସି ଗୋଟିଏ ଦଳ ବା ଗୋଷ୍ଠୀ ଯାହାଙ୍କ ଭିତରେ ଏକ ସର୍ବନିମ୍ନ ସାଧାରଣତା ଥିବ" (Dundes 1965, 2) । ଏହି ସର୍ବନିମ୍ନ ସାଧାରଣତା କିଛି ବି ହୋଇପାରେ, ଯେମିତି— କୌଣସି ଏକ ବୃତ୍ତିଗତ ସାଧାରଣତା ବା ହୋଇପାରେ ଭାଷା, ଜାତି କିମ୍ବା ଧର୍ମ । ତେବେ, ଗୋଷ୍ଠୀ ବା ଦଳର ସର୍ବନିମ୍ନ ସାଧାରଣତା ଯାହାବି ହେଉନା କାହିଁକି, ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି— ସମ୍ପୃକ୍ତ ଲୋକ ଗୋଷ୍ଠୀର ଏକ ପରମ୍ପରା ଥିବ, ଯାହାକୁ ସେମାନେ ସ୍ୱତନ୍ତ୍ର ଭାବରେ ନିଜର ବୋଲି କହିପାରୁଥିବେ; ଯାହା ତାଙ୍କୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ବୋଲି ପରିଚିତି ପ୍ରଦାନ କରିପାରୁଥିବ । ତତ୍ତ୍ୱଦୃଷ୍ଟିରୁ, ଯଦିଓ ଗୋଟିଏ ଦଳ ବା ଗୋଷ୍ଠୀ ଗଠନ ପାଇଁ ଅତି କମ୍‌ରେ ଦୁଇଜଣ ସଦସ୍ୟ ଆବଶ୍ୟକ, ତଥାପି ସାଧାରଣତଃ ଦଳ ବା ଗୋଷ୍ଠୀ କହିଲେ ଅନେକ ଲୋକଙ୍କ ସାମାହାରକୁ ହିଁ ବୁଝାଇଥାଏ । ଗୋଟିଏ ଦଳ ବା ଗୋଷ୍ଠୀର ଜଣେ ସଦସ୍ୟ ଅନ୍ୟ ଜଣେ ସଦସ୍ୟଙ୍କ ବିଷୟରେ ହୁଏତ ଜ୍ଞାତ ନଥାଇପାରନ୍ତି କିନ୍ତୁ, ଗୋଷ୍ଠୀର ପରମ୍ପରା ସମ୍ପର୍କରେ ସେ ଜ୍ଞାତ ଥାଆନ୍ତି, ଯାହାକି ତାଙ୍କୁ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟ ଭାବରେ ସ୍ୱତନ୍ତ୍ର ପରିଚିତି ପ୍ରଦାନକରିଥାଏ । ଅତଏବ, 'ଲୋକ'ର ଏହି ସଂଜ୍ଞା ଅନୁସାରେ, ଗୋଟିଏ ଗୋଷ୍ଠୀ ଭାବରେ ଆମେ ଗୋଟିଏ ପରିବାରଠୁ ସମଗ୍ର ଦେଶକୁ ମଧ୍ୟ ଗ୍ରହଣ କରିପାରିବା । ଏହି ଅର୍ଥରେ, ଆମେ 'ଆମେରିକାନ୍ ଲୋକଧାରା (American folklore)', 'ବ୍ରିଟିଶ୍ ଲୋକଧାରା (British folklore)', 'ଭାରତୀୟ ଲୋକଧାରା (Indian folklore)'... ଭାବରେ ଯେକୌଣସି ଏକ ଦେଶକୁ ଗୋଟିଏ ଲୋକ ଗୋଷ୍ଠୀ ରୂପେ ନେଇ ମଧ୍ୟ ଅଧ୍ୟୟନ କରିପାରିବା । ଆନ୍ତର୍ଜାତୀୟ ସ୍ତରରେ ତଥା ସମଗ୍ର ବିଶ୍ୱରେ ସମ୍ପ୍ରତି ଲୋକଧାରା ଅଧ୍ୟୟନ 'ଲୋକ'ର ଏହି ଅବଧାରଣା ଉପରେ ପର୍ଯ୍ୟବସିତ ।

### *୧.୧.୧.୨ ଲୋକଧାରା କ'ଣ ?*

ଲୋକଧାରା କ'ଣ ଜାଣିବା ପୂର୍ବରୁ ଆମକୁ କ'ଣ ଲୋକଧାରା ନୁହେଁ ତଥା କାହାକୁ ଲୋକଧାରା ଭାବରେ ଗ୍ରହଣ କରାଯାଇନପାରେ ସେ ସମ୍ପର୍କରେ ଆଲୋଚନା କରିବା ଯାହା, ଆମକୁ ଲୋକଧାରା ସମ୍ପର୍କରେ ଏକ ବିଧିବଦ୍ଧ ଧାରଣା ଦେବାରେ ସହାୟକ ହୋଇପାରିବ—

୧. ଉଚ୍ଚାଙ୍ଗ କଳା ବା ଆନୁଷ୍ଠାନିକ ସଂସ୍କୃତି ଲୋକଧାରା ନୁହେଁ ।

'ଉଚ୍ଚାଙ୍ଗ କଳା (elite art)' ବା 'ଆନୁଷ୍ଠାନିକ ସଂସ୍କୃତି (official culture)' ଲୋକଧାରା ନୁହେଁ । ଅର୍ଥାତ୍, ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନମାନଙ୍କରେ ଶିକ୍ଷା କରାଯାଉଥିବା ସଂସ୍କୃତି ବା କଳା ଲୋକଧାରା ନୁହେଁ; ଉଦାହରଣସ୍ୱରୂପ— ଓଡିଶୀ ନୃତ୍ୟ । ଏହାର ପ୍ରଶିକ୍ଷଣ ଏବଂ ପରିବେଷଣ ଆନୁଷ୍ଠାନିକ ଭାବରେ ହିଁ ହୋଇଥାଏ । ବିନା ଆନୁଷ୍ଠାନିକ ପ୍ରଶିକ୍ଷଣରେ ଏହା ଶିକ୍ଷା କରିବା ସମ୍ଭବ ନୁହେଁ । ଅତଏବ, ଓଡିଶୀ ନୃତ୍ୟ ଓଡିଶାର ଏକ ସାଂସ୍କୃତିକ ପରିଚୟ ହେଲେ ବି ଏହାକୁ ଓଡିଆ ଲୋକଧାରା ଭାବରେ ଗ୍ରହଣ କରାଯାଇନପାରେ କାରଣ, "The term *folklore* refers to the knowledge we have about our world and ourselves that, we don't learn in school or text-

books— we learn folklore from each other. It's the informally learned, unofficial knowledge we share with our peers, families and other groups we belong to" (Sims, and Stephens 2005, 3-4) । ସେହିପରି, ମନେକରନ୍ତୁ— ଜଣେ ଝିଅ କୌଣସି ବେସରକାରୀ ଅନୁଷ୍ଠାନରୁ, ଦୂରଦର୍ଶନରୁ, କିମ୍ବା ଅନ୍ୟ କୌଣସି ପ୍ରଦର୍ଶନ ତାଲଖାଇ ନୃତ୍ୟ ପରିବେଷଣ ଶିଖିଲା ଏବଂ କେଉଁ କେଉଁଠି ନୃତ୍ୟ ପରିବେଷଣ କଲା । ତେବେ, ଲୋକଧାରା ଅଧ୍ୟୟନ ପ୍ରସଙ୍ଗରେ ଏହି ଝିଅ ପରିବେଷଣ କରିଥିବା ନୃତ୍ୟକୁ ଆମେ ଲୋକ ନୃତ୍ୟ କହିପାରିବା ନାହିଁ ।

୨. ଲୋକଧାରା ସବୁବେଳେ ପୁରାତନ, ଆପାତତଃ ମିଥ୍ୟା ବା କିମ୍ବଦନ୍ତୀମୂଳକ ହେବା ମଧ୍ୟ ଜରୁରୀ ନୁହେଁ ।

ଲୋକଧାରାର ଗବେଷକମାନେ ସତ୍ୟ, ଆଦିମ ଭଳି ପରିଭାଷାଗୁଡିକୁ ଉପେକ୍ଷା କରିଥାନ୍ତି, କାରଣ ଏହାର ଅର୍ଥ— ଲୋକଧାରାଟି ମିଥ୍ୟା, ଏବଂ ପୁରାତନ । ଉଦାହରଣସ୍ୱରୂପ— ଆମେ ରଜ ପର୍ବରେ ପୋଡ ପିଠା, ନୂଆଖାଇରେ 'ନୂଆ' ଖାଇଥାଉ । ଆମେ ଯାତ୍ରା ସମୟରେ ରାସ୍ତାରେ ବିଲେଇ ଦେଖିଲେ ପଛକୁ ପାହୁଣ୍ଡେ ଫେରି ଆସିଥାଉ । ପରିବାରରେ କାହାର ମୃତ୍ୟୁ ହେଲେ ଶବଦାହ ପରେ ବନ୍ଧୁକୁଟୁମ୍ବଙ୍କଦ୍ୱାରା ପ୍ରଦତ୍ତ 'ପିତା' ଗ୍ରହଣ କରିଥାଉ । ସେହିପରି, ବସନ୍ତ ବିସୂଚିକା ହେଲେ ଠାକୁରାଣୀ ଲାଗିଛି କହି ବା ସର୍ପ ଦଂଶନରେ ବିଷଜ୍ୱାଳାରୁ ରକ୍ଷାପାଇବାପାଇଁ ପ୍ରାୟତଃ ଚିକିତ୍ସା ନକରି ପାରମ୍ପରିକ ଉପଚାର କରିଥାଉ । ଏସବୁ ପୁରାତନ ବା ଆପାତତଃ ମିଥ୍ୟା ନୁହଁ । ଏହା ଆମର ବିଶ୍ୱାସ ବା ପରମ୍ପରା । ଆଉ, ଏହି ପାରମ୍ପରିକତା ହେଉଛି ଲୋକଧାରା, ଯାହା ଅତୀତରୁ ସାମ୍ପ୍ରତିକକାଳ ଯାଏ ଆମ ଭିତରେ ପାରମ୍ପରିକ ଭାବରେ ଚଳିଆସିଛି— "…folklore is not simply the historical behaviors of other cultures; folklore is alive, developing, and changing in our lifetimes. Every one of us experiences and shares folklore" (Sims, and Stephens 2005, 2) ।

୩. 'ଜନପ୍ରିୟ ସଂସ୍କୃତି (Popular culture)' ଲୋକଧାରା ନୁହେଁ ।

ଜନପ୍ରିୟ ସଂସ୍କୃତି ମଧ୍ୟ ଲୋକଧାରା ନୁହେଁ । ଯଦିଓ, ଉଚ୍ଚାଙ୍ଗ କଳା ଅପେକ୍ଷା ଜନପ୍ରିୟ ସଂସ୍କୃତିରେ ଲୋକଧାରାର କିଛି ଅଧିକ ବୈଶିଷ୍ଟ୍ୟ ଥାଏ । ଜନପ୍ରିୟ ସଂସ୍କୃତି, ଉଚ୍ଚାଙ୍ଗ ସଂସ୍କୃତି ପରି ଆନୁଷ୍ଠାନିକ ହୋଇନପାରେ ଏବଂ ଏହାର ବହୁଳପ୍ରସାର ଥାଇପାରେ; ତେବେ, ସାଧାରଣତଃ ଏକ ନିର୍ଦ୍ଦିଷ୍ଟ ସମୟସୀମା ପରେ ଏହା ନିଜର ଆବେଦନ ହରାଇବସେ । ଜନପ୍ରିୟ ସଂସ୍କୃତି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀଦ୍ୱାରା ପ୍ରସ୍ତୁତ ହେବା ସହିତ ରେଡିଓ, ଦୂରଦର୍ଶନ, ଇଣ୍ଟରନେଟ୍ ପ୍ରଭୃତି ଗଣମାଧ୍ୟମ ତଥା ଅନ୍ୟ 'ବାଚିକ-ଦୃଶ୍ୟ ମାଧ୍ୟମ (audio-video channel)'ର ସହଯୋଗରେ ପ୍ରଚାରିତ ତଥା ପ୍ରସାରିତ ହୋଇଥାଏ । ଉଦାହରଣସ୍ୱରୂପ, ସମ୍ପ୍ରତି ବଜାରରେ ମିଳୁଥିବା ଅନେକ ସମ୍ବଲପୁରୀ ଗୀତ କଥା ନିଆଯାଉ । ଏହି ଗୀତଗୁଡିକୁ ଆମେ କ'ଣ ଲୋକ ଗୀତ ଭାବରେ ଗ୍ରହଣ କରିପାରିବା ? ଏସବୁକୁ ଲୋକଧାରାର ଉପାଦାନ ଭାବରେ ଯେ ଗ୍ରହଣ କରାଯାଇପାରେନା, ଏହା ନିଃସନ୍ଦେହ । କାରଣ, 'ସମ୍ବଲପୁରୀ ଗୀତ' ନାମରେ ଯାହା ବଜାରରେ ଉପଲବ୍ଧ, ତାହା ପଶ୍ଚିମ ଓଡିଶାର କଥିତ ଭାଷାରେ ରଚିତ ଓ ବିଭିନ୍ନ ବୃତ୍ତିଧାରୀ କଳାକାରମାନଙ୍କଦ୍ୱାରା ଗାନ କରାଯାଇଥିବା ଗୀତ, ଯାହା ବ୍ୟବସାୟିକ ସଂସ୍ଥାମାନଙ୍କଦ୍ୱାରା ପ୍ରସ୍ତୁତ; ଏଥିରେ କୌଣସି ପାରମ୍ପରିକତା ନାହିଁ ।

ଏ ପ୍ରସଙ୍ଗରେ ଉଲ୍ଲେଖନୀୟ ଯେ— ଉଚ୍ଚାଙ୍ଗ ସଂସ୍କୃତି, ଲୋକପ୍ରିୟ ସଂସ୍କୃତି, ଏବଂ ଲୋକଧାରା ମଧ୍ୟରେ ବେଳେବେଳେ ପାର୍ଥକ୍ୟ କ୍ଷୀଣ ହୋଇଯାଏ ଓ ସମ୍ପୃକ୍ତ ଉପାଦାନଟି କିପରି ଏକ ଲୋକ ଉପାଦାନର ଭ୍ରମ ସୃଷ୍ଟି କରିଥାଏ ସେ ସମ୍ପର୍କରେ ଏଠାରେ ଆଲୋକପାତ କରାଯାଇପାରେ । ଆଲୋଚନାକୁ ସ୍ପଷ୍ଟ କରିବାପାଇଁ ଆମେ ଓଡିଶାର ଅଭ୍ୟନ୍ତର-ଗ୍ରାମାଞ୍ଚଳମାନଙ୍କରେ ଅନୁଷ୍ଠିତ ହେଉଥିବା କ୍ରିକେଟ୍ ଖେଳର ପରିବେଷଣକୁ ଏହି ପ୍ରସଙ୍ଗରେ ନେଇପାରିବା । ଏହି ଅଞ୍ଚଳରେ (ଓଡିଶାର ଅନ୍ୟାନ୍ୟ ଅଭ୍ୟନ୍ତର-ଗ୍ରାମାଞ୍ଚଳରେ ମଧ୍ୟ ଏହା ଦେଖିବାକୁ ମିଳିଥାଏ) କ୍ରିକେଟ୍ ଖେଳ ଏମିତି ଏକ ପରିସରରେ ଏବଂ ଏପରି ଭାବରେ ପରିବେଷଣ କରାଯାଏ ଯେ ଏହାକୁ ଏକ ଲୋକ କ୍ରୀଡା ଭାବରେ ଗ୍ରହଣକରିବାରେ କୌଣସି

ଦ୍ୱିଧାପ୍ରକାଶ କରାଯାଇନପାରେ । ଅବଶ୍ୟ, ଏହି ପରିବେଷଣକୁ ଆମେ କ୍ରିକେଟ୍ ବି କହିପାରିବା ନାହିଁ (?) ଯଦିଓ, ପରିବେଷଣକାରୀମାନେ ଏହାକୁ କ୍ରିକେଟ୍ ଭାବରେ ହିଁ ପରିଚିତ କରନ୍ତି । ଏଇ ପରିବେଷଣରେ ଖେଳାଳୀ ନିର୍ବାଚନ ମଧ୍ୟ ଲୋକ କ୍ରୀଡାର ଖେଳାଳୀ ନିର୍ବାଚନ ସହିତ ସମାନ । କ୍ରୀଡା ପରିବେଷଣପାଇଁ କ୍ରିକେଟ୍ ଖେଳ ଭଳି ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ଖେଳାଳୀଙ୍କୁ ଅପେକ୍ଷା କରାଯାଏ ନାହିଁ । ଖେଳାଳୀ ଅଦଳବଦଳ ମଧ୍ୟ ଅନାୟାସରେ ହୋଇପାରେ । ଉପକରଣ ବି ସ୍ଥାନୀୟଲବ୍ଧ ଏବଂ ସ୍ୱ-ନିର୍ମିତ (ସ୍ଥାନୀୟଲବ୍ଧ ଯେକୌଣସି ହାଲୁକା କାଠରେ ବ୍ୟାଟ୍ ଆକୃତିର ଏକ ଉପକରଣ, ଅନେକ ସମୟରେ ଜରି, ଛିଣ୍ଡାକନା ତିଆରି ବଲ) । ଲୋକ କ୍ରୀଡାର ପରିବେଷଣ ଯେମିତି ସମୟ ଅଭାବରୁ ପରଦିନ ପାଇଁ ସ୍ଥଗିତ ରଖାଯାଏ, ଏବଂ ସେହିଠାରୁ ପରବର୍ତ୍ତୀ ପରିବେଷଣ ଆରମ୍ଭ କରାଯାଇପାରେ; କ୍ରିକେଟ୍‌କୁ ବି ସେହିପରି ପରିବେଷଣ କରାଯାଇଥାଏ । ସେହିପରି, ଜଣେ ଏକକ ବା ଯୋଡିହୀନ ଖେଳାଳୀ ଅଂଶଗ୍ରହଣ କରିବାକୁ ଚାହିଁଲେ ତାହାକୁ 'ପାଞ୍ଜୋ' ଖେଳାଳୀ ଭାବରେ ବି ନିଆଯାଇଥାଏ, ଯେମିତି ଲୋକ କ୍ରୀଡାରେ ହୁଏ । ସର୍ବୋପରି, ଖେଳାଳୀମାନେ ଦଳ ବିଭାଜନରେ ବି ଲୋକ କ୍ରୀଡାର ଦଳ ବିଭାଜନ ପ୍ରକ୍ରିୟାକୁ ଅନୁସରଣ କରିଥାନ୍ତି । ତଥାପି, ଏହାକୁ ଲୋକ କ୍ରୀଡାଭାବରେ ଆମେ ଗ୍ରହଣ କରିପାରିବାନାହିଁ । କାରଣ, ଏହା ସହିତ ଆମର ସ୍ଥାନୀୟ 'ସାମାଜିକ ପରିଚିତି (social identity)' ଜଡିତ ନୁହେଁ ବା ଏହା ଆମର ପରମ୍ପରା ସହିତ ସମ୍ପୃକ୍ତ ନୁହେଁ । ଏବଂ, ଏହା ଗୋଟିଏ ଗୋଷ୍ଠୀଦ୍ୱାରା ସମ୍ଭବ ହେଉଥିଲେ ମଧ୍ୟ, ପରମ୍ପରାକ୍ରମେ ଗୋଟିଏ ପିଢିରୁ ଆଉ ଗୋଟିଏ ପିଢିକୁ ଯାଇଥିବା ଭଳି ମନେହୁଏ ନାହିଁ ।

୪. ଐତିହାସିକ ତଥା ପୁରାତାତ୍ତ୍ୱିକ ଘଟଣାବଳୀକୁ ଲୋକଧାରା କୁହାଯାଇନପାରେ ।

ଐତିହାସିକ ତଥା ପୁରାତାତ୍ତ୍ୱିକ ଘଟଣାବଳୀ ବା ସେହିଭଳି ଉପାଦାନକୁ ଲୋକଧାରା ଭାବରେ ଗ୍ରହଣ କରାଯାଇନପାରେ । ଉଦାହରଣସ୍ୱରୂପ— ବାଣିଜ୍ୟ କରିବାପାଇଁ ଓଡିଶାର ବଣିକମାନଙ୍କ ଦ୍ୱୀପାନ୍ତର ଯାତ୍ରା ହେଉଛି ଏକ ଐତିହାସିକ ଘଟଣା । ଏହାକୁ ଆମର ପରମ୍ପରା କୁହାଯାଇନପାରେ । କିନ୍ତୁ, ସେଇ ସ୍ମୃତିକୁ ଆଧାର କରି 'କାର୍ତ୍ତିକ ପୂର୍ଣ୍ଣିମୀ' ଦିନ 'ବୋଇତଭସାଣ ଉତ୍ସବ' ପାଳନକରିବା ଏକ ପରମ୍ପରା । ସେହିପରି, ମନେକରାଯାଉ କୌଣସି ଏକ ଉପାଦାନ ନିର୍ଦ୍ଦିଷ୍ଟ ଏକ ଲୋକ ଗୋଷ୍ଠୀରୁ ଅପସାରିତ ହୋଇ ସାରିଛି । ଉଦାହରଣସ୍ୱରୂପ, କାଠ ପାନିଆ, ସମ୍ପ୍ରତି ପ୍ଲାଷ୍ଟିକ୍ ପାନିଆ ଆସିବାପରେ ବହୁଦିନ ଧରି ଏହାର ପ୍ରଚଳନ ଆଉ ଦେଖାଯାଉ ନାହିଁ; ସେଭଳି କିଛି ପୁରାତନ ଅଳଙ୍କାରକୁ ବି ନିଆଯାଇପାରେ । ଏସବୁକୁ ଆମେ ସମ୍ପୃକ୍ତ ଲୋକ ଗୋଷ୍ଠୀର ଲୋକଧାରା ବା ଲୋକ ଉପାଦାନ ଅବା ଲୋକ ସଂସ୍କୃତି କହିବା କୌଣସି ପ୍ରକାରେ ସମୀଚୀନ ନୁହଁ— "…folklore is not simply historical behaviours of other cultures; folklore is alive, developing and changing in our lifetimes. Every one of us experiences and shares folklore" (Sims and Stephens 2005, 2) ।

୫. କୌଣସି ମୃତ ତଥା ଅପ୍ରଚଳିତ ପରମ୍ପରା ଲୋକଧାରା ନୁହେଁ ।

ଲୋକଧାରା ମୃତ ବା ଅପ୍ରଚଳିତ (archaic) ପରମ୍ପରା ନୁହେଁ । ପାରମ୍ପରିକ ଭାବରେ ପିଢି ପରେ ପିଢି ଧରି ଯାହା ସାମ୍ପ୍ରତିକକାଳ ଯାଏ ପ୍ରଚଳିତ ତାହା ହେଉଛି ଲୋକଧାରା । ଅତଏବ, ଏକ ଉପାଦାନକୁ ସେତିକିବେଳେ ଲୋକ ଉପାଦାନ କହିପାରିବା ଯେତେବେଳେ ଏହା ପରିବେଷିତ ହେଉଥିବ ବା ସମ୍ପୃକ୍ତ ଗୋଷ୍ଠୀର ଜୀବନଚର୍ଯ୍ୟାରେ ପ୍ରଚଳିତ ଥିବ । ଉଦାହରଣସ୍ୱରୂପ— ପଶ୍ଚିମ ଓଡିଶାରେ 'କୁକୁଡା ଲଢେଇ' ପରି 'ଚମ୍ପା ଲଢେଇ' ବା 'ଚମ୍ପା ଚଢେଇ ଲଢେଇ'ଏକ ପାରମ୍ପରିକ କ୍ରୀଡା । କିନ୍ତୁ, ଅନେକ ବର୍ଷ ହେଲାଣି ଏହାର କୌଣସି ପରିବେଷଣ ଦେଖିବାକୁ ମିଳୁନାହିଁ । ଅତଏବ, ଏହାକୁ ଆମର ଗବେଷଣା କ୍ଷେତ୍ରରେ ଏକ ଲୋକ କ୍ରୀଡା ଭାବରେ ଗ୍ରହଣକରିବାର କୌଣସି ଯଥାର୍ଥତା ନାହିଁ— "A traditional item (whether oral or material or gestural or musical) is folklore only when it is actually used or performed in its indigenous set of live contexts" (Tolken 1979, 38) ।

୬. ନୃତାତ୍ତ୍ୱିକ ବା ସାଂସ୍କୃତିକ ଅଧ୍ୟୟନ ଲୋକଧାରା ଅଧ୍ୟୟନ ନୁହେଁ ।

ଲୋକଧାରାର ଅଧ୍ୟୟନ ସ୍ୱତନ୍ତ୍ର ଯାହା ଲୋକତାତ୍ତ୍ୱିକ ଅଧ୍ୟୟନ ଭାବରେ ପରିଚିତ । ଅନ୍ୟ ଅର୍ଥରେ ଲୋକଧାରାରେ ସାଂସ୍କୃତିକ ଅନୁଶୀଳନ ବା ନୃତାତ୍ତ୍ୱିକ ଅନୁଶୀଳନ ନୁହେଁ, ବରଂ ନିର୍ଦ୍ଦିଷ୍ଟ ଲୋକ ଗୋଷ୍ଠୀରେ ପରସ୍ପର ମଧ୍ୟରେ ବିଭିନ୍ନ ଜ୍ଞାନ କୌଶଳ ତଥା ସେମାନଙ୍କର ଆଦାନପ୍ରଦାନର ସ୍ୱରୂପକୁ ଏଥିରେ ଗୁରୁତ୍ୱ ଦିଆଯାଇଥାଏ— "…folklorists are concerned with the study of traditional culture, or the unofficial culture, or the folk culture, as opposed to the elite culture, not for the sake of proving a thesis but to learn about the mass of [humanity] overlooked by the conventional disciplines. Historians write histories of the elite, the successful, the visible; literary scholars study elitist writings; and the critics of the arts confine their attention to the fine arts. Anthropologists venture far off the beaten track, and sociologists look at people statistically" (Dorson 1976, 117) । ଅନୁରୂପ ଭାବରେ, ମାର୍ଥା, ଏବଂ ଷ୍ଟିଫେନ୍‌ସ ମଧ୍ୟ କହନ୍ତି— "…the field borrows, both theoretically and in practice, from the disciplines of history, literary study; anthropology, and sociology, folklorists use a different lens. Folklore differs from these fields in the way in which it looks at everyday, unofficial, expressive communication. Folklorists study how members of a group communicate creatively with each other, as well as what— and to whom— they communicate" (Sims, and Stephens 2011, 3-4) । ଅତଏବ, ଲୋକଧାରା କୌଣସି ଲୋକ ଗୋଷ୍ଠୀକୁ ଅଧ୍ୟୟନର ଆଧାର କରୁଥିଲେ ମଧ୍ୟ ଏହା ପ୍ରକୃତରେ ସେହି ସମାଜର ବା ସମ୍ପୃକ୍ତ ଗୋଷ୍ଠୀର କୌଣସି ଭୌତିକ ବା ସାମାଜିକ ବ୍ୟାଖ୍ୟାନ ନୁହେଁ ; ବରଂ ସମ୍ପୃକ୍ତ ସମାଜ କିପରି ପରସ୍ପର ଭିତରେ ଅଣଆନୁଷ୍ଠାନିକ ଭାବରେ ଆଦାନପ୍ରଦାନ କରୁଛି, ଏବଂ ସେହି ଆଦାନପ୍ରଦାନର ବିଭିନ୍ନ ଆୟାମ, ପ୍ରକାର୍ଯ୍ୟ, ତା ସହିତ ଆଦାନପ୍ରଦାନକାରୀ ବା ପରିବେଷଣକାରୀଙ୍କ ଭୂମିକା, ଆଭିମୁଖ୍ୟ, ଦୃଷ୍ଟିଭଙ୍ଗୀ ପ୍ରଭୃତି କିପରି ପରସ୍ପରକୁ ତଥା ସହାବସ୍ଥିତ ଅନ୍ୟ ଗୋଷ୍ଠୀକୁ ପ୍ରଭାବିତ କରୁଛି, ସମୟ, ପରିବେଶ, ପରିସ୍ଥିତି ତଥା ଅନ୍ୟ ଆୟାମଗୁଡ଼ିକ ଭିତରେ କିପରି ବିଭିନ୍ନ ପରିବର୍ତ୍ତନ ଆସୁଛି ଏବଂ ସମ୍ପୃକ୍ତ ଗୋଷ୍ଠୀର ଜୀବନଧାରଣରେ ଏହାର ପ୍ରଭାବ ଏବଂ ପ୍ରକ୍ରିୟା କିପରି ସେ ସମ୍ପର୍କରେ ଆମକୁ ଅବଗତ ହେବାକୁ ପରିସର ସୃଷ୍ଟି କରିଥାଏ ।

୭. ଯାହା 'ଅନୁପମ (sui generis)' ତାହା ଲୋକଧାରା ନୁହେଁ ।

ଲୋକଧାରା କୌଣସି ପ୍ରକାରେ ଅନୁପମ ନୁହେଁ । ସର୍ବତ୍ର ଏହାର 'ପ୍ରକାରାନ୍ତର ରୂପ (Version)' ଏବଂ 'ଭିନ୍ନ ରୂପ (Variant)' ଦୃଷ୍ଟିଗୋଚର ହୋଇଥାଏ (Thomson 1950), ଯାହା ସମ୍ପୃକ୍ତ ଗୋଷ୍ଠୀର ସାମାଜିକ ପୃଷ୍ଠଭୂମିକୁ ଆଧାର କରିଥାଏ । ଏହି ଆଧାର ଭୌଗୋଳିକ, ଭାଷିକ, ପ୍ରଜାତିକ, ଗୋଷ୍ଠୀଗତ, ଲିଙ୍ଗଗତ, କିମ୍ବା ବୃତ୍ତିଗତ ମଧ୍ୟ ହୋଇପାରେ । ଗୋଟିଏ ଲୋକ ଉପାଦାନ ବା ଲୋକଧାରା ଏକ ଗୋଷ୍ଠୀ ବା ସମାଜର ସମ୍ପତ୍ତି । ଏଥିରେ ସମ୍ପୃକ୍ତ ସମାଜର ଏକାଧିକ ସଦସ୍ୟ ଅଂଶଗ୍ରହଣ କରିଥାନ୍ତି ବା ଏହି ଉପାଦାନ ସହିତ ନିଜର ଆଦାନପ୍ରଦାନ କରିଥାନ୍ତି । ଏବଂ, ଏହି ଦୀର୍ଘକାଳ ଧରି ଏକ ଉପାଦାନ ଏକାଧିକ ସଦସ୍ୟଙ୍କ ମଧ୍ୟରେ ପାରମ୍ପରିକ ଭାବରେ ଆଦାନପ୍ରଦାନ ହେବା ଭିତରେ ଏଥିରେ ବହୁ ପରିବର୍ତ୍ତନ ଦେଖାଦେବାର ସମ୍ଭାବନାକୁ ଉପେକ୍ଷା କରାଯାଇନପାରେ । ଅତଏବ, ଲୋକତତ୍ତ୍ୱବିଦ୍‌ମାନେ ଏହା ସ୍ୱୀକାର କରନ୍ତି ଯେ ଯଦି କୌଣସି ଉପାଦାନର 'ପ୍ରକାରାନ୍ତ ରୂପ' ବା 'ଭିନ୍ନ ରୂପ' ପରିଦୃଷ୍ଟ ହେଉନାହିଁ ତେବେ, ତାହା ପ୍ରକୃତ ଲୋକଧାରା ନୁହେଁ ।

ଉପରୋକ୍ତ ଆଲୋଚନାରୁ ଆମେ ଲୋକଧାରାକୁ ଏପରି ଭାବରେ ପରିଭାଷିତ କରିପାରିବା ଯେ—

ଲୋକଧାରା ହେଉଛି ଗୋଟିଏ ଗୋଷ୍ଠୀର ଅନୌପଚାରିକ, ଅଣ-ଆନୁଷ୍ଠାନିକ ଜ୍ଞାନ, ଜୀବଧାରା ତଥା ଆଦାନ ପ୍ରଦାନ ଯାହା ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟ ସେମାନଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟା ଭିତରେ ପାରମ୍ପରିକ ଭାବରେ ଶିକ୍ଷା କରିଥାନ୍ତି ; ଯାହା ପାରମ୍ପରିକ ଭାବରେ ଜଣକଠାରୁ ଆଉ ଜଣକ ପାଖକୁ ତଥା ଗୋଟିଏ ପିଢ଼ିରୁ ଆଉ ଗୋଟିଏ ପିଢ଼ିକୁ ସମ୍ପ୍ରସାରିତ

ହୋଇଥାଏ । ଏହି ଆଦାନପ୍ରଦାନ ବା ଅଣ-ଆନୁଷ୍ଠାନିକ ଜ୍ଞାନ ବାଚିକ (ଉଭୟ ଲିଖିତ ଓ ମୌଖିକ) ହୋଇପାରେ, ପ୍ରଥା-ପରମ୍ପରା, ସାମାଜିକ ରୀତିନୀତି, ବିଭିନ୍ନ ପାରମ୍ପରିକ ପରିବେଷଣ ତଥା 'ଭୌତିକ ସଂସ୍କୃତି (objective culture)' ମଧ୍ୟ ହୋଇପାରେ ।

ଅତଏବ, ସଂକ୍ଷେପରେ ଲୋକଧାରା ହେଉଛି—

୧. ସାମ୍ପ୍ରତିକ ଲୋକ ଗୋଷ୍ଠୀ ମଧ୍ୟରେ ପ୍ରଚଳିତ ତଥା ଆଦାନପ୍ରଦାନ ହେଉଥିବା ପାରମ୍ପରିକ ଜୀବନଧାରା ତଥା ସର୍ଜନଶୀଳ କଳାତ୍ମକ ଆଦାନପ୍ରଦାନ ।

୨. ଏହା କେତେବେଳେ କାହାଦ୍ୱାରା କିପରି ପ୍ରଥମେ ସୃଷ୍ଟି ହୋଇଥାଏ ବା ହୋଇଥିଲା କହିବା ସମ୍ଭବ ନୁହେଁ ।

୩. ଲୋକଧାରା କେବଳ ଗାଁ ଲୋକ, ଗରିବ, ଆଦିବାସୀ, ଅସାକ୍ଷର ଲୋକଙ୍କ ପାରମ୍ପରିକ ଆଦାନପ୍ରଦାନ ମାତ୍ର ନୁହେଁ ; ସହର, ଶିଳ୍ପାଞ୍ଚଳ ତଥା ସମସ୍ତ କର୍ମ ପରିସରର ଶିକ୍ଷିତ ଲୋକ ଗୋଷ୍ଠୀର ପାରମ୍ପରିକ ଆଦାନପ୍ରଦାନ ମଧ୍ୟ ଲୋକଧାରା।

୪. କେବଳ ହିଁ ବାଚିକ ଆଦାନପ୍ରଦାନ ନୁହେଁ, ଅନେକ ନୈର୍ବାଚିକ ପରମ୍ପରା ମଧ୍ୟ ଲୋକଧାରା । ସେହିପରି ପର୍ବପର୍ବାଣି, ସମାଜିକ ରୀତିନୀତି, ନୃତ୍ୟ ଗୀତ ଭଳି ସମସ୍ତ ପାରମ୍ପରିକ ପାଳନ ଏବଂ ପରିବେଷଣ ହେଉଛି ଲୋକଧାରା

୫. ଲୋକଧାରା କେହି କାହାକୁ ଶିଖାଇନଥାଏ । ପରିବେଷଣ ତଥା ଆଦାନପ୍ରଦାନକୁ ଦେଖି ଗୋଷ୍ଠୀର ଅନ୍ୟ ସଦସ୍ୟମାନେ ବେଳେବେଳେ ଅନ୍ୟ ଗୋଷ୍ଠୀର ସଦସ୍ୟମାନେ ମଧ୍ୟ ଶିକ୍ଷା କରିଥାନ୍ତି ।

୬. ପ୍ରତ୍ୟେକ ଲୋକ ଉପାଦାନକୁ ଗୋଷ୍ଠୀର ସଦସ୍ୟମାନେ ସ୍ୱ-ପରିବେଷଣମାନଙ୍କରେ ଶୈଳୀ ଆଉ ସଂଯୋଜନା ଦୃଷ୍ଟିରୁ ନିଜ ଅନୁକୂଳ ପରିବର୍ତ୍ତନ କରିପାରନ୍ତି, ଏବଂ ଏହା ସମସ୍ତଙ୍କ ପାଇଁ ଗ୍ରହଣଯୋଗ୍ୟ ମଧ୍ୟ ହୋଇଥାଏ ।

୭. ଗୋଟିଏ ଉପାଦାନ ଲୋକଧାରା ଭାବରେ ସେତେବେଳେ ପରିଗଣିତ ହୋଇଥାଏ ଯେତେବେଳେ ତାହା ପରିବେଷିତ ହୋଇଥାଏ ବା ଉପଯୋଗରେ ଥାଏ । ଅତଏବ, ଆମ ପାଖରେ ଯାହା ଅଛି ତାହା ଲୋକଧାରା ନୁହେଁ, ଆମେ ଯାହା କରୁ ତାହା ହେଉଛି— ଲୋକଧାରା ।

### ୧.୧.୨ ଲୋକ ଉପାଦାନ

ଲୋକଧାରା ଅଧ୍ୟୟନରେ ଲୋକ ଉପାଦାନ ଗୁରୁତ୍ୱପୂର୍ଣ୍ଣ । ସ୍ଥାନୀୟ ଲୋକଧାରା ଗବେଷଣାରେ ସାଧାରଣତଃ ବାଚିକ ଲୋକ ଉପାଦାନକୁ ହିଁ ଲୋକଧାରାର ଉପାଦାନ ଭାବରେ ଗ୍ରହଣକରିବା ଦେଖାଯାଏ । ତେବେ, ଲୋକଧାରାର ଉପାଦାନଗୁଡ଼ିକ କେବଳ ନୃତ୍ୟ, ଗୀତ, ନାଟକ, କାହାଣୀ, ପର୍ବପର୍ବାଣି, ଏବଂ ସାମାଜିକ ରୀତିନୀତି ଭିତରେ ସୀମିତ ନୁହେଁ । ପାରମ୍ପରିକ ଖାଦ୍ୟପେୟ, ଜୀବନଯାପନ ଶୈଳୀ, ଖେଳ କସରତ, ଦେବଦେବୀ, ଅଳଙ୍କାର, ଆଚାର ବ୍ୟବହାରଠୁ ଝାଡୁ, ଝୋଟି ; ଆଖ୍ୟାନ, ଉପାଖ୍ୟାନଠୁ ମସିଣା, କନ୍ଥା ତିଆରି ଏବଂ 'କାନ୍ଥଲେଖା (graffiti)' ଯାଏ ସବୁକିଛି ହେଉଛି ଲୋକଧାରାର ଉପାଦାନ ।

ସ୍ଥାନୀୟ ଲୋକଧାରା ଗବେଷଣାରେ ନୁହେଁ, ଆନ୍ତର୍ଜାତିକ ସ୍ତରରେ ମଧ୍ୟ ଏହି ଧାରଣା ଥିଲା— "Properly speaking, folklore is only concerned with the legends, customs, beliefs, of the folk, of the people, of the classes which have least been altered by education, which have shared least in progress" (Lang 1884, 11) । କିନ୍ତୁ, ଲୋକଧାରା ବାଚିକ ଉପାଦାନ ଭିତରେ ସୀମିତ ନୁହେଁ ବା ସବୁବେଳେ ମୌଖିକ ଭାବରେ ସମ୍ପ୍ରସାରିତ ହୁଏନାହିଁ । ଲୋକ କ୍ରୀଡାର ଜଣେ ଖେଳାଳୀ କ୍ରୀଡା କୌଶଳ ଅନ୍ୟ ଖେଳାଳୀଙ୍କ ପରିବେଷଣ ପ୍ରକ୍ରିୟାକୁ ଦେଖିକି

ହିଁ ଶିକ୍ଷା କରିଥାନ୍ତି । ସେହିପରି, ଜଣେ ପରିବେଷଣକାରୀ ଅନ୍ୟ ଜଣଙ୍କ ପରିବେଷଣରୁ ହିଁ ଲୋକ ନୃତ୍ୟ ଶିକ୍ଷା କରିବାର ଅବସର ପାଇଥାନ୍ତି । ଅନୁରୂପ ଭାବରେ, ଅନ୍ୟ ସମସ୍ତ 'ନୈର୍ବାଚିକ ଲୋକଧାରା (non-verbal folklore)' ଯଥା— ଲୋକ କଳା, ପାରମ୍ପରିକ ଶିଳ୍ପ, ବିଭିନ୍ନ ପ୍ରକାରର ସାମାଜିକ ଅନୁଷ୍ଠାନ ଭଳି ଅନେକ ଲୋକଧାରାକୁ ମୌଖିକ ପରମ୍ପରା କୁହାଯାଇପାରିବ ନାହିଁ । ଏହା ବ୍ୟତୀତ, ଲୋକଧାରାର ଅନେକ ଲିଖିତ ରୂପ ଅଛି, ଯାହାକୁ 'ଆଲେଖ୍ୟ ଲୋକଧାରା (written folklore)' ଭାବରେ ଲୋକତତ୍ତ୍ୱବିଦ୍‌ମାନେ ବର୍ଗୀକରଣ କରନ୍ତି, ଉଦାହରଣସ୍ୱରୂପ— ଶୃଙ୍ଖଳ-ପତ୍ର (chain letters), କାନ୍ଥଲେଖା, ଶୌଚାଳୟ ଆଲେଖ୍ୟ (latrinalia), ସଂକ୍ଷିପ୍ତ ବାର୍ତ୍ତା (sms), ପୁସ୍ତାନୀ ପଦ୍ୟ (fly-leaf rhymes), ଶୃଙ୍ଖଳ-ବୈଦ୍ୟୁତିକ ପତ୍ର (chain-email), ଏବଂ ବିଭିନ୍ନ ସମ୍ବାଦପତ୍ର ଓ ପତ୍ରିକାରେ, ଇଣ୍ଟରନେଟ୍‌ରେ ପ୍ରକାଶପାଇ ଆଦାନପ୍ରଦାନ ହେଉଥିବା ଚୁଟ୍‌କୁଲା ବା ଗାଲୁଗପ, ତଥା ଅନ୍ୟାନ୍ୟ ଆଖ୍ୟାନ ଆଉ ଉପାଖ୍ୟାନ ଇତ୍ୟାଦି । ଏହି ପରିପ୍ରେକ୍ଷୀରେ ଲୋକ ଉପାଦାନଗୁଡିକୁ ଆମେ ଆଲୋଚନାର ସୁବିଧା ଦୃଷ୍ଟିରୁ ଚାରୋଟି ବିଭାଗରେ ବିଭକ୍ତ କରିପାରିବା, ଯଥା—

୧. ବାଚିକ ଲୋକଧାରା (verbal folklore) (ଏହାକୁ ମୌଖିକ ଲୋକଧାରା (oral folklore), ଓ ଲିଖିତ ବା ଆଲେଖ୍ୟ ଲୋକଧାରା ଏଭଳି ଦୁଇ ଭାଗରେ ବିଭକ୍ତ କରାଯାଇପାରେ),

୨. ପ୍ରଥାନୁରୂପୀ ଲୋକଧାରା (customary folklore),

୩. ପ୍ରଦର୍ଶନଶୀଳ ଲୋକଧାରା (performative folklore), ଏବଂ

୪. ଭୌତିକ ଲୋକଧାରା (material folklore) ।

ଆଲେଖ୍ୟ ଲୋକଧାରା ସମ୍ପର୍କରେ ଏହା ପୂର୍ବରୁ ଉଦାହରଣ ଦିଆଯାଇଛି । ମୌଖିକ ଲୋକଧାରା ଭାବରେ ମିଥ୍, ଲୋକ କଥା, ଲୋକ ଗୀତ, ଲୋକ କାବ୍ୟ, ଏବଂ ଲୋକ ଉକ୍ତି (ପ୍ରବାଦ-ପ୍ରବଚନ, ଢଗଢମାଳି, ଛଟା-ଦାୟିକା, ରୂଢି, ଚୁଟ୍‌କୁଲେ, ପ୍ରଶଦ୍ଦ, ବ୍ୟକ୍ତିଗତ ଆଖ୍ୟାନ, ଉପାଖ୍ୟାନ, ସଂକ୍ଷିପ୍ତ ଶବ୍ଦରୂପ (mnemonic) ଉଦାହରଣସ୍ୱରୂପ— ବାଘନିସହନାଲା) ପ୍ରଭୃତିକୁ ମଧ୍ୟ ଏହାର ପରିସରଭୁକ୍ତ କରାଯାଇପାରେ । ସେହିପରି, ପର୍ବପର୍ବାଣି, ସାମାଜିକ ରୀତିନୀତି, ଜନ୍ମ-ମୃତ୍ୟୁ-ବିବାହ କର୍ମ (rites of passage), ବିଭିନ୍ନ ଦେବୀଦେବତା ଏବଂ ପ୍ରକୃତିପୂଜା ତଥା ଦୈନନ୍ଦିନ ପାରମ୍ପରିକ ଜୀବନଶୈଳୀ ପ୍ରଭୃତିକୁ ପ୍ରଥାନୁରୂପୀ ଲୋକଧାରା ଭାବରେ ଗ୍ରହଣଯାଇପାରେ । ପ୍ରଦର୍ଶନଶୀଳ ଲୋକଧାରା ଭାବରେ ଲୋକ ନାଟକ, ଲୋକ ନୃତ୍ୟ, ଲୋକ କ୍ରୀଡା, ଲୋକ ବାଦ୍ୟ, ଲୋକ କଳା, ପାରମ୍ପରିକ ସ୍ଥାପତ୍ୟ (folk architecture), ଏବଂ ବିଭିନ୍ନ ପ୍ରକାରର ପାରମ୍ପରିକ ଶିଳ୍ପ ପ୍ରଭୃତିକୁ ଗ୍ରହଣ କରିପାରିବା । ଅନୁରୂପ ଭାବରେ, ଭୌତିକ ଲୋକଧାରା ବା ଲୋକ ଉପକରଣ (folk artifact) ମଧ୍ୟରେ ଆମ ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ବିଭିନ୍ନ ଉପକରଣ, ଯଥା— ଗୃହୋପକରଣ, କୃଷି ଉପକରଣ, ନୃତ୍ୟ-ନାଟ୍ୟ ଉପକରଣ, ସାଜସଜ୍ଜା-ଶୃଙ୍ଗାର ଉପକରଣ, ପାରମ୍ପରିକ କ୍ରୀଡା ଉପକରଣ, ତଥା ସାମାଜିକ ରୀତିନୀତିରେ ବ୍ୟବହୃତ ହେଉଥିବା ବିଶେଷ ଉପକରଣ ପ୍ରଭୃତିକୁ ଅନ୍ତର୍ଭୁକ୍ତ କରିପାରିବା ।

ଲୋକ ଉପାଦାନ ସମ୍ପର୍କରେ ଆଲୋଚନା କଲାବେଳେ ଆମକୁ ଏହାର କେତୋଟି ଦିଗପ୍ରତି ଅବଗତ ହେବା ଆବଶ୍ୟକ । ପ୍ରଥମତଃ— ଆମେ ଉପାଦାନଟି ସମ୍ପର୍କରେ କେମିତି ଅବଗତ ହେଉଛୁ ? ଏହା ଆମର ଦୈନନ୍ଦିନ ଜୀବନରେ କିପରି ଭାବରେ ଜଡିତ ? ଆମେ ଉଚ୍ଚାଙ୍ଗ ସଂସ୍କୃତି ଶିକ୍ଷାନୁଷ୍ଠାନମାନଙ୍କରେ ବା ଔପଚାରିକ ଭାବରେ ଶିକ୍ଷା କରିଥାଉ । ସେହିପରି, ଜନପ୍ରିୟ ସଂସ୍କୃତି ମଧ୍ୟ ଗଣମାଧ୍ୟମ ଦେଇ ଆମପାଖକୁ ଆସିଥାଏ । କିନ୍ତୁ, ଲୋକଧାରା ଆମେ ଆମର ଗୋଷ୍ଠୀ ମଧ୍ୟରେ ଜଣେ ଅନ୍ୟଜଣକଠାରୁ ଶିକ୍ଷା କରିଥାଉ । ଏହା ସହିତ ଆମର ସହଭାଗୀତା, ବିଶ୍ୱାସ, ମୂଲ୍ୟବୋଧ, ଏବଂ ପାରମ୍ପରିକତା ଜଡିତ ଥାଏ; ଯାହା ଆମକୁ ଏକ ସ୍ୱତନ୍ତ୍ର ଗୋଷ୍ଠୀର ପରିଚୟ ପ୍ରଦାନ କରିବାରେ ସହାୟକ ହୋଇଥାଏ ।

ଲୋକ ଉପାଦାନର ବିଭିନ୍ନ ଆୟାମକୁ ଆଧାରକରି ଆମର ଅବଧାରଣାକୁ ସହଜ କରିବା ପାଇଁ ଆମେ ଏଠାରେ ଲୋକ ଉପାଦାନର କିଛି ବୈଶିଷ୍ଟ୍ୟକୁ ଏହିପରି ଉଲ୍ଲେଖ କରିପାରିବା—

୧. "ଏହାର ସ୍ୱରୂପ ଏବଂ ସମ୍ପ୍ରସାରଣ ପାରମ୍ପରିକ, ଅଣଆନୁଷ୍ଠାନିକ, ଏବଂ ଅନୌପଚାରିକ (it is non-official, non-institutional in form and transmission) ।

୨. ଏହା କେବେ, କେତେବେଳେ, କେଉଁଠି, କିଏ ସୃଷ୍ଟି କରିଛି ତାହା ନିର୍ଦ୍ଦିଷ୍ଟ ଭାବରେ କୁହାଯାଇନପାରେ (it is usually anonymous) । ଯଦିବି, କୌଣସି ବ୍ୟକ୍ତି ବିଶେଷ ଏହାକୁ ସୃଷ୍ଟି କରିଥିବେ ତେବେ, ସମୟ ଏବଂ ପ୍ରସଙ୍ଗକ୍ରମେ ଏହାର ବ୍ୟାପକ ସମ୍ପ୍ରସାରଣ ହେବା ସହିତ ବ୍ୟକ୍ତି ସୃଜନକୁ ଗୌଣ କରିସାରିଥିବ ।

୩. ଏହାକୁ ସୂତ୍ରାକାରରେ ପ୍ରକାଶ କରାଯାଇପାରୁଥିବ (it tends to became formularized) ।

୪. ଏହାର 'ପ୍ରକାରାନ୍ତର ରୂପ' ତଥା 'ଭିନ୍ନ ରୂପ' ଥିବ (it exists in different variant and version) ।

୫. ସମ୍ପୃକ୍ତ 'ଲୋକ'— ଗୋଷ୍ଠୀରେ ଏହାର ସାମ୍ପ୍ରତିକ ପ୍ରଚଳନ ଥିବ (it is alive— not archaic, or historical)" (Brunvand 1978, 5) । ଏବଂ,

୬. ଏହା ସମ୍ପୃକ୍ତ 'ଲୋକ'— ଗୋଷ୍ଠୀର ପରିଚିତିର ପରିପ୍ରକାଶକ ହୋଇଥିବ (it could be identified by the community as their *identity*) ତଥା ଉପାଦାନଟିକୁ ସମ୍ପୃକ୍ତ ଲୋକ ଗୋଷ୍ଠୀ ସେମାନଙ୍କର ପରମ୍ପରା ଭାବରେ ପରିଚିତ କରୁଥିବେ ।

ଦୀର୍ଘ ଦେଢଶହ ବର୍ଷର ଲୋକଧାରା ଅଧ୍ୟୟନରେ ଲୋକର ଅବଧାରଣାରେ ବହୁ ପରିବର୍ତ୍ତନ ଆସିଛି ଏହାର ବହୁଦିଗକୁ ଲୋକତତ୍ତ୍ୱବିଦ୍‌ମାନେ ସେମାନଙ୍କ ଅଧ୍ୟୟନରୁ ଉନ୍ମୋଚନ କରିଛନ୍ତି ତଥା କରିଚାଲିଛନ୍ତି । ସମ୍ପ୍ରତି ଲୋକଧାରା ଅଧ୍ୟୟନର ଅବଧାରଣା ଯେଉଁ ତିନୋଟି ପୃଷ୍ଠଭୂମି ପ୍ରତିଷ୍ଠିତ ତାହା ହେଉଛି— ଲୋକ ବା ଲୋକ ଗୋଷ୍ଠୀ, ପରମ୍ପରା, ଏବଂ ପରିବେଷଣ । ଏହି ଆୟାମଗୁଡ଼ିକୁ ଭଲ ଭାବରେ ନବୁଝିଲେ ଲୋକଧାରା ସମ୍ପର୍କରେ ଅବଧାରଣା ସ୍ପଷ୍ଟ ହେବା ସମ୍ଭବ ନୁହେଁ । ଅତଏବ, ଏଠାରେ ଏହିସବୁ ଆୟାମ ଉପରେ ବିଶଦ ଭାବରେ ଆଲୋଚନା କରାଯିବାର ପ୍ରୟାସ କରାଯାଉଛି ।

### ୧.୧.୩ ଲୋକ ଗୋଷ୍ଠୀ

ଲୋକଧାରାରେ 'ଲୋକ' କହିଲେ ସାଧାରଣତଃ ଲୋକ ଗୋଷ୍ଠୀକୁ ବୁଝାଇଥାଏ । ଆମେ ସମସ୍ତେ ଗୋଷ୍ଠୀଗତ ଜୀବନ ଜୀଇଁଥାଉ । ଆମେ ଆମର ପରିବାରଠୁ ଆରମ୍ଭ କରି ସାଙ୍ଗ, ସାହି, ଗ୍ରାମ ତଥା ସହରର ସଦସ୍ୟ ହେବା ସହିତ ପ୍ରଜାତିକ, ଧାର୍ମିକ ଏବଂ ଅନ୍ୟ ସାମାଜିକ, ସାଂସ୍କୃତିକ, ବୃତ୍ତି ଆଧାରିତ ଅନୁଷ୍ଠାନମାନଙ୍କର ସଦସ୍ୟ ମଧ୍ୟ ହୋଇଥାଉ । ଏହା ମନେରଖିବାକୁ ହେବ ଯେ' ଏଠାରେ ଯେଉଁ ସଦସ୍ୟତାର କଥା କୁହାଯାଉଛି, ତାହା ଆନୁଷ୍ଠାନିକ ସଦସ୍ୟତା ନୁହେଁ ନିଶ୍ଚୟ, ବରଂ ଏ ସଦସ୍ୟତା ଅଣ-ଆନୁଷ୍ଠାନିକ, ପାରମ୍ପରିକ । ଏବଂ, ଆମେ ଯେତେ ଶିକ୍ଷିତ, ଯେତେ ସହରୀ ଜୀବନ ଜୀଇଁଲେ ବି ଦୈନନ୍ଦିନ ଜୀବନରେ ଲୋକଧାରା ମାଧ୍ୟମରେ ହିଁ ନିଜକୁ ପ୍ରକାଶ କରିଥାଉ । ଅର୍ଥାତ୍, ଦୈନନ୍ଦିନ ଜୀବନରେ ଆମର ଆଚାର ବ୍ୟବହାର, ଚାଲିଚଳଣ, ବିଶ୍ୱାସ, ମୂଲ୍ୟବୋଧ ପ୍ରଭୃତି ବ୍ୟବହାରିକତା ଆମର ପରିବାର ତଥା ସମାଜରୁ ହିଁ ଆମେ ପାରମ୍ପରିକ ଭାବରେ ଶିକ୍ଷା କରିଥାଉ । ଲୋକ ଗୋଷ୍ଠୀର ସ୍ୱରୂପ ଓ ସଂରଚନାର ବିଭିନ୍ନ ଆୟାମକୁ ନିମ୍ନମତେ ଆଲୋଚନା କରାଯାଇପାରେ—

### ୧.୧.୩.୧ ଲୋକ ଗୋଷ୍ଠୀର ସ୍ୱରୂପ

ଲୋକ ଗୋଷ୍ଠୀ କହିଲେ ଏକ ସ୍ୱତନ୍ତ୍ର ପରିଚିତି ବହନ କରୁଥିବା ଏକାଧିକ ଲୋକଙ୍କ ସମାହାରକୁ ବୁଝାଇଥାଏ, ଯେପରି— କୌଣସି ଏକ ଦେଶ, ଗ୍ରାମ, ଜାତି, ନିର୍ଦ୍ଦିଷ୍ଟ କର୍ମ ପରିସର, ବିଭିନ୍ନ ଅନୁଷ୍ଠାନ ଇତ୍ୟାଦି । ତେବେ, ତତ୍ତ୍ୱଦୃଷ୍ଟିରୁ ପରିବାର ମଧ୍ୟ ଏକ ଲୋକ ଗୋଷ୍ଠୀ । ପରିବାରର ପ୍ରତ୍ୟେକ ବ୍ୟକ୍ତି ହେଉଛନ୍ତି ଏହି 'ପରିବାର' ନାମକ ଏକ ଲୋକ ଗୋଷ୍ଠୀର ସଦସ୍ୟ । ପ୍ରତି ପରିବାର ସେମାନଙ୍କ ଜାଣତରେ ଅବା ଅଜାଣତରେ ଲୋକଧାରା ସୃଷ୍ଟି କରିଥାଆନ୍ତି, ଯାହା ସେମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ହୋଇଥାଏ । ପ୍ରତ୍ୟେକ ପରିବାରରେ ପାରିବାରିକ ମୂଲ୍ୟବୋଧ, ରୀତିନୀତି, ଥଟ୍ଟାମଜା, ବ୍ୟବହାର, ଆଙ୍ଗିକ ପରିପ୍ରକାଶ (gesture), ନିର୍ଦ୍ଦିଷ୍ଟ ଦୃଷ୍ଟିଭଙ୍ଗୀ, ବିଶ୍ୱାସ ଏବଂ ଅନ୍ୟ ପରିବାର ପ୍ରତି ମଧ୍ୟ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ଆଦି ଥାଏ । ଏସବୁ ସମ୍ପୃକ୍ତ ପରିବାରର ଜଣେ ସଦସ୍ୟ ଅନ୍ୟ ଜଣେ ସଦସ୍ୟଙ୍କଠାରୁ ଶିକ୍ଷା କରିଥାଏ, ଏବଂ ଅନ୍ୟ ପରିବାର ସଦସ୍ୟଙ୍କ ପାଇଁ ଏହା ଅର୍ଥହୀନ ମଧ୍ୟ ହୋଇପାରେ । ଉଦାହରଣସ୍ୱରୂପ, ପଶ୍ଚିମ ଓଡିଶାର ତାଣ୍ଡି ବଂଶର ପରିବାରର ବଡବୋହୂ 'ଓସ୍‌ନା ଡେଗା' ଅର୍ଥାତ୍ ଅନ୍ୟ ଘରୁ ଆସିଥିବା ତରକାରୀ ବା ଖାଦ୍ୟ ପଦାର୍ଥ ଖାଆନ୍ତି ନାହିଁ । ସେହିପରି, ଗାଢ ରଙ୍ଗ କିମ୍ବା କଳା ରଙ୍ଗର କପଡା ବ୍ୟବହାର କରନ୍ତି ନାହିଁ କାରଣ, ଏହା ତାଙ୍କ ବଂଶର ଆରାଧ୍ୟ ଦେବୀଙ୍କର ପ୍ରିୟ (ସୁନାନୀ ୨୦୦୯, ୫୩) । ଅଞ୍ଚଳଭିତ୍ତିରେ ହେଉପଛେ ଏହା ସମସ୍ତ ତାଣ୍ଡି ପରିବାରର ବୋହୂମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ।

ତତ୍ତ୍ୱଦୃଷ୍ଟିରୁ ଦୁଇଜଣଙ୍କୁ ନେଇ ମଧ୍ୟ ଦଳ ବା ଗୋଷ୍ଠୀଟିଏ ଗଠିତ ହେବା ସମ୍ଭବ । ଲୋକତତ୍ତ୍ୱବିଦ୍ ବେରି ଟୋଲକେନ୍ ଏହିପରି ଲୋକ ଗୋଷ୍ଠୀଗୁଡିକୁ ବା 'ଦ୍ୱି-ବ୍ୟକ୍ତିକ(dyad)' ଭାବରେ ପରିଚିତ କରନ୍ତି (Tolken 1996, 57) । ସେ ଏହାର ଉଦାହରଣ ଦେବାକୁଯାଇ ପିଲାଦିନର ବା ବହୁଦିନର ପୁରୁଣା ସାଙ୍ଗ, ଜୀବନସାଥୀ ତଥା ଅନ୍ୟମାନଙ୍କ ବିଷୟରେ ଉଲ୍ଲେଖ କରନ୍ତି, ଯେଉଁମାନେ କି ସେମାନଙ୍କ ସମ୍ପର୍କ ସହିତ ସମ୍ପର୍କିତ ବିଭିନ୍ନ ପ୍ରଶବ୍ଦ, ଠାର (gesture), ଗାଳି (verbal duel), ମୁଖପ୍ରକାଶ (facial expression) ପ୍ରଭୃତିର ଆଦାନପ୍ରଦାନ ଆବେଗପୂର୍ଣ୍ଣ ଭାବରେ କରିଥାନ୍ତି । ଓଡିଶା ଲୋକଧାରା ପରିପ୍ରେକ୍ଷୀରେ ଆମେ 'ସହି-ସଙ୍ଗାତ' ଯେମିତି— ମଲୀଫୁଲ, ଗଜାମୁଗ, ମା'ଲୋକ୍, ବାପ୍‌ଲୋକ୍, ଭାଏଲୋକ୍, ଗୁରୁଭାଇ, ମିତ, ମହାପ୍ରସାଦ୍, ପାଏନ୍‌କଁଟ, ସଁକାର, ମକର, ବାଲିଫୁଲ, ସମାକଟ, ବଉଳ, ଓଶକା ପରି ଦ୍ୱି-ବ୍ୟକ୍ତିକ 'ଆନୁଷ୍ଠାନିକ ସମ୍ପର୍କ (ritualized relation)', ବହୁଦିନର ଦୁଇ ସାଙ୍ଗ, ପ୍ରେମିକ-ପ୍ରେମିକା, ସ୍ୱାମୀ-ସ୍ତ୍ରୀ ପରି ସମାଜିକ ସମ୍ପର୍କ ପ୍ରଭୃତିକୁ ମଧ୍ୟ ଏହାର ଉଦାହରଣ ଭାବରେ ନେଇପାରିବା । 'ରୁମାଲ ଦେଲେ ପ୍ରେମିକ ପ୍ରେମିକା ମଧ୍ୟରେ ଥିବା ସମ୍ପର୍କ କଟିଯାଏ' ଏଭଳି ଏକ ବିଶ୍ୱାସ ସମ୍ପର୍କରେ ଆମେ ପ୍ରାୟ ଅବଗତ । ଅନୁରୂପ ଭାବରେ— ମିତ, ବାଲିଫୁଲ, ମକର, ଗଜାମୁଗ, ଗୁରୁଭାଇ ପ୍ରଭୃତି କେହି କାହାକୁ ନାଁଧରି ଡାକି ନଥାଆନ୍ତି । ସେହିପରି, ବାପ୍‌ଲୋକ ଭାଏଲୋକ୍ କହିଲେ ଭାଇ ଏବଂ ବାପାଙ୍କ ଭଳି ମାନ୍ୟତା ତଥା ସମ୍ମାନ ଆଦର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥାଏ । ଏହିସବୁ ବିଶ୍ୱାସ ଏବଂ ପରମ୍ପରାକୁ ଆମେ ଏହି ଦ୍ୱି-ବ୍ୟକ୍ତିକ ଲୋକଧାରାର ଉଦାହରଣ ଭାବରେ ଗ୍ରହଣ କରିପାରିବା ।

### ୧.୧.୩.୨ ଲୋକ ଗୋଷ୍ଠୀର ସଂରଚନା

ବିଭିନ୍ନ ଭାବରେ ଲୋକ ଗୋଷ୍ଠୀ ସଂରଚିତ ହୋଇଥାଏ । ଲୋକତତ୍ତ୍ୱବିଦ୍‌ମାନେ କ୍ଷୁଦ୍ର ଜନ ଗୋଷ୍ଠୀକୁ ଲୋକ ଗୋଷ୍ଠୀ କହିବା ସହିତ ଦେଶ, ଜାତି, ଲିଙ୍ଗ ଭଳି ବିପୁଳ ଜନସମୂହକୁ ମଧ୍ୟ ଲୋକ ଗୋଷ୍ଠୀ ଭାବରେ ଗ୍ରହଣକରନ୍ତି ; କିନ୍ତୁ, ଯେତେବେଳେ ଦେଶ, ଜାତି, ଶ୍ରେଣୀ, ଲିଙ୍ଗ ଭଳି ଲୋକ ଗୋଷ୍ଠୀକୁ ନେବା, ସେତେବେଳେ ଦେଖିବା ଯେ, ଏଗୁଡିକ ପୂର୍ବ-ସଂଗଠିତ ଅର୍ଥାତ୍ ଏଗୁଡିକୁ ଗୋଷ୍ଠୀ ଭାବରେ ଗ୍ରହଣକରିବା ପୂର୍ବରୁ ଏକ ସ୍ୱତନ୍ତ୍ର ଗୋଷ୍ଠୀ ଭାବରେ ସଂଗଠିତ ହୋଇରହିଛି । ଏହି ଲୋକ ଗୋଷ୍ଠୀଗୁଡିକ ମଧ୍ୟରେ 'ଆମେ' ଏବଂ 'ସେମାନେ'ର ଭିନ୍ନତା ବା ବିଭେଦତା ବି ଦେଖିବାକୁ ପାଇଥାଉ । ଏବଂ, ଅନେକ ସମୟରେ ଗୋଟିଏ ଲୋକ ଗୋଷ୍ଠୀ ଅନ୍ୟ ଏକ ଲୋକ ଗୋଷ୍ଠୀଠାରୁ ଭିନ୍ନ ମନେକରିବା ସହିତ ଆମେ ସେମାନଙ୍କୁ ଆମଠାରୁ ଭଲ ବା ସେମାନେ ବି ଆମ ସମକକ୍ଷ, ଏପରି କେବେ ଭାବିନଥାଉ । ଏହି କାରଣରୁ ନୁୟିଜ୍ (Dorothy

Noyes) ଏବଂ ଅନ୍ୟ ଲୋକତତ୍ତ୍ୱବିଦ୍‌ମାନେ 'ଘନିଷ୍ଠତା (Proximity)' ଓ 'ବାର୍ତ୍ତା-ବିନିମୟ (Interaction)' ଭଳି ଆଦାନପ୍ରଦାନର ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ପ୍ରଦାନକଲେ । ଗୋଟିଏ ଦୃଷ୍ଟିରୁ ବିଚାରକଲେ ଲୋକ ଗୋଷ୍ଠୀ ନିଶ୍ଚିତ୍ ଭାବରେ କିଛି ନା କିଛି ସାଂସ୍କୃତିକ, ଲିଙ୍ଗଗତ, ପ୍ରଜାତିକ, ଏବଂ ଶ୍ରେଣୀଗତ ବୈଶିଷ୍ଟ୍ୟ ରଖନ୍ତି । କିନ୍ତୁ, ଯେଉଁ କାରଣରୁ ସେମାନେ ଗୋଟିଏ ଲୋକ ଗୋଷ୍ଠୀ ଭାବରେ ପରିଗଣିତ ହୁଅନ୍ତି, ତାହା ହେଲା— ଘନିଷ୍ଠତା, ଏବଂ ନିୟମିତ ବାର୍ତ୍ତା-ବିନିମୟ । ସେଇଥିପାଇଁ ଲୋକତତ୍ତ୍ୱବିଦ୍‌ମାନେ କହନ୍ତି, "ଯେଉଁ ଲୋକ ନିୟମିତ ବାର୍ତ୍ତା-ବିନିମୟ କରିଥାଏ, ସେ ହିଁ ଲୋକଧାରାର ସର୍ଜନ ଏବଂ ସମ୍ପ୍ରସାରଣ କରିପାରେ" (Sims, and Stephens 2005, 35) । ଏଠାରେ ଆଲାନ୍ ଡଣ୍ଡିସ୍‌ଙ୍କ ବକ୍ତବ୍ୟକୁ ମଧ୍ୟ ସ୍ମରଣ କରାଯାଇପାରେ, "ଲୋକଧାରା ହିଁ ଲୋକ ଗୋଷ୍ଠୀକୁ ସଂଜ୍ଞା ପ୍ରଦାନକରିଥାଏ" (Dundes 1978, 12) । ଅନ୍ୟ ଅର୍ଥରେ, ଲୋକଧାରା ବା ଉପାଦାନଟିର ସ୍ୱରୂପ ହିଁ ଆମକୁ ଲୋକ ଗୋଷ୍ଠୀ ସହିତ ପରିଚିତ କରାଇବାରେ ସହାୟକ ହୋଇଥାଏ । ଅନୁରୂପ ଭାବରେ, ରିଚାର୍ଡ ବାଉମାନ୍ ମଧ୍ୟ କହନ୍ତି, "ଲୋକଧାରାର ପ୍ରକ୍ରିୟା ହିଁ ଲୋକ ଗୋଷ୍ଠୀ ଅବଧାରଣାର ମୂଳସୂତ୍ର" (Bauman 1971, 33) । ଏଣୁ, ମୂଳତଃ ଯଦି ଗୋଟିଏ ଗୋଷ୍ଠୀର ଲୋକଧାରା ଅଛି, ତା'ହେଲେ ଗୋଷ୍ଠୀଟି ଲୋକ ଗୋଷ୍ଠୀ ନିଶ୍ଚୟ । ଅତଏବ, ଲୋକଧାରା ଅଧ୍ୟୟନ ପ୍ରସଙ୍ଗରେ 'ଲୋକ' ବା 'ଲୋକ ଗୋଷ୍ଠୀ' ସମ୍ପର୍କିତ ଆମର ଅବଧାରଣାକୁ ସହଜ କରିବାପାଇଁ ଏଠାରେ ଲୋକ ଗୋଷ୍ଠୀ ସଂରଚନାର ବିଭିନ୍ନ ଦିଗକୁ ନିମ୍ନମତେ ଆଲୋଚନା କରାଯାଇପାରେ—

### ୧.୧.୩.୨.୧ ଘନିଷ୍ଠତା

ଘନିଷ୍ଠତା ଲୋକ ଗୋଷ୍ଠୀର ଅନ୍ୟତମ ପରିଚିତ ସୃଷ୍ଟିକରୁଥିବା ବୈଶିଷ୍ଟ୍ୟ, ମୁଖ୍ୟତଃ ଯେତେବେଳେ ଏହା ଗୋଟିଏ ଗୋଷ୍ଠୀର, ପ୍ରଜାତିକ ଆୟାମସହିତ ସମ୍ପର୍କିତ । ସାଧାରଣତଃ, ଆମେ ପାଳନକରୁଥିବା ପର୍ବଠୁ, ସାମାଜିକ ରୀତିନୀତିଠୁ, ପୋଷାକ-ପରିଚ୍ଛଦ, ଖାଦ୍ୟପେୟଠୁ ଯଦି କୌଣସି ଏକ ଗୋଷ୍ଠୀର ରୀତିନୀତି ସମ୍ପୂର୍ଣ୍ଣ ଭିନ୍ନ, ସେତେବେଳେ ଆମେ ସେହି ଗୋଷ୍ଠୀକୁ ଅଲଗା ଏକ ଗୋଷ୍ଠୀବୋଲି ଭାବିଥାଉ । ଅତଏବ, ଆମର ଅବଧାରଣା ପାଇଁ ଏହି ପ୍ରଜାତିକ ଗୋଷ୍ଠୀ କିପରି ଘନିଷ୍ଠତାର ଆଧାରରେ ସଂଗଠିତ ହୋଇଛି, ତାହା ଏଠାରେ ଆଲୋଚନା କରିବା । ପ୍ରଜାତିକ ଗୋଷ୍ଠୀପରି ଜାତୀୟ, ଆଞ୍ଚଳିକ, ଏପରକି ସ୍ଥାନୀୟ ଲୋକ ଗୋଷ୍ଠୀଗୁଡିକ ମଧ୍ୟ ଏହି ଘନିଷ୍ଠତାକୁ ଆଧାରକରି ଗଠିତ ହୋଇଥାଏ । ତେବେ, ଏଠାରେ ଉଲ୍ଲେଖନୀୟ ଯେ' ଏହି ପ୍ରଜାତିକ ଗୋଷ୍ଠୀ କୌଣସି ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ପରିବେଶ ମଧ୍ୟରେ ବସବାସ କରୁନଥାଇପାରନ୍ତି ତଥା, ଜଣେ ସଦସ୍ୟ ଅନ୍ୟ ଜଣେ ସଦସ୍ୟଙ୍କ ସହିତ ମଧ୍ୟ ପରିଚିତ ନଥାଇପାରନ୍ତି । ଏକ ପ୍ରଜାତିକ ଗୋଷ୍ଠୀ ମଧ୍ୟରେ ପରମ୍ପରା, ପ୍ରଥା, ବେଶପୋଷାକ, 'ଭୌତିକ ସଂସ୍କୃତି (material culture)' ସେମାନଙ୍କ 'ଭୂଭାଗୀୟ ବୈଶିଷ୍ଟ୍ୟ (geographical feature)' ଏବଂ ପ୍ରଚଳିତ ପରମ୍ପରାରୁ ଆସିଥାଏ । ଉଦାହରଣସ୍ୱରୂପ— ସାନ୍ତାଳ ଆଦିବାସୀମାନେ ଏକ ନିର୍ଦ୍ଦିଷ୍ଟ ଶୈଳୀରେ ପାରମ୍ପରିକ ଭାବେ ବୁଣାଯାଇଥିବା 'ଫୁଟାହ୍ ଶାଢ଼ୀ', 'ଫୁଟାହ୍ ଧୋତି' ବ୍ୟବହାର କରିଥାନ୍ତି । ଏହି ଶାଢ଼ୀ ବା ଧୋତି ପରିଧାନ କରିଥିବା ବ୍ୟକ୍ତିଙ୍କୁ ଯେକୌଣସି ବ୍ୟକ୍ତି, ଯିଏ ଏହି ପରମ୍ପରା ସହିତ ଜ୍ଞାତ, କହିଦେଇପାରିବେ ଯେ ଏମାନେ— ସାନ୍ତାଳ । ସେହିପରି, ମନେକରାଯାଉ, କୌଣସି ସ୍ଥାନରେ 'ଢେମ୍‌ସା ନାଚ' ଅନୁଷ୍ଠିତ ହେଉଛି, ଏହି ନୃତ୍ୟ ପରମ୍ପରା ସହିତ ଯଦି ଜଣେ ପରିଚିତ ତେବେ, କହିଦେଇପାରିବେ ଯେ, ପରିବେଷଣକାରୀ ଆଦିବାସୀ ଗୋଷ୍ଠୀ ହେଉଛନ୍ତି— 'ପରଜା' । ଏହିପରି, ପ୍ରଜାତିକ ପରମ୍ପରା ଆଧାରିତ ଅନେକ ଉଦାହରଣ ଦିଆଯାଇପାରେ । ତେବେ, ଉଲ୍ଲେଖନୀୟ ବିଷୟ ହେଉଛି ଗୋଟିଏ ପ୍ରଜାତିର ସମସ୍ତ ସଦସ୍ୟ ହୁଏତ ଏକତ୍ର ବସବାସ କରୁନଥାଇପାରନ୍ତି କିନ୍ତୁ ତାଙ୍କ ଭିତରେ ଥିବା ପ୍ରଜାତିକ ଘନିଷ୍ଠତା ସେମାନଙ୍କୁ ସେମାନଙ୍କ ପରମ୍ପରା ସହିତ ତଥା ତାଙ୍କର ଲୋକଧାରା ସହିତ ପରିଚିତ କରିଥାଏ, କାରଣ ସେମାନେ ସେହି 'ଲୋକ'— ଗୋଷ୍ଠୀର ସଦସ୍ୟ ।

### ୧.୧.୩.୨.୨ ନୂତନ କର୍ମ ପରିସର

ଶିକ୍ଷା ଏବଂ ବିଜ୍ଞାନର ପ୍ରସାର ଫଳରେ ନୂତନ କର୍ମ ପରିସରଗୁଡିକ ଗଢିଉଠୁଛି । ଫଳତଃ, ନୂତନ 'ଲୋକ'— ଗୋଷ୍ଠୀର ମଧ୍ୟ ସର୍ଜନ ହେଉଛି ଏବଂ ସେହି ଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରେ ପାରମ୍ପରିକ ଭାବରେ ଆଦାନପ୍ରଦାନ ଦେଖିବାକୁ ମିଳୁଛି । ଉଦାହରଣସ୍ୱରୂପ— ଶିଳ୍ପାୟନ ତଥା ବିଜ୍ଞାନର ବିକାଶ 'ଳରେ ଯେଉଁ ନୂତନ କର୍ମ ପରିସର ଜନ୍ମଲାଭ କରିଛି, ସେଇ ନୂତନ କର୍ମ ପରିସରଗୁଡିକ ମଧ୍ୟ ନୂତନ ଲୋକଧାରା ସୃଷ୍ଟି କରିଛି ; ଯେପରି— କମ୍ପ୍ୟୁଟର୍ ଲୋକଧାରା (folklore of computer), ରେଳରୋଡ୍ ଲୋକଧାରା (folklore of railroad) । କମ୍ପ୍ୟୁଟରକୁ କେନ୍ଦ୍ରକରି ଏକ ସ୍ଥାନୀୟ ରୂଢି କେମିତି ସୃଷ୍ଟି ହୋଇଛି ତାହାର ଉଦାହରଣସ୍ୱରୂପ ଏକ ଉପାଖ୍ୟାନ ଏ ପ୍ରସଙ୍ଗରେ ଦ୍ରଷ୍ଟବ୍ୟ—

> ନବରଙ୍ଗପୁର ବସ୍‌ଷ୍ଟାଣ୍ଡ୍‌ରେ ଜଣେ ସ୍ଥାନୀୟ ଯୁବକଙ୍କ ସହିତ ମୁଁ ଠିଆ ହୋଇଥିବାବେଳେ ତାଙ୍କ ମୋବାଇଲ ଫୋନ୍‌ରେ ଏକ କଲ୍ ଆସିଲା, ଏବଂ କଥାବାର୍ତ୍ତା ପ୍ରସଙ୍ଗରେ ସେ କହିଲେ, "ସିଏ ତ ମତେ ସକାଳୁ ଡମ୍ବରୁ ଦେଖାଇ କୁଆଡେ ଯାଇଛି ଯେ ଯାଇଛି, ମୁଁ କ'ଣ କରିବି ?"
>
> ମୁଁ ହଠାତ୍ ବୁଝିପାରିନଥିଲି, ଡମ୍ବରୁ ଦେଖାଇବା ମାନେ କ'ଣ ? ସେଇଠୁ ସେ କହିଲେ, "କମ୍ପ୍ୟୁଟର୍ ଯେମିତି ହ୍ୟାଙ୍ଗ୍ କରିଗଲେ 'ଡମ୍ବରୁ (sand clock-wait cursor)' ଦେଖାଏ, ଆଉ ଅନ୍ୟକିଛି କାମ କରିହୁଏ ନାହିଁ; ସେମିତି, ଏ ପିଲାଟା ବି ମତେ ସକାଳୁ ଆସିବି ଆସିବି କହି ହ୍ୟାଙ୍ଗ୍‌କରି ରଖିଦେଇଛି । ତାକୁ ଅପେକ୍ଷା କରିକରି ମୁଁ ନା କୁଆଡେ ଯାଇପାରୁଛି, ନା କିଛି କରିପାରୁଛି" (ବାଗ ୨୦୧୨, ୧୩) ।

ଓଡିଶାର ଅନେକ ଗ୍ରାମାଞ୍ଚଳରେ ଆସନ୍ନ ପ୍ରସବାନାରୀ ସମ୍ମୁଖରେ ରେଳ ଟିକଟ୍ (କମ୍ପ୍ୟୁଟରୀକୃତ ଟିକଟ୍ ଆସିବା ପୂର୍ବରୁ ମିଳୁଥିବା ଟିକଟ୍) ଦେଖାଇଦେଲେ ଶୀଘ୍ର ପ୍ରସବ ହୋଇଥାଏ ବୋଲି ଏକ ବିଶ୍ୱାସ ଅଛି । ରେଳଗାଡି ପ୍ରଚଳନ କିପରି ଲୋକ ଜୀବନକୁ ପ୍ରଭାବିତ କରିଛି ଏବଂ ଲୋକଧାରା ସୃଷ୍ଟି କରିଛି, ଏହି ବିଶ୍ୱାସଟି ତାହାର ଏକ ଉଦାହରଣ ମାତ୍ର । ସେହିପରି, କଳାହାଣ୍ଡି ଜିଲ୍ଲାର କାଣ୍ଡେଲ୍ ଗ୍ରାମର ଲୋକେ ପିଠିରେ ରକ୍କା ପଶିଲେ ରେଳଧାରଣୀ ନିକଟସ୍ଥ ଟ୍ରାଫିକ୍ ଖୁଣ୍ଟରେ ରକ୍କା ଲାଗିଥିବା ଅଂଗକୁ ହାଲୁକା ଭାବରେ ଘଷିବା ଦେଖାଯାଏ । ଏହିପରି କରିବାଦ୍ୱାରା ରକ୍କା ଠିକ୍‌ହୁଏ, ଏଭଳି ଏକ ବିଶ୍ୱାସ ମଧ୍ୟ ସେମାନଙ୍କ ଭିତରେ ଅଛି । ଅତଏବ, 'ଲୋକ'ର ଅର୍ଥ କେବଳ ଅସାକ୍ଷର କିମ୍ବା ଗ୍ରାମ ତଥା ଅନୁନ୍ନତ ଅଞ୍ଚଳରେ ବସବାସକରୁଥିବା ଲୋକ କିମ୍ବା ଆଦିବାସୀ ବା ବିଭିନ୍ନ ପାରମ୍ପରିକ ବୃତ୍ତିଧାରୀ ଲୋକନୁହେଁ, ବରଂ— ସହର, ଶିଳ୍ପାଞ୍ଚଳ, ଆଧୁନିକ ବୈଷୟିକ କର୍ମସଂସ୍ଥାନ ; ସର୍ବୋପରି, ସମସ୍ତ କର୍ମଜୀବନ, ସମସ୍ତ ଜାତି ଓ ସାମାଜିକ ଗୋଷ୍ଠୀର ଲୋକ 'ଲୋକ' ପରିସରଭୁକ୍ତ ।

### ୧.୧.୩.୨.୩ ପରିବେଶ ଓ ପରିସ୍ଥିତି

ସ୍ଥାନୀୟ ପରିବେଶ ତଥା ପରିସ୍ଥିତିରେ ପରିବର୍ତ୍ତନ ଆସିଲେ ମଧ୍ୟ ନୂତନ ଲୋକ ଗୋଷ୍ଠୀର ସର୍ଜନ ହୋଇଥାଏ । ଉଦାହରଣସ୍ୱରୂପ, ପଶ୍ଚିମ ଓଡିଶାରେ ଅନେକ ବ୍ରାହ୍ମଣ ଲୋକ ଗୋଷ୍ଠୀ ସେମାନଙ୍କର ଚାଷ ଜମିରେ 'ଚୋରୋ ଦେବା' ଦେଖିବାକୁମିଳେ । ଏହି ପରମ୍ପରା ସେମାନଙ୍କର ନିଜସ୍ୱ ନୁହେଁ ନିଶ୍ଚୟ । ତେବେ, ବର୍ଷବର୍ଷ ଧରି ଆଦିବାସୀ ଆଉ ବିଭିନ୍ନ ଜନଜାତି ସହିତ ସହାବସ୍ଥାନ କରିବା ଫଳରେ ସେମାନେ ଏହି ପ୍ରଥାକୁ ଆପଣେଇ ନେଇଛନ୍ତି, ଏବଂ ସେମାନଙ୍କ ଭିତରେ ପାରମ୍ପରିକ ଆଦାନପ୍ରଦାନର ଏକ ନୂତନ ଗୋଷ୍ଠୀ ସମ୍ପୃକ୍ତ ବିକଶିତ ହୋଇଛି । ଘନିଷ୍ଠତା ଭଳି ଆବଶ୍ୟକତା, ନିର୍ଭରଶୀଳତା, ଏବଂ ପାରିବେଶିକ ପରିସ୍ଥିତି ମଧ୍ୟ 'ଲୋକ'— ଗୋଷ୍ଠୀର ସଦସ୍ୟତା ନିମିତ୍ତ ପ୍ରମୁଖ ଭୂମିକା ନିର୍ମାଣ କରିଥାଏ । ଆମେମାନେ ପ୍ରତ୍ୟେକ ଏକ ପରିବାରରେ ଜନ୍ମ ହୋଇ ସେହି ପରିବାରରେ ବଢିବା ଭିତରେ ପରିବାରର ମୂଲ୍ୟବୋଧ, ବିଶ୍ୱାସ, ବିଚାରଧାରା, ଏବଂ ପରମ୍ପରାକୁ ଶିକ୍ଷା କରିଥାଉ । ଅନ୍ୟ ଅର୍ଥରେ, ପରିବାର ହେଉଛି ଆମର ପ୍ରଥମ ଗୋଷ୍ଠୀ, ଯେଉଁଠି

ଆମେ ସମସ୍ତେ ଏକ ଏକ ସକ୍ରିୟ ସଦସ୍ୟ । ସେହିପରି, ପାରିବେଶିକ ପରିସ୍ଥିତିର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଆମ ଜାଣତରେ ବା ଅଜାଣତରେ ଆମେ ଆମର ନିକଟତମ ପରିବେଶଦ୍ୱାରା ପ୍ରଭାବିତ ହୋଇଥାଉ । ପରିବାର, ପଡୋଶୀ, ସ୍କୁଲ, ସାମାଜିକ ଅନୁଷ୍ଠାନ, କର୍ମକ୍ଷେତ୍ର ବାହାରେ ବୟସ, ଆବଶ୍ୟକତା ମଧ୍ୟ ନୂତନ ଗୋଷ୍ଠୀର ସଦସ୍ୟତାକୁ ପ୍ରଭାବିତ କରିଥାଏ । ଉଦାହରଣସ୍ୱରୂପ, ବୟସ କିପରି ଗୋଷ୍ଠୀ ସଦସ୍ୟତାକୁ ପ୍ରଭାବିତ କରିଥାଏ, ତାହା ଏଠାରେ ଉଲ୍ଲେଖ କରାଯାଇପାରେ— ଜଣେ କିଶୋର ଯୌବନରେ ପଦାର୍ପଣ କଲାପରେ ସେ ବୟସ୍କମାନଙ୍କ ଗୋଷ୍ଠୀରେ ଅର୍ଥାତ୍ ତାହାର ସମବୟସ୍କ ସଦସ୍ୟମାନଙ୍କଠାରୁ ଆପାତତଃ ବୟସ୍କ ମନେହେଉଥିବା ସଦସ୍ୟମାନଙ୍କ ଗୋଷ୍ଠୀରେ ଗୃହୀତ ହୋଇଥାଏ, ଏବଂ ନିଷିଦ୍ଧ ଚୁଟ୍‌କୁଲା ପରି କିଛି ଲୋକଧାରା ପରିବେଷଣରେ ମଧ୍ୟ ଅଂଶଗ୍ରହଣ କରିଥାନ୍ତି । କିଛିବର୍ଷ ପୂର୍ବରୁ ସେ ଯେଉଁ ଗୋଷ୍ଠୀଠୁ ଦୂରରେ ରହୁଥିଲେ, ସେହି ଗୋଷ୍ଠୀସହିତ ସେ ନିକଟତର ସହ ଆଦାନପ୍ରଦାନ ମଧ୍ୟ କରିପାରିଲେ ।

### ୧.୧.୩.୨.୪ ବାର୍ତ୍ତା-ବିନିମୟ

ବୟସ ଏବଂ ବ୍ୟକ୍ତିତ୍ୱର ବିକାଶ, ପରିବାର ଏବଂ ପଡୋଶୀଠାରୁ ଭିନ୍ନ ଏକ ଲୋକ ଗୋଷ୍ଠୀ ସହିତ ଆମକୁ ପରିଚିତ କରାଇଥାଏ । ଗୋଟିଏ ଦୃଷ୍ଟିରୁ ଏସବୁ ଗୋଷ୍ଠୀର ସ୍ଥାପନା ପ୍ରଥମେ ଘନିଷ୍ଠତା ଦେଇ ହୋଇଥାଏ ଏବଂ ପରେପରେ ନିୟମିତ ବାର୍ତ୍ତା-ବିନିମୟ ମାଧ୍ୟମରେ ପ୍ରତିଷ୍ଠିତ ହୋଇଥାଏ । ଆନୁଷ୍ଠାନିକ ଭାବରେ ଆମେ ନିଜନିଜ କର୍ମ ପରିସରରେ ଆମର ଏକ 'ଗୋଷ୍ଠୀ' ଦେଖିବାକୁ ପାଇଥାଉ, ତା' ବାହାରେ ଆମେ ଅଣ-ଆନୁଷ୍ଠାନିକ ଭାବରେ ଆମର କାର୍ଯ୍ୟ ପରିସରରେ ମଧ୍ୟ ଆମର ଗୋଷ୍ଠୀ ସମ୍ପୃକ୍ତି ଦେଖିବାକୁ ପାଇପାରିବା, ଯାହା କେବଳ ନିୟମିତ ବାର୍ତ୍ତା-ବିନିମୟ ଫଳରେ ସମ୍ଭବ ହୋଇଥାଏ । ଏହି ଗୋଷ୍ଠୀର ଆଧାର ଭୌଗୋଳିକତା କିମ୍ବା ପ୍ରଜାତିକ ହୋଇନପାରେ, ତେବେ ମଧ୍ୟ ଆମେ ବାର୍ତ୍ତା-ବିନିମୟ ମାଧ୍ୟମରେ ଆମର ଗୋଷ୍ଠୀ ତିଆରି କରିଥାଉ । ଏହି ଗୋଷ୍ଠୀ, ନିୟମିତ ଭାବବିନିମୟ ଏବଂ ଆମର କିଛି କିଛି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟର ପୂରଣପାଇଁ ସାହାଯ୍ୟ କରିଥାଏ । ଏହାକୁ ଅଧିକ ସ୍ପଷ୍ଟ କରିବା ପାଇଁ ଆମେ ସାମ୍ପ୍ରତିକ ସମୟରେ ଦେଖିବାକୁ ମିଳୁଥିବା 'ଫେସ୍‌ବୁକ୍' ଗୋଷ୍ଠୀକୁ ଉଦାହରଣ ଭାବରେ ନେଇପାରିବା । ଏହି ଗୋଷ୍ଠୀକୁ ଯଦିଓ, 'ସାମୟିକ ଗୋଷ୍ଠୀ (part-time group)' ଭାବରେ ଲୋକତତ୍ତ୍ୱବିଦ୍‌ମାନେ ପରିଚିତ କରିଥାନ୍ତି (Dundes 1978, 8) ତଥାପି, ଏମାନେ ସେମାନଙ୍କର ଲୋକଧାରା ପରିପ୍ରକାଶ କରିବା ସହିତ ପରସ୍ପର ମଧ୍ୟରେ ଆଦାନପ୍ରଦାନ କରିଥାନ୍ତି । ଅନୁରୂପ ଭାବରେ, ଆମେ 'ଲୋକାଲ୍ ଟ୍ରେନ୍ ଯାତ୍ରୀ', 'ନିର୍ଦ୍ଦିଷ୍ଟ ଟାଉନ୍ ବସ୍‌ର ନିୟମିତ ଯାତ୍ରୀ'ଙ୍କୁ ମଧ୍ୟ ସାମୟିକ ଗୋଷ୍ଠୀ ଭାବରେ ନେଇପାରିବା, ଯେଉଁମାନେ ନିୟମିତ ନିଜନିଜ କର୍ମ ପରିସରକୁ ଯାତାୟାତ କରନ୍ତି, ନିୟମିତ ପରସ୍ପର ସହିତ ମିଳିତ ହୋଇଥାଆନ୍ତି ଏବଂ ପାରମ୍ପରିକ ଭାବରେ ନିଜନିଜ ଭିତରେ ଆଦାନପ୍ରଦାନ କରିଥାନ୍ତି ।

### ୧.୧.୩.୨.୫ ଜ୍ଞାନ ପିପାସା

ଘନିଷ୍ଠତା, ଏବଂ ବାର୍ତ୍ତା ବିନିମୟ ବ୍ୟତୀତ ଜ୍ଞାନ କୌଶଳ ପ୍ରତି ପିପାସା ମଧ୍ୟ ଗୋଷ୍ଠୀ ତିଆରି କରିବାରେ ସହାୟକ ହୋଇଥାଏ । ଗୋଟିଏ ଗୋଷ୍ଠୀର ସଦସ୍ୟମାନେ ଏକତ୍ରିତ ହୋଇ ସେମାନଙ୍କର ଜ୍ଞାନର ଆଦାନପ୍ରଦାନ କରିପାରନ୍ତି । ପୁଣି, ଅନ୍ୟଗୋଷ୍ଠୀର ସଦସ୍ୟମାନଙ୍କ ସହିତ ମଧ୍ୟ ଏକତ୍ରିତ ହୋଇ ଜ୍ଞାନର ଆଦାନପ୍ରଦାନ ହୋଇପାରେ । ସମଗୋଷ୍ଠୀର ସଦସ୍ୟ ହୁଏତ ନିର୍ଦ୍ଦିଷ୍ଟ ଜ୍ଞାନ କୌଶଳ ସହିତ ପରିଚିତ ହୋଇଥାଇପାରନ୍ତି କିନ୍ତୁ, ଏକତ୍ରିତ ହେବା ଭିତରେ ଯଦି ଅନ୍ୟ ଜଣେ ସଦସ୍ୟ ସେହି ଜ୍ଞାନ କୌଶଳରେ କିଛି ନୂତନତା ଆଣିଥାଏ ତେବେ, ତାହାର ପାରମ୍ପରିକ ସମ୍ପ୍ରସାରଣ ହେବା ମଧ୍ୟ ସମ୍ଭବ ହୋଇଥାଏ । ଏବଂ, ଏହି ଏକତ୍ରିତ ସଦସ୍ୟସମୂହଙ୍କ ମଧ୍ୟରେ ଏକ ନୂତନ ଗୋଷ୍ଠୀ ସଂଗଠିତ ହେବାର ସମ୍ଭାବନା ସୃଷ୍ଟିକରିଥାଏ । ସେହିପରି, ଅନ୍ୟ ଗୋଷ୍ଠୀ ସହିତ ମଧ୍ୟ ଏହା ସମ୍ଭବ । ଏହି ଏକତ୍ରତା ଗୋଟିଏ କୋଠରୀ ମଧ୍ୟରେ ବା ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସର ଭିତରେ ହେବା ଜରୁରୀ ନୁହେଁ, ଏହା ଅନ୍ୟ ମାଧ୍ୟମରେ ମଧ୍ୟ ସମ୍ପ୍ରସାରିତ ହୋଇପାରେ ଯେମିତି— 'ଫେସ୍‌ବୁକ୍ ଗୋଷ୍ଠୀ', 'ଚେନ୍ ଇ-ମେଲ୍ ଗୋଷ୍ଠୀ' । ବିଭିନ୍ନ ଜ୍ଞାନକୌଶଳ ଶିଖିବାର ଇଚ୍ଛା ମଧ୍ୟ ଅନେକ ସମୟରେ କିଛି ସଦସ୍ୟଙ୍କୁ ଏକତ୍ର

କରିବା ସହିତ ନୂତନ ଗୋଷ୍ଠୀ ସୃଷ୍ଟି କରିବାରେ ସହାୟକ ହୋଇଥାଏ । ଉଦାହରଣସ୍ୱରୂପ, ରାଜ୍ୟସ୍ତରୀୟ ଲୋକ ମହୋତ୍ସବଗୁଡିକରେ ବିଭିନ୍ନ ରାଜ୍ୟର ପାରମ୍ପରିକ ଶିଳ୍ପୀମାନେ ସେମାନଙ୍କ ଉତ୍ପାଦ ନେଇଆସିଥାନ୍ତି । ଏହି ଅବସରରେ ଓଡିଶାର ବାଉଁଶ କାରୀଗରମାନେ ଉତ୍ତର-ପୂର୍ବାଞ୍ଚଳର ବାଉଁଶ କାରୀଗରଙ୍କ କଳାକୃତି ଦେଖିଲେ, ଯାହା ତାଙ୍କୁ ବହୁତ ଭଲ ଲାଗିଲା, ସେମାନେ ଏହି ଉତ୍ତର-ପୂର୍ବାଞ୍ଚଳର କାରୀଗରମାନଙ୍କ ସହିତ ଏମିତି ନିୟମିତ ସାକ୍ଷାତ ପରେ ଏହାର ପ୍ରସ୍ତୁତି କୌଶଳ ପଚାରିବାକୁ ସେମାନଙ୍କ ସହ ବନ୍ଧୁତା ସ୍ଥାପନ କରିବାକୁ ଚାହିଁପାରନ୍ତି ।

#### ୧.୧.୩.୩ ଉଦ୍ଦେଶ୍ୟମୂଳକ ଗୋଷ୍ଠୀ ଚୟନ, ଏବଂ ବର୍ଜନର ଇଚ୍ଛା

ଅନେକ ସମୟରେ ଗୋଟିଏ ଗୋଷ୍ଠୀର ସଦସ୍ୟ ଥାଇ ଆମର ପରିଚିତି ସୃଷ୍ଟି କରିବା ପାଇଁ ଆଉ ଗୋଟିଏ ଗୋଷ୍ଠୀକୁ ଚୟନ କରିଥାଉ । ଆମେ ଆମର ନିକଟତମ ତଥା ଘନିଷ୍ଠତା ଏବଂ ପରିଚୟର ପରିପ୍ରକାଶକୁ ଆଖି ଆଗରେ ରଖି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ସହିତ ସମ୍ପର୍କ ଯୋଡିବା ସହିତ ବେଳେବେଳେ ପୁରୁଣା ଗୋଷ୍ଠୀକୁ ପ୍ରତ୍ୟାଖ୍ୟାନ ମଧ୍ୟ କରିଥାଉ । ଏଭଳି ଗୋଷ୍ଠୀକୁ ଡାଦ୍ ତୁଲେଜା 'ଉଦ୍ଦେଶ୍ୟମୂଳକ ଗୋଷ୍ଠୀ' ବା 'ଇଚ୍ଛାକୃତ ଚୟନ ଗୋଷ୍ଠୀ' (Tuleja 1997, 7) ଭାବରେ ଅଭିହିତ କରନ୍ତି । ସାମାଜିକ ପରିସ୍ଥିତି ଏବଂ ଗୋଷ୍ଠୀ ଆବଶ୍ୟକତାରୁ ଏଭଳି ଗୋଷ୍ଠୀ ଚୟନ ଦେଖିବାକୁ ମିଳିଥାଏ । ଉଦାହରଣସ୍ୱରୂପ— କୌଣସି ଏକ ଗାଁରେ ପଚିଶଟି ଆଦିବାସୀ ପରିବାର ଅଛନ୍ତି, ସେମାନଙ୍କ ମଧ୍ୟରୁ ବାଇଶ ତେଇଶଟି ଘର ଖ୍ରୀଷ୍ଟଧର୍ମ ଗ୍ରହଣକଲେ । ବାକି ଦୁଇ ତିନୋଟି ପରିବାର ଖ୍ରୀଷ୍ଟଧର୍ମ ଗ୍ରହଣ କଲେନାହିଁ । କିନ୍ତୁ ବଡଦିନ, ଗୁଡ୍‌ଫ୍ରାଇଡେ ଭଳି ପର୍ବପର୍ବାଣିରେ ଦେଖାଗଲା ଖ୍ରୀଷ୍ଟଧର୍ମ ଗ୍ରହଣ କରିନଥିବା ଆଦିବାସୀ ପରିବାର ସଦସ୍ୟମାନେ ମଧ୍ୟ ସେସବୁ ପର୍ବରେ ଅଂଶଗ୍ରହଣ କରିବା ସହିତ ତାହାକୁ ଉପଭୋଗ କରିବାକୁ ଆଗ୍ରହ ପ୍ରକାଶକଲେ । କାରଣ, ସହାବସ୍ଥିତ ଗୋଷ୍ଠୀର ପରମ୍ପରାରେ ଅଂଶଗ୍ରହଣ ନକଲେ ଖାପଛଡା ଲାଗିବାର ସମ୍ଭାବନାକୁ ଉପେକ୍ଷା କରାନଯାଇପାରେ । ଏବଂ, ଏହି ଆଦାନପ୍ରଦାନ ନିମିତ୍ତ ଧର୍ମଗ୍ରହଣ କରିବାର କୌଣସି ସମ୍ପର୍କ ମଧ୍ୟ ନାହିଁ । ସେହିପରି, ନିଜକୁ ନିଜଗୋଷ୍ଠୀର ସଦସ୍ୟ ଭାବରେ ପରିଚିତ କରିବାପାଇଁ ଅନିଚ୍ଛା ପ୍ରକାଶକରିବା ଗୋଷ୍ଠୀ ଅବଧାରଣାରେ ଏକ ଜଟିଳତା ସୃଷ୍ଟି କରିଥାଏ । ବେଳେବେଳେ, ଜଣେ ତାହାର ସ୍ୱ-ଗୋଷ୍ଠୀ ପରିଚିତିକୁ ପ୍ରକାଶ କରିବାକୁ ଅନିଚ୍ଛା ପ୍ରକାଶକରେ, ଯେତେବେଳେ ସେ ଅନୁଭବକରେ ଯେ' ତା'ର ଏହି ପରିଚିତି ସ୍ଥାନୀୟ ଗୋଷ୍ଠୀର ରୋଷର ଶିକାରହେବ ବା ସମସ୍ୟା ସୃଷ୍ଟିକରିବ ତଥା ତା'ର ସ୍ଥିତିକୁ ବିପନ୍ନ କରିବ । ଅନ୍ୟ କେତେକ କ୍ଷେତ୍ରରେ ସଦସ୍ୟ ଜଣକର ନୂତନ ପରିଚିତି ତାହାକୁ ଯଦି ଏକ ସାମାଜିକ ମର୍ଯ୍ୟାଦା ପ୍ରଦାନକରୁଥାଏ ତେବେ, ସେ ତା'ର ପୁରୁଣା ଗୋଷ୍ଠୀକୁ ପ୍ରତ୍ୟାଖ୍ୟାନ କରିବାର ମଧ୍ୟ ସମ୍ଭାବନାଥାଏ । ଏହି ପ୍ରକାରର ଗୋଷ୍ଠୀରୁ ଅନେକତଃ ଆମେ ଆନ୍ତଃ ଏବଂ ବାହ୍ୟ-ସ୍ୱରୂପୀ ଲୋକଧାରା ପାଇପାରିବା । ଗୋଷ୍ଠୀର ସଂଜ୍ଞା ନିରୂପଣ କଲାବେଳେ ସଦସ୍ୟର ସ୍ୱ-ପରିଚିତିକୁ ଉପେକ୍ଷା କରାଯାଇନପାରେ । ଜଣେ ବ୍ୟକ୍ତି କୌଣସି ଏକ ଲୋକ ଗୋଷ୍ଠୀ ସହିତ ଜଡିତ ଥାଇପାରନ୍ତି ତଥାପି ତାହାକୁ ପ୍ରକାଶ କରିବାକୁ କୁଣ୍ଠାବୋଧ କରିପାରନ୍ତି । ଉଦାହରଣସ୍ୱରୂପ, ଗୋଟିଏ ଗୋଷ୍ଠୀର ଜଣେ ସଦସ୍ୟ ଏକ ନିର୍ଦ୍ଦିଷ୍ଟ ଧାର୍ମିକ ବିଶ୍ୱାସ ସହିତ ଜଡିତ, କିନ୍ତୁ ଅନ୍ୟ ସଦସ୍ୟମାନେ ଏହି ଧାର୍ମିକ ବିଶ୍ୱାସ ସହିତ ଏକମତ ନହୋଇପାରନ୍ତି ବା ତାଙ୍କୁ ବିରୋଧର ସାମ୍ନା କରିବାକୁ ପଡିପାରେ ଭାବି ସେ ତାହା ପ୍ରକାଶ ନକରିବାର ସମ୍ଭାବନା ମଧ୍ୟ ଥାଇପାରେ ।

### ୧.୧.୪ ପରମ୍ପରା

ଲୋକ ଗୋଷ୍ଠୀ ଭଳି ପରମ୍ପରା ମଧ୍ୟ ଲୋକଧାରାର ଅନ୍ୟ ଏକ ଉଲ୍ଲେଖନୀୟ ଆୟାମ । ଆମେ ଲୋକଧାରାର ଯେକୌଣସି ବି ଉପାଦାନ ସମ୍ପର୍କରେ ଆଲୋଚନା କରୁନା କାହିଁକି 'ପରମ୍ପରା' ହେଉଛି ମୁଖ୍ୟ ଆଧାର । କାରଣ, ପରମ୍ପରା ଗୋଟିଏ ଗୋଷ୍ଠୀର ଗତିଶୀଳତାକୁ ବଜାୟ ରଖିଥାଏ, ଏବଂ ପରମ୍ପରାର ଅଭାବରେ କୌଣସି ଉପାଦାନ 'ଲୋକ ଉପାଦାନ' ଭାବରେ ପରିଗଣିତ ହୋଇପାରେ ନାହିଁ । ଅତଏବ, ଲୋକଧାରା ଅଧ୍ୟୟନ ପ୍ରସଙ୍ଗରେ 'ପରମ୍ପରା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦୀର୍ଘ ଦେଢଶହ ବର୍ଷର ଲୋକଧାରା ଅଧ୍ୟୟନରେ ଲୋକଧାରାର ସଂଜ୍ଞା ଯେହେତୁ ବ୍ୟାପକ ଓ ବିସ୍ତାର ଲାଭ କରିଛି ତେଣୁ,

‘ପରମ୍ପରା’ କହିଲେ ଆଗରୁ ଯେଭଳି ପ୍ରାଚୀନତାକୁ ବୁଝାଉଥିଲା, ସେହି ଆୟାମରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳିଛି । ଲୋକତତ୍ତ୍ୱବିଦ୍‌ମାନେ ପରମ୍ପରାକୁ ନୂତନ ପୃଷ୍ଠଭୂମିରେ ଦେଖିବାର ପ୍ରୟାସ ଫଳରେ ‘ଲୋକଧାରା’ ପରି ‘ପରମ୍ପରା’ର ମଧ୍ୟ ବହୁବିଧ ଆୟାମ ଆଲୋଚନା ପରିସରକୁ ଆସିବାକୁ ଲାଗିଲା । ସାଧାରଣତଃ, ପରମ୍ପରା କହିଲେ, “ଗୋଟିଏ ଗୋଷ୍ଠୀର ଧାରା (lore) ବା ଆଦାନପ୍ରଦାନ ପ୍ରକ୍ରିୟା” (Sims, and Stephens 2005, 65) । ଏହା ବ୍ୟତୀତ, ପରମ୍ପରାଟିଏ ନିଜକୁ ‘ପରମ୍ପରା’ ଭାବରେ ପ୍ରତିଷ୍ଠା କରିବାପାଇଁ ଯେଉଁସବୁ ପ୍ରକ୍ରିୟାର ଆବଶ୍ୟକତା ଥାଏ, ‘ପରମ୍ପରା’ କହିଲେ ସେହି ସମସ୍ତ ପ୍ରକ୍ରିୟାର ସାମଗ୍ରିକ ସ୍ୱରୂପକୁ ବୁଝାଯାଏ । ଉଦାହରଣସ୍ୱରୂପ, ରଜ ପର୍ବକୁ ଏକ ପରମ୍ପରା କହିବାକୁ ହେଲେ, ଏହାର ପରିବେଷଣ, ସମ୍ପ୍ରସାରଣ, ପାଳନର ଧାରାବାହିକତା ବା ‘ପାରମ୍ପରିକତା (continuity)’ ଆଦି ରହିବା ଆବଶ୍ୟକ । ନଚେତ୍ ଏହାକୁ ଆମେ ଆମର ଏକ ‘ପରମ୍ପରା’ କହିପାରିବା ନାହିଁ । ଅନ୍ୟ ଅର୍ଥରେ, ଧାରାବାହିକତା ବା ଏକ ସମୟଖଣ୍ଡ ମଧ୍ୟରେ ଉପାଦାନର ବାରମ୍ବାର ଅନୁଷ୍ଠାନ ତଥା ପାଳନ ବା ପରିବେଷଣର ଆବଶ୍ୟକତା ଥାଏ, ନହେଲେ ତାହା ‘ପରମ୍ପରା’ଭାବରେ ପରିଗଣିତ ହୋଇପାରିବ ନାହିଁ । ଅତଏବ, ଏଠାରେ ପରମ୍ପରାର ବିଭିନ୍ନ ଆୟାମକୁ ଏପରି ଭାବରେ ଆଲୋଚନା କରିପାରିବା—

### *୧.୧.୪.୧ ସାମ୍ପ୍ରତିକତା*

ଅତୀତର ଘଟଣା ପରମ୍ପରା ନୁହେଁ । ବରଂ, ଅତୀତରୁ ସାମ୍ପ୍ରତିକକାଳ ଯାଏ ଚଳି ଆସୁଥିବା ଧାରା ହିଁ ‘ପରମ୍ପରା’ । ପୁଣି, ପରମ୍ପରା ସବୁବେଳେ ଅତୀତରୁ ଆସେନାହିଁ । ଗୋଟିଏ ଅନୁଷ୍ଠାନ ତାହାର ଆବଶ୍ୟକତା ଯୋଗୁଁ ଏକ ନିର୍ଦ୍ଦିଷ୍ଟ ସମାଜରେ ବାରମ୍ବାର ଅନୁଷ୍ଠିତ ହେଲେ ବା ପରିବେଷିତ ହୋଇ ଆସୁଥିଲେ ତାହା ‘ପରମ୍ପରା’ ଭାବରେ ପରିଗଣିତ ହୋଇଥାଏ । ଏହି ପରିବେଷଣ, ଯାହା ବାରମ୍ବାର ଅନୁଷ୍ଠିତ ହେବା ଆବଶ୍ୟକ, ତାହାର ସମୟ ଖଣ୍ଡ ହୋଇପାରେ ‘ଗୋଟିଏ ବର୍ଷ, ହୋଇପାରେ ଗୋଟିଏ ମୁହୂର୍ତ୍ତ’ (Tolken 1979, 34) । ଏଠାରେ ଏହା ଉଲ୍ଲେଖନୀୟ ଯେ, ଉପାଦାନଟିର ଆବଶ୍ୟକତା ତଥା ଯୌକ୍ତିକତା ନଥିଲେ ତାହା ବାରମ୍ବାର ଅନୁଷ୍ଠିତ ହେବା ସମ୍ଭବ ନୁହେଁ, ଏହା ସହିତ ଏକ ପରମ୍ପରା ଭାବରେ ମଧ୍ୟ ପରିଗଣିତ ହୋଇପାରିବ ନାହିଁ । ଏହାକୁ ସ୍ପଷ୍ଟ କରିବାକୁ ଯାଇ ‘କାଠ ପାନିଆ’ ସମ୍ପର୍କରେ ଉଲ୍ଲେଖ କରାଯାଇପାରେ, କିଛି ଦଶନ୍ଧି ତଳେ ଓଡିଶାର ବିଭିନ୍ନ ଆଦିବାସୀ ଲୋକ ଗୋଷ୍ଠୀରେ କାଠ ଏବଂ ବାଉଁଶର ପାନିଆ ବା ଚିରୁଣୀର ପ୍ରଚଳନ ଅନେକ ଦିନଯାଏ ଥିଲା, କିନ୍ତୁ ପ୍ଲାଷ୍ଟିକ୍ ପାନିଆର ବହୁଳପ୍ରଚଳନ ଫଳରେ ଏହି କାଠ-ବାଉଁଶର ଚିରୁଣୀ ତାହାର ପ୍ରୟୋଜନୀୟତା ହରେଇ ବସିଲା, ଏବଂ ଏହାର ବିଲୋପନ ଘଟିଲା । ସେହିପରି, ଗ୍ରାମାଞ୍ଚଳରେ ଚାଷୀମାନେ ଚାଷକାର୍ଯ୍ୟ ସମୟରେ ବର୍ଷାରୁ ରକ୍ଷାପାଇବା ନିମନ୍ତେ ଏକ ପାରମ୍ପରିକ ଉପକରଣ ‘ଛତୁର’ (ବାଉଁଶ, ଏବଂ ଶାଳପତ୍ରରେ ତିଆରି ଗୋଲାକାର ଆକୃତିର ଉପକରଣ, ଯାହାର ‘ପ୍ରକାରାନ୍ତର ରୂପ’ ଉପକୂଳ ଓଡିଶାରେ ‘ପଖିଆ’ ଭାବରେ ପରିଚିତ) ବ୍ୟବହାର କରୁଥିଲେ, ସମ୍ପ୍ରତି ତାହା ପ୍ରୟୋଜନୀୟତା ହରେଇ ବସିଛି, ଦୁଷ୍ପ୍ରାପ୍ୟ ହୋଇପଡିଛି କୁହାଯାଇପାରେ । ଅତଏବ, ଆମେ ବର୍ତ୍ତମାନର ଲୋକ ଗୋଷ୍ଠୀଙ୍କଦ୍ୱାରା ବ୍ୟବହୃତ ହେଉନଥିବା କାଠ-ବାଉଁଶର ଚିରୁଣୀ ଏବଂ ପଖିଆକୁ ଆମର ‘ଲୋକ ଉପକରଣ’ ବୋଲି ଉଲ୍ଲେଖ କରିବା କୌଣସି ଅର୍ଥ ରଖେନାହିଁ ।

### *୧.୧.୪.୨ ପୁନରାବୃତ୍ତି*

ଉପାଦାନର ପୁନରାବୃତ୍ତି କହିଲେ, ସବୁବେଳେ ତାହାର ଅନୁରୂପତା ବା ଏକପ୍ରକାର ଅନୁଷ୍ଠାନକୁ ବୁଝାଏ ନାହିଁ । କାରଣ, ପରମ୍ପରା ତଥା କୌଣସି ଏକ ପ୍ରଥାର ପୁନରାବୃତ୍ତିରେ ସବୁବେଳେ ଏକରୂପତା ପ୍ରକାଶ ପାଇନଥାଏ । ଉଦାହରଣସ୍ୱରୂପ, ଆମେ ଏଠାରେ ଗୀତକୁଡିଆ ଏବଂ କଥାନିକାରଙ୍କୁ ନେଇପାରିବା । ଏମାନଙ୍କ ପରିବେଷଣରେ ଯେତେବେଳେ ପୁନରାବୃତ୍ତି ଦେଖାଯାଏ, ସେତେବେଳେ ଆମେ ଦେଖିବାକୁପାଉ ଯେ’ ସମାନ କାହାଣୀ, ସମାନ ବିଭବର ଗୀତ ପ୍ରତି ପରିବେଷଣରେ ଭିନ୍ନ ସମୟରେ ଭିନ୍ନ ପରିବେଷଣ କ୍ଷେତ୍ରରେ ପରିବେଷିତ ହେଲେ ତାହାର ଆଖ୍ୟାନ ତଥା

'ପାଠ'ରେ ନୂତନତା ଦେଖାଦେଇଥାଏ, ଏବଂ ପ୍ରତି ପରିବେଷଣ ଭିନ୍ନ ଭିନ୍ନ ଭାବରେ ପ୍ରକାଶିତ ହେବା ସହିତ ନୂତନ ଚିତ୍ରମାନ ପ୍ରଦାନକରିଥାଏ । ଏବଂ, ଅନେକତଃ ଏହି ପରିପ୍ରକାଶ ଗୁଡିକରେ ତତ୍କାଳିକ ସଂଯୋଜନାମାନ ମଧ୍ୟ ଦେଖିବାକୁ ମିଳିଥାଏ । ମନେକରନ୍ତୁ, ଜଣେ ଗବେଷକ ଲୋକ ଗୀତ ସଂଗ୍ରହ ନିମିତ୍ତ କ୍ଷେତ୍ରକୁ ଯାଇଛନ୍ତି, ଏପରିସ୍ଥଳେ ପରିବେଷଣକାରୀ ତାଙ୍କର ନିର୍ଦ୍ଦିଷ୍ଟ ବିଭବର ଗୀତ ପରିବେଷଣ କରିବା ସହିତ ଗବେଷକଙ୍କୁ ଯୋଡି ମଧ୍ୟ ଗୀତ ପରିବେଷଣ କରିବା ଦେଖିବାକୁ ମିଳେ । ଏହି ତତ୍କାଳିକ ସଂଯୋଜନା କେବଳ ଲୋକ ଗୀତର ନୁହେଁ, ବରଂ ସମସ୍ତ ବାଚିକ ପରିପ୍ରକାଶର ଏକ ପ୍ରମୁଖ ଆୟାମ ।

ପରମ୍ପରାର ଆଦାନପ୍ରଦାନ ଗୋଟିଏ ଗୋଷ୍ଠୀ ମଧ୍ୟରେ ଜଣକଠାରୁ ଆଉ ଜଣକ ମଧ୍ୟରେ ହେବା ସହିତ ଗୋଟିଏ ଗୋଷ୍ଠୀରୁ ଆଉ ଗୋଟିଏ ଗୋଷ୍ଠୀ ମଧ୍ୟରେ ମଧ୍ୟ ହୋଇଥାଏ । ଏହାକୁ ସ୍ପଷ୍ଟ କରିବାକୁ ଏଠାରେ କଥାନି ଉପାଦାନକୁ ହିଁ ନିଆଯାଉ । କଥାନିର କଥାବସ୍ତୁ ଏବଂ ପରିବେଷଣ ଶୈଳୀ ଜଣେ କଥାନିକାରଠୁ ଆଉ ଜଣେ ଶିକ୍ଷା କରିଥାଆନ୍ତି । କଥାନିକାର ଜଣେ ବୟସ୍କ ବ୍ୟକ୍ତି, ସେ ପିଲାମାନଙ୍କ ପାଇଁ ତାଙ୍କ କଥାନି ପରିବେଷଣ କଲେ । ସେହି ପରିବେଷଣରୁ ଜଣେ ପିଲା କଥାନି ପରିବେଷଣ ଶିଖିଲା ଏବଂ ତା'ର ସାଙ୍ଗମାନଙ୍କ ପାଖରେ ବା ତାହାର ନିକଟ ସମ୍ପର୍କିତ 'ଗୋଷ୍ଠୀ'ରେ ତାହାକୁ ପରିବେଷଣ କଲା । ଆମେ ଏଠାରେ ବୟସ୍କମାନଙ୍କୁ ଏକ ଗୋଷ୍ଠୀ ଭାବରେ ଗ୍ରହଣକରି ପିଲାମାନଙ୍କୁ ଆଉ ଏକ ଗୋଷ୍ଠୀ ଭାବରେ ଗ୍ରହଣ କଲେ, ପିଲାଟିଦ୍ୱାରା ତାହାର ଗୋଷ୍ଠୀରେ କଥାନିର ପରିବେଷଣକୁ 'ଆନ୍ତଃ-ଗୋଷ୍ଠୀ ପରିବେଷଣ (esoteric performance)' ଭାବରେ ଗ୍ରହଣ କରିପାରିବା । ଅତଏବ, ପରମ୍ପରାର ସମ୍ପ୍ରସାରଣ କେବଳ ସିଧାସଳଖ ଅତୀତରୁ ଆସେନାହିଁ, ଅନୁରୂପ ଭାବରେ ସମକାଳରେ ମଧ୍ୟ ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ, ଗୋଟିଏ ଗୋଷ୍ଠୀରୁ ଆଉ ଗୋଟିଏ ଗୋଷ୍ଠୀରେ ମଧ୍ୟ ଏହାର ସମ୍ପ୍ରସାରଣ ଘଟିଥାଏ ।

### *୧.୧.୪.୩ ସଚେତନ ଅଂଶଗ୍ରହଣ*

କିଛି ଲୋକ ଗୋଷ୍ଠୀ ତାଙ୍କର ସାଂସ୍କୃତିକ ପରମ୍ପରା ଅତୀତରୁ ଚୟନକରିବା ସହିତ ତାଙ୍କର ବର୍ତ୍ତମାନକୁ ଅତୀତ ସମ୍ପର୍କରେ ଏକ ଧାରଣାଦେବାକୁ ପ୍ରଚେଷ୍ଟା କରିଥାନ୍ତି । କାରଣ, ପରମ୍ପରାକୁ ଚୟନକରିବା ବା ପରମ୍ପରାକୁ ଖୋଜିବା ଆଉ ତାହାର ପୁନରାବଲୋକନ କରିବା, ଗୋଷ୍ଠୀଟିର ମୂଲ୍ୟବୋଧ ଏବଂ ଗୋଷ୍ଠୀଗତ ବିଶ୍ୱାସ ତଥା ଏକତାକୁ ପୁନଃପ୍ରତିଷ୍ଠା ପ୍ରଦାନ କରିଥାଏ । ଯେପରି— ସାଧବ ପୁଅଙ୍କ ବାଣିଜ୍ୟିକ ସ୍ମୃତିକୁ ନେଇ 'ବୋଇତ ବନ୍ଦାଣ ଉତ୍ସବ' ପାଳନ କରିବା । ଅତଏବ, ଏହି 'ଚୟନିତ ପରମ୍ପରା (Williams 2005, 39)'ର ଉଦାହରଣ ଆମକୁ କିପରି ଆମର ପରିଚିତି ସୃଷ୍ଟି କରିବାରେ ଏବଂ ତାହାକୁ ପ୍ରତିଷ୍ଠା ଦେବାରେ ସହାୟକ ହୋଇଥାଏ ସେ ସମ୍ପର୍କରେ ଅବଗତ କରାଏ ।

କୌଣସି ଅନୁଷ୍ଠାନରେ ଭାଗନେବା ଏବଂ ଆଦାନପ୍ରଦାନ କରିବା ସଦସ୍ୟମାନଙ୍କ ଭିତରେ 'ସେମାନେ ସମ୍ପୃକ୍ତ ଗୋଷ୍ଠୀର ଏକ ଅଂଶବିଶେଷ' ଏପରି ଏକ ଭାବନା ଆଣିଥାଏ । ଆମେ ପ୍ରଥମେ ମୁଖ୍ୟତଃ ପରିବାର ନାମକ ଗୋଷ୍ଠୀରେ ଜନ୍ମଗ୍ରହଣ କରିବା ସହିତ ସ୍ୱତଃସ୍ଫୂର୍ତ୍ତ ଭାବରେ ଏହାର ସଦସ୍ୟତା ଗ୍ରହଣକରିନେଇଥାଉ । ଏହା ପରେପରେ ଆମର ବନ୍ଧୁ-ପରିଚିତ, ବିଦ୍ୟାଳୟ, ମହାବିଦ୍ୟାଳୟ, ଏପରିକି କର୍ମ ପରିସର ପରି ଗୋଷ୍ଠୀଗୁଡିକର ସଦସ୍ୟ ହେବା ସହିତ ତଥା ନିକଟ-ସହାବସ୍ଥିତ ସାହି ଗ୍ରାମ, ଅଞ୍ଚଳ, ରାଜ୍ୟ ତଥା ଦେଶ ସହିତ ପ୍ରଜାତି ପରି ବିରାଟ ଲୋକ ଗୋଷ୍ଠୀର ଅଂଶବିଶେଷ ମଧ୍ୟ ହୋଇଥାଉ । ଏସବୁ ଲୋକ ଗୋଷ୍ଠୀର ସଦସ୍ୟହେବା ସହିତ ଆମେ ବିଭିନ୍ନ ଲୋକଧାରା ଶିକ୍ଷା କରିଥାଉ, ତଥାପି ଏହା ବିଷୟରେ ଆମେ କେବେ ସଚେତନ ନଥାଉ ; ତେବେ, ଆମେ କେତେକ କ୍ଷେତ୍ରରେ ସଚେତନ ଭାବରେ ବିଭିନ୍ନ ଲୋକ ଗୋଷ୍ଠୀ ସହିତ ଜଡିତ ହୋଇଥାଉ ଏବଂ ଆମର ଗୋଷ୍ଠୀ ପରିଚିତି ସୃଷ୍ଟି କରିଥାଉ । ସଚେତନ ଭାବରେ ଏକ ଲୋକ ଗୋଷ୍ଠୀର ସଦସ୍ୟ ହେବା ପଛରେ ପରମ୍ପରାର ଏକ ପ୍ରଭାବ (appeal) ଥାଏ । ଉଦାହରଣସ୍ୱରୂପ— ଭୁବନେଶ୍ୱରସ୍ଥିତ 'ପଶ୍ଚିମ ଓଡିଶା ଛାତ୍ର ସଂଘ'ରେ ଜଣେ ପଶ୍ଚିମ ଓଡିଶାର ଛାତ୍ର ସଭ୍ୟ ହେବା, ବା 'ଆଦିବାସୀ ଛାତ୍ର ସଂଘ'ରେ ଜଣେ ଆଦିବାସୀ

ଛାତ୍ର ସଦସ୍ୟ ହେବା । ଜଣେ ପଶ୍ଚିମ ଓଡିଶାର ଛାତ୍ର ତଥା ଆଦିବାସୀ ଛାତ୍ରଟିଏ ଭୁବନେଶ୍ୱରରେ ଏହିପରି ଏକ ଗୋଷ୍ଠୀ ସହିତ ଜଡିତ ହେବା ନିଜ ପରମ୍ପରା ପ୍ରତି ଅନୁରକ୍ତି ତଥା ଏକ ସ୍ୱତନ୍ତ୍ର ପରିଚିତି ସୃଷ୍ଟିପାଇଁ ତାଙ୍କ ପ୍ରୟାସର ଫଳ ମାତ୍ର । ଏଠାରେ ଉଲ୍ଲେଖନୀୟ ବିଷୟ ହେଲା— ଆମେ ଆମର ଉଦ୍ଦେଶ୍ୟପୂରଣପାଇଁ ନିଜ ଇଚ୍ଛାରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଚୟନ କରିଥାଉ, ଏବଂ ସେହି ଗୋଷ୍ଠୀ ସହିତ ନିଜର ପରିଚିତି ସୃଷ୍ଟି କରିବା ସଙ୍ଗେସଙ୍ଗେ ସମ୍ପୃକ୍ତ ଗୋଷ୍ଠୀର ପରମ୍ପରାରେ ଅଂଶଗ୍ରହଣ କରିଚାଲୁ ।

### *୧.୧.୪.୪ ଅର୍ଥପୂର୍ଣ୍ଣତା*

ପରମ୍ପରାଟି ଗୋଟିଏ ଗୋଷ୍ଠୀପାଇଁ ଅର୍ଥପୂର୍ଣ୍ଣ ହେବା ଉଚିତ । ଅନ୍ୟଅର୍ଥରେ କହିଲେ, ପରମ୍ପରାକୁ ଗୋଷ୍ଠୀର ସମସ୍ତ ସଦସ୍ୟ ସ୍ୱୀକାର କରୁଥିବା ଦରକାର, ନହେଲେ ତାହା ପରମ୍ପରା ଭାବରେ ପରିଗଣିତ ହୋଇପାରିବ ନାହିଁ । ଗୋଟିଏ ଗୋଷ୍ଠୀ ଭିତରେ ଗୋଟିଏ ଉପାଦାନ ସେତେବେଳେ ପାରମ୍ପରିକ ହୋଇପାରିବ, ଯେତେବେଳେ ଏହା ଗୋଷ୍ଠୀର ସମସ୍ତ ସଦସ୍ୟଙ୍କ ମଧ୍ୟରେ ଗ୍ରହଣୀୟ ହେବା ସହିତ ପରସ୍ପର ସଦସ୍ୟଙ୍କ ଭିତରେ ନିର୍ଦ୍ୱନ୍ଦ୍ୱରେ ଆଦାନପ୍ରଦାନ ହୋଇପାରୁଥିବ । ଉଦାହରଣସ୍ୱରୂପ— ମୟୁରଭଞ୍ଜର ମୁଣ୍ଡାରୀ ଆଦିବାସୀ ଗୋଷ୍ଠୀ ମଧ୍ୟରେ ଜଣେ ପାରିବାରିକ ଅତିଥି ଆସିଲେ ଅବିବାହିତ ଝିଅମାନେ ତାଙ୍କର ପାଦ ପ୍ରକ୍ଷାଳନ କରିବା  ଦେଖାଯାଏ । ତେବେ, ସୁନ୍ଦରଗଡର ମୁଣ୍ଡାରୀ ଆଦିବାସୀ, ଯେଉଁମାନେ କି ଖ୍ରୀଷ୍ଟ ଧର୍ମାବଲମ୍ବୀ, ସେମାନେ କିନ୍ତୁ ଘରକୁ ଅତିଥି ଆସିଲେ ହାତ ଧୋଇବାପାଇଁ ଏକ ତାଟିଆ (କିମ୍ବା ଯେକୌଣସି ପାତ୍ର) ଆଉ ପାଣି ନେଇଆସନ୍ତି ଆଉ ଅତିଥିକୁ ସେହି ତାଟିଆରେ ହାତ ଧୋଇବାକୁ କହି ପାଣି ଢାଳିଦେଇଥାନ୍ତି । ଏହି ପ୍ରଥା ବା ଧାରାକୁ ମୁଣ୍ଡାରୀ ଲୋକ ଗୋଷ୍ଠୀ ସ୍ୱୀକୃତି ଦେଇଛି ଯେଉଁଥିପାଇଁ ଏହା ପରମ୍ପରା ଭାବରେ ପରିଗଣିତ ହୋଇଛି, ଏବଂ ସେମାନେ ମଧ୍ୟ ଏହାକୁ ତାଙ୍କ ପରମ୍ପରା ଭାବରେ ପରିଚିତ କରନ୍ତି । ଯଦି କୌଣସି କାରଣବଶତଃ, ଭବିଷ୍ୟତରେ ସେହି ମୁଣ୍ଡାରୀ ଗୋଷ୍ଠୀ ଏହି ପରମ୍ପରା ପାଳନ କରିବାକୁ ଚାହିଁବେନାହିଁ ତଥା ତାଙ୍କ ଭିତରେ କୌଣସି କାରଣରୁ ଦ୍ୱନ୍ଦ୍ୱ ଦେଖାଦିଏ, ତେବେ ଏହି ପରମ୍ପରା ଅଚିରେ ବିଲୋପ ହୋଇଯିବ, ଏଥିରେ ସନ୍ଦେହ ନାହିଁ । ଅତଏବ, ପରମ୍ପରା ସେତେବେଳ ଯାଏ ପରମ୍ପରା ଭାବରେ ପରିଗଣିତ ହୋଇଥାଏ, ଯେତେବେଳ ଯାଏ ସମ୍ପୃକ୍ତ ଲୋକ ଗୋଷ୍ଠୀ ତାହାକୁ ଉପେକ୍ଷା ନକରି 'ଆମର ପରମ୍ପରା' ବୋଲି ସ୍ୱୀକୃତି ଦେଇଥାଆନ୍ତି । ଏହା ନିଶ୍ଚିତ ଯେ, ପରମ୍ପରାର ଆଦାନପ୍ରଦାନ ପାରମ୍ପରିକ ଭାବରେ ହିଁ ହୋଇଥାଏ । ଲୋକତତ୍ତ୍ୱବିଦ୍ ହେନେରୀ ଗ୍ଲାସେ ଏହି ଆନ୍ତଃ-ଆଦାନପ୍ରଦାନ ବା ଶିକ୍ଷଣ ପ୍ରକ୍ରିୟାକୁ 'ଏକ ପ୍ରକାରର 'ପ୍ରସ୍ରବଣ ପ୍ରକ୍ରିୟା' (kind of osmosis)' ଭାବରେ ଅଭିହିତ କରନ୍ତି (Glassie 1995, 408), ଯେଉଁଠି ଆମେ ଜାଣିବାକୁ ଚାହୁଁଥିବା ପରମ୍ପରାଟିକୁ ଆମର ପୂର୍ବପିଢି ତଥା ସମସାମୟିକ 'ପରମ୍ପରା ବାହକ' ଆମକୁ ଶିଖାଇଥାନ୍ତି ବା ପାରମ୍ପରିକ ଭାବରେ ଆମେ ତାହା ଶିକ୍ଷା କରିଥାଉ ।

### *୧.୧.୪.୫ ପରମ୍ପରା ବାହକ*

ପରମ୍ପରାର ସମ୍ପ୍ରସାରଣ କଥା କହିଲାବେଳେ ମନରେ ଏକ ପ୍ରଶ୍ନ ଆସେ ଯେ ପରମ୍ପରାକୁ ପ୍ରକୃତରେ କିଏ ସମ୍ପ୍ରସାରିତ କରେ ? ବା ପରମ୍ପରାର ସମ୍ପ୍ରସାରଣରେ କେଉଁମାନେ ପ୍ରମୁଖ୍ୟ ଭୂମିକା ଗ୍ରହଣକରିଥାଆନ୍ତି । ଏହି ପ୍ରସଙ୍ଗରେ ଲୋକତତ୍ତ୍ୱବିଦ୍‌ମାନେ 'ପରମ୍ପରା ବାହକ'ଙ୍କ ସମ୍ପର୍କରେ କହନ୍ତି, ଆମେ ଏପରି ବ୍ୟକ୍ତି-ବିଶେଷଙ୍କୁ 'ସିଆନ୍' କହିପାରିବା, ଯିଏ ଏକ ନିର୍ଦ୍ଦିଷ୍ଟ ପରମ୍ପରାକୁ ବିଶେଷଭାବରେ ଆୟତ୍ତ କରିଥାନ୍ତି । ପାରମ୍ପରିକ ବାଦ୍ୟ ବାଦକ, ଗୀତ କୁଡିଆ, କଥାନିକାର, ପାରମ୍ପରିକ କାରିଗରମାନଙ୍କୁ ଏହି 'ପରମ୍ପରା ବାହକ' ବା 'ସିଆନ୍' ଭାବରେ ଆମେ ଗ୍ରହଣ କରିପାରିବା । ଜଣେ ସିଆନ୍ ବାଦକ ହିଁ ଅନ୍ୟମାନଙ୍କୁ ବାଦ୍ୟଯନ୍ତ୍ର ଶିକ୍ଷା ଦେଇପାରିବ । ସେହିପରି, ସମସ୍ତେ ବାଦ୍ୟଯନ୍ତ୍ର ନିର୍ମାଣ କରିପାରିବେ ନାହିଁ, ଜଣେଜଣେ ସିଆନ୍‌ଙ୍କଦ୍ୱାରା ହିଁ ଏହା ସମ୍ଭବ । ଅନେକ ସମୟରେ ସିଆନ୍‌ମାନଙ୍କ ଅଭାବରେ ବହୁ ପରମ୍ପରା ବିଲୋପ ହୋଇଯିବା ମଧ୍ୟ ଦୃଷ୍ଟିଗୋଚର ହୋଇଥାଏ । ଉଦାହରଣସ୍ୱରୂପ— କିଛି ଦଶକ ତଳେ ଗାଁମାନଙ୍କରେ କୌଣସି ବ୍ୟକ୍ତିର

ଜମି କିମ୍ବା ବାଡିବଗିଚାରେ କୂଅ ଖୋଳା ହେଲାବେଳେ କେଉଁ ସ୍ଥାନରେ ବେଶି ପାଣି ମିଳିବ ତାହା ଜଣେ 'ସିଆନ୍' ଇଂରାଜୀ ଅକ୍ଷର **'Y'** ଆକୃତିର ଏକ କାଠି ସାହାଯ୍ୟରେ କହିଦେଇପାରୁଥିଲେ । ସମ୍ପ୍ରତି ସେହି 'ସିଆନ୍'ମାନଙ୍କ ଅଭାବରୁ ଏହି ପରମ୍ପରା ପଶ୍ଚିମ ଓଡିଶାରୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛି ବୋଲି କୁହାଯାଇପାରେ । କେବଳ ହାତଗଣତି କିଛି ଲୋକ ହିଁ ଏହି ପରମ୍ପରାର ଏବେ ଅଧିକାରୀ । ତେବେ, ଏଠାରେ ଉଲ୍ଲେଖନୀୟ ଯେ, ସମସ୍ତ ଲୋକଧାରା କେବଳ 'ପରମ୍ପରା ବାହକ'ଙ୍କ ଦ୍ୱାରା ସମ୍ପ୍ରସାରିତ ହୋଇନଥାଏ । ଉଦାହରଣସ୍ୱରୂପ— ମାଆ ବଡ ଝିଅକୁ ଝୋଟି ଆଙ୍କିବା ଶିଖାଇଲେ, ବଡ ଝିଅ ତା'ର ସାନ ଭଉଣୀ ଏବଂ ପଡିଶା ଘରର ଦୁଇ ଝିଅକୁ ବି ଶିଖାଇଲା । ସେହିପରି, ଅନ୍ୟ ଏକ ପଡୋଶୀ ଝିଅ ତା' ଖୁଡୀଠାରୁ ଝୋଟିପକାଇବା ଶିଖିଲା । ଏଠାରେ ଏହି ଝୋଟିପକା ପରମ୍ପରାରେ ସମସ୍ତେ କମ୍ ବେଶୀ ଦକ୍ଷତା ରଖନ୍ତି ନିଶ୍ଚୟ— ଅତଏବ, ଝୋଟିପକା ପରମ୍ପରାଟି କୌଣସି ନିର୍ଦ୍ଦିଷ୍ଟ ଏକ ବ୍ୟକ୍ତିର ଦକ୍ଷତା ଉପରେ ନିର୍ଭର କଲାନାହିଁ । ଅତଏବ, ସବୁ ପରମ୍ପରା ସିଆନ୍ ବା ବିଶେଷ ଦକ୍ଷତା ଥିବା ବ୍ୟକ୍ତିଙ୍କଦ୍ୱାରା ହିଁ ପରିବେଷିତ ହେବ ଏହା ନିଶ୍ଚୟ କୁହାଯାଇନପାରେ ।

ପରମ୍ପରା ବାହକଙ୍କ ଭୂମିକାକୁନେଇ ଲୋକତତ୍ତ୍ୱବିଦ୍‌ମାନଙ୍କ ମଧ୍ୟରେ ମତଭେଦ ଦେଖାଯାଏ ଯେ, ନିର୍ଦ୍ଦିଷ୍ଟ 'ପରମ୍ପରା ବାହକ'ଜଣକ କେବଳ ପରମ୍ପରାର ପରିବାହକ ମାତ୍ର, ଅନୁସୃଜକ ନୁହଁନ୍ତି । ଅତଏବ, ବିଶେଷ 'ପରମ୍ପରା ବାହକ' ଭାବେ ପରିଚିତ ସଦସ୍ୟଙ୍କୁ ଜଣେ 'ସଚେତନ ପରିବେଷକ (conscious performer)' ବା 'ମାନକ-ପରିବେଷକ (standard performer)' ଭାବରେ ଗଣନାକରିବା ସହିତ ସମ୍ପୃକ୍ତ 'ଲୋକ'— ଗୋଷ୍ଠୀରେ ଏମାନଙ୍କ ଭୂମିକାକୁ ଛାତ୍ରଙ୍କ ଗୋଷ୍ଠୀରେ ପ୍ରଫେସରଙ୍କ ଭୂମିକା ସହ ତୁଳନା କରାଯାଇଥାଏ (Noyes 2003, 11) । ଅତଏବ, 'ପରମ୍ପରା ବାହକ'ଙ୍କୁ ଗୁରୁତ୍ୱଦେବା ଅର୍ଥ, ଲୋକଧାରାରେ ଜଣେ ବ୍ୟକ୍ତି ପରମ୍ପରାର ଆଦାନପ୍ରଦାନରେ ସକ୍ରିୟ ଭୂମିକା ଗ୍ରହଣକରିବେ ଏବଂ ଅନ୍ୟମାନେ ପରମ୍ପରାର ନିଷ୍କ୍ରିୟ ସଦସ୍ୟ ଭାବରେ ପରିଗଣିତ ହେବେ । ଏହା ଲୋକଧାରା ଅଧ୍ୟୟନ ପ୍ରତି ଏକ ଉଚ୍ଚାଙ୍ଗ ଦୃଷ୍ଟିଭଙ୍ଗୀ ମାତ୍ର କାରଣ, ଏହାଦ୍ୱାରା ଜଣେ ବିଶେଷ ବ୍ୟକ୍ତିଙ୍କୁ ଅନ୍ୟମାନଙ୍କଠାରୁ ପରମ୍ପରାର ଶକ୍ତିଶାଳୀ ବାହକ ଭାବରେ ଗଣନାକରାଯାଏ । ତେବେ, ଏହା ସତ୍ୟ ଯେ, କେତେକ 'ବୈଷୟିକ ପରମ୍ପରା (technological tradition)'ରେ ଏହି 'ପରମ୍ପରା ବାହକ' ବା 'ସିଆନ୍'ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏମାନଙ୍କ ବିନା ଏହି ନିର୍ଦ୍ଦିଷ୍ଟ ପରମ୍ପରାର ସମ୍ପ୍ରସାରଣ କେବେବି ସମ୍ଭବ ହୋଇନପାରେ । ଉଦାହରଣସ୍ୱରୂପ— ପଶ୍ଚିମ ଓଡିଶାର 'ଗଣା-ବାଜା'ର ପରମ୍ପରା । ବାଦ୍ୟ ବାଦନ ଏକ ବିଶେଷ କଳା । ସମସ୍ତ ବାଦ୍ୟକାର ଯଦିଓ ଏହି ବାଦନ କଳା ପାରମ୍ପରିକ ଭାବରେ ଶିକ୍ଷା କରିଥାନ୍ତି ତଥାପି ସେମାନଙ୍କ ଭିତରେ 'ଦକ୍ଷ ପରିବେଷକ (skillful performer or master performaer)' । ଏମାନଙ୍କ ପରିବେଷଣ ଅନ୍ୟମାନଙ୍କ ପରିବେଷଣ ଅପେକ୍ଷା ଉଚ୍ଚ ପ୍ରଶଂସିତହେବା ସହିତ ଅନ୍ୟମାନଙ୍କୁ ଏମାନେ ସେହି ପାରମ୍ପରିକ ଜ୍ଞାନ ଶିକ୍ଷାଦେବା ମଧ୍ୟ ଦେଖାଯାଇଥାଏ । ଏହିପରି ଲୋକ ଗୀତରେ, ପାରମ୍ପରିକ ବୟନ କଳାରେ, ହସ୍ତଶିଳ୍ପ ପ୍ରଭୃତିରେ ପାରମ୍ପରିକ ବିଶେଷଜ୍ଞଙ୍କ ଭୂମିକାକୁ ଉପେକ୍ଷା କରାଯାଇନପାରେ । ଏହା ଏଠାରେ ଉଲ୍ଲେଖନୀୟ ଯେ' ଏହି ପାରମ୍ପରିକ ବିଶେଷଜ୍ଞ କେବଳ ପରମ୍ପରାର ଶିକ୍ଷାଦାନ ତଥା ପରମ୍ପରାକୁ ଉଜ୍ଜିବୀତ ରଖିବାରେ ମୁଖ୍ୟଭୂମିକା ନିର୍ବାହ କରିପାରନ୍ତି କିନ୍ତୁ, ସମଗ୍ର ପରମ୍ପରାର ପରିବେଷଣ ଗୋଷ୍ଠୀର ସମସ୍ତ ପରିବେଷଣକାରୀଙ୍କ ଉପରେ ହିଁ ନିର୍ଭର କରିଥାଏ ।

ଅନେକତଃ, ଲୋକଧାରାର ପରିପ୍ରକାଶ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ ଉପରେ ନିର୍ଭର କରିନଥାଏ । ପୂର୍ବ ଆଲୋଚିତ 'ବୈଷୟିକ ପରମ୍ପରା'ର ଏକଏକ ବିଶେଷଜ୍ଞ ଥାଇପାରନ୍ତି କିନ୍ତୁ, ପରମ୍ପରାଟି ସେହି ବିଶେଷଜ୍ଞଙ୍କୁ ନେଇ ବଞ୍ଚେନାହିଁ ବା ସମ୍ପ୍ରସାରିତ ହୁଏନାହିଁ । ଏହା ବ୍ୟତୀତ, ଲୋକ ପରମ୍ପରାରେ କୌଣସି ଏକ ବ୍ୟକ୍ତି ପରମ୍ପରାର ସମସ୍ତ ଆୟାମ ଉପରେ ବିଶେଷ ଦକ୍ଷତା ହାସଲ କରିବା ବି ସମ୍ଭବ ହୋଇନଥାଏ । ଉଦାହରଣସ୍ୱରୂପ, 'ଗଣା-ବଜା' ପରମ୍ପରାରେ ଜଣେ ବ୍ୟକ୍ତି ନିସାନ୍, ତାସା, ତିର୍‌ବିଡି, ଟାମ୍‌କି, ଢୋଲ, ଏବଂ ମହୁରୀ ପ୍ରଭୃତି ସମସ୍ତ ବାଦ୍ୟଯନ୍ତ୍ର ବାଦନ କରିବାରେ ଦକ୍ଷତା ରଖିବା ସମ୍ଭବ ନୁହେଁ ଏବଂ, ଦକ୍ଷ ହେଲେ ମଧ୍ୟ ଜଣେ ବ୍ୟକ୍ତି ଏ ସମସ୍ତ ବାଦ୍ୟଯନ୍ତ୍ର ଏକକାଳୀନ ବାଦନ କରିପାରିବେ ନାହିଁ । ଅତଏବ, ଏକ 'ଲୋକ'— ଗୋଷ୍ଠୀରେ ଥିବା ପରମ୍ପରାରେ ସେହି ଗୋଷ୍ଠୀର ସମସ୍ତ ସଭ୍ୟ ଊଣାଅଧିକେ ଦକ୍ଷ ଆଉ ପରମ୍ପରାକୁ

ସମ୍ପ୍ରସାରିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ଦେଖାଯାଏ । ଲୋକଧାରା 'ଲୋକ'— ଗୋଷ୍ଠୀକୁ ଆଧାର କରିଥାଏ, କୌଣସି ବ୍ୟକ୍ତିବିଶେଷକୁ ନୁହେଁ । ଆମେ ପରମ୍ପରାର ଆଦାନପ୍ରଦାନ ବିଭିନ୍ନ ଭାବରେ କରିଥାଉ, ବିଭିନ୍ନ ପ୍ରସଙ୍ଗରେ କରିଥାଉ । ପରମ୍ପରା କହିଲେ, ଆମର ବର୍ତ୍ତମାନର ବ୍ୟବହାର ଯାହାଦ୍ୱାରା ଗୋଟିଏ ଗୋଷ୍ଠୀରେ ଜଣକ ସହିତ ଅନ୍ୟଜଣକ ଜଡିତ, ପରିଚିତ ହୋଇଥାଏ; ଏହି ସମ୍ପର୍କ ଅନ୍ୟଗୋଷ୍ଠୀ ସହିତ ମଧ୍ୟ ହୋଇପାରେ, ଯାହା ଆମକୁ ଏକ ସ୍ୱତନ୍ତ୍ର ପ୍ରଜାତି ଭାବରେ, ଏକ ସ୍ୱତନ୍ତ୍ର ଗୋଷ୍ଠୀ ଭାବରେ ପରିଚିତି ପ୍ରଦାନ କରିଥାଏ ।

### *୧.୧.୪.୬ ନୂତନ ସଂଯୋଜନା, ଅନ୍ତର୍ଗ୍ରହଣ, ଏବଂ ବିକାଶ*

ଆମ ଭିତରେ ଏକ ଧାରଣା ଅଛି ଯେ, ପରମ୍ପରା ଧାରାବାହିକ ଭାବେ, ଏବଂ ରୈଖିକ ପ୍ରକ୍ରିୟାରେ ଗୋଟିଏ ପିଢିରୁ ଆଉ ଗୋଟିଏ ପିଢିକୁ ସମ୍ପ୍ରସାରିତ ହୋଇଥାଏ । କିନ୍ତୁ, କ୍ଲିଫୋର୍ଡ୍ ଗିଜ୍ ସଂସ୍କୃତିକୁ ଏକ 'ୱେବ୍' ବା 'ଅନ୍ତର୍ଜାଲ' ଭାବରେ ଅଭିହିତ କରନ୍ତି (Geertz 1973, 5) । ଅତଏବ, ପରମ୍ପରାକୁ ଏକ ଅନ୍ତର୍ଜାଲୀୟ ବ୍ୟାପାର ଭାବରେ ଗ୍ରହଣକଲେ ଆମେ ପରମ୍ପରାଟି କିପରି ବିକଶିତ ହେବା ସହିତ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟଙ୍କ ଭିତରେ ଆଦାନପ୍ରଦାନ ହୋଇଥାଏ, ସେ ସମ୍ପର୍କରେ ଏକ ଧାରଣା ପାଇପାରିବା । ସଂସ୍କୃତିକୁ 'ଅର୍ନ୍ତଜାଲ' ଭାବରେ ଆକଳନକଲେ ପରମ୍ପରା ଏହି 'ଅନ୍ତର୍ଜାଲ' ଭିତରେ ସକ୍ରିୟ ଭାବରେ ସମ୍ପ୍ରସାରିତ ହୋଇଥାଏ ଏବଂ, ଆମେ ଅତୀତକୁ ଏକ ପ୍ରବାହୀ, ଜଟିଳ ପ୍ରକ୍ରିୟାର ଅଂଶଭାବରେ ଦେଖିବାକୁ ପାଇଥାଉ । 'ପରମ୍ପରା'ର ଏହି ଧାରଣାରୁ ଏହା ସ୍ପଷ୍ଟହୁଏ ଯେ ପରମ୍ପରା— 'ଅତୀତରୁ ଭବିଷ୍ୟତ ସୃଷ୍ଟି' (Glassie 1995, 395) । ଏବଂ, ଅତୀତ ହିଁ ଏକମାତ୍ର ଆଧାର, ଯାହାର ଭିତ୍ତିଭୂମିରେ ଆମର ଆଦାନପ୍ରଦାନ ଓ ପରମ୍ପରା ପ୍ରତିଷ୍ଠିତ ହୋଇଥାଏ । ଏହା ନିଶ୍ଚିତ ଯେ ଆମେ ଅତୀତର ଲୋକ ଗୋଷ୍ଠୀରୁ ଶିକ୍ଷା କରିଥାଉ, କିନ୍ତୁ ଆମେ ବର୍ତ୍ତମାନର ଲୋକ ଗୋଷ୍ଠୀରୁ ମଧ୍ୟ ଶିକ୍ଷା କରିଥାଉ; ଆମେ ଆମର ବର୍ତ୍ତମାନର ଅନୁଭୂତି, ଏବଂ ଉପଯୋଗିତାକୁ ଆଖି ଆଗରେ ରଖି ପରମ୍ପରା ସୃଷ୍ଟି କରିବା ସହିତ ତାହାକୁ ଆପଣେଇ ନେଇଥାଉ । ଏହାକୁ ସ୍ପଷ୍ଟ କରିବା ପାଇଁ ଏକ ଉଦାହରଣ ଦିଆଯାଇପାରେ— ପଶ୍ଚିମ ଓଡିଶାର ଝିଅଟିଏ ଉତ୍କଳ ବିଶ୍ୱବିଦ୍ୟାଳୟରେ ପଢିବା ସମୟରେ ତାର ସାଙ୍ଗମାନଙ୍କ ସହିତ ମିଶି ଡାଲମା ଖାଇବା ସହିତ ଏହାର ପ୍ରସ୍ତୁତି ମଧ୍ୟ ଜାଣିଲା । ସେ ଛୁଟି ସମୟରେ ଘରକୁ ଫେରିବା ପରେ ଘରେ ମଧ୍ୟ ଡାଲମା ରାନ୍ଧିଲା । ତାଙ୍କ ଘରର ସମସ୍ତ ସଦସ୍ୟଙ୍କୁ ଏହା ସୁସ୍ୱାଦୁ ଲାଗିଲା । ଏହା ପରେପରେ ସେମାନେ ନିୟମିତ ବ୍ୟବଧାନରେ ଡାଲମା ପ୍ରସ୍ତୁତକରି ଖାଇଲେ । କିଛିଦିନ ପରେ ସେଇ ଝିଅଟିର ନିକଟ ସମ୍ପର୍କିତ ପରିବାର, ଏବଂ ପଡୋଶୀଙ୍କ ଘରେ ମଧ୍ୟ ଏହା ପ୍ରସ୍ତୁତ ହେବା ଦେଖାଗଲା, ଯଦିଓ ପଶ୍ଚିମ ଓଡିଶାର ଖାଦ୍ୟ ପରମ୍ପରାରେ ଡାଲମା ପ୍ରସ୍ତୁତି ନାହିଁ । ଅତଏବ, ପରମ୍ପରା ଗୋଟିଏ ପିଢିରୁ ଆଉ ଗୋଟିଏ ପିଢିକୁ କେବଳ ସମ୍ପ୍ରସାରିତ ହୋଇନଥାଏ, ଏହା ସମକାଳର ଗୋଟିଏ ଗୋଷ୍ଠୀରୁ ଅନ୍ୟ ଗୋଷ୍ଠୀକୁ ମଧ୍ୟ ସମ୍ପ୍ରସାରିତ ହେବା ଦେଖାଯାଏ, ମୁଖ୍ୟତଃ ଭିନ୍ନଭିନ୍ନ ଭୌଗୋଳିକ ପରିବେଶରେ ଅବସ୍ଥାନ କରୁଥିବା ଦୁଇ ଗୋଷ୍ଠୀ ପରସ୍ପରର ସଂସର୍ଶରେ ଆସିଲେ ଏପ୍ରକାରର ସମ୍ପ୍ରସାରଣ ଦେଖାଯାଇଥାଏ । ପରମ୍ପରାର ଅନ୍ୟ ଏକ ଆୟାମ ହେଲା— ଦୁଇ ଗୋଷ୍ଠୀର ସଦସ୍ୟଙ୍କ ଭିତରେ ଯେତେବେଳେ ଏକତ୍ରିତ ହେବାର ଅବସର ଆସେ, ସେତେବେଳେ ସେମାନେ ପରସ୍ପରର ପରମ୍ପରାକୁ ପ୍ରଭାବିତ କରିବା ଦେଖିବାକୁମିଳେ । ଉଦାହରଣସ୍ୱରୂପ, ଓଡିଶାର ପାରମ୍ପରିକ ବାଉଁଶ କାରିଗରମାନେ ସମ୍ପ୍ରତି ବିଭିନ୍ନ ଲୋକ ମହୋତ୍ସବମାନଙ୍କରେ ଉତ୍ତର-ପୂର୍ବାଞ୍ଚଳର ବାଉଁଶ କାରିଗରମାନଙ୍କ ସଂସର୍ଶରେ ଆସି ସମ୍ପ୍ରତି ବାଉଁଶର ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ କାମମାନ କରିବା ପରିଦୃଷ୍ଟ ହେଉଛି । ଏହି ଉଦାହରଣ ଦୁଇଟିରୁ ଆମେ ଆଉ ଗୋଟିଏ କଥା ସ୍ପଷ୍ଟ ହୋଇଥାଉ ଯେ— ଗୋଟିଏ ଗୋଷ୍ଠୀ କେବଳ ଆଉ ଗୋଟିଏ ଗୋଷ୍ଠୀର ପରମ୍ପରାକୁ ମଧ୍ୟ ପ୍ରଭାବିତ କରିନଥାଏ ବରଂ, ବେଳେବେଳେ ଜଣେ ବ୍ୟକ୍ତି ମଧ୍ୟ ସମଗ୍ର ପରମ୍ପରାକୁ ପ୍ରଭାବିତ କରିପାରେ ।

ଏକ ନିର୍ଦ୍ଦିଷ୍ଟ ଜ୍ଞାନ କୌଶଳ ଜଣକଠାରୁ ଆଉ ଜଣକ ପାଖକୁ ପାରମ୍ପରିକ ଭାବରେ ସମ୍ପ୍ରସାରିତ ହେଲେ ହିଁ ତାହା ଲୋକଧାରା ଭାବରେ ପରିଗଣିତ ହୋଇଥାଏ ।  ଲୋକ ଉପାଦାନର ଏଭଳି ସମ୍ପ୍ରସାରଣ ଏବଂ ଭିନ୍ନଭିନ୍ନ ପରିବେଶ, ପରିସ୍ଥିତିରେ ଭିନ୍ନଭିନ୍ନ ପରିବେଷଣକାରୀଙ୍କଦ୍ୱାରା ଏହାର ବାରମ୍ବାର ନୂତନ ପରିବେଷଣ ଲୋକ ଉପାଦାନରେ ଅନେକ

ପରିବର୍ତ୍ତନ ଆଣିଥାଏ । ଏହି ପରିବର୍ତ୍ତିତ ପରିବେଷଣ ତାହାର ଯେଉଁ 'ଭିନ୍ନ ରୂପ' ତଥା 'ପ୍ରକାରାନ୍ତର ରୂପ' ସୃଷ୍ଟି କରିଥାଏ ତାହା ହିଁ ଲୋକଧାରାର ପରିବର୍ତ୍ତନଶୀଳତାର ସ୍ୱରୂପ । ପରମ୍ପରାର ଏହି ପରିବର୍ତ୍ତନଶୀଳତା ନୂତନ ପରମ୍ପରାକୁ ଜନ୍ମଦେବାରେ ସହାୟକ ହୋଇଥାଏ । ହବସ୍‌ବାମ୍, ଏବଂ ରେଞ୍ଜର (Hobsbawm, and Ranger) ଏକ ନିର୍ଦ୍ଦିଷ୍ଟ ସମାଜରେ ବା ଲୋକ ଗୋଷ୍ଠୀରେ କିପରି ସମୟ, ପରିବେଶ, ଏବଂ ପରିସ୍ଥିତିକ୍ରମେ ନୂତନ 'ପରମ୍ପରାର ବିକାଶ' ହୋଇଥାଏ ସେ ସମ୍ପର୍କରେ ଆଲୋଚନା କରନ୍ତି ତାଙ୍କ *The Invention of Tradition* (1983) ପୁସ୍ତକରେ । ଅତଏବ, ପରିବେଶ, ପରିସ୍ଥିତି ଏବଂ ସମୟର ଆବେଦନ ତଥା ସମକାଳୀନ ପ୍ରୟୋଜନୀୟତା ଦୃଷ୍ଟିରୁ ଲୋକଧାରାରେ ପରିବର୍ତ୍ତନ ଦେଖାଯାଇଥାଏ । ପରମ୍ପରାର ଏହି ପରିବର୍ତ୍ତନଶୀଳତା ଏବଂ ଗ୍ରହଣଶୀଳତା ନୂତନ ପରମ୍ପରାକୁ ବିକଶିତ କରିଥାଏ । ବେଳେବେଳେ ନୂତନ ଗୋଷ୍ଠୀ ପରମ୍ପରାର ବିକାଶ କରିଥାନ୍ତି, ଯାହା ଭବିଷ୍ୟତରେ ପିଢ଼ି ପରେ ପିଢ଼ି ସମ୍ପ୍ରସାରିତ ହୋଇଥାଏ । କେତେକ କ୍ଷେତ୍ରରେ ଗୋଟିଏ ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀର ପରମ୍ପରାକୁ ଆପଣେଇନେବା ସହିତ ତାହାକୁ ନିଜ ଗୋଷ୍ଠୀରେ ବଜାୟ ରଖିବା ମଧ୍ୟ ଦେଖାଯାଏ । ଉଦାହରଣସ୍ୱରୂପ— ମନେକରନ୍ତୁ, ମାଝୀଗୁଡାର ଜଣେ ବ୍ୟକ୍ତିଙ୍କ ଖଲିଗଡର କୌଣସି ଏକ ବ୍ୟକ୍ତି ସହିତ ଭାବର ଆଦାନପ୍ରଦାନ ହେଲା ବା ନୂତନ ସମ୍ପର୍କ ଗଢ଼ିଉଠିଲା, ସେମାନେ ମିତ ବସିଲେ । ଖଲିଗଡର ବ୍ୟକ୍ତି ଜଣକ ତାଙ୍କ ଘରେ 'ଗୋପାଗୋସେନ୍ ଦେବୀ'ଙ୍କୁ ପୂଜାକରନ୍ତି । ମାଝୀଗୁଡାର ବ୍ୟକ୍ତି ଜଣକ ଖଲିଗଡର ତାଙ୍କର ଏହି ମିତଙ୍କ ଘରୁ କିଛି ସାରୁ ନେଇକି ଆସିଲେ । ସେଇ ସାରୁରେ ଗୋପାଗୋସେନ୍ ଦେବୀ ଆସିଲେ । ଫଳସ୍ୱରୂପ, ପରିବାରରେ ଗୋପାଗୋସେନ୍‌ଙ୍କୁ ପୂଜା କରିବାକୁ ପଡିଲା ଯଦିଓ, ଏହା ଆଗରୁ ସମ୍ପୃକ୍ତ ପରିବାରରେ ଗୋପାଗୋସେନ୍ ଦେବୀଙ୍କୁ ପୂଜାକରିବାର ପରମ୍ପରା ନଥିଲା, ଏପରିକି ସମଗ୍ର ଗ୍ରାମରେ କେହି ବି ଏହି ଦେବୀଙ୍କୁ ପୂଜା କରୁଥିବାର ଉଦାହରଣ ନଥିଲା । ସେହିପରି, ବାପା ମିତ ବସିଥିଲେ ପରବର୍ତ୍ତୀ ସମୟରେ ପୁଅ ମଧ୍ୟ ତା'ଙ୍କୁ 'ମିତ୍ ବାପା' ବୋଲି ସମ୍ବୋଧନ କରିବାକୁ ହୋଇଥାଏ । ଅନୁରୂପ ଭାବରେ, ଦୁଇଜଣ ମିତଙ୍କର ପୁଅଝିଅମାନେ ମିତ୍ ଭାଇ, ମିତ୍ ଭଉଣୀ ଭାବରେ ସମ୍ପର୍କ ରକ୍ଷା କରିବାକୁ ପଡିଥାଏ, ଏବଂ ପରସ୍ପରର ପରିବାର ପରସ୍ପରକୁ ସମ୍ମାନ ଆଦର କରିବା ଦେଖାଯାଏ ।

କୌଣସି ଏକ ଲୋକ ଗୋଷ୍ଠୀରେ ପରମ୍ପରାର ନୂତନ ସଂଯୋଜନା ସାମାଜିକ, ସାଂସ୍କୃତିକ, ଏବଂ ରାଜନୈତିକ ପରିଚିତି ନିର୍ମାଣପାଇଁ ଏକ ଆବଶ୍ୟକତା ଭାବରେ ମଧ୍ୟ ବେଳେବେଳେ ଦେଖାଯାଏ "...Ethnic groups, regional groups, organizational and occupational groups, families: all such groups may find themselves creatively utilizing "past practices" —both inherently aged ones and deliberately aged ones— as manipulable markers of a common identity." (Tuleja 1997, 3) । ଲୋକଧାରାର ବା ଲୋକ ଉପାଦାନର ସାମାଜିକ ତଥା ରାଜନୈତିକ ବ୍ୟବହାର ମଧ୍ୟ ନୂତନ ଆୟାମ ନୁହେଁ । ତେବେ, ବିଭିନ୍ନ ଅନୁଷ୍ଠାନ, ତଥା ଲୋକ ଗୋଷ୍ଠୀ ସେମାନଙ୍କର ବା ଅନ୍ୟ ଗୋଷ୍ଠୀର ଲୋକ ଉପାଦାନକୁ ସାମାଜିକ ରାଜନୈତିକ ଉଦ୍ଦେଶ୍ୟସାଧନ ନିମିତ୍ତ ବ୍ୟବହାର କରିବା ମଧ୍ୟ ଦେଖାଯାଏ । ଗୋଷ୍ଠୀର ସାମାଜିକ ପ୍ରତିଷ୍ଠା ବା ପରିଚିତି ପାଇଁ ତଥା ରାଜନୈତିକ ଉଦ୍ଦେଶ୍ୟ ସାଧନପାଇଁ ଏପରି କରାଯାଇଥାଏ । ବେଳେବେଳେ ପୁରାତନ ପରମ୍ପରାର ପୁନଃପ୍ରତିଷ୍ଠା ସହିତ ପ୍ରଚଳିତ ପରମ୍ପରାକୁ ଚତୁରତାର ସହିତ ମଧ୍ୟ ପ୍ରୟୋଗ କରାଯାଇଥାଏ । ଉଦାହରଣସ୍ୱରୂପ, କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ ଅଞ୍ଚଳରେ ବହୁରାଷ୍ଟ୍ରୀୟ କମ୍ପାନୀକୁ ବିରୋଧକରି 'ନିୟମ ରାଜା' ପୂଜାର ଆୟୋଜନ । ସେହିପରି, କାଶୀପୁର ତଥା ବଲାଙ୍ଗୀର ଅଞ୍ଚଳରେ କମ୍ପାନୀକୁ ବିରୋଧକରି ଅନେକ ଲୋକ ଗୀତ ଶୁଣିବାକୁ ମିଳେ, ଯାହା ଲୋକ ଗୀତର ସ୍ୱରୂପ ଦୃଷ୍ଟିରୁ ସାମ୍ପ୍ରତିକ ସଂଯୋଜନା । ଲୋକ ଗୀତରେ ସମାଜିକ ବିସଙ୍ଗତି, ଏବଂ ଅବ୍ୟବସ୍ଥା ପ୍ରତି ସ୍ୱର ଉତ୍ତୋଳନ ନୂଆ ନୁହେଁ, ତେବେ ସାମ୍ପ୍ରତିକ ପରିସ୍ଥିତିରେ ଗୋଟିଏ ରାଜନୈତିକ ଆବଶ୍ୟକତାକୁ ନେଇ ନିଜର ଅଧିକାରପାଇଁ, ସ୍ୱତନ୍ତ୍ର ପରିଚିତିପାଇଁ କିପରି ଲୋକ ଗୋଷ୍ଠୀ ସୃଜନଶୀଳ ଭାବରେ ସେମାନଙ୍କର ଭାବ ଓ ଆବେଗକୁ ପ୍ରକାଶ କରୁଛନ୍ତି, ତାହା ଏଠାରେ ଗୁରୁତ୍ୱପୂର୍ଣ୍ଣ । ପରମ୍ପରାର ଏହି ନୂତନ ବିକାଶ ବା ନୂତନ ସଂଯୋଜନା କୌଣସି ନକାରାତ୍ମକତା କିମ୍ବା ଲୋକଧାରାର କୌଣସି 'ପ୍ରଚ୍ଛନ୍ନ ପ୍ରକ୍ରିୟା' ନୁହେଁ, ବରଂ ଏକ ପରିବର୍ତ୍ତିତ ପରିସ୍ଥିତି ସହ ତାଳଦେଇ ଚାଲିଥିବା ଗୋଟିଏ ଲୋକ ଗୋଷ୍ଠୀର ସର୍ଜନଶୀଳ ଆୟାମ ।

### ୧.୧.୪.୭ ପରିବର୍ତ୍ତନଶୀଳତା ଏବଂ ରକ୍ଷଣଶୀଳତା

ଗୋଟିଏ ଗୋଷ୍ଠୀ ଏକ ପ୍ରକ୍ରିୟା ବା ପ୍ରଥାକୁ ଯେତେବେଳେ ଆବଶ୍ୟକ, ଏବଂ ପ୍ରୟୋଜନୀୟ ବୋଲି ମନେକରେ ଆଉ ଏହାର ପାଳନ ତଥା ପରିବେଷଣରେ ସେତେବେଳେ ତାହା ପରମ୍ପରା ଭାବରେ ପରିଗଣିତ ହୋଇଥାଏ । ଅତଏବ, ଯେତେଦିନ ଯାଏ ସମ୍ପୃକ୍ତ ଗୋଷ୍ଠୀ ଏକ ପରମ୍ପରାକୁ ଅପ୍ରୟୋଜନୀୟ ମନେ କରିନାହାନ୍ତି, ସେତେଦିନ ପର୍ଯ୍ୟନ୍ତ ତାହାର ବିଲୋପନ ଅସମ୍ଭବ । ତେବେ, ସମୟ, ପରିବେଶ, ପରିସ୍ଥିତି, ଏବଂ ପ୍ରୟୋଜନୀୟତା ଅନୁସାରେ ପରମ୍ପରାରେ ଅନେକ ପରିବର୍ତ୍ତନ, ତଥା ନୂତନ ସଂଯୋଜନା ମଧ୍ୟ ଦେଖିବାକୁ ମିଳିଥାଏ । ଲୋକତତ୍ତ୍ୱବିଦ୍‌ମାନେ ପରମ୍ପରାର ଦୁଇଟି ଆୟାମ ସମ୍ପର୍କରେ ଉଲ୍ଲେଖ କରନ୍ତି, ତାହାହେଲା— 'ପରିବର୍ତ୍ତନଶୀଳତା', ଏବଂ 'ରକ୍ଷଣଶୀଳତା' (Tolken 1979, 34-35) । ପରମ୍ପରା ସେତେବେଳେ ରକ୍ଷଣଶୀଳ ହୋଇଥାଏ, ଯେତେବେଳେ ତାହା ଗୋଷ୍ଠୀ ବା ବ୍ୟକ୍ତିର ଇଚ୍ଛାଅନିଚ୍ଛାର ଉର୍ଦ୍ଧ୍ୱରେ ଥାଏ । ଉଦାହରଣସ୍ୱରୂପ— 'ବିହନଛିନା ଯାତ୍ରା' । ପଶ୍ଚିମ ଓଡିଶାରେ ସମସ୍ତ ଚାଷି ଏହି ବିହନଛିନା ଯାତ୍ରାରେ ଯୋଗ ଦେଇଥାଆନ୍ତି । କେହି ଏହାକୁ ଉପେକ୍ଷା କରିପାରିବେ ନାହିଁ । ସେହିପରି, ଜନ୍ମ-କର୍ମ-ବିବାହ-ମୃତ୍ୟୁ ସମ୍ପର୍କିତ କର୍ମକର୍ମାଣୀ ଓ ରୀତିନୀତି, ଯାହା ପାଳନକରିବା ଏକ ପ୍ରକାରର ବାଧ୍ୟତାମୂଳକ । ଯଦି, କୌଣସି ସଦସ୍ୟ ଏହି ପରମ୍ପରାର ପାଳନ ନକରନ୍ତି, ତେବେ ସମ୍ପୃକ୍ତ ଗୋଷ୍ଠୀ ମଧ୍ୟରେ ତାଙ୍କୁ କେହି ସହଜରେ ଗ୍ରହଣକରିବେନାହିଁ । ଅନୁରୂପ ଭାବରେ, ଉପକୂଳ ଓଡିଶାର ବିବାହ ପରମ୍ପରାକୁ ନିଆଯାଇପାରେ— କନ୍ୟାର ଅନୁକୂଳ ହୋଇସାରିଥିଲେ କନ୍ୟାର ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁହେଲେ ମଧ୍ୟ ତାହାର ବିବାହକାର୍ଯ୍ୟ ବନ୍ଦ କରାଯାଇପାରିବ ନାହିଁ, ମାମୁଁ (ଝିଅର) ତାହାକୁ ଝିଅରୂପରେ ଗ୍ରହଣକରି ବିବାହ ଦେବାକୁ ହୋଇଥାଏ । ଏ ଧରଣର ପରମ୍ପରାଗୁଡିକରେ କୌଣସି ବ୍ୟକ୍ତି କିମ୍ବା ଗୋଟିଏ ଗୋଷ୍ଠୀ ନିଜ ଇଚ୍ଛା ମୁତାବକ କୌଣସି ପ୍ରକାରର ପରିବର୍ତ୍ତନ କରିପାରିବେନାହିଁ । ତେବେ, କନ୍ୟାପିତାର ବିବାହକାଳୀନ ଝୋଲାଟଙ୍କା ଗ୍ରହଣ, ଯାହା ବିବାହ ପରମ୍ପରାର ଏକ ଅନୁଷ୍ଠାନ ମାତ୍ର କିନ୍ତୁ, ଏହା ବିବାହ କର୍ମ (ritual) ସମ୍ପର୍କିତ ନୁହେଁ, ଏଣୁ ତାହା ପରିବର୍ତ୍ତନକୁ ଆପଣେଇ ନେଇଛି । କାରଣ, ସମ୍ପୃକ୍ତ ଗୋଷ୍ଠୀ ଏହି ପରିବର୍ତ୍ତନକୁ ପ୍ରୟୋଜନୀୟ ମନେକରିଛନ୍ତି । ସେହିପରି, ସାଧାରଣତଃ ବାଚିକ ପରିପ୍ରକାଶଗୁଡିକ ହିଁ ଅନ୍ୟ ପରିପ୍ରକାଶ ଅପେକ୍ଷା ପରିବର୍ତ୍ତନଶୀଳତାକୁ ସହଜରେ ଆପଣେଇ ନେଇଥାଏ । ତେବେ, କିଛିକିଛି ସାମାଜିକ ରୀତିନୀତିର ମଧ୍ୟ ବିଲୋପନ ଦେଖିବାକୁ ମିଳୁଛି । ପଶ୍ଚିମ ଓଡିଶାରେ ବହୁପ୍ରଚଳିତ ଝିଅମାନଙ୍କର ଏକ ପ୍ରାକ୍-ବୈବାହିକ କର୍ମ 'କଣାବରା' ଆଉ ପାଳନ କରାଯାଉନାହିଁ ।

ଗୋଟିଏ ପରମ୍ପରା ଉପରେ କୌଣସି ବ୍ୟକ୍ତିର ବା ଗୋଷ୍ଠୀର ପ୍ରଭାବ ତାହା ସଚେତନ ଭାବରେ ହେଉ କିମ୍ବା ଅଜାଣତରେ ହେଉ, ଏକ ପରିବର୍ତ୍ତନର ମାଧ୍ୟମ । ବିଶେଷକରି ବାଚିକ ଲୋକଧାରାରେ ଏହି ପ୍ରକାରର ପରିବର୍ତ୍ତନକୁ ଆମେ ସ୍ପଷ୍ଟ ଭାବରେ ଲକ୍ଷ୍ୟ କରିପାରିବା । କଥାନି, ଗୀତ, ଚୁଟ୍‌କୁଲେର ପରିବେଷଣ ଉପରେ ଶ୍ରୋତାଙ୍କ ଉପସ୍ଥିତି ଅନେକ ପ୍ରଭାବ ପକାଇଥାଏ । ଉଦାହରଣସ୍ୱରୂପ, ଏକ କଥାନି ପରିବେଷଣ ସମୟରେ କଥକ କୌଣସି ଏକ ପ୍ରେମ-ଶୃଙ୍ଗାରମୂଳକ ଉପାଖ୍ୟାନ ବର୍ଣ୍ଣନା କରୁଛନ୍ତି, ସେଇଠି ଯଦି ତାଙ୍କର ଭାଉଜ, ଶାଳୀ ଭଳି 'ଖେଡା' ବା 'ହୁରିଆ' ସମ୍ପର୍କିତ ଶ୍ରୋତା କିମ୍ବା ଅନ୍ୟ ଚଳନୀୟ ଶ୍ରୋତା ହିଁ ଥିବେ, ତା'ହେଲେ ତାହାର ବର୍ଣ୍ଣନା ଯେପରି ହେବ, ସେଇଠି ଭଉଣୀ କିମ୍ବା ମାଉସୀ ବା ଖୁଡୀ ଭଳି ଅନ୍ୟ ମାନ୍ୟ-ସମ୍ପର୍କୀୟ କୌଣସି ଶ୍ରୋତା ଥିଲେ ତାଙ୍କର ପରିବେଷଣ ବା ଆଖ୍ୟାନ ଭାଗ ତଥା ବର୍ଣ୍ଣନା ଶୈଳୀରେ ପରିବର୍ତ୍ତନ କରିବା ନିଶ୍ଚିତ ।

### ୧.୧.୪.୮ ବିଲୋପନ

ପାରିବାରିକ ହେଉ କି ପ୍ରଜାତିକ, ଧାର୍ମିକ ଅବା ସ୍ଥାନୀୟ ଏକ ଗୋଷ୍ଠୀ ଯାହା ବି ହେଉ ପରମ୍ପରା ଗୋଷ୍ଠୀ ଭାବନା ଉପରେ ନିର୍ଭର କରିଥାଏ । ପରମ୍ପରା ଆମକୁ ଏକ ପରିଚିତି ଦେଇଥାଏ, ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ସହିତ ପରିଚିତ ହେବାକୁ ଆମକୁ ପରମ୍ପରା ସୁଯୋଗ ପ୍ରଦାନକରିଥାଏ । ଆମର ପୂର୍ବ ପିଢି ସହିତ, ଆମର ପରିବାର, ପ୍ରଜାତି, ଆମର ଗୋଷ୍ଠୀ ବିଶେଷ

ଯାହା ଆମେ ଆମପାଇଁ ମହତ୍ତ୍ୱପୂର୍ଣ୍ଣ ମନେକରିଥାଉ ତା' ସହିତ ଜଡିତ ହେବାରେ ସହାୟକ ହୋଇଥାଏ । ତେବେ, ଅନେକ ସମୟରେ ଅନେକ ପରମ୍ପରାର ବିଲୋପନହେବା ମଧ୍ୟ ଦେଖାଯାଏ ଏବଂ ସମୟ, ପରିସ୍ଥିତି ଓ ପରିବେଶର ପ୍ରଭାବରେ ପରମ୍ପରାରେ ପରିବର୍ତ୍ତନ ଆସିଥାଏ । ଏହି ପରିବର୍ତ୍ତନରେ ପୁରାତନ ପରମ୍ପରାର ବିଲୋପନ ହେବା ସହିତ ନୂତନ ପରମ୍ପରାର ସର୍ଜନ ହେବା ଅନେକତଃ ସ୍ୱାଭାବିକ ହୋଇପଡେ । ଗୋଟେ ସମୟରେ ପଶ୍ଚିମ ଓଡିଶାର ଗଣା ବା ଡମ୍ 'ଲୋକ'— ଗୋଷ୍ଠୀରେ 'ପଲିଆ ଗୀତ'ର ପରମ୍ପରା ଥିଲା ଯାହା ସମ୍ପ୍ରତି ସମ୍ପୂର୍ଣ୍ଣଭାବରେ ଲୋପ ପାଇଯାଇଛି । ଅନୁରୂପ ଭାବରେ, ଉପକୂଳ ଓଡିଶାରେ ଆଉ 'ପୁଆଣି ଘର' ପରମ୍ପରା ନାହିଁ । ସେହିପରି, ଓଡିଶାର ଅନେକ ଆଦିବାସୀ, ଏବଂ ଅଣ-ଆଦିବାସୀ ଗୋଷ୍ଠୀ ମାନଙ୍କରେ ଝିଅର ବିବାହକାଳରେ କନ୍ୟାପିତା ବରପକ୍ଷରୁ 'ଝୋଲା ଟଙ୍କା' ଗ୍ରହଣକରିବା ବିଧିଥିଲା ଯାହା, ସମ୍ପ୍ରତି କେତେକ କ୍ଷେତ୍ରରେ ନାମକୁ ମାତ୍ର ଟଙ୍କାଟିଏ ଗ୍ରହଣ କରାଯାଉଛି । ଏହି ତିନୋଟି ଉଦାହରଣରୁ ଆମେ ଦେଖିବାକୁ ପାଇଲେ ଯେ, ପ୍ରଥମତଃ ଦୁଇଟି ପରମ୍ପରାର ସମ୍ପୂର୍ଣ୍ଣ ବିଲୋପନ ହୋଇଛି କାରଣ, ସେହି ପରମ୍ପରାକୁ ସମ୍ପୃକ୍ତ ଗୋଷ୍ଠୀ ଆଉ ପରିବେଷଣ ଯୋଗ୍ୟ ମନେକଲେନାହିଁ । ତୃତୀୟ ପରମ୍ପରାଟି ମଧ୍ୟ ସେହିଭଳି ସମାଜିକ ରୀତି ରକ୍ଷାପାଇଁ ପରିବର୍ତ୍ତିତ ଭାବରେ ପାଳନ କରାଯାଉଛି । ଅତଏବ, ପରମ୍ପରାରେ ମଧ୍ୟ ପରିବର୍ତ୍ତନ ଆସେ, ଯେତେବେଳେ ସମ୍ପୃକ୍ତ ଗୋଷ୍ଠୀଟି ଭାବେ ଯେ ସମକାଳରେ ଏହି ପରମ୍ପରା ଏପରି ଭାବରେ ହିଁ ରହିବା ଉଚିତ ବା ଏପରି ଭାବରେ ଏହି ପରମ୍ପରାକୁ ପାଳନକଲେ ଏହା ଆମପାଇଁ ଅର୍ଥପୂର୍ଣ୍ଣ ହେବ । ପରମ୍ପରାର ଏହି ପ୍ରକାରର ପରିବର୍ତ୍ତନ ଆବଶ୍ୟକତା ଓ ସାମ୍ପ୍ରତିକ ପ୍ରୟୋଜନୀୟତାକୁ ଆଧାର କରିଥାଏ ।

ପରମ୍ପରାର ବିଲୋପନ, ପରିବର୍ତ୍ତନ କ୍ଷେତ୍ରରେ କିଛି ଲୋକତତ୍ତ୍ୱବିଦ୍ ଏବଂ ସଂସ୍କୃତିବିଦ୍ ଭାବନ୍ତି ଯେ, ଯେହେତୁ ପରମ୍ପରା ଆମର ପୂର୍ବପୁରୁଷଙ୍କଠାରୁ ଆସିଛି ଏହା ନଷ୍ଟ ନହେବା କଥା ବା ଏଥିରେ କୌଣସି ପ୍ରକାରର ପରିବର୍ତ୍ତନ ହେବାକଥା ନୁହେଁ । କିନ୍ତୁ, ପରମ୍ପରାର ପରିଭାଷା ଅନେକତଃ ଜଟିଳ । ଆମେ ପରମ୍ପରା, ଏବଂ ଇତିହାସ ମଧ୍ୟରେ ଥିବା ସୂକ୍ଷ୍ମ ପ୍ରଭେଦଟିକୁ ଜାଣିବା ଆବଶ୍ୟକ । କୌଣସି ଏକ ପ୍ରଥା ଇତିହାସ ହୋଇପାରେ କିନ୍ତୁ, ପରମ୍ପରା କହିଲେ— ଗୋଷ୍ଠୀର ଆବଶ୍ୟକତା ତଥା ପ୍ରୟୋଜନୀୟତା ଅନୁସାରେ ପରିବର୍ତ୍ତନଶୀଳ, ଗ୍ରହଣଶୀଳ ଏବଂ ଆଦାନପ୍ରଦାନ ଯୋଗ୍ୟ ଏକ ପ୍ରଚଳିତ ଧାରା । ଓଡିଶାର ବଣିକମାନେ ବାଣିଜ୍ୟ କରିବାପାଇଁ ଦ୍ୱୀପାନ୍ତର ଯାତ୍ରା ହେଉଛି ଏକ ଐତିହାସିକ ଘଟଣା । କିନ୍ତୁ, ସେଇ ସ୍ମୃତିକୁ ଆଧାରକରି 'କାର୍ତ୍ତିକ ପୂର୍ଣ୍ଣିମୀ' ଦିନ 'ବୋଇତ ଭସାଣ ଉତ୍ସବ' ପାଳନକରିବା ଏକ ପରମ୍ପରା । ଅତଏବ, କୌଣସି ପରମ୍ପରା ସେତେବେଳେ ବିଲୋପ ହୋଇଥାଏ, ଯେତେବେଳେ ସମ୍ପୃକ୍ତ ଗୋଷ୍ଠୀପାଇଁ ତାହା ମୂଲ୍ୟହୀନ ହୋଇପଡେ । ଏଠାରେ ଏହା ବି ଉଲ୍ଲେଖନୀୟ ଯେ' ଯଦି, ଗୋଟିଏ ଗୋଷ୍ଠୀରେ ଗୋଟିଏ ପରମ୍ପରାର ବିଲୋପନ ଦେଖାଯାଏ, ତାହାର ଅର୍ଥନୁହେଁ ଯେ, ଅନ୍ୟ ଗୋଷ୍ଠୀରେ ମଧ୍ୟ ସେହି ପରମ୍ପରାର ବିଲୋପନ ଘଟିବ । ବ୍ୟକ୍ତି ଭଳି ଗୋଷ୍ଠୀ ମଧ୍ୟ ସ୍ୱତନ୍ତ୍ର ଏବଂ ଅନନ୍ୟ । ଉଦାହରଣସ୍ୱରୂପ, ଖରାଦିନରେ ମାଣ୍ଡିଆ ଜାଉ ଖାଇବା ପଶ୍ଚିମ, ଏବଂ ଦକ୍ଷିଣ-ଓଡିଶାର ଆଦିବାସୀ ତଥା ଅଣ-ଆଦିବାସୀ ଗୋଷ୍ଠୀର ଏକ ଖାଦ୍ୟ ପରମ୍ପରା । ସମ୍ପ୍ରତି ଅନେକ ଅଣ-ଆଦିବାସୀ ଗୋଷ୍ଠୀ ଆଉ ମାଣ୍ଡିଆ ଜାଉ ଖାଉନାହାନ୍ତି । ତେବେ, ଏହା ଆଦିବାସୀ ଖାଦ୍ୟ ପରମ୍ପରାରୁ ସମ୍ପୂର୍ଣ୍ଣ ବିଲୋପ ହୋଇନାହିଁ; ସମ୍ପ୍ରତି ମଧ୍ୟ ଅନେକ ଆଦିବାସୀ ଗୋଷ୍ଠୀଙ୍କ ଖାଦ୍ୟ ପରମ୍ପରାରେ ମାଣ୍ଡିଆ ଜାଉର ପ୍ରାଧାନ୍ୟ ଅଛି । ଏଠାରେ ପାରମ୍ପରିକତାର ଆଉ ଏକ ଆୟାମ ସମ୍ପର୍କରେ ଉଲ୍ଲେଖ କରାଯାଇପାରେ— ଆମେ ସାଧାରଣତଃ ଦେଖୁ ଯେ, ଅନେକ ଆଦିବାସୀ ଗୋଷ୍ଠୀ ବିନା ଚାଉଳରେ କେବଳ ମାଣ୍ଡିଆ କିମ୍ବା ଆମ୍ବ କୋଇଲିକୁ ମଧ୍ୟ ଜାଉକରି ବର୍ଷର ଅନେକ ସମୟ ଖାଇବା ଦେଖାଯାଏ । ଅତଏବ, ଆମେ ଖରାଦିନରେ ମାଣ୍ଡିଆ ଜାଉ ଖାଇବାକୁ ତ ଖାଦ୍ୟ ପରମ୍ପରା ଭାବରେ ଗ୍ରହଣ କରୁଛୁ, ତେବେ ବର୍ଷର ମାସାଧିକ କାଳ ଏପରି ବିନା ଚାଉଳରେ ମାଣ୍ଡିଆ, ଆମ୍ବ କୋଇଲି ଜାଉ ଖାଇବାକୁ ମଧ୍ୟ କ'ଣ ଖାଦ୍ୟ ପରମ୍ପରା ଭାବରେ ଗ୍ରହଣକରିପାରିବା କି ? ଯଦି ଆନ୍ତର୍ବିଚ୍ଛେଦୀବାଦଦୃଷ୍ଟିରୁ ଦେଖାଯାଏ ତେବେ, ଏହାକୁ କେବେବି ପାରମ୍ପରିକ ଖାଦ୍ୟ କୁହାଯାଇପାରିବ ନାହିଁ । କାରଣ, ସମ୍ପୃକ୍ତ ଲୋକ ଗୋଷ୍ଠୀଗୁଡିକରେ ନିୟମିତ ଖିଆଯାଉଥିଲେ ମଧ୍ୟ ଏହା ପଛରେ ଯେଉଁ ଆର୍ଥିକ ଆୟାମ ଜଡିତ ତାହାକୁ ଅସ୍ୱୀକାର କରାଯାଇନପାରେ ।

ଅତଏବ, କୌଣସି ଏକ ଲୋକ ଗୋଷ୍ଠୀର ସାମାଜିକ ବୈଷମ୍ୟ ତଥା ଅବ୍ୟବସ୍ଥା ଜନିତ ସାମ୍ପ୍ରତିକ ପ୍ରସ୍ଥିତିକୁ ଠିକ୍‌ଭାବରେ ବିଚାର ନକରି ତାହାକୁ ସେମାନଙ୍କର ପରମ୍ପରା କହିବା ଆଦୌ ସମୀଚୀନ ନୁହେଁ ।

### *୧.୧.୪.୯ ଯଥାର୍ଥତା*

ପରମ୍ପରାର ବିକାଶ ବା ପରିବର୍ତ୍ତନ କଥା କହିଲାବେଳେ ଏହାର 'ଯଥାର୍ଥତା (authenticity)' ଉପରେ ପ୍ରଶ୍ନ କରାଯାଇଥାଏ । କୁହାଯାଏ— ଯଦି ଗୋଟିଏ ପରମ୍ପରାର ଇତିହାସ ନାହିଁ, ତେବେ ତାହା କିପରି ଯଥାର୍ଥରେ ଏକ ପରମ୍ପରାଭାବରେ ପରିଗଣିତ ହୋଇପାରିବ ? କିନ୍ତୁ, ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀରେ ବେଳେବେଳେ କିପରି ନୂତନ ପରମ୍ପରାର ବିକାଶ ହୋଇଥାଏ, ତାହା ଆମେ ଆଲୋଚନା କରିସାରିଛୁ । ପ୍ରକୃତରେ, ଲୋକତତ୍ତ୍ୱବିଦ୍‌ମାନେ ଯେଉଁମାନେ ଲୋକଧାରା ସହିତ ପୁରାତନତା, ଗ୍ରାମ୍ୟ, ତଥା ଜାତି-ଜନଜାତି ସମ୍ପର୍କିତ ଅବଧାରଣାଗୁଡିକୁ ଯୋଡନ୍ତି, ସେମାନେ ହିଁ ପରମ୍ପରାର ଐତିହାସିକତାକୁ ଗୁରୁତ୍ୱ ଦିଅନ୍ତି । ଲୋକଧାରାର ପରିସର ଏଇ ଗ୍ରାମ୍ୟ, ପୁରାତନ, ତଥା ଜନଜାତୀୟ ପରିସରରୁ ବାହାରି ଆସି ବ୍ୟାପକ ଅଧ୍ୟୟନର କ୍ଷେତ୍ର ପ୍ରସ୍ତୁତକରିଛି । ସମ୍ପ୍ରତି ଲୋକଧାରାର ଗବେଷକମାନେ 'ପରମ୍ପରା' କହିଲେ ଲୋକ ଗୋଷ୍ଠୀ, ଆଦାନପ୍ରଦାନର ସ୍ୱରୂପ, ଏବଂ ପରିଚିତିକୁ ଦେଖନ୍ତି । ଏବଂ, ଯଥାର୍ଥତା ନୁହେଁ, ପ୍ରକୃତରେ ଲୋକ ଗୋଷ୍ଠୀ କିପରି ସେମାନଙ୍କ ପରମ୍ପରାକୁ ସଂଜ୍ଞା ପ୍ରଦାନକରୁଛନ୍ତି ବା ତାହାର ବ୍ୟାଖ୍ୟା କରୁଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ । ଅତଏବ, ଯଦି ଗୋଟିଏ ଗୋଷ୍ଠୀ ମଧ୍ୟରେ ଆଦାନପ୍ରଦାନର ପ୍ରକ୍ରିୟା ଉପରେ ପରମ୍ପରା ନିର୍ଭର କରୁଥାଏ, ଆଉ ଗୋଷ୍ଠୀଟି ଯଦି ସଫଳଭାବରେ ଏକ ପରମ୍ପରା ମଧ୍ୟରେ ତାଙ୍କର ଆଦାନପ୍ରଦାନ କରିପାରୁଛନ୍ତି, ତେବେ ସେହି ପରମ୍ପରା ସେମାନଙ୍କପାଇଁ ଯଥାର୍ଥ ନିଶ୍ଚୟ । ଯଥାର୍ଥତା ଏକ ଆପେକ୍ଷିକ ଶବ୍ଦ । ପରମ୍ପରାର ଯଥାର୍ଥତା କିଏ ନିର୍ଦ୍ଧାରଣ କରୁଛି ? ଗୋଷ୍ଠୀ ନା ଆଉ କିଏ ? ଏବଂ, କେଉଁ ଉଦ୍ଦେଶ୍ୟରେ ଏ ଯଥାର୍ଥତାର ପ୍ରଶ୍ନ ? ଯଦି, ସମ୍ପୃକ୍ତ ଗୋଷ୍ଠୀପାଇଁ ପରମ୍ପରାଟି ଅର୍ଥପୂର୍ଣ୍ଣ, ତେବେ ତାହାର ଐତିହାସିକତା ଥାଉ କି ନଥାଉ ତାହା ଯଥାର୍ଥ ନିଶ୍ଚୟ, ଏଥିରେ କୌଣସି ସନ୍ଦେହ ପ୍ରକାଶ କରାଯାଇନପାରେ କିମ୍ବା ଏହାର ଯଥାର୍ଥତାକୁ ନେଇ କୌଣସି ଲୋକତତ୍ତ୍ୱବିଦ୍ ପ୍ରଶ୍ନକରିବା ସମୀଚୀନ ନୁହେଁ ।

ଲୋକ ଉପାଦାନର ବ୍ୟବସାୟୀକରଣ ତଥା ଲୋକଧାରା 'ପାଠ'ର ରାଜନୈତିକ ଏବଂ ସାମାଜିକ ଉପଯୋଗ ସମୟରେ ଯଥାର୍ଥତାର ପ୍ରଶ୍ନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହକରିଥାଏ । ଆମେ ଲୋକ ମହୋତ୍ସବମାନଙ୍କରେ ପାରମ୍ପରିକ ଉପକରଣଗୁଡିକର ବିକ୍ରୟ ହେବା ଦେଖିବାକୁ ପାଉଛୁ । ଏପରି କ୍ଷେତ୍ରରେ କେତେକ ବିଦ୍ୱାନ କ୍ଷୋଭ ପ୍ରକାଶ କରିଥାଆନ୍ତି ଯେ, ଲୋକ ଉପାଦାନଗୁଡିକର ଏଇ ବ୍ୟବସାୟୀକରଣ ସମ୍ପୃକ୍ତ ଉପାଦାନର ସର୍ଜନଶୀଳତାକୁ ଏବଂ ସାଂସ୍କୃତିକ ପରିପ୍ରକାଶ ପ୍ରତି ଏକ ପ୍ରକାର ଶୋଷଣ । ଏହା ଏକ ବୃହତ୍ତର ଲୋକ ଗୋଷ୍ଠୀର ସର୍ଜନଶୀଳତାର କେବଳ ଏକ ବସ୍ତୁଗତ ପରିବେଷଣ ମାତ୍ର, ଫଳତଃ 'ଲୋକ କଳା' ତାହାର ପାରମ୍ପରିକ ସର୍ଜନଶୀଳ ପରିବେଶରେ ପରିପ୍ରକାଶିତ ନହୋଇ କେବଳ ବସ୍ତୁଭାବରେ ପ୍ରକାଶିତ ହେବାରେ ସୀମିତ ହୋଇରହିଯାଉଛି । ଏହି ବ୍ୟବସାୟୀକରଣ ଯଥାର୍ଥ ଲୋକ ଉପାଦାନର ଏକ କଳାତ୍ମକହୀନ ନିମ୍ନ-ପ୍ରତିରୂପ ସୃଷ୍ଟି କରିବାର ସମ୍ଭାବନାକୁ ଅଧିକ ପ୍ରଶ୍ରୟ ଦେଇଥାଏ । କିନ୍ତୁ, ଏହି ଧାରଣା ମଧ୍ୟ ଏକ ଉଚ୍ଛାଙ୍ଗ ଅବଧାରଣା । କାରଣ, ଲୋକଧାରାର ସର୍ଜନଶୀଳତାରେ ପରିବର୍ତ୍ତନ ଏକ ସ୍ୱାଭାବିକ ପ୍ରକ୍ରିୟା । ଏବଂ, ବ୍ୟବସାୟ କଥା ଯାହା କୁହାଯାଉଛି, ତାହା ଲୋକଧାରାର କଳାତ୍ମକ ପରିପ୍ରକାଶରେ ଯେ କୌଣସି ନକାରାତ୍ମକ ପ୍ରଭାବ ପକାଇବ, ଏପରି ଭାବିବା ଭୁଲ୍— "ମୁଁ ରଘୁରାଜପୁରର ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀଙ୍କ ସହିତ ଅନୌପଚାରିକ ଭାବେ ଆଲୋଚନା କଲାବେଳେ ଅବଗତ ହୋଇଥିଲି ଯେ— "ବଜାରର ଚାହିଦାଦୃଷ୍ଟିରୁ ଆମକୁ ଅପେକ୍ଷାକୃତ କମ୍ ମୂଲ୍ୟର ପଟ୍ଟଚିତ୍ରପାଇଁ କମ୍ କାରିଗରୀ କରିବାକୁ ପଡେ । କାର୍ଯ୍ୟଟି ଯେତେ କଳାତ୍ମକ ହେବ, ତାହାର ମୂଲ୍ୟ ସେତେ ବେଶୀ ହେବ, ଯାହା ସ୍ଥାନୀୟ ଗ୍ରାହକ କିଣିବାର ସମ୍ଭାବନା ଖୁବ୍ କମ୍ ।" ଅତଏବ, ଅପେକ୍ଷାକୃତ କମ୍ ମୂଲ୍ୟରେ ମିଳୁଥିବା ପଟ୍ଟଚିତ୍ରକୁ ଆମେ ନ୍ୟୁନ-କଳାତ୍ମକ ଉତ୍ପାଦନ କହିପାରିବାନାହିଁ । ବରଂ, ବ୍ୟବସାୟୀକରଣ ଯୋଗୁଁ କ୍ରେତା, ବିକ୍ରେତା, ଏବଂ ପାରମ୍ପରିକ ଉତ୍ପାଦକଙ୍କ ନେଣଦେଣ ମଧ୍ୟରେ କିଛି ଦଲାଲ ଥିବା ସତ୍ତ୍ୱେ ପାରମ୍ପରିକ ଶିଳ୍ପୀ ଆର୍ଥିକଦୃଷ୍ଟିରୁ କିଛି ଲାଭାନ୍ୱିତ ହେଉଛନ୍ତି, ଏହା ଅସ୍ୱୀକାର କରାଯାଇନପାରେ" (ବାଗ ୨୦୧୨,

୬୫) । ରିଚାର୍ଡ ଡରସନ୍ ତାଙ୍କର ଲୋକଧାରା ଗବେଷଣାର ପ୍ରାଥମିକ ପର୍ଯ୍ୟାୟରେ ଯେଉଁ 'ପ୍ରଚ୍ଛନ୍ନ ଲୋକଧାରା (fakelore)' କଥା କହିଥିଲେ ତାହାର ପୃଷ୍ଠଭୂମିରେ ଥିଲା ଜନପ୍ରିୟ ତଥା ମନୋରଞ୍ଜନ ପାଇଁ ପ୍ରସ୍ତୁତ ବା ଉଦ୍ଦେଶ୍ୟମୂଳକ ଭାବରେ ପ୍ରସ୍ତୁତ କରାଯାଇଥିବା ଉପାଦାନ (Dorson, 1957) ।୧୯୭୦ ମସିହାରେ ସେ ତାତ୍ତ୍ୱିକ ଦୃଷ୍ଟିକୋଣରୁ ଲୋକ ଉପାଦାନର ରାଜନୈତିକ ବ୍ୟବହାର, ସଂଗ୍ରହ, ଏବଂ ଅନୁଶୀଳନ (interpretaion) ପ୍ରଭୃତିକୁ ଆଧାରକରି ଏ ସମ୍ପର୍କରେ ପୁନର୍ବାର ପର୍ଯ୍ୟାଲୋଚନା କରିବା ସହ ଏହାର ପୁନର୍ବ୍ୟାଖ୍ୟା କଲେ । ସେ ମୁଖ୍ୟତଃ ଲୋକ ଉପାଦାନର ରାଜନୈତିକ ବ୍ୟବହାରକୁ ବେଶି ଗୁରୁତ୍ୱଦେଇଥିଲେ । ଅନେକ ସମୟରେ, ରାଜନୈତିକ ବିରୋଧ ବା ରାଜନୈତିକ ସଚେତନତା ଲକ୍ଷ୍ୟରେ ବିପୁଳ ସାଧାରଣ ଜନ-ଗୋଷ୍ଠୀଙ୍କୁ ପ୍ରଭାବିତ କରିବାପାଇଁ ଲୋକ ଉପାଦାନର ବ୍ୟବହାର କରାଯାଇଥାଏ— ଏହା ସେମାନଙ୍କର ରାଜନୈତିକ ଅଧିକାର ତଥା ଏକତା ଏବଂ ସ୍ୱ-ପରିଚିତି ସୃଷ୍ଟି କରିବା ନିମିତ୍ତ ଏକ ଉଦ୍ଦେଶ୍ୟମୂଳକ ବ୍ୟବହାର ନିଶ୍ଚୟ । ତେବେ, ଦେଖାଯାଇଛି ଯେ ଉଦ୍ଦେଶ୍ୟମୂଳକ ଭାବରେ ଲୋକଧାରାକୁ ଆଧାରକରି ପ୍ରସ୍ତୁତ ଉପାଦାନଟି ମଧ୍ୟ ପାରମ୍ପରିକ ଯଥାର୍ଥତା ରକ୍ଷା କରିବା ସହିତ ସମ୍ପୃକ୍ତ ଗୋଷ୍ଠୀ ମଧ୍ୟରେ ପାରମ୍ପରିକ ଭାବରେ ସମ୍ପ୍ରସାରିତ ହୋଇଥାଏ । ତେଣୁ, ଲୋକଧାରାର ଅଧ୍ୟୟନପାଇଁ ପରମ୍ପରାଟି ଯଥାର୍ଥ କି ନୁହେଁ, ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ନୁହେଁ; ବରଂ ସମ୍ପୃକ୍ତ ଗୋଷ୍ଠୀ କିପରି ଏହାକୁ ଗ୍ରହଣ କରୁଛନ୍ତି, ସମ୍ପୃକ୍ତ ପରମ୍ପରାକୁ ସେମାନେ ଯଥାର୍ଥ ମନେକରୁଛନ୍ତି କି ନାହିଁ, ତାହା ହିଁ ଗୁରୁତ୍ୱପୂର୍ଣ୍ଣ । ଅତଏବ, ପରମ୍ପରାଟି ଉଦ୍ଦେଶ୍ୟମୂଳକ ହେଉ ବା ପରିବର୍ତ୍ତିତ ରୂପ ହେଉ ଅବା ହୋଇପାରେ ଏକ ନୂତନ ସଂଯୋଜନା, ଯଦି ସମ୍ପୃକ୍ତ ଲୋକ ଗୋଷ୍ଠୀଙ୍କପାଇଁ ତାହା ଯଦି ଯଥାର୍ଥ, ତେବେ ତାହା ଯଥାର୍ଥ । ଲୋକଧାରାର କୌଣସି ଗବେଷକ ତାହାକୁ ଅଯଥାର୍ଥ ଭାବରେ ବିବେଚନା  କରିବା ଉଚିତ ନୁହେଁ ।

**୧.୧.୫ ପରିବେଷଣ**

ପରିବେଷଣ ବା ଉପାଦାନର ପରିପ୍ରକାଶପାଇଁ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ସହିତ ପରିବେଷଣକାରୀ, ଏବଂ ଦର୍ଶକ ବା ଶ୍ରୋତାର ଆବଶ୍ୟକତା ଥାଏ । ଲୋକଧାରା ପରିବେଷଣରେ ଉଲ୍ଲେଖନୀୟ ଦିଗଟି ହେଲା— ଏଥିରେ କେବଳ ପରିବେଷଣକାରୀ ହିଁ ଉପାଦାନର ଏକମାତ୍ର ପରିବେଷକ ନୁହଁନ୍ତି, ବରଂ ଶ୍ରୋତା ବା ଦର୍ଶକ ମଧ୍ୟ ଏକ ଏକ ପରିବେଷଣକାରୀ ଏବଂ ସମଗ୍ର ପରିବେଷଣରେ ଅଂଶଗ୍ରହଣ କରିବାର ଅଧିକାର ରଖନ୍ତି । ଯଦି, କୌଣସି ପରିବେଷଣରେ ଗୋଷ୍ଠୀର ଅନ୍ୟ ଶ୍ରୋତାମାନେ ଅଂଶଗ୍ରହଣ କରିବାରେ ବା ପରିବେଷଣ ପ୍ରକ୍ରିୟାରେ ଭାଗ ନେବାରେ ଅସହଜ ମନେକରନ୍ତି ବା ସେମାନଙ୍କ ଭୂମିକାକୁ ଉପେକ୍ଷାକରାଯାଉଛି, ତେବେ ସେହି ପରିବେଷଣକୁ ଲୋକତତ୍ତ୍ୱରେ ଏକ ସଂଳ ପରିବେଷଣ ବା 'ପାରମ୍ପରିକ ପରିବେଷଣ (folk performance)' କୁହାଯାଇପାରିବ ନାହିଁ । ନାଟକ, ନୃତ୍ୟ, ଏବଂ ସଙ୍ଗୀତକୁ ପରିବେଷଣ କହିଲେ ଅନେକେ ଅସହଜ ମନେକରିବେ ନାହିଁ । ତେବେ, ଧନ୍ଦା ଏବଂ ପ୍ରବାଦ-ପ୍ରବଚନ ଭଳି ଅନ୍ୟାନ୍ୟ ବାଚିକ ଉପାଦାନକୁ ମଧ୍ୟ ତତ୍ତ୍ୱଦୃଷ୍ଟିରୁ ପରିବେଷଣ ଭାବରେ ଗ୍ରହଣ କରାଯାଇଥାଏ । ଏଗୁଡିକ ନାଟକ, ନୃତ୍ୟ ଭଳି ପରିବେଷିତ ହୋଇନଥାଏ, ବରଂ ଘରୋଇ ପରିବେଶରେ ଦୈନନ୍ଦିନ ଏବଂ ସାଧାରଣ କଥାବାର୍ତ୍ତା ଭିତରେ ଏହାକୁ ପରିବେଷଣ କରାଯାଇଥାଏ । ସେହିପରି, ପ୍ରଥା-ପରମ୍ପରାକୁ ମଧ୍ୟ ଲୋକତତ୍ତ୍ୱବିଦ୍‌ମାନେ ପରିବେଷଣ ଭାବରେ ଗ୍ରହଣ କରିଥାନ୍ତି । ଏଠାରେ ଉଲ୍ଲେଖନୀୟ ଯେ' ଉପାଦାନଟି ଯେତେବେଳେ ପରିବେଷିତ ହେଉନାହିଁ, ସେତେବେଳ ଯାଏ ତାହାକୁ ଲୋକ ଉପାଦାନ ଭାବରେ ଗ୍ରହଣ କରାଯାଇପାରିବ ନାହିଁ । ଅତଏବ— "ଲୋକଧାରା ହେଉଛି ଯାହା କିଛି ଆମେ କରୁ, ଆମ ପାଖରେ ଯାହା ଅଛି ତାହା ଲୋକଧାରା ନୁହେଁ" (Sims and Stephens 2005,132) । ଏହି ପ୍ରସଙ୍ଗରେ ଟୋଲକେନ୍‌ଙ୍କ ବକ୍ତବ୍ୟକୁ ମଧ୍ୟ ସ୍ମରଣ କରାଯାଇପାରେ— "A traditional item (whether oral or material or gestural or musical) is folklore when it is actually used in its indigenous set of live context" (Tolken 1979, 38) ।

ରିଚାର୍ଡ ବାଉମାନ୍‌ଙ୍କ ସମ୍ପାଦନାରେ *Verbal Art as Performance* ଗ୍ରନ୍ଥ ପ୍ରକାଶିତ ହୁଏ ୧୯୭୦ ମସିହାରେ । ବାଉମାନ୍ ଭାଷାତତ୍ତ୍ୱ, ନୃତତ୍ତ୍ୱ, ସାହିତ୍ୟିକ ଅଧ୍ୟୟନ, ଏବଂ ଲୋକତତ୍ତ୍ୱ ଦୃଷ୍ଟିରୁ ବାଚିକ ଉପାଦାନର କଳାତ୍ମକ ଅଧ୍ୟୟନ

ସମ୍ପର୍କରେ ଗୁରତ୍ୱପ୍ରଦାନକଲେ । କାରଣ, ବାଚିକ ଆଦାନପ୍ରଦାନ ଏକ କଳାତ୍ମକ ଆୟାମକୁ ବହନକରେ, ଯାହା 'ନିର୍ଦ୍ଦିଷ୍ଟ ପରିବେଶ (setting)' ଏବଂ ଆଦାନପ୍ରଦାନରେ ଅଂଶଗ୍ରହଣ କରୁଥିବା ସଂସ୍କୃତି ଉପରେ ନିର୍ଭରକରେ । ବାଉମାନ୍‌ଙ୍କ ଦୃଷ୍ଟିରେ 'ପରିବେଷଣ' ହେଉଛି— "a unifying thread tying together the marked, segregated aesthetic genres and other spheres of verbal behavior into a general unified conception of verbal art as a way of speaking" (Bauman 1984, 5) । ବାଚିକ କଳା ଭିତରେ ମିଥ୍, କଥାନି, ଗୀତ, ପ୍ରବାଦ-ପ୍ରବଚନ, ଏବଂ ଅନ୍ୟ ସମସ୍ତ ବାଚିକ ପରିପ୍ରକାଶ, ଯାହା ପରିବେଷଣ ପରିସରରେ ଆସିଥାଏ, ଏସବୁ ସଂସ୍କୃତି-ନିର୍ଦ୍ଦିଷ୍ଟ, ଓ ପ୍ରଜାତିକ ପୃଷ୍ଠଭୂମିରେ ପ୍ରତ୍ୟେକ ସଂସ୍କୃତି ଏବଂ ଗୋଷ୍ଠୀରେ ଏହାକୁ ସ୍ୱତନ୍ତ୍ର ଭାବରେ ଦେଖାଯାଇପାରେ । ପରିବେଷଣ ପ୍ରକ୍ରିୟାରେ ପ୍ରତ୍ୟେକ ପରିବେଷଣକୁ ଭିନ୍ନ ଏକ ପରିବେଷଣ ଭାବରେ ଗଣନା କରାଯାଏ, କାରଣ'ଲୋକ'—ଗୋଷ୍ଠୀର ପ୍ରତ୍ୟେକ ପରିବେଷଣ ଅଲଗା ଅଲଗା ହୋଇଥାଏ, ପରିବେଷଣକାରୀଙ୍କ ପରିବେଷଣ କଳା ଏବଂ ମୌଖିକତା ତଥା ଆଖ୍ୟାନ ଶୈଳୀ ପ୍ରତ୍ୟେକ ପରିବେଷଣରେ ସ୍ୱକୀୟତା ଆଣିଥାଏ ।

'ଲୋକ'— ଗୋଷ୍ଠୀ ଏକ ନିର୍ଦ୍ଦିଷ୍ଟ ପରିବେଶରେ ଏବଂ ପ୍ରସଙ୍ଗରେ ଏକ ନିର୍ଦ୍ଦିଷ୍ଟ କାରଣରୁ ଏକ ନିର୍ଦ୍ଦିଷ୍ଟ ଶୈଳୀରେ ଆଦାନପ୍ରଦାନ କରିଥାଆନ୍ତି, ଏବଂ ଏହି ଆଦାନପ୍ରଦାନ ହେଉଛି 'ପରିବେଷଣ' । 'ପରିବେଷଣ'ରେ ଦୈନନ୍ଦିନ ସାଧାରଣ ପରିପ୍ରକାଶଠାରୁ ଏକ ସ୍ୱତନ୍ତ୍ରତା ଥାଏ, ଏହା ଭାଷିକ ହୋଇପାରେ କିମ୍ବା ଅଙ୍ଗଭଙ୍ଗୀ ହୋଇପାରେ; ଯାହାକୁ ଆଧାରକରି ଆମେ ନିର୍ଦ୍ଦିଷ୍ଟ ପ୍ରକ୍ରିୟାଟିକୁ 'ପରିବେଷଣ' କହିପାରିବା । ଲୋକତତ୍ତ୍ୱବିଦ୍‌ମାନେ ଏହି ପରିବେଷଣ ପ୍ରକ୍ରିୟାର ବିଭିନ୍ନ ଆୟାମ ଯଥା— କେତେବେଳେ, କେଉଁଠାରେ, କାହା ସହିତ, କିପରି ଏବଂ କାହିଁକି ଏହିପରି ବିଭିନ୍ନ ଦିଗ ଉପରେ ଗୁରୁତ୍ୱପ୍ରଦାନ କରିଥାଆନ୍ତି । ପରିବେଷଣର ମୁଖ୍ୟ ପ୍ରକ୍ରିୟା— ବିଷୟବସ୍ତୁ ବା 'ପାଠ (text)' ବ୍ୟତୀତ, ସାହିତ୍ୟିକ, ଭାଷିକ, ଶାରୀରିକ ପରିପ୍ରକାଶ ଏବଂ 'ପ୍ରପାଠ (texture)' ସହିତ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଏବଂ ପରିବେଶ ବା ପରିସର ତଥା 'ପ୍ରସଙ୍ଗ (context)' ସମ୍ପର୍କରେ ମଧ୍ୟ ଅଧ୍ୟୟନ କରିଥାନ୍ତି (Dundes 1978, 22-37) । ଏଠାରେ ପାଠ, ପ୍ରପାଠ, ଏବଂ ପ୍ରସଙ୍ଗ ସମ୍ପର୍କରେ ସମ୍ୟକ ଅବଧାରଣାପାଇଁ ସ୍ୱତନ୍ତ୍ର ଭାବରେ ଆଲୋଚନା କରିବାର ପ୍ରୟାସ କରାଯାଉଛି ।

### *୧.୧.୫.୧ ପାଠ*

'ପାଠ' କହିଲେ, ସମ୍ପ୍ରତି ଲୋକତତ୍ତ୍ୱରେ କେବଳ ବାଚିକ ଉପାଦାନର ବିଷୟବସ୍ତୁକୁ ବୁଝାଏ ନାହିଁ, ବରଂ ସମଗ୍ର ପରିବେଷଣର ପରିବେଷଣ ପ୍ରକ୍ରିୟାକୁ ବୁଝାଇଥାଏ । କଥାନି, ଗୀତ, ନାଟକ, ଚୁଟ୍‌କୁଲା ଆଦିରେ 'ପାଠ' ଆଖ୍ୟାୟିତ ବିଷୟବସ୍ତୁ । ସେହିପରି, ନୈର୍ବାଚିକ ଲୋକ ଉପାଦାନ ଯଥା— ପ୍ରଥା-ପରମ୍ପରା, ଏବଂ ଭୌତିକ ଲୋକଧାରାରେ ମଧ୍ୟ 'ପାଠ' ଦେଖିବାକୁ ପାଇପାରିବା । ଏହି ଉପାଦାନ ସହିତ ପରିବେଷଣକାରୀ, ଦର୍ଶକ, ଶ୍ରୋତା, ସୃଜନକାରୀଙ୍କ ସମ୍ପର୍କ, ଏବଂ ପରିବେଷଣ ପ୍ରକ୍ରିୟା ସାମଗ୍ରିକ ଭାବରେ 'ପାଠ' ସୃଷ୍ଟି କରିଥାଏ । ସେହିପରି, ପ୍ରତ୍ୟେକ ପରିବେଷଣ ପ୍ରକ୍ରିୟାରେ ନୂତନ 'ପାଠ' ମଧ୍ୟ ସୃଷ୍ଟି ହୋଇଥାଏ । 'ପାଠ' ହେଉଛି ଉପାଦାନଟିର ଗୁମ୍ଫିତ ଅବୟବ । କପଡା ବା କନା ଯେମିତି ବିଭିନ୍ନ ସୂତାରେ ନିର୍ମିତ ବା ଗୁମ୍ଫିତ ହୋଇଥାଏ, ସେହିପରି ସମଗ୍ର ଉପାଦାନଟିର ରୂପ ପରିଗ୍ରହଣର ପରିପ୍ରକାଶ ହେଉଛି 'ପାଠ' । ଯେହେତୁ, ଲୋକ ଉପାଦାନ ଉଭୟ ବାଚିକ ଏବଂ ନୈର୍ବାଚିକ ହୋଇଥାଏ, ଏଣୁ ଲୋକ ଉପାଦାନର 'ପାଠ' ଭାବରେ ତାହାର ଶବ୍ଦ, ବସ୍ତୁ, ଆକୃତି, ଗଠନ, ଆଦିରୂପ ବା ଢାଞ୍ଚା, ବ୍ୟବହାର, ଏବଂ ଉପଯୋଗ ପ୍ରଭୃତିକୁ ଗ୍ରହଣ କରାଯାଇପାରେ ।

ବାଚିକ ଉପାଦାନରେ 'ପାଠ' ଚିହ୍ନଟ କରିବା ସହଜ । କାରଣ, ବାଚିକ ଉପାଦାନଟି ହିଁ ଏକ 'ପାଠ' । କିନ୍ତୁ, ନୈର୍ବାଚିକ ଉପାଦାନରେ 'ପାଠ' ନିର୍ମାଣ ସମ୍ପର୍କରେ ଆମକୁ ସଚେତନ ହେବା ଆବଶ୍ୟକ । ଆଲୋଚନାଟିକୁ ସ୍ପଷ୍ଟ କରିବାପାଇଁ ଏଠାରେ ଏକ ଉଦାହରଣ ଦିଆଯାଇପାରେ— ଏକ ନିର୍ଦ୍ଦିଷ୍ଟ ଦିନରେ ନଈ ଓ ପୋଖରୀର ତୁଠଗୁଡିକରେ କାଗଜ ଏବଂ କଦଳୀପୁଆରେ ପ୍ରସ୍ତୁତ ଡଙ୍ଗାଗୁଡିକ ଭାସୁଛି । ପରମ୍ପରା ସହିତ ସମ୍ପୃକ୍ତ ଜଣେ ସଦସ୍ୟକୁ ବୁଝାଇବାକୁ ପଡିବନାହିଁ ଯେ ଆଜି 'କାର୍ତ୍ତିକ ପୂର୍ଣ୍ଣିମା', ଏବଂ ଏଗୁଡିକ 'ବୋଇତ ଭସାଣ'ର ଅବଶେଷ । ସେହିପରି, ଜଣେ ଯଦି ତା' ହାତର ମଝି ଆଙ୍ଗୁଳିରେ

ଲୁହାରେ ତିଆରି ମୁଦି ପିନ୍ଧିଛି ତେବେ, ଆମେ ତାହାକୁ ଦେଖିଲେ ହିଁ ଜାଣିପାରିବା— ମୁଦିଟି 'ଘୋଡାନାଳ'ରେ ତିଆରି ଏବଂ ଏହାକୁ ପିନ୍ଧିଲେ ଗ୍ରହଦୋଷରୁ ମୁକ୍ତି ମିଳିବ ବୋଲି ଏକ ବିଶ୍ୱାସକୁ ଆଧାରକରି ଧାରଣ କରାଯାଇଛି । ଏହି କଦଳୀପୁଆ, କାଗଜ ଡଙ୍ଗା, ଏବଂ ଲୁହାମୁଦି ଏକଏକ ଧାରଣା ବା 'ବିଶ୍ୱାସ (idea)'ର 'ସୂଚକାଙ୍କନ (marker)' ମାତ୍ର, ଯାହା ଗାଁର ଗଉଡ ଏବଂ କମାରଙ୍କଦ୍ୱାରା ଅନୁଷ୍ଠିତ ହୋଇଥାଏ । ଏହାର ପୃଷ୍ଠପଟ୍ଟରେ ଥିବା 'ପାଠ'ଟି ହେଉଛି— ରୋଗ, ବିପଦ, ସାପ, ସରୀସୃପ ଓ ଭୁତପ୍ରେତରୁ ରକ୍ଷା । ଅନୁରୂପ ଭାବରେ, ଅକ୍ଷୟ ତୃତୀୟା ଦିନ ଆମେ ଦେଖିବାକୁପାଇବା ଯେ' କ୍ଷେତରେ ଗୋଟିଏ କୋଣରେ କିଛି ଧାନ ବିହନ, ଭୋଗ ପ୍ରଭୃତି ପଡିଛି । ଏହାକୁ ଦେଖିବାମାତ୍ରେ ସମ୍ପୃକ୍ତ ଗୋଷ୍ଠୀର ଜଣେ ବ୍ୟକ୍ତି ବୁଝିଯିବେ ଯେ ଏହା 'ଅକ୍ଷିମୁଠି', ଏବଂ ଯେଉଁ ଭୋଗ ପଡିଛି ତାହା ପୂଜାରେ ଦେବାଦେବୀଙ୍କୁ ଅର୍ପଣ କରାଯାଇଥିବା ନୈବେଦ୍ୟ । ଏହି ଉପାଦାନଗୁଡିକୁ ଦେଖିବାପରେ ଆମର ଏହି ଧାରଣା ଏକ 'ପାଠ', ଯାହା ଆମେ ଉକ୍ତ ଉପାଦାନଗୁଡିକୁ ଦେଖି ପାଠ କରିବାରେ ସକ୍ଷମ ହେଲୁ କାରଣ, ଏହା ଆମ ଗୋଷ୍ଠୀର । ଆମେ ଏହି ପରମ୍ପରାର ଅନୁଷ୍ଠାନ ସମୟରେ ଉପସ୍ଥିତ ନଥିଲେ ମଧ୍ୟ ଆମର ବୁଝିବାରେ କୌଣସି ଅସୁବିଧା ହେଲାନାହିଁ;  ଆମେ ଏହି ପରମ୍ପରା ସମ୍ପର୍କରେ ଅବଗତ । ସେହିପରି, ରାସ୍ତାରେ ଗଲାବେଳେ ଜଣେ ଦେଖିଲେ ଯେ ଖଇ ଓ କଉଡି (ପଇସା) ପଡିଛି, ଏହା ଦେଖିବା ମାତ୍ରେ ଜଣେ ଜାଣିପାରିବେ ଯେ କିଛି ସମୟ ଆଗରୁ ଏଇ ରାସ୍ତାରେ ଶବଯାତ୍ରା ହୋଇଛି ।

### *୧.୧.୫.୨ ପ୍ରପାଠ*

'ପ୍ରପାଠ' ହେଉଛି ଗୋଟିଏ ଲୋକ ଉପାଦାନର ସାହିତ୍ୟିକ (literary), ଭାଷିକ (linguistic), ଏବଂ ବସ୍ତୁଭିତ୍ତିକ (ନୈର୍ବାଚିକ ଉପାଦାନ ପାଇଁ) ଅଭିଲକ୍ଷଣ (physical characteristics) । ଉଦାହରଣସ୍ୱରୂପ— ବାଚିକ ଉପାଦାନର ଭାଷିକ ଅଭିଲକ୍ଷଣ (linguistic features) ହେଉଛି— ଧ୍ୱନିମେଳ (rhyme), ଅନୁପ୍ରାସ (alliteration), ବଳାଘାତ (stress), ସ୍ୱରାଘାତ (pitch), ସନ୍ଧିସ୍ଥଳ (juncture), ତାନ (tone), ଏବଂ ଅନୁରଣନ (onomatopoeia) ଇତ୍ୟାଦି । ଏହା ସହିତ ପରିବେଷଣକାରୀଙ୍କ ଶାରୀରିକ ଅଙ୍ଗଭଙ୍ଗୀ (physical expression), ନିର୍ଦ୍ଦିଷ୍ଟ ଗୁରୁତ୍ୱ (particular emphasis), ଏବଂ ମୁଖପ୍ରକାଶ (facial expression), ଭଳି ଅନେକ ପରା-ଭାଷିକ ଅଭିଲକ୍ଷଣ (para-linguistic features) ମଧ୍ୟ 'ପ୍ରପାଠ'ର ଅନ୍ତର୍ଗତ । ସେହିପରି, ନୈବାଚିକ ଉପାଦାନର ବସ୍ତୁଭିତ୍ତିକ ଉପାଦାନ ଯଥା— ରଙ୍ଗ, ମସୃଣତା, ଚିକ୍କଣତା, ଚମକ ତଥା ଉତ୍କୃଷ୍ଟତା ପ୍ରଭୃତିକୁ ଆମେ ପ୍ରପାଠ ଭାବରେ ଗ୍ରହଣ କରିପାରିବା । ଅନୁରୂପ ଭାବରେ, ପ୍ରଥାନୁରୂପୀ ଲୋକଧାରାଗୁଡିକର 'ଭିନ୍ନ ରୂପ', ଏବଂ ଭିନ୍ନଭିନ୍ନ ପରିବେଷକଙ୍କ ଭିନ୍ନଭିନ୍ନ ପରିବେଷଣ ଶୈଳୀକୁ ତଥା ଭିନ୍ନ ଅନୁଷ୍ଠାନକୁ 'ପ୍ରପାଠ' ଭାବରେ ଲୋକତତ୍ତ୍ୱବିଦ୍‌ମାନେ ଗ୍ରହଣକରନ୍ତି । ଲୋକ ଉପାଦାନର ଏହି 'ପ୍ରପାଠ' ଅଭିଲକ୍ଷଣଗୁଡିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏହା ଅନ୍ୟ ଏକ ଭାଷାକୁ ଅନୁବାଦ କରିବା ଅସମ୍ଭବ ହୋଇଥାଏ । ଏହି କାରଣରୁ ପ୍ରବାଦ-ପ୍ରବଚନ, 'ଦ୍ରୁତାଖ୍ୟାନ (tongue twister)' ଯାହା 'ବଦ୍ଧ ପଦବନ୍ଧ (fixed phrase)' ଅର୍ଥାତ୍ ଯାହାର ଶବ୍ଦ ଏବଂ ଅର୍ଥ ସମାନୁପାତିକ ଭାବେ ଅପରିବର୍ତ୍ତନୀୟ, ବସ୍ତୁତଃ ତାହାର ଅନୁବାଦ ଅସମ୍ଭବ, ଯଦି ଭାଷା ଦୁଇଟିର ବ୍ୟୁତ୍ପତ୍ତିଗତ ସମତାନାହିଁ । ଉଦାହରଣସ୍ୱରୂପ— 'କାଣିଆ କପିଳା ଭେଟ', 'ବେଲ ପାଚିଲେ କୁଆର କି ଲାଭ ?', 'ତୁ ଯେତେ ମାରିବୁ ମାଠ, ମୁଁ ସେଇ ଦରପୋଡା କାଠ', ବା 'ଆଜିନାଇଁ କାଲିନାଇଁ, ଗହ୍ମା ପୂନେଇକୁ ମାଇଁମାଇଁ' ପ୍ରଭୃତି ପ୍ରବାଦ-ପ୍ରବଚନର ଅନୁବାଦ ଅନ୍ୟ ଭାଷାରେ ତତ୍ତ୍ୱଦୃଷ୍ଟିରୁ ସମ୍ଭବ ହୋଇପାରେ କିନ୍ତୁ, ଏଥିରେ ଥିବା 'ପ୍ରପାଠ'ର ଅନୁବାଦ ଅସମ୍ଭବ । ଅତଏବ, ଗୋଟିଏ ଲୋକ ଉପାଦାନର 'ପାଠ' ସମ୍ପୃକ୍ତ ଉପାଦାନର ଏକ ପ୍ରକାଶିତ ରୂପ, ଏବଂ ପ୍ରପାଠ ହେଉଛି ତାରି ଭିତରେ ଥିବା ଗୁମ୍ଫିତ ଅବୟବ । 'ପ୍ରପାଠ'ର ଅନୁବାଦ ସମ୍ଭବନୁହେଁ, ଯେତେବେଳେ କି 'ପାଠ'ର ଅନୁବାଦ ସମ୍ଭବ । ତେବେ, ଏହି 'ପ୍ରପାଠ' କେବଳ ବାଚିକ ଉପାଦାନ ମଧ୍ୟରେ ସୀମିତ ନୁହେଁ; ନାଟକ, ନୃତ୍ୟ, ଚିତ୍ରକଳା, କ୍ରୀଡା, ଏବଂ ପାରମ୍ପରିକ ହସ୍ତଶିଳ୍ପ ଉପକରଣ ଭଳି ଅନ୍ୟାନ୍ୟ ନୈର୍ବାଚିକ ଉପାଦାନ ପାଇଁ ମଧ୍ୟ ସମଭାବରେ  ପ୍ରଯୁଜ୍ୟ ।

ଏଠାରେ କହିରଖିବା ଉଚିତ ଯେ— ଯଦି ଲୋକ ଉପାଦାନ ସ୍ଥାନୀୟ ଭାଷାରେ ସଂଗୃହୀତ ହୋଇନଥିବ, ତା'ହେଲେ ତାହାର 'ପ୍ରପାଠ' ସଂଗୃହୀତ ହୋଇପାରିବନାହିଁ । ଏହା ବାଚିକ ଉପାଦାନପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ, ନୈର୍ବାଚିକ ଉପାଦାନପାଇଁ ମଧ୍ୟ ସମାନ ଭାବରେ ଗ୍ରହଣୀୟ । ଏଣୁ, ବାଚିକ ଉପାଦାନଗୁଡିକ ସର୍ବଦା ସ୍ଥାନୀୟ ଭାଷାରେ ସଂଗୃହୀତ ହେବା ଆବଶ୍ୟକ । ସେହିପରି, ନୈର୍ବାଚିକ ଉପାଦାନର ନିର୍ମାଣ ଶୈଳୀ, ଉପଯୋଗ (function), ବ୍ୟବହାର (use) ଓ ତାହାର ସାଂସ୍କୃତିକ ପୃଷ୍ଠଭୂମିର ଆଲେଖ୍ୟ ମଧ୍ୟ ସ୍ଥାନୀୟ ଭାଷାରେ ହେବା ଉଚିତ । ପୁଣିଥରେ କୁହାଯାଇପାରେ ଯେ— ଲୋକ ଉପାଦାନଟିର ସଠିକ୍ ଅଧ୍ୟୟନ ସେତେବେଳେ ସମ୍ଭବ, ଯେତେବେଳେ ଉପାଦାନଟି ପରିବେଷଣ ସମୟରେ ସିଧାସଳଖ ଭାବରେ କ୍ଷେତ୍ରରୁ ସଂଗୃହୀତ ହୋଇଥିବ । କାରଣ, ଉପାଦାନ ସହିତ ଏହାର ପରିବେଷଣ ପ୍ରସଙ୍ଗ ଅନୁଶୀଳନ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ । ଏହି କାରଣରୁ ଲୋକ ଉପାଦାନର 'ପରିବେଷଣ ଅଧ୍ୟୟନ (performance studies)' ଉପରେ ଲୋକତତ୍ତ୍ୱବିଦ୍‌ମାନେ ସମ୍ପ୍ରତି ଗୁରୁତ୍ୱ ପ୍ରଦାନକରନ୍ତି । ନଚେତ୍, ଜଣେ ନଈପାଣିରେ କାଗଜ ଡଙ୍ଗା ଭାସୁଥିବା ଦେଖିପାରିବେ, କାହା ହାତରେ ଲୁହାମୁଦି ଦେଖିପାରିବେ କିନ୍ତୁ କ'ଣ ପାଇଁ ଏହା କରାଯାଇଛି ତାହା ବି ହୁଏତ ପଚାରି ଅବଗତ ହୋଇପାରିବେ । କିନ୍ତୁ, ତାହା କେମିତି ଅନୁଷ୍ଠିତ ହେଲା, ତାହା ଅନୁଷ୍ଠିତ ହେବା ସମୟରେ କି ପ୍ରକାର ପାରମ୍ପରିକତା ଗ୍ରହଣ କରାଯାଇଥିଲା, ଅନୁଷ୍ଠାନକାରୀଙ୍କ 'ଅନୁଷ୍ଠାନ-ପୂର୍ବ ଏବଂ ଅନୁଷ୍ଠାନ-ପର ଭୂମିକା (pre-performance and post-performance activities)' କ'ଣ ଥିଲା, ତାହା ଜାଣିବା ସମ୍ଭବ ହେବନାହିଁ । ସେହିପରି, ଜଣେ ଗବେଷକ ଯଦି ଗୋଟିଏ ଗୋଷ୍ଠୀର ଲୋକ କାହାଣୀ, ବା ଲୋକ ଗୀତ ସଂଗ୍ରହ କରିବାକୁ ଯାଇ ଜଣେ କଥକ ବା ଗୀତ-କୁଡିଆଙ୍କୁ ଏକ ନିରୋଳା ସ୍ଥାନରେ ବା କିଛି ଲୋକଙ୍କ ପାଖରେ ବସେଇ ତାଙ୍କ ଉପାଦାନ ସଂଗ୍ରହ କରନ୍ତି, ତେବେ ତାହାର 'ପ୍ରପାଠ' ସଂଗ୍ରହ ସମ୍ଭବ ନୁହେଁ । କାରଣ, କଥାନି, ଲୋକ ଗୀତ ବା ଯେକୌଣସି ଲୋକ ଉପାଦାନ ପରିବେଷଣପାଇଁ ଏକ ପରିସର ବା କ୍ଷେତ୍ର ନିର୍ମାଣ କରାଯାଇଥାଏ, ତା ସହିତ ଦର୍ଶକ-ଶ୍ରୋତା ଏହିସବୁ ପରିବେଷଣରେ ପ୍ରମୁଖଭୂମିକା ମଧ୍ୟ ଗ୍ରହଣକରିଥାନ୍ତି । ଅତଏବ, କେବଳ ଗବେଷଣା କାର୍ଯ୍ୟପାଇଁ ଆୟୋଜିତ ହୋଇ ପରିବେଷିତ ହୋଇଥିବା ଉପାଦାନ ଏକ ଯଥାର୍ଥ ଉପାଦାନ ନୁହେଁ, ଏଥିପାଇଁ ପ୍ରକୃତ କ୍ଷେତ୍ର ପରିବେଷଣରୁ ଉପାଦାନ ସଂଗ୍ରହ କରାଯିବା ଆବଶ୍ୟକ ।

'ପାଠ' ଏବଂ 'ପ୍ରପାଠ' ସମ୍ପର୍କରେ ଏକ ଉଲ୍ଲେଖନୀୟ ବିଷୟ ହେଉଛି— କେତେକ ଲୋକ ଉପାଦାନ କ୍ଷେତ୍ରରେ ଏଗୁଡିକର ନିର୍ଣ୍ଣୟକାଳରେ ଲୋକତତ୍ତ୍ୱବିଦ୍‌ମାନଙ୍କୁ ଅନେକ ସମସ୍ୟା ସାମ୍ନା କରିବାକୁ ପଡିଥାଏ, ଯେମିତି— ନାନାବାୟା ଗୀତ (nursery rhyme)ର ଶବ୍ଦସବୁକୁ ଆମେ 'ପାଠ' ନା 'ପ୍ରପାଠ' ଭାବରେ ଗ୍ରହଣ କରିବା ? ସେହିପରି, ଜଣେ କାହାଣୀ କଥକ ତାଙ୍କର ଆଖ୍ୟାନର କିଛି ଅଂଶକୁ ପୁନରାବୃତ୍ତି କରିବା 'ପ୍ରପାଠ' ନା 'ପ୍ରସଙ୍ଗ'ର ପ୍ରଭାବ ? ଗୋଟିଏ ପାରିମ୍ପରିକ ଚିତ୍ରରେ ବ୍ୟବହୃତ ହୋଇଥିବା ନାଲିରଙ୍ଗର ଆସ୍ତରଣଟି 'ପାଠ'ର ପରିଚାୟକ ନା 'ପ୍ରପାଠ'ର ସ୍ୱରୂପ ? ଅତଏବ, ବେଳେବେଳେ 'ପ୍ରପାଠ'କୁ 'ପାଠ', ଏବଂ 'ପ୍ରସଙ୍ଗ'ଠାରୁ ଅଲଗାକରି ଦେଖିବା ସହଜ ହୋଇନଥାଏ । ଏଣୁ, ଲୋକତତ୍ତ୍ୱବିଦ୍‌ମାନେ ଉପାଦାନର ବିଭିନ୍ନ ଅଭିଲକ୍ଷଣକୁ ସ୍ୱତନ୍ତ୍ର ଭାବରେ ବର୍ଣ୍ଣନାକରି 'ପାଠ', 'ପ୍ରପାଠ', ଏବଂ 'ପ୍ରସଙ୍ଗ'କୁ ଏକତ୍ରକରି ଉପାଦାନର ପରିବେଷଣକୁ ସାମଗ୍ରିକ ଦୃଷ୍ଟିକୋଣରୁ ଆଲୋଚନା କରିଥାନ୍ତି ।

### *୧.୧.୫.୩ ପ୍ରସଙ୍ଗ*

ସ୍ଥାନୀୟ ପରିବେଶ, ସାମାଜିକ ଅବସ୍ଥା, ଯେଉଁଠି ଲୋକ ଗୋଷ୍ଠୀ ସେମାନଙ୍କର ଉପାଦାନର ଆଦାନପ୍ରଦାନ କରନ୍ତି, ତା ସହିତ ଶ୍ରୋତା ବା ଦର୍ଶକ ଏବଂ ପରିବେଷଣରେ ସେମାନଙ୍କ ଅଂଶଗ୍ରହଣର ପ୍ରକ୍ରିୟାକୁ ପରିବେଷିତ ଉପାଦାନର 'ପ୍ରସଙ୍ଗ' ଭାବରେ ନିଆଯାଇପାରେ । ମୁଖ୍ୟତଃ, 'ପ୍ରସଙ୍ଗ' ହେଉଛି ତାହା, ଯାହା ପରିବେଷଣର ଚତୁଃପାର୍ଶ୍ୱରେ ପରିବେଷଣକାଳରେ ଦେଖାଯାଇଥାଏ । ଆମେ ଏକ ଲୋକ ଗୋଷ୍ଠୀରୁ ଉପାଦାନର କେବଳ ପାଠକୁ ସଂଗ୍ରହକରି ସମ୍ପୃକ୍ତ ଗୋଷ୍ଠୀର ବା ଉପାଦାନଟିର ଗୁରୁତ୍ୱକୁ ଠିକ୍ ଭାବରେ ଆଲୋଚନା କରିପାରିବା ନାହିଁ । କାରଣ, ଏହା ଗୋଟିଏ ବୃହତ୍ ସାଂସ୍କୃତିକ ପରିସରର ଏକ ଅଂଶ । ଯେହେତୁ, ଉପାଦାନଟି ଏକ ଲୋକ ଗୋଷ୍ଠୀର ଅଂଶ, ଏଣୁ ସମ୍ପୃକ୍ତ ଲୋକ ଗୋଷ୍ଠୀଟି ହିଁ ସେହି ଉପାଦାନ ସମ୍ପର୍କରେ ସଠିକ୍

ମତପ୍ରଦାନ କରିପାରିବେ । ଅତଏବ, ପରିବେଷିତ ଏକ ଉପାଦାନ ସଂଗୃହିତହେବା ସମୟରେ ଲୋକଧାରାର ଗବେଷକ ଉପାଦାନଟି ସମ୍ପର୍କରେ ଅବିରତ ଭାବରେ 'ପରାମର୍ଶଦାତା (consultant)'ଙ୍କ ସହିତ ସେହି ନିର୍ଦ୍ଦିଷ୍ଟ ପାଠ, ଏବଂ ପ୍ରପାଠ ସମ୍ପର୍କରେ ଆଲୋଚନା କରିବା ଉଚିତ ।

ଲୋକ ଉପାଦାନଟିକୁ ସଂଗ୍ରହକରି ତଥା ଏକ ନିର୍ଦ୍ଦିଷ୍ଟ ପରିବେଷଣରୁ ଏକ 'ପାଠ'କୁ ଆଣି ପରିବେଷଣକାଳରେ ପରିବେଷଣକାରୀ 'ପାଠ' ଆଉ ଅଂଶଗ୍ରହଣକାରୀଙ୍କ ଭୂମିକାକୁ କେବଳ ଆଲୋଚନା କରିବା ପ୍ରସଙ୍ଗ ନୁହେଁ, ବରଂ ପ୍ରସଙ୍ଗ କହିଲେ ଅଂଶଗ୍ରହଣକାରୀ ଏବଂ ଗବେଷକ ମିଳିତ ଭାବରେ ପରିବେଷଣ ପରିସରରେ କ'ଣ ଉପଲବ୍ଧି କଲେ, ପରିବେଷଣକାଳରେ ଉପାଦାନଟିର ସ୍ମରଣ ଏବଂ କଳ୍ପନା ବା ସଂଯୋଜନା କିପରି ଥିଲା ତାହାର ସାମଗ୍ରିକ ପରିପ୍ରକାଶ । ଅନ୍ୟ ଅର୍ଥରେ, ପରିବେଷଣ ଭାବରେ ଆମକୁ ପରିବେଷଣ-ପୂର୍ବଜ୍ଞାନ ସହିତ ପରିବେଷଣକାଳରେ ଆମେ କ'ଣ ପ୍ରତ୍ୟକ୍ଷ କଲେ, ସେସବୁକୁ ମଧ୍ୟ ବିଚାରକୁ ନେବାକୁ ହେବ ।

## ପ୍ରଶ୍ନ

### କ) ଦୀର୍ଘ ଉତ୍ତରମୂଳକ

୧) ଲୋକଧାରା ଆଲୋଚନା ପ୍ରସଙ୍ଗରେ 'ଲୋକ' କହିଲେ କାହାକୁ ବୁଝାଏ ? — ଆଲୋଚନା କରନ୍ତୁ ।

୨) ସାମ୍ପ୍ରତିକ ଲୋକତତ୍ତ୍ୱରେ ପରମ୍ପରାକୁ କିପରି ଗ୍ରହଣ କରାଯାଉଛି ଆଲୋଚନା କରନ୍ତୁ ।

୩) ଲୋକଧାରା ପରିବେଷଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରନ୍ତୁ ।

### ଖ) ନାତିଦୀର୍ଘ ଉତ୍ତରମୂଳକ

୧) ଲୋକ ଉପାଦାନର ବୈଶିଷ୍ଟ୍ୟଗୁଡିକ ସମ୍ପର୍କରେ ଉଦାହରଣ ସହ ଆଲୋଚନା କରନ୍ତୁ ।

୨) କେଉଁ ଉପାଦାନଗୁଡିକୁ ତତ୍ତ୍ୱଦୃଷ୍ଟିରୁ ଏକ ଲୋକ ଉପାଦାନ ଭାବରେ ଗ୍ରହଣ କରାଯାଇନପାରେ ? — ଆଲୋଚନା କରନ୍ତୁ ।

୩) ଲୋକ ଉପାଦାନଗୁଡିକୁ ବିଭାଗୀକରଣ କରି ଅନ୍ୟୁନ ପାଞ୍ଚଟି ଲେଖାଏଁ ଉଦାହରଣ ଦିଅନ୍ତୁ ।

### ଗ) ସଂକ୍ଷିପ୍ତ ଉତ୍ତରମୂଳକ

୧) ଦ୍ୱି-ବ୍ୟକ୍ତିକ ଲୋକଧାରା କ'ଣ ? ସ୍ୱ-ସମ୍ପୃକ୍ତ ଲୋକ ଗୋଷ୍ଠୀରୁ ସଦସ୍ୟଙ୍କ ଉଦାହରଣ ସହିତ କୌଣସି ଏକ ଉପାଦାନ ବିଷୟରେ ଉଲ୍ଲେଖ କରନ୍ତୁ ।

୨) ଲୋକ ଉପାଦାନର ବିଲୋପନ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରନ୍ତୁ ?

# ଓଡିଶାରେ ଲୋକ ସାହିତ୍ୟ ଚର୍ଚ୍ଚାର ପରମ୍ପରା

**୧.୨.୦ ଉପକ୍ରମ**

**୧.୨.୧ ସ୍ୱାଧୀନତା ପୂର୍ବବର୍ତ୍ତୀ କାଳ**

**୧.୨.୨ ସ୍ୱାଧୀନତା ପରବର୍ତ୍ତୀ କାଳ**

*୧.୨.୨.୧ ଲୋକ ସାହିତ୍ୟ ଏବଂ ସଂସ୍କୃତି ସମ୍ପର୍କିତ ଚର୍ଚ୍ଚା*

*୧.୨.୨.୨ ଲୋକ ନୃତ୍ୟ ଓ ନାଟକ ସମ୍ପର୍କିତ ଚର୍ଚ୍ଚା*

*୧.୨.୨.୩ ଆଦିବାସୀ ଏବଂ ଦଳିତ ଲୋକ ସାହିତ୍ୟ ଓ ସଂସ୍କୃତି ସମ୍ପର୍କିତ ଚର୍ଚ୍ଚା*

*୧.୨.୨.୪ ଅନ୍ୟାନ୍ୟ ଲୋକ ଉପାଦାନ ସମ୍ପର୍କିତ ଚର୍ଚ୍ଚା*

*୧.୨.୨.୫ ଲୋକତତ୍ତ୍ୱ ଏବଂ ସିଦ୍ଧାନ୍ତ ଆଧାରିତ ଚର୍ଚ୍ଚା*

**୧.୨.୩ ଓଡିଆ ଲୋକଧାରା ତଥା ଲୋକ ସାହିତ୍ୟ ଚର୍ଚ୍ଚାର ବିଭିନ୍ନ ଦିଗ**

## ୧.୨.୦ ଉପକ୍ରମ

ଓଡିଶାରେ ଲୋକବିଦ୍ୟାର ବିଧିବଦ୍ଧ ଅଧୟନ ଆରମ୍ଭ ହୁଏ ଜନ୍ ବୀମସ୍‌ଙ୍କଠାରୁ । ପରବର୍ତ୍ତୀ ସମୟରେ ଅନେକ ସ୍ଥାନୀୟ ବିଦ୍ୱାନ ଏ କ୍ଷେତ୍ରରେ ଆଗେଇ ଆସିଥିଲେ । ଊନବିଂଶ ଶତକର ସତୁରୀ ଦଶକରୁ ସାମ୍ପ୍ରତିକ କାଳଯାଏଁ ଲୋକଧାରା ତଥା ଲୋକ ସାହିତ୍ୟର ଅଧ୍ୟୟନ ଚାଲିଛି । ବିଶ୍ୱବିଦ୍ୟାଳୟ ସ୍ତରରେ ଗବେଷଣା ଭାବରେ ତଥା ଏକକ ଭାବରେ ମଧ୍ୟ ବିଦ୍ୱାନମାନେ ଲୋକ ଉପାଦାନର ସଂଗ୍ରହ ଏବଂ ଅନୁଶୀଳନ କରିଚାଲିଛନ୍ତି । ଏବଂ, ବିଧିବଦ୍ଧ ଭାବରେ ନହେଲେ ବି କେତେକ ଅନୁଷ୍ଠାନ ମଧ୍ୟ ସ୍ୱତନ୍ତ୍ର ଭାବରେ ଲୋକ ଉପାଦାନର ସଂଗ୍ରହ କରିବା ସହିତ ସେଗୁଡିକର ଅନୁଶୀଳନ କରିବାରେ ପ୍ରୟାସରତ । ଅତଏବ, ଓଡିଶାର ଲୋକ ସାହିତ୍ୟ ବା ଲୋକଧାରା ଚର୍ଚ୍ଚାର ପରମ୍ପରାକୁ ଆଲୋଚନାର ସୁବିଧା ଦୃଷ୍ଟିରୁ ଦୁଇଭାଗରେ ବିଭକ୍ତ କରାଯାଇପାରେ— ପ୍ରଥମତଃ ସ୍ୱାଧୀନତା ପୂର୍ବବର୍ତ୍ତୀ ପର୍ଯ୍ୟାୟ ଯେଉଁ ସମୟରେ ବିଭିନ୍ନ ଲୋକ ଉପାଦାନ ମୁଖ୍ୟତଃ ଲୋକ ସାହିତ୍ୟର ସଂଗ୍ରହ, ବିଭାଗୀକରଣ, ଓ ସଂକଳନ ପ୍ରଭୃତିର ପ୍ରାରମ୍ଭିକ କାର୍ଯ୍ୟ କରାଯିବାର ପ୍ରଚେଷ୍ଟା କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ସ୍ୱାଧୀନତା ପରବର୍ତ୍ତୀକାଳ ଯେଉଁ ପର୍ଯ୍ୟାୟରେ ଲୋକ ସାହିତ୍ୟ ସହିତ ଅନ୍ୟ

ଲୋକ ଉପାଦାନଗୁଡିକର ସଂଗ୍ରହ ଆଉ ବିଭାଗୀକରଣ କାର୍ଯ୍ୟ ସହିତ ଏସବୁର ଆଲୋଚନା କରିବାକୁ ମଧ୍ୟ ଗୁରୁତ୍ୱପ୍ରଦାନ କରାଗଲା । ଏହା ସହିତ ଆନ୍ତର୍ଜାତିକ ସ୍ତରରେ ହେଉଥିବା ଲୋକତାତ୍ତ୍ୱିକ ଦିଗ, ଏବଂ ଏହାର ସିଦ୍ଧାନ୍ତଗୁଡିକ ଉପରେ ଅନେକତଃ ଗୁରୁତ୍ୱ ପ୍ରଦାନ କରାଗଲା ।

### ୧.୨.୧ ସ୍ୱାଧୀନତା ପୂର୍ବବର୍ତ୍ତୀ କାଳ

ଓଡିଶାରେ ଲୋକଧାରାର ଅଧ୍ୟୟନର ଧାରା ଆରମ୍ଭ ହୁଏ ୧୮୭୨ ମସିହାରୁ ଜନ ବୀମସ୍‌ଙ୍କଠାରୁ । ବାଲେଶ୍ୱରର ଏହି ତତ୍କାଳୀନ କଲେକ୍ଟର "Folklore of Orissa" ଶୀର୍ଷକ ଏକ ପ୍ରବନ୍ଧ କଲିକତାରୁ ପ୍ରକାଶିତ ହେଉଥିବା ***The Indian Antiquary*** ପତ୍ରିକାରେ ପ୍ରକାଶ କରିଥିଲେ । ଏହି ପ୍ରବନ୍ଧରେ ସେ ସମକାଳୀନ ଓଡିଶାର ଲୋକ ବିଶ୍ୱାସର ସ୍ୱରୂପ ଉଦ୍ଘାଟନ କରିବା ପାଇଁ ପ୍ରଚେଷ୍ଟା କରିଥିଲେ । ଡାଆଣୀ ବିଶ୍ୱାସ, ଗୃହ ନିର୍ମାଣ ସମ୍ପର୍କିତ ନିଷେଧ, ଶୁଭ କର୍ଯ୍ୟରେ ବାହାରିବା ବେଳର ଶୁଭାଶୁଭ ଭଳି ତତ୍କାଳୀନ ଓଡିଆ ସମାଜରେ ପ୍ରଚଳିତ ପାରମ୍ପରିକ ବିଶ୍ୱାସି ସମ୍ପର୍କରେ ଆଲୋଚନା କରିଥିଲେ । ଏହାପରେ, ତତ୍‌କାଳୀନ ଓଡିଶାର କମିଶନ୍‌ର ଟି. ଇ. ରେଭେନ୍‌ସାଙ୍କ ପ୍ରୋତ୍ସାହନରେ କପିଳେଶ୍ୱର ବିଦ୍ୟାଭୂଷଣ ନନ୍ଦଶର୍ମା କେତେକ ଗୀତ, ଢଗ ଓ ପ୍ରବାଦ-ପ୍ରବଚନ ସଂଗ୍ରହକରି ୧୮୭୬ ମସିହାରେ ପ୍ରକାଶ କରିଥିଲେ । ପରବର୍ତ୍ତୀ ସମୟରେ, ବହୁ ବିଦ୍ୱାନ ଲୋକ ସାହିତ୍ୟ ସଂଗ୍ରହ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ଦେଖିବାକୁ ମିଳେ ଫଳସ୍ୱରୂପ, ଅନେକ ସଂକଳନ, ଏବଂ ଆଲୋଚନା ଗ୍ରନ୍ଥ ପ୍ରକାଶିତ ହୋଇଥିଲା । ଏଗୁଡିକ ମଧ୍ୟରେ ଗୋବିନ୍ଦ ରଥଙ୍କ *ଢଗଢମାଳି* (୧୮୯୩), ନୀଳମଣି ବିଦ୍ୟାରତ୍ନଙ୍କ *ପ୍ରବାଦ ପୁଷ୍ପାଞ୍ଜଳି* (୧୯୦୩), ରାଘବାନନ୍ଦ ଦାସଙ୍କ *କୃଷି ପ୍ରବଚନ ସଂଗ୍ରହ* (୧୯୧୪), ଭଗବାନ ହୋତାଙ୍କ *ଓଡିଆ ପ୍ରବାଦମାଳା* (୧୯୧୪), ଆପନ୍ନା ପଣ୍ଡାଙ୍କ *ଢଗ ସଞ୍ଚୟନ* (୧୯୨୮), ଏବଂ *ଢଗଢମାଳିକା ତତ୍ତ୍ୱବୋଧନୀ* (୧୯୨୩), ମୋହନ ଚରଣ ଦାସଙ୍କ *ନୂଆବୋହୂ କାନ୍ଦଣା* (୧୯୨୧), ଉପେନ୍ଦ୍ର ନାରାୟଣ ଦାସଗୁପ୍ତାଙ୍କ ***Folk Tales of Orissa*** (1923), ନିତ୍ୟାନନ୍ଦ ସାହୁଙ୍କ *ଢଗ ଢମାଳୀ* (୧୯୨୪), ଚକ୍ରଧର ମହାପାତ୍ରଙ୍କ *ଗାଉଁଲି ଗୀତ ଚୁମ୍ବକ* (୧୯୩୯), ମୋହିନୀମୋହନ ସେନାପତିଙ୍କ *ଓଡିଆ କାହାଣୀ* (୧୯୧୨), ଶରତଚନ୍ଦ୍ର ରାୟଙ୍କ **The Hill Bhuyans of Orissa** (1935) ତଥା ନୀଳକଣ୍ଠ ଦାସଙ୍କ ନବଭାରତରେ ପ୍ରକାଶିତ ବିଭିନ୍ନ ଆଲୋଚନା ଉଲ୍ଲେଖଯୋଗ୍ୟ । ଏହି ପ୍ରାରମ୍ଭିକ ପର୍ଯ୍ୟାୟର ଆଉ ଏକ ଉଲ୍ଲେଖନୀୟ ଗ୍ରନ୍ଥ ହେଉଛି *ଗାନ୍ଧର୍ବିକା ଶତଦଳ* (୧୯୩୭) । ଏହି ଗ୍ରନ୍ଥରେ ଲକ୍ଷ୍ମୀ ନାରାୟଣ ସାହୁ କନ୍ଧ, ସଉରା, ଗଦବା, ଗଣ୍ଡ, ପରଜା, କୋୟା, ଏବଂ ସାନ୍ତାଳୀ ପ୍ରଭୃତି ଆଦିବାସୀଙ୍କ ଲୋକ ସାହିତ୍ୟ ସଂଗ୍ରହକରି ପ୍ରକାଶ କରିଥିଲେ । ସେହିପରି, ***Hill Tribes of Jeypore*** (1942) ତାଙ୍କର ଅନ୍ୟ ଏକ ଉଲ୍ଲେଖଯୋଗ୍ୟ କୃତି । ଏହି ଗ୍ରନ୍ଥରେ ବିଷମ କଟକ, ରାୟଗଡା, ଗୁଣପୁର, ଜୟପୁର, ମାଲକାନଗିରି ଅଞ୍ଚଳର ଭୂମିଆ, ବଣ୍ଡା ପରଜା, ସଉରା, ଶବର, ଶୁଣ୍ଡି ପ୍ରଭୃତି ଲୋକ ଗୋଷ୍ଠୀର ଗୀତ, ନାଚ, ପର୍ବପର୍ବାଣୀ, ସାମାଜିକ ରୀତିନୀତି ପ୍ରଭୃତି ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି ଆଲୋଚନାଗୁଡିକରେ ମୁଖ୍ୟତଃ ଲୋକ ସାହିତ୍ୟର ବିଭିନ୍ନ ବିଭାଗ ତଥା ଜନଜାତିଙ୍କ ଧର୍ମ ବିଶ୍ୱାସ, ସଂସ୍କାର, ରୀତି-ନୀତି, କାହାଣୀରେ ପ୍ରକାଶିତ ଜନଶ୍ରୁତି ତାର ଉତ୍ସ ଓ ଲୋକ ସାହିତ୍ୟର ଭାଷା ଆଦି ସମ୍ବନ୍ଧରେ ସେ ଆଲୋଚନା କରିଛନ୍ତି ।

ଏହି ସମୟର ଉଲ୍ଲେଖଯୋଗ୍ୟ ଲୋକ ସାହିତ୍ୟ ଗବେଷକ ହେଉଛନ୍ତି ଗୋପାଳଚନ୍ଦ୍ର ପ୍ରହରାଜ । ସେ ଓଡିଶାର ବିଭିନ୍ନ ସ୍ଥାନରୁ ବହୁପରିମାଣରେ ଲୋକ ସାହିତ୍ୟ ସଂଗ୍ରହ କରିଥିଲେ, ଏବଂ ୧୯୦୧ ମସିହାରେ *ଉତ୍କଳ କାହାଣୀ* ପ୍ରଥମ ଭାଗ ପ୍ରକାଶ କଲେ । *ଉତ୍କଳ କାହାଣୀ* ଗ୍ରନ୍ଥର ମୁଖବନ୍ଧରେ ଗୋପାଳଚନ୍ଦ୍ର ସଂଗ୍ରାହକର ଦାୟିତ୍ୱ, ଲୋକ କାହାଣୀର ମହତ୍ତ୍ୱ, କାହାଣୀର ରଚୟିତା, ସାଂପ୍ରତିକ ପରିପ୍ରେକ୍ଷୀରେ ଲୋକ କାହାଣୀ ସଂଗ୍ରହ କରିବାର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଛନ୍ତି । ଲୋକ କାହାଣୀ ପରି ସେ ବହୁ ଢଗଢମାଳି, ନାଁ-ଦିଆ, ପ୍ରବାଦ-ପ୍ରବଚନ, ଡାକ-ବଚନ ଓ ଓଷାବ୍ରତ କଥା, କୃଷକ, ଶଗଡିଆ, ନାଉରିଆଙ୍କ କର୍ମ ଗୀତ, ଶିଶୁ ଗୀତ, ତଥା ଅନ୍ୟାନ୍ୟ ଲୋକୋକ୍ତି ମଧ ସଂଗ୍ରହ କରିଥିଲେ । ତାଙ୍କଦ୍ୱାରା ସଂଗୃହୀତ ଏହି ବାଚିକ ଉପାଦାନମାନଙ୍କୁ ସେ ପାଞ୍ଚଖଣ୍ଡରେ ପ୍ରକାଶ କରିବାକୁ ଯୋଜନା କରିଥିଲେ ହେଁ ଏହାର ମାତ୍ର ଦୁଇଟି ଭାଗ *ଓଡିଆ ଲୌକିକ ପଦ ବା ଢଗଢମାଳି ବଚନ* ନାମରେ ଯଥାକ୍ରମେ ୧୯୨୬ ଓ ୧୯୨୭ ମସିହାରେ

ପ୍ରକାଶିତ ହୋଇଥିଲା । ପ୍ରହରାଜ, ତାଙ୍କ ସଂଗୃହୀତ ଲୋକ କାହାଣୀଗୁଡିକର ଭାଷାକୁ ପରୀକ୍ଷା ନିରୀକ୍ଷାକରି ଏହା ମଧ୍ୟରେ କେତେକ ଅଶ୍ଳୀଳ ଶବ୍ଦର ବ୍ୟବହାର ହୋଇଥିବାର ଲକ୍ଷ୍ୟ କରିଥିଲେ, ଏବଂ ଏହାର ପରିବର୍ତ୍ତନ ଆବଶ୍ୟକ ବୋଲି ସେ ମତ ଦେଇଥିଲେ । ଏହା ସତ୍ତ୍ୱେ, କାହାଣୀର ମାଧୁର୍ଯ୍ୟ ଯେପରି ନଷ୍ଟ ନହୁଏ, ସେଥିପ୍ରତି ସେ ସତର୍କ କରାଇ ଦେଇଥିଲେ । ଶ୍ରୁତିରୁ ଶ୍ରୁତିକୁ ବା ଲୋକମୁଖରୁ ଲୋକମୁଖକୁ ଏହା ଗଡିଆସୁଥିବାରୁ ସମୟକ୍ରମେ ବହୁ ଗୀତ ଓ କାହାଣୀ ଅବଲୁପ୍ତ ହୋଇପଡୁଥିବାରୁ ଏହାର ସଂଗ୍ରହ ଅପରିହାର୍ଯ୍ୟ ବୋଲି ସେ ଅନୁଭବ କରିଥିଲେ ।

### ୧.୨.୨ ସ୍ୱାଧୀନତା ପରବର୍ତ୍ତୀ କାଳ

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଲୋକଧାରା ଅଧ୍ୟୟନରେ କେବଳ ଉପାଦାନର ସଂଗ୍ରହ ଏବଂ ବିଭାଗୀକରଣ କରାଗଲା ନାହିଁ ବରଂ ଏହାର ତାତ୍ତ୍ୱିକ ଅନୁଶୀଳନକୁ ମଧ୍ୟ ଗୁରୁତ୍ୱ ଦିଆଗଲା । ଆଲୋଚନାର ସୁବିଧା ଦୃଷ୍ଟିରୁ ଏହି ସମୟର ଲୋକ ସାହିତ୍ୟ ଚର୍ଚ୍ଚାକୁ ଆମେ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି, ଲୋକ ନାଟକ, ଆଦିବାସୀ ଓ ଦଳିତ ଲୋକଧାରା ସମ୍ପର୍କିତ ଚର୍ଚ୍ଚା, ଅନ୍ୟାନ୍ୟ ଲୋକ ଉପାଦାନର ଚର୍ଚ୍ଚା, ଏବଂ ଲୋକତତ୍ତ୍ୱ ତଥା ସିଦ୍ଧାନ୍ତ ଆଧାରିତ ଆଲୋଚନାର ପରମ୍ପରା ଭାବରେ ଆଲୋଚନା କରିପାରିବା ।

#### *୧.୨.୨.୧ ଲୋକ ସାହିତ୍ୟ ଏବଂ ସଂସ୍କୃତି ସମ୍ପର୍କିତ ଚର୍ଚ୍ଚା*

ହିନ୍ଦୀ ଲୋକ ସାହିତ୍ୟର ବିଶିଷ୍ଟ ବିଦ୍ୱାନ୍ ସତ୍ୟେନ୍ଦ୍ର ବିଦ୍ୟାର୍ଥୀଙ୍କଦ୍ୱାରା ଅନୁପ୍ରେରିତ ହୋଇ ଚକ୍ରଧର ମହାପାତ୍ର ଓଡିଶାର ବିଭିନ୍ନ ଅଞ୍ଚଳ, ବିଶେଷକରି ଗଡଜାତ ଅଞ୍ଚଳମାନ ଭ୍ରମଣକରି ବହୁ ଲୋକ ଗୀତ ସଂଗ୍ରହ କରିଥିଲେ । ତାଙ୍କର ପ୍ରଥମ ଲୋକ ଗୀତ ସଂକଳନ *ଗାଁଉଲିଗୀତ ଚୁମ୍ବକ* ସ୍ୱାଧୀନତା ପୂର୍ବବର୍ତ୍ତୀ କାଳରେ ପ୍ରକାଶ ପାଇଥିଲା । ଏଥିରେ ଇଂରାଜୀ ଅନୁବାଦ ସହିତ ଗୀତଗୁଡିକ ଓଡିଆ ଓ ଦେବନାଗରୀ ଅକ୍ଷରରେ ଲିପିବଦ୍ଧ ହୋଇଥିଲା । ତାଙ୍କର *ଉତ୍କଳ ଗାଁଉଲି ଗୀତ* ପ୍ରକାଶ ପାଇଲା ୧୯୫୯ ମସିହାରେ । ଏଥିରେ ସଂକଳିତ ଗୀତଗୁଡିକୁ ସେ ଝିଅବୋହୂଙ୍କ ସୁଖଦୁଃଖ ଗୀତିକା, ହୁଳହୁଳି କାନ୍ଦଣା, ଗାଆଣି, ମଙ୍ଗଳ ବୋଲି, କିଶୋରୀଙ୍କ ମେଳ ଗୀତିକା, ଗାଁ ପିଲାଙ୍କ ଗୀତିକା, ଗ୍ରାମ୍ୟ ବନ୍ଦନା ଗୀତି, ଢଗଢମାଳି, ବଚନ-ପଦ, କୃଷକ ବୋଲି, ସମର ବୋଲି, ନୃତ୍ୟ ଗୀତିକା, ଯାତ୍ରା ଉତ୍ସବ ଗୀତିକା ଓ ପରିଶିଷ୍ଟ— ଏହିପରି ବାର ଭାଗରେ ବିଭକ୍ତ କରିଛନ୍ତି । ଏହି ସଂକଳନରେ ପ୍ରହରାଜ ଯେଉଁ ଦୀର୍ଘ ମୁଖବନ୍ଧ ଦେଇଛନ୍ତି ସେଥିରେ ସେ ଏହି ଲୋକ ଗୀତଗୁଡିକର ବିଭିନ୍ନ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରିବାକୁ ପ୍ରଚେଷ୍ଟା କରିଛନ୍ତି ।

ଓଡିଆ ଲୋକ ସାହିତ୍ୟର ସଂଗ୍ରହ ଓ ଆଲୋଚନା କ୍ଷେତ୍ରରେ କୁଞ୍ଜବିହାରୀ ଦାଶଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ତାଙ୍କର 'ଓଡିଆ ଲୋକଗୀତ ଓ କାହାଣୀ' ଶୀର୍ଷକ ଗବେଷଣା ନିବନ୍ଧ (୧୯୫୪) ଲୋକ ସାହିତ୍ୟ ସମ୍ପର୍କିତ ପ୍ରଥମ ଓଡିଆ ନିବନ୍ଧ ଯାହା ୧୯୫୮ ମସିହାରେ ସମାନ ଶୀର୍ଷକରେ ପ୍ରକାଶିତ ହୋଇଥିଲା । ଏହି ଗ୍ରନ୍ଥରେ ବିଭାଗୀକରଣ ବ୍ୟତୀତ ଲୋକ ଗୀତର ସ୍ୱରୂପ, ସୃଷ୍ଟି ଉତ୍ସ, ସଂଗ୍ରହ ଓ ସଂକଳନର ଇତିହାସ, ପ୍ରକାରଭେଦ, ଆକୃତି ଓ ଅଭିପ୍ରାୟ, ମୋଟିଫ୍ ତତ୍ତ୍ୱ, ଅନୁକରଣ ତତ୍ତ୍ୱ, ଲୋକ କାହାଣୀ ଉପରେ ସର୍ବଭାରତୀୟ କାହାଣୀର ପ୍ରଭାବ, ଓଡିଆ ଲୋକ କାହାଣୀ ଓ ବିଭିନ୍ନ ସର୍ବଭାରତୀୟ କାହାଣୀ ମଧ୍ୟରେ ସୌସାଦୃଶ୍ୟ, ଲୋକ କାହାଣୀର ସାମାଜିକ ପୃଷ୍ଠଭୂମି, ଲୋକ ଚରିତ୍ର ଚିତ୍ରଣ ପ୍ରଭୃତି ସଂପର୍କରେ ତାତ୍ତ୍ୱିକ ବିଶ୍ଳେଷଣ କରାଯାଇଛି । ଏହା ବ୍ୟତୀତ, ପାଟୁଆଯାତ୍ରା, ଦଣ୍ଡନାଟ, ଚଇତି ଘୋଡା, ସଖୀନାଟ ଆଦି ବିଷୟରେ ମଧ୍ୟ ଆଲୋଚନା କରିଛନ୍ତି । ଏହି ଗବେଷଣା ନିବନ୍ଧ-ଗ୍ରନ୍ଥ ବ୍ୟତୀତ ତାଙ୍କର *ପଲ୍ଲୀପୁଷ୍ପ* (୧୯୪୮), *ପଲ୍ଲୀ ଝରଣା* (୧୯୫୦), *ପଲ୍ଲୀଗୀତି ସଞ୍ଚୟନ* ୩ ଖଣ୍ଡ (୧୯୫୪, ୧୯୫୯, ୧୯୬୪), *ଲୋକବାଣୀ ସଞ୍ଚୟନ ୬* ଖଣ୍ଡ (୧୯୭୩, ୭୬, ୭୮, ୮୦, ୮୧, ୮୨), ଏବଂ *ଓଡିଶାର ଲୋକକଥା* (୧୯୮୧) ପ୍ରଭୃତି ଗ୍ରନ୍ଥ ଓଡିଆ ଲୋକ ସାହିତ୍ୟର ଏକ ଏକ ଅନନ୍ୟ ସଂକଳନ । କୁଞ୍ଜବିହାରୀ ଦାଶ ତାଙ୍କର *ଲୋକଗଳ୍ପ ସଞ୍ଚୟନ* (୧୯୬୪) ଗ୍ରନ୍ଥରେ ଭୂମିକା ସହିତ ପଶୁପକ୍ଷୀ ଓ ସରୀସୃପ କାହାଣୀ, ପ୍ରେମ ଯୁଦ୍ଧ ଓ ଅସାଧ୍ୟସାଧନ କାହାଣୀ, ଅସୁର କାହାଣୀ, କର୍ମ ଓ ଦୈବ, ବୋଇତ ବଣିଜ, ଓଷା ଓ ବ୍ରତ କଥା,

ସାଂକେତିକ ଭାଷା, ପ୍ରଶ୍ନ ଉତ୍ତର ଓ ସମସ୍ୟା ସମାଧାନ, ଛଦ୍ମରୂପ, ଐନ୍ଦ୍ରଜାଲିକ ବସ୍ତୁ, ଭୂତ ଗଳ୍ପ, ହାସ୍ୟ ଓ ବ୍ୟଙ୍ଗ ପ୍ରଭୃତି ବିଭିନ୍ନ ବିଷୟବସ୍ତୁ ଆଧାରିତ କାହାଣୀଗୁଡିକର ସଂପାଦନା କରିଛନ୍ତି । ଓଡିଆ ଲୋକସାହିତ୍ୟକୁ ଆନ୍ତର୍ଜାତିକ ମର୍ଯ୍ୟାଦା ପ୍ରଦାନରେ ତାଙ୍କର ଭୂମିକା ପ୍ରଶଂସନୀୟ । ଏହି କ୍ରମରେ ତାଙ୍କର **A Study of Orissan Folklore** (1953) ଗ୍ରନ୍ଥ ଏକ ଉଲ୍ଲେଖଯୋଗ୍ୟ କୃତି । ସେହିପରି, ଲକ୍ଷ୍ମଣ ମହାପାତ୍ରଙ୍କ ସହିତ ମିଳିତ ଉଦ୍ୟମରେ କୁଞ୍ଜବିହାରୀ ଦାଶ ପ୍ରକାଶ କରନ୍ତି *Folklore of Orissa* (1979) ଯାହା ଓଡିଆ ଲୋକ ସାହିତ୍ୟ ସଂଗ୍ରହ ଓ ବର୍ଗୀକରଣ, ଏବଂ ଆଲୋଚନା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଅବଦାନ । ଏହି ଗ୍ରନ୍ଥରେ ଓଡିଶାର ସାମାଜିକ ଅନୁଷ୍ଠାନ ଏବଂ ପରମ୍ପରା, ଲୋକ ସାହିତ୍ୟ, ମିଥ୍, ଧର୍ମଧାରା, ପର୍ବପର୍ବାଣି, ନୃତ୍ୟ, ନାଟକ, ଗୀତ, ଲୋକ କଳା ସମ୍ପର୍କରେ ବିଧିବଦ୍ଧ ଭାବରେ ଆଲୋଚନା କରିଛନ୍ତି । ଲୋକ ସାହିତ୍ୟର ଆଲୋଚନାକ୍ରମରେ ନଟବର ସାମନ୍ତରାୟଙ୍କ *ଓଡିଆ ପଲ୍ଲୀ ସାହିତ୍ୟ* (୧୯୭୦)କୁ ମଧ୍ୟ ଓଡିଆ ଲୋକ ସାହିତ୍ୟର ଏକ ପରିଚୟାତ୍ମକ ଆଲୋଚନା ପୁସ୍ତକ ଭାବରେ ଗ୍ରହଣ କରାଯାଇପାରେ ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡିଆ ଲୋକ ସାହିତ୍ୟ ସମ୍ପର୍କରେ ପ୍ରକାଶିତ ହୋଇଥିବା ଆଉ କେତୋଟି ଗ୍ରନ୍ଥ ମଧ୍ୟରେ ପ୍ରସନ୍ନ କୁମାର ମିଶ୍ରଙ୍କର *ଓଡିଆ ଲୋକ ଗୀତ* (୧୯୯୪) ଏକ ଉଲ୍ଲେଖନୀୟ ଗ୍ରନ୍ଥ । ଏହି ପୁସ୍ତକରେ ଗ୍ରନ୍ଥଭୂମିକା ସହିତ କର୍ମଗୀତ, ପର୍ବପର୍ବାଣୀ ଗୀତ, ଓଷା ଗୀତ, ଅନୁଷ୍ଠାନ ଗୀତ, ଝିଅବୋହୂଙ୍କ ଗୀତ, ଦୋଳି ଗୀତ, କାନ୍ଦଣା ଗୀତ, ପିଲାଙ୍କ ଗୀତ, ମାହୁନ୍ତ ଗୀତ ତଥା ଅନ୍ୟାନ୍ୟ ଲୋକ ଗୀତଗୁଡିକୁ ସଂକଳିତ କରିଛନ୍ତି ପ୍ରସନ୍ନ କୁମାର ମିଶ୍ର । ସେହିପରି, *ଲୋକ ଧର୍ମ ଓ ଲୋକ ସାହିତ୍ୟ* (୧୯୯୯) ଗ୍ରନ୍ଥରେ ସଦାନନ୍ଦ ନାୟକ ଓଡିଶାର ଓଷାବ୍ରତ ଓ ବିଭିନ୍ନ ଲୋକଗୀତର ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି । ଅନୁରୂପ ଭାବରେ, ଓଡିଆ ଲୋକ କଥାଗୁଡିକୁ ସଂକଳିତ କରି କଇଳାଶ ପଟ୍ଟନାୟକ, ଅରବିନ୍ଦ ପଟ୍ଟନାୟକ, ଏବଂ ମହେନ୍ଦ୍ର କୁମାର ମିଶ୍ର ମଧ୍ୟ ଯଥାକ୍ରମେ *ଓଡିଶାର ଲୋକ କାହାଣୀ* (୧୯୯୫), *ଓଡିଆ ଲୋକକଥା* (୧୯୯୬), ଏବଂ *ଓଡିଶାର ଲୋକ କାହାଣୀ* (୨୦୦୯) ଭାବରେ ପ୍ରକାଶ କରିଛନ୍ତି ।

ଲୋକ ସାହିତ୍ୟର ଅନ୍ୟ ଏକ ବଳିଷ୍ଠ ଉପାଦାନ ପ୍ରବାଦ-ପ୍ରବଚନ । ଏହି ଉପରେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ କାଳରେ ଅନେକ ସ୍ୱତନ୍ତ୍ର ଆଲୋଚନା ଗ୍ରନ୍ଥ ଦେଖିବାକୁ ମିଳିଥାଏ । ସର୍ବେଶ୍ୱର ଦାସ ତାଙ୍କର *ପ୍ରବାଦ ଓ ପ୍ରବଚନ ସଂକଳନ* (୧୯୮୮)ରେ ଅନେକ ପ୍ରବାଦ-ପ୍ରବଚନ ସଂଗ୍ରହ କରିବାର ପ୍ରୟାସ କରିଛନ୍ତି । ଏହି ଗ୍ରନ୍ଥରେ ସେ ପ୍ରବାଦ-ପ୍ରବଚନକୁ କୃଷି, ଇତିହାସ, କିମ୍ବଦନ୍ତୀ, ଗ୍ରାମ୍ୟ ଜୀବନ, ଜନ୍ମ-ମୃତ୍ୟୁ, ପ୍ରେମ ପ୍ରଣୟ ପ୍ରଭୃତି ବାଉନଟି ବିଭାଗରେ ବିଭାଗୀକରଣ କରିଛନ୍ତି । ଅନୁରୂପ ଭାବରେ, *ଓଡିଆ ଢଗଢମାଳି ଓ ଲୋକ ଗୀତ* (୨୦୦୧) ଗ୍ରନ୍ଥରେ କୃପାସିନ୍ଧୁ ବିଶ୍ୱାଳ ମଧ୍ୟ ଅନେକ ଢଗ, ଲୋକୋକ୍ତି, ରୂଢି, ଛଟା, କୃଷି ବଚନ, ଇତିହାସ ବଚନ, ସମର ବୋଲି, ମାଳିକା ବଚନ ସଂକଳିତ କରିଛନ୍ତି ।

ଓଡିଆ ଲୋକ ସାହିତ୍ୟ ଆଲୋଚନା କ୍ଷେତ୍ରରେ ମନୀନ୍ଦ୍ର ମହାନ୍ତିଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ । ସେ ବିଭିନ୍ନ ଲୋକ ଉପାଦାନକୁ ନେଇ ବହୁ ଗବେଷଣାତ୍ମକ ପ୍ରବନ୍ଧ ରଚନା କରିଛନ୍ତି । "ନାଁ-ଦିଆ : ଏକ ଶିଶୁ ସାହିତ୍ୟିକ ମୂଲ୍ୟାୟନ", "ପଶ୍ଚିମ ଓଡିଶାର ଢଗଢମାଳି : ଏକ ଲୋକ ସାହିତ୍ୟିକ ଅଧ୍ୟୟନ", "ଓଡିଆ ଲୋକ ଗୀତରେ ବସନ୍ତ", "ଢଗଢମାଳି : ଏକ ଲୋକ ସାହିତ୍ୟିକ ଅନ୍ୱେଷଣ", "ଗୋପାଳଙ୍କ ଓଗାଳ", "ଭାଗବତରେ ଓଡିଶାର ଲୋକ ନୃତ୍ୟ ଓ ଗୀତ", "ଓଡିଶାର ଦାଣ୍ଡଦୁଆର", "ଓଡିଆ ଲୋକ ବାଦ୍ୟ— ଝାଞ୍ଜ", "ଓଡିଶାର ଲୋକ ଚଳଣି— ଡେଉଁରିଆ", "ଓଡିଆ ଝୁଣ୍ଟି: ଏକ ଲୋକ ସାହିତ୍ୟିକ ଅଧ୍ୟୟନ", "ସୁଆଙ୍ଗ ପ୍ରସଙ୍ଗ", "ଶିଶୁ ଗୀତରେ କ୍ରୀଡା ଓ ଶ୍ରମାନୁରାଗ", "ନାନାବାୟା ଗୀତ : ଓଡିଆ ମୌଖିକ ଶିଶୁ ସାହିତ୍ୟର ପ୍ରଥମ ଅଧ୍ୟାୟ", "ଚଢେଇ ଚଢେଆଣୀ ନାଟ", "ମୁରୁଜ : ଏକ ଲୋକ ସାଂସ୍କୃତିକ ଅଧ୍ୟୟନ", "ଓଡିଆ ଢଗଢମାଳିରେ ଶ୍ରେଣୀ ଚେତନା ଓ ଶୋଷଣର ସ୍ୱରୂପ", "ଝୁମର ନାଟ", "କାଠି ନାଟ", ଏବଂ "ସୁଆଙ୍ଗ ବୁଡ" ପ୍ରଭୃତି ପ୍ରବନ୍ଧକୁ ଏହାର ଉଦାହରଣ ଭାବରେ ଗ୍ରହଣ କରାଯାଇପାରେ । କେବଳ ବାଚିକ ଲୋକ ଉପାଦାନ ଭିତରେ ନିଜକୁ ସୀମିତ ନରଖି ଏଭଳି ବିବିଧ ଉପାଦାନ ଉପରେ ଗବେଷଣା କରିବା ଏକ ଉଲ୍ଲେଖନୀୟ ଦିଗ ଏବଂ ପ୍ରଶଂସନୀୟ

ନିଶ୍ଚୟ କାରଣ, ସମ୍ପ୍ରତି ମଧ୍ୟ ଓଡିଆ ଲୋକଧାରା ଗବେଷଣା ଅନେକତଃ ବାଚିକ ଉପାଦାନ ଭିତରେ ସୀମାବଦ୍ଧ କହିଲେ ଅତ୍ୟୁକ୍ତି ହେବନାହିଁ ।

ଓଡିଆ ଲୋକ ସାହିତ୍ୟର ଗବେଷଣାକ୍ରମରେ ପଶ୍ଚିମ ଓଡିଶାର ଲୋକ ସାହିତ୍ୟ ଓ ସଂସ୍କୃତି ଉପରେ ମଧ୍ୟ ଅନେକ ଆଲୋଚନା ଗ୍ରନ୍ଥ ପ୍ରକାଶିତ ହୋଇଛି । ଏଗୁଡିକ ମଧ୍ୟରେ *ସମ୍ବଲପୁରୀ ଲୋକ ଗୀତରେ ସମାଜ ଜୀବନର ସ୍ୱରୂପ* (୧୯୯୮), *ସମ୍ବଲପୁରୀ ଲୋକ ସାହିତ୍ୟ* (୧୯୮୨), *ପଶ୍ଚିମ ଓଡିଶାର ଲୋକ ସଂସ୍କୃତି* (୧୯୯୦), *ପଶ୍ଚିମ ଓଡିଶାର ଆଦିବାସୀ ଲୋକ ସାହିତ୍ୟ* (୧୯୯୨), *କଳାହାଣ୍ଡିର ଲୋକ ସଂସ୍କୃତି* (୧୯୯୬), *ଏବଂ ପଶ୍ଚିମ ଓଡିଶାର ଲୋକ ଗୀତ* (୨୦୦୮) ଆଦି ପ୍ରଧାନ । *ସମ୍ବଲପୁରୀ ଲୋକ ଗୀତରେ ସମାଜ ଜୀବନର ସ୍ୱରୂପ* ଗ୍ରନ୍ଥରେ ଦ୍ୱାରିକନାଥ ନାୟକ ଲୋକଧାରା, ଲୋକ ସାହିତ୍ୟ, ଓ ଲୋକ ଗୀତର ସଂଜ୍ଞା ସ୍ୱରୂପ ସହିତ ତାହାର ପ୍ରକାର ଭେଦ ଏବଂ ସମାଜ ଜୀବନର ସ୍ୱରୂପ ସମ୍ପର୍କରେ ଆଲୋଚନା କରାଯାଇଛି । ସେହିପରି, ସମ୍ବଲପୁରୀ ଲୋକ ଗୀତ ସମ୍ପର୍କରେ *ସମ୍ବଲପୁରୀ ଲୋକ ସାହିତ୍ୟ* ଗ୍ରନ୍ଥରେ କୁମାର ହାସନ ଗ୍ରନ୍ଥ-ଭୂମିକା ସହିତ ସଜନୀ, ବଉଲି, ହଳିଆ ଗୀତ, ଦାଏକା ଛଟା, ଭକାନୀ, କରମା, ଡାଲଖାଇ, ରସରକେଲି, କୈସାବାଡି, ଝାରପତରିଆ, ଢଗଢମାଳି ପ୍ରଭୃତିର ଆଲୋଚନା କରିବା ସହିତ ସମ୍ବଲପୁରୀ ଲୋକ ଗୀତରେ ସାମାଜିକ ଚିତ୍ର ଓ ଚେତନା, ସମ୍ବଲପୁରୀ ଲୋକ ଗୀତରେ ତରାନା ସମ୍ପର୍କରେ ଉଦାହରଣସହ ଆଲୋଚନା କରିବାର ପ୍ରୟାସ କରିଛନ୍ତି ।

ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି ଅଧ୍ୟୟନ କ୍ଷେତ୍ରରେ ମହେନ୍ଦ୍ର କୁମାର ମିଶ୍ରଙ୍କ ଭୂମିକା ଉଲ୍ଲେଖନୀୟ । ମିଶ୍ର, ତାଙ୍କର *କଳାହାଣ୍ଡିର ଲୋକ ସଂସ୍କୃତି* (୧୯୯୬) ପୁସ୍ତକରେ ଲୋକ ସଂସ୍କୃତିର ସଂଜ୍ଞା ସ୍ୱରୂପ ସହିତ କଳାହାଣ୍ଡିର ସାମାଜିକ ଜୀବନ, ଲୋକ ସାହିତ୍ୟ, ଲୋକ ନୃତ୍ୟ ଓ ଲୋକ ନାଟକ, ଲୋକ ସାହିତ୍ୟରେ ପ୍ରତି'ଳିତ ଲୋକ ଜୀବନର ଚିତ୍ର ପ୍ରଭୃତି ବିଭିନ୍ନ ଦିଗରେ ଆଲୋଚନା କରିଛନ୍ତି । ସେହିପରି, *ପଶ୍ଚିମ ଓଡିଶାର ଲୋକ ସଂସ୍କୃତି* (୧୯୯୦) ଗ୍ରନ୍ଥରେ ପଶ୍ଚିମ ଓଡିଶାର ଲୋକଦେବୀଙ୍କ ସ୍ୱରୂପ, ଟୋକୀ ପରବ, ପଶ୍ଚିମ ଓଡିଶାର ଲୋକ କାବ୍ୟ, ମଧ୍ୟ ଭାରତୀୟ ଲୋକ ସଂସ୍କୃତିରେ ଭୀମ ଚରିତ, ପୂର୍ବ ଓ ମଧ୍ୟ ଭାରତର ଲୋକ ସଂସ୍କୃତିରେ ରାମାୟଣ ପରମ୍ପରା, ପଶ୍ଚିମ ଓଡିଶାର ଲୋକ ସାହିତ୍ୟରେ ଐତିହାସିକ ଚିତ୍ର, ତଥା ସୃଷ୍ଟି ମିଥ୍ ଓ ଗଳ୍ପର ସଂରଚନାତ୍ମକ ବିଶ୍ଳେଷଣ ସମ୍ପର୍କରେ ଆଲୋଚନା କରିବାର ପ୍ରୟାସ କରିଛନ୍ତି । ଏହା ବ୍ୟତୀତ, ମହେନ୍ଦ୍ର କୁମାର ମିଶ୍ରଙ୍କ *ଲୋକସଂସ୍କୃତିବିତ୍ ନୀଳକଣ୍ଠ* (୧୯୯୦) ମଧ୍ୟ ଏକ ଉଲ୍ଲେଖନୀୟ ଗ୍ରନ୍ଥ । ଏହି ଗ୍ରନ୍ଥରେ ସେ ବିଶ୍ୱ ଲୋକ ସଂସ୍କୃତି ଚର୍ଚ୍ଚାର ବିକାଶକ୍ରମ, ଭାରତରେ ଲୋକ ସଂସ୍କୃତି ଚର୍ଚ୍ଚାର କ୍ରମବିକାଶ, ନୀଳକଣ୍ଠଙ୍କ ଲୋକ ସଂସ୍କୃତି ଚର୍ଚ୍ଚାର ପ୍ରେରଣା ଓ ପୃଷ୍ଠଭୂମି, ଲୋକ ସଂସ୍କୃତି ଚର୍ଚ୍ଚାରେ ନୀଳକଣ୍ଠ, ଏବଂ ନୀଳକଣ୍ଠଙ୍କ ଲୋକ ସାହିତ୍ୟ ଚର୍ଚ୍ଚା— କିମ୍ବଦନ୍ତୀ ଆଦି ବିଷୟରେ ଆଲୋଚନା କରିଛନ୍ତି, ଏବଂ ଏହିକ୍ରମରେ ପୁରାଣ, କିମ୍ବଦନ୍ତୀ, ଲୋକ କଥା, ଲୋକ କାବ୍ୟ, ଲୋକୋକ୍ତି, ଲୋକ ଛନ୍ଦ, ବୃତ୍ତ ଓ ସଙ୍ଗୀତ ଆଦି ସମ୍ପର୍କରେ ନୀଳକଣ୍ଠଙ୍କର ଗଭୀର ବ୍ୟୁତ୍ପତ୍ତି ଥିବା ଦର୍ଶାଇବା ସହିତ ତାଙ୍କୁ ଜଣେ ଲୋକସଂସ୍କୃତିବିଦ୍ ଭାବରେ ପ୍ରତିଷ୍ଠିତ କରିବାକୁ ପ୍ରୟାସ କରିଛନ୍ତି । ପଶ୍ଚିମ ଓଡିଶାର ଲୋକଧାରା ଆଲୋଚନା କ୍ଷେତ୍ରରେ ଦୋଳଗୋବିନ୍ଦ ବିଶିଙ୍କ ଅବଦାନକୁ ମଧ୍ୟ ଅସ୍ୱୀକାର କରାଯାଇନପାରେ । ତାଙ୍କଦ୍ୱାରା ସମ୍ପାଦିତ *କଳାହାଣ୍ଡିର ଲୋକକଥା* (୧୯୯୬) କେବଳ କଳାହାଣ୍ଡିର ବିଭିନ୍ନ ଅଞ୍ଚଳରୁ ସଂଗୃହୀତ ଲୋକ କଥାଗୁଡିକର ଏକ ସଙ୍କଳନ ହେଲେ ମଧ୍ୟ ଏହି ଗ୍ରନ୍ଥର ମୁଖବନ୍ଧରେ ଦୋଳଗୋବିନ୍ଦ ବିଶି ଲୋକ କଥାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଛନ୍ତି । ଏହା ସହିତ, ବିଷୟ, ବୈଶିଷ୍ଟ୍ୟ ଏବଂ ଶୈଳୀ ଭିତ୍ତିରେ ଲୋକ ଗୋଷ୍ଠୀ କିପରି ଲୋକ କଥାର ବିଭାଗୀକରଣ କରିଛନ୍ତି ସେ ସମ୍ପର୍କରେ ଆଲୋଚନା କରିଛନ୍ତି ଯାହା ଲୋକ କଥା ଗବେଷଣା କ୍ଷେତ୍ରରେ ଏକ ଉଲ୍ଲେଖଯୋଗ୍ୟ ସଂଯୋଜନା । ପଶ୍ଚିମ ଓଡିଶାର ଲୋକ ଗୀତ ସମ୍ପର୍କିତ ଏକ ସୁଦୃଶ୍ୟ ସଙ୍କଳନ ହେଉଛି *ପଶ୍ଚିମ ଓଡିଶାର ଲୋକ ଗୀତ* (୨୦୦୮) ଯାହା ଚିତ୍ରସେନ୍ ପଶାୟତଙ୍କ ଦ୍ୱାରା ସଂପାଦିତ । ଏହି ଗ୍ରନ୍ଥରେ ପଶ୍ଚିମ ଓଡିଶାରେ ପ୍ରଚଳିତ ଲୋକ ଗୀତ ପ୍ରାୟ ସମସ୍ତ ବିଭାବ ଉପରେ— କରମା, ଚପକରାଟି, ଜାଇଫୁଲ, ଡଁଡ୍, ଡାଲଖାଇ, ଢାପ, ଧୂନକେଲି, ନଚନିଆ, ନିଆଲିମଲି, ପତର ସଉରା, ବ(ବୋ)ରିଆ, ବାଙ୍ଗରୀ, ଭମରା, ଭୂଆସେନ୍ ଗୀତ, ମାଏଲାଜଡ, ରସରକେଲି, ଲହକି, ଲେଲେ ଲହରୀ, ସଜନୀ, ହଳିଆ ଓ ଶଗଡିଆ,

ହୁମୋ, ବଉଲୀ ତଥା କାନ୍ଦଣା ଏବଂ ଛୁଆଭୁରତା ଗୀତ ଉପରେ ବିଭିନ୍ନ ଆଲୋଚକ ଆଲୋଚନା କରିଛନ୍ତି । ସେହିପରି, *ଓଡିଶାର ଲୋକ ସଂସ୍କୃତି ଆଲୋଚନାର ନୂତନ ଦିଗନ୍ତ* (୨୦୧୨) ଗ୍ରନ୍ଥରେ ଅଞ୍ଜଳୀ ପାଢୀ ସଜନୀ ଗୀତ, ପ୍ରବାଦ, ନାଁ-ଦିଆ, ଆଦିବାସୀଙ୍କ ମୌଖିକ ପରମ୍ପରା, କଳାହାଣ୍ଡିର ଲୋକ କଥା, ବାଁଶ ଗୀତ, ଫସଲ ଅମଳ ପର୍ବ ଏବଂ ପିଲାଙ୍କ ଲୋକଧାରା ପ୍ରଭୃତି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି ।

ପଶ୍ଚିମ ଓଡିଶାର ଲୋକ ସଂସ୍କୃତି ଅଧ୍ୟୟନ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଗ୍ରନ୍ଥ ହେଉଛି *କଳାହାଣ୍ଡି: ଲୋକ ଅନୁଷ୍ଠାନ* (୧୯୯୮) । ଏହି ଗ୍ରନ୍ଥରେ କଳାହାଣ୍ଡିର ବିଭିନ୍ନ ପର୍ବପର୍ବାଣି, ଯାତ୍ରା, ସାମାଜିକ ଅନୁଷ୍ଠାନ ମେଳା ମହୋତ୍ସବ ପ୍ରଭୃତି ସମ୍ପର୍କରେ ବିଭିନ୍ନ ଆଲୋଚକ ନିଜନିଜ ଦୃଷ୍ଟିକୋଣରୁ ଆଲୋଚନା କରିଛନ୍ତି । ପଶ୍ଚିମ ଓଡିଶାର ଲୋକ ସଂସ୍କୃତି ଚର୍ଚ୍ଚାରେ ସୁଧୀର କୁମାର ସାହୁଙ୍କ *ପଶ୍ଚିମ ଓଡିଶାର ସାଂସ୍କୃତିକ ବିକାଶଧାରା* (୨୦୦୮) ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରେ । ଏହି ଗ୍ରନ୍ଥରେ ସେ ପଶ୍ଚିମ ଓଡିଶାର ଲୋକ ସାହିତ୍ୟ, ସାଂସ୍କୃତିକ ବିକାଶଧାରାରେ ଏହାର ଉତ୍ତରଣ, ଏବଂ ଲୋକ ସାହିତ୍ୟରେ ସାମାଜିକ ଜୀବନଧାରା ସମ୍ପର୍କରେ ସବିଶେଷ ଆଲୋଚନା କରିଛନ୍ତି ।

ଓଡିଆ ଲୋକ ସଂସ୍କୃତିର ଆଲୋଚନା କ୍ଷେତ୍ରରେ ଓଡିଶା କଲଚରାଲ୍ ଫୋରମ୍‌ଦ୍ୱାରା ସମ୍ପାଦିତ *ଓଡିଶାର ଲୋକ ସଂସ୍କୃତି* (୧୯୭୮) ଏକ ସ୍ୱତନ୍ତ୍ର ପ୍ରୟାସ । ଏହି ଗ୍ରନ୍ଥରେ ଆଲୋଚକମାନେ ଓଡିଶାର ଲୋକ ପରିଚିତି, ଲୋକ ଧର୍ମ, ଲୋକ ଦେବତା, ଲୋକ ସାହିତ୍ୟ, ଲୋକ ଗଳ୍ପ, ଲୋକ ନାଟ୍ୟ, ଆଦିବାସୀ ନୃତ୍ୟ, ଲୋକ ସଙ୍ଗୀତ, ଲୋକ କଳା, ଲୋକ ଚିକିତ୍ସା, ଲୋକ ତନ୍ତ୍ର, ଲୋକ ସଂଗୀତ ତଥା ଲୋକାଚାର, ଲୋକ ସଂସ୍କାର ଓ ଲୋକୋକ୍ତି ସହିତ ଲୋକ ଜୀବନଧାରା ଉପରେ ବିଶଦ ଭାବରେ ଆଲୋଚନା କରିଛନ୍ତି । ପରବର୍ତ୍ତୀ ସମୟରେ, କୃଷ୍ଣଚନ୍ଦ୍ର ପ୍ରଧାନଙ୍କ *ଓଡିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି* (୧୯୯୫) ଏ କ୍ଷେତ୍ରରେ ଏକ ଉଲ୍ଲେଖଯୋଗ୍ୟ ଅବଦାନ । ଏହି ଗ୍ରନ୍ଥରେ ଲୋକ ସାହିତ୍ୟ, ଲୋକ ସଂସ୍କୃତିର ପରିଭାଷା ତଥା ଲୋକ ସାହିତ୍ୟର ବିଭାଗୀକରଣ, ଏହାର ବୈଶିଷ୍ଟ୍ୟ ସହିତ ଲୋକ ସାହିତ୍ୟର ବିଭିନ୍ନ ବିଭାବ ଉପରେ ସ୍ୱତନ୍ତ୍ର ଭାବରେ ଆଲୋଚନା କରାଯାଇଛି, ଏହା ସହିତ ସେ ଲୋକ ନାଟକ, ଓଷାବ୍ରତ, ଓ ଲୋକାଚାର ଉପରେ ମଧ୍ୟ ଆଲୋଚନା କରିବାର ପ୍ରୟାସ କରିଛନ୍ତି । ଲୋକ ସାହିତ୍ୟ, ଏହାର କଳା ପ୍ରକରଣ, ଲୋକ ନାଟକ, ପର୍ବପର୍ବାଣି, ଯାନିଯାତ୍ରା, ଓଷାବ୍ରତ ଆଦିର ବିଭିନ୍ନ ଆୟାମକୁ ନେଇ ଚୌଧୁରୀ ଅଜୟ ପ୍ରଧାନ ଏବଂ ଦିଲ୍ଲୀପ ସ୍ୱାଇଁଙ୍କ *ଲୋକ ଜୀବନ ଓ ଲୋକ ସାହିତ୍ୟ* (୧୯୯୬) ଏକ ସ୍ୱତନ୍ତ୍ର କୃତି । ଅନୁରୂପ ଭାବରେ, ଅଜୟ କୁମାର ମିଶ୍ରଙ୍କ *ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି* (୧୯୯୭) ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଗ୍ରନ୍ଥ । ଏହି ଗ୍ରନ୍ଥରେ ଓଡିଆ ଲୋକ ନାଟକ, ମଞ୍ଚ, ଲୋକ ଗୀତ, ଲୋକ କାହାଣୀ, ପର୍ବପର୍ବାଣି ପ୍ରଭୃତି ବିଷୟରେ ଆଲୋଚନା କରାଯାଇଛି । ଅଜୟ କୁମାର ମିଶ୍ରଙ୍କର *ଓଡିଆ ଲୋକ ସଂସ୍କୃତି ଶବ୍ଦକୋଷ* (୨୦୦୮) ଏକ ଅନନ୍ୟ ପ୍ରୟାସ । ଏହି ଶବ୍ଦକୋଷରେ ଓଡିଶାର ବିଭିନ୍ନ ଅଞ୍ଚଳରେ ଲୋକ ଜୀବନ ତଥା ପରମ୍ପରାରେ ପ୍ରଚଳିତ ବହୁ ଶବ୍ଦ ଯାହା ଅନ୍ୟାନ୍ୟ ଶବ୍ଦକୋଷରେ ଦୁଷ୍ପ୍ରାପ୍ୟ ସେସବୁ ସଂକଳିତ । ଏହି ଶବ୍ଦକୋଷରୁ ଲୋକ ଜୀବନ ତଥା ଲୋକ ସଂସ୍କୃତି ସମ୍ପର୍କିତ ଅନେକ ଶବ୍ଦ ସହିତ କେବଳ ନୁହେଁ ଏହାର ବିଭିନ୍ନ ଆୟାମ ସହିତ ମଧ୍ୟ ପରିଚିତ ହେବାର ସମ୍ଭାବନା ଅଛି । ସେହିପରି, *ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି ପରିଭାଷା* (୨୦୧୩) ଲୋକଧାରା ସମ୍ପର୍କିତ ଏକ ସ୍ୱତନ୍ତ୍ର ପରିଭାଷା ଗ୍ରନ୍ଥ । ଏହି ଗ୍ରନ୍ଥରେ ଲୋକ ସାହିତ୍ୟ ଏବଂ ଲୋକ ସଂସ୍କୃତି ଅଧ୍ୟୟନରେ ପ୍ରଚଳିତ କେତେକ ତାତ୍ତ୍ୱିକ ଇଂରାଜୀ ଶବ୍ଦର ଓଡିଆ ରୂପାନ୍ତର କରିବାକୁ ପ୍ରୟାସ କରାଯାଇଛି ।

ଓଡିଆ ଲୋକ ସାହିତ୍ୟ ତଥା ଲୋକ ସଂସ୍କୃତି ସହିତ ଅନ୍ୟ ରାଜ୍ୟର ଲୋକ ସଂସ୍କୃତି ଓ ଲୋକ ସାହିତ୍ୟର ତୁଳନାତ୍ମକ ଅଧ୍ୟୟନ କ୍ଷେତ୍ରରେ ମଧ୍ୟ ଅନେକ ଗବେଷଣା କାର୍ଯ୍ୟ ଦେଖାଯାଏ । ଏ ପରିପ୍ରେକ୍ଷୀରେ ଜ୍ୟୋତ୍ସ୍ନା ବିଶ୍ୱାଳ ରାଉତଙ୍କ *ଓଡିଶା ଓ ଆସାମର ବର୍ଣ୍ଣିଳ ଲୋକ ସଂସ୍କୃତି* (୨୦୧୦) ଗ୍ରନ୍ଥ ଉଲ୍ଲେଖନୀୟ । ଏହି ଗ୍ରନ୍ଥରେ ଓଡିଶା ଏବଂ ଆସାମର ଲୋକ ସଂସ୍କୃତି, ଲୋକ ସାହିତ୍ୟ, ଓଷାବ୍ରତ, ପୂଜାପାର୍ବଣ ଲୋକ ଅନୁଷ୍ଠାନ, ଲୋକାଚାର, ଲୋକ ବିଶ୍ୱାସ, ଲୋକ କଳା, ଓ ଲୋକ ଶିଳ୍ପ ପ୍ରଭୃତିର ଏକ ତୁଳନାତ୍ମକ ଅଧ୍ୟୟନ କରିଛନ୍ତି । ଅନୁରୂପ ଧାରାର ଆଉ ଏକ ଗବେଷଣା ଗ୍ରନ୍ଥ ହେଉଛି— *ଓଡିଶା ଓ*

*ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳର ଲୋକ ସାହିତ୍ୟ* (୨୦୧୨) । ଏହି ଗ୍ରନ୍ଥରେ ସଂଗ୍ରାମ କେଶରୀ ରାଉତ ସୀମାନ୍ତ ଅଞ୍ଚଳର ଲୋକଧାରା (**Borderland folklore**) ଉପରେ ଆଲୋଚନା କରିଛନ୍ତି । ସୀମାନ୍ତ ଅଞ୍ଚଳ ଯେଉଁଠି ଭିନ୍ନଭିନ୍ନ ଗୋଷ୍ଠୀର ପାରମ୍ପରିକ ଆଦାନପ୍ରଦାନଗୁଡିକ ଉଭୟ ଉଭୟଙ୍କଦ୍ୱାରା ପ୍ରଭାବିତ ହୋଇଥାଏ, ଫଳତଃ ଲୋକଧାରାରେ ତଥା ଆଦାନପ୍ରଦାନରେ ମଧ୍ୟ ନୂତନ ଆୟାମମାନ ଦେଖିବାକୁ ମିଳେ । ଏହି ସ୍ୱତନ୍ତ୍ର କ୍ଷେତ୍ରର ଲୋକଧାରା ଓ ତାହାର ସ୍ୱରୂପ ସମ୍ପର୍କରେ ଏହି ଗ୍ରନ୍ଥରେ ଆଲୋଚନା କରିଛନ୍ତି ସେ ।

ଓଡିଆ ଲୋକ ସାହିତ୍ୟ ଆଲୋଚନା ଧାରାରେ ଲୋକ ସାହିତ୍ୟ କିପରି ଲିଖିତ ସାହିତ୍ୟକୁ ପ୍ରଭାବିତ କରିଛି ବା ଲିଖିତ ସାହିତ୍ୟ ସ୍ରଷ୍ଟାସବୁ ଲୋକ ଉପାଦାନକୁ ତାଙ୍କ ସୃଷ୍ଟିରେ କିପରି ପ୍ରୟୋଗ କରିଛନ୍ତି ସେ ସମ୍ପର୍କରେ ମଧ୍ୟ ଅନେକ ପ୍ରବନ୍ଧ ଏବଂ ଆଲୋଚନା ଗ୍ରନ୍ଥ ପ୍ରକାଶିତ ହୋଇଛି । ଏ ପରିପ୍ରେକ୍ଷୀରେ ମିହିର କୁମାର ସାହୁଙ୍କ ଗବେଷଣା ନିବନ୍ଧ ଗ୍ରନ୍ଥ *ଓଡିଆ ଉପନ୍ୟାସରେ ଲୋକ ଉପାଦାନ* (୧୯୯୫) ଏକ ପ୍ରାଥମିକ ପ୍ରୟାସ । ଏହି ଗ୍ରନ୍ଥରେ ସେ ଲୋକ ସାହିତ୍ୟର ସଂଜ୍ଞା, ପରିସର, ବିଭାଗୀକରଣ ସହିତ ପ୍ରାଚୀନ ଓଡିଆ କାବ୍ୟକବିତାରେ ଲୋକ ଉପାଦାନ ସମ୍ପର୍କରେ ଆଲୋଚନା କରିବା ସହିତ, ପ୍ରାଥମିକ ପର୍ଯ୍ୟାୟ ସମୟରୁ ପ୍ରାକ୍-ସ୍ୱାଧୀନତାକାଳ ଯାଏ ରଚିତ ଓଡିଆ ଉପନ୍ୟାସଗୁଡିକରେ କିପରି ଲୋକ ଉପାଦାନଗୁଡିକର ପ୍ରତିଫଳନ ହୋଇଛି ସେ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଛନ୍ତି ।

ଲିଖିତ ସାହିତ୍ୟରେ ଲୋକ ସାହିତ୍ୟ ତଥା ଲୋକଧାରାର ପ୍ରଭାବ ସମ୍ପର୍କିତ ଆଲୋଚନା ଅନୁକ୍ରମରେ *ଦାଣ୍ଡି ରାମାୟଣରେ ଓଡିଶାର ଲୋକ ସଂସ୍କୃତି* (୧୯୯୮) ଏକ ଉଲ୍ଲେଖନୀୟ ସଂଯୋଜନା । ଏହି ଗ୍ରନ୍ଥରେ ଦାଣ୍ଡି ରାମାୟଣରେ ଓଡିଶାର ଲୋକ ସଂସ୍କାର ଓ ଲୋକାଚାର, ଲୋକ ବିଶ୍ୱାସ ଓ ଲୋକ ପ୍ରଥା, ଲୋକ ଚଳଣି, ଲୋକ ଧର୍ମ ଓ ଲୋକ ଦେବତା, ପର୍ବପର୍ବାଣି, ଓଷାବ୍ରତ, ତଥା ଦୈନନ୍ଦିନ ଜୀବନର ବିଭିନ୍ନ ବିଶ୍ୱାସ, ଆଚାର ବ୍ୟବହାର, କୃଷିକାର୍ଯ୍ୟ ତଥା ଖାଦ୍ୟପେୟ, ଅଳଙ୍କାର ଆଦି କିପରି ଭାବରେ ଚିତ୍ରିତ ହୋଇଛି ସେସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଛନ୍ତି ଭୋଳାନାଥ ରାଉତ । ଲିଖିତ ସାହିତ୍ୟରେ ଲୋକ ଉପାଦାନର ଚର୍ଚ୍ଚା ପରମ୍ପରାରେ *ଓଡିଆ ସାହିତ୍ୟ ଓ ଲୋକ ଉପାଦାନ* (୨୦୦୯) ଏକ ସାମ୍ପ୍ରତିକ ଆଲୋଚନା ଗ୍ରନ୍ଥ । ଏହି ଗ୍ରନ୍ଥରେ ଓଡିଆ କ୍ଷୁଦ୍ରଗଳ୍ପ, କବିତା, ନାଟକ, ଉପନ୍ୟାସରେ କିପରି ଲୋକ ଉପାଦାନ ସବୁର ପ୍ରୟୋଗ ହୋଇଛି ସେ ସମ୍ପର୍କରେ ବିଭିନ୍ନ ଆଲୋଚକ ନିଜ ନିଜ ଦୃଷ୍ଟିକୋଣରୁ ଆଲୋଚନା କରିଛନ୍ତି ।

ଏହିସବୁ ଆଲୋଚନା ବ୍ୟତୀତ, ଇଂରାଜୀରେ ମଧ୍ୟ ଓଡିଆ ଲୋକ ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଅନେକ ଆଲୋଚନା ପ୍ରକାଶିତ ହୋଇଛି । କଟକର The Universe ୧୯୭୮ ମସିହାରେ ଏକ ଆନ୍ତର୍ଜାତୀୟ ଆଲୋଚନାଚକ୍ର ଆୟୋଜିତ କରିଥିଲେ । ଏହି ଆଲୋଚନାଚକ୍ରରେ ପଠିତ ପ୍ରବନ୍ଧଗୁଡିକ ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୮୩ ମସିହାରେ ପାଞ୍ଚଟି ଗ୍ରନ୍ଥରେ ବିଭିନ୍ନ ବିଦ୍ୱାନଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଛି । ଏଗୁଡିକ ମଧ୍ୟରେ ***Folk Culture and Literature*** (ଚିତ୍ତରଞ୍ଜନ ଦାସ), ଏବଂ ***Folk Culture and Great Tradition*** (କୁଳମଣି ମହାପାତ୍ର) ହେଉଛି ଲୋକ ସାହିତ୍ୟ, ଏବଂ ଲୋକ ସଂସ୍କୃତି ସମ୍ପର୍କିତ ଅଧ୍ୟୟନ । ପରବର୍ତ୍ତୀ ସମୟରେ ୧୯୮୮ ମସିହାରେ The Universe ତରଫରୁ "Tribal Culture in the Changing World" ଶୀର୍ଷକ ଏକ ଆନ୍ତର୍ଜାତିକ ଆଲୋଚନାଚକ୍ର ଅନୁଷ୍ଠିତ ହେବା ସଙ୍ଗେସଙ୍ଗେ ୧୯୯୩ ମସିହାରେ ଚିତ୍ତରଞ୍ଜନ ଦାସଙ୍କ ସମ୍ପାଦନାରେ ***Folklore of Mankind*** ନାମରେ ପୁସ୍ତକ ପ୍ରକାଶ ପାଇଛି । ସେହିପରି, ମହେନ୍ଦ୍ର କୁମାର ମିଶ୍ର *Visioning Folklore: Essays on Folkloristics of Western Orissa* (2002) ଗ୍ରନ୍ଥରେ ମଧ୍ୟ-ଭାରତର ଲୋକଧାରାରେ ରମାୟଣର ପ୍ରଭାବ, କଳାହାଣ୍ଡିର ଲୋକଧାରାରେ ମରୁଡି, ବ୍ୟାଘ୍ର ଏବଂ ବଉଳା ଗାଈ, କଳାହାଣ୍ଡିର ଏବଂ ପଶ୍ଚିମ ଓଡିଶାର ଲୋକ ଗାଥା, ପ୍ରଜାତିକ ପରିଚିତି ଏବଂ ମୌଖିକ ଆଖ୍ୟାନ, ଟୋକୀପରବ, ତଥା କଳାହାଣ୍ଡିର ଲୋକ ଗୀତ ସମ୍ପର୍କରେ ସବିଶେଷ ଆଲୋଚନା କରିବା ସହିତ ପଶ୍ଚିମ ଓଡିଶା ତଥା ଓଡିଶାର ଲୋକଧାରା ବା ଲୋକ ସଂସ୍କୃତିକୁ ଆନ୍ତର୍ଜାତିକ ସ୍ତରରେ ପରିଚିତ କରାଇବାର ପ୍ରୟାସ କରାଯାଇଛି । ଅନୁରୂପ ଭାବରେ, ***Oral Epics of***

*Kalahandi* (2007) ଗ୍ରନ୍ଥରେ କଳାହାଣ୍ଡିର ଗଣ୍ଡ, କନ୍ଧ, କମାର, ଭୁଞ୍ଜିଆ, ବଞ୍ଜାରା, କେଉଟ, ମାଳି, ଗଉଡ, ଏବଂ ଦେବଗୁନିଆ ପ୍ରଭୃତି ଲୋକ ଗୋଷ୍ଠୀରେ ପ୍ରଚଳିତ ପାରମ୍ପରିକ କାବ୍ୟ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଛନ୍ତି ସେ ।

### *୧.୨.୨.୨ ଲୋକ ନୃତ୍ୟ ଓ ନାଟକ ସମ୍ପର୍କିତ ଚର୍ଚ୍ଚା*

ଲକ୍ଷ୍ମୀନାରାୟଣ ସାହୁଙ୍କର *ଦଣ୍ଡନାଟ* (୧୯୪୭) ଓଡିଶାର ଲୋକଧାରା ଆଲୋଚନାରେ ଲୋକ ନାଟକ ଅନୁଶୀଳନ ପରମ୍ପରାର ପ୍ରଥମ ସ୍ୱାକ୍ଷର । ଏହି ଗ୍ରନ୍ଥରେ ଲକ୍ଷ୍ମୀନାରାଣ ସାହୁ ନାଟକକୁ ଲୋକ ଉପାଦାନ ଭାବରେ ଗ୍ରହଣ କରିବା ସହିତ ପଶ୍ଚିମ ଓଡିଶାର ଦଣ୍ଡ ନାଟ ସମ୍ପର୍କରେ ଆଲୋଚନା କରିଥିଲେ । ପରବର୍ତ୍ତୀ ସମୟରେ, କୁଞ୍ଜବିହାରୀ ଦାଶ ଦଣ୍ଡ ନାଟର ଉତ୍ପତ୍ତି, ତାତ୍ପର୍ଯ୍ୟ, ଦେବଦେବୀ, କାମନାଘଟ, ଏବଂ ଯାତ୍ରା ପ୍ରଭୃତି ଦିଗ ସମ୍ପର୍କରେ ଆଲୋଚନା କରିବାକୁ ପ୍ରୟାସ କରିଛନ୍ତି ତାଙ୍କ *ଓଡିଆ ଲୋକଗୀତ ଓ କାହାଣୀ* ଗ୍ରନ୍ଥରେ । ଏହା ବ୍ୟତୀତ, ଏହି ଗ୍ରନ୍ଥରେ ସେ ପାଲା, ପାଟୁଆଯାତ୍ରା, ଚଇତିଘୋଡା ନାଟ, ସଖୀ ନାଟ, ମୋଗଲ ତାମସା ପ୍ରଭୃତି ନାଟ୍ୟ-ନୃତ୍ୟ ପରମ୍ପରା, ଏବଂ ଅନ୍ୟ ପାରମ୍ପରିକ ପରିବେଷଣ ଉପରେ ଆଲୋଚନା କରିଛନ୍ତି । ସେହିପରି, ସ୍ୱାଧୀନତା ପରବର୍ତ୍ତୀ ସମୟରେ ଧୀରେନ୍ ଦାସ, ଏବଂ ସନ୍ତୋଷ କୁମାର ଶତପଥୀ ମଧ୍ୟ ନିଜନିଜ ଦୃଷ୍ଟିକୋଣରୁ ଆଲୋଚନା କରିବାକୁ ପ୍ରୟାସ କରିଛନ୍ତି । ଅନୁରୂପ ଭାବରେ, ଦଣ୍ଡନାଟ ସମ୍ପର୍କିତ ଏକ ସ୍ୱତନ୍ତ୍ର ଗବେଷଣା ଗ୍ରନ୍ଥ ହେଉଛି *ଦଣ୍ଡ ନାଟ: ଧାରା ଓ ଧାରଣା* (୨୦୦୯) । ଏହି ଗ୍ରନ୍ଥରେ ଦଣ୍ଡପୂଜା, ଏହାର ଉତ୍ପତ୍ତି ଓ ରୂପରେଖ, ନୃତାତ୍ତ୍ୱିକ ଓ ସାମାଜିକ ଆୟାମ, ଦଣ୍ଡ ନୃତ୍ୟର ପରିବେଷଣ, ପରିବେଷଣକାରୀ ପ୍ରଭୃତି ବିଭିନ୍ନ ଦିଗ ଉପରେ ଅନେକ ଗବେଷକମାନେ ଆଲୋଚନା କରିବାର ପ୍ରୟାସ କରିଛନ୍ତି ।

ଲୋକ ନାଟକ ଆଲୋଚନା ପ୍ରସଙ୍ଗରେ କୁଞ୍ଜବିହାରୀଙ୍କ ପରବର୍ତ୍ତୀ ସମୟରେ କୃଷ୍ଣଚରଣ ବେହେରାଙ୍କ *ମୋଗଲ ତାମସା* (୧୯୬୬) ମଧ୍ୟ ଏକ ଉଲ୍ଲେଖନୀୟ ଗ୍ରନ୍ଥ । ଏହି ଗ୍ରନ୍ଥଟି ବଂଶୀବଲ୍ଲଭ ଗୋସ୍ୱାମୀଙ୍କ ରଚିତ ମୋଗଲ ତାମସାର ସଂପାଦନା । ତେବେ, ଗ୍ରନ୍ଥର ମୁଖବନ୍ଧରେ କୃଷ୍ଣଚରଣ ବେହେରା ଏକ ଦୀର୍ଘ ଆଲୋଚନା କରିଛନ୍ତି । ଓଡିଆ ଲୋକ ନାଟକ ଆଲୋଚନା କ୍ଷେତ୍ରରେ ହେମନ୍ତ କୁମାର ଦାସ *ଓଡିଆ ଲୋକ ନାଟକ* (୧୯୮୨) ଏକ ସ୍ୱତନ୍ତ୍ର ପ୍ରୟାସ । ଏହି ଗ୍ରନ୍ଥରେ ସେ ଲୋକ ନାଟ୍ୟର ପରମ୍ପରା, ଉଦ୍ଭବ ଓ ବିକାଶ ସହିତ ଭାରତୀୟ ଲୋକ ନାଟକ ସମ୍ପର୍କରେ, ଓଡିଆ ଲୋକ ନାଟ୍ୟର ଦିଗଦିଗନ୍ତ, ତଥା ଲୋକ ନାଟକର ପ୍ରବୃତ୍ତି ଉପରେ ବିଶଦ ଭାବରେ ଆଲୋଚନା କରିବାକୁ ପ୍ରୟାସ କରିଛନ୍ତି । ପରବର୍ତ୍ତୀ ସମୟରେ, ବୈଷ୍ଣବ ଚରଣ ସାମଲ, ଓ ହୃଷୀକେଶ ମଲ୍ଲିକଙ୍କଦ୍ୱାରା ସଂପାଦିତ *ଓଡିଆ ଯାତ୍ରା ଓ ଲୋକନାଟ୍ୟ ପରମ୍ପରା* (୧୯୮୭) ଓଡିଆ ଲୋକ ନାଟକ ଓ ଯାତ୍ରା ପରମ୍ପରା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଗବେଷଣା ଗ୍ରନ୍ଥ । ଏହି ଗ୍ରନ୍ଥରେ ବୈଷ୍ଣବ ଚରଣ ସାମଲଙ୍କ "ଲୋକ ନାଟକ ଓ ଯାତ୍ରା : ଏକ ଅନୁଶୀଳନ" ଦୀର୍ଘ ମୁଖବନ୍ଧ ସହିତ ଯାତ୍ରାର ପରମ୍ପରା ଓ ତାର ବୈଶିଷ୍ଟ୍ୟ, ବିଭିନ୍ନ ବିଭାବ, ଶିଳ୍ପବିଧି, ବଙ୍ଗଳା ଯାତ୍ରା ସହିତ ତୁଳନା, ରାମ ଲୀଳା, କଣ୍ଢେଇନାଟ, ଚଇତି ଘୋଡା ନାଟ, ଦଣ୍ଡ ନାଟ, ଡାଳଖାଇ, ପାଇକ ନାଚ, ନାଗା ଯାତ୍ରା, ବାଦିପାଲା, ଦାସକାଠି, ଛଉନୃତ୍ୟ, ଏବଂ ଗୋପାଳଙ୍କ ଲଉଡି ନାଚ ପ୍ରଭୃତି ଓଡିଶାର ଅନେକ ନାଟ୍ୟ ପରମ୍ପରା ଉପରେ ବିଭିନ୍ନ ଆଲୋଚକ ନିଜନିଜ ଦୃଷ୍ଟିକୋଣରୁ ଆଲୋଚନା କରିଛନ୍ତି ।

କାର୍ତ୍ତିକ ଚନ୍ଦ୍ର ରଥଙ୍କ ଦ୍ୱାରା ସମ୍ପାଦିତ *ଓଡିଶାର ଲୋକନାଟ୍ୟ ପରମ୍ପରା* (୨୦୦୧) ଓଡିଆ ଲୋକ ନାଟକ ଚର୍ଚ୍ଚା ପରମ୍ପରାରେ ଏକ ଉଲ୍ଲେଖନୀୟ ଅବଦାନ । ଏହି ଗ୍ରନ୍ଥରେ ଲୋକ ନାଟକର ଉଦ୍ଭବ ବିକାଶ, ଭିତ୍ତି ଓ ଭୂତି, ବିଭିନ୍ନ ଅଞ୍ଚଳର ନାଟ୍ୟ ପରମ୍ପରା, ତଥା ଯାତ୍ରା, ପାଲା, ଲୀଳା, ତାମସା, ପ୍ରହ୍ଲାଦ ନାଟକ, ଦେଶିଆ ନାଟକ, ବାଘ ନାଟ, ସାହିଯାତ, କଣ୍ଢେଇ ନାଟ, ଛାୟା ନାଟକ, ଘୋଡା ନାଚ, ପାଲା, ଦାସ କାଠ, ଏବଂ ଧନୁଯାତ୍ରା ଉପରେ ବିଭିନ୍ନ ଆଲୋଚକ ସ୍ୱତନ୍ତ୍ର ଭାବରେ ଆଲୋଚନା କରିଛନ୍ତି । ଏହି ଧାରାରେ ରଥଙ୍କଦ୍ୱାରା ସମ୍ପାଦିତ ଅନ୍ୟ ଏକ ଗ୍ରନ୍ଥ ହେଉଛି *ଓଡିଶାର ଲୋକନାଟ୍ୟ ଧାରା* (୨୦୧୨) । ଏହାକୁ *ଓଡିଶାର ଲୋକନାଟ୍ୟ ପରମ୍ପରା* ଗ୍ରନ୍ଥର ଏକ ପରିବର୍ଦ୍ଧିତ ରୂପ କୁହାଯାଇପାରେ । ଏହି

ଗ୍ରନ୍ଥରେ ଓଡିଶାର ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ଲୋକ ନାଟକ ଉପରେ, ଲୋକ ନାଟକର ରୀତି ଓ ପ୍ରବୃତ୍ତି ତଥା ସାମ୍ପ୍ରତିକ ପରିସ୍ଥିତିରେ ଲୋକ ନାଟକର ସ୍ଥିତି ଆଦି ନାନା ବିଷୟରେ ଆଲୋଚକମାନେ ବିଶଦ ଭାବରେ ଆଲୋଚନା କରିଛନ୍ତି । ଅନୁରୂପ ଭାବରେ, ଉତ୍କଳ ପାଠକ ସଂସଦଦ୍ୱାରା ସମ୍ପାଦିତ *ଓଡିଶାର ଲୋକ ନାଟକ* (୧୯୯୮) ଗ୍ରନ୍ଥର ପ୍ରଥମ ଓ ଦ୍ୱିତୀୟ ଖଣ୍ଡରେ ଓଡିଶାର ବିଭିନ୍ନ ଲୋକ ନାଟକ ପରମ୍ପରା ତଥା ଲୋକ ନାଟକର ମଞ୍ଚ, ଲୋକ ନାଟକ ଉପରେ ପୁରାଣର ପ୍ରଭାବ, ଏବଂ ବିଭିନ୍ନ ନୃତ୍ୟ ପରମ୍ପରା ଉପରେ ଆଲୋଚକମାନେ ତାଙ୍କ ପ୍ରବନ୍ଧରେ ଆଲୋଚନା କରିବାକୁ ପ୍ରୟାସ କରିଛନ୍ତି ।

ଲୋକ ନାଟକ ପରମ୍ପରାରେ ପାଲାର ଭୂମିକା ସ୍ୱତନ୍ତ୍ର । ଏହାର ପରିବେଷଣ ସାମାଜିକ ରୀତିନୀତି ସହିତ ମଧ୍ୟ ଜଡିତ । ଏହି ପାଲା ପରିବେଷଣ ଉପରେ ଧୀରେନ ଦାଶ ଏବଂ ନିରଞ୍ଜନ ପଣ୍ଡାଙ୍କ *ଓଡିଶାର ପାଲା* (୧୯୮୬) ଏକ ଉଲ୍ଲେଖନୀୟ ଅବଦାନ । ଏହି ଗ୍ରନ୍ଥରେ ଓଡିଆ ପାଲା ପରିବେଷଣର କ୍ରମବିକାଶ ଉପରେ ନିରଞ୍ଜନ ପଣ୍ଡା ଆଲୋଚନା କରିଥିବା ବେଳେ ପାଲାର ଉତ୍ପତ୍ତି ଓ କ୍ରମବିକାଶ ତଥା ପରିବେଷଣର ସ୍ୱରୂପ ଏବଂ ପରିବେଷଣକାରୀ ବା ପାଲାକାରମାନଙ୍କ ଉପରେ ଆଲୋଚନା କରିଛନ୍ତି ଧୀରେନ୍ ଦାଶ । ସେହିପରି, ଦାସକାଠିଆ ଉପରେ ସନ୍ତୋଷ କୁମାର ଶତପଥୀଙ୍କ *ଦାସକାଠିଆ* (୧୯୯୫) ଏକ ଉଲ୍ଲେଖଯୋଗ୍ୟ ଗବେଷଣା ଗ୍ରନ୍ଥ । ଏହି ଗ୍ରନ୍ଥରେ ଦାସକାଠିର ନାମକରଣ, ବାଦ୍ୟଯନ୍ତ୍ର, ପରିବେଷଣ କୌଶଳ, ମଞ୍ଚ, ବେଶପପୋଷାକ, ଅଭିନେତା ଆଦି ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି । ସେହିପରି, ନୀଳାଦ୍ରିଭୂଷଣ ହରିଚନ୍ଦନ ଲୋକ ନାଟକର ବିଭିନ୍ନ ତାତ୍ତ୍ୱିକ ଦିଗ ସମ୍ପର୍କରେ ଆଲୋଚନାକରି ଏ ସମ୍ପର୍କିତ ଚର୍ଚ୍ଚାକୁ ଅନେକତଃ ବ୍ୟାପକ କରିବାକୁ ପ୍ରୟାସ କରିଛନ୍ତି । ଏହିକ୍ରମରେ ତାଙ୍କର "ଲୋକନାଟ୍ୟ ବନାମ ଗଣନାଟ୍ୟ", "ଜାପାନୀ ନୋ ନାଟକ ଏବଂ ଓଡିଆ ଲୋକ ନାଟକ", "ଆଧୁନିକ ଯାତ୍ରା, ନାଟକ ଓ ରଙ୍ଗମଞ୍ଚ", "ପ୍ରହଲ୍ଲାଦ ନାଟକ ଓ ଶିଳ୍ପ ବାସ୍ତବତା", "ଓଡିଆ ଲୋକ ନାଟକର ଭାଷାଶିଳ୍ପ", "ନାଟକ ଓ ଲୋକ ନାଟକ", ଏବଂ "ନୂତନ ପ୍ରେକ୍ଷାପଟ୍ଟରେ ଦଣ୍ଡନାଟ" ପ୍ରଭୃତି ଆଲୋଚନା ଉଲ୍ଲେଖଯୋଗ୍ୟ ନିଶ୍ଚୟ ।

କଣ୍ଢେଇ ନାଟ ଓଡିଶାର ଏକ ସ୍ୱତନ୍ତ୍ର ପାରମ୍ପରିକ ପରିବେଷଣ କଳା । କୁଞ୍ଜବିହାରୀ ଦାଶଙ୍କ ଆଲୋଚନା ପରେ ସମ୍ଭବତଃ କଣ୍ଢେଇ ନାଟ ସମ୍ପର୍କିତ ଉଲ୍ଲେଖନୀୟ ଗ୍ରନ୍ଥ ହେଉଛି ଧୀରେନ୍ ପଟ୍ଟନାୟକଙ୍କ *ଓଡିଶାର କଣ୍ଢେଇ ନାଟ* (୧୯୮୨) । ପରବର୍ତ୍ତୀ ସମୟରେ, ଗୌରାଙ୍ଗ ଚରଣ ଦାଶଙ୍କ *ଲୋକନାଟ୍ୟ ପରମ୍ପରା ଓ କଣ୍ଢେଇ ନାଟ* (୧୯୯୩) ଏହିକ୍ରମରେ ଏକ ସ୍ୱତନ୍ତ୍ର ସଂଯୋଜନା । ଏହି ଗ୍ରନ୍ଥରେ ସେ ଲୋକ ନାଟକର ସ୍ୱରୂପ ଓ ପ୍ରକୃତି ସହିତ କଣ୍ଢେଇ ନାଟର ରୂପରେଖ, ପରିବେଷଣକାରୀ, ମଞ୍ଚ ଏବଂ ପରିଚାଳନା, କଣ୍ଢେଇ ପ୍ରସ୍ତୁତି ପ୍ରଭୃତି ସମ୍ପର୍କରେ ଆଲୋଚନା କରିବା ସହିତ କଣ୍ଢେଇ ନାଟର ବିକାଶ, ପ୍ରଭାବ ଓ ପ୍ରତିଷ୍ଠା ତଥା ସାମ୍ପ୍ରତିକ ସ୍ଥିତି ଓ ଭବିଷ୍ୟତ ଉପରେ ମଧ୍ୟ ଆଲୋଚନା କରିଛନ୍ତି । କଣ୍ଢେଇ ନାଟ ଭଳି ଛଉ ମଧ୍ୟ ଓଡିଶାର ଏକ ସୁପରିଚିତ ଏବଂ ଚିତ୍ତାକର୍ଷକ ପରିବେଷଣ କଳା । ଏହି ପରିପ୍ରେକ୍ଷୀରେ ଦୁର୍ଗାଚରଣ କୁଅଁରଙ୍କ *ଓଡିଶାର ଛଉ ନାଟ* (୧୯୬୨) ଏକ ଉଲ୍ଲେଖଯୋଗ୍ୟ ଗ୍ରନ୍ଥ । ଏହି ଗ୍ରନ୍ଥରେ ସେ ଛଉ ନୃତ୍ୟର ଇତିହାସ, ଏହାର ପରିବେଷଣ ସମୟ ଚଇତି ପର୍ବ, ନୃତ୍ୟଶିକ୍ଷା ତଥା ଏହାର ମୌଳିକ ବୈଶିଷ୍ଟ୍ୟ, ନୃତ୍ୟ ରଚନା ଏବଂ ମଞ୍ଚ ପରିବେଷଣ, ଛଉ ନୃତ୍ୟର ଶାସ୍ତ୍ରୀୟ ଭିତ୍ତି ଆଦି ବିଭିନ୍ନ ଦିଗ ଉପରେ ସଂକ୍ଷେପରେ ଆଲୋଚନା କରିଛନ୍ତି ।

ଲୋକନୃତ୍ୟ ସମ୍ପର୍କିତ ଅନ୍ୟ ଏକ ଅଧ୍ୟୟନ ଗ୍ରନ୍ଥ ହେଉଛି ଦ୍ୱାରିକାନାଥ ନାୟକଙ୍କଦ୍ୱାରା ସମ୍ପାଦିତ *ପଶ୍ଚିମ ଓଡିଶାର ଲୋକନୃତ୍ୟ* (୨୦୦୪) । ଏହି ଗ୍ରନ୍ଥରେ ଘୁମୁରା, କରମା, ଡାଲଖାଇ, ଦଣ୍ଡନାଟ, ଢାପନୃତ୍ୟ, ବନାବାଡି, ସଂପ୍ରଦା, ସଂଚାର, ଏବଂ ଶବ୍ଦନୃତ୍ୟ ସମ୍ପର୍କରେ ବିଭିନ୍ନ ଗବେଷକ ନିଜନିଜ ଦୃଷ୍ଟିକୋଣରୁ ଆଲୋଚନା କରିଛନ୍ତି । ଅନୁରୂପ ଭାବରେ, ଓଡିଶାର ପାରମ୍ପରିକ ନୃତ୍ୟ ସମ୍ପର୍କିତ ଏକ ଆଲୋଚନା ଗ୍ରନ୍ଥ ହେଉଛି *ସାଂସ୍କୃତିକ ପରିବର୍ତ୍ତନ ଓ ଓଡିଶାର ନୃତ୍ୟ ପରମ୍ପରା* (୨୦୦୯) । ସାବିତ୍ରୀ ଦାଶଙ୍କ ଦ୍ୱାରା ସମ୍ପାଦିତ ଏହି ଗ୍ରନ୍ଥରେ ଓଡିଶାର ବିଭିନ୍ନ ଆଦିବାସୀ ଏବଂ ଅଣ-ଆଦିବାସୀ ଲୋକ ଗୋଷ୍ଠୀରେ ପ୍ରଚଳିତ ନୃତ୍ୟ ପରମ୍ପରା ସମ୍ପର୍କରେ ବିଭିନ୍ନ ଆଲୋଚକ ଆଲୋଚନା କରିଛନ୍ତି । ସେହିପରି, କୃଷ୍ଣଚରଣ ବେହେରା ତାଙ୍କ

*ଓଡିଶାର ଯାତ୍ରା ଓ ପାରମ୍ପରିକ ଲୋକପ୍ରିୟ ନାଟ୍ୟଧାରା* (୧୯୯୭) ଗ୍ରନ୍ଥରେ ଲୋକ ନାଟକ ଏବଂ ଲୋକପ୍ରିୟ ନାଟକ ସମ୍ପର୍କରେ ଆଲୋଚନା କରିବା ସହିତ ଓଡିଶାର ଯାତ୍ରା ଓ ପାରମ୍ପରିକ ଲୋକପିୟ ନାଟ୍ୟଧାରା ସହିତ ଦାୟିକା, ଦଣ୍ଡନାଟ, ରାମଲୀଳା, କୃଷ୍ଣଲୀଳା, ଭାରତଲୀଳା, ଘୋଡାନାଚ, ପାଲା, ଦାସକାଠିଆ, ଗୋଟିପୁଅ ନାଚ, ଚଇତି ତାମସା, କଣ୍ଢେଇନାଟ, ଡାଲଖାଇ ନାଚ, ଦେଶିଆ ନାଟକ, ସୁଆଙ୍ଗ-ଗୀତାଭିନୟ, ଗୀତିନାଟ୍ୟ ପ୍ରଭୃତି ସମ୍ପର୍କରେ ଆଲୋଚନା କରିଛନ୍ତି ।

ଓଡିଶାର ଲୋକପ୍ରିୟ ନାଟ୍ୟ ପରମ୍ପରା ହେଉଛି ଯାତ୍ରା । ଯାତ୍ରା ଉପରେ ଗବେଷଣା ତଥା ଆଲୋଚନା ଯଥେଷ୍ଟ ନହେଲେ ମଧ୍ୟ ଅଜୟ କୁମାର ମିଶ୍ରଙ୍କ *ଓଡିଆ ଯାତ୍ରା ଉନ୍ମେଷ ଓ ଉତ୍ତରଣ* (୨୦୦୮) ଏକ ଉଲ୍ଲେଖନୀୟ ଅବଦାନ । ଏହି ଗ୍ରନ୍ଥରେ ଓଡିଆ ଲୋକନାଟ୍ୟ ପରମ୍ପରା ଓ ଯାତ୍ରା, ଓଡିଆ ଯାତ୍ରାର ପାରମ୍ପରିକ ତଥା ଆଧୁନିକ ସ୍ୱରୂପ, ଆଧୁନିକ ଯାତ୍ରାର ଭିତ୍ତି ଓ ଭୂମି ତଥା ଏହାର ସାମାଜିକ ଦିଗ ଉପରେ ବିଶଦ ଭାବରେ ଆଲୋଚନା କରିଛନ୍ତି ।

ଓଡିଶାର ଲୋକ ନାଟକ ସହିତ ଅନ୍ୟ ପ୍ରାଦେଶିକ ଲୋକ ନାଟକଗୁଡିକର ତୁଳନାତ୍ମକ ଅଧ୍ୟୟନ ମଧ୍ୟ ହୋଇଛି ଓଡିଆ ଲୋକଧାରା ଆଲୋଚନା କ୍ଷେତ୍ରରେ । ଏହି ପରିପ୍ରେକ୍ଷୀରେ *ଓଡିଶା ଆସାମ ଓ ବଙ୍ଗଳାର ଲୋକନାଟ୍ୟ* (୨୦୦୯) ଏକ ଉଲ୍ଲେଖନୀୟ ଗ୍ରନ୍ଥ । ଏହି ଗ୍ରନ୍ଥରେ ନାରାୟଣ ସାହୁ ଲୋକ ନାଟକର ସଂଜ୍ଞା, ସ୍ୱରୂପ, ବୈଶିଷ୍ଟ୍ୟ, ପ୍ରକାରଭେଦ ସହିତ ଏହି ଓଡିଶା, ଆସାମ, ଏବଂ ବଙ୍ଗଳାର ଲୋକନାଟ୍ୟ ପରମ୍ପରାର ତୁଳନାତ୍ମକ ଅଧ୍ୟୟନ କରିଛନ୍ତି ।

ଓଡିଆ ଲୋକ ନାଟକ ଓ ନୃତ୍ୟ ଉପରେ ଇଂରାଜୀରେ ମଧ୍ୟ କେତେକ ଆଲୋଚନା ଗ୍ରନ୍ଥ ଦେଖିବାକୁ ମିଳେ । ଧୀରେନ୍ଦ୍ରନାଥ ପଟ୍ଟନାୟକ ତାଙ୍କର *Folk Theater of Orissa* (1998) ଗ୍ରନ୍ଥରେ ରାମ ଲୀଳା, ରାସ ଲୀଳା, ଭାରତ ଲୀଳା, ଦଧିନାଟ, ମୋଗଲ ତାମସା, ପ୍ରହ୍ଲାଦ ନାଟକ, ସୁଆଙ୍ଗ, ଯାତ୍ରା, ଚଢେୟା ନାଟ, ଦେଶିଆ ନାଟ ପ୍ରଭୃତି ନାଟ୍ୟ ପରମ୍ପରା ଉପରେ ସବିଶେଷ ଆଲୋଚନା କରିଛନ୍ତି । ଏହି କ୍ରମରେ ଅଖିଳ ବିହାରୀ ହୋତାଙ୍କର ସମ୍ପାଦନାରେ ପ୍ରକାଶିତ *Tribal Dance of Orissa* (2009) ମଧ୍ୟ ଉଲ୍ଲେଖଯୋଗ୍ୟ । ଏହି ଗ୍ରନ୍ଥରେ ଆଦିବାସୀ ନୃତ୍ୟର ସ୍ୱରୂପ ଏବଂ ପ୍ରକାର୍ଯ୍ୟ ସହିତ କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ, ମୁଣ୍ଡାରୀ, ପରଜା, ମୁଣ୍ଡା, ସାନ୍ତାଳ ଆଦିବାସୀ ସମାଜର ନୃତ୍ୟ ପରମ୍ପରା ଏବଂ ଡାଲଖାଇ, କରମା, ଏବଂ ଛେରଛେରା ପ୍ରଭୃତି ନୃତ୍ୟ ସମ୍ପର୍କରେ ଆଲୋଚକମାନେ ଆଲୋଚନା କରିଛନ୍ତି । ଏହା ବ୍ୟତୀତ, ହରିଶ ଚନ୍ଦ୍ର ଦାସଙ୍କ ସମ୍ପାଦନାରେ ପ୍ରକାଶିତ *Folk Music and Dances* (1983) ଗ୍ରନ୍ଥରେ ଓଡିଶାର ଲୋକ ସଙ୍ଗୀତ ଏବଂ ନୃତ୍ୟ ସମ୍ପର୍କିତ ଅନେକ ଆଲୋଚନା ସ୍ଥାନିତ ହୋଇଛି । ଏହି ଗ୍ରନ୍ଥରେ ମୋଗଲ ତାମସା, ଓଡିଶାର ଲୋକ ସଙ୍ଗୀତ, ଏବଂ ନୃତ୍ୟ ପରମ୍ପରା, ଯାତ୍ରା, ପାଲା, ଏବଂ ଦାସକାଠି, ଦଣ୍ଡ ନାଟ, କରମା ନୃତ୍ୟ ତଥା ବିଭିନ୍ନ ଲୋକ ଗୋଷ୍ଠୀରେ ବ୍ୟବହୃତ ହେଉଥିବା ପାରମ୍ପରିକ ବାଦ୍ୟଯନ୍ତ୍ର ସମ୍ପର୍କରେ ବିଭିନ୍ନ ଆଲୋଚକ ଆଲୋଚନା କରିଛନ୍ତି ।

#### ୧.୨.୨.୩ ଆଦିବାସୀ ଏବଂ ଦଳିତ ଲୋକ ସାହିତ୍ୟ ଓ ସଂସ୍କୃତି ସମ୍ପର୍କିତ ଚର୍ଚ୍ଚା

ପ୍ରାକ୍-ସ୍ୱାଧିନତାକାଳରୁ ହିଁ ଓଡିଆ ଲୋକଧାରା ଆଲୋଚନା ପ୍ରସଙ୍ଗରେ ଆଲୋଚକମାନେ ଆଦିବାସୀ ଲୋକଧାରା ପ୍ରତି ଗୁରୁତ୍ୱପ୍ରଦାନ କରିଆସିଛନ୍ତି । ଆଦିବାସୀ ଲୋକଧାରା ସମ୍ପର୍କିତ ସମ୍ଭବତଃ ପ୍ରଥମ ପୁସ୍ତକ ହେଉଛି ଶରତଚନ୍ଦ୍ର ରାୟଙ୍କ *The Hill Bhuyans of Orissa* । ପରବର୍ତ୍ତୀ ସମୟରେ, ଲକ୍ଷ୍ମୀନାରାୟଣ ସାହୁ *Hill Tribes of Jeypore*, *ଗାନ୍ଧର୍ବିକା*/ *ଶତଦଳ*, *Spring of the Soul* (1951), ଏବଂ *Spring of the Hills* (1954) ଭଳି ଗ୍ରନ୍ଥଗୁଡିକ ରଚନା କରି ଓଡିଶାର ଆଦିବାସୀମାନଙ୍କର ଜୀବନଧାରାକୁ ଅନ୍ୟ ଲୋକ ଗୋଷ୍ଠୀରେ ପରିଚିତ କରାଇବାର ପ୍ରୟାସ କରିଥିଲେ ।

ଭାରତୀୟ ଲୋକ ସାହିତ୍ୟ ବିଶେଷକରି ଆଦିବାସୀ କାହାଣୀ ଏବଂ ମିଥ୍‌ସବୁର ସଂଗ୍ରହ ଓ ସମୀକ୍ଷା କ୍ଷେତ୍ରରେ ଭେରିଆର ଏଲୱିନ୍ (Verrier Elwin)ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଅସ୍ୱୀକାର କରାଯାଇନପାରେ । ତାଙ୍କ *Tribal Myths of Orissa* (1954) ଓଡିଆ ଲୋକ ସାହିତ୍ୟ ଅଧୟନ କ୍ଷେତ୍ରରେ ଏକ ବିଶେଷ ଅବଦାନ । ଆଦିବାସୀଙ୍କ ଜୀବନ ଓ ସଂସ୍କୃତି

ସହିତ ଏକାତ୍ମହୋଇ ସେମାନଙ୍କର ଜୀବନଧାରାର ଅନୁଶୀଳନ କରିବା ସହିତ ବହୁ ଲୋକ ଗୀତ, କାହାଣୀ, ମିଥ୍ ତଥା ଅନ୍ୟାନ୍ୟ ସାହିତ୍ୟିକ ଉପାଦାନ ସଂଗ୍ରହ ଓ ଆଲୋଚନା କରିଯାଇଛନ୍ତି ।

ସ୍ୱାଧିନତା ପରବର୍ତ୍ତିକାଳରେ ଆଦିବାସୀଙ୍କ ଜୀବନଧାରା ଉପରେ ବଂଶୀଧର ମହାନ୍ତିଙ୍କ *ଓଡିଶାର ଆଦିବାସୀ ସଂସ୍କୃତି* (୧୯୫୫) ପ୍ରକାଶିତ ହୁଏ । ଏହି ପୁସ୍ତକରେ ଓଡିଶାର କନ୍ଧ, ଶବର, ସାନ୍ତାଳ, ହୋ, ଡିଡାୟୀ, ଗଦବା, ଓରାଓଁ, ବଣ୍ଡା, ଗଣ୍ଡ, ଜୁଆଙ୍ଗ, ଭୂୟାଁ, ଏବଂ ଖଡିଆ ପ୍ରଭୃତି ଆଦିବାସୀ ଗୋଷ୍ଠୀ ସମ୍ପର୍କରେ ଆଲୋଚନା କରିବା ସହିତ ଓଡିଆ ଭାଷାରେ ଆଦିବାସୀ, ଭାଷାର ପ୍ରଭାବ, ଶ୍ରୀଜଗନ୍ନାଥ ଓ ଆଦିବାସୀ ସଂସ୍କୃତି ଉପରେ ଆଲୋଚନା କରିଛନ୍ତି । ଏହି କ୍ରମରେ ରବିନାରାୟଣ ଦାଶଙ୍କ *ଓଡିଶାର ଆଦିବାସୀ* (୧୯୮୩), ରଘୁନାଥ ରଥଙ୍କ *କନ୍ଧ ସଂସ୍କୃତିର ଅନାଲୋଚିତ ଅଧ୍ୟାୟ* (୧୯୯୩), ରଘୁନାଥ ମେହେରଙ୍କ *ଦକ୍ଷିଣ ଓଡିଶାର ଆଦିବାସୀ ସଂସ୍କୃତି* (୨୦୧୦), ଏବଂ *ଆଦିବାସୀ* (୨୦୧୨) ମଧ୍ୟ ଏକଏକ ଉଲ୍ଲେଖନୀୟ ଗ୍ରନ୍ଥ । ଏହିସବୁ ଗ୍ରନ୍ଥରେ ଓଡିଶାର ବିଭିନ୍ନ ଆଦିବାସୀ ଗୋଷ୍ଠୀର ଜୀବନଧାରା, ସେମାନଙ୍କ ଯାନିଯାତ୍ରା ପର୍ବପର୍ବାଣି, ପ୍ରଥା ପରମ୍ପରା ସମ୍ପର୍କରେ ସମ୍ପୃକ୍ତ ଗବେଷକମାନେ ଆଲୋଚନା କରିବାର ପ୍ରୟାସ କରିଛନ୍ତି । ସେହିପରି, ପରଜା ଆଦିବାସୀଙ୍କ ପ୍ରଜାତିକ ସୂଚନା ସହିତ ଭାଷା, ଗୋତ୍ର, ଖାଦ୍ୟ ପାନୀୟ, ପୋଷାକ ଅଳଙ୍କାର, ଚିତାକୁଟା, ସାମାଜିକ ବିଧିବ୍ୟବସ୍ଥା ଓ ରୀତିନୀତି ତଥା ପର୍ବପର୍ବାଣି ସମ୍ପର୍କିତ ଏକ ଉଲ୍ଲେଖଯୋଗ୍ୟ ଗବେଷଣା ଗ୍ରନ୍ଥ ହେଉଛି ରଞ୍ଜନ ପ୍ରଧାନଙ୍କ *ପରଜା ଜୀବନ ଓ ସଂସ୍କୃତି* (୨୦୦୭) । ଅନୁରୂପ ଭାବରେ, *ସମାଜ ଓ ସଂସ୍କୃତି ପୃଷ୍ଠପଟ୍ଟରେ ମୟୁରଭଞ୍ଜର ସାନ୍ତାଳ* (୨୦୧୦) ଦମୟନ୍ତୀ ବେଶ୍ରାଙ୍କର ସାନ୍ତାଳ ସମାଜ ଓ ସେମାନଙ୍କ ଜୀବନଧାରା ଉପରେ ରଚିତ ପୁସ୍ତକ । ଏହି ଗ୍ରନ୍ଥରେ ସେ ମୟୁରଭଞ୍ଜର ସାନ୍ତାଳ ସମାଜ ବ୍ୟବସ୍ଥା, ସେମାନଙ୍କର ସାଂସ୍କୃତିକ ଚେତନା, ସାହିତ୍ୟ ତଥା ଓଡିଆ ସାହିତ୍ୟ ଏହାର ଏକ ତୁଳନାତ୍ମକ ଅଧ୍ୟୟନ କରିଛନ୍ତି ।

ଆଦିବାସୀ ଲୋକ ସାହିତ୍ୟ ତଥା ସଂସ୍କୃତିର ଜଣେ ଉତ୍ସର୍ଗୀକୃତ ଗବେଷକ ହେଉଛନ୍ତି ଆଦିକନ୍ଦ ମହାନ୍ତ । ତାଙ୍କର *ଓଡିଶାର କୁର୍ମାଲୀ ଲୋକ ଗୀତ* (୨୦୦୭), ଏବଂ *କୁଡୁମି ଜାତି: ଏକ ବିହଙ୍ଗାବଲୋକନ* (୨୦୦୭) ଏକଏକ ସ୍ୱତନ୍ତ୍ର କୃତି । *ଓଡିଶାର କୁର୍ମାଲୀ ଲୋକ ଗୀତ* ଗ୍ରନ୍ଥରେ ସେ କୁର୍ମାଲୀ ସମ୍ପ୍ରଦାୟରେ ଜାଅଆ ଗୀତ, କରମ ଗୀତ, ବାଁଦ୍‌ନା ଗୀତ, ଟୁସୁ ଗୀତ, ଓ ଛଉ ଗୀତ, ବିବାହ ଗୀତ ଭାବରେ ବିଭାଗୀ କରଣ କରିବା ସହିତ ଏଥିରେ ସାମାଜିକ ଜୀବନର ଚିତ୍ର, ଐତିହାସିକ, ଭୌଗୋଳିକ, ଧର୍ମୀୟ ଭାବନା ତଥା ପୌରାଣିକ ଚିତ୍ର କିପରି ଭାବରେ ପ୍ରତି'ଳିତ ସେ ସମ୍ପର୍କରେ ଆଲୋଚନା କରିଛନ୍ତି । ସେହିପରି, *କୁଡୁମିଜାତି ଏକ ବିହଙ୍ଗାବଲୋକନ* ଗ୍ରନ୍ଥରେ କୁଡୁମି ଜାତିର ସାମାଜିକ ସଂରଚନା ସହିତ ସାଂସ୍କୃତିକ ଜୀବନ ତଥା ସେମାନଙ୍କର ପର୍ବପର୍ବାଣି ରୀତିନୀତି ସମ୍ପର୍କରେ ଆଲୋଚନା କରିଛନ୍ତି । ଆଦିକନ୍ଦ ମହାନ୍ତଙ୍କ ପରି ରାଜେନ୍ଦ୍ର କୁମାର ପାଢୀ ମଧ୍ୟ ଲୋକ ସଂସ୍କୃତିର ଜଣେ ନିଷ୍ଠାପର ଗବେଷକ । ତାଙ୍କର *କୋରାପୁଟର ଆଦିବାସୀ ଲୋକ ସଂସ୍କୃତି* (୨୦୦୯) ଏକ ଗୁରୁତ୍ୱପୂର୍ଣ୍ଣ ଗବେଷଣା ଗ୍ରନ୍ଥ । କୋରାପୁଟର ଆଦିବାସୀ ଭାଷା, ଚଳଣି, ଧର୍ମ ବିଶ୍ୱାସ, ଆଦିବାସୀ ଲୋକ ସାହିତ୍ୟ, କାହାଣୀ, ଲୋକୋକ୍ତି, ଆଦିବାସୀ ସଙ୍ଗୀତ, ଆଦିବାସୀ ନାଟ୍ୟକଳା, ନୃତ୍ୟ ପରମ୍ପରା, ବାଦ୍ୟଯନ୍ତ୍ର ପ୍ରଭୃତି ସମ୍ପର୍କରେ ଆଲୋଚନା କରିଛନ୍ତି । ଅନୁରୂପ ଭାବରେ, ଧରୁଆ ଲୋକ ସଂସ୍କୃତି ତଥା ସେମାନଙ୍କ ନାଚ, ଗୀତ, ଲୋକ ସାହିତ୍ୟ, ପର୍ବପର୍ବାଣି ସମ୍ପର୍କରେ ଆଲୋଚନା କରନ୍ତି ତାଙ୍କର *ଧରୁଆ ଲୋକ ସଂସ୍କୃତି* (୨୦୦୨) ଗ୍ରନ୍ଥରେ । ସେହିପରି, ଦେଶିଆ ଢଗଢମାଳି ତଥା ନାଁ-ଦିଆ, ଛଟା-ଦାୟିକା ପ୍ରଭୃତିକୁ ନେଇ *ଦେଶିଆ ଢଗ ଓ ବାୟେନା* (୨୦୧୧) ଏକ ପ୍ରଶଂସନୀୟ ପ୍ରୟାସ । ସେହିପରି, ବିଜୟ ଉପାଧ୍ୟାୟଙ୍କ ସହିତ ମିଳିତ ଉଦ୍ୟମରେ ରାଜେନ୍ଦ୍ର କୁମାର ପାଢୀଙ୍କ *ଦେଶିଆ ଜ୍ଞାନକୋଷ* (୨୦୧୦) ସଂକଳନ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିଶ୍ଚୟ, ଏହା ଅସ୍ୱୀକାର କରାଯାଇନପାରେ ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଆଦିବାସୀ ଜୀବନଧାରା ତଥା ସେମାନଙ୍କ ସଂସ୍କୃତି, ଜ୍ଞାନ କୌଶଳ, ମୌଖିକ ସାହିତ୍ୟ ଉପରେ ଅନେକ ଗ୍ରନ୍ଥ ପ୍ରକାଶ କରିଛନ୍ତି, ସେଗୁଡିକ ମଧ୍ୟରେ— ପରମାନନ୍ଦ ପଟେଲଙ୍କ *ଆଦିବାସୀ ଲୋକ କାହାଣୀ* (୧୯୯୬), ସୁରେନ୍ଦ୍ର କୁମାର ମିଶ୍ରଙ୍କ *ଗଣ୍ଡ ସଂସ୍କୃତି ଓ ଲୋକ ସାହିତ୍ୟ* (୧୯୯୮), ରବୀନ୍ଦ୍ର କୁମାର

ଶତପଥୀଙ୍କ *ବାଥୁଡି ଲୋକ ସାହିତ୍ୟ* (୨୦୦୦), ନରେନ୍ଦ୍ରନାଥ ମହାପାତ୍ରଙ୍କ *ଲୋଧା ସଂସ୍କୃତି ଓ ଲୋକ ସାହିତ୍ୟ* (୨୦୦୨), ସୁବାସ ଚନ୍ଦ୍ର ମିଶ୍ରଙ୍କ *ଭତରା ସଂସ୍କୃତି ଓ ଲୋକ ସାହିତ୍ୟ* (୨୦୦୨), *ଚଉଖୁଟିଆ ଭୁଞ୍ଜିଆ ସଂସ୍କୃତି ଓ ଲୋକ ସାହିତ୍ୟ* (୨୦୦୨), ରାଜେନ୍ଦ୍ର କୁମାର ପାଢୀଙ୍କ *ଧରୁଆ ଲୋକ ସଂସ୍କୃତି* (୨୦୦୩), ଲତା ଭୋଳଙ୍କ *ଭୂମିଜ ଲୋକ ସଂସ୍କୃତି* (୨୦୦୩), *ହୋ ପରମ୍ପରା ଓ ଜ୍ଞାନ କୌଶଳ* (୨୦୦୪), ରାଜକିଶୋର ମୋହନାଙ୍କ *ବଣ୍ଡା ପରମ୍ପରା ଓ ଜ୍ଞାନକୌଶଳ* (୨୦୦୪), ବିନୋଦ କୁମାର ନାୟକଙ୍କ *ହୋ ଲୋକ ସାହିତ୍ୟ* (୨୦୦୪), ଏବଂ ଅନନ୍ତ ଚରଣ ସାହୁଙ୍କ *ସାନ୍ତାଳ ଜ୍ଞାନକୌଶଳ* (୨୦୦୬) ପ୍ରଭୃତି ପୁସ୍ତକ ଉଲ୍ଲେଖନୀୟ ।

ଆଦିବାସୀ ଜୀବନଧାରା ଏବଂ ଲୋକ ସାହିତ୍ୟ ଅଧ୍ୟୟନ କ୍ଷେତ୍ରରେ ଆଉ ଏକ ପ୍ରଶଂସନୀୟ ଉଦ୍ୟମ ହେଉଛି *ଆଦିବାସୀ ମୌଖିକ ପରମ୍ପରା* (୨୦୦୭) । ଏହି ଗ୍ରନ୍ଥରେ ଓଡିଶାର ବିଭିନ୍ନ ଆଦିବାସୀ ଲୋକ ଗୋଷ୍ଠୀର ଲୋକ କଥା, ଲୋକ ଗୀତ, ଜୀବନଧାରା, ନାଟ୍ୟକଳା ଏବଂ ବାଦ୍ୟଯନ୍ତ୍ର ସମ୍ପର୍କରେ ବିଭିନ୍ନ ଗବେଷକ ନିଜନିଜ ଦୃଷ୍ଟିକୋଣରୁ ଆଲୋଚନା କରିଛନ୍ତି । ସେହିପରି, ରବୀନ୍ଦ୍ରନାଥ ସାହୁଙ୍କ *ଓଡିଶାର ଆଦିବାସୀ ଚିତ୍ରକଳା* (୨୦୧୨) ଆଦିବାସୀ ଚିତ୍ରକଳା ଉପରେ ଏକ ସ୍ୱତନ୍ତ୍ର ପୁସ୍ତକ । ଏହି ପୁସ୍ତକରେ ସଉରା, କନ୍ଧ, କିସାନ୍, ପାହାଡି ଭୂୟାଁ, ଜୁଆଙ୍ଗ ଓ ସାନ୍ତାଳମାନଙ୍କର ସଂକ୍ଷିପ୍ତ ଜୀବନ ସହିତ ସେମାନଙ୍କର ପାରମ୍ପରିକ ଚିତ୍ରକଳା ସମ୍ପର୍କରେ ଆଲୋଚନା କରାଯାଇଛି ।

ଏହି ଆଲୋଚନା ଗ୍ରନ୍ଥଗୁଡିକ ବ୍ୟତୀତ ଆଦିବାସୀ ଜୀବନଧାରା ଏବଂ ପରମ୍ପରାକୁ ନେଇ ଅନେକ ପ୍ରବନ୍ଧ ମଧ୍ୟ ପ୍ରକାଶିତ ହୋଇଛି ସେଗୁଡିକ ମଧ୍ୟରେ ଇନ୍ଦୁଭୂଷଣ କରଙ୍କ “ଓଡଶାରେ ଆଦିବାସୀ ନୃତ୍ୟର ସ୍ୱରୂପ (୧୯୯୦)”, ବୈରାଗୀ ଚରଣ ଜେନାଙ୍କ “ଓଡିଶାର ଆଦିବାସୀ ଓ ଓଡିଶାର ସାଂସ୍କୃତିକ ଜୀବନୀ (୧୯୮୮)”, ତିର୍କୀନାଥ ନିଏଲଙ୍କ “ଆଦିବାସୀ ନୃତ୍ୟ (୧୯୭୭)”, ନବକିଶୋର ବେହୁରା, ଏବଂ ଜଗନ୍ନାଥ ଦାଶଙ୍କ “ଓଡିଶାର ଆଦିବାସୀ ସମ୍ପ୍ରଦାୟ: ଏକ ଦୃଷ୍ଟିପାତ (୧୯୯୦)”, ପ୍ରତିଭା ରାୟଙ୍କ “ଆଦିବାସୀ ବଣ୍ଡା ଉପଜାତିର ସାଂସ୍କୃତିକ ଜୀବନ (୧୯୯୦)” ପ୍ରଭୃତି ଉଲ୍ଲେଖନୀୟ । ଏହି କ୍ରମରେ ମହେନ୍ଦ୍ର କୁମାର ମିଶ୍ରଙ୍କ “ଆଦିବାସୀ ସାହିତ୍ୟରେ ବିଶ୍ୱଦୃଷ୍ଟି”, “କଳାହାଣ୍ଡିର ଆଦିବାସୀ ସଂସ୍କୃତି ଓ ସାହିତ୍ୟ”, “ପ୍ରକୃତି ଓ ଆଦିବାସୀ ସଂସ୍କୃତି”, “ଆଦିବାସୀ ଲୋକସାହିତ୍ୟରେ ଶିକ୍ଷାୟନର ପ୍ରଭାବ”, ଏବଂ “ଆଦିବାସୀ ସଂସ୍କୃତିର ଅସ୍ତିତ୍ୱ ଓ ଅସ୍ମିତା” ଆଦି ପ୍ରବନ୍ଧ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣକରେ ।

ଓଡିଆ ବ୍ୟତୀତ ଓଡିଶାର ଆଦିବାସୀ ସଂସ୍କୃତି ସଂପର୍କରେ ଗବେଷଣା କରିବା ସହିତ ଯେଉଁମାନେ ଇଂରାଜୀରେ ପ୍ରବନ୍ଧ ତଥା ପୁସ୍ତକ ରଚନା କରିଛନ୍ତି, ସେମାନଙ୍କ ମଧରେ ଚିତ୍ରସେନ୍ ପଶାୟତ, ବାଞ୍ଛାନିଧି ଦାସ, ଏବଂ ନିତ୍ୟାନନ୍ଦ ପଟ୍ଟନାୟକଙ୍କ ନାମ ଉଲ୍ଲେଖଯୋଗ୍ୟ । ଚିତ୍ରସେନ୍ ପଶାୟତଙ୍କ ଇଂରାଜୀରେ ପ୍ରକାଶିତ ପ୍ରଥମ ଗ୍ରନ୍ଥ ***Tribe, Caste, and Folk Culture*** (1998)ରେ ହିଁ ସେ ଆଦିବାସୀ ପରମ୍ପରା ଓ ଅଣ-ଆଦିବାସୀଙ୍କ ସହିତ ସେମାନଙ୍କର ଆଦାନପ୍ରଦାନ ତଥା ସହାବସ୍ଥାନ ଉପରେ ଆଲୋଚନା କରନ୍ତି । ଏହା ବ୍ୟତୀତ, ସେ ବିଶେଷତଃ ପଶ୍ଚିମ ଓଡିଶାର ବିଭିନ୍ନ ପର୍ବପର୍ବାଣି, ଯାତ୍ରା ପରମ୍ପରା ତଥା ସାମାଜିକ ରୀତିନୀତି ଦେବଦେବୀ ସମ୍ପର୍କରେ ଏକାଧିକ ପୁସ୍ତକ ରଚନା କରିଛନ୍ତି, ସେଗୁଡିକ ହେଲା— ***Glimpses of Tribal and Folk Culture*** (2003), ***History of Tribal Society and Culture*** (2007), ***Tribal and Non-Tribal in Folk Culture*** (2013), ***Tribal Non-Tribal Divide: Myth and Reality*** (2007), ***Tribe, Caste and Society (***2007), ଏବଂ ***Tribal and Non-Tribal in Folk Culture*** (2013) । ଅନୁରୂପ ଭାବରେ, ବାଞ୍ଛାନିଧି ଦାସଙ୍କ ମୟୁରଭଞ୍ଜର ଛଉ ନୃତ୍ୟ ଉପରେ ଆଧାରିତ ***Essay on Mayurbhanj Chhau*** (1994) ଏକ ଉଲ୍ଲେଖନୀୟ ଗ୍ରନ୍ଥ । ସେହିପରି, ନିତ୍ୟାନନ୍ଦ ପଟ୍ଟନାୟକଙ୍କ ***Folklore of Tribal Communities*** (2002) ଗ୍ରନ୍ଥ ସମ୍ପର୍କରେ ମଧ୍ୟ ଏଠାରେ ଉଲ୍ଲେଖ କରାଯାଇପାରେ । ଏହା କୌଣସି ବିଧିବଦ୍ଧ ଆଲୋଚନା ଗ୍ରନ୍ଥ ନହେଲେ ମଧ୍ୟ ଏଥିରେ ସାନ୍ତାଳ, ପାହାଡି ଖଡିଆ, ଓରାଂ, ଏବଂ ମୁଣ୍ଡା ପ୍ରଭୃତି ଆଦିବାସୀ ଗୋଷ୍ଠୀର ପ୍ରଜାତିକ ସୂଚନା ସହିତ ସେମାନଙ୍କର ମିଥ୍, କିମ୍ବଦନ୍ତୀ, ଗୀତ, ପ୍ରବାଦ-ପ୍ରବଚନଗୁଡିକ ସଂକଳିତ ହୋଇଛି ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଇଂରାଜୀରେ ମଧ୍ୟ ଅନେକ ପୁସ୍ତକ ପ୍ରକାଶ କରିଛନ୍ତି । ଏହିକ୍ରମରେ *Tribal Language and Culture of Orissa* (1997) ଖଗେଶ୍ୱର ମହାପାତ୍ରଙ୍କ ଦ୍ୱାରା ସଂକଳିତ ଆଦିବାସୀ ଭାଷା ଏବଂ ସଂସ୍କୃତି ଆଧାରିତ ଏକ ଗ୍ରନ୍ଥ । ଏହି ଗ୍ରନ୍ଥରେ ଓଡିଶାର ଆଦିବାସୀ ଭାଷା, ଲିପି, ସାହିତ୍ୟ, ସଂସ୍କୃତି ତଥା ସେମାନଙ୍କର ଜୀବନଧାରା ସମ୍ପର୍କରେ ପ୍ରବନ୍ଧମାନ ସ୍ଥାନିତ ହୋଇଛି । ସେହିପରି, ବିଭିନ୍ନ ଆଦିବାସୀ ନୃତ୍ୟ ପରମ୍ପରାକୁ ନେଇ ଏକ ଉଲ୍ଲେଖଯୋଗ୍ୟ ଗ୍ରନ୍ଥ ହେଉଛି *Tribal Dance of Orissa* (2009) । ଏହି ଗ୍ରନ୍ଥରେ ମୁଣ୍ଡା, ପରଜା, ଗଣ୍ଡ, କନ୍ଧ, ସାନ୍ତାଳ ପ୍ରଭୃତି ଆଦିବାସୀମାନଙ୍କର ମନୋରଞ୍ଜନ, କୃଷିକାର୍ଯ୍ୟ, ପର୍ବପର୍ବାଣି, ବିଭିନ୍ନ ସାମାଜିକ ରୀତିନୀତିମାନଙ୍କରେ ଅନୁଷ୍ଠିତ ହେଉଥିବା ନୃତ୍ୟ ପରମ୍ପରା ଉପରେ ଆଲୋଚନାମାନ ସ୍ଥାନିତ ହୋଇଛି । ଏହା ବ୍ୟତୀତ, ଓଡିଶାର କିସାନ୍, ଏବଂ ଖଡିଆ ଆଦିବାସୀ ଗୋଷ୍ଠୀର ପାରମ୍ପରିକ ଜ୍ଞାନ ଏବଂ ଦୈନନ୍ଦିନ ଜୀବନରେ ତାହାର ଉପଯୋଗ ସମ୍ପର୍କରେ ଗ୍ରାବିଏଲା ବାଗେ ତାଙ୍କର *Tribal Knowledge: Studies on the Kharia and Kisan Tribes in Orissa* (2010) ଗ୍ରନ୍ଥରେ ନୃତାତ୍ତ୍ୱିକ ଦୃଷ୍ଟିରୁ ଆଲୋଚନା କରିଛନ୍ତି ।

ସୀତାକାନ୍ତ ମହାପାତ୍ର ଆଦିବାସୀ ମୌଖିକ ପରମ୍ପରା, ଚିତ୍ରକଳା, ସମାଜିକ ରୀତିନୀତିକୁ ଆଧାରକରି ଅନେକ ପୁସ୍ତକ ରଚନା କରିଛନ୍ତି ସେଗୁଡିକ ମଧ୍ୟରେ *The Empty Distance Carries: Oral Poetry of the Mundas and Oraons* (1972), *Bakhen: Ritual Invocation Songs of a Primitive Community* (1979), *Modernization and Ritual: Identity and Change in Santal Society* (1986), *Pattern of Tribal Housing* (1986), *Tribal Wall Paintings of Orissa* (1991).*The Tangled Web: Tribal life and Culture of Orissa* (1993), ଏବଂ *The Rainbow of Rhythms: Folk Art Tradition of Orissa* (2005) ପ୍ରଭୃତି ଗ୍ରନ୍ଥ ଉଲ୍ଲେଖନୀୟ ।

ଆଦିବାସୀ ଲୋକ ସଂସ୍କୃତିର ଅଧ୍ୟୟନ ଉପରେ ଆଲୋଚନା କଲାବେଳେ ଆମ ସାମ୍ନାକୁ *ଡମ୍ ଭାଷାର ଲୋକ ଉକ୍ତି* (୨୦୦୦) ଭଳି ଏକ ଗ୍ରନ୍ଥ । ଏହି ଗ୍ରନ୍ଥଟି ଓଡିଆ ଲୋକ ଗୋଷ୍ଠୀର ସାଂସ୍କୃତିକ ଅଧ୍ୟୟନରେ ପ୍ରସଙ୍ଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣକରେ କାରଣ, ଦଳିତ ସମ୍ପ୍ରଦାୟଙ୍କ ଜୀବନଧାରାକୁ ନେଇ ଏହା ପୂର୍ବରୁ ଏଭଳି ବିଧିବଦ୍ଧ ଭାବରେ କୌଣସି ଗବେଷକ ଅଧ୍ୟୟନ କରିବାକୁ ପ୍ରୟାସ କରିନଥିଲେ । ଏହି ସଂକଳନରେ ସେ କନ୍ଧମାଳର ଡମ୍ ଲୋକ ଗୋଷ୍ଠୀର ବିଭିନ୍ନ ପ୍ରବାଦ-ପ୍ରବଚନ, ଛଟା-ଦାଏକା, ଏବଂ ଧନ୍ଦା, ନାଁ-ଦିଆ ପ୍ରଭୃତି ସଂଗ୍ରହ କରି ତାହାର ଓଡିଆ ଅର୍ଥ ଏବଂ ପ୍ରୟୋଗର ପରିସର ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ମାନସେଠ୍‌ଙ୍କର ଆଉ ଏକ ସଂକଳନ ହେଉଛି *ହୁଁ ମାରିଲେ କହେ* (୨୦୦୭) । ଏହି ସଂକଳନରେ କନ୍ଧମାଳ ଅଞ୍ଚଳର ଡମ୍ ଲୋକ ଗୋଷ୍ଠୀରେ କଥିତ ପ୍ରାୟ ଛବିଶଟି କାହାଣୀ ସମ୍ପୃକ୍ତ ଭାଷାରେ ସଂକଳିତ ହୋଇଛି, ଏହା ସହିତ ଏହାର ଓଡିଆ ଅନୁବାଦ ମଧ୍ୟ ସ୍ଥାନିତ କରାଯାଇଛି । ପରବର୍ତ୍ତୀ ସମୟରେ, ପ୍ରକାଶିତ ଏ ସମ୍ପର୍କିତ ଆଲୋଚନା ଗ୍ରନ୍ଥ ଦୁଇଟି ହେଉଛି ଗୋପୀନାଥ ବାଗଙ୍କ *ଡମ ସଂସ୍କୃତି*, ଏବଂ ବାସୁଦେବ ସୁନାନୀଙ୍କ *ଦଳିତ ସଂସ୍କୃତିର ଇତିହାସ* । *ଡମ ସଂସ୍କୃତି* (୨୦୦୯) ଗ୍ରନ୍ଥରେ ଡମ୍ ଲୋକ ଗୋଷ୍ଠୀର ଜନ୍ମ-ମୃତ୍ୟୁ-ବିବାହ, ପ୍ରାକ୍-ବୈବାହିକ କର୍ମ, ତଥା ଅନ୍ୟାନ୍ୟ ସାମାଜିକ ରୀତିନୀତି, ସେମାନଙ୍କ ଜୀବନଧାରା, ଭାଷା, ଲୋକ ଗୀତ, ଲୋକ କଥା, ପ୍ରବାଦ-ପ୍ରବଚନ ପ୍ରଭୃତି ସମ୍ପର୍କରେ ଆଲୋଚନା କରିଛନ୍ତି । ସେହିପରି, *ଦଳିତ ସଂସ୍କୃତିର ଇତିହାସ* (୨୦୦୯) ଗ୍ରନ୍ଥରେ ମଧ୍ୟ ଦଳିତ ବା ଡମ୍‌ମାନଙ୍କର ବଂଶ ପରିଚିତିର ଇତିହାସ, ସେମାନଙ୍କ କୌଳିକ ବୃତ୍ତି, ବାଦ୍ୟବାୟନ କଳା, ଧର୍ମ ଓ ଅନ୍ୟାନ୍ୟ ପାରମ୍ପରିକ ବିଶ୍ୱାସ, ତୁମ୍ବା ଓ ପୂଜା ପାର୍ବଣ, ଭାଷା ଓ ଲୋକ ସାହିତ୍ୟ ସମ୍ପର୍କରେ ଯେଭଳି ବିସ୍ତୃତ ଭାବରେ ଆଲୋଚନା କରିଛନ୍ତି ତାହା ଉଲ୍ଲେଖଯୋଗ୍ୟ ନିଶ୍ଚୟ ।

#### *୧.୨.୨.୪ ଅନ୍ୟାନ୍ୟ ଲୋକ ଉପାଦାନ ସମ୍ପର୍କିତ ଚର୍ଚ୍ଚା*

ଲୋକ ସାହିତ୍ୟ ତଥା ଲୋକ ସଂସ୍କୃତି ଆଲୋଚନା ପ୍ରସଙ୍ଗରେ ପର୍ବପର୍ବାଣି, ଓଷାବ୍ରତ, ମିଥ୍, ଲୋକ କଳା, ଲୋକ କ୍ରୀଡା ଆଦି ଏକ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଏହିସବୁ ଉପାଦାନ ଉପରେ ଯେ ଆଲୋଚନା ହୋଇନାହିଁ ତାହାନୁହେଁ, ତେବେ ଅନେକ ଗବେଷକ ଏସବୁ ଉପରେ ସ୍ୱତନ୍ତ୍ର ଭାବରେ ଆଲୋଚନା କରିବାର ପ୍ରୟାସ ମଧ୍ୟ କରିଛନ୍ତି । ଏହି

ପରିପ୍ରେକ୍ଷୀରେ ପ୍ରସନ୍ନ କୁମାର ମିଶ୍ରଙ୍କ *ପୂର୍ବଭାରତର ହିନ୍ଦୁ ଲୋକ ମିଥ୍: ଓଡିଶା* (୧୯୮୧) ଏକ ଉଲ୍ଲେଖନୀୟ ଗ୍ରନ୍ଥ । ଏହି ଗ୍ରନ୍ଥରେ ମିଥ୍ର ସଂଜ୍ଞା, ପ୍ରକାରଭେଦ, ମିଥ୍ ତତ୍ତ୍ୱର ବିଚାର ପଦ୍ଧତି, ଲୋକମିଥ୍ ଅଧ୍ୟୟନର ପଦ୍ଧତି, ହିନ୍ଦୁ ଲୋକମିଥ୍ର ପ୍ରକାରଭେଦ, ଶାସ୍ତ୍ରୀୟ ପରମ୍ପରାର ଲୋକରୂପ, ଲୋକ ପରମ୍ପରାର ଶାସ୍ତ୍ରୀୟ ସ୍ୱୀକୃତି, ଅବଶିଷ୍ଟ ଲୋକ ପରମ୍ପରା ପ୍ରଭୃତି ମିଥ୍ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି । ମିଥ୍ ସମ୍ପର୍କରେ ଓଡିଆ ଲୋକଧାରା ଆଲୋଚନାରେ ବିଶେଷ ଗବେଷଣା ହୋଇନଥିଲେ ମଧ୍ୟ ନିକଟ ଅତୀତରେ ଦୁର୍ଗାମାଧବ ନନ୍ଦଙ୍କ ସମ୍ପାଦନାରେ ପ୍ରକାଶିତ *ଆମ ଲୋକ ମିଥ୍* (୨୦୦୩) ଏକ ଉଲ୍ଲେଖଯୋଗ୍ୟ ପ୍ରୟାସ । ଏହି ଗ୍ରନ୍ଥରେ କୁଇ, ଗଣ୍ଡ. ଭତରା, କୁଟିଆ କନ୍ଧ ପ୍ରଭୃତି ବିଭିନ୍ନ ଆଦିବାସୀ ଗୋଷ୍ଠୀରେ ପ୍ରଚଳିତ ମିଥ୍ ସମ୍ପର୍କରେ, ଲୋକ ସାହିତ୍ୟରେ ମିଥ୍ ପ୍ରସଙ୍ଗରେ ବହୁ ଗବେଷକ ନିଜନିଜ ଦୃଷ୍ଟିରୁ ଆଲୋଚନା କରିଛନ୍ତି ।

ବିନୋଦ ରାଉତରାୟ ତାଙ୍କ *ଲୋକ କଳା ଓ ଲୋକ ସଂସ୍କୃତି* (୧୯୭୬) ଗ୍ରନ୍ଥରେ ଓଡିଆଣୀର ତନୁଶ୍ରୀ, କେଶ ପ୍ରସାଧନ ଅଳଂକାର, ପାଟ, ପିଷ୍ଟକ ତଥା କାମନା ଏବଂ କଳ୍ପନା ପ୍ରଭୃତି ସମ୍ପର୍କରେ ଆଲୋଚନା କରିଛନ୍ତି । ବ୍ରଜମୋହନ ମହାନ୍ତିଙ୍କଦ୍ୱାରା ସଂପାଦିତ *ଓଡିଶାର ଦେବଦେବୀ, ଓଡିଶାର ପର୍ବପର୍ବାଣି, ଓଷାବ୍ରତ, ଯାନିଯାତ୍ରା* (୧୯୭୯) ଏକଏକ ଉଲ୍ଲେଖନୀୟ ଗ୍ରନ୍ଥ । ଏହି ଗ୍ରନ୍ଥରେ ଓଡିଶାର ସାର୍ବଜନୀନ ପର୍ବପର୍ବାଣି, ଓଷାବ୍ରତ ଓ ଯାନିଯାତ୍ରା, ଏବଂ ଆଞ୍ଚଳିକ ଯାନିଯାତ୍ରା ପ୍ରଭୃତି ଅନେକ ଯାନିଯାତ୍ରା ପର୍ବପର୍ବାଣି ସମ୍ପର୍କରେ ବିଭିନ୍ନ ଆଲୋଚକ ଆଲୋଚନା କରିଛନ୍ତି । ଏହି କ୍ରମରେ କୁମୁଦରଞ୍ଜନ ପାଣିଗ୍ରାହୀଙ୍କ *ପଶ୍ଚିମ ଓଡିଶାର ଯାତ୍ରା ପରମ୍ପରା* (୨୦୧୨) ଲୋକଧାରା ଅଧ୍ୟୟନ କ୍ଷେତ୍ରରେ ସ୍ୱତନ୍ତ୍ର ମହତ୍ତ୍ୱ ରଖେ । ଏହି ଗ୍ରନ୍ଥରେ ସେ ପଶ୍ଚିମ ଓଡିଶାର ବିଭିନ୍ନ ଯାତ୍ରା ତଥା ଦେବଦେବୀଙ୍କ ଆନୁଷ୍ଠାନିକ ଉତ୍ସବ ସମ୍ପର୍କରେ ଆଲୋଚନା କରିଛନ୍ତି । ଯାତ୍ରାର ପ୍ରକୃତ ଅର୍ଥ କ'ଣ, ତାହାର ସଂଜ୍ଞା ଓ ସ୍ୱରୂପ, ଯାତ୍ରା ଓ ନାଟକ ଏକାକଥା କି, ଏସବୁର ପାଳନ ଏବଂ ପରିବେଷଣ ସହିତ 'ଲୋକ' କିଭଳି ସମ୍ପୃକ୍ତ ? ଏସବୁ ଉପରେ ବିଶଦ ଭାବରେ ଆଲୋଚନା କରିବାକୁ ସେ ପ୍ରୟାସ କରିଛନ୍ତି ।

କଳାହାଣ୍ଡିର ବିଭିନ୍ନ ଦେବଦେବୀ ଯଥା— ରାଜ ଦେବୀ, ଇଷ୍ଟଦେବୀ, ଆଞ୍ଚଳିକ ଦେବଦେବୀ, ପ୍ରଜାତିକ ଦେବଦେବୀ, ଗ୍ରାମ୍ୟ ଦେବଦେବୀ, ଗୃହ ଦେବଦେବୀ, ଅଦ୍ଭୁତ ଦେବଦେବୀ, ଏବଂ ଡୁମା ପ୍ରଭୃତି ଦେବଦେବୀ ସମ୍ପର୍କିତ ପରମେଶ୍ୱର ମୁଣ୍ଡଙ୍କଦ୍ୱାରା ସମ୍ପାଦିତ *କଳାହାଣ୍ଡିର ଦେବଦେବୀ* (୨୦୦୬) ଏକ ଉଲ୍ଲେଖନୀୟ ଆଲୋଚନା ଗ୍ରନ୍ଥ । ଏହାର ସମ୍ପାଦକୀୟରେ ପରମେଶ୍ୱର ମୁଣ୍ଡ ସାମଗ୍ରିକ ଭାବରେ ଦେବଦେବୀ ତଥା ସମ୍ପୃକ୍ତ ଲୋକ ଗୋଷ୍ଠୀରେ ସେମାନଙ୍କ ଭୂମିକା ସମ୍ପର୍କରେ ମଧ୍ୟ ସଂକ୍ଷେପରେ ଆଲୋଚନା କରିଛନ୍ତି । ଦେବଦେବୀମାନଙ୍କୁ ନେଇ ଆଉ ଏକ ଅନୁରୂପ ଆଲୋଚନା ଗ୍ରନ୍ଥ ହେଉଛି *ପଶ୍ଚିମ ଓଡିଶାର ଲୋକଦେବୀ* (୨୦୧୦) । ଏହି ଗ୍ରନ୍ଥରେ ରଘୁନାଥ ମେହେର ସମଲେଶ୍ୱରୀ, ମାହେଶ୍ୱରୀ, ମାଣିକେଶ୍ୱରୀ, ଲଙ୍କେଶ୍ୱରୀ, ସ୍ତମ୍ଭେଶ୍ୱରୀ, ସୁରେଶ୍ୱରୀ, ଦ୍ୱାରସନୀ, ଘଣ୍ଟେଶ୍ୱରୀ, ମେଟାଦେଇ, ଏବଂ ପାଟଖଣ୍ଡା ଆଦି ଦେବୀଦେବତାଙ୍କ ଇତିହାସ, ପୂଜାବିଧି ପ୍ରଭୃତି ସମ୍ପର୍କରେ ଆଲୋଚନା କରିଛନ୍ତି ।

ସଞ୍ଜୟ କୁମାର ବାଗଙ୍କ *ପଶ୍ଚିମ ଓଡିଶାର ପାରମ୍ପରିକ କ୍ରୀଡା: ଏକ ଲୋକତାତ୍ତ୍ୱିକ ଅଧ୍ୟୟନ* (୨୦୦୯) ଲୋକ କ୍ରୀଡା ଆଧାରିତ ଏକ ସ୍ୱତନ୍ତ୍ର ଅଧ୍ୟୟନ । ଲୋକଧାରାର ଏକ ଗୁରୁତ୍ୱପୂର୍ଣ୍ଣ ତଥା ଅନାଲୋଚିତ ଉପାଦାନ ପାରମ୍ପରିକ କ୍ରୀଡା ସମ୍ପର୍କିତ ଏହି ଗବେଷଣା ଗ୍ରନ୍ଥରେ ବିଭିନ୍ନ ଲୋକ କ୍ରୀଡାର ସଂଗ୍ରହ ତଥା ବିଭାଗୀକରଣ ସହିତ ଏହାର ସଂଜ୍ଞା ସ୍ୱରୂପ ଓ ବୈଶିଷ୍ଟ୍ୟ, ପରିବେଷଣ ଶୈଳୀ, ଏବଂ ଏହାର ବିଭିନ୍ନ ଆୟାମ, ସମ୍ପ୍ରସାରଣର ମାଧ୍ୟମ, ପ୍ରଭାବ ଓ ପରିବର୍ତ୍ତନ, ତଥା ଲୋକ କ୍ରୀଡା ସହିତ ସମ୍ପର୍କିତ ବାଚିକ ଉପାଦାନ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି । ଲୋକ କ୍ରୀଡା ସମ୍ପର୍କିତ ଅନୁରୂପ ଗ୍ରନ୍ଥ ହେଉଛି *କଳାହାଣ୍ଡିର ଲୋକ ଖେଳ* (୨୦୧୩) । ଏହି ଗ୍ରନ୍ଥରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ପାରମ୍ପରିକ କ୍ରୀଡାର ସଂଗ୍ରହ ସହିତ ତାହାର ପରିବେଷଣ ଶୈଳୀର ବର୍ଣ୍ଣନା, ବିଭାଗୀକରଣ, ଏବଂ ଅନ୍ୟାନ୍ୟ ଆୟାମ ସମ୍ପର୍କରେ ଆଲୋଚନା କରିଛନ୍ତି ଦାଶରଥି ଆଚାର୍ଯ୍ୟ ।

ଲୋକ କଳା ଏବଂ ବିଭିନ୍ନ ପାରମ୍ପରିକ ଶିଳ୍ପକଳା ସମ୍ପର୍କରେ ମଧ୍ୟ ଅନେକ ପ୍ରବନ୍ଧ ପ୍ରକାଶିତ ହୋଇଛି । ଲୋକ ସଂସ୍କୃତି ଗବେଷଣା ପରିଷଦଦ୍ୱାରା ପ୍ରକାଶିତ *ଲୋକ ସଂସ୍କୃତି* ପତ୍ରିକାର ପ୍ରଥମ ଓ ଦ୍ୱିତୀୟ ସଂଖ୍ୟା (୨୦୧୨-୧୩)ରେ

ଲୋକ ଚିତ୍ରକଳା ସମ୍ପର୍କରେ ଅନେକ ପ୍ରବନ୍ଧ ପ୍ରକାଶ ପାଇଛି ଦୁର୍ଗାମାଧବ ନନ୍ଦଙ୍କ ସମ୍ପାଦନାରେ । ଏଥିରେ ଓଡିଶାର ବିଭିନ୍ନ ଅଞ୍ଚଳର ଉଭୟ ଆଦିବାସୀ ଏବଂ ଅଣ-ଆଦିବାସୀ ଲୋକ ଗୋଷ୍ଠୀର ପାରମ୍ପରିକ ଚିତ୍ରକଳା ସମ୍ପର୍କରେ ଆଲୋଚନା କରାଯିବାର ପ୍ରୟାସ କରାଯାଇଛି । ସେହିପରି, ରନ୍ଧନ କଳା, ଆଭୂଷଣ କଳା, ମୃଣ୍ମୟ ଶିଳ୍ପ, ଶିଙ୍ଘ ଶିଳ୍ପ, ବୟନ କଳା, ପ୍ରସ୍ତର ଶିଳ୍ପ, କାଠ ବାଉଁଶ କାରୁକାର୍ଯ୍ୟ ସମ୍ପର୍କିତ ବିଭିନ୍ନ ଆଲୋଚନାକୁ *ଆମ ଉପଯୋଗୀ ଲୋକ କଳା* (୨୦୦୪) ଦୁର୍ଗାମାଧବ ନନ୍ଦଙ୍କ ଅନ୍ୟ ଏକ ସମ୍ପାଦିତ ଗ୍ରନ୍ଥ ।

ଓଡିଆ ଲୋକଧାରାର ଆଲୋଚକ ତଥା ଗବେଷକମାନେ ଓଡିଶାର ବିଭିନ୍ନ ଅଞ୍ଚଳର ଲୋକ ବାଦ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା ଦେଖିବାକୁ ମିଳେ । *ଆମ ଲୋକ ଗୀତ ଓ ଲୋକ ବାଦ୍ୟ* (୨୦୦୧) ଗ୍ରନ୍ଥଟି ଏକ୍ଷେତ୍ରରେ ଉଲ୍ଲେନୀୟ । ଏହି ଗ୍ରନ୍ଥରେ ଗଞ୍ଜାମ, ମୟୁରଭଞ୍ଜ, ପଶ୍ଚିମ ଓଡିଶା, କନ୍ଧମାଳ, ବଡଖେମୁଣ୍ଡି, ଉତ୍ତର ଓଡିଶା, ଏବଂ ରାୟଗଡା ପ୍ରଭୃତି ଅଞ୍ଚଳରେ ବ୍ୟବହୃତ ପାରମ୍ପରିକ ବାଦ୍ୟ ସହିତ ଆଦିବାସୀମାନଙ୍କଦ୍ୱାରା ସ୍ୱତନ୍ତ୍ର ଭାବରେ ବ୍ୟବହୃତ ହେଉଥିବା କେତେକ ବାଦ୍ୟ ସମ୍ପର୍କରେ ମଧ୍ୟ ଆଲୋଚକମାନେ ନିଜନିଜ ଦୃଷ୍ଟିକୋଣରୁ ଆଲୋଚନା କରିଛନ୍ତି । ଓଡିଆ ଲୋକଧାରା ଆଲୋଚନାରେ ଲୋକ ବାଦ୍ୟ ଏକ ଅନାଲୋଚିତ ଦିଗ । ଅତଏବ, ପ୍ରାବନ୍ଧିକମାନଙ୍କ ଏ ପ୍ରୟାସ ପ୍ରଶଂସନୀୟ, ତଥା ଓଡିଆ ଲୋକଧାରା ଆଲୋଚନାର ପରିସରକୁ ବ୍ୟାପକ କରିବାରେ ଏହା ସହାୟକ ହୋଇଛି ନିଶ୍ଚୟ । ଲୋକ ବାଦ୍ୟ ସମ୍ପର୍କିତ ଏହି ଆଲୋଚନାକ୍ରମରେ ଆଦିକନ୍ଦ ମହାନ୍ତଙ୍କ *ମୟୁରଭଞ୍ଜର ଲୋକ ବାଦ୍ୟ* (୨୦୦୬) ମଧ୍ୟ ଏକ ଉଲ୍ଲେଖନୀୟ ପ୍ରଚେଷ୍ଟା । ଏହି ଗ୍ରନ୍ଥରେ ମୟୁରଭଞ୍ଜ ଅଞ୍ଚଳରେ ବ୍ୟବହୃତ ପାରମ୍ପରିକ ବାଦ୍ୟଯନ୍ତ୍ର ମାଦଳ, ଢୋଲ, ଧୂମସା, ମହୁରୀ ପ୍ରଭୃତି ବାଦ୍ୟଯନ୍ତ୍ରର ସୃଷ୍ଟି ସମ୍ପର୍କିତ ଗଳ୍ପ ସହିତ ଏହାର ନିର୍ମାଣ କୌଶଳ, ପ୍ରକାରଭେଦ, ଏବଂ ତାଲ ଲୟ ଉପରେ ବିଶଦ ଭାବରେ ଆଲୋଚନା କରାଯାଇଛି ।

ଏହା ବ୍ୟତୀତ, ଇଂରାଜୀରେ ମଧ୍ୟ ଅନେକ ପ୍ରବନ୍ଧ ଏବଂ ଆଲୋଚନା ଗ୍ରନ୍ଥ ପ୍ରକାଶ ପାଇଛି, ସେସବୁ ମଧ୍ୟରେ The Universeଦ୍ୱାରା ପ୍ରକାଶିତ *Folk Ways in Religion, Gods, Spirits and Men* (ସୀତାକାନ୍ତ ମହାପାତ୍ର), *Folk Art and Craft* (କରୁଣାସାଗର ବେହେରା) ଓଡିଆ ଧର୍ମଧାରା ଏବଂ ଶିଳ୍ପକଳା ସମ୍ପର୍କିତ ଗ୍ରନ୍ଥ । ଏହି କ୍ରମରେ ଦୀନନାଥ ପାଠୀଙ୍କ *Traditional Paintings of Orissa* (1990), ଧୀରେନ୍ଦ୍ରନାଥ ପଟ୍ଟନାୟକ, ଏବଂ ରାଇଚରଣ ଦାସଙ୍କ *Festivals of Orissa* (1982) ଆଦି ମଧ୍ୟ ଓଡିଶାର ପଟ୍ଟଚିତ୍ର ଏବଂ ପର୍ବପର୍ବାଣି ଉପରେ ଆଧାରିତ ଏକଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଗ୍ରନ୍ଥ ।

### ୧.୨.୨.୫ ଲୋକତତ୍ତ୍ୱ ଏବଂ ସିଦ୍ଧାନ୍ତ ଆଧାରିତ ଚର୍ଚ୍ଚା

ଓଡିଆ ଲୋକଧାରା ଅଧ୍ୟୟନରେ କେବଳ ବିଭିନ୍ନ ଲୋକ ଉପାଦାନର ଅଧ୍ୟୟନ ତଥା ଆଲୋଚନା ହିଁ କରାଯାଇଛି ତାହା ନୁହେଁ, ତତ୍ତ୍ୱ ଏବଂ ସିଦ୍ଧାନ୍ତ ସମ୍ପର୍କିତ ଅନେକ ଗବେଷଣା ଗ୍ରନ୍ଥ ମଧ୍ୟ ପ୍ରକାଶିତ ହୋଇଛି । ଏ କ୍ଷେତ୍ରରେ ଆଦ୍ୟ ପ୍ରୟାସ ହେଉଛି ସମ୍ଭବତଃ ଶ୍ୟାମସୁନ୍ଦର ମହାପାତ୍ରଙ୍କ *ଲୋକ ସାହିତ୍ୟ ତତ୍ତ୍ୱ* (୧୯୯୫) । ଏହି ଗ୍ରନ୍ଥରେ ଲୋକ ସଂସ୍କୃତି ଓ ଲୋକ ସାହିତ୍ୟ, ବିଭିନ୍ନ ଅଧ୍ୟୟନ ପଦ୍ଧତିର ସଂକ୍ଷିପ୍ତ ପରିଚୟ, ସଂରଚନା ପଦ୍ଧତି ଏବଂ ପ୍ରସଙ୍ଗଭିତ୍ତିକ ପଦ୍ଧତି ସମ୍ପର୍କରେ ବିଶେଷ ଆଲୋଚନା ସହ ଲୋକଗୀତ ଏବଂ ବାଣୀ, ଓ କାହାଣୀ ଓ ନାଟକ ସମ୍ପର୍କିତ ତାତ୍ତ୍ୱିକ ଦିଗ ସହିତ ଲୋକ ସାହିତ୍ୟ ଓ ବିଦଗ୍ଧ ସାହିତ୍ୟ ମଧ୍ୟରେ ସମ୍ପର୍କ, ବିଦଗ୍ଧ ସାହିତ୍ୟ ଉପରେ ଲୋକ ସାହିତ୍ୟର ପ୍ରଭାବ, ଆଧୁନିକ କବିତାରେ ଲୋକ ଉପାଦାନ, ବିଦଗ୍ଧ ନାଟକରେ ଲୋକ ନାଟକର ପ୍ରଭାବ, ଲୋକ ସଂସ୍କୃତି ଅଧ୍ୟୟନର ଇତିହାସ କ୍ରମରେ ପାଶ୍ଚାତ୍ୟ ଜଗତରେ ଲୋକ ସାହିତ୍ୟ ଚର୍ଚ୍ଚାର ଉନ୍ମେଷ ଓ ବିକାଶ, ଭାରତରେ ତଥା ଓଡିଶାରେ ଲୋକ ସାହିତ୍ୟ ଚର୍ଚ୍ଚା ପ୍ରଭୃତି ବିବିଧ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରିଛନ୍ତି । ମହାପାତ୍ରଙ୍କ ଅନ୍ୟ ସମ୍ପାଦିତ ଗ୍ରନ୍ଥ— *ଓଡିଆ ଲୋକ ସାହିତ୍ୟ* (୧୯୮୨) । ଏହି ଗ୍ରନ୍ଥରେ ମୋଟିଫ୍ ତତ୍ତ୍ୱ, ଲୋକ-ଛନ୍ଦ, ଢଣ କୁଇଲା, ମିଥ୍, ଲୋକନାଟକର ପରିସର ଏବଂ ପ୍ରକୃତି, ନାଁ-ଦିଆ : ଶୈଳୀ ଏବଂ ସଂରଚନା, ଲୋକଠାର, ଜନଶ୍ରୁତି ଓ କିମ୍ବଦନ୍ତୀ ସହିତ ଲୋକଗୀତ ଓ ଲୋକ ସାହିତ୍ୟ ସମ୍ପର୍କରେ ବିଭିନ୍ନ ଗବେଷକମାନଙ୍କ ପ୍ରବନ୍ଧ

ସଂକଳିତ ହୋଇଛି । ଏହା ବ୍ୟତୀତ, *ଉତ୍କଳ କାହାଣୀର* ଭୂମିକା, *କଥା ଲହରୀ* (୧୯୦୧)ରେ ମଧୁସୂଦନ ରାଓଙ୍କଦ୍ୱାରା ଲିଖିତ ଭୂମିକା, ଜନ୍ ବୀମସ୍‌ଙ୍କ "Orissan Folklore" ପ୍ରବନ୍ଧର ଓଡିଆ ଅନୁବାଦ, ନୀଳକଣ୍ଠ ଦାସଙ୍କ ସାହିତ୍ୟରେ କିମ୍ବଦନ୍ତୀ, ଏବଂ ଚକୁଳିଆ ପଣ୍ଡା ପ୍ରବନ୍ଧ, କୃଷ୍ଣଚରଣ ବେହେରାଙ୍କ *ମୋଗଲ ତାମସା* (୧୯୬୬) ଗ୍ରନ୍ଥର ମୁଖବନ୍ଧ ପ୍ରଭୃତି ଆଲୋଚନା ମଧ୍ୟ ସ୍ଥାନିତ କରାଯାଇଛି । ସେହିପରି, ଶ୍ୟାମସୁନ୍ଦର ମହାପାତ୍ର ତାଙ୍କର *A Study of Oriya Folk-Ballads* (1988) ଗ୍ରନ୍ଥରେ ଓଡିଆ ଗାଥାଗୁଡିକର ସଂରଚନାଗତ ବିଶ୍ଳେଷଣ କରିଛନ୍ତି । ଶ୍ୟାମସୁନ୍ଦର ମହାପାତ୍ର ପରବର୍ତ୍ତୀ ସମୟରେ ମିହିର କୁମାର ସାହୁଙ୍କ ମିଳିତ ସମ୍ପାଦନାରେ ପ୍ରକାଶ କରନ୍ତି *ଲୋକ ସାହିତ୍ୟ ଗବେଷଣା* (୧୯୯୭) । ଏହି ଗ୍ରନ୍ଥରେ ୧୯୫୪ ମସିହାରୁ ୧୯୯୫ ମସିହା ମଧ୍ୟରେ ଓଡିଆ ଲୋକଧାରା ତଥା ଲୋକ ସଂସ୍କୃତି କ୍ଷେତ୍ରରେ ହୋଇଥିବା ଗବେଷଣା ସମ୍ପର୍କରେ ଗବେଷକମାନେ ନିଜେ ଆଲୋଚନା କରିଛନ୍ତି, ଯାହାକି ଏହି ସମୟ ସୀମା ମଧ୍ୟରେ ହୋଇଥିବା ଗବେଷଣା ଓ ତାହାର ରୂପରେଖ ସମ୍ପର୍କରେ ବିଶଦ ସୂଚନା ପ୍ରଦାନ କରିଥାଏ ।

ଲୋକ ସାହିତ୍ୟର ତାତ୍ତ୍ୱିକ ଅଧ୍ୟୟନରେ ଆଚାର୍ଯ୍ୟ ଭାବାନନ୍ଦ (ଭାବଗ୍ରାହୀ ମିଶ୍ର)ଙ୍କ ଏକ ସ୍ୱତନ୍ତ୍ର ପରିଚିତି ଅଛି । *Verrier Elwin: A Pioneer Indian Anthropologist* (1973) ଶୀର୍ଷକ ଗବେଷଣାତ୍ମକ ନିବନ୍ଧ ରଚନାକରି ସେ ଇଣ୍ଡିଆନା ବିଶ୍ୱବିଦ୍ୟାଳୟ ପିଏଚ୍. ଡି. ଉପାଧି ଲାଭ କରିଛନ୍ତି । ଏହି ଗ୍ରନ୍ଥରେ ଭାବାନନ୍ଦ, ଏଲୱିନ୍‌ଙ୍କ କ୍ଷେତ୍ରକାର୍ଯ୍ୟ ଓ ପଦ୍ଧତି, ଲୋକ ଆଖ୍ୟାନ ଗବେଷଣା କ୍ଷେତ୍ରରେ ତାଙ୍କର ଅବଦାନ, ଲୋକ ଧର୍ମ ଅଧ୍ୟୟନ କ୍ଷେତ୍ରରେ ଏଲୱିନ୍‌ଙ୍କ ଅବଧାରଣା, ତଥା ତାଙ୍କ ଗବେଷଣାରେ ପ୍ରାୟୋଗିକ ଲୋକଧାରାର ସ୍ୱରୂପଗୁଡିକ କିପରି ସେ ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିଛନ୍ତି । ଓଡିଆ ଲୋକ ସଂସ୍କୃତିର ଆଲୋଚନାରେ ତାଙ୍କର ତାତ୍ତ୍ୱିକ ଦୃଷ୍ଟିକୋଣ ପ୍ରଶଂସନୀୟ । ଏହିକ୍ରମରେ ଭାବାନନ୍ଦଙ୍କ *ସଂସ୍କୃତିର ତାତ୍ତ୍ୱିକତାରେ ପରିଭାଷା* (୨୦୧୩) ଏକ ଉଲ୍ଲେଖନୀୟ ପ୍ରସ୍ତୁତି । ଏହି ଗ୍ରନ୍ଥରେ ଅସ୍ମିତା (Identity), ଗୋଷ୍ଠୀବର୍ଣ୍ଣନ (Ethnography), ଆଧୁନିକତା (Modernity), ଜଗତୀକରଣ (Globalisation), ବ୍ୟାଖ୍ୟା (Interpretation), ମୌଖିକତା (Orality), ସଂସ୍କୃତି (Culture), ସଂସ୍କୃତିର ତାତ୍ତ୍ୱିକ ଦିଗନ୍ତ (A theory of culture), ଏବଂ ସମୀକ୍ଷା (Critique) ଭଳି ତିରିଶଟି ତାତ୍ତ୍ୱିକ ପରିଭାଷା ସମ୍ପର୍କରେ ଆଲୋଚନା କରିବାର ପ୍ରୟାସ କରିଛନ୍ତି ଯାହା ଓଡିଆରେ ଲୋକଧାରା ତଥା ସଂସ୍କୃତି ଅଧ୍ୟୟନର ପରିସରକୁ କିଞ୍ଚିତ୍ ଦିଗଦର୍ଶନ ଦେବାରେ ସହାୟକ ହୋଇପାରେ । ଏହାବ୍ୟତୀତ, ଓଡିଶାର ପ୍ରଥା-ପରମ୍ପରା ଉପରେ ଅନେକ ତାତ୍ତ୍ୱିକ ପ୍ରବନ୍ଧ ଇଂରାଜୀରେ ରଚନା କରିଛନ୍ତି, ସେଗୁଡିକ ମଧ୍ୟରେ "A Rice Rituals of Orissa (1966)", "A Note on the Elements in Mysticism in Oriya Folk songs (1964)", "The Saptapuri Ritual and the Folk Belief in Orissa (1963)", "Koshalapuja and the Folk Beliefs in Odia Folk Songs (1965)", "The Study of the Worship of Lakshmi in Orissa (1967)", ଏବଂ "Myth and Mechanics of Snake Worship in Orissa (1990)" ପ୍ରଭୃତି ପ୍ରବନ୍ଧ ଉଲ୍ଲେଖନୀୟ ।

ଲୋକଧାରା ଅଧ୍ୟୟନ କ୍ଷେତ୍ରରେ ଆଉ ଜଣେ ଉଲ୍ଲେଖନୀୟ ଗବେଷକ ହେଉଛନ୍ତି କୃଷ୍ଣଚନ୍ଦ୍ର ପ୍ରଧାନ । ତାଙ୍କର ତାଙ୍କର *ଲୋକ ସାହିତ୍ୟ ତତ୍ତ୍ୱରୂପ ଓ କଳାରୂପ* (୨୦୦୪) ଗ୍ରନ୍ଥରେ ସେ ଲୋକବିଦ୍ୟା(ସଂସ୍କୃତି)ର ସଂଜ୍ଞା ସ୍ୱରୂପ ଓ ପ୍ରକାରଭେଦ, କ୍ଷେତ୍ର ଅଧ୍ୟୟନ, ଲୋକବିଦ୍ୟା ଅଧ୍ୟୟନର ଇତିହାସକ୍ରମରେ ଆନ୍ତର୍ଜାତିକ ସ୍ତରରେ ଏବଂ ଭାରତ ସହିତ ଓଡିଶାରେ ଲୋକବିଦ୍ୟା ଚର୍ଚ୍ଚା ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ସେହିପରି, ଲୋକବିଦ୍ୟା ଓ ଭାଷାତତ୍ତ୍ୱ, 'ପୁରାତାତ୍ତ୍ୱିକ ମତବାଦ (Theory of Solar Mythology)', 'ତୁଳନାତ୍ମକ ପଦ୍ଧତି (Comparative Method)', 'ସଞ୍ଚରଣ ମତବାଦ (Diffusion Theory)', 'ଐତିହାସିକ-ଭୌଗୋଳିକ ପଦ୍ଧତି (Historical-Geographical Method)', 'ନୃତାତ୍ତ୍ୱିକ ମତବାଦ (Anthropological Theory)', 'ମନସ୍ତାତ୍ତ୍ୱିକ ପଦ୍ଧତି (Psychological Method)', 'ପ୍ରକାର୍ଯ୍ୟବାଦୀ ସିଦ୍ଧାନ୍ତ (Functionalism)', 'ନନ୍ଦନତତ୍ତ୍ୱ (Aesthetic Theory)', 'ସଂରଚନା ପଦ୍ଧତି (Structuralism)', ଏବଂ 'ପ୍ରସଙ୍ଗଭିତ୍ତିକ ଅଧ୍ୟୟନ (Contextual Study)' ଆଦି ଅଧ୍ୟୟନ ପଦ୍ଧତି ଓ ବିଭିନ୍ନ ମତବାଦ ସମ୍ପର୍କରେ ମଧ୍ୟ ଆଲୋଚନା କରିବାର ପ୍ରୟାସ କରିଛନ୍ତି । ଏହା ବ୍ୟତୀତ, ଓଡିଆ ଲୋକ ଗୀତ : ଭୁତି ଓ ଭିତ୍ତି, ପ୍ରବାଦ-ପ୍ରବଚନର ସ୍ୱରୂପ ଓ ସ୍ୱାତନ୍ତ୍ର୍ୟ ପ୍ରଭୃତି ବିଭିନ୍ନ

ଦିଗ ଉପରେ ଆଲୋଚନା କରିବା ସହିତ ଆଧୁନିକ ଓଡିଆ ସାହିତ୍ୟରେ ଲୋକ ଉପାଦାନ ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି । ସେହିପରି, ତାଙ୍କର *ଓଡିଆ ସାହିତ୍ୟ ଓ ଲୋକ ଉପାଦାନ* (୨୦୦୯) ଏକ ଉଲ୍ଲେଖନୀୟ ଗ୍ରନ୍ଥ । ଏହି ଗ୍ରନ୍ଥରେ ବିଭିନ୍ନ ଆଲୋଚକ ଲୋକ ଉପାଦାନ କ'ଣ, ଏବଂ ଏହା ଆଧୁନିକ କବିତା, ଗଳ୍ପ, ଉପନ୍ୟାସରେ ତଥା ନାଟକରେ କିପରି ଭାବରେ ସୃଜନଶୀଳ ସ୍ରଷ୍ଟାମାନଙ୍କଦ୍ୱାରା ପ୍ରୟୋଗ ହୋଇଛି ସେ ସମ୍ପର୍କରେ ଆଲୋଚନା କରିଛନ୍ତି ।

କଇଳାଶ ପଟ୍ଟନାୟକ ଲୋକ ସାହିତ୍ୟ ସଂପର୍କରେ ତାତ୍ତ୍ୱିକ ଆଲୋଚନା କରିଛନ୍ତି ତାଙ୍କର *ଲୋକ ସାହିତ୍ୟ ଚର୍ଚ୍ଚା* (୧୯୮୯) ଗ୍ରନ୍ଥରେ । ଏହି ଗ୍ରନ୍ଥରେ ଲୋକ ଗୀତର ଛନ୍ଦ, ରସ, ଚେତନାପ୍ରବାହ; ମୋଟିଫ ତତ୍ତ୍ୱ, ଲୋକ କାହାଣୀର ସ୍ୱାତନ୍ତ୍ର୍ୟ, ଲୋକ କାହାଣୀର ଐତିହାସିକ-ଭୌଗୋଳିକ ବିଶ୍ଳେଷଣ ତଥା ଲୋକ କାହାଣୀରେ ହାସ୍ୟବ୍ୟଙ୍ଗ; ପ୍ରବାଦ-ପ୍ରବଚନର ଜନ୍ମବୃତ୍ତାନ୍ତ, ସ୍ୱରୂପ ସହିତ କ୍ଷେତ୍ର ଅଧ୍ୟୟନ ସମ୍ପର୍କରେ ଆଲୋଚନା କରିଛନ୍ତି ଏହା ସହ, ଲୋକଧାରା ସମ୍ପର୍କିତ ବିଭିନ୍ନ ଗ୍ରନ୍ଥ, ପ୍ରବନ୍ଧ, ଏବଂ ପ୍ରବନ୍ଧ ସଂକଳନଗୁଡିକର ଏକ ଦୀର୍ଘସୂଚୀ ପ୍ରଦାନ କରିଛନ୍ତି । ଲୋକଧାରା ଓ ଲୋକତତ୍ତ୍ୱ ସମ୍ପର୍କିତ ଅନ୍ୟ ଏକ ତାତ୍ତ୍ୱିକ ଗ୍ରନ୍ଥ ହେଉଛି କୁମୁଦରଞ୍ଜନ ପାଣିଗ୍ରାହୀଙ୍କ *ଲୋକଧାରା, ଲୋକ ସଂସ୍କୃତି ଓ ଲୋକ ସାହିତ୍ୟ* (୨୦୧୨) । ଏହି ଗ୍ରନ୍ଥରେ ସେ ଫୋକ୍‌ର ଭାରତୀୟ ପ୍ରତିଶବ୍ଦ, ଲୋକଧାରାର ସ୍ୱରୂପ, ଲୋକଧାରା ଓ ଲୋକ ସାହିତ୍ୟ, ଲୋକ ସାହିତ୍ୟର ତତ୍ତ୍ୱ ଓ ପ୍ରେରଣା, ଏହାର ପରିଧି ତଥା ଲୋକ କଥା, ଗୀତ, ବଚନିକାର ସ୍ୱରୂପ, ଲୋକ ସଂସ୍କୃତି, ଲୋକ ବିଶ୍ୱାସ, ଲୋକ ଦେବତା ପ୍ରଭୃତି ଲୋକଧାରାର ବିଭିନ୍ନ ଉପାଦାନ ସମ୍ପର୍କରେ ଆଲୋଚନା କରିବାକୁ ପ୍ରୟାସ କରିଛନ୍ତି ।

ଲୋକ ସାହିତ୍ୟର ତାତ୍ତ୍ୱିକ ଓ କଳାତ୍ମକ ରୂପ ନିର୍ଦ୍ଧାରଣରେ ମହେନ୍ଦ୍ର କୁମାର ମିଶ୍ରଙ୍କ ଭୂମିକା ନିଶ୍ଚିତ ଭାବରେ ଉଲ୍ଲେଖଯୋଗ୍ୟ । ତାଙ୍କର *ଲୋକ ସଂସ୍କୃତି ପରିକ୍ରମା* (୧୯୯୬), *ଲୋକ ସଂସ୍କୃତି: ସିଦ୍ଧାନ୍ତ ଓ ପ୍ରୟୋଗ* (୨୦୧୨) ଆଦି ଗ୍ରନ୍ଥ ଲୋକଧାରାର ତାତ୍ତ୍ୱିକ ଅବଧାରଣାଦୃଷ୍ଟିରୁ ଏକ ଏକ ଉଲ୍ଲେଖନୀୟ ଗ୍ରନ୍ଥ । ଏହି ଦୁଇଟି ଗ୍ରନ୍ଥରେ ସେ ଲୋକ ସଂସ୍କୃତିର ସିଦ୍ଧାନ୍ତ, ଆଭିମୁଖ୍ୟ, ଐତିହାସିକ ବିଚାର, ସୋଲାର ମିଥୋଲୋଜି ସିଦ୍ଧାନ୍ତ, ସାଂସ୍କୃତିକ ବିସରଣବାଦୀ ସିଦ୍ଧାନ୍ତ, ତୁଳନାତ୍ମକ ପଦ୍ଧତି, ମନୋବିଶ୍ଳେଷଣ ପଦ୍ଧତି, ପ୍ରକାର୍ଯ୍ୟବାଦୀ ସିଦ୍ଧାନ୍ତ, ସଂରଚନାତ୍ମକ ବିଶ୍ଳେଷଣ, ଏବଂ (ପଟ୍ଟଭୂମିକ)ପ୍ରସଙ୍ଗଭିତ୍ତିକ ଅଧ୍ୟୟନ ଆଦି ଅଧ୍ୟୟନ ତତ୍ତ୍ୱ, ଲୋକ ସାହିତ୍ୟର ସ୍ୱରୂପ ତଥା ଓଡିଆ ଲୋକ ସଂସ୍କୃତିର ବିଭିନ୍ନ ଦିଗ ଯେପରି, ସାହିତ୍ୟରେ ଲୋକଦୃଷ୍ଟି, ଲୋକ ସାହିତ୍ୟରେ ଓଡିଆ ସଂସ୍କୃତିର ଚିତ୍ର, ଲୋକ ସାହିତ୍ୟରେ ସାମ୍ପ୍ରତିକତା, ଲୋକ ସଂସ୍କୃତି ଓ ପ୍ରଜାତିକ ପରିଚିତି, ଶ୍ରୀକୃଷ୍ଣ ଲୀଳାର ପ୍ରକାର୍ଯ୍ୟବାଦୀ ବିଶ୍ଳଷଣ, ସୃଷ୍ଟି ମିଥ୍‌ର ସଂରଚନାତ୍ମକ ବିଶ୍ଳେଷଣ; ଏବଂ ଆଦିବାସୀ ସଂସ୍କୃତିର ଅସ୍ତିତ୍ୱ ଓ ଅସ୍ମିତ୍ୱ, ଆଦିବାସୀ ସାହିତ୍ୟରେ ବିଶ୍ୱଦୃଷ୍ଟି, ଆଦିବାସୀ ଲୋକ ସାହିତ୍ୟରେ ଶିକ୍ଷାୟନର ପ୍ରଭାବ, ଏବଂ ସଉରା ଲୋକ ପରମ୍ପରାରେ ପ୍ରେମ ଓ ମୃତ୍ୟୁ ଚେତନା ଆଦି ବିଭିନ୍ନ ଦିଗ ଉପରେ ଆଲୋଚନା କରିବାକୁ ପ୍ରୟାସ କରିଛନ୍ତି ।

ଲୋକଧାରା ଅଧ୍ୟୟନ ସମ୍ପର୍କିତ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେଉଛି ସଞ୍ଜୟ କୁମାର ବାଗଙ୍କ *ଲୋକଧାରା: ପାରମ୍ପରିକ ସର୍ଜନଶୀଳ ଜୀବନଧାରାର ଅଧ୍ୟୟନ* (୨୦୧୨) । ଏହି ପୁସ୍ତକରେ ଲୋକଧାରା କ'ଣ, ଲୋକ କିଏ, ଲୋକ ଗୋଷ୍ଠୀର ସଂରଚନା କିପରି ହୋଇଥାଏ, ପରମ୍ପରା ଏବଂ ପରିବେଷଣର ବିଭିନ୍ନ ଆୟାମ ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରାଯିବା ସହିତ ପ୍ରାରମ୍ଭରୁ ସାମ୍ପ୍ରତିକ ସମୟ ଯାଏଁ ଲୋକଧାରା ଅଧ୍ୟୟନର ବିକାଶଧାରା, ତାତ୍ତ୍ୱିକ ଅନୁଶୀଳନର ବିବର୍ତ୍ତନ ସମ୍ପର୍କରେ ମଧ୍ୟ ସଂକ୍ଷିପ୍ତ ଭାବରେ ଆଲୋଚନା କରାଯାଇଛି । ଏହା ବ୍ୟତୀତ, ଲୋକ ଉପାଦାନର ସଂଗ୍ରହର ପଦ୍ଧତି ଏବଂ ପ୍ରକିୟା ସହିତ ଉପାଦାନର ଅନୁଶୀଳନ ନିମିତ୍ତ ପ୍ରକାର୍ଯ୍ୟବାଦ, 'ଆନ୍ତର୍ବିଚ୍ଛେଦୀବାଦ (Intersectionality)', ଏବଂ 'ପାରସ୍ପରିକ-ବିନିମୟ ପ୍ରଜାତିବାଦ (Reciprocal Ethnography)' ଭଳି କେତୋଟି ସାମ୍ପ୍ରତିକ ଲୋକତାତ୍ତ୍ୱିକ ସିଦ୍ଧାନ୍ତ ଉପରେ ମଧ୍ୟ ଆଲୋଚନା କରିବାକୁ ପ୍ରୟାସ କରାଯାଇଛି ।

### ୧.୨.୩ ଓଡିଆ ଲୋକଧାରା ତଥା ଲୋକ ସାହିତ୍ୟ ଚର୍ଚ୍ଚାର ବିଭିନ୍ନ ଦିଗ

ଆମେ ଦେଖିଲେ, ଓଡିଆ ଲୋକଧାରା ଆଲୋଚନାରେ ଲୋକ ସାହିତ୍ୟ, ଲୋକ ନାଟକ, ପର୍ବପର୍ବାଣୀ, ସାମାଜିକ ରୀତିନୀତି, ଯାନିଯାତ୍ରା, ତଥା ଅନ୍ୟ ନୈର୍ବାଚିକ ଏବଂ ପ୍ରଦର୍ଶନଶୀଳ ଲୋକଧାରା ଉପରେ— ଅନ୍ୟ ଅର୍ଥରେ, ଲୋକଧାରାର ପ୍ରାୟ ସମସ୍ତ ଉପାଦାନ ଉପରେ ଯଥେଷ୍ଟ ନହେଲେ ମଧ୍ୟ ଉଲ୍ଲେଖନୀୟ ଗବେଷଣା, ଆଲୋଚନା କରାଯାଇଛି ତଥା ଆଲୋଚନା କରିବାରେ ଗବେଷକମାନେ ପ୍ରୟାସରତ । ସେହିପରି, ଓଡିଶାର ଲୋକ ଉପାଦାନ ସହିତ ବିଭିନ୍ନ ପ୍ରାଦେଶିକ ଲୋକ ଉପାଦାନଗୁଡିକର ତୁଳନାତ୍ମକ ଅଧ୍ୟୟନ ମଧ୍ୟ କରାଯିବାର ପ୍ରୟାସ ପରିଦୃଷ୍ଟ । ଲୋକଧାରା ଅଧ୍ୟୟନର ବିଭିନ୍ନ ତତ୍ତ୍ୱ ସମ୍ପର୍କରେ ମଧ୍ୟ କିଛି ଆଲୋଚନା କରାଯାଇ ଉପାଦାନର ସିଦ୍ଧାନ୍ତଗତ ଅନୁଶୀଳନପାଇଁ ଗୁରୁତ୍ୱ ପ୍ରଦାନକରିବାକୁ ପ୍ରୟାସ କରୁଛନ୍ତି ତଥା କରିଚାଲିଛନ୍ତି ।

ପରିଶେଷରେ, ଓଡିଆ ଲୋକଧାରା ଏବଂ ଲୋକ ସାହିତ୍ୟ ଆଲୋଚନାର ପରମ୍ପରାର ବିଭିନ୍ନ ଦିଗକୁ ସଂକ୍ଷେପରେ ଏପରି ଭାବରେ ଉଲ୍ଲେଖ କରାଯାଇପାରେ—

୧. ବିଶ୍ୱର ସର୍ବତ୍ର ଯେପରି ଲୋକ ସାହିତ୍ୟରୁ ଲୋକଧାରା ଆଲୋଚନାର ସୂତ୍ରପାତ ହୁଏ ସେହିପରି, ଓଡିଆ ଲୋକଧାରା ଆଲୋଚନାର ସୂତ୍ରପାତ ମଧ୍ୟ ଲୋକ ସାହିତ୍ୟରୁ । ତେବେ, କେବଳ ଲୋକ ସାହିତ୍ୟ ନୁହେଁ ଲୋକ ନାଟକ ସମ୍ପର୍କରେ ମଧ୍ୟ ଉଲ୍ଲେଖଯୋଗ୍ୟ ଆଲୋଚନା ହୋଇଥିବା ଲକ୍ଷ୍ୟ କରାଯାଏ ।

୨. କେବଳ ସାହିତ୍ୟ ବା ଲୋକ ନାଟକ ନୁହେଁ କ୍ରୀଡା, ଚିତ୍ରକଳା, ବୟନକଳା, ହସ୍ତଶିଳ୍ପ, ଏବଂ ବିଭିନ୍ନ ପାରମ୍ପରିକ ଉପକରଣ ଭଳି ଅନ୍ୟାନ୍ୟ ଲୋକ ଉପାଦାନ ସମ୍ପର୍କରେ ମଧ୍ୟ ଆଲୋଚନା କରିବାକୁ ପ୍ରୟାସ କରିଛନ୍ତି ।

୩. ସେହିପରି, ଲୋକଧାରା ଆଲୋଚନାର ପ୍ରାରମ୍ଭିକକାଳରୁ ହିଁ ଆଦିବାସୀ ଗୋଷ୍ଠୀକୁ ସ୍ୱତନ୍ତ୍ର ଲୋକ ଗୋଷ୍ଠୀ ଭାବରେ ଗ୍ରହଣକରି ସେମାନଙ୍କ ପରମ୍ପରା ତଥା ଜୀବନଧାରା ସମ୍ପର୍କରେ ଆଲୋଚନା କରାଯିବାର ପ୍ରୟାସ କରାଯାଇଛି ।

୪. ଏବଂ, ଆଦିବାସୀ ନୁହଁନ୍ତି ସମ୍ପ୍ରତି ଦଳିତ ଲୋକ ଗୋଷ୍ଠୀର ପାରମ୍ପରିକ ଜୀବନଧାରା ଉପରେ ମଧ୍ୟ ଆଲୋଚକମାନେ ପ୍ରୟାସ ରତ ।

୫. ଅନୁରୂପ ଭାବରେ, ଓଡିଆ ଲୋକଧାରା ଆଲୋଚନାରେ ଯଥେଷ୍ଟ ନହେଲେ ମଧ୍ୟ ଅନେକ ଉପାଗମ (Approach), ଏବଂ ତତ୍ତ୍ୱ ବା ସିଦ୍ଧାନ୍ତ (Theory) ସମ୍ପର୍କିତ ଆଲୋଚନା ଦେଖିବାକୁ ମିଳେ । ତେବେ,

୬. ଓଡିଆ ଲୋକଧାରା ଆଲୋଚନା ପ୍ରସଙ୍ଗରେ ପ୍ରାୟତଃ ସାଂସ୍କୃତିକ ଅଧ୍ୟୟନ, ଓ ଲୋକତାତ୍ତ୍ୱିକ ଅଧ୍ୟୟନ ଭିତରେ ଥିବା ପ୍ରଭେଦ ସମ୍ପର୍କିତ ସ୍ପଷ୍ଟ ଅବଧାରଣାର ଅଭାବ ଅନେକ ଗବେଷକଙ୍କ ପାଖରେ ଦେଖାଯାଏ । ସେହିପରି—

୭. ଓଡିଆ ଲୋକଧାରାର ଅନେକ ଗବେଷକ କେବଳ ଗ୍ରାମ୍ୟ, ଆଦିବାସୀ, ତଥା ଅପେକ୍ଷାକୃତ ଅନୁନ୍ନତ ଜୀବନଧାରଣ କରୁଥିବା ଲୋକଙ୍କୁ ହିଁ 'ଲୋକ' ଭାବରେ ଗ୍ରହଣ କରିବା ଦେଖାଯାଇଛି, ତଥା ଲୋକଧାରା ଅଧ୍ୟୟନର ପ୍ରାରମ୍ଭିକ କାଳରେ ଆନ୍ତର୍ଜାତିକ ସ୍ତରରେ ଥିବା ପୁରାତନ ଅବଧାରଣା ସମ୍ପ୍ରତି ମଧ୍ୟ ଓଡିଆ ଲୋକଧାରା ଆଲୋଚନାରେ ବଳବତ୍ତର ଅଛି, ଏଥିରେ କୌଣସି ପରିବର୍ତ୍ତନ ଦେଖାଯାଇନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ ।

୮. ଓଡିଆ ଲୋକଧାରା ଚର୍ଚ୍ଚାରେ ଅନେକ ଆଲୋଚନା ସଂଗ୍ରହ, ବିଭାଗୀକରଣ, ତଥା ବିଷୟର ଚିତ୍ରାତ୍ମକ ବର୍ଣ୍ଣନା (Desriptive Study) ଭିତରେ ହିଁ ସିମୀତ, ଏବଂ ଲୋକତାତ୍ତ୍ୱିକ ସିଦ୍ଧାନ୍ତକୁ ଆଧାରକରି ତାତ୍ତ୍ୱିକ ଅନୁଶୀଳନର ପରମ୍ପରା ଅନେକତଃ ଦୁର୍ବଳ ମନେହୁଏ । ଏପରିକି—

୯. ଉପାଦାନର ସଂଗ୍ରହ, ଏବଂ ବର୍ଣ୍ଣନା(documentation)ରେ ମଧ୍ୟ ଯଥାଯୋଗ୍ୟ ଲୋକତାତ୍ତ୍ୱିକ ଦୃଷ୍ଟିକୋଣର ଅଭାବ ପରିଦୃଷ୍ଟ ହୋଇଥାଏ ।

## ପ୍ରଶ୍ନ

### କ) ଦୀର୍ଘ ଉତ୍ତରମୂଳକ

୧) ଓଡିଆ ଲୋକ ସାହିତ୍ୟ ଚର୍ଚ୍ଚାର ପରମ୍ପରା ସମ୍ପର୍କରେ ଆଲୋଚନା କରନ୍ତୁ ।

୨) ଓଡିଆ ଲୋକଧାରା ଚର୍ଚ୍ଚା ପ୍ରସଙ୍ଗରେ ଆଦିବାସୀ ଏବଂ ଦଳିତ ଲୋକଧାରା ସମ୍ପର୍କିତ ଚର୍ଚ୍ଚା ଉପରେ ଆଲୋଚନା କରନ୍ତୁ ।

୩) ଲୋକ ନାଟକ, ଏବଂ ଲୋକ ସାହିତ୍ୟ ବ୍ୟତୀତ ଓଡିଆ ଲୋକଧାରାର ଅନ୍ୟ ଉପାଦାନ ସମ୍ପର୍କିତ ଚର୍ଚ୍ଚା ସର୍ମ୍ପକରେ ଆଲୋଚନା କରନ୍ତୁ ।

### ଖ) ନାତିଦୀର୍ଘ ଉତ୍ତରମୂଳକ

୧) ଓଡିଆ ଲୋକଧାରା ଆଲୋଚନାରେ ତତ୍ତ୍ୱ ଏବଂ ସିଦ୍ଧାନ୍ତଗତ ଚର୍ଚ୍ଚା ସର୍ମ୍ପକରେ ଆଲୋଚନା ଆଲୋଚନା କରନ୍ତୁ ।

୨) ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡିଆ ଲୋକ ସାହିତ୍ୟ ଚର୍ଚ୍ଚା ତଥା ଅଧ୍ୟୟନ ପରିସର ସମ୍ପର୍କରେ ଆଲୋଚନା କରନ୍ତୁ ।

୩) ଓଡିଆ ଲୋକଧାରା ଚର୍ଚ୍ଚାର ବୈଶିଷ୍ଟ୍ୟ ଉଦାହରଣ ସହ ଆଲୋଚନା କରନ୍ତୁ ।

### ଗ) ସଂକ୍ଷିପ୍ତ ଉତ୍ତରମୂଳକ

୧) ଓଡିଆ ଲୋକ ସଂସ୍କୃତି, ଲୋକଧାରା ପରିଭାଷା କୋଷ ସମ୍ପର୍କରେ ସଂକ୍ଷପରେ ଉଲ୍ଲେଖ କରନ୍ତୁ ।

୨) ଲୋକତତ୍ତ୍ୱବିଦ୍ କୃଷ୍ଣଚନ୍ଦ୍ର ପ୍ରଧାନ, ଏବଂ ମହେନ୍ଦ୍ର କୁମାର ମିଶ୍ରଙ୍କ ତାତ୍ତ୍ୱିକ ଆଲୋଚନାଗୁଡିକ ସମ୍ପର୍କରେ ସଂକ୍ଷେପରେ ଉଲ୍ଲେଖ କରନ୍ତୁ ।

ଦ୍ୱିତୀୟ ପରିଚ୍ଛେଦ

ପ୍ରଥମ ଭାଗ

# ଲୋକ ସାହିତ୍ୟର ପ୍ରକାରଭେଦ

୨.୧.୦ ଉପକ୍ରମ

୨.୧.୧ ଲୋକ ସାହିତ୍ୟ କ'ଣ ?

*୨.୧.୧.୧ ସଂରଚନା*

*୨.୧.୧.୨ ପରିବେଷଣ*

*୨.୧.୧.୩ ପରିବେଷଣକାରୀ*

*୨.୧.୧.୪ ସମ୍ପ୍ରସାରଣ*

*୨.୧.୧.୫. ଅର୍ଥପୂର୍ଣ୍ଣତା ବା ଯଥାର୍ଥତା*

୨.୧.୨ ଲୋକ ସାହିତ୍ୟର ପ୍ରକାରଭେଦ

୨.୧.୨.୧ ମିଥ୍

୨.୧.୨.୨ କିମ୍ବଦନ୍ତୀ

୨.୧.୨.୩ କାବ୍ୟ

୨.୧.୨.୪ ଗାଥା

୨.୧.୨.୫ ଲୋକ ଗୀତ

୨.୧.୨.୬ କଥାନି

୨.୧.୨.୭ ପ୍ରବାଦ-ପ୍ରବଚନ ଓ ରୂଢ଼ି

୨.୧.୨.୮ ନାଁ-ଦିଆ

୨.୧.୨.୯ ଅନ୍ୟାନ୍ୟ ଲୋକୋକ୍ତି

### ୨.୧.୦ ଉପକ୍ରମ

ବିଶ୍ୱର ଲୋକଧାରା ଅଧ୍ୟୟନର ପ୍ରାରମ୍ଭ ହିଁ ବାଚିକ ଉପାଦାନରୁ ହୋଇଛି ଯାହାକୁ ସାଧାରଣତଃ ଲୋକତତ୍ତ୍ୱବିଦ୍‌ମାନେ 'ଲୋକ ସାହିତ୍ୟ (Folk literature)' ଭାବରେ ପରିଚିତ କରନ୍ତି । ଅତଏବ, ଲୋକଧାରା ଅଧ୍ୟୟନରେ ଲୋକ ସାହିତ୍ୟର ଅଧ୍ୟୟନ ଧାରା ସର୍ବପୁରାତନ । ଲୋକ ସାହିତ୍ୟ ଲୋକ ଜୀବନ ସହିତ ଓତଃପ୍ରୋତ ଭାବରେ ଜଡିତ । ଏଥିରେ ଲୋକ ଜୀବନର କର୍ମ ଓ ଶ୍ରମ, ପ୍ରଥା ପରମ୍ପରା, ରୀତିନୀତି, ପୂଜାପାର୍ବଣ, ଅତୀତର ଆଖ୍ୟାନ ସହିତ ସ୍ନେହ-ପ୍ରେମ, ଆଶା-ଆକାଙ୍କ୍ଷା, କଳା-କଳ୍ପନାର ଚିତ୍ର ପ୍ରକାଶପାଇବା ସହ ନିଜ ଗୋଷ୍ଠୀ ତଥା ବେଳବେଳେ ଅନ୍ୟ ଗୋଷ୍ଠୀ ପ୍ରତି ଦୃଷ୍ଟିଭଙ୍ଗୀ,ଏବଂ ବ୍ୟକ୍ତି ଚେତନା ତଥା ଗୋଷ୍ଠୀ ଚେତନାର ସାମୁହିକ ଅଭିବ୍ୟକ୍ତି ଦେଖିବାକୁ ମିଳିଥାଏ ।

ଏଠାରେ ଲୋକ ସାହିତ୍ୟ କ'ଣ ତଥା ଏହାର ସ୍ୱରୂପଗତ ଅବଧାରଣା ସହିତ ବିଭିନ୍ନ ବାଚିକ ଉପାଦାନ ସମ୍ପର୍କରେ ଆଲୋଚନା କରାଯିବାର ପ୍ରୟାସ କରାଯାଉଛି—

### ୨.୧.୧ ଲୋକ ସାହିତ୍ୟ କ'ଣ ?

ଗୋଟିଏ ଲୋକ ଗୋଷ୍ଠୀର ପାରମ୍ପରିକ ଆଦାନପ୍ରଦାନକୁ ଲୋକଧାରା କହିଲେ, ଅନୁରୂପ ଭାବରେ ସେହି ଗୋଷ୍ଠୀର ପାରମ୍ପରିକ ବାଚିକ ପରିପ୍ରକାଶକୁ 'ଲୋକ ସାହିତ୍ୟ' ଭାବରେ ଗ୍ରହଣ କରିପାରିବା । ଏହି ବାଚିକ ପରିପ୍ରକାଶ ହୋଇପାରେ ମିଥ୍, କିମ୍ବଦନ୍ତୀ, କଥା, ଗୀତ, ଗାଥା, ଏବଂ ଅନ୍ୟ ପଦ୍ୟାତ୍ମକ ଦୀର୍ଘ ଆଖ୍ୟାନ ଯାହା କେତେକ ଲୋକତତ୍ତ୍ୱବିଦ୍‌ଙ୍କଦ୍ୱାରା 'ଲୋକ କାବ୍ୟ' ଭାବରେ ପରିଚିତ । ଏହା ବ୍ୟତୀତ, ବିଭିନ୍ନ ଲୋକୋକ୍ତି ଯଥା— ରୂଢି, ପ୍ରବାଦ-ପ୍ରବଚନ, ଚୁଟ୍‌କୁଲା ବା ଗାଲୁଗପ (Joke), ଧନ୍ଦା (Riddle), ନାଁ-ଦିଆ (Naming-out-rhyme), ଦ୍ରୁତାଖ୍ୟାନ (Tongue twister), ଉପାଖ୍ୟାନ (Anecdote), ତଥା ଦୈନନ୍ଦିନ ଜୀବନରେ ଆଦାନପ୍ରଦାନ ହେଉଥିବା ବିଶେଷ ବାକ୍ୟକୁ ମଧ୍ୟ ଆମେ ଲୋକ ସାହିତ୍ୟର ଉପାଦାନ ଭାବରେ ଆମେ ଗ୍ରହଣ କରିପାରିବା ।

ଲୋକତତ୍ତ୍ୱବିଦ୍‌ମାନେ ଲୋକ ସାହିତ୍ୟର କେତୋଟି ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଆଲୋଚନା କରିଛନ୍ତି, ସେଗୁଡିକ ହେଲା—

#### *୨.୧.୧.୧ ସଂରଚନା*

ଲୋକ ସାହିତ୍ୟର ସଂରଚନା ବିଷୟକ କେତୋଟି ସୂତ୍ର ବା ନିୟମ ସମ୍ପର୍କରେ ଲୋକସଂସ୍କୃତିବିଦ୍‌ମାନେ ଆଲୋଚନା କରନ୍ତି ସେଗୁଡିକ ହେଲା ସ୍ମୃତିଚାରଣ, ଆଶୁ ସଂରଚନା, ଏବଂ ମୌଖିକ ସୂତ୍ରାନୁସରଣ । ଅତଏବ, ଏଠାରେ ସେହି ସବୁ ଆୟାମ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରାଯାଉଛି—

**ସ୍ମୃତିଚାରଣ :** ଗାୟକ ଗାୟିକା, କଥକ ବା ପରିବେଷଣକାରୀ ଶ୍ରୋତା ନିକଟରେ ଆପଣା ସ୍ମୃତିରେ ଥିବା ଗୀତ ତଥା କଥାନିସବୁକୁ ସାଧାରଣତଃ ପରିବେଷଣ କରିଥାନ୍ତି । ଅତଏବ, ଲୋକତତ୍ତ୍ୱବିଦ୍‌ମାନେ ସ୍ମୃତିଚାରଣକୁ ସଂରଚନାର ମୁଖ୍ୟ କାରଣ ଭାବରେ ବିଶ୍ୱାସ କରିବା ସହିତ ଏହାକୁ ଲୋକ ସାହିତ୍ୟର ମୂଳବାହକ ରୂପରେ ଗ୍ରହଣକରନ୍ତି । କିନ୍ତୁ ଅନେକ କ୍ଷେତ୍ରରେ ଅବିକଳ ସ୍ମୃତିଚାରଣ ଅସମ୍ଭବ ମନେହୁଏ, କାରଣ— ସମୟ, ସ୍ଥାନ ଓ ସଂସ୍କୃତିର ପରିବର୍ତ୍ତନ ବା ବିବିଧତା, ଦୀର୍ଘକାଳ ଧରି ଅବିକଳ ସ୍ମୃତିଚାରଣ ଦିଗରେ ମାନବିକ ଅସାମର୍ଥ୍ୟ । ଏବଂ, ପ୍ରକୃତି ଓ ପରିବେଶର ପ୍ରଭାବ, ବିଭିନ୍ନ ଘଟଣାବଳୀ, ସାଂସ୍କୃତିକ ସଂଘର୍ଷ ଏବଂ ଆଦାନ-ପ୍ରଦାନ ଆଦି ମଧ୍ୟ ଅନେକ ସମୟରେ ମୂଳ ଗୀତ, କଥା ବା ଗାଥା ଅନ୍ୟ ଆଖ୍ୟାନରେ ବ୍ୟତିକ୍ରମ ଆଣିଥାଏ ।

**ଆଶୁ ସଂରଚନା :** ଆପଣାର ସ୍ୱକୀୟ ସୃଜନଶୀଳ ପରିପ୍ରକାଶର ଇଚ୍ଛା ପ୍ରତିଟି ମଣିଷର ସହଜାତ ଗୁଣ ହୋଇଥିବାରୁ ପରିବେଷଣ ସମୟରେ ପରିବେଷକ ଆଶୁ ସଂରଚନା ମାଧ୍ୟମରେ ମୂଳ ଗୀତ ବା ଗାଥାରେ କେତେକ ନୂଆ ପଦଯୋଡି ନୂତନତ୍ୱ ଆଣିବା ନିହାତି ସ୍ୱାଭାବିକ । ବହୁ ସମୟରେ ଦେଖାଯାଏ ଯେ, ଲୋକ କବି, ପରିବେଷଣକାରୀ ବା ଗାୟକ ବା ଗୀତକୁଡିଆ ଗୀତ ତଥା ବିଭିନ୍ନ ଆଖ୍ୟାନ ପରିବେଷଣ କରୁଥିବା ସମୟରେ ଅନେକ ନୂଆପଦ ତଥା ସ୍ୱକୀୟ ପଦ ମଧ୍ୟ ଯୋଡିଥାଏ । ପରିବେଷଣକାରୀ ଆପଣାର ପରିବେଶ ତଥା ଦର୍ଶକୀୟ ଅଂଶଗ୍ରହଣରୁ ପ୍ରେରଣା ଲାଭକରି ଉତ୍ସାହିତ ହୋଇଥାଏ । ପୁଣି, ଯଦି ସେ ସହାବସ୍ଥିତ ଅନ୍ୟ ଲୋକ ଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରେ ଉପାଦାନଟିକୁ ପରିବେଷଣ କରୁଥାଏ ତେବେ, ତାର ଅବବୋଧରେ ଆସିଥିବା ସେହି ସଂସ୍କୃତି ବା ସମାଜର କେତେକ ଜିନିଷ ଯୋଡିବାକୁ ପ୍ରୟାସ କରିଥାଏ । ଏହା ବ୍ୟତୀତ, ଆକସ୍ମିକ ଭାବରେ ତାକୁ ପ୍ରଭାବିତ କରୁଥିବା କୌଣସି ଜିନିଷ, ପ୍ରକୃତି, ନିକଟତମ ପରିବେଶ ଏବଂ ଅନ୍ୟ ସଦସ୍ୟଙ୍କୁ ଆଧାରକରି ମଧ୍ୟ ସେ ନୂଆପଦ ଯୋଡିଥାଏ ।

**ମୌଖିକ ସୂତ୍ରାନୁସରଣ :** ମିଲ୍‌ମାନ୍ ପେରୀ (Milman Perry) ଏବଂ ତାଙ୍କର ସହଯୋଗୀ ଆଲ୍‌ବର୍ଟ ଲର୍ଡ (Albert Bates Lord) ବିଭିନ୍ନ ଲୋକ କଥା, ଲୋକ ଗୀତ, ଏବଂ ଅନ୍ୟ ବାଚିକ ଧାରାଗୁଡିକୁ ଅନୁଶୀଳନକରି ଏଗୁଡିକର ଆଖ୍ୟାନଗତ ସ୍ୱରୂପ ସମ୍ପର୍କରେ ଏକ ନୂତନ ସିଦ୍ଧାନ୍ତ ପ୍ରଦାନକଲେ, ଯାହା 'ବାଚିକ ସୂତ୍ର-ସିଦ୍ଧାନ୍ତ (Oral Formulic Theory)' ଭାବେ ପରିଚିତ । ପେରୀଙ୍କ ମତରେ 'ବାକ୍ୟାଂଶତା (pattern phraseology or formulas)', 'ବିଶେଷ ଆଖ୍ୟାନ ଶୈଳୀ (typical narrative scene or themes)', ଏବଂ 'ବ୍ୟାପକ ଆଖ୍ୟାନଗତ ସଂଗଠନ (large scale organization or story-pattern)' ଆଖ୍ୟାନକାରୀଙ୍କୁ ସହଜରେ ଓ ସ୍ୱଚ୍ଛନ୍ଦରେ ଆଖ୍ୟାନ ସର୍ଜନ କରିବାରେ ସହାୟକ ହୋଇଥାଏ । ଏହା 'ପେରୀ-ଲର୍ଡ ସିଦ୍ଧାନ୍ତ (Perry-Lord Theory)' ଭାବରେ ମଧ୍ୟ ସ୍ୱୀକୃତ । ଲୋକ ଗୀତ ତଥା ଗାଥାରେ କେତେକ ସୂତ୍ରୀୟ-ଖଣ୍ଡବାକ୍ୟ ତଥା ପୁନରାବୃତ୍ତ ଶବ୍ଦାବଳୀ ବାରମ୍ବାର ସଂଯୋଜିତ (recurrent repetation) ହୋଇଥାଏ । ଏହି ସୂତ୍ରୀୟ-ଖଣ୍ଡବାକ୍ୟରେ ପରିବେଷଣକାରୀ ନିଜର ବିଶେଷ ଆଖ୍ୟାନ କଳା ସାହାଯ୍ୟରେ ନୂତନ ବାକ୍ୟ ବା ପଦ ସଂରଚନା କରନ୍ତି । ଏହା ସହିତ, ସମଛନ୍ଦ ବା ସମଧାରାର ଅନ୍ୟ ସମ୍ଭାବ୍ୟ ସଂଯୋଜନାସବୁକୁ ଯୋଡି ଆଖ୍ୟାନକାରୀ ସମ୍ପୃକ୍ତ ପଦ ବା ବାକ୍ୟକୁ ଅର୍ଥପ୍ରଦାନ କରନ୍ତି । ଏହିପରି ଭାବରେ, ଦୀର୍ଘବର୍ଣ୍ଣନାତ୍ମକ ଲୋକ ଗୀତ ସର୍ଜନାବେଳେ ଲୋକ କବି ମଧ୍ୟ ପୂର୍ବରୁ ଶୁଣିଥିବା ଅଥବା ନିଜେ ଗଢିଥିବା ଖଣ୍ଡବାକ୍ୟମାନଙ୍କୁ ମୂଳ ଛନ୍ଦ ଓ ଭାବଧାରାରେ ଯୋଡି ନୂତନ ବାକ୍ୟ ପଦ ସଂରଚନା କରିଥାନ୍ତି ।

### *୨.୧.୧.୨ ପରିବେଷଣ*

ପରିବେଷଣର ବିଭିନ୍ନ ଦିଗ ସମ୍ପର୍କରେ ଲୋକଧାରା ପ୍ରସଙ୍ଗରେ ଆଲୋଚନା କରାଯାଇଛି ତେବେ, ଲୋକ ସାହିତ୍ୟ ବା ଲୋକଧାରାର ବାଚିକ ଉପାଦାନ ପ୍ରସଙ୍ଗରେ ଏହା ଏଠାରେ ପୁଣିଥରେ ଆଲୋଚିତ ଯେ ଯଦି କୌଣସି ଉପାଦାନ ପରିବେଷିତ ହେଉନାହିଁ ତେବେ, ତାହାକୁ ପ୍ରକୃତ ଲୋକ ଉପାଦାନ ଭାବରେ ଗ୍ରହଣ କରାଯାଇନପାରେ । ପୁଣି, ଯଦି ଏକ ପରିବେଷଣରେ ବିଶେଷ ନିୟମଜନିତ ବାଧକତା ବାଦ୍ ସ୍ଥାନୀୟ ଗୋଷ୍ଠୀର ଅନ୍ୟ ସଦସ୍ୟଙ୍କ ଅଂଶଗ୍ରହଣ ରହୁନାହିଁ ତେବେ, ତାହାକୁ ମଧ୍ୟ ଏକ ପାରମ୍ପରିକ ପରିବେଷଣ କୁହାଯାଇପାରିବ ନାହିଁ । ସେହିପରି, ପ୍ରତ୍ୟେକ ପରିବେଷଣ, ପରିସ୍ଥିତି ଏବଂ ପରିବେଶକୁ ଆଧାରକରି ନୂତନ ପାଠ ନିର୍ମାଣ କରିଥାଏ । ଏବଂ, ଏହି ପରିବେଷଣ ହେଉଛି ଲୋକଧାରାର ମହତ୍ୱପୂର୍ଣ୍ଣଦିଗ; ଅନ୍ୟତ୍ର ଲୋକ ଉପାଦାନ ବା ଲୋକ ସାହିତ୍ୟ କୌଣସି ଦୃଷ୍ଟିରୁ ଉଲ୍ଲେଖଯୋଗ୍ୟ ମନେହୁଏନାହିଁ । ସେଇଥିପାଇଁ ସଂଗୃହୀତ ବା ସଂକଳିତ ଗୀତ, ଗାଥା, କଥାନି ବା ଲୋକୋକ୍ତିକୁ ଲୋକ ଉପାଦାନ ଭାବରେ ଗ୍ରହଣ କରିବାକୁ ଅନେକ ଲୋକତତ୍ତ୍ୱବିଦ୍ ଉପେକ୍ଷା କରିଥାଆନ୍ତି ।

### ୨.୧.୧.୩ ପରିବେଷଣକାରୀ

ଲୋକ ସାହିତ୍ୟ ବା ଗୀତ, ଗାଥା, ମିଥ୍, କଥାନି ତଥା ଅନ୍ୟ ବାଚିକ ଉପାଦାନ ଲୋକଧାରାର ଅନ୍ୟାନ୍ୟ ଲୋକ ଉପାଦାନ ପରି ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟମାନଙ୍କଦ୍ୱାରା ହିଁ ପରିବେଷିତ ହୋଇଥାଏ । ଅନ୍ୟ ଲୋକ ଉପାଦାନ ଭଳି ପରିବେଷଣକାରୀ ଏବଂ ପରିବେଷଣରେ ଅଂଶଗ୍ରହଣକାରୀ ହେଉଛନ୍ତି ଏହି ବାଚିକ ଉପାଦାନର ମଧ୍ୟ ମୁଖ୍ୟ ପରିବାହକ । ପରିବେଷଣକାରୀ ଯେତେବେଳେ ଏକ ଆଖ୍ୟାନରେ ଅଂଶଗ୍ରହଣକରି ତାହାର ପୁନଃ-ପରିବେଷଣ କରନ୍ତି ସେତେବେଳେ ସେ ନିଜ ସୃଜନଶୀଳତା ତଥା ପରିବେଷଣ କ୍ଷେତ୍ରକୁ ଆଧାରକରି ତାଙ୍କ ପରିବେଷଣରେ କିଛି ନୂତନତା ମଧ୍ୟ ଆଣିଥାଆନ୍ତି । ଯଦିଓ, କୌଣସି ଲୋକ ଉପାଦାନ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କ ପରିବେଷଣ ଉପରେ ନିର୍ଭର କରିନଥାଏ ତଥାପି ସମ୍ପୃକ୍ତ ଗୋଷ୍ଠୀରେ ବାଚିକ ଉପାଦାନମାନଙ୍କର 'ଦକ୍ଷ ପରିବେଷଣକାରୀ' ଥାଆନ୍ତି । ଏମାନେ ଅନ୍ୟମାନଙ୍କୁ ତଥା ଉତ୍ତରପିଢ଼ିଙ୍କୁ ସମ୍ପୃକ୍ତ ଉପାଦାନର ପରିବେଷଣର ଧାରା ସମ୍ପର୍କରେ ପାରମ୍ପରିକ ଭାବରେ ଶିକ୍ଷା ଦେବାରେ ସାହାଯ୍ୟ କରିଥାନ୍ତି । ତେବେ, ଯଥା ପ୍ରଜାତିକ ଗାଥା, ରୀତିନୀତି ଆଧାରିତ ମିଥ୍ ଭଳି କେତେକ ବିଶେଷ ବାଚିକ ଉପାଦାନରେ 'ସ୍ୱତନ୍ତ୍ର ପରିବେଷଣକାରୀ (selective performer)' ଥାଆନ୍ତି । ଏମାନଙ୍କ ଏହି ପରିବେଷଣକୁ ଏକଚାଟିଆ ଅଧିକାର ଭାବରେ ନୁହେଁ ବରଂ, ଏହା ସମ୍ପୃକ୍ତ ଲୋକ ଗୋଷ୍ଠୀର ସାମୁହିକ ସ୍ୱୀକୃତି ତଥା ଗ୍ରହଣଶୀଳତା ଭାବରେ ଗ୍ରହଣ କରାଯାଇପାରେ, ଏବଂ ଏହି ସ୍ୱୀକୃତି ତଥା ଗ୍ରହଣଶୀଳତା ପଛରେ ସମ୍ପୃକ୍ତ ଲୋକ ଗୋଷ୍ଠୀର ରୀତିନୀତି ତଥା ପରମ୍ପରାଗତ ଯଥାର୍ଥତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

### ୨.୧.୧.୪ ସମ୍ପ୍ରସାରଣ

ପ୍ରବାହ ବା ସମ୍ପ୍ରସାରଣ ମଧ୍ୟ ଲୋକଧାରାର ଅନ୍ୟ ଉପାଦାନ ପାଇଁ କେବଳ ପ୍ରଯୁଜ୍ୟ ନୁହେଁ ଲୋକ ସାହିତ୍ୟ ପାଇଁ ମଧ୍ୟ ସମାନ ଭାବରେ ପ୍ରଯୁଜ୍ୟ । କାରଣ, ଏହି ପ୍ରବାହ ବା ସମ୍ପ୍ରସାରଣ ଯୋଗୁ ହିଁ ଲୋକ ସାହିତ୍ୟ ଅନ୍ୟାନ୍ୟ ଲୋକ ଉପାଦାନ ପରି ଗୋଟିଏ ପିଢ଼ିରୁ ଆଉ ଗୋଟି ପିଢ଼ି ତଥା ଗୋଟିଏ ଗୋଷ୍ଠୀରୁ ଆଉ ଗୋଟିଏ ଗୋଷ୍ଠୀ ମଧ୍ୟରେ ଆଦାନପ୍ରଦାନ ହୋଇପାରିଥାଏ । ଯଦି ଲୋକ ସାହିତ୍ୟର କୌଣସି ଉପାଦାନର ସମ୍ପ୍ରସାରଣ ନାହିଁ ତଥା ଅନ୍ୟଅର୍ଥରେ ଯଦି କୌଣସି ବାଚିକ ଉପାଦାନ ସମ୍ପର୍କରେ ଗୋଟିଏ ଗୋଷ୍ଠୀର ଜଣେ ସଦସ୍ୟ ହିଁ ଜାଣନ୍ତି ଆଉ ସମଗୋଷ୍ଠୀର ଅନ୍ୟ ସଦସ୍ୟ କେହିବି ଜ୍ଞାତ ନୁହଁନ୍ତି ତେବେ, ଲୋକତତ୍ତ୍ୱଦୃଷ୍ଟିରୁ ଉପାଦାନଟି ଲୋକ ଉପାଦାନ ହୋଇନପାରେ । ଲୋକ ସାହିତ୍ୟ ସାଧାରଣତଃ ମୌଖିକ ଭାବରେ ତାହାର ପରିବେଷଣ କ୍ଷେତ୍ରରେ ହିଁ ସମ୍ପ୍ରସାରିତ ହୋଇଥାଏ । ଏହି ପ୍ରବାହ ବା ସମ୍ପ୍ରସାରଣ ଭିତରେ କେତେକ ଉପାଦାନରେ ପରିବର୍ତ୍ତନ ହେବା, ଛିନ୍ନ ହୋଇଯିବା ସହିତ ନୂତନ ଉପାଦାନର ସଂଯୋଜନା ମଧ୍ୟ ଦେଖିବାକୁ ମିଳିଥାଏ ।

### ୨.୧.୧.୫. ଅର୍ଥପୂର୍ଣ୍ଣତା ବା ଯଥାର୍ଥତା

ଲୋକଧାରାର ଅନ୍ୟାନ୍ୟ ଲୋକ ଉପାଦାନ ଯେଭଳି ସମ୍ପୃକ୍ତ ଗୋଷ୍ଠୀ ପାଇଁ ଅର୍ଥପୂର୍ଣ୍ଣ ନହେଲେ ତାହାର ବିଲୋପନ ଦେଖାଯାଏ ସେହିପରି, ନିର୍ଦ୍ଦିଷ୍ଟ ବାଚିକ ଉପାଦାନ ବା ଲୋକ ସାହିତ୍ୟ ମଧ୍ୟ ଏକ ଗୋଷ୍ଠୀରେ ଯଦି ନିଜର ଅର୍ଥପୂର୍ଣ୍ଣତା ହରାଇ ବସେ ତେବେ ତାହାର ବିଲୋପନ ଦେଖାଯାଏ । ଉଦାହରଣ ସ୍ୱରୂପ, 'ପଲିଆ ଗୀତ' । ଏହି ଗୀତ ଏକ ସମୟରେ ପଶ୍ଚିମ ଓଡିଶାର ଏକ ନିର୍ଦ୍ଦିଷ୍ଟ ଲୋକ ଗୋଷ୍ଠୀଦ୍ୱାରା ନିୟମିତ ପରିବେଷିତ ହେଉଥିଲା ସମ୍ପ୍ରତି କିନ୍ତୁ ଏହା ସମ୍ପୂର୍ଣ୍ଣ ଲୋପ ପାଇଗଲାଣି । ସେହିପରି, ଉପକୂଳ ଓଡିଶାରେ କୁଆଁର ପୂର୍ଣ୍ଣିମା ପୂର୍ବରୁ ଗାନ କରାଯାଉଥିବା କୋବାଇ ଗୀତର ପରମ୍ପରା ଆଉ ନାହିଁ । ଅନୁରୂପ ଭାବରେ, ରଥଯାତ୍ରା ସମୟରେ ବୋଲା ଯାଉଥିବା ଡାହୁକ ଗୀତର ମଧ୍ୟ ବିଲୋପନ ହୋଇସାରିଛି । ଅତଏବ, ବାଚିକ ଉପାଦାନ ତାହା ମିଥ୍, ଗାଥା, ଗୀତ କି କାହାଣୀ ବା ପ୍ରବାଦ-ପ୍ରବଚନ ଯାହାବି ହେଉ ଯଦି ତାହା ସମ୍ପୃକ୍ତ ଗୋଷ୍ଠୀ ପାଇଁ ଅର୍ଥପୂର୍ଣ୍ଣ ନହୁଏ ତେବେ, ତାହା ଅଚିରେ ଲୋପପାଇଯାଇଥାଏ । ଏହି ବିଲୋପନକୁ ଆବଶ୍ୟକ ମନେକଲେ କେବଳ ସେହି ଗୋଷ୍ଠୀର ସଦସ୍ୟ ହିଁ ରୋକିପାରିବେ ଅନ୍ୟତ୍ର କୌଣସି ବିଦ୍ୱାନ ବା ଗବେଷକ ଏହାକୁ ରୋକିବାରେ ସମର୍ଥ ହୋଇପାରିବେ ନାହିଁ ।

ବାଚିକ ଉପାଦାନର ଏହିସବୁ ଆୟାମକୁ ଆଧାରକରି ଲୋକ ସାହିତ୍ୟ ସମ୍ପର୍କିତ ଆମର ଅବଧାରଣାକୁ ଆହୁରି ସ୍ପଷ୍ଟ କରିବାପାଇଁ ଏଠାରେ ଏହାର ବିଭିନ୍ନ ଆୟାମକୁ ସଂକ୍ଷେପରେ ଏପରି ଉଲ୍ଲେଖ କରିପାରିବା—

୧. ଅନ୍ୟାନ୍ୟ ଲୋକ ଉପାଦାନ ଭଳି ଲୋକ ସାହିତ୍ୟର ପରିପ୍ରକାଶ ମଧ୍ୟ ପାରମ୍ପରିକ ଶୈଳୀରେ ହୋଇଥାଏ । ଏହାର କୌଣସି ଲିଖିତ ଉତ୍ସନାହିଁ ବରଂ— ସ୍ମରଣ, ତତ୍କାଳିକ ସଂଯୋଜନା, ଏବଂ ସୂତ୍ରାନୁସରଣ ମଧ୍ୟରେ ଏକ ପରିବେଷଣ କ୍ଷେତ୍ରରେ ପ୍ରକାଶିତ ହୋଇଥାଏ ।

୨. ଏହାର ପାଠ ନିର୍ଦ୍ଦିଷ୍ଟ ନୁହେଁ, ସାଧାରଣତଃ ଏହାକୁ ସୂତ୍ରାକାରରେ ପ୍ରକାଶ କରାଯାଉଥିବାବେଳେ ଏଥିରେ ପରିବେଷଣକାରୀ ଅନାୟାସରେ ନିଜସ୍ୱ ସଂଯୋଜନା କରିପାରନ୍ତି ।

୩. ସୂତ୍ରାକାରରେ, ଓ ବିଭିନ୍ନ ପରିବେଶ ପରିସ୍ଥିତିରେ ଭିନ୍ନ ଭିନ୍ନ ଭାବରେ ପ୍ରକାଶିତ ତଥା ପରିବେଷିତ ହେଉଥିବାରୁ ଅନ୍ୟାନ୍ୟ ଉପାଦାନ ପରି ଲୋକ ସାହିତ୍ୟର ମଧ୍ୟ ସର୍ବତ୍ର 'ପ୍ରକାରାନ୍ତର ରୂପ', ଏବଂ 'ଭିନ୍ନ ରୂପ' ପରିଦୃଷ୍ଟ ହୋଇଥାଏ ।

୪. ବାଚିକ ଉପାଦାନର ପରିବେଷଣ ସବୁବେଳେ ଗୋଷ୍ଠୀଗତ ଭାବରେ ଏବଂ ସ୍ଥାନୀୟ ପରିବେଶରେ ହିଁ ହୋଇଥାଏ । ସେହିପରି, ଏହାର ଦର୍ଶକ ଏବଂ ଶ୍ରୋତା ତଥା ଅଂଶଗ୍ରହଣକାରୀମାନେ ସାଧାରଣତଃ ସ୍ଥାନୀୟ ଲୋକ ଗୋଷ୍ଠୀର ସଦସ୍ୟ । ତେବେ, କେତେକ କ୍ଷେତ୍ରରେ ଦର୍ଶକ ଭାବରେ ଅନ୍ୟ ଲୋକ ଗୋଷ୍ଠୀର ସଦସ୍ୟଙ୍କ ଉପସ୍ଥିତିକୁ ଉପେକ୍ଷା କରାନଯାଇପାରେ । ଏହି ବାହ୍ୟ ଗୋଷ୍ଠୀର ଦର୍ଶକମାନେ ସମ୍ପୃକ୍ତ ବାଚିକ ପରମ୍ପରା ସହିତ ପରିଚିତ ନଥିବାରୁ ପରିବେଷଣ ସ୍ୱ-ଗୋଷ୍ଠୀ ଦର୍ଶକଙ୍କ ଭଳି ଅଂଶଗ୍ରହଣକାରୀର ଭୂମିକା ଗ୍ରହଣ କରିପାରନ୍ତି ନାହିଁ ।

୫. ଲୋକ ସାହିତ୍ୟର ପରିପ୍ରକାଶରେ କେବଳ ପରିବେଷଣକାରୀ ନୁହନ୍ତି ଏଥିରେ ଦର୍ଶକ ବା ଶ୍ରୋତାମାନେ ମଧ୍ୟ ଅଂଶଗ୍ରହଣ କରିବାର ସୁଯୋଗ ଥାଏ ଫଳରେ ଏମାନେ ପରିବେଷଣକୁ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବରେ ପ୍ରଭାବିତ କରିଥାଆନ୍ତି । ଯଦି କୌଣସି ବାଚିକ ଉପାଦାନର ପରିପ୍ରକାଶରେ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟ ଅଂଶଗ୍ରହଣ କରିବାରେ ସହଜବୋଧ ମନେକରୁନାହାଁନ୍ତି ତେବେ, ସେହି ପ୍ରରିପ୍ରକାଶକୁ ସେହି ଗୋଷ୍ଠୀର ଉପାଦାନ ଭାବରେ ଗ୍ରହଣ କରାଯାଇନପାରେ ।

୬. ଏହାର ସମ୍ପ୍ରସାରଣ ମଧ୍ୟ ପାରମ୍ପରିକ ଭାବରେ ଗୋଟିଏ ପିଢିରୁ ଆଉ ଗୋଟିଏ ପିଢିକୁ ତଥା ସମକାଳର ଗୋଟିଏ ଗୋଷ୍ଠୀରୁ ଆଉ ଗୋଟିଏ ଗୋଷ୍ଠୀକୁ ହୋଇଥାଏ । ଜଣେ ସଦସ୍ୟ ଆଉ ଜଣେ ସଦସ୍ୟଙ୍କଠାରୁ ଏହାର ପାଠ ଏବଂ ପରିବେଷଣ ମୌଖିକ ଭାବେ ବା ପାରମ୍ପରିକ ଭାବରେ ଶିକ୍ଷା କରିଥାଏ ।

୭. ଏହା ସବୁବେଳେ ସମ୍ପୃକ୍ତ ଲୋକ ଗୋଷ୍ଠୀର କଥିତ ଭାଷାରେ ହିଁ ପ୍ରକାଶିତ ହୋଇଥାଏ ।

୮. କେତେକ ଲୋକ ସାହିତ୍ୟ କେବଳ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟଙ୍କ ଭିତରେ ହିଁ ହୋଇଥାଏ ତଥା ଅନ୍ୟତ୍ର ଏହାର ପରିବେଷଣରେ ନିୟମଜନିତ ବାଧକତା ଥାଏ ଫଳରେ ପାରମ୍ପରିକ ଭାବରେ ଏହା ଅନ୍ୟ ଗୋଷ୍ଠୀର ସଦସ୍ୟଙ୍କ ପାଖକୁ ସମ୍ପ୍ରସାରିତ ହୋଇପାରିନଥାଏ ।

୯. ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି କେବଳ ପରିବେଷଣରେ ହିଁ ଲୋକ ସାହିତ୍ୟର ସ୍ୱରୂପ ପରିଦୃଷ୍ଟ ହୋଇଥାଏ ଅନ୍ୟ ଅର୍ଥରେ, ଏକ ପରିବେଷଣରେ ହିଁ ଲୋକ ସାହିତ୍ୟ ପ୍ରକାଶ ଲାଭ କରିଥାଏ । ପରିବେଷଣ ବ୍ୟତିରେକ ଲୋକ ସାହିତ୍ୟର ସ୍ଥିତିକୁ କୌଣସି ପ୍ରକାରେ ପରିକଳ୍ପନା କରାଯାଇନପାରେ ।

୧୦. ଲୋକ ସାହିତ୍ୟ କେତେକ ଉପାଦାନ ଯଦିଓ ମନୋରଞ୍ଜନ ତଥା ସମୟ ଅତିବାହିତ କରିବା ପାଇଁ ପ୍ରକାଶିତ ହୋଇଥାଏ ତଥାପି ଏହା ସମ୍ପୃକ୍ତ ଗୋଷ୍ଠୀରେ ଶିକ୍ଷଣୀୟ ତଥା ସାମାଜିକ ବିଧିବିଧାନ ଓ ରୀତିନୀତିର ପ୍ରତିଷ୍ଠାପକ ଭାବରେ ମଧ୍ୟ କାର୍ଯ୍ୟ କରିଥାଏ ।

୧୧. ଲୋକ ସାହିତ୍ୟର ପରିବେଷଣରେ ବେଳେବେଳେ ବାଚିକ ଉପାଦାନକୁ ନେଇ ବା ତାହାର ସୃଜନ, ପରିବେଷଣ ପ୍ରକ୍ରିୟା ତଥା କଳାକୌଶଳ ସମ୍ପର୍କରେ ମଧ୍ୟ ଆଖ୍ୟାନ ତଥା ବ୍ୟାଖ୍ୟା ପ୍ରକାଶ ପାଇଥାଏ ଏହା 'ଲୋକଧାରା-ସମ୍ପର୍କିତ ଲୋକଧାରା (Meta-folklore)' ଭାବରେ ପରିଚିତ (Dundes 1966) ।

ଏସବୁ ଆୟାମକୁ ଆଖି ଆଗରେ ରଖି ଆମର ଅବଧାରଣା ପାଇଁ ଆମେ ଲୋକ ସାହିତ୍ୟକୁ ଏହିପରି ଭାବରେ ଏକ ସାମୟିକ ସଂଜ୍ଞା ପ୍ରଦାନ କରିପାରିବା ଯେ—

ଲୋକ ସାହିତ୍ୟ ବା ମୌଖିକ ଲୋକଧାରା ହେଉଛି ଗୋଟିଏ ଗୋଷ୍ଠୀର ସୃଜନଶୀଳ ବାଚିକ ପରିପ୍ରକାଶ ଯାହା ମୁଖ୍ୟତଃ ଏକ ଏକ ପରିବେଷଣରେ ପ୍ରକାଶିତ ହୋଇ ସମ୍ପୃକ୍ତ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କ ମଧ୍ୟରେ ପାରମ୍ପରିକ ଭାବରେ ସମ୍ପ୍ରସାରିତ ହୋଇଥାଏ, ଏବଂ ସମୟ, ପରିବେଶ ଓ ପରିସ୍ଥିତି ଅନୁସାରେ ବେଳେବେଳେ ବିଭିନ୍ନ ପରିବର୍ତ୍ତନ ହେବା ସହିତ ଯେଉଁଥିରେ ନୂତନ ସଂଯୋଜନା ମଧ୍ୟ ଦେଖିବାକୁ ମିଳେ ।

### ୨.୧.୨ ଲୋକ ସାହିତ୍ୟର ପ୍ରକାରଭେଦ

ଲୋକ ସାହିତ୍ୟକୁ ବିଭିନ୍ନ ଗବେଷକ ତଥା ଲୋକତତ୍ତ୍ୱବିଦ୍ ନିଜନିଜ ଦୃଷ୍ଟିକୋଣରୁ, ନିଜନିଜ ଅବଧାରଣାରୁ ବିଭିନ୍ନ ଭାବରେ ବିଭାଗୀକରଣ କରିଛନ୍ତି । ପ୍ରାରମ୍ଭିକ କାଳରେ ଲୋକଧାରା ଅଧ୍ୟୟନ କହିଲେ ହିଁ ସାଧାରଣତଃ ଲୋକ ସାହିତ୍ୟ ଅଧ୍ୟୟନକୁ ବୁଝାଉଥିଲା । ଏହି ପ୍ରାରମ୍ଭିକ କାଳରେ ଲୋକ ସାହିତ୍ୟକୁ ଲରେନ୍ସ ଗୋମେ ବିଶ୍ୱାସ ପ୍ରଥା ପରମ୍ପରା ସହିତ କଥାନି, ଗୀତ ତଥା ଅନ୍ୟ ଆଖ୍ୟାନକୁ ଲୋକଧାରା ଭାବରେ ଗ୍ରହଣକରି 'ପାରମ୍ପରିକ ଆଖ୍ୟାନ (Traditional Narratives)', ଏବଂ 'ଲୋକୋକ୍ତି (Folk Say)'କୁ ଲୋକ ସାହିତ୍ୟର ଉପାଦାନ ଭାବରେ ଗ୍ରହଣ କରିଛନ୍ତି (Gomme 1890, 6) । ଗୋମେ ପାରମ୍ପରିକ ଆଖ୍ୟାନ ଭାବରେ ମିଥ୍, କଥାନି, ଗୀତ, କିମ୍ବଦନ୍ତୀ ପ୍ରଭୃତିକୁ ଗ୍ରହଣକରିବା ସହିତ ପ୍ରବାଦ, ଧନ୍ଦା, ଶିଶୁଗୀତିକା (Nursery Rhyme) ଆଦିକୁ ଲୋକୋକ୍ତି ଭାବରେ ଗ୍ରହଣ କରିଛନ୍ତି । ଏହି ପ୍ରାରମ୍ଭିକ କାଳର ଆଉ ଜଣେ ଲୋତତତ୍ତ୍ୱବିଦ୍ ସୋଫିଆ ବୁର୍ନେ ମଧ୍ୟ ଲୋକ ସାହିତ୍ୟକୁ 'କଥାନି (Stories)', 'ଗୀତ ଓ ଗାଥା (Songs and Ballads)', 'ପ୍ରବାଦ ଏବଂ ଧନ୍ଦା (Proverbs and Riddles)', ଏବଂ 'ପ୍ରବାଦ ଗୀତିକା ଓ ଲୋକୋକ୍ତି (Proverbial Rhymes and Local Sayings)' ଭାବରେ ବିଭାଗୀକରଣ କରନ୍ତି (Burne 1914, X) । ବୋଧହୁଏ, ଏହି ସମୟରେ ମିଥ୍‌କୁ ସ୍ୱତନ୍ତ୍ର ଉପାଦାନ ଭାବରେ ଗ୍ରହଣ କରାଯିବା ସହିତ ଏହାକୁ ଲୋକ ସାହିତ୍ୟ ଭାବରେ ଗ୍ରହଣ କରାଯାଉନଥିଲା । କାରଣ, ଏହି ସମୟ ଭିତରେ ମିଥ୍‌କୁ ଆଧାର କରି ଲ୍ୟାଙ୍ଗ (Andrew Lang)ଙ୍କ *Custom and Myth* (1884), ଓ *Myth, Ritual and Religion* 2 Vol. (1887); ଏବଂ, ଟେଲର (Edward Burnett Tylor)ଙ୍କ *Primitive Culture: Research into the Development of Mythology, Philosophy, Religion, Art, and Custom* 2 Vol. (1871) ଭଳି ଉଲ୍ଲେଖନୀୟ ଗବେଷଣା ଗ୍ରନ୍ଥମାନ ପ୍ରକାଶିତ ହୋଇସାରିଥିଲା ।

ପରବର୍ତ୍ତୀ ସମୟରେ କିନ୍ତୁ ଅନେକ ଲୋକତତ୍ତ୍ୱବିଦ୍ ମିଥ୍‌କୁ ଲୋକ ସାହିତ୍ୟର ଉପାଦାନ ଭାବରେ ଉଲ୍ଲେଖ କରିବା ଦେଖାଯାଏ । ଲୋକତତ୍ତ୍ୱର ଜଣେ ପ୍ରଥିତଯଶା ବିଦ୍ୱାନ୍ ରିଚାର୍ଡ ଡରସନ୍ (Richard M. Dorson) ଲୋକ ସାହିତ୍ୟକୁ 'ବାଚିକ ଲୋକଧାରା (Oral folklore)' ଭାବରେ ଗ୍ରହଣକରି 'ଲୋକ ଆଖ୍ୟାନ (Folk Narrative)', 'ଲୋକଗୀତ ଆଖ୍ୟାନ (Narrative Folk Poetry)', 'ଲୋକ କାବ୍ୟ (Folk Epic)', 'ପ୍ରବାଦ ଏବଂ ପ୍ରବାଦ ଆଧାରିତ ପରିପ୍ରକାଶ (Proverb and Proverbial Expression)', 'ଧନ୍ଦା (Riddles)', ଏବଂ 'ଲୋକୋକ୍ତି (Folk Speech)'

ଭାବରେ ଲୋକ ସାହିତ୍ୟକୁ ବିଭାଗୀକରଣ କରିଛନ୍ତି (Dorson 1972, VII) । କାରଣ, ଲୋକଧାରା ଅଧ୍ୟୟନର ବିକଶକ୍ରମରେ ନୂଆ ଉପାଦାନ ତଥା ଅଧ୍ୟୟନରେ ବହୁମୁଖୀ ଅନୁଶୀଳନର ଧାରା ତଥା ବିଭିନ୍ନ ତତ୍ତ୍ୱ ଏବଂ ସିଦ୍ଧାନ୍ତ ଆସିଲେ ମଧ୍ୟ ଲୋକ ସାହିତ୍ୟର ଉପାଦାନ ପଛରେ ମୌଖିକ ପରିପ୍ରକାଶ ହିଁ ଥିଲା ଏକମାତ୍ର ଆଧାର । ଅନୁରୂପ ଭାବରେ, ଜନ୍ ହାଲଦ୍ ବ୍ରୁନ୍‌ବାନ୍ଦ ମଧ୍ୟ ଲୋକ ସାହିତ୍ୟକୁ ବାଚିକ ଲୋକଧାରା ଭାବରେ ଗ୍ରହଣକରି ଏହାକୁ 'ଲୋକୋକ୍ତି ଏବଂ ନାମକରଣ (Folk speech and Naming)', 'ଲୋକ ପ୍ରବାଦ ଏବଂ ପ୍ରବାଦ ଆଧାରିତ ଧାରା (Proverb and Proverbial Lore)', 'ଧନ୍ଦା ଏବଂ ଅନ୍ୟ ବାଚିକ ଶବ୍ଦ-ଜାଲ (Riddles and other Verbal Puzzles)', 'ଗୀତିକା ଏବଂ ଲୋକ ଗୀତ (Rhymes and Folk Poetry)', 'ଲୋକ ମିଥ୍ ଏବଂ କିମ୍ବଦନ୍ତୀ (Myths and Legends)', 'ଲୋକ କଥା (Folktales)', 'ଲୋକ ଗୀତ (Folksongs)', ଏବଂ 'ଗାଥା (Ballads)' ଭାବରେ ବିଭାଗୀକରଣ କରିଛନ୍ତି (Brunvand 1978, V) ।

ଆଲାନ୍ ଡଣ୍ଡିସ୍ (Alan Dundes) ତାଙ୍କର "Texture, Text, and Context (1964)" ପ୍ରବନ୍ଧରେ ପ୍ରଥମେ ଆଲେଖ୍ୟ ଲୋକଧାରା କଥା ଉଲ୍ଲେଖ କଲେ— "There are numerous written forms of folklore. Examples of folklore, which are primarily written, include: autograph book verse, automobile names, fly leaf rhymes (e.g. bookkeepers), latrilania, and traditional letters (e.g. chain letters). …its mode of transmission is a good many aspects of culture are transmitted in exactly the same way that 'folklore' is" (Dundes 1978, 22-23) । ପରବର୍ତ୍ତୀ ସମୟରେ, ଆନ୍ତର୍ଜାତିକ ସ୍ତରରେ ଅନେକ ଲୋକତତ୍ତ୍ୱବିଦ୍ ଆଲେଖ୍ୟ ଲୋକଧାରା ଉପରେ ଗବେଷଣା କରିଛନ୍ତି ତଥା କରିଆସୁଛନ୍ତି । ଆଉ, ବିଗତ କିଛି ବର୍ଷ ମଧ୍ୟରେ Christine Hineଙ୍କ *Virtual Etnography* (2000), Kõiva Mareଙ୍କ *Media & Folklore* (2009), Trevor J. Blankଙ୍କ *Folklore and the Internet: Vernacular Expression in a Digital World* (2010), *Folk Culture in the Digital Age: The Emergent Dynamics of Human Interaction* (2012), ଏବଂ Russell Frankଙ୍କ *Newslore: Contemporary Folklore on the Internet* (2011) ଭଳି ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ ମଧ୍ୟ ପ୍ରକାଶ ପାଇଛି । ଅତଏବ, ଲୋକଧାରା ଅଧ୍ୟୟନର ବିଷୟ ଶୃଙ୍ଖଳାରେ ପାରମ୍ପରିକ ଆଲେଖ୍ୟର ପରିପ୍ରକାଶକୁ ଲୋକ ଉପାଦାନ ଭାବରେ ଗ୍ରହଣ କରିନିଆଯାଇଛି ।

ଏଠାରେ ଲୋକ ସାହିତ୍ୟକୁ କେବଳ— ମିଥ୍, ଗାଥା, କିମ୍ବଦନ୍ତୀ, କାବ୍ୟ, କଥାନି, ଗୀତ, ଏବଂ ଲୋକୋକ୍ତି ଭାବରେ ବିଭକ୍ତ କରାଯାଇ ଏହା ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରିବାର ପ୍ରୟାସ କରାଯାଉଛି । ଉପାଦାନ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ସହିତ ବିଭିନ୍ନ ଲୋକତତ୍ତ୍ୱବିଦ୍‌ମାନଙ୍କ ପରିଭାଷା ଏବଂ ବିଭାଗୀକରଣକୁ ଏହି ଆଲୋଚନା ପ୍ରସଙ୍ଗରେ ଗୁରୁତ୍ୱଦିଆଯାଉଛି, ଏଇଥିପାଇଁ ଯେ ଏହି ପରିଭାଷା ଆଉ ବିଭାଗୀକରଣରୁ ଆମକୁ ଉପାଦାନର ବହୁବିଧ ଦିଗ ସହିତ ଅନ୍ୟ ବୈଶିଷ୍ଟ୍ୟଗୁଡିକ ସମ୍ପର୍କରେ ଏକ ସହଜ ଅବଧାରଣା ମିଳିପାରିବ ।

### ୨.୧.୨.୧ ମିଥ୍

ମିଥ୍ ଅନ୍ୟାନ୍ୟ ବାଚିକ ଉାପାଦାନ ପରି ସମାଜ ସଂସ୍କୃତି ସହିତ ଓତଃପ୍ରୋତ ଭାବେ ଜଡିତ । ଏହାକୁ ସମାଜର ସାମୁହିକ ଜୀବନଯାତ୍ରାର ତଥା ଜନ ଅବବୋଧର ପ୍ରତୀକାତ୍ମକ ବିଭବ ଭାବରେ ଲୋକତତ୍ତ୍ୱବିଦ୍‌ମାନେ ଗ୍ରହଣ କରନ୍ତି । ଲୋକତତ୍ତ୍ୱବିଦ୍‌ଙ୍କ ମତରେ ମିଥ୍‌ର ଅଧ୍ୟୟନରୁ ସମ୍ପୃକ୍ତ ସମାଜର ସାମାଜିକ ଇତିହାସର ସ୍ୱରୂପ ଅନ୍ୱେଷଣ କରିବାରେ ସହାୟକ ହୋଇଥାଏ, ଯଦିଓ ଏହାକୁ ଐତିହାସିକ ଉପାଦାନ ଭାବରେ ଗ୍ରହଣ କରାଯାଇନଥାଏ । ତେବେ, ସମ୍ପୃକ୍ତ ଲୋକ ଗୋଷ୍ଠୀର ସଦସ୍ୟ ଏହାକୁ ସତ୍ୟ ଏବଂ ପବିତ୍ର ମନେକରିଥାନ୍ତି । ମିଥ୍ ସମ୍ପୃକ୍ତ ଗୋଷ୍ଠୀର ପ୍ରାକୃତିକ ତଥା ରୀତିନୀତି ଆଧାରିତ ବିଭିନ୍ନ ପ୍ରକ୍ରିୟାକୁ ପରିଭାଷିତ କରିଥାଏ, ଏହାର ଜନ୍ମ ସ୍ୱରୂପ, କାହିଁକି ଏପରି ହୋଇଥାଏ, ତଥା ପୃଷ୍ଠପଟ୍ଟରେ ଥିବା ରହସ୍ୟର ଉନ୍ମୋଚନ କରିବାସହ ସେ ସମ୍ପର୍କରେ ବ୍ୟାଖ୍ୟା ପ୍ରସ୍ତୁତ କରିଥାଏ । ମିଥ୍‌ର ଆଖ୍ୟାନ ସମ୍ପୃକ୍ତ ଗୋଷ୍ଠୀର ବସ୍ତୁଗତ, ସାଂସାରିକ,

ସମାଜିକ-ସାଂସ୍କୃତିକ  ଜୀବନର ନିର୍ଦ୍ଦିଷ୍ଟ ଗତିବିଧିଗୁଡିକୁ ନିୟନ୍ତ୍ରିତ କରିଥାଏ । ସେହିପରି, ଏହାକୁ ସମଗ୍ର ଜାତି ବା ସଂସ୍କୃତିର ଆଦିକାଳର ମାନସିକ ଅବଦମନର ପ୍ରତିରୂପ ଭାବରେ ମଧ୍ୟ ଗ୍ରହଣ କରାଯାଇଥାଏ ।

**ଅବଧାରଣା ଏବଂ ସଂଜ୍ଞା**

ମିଥ୍‌କୁ ବିଦ୍ୱାନ ତଥା ତତ୍ତ୍ୱବିଦ୍‌ମାନେ ଅନେକ ଭାବରେ ବ୍ୟାଖ୍ୟା କରିଛନ୍ତି ବା ସଂଜ୍ଞା ପ୍ରଦାନ କରିବାକୁ ପ୍ରଚେଷ୍ଟା କରିଛନ୍ତି । ମିଥ୍ ଅନୁଶୀଳନ ପ୍ରାରମ୍ଭିକ ପର୍ଯ୍ୟାୟରେ ବିଦ୍ୱାନମାନଙ୍କ ମଧ୍ୟରେ ଲାଙ୍ଗ୍, ଏବଂ ଟେଲର ଉଲ୍ଲେଖନୀୟ । ଏହି ବିଦ୍ୱାନମାନେ ତାଙ୍କ ଆଲୋଚନାରେ ମିଥ୍‌କୁ ପରିଭାଷିତ କରିବାର ପ୍ରୟାସ କରିଛନ୍ତି ଯେପରି— "…myth is a product of the early human fancy, working on the most rudimentary knowledge of the outer world"(Lang 1910, 23).

ଅନୁରୂପ ଭାବରେ ଟେଲର ମିଥ୍ ସମ୍ପର୍କରେ କହନ୍ତି "…myth is peculiarly well instanced in the history of a widespread belief, extending through savage, barbaric, classic, oriental, and mediaeval life, and surviving to this day…" (Tylor 1920, 307-8).

ଏହି ପ୍ରାରମ୍ଭିକ କାଳର ଅନ୍ୟଜଣେ ପ୍ରତିଷ୍ଠିତ ମିଥ୍ ତତ୍ତ୍ୱବିଦ୍ ହେଉଛନ୍ତି ଲୁଇସ୍ ସ୍ପେନ୍ସ, ସେ ତାଙ୍କର ଅନୁଶଳୀନରୁ ମିଥ୍‌କୁ "A myth is an account of the deeds of a god or supernatural being, usually expressed in terms of primitive thought. It is an attempt to explain the relations of man to the universe, and it has for those who recount it a predominantly religious value; or it may have arisen to 'explain' the existence of some social organization, a custom, or the peculiarities of an environment" (Spence 1921, 11-12) ଭାବରେ ପରିଭାଷିତ କରିବାର ପ୍ରୟାସ କରିଛନ୍ତି ।

ପରବର୍ତ୍ତୀ ସମୟରେ, ମିଥ୍ ସମ୍ପର୍କରେ ବହୁ ଲୋକତତ୍ତ୍ୱବିଦ୍ ବହୁ ଗବେଷଣା କରିଛନ୍ତି । ତେବେ, ପାରମ୍ପରିକ ଗଦ୍ୟ ଆଖ୍ୟାନର ବିଭିନ୍ନ ଦିଗ ସମ୍ପର୍କରେ ବିଶଦ ଭାବରେ ଆଲୋଚନା କ୍ଷେତ୍ରରେ ୱିଲିୟମ୍ ବାସ୍‌କମ୍ ଅଗ୍ରଗଣ୍ୟ, ସେ ମିଥ୍‌କୁ "Myths are prose narrative which, in the society in which they are told, are considered to be truthful accounts of what happened in the remote past. They are accepted on faith; they are taught to be believed; and they can be cited as authority in answer to ignorance, doubt, or disbelief. Myths are the embodiment of dogma; they are usually sacred; and they are often associated with theology and rituals" (Bascom 1981, 98) ଭାବରେ ପରିଭାଷିତ କରିଛନ୍ତି ।

ମିଥ୍ ସମ୍ପର୍କିତ ଫେରୀ କ୍ଲାରେ(Claire R. Fare)ଙ୍କ ଅନୁରୂପ ମତ ମଧ୍ୟ ଏଠାରେ ଦ୍ରଷ୍ଟବ୍ୟ— "Myth is sacred narrative that is most often believed to be true. Because myth is of such a sacred nature, many people object to the very word myth when it is attached to their own sacred narratives…. It can stand— indeed, it has stood—scrutiny as metaphor, as literal truth as well as a synonym for untruth, as lessons for life, as components in an algebraic system, as manifestations of psychological processes, as exemplar of properness and simultaneously as warning of the consequences of impropriety, as philosophy of the *Other*, as engaging literature, as being universal as well as being particular to a group of people at a specific time. Whatever else it may be, myth authorizes the present in terms of the past" (Farrer 2011, 897) । ସେହିପରି, ତାରଜିଆଙ୍କ ମିଥ୍ ସମ୍ପର୍କିତ ଅବଧାରଣା ମଧ୍ୟ ଏ ପ୍ରସଙ୍ଗରେ ଉଲ୍ଲେଖନୀୟ ମନେକରାଯାଇପାରେ— "A myth is a story that is sacred to a group of people; to those people, the story is true and concerns foundational events — from the origin and organi-

zation of the cosmos to the origin and organization of fundamental human institutions (examples: kingship, gender roles)" (Tarzia 1999, 39) ।

ଲୋକତତ୍ତ୍ୱବିଦ୍‌ମାନଙ୍କ ମିଥ୍ ସମ୍ପର୍କିତ ଏହି ସଂଜ୍ଞାଗୁଡିକୁ ଆଧାର କରି ଆମର ଏକ ସହଜ ଅବଧାରଣା ପାଇଁ ଆମେ ମିଥ୍‌କୁ ଏପରି ଭାବରେ ପରିଭାଷିତ କରିପାରିବା—

ମିଥ୍ ହେଉଛି ଏକ ଗୋଷ୍ଠୀରେ ପ୍ରଚଳିତ ଗଦ୍ୟାତ୍ମକ ଆଖ୍ୟାନ ଯାହାକୁ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟ ସ ତ ୟ ମନେକରିବା ସହିତ ପବିତ୍ର ମଧ୍ୟ ମନେକରିଥାନ୍ତି । ପ୍ରକୃତି, ଜାତି, ପ୍ରଜାତି ତଥା ବିଭିନ୍ନ ଶସ୍ୟ ଏବଂ ସମ୍ପଦ, ପ୍ରାଣୀଜଗତର ସୃଷ୍ଟି ସହିତ ଧାର୍ମିକ ରୀତିନୀତି ପୂଜାବିଧି ଓ ନିଷେଧାବଳୀ ଏହି ଆଖ୍ୟାନରେ ବର୍ଣ୍ଣିତ ହୋଇଥାଏ । ଏହା ଆମକୁ ପ୍ରକୃତି ତଥା ପରମ୍ପରା ସହିତ ଜଡିତ ଅନେକ ରୀତିନୀତି ପୂଜାପଦ୍ଧତି ପ୍ରକ୍ରିୟା ସମ୍ପର୍କରେ ଥିବା ଆମର ପବିତ୍ର ବିଶ୍ୱାସ ସମ୍ପର୍କରେ ଅବଗତ କରାଇଥାଏ ।

### ବିଭାଗୀକରଣ

ମିଥ୍‌କୁ ଲୋକତତ୍ତ୍ୱବିଦ୍‌ମାନେ ବିଭିନ୍ନ ଭାବରେ ବିଭାଗୀକରଣ କରିଛନ୍ତି । ପ୍ରାଥମିକ ପର୍ଯ୍ୟାୟରେ ଟେଲର୍, ଏବଂ ଲାଙ୍ଗ୍ ତାଙ୍କ ଅଧ୍ୟୟନମାନଙ୍କରେ ବିଭିନ୍ନ ମିଥ୍ ଓ ପ୍ରଥା-ପରମ୍ପରାକୁ ବ୍ୟାପକ ଭାବରେ ଆଲୋଚନା କରିବା ସହିତ ଅନୁଶୀଳନ କରିଥିଲେ । ଟେଲର ମିଥ୍‌କୁ 'ପ୍ରକୃତି ସମ୍ବନ୍ଧୀୟ ମିଥ୍ (Nature myth)', 'ଦାର୍ଶନିକ ବା ବ୍ୟାଖ୍ୟାନକାରୀ ମିଥ୍ (Philosophical or explanatory myth)', 'ଭୂତାତ୍ତ୍ୱିକ ମିଥ୍ (Geological myth)', 'ସ୍ଥାନ-ନାମ ଉତ୍ପତ୍ତି ସମ୍ପର୍କିତ ମିଥ୍ (Etymological myth)', ଏବଂ 'ନାମ ସମ୍ବନ୍ଧୀୟ ମିଥ୍ (Eponymic myth)' ଭାବରେ ବିଭକ୍ତ କରିଥିଲେ (Tylor 1871, 273) । ସେହିପରି, ଲାଙ୍ଗ୍ ମିଥ୍‌କୁ 'ପ୍ରକୃତି ମିଥ୍ (Nature myth)', 'ସୃଷ୍ଟି ମିଥ୍ (Creation myth)', 'ବିଶ୍ୱ-ଉତ୍ପତ୍ତି ମିଥ୍ (Cosmogenic myth)', ଏବଂ 'ଆଦିମ ଓ ଦୈବ ସମ୍ବନ୍ଧୀୟ ମିଥ୍ (Savage and divine myth)' ଭାବରେ ବିଭକ୍ତ କରିଥିଲେ (Lang 1887, 159) । ପରବର୍ତ୍ତୀ ସମୟରେ, ମାରିଆନ୍ କକ୍ସ୍ ମିଥ୍‌କୁ 'ପ୍ରାକୃତିକ ମିଥ୍ (Nature myth)', 'ସୃଷ୍ଟି ମିଥ୍ (Creation myth)', ଏବଂ 'ମାନବ ତଥା ପ୍ରାଣୀଙ୍କ ଶାରୀରିକ ବୈଷମ୍ୟ ଆଧାରିତ ମିଥ୍ (Myths explaining physical peculiarities in man and animals)' ଭାବରେ ତାଙ୍କ ଆଲୋଚନା ବିଭକ୍ତ କରିଛନ୍ତି (Cox 1895, 234) ।

ଲାଙ୍ଗ୍, ଏବଂ ଟେଲରଙ୍କ ପରବର୍ତ୍ତୀ ମିଥ୍ ଅନୁଶୀଳନକାରୀ ଭାବରେ ଲୋକତତ୍ତ୍ୱବିଦ୍ ଫ୍ରାନସିସ୍ ଗମେ ଉଲ୍ଲେଖନୀୟ । ଫ୍ରାନସିସ୍, ତାଙ୍କର *The Popular Ballad* ଗ୍ରନ୍ଥରେ 'ସୃଷ୍ଟି ସମ୍ପର୍କିତ ମିଥ୍ (Creation myth)', ଏବଂ 'ରୀତିନୀତି ମିଥ୍ (Ritual myth)' କଥା ଉଲ୍ଲେଖ କରନ୍ତି (Gummere 1907, 135) । ଗମେଙ୍କ ପରବର୍ତ୍ତୀ ମିଥ୍ ଅନୁଶୀଳନକାରୀ ଭାବରେ, ସାମୁଏଲ ହେନେରୀ ହୁକ୍ ସୁପରିଚିତ, ସେ ତାଙ୍କର *Middle Eastern Mythology* (1913) ଗ୍ରନ୍ଥରେ ମିଥ୍‌କୁ 'ରୀତିନୀତି ଆଧାରିତ ମିଥ୍ (Ritual myth)', 'ସୃଷ୍ଟି ମିଥ୍ (Creation myth)', 'ଧର୍ମଧାରା ସମ୍ପର୍କିତ ମିଥ୍ (Cult myth)', 'ଗୌରବାବହ ମିଥ୍ (Prestigious myth)', ଓ 'ଖ୍ରୀଷ୍ଟ ଏବଂ ଜୋରାଷ୍ଟ୍ରିଆନ୍ ସମ୍ପର୍କିତ ନୀତି, ପରମ୍ପରା ଓ ବିଶ୍ୱାସମୂଳକ ମିଥ୍ (Eschatological myth)' ଭାବରେ ବିଭକ୍ତ କରନ୍ତି (Hooke 1913, 11-15) । ସେହିପରି, ଲୁଇସ୍ ସ୍ପେନ୍ସ (Lewis Spence) ମିଥ୍‌କୁ 'ସୃଷ୍ଟି ମିଥ୍ (Creation myths)', 'ବନ୍ୟା ମିଥ୍ (Flood myths)', 'ସୂର୍ଯ୍ୟ ମିଥ୍ (Sun myths)', 'ଚନ୍ଦ୍ର ମିଥ୍ (Moon myths)', 'ଅଗ୍ନି ମିଥ୍ (Fire myths)', 'ମୃତ୍ୟୁ ସମ୍ବନ୍ଧୀୟ ମିଥ୍ (Myths of death)', 'ନିଷିଦ୍ଧ ମିଥ୍ (Myths regarding taboo)', 'ରୀତିନୀତି ସମ୍ପର୍କିତ ମିଥ୍ (Myths to account for customs or rites)', 'ପଶୁ ସମ୍ପର୍କିତ ମିଥ୍ (Beast myths)', 'ଆତ୍ମା ସମ୍ପର୍କିତ ମିଥ୍ (Soul myths)' ପ୍ରଭୃତି ମିଥ୍ ଭାବରେ ବିଭକ୍ତ କରନ୍ତି (Spence 1921, 138) । ତେବେ, ମଲିନୋସ୍କି ତାଙ୍କ ଗ୍ରନ୍ଥରେ ମିଥ୍‌କୁ 'ସୃଷ୍ଟି ମିଥ୍ (Myth of Origin)', 'ମୃତ୍ୟୁ ଏବଂ ଜୀବନଚକ୍ର ଅଧାରିତ ମିଥ୍

(Myth of Death and the Recurrent Cycle of Life)', ଏବଂ 'ଯାଦୁବିଦ୍ୟା ମିଥ୍ (Myth of Magic)' ଭାବରେ ବିଭକ୍ତ କରନ୍ତି (Malinowski 1948, 72) । ଅନୁରୂପ ଭାବରେ, ଏକ ସାମ୍ପ୍ରତିକ ଅଧ୍ୟୟନରେ ଲୋକତତ୍ତ୍ୱବିଦ୍ ଡେଭିଡ୍ ଲିମିଂଗ୍ ମିଥ୍‌କୁ— 'ରୀତିନୀତି ମିଥ୍ (Cosmologia)', 'ଦେବାଦେବୀ ମିଥ୍ (Deity Myths)', 'ସୃଷ୍ଟି ସମ୍ପର୍କିତ ମିଥ୍ (Creation myth)', ଏବଂ 'ନାୟକ ମିଥ୍ (Hero myth)' ଭଳି ଚାରି ଭାଗରେ ବିଭକ୍ତ କରିଛନ୍ତି (Leeming 2002, 8) । ଷ୍ଟିଫେନ୍ ବେଲସର ମଧ୍ୟ ସମକାଳୀନ ଅନୁଶୀଳନର ଅନ୍ୟତମ ତତ୍ତ୍ୱବିଦ୍ । ସେ ଆଫ୍ରିକାର ବିଭିନ୍ନ ଜନଜାତିର ମିଥ୍‌ଗୁଡିକୁ 'ସୃଷ୍ଟି ସମ୍ପର୍କିତ ମିଥ୍ (Creation myth)', 'ମାନବୀୟ ମିଥ (Charter myth)', ଏବଂ 'ପ୍ରଥା-ପରମ୍ପରା ଆଧାରିତ ମିଥ୍ (Cult myth)' ଭାବରେ ବିଭାଗୀକରଣ କରନ୍ତି (Belcher 2004, 561) । ତେବେ, ମିଥ୍ ଅନୁଶୀଳନ କ୍ଷେତ୍ରରେ ହେଣ୍ଡି (Andrew Von Hendy)ଙ୍କ ଭୂମିକା ଉଲ୍ଲେଖନୀୟ । ସେ ତାଙ୍କର *The Modern Construction of Myth* (2001) ଗ୍ରନ୍ଥରେ ନୂତନ 'ମିଥ୍‌ର ବିକାଶ (Invention of Myth)' କଥା କହନ୍ତି । ପରିସ୍ଥିତି, ପରିବେଶ ତଥା ପ୍ରୟୋଜନ ଅନୁସାରେ ବିଭିନ୍ନ ଲୋକ ଗୋଷ୍ଠୀରେ ତଥା ସମକାଳୀନ ସମାଜରେ କିପରି ନୂତନ ମିଥ୍‌ର ବିକାଶ କରୁଛନ୍ତି ସେ ସମ୍ପର୍କରେ ଆଲୋଚନା କରନ୍ତି ।

ଏସବୁ ବିଭାଗୀକରଣକୁ ଆଧାରକରି ଆମେ ମିଥ୍‌କୁ ନିଜ ନିଜ ଦୃଷ୍ଟିକୋଣରୁ ତଥା ଉପଲବ୍ଧ ଉପାଦାନର ବ୍ୟାପକତା ତଥା ସ୍ୱତନ୍ତ୍ରତା ଦୃଷ୍ଟିରୁ ମଧ୍ୟ ବିଭାଗୀକରଣ କରିପାରିବା, ଯେପରି—

୧. ସୃଷ୍ଟି ସମ୍ପର୍କିତ ମିଥ୍ (ସୃଷ୍ଟି ସମ୍ପର୍କିତ ମିଥ୍‌ରେ ମଣିଷ, ଦେବାସୁର, ଚନ୍ଦ୍ରସୂର୍ଯ୍ୟ ଗ୍ରହତାରା, ଦିବାରାତି, ବିଭିନ୍ନ ପଶୁପକ୍ଷୀ-ସରୀସୃପ, ଅଗ୍ନି, ଉପକରଣ, ବିଭିନ୍ନ ପ୍ରକାରର ମାଟି, ପର୍ବତ, ପବିତ୍ର ସ୍ଥାନ, ବିହନ, ଓ ଜୀବଜନ୍ତୁ, ବୃକ୍ଷଲତା, ଗୀତ, ନୃତ୍ୟ ସମ୍ପର୍କିତ ସୃଷ୍ଟି ମିଥ୍‌କୁ ଆଲୋଚନା କରାଯାଇପାରେ),

୨. ଦେବଦେବୀ ସମ୍ପର୍କିତ ମିଥ୍ (ଦେବଦେବୀ ସମ୍ପର୍କିତ ମିଥ୍‌ରେ ସମସ୍ତ ଗୋଷ୍ଠୀ, ପ୍ରଜାତି, ପାରିବାରିକ, ତଥା ସ୍ଥାନୀୟ ପାରମ୍ପରିକ ଦେବଦେବୀ, ସେମାନଙ୍କ ଆବିର୍ଭାବ, ପୂଜା-ଆରାଧନା ତଥା ସେମାନଙ୍କ ଅତିପ୍ରାକୃତ ମହିମା ପ୍ରଖ୍ୟାପକ ମିଥ୍ ସହିତ ବିଭିନ୍ନ ପୌରାଣିକ ଦେବଦେବୀ ସମ୍ପର୍କିତ ସ୍ଥାନୀୟ ମିଥ୍ ଆଦିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇପାରେ),

୩. ଧର୍ମାନୁଷ୍ଠାନ, ପ୍ରଥା ପରମ୍ପରା ତଥା ରୀତିନୀତି ସମ୍ପର୍କିତ ମିଥ୍ (ଏହି ଧର୍ମାନୁଷ୍ଠାନ, ପ୍ରଥା ପରମ୍ପରା ତଥା ରୀତିନୀତି ସମ୍ପର୍କିତ ମିଥ୍‌ରେ ବିଭିନ୍ନ ଧର୍ମାନୁଷ୍ଠାନ, ପୂଜା-ଆରାଧନା, ପ୍ରଥା-ପରମ୍ପରାର ପାଳନ ଏବଂ ପରିବେଷଣ ସମ୍ପର୍କିତ ମିଥ୍‌କୁ ଏକତ୍ରିତ ଭାବର ବର୍ଗୀକରଣ କରାଯାଇପାରେ),

୪. ପରିବାର ତଥା ନିର୍ଦ୍ଦିଷ୍ଟ ପ୍ରଜାତିକ ଗୋଷ୍ଠୀ ଆଧାରିତ ମିଥ୍ (ଏହି ପରିବାର ତଥା ନିର୍ଦ୍ଦିଷ୍ଟ ପ୍ରଜାତିକ ଗୋଷ୍ଠୀ ଆଧାରିତ ମିଥ୍‌ରେ ପରିବାର ତଥା ପ୍ରଜାତି, ଗୋଷ୍ଠୀର ଆବିର୍ଭାବ ବା ଜନ୍ମ, କୌଳିକ ବୃତ୍ତି, ବଂଶବର୍ଗର ବିଭାଜନ, ଧର୍ମାନୁଷ୍ଠାନ, ପୂଜା-ଆରାଧନା, ପ୍ରଥା-ପରମ୍ପରାର ପାଳନ ଏବଂ ପରିବେଷଣ ସମ୍ପର୍କିତ ମିଥ୍‌କୁ ଏକତ୍ରିତ ଭାବର ବର୍ଗୀକରଣ କରାଯାଇପାରେ), ଏବଂ

୫. ପ୍ରାକୃତିକ-ଅପ୍ରାକୃତିକ ବସ୍ତୁର ମହିମା ପ୍ରଖ୍ୟାପକ ମିଥ୍ (ଏହି ପ୍ରାକୃତିକ ଅପ୍ରାକୃତିକ ବସ୍ତୁର ମହିମା ପ୍ରଖ୍ୟାପକ ମିଥ୍‌ରେ ପ୍ରକୃତି, ପ୍ରାଣୀ, ପରିବେଶ, ନଦୀ-ଜଳକୁଣ୍ଡ, ପବିତ୍ର ତଥା ତୀର୍ଥ ସ୍ଥାନ, ସେସବୁର ମହତ୍ତ୍ୱ ତଥା ପୂଜା-ଆରାଧନା ଆଖ୍ୟାନ ସମ୍ପର୍କିତ ମିଥ୍‌କୁ ଏକତ୍ରିତ ଭାବରେ ବର୍ଗୀକରଣ କରାଯାଇପାରେ) ।

**ବୈଶିଷ୍ଟ୍ୟ**

ମିଥ୍ ହେଉଛି ରୀତିନୀତିଗତ ଆଖ୍ୟାନ । ମିଥ୍‌ର ଆଖ୍ୟାନରୁ ଆମକୁ ସମାଜିକ ରୀତିନୀତି ସମ୍ପର୍କରେ ଏକ ଧାରଣା ମିଳିଥାଏ । ମିଥ୍‌ଗୁଡିକ ବେଳେବେଳେ ସମାଜିକ ରୀତିନୀତିର ସମ୍ପୂର୍ଣ୍ଣ ଆଖ୍ୟାନ ହୋଇଥାଏ, ତ ବେଳେବେଳେ ଏହା ସମ୍ପୃକ୍ତ

ରୀତିନୀତିର ପାଳନ ସମୟରେ ପରିବେଷିତ ହୋଇଥାଏ । ସେହିପରି, କିଛି ମିଥ୍ ଉଭୟ ଆଖ୍ୟାନ ଏବଂ ରୀତିନୀତି ପାଳନରେ ପରିବେଷଣ ହୋଇଥାଏ । ଆମେ ଜାଣୁ ଯେ ମିଥ୍‌ର ଆଖ୍ୟାନରେ ସାଧାରଣତଃ ଅତିପ୍ରାକୃତିକ ଚରିତ୍ର, ରାଜା, ତଥା ନାୟକମାନଙ୍କ ବିଷୟ ବର୍ଣ୍ଣିତ ହୋଇଥାଏ । ଅନ୍ୟ ଅର୍ଥରେ—

ଏହା ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟଙ୍କୁ ଧର୍ମ, ରୀତିନୀତି ଓ କର୍ମକାଣ୍ଡ ବିଷୟରେ ସଚେତନ କରାଇଥାଏ, ବିଶ୍ୱବ୍ରହ୍ମାଣ୍ଡର ସମ୍ପର୍କରେ ତାର ଜିଜ୍ଞାସାକୁ ବ୍ୟାଖ୍ୟା ପ୍ରଦାନକରିଥାଏ । ଏଥିରେ ସୃଷ୍ଟିତତ୍ତ୍ୱ, ଦେବଦେବୀଙ୍କ କ୍ରିୟାକଳାପ; ପ୍ରାଣୀ, ପ୍ରାକୃତିକ, ଭୌଗୋଳିକ ପ୍ରକ୍ରିୟା ସମ୍ପର୍କିତ ନାନା ପ୍ରଶ୍ନର ବ୍ୟାଖ୍ୟା ପ୍ରସ୍ତୁତ କରିଥାଏ । ଗୋଷ୍ଠୀ ବିଶେଷର ପବିତ୍ର ମିଥ୍ ସହିତ ସେମାନଙ୍କର କ୍ରିୟାନୁଷ୍ଠାନ, ନୈତିକ କାର୍ଯ୍ୟ, ସମାଜ ସଂଗଠନ, ଏବଂ ସେମାନଙ୍କ ବ୍ୟବହାରିକ ଆଚରଣର ମଧ୍ୟ ନିବିଡ ସମ୍ପର୍କ ବିଦ୍ୟମାନ ।

ମିଥ୍‌ର ଏହିସବୁ ଆୟାମକୁନେଇ ଆମେ ଏହାର କେତୋଟି ବୈଶିଷ୍ଟ୍ୟକୁ ଏପରି ଉଲ୍ଲେଖ କରିପାରିବା—

୧. ମଥ୍ ଏକ ସୃଷ୍ଟି ସମ୍ପର୍କିତ ତଥା ରୀତିନୀତି ଆଧାରିତ ଗଦ୍ୟ-ଆଖ୍ୟାନ । ତେବେ, ଏହାକୁ ଐତିହାସିକ ଉପାଦାନ ଭାବରେ ଗ୍ରହଣ କରାଯାଇନପାରେ ।

୨. ଏହାର ଆଖ୍ୟାନ ଏବଂ ପରିବେଷଣକୁ ପବିତ୍ର ମନେକରାଯାଇଥାଏ ।

୩. ଏହା ଧାର୍ମିକ, ପ୍ରଥା ପରମ୍ପରା, ସାମାଜିକ ରୀତିନୀତି ପ୍ରଭୃତିକୁ ବ୍ୟାଖ୍ୟା କରିବା ସହିତ ଏହାକୁ ବିଧିବଦ୍ଧତା ପ୍ରଦାନ କରିଥାଏ ।

୪. ଲୋକଧାରାର ଅନ୍ୟ ଉପାଦାନ ପରି ମିଥ୍‌ଟିଏ କେତେବେଳେ ସୃଷ୍ଟି ହୁଏ, ଏବଂ ଗୋଟିଏ ଗୋଷ୍ଠୀର ବିଭିନ୍ନ ଉପାଦାନର ସୃଷ୍ଟିକୁ ବ୍ୟାଖ୍ୟାକରେ ତାହା କହିବା କଷ୍ଟକର ।

୫. ମିଥ୍‌କୁ ପବିତ୍ର ଭାବରେ ଗ୍ରହଣ କରାଯାଉଥିବାରୁ ଲୋକ ଗୀତ, ଲୋକ କଥା, ଏବଂ କିମ୍ବଦନ୍ତୀ ଭଳି ସବୁ ସମୟରେ ସବୁ ସ୍ଥାନରେ ଏହାର ପରିବେଷଣ ଅନେକତଃ ସମ୍ଭବ ନୁହେଁ ।

୬. ନିର୍ଦ୍ଦିଷ୍ଟ ସମୟ, ପରିସ୍ଥିତି, ଏବଂ ପରିବେଶରେ ଲୋକଧାରାର ଅନ୍ୟାନ୍ୟ ଉପାଦାନ ଭଳି ମିଥ୍‌ରେ ମଧ୍ୟ ନୂତନ ବିକାଶ ତଥା ସଂଯୋଜନା ଦେଖାଯାଇଥାଏ ।

୭. ମିଥ୍ ସମ୍ପୃକ୍ତ ଗୋଷ୍ଠୀର ଧାର୍ମିକ, ପ୍ରାକୃତିକ, ଅଲୌକିକ ଏବଂ ରୀତିନୀତିଗତ ଅବଧାରଣାକୁ ପ୍ରକାଶ କରିଥାଏ । ଏବଂ, ନିର୍ଦ୍ଦିଷ୍ଟ ଉପାଦାନ ତଥା ପ୍ରକ୍ରିୟାର କାରଣ ସମ୍ପର୍କରେ ବ୍ୟାଖ୍ୟା କରିଥାଏ ।

୮. ଅନ୍ୟ ଲୋକ ଗୋଷ୍ଠୀର ସଦସ୍ୟ ପାଖରେ କିଛି ପ୍ରଜାତିକ ସମ୍ପର୍କିତ ମିଥ୍‌ର ପରିବେଷଣରେ ନିୟମଜନିତ ବାଧକତା ଦେଖିବାକୁ ମିଳେ ।

୯. ମିଥ୍ ସମ୍ପୃକ୍ତ ଗୋଷ୍ଠୀର ଏକ ବିଶ୍ୱାସର ଫଳଶ୍ରୁତି । ଅତଏବ, ଏକ ନିର୍ଦ୍ଦିଷ୍ଟ ଲୋକ ଗୋଷ୍ଠୀରେ ଯେତେବେଳେ ସମ୍ପୃକ୍ତ ବିଶ୍ୱାସଗୁଡିକ ସମୟକ୍ରମେ ବଳବତ୍ତର ରହେନାହିଁ ସେତେବଳେ, ମିଥ୍ ନିଜର ଅସ୍ତିତ୍ୱ ହରାଇବସେ ।

୧୦. ଅନେକ ସ୍ଥାନରେ ମିଥ୍‌ର ସାର୍ବଜନୀନ ରୂପ ଦେଖିବାକୁ ମିଳିଥାଏ । ଅର୍ଥାତ୍, ଅନେକ ଲୋକ ଗୋଷ୍ଠୀରେ ମିଳୁଥିବା ବିଭିନ୍ନ ସୃଷ୍ଟି ସମ୍ପର୍କିତ ମିଥ୍‌ରେ ଅଳ୍ପବହୁତ ସାମଞ୍ଜସ୍ୟ ଦେଖାଯାଇଥାଏ ।

## ୨.୧.୨.୨ କିମ୍ବଦନ୍ତୀ

ମିଥ୍ ଭଳି କିମ୍ବଦନ୍ତୀ ମଧ୍ୟ ଗୋଟିଏ ଲୋକ ଗୋଷ୍ଠୀର ଏକ ଗୁରୁତ୍ୱପୂର୍ଣ୍ଣ ବାଚିକ ପରିପ୍ରକାଶ । ଏହା ଏକ ଏକ କାହାଣୀ ଭାବରେ କଥିତ ହୋଇଥାଏ । ମିଥ୍, ଏବଂ କିମ୍ବଦନ୍ତୀ ମଧ୍ୟରେ ପ୍ରଭେଦଟି ହେଲା— ଏହାକୁ ପବିତ୍ର ମନେକରାଯାଇ ନଥାଏ । ଏବଂ, ମିଥ୍ ଦେବଦେବୀ ତଥା ବିଭିନ୍ନ ପ୍ରାକୃତିକ ଭୌତିକ ପ୍ରକ୍ରିୟାର ଆଖ୍ୟାନ କରୁଥିବାବେଳେ କିମ୍ବଦନ୍ତୀର ମୁଖ୍ୟ ଚରିତ୍ର ମଣିଷ । ତେବେ, ଏଥିରେ ସ୍ଥାନୀୟ ଦେବଦେବୀ ତଥା ଭୂତପ୍ରେତର ଆଖ୍ୟାନକୁ ମଧ୍ୟ ଯାହା ପବିତ୍ର ବା ସତ୍ୟ ମନେ କରାଯାଇନଥାଏ ତାହାକୁ ଗ୍ରହଣ କରାଯାଇଥାଏ । କିମ୍ବଦନ୍ତୀର ପରିବେଷଣ ସାଧାରଣତଃ କୌଣସି ଏକ ଜିଜ୍ଞାସାରୁ ଆରମ୍ଭ ହୋଇଥାଏ । ଅର୍ଥାତ୍, କୌଣସି ଏକ ଘଟଣା ବା ବସ୍ତୁ ତଥା କ୍ରିୟାକଳାପ ସମ୍ପର୍କରେ ଜଣେ ସଦସ୍ୟ ପ୍ରଶ୍ନ କଲେ ତାହାର ବ୍ୟାଖ୍ୟା କରିବାକୁ ଯାଇ ଏହାର ପରିବେଷଣ କରାଯାଏ ଅନ୍ୟତ୍ର ସାଧାରଣ କାହାଣୀ ଭଳି ଏହା ସବୁବେଳେ ପରିବେଷିତ ହେବା ଅନେକ କ୍ଷେତ୍ରରେ ସମ୍ଭବ ହୋଇନଥାଏ ।

### ଅବଧାରଣା ଏବଂ ସଂଜ୍ଞା

ମିଥ୍ ଭଳି କିମ୍ବଦନ୍ତୀ ମଧ୍ୟ ଲୋକଧାରା ଅଧ୍ୟୟନର ପ୍ରାରମ୍ଭିକ ପର୍ଯ୍ୟାୟରୁ ଲୋକତତ୍ତ୍ୱବିଦ୍‌ମାନଙ୍କଦ୍ୱାରା ଅଧ୍ୟୟନ ହୋଇ ଆସୁଛି । କିମ୍ବଦନ୍ତୀକୁ ବିଭିନ୍ନ ଅଧ୍ୟୟନ ପ୍ରସଙ୍ଗରେ ଆନ୍ତର୍ଜାତିକ ସ୍ତରରେ ଲୋକତତ୍ତ୍ୱବିଦ୍‌ମାନେ ଯେପରି ଭାବରେ ପରିଭାଷିତ କରିଛନ୍ତି ତାହା ଏଠାରେ ଦ୍ରଷ୍ଟବ୍ୟ—

ଲୋକଧାରା ଅଧ୍ୟୟନର ପ୍ରାରମ୍ଭିକ କାଳରେ ଲୋକତତ୍ତ୍ୱବିଦ୍ ଭାବରେ ସୋଫିଆ ବୁର୍ନେ ଅଗ୍ରଗଣ୍ୟ ସେ କିମ୍ବଦନ୍ତୀ ସମ୍ପର୍କରେ ଲେଖନ୍ତି, “Legends are narratives told, not to explain anything, but simply as an account of things which are believed to have happened,…. They are often told about events or persons who are in fact historical, though the legend itself may be inaccurate or even baseless, and may be told of other persons or places in countries far away”(Burne 1914, 262) ।

ମିଥ୍ କିମ୍ବଦନ୍ତୀ ସମ୍ପର୍କିତ ଅବଧାରଣାକୁ ସ୍ପଷ୍ଟ କରିବା ଦିଗରେ ଲୋକତତ୍ତ୍ୱବିଦ୍ ବାସ୍‌କମ୍‌ଙ୍କ ଭୂମିକା ଉଲ୍ଲେଖନୀୟ ସେ କିମ୍ବଦନ୍ତୀ ସମ୍ପର୍କରେ ଦେଇଥିବା ପରିଭାଷାଟି ହେଉଛି, “Legends are prose narratives which, like myths, are regarded as true by the narrator and his audience, but they are sets in a period considered less remote, when the world was much as it is today. Legends are more secular than sacred, and their principle characters are human. They tell of migrations, wars and victories, deeds of past’s heroes, chiefs, kings, and succession in ruling dynasties. In this they are often the counterpart in verbal tradition of written history, but they also include local tales of buried treasure, ghost, fairies, and saints” (Bascom 1978, 99) । ସେହିପରି, ଲୋକତତ୍ତ୍ୱବିଦ୍ ବ୍ରୁନ୍‌ବାନ୍ଦ୍ ମଧ୍ୟ କିମ୍ବଦନ୍ତୀ ସମ୍ପର୍କରେ କହନ୍ତି— “Legends, like myths, they are prose narratives regarded by their tellers as true, unlike myths generally secular and are set in the less remote past in a conventional earthly locale….Often legends are circulated in *cycles*, or groups of narratives relating to one event, person, or theme” (Brunvand 1978, 106) ।

ସାମ୍ପ୍ରତିକ ଲୋକଧାରା ଅଧ୍ୟୟନରେ କିମ୍ବଦନ୍ତୀ ଅନୁଶୀଳନ କ୍ଷେତ୍ରରେ ବେନ୍‌ସନ୍ ମୁଲେମି ଜଣେ ଅଗ୍ରଗଣ୍ୟ ଲୋକତତ୍ତ୍ୱବିଦ୍ । ସେ କିମ୍ବଦନ୍ତୀକୁ “Legends are historical accounts that narrators and their audience believe to be true. They are universal in character, as they attempt to recount the true history or

real life experiences of remarkable individuals in their communities. Some cannot be accurately proved, since historical details are lost due to the inadequacies of the oral modes of transmission" (Mulemi 2004, 416) ଭାବରେ ପରିଭାଷିତ କରନ୍ତି । ସେହିପରି, ଏଲିଅଟ୍ ଓରିଂ କହନ୍ତି— "Legends may be artfully told, but their raison d'etre is rarely the creation of an aesthetically satisfying story so much as the creation of a story which requires the audience to examine their world view their sense of the normal, the boundaries of the natural, their conceptions of fate, destiny, and coincidence. Thus, the appearance of a legend in normal conversation may not be readily apparent, for the verbal artistry of the legend may not be distinguished significantly from the artistry of the conversation in which it is embedded" (Oring 1986, 126) ।

ଲୋକତତ୍ତ୍ୱବିଦ୍‌ଙ୍କ ଏହି ପରିଭାଷାଗୁଡିକର ଆଧାରରେ ଆମେ କିମ୍ବଦନ୍ତୀକୁ ଏପରି ଭାବରେ ସଂଜ୍ଞା ପ୍ରଦାନ କରିପାରିବା ଯେ—

> କିମ୍ବଦନ୍ତୀ ମଧ୍ୟ ଏକ ଗୋଷ୍ଠୀର ଗଦ୍ୟାତ୍ମକ ପରିପ୍ରକାଶ । ବିଭିନ୍ନ ଜାତି ଓ ପ୍ରଜାତି, ସାଧୁସନ୍ଥ ତଥା ଅନ୍ୟ ବ୍ୟକ୍ତି ବିଶେଷ, ବିଭିନ୍ନ ଦେବଦେବୀ ବିଭିନ୍ନ ସ୍ଥାନ ତଥା ଆଧିଭୌତିକ ଘଟଣାବଳୀର ଆଖ୍ୟାନ ଏଥିରେ ଦେଖାଯାଏ । ସେହିପରି ଅନେକ ସମୟରେ ସାମ୍ପ୍ରତିକ ଘଟଣାବଳୀକୁ ଆଧାରକରି ମଧ୍ୟ ଅନେକ କିମ୍ବଦନ୍ତୀ ପ୍ରାୟ ପ୍ରତ୍ୟେକ ଲୋକ ଗୋଷ୍ଠୀରେ ପ୍ରଚଳିତ ହୋଇଥାଏ । ବିଭିନ୍ନ ହତ୍ୟାକାଣ୍ଡ, ପ୍ରାକୃତିକ ବିପର୍ଯ୍ୟୟ, ରାଜନୈତିକ ଘଟଣାବଳୀକୁ ନେଇ ସମାଜିକ ଗୋଷ୍ଠୀର ସଦସ୍ୟମାନଙ୍କ ଭିତରେ ହେଉଥିବା ପାରମ୍ପରିକ କାଳ୍ପନିକ ତଥା ଆଶୁ-ସୃଜନ କାହାଣୀଗୁଡିକୁ ଏହାର ଉଦାହରଣ ଭାବରେ ଗ୍ରହଣ କରାଯାଇପାରେ ।

**ବିଭାଗୀକରଣ**

କିମ୍ବଦନ୍ତୀକୁ ଲୋକତତ୍ତ୍ୱବିଦ୍‌ମାନେ ବିଭିନ୍ନ ଭାବରେ ବିଭାଗୀକରଣ କରିଛନ୍ତି । ୱେଲାଣ୍ଡ (Wayland D. Hand) ଏହାକୁ 'ବ୍ୟାଖ୍ୟାନକାରୀ କିମ୍ବଦନ୍ତୀ (Etiological legends)', 'ଐତିହାସିକ କିମ୍ବଦନ୍ତୀ (Legends of history of civilization), 'ଅତିପ୍ରାକୃତିକ କିମ୍ବଦନ୍ତୀ (Supranatural legends), ଏବଂ 'ଦେବଦେବୀ ସମ୍ପର୍କିତ କିମ୍ବଦନ୍ତୀ (Legends of God and Heroes)' ଆଦି ଚାରିଭାଗରେ ବିଭକ୍ତ କରନ୍ତି (Hand 1971, 26) । ସେହିପରି, ବ୍ରୁନବାନ୍ଦ୍ ମଧ୍ୟ କିମ୍ବଦନ୍ତୀକୁ ଚାରି ଭାଗରେ ବିଭକ୍ତ କରିଛନ୍ତି ଯେପରି— 'ସ୍ଥାନୀୟ କିମ୍ବଦନ୍ତୀ (Local legend)', 'ବ୍ୟକ୍ତିଗତ କିମ୍ବଦନ୍ତୀ (Personal legends)', 'ଅତିପ୍ରାକୃତିକ କିମ୍ବଦନ୍ତୀ (Supernatural legends)', ଏବଂ 'ଧାର୍ମିକ କିମ୍ବଦନ୍ତୀ (Religious Legends)' ଆଦି ଚାରି ଭାଗରେ ବିଭକ୍ତ କରନ୍ତି (Brunvand 1978, 99) ।

ବେନ୍‌ସନ୍ ମୁଲେମି କିନ୍ତୁ କିମ୍ବଦନ୍ତୀକୁ, 'ରାଜନୈତିକ କିମ୍ବଦନ୍ତୀ (Political legend)', 'ମୁଖିଆ ସମ୍ପର୍କିତ କିମ୍ବଦନ୍ତୀ (Legend of Chief)', 'ବୃତ୍ତି ଆଧାରିତ କିମ୍ବଦନ୍ତୀ (Legend about profession)', 'ଯୁଦ୍ଧ ଓ ଆକ୍ରମଣ ସମ୍ପର୍କିତ କିମ୍ବଦନ୍ତୀ (Warfare legend)', ଏବଂ 'ସ୍ଥାନାନ୍ତରଣ କିମ୍ବଦନ୍ତୀ (Migration Legend)' ଆଦି ପାଞ୍ଚ ଭାଗରେ ବିଭକ୍ତ କରନ୍ତି (Mulemi 2004, 416-422) । ମୁଲେମିଙ୍କ ଏହି ବିଭାଗୀକରଣ ସାଧାରଣତଃ ଆଫ୍ରିକାର ଜନଜାତିରେ ଉପଲବ୍ଧ କିମ୍ବଦନ୍ତୀକୁ ଆଧାର କରିଛି ।

ଲୋକତତ୍ତ୍ୱର ସାମ୍ପ୍ରତିକ ଅଧ୍ୟୟନରେ କିମ୍ବଦନ୍ତୀର ସମକାଳୀନତାକୁ ଆଧାରକରି ଏହାର ନୂତନ ବ୍ୟାଖ୍ୟା ଦେଖାଯାଏ କାରଣ, ଅନେକ ସମୟରେ ସାମ୍ପ୍ରତିକ ଲୋକ ଗୋଷ୍ଠୀରେ ସଦସ୍ୟମାନଙ୍କ ଭିତରେ ସମକାଳୀନ ଘଟଣାବଳୀରୁ ସୃଷ୍ଟ ବିଭିନ୍ନ କିମ୍ବଦନ୍ତୀର ଆଦାନପ୍ରଦାନ ହେବା ମଧ୍ୟ ଦେଖିବାକୁ ମିଳେ— "Contemporary legends are primarily non-supernatural, secular narratives that are set in the real world. Told as if they happened recently,

they focus on ordinary individuals in familiar places, and they portray situations that are perceived as important by the narrators and listeners alike— situations that the performers and their audiences may have experienced, are currently experiencing, or could possibly experience. …Contemporary legends emerge out of social contexts and interactions, and they comment on culturally proscribed behavior" (Smith 2011, 782-784) ।

ସାମ୍ପ୍ରତିକ କିମ୍ବଦନ୍ତୀ ସମ୍ପର୍କରେ ଅନେକ ଲୋକତତ୍ତ୍ୱବିଦ୍ ଆଲୋଚନା ତଥା ଅନୁଶୀଳନ କରିଛନ୍ତି । ଜାନ୍‌ସେନ୍ (William Hugh Jansen)ଙ୍କ "The Surpriser Surprised: A Modern Legend.", ଏବଂ ଗ୍ରୀନ୍‌ବର୍ଗ (Andrea Greenberg)ଙ୍କ "Drugged and Seduced: A Contemporary Legend" ପ୍ରବନ୍ଧ, ସ୍ମିଥ୍, ଏବଂ ବେନେଟ୍ (Paul Smith, and Gillian Bennett)ଙ୍କ ସମ୍ପାଦିତ *Perspectives on Contemporary Legend* (1984), ଓ ମିକେଲ୍‌ଙ୍କ (Mikel J. Koven)ଙ୍କ *Film, Folklore, and Urban Legend* (2008) ଗ୍ରନ୍ଥ ଏ କ୍ଷେତ୍ରରେ ଉଲ୍ଲେଖନୀୟ ।

ଏହିସବୁ ବିଭାଗୀକରଣ, ଏବଂ ଆୟାମଗୁଡିକୁ ଆଧାରକରି ଆମେ ଆମର ସହଜ ଅବଧାରଣା ପାଇଁ କିମ୍ବଦନ୍ତୀକୁ— ୧. ଜାତି ପ୍ରଜାତିକ ବିଷୟକ କିମ୍ବଦନ୍ତୀ, ୨. ସାଧୁସନ୍ଥ, ନାୟକ ତଥା ଅନ୍ୟ ବ୍ୟକ୍ତି ସମ୍ପର୍କିତ କିମ୍ବଦନ୍ତୀ, ୩. ଦେବଦେବୀ ଏବଂ ପର୍ବପର୍ବାଣି ସମ୍ପର୍କିତ କିମ୍ବଦନ୍ତୀ, ୪. ସ୍ଥାନ ସମ୍ପର୍କିତ କିମ୍ବଦନ୍ତୀ, ୫. ଆଧିଭୌତିକ ଘଟଣାବଳୀ ଆଧାରିତ କିମ୍ବଦନ୍ତୀ, ଏବଂ ୬. ସାମ୍ପ୍ରତିକ ଘଟଣାବଳୀ ଆଧାରିତ କିମ୍ବଦନ୍ତୀ ଭାବରେ ବିଭାଗୀକରଣ କରିପାରିବା ।

**ବୈଶିଷ୍ଟ୍ୟ**

କିମ୍ବଦନ୍ତୀଗୁଡିକ ଲୋକଧାରାର ଅନ୍ୟାନ୍ୟ ଉପାଦାନ ଭଳି ସମ୍ପୃକ୍ତ ଗୋଷ୍ଠୀର ସାମୁହିକ ବିଶ୍ୱାସର ପ୍ରତୀକ, ଏବଂ ସେମାନଙ୍କ ମୂଲ୍ୟବୋଧର ପରିପ୍ରକାଶକ । ତେବେ, ଏହା ସମୟ-ସ୍ଥାନିକ ଏବଂ ଅତି ପରିଚିତ ପରିବେଶର କଥାବସ୍ତୁ ଆଖ୍ୟାନ କରିଥାଏ । ଏବଂ, ଏହାକୁ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟ ସତ୍ୟ ମନେ ନକଲେ ବି ବିଶ୍ୱାସ କରିଥାନ୍ତି, ଏହି କାରଣରୁ, ଅନେକ ଲୋକତତ୍ତ୍ୱବିଦ୍ ଏହାକୁ 'ବିଶ୍ୱାସ କଥାନି (Belief tales)' ଭାବରେ ମଧ୍ୟ ଗ୍ରହଣ କରନ୍ତି । ସମୟ ଏବଂ ପରିସ୍ଥିତି ସହିତ ଗୋଷ୍ଠୀ ବିଶ୍ୱାସରେ ପରିବର୍ତ୍ତନ ଦେଖାଦେଲେ ଏହି ଆଖ୍ୟାନରେ ମଧ୍ୟ ପରିବର୍ତ୍ତନ ଦେଖାଦିଏ, ଯଦି ପରିବର୍ତ୍ତନକୁ କିମ୍ବଦନ୍ତୀଟି ଗ୍ରହଣ କରିପାରେନାହିଁ ତେବେ, ତାହାର ବିଲୋପନ ମଧ୍ୟ ଦେଖାଯାଏ । କିମ୍ବଦନ୍ତୀ ସମ୍ପର୍କରେ ଏକ ଉଲ୍ଲେଖନୀୟ ବିଷୟ ହେଲା ଯେ ଏହା କହାଣୀ ଭଳି ମନୋରଞ୍ଜନ ପାଇଁ ପରିବେଷିତ ନହୋଇ ସମ୍ପୃକ୍ତ ବିଷୟଗତ ଜିଜ୍ଞାସାକ୍ରମରେ ଏହା କଥିତ ହୋଇଥାଏ । କିମ୍ବଦନ୍ତୀଗୁଡିକର କହାଣୀ ସାଧାରଣତଃ ଦୀର୍ଘ ହୋଇନଥିବାରୁ ଧାରାବାହିକ (episodic) ଭାବରେ କଥିତ ନହୋଇ ଏକକାଳୀନ (mono-episodic) ପରିବେଷିତ ହୋଇଥାଏ । ନିକୋଲସନ୍ (W.F.H. Nicolaisen) କିମ୍ବଦନ୍ତୀର ସଂରଚନାଗତ ଆଧାର ସମ୍ପର୍କରେ କଥା ଆଖ୍ୟାନର ପ୍ରାରମ୍ଭ (orientation), କଥା ପରିସମାପ୍ତିର ପ୍ରକ୍ରିୟା (complicating action), ଏବଂ ପରିଣତି (result) ଭଳି ତିନୋଟି ଦିଗ ସମ୍ପର୍କରେ କହନ୍ତି (Nicolaisen 1987, 61-76) ।

ଆଖ୍ୟାନର ଏକକାଳୀନତା ବ୍ୟତୀତ କିମ୍ବଦନ୍ତୀ ଆଉ ଗୋଟିଏ ଦିଗ ସମ୍ପର୍କରେ ଲୋକତତ୍ତ୍ୱବିଦ୍‌ମାନେ ଉଲ୍ଲେଖକରନ୍ତି ତାହା ହେଉଛି— ଏହାର ପରିପ୍ରକାଶଗତ ନମନୀୟତା, ଅର୍ଥାତ୍ ସମାନ କିମ୍ବଦନ୍ତୀଟି ବେଳେବେଳେ ଦୀର୍ଘ ଆଖ୍ୟାନ ଭାବରେ ତ ବେଳେବେଳେ ସଂକ୍ଷେପରେ ମଧ୍ୟ ପରିବେଷିତ ହୋଇପାରେ । ସେହିପରି, କିମ୍ବଦନ୍ତୀକୁ କିଛି ଲୋକତତ୍ତ୍ୱବିଦ୍ 'ଉଡାକଥା (rumor)' ସହିତ ସମ୍ପର୍କିତ କରିଥାନ୍ତି । ତେବେ, ଉଡାକଥା କିମ୍ବଦନ୍ତୀ ଭଳି ଆଖ୍ୟାନକ ନୁହେଁ, ଏହାର ଆବିର୍ଭାବ ଆକସ୍ମିକ, ଏବଂ ଏହାର ସ୍ଥାୟୀତ୍ୱ ମଧ୍ୟ ସ୍ୱଳ୍ପ ସମୟ ଯେତେବେଳେ କି କିମ୍ବଦନ୍ତୀ ଗୋଟିଏ ଲୋକ ଗୋଷ୍ଠୀରେ ଦୀର୍ଘକାଳଯାଏ ବଜାୟ ରହିଥାଏ । ଏହିସବୁ ଆୟାମକୁ ଆଧାରକରି ଆମେ ଏଠାରେ କିମ୍ବଦନ୍ତୀର କିଛି ବୈଶିଷ୍ଟ୍ୟକୁ ଆମର ଅବଧାରଣା ପାଇଁ ସଂକ୍ଷେପରେ ଏପରି ଉଲ୍ଲେଖ କରିପାରିବା—

୧. ମିଥ୍ ଭଳି କିମ୍ବଦନ୍ତୀ ସୃଷ୍ଟି ତଥା ସାମାଜିକ ରୀତିନୀତି ସମ୍ପର୍କିତ ଆଖ୍ୟାନ ନୁହେଁ । ଏହାକୁ ଐତିହାସିକ ଉପାଦାନ ଭାବରେ ମଧ୍ୟ ଗ୍ରହଣ କରାଯାଇନପାରେ । ସେହିପରି, ଏହା ଏକ କାହାଣୀ ଭଳି ସମ୍ପୃକ୍ତ ଲୋକ ଗୋଷ୍ଠୀରେ କଥିତ ତଥା ପରିବେଷିତ ହୋଇଥାଏ ।

୨. ଅନ୍ୟାନ୍ୟ ଲୋକ ଉପାଦାନ ପରି ଏହା ମଧ୍ୟ କେତେବେଳେ କିଏ ସୃଷ୍ଟି କରେ ସେ ସମ୍ପର୍କରେ ଠିକ୍ ଭାବରେ କିଛି କୁହାଯାଇନପାରେ ।

୩. ଏହାର ଆଖ୍ୟାନ ମିଥ୍ ଭଳି ପବିତ୍ର ନୁହେଁ, ଏବଂ ଅନେକତଃ କାଳ୍ପନିକ । ତେବେ, ଏହାକୁ ସମ୍ପୃକ୍ତ ଲୋକ ଗୋଷ୍ଠୀର ସଦସ୍ୟମାନେ ଅନେକ ସମୟରେ ସତ୍ୟ ମନେକରି ବିଶ୍ୱାସ କରିଥାନ୍ତି ।

୪. ଗୋଟିଏ ଘଟଣା ବା ବ୍ୟକ୍ତି ଏପରିକି ନିର୍ଦ୍ଦିଷ୍ଟ ଦେବଦେବୀଙ୍କୁ ନେଇ ସ୍ଥାନୀୟତାକୁ ଆଧାରକରି ଏକାଧିକ କିମ୍ବଦନ୍ତୀ ଆଖ୍ୟାୟିତ ହେବା ଦେଖାଯାଏ ।

୫. ମଥ୍ ଭଳି କିମ୍ବଦନ୍ତୀ ମଧ୍ୟ ଅନେକ ସମୟରେ ଧାର୍ମିକ, ପ୍ରଥା ପରମ୍ପରା, ସାମାଜିକ ରୀତିନୀତି ପ୍ରଭୃତିକୁ ବ୍ୟାଖ୍ୟା କରିବା ସହିତ ଏହାକୁ ବିଧିବଦ୍ଧତା ପ୍ରଦାନ କରିଥାଏ ।

୬. ଏହାକୁ ପବିତ୍ର ମନେକରାଯାଉନଥିବାରୁ, ଏବଂ ଆଦାନପ୍ରଦାନରେ କୌଣସି ନିୟମଜନିତ ବାଧକତା ନଥିବାରୁ ଏହା ସମ୍ପର୍କରେ ସମ୍ପୃକ୍ତ ଲୋକ ଗୋଷ୍ଠୀର ପ୍ରାୟ ସମସ୍ତ ସଦସ୍ୟ ଅବଗତ ଥାଆନ୍ତି ତଥା ପରିବେଷଣ କରିପାରନ୍ତି ।

୭. ସମକାଳୀନ ଘଟଣାବଳୀକୁ ଆଧାରକରି ମଧ୍ୟ ଅନେକ ସମୟରେ ନୂତନ କିମ୍ବଦନ୍ତୀମାନ ପ୍ରତ୍ୟେକ ଲୋକ ଗୋଷ୍ଠୀରେ ସୃଷ୍ଟି ହୋଇଥାଏ ।

୮. ମିଥ୍ ପରି କିମ୍ବଦନ୍ତୀ ମଧ୍ୟ ସମ୍ପୃକ୍ତ ଗୋଷ୍ଠୀର ଏକ ବିଶ୍ୱାସ । ଅତଏବ, ଏକ ନିର୍ଦ୍ଦିଷ୍ଟ ଲୋକ ଗୋଷ୍ଠୀରେ ଯେତେବେଳେ ସମ୍ପୃକ୍ତ ବିଶ୍ୱାସଟି ସମୟକ୍ରମେ ବଳବତ୍ତର ରହେନାହିଁ ସେତେବେଳେ ସମ୍ପୃକ୍ତ କିମ୍ବଦନ୍ତୀଟି ମଧ୍ୟ ନିଜର ଅସ୍ତିତ୍ୱ ହରାଇବସେ ।

### ୨.୧.୨.୩ କାବ୍ୟ

ଲୋକ କାବ୍ୟ ସାଧାରଣତଃ ସମ୍ପୃକ୍ତ ଲୋକ ଗୋଷ୍ଠୀର ବୀରତ୍ୱ ତଥା ଦୀର୍ଘ ଜୀବନଯାତ୍ରାର ଆଖ୍ୟାନ । ଏହା ଗୀତ ଆକାରରେ ପରିବେଷିତ ହୋଇଥାଏ, ଏବଂ ଅନ୍ୟ ସମସ୍ତ ବାଚିକ ଉପାଦାନର ତୁଳନାରେ ଦୀର୍ଘ ଆଖ୍ୟାନ ଭାବରେ ଏହାକୁ ଗ୍ରହଣ କରାଯାଇପାରେ । କାବ୍ୟରେ ସମ୍ପୃକ୍ତ ଲୋକ ଗୋଷ୍ଠୀ ତଥା ପ୍ରଜାତି ସେମାନଙ୍କର ଶ୍ରେଷ୍ଠତ୍ୱ ତଥା ଗୋଷ୍ଠୀଗତ ସ୍ୱତନ୍ତ୍ରତା ବଜାୟ ରଖିବା ସହିତ ନିଜ ସ୍ଥାନ ଏବଂ ବଂଶ ପରମ୍ପରାର ମହାନତା ପ୍ରତିଷ୍ଠା କରିବା ଦେଖାଯାଏ । ଏଥିରେ ପୂର୍ବପିଢ଼ିର ତଥା ଆଦିପୁରୁଷଙ୍କର ଅଲୌକିକ ଗାରିମା ବର୍ଣ୍ଣନା କରିବା ସହିତ ସେହି ଐତିହ୍ୟ ସହ ଗୋଷ୍ଠୀର ସାମ୍ପ୍ରତିକ ସଦସ୍ୟମାନଙ୍କୁ ପରିଚିତ କରିବା ଉଦ୍ଦେଶ୍ୟରେ ଏହା ପରିବେଷିତ ହୋଇଥାଏ ।

#### ଅବଧାରଣା ଏବଂ ସଂଜ୍ଞା

ଲୋକ କାବ୍ୟ ସମ୍ପର୍କରେ ଆନ୍ତର୍ଜାତିକ ସ୍ତରରେ ବହୁ ଲୋକତତ୍ତ୍ୱବିଦ୍ ଅନୁଶୀଳନ କରିଛନ୍ତି ତଥା କରିଚାଲିଛନ୍ତି, ଏବଂ ଏହାକୁ ନିଜସ୍ୱ ଅଧ୍ୟୟନମାନଙ୍କରେ ପରିଭାଷିତ କରିବାକୁ ଚେଷ୍ଟା କରିଛନ୍ତି । ଫେଲିକ୍ସ (Felix J. Oinas) ଲୋକ କାବ୍ୟକୁ, “Folk(or oral) epic songs are narrative poems in formulaic and ornamental style dealing with the adventures of extraordinary people.” (Oinas 1978, 99) ଭାବରେ ପରିଭାଷିତ କରନ୍ତି । ସେହିପରି,

ହେଦା ଜାସନ୍ ତାଙ୍କର "The Rajasthani Epic of Pabuji: A Preliminary Ethnopoetic Analysis" ପ୍ରବନ୍ଧରେ କାବ୍ୟକୁ "…narrative in verse, prose or a combination of the two ("prosimetrum"). This narrative describes a conflict between two social units, human and/or fabulous; the conflict is public and is carried out in a martial confrontation: a physical fight. In some cultures, the physical activity is complemented by preternatural means: acts performed with the help of human magic powers or the inherent fabulous powers of divinities. Epic expresses the central or nearly central values of the culture of which it is a part." (Jason 2008, 46) ଭାବରେ ପରିଭାଷିତ କରନ୍ତି । ଅନୁରୂପ ଭାବରେ, ତାର୍‌ଜିଆ ୱାଡେ ଲୋକ କାବ୍ୟ ସମ୍ପର୍କରେ କହନ୍ତି, "A traditional heroic narrative, usually in poetry but sometimes prose with verse or song interludes, performed in a predominantly nonliterate socety. The compositional method uses "themes" (narrative models) to construct scenes and short passages, and "formulas" (repeated phrase-types) to construct verse lines, which enables rapid, live creation of long stories. Performance is sometimes accompanied by a simple stringed instrument. The content of epics concerns the actions of a hero who benefits society by founding a ruling dynasty, killing monsters, or by representing ideal qualities of the ethnic group" (Tarzia Web. 2014, 1) ।

କର୍ଣ୍ଣାଟକର ପାରମ୍ପରିକ କାବ୍ୟ ସମ୍ପର୍କରେ ବିଧିବଦ୍ଧଭାବେ ଗବେଷଣା କରିଥିବା ଲାଉରି ହାନ୍‌କୋଙ୍କ ମତରେ, "Epics are great narratives about exemplars, originally performed by specialised singers as superstories which excel in length, power of expression and significance of content over other narratives and function as a source of identity representations in the traditional community or group receiving the epic" ( Hanko 1998, 28) । ସେହିପରି, ରିଚାର୍ଡ ମାର୍ଟିନ୍ (Richard P. Martin) ପାରମ୍ପରିକ କାବ୍ୟ ସମ୍ପର୍କରେ କହନ୍ତି, "In short, the 'epic' must be taken as total social event including audience interaction, instrumental music, and these framing genres, not just the 'text' we might want to cull from it"(Martin 2005, 16) ।

ନିକଟ ଅତୀତରେ ଲୋକ କାବ୍ୟ ସମ୍ପର୍କରେ ସାମ୍ପ୍ରତିକ ଅନୁଶୀଳନ କରିଛନ୍ତି ଜନ୍ ଫୋଲେ (John Miles Foley) । ପରମ୍ପରାକ୍ରମେ ପରିବେଷଣ ଏବଂ ପରିସ୍ଥିତିରେ କିପରି ନୂତନ ଲୋକ କାବ୍ୟର ବିକାଶ ହୋଇଥାଏ ସେ ସମ୍ପର୍କରେ ସେ ତାଙ୍କର "Analogues: Modern Oral Epics" ପ୍ରବନ୍ଧରେ ବିଶଦ ଭାବରେ ଆଲୋଚନା କରିଛନ୍ତି— "…'new' event is inserted in the identity charter that epic so typically provides a culture. In a real sense, these and other examples show that not only are ''new'' epics possible; to keep pace with a traditional but ever-changing cultural perspective, they must prove necessary" (Foley 2005, 205-6) ।

ଲୋକତତ୍ତ୍ୱବିଦ୍‌ଙ୍କ ଏହି ପରିଭାଷାଗୁଡିକୁ ଆଧାରରେ ଆମେ ଲୋକ କାବ୍ୟକୁ ଏପରି ଭାବରେ ସଂଜ୍ଞା ପ୍ରଦାନ କରିପାରିବା ଯେ—

> ଲୋକ କାବ୍ୟ ଏକ ଲୋକ ଗୋଷ୍ଠୀର ପାରମ୍ପରିକ ଦୀର୍ଘ ଆଖ୍ୟାନ ଯାହା ସମ୍ପୃକ୍ତ ଲୋକ ଗୋଷ୍ଠୀର ସଦସ୍ୟଙ୍କଦ୍ୱାରା ଆଖ୍ୟାୟିତ ତଥା ପରିବେଷିତ ହୋଇଥାଏ । ଏଥିରେ ସମ୍ପୃକ୍ତ ଗୋଷ୍ଠୀର ନାୟକଙ୍କ ବୀରତ୍ୱ, ଶ୍ରେଷ୍ଠତ୍ୱ, ଯୁଦ୍ଧଯାତ୍ରାର ସଫଳତାର କାହାଣୀ ମୌଖିକ ସୂତ୍ରାନୁସରଣରେ ପରିବେଷଣକାରୀଙ୍କଦ୍ୱାରା ବାଦ୍ୟଯନ୍ତ୍ର ବାଦନ ସହିତ ଏକକ ଭାବରେ, ସ୍ଥଳ ବିଶେଷରେ ମିଳିତ ଭାବେ ମଧ୍ୟ ପରିବେଷିତ ହୋଇଥାଏ । ଅନ୍ୟାନ୍ୟ ବାଚିକ ଉପାଦାନ ଭଳି ଏହି କାବ୍ୟ ବା ଦୀର୍ଘ ଆଖ୍ୟାନର ପରିବେଷଣରେ ମଧ୍ୟ ଆଖ୍ୟାନ ଭାଗରେ, ଏବଂ ଉପସ୍ଥାପନା ଶୈଳୀରେ ପରିବର୍ତ୍ତନ, ନୂତନ ସଂଯୋଜନା ଦେଖାଯାଇଥାଏ ।

### ବିଭାଗୀକରଣ

ପାରମ୍ପରିକ କାବ୍ୟ ମୁଖ୍ୟତଃ ଗୋଷ୍ଠୀ ନାୟକର ବୀରତ୍ୱ ଏବଂ ମହିମା ଆଧାରିତ ଆଖ୍ୟାନ । ଏହି ଆଖ୍ୟାନରେ ବୀରତ୍ୱ, ଆଧିଭୌତିକ ଶକ୍ତିର ସାହାଯ୍ୟ, ନାୟକର ପ୍ରେମ-ପ୍ରଣୟ, ଇତିହାସ, ଆଖ୍ୟାନକୁ ପ୍ରତିଷ୍ଠା କରିବା ପାଇଁ ବିଭିନ୍ନ କିମ୍ବଦନ୍ତୀର ସଂଯୋଜନା, ଜାତି ତଥା ସମ୍ପୃକ୍ତ ଲୋକ ଗୋଷ୍ଠୀର କାହାଣୀ ଏଥିରେ ବର୍ଣ୍ଣିତ ହୋଇଥାଏ । ଅତଏବ, ଲୋକଧାରା ଅଧ୍ୟୟନରର ପ୍ରାରମ୍ଭିକ କାଳରୁ ଲୋକ କାବ୍ୟ ସମ୍ପର୍କିତ ଅନେକ ଗବେଷଣା ହୋଇଥିଲେ ମଧ୍ୟ ଏହାକୁ ବିଭିନ୍ନ ବିଭାଗରେ ବିଭାଗୀକରଣ କରିବାକୁ ଅନେକ ତତ୍ତ୍ୱବିଦ୍ ଗୁରୁତ୍ୱ ଦେଇନାହାନ୍ତି କାରଣ, ଏହି ଦୀର୍ଘ ଆଖ୍ୟାନ ମଧ୍ୟରେ ଲୋକ ଗୋଷ୍ଠୀର ସମସ୍ତ ସ୍ୱରୂପ ପ୍ରକାଶିତ ହୋଇଥାଏ । ତେବେ, କେତେକ କ୍ଷେତ୍ରରେ ଲୋକ କାବ୍ୟକୁ ବିଭାଗୀକରଣ କରିବାକୁ ପ୍ରୟାସ କରିଛନ୍ତି ନିଶ୍ଚୟ । ଯେପରି, ଫେଲିକ୍ସ (Felix J. Oinas), ଏହାକୁ 'ଯାଦୁବିଦ୍ୟା ଆଧାରିତ କାବ୍ୟ (Shamanistic epic), 'ବୀରତ୍ୱ ଆଧାରିତ କାବ୍ୟ କିମ୍ବଦନ୍ତୀ (Heroic epic)', 'ପ୍ରଣୟ କାବ୍ୟ (Romantic epic)', ଏବଂ 'ଐତିହାସିକ କାବ୍ୟ (Historic epic)' (Oinas 1972, 101) । ସେହିପରି, ଭାରତର ବିଭିନ୍ନ ଲୋକ ଗୋଷ୍ଠୀରେ ପରିବେଷିତ ହେଉଥିବା ପାରମ୍ପରିକ କାବ୍ୟକୁ ଲୋକତତ୍ତ୍ୱବିଦ୍‌ମାନେ 'ଲୋକ ପୁରାଣ', 'ଜାତି ପୁରାଣ (କାବ୍ୟ)', 'ଜନମ ଖେନା ପୁରାଣ ବା ସୃଷ୍ଟି କାବ୍ୟ', 'ମଙ୍ଗଳ କାବ୍ୟ' ଏବଂ 'ପ୍ରଣୟ କାବ୍ୟ' (ମିଶ୍ର ୨୦୦୭) ଭାବରେ ମଧ୍ୟ ଚିହ୍ନିତ କରନ୍ତି ।

### ବୈଶିଷ୍ଟ୍ୟ

ଲୋକ କାବ୍ୟ ଦୀର୍ଘ, ଏବଂ ସମ୍ପୃକ୍ତ ଲୋକ ଗୋଷ୍ଠୀର ଗୁରୁତ୍ୱପୂର୍ଣ୍ଣ କାହଣୀର ଆଖାନ । ଏହା ଆନୁଷ୍ଠାନିକ ପରିବେଶରେ ପରିବେଷିତ ହେବା ସହିତ ଏହାର ପରିବେଷଣରେ ଉଚ୍ଚାଙ୍ଗ ଆଭିମୁଖ୍ୟ ଏବଂ 'ଆଳଂକାରିକ ଶବ୍ଦାବଳୀ (figures of speech)'ର ପ୍ରୟୋଗ ଦେଖାଯାଏ । କାବ୍ୟ ଆଖ୍ୟାନ ନାୟକ କୈନ୍ଦ୍ରିକ ହେବା ସହିତ ଜାତି, ଦେଶ ତଥା ସମ୍ପୃକ୍ତ ଅଞ୍ଚଳ, ଏବଂ ଧାର୍ମିକ ଗୋଷ୍ଠୀର ସାଂସ୍କୃତିକ ଆଭିମୁଖ୍ୟକୁ ଉପସ୍ଥାପିତ କରିଥାଏ । ଏହାର କାବ୍ୟ ନାୟକ ବିବିଧ ସମସ୍ୟା ତଥା ଯୁଦ୍ଧ, ଏବଂ ଅନୁକୂଳ ପରିସ୍ଥିତି ସହିତ ଲଢେଇକରି ସମ୍ପୃକ୍ତ ଜାତିର ବା ଲୋକ ଗୋଷ୍ଠୀର ସ୍ୱତନ୍ତ୍ରତା ବଜାୟ ରଖିବାରେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । କାବ୍ୟ ନାୟକର ଜୀବନଯାତ୍ରା ତଥା ବୀରତ୍ୱପୂର୍ଣ୍ଣ ଘଟଣାବଳୀସବୁ ବିରାଟ ପରିସରରେ ତଥା ପରିବ୍ୟାପ୍ତ ଭୌଗୋଳିକ କ୍ଷେତ୍ରରେ ଘଟିଥିବା ଘଟଣାସବୁ ବର୍ଣ୍ଣିତ ହେବା ଦେଖିବାକୁ ମିଳେ । ଏହା ସହିତ,ଏହି ଘଟଣାବଳୀକୁ ସୂଦୂର ଅତୀତରେ ଘଟିଥିବା ଭଳି ଉପସ୍ଥାପିତ କରାଯାଇଥାଏ । ପ୍ରାୟ ସମସ୍ତ କାବ୍ୟ ତାହା ମୌଖିକ ହେଉ କିମ୍ବା ଲିଖିତ ଏହାର ନାୟକ ଅସୀମ ବୀରତ୍ୱର ଅଧିକାରୀ ହୋଇଥାଏ, ଏବଂ ଅନେକ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିବା ଦେଖାଯାଏ । କାରଣ, ନାୟକ ସମ୍ପୃକ୍ତ ଲୋକ ଗୋଷ୍ଠୀର ଐକତାକୁ ପ୍ରତିଷ୍ଠା କରିବାରେ ଏହି ବିଶେଷ ଗୁଣାବଳୀ ତଥା ଶକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ । କାବ୍ୟର ନାୟକର ଏହି ଅସମ୍ଭାବ୍ୟ ଘଟଣା, ଏବଂ କାର୍ଯ୍ୟକଳାପରେ ଦୈବୀଶକ୍ତି ତଥା ଆଧିଭୌତିକ ଶକ୍ତିର ସାହାଯ୍ୟ ମିଳିଥାଏ । କାବ୍ୟର ପରିବେଷଣର ପ୍ରାରମ୍ଭରେ ସ୍ତୋତ୍ର ତଥା ପ୍ରାର୍ଥନା ବା ମହିମାଗାନ ଦେଖିବାକୁ ମିଳେ ଯାହା ନାୟକ ତଥା ନାୟକକୁ ସାହାଯ୍ୟ କରିଥିବା ଦୈବୀଶକ୍ତି ଆଉ ଆଧିଭୌତିକ ଶକ୍ତି ପ୍ରତି ସମ୍ପୃକ୍ତ ଲୋକ ଗୋଷ୍ଠୀରେ ମାନସିକ ଭାବରେ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଥାଏ । ଅନେକ ଲୋକ କାବ୍ୟ ପ୍ରାରମ୍ଭ ଘଟଣାବଳୀର ମଝିଅଂଶରୁ ହୋଇଥାଏ, ଏବଂ ଅନ୍ୟ ଘଟଣାଗୁଡିକ 'ପ୍ରଚ୍ଛଦ କାହାଣୀ (flashbacks)' ଭାବରେ ଆଖ୍ୟାୟିତ ହୁଏ । ଆଖ୍ୟାନର ଦୀର୍ଘତା ଯୋଗୁଁ ଏଥିରେ ନାୟକ ଓ ଅନ୍ୟ ଚରିତ୍ର ସମ୍ପର୍କିତ ଅନେକ ଘଟଣାବଳୀ ସ୍ଥାନିତ ହୋଇଥାଏ ତଥା ଅନ୍ୟ ଜାତି ଏବଂ ଗୋଷ୍ଠୀର ସଦସ୍ୟଙ୍କ ସହିତ ମଧ୍ୟ ନାୟକର ସାମାଜିକ ସାଂସ୍କୃତିକ ସଂଘର୍ଷ, ରାଜନୈତିକ ଯୁଦ୍ଧ, ସନ୍ଧି ଆଦି ସ୍ଥାନିତ ହେବା ଦେଖିବାକୁ ମିଳେ । ଆଖ୍ୟାନର ଦୀର୍ଘତା ବଜାୟ ରଖିବା ପାଇଁ ସ୍ଥାନୀୟ 'ପରିବର୍ଦ୍ଧିତ ରୂପକ

(extended similes)' ଯାହା କାବ୍ୟ-ରୂପକ ଭାବରେ ପରିଚିତ ସଂଯୋଜିତ ହୋଇଥାଏ, ତଥା କାହାଣୀ, ପଦ୍ୟ, ଏବଂ ବିଭିନ୍ନ ଘଟଣାବଳୀର ସଂଯୋଜନା କରାଯାଏ ।

ଏହି ପାରମ୍ପରିକ କାବ୍ୟଗୁଡିକ ଦୀର୍ଘତା କାରଣରୁ ଧାରାବାହିକ (episodic) ଭାବରେ କଥିତ ହୋଇଥାଏ । ଲୋକତତ୍ତ୍ୱବିଦ୍ ଓଲରିକ୍ (Axel Olrik) ପାରମ୍ପରିକ କାବ୍ୟର ବାରଟି ବିଭିନ୍ନ ଦିଗ ସମ୍ପର୍କରେ ଉଲ୍ଲେଖ କରନ୍ତି ଯେପରି— ୧) ପ୍ରାରମ୍ଭ ଏବଂ ପରିସମାପ୍ତିଗତ ସ୍ୱତନ୍ତ୍ର ଆଖ୍ୟାନଶୈଳୀ (Law of Opening and Closing Scenes), ୨) ପୁନରାବୃତ୍ତିତା (Law of Repetition), ୩) ତିନିସ୍ତରୀୟ ବିଷୟ ବର୍ଣ୍ଣନା (Law of Three), ୪) ଏକକାଳୀନ ଦୁଇଟି ଘଟଣାର ବର୍ଣ୍ଣନା (Law of Two to a Scene), ୫) ଭଲ ମନ୍ଦ, ବିଜୟ ପରାଜୟ, ସୁନ୍ଦର ଅସୁନ୍ଦର ଭଳି ପରସ୍ପର ବିରୋଧି ବର୍ଣ୍ଣନା (Law of Contrast), ୬) ଦ୍ୱୈତ-ଭୂମିକା (Law of Twins) ଅର୍ଥାତ୍ ଏକକାଳୀନ ଦୁଇଟି ଚରିତ୍ରର ସମାନ ଭୂମିକା, ୭) ପରିଶେଷରେ ନାୟକର ମହତ୍ତ୍ୱ ପ୍ରତିପାଦନ (Law of the Importance of Final Position), ୮) ସିଧାସଳଖ ଆଖ୍ୟାନ (Law of the Single Strand) ଅର୍ଥାତ୍ ପ୍ରଚ୍ଛଦ ବର୍ଣ୍ଣନା କିମ୍ବା ବହୁବିଧ ବ୍ୟାପକ-ବର୍ଣ୍ଣନାର ଅଭାବ (No extraneous details, No flashback), ୯) ବର୍ଣ୍ଣନାରେ ମୁଖ୍ୟ ଚରିତ୍ରର ପ୍ରତିଷ୍ଠାପନ ପ୍ରତି ଗୁରୁତ୍ତ୍ୱପ୍ରଦାନ (Law of Use of Tableaux Scenes), ୧୦) ଅଲୌକିକ କାର୍ଯ୍ୟ (Law of Logic of the Sage), ୧୧) ବହୁ ଆଖ୍ୟାନ ତଥା ବିଷୟବସ୍ତୁର ଶୃଙ୍ଖଳିତ ସମ୍ପର୍କ (Law of Unity of Plot), ଏବଂ, ୧୨) ନାୟକ କୈନ୍ଦ୍ରିକ ଆଖ୍ୟାନ (Law of the Concentration on a Leading Character) (Olrik 1992, 42-61) । ସେହିପରି, ଗ୍ରୀକ୍ ଆଲୋଚକମାନେ ମଧ୍ୟ ସ୍ଥାନୀୟ କାବ୍ୟଗୁଡିକର ଅନୁଶୀଳନକରି ଏହାର ସଂରଚନାଗତ ଆଧାରର ପାଞ୍ଚଟି ଦିଗ ସମ୍ପର୍କରେ କହନ୍ତି— ୧. ପ୍ରସ୍ତାବନା (extended similes)' ଅର୍ଥାତ୍ କୌଣସି ଏକ ପ୍ରଶ୍ନ, କାରଣ, ପରିସ୍ଥିତି ପ୍ରସଙ୍ଗରେ ଏହାର ପରିବେଷଣ ପ୍ରସ୍ତୁତି ହୋଇଥାଏ, ୨. ପ୍ରାର୍ଥନା ବା ନାୟକର ମହିମା ପ୍ରଖ୍ୟାପନ (Invocation), ୩. ଆକସ୍ମିକ ଆଖ୍ୟାନ ଉପସ୍ଥାପନା (In medias res) ଅର୍ଥାତ୍ କାହାଣୀର ମୂଳରୁ ପ୍ରାରମ୍ଭିକ ଉପସ୍ଥାପନା ନହୋଇ ମଝି ଅଂଶରୁ ପରିବେଷିତ ହୋଇଥାଏ, ୪. ବହୁବିଧ-ଘଟଣାର ବ୍ୟାଖ୍ୟାନ (Enumeratio), ଏବଂ ୫. ବାକ୍ୟାଂଶର ପୁନଃପୌନିକ ଉପସ୍ଥାପନା (Epithet) (Harmon, and Holman 1999, 161) ।

ଆଖ୍ୟାନର ଉପରୋକ୍ତ ଆୟାମ ବ୍ୟତୀତ ଏହାର ପରିପ୍ରକାଶଗତ ନମନୀୟତା, ଅର୍ଥାତ୍ ବେଳେବେଳେ ଦୀର୍ଘ ବାକ୍ୟର ଉପସ୍ଥାପନା ହେଲାବେଳେ ବେଳବେଳେ ସଂକ୍ଷିପ୍ତ ବାକ୍ୟ ସେହିପରି, ସମ୍ପୃକ୍ତ ଗୋଷ୍ଠୀରେ ପ୍ରଚଳିତ କାହାଣୀ, ଗୀତ, ପ୍ରବାଦ-ପ୍ରବଚନର ସଂଯୋଜନା ମଧ୍ୟ କେତେକ ପାରମ୍ପରିକ କାବ୍ୟର ପରିବେଷଣରେ ଦେଖାଯାଏ । ସେହିପରି, କେତେକ ସ୍ଥଳରେ ଦେଖାଯାଏ ଯେ ବେଳେବେଳେ କୌଣସି ଏକ ଅଞ୍ଚଳର ଏକ ଗାଥା ବା ଗୀତ ଅନ୍ୟ ଏକ ଭୌଗୋଳିକ ପରିବେଶରେ କାବ୍ୟ ଭାବରେ ମଧ୍ୟ ପରିବେଷିତ ହୋଇଥାଏ— "Dhola-Maru tradition, sung in communities a few hundred miles apart, qualifies as ''epic'' in one but not the other" (Martin 2005, 17) । ଅନୁରୂପ ଭାବରେ, ବିଶ୍ୱର ବିଭିନ୍ନ ଦେଶରେ କାବ୍ୟ ସାଧାରଣତଃ ପୁରୁଷମାନଙ୍କଦ୍ୱାରା ପରିବେଷିତ ହେଉଥିଲାବେଳେ ଭାରତର ବିଭିନ୍ନ ଲୋକ ଗୋଷ୍ଠୀରେ ଏହା ନାରୀମାନଙ୍କଦ୍ୱାରା ମଧ୍ୟ ପରିବେଷିତ । ଭାରତୀୟ ଲୋକ କାବ୍ୟର ପରିବେଷଣରେ କେତେକ ସ୍ଥଳରେ ନୃତ୍ୟ ମଧ୍ୟ ପରିବେଷିତ ହୋଇଥାଏ । ଏହିସବୁ ଆୟାମକୁ ଆଧାରକରି ଆମେ ଏଠାରେ କାବ୍ୟର କିଛି ବୈଶିଷ୍ଟ୍ୟକୁ ଆମର ଅବଧାରଣା ପାଇଁ ସଂକ୍ଷେପରେ ଏପରି ଉଲ୍ଲେଖ କରିପାରିବା—

୧. ଲୋକ କାବ୍ୟ ଏକ ଦୀର୍ଘ ପଦ୍ୟାତ୍ମକ ଆଖ୍ୟାନ । ଏଥିରେ ସମ୍ପୃକ୍ତ ଜାତି ତଥା ଗୋଷ୍ଠୀର ଜନ୍ମ, ବଂଶ ପରମ୍ପରା, ଗୌରବଜ୍ୱଳ କାହାଣୀର ବର୍ଣ୍ଣନା ଦେଖିବାକୁମିଳେ ।

୨. ଅନ୍ୟାନ୍ୟ ଲୋକ ଉପାଦାନ ପରି ଏହା ମଧ୍ୟ କେତେବେଳେ କିଏ ସୃଷ୍ଟିକରେ ସେ ସମ୍ପର୍କରେ ଠିକ୍ ଭାବରେ କିଛି କୁହାଯାଇନପାରେ ।

୩. ଏହି ଆଖ୍ୟାନକୁ ମିଥ୍ ଭଳି ଏକ ପବିତ୍ର ପରମ୍ପରା ଭାବରେ ଗ୍ରହଣ କରାଯାଇନଥାଏ । ତେବେ, ଏହା ଅନେକ ସମୟରେ ସମ୍ପୃକ୍ତ ଗୋଷ୍ଠୀର ବିବାହ, ପର୍ବପର୍ବଣି, ସାମାଜିକ ରୀତିନୀତି ଆଦିର ପାଳନ ସମୟରେ ପରିବେଷିତ ହେବା ଦେଖାଯାଏ ।

୪. ଏହାର ପରିବେଷଣରେ ବାଦ୍ୟଯନ୍ତ୍ର ବ୍ୟବହୃତ ହେବା ଦେଖିବାକୁ ମିଳେ । ଏହି ବାଦ୍ୟଯନ୍ତ୍ର ସମ୍ପୃକ୍ତ ଲୋକ ଗୋଷ୍ଠୀର ସଦସ୍ୟମାନେ ହିଁ ପ୍ରସ୍ତୁତ କରିଥାନ୍ତି । ଏବଂ, ଏହାର ପରିବେଷଣ ସହିତ ଅନେକ କ୍ଷେତ୍ରରେ ନୃତ୍ୟ ମଧ୍ୟ ସମ୍ପୃକ୍ତ ।

୫. ଦୀର୍ଘତା କାରଣରୁ ଏହାର 'ଏକକ ପରିବେଷଣ' ପ୍ରାୟତଃ ସମ୍ଭବ ହୋଇନଥାଏ । ଅତଏବ, କେତେକ କ୍ଷେତ୍ରରେ ଏହାର ଆଂଶିକ ପରିବେଷଣ କରାଯାଏ । ଏବଂ, ଆବଶ୍ୟକ ମନେକଲେ ଏହାକୁ ଧାରାବାହିକ ଭାବରେ ଦୁଇତିନି ଦିନ ଏପରିକି ସାତଦିନ ଯାଏଁ ମଧ୍ୟ ପରିବେଷଣ କରାଯାଇଥାଏ ।

୬. ଏହାର ବିଶେଷ ପରିବେଷଣକାରୀ ଥାଆନ୍ତି । ଏହାର ଦୀର୍ଘତା, ଏବଂ ଗୀତାତ୍ମକ ପରିବେଷଣ ଯୋଗୁଁ ଅନ୍ୟମାନେ ଏହାର କାହାଣୀ ଭାଗ ସମ୍ପର୍କରେ ଅବଗତ ଥିଲେ ମଧ୍ୟ ସେମାନଙ୍କ କ୍ଷେତ୍ରରେ ଏହାକୁ ପରିବେଷଣ କରିବା ସମ୍ଭବ ହୋଇନଥାଏ ।

୭. ଏହାର ପରିବେଷଣରେ ସମ୍ପୃକ୍ତ ଗୋଷ୍ଠୀ ସେମାନଙ୍କର ଅତୀତର ଗୌରବମୟ ଇତିହାସ ସମ୍ପର୍କରେ ଅବଗତ ହେବାର ଅବସର ପାଇଥାଆନ୍ତି ।

୮. ସେହିପରି, ଏହା ନୂତନ ପିଢି ପାଖରେ ପ୍ରଜାତିକ ତଥା ଗୋଷ୍ଠୀ ଇତିହାସ ଏବଂ ଐତିହ୍ୟ ପରିବେଷଣ କରିବା ସହିତ ସେମାନଙ୍କ ଭିତରେ ଏକ ପରମ୍ପରାବୋଧ ସୃଷ୍ଟି କରିବାରେ ସହାୟକ ହୋଇଥାଏ ।

୯. ପରିବେଶ, ପରିସ୍ଥିତିରେ ସମୟକ୍ରମେ ଏହାର ଆଖ୍ୟାନରେ ନୂତନ ସଂଯୋଜନା ଦେଖିବାକୁ ମିଳେ । ଏହି ସଂଯୋଜନା କେତେବେଳେ ମୂଳ କାହାଣୀର ପରିସର ଭିତରେ ହୋଇଥାଏ ତ କେତେବେଳେ ସମ୍ପୂର୍ଣ୍ଣ ନୂତନ ବିକାଶ ଭାବରେ ମଧ୍ୟ ଦେଖିବାକୁ ମିଳେ ।

### ୨.୧.୨.୪ ଗାଥା

ଲୋକ ଗାଥାଗୁଡିକ ସାଧାରଣତଃ ପଦ୍ୟାତ୍ମକ ତଥା ଗୀତ ଭାବରେ ପ୍ରକାଶିତ ହୋଇଥାଏ । ଆଖ୍ୟାନଗତ ଆକାର କାବ୍ୟ ଭଳି ଦୀର୍ଘ ହୋଇନଥିବାରୁ ଏହାର ପରିବେଷଣରେ ବହୁ ଘଟଣାତଥା ନିର୍ଦ୍ଦିଷ୍ଟ ବର୍ଣ୍ଣିତ ଘଟଣା ବହୁମୁଖି ଚିତ୍ର ସଂଯୋଜିତ ହୋଇନଥାଏ ବରଂ, ଏକକ ଘଟଣାକୁ ଆଧାରକରି ଏହା ଆଖ୍ୟାୟିତ ହୋଇଥାଏ । ପ୍ରାରମ୍ଭିକକାଳରେ ଗାଥା ପରିବେଷଣ ସହ ନୃତ୍ୟ ମଧ୍ୟ ଜଡିତ ଥିଲାବୋଲି ଲୋକତତ୍ତ୍ୱବିଦ୍‌ମାନେ କହନ୍ତି । ସମ୍ପ୍ରତି ଏହା ଜଣେ ପରିବେଷଣକାରୀଙ୍କ ଦ୍ୱାରା ବେଳେବେଳେ ପରିବେଷିତ ହେଉଥିବାବେଳେ କେତେକ କ୍ଷେତ୍ରରେ ଦଳଗତ ବା ଏକାଧିକ ପରିବେଷଣକାରୀଙ୍କ ଦ୍ୱାରା ପରିବେଷିତ ହୋଇଥାଏ । ଲୋକ ଗୋଷ୍ଠୀର ତଥା ବିଭିନ୍ନ ଘଟଣାବଳୀର ମହିମା ପ୍ରଖ୍ୟାପକ କଥାନି ଗୀତ ଆକାରରେ ପରିବେଷଣ କରାଯାଇଥାଏ ।

## ଅବଧାରଣା ଏବଂ ସଂଜ୍ଞା

ଗାଥାର ପରିବେଷଣ ଶୈଳୀର କେତୋଟି ଆୟାମ ସମ୍ପର୍କରେ ଲୋକତତ୍ତ୍ୱବିଦ୍ ଗୋମେ ଉଲ୍ଲେଖ କରନ୍ତି ସେଗୁଡିକ ହେଲା— ପ୍ରସଙ୍ଗ ଆନୟନ (split situation), ନାଟକୀୟତା (exigencies of dramatic reproduction), ପୁନରାବୃତ୍ତି (Repetition), ଧ୍ରୁବପଦ (Refrain), ଏବଂ କ୍ରମବର୍ଦ୍ଧିଷ୍ଣୁ ପୁନରାବୃତ୍ତି (Incremental Repetation) ଯାହା ଆଖ୍ୟାନ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ (Gummere 1907, 71)। ଗାଥା ଆଖ୍ୟାନର ଏହି ପୁନରାବୃତ୍ତି ପ୍ରକ୍ରିୟା ଭିତରେ ଲୋକଧାରାର ଅନ୍ୟ ଉପାଦାନ ଭଳି ଏଥିରେ ମଧ୍ୟ ନୂତନ ସଂଯୋଜନା ଦେଖାଯାଇଥାଏ । ତେବେ, ଏହି ନୂତନ ସଂଯୋଜନା ମୂଳ କାହାଣୀଧାରାରେ କୌଣସି ବ୍ୟତିକ୍ରମ ଆଣିନଥାଏ ଯଦିଓ କେତେକ କ୍ଷେତ୍ରରେ 'ପ୍ରକାରାନ୍ତର ରୂପ' ସୃଷ୍ଟି କରିଥାଏ । ସେହିପରି, କେତେକ ସ୍ଥଳରେ ଲୋକ ଗୋଷ୍ଠୀର ଆବଶ୍ୟକତା ଦୃଷ୍ଟିରୁ ନୂତନ ଗାଥାର ବିକାଶ ହେବା ମଧ୍ୟ ଦେଖିବାକୁ ମିଳେ ।

ଗାଥା ସମ୍ପର୍କରେ ବିଭିନ୍ନ ଲୋକତତ୍ତ୍ୱବିଦ୍‌ଙ୍କ ସଂଜ୍ଞାକୁ ଏଠାରେ ବିଷୟଗତ ଅବଧାରଣା ପାଇଁ ଉଲ୍ଲେଖ କରାଯାଇପାରେ—

"…ballad is a poem meant for singing, quite impersonal in manner, narrative in material, probably connected in its origins with communal dance, but submitted to a process of oral tradition among people who are free from literary influences… (Gummere 1907, 2)

ବାଚିକ ପରମ୍ପରା ସମ୍ପର୍କରେ ଗଭୀର ଏବଂ ତାତ୍ତ୍ୱିକ ଅନୁଶୀଳନ କରିଥିବା ଫିନେଗାନ୍ କହନ୍ତି, "Ballad is generally… a narrative poem, shorter than the epic, and with a concentration on a single episode rather than a series of heroic acts" (Finnegan 1979, 10) । ସେହିପରି, ରିଚ୍‌ମଣ୍ଡ୍ ମଧ୍ୟ ଗାଥାକୁ ପରିଭାଷିତ କରନ୍ତି— "Ballad is usually anonymous, it concentrates on a single episode,… it is dramatic in its narrative structure, and it is impersonal (objective) in its telling. …In addition, a repetition of words, phrases, and stanzas is common, not only in individual ballads but also in the genre as a whole" (Richmond 1989, 24)।

ଲୋକ ଗାଥାର ଆଲୋଚନା ପ୍ରସଙ୍ଗରେ ଲୋକତତ୍ତ୍ୱବିଦ୍ ରେନିକ୍ (Roger de V. Renwick)ଙ୍କ, ପରିଭାଷା ମଧ୍ୟ ଦ୍ରଷ୍ଟବ୍ୟ— "A song composed in stanzas sung to a repeating tune that recounts a short, usually single episodic, tale of complication, climax, and resolution. Since it tells a story, the ballad exhibits certain traits common to other narrative forms of folklore like epic song and fairy tale: It concentrates on the leading character, features two interacting protagonists to a scene (seldom more than three actors in the whole drama), and is a solo performance piece, though it may have a refrain or a chorus for group participation" (Renwick 1996, 108) ।

ଲୋକତତ୍ତ୍ୱବିଦ୍ ଜର୍ଜ କ୍ୟାଟରିଜ୍ ଗାଥା ସମ୍ପର୍କରେ କହନ୍ତି "A ballad is a song that tells a story, or — to take the other point of view —a story told in song. More formally, it may be defined as a short narrative poem, adapted for singing, simple in plot and metrical structure, divided into stanzas, and characterized by complete impersonality so far as the author or singer is concerned. ...Unlike other songs, it does not purport to give utterance to the feelings or the mood of the singer. The first-person does not occur at all, except in the speeches of the several characters. Finally, there are no comments or reflections by the narrator. …He does not take sides for or against any of the dramatis personae" (Kittredge 1904, xi) । ସେହିପରି, ଜେମସ୍ ମୋରେରା (James Moreira) ମଧ୍ୟ ଗାଥାକୁ

"Ballad is narrative song that is characterized chiefly by concentration on a single episode, dramatic development through dialogue and action, and objective tone, and that is structurally rooted in repetitive verbal patterns and tight, balancing scenes" (Moreira 2011, 191) ଭାବରେ ପରିଭାଷିତ କରନ୍ତି ।

ଲୋକ ଗାଥା ସମ୍ପର୍କିତ ଏହିସବୁ ଅବଧାରଣାକୁ ଆଧାରକରି ଆମେ ଏହାକୁ ଏପରି ଭାବରେ ପରିଭାଷିତ କରିପାରିବା ଯେ—

> ଲୋକ ଗାଥା ହେଉଛି ଏକ ପାରମ୍ପରିକ ଏକକାଳୀନ ବାଚିକ ପରିବେଷଣ, ଯାହାର ଆଖ୍ୟାନରେ ସମ୍ପୃକ୍ତ ଗୋଷ୍ଠୀର ବିଭିନ୍ନ ଜାତି, ବଂଶ, ଅଞ୍ଚଳ, କୁଳଦେବତା, ଗ୍ରାମ, ପ୍ରଜାତିକ, ସ୍ଥାନୀୟ ଦେବଦେବୀ, ଏବଂ ଐତିହାସିକ ଘଟଣାବଳୀ, କିମ୍ବଦନ୍ତୀ ମଧ୍ୟ ପ୍ରକାଶିତ ହୋଇଥାଏ, ତଥା ଆଖ୍ୟାନ ପରିବେଷଣରେ ବିଭିନ୍ନ ବାକ୍ୟାଂଶ ଏବଂ ଧ୍ରୁବପଦର ବାରମ୍ବାର ପୁନରାବୃତ୍ତି ଦେଖିବାକୁ ମିଳେ ।

**ବିଭାଗୀକରଣ**

ଗାଥାକୁ ଲୋକତତ୍ତ୍ୱବିଦ୍‌ମାନେ ବିଭିନ୍ନ ଭାବରେ ବିଭାଗୀକରଣ କରିଛନ୍ତି । ଲୋକଧାରା ଅଧ୍ୟୟନର ପ୍ରାରମ୍ଭିକ କାଳରେ ଫ୍ରାନସିସ୍ (Francis James Child), ଇଂଲଣ୍ଡ ଏବଂ ସ୍କଟଲାଣ୍ଡର ବହୁଗାଥା ସଂଗ୍ରହ କରି ସେସବୁର ଅଧ୍ୟୟନ କରିଥିଲେ, ସେଗୁଡିକୁ— ୧. 'ଯାଦୁବିଦ୍ୟା ତଥା ଆଧିଭୌତିକ (Magical and Marvelous Balld)', ୨. 'ରୋମାଣ୍ଟିକ୍ ଏବଂ କରୁଣ (Romantic and Tragic Ballad)', ୩. 'ଐତିହାସିକ ଏବଂ କିମ୍ବଦନ୍ତୀମୂଳକ (Historical and Legendary Ballad)', ଏବଂ ୪. 'ହାସ୍ୟ ରସାତ୍ମକ ଗାଥା (Humorous Ballad)' ଭାବରେ ଚାରି ଭାଗରେ ବିଭକ୍ତ କରିଛନ୍ତି (Renwick 1996, 113) । ଗୋମେ ଏହାକୁ ୧. 'ପ୍ରାଚୀନ ଗାଥା (The Oldest Group)', ୨. 'ବଂଶାବଳୀ ଗାଥା (Ballads of Kinship)', ୩. 'ଅଲୌକିକ ଗାଥା (Ballads of Supernatural)', ୩. 'କିମ୍ବଦନ୍ତୀମୂଳକ ଗାଥା (Legendary Ballads)', ୪. 'ସୀମାନ୍ତ ଗାଥା (The Border Ballads)', ଏବଂ ୫. 'ଆରଣ୍ୟକ ଗାଥା (The Green Wood Ballads)' ଭାବରେ ବିଭକ୍ତ କରିଛନ୍ତି (Gummere 1907, 135) ।

ଗୋମେଙ୍କ ପରବର୍ତ୍ତୀ ଗାଥା ଆଲୋଚକ ଭାବରେ ମାଲକମ୍ ଆମେରିକାର କିଛି ଲୋକ ଗାଥା ସଂଗ୍ରହକରି ତାହାକୁ ୧. 'ଯୁଦ୍ଧଗାଥା (Ballads of war)', ୨. 'ସମୁଦ୍ର ଓ ସାମୁଦ୍ରିକଯାତ୍ରୀ ଗାଥା (Ballads of sailors and the sea)', ଏବଂ ୩. 'ଅପରାଧ ଓ ଅପରାଧୀ ସମ୍ପର୍କିତ ଗାଥା (Ballads of crime and criminals)' ଭାବରେ ବିଭକ୍ତ କରିଥିଲେ (Laws 1957, 15) ।

ଲୋକତତ୍ତ୍ୱବିଦମାନଙ୍କ ଏହି ବିଭାଗୀକରଣକୁ ଆଧାରକରି ଲୋକ ଗାଥାଗୁଡିକୁ ଆମେ ୧. ବଂଶାବଳୀ ତଥା ପ୍ରଜାତିକ ଗାଥା, ୨. ଧର୍ମୀୟ ତଥା ଦେବାଦେବୀ ସମ୍ପର୍କିତ ଗାଥା, ୩. ଐତିହାସିକ ଏବଂ କିମ୍ବଦନ୍ତୀମୂଳକ ଗାଥା, ୪.ପ୍ରେମ, ବୀରତ୍ୱ ଏବଂ ସାଧାରଣ ଜୀବନଧାରାର ଗାଥା, ୫. ସୀମାନ୍ତ ଜୀବନଧାରାର ଗାଥା, ଏବଂ ୬. ଆରଣ୍ୟକ, ସାମୁଦ୍ରିକ ତଥା ଅନ୍ୟାନ୍ୟ କର୍ମଆଧାରିତ ଗାଥା ଭାବରେ ବିଭକ୍ତ କରିପାରିବା ।

**ବୈଶିଷ୍ଟ୍ୟ**

ଲୋକ ଗୀତ ଭଳି ଲୋକ ଗାଥା ମଧ୍ୟ ଏକ ଗୋଷ୍ଠୀରେ ପ୍ରଚଳିତ ପଦ୍ୟାତ୍ମକ ଆଖ୍ୟାନ । ଏଥିରେ ନିକଟ ଅତୀତର ଘଟଣାବଳୀ, କଥାପ୍ରସଙ୍ଗ, ସମ୍ପୃକ୍ତ ଲୋକ ଗୋଷ୍ଠୀର ଚିନ୍ତାଧାରା ତଥା ବିଭିନ୍ନ ଅବଧାରଣା ପ୍ରକାଶିତ ହୋଇଥାଏ । ଏହାର ଦୀର୍ଘ ପଦ୍ୟାତ୍ମକ ଆଖ୍ୟାନ ହୋଇଥିଲେ ମଧ୍ୟ ସାଧାରଣତଃ କିମ୍ବଦନ୍ତୀ ଭଳି ଏକକାଳୀନ ପରିବେଷଣ କରାଯାଇପାରେ ।

ତେବେ, ଲୋକଧାରାର ଅନ୍ୟାନ୍ୟ ଉପାଦାନ ଭଳି ଏକ ପରିବେଷଣରେ କୌଣସି କାରଣରୁ ବ୍ୟାଘାତ ଆସିଲେ ପରବର୍ତ୍ତୀ ସମୟରେ ତାହା ଯେ ଆଉଥରେ ପରିବେଷିତ ହୋଇନପାରେ ଏହା କୁହାଯାଇନପାରେ । ଏବଂ, ସାଧାରଣତଃ ଗାଥାଗୁଡିକର ପରିବେଷଣ ମଧ୍ୟ ଅନେକ ଲୋକ ଗୀତ ଭଳି ନୃତ୍ୟ ସହିତ ସମ୍ପୃକ୍ତ ଥାଏ । ଗାଥାର ଆଖ୍ୟାନରେ ଛନ୍ଦ ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ପାଦରେ ଅକ୍ଷର ସଂଖ୍ୟାର ଅସମତା ଥିଲେ ମଧ୍ୟ ପରିବେଷଣକାରୀଙ୍କ ଉପସ୍ଥାପନା ଓ ଆଖ୍ୟାନର ପ୍ରବାହ ଭିତରେ ଏହା ଶ୍ରୁତି ମଧୁର ହୋଇଥାଏ । ଆମର ସହଜ ଅବଧାରଣା ପାଇଁ ଆମେ ଏଠାରେ ଗାଥାର କେତୋଟି ବୈଶିଷ୍ଟ୍ୟକୁ ସଂକ୍ଷେପରେ ଏପରି ଭାବରେ ଉଲ୍ଲେଖ କରିପାରିବା—

୧. ଗାଥା ସମ୍ପୃକ୍ତ ଲୋକ ଗୋଷ୍ଠୀରେ ପ୍ରଚଳିତ ଏକ ଏକ ଦୀର୍ଘ ଗୀତ ।

୨. ଏହାର ଆବୃତ୍ତି ସମୟରେ ସ୍ଥଳ ବିଶେଷରେ ପାରମ୍ପରିକ ବାଦ୍ୟ ବାଦନ ମଧ୍ୟ କରାଯାଇଥାଏ ।

୩. ଗାଥାଗୁଡିକର ଆଖ୍ୟାନ ଆପାତତଃ ଦୀର୍ଘ ହୋଇଥିବାରୁ ଏଥିରେ ବେଳେବେଳେ ବିଭିନ୍ନ ଘଟଣାବଳୀର ବିଶଦ ବର୍ଣ୍ଣନା ଦେଖିବାକୁ ମିଳେ ।

୪. ଅନେକ ଗାଥାର ସ୍ୱତନ୍ତ୍ର ପରିବେଷଣକାରୀ ଥାଆନ୍ତି । ଲୋକ ଗୀତ ଯେପରି ସାମୁହିକ ଭାବରେ ପରିବେଷିତ ହୋଇଥାଏ ସେହିପରି, ଗାଥାର ସାମୁହିକ ପରିବେଷଣ ନୁହେଁ, ବରଂ ଏହାର ଏକକ ପରିବେଷଣ ହିଁ ହୋଇଥାଏ । ତେବେ, ମଝିରେ ମଝିରେ ମିଳିତ ପରିବେଷଣ (କୋରସ୍) ମଧ୍ୟ ଦେଖାଯାଏ ।

୫. ବେଳେବେଳେ କିଛି ପ୍ରଜାତିକ ଗାଥାର ପରିବେଷଣକୁ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟଙ୍କଦ୍ୱାରା ଅନ୍ୟ ଲୋକ ଗୋଷ୍ଠୀର ସଦସ୍ୟଙ୍କ ପାଖରେ ଉପେକ୍ଷା କରାଯାଇଥାଏ ।

୬. ଗାଥାଗୁଡିକରେ ମଧ୍ୟ ଲୋକ ଗୀତ, କଥାନି ଭଳି ପରିବେଶ, ଏବଂ ପରିସ୍ଥିତିକ୍ରମେ କୌଣସି ବିଶେଷ ପରିବର୍ତ୍ତନ ହୋଇଥାଏ, ଏବଂ କିଛି ବିଶେଷ ପ୍ରସଙ୍ଗରେ ନୂତନ ଗାଥାର ବିକାଶ ମଧ୍ୟ ହୋଇଥାଏ ।

୭. ଗାଥାଗୁଡିକ ସହିତ ସମ୍ପୃକ୍ତ ଲୋକ ଗୋଷ୍ଠୀର ସାମାଜିକ ସାଂସ୍କୃତିକ ପରିଚିତ ଜଡିତ ଥାଏ । ଅତଏବ, ଅନେକ ସମୟରେ ଏହା ସମ୍ପୃକ୍ତ ଗୋଷ୍ଠୀମାନଙ୍କରେ ବିଭିନ୍ନ ସାମାଜିକ ସାଂସ୍କୃତିକ ଆବଶ୍ୟକତାର ପୂରଣକାରୀ ଭାବରେ ପରିଗଣିତ ହୋଇଥାଏ ।

### ୨.୧.୨.୫ ଲୋକ ଗୀତ

ବିଭିନ୍ନ ପର୍ବପର୍ବାଣି, ଯାତ୍ରା ଉତ୍ସବ, ତଥା ବିବାହ ଭଳି ସାମାଜିକ ଅନୁଷ୍ଠାନ ଏବଂ ମନୋରଞ୍ଜନ ପାଇଁ ମଧ୍ୟ ପ୍ରତ୍ୟେକ ଲୋକ ଗୋଷ୍ଠୀରେ ପାରମ୍ପରିକ ଭାବରେ ଅନେକ ଗୀତର ପରିବେଷଣ ଦେଖାଯାଏ । ଏହାର ପରିବେଷଣ ସହିତ ଅନେକ ସମୟରେ ନୃତ୍ୟ ଜଡିତ ଥାଏ । ସେହିପରି, କେତେକ ପାରମ୍ପରିକ କ୍ରୀଡା ପରିବେଷଣରେ ମଧ୍ୟ ବିଭିନ୍ନ ଲୋକ ଗୀତର ସଂଯୋଜନା ଦେଖିବାକୁ ମିଳେ । ଏଗୁଡିକ ସମ୍ପୃକ୍ତ ସମାଜର ବିଭିନ୍ନ ସାମାଜିକ ସମ୍ପର୍କର ସ୍ୱରୂପକୁ ପ୍ରକାଶ କରିବା ସହିତ ସାଂସ୍କୃତିକ ଆଖ୍ୟାନକୁ ମଧ୍ୟ ପ୍ରକାଶ କରିଥାଏ । ଲୋକ ଗୀତଗୁଡିକ ବେଳେବେଳେ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁକୁ ଧାରାବାହିକ ଭାବରେ ଆଖ୍ୟାୟିତ କରିବାବେଳେ ପ୍ରାୟତଃ ଏକ ଦୁଇ ପଦ ଭିତରେ ସମାପ୍ତ ହେବା ସହ ନୂତନ ଆଖ୍ୟାନକୁ ପ୍ରକାଶ କରିଥାଏ । ଅନ୍ୟାନ୍ୟ ବାଚିକ ଉପାଦାନ ଭଳି ଲୋକ ଗୀତ ମଧ୍ୟ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟମାନଙ୍କ ମଧ୍ୟରେ ପାରମ୍ପରିକ ରୂପରେ ତଥା ମୌଖିକ ଭାବରେ ଗୋଟିଏ ପିଢିରୁ ଆଉ ଗୋଟିଏ ପିଢିକୁ, ବେଳେବେଳେ ଗୋଟିଏ ଲୋକ ଗୋଷ୍ଠୀରୁ ଆଉ ଗୋଟିଏ ଗୋଷ୍ଠୀକୁ ସଂପ୍ରସାରିତ ହୋଇଥାଏ । ଏହି ସମ୍ପ୍ରସାରଣ ଭିତରେ ସମୟକ୍ରମେ ପରିବେଶ ଓ ପରିସ୍ଥିତି ଦୃଷ୍ଟିରୁ ନୂତନ ସଂଯୋଜନା ହେବା ସହିତ କିଛି ଉପାଦାନର ବିଲୋପନ ହେବା ମଧ୍ୟ ଦେଖାଯାଇଥାଏ ।

**ଅବଧାରଣା ଏବଂ ସଂଜ୍ଞା**

ଅନ୍ୟାନ୍ୟ ବାଚିକ ଉପାଦାନ ଭଳି ଲୋକଧାରା ଅଧ୍ୟୟନର ପ୍ରାରମ୍ଭିକକାଳରୁ ଲୋକତତ୍ତ୍ୱବିଦ୍‌ଙ୍କଦ୍ୱାରା ଲୋକ ଗୀତର ମଧ୍ୟ ଅନୁଶୀଳନ ହେଉଛି ଗୀତର ଲୋକ ଗୀତ ସମ୍ପର୍କିତ ବିଭିନ୍ନ ତତ୍ତ୍ୱବିଦ୍‌ଙ୍କ ସଂଜ୍ଞାକୁ ଏଠାରେ ଅବଧାରଣା ପାଇଁ ଉଲ୍ଲେଖ କରାଯାଇପାରେ—

ଲୋକତତ୍ତ୍ୱବିଦ୍ ବ୍ରୁନ୍‌ବାନ୍ଦ୍ ଲୋକ ଗୀତ ସମ୍ପର୍କରେ କହନ୍ତି, "…folksong consist of words of words and music that circulate orally in traditional variants among the members of particular group. Like other kind of oral traditions, folksongs have come from various, have appeared in various media, and have sometimes been lifted out of folk circulation for various professional or artistic uses. But all of those which qualify as true folksongs have variants found in oral transmission" (Brunvand 1978, 153) ।

ଇଂଲିଶ୍ ଲୋକଧାରା ଶବ୍ଦକୋଷ (*A Dictionary of English Folklore*)ରେ ସିମ୍ପସନ୍, ଓ ଷ୍ଟିଭ୍ ଏହାକୁ "Folk songs is the product of a musical tradition that has been evolved through the process of oral transmission. The factors that shape the tradition are: (i) continuity that links the present with the past; (ii) variation which springs from the creative impulse of the individual or the group; and (iii) selection by the community which determines the form or forms in which the music survives" (Simpson 2000, 334) ଭାବରେ ପରିଭାଷିତ କରନ୍ତି । ଅନୁରୂପ ଭାବରେ, ମୁଲେର ଏବଂ ଅନ୍ୟ ଲୋକତତ୍ତ୍ୱବିଦ୍‌ମାନେ ଲୋକ ଗୀତକୁ "…folk song is referred to as a song that is sung by the common people of a region or culture reflecting the people's attitude and life. Such songs were typically performed during work and social activities. Originally, folk songs were spread only by oral tradition without any fixed symbolic notation. Therefore, in the process of oral transmission, folk songs have been reshaped in many different ways" (Muller, Grosche, and Wiering Web. 2013, 1) ଭାବରେ ପରିଭାଷିତ କରନ୍ତି ।

**ବିଭାଗୀକରଣ**

ଅନ୍ୟାନ୍ୟ ଲୋକ ଉପାଦାନ ଭଳି ଲୋକ ଗୀତକୁ ମଧ୍ୟ ଲୋକତତ୍ତ୍ୱବିଦ୍‌ମାନେ ନିଜନିଜ ଅଧ୍ୟୟନରେ ବିଭିନ୍ନ ଭାବରେ ବିଭାଗୀକରଣ କରିଛନ୍ତି ଯେପରି—

ସୋଫିଆ ବୁର୍ନେ, ଲୋକ ଗୀତକୁ ୧. 'ଯୁଦ୍ଧକାଳୀନ ଗୀତ (War songs)', ୨. 'ପ୍ରେମମୂଳକ ଗୀତ (Love songs)', ୩. 'ରୀତିନୀତି ଏବଂ ଧାର୍ମିକ ଗୀତ (Magico-religious songs)', ୪. 'ପିଲାବୁଝା ଗୀତ (Cradle songs)', ଏବଂ ୫. 'ନୃତ୍ୟ ସମ୍ପର୍କିତ ଗୀତ (Danec songs)' ଭାବରେ ବିଭକ୍ତ କରିଛନ୍ତି (Burne 1914, 272) । ପରବର୍ତ୍ତୀ ସମୟରେ, ବ୍ରୁନ୍‌ବାନ୍ଦ୍ ଆମେରିକାର ବିଭିନ୍ନ ଲୋକ ଗୀତକୁ ୧. 'ଶବ୍ଦହୀନ ଗୀତ (Wordless songs)', ୨. 'ପ୍ରକାର୍ଯ୍ୟ ଗୀତ (Functional songs)' ବା ଯେଉଁ ଗୀତ ଗାନକଲେ କୌଣସି କାର୍ଯ୍ୟସାଧନ ହୁଏ, ୩. 'କ୍ରୀଡା ଗୀତ (Play-party songs)', ୪. 'ଧାର୍ମିକ ଗୀତ (Religious songs)', ୫. 'ବିବାହ ଓ ମିଳନ ଗୀତ (Folksongs of courtship and marriage)', ୬. 'ଶିଶୁ ଗୀତ Children songs)', ଏବଂ ୭. 'ଆଞ୍ଚଳିକ ଓ ବୃତ୍ତିଆଧାରିତ ଗୀତ (Regional and occupational songs)' ଭାବରେ ବିଭକ୍ତ କରିଛନ୍ତି (Brunvand 1978, 158) । ସେହିପରି, ସେରିଙ୍ଗ୍ ଲୋକ ଗୀତକୁ ୧. 'ପ୍ରାର୍ଥନା ଏବଂ ପୂଜାଗୀତ (Songs of prayer and worship)', ୨. 'ଧାର୍ମିକ ଗୀତ (Religious songs)', ୩. 'ରାଜା-ପ୍ରଶଂସା ଗୀତ (Songs of praise for the king)', ୪. 'ଦେଶବନ୍ଦନା ଗୀତ (Songs of praise for the country)', ୫. 'ସୁଖୀ ଗୀତ (Songs

of happiness)', ୬. 'ପ୍ରେମ ଗୀତ (Love songs)', ୭. 'ଦୁଃଖ ଗୀତ (Songs of sorrow)', ଏବଂ ୮. 'ଶୁଭେଚ୍ଛା ଗୀତ (Songs of good wishes)' ଆଦି ଗୀତ ଭାବରେ ବିଭକ୍ତ କରିଛନ୍ତି (Tshering 1997, 3) । ଅନୁରୂପ ଭାବରେ, ସିମସଙ୍ଗ୍ ଏବଂ ଷ୍ଟିଭ୍ ମଧ୍ୟ ତାଙ୍କର ଇଂଲିଶ୍ ଲୋକଧାରା ଶବ୍ଦକୋଷରେ ଲୋକ ଗୀତକୁ ୧. 'ହସଖୁସି ଗୀତ (Humorous songs)', ୨. 'ଦୁଃଖ ଗୀତ (Pathetic songs)', ୩. 'ଶ୍ରମ ଗୀତ (Work songs)', ୪. 'ଶିଶୁ ଗୀତ ଏବଂ ନାନାବାୟା (Children's rhymes and songs)', ଏବଂ ୫. 'ଚାରଣ ଗୀତ (Bawdy songs)' ଭାବରେ ବିଭକ୍ତ କରିଛନ୍ତି (Simpson 2000, 334) ।

ଏହା ବ୍ୟତୀତ, ବ୍ରାଉଟ୍ ମଧ୍ୟ ଲୋକ ଗୀତକୁ ୧. 'ପ୍ରେମଗୀତ (Love songs)', 'ବିବାହ ଗୀତ (Songs of Marriage)', ୨. 'ନାନାବାୟା ଗୀତ (Lullabies)', ୩. 'ଶ୍ରମ ଗୀତ (Work songs)', ୪. 'ଶିଶୁ ଗୀତ (Children's song), ୫. 'ନାଉରିଆ ଗୀତ (Sailors songs)', ୬. 'ଐତିହାସିକ ଗୀତ (Songs of history)', ଏବଂ ୭. 'ଋତୁ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଗାନ କରାଯାଉଥିବା ଗୀତ (Songs of season and occasion)' ଭାବରେ ମଧ୍ୟ ବିଭକ୍ତ କରିଛନ୍ତି (Brault Web. 2014, 5) । ସୁଧା ଚାନ୍ଦୋଲା ତାଙ୍କ "Rituals in Non-Narrative Folk Song of India" ପ୍ରବନ୍ଧରେ ଉତ୍ତର-ଭାରତର କିଛି ଲୋକ ଗୀତ ସଂଗ୍ରହ କରି ତାହାର ଅଧ୍ୟୟନ କ୍ରମରେ ଏଗୁଡିକୁ ୧. ଭକ୍ତି ଗୀତ (Pilgrimage songs), ୨. ଅର୍ଘ୍ୟ ଗୀତ (Sacred offerings songs), ୩. ଜାଗରଣ ଗୀତ (Awakening songs), ୪. ଗୃହପ୍ରତ୍ୟାବର୍ତ୍ତନ ଗୀତ (Homecoming songs), ଏବଂ ୫. ଦୈନନ୍ଦିନ ଗାନ କରାଯାଉଥିବା ଗୀତ (Daily songs) ଭାବରେ ବିଭକ୍ତ କରିଛନ୍ତି (Chandola Web. 2013, 62) ।

ଲୋକତତ୍ତ୍ୱବିଦମାନଙ୍କ ଏହି ବିଭାଗୀକରଣକୁ ଆଧାରକରି ଗାଥାଗୁଡିକୁ ଆମେ ୧. କର୍ମକ୍ଷେତ୍ରର ଗାନ କରାଯାଉଥିବା ଗୀତ, ୨. ସମାଜିକ ରୀତିନୀତିରେ ଗାନ କରାଯାଉଥିବା ଗୀତ, ୩. ପର୍ବପର୍ବାଣି ତଥା ଅନ୍ୟ ପାରମ୍ପରିକ ଉତ୍ସବରେ ଗାନ କରାଯାଉଥିବା ଗୀତ, ୪. ଶିଶୁଗୀତିକା ଓ କ୍ରୀଡା ଗୀତ, ଏବଂ ୫. କାନ୍ଦଣା ଭାବରେ ବିଭକ୍ତ କରିପାରିବା ।

**ବୈଶିଷ୍ଟ୍ୟ**

ଅନ୍ୟାନ୍ୟ ଲୋକ ଉପାଦାନ ଭଳି ଲୋକ ଗୀତ ଏକ ପ୍ରମୁଖ ବାଚିକ ଉପାଦାନ ଏବଂ ଏଥିରେ ସମ୍ପୃକ୍ତ ଲୋକ ଗୋଷ୍ଠୀର ସୁଖଦୁଃଖ, ପ୍ରେମ, ହତାଶା, କାନ୍ଦ-କୋହ ଭଳି ବିଭିନ୍ନ ଆବେଗିକ ପରିପ୍ରକାଶ ସହ ସାମାଜିକ ସାଂସ୍କୃତିକ, ଏବଂ ପ୍ରଜାତିକ ଜୀବନଧାରା ଚିତ୍ର, କର୍ମ, ବୃତ୍ତି, ବ୍ୟବସାୟ, ବ୍ୟକ୍ତି ଚରିତ୍ରର ଚିତ୍ର ଇତ୍ୟାଦି ବହୁବିଧ ଦିଗ ତଥା ଗୋଷ୍ଠୀଗତ ଜୀବନର ବିଭିନ୍ନ ଆଦାନପ୍ରଦାନ ପ୍ରକାଶ ପାଇଥାଏ । ମନୋରଞ୍ଜନ ସହିତ ଅନେକ ଲୋକ ଗୀତ ବିଭିନ୍ନ ପର୍ବପର୍ବାଣି, ସାମାଜିକ ରୀତିନୀତି, କର୍ମ ପରିସର ତଥା କ୍ରୀଡା, ଏବଂ ସାମାଜିକ ଉତ୍ସବ ଆଦି ପାଳନ ପରିବେଷଣ ମଧ୍ୟରେ ପ୍ରକାଶିତ ହୋଇଥାଏ । ବେଳେବେଳେ, ଏହାର ମିଳିତ ପରିବେଷଣ ହେଲାବେଳେ କେତେକ କ୍ଷେତ୍ରରେ ଏହା ଜଣେମାତ୍ର ପରିବେଷଣକାରୀଙ୍କଦ୍ୱାରା ପରିବେଷିତ ହେବା ମଧ୍ୟ ଦେଖାଯାଏ ।

ଲୋକ ଗୀତ ମଧ୍ୟ ଅନ୍ୟ ସମସ୍ତ ବାଚିକ ଉପାଦାନ ଭଳି ମୌଖିକ ରୂପରେ ହିଁ ପ୍ରକାଶିତ ହୋଇଥାଏ । ଏହାର ପରିପ୍ରକାଶର ଦୁଇଟି ପ୍ରମୁଖ ଦିଗ ହେଉଛି— ସ୍ମରଣ ବା ପୁନଃସର୍ଜନ (Memorisation or re-creation), ଏବଂ ପରିବେଷଣକାଳୀନ ତତ୍କାଳିକ ସଂଯୋଜନା (Composition-in-performance) ଯାହା ଉପାଦାନର ପରିବେଷଣ ସମୟରେ ଦେଖାଯାଏ (Finegan 1977) । ଏହା ବ୍ୟତୀତ ପରିବେଷଣକାରୀ ମଧ୍ୟ ତାଙ୍କର ପରିବେଷଣରେ ଅନୁକୂଳ ପରିବର୍ତ୍ତନମାନ କରିବା ଦେଖାଯାଏ । ଏହିପରି ଲୋକ ଗୀତର ପ୍ରତି ପରିବେଷଣରେ ଲୋକଧାରାର ଅନ୍ୟ ଉପାଦାନ ଭଳି ନୂତନ ସଂଯୋଜନା ଦେଖିବାକୁ ମିଳିଥାଏ ତଥା ପ୍ରତି ପରିବେଷଣରେ ବିଭିନ୍ନ ପ୍ରକାର ପରିବର୍ତ୍ତନ ପରିଦୃଷ୍ଟ ହୋଇଥାଏ ।

ଲୋକତତ୍ତ୍ୱବିଦ୍‌ମାନେ ଏହି ପରିବର୍ତ୍ତନକୁ ୧. ଆଖ୍ୟାନ-ଆକାରଗତ ପରିବର୍ତ୍ତନ (Changes in contour), ୨. ଧ୍ୱନୀ ତଥା ସ୍ୱର-ଲହର ଆଧାରିତ ପରିବର୍ତ୍ତନ (Changes in tonality), ୩. ତାଳ-ଲୟ ଆଧାରିତ ପରିବର୍ତ୍ତନ (Changes in rhythm), ୪. ଆଖ୍ୟାନରେ ନୂତନ ସଂଯୋଜନା ତଥା କେତେକ ଆଖ୍ୟାନ-ଅଂଶର ଅପସାରଣ (Insertion and deletion of parts), ୫. (ଆଖ୍ୟାନର)ସ୍ୱରୂପଗତ ପରିବର୍ତ୍ତନ (Changes in form), ୬. ପରିପ୍ରକାଶଗତ ପରିବର୍ତ୍ତନ (Changes in expression), ଏବଂ ୭. ସାଂଗୀତିକ ପରିବର୍ତ୍ତନ (Demolition of the melody) ଭାବରେ ମଧ୍ୟ ପରିଚିତ କରିଛନ୍ତି (Kranenburg et al 2010, 19)। ଗୋଟିଏ ଲୋକ ଗୋଷ୍ଠୀରେ ପ୍ରାୟ ସମସ୍ତେ ଉଣା ଅଧିକେ ଗୀତର ପରିବେଷଣ ସହିତ ସମ୍ପୃକ୍ତ ଥିଲେ ମଧ୍ୟ କେତେକ କ୍ଷେତ୍ରରେ ଦକ୍ଷ ପରିବେଷଣକାରୀ ଥାଆନ୍ତି । ସେ ବିଭିନ୍ନ ଅବସରରେ ଏହା ପରିବେଷଣ କରିଥାନ୍ତି । ଯଦିଓ ଅନ୍ୟାନ୍ୟ ବାଚିକ ଉପାଦାନ ଭଳି ଏହାର ପରିବେଷଣରେ ଉଭୟ ନାରୀପୁରୁଷ ଭାଗନେବାରେ କୌଣସି ଅସୁବିଧା ନାହିଁ ତଥାପି କେତେକ କ୍ଷେତ୍ରରେ ଦେଖାଯାଏ କିଛି ଗୀତ କେବଳ ପୁରୁଷମାନଙ୍କଦ୍ୱାରା ପରିବେଷିତ ହେଲାବେଳେ କିଛି ଗୀତ କେବଳ ନାରୀମାନଙ୍କଦ୍ୱାରା ପରିବେଷିତ ହୋଇଥାଏ । କେତେକ ଗୀତ ପ୍ରଶ୍ନ-ଉତ୍ତର ଶୈଳୀରେ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରତିଯୋଗିତା ଭାବରେ ମଧ୍ୟ ଆୟୋଜନ କରିବାର ସୁଯୋଗ ଥାଏ । ଆମର ସହଜ ଅବଧାରଣା ପାଇଁ ଆମେ ଏଠାରେ ଲୋକ ଗୀତର କେତୋଟି ବୈଶିଷ୍ଟ୍ୟକୁ ସଂକ୍ଷେପରେ ଏପରି ଭାବରେ ଉଲ୍ଲେଖି କରିପାରିବା—

୧. ଲୋକ ଗୀତ କେତେବେଳେ କିଏ ସୃଜନ କରିଥାଏ ଏହା କହିବା କଷ୍ଟକର । ଏକ ନିର୍ଦ୍ଦିଷ୍ଟ ପରମ୍ପରା ମଧ୍ୟରେ ସମସ୍ତ ସଦସ୍ୟ ଏହାର ସର୍ଜନ ପରିବେଷଣ ସହିତ ସମ୍ପୃକ୍ତ ଥାଆନ୍ତି ।

୨. ଲୋକ ଗୀତ ପରମ୍ପରାକ୍ରମେ ଗୋଟିଏ ଗୋଷ୍ଠୀଠାରୁ ଆଉ ଗୋଟିଏ ଗୋଷ୍ଠୀକୁ ସମ୍ପ୍ରସାରିତ ହୋଇଥାଏ ଏବଂ ଏକଏକ ପରିବେଷଣରେ ଏହା ପ୍ରକାଶିତ ହୋଇଥାଏ ।

୩. ପରିବେଶ ଏବଂ ପ୍ରସଙ୍ଗକ୍ରମେ ଲୋକ ଗୀତଗୁଡ଼ିକରେ ନୂତନ ସଂଯୋଜନା ଦେଖାଯାଇଥାଏ ।

୪. ପ୍ରତି ପରିବେଷଣରେ ଲୋକ ଗୀତଗୁଡ଼ିକ ନୂତନ ଭାବରେ ପରିପ୍ରକାଶିତ ହେବା ସହିତ ଏହାର ବିଭିନ୍ନ 'ପ୍ରକାରାନ୍ତର ରୂପ' ମଧ୍ୟ ଦେଖିବାକୁ ମିଳିଥାଏ ।

୫. ସାମାଜିକ ରୀତିନୀତି ପ୍ରସଙ୍ଗରେ ଗାନ କରାଯାଉଥିବା ଗୀତଗୁଡ଼ିକ ବେଳେବେଳେ ଅନ୍ୟ ପ୍ରସଙ୍ଗରେ ପରିବେଷିତ ହେବାରେ ନିୟମଜନିତ ବାଧକତା ଦେଖାଯାଇଥାଏ ।

୬. ଅନୁରୂପ ଭାବରେ, କ୍ରୀଡ଼ା ଗୀତଗୁଡ଼ିକ ମଧ୍ୟ କେବଳ କ୍ରୀଡ଼ା ପରିବେଷଣ ସମୟରେ ଗାନ କରାଯାଇଥାଏ ଅନ୍ୟତ୍ର ଏହାର ପରିବେଷଣ କୌଣସି ଗୁରୁତ୍ୱ ରଖେନାହିଁ ।

୭. ଲୋକ ଗୀତଗୁଡ଼ିକ ସାଧାରଣତଃ ମିଳିତ ଭାବରେ ଗାନ କରାଯାଇଥାଏ ତେବେ, କେତେକ ରୀତିନୀତି ଆଧାରିତ ଗୀତ, ମନ୍ତ୍ର ଗୀତ, ଓ କ୍ରୀଡ଼ା ଗୀତଗୁଡ଼ିକରେ ଏକକ ଗାନ ହିଁ ଗ୍ରହଣୀୟ, ଏବଂ ଏହା ଏକ ଏକ ନିର୍ଦ୍ଦିଷ୍ଟ ପରିବେଷଣକାରୀଙ୍କ ଦ୍ୱାରା ପରିବେଷିତ ହୋଇଥାଏ ।

୮. ଲୋକ ଗୀତଗୁଡ଼ିକ ସମ୍ପୃକ୍ତ ଗୋଷ୍ଠୀର କଥିତ ଭାଷାରେ ପ୍ରକାଶିତ ହେଉଥିବାରୁ ଏହା ସରଳ ଆଉ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟଙ୍କ ପାଇଁ ପ୍ରାଣସ୍ପର୍ଶୀ ହୋଇଥାଏ ।

୯. ଲୋକ ଗୀତଗୁଡ଼ିକ କେବଳ ମନୋରଞ୍ଜନ ପାଇଁ ନୁହେଁ । ଏହାର ପରିବେଷଣ ବେଳେବେଳେ ଏକ ସାମାଜିକ ସାଂସ୍କୃତିକ ଆବଶ୍ୟକତାର ପରିପୂରକ ମଧ୍ୟ ହୋଇଥାଏ । ସେହିପରି,

୧୦. ମନ୍ତ୍ର ତଥା ପୂଜାବିଧିରେ ଗାନ କରାଯାଉଥିବା ଗୀତଗୁଡିକରେ ସମୟକ୍ରମେ କୌଣସି ପରିବର୍ତ୍ତନ ହେବା ମଧ୍ୟ ଅସମ୍ଭବ ମନେହୋଇଥାଏ ।

### ୨.୧.୨.୬ କଥାନି

କଥାନି ସାଧାରଣତଃ ମନୋରଞ୍ଜନପାଇଁ ପରିବେଷଣ କରାଯାଇଥାଏ । ତେବେ, କଥାନି କେବଳ ମନୋରଞ୍ଜନପାଇଁ ଉଦ୍ଦିଷ୍ଟନୁହେଁ, ଏହା ନୈତିକ ଗୁଣସମ୍ପନ୍ନ ମଧ୍ୟ । ଏଥିରେ ଥିବା ନୀତିବାକ୍ୟ, ସଂସ୍କାର, ଉପଦେଶ, ଉଦାହରଣ, ସାମାଜିକଚିତ୍ର ଲୋକମାନଙ୍କୁ ବହୁଭାବରେ ପ୍ରଭାବିତ କରିଥାଏ । ବାଳକବାଳିକାମାନଙ୍କ କଳ୍ପନା ଓ ଆବେଗିକ ବିକାଶ ଦୃଷ୍ଟିରୁ ରସବୋଧ, ନୀତିକଥା, ଆଦର୍ଶ ତଥା ସାମାଜିକ ଆବଶ୍ୟକତା ଦୃଷ୍ଟିରୁ କଥାନିର ଭୂମିକା ସମ୍ପୃକ୍ତ ସମାଜରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କଥାନିର କୌଣସି ନିର୍ଦ୍ଦିଷ୍ଟ ଲେଖକ ବା ରଚୟିତା ନଥାନ୍ତି କିମ୍ବା କୌଣସି ନିର୍ଦ୍ଦିଷ୍ଟ ପରିବେଷଣକାରୀ ନଥା'ନ୍ତି । ଗୋଟିଏ ସମାଜରେ ପ୍ରାୟ ସମସ୍ତେ ଉଣାଅଧିକେ କଥାନି କହିବା ବା ପରିବେଷଣ କରିବାର ଦକ୍ଷତା ରଖନ୍ତି । ତେବେ, ପ୍ରାୟ ପ୍ରତ୍ୟେକ ଲୋକ ଗୋଷ୍ଠୀରେ ଜଣେ ଜଣେ ନିୟମିତ କଥକ ବା ଦକ୍ଷ କଥକ ମଧ୍ୟ ଥାଆନ୍ତି ।

କଥାନିଗୁଡିକ ସମ୍ପୂର୍ଣ୍ଣଭାବେ କଳ୍ପନାପ୍ରଧାନ । ଏଗୁଡିକ ଐତିହାସିକ ସତ୍ୟଭାବରେ ଗ୍ରହଣ କରାଯାଏ ନାହିଁ । ଏ ସବୁର ଆଖ୍ୟାନରେ ସ୍ଥାନ ଓ ସମୟର ମଧ୍ୟ ନିର୍ଦ୍ଦିଷ୍ଟତା ନଥାଏ । ପାରମ୍ପରିକ ଭାବରେ ପିଢିପରେ ପିଢି ଏଗୁଡିକ ପରିବେଷିତ ହୋଇଥାଏ । ପିଢିପରେ ପିଢି ପାରମ୍ପରିକ ଭାବରେ କଥକମାନେ କଥାନିର ପରିବେଷଣ କଲାବେଳେ ଏକ ପରିବେଶ, ପରିସ୍ଥିତି, ଓ ପ୍ରସଙ୍ଗ ମଧ୍ୟରେ, ଏବଂ କଥକଙ୍କ ସୃଜନଶୀଳତାର ପ୍ରଭାବରେ ପ୍ରତ୍ୟେକ ପରିବେଷଣରେ କିଛି ନା କିଛି ନୂତନତ୍ୱ ଦେଖାଯାଇଥାଏ । ଅତଏବ, ପ୍ରତ୍ୟେକ ପରିବେଷଣ ଏକ ନୂତନ ପରିବେଷଣ ଭାବରେ ପରିଗଣିତ ହେବା ସହିତ ଏକ ନୂତନ କଥାନି ସୃଷ୍ଟି କରିଥାଏ, ଯଦିଓ ବିଷୟବସ୍ତୁ ସବୁବେଳେ ସମାନ ଥାଏ । କଥାନିଗୁଡିକ ବିଷୟବସ୍ତୁଦୃଷ୍ଟିରୁ ଦୀର୍ଘ କିମ୍ବା ନାତିଦୀର୍ଘ ମଧ୍ୟ ହୋଇପାରେ । ଅନେକ କ୍ଷେତ୍ରରେ କଥାନି ପରିବେଷଣର ସମୟ ସୀମା ପରିବେଷଣକାରୀ ବା କଥକଙ୍କ ପରିବେଷଣ ଶୈଳୀ ଉପରେ ନିର୍ଭର କରିଥାଏ । କିଛି ନୂତନ ବର୍ଣ୍ଣନା କରିବା ସହିତ ବର୍ଣ୍ଣନାକୁ ରୋଚକ କରିବାକୁ ଯାଇ ବିଭିନ୍ନ ପ୍ରକାର ଅଳଙ୍କରଣ ତଥା ତାତ୍କାଳିକ ସଂଯୋଜନା କରିବା ମଧ୍ୟ ଦେଖାଯାଏ । ଏହି ସଂଯୋଜନା ଶ୍ରୋତାମାନଙ୍କୁ କାହାଣୀ ସହିତ ଏକାତ୍ମତା ତଥା ଚିତ୍ରଗୁଡିକର ଜୀବନ୍ତ ରୂପାୟନର ଅନୁଭବ ଆଣି ଦେଇଥାଏ ।

#### ଅବଧାରଣା ଏବଂ ସଂଜ୍ଞା

ବାଚିକ ଲୋକ ଉପାଦାନର ଏହି ବଳିଷ୍ଠ ବିଭାଗ ଉପରେ ଅନେକ ଲୋକତତ୍ତ୍ୱବିଦ୍ ଗବେଷଣା କରିଛନ୍ତି ତଥା କରିଚାଲିଛନ୍ତି । ଏଠାରେ କେତେକ ଲୋକତତ୍ତ୍ୱବିଦ୍ ନିଜ ଅଧ୍ୟୟନ, ଏବଂ ଅବଧାରଣାରୁ କିପରି କଥାନିକୁ ପରିଭାଷିତ କରିଛନ୍ତି ତାହା ଦ୍ରଷ୍ଟବ୍ୟ—

ବାଚିକ ଆଖ୍ୟାନ ସମ୍ପର୍କରେ ବିଶଦ ଭାବରେ ଅଧ୍ୟୟନ ଏବଂ ଅନୁଶୀଳନ କରିଥିବା ବାସକମ୍ ଲୋକ କଥାକୁ "Folktales are prose narratives which are regarded as fiction. They are not considered as dogma or history, they may not have happened, and they are not to be taken seriously. …they are told only for amusement, they have other important functions, as the class of moral folktales should have suggested. Folktales may be set in any time and any place, and in this sense they are almost timeless and placeless" (Bascom 1978, 97) ଭାବରେ ପରିଭାଷିତ କରନ୍ତି । ସେହିପରି, ବେଚିଲେଜା କହନ୍ତି, "…the term ''folktale'' refers to one of the main prose narrative genres that folklorists study. In contrast to belief narratives like myth and legend, the folktale features fictional characters in culturally meaningful situations, centers on the ordinary, and is primarily for entertainment" (Bacchilega 2009, 247) । ଅନୁରୂପ ଭାବରେ, ଗୋଲ୍ଡବର୍ଗ ଲୋକ କାହାଣୀ ସମ୍ପର୍କରେ କହନ୍ତି, "A traditional

narrative; more narrowly, a traditional fictional story in prose. Fictional folktales, told as entertainment, can be distinguished from myths and legends, which are intended to convey information or at least a point of view. Even fictional folktales, however, educate by illustrating or explaining particular cultural ideas and especially by cautioning against undesirable behavior" (Goldberg 2011, 558) ।

କଥାନି ସମ୍ପର୍କିତ ଏହିସବୁ ଅବଧାରଣାକୁ ଆଧାରକରି ଆମେ ଏହାକୁ ଏପରି ଭାବରେ ପରିଭାଷିତ କରିପାରିବା ଯେ—

> ଯେଉଁ ଗପ ବା କଥାନି ପାରମ୍ପରିକ ଭାବେ ପ୍ରକାଶିତ ତଥା ପରିବେଷିତ ହୋଇଥାଏ ତାହାକୁ ଲୋକ କଥା ବା କଥାନି କୁହାଯାଇପାରେ । ଅନ୍ୟାନ୍ୟ ଲୋକ ଉପାଦାନ ପରି ଏହା ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟମାନଙ୍କ ମଧ୍ୟରେ ପାରମ୍ପରିକ ରୂପରେ ତଥା ମୌଖିକ ଭାବରେ ସଂପ୍ରସାରିତ ହୋଇଥାଏ । ଏହି ସମ୍ପ୍ରସାରଣ ଭିତରେ ସମୟକ୍ରମେ ପରିବେଶ ଓ ପରିସ୍ଥିତି ଦୃଷ୍ଟିରୁ ନୂତନ ସଂଯୋଜନା ହେବା ସହିତ କିଛି ଉପାଦାନର ବିଲୋପନ ମଧ୍ୟ ହୋଇଥାଏ ।

**ବିଭାଗୀକରଣ**

କଥାନିକୁ ଲୋକତତ୍ତ୍ୱବିଦ୍‌ମାନେ ନିଜନିଜ ଅଧ୍ୟୟନରେ ବିଭିନ୍ନ ଭାବରେ ବିଭାଗୀକରଣ କରିଛନ୍ତି ଯେପରି— ସୌଁଆ ବୁର୍ନେ ଏହାକୁ ସତ୍ୟ କଥା ଏବଂ ଆମୋଦପ୍ରମୋଦ କଥା ଭଳି ଦୁଇ ପ୍ରମୁଖ ଭାଗରେ ବିଭକ୍ତ କରିବା ସହିତ ୧. ମିଥ୍, ୨. କିମ୍ବଦନ୍ତୀ, ୩. 'ଜୀବଜନ୍ତୁ କଥାନି (Beast-tales)', ୫. 'ଲୋକ କଥା (Marchen)', ୪. 'ହସ ବା କଉତୁକ କଥା (Drolls)', ୫. 'ସୂତ୍ର କାହାଣୀ (Cumulative tales)', ଏବଂ ୬. 'ନୀତି କଥା (Apologues)' ଭାବରେ କଥାନିକୁ ବିଭାଗୀକରଣ କରିଥିଲେ (Burne 1914, 261) ।

ପରବର୍ତ୍ତୀ ସମୟରେ ବାସକମ୍ ତାଙ୍କର "The Forms of Folkore: Prose Narrative" ପ୍ରବନ୍ଧରେ କଥାନି ବା ଲୋକ କାହାଣୀକୁ ୧. 'ମାନବ ସମ୍ପର୍କିତ କଥାନି (Human tales)', ୨. 'ପ୍ରାଣୀଜଗତ ସମ୍ପର୍କିତ କଥାନି (Animal tales)', ୩. 'ଧୂର୍ତ୍ତ କଥାନି (Trickster tales)', ୪. 'ବୀରତ୍ୱ ତଥା କିମ୍ବଦନ୍ତୀ ଆଧାରିତ କଥାନି (Tall tales)', ୫. 'ଦ୍ୱନ୍ଦ୍ୱାତ୍ମକ କଥାନି (Dilemma tales)', ୬. 'ସୂତ୍ରାନୁସାରୀ କଥାନି (Formulistic tales)', ଏବଂ ୭. 'ନୀତି କଥା (Moral tales or Fables)' ଆଦି ସାତ ଭାଗରେ ବିଭାଗୀକରଣ କରିଛନ୍ତି (Bascom 1978, 97) । ଅନୁରୂପ ଭାବରେ— ଡୋନା, ଏବଂ ସାଣ୍ଡ୍ରା (Donna E. Norton, and Saundra E. Norton) ୧. 'ସୂତ୍ର କଥାନି (Cumulative tales)', ୨. 'ହସ ବା କଉତୁକ କଥା (Humorous tales)', ୩. 'ଜୀବଜନ୍ତୁ କଥାନି (Beast tales)', ୪. 'ଯାଦୁ ବିଦ୍ୟା ଏବଂ ଅଦ୍ଭୁତ କଥା (Magic and Wonder tales)', ୫. 'ନୀତି କଥା (Pourquoi Tales)', ଏବଂ ୬. 'ବାସ୍ତବଧର୍ମୀ କଥାନି (Realistic Tales)' ଭାବରେ କଥାନିକୁ ବିଭାଗୀକରଣ କରିଛନ୍ତି (Norton, and Saundra 2003, 12) । ସେହିପରି, ଆର୍ନେ ଏବଂ ଥମ୍ପସନ୍ (Antti Aarne, and Stith Thompson) ଲୋକ କଥାକୁ ୧. 'ପଶୁପକ୍ଷୀ କଥା (Animal Tales)', ୨. 'ସାଧାରଣ କଥାନି (Ordinary Folktales)', ୩. 'ଚୁଟ୍‌କୁଲା ଏବଂ ଉପାଖ୍ୟାନ (Jokes and Anecdotes)', ଏବଂ ୪. 'ସୂତ୍ର କଥା (Formula Tales)' ଭାବରେ ବିଭାଗୀକରଣ କରିବା ସହିତ ସାଧାରଣ କଥାନିକୁ 'ଯାଦୁବିଦ୍ୟା କଥାନି (Tales of magic)', 'ଧାର୍ମିକ କଥାନି (Religious tales)', 'ସୃଷ୍ଟି ସମ୍ପର୍କିତ କଥାନି (Aitiological tales)', 'ପ୍ରେମ-ପ୍ରଣୟ କଥାନି (Romantic tales)', 'ଦୁର୍ଦ୍ଦାନ୍ତ-ରାକ୍ଷସ କଥାନି (Tales of the stupid ogre)', ଓ 'ଚୁଟ୍‌କୁଲା ଏବଂ ଉପାଖ୍ୟାନକୁ ନିର୍ବୋଧ ସମ୍ପର୍କିତ (Numskull stories)', 'ଦମ୍ପତି ସମ୍ପର୍କିତ (Stories about married couples)', 'ନାରୀ ତଥା ଝିଅପିଲା ସମ୍ପର୍କିତ (Stories about a woman (girl)', 'ଚତୁର, ଧୂର୍ତ୍ତ, ତଥା ଦୁର୍ଭାଗା ଲୋକ ସମ୍ପର୍କିତ

(Stories about a clever/stupid lucky/unlucky man (boy)', 'ଧାର୍ମିକ ରୀତିନୀତି ଏବଂ ପୁରୋହିତ ସମ୍ପର୍କିତ (Jokes about parsons and religious orders)', ଏବଂ 'ଗାଲୁଗପ ବା ମିଥ୍ୟା ଆଚରଣ ସମ୍ପର୍କିତ (Tales of lying)' ଭାବରେ ବିଭକ୍ତ କରିଛନ୍ତି (Apo 2008, 2) ।

ଲୋକତତ୍ତ୍ୱବିଦ୍‌ମାନଙ୍କ ଏହି ବିଭାଗୀକରଣକୁ ଆଧାରକରି ଲୋକ କାହାଣୀକୁ ଆମେ ଏହିପରି ଭାବରେ ବିଭକ୍ତ କରିପାରିବା—

୧. ଦୈନନ୍ଦିନ ଜୀବନଚର୍ଯ୍ୟା ଆଧାରିତ କଥାନି

୨. ରାଜା ଓ ରାଜପୁତ୍ର ଏବଂ ଅସୁର ଅସୁରୁଣୀ ସମ୍ପର୍କିତ କଥାନି

୩. ସାଧୁସନ୍ଥ ଓ ଅନ୍ୟ ମହାତ୍ମ୍ୟ ପ୍ରଖ୍ୟାପକ କଥାନି

୪. ପୌରାଣିକ କଥାନି

୫. ପଶୁପକ୍ଷୀ ଓ ଆରଣ୍ୟକ କଥାନି, ଏବଂ

୬. ଅଲୌକିକ ତଥା ଆଧିଭୌତିକ କଥାନି ।

**ବୈଶିଷ୍ଟ୍ୟ**

କଥାନିଗୁଡିକ ସମାଜର ସାଂସ୍କୃତିକ ଦର୍ପଣ, ଯାହା ସାମାଜିକ ଅନୁଷ୍ଠାନ ବୈଷିୟକ ଜ୍ଞାନ, ବାହ୍ୟ ଲୌକିକତା ତଥା ସାମାଜିକ ବିଶ୍ୱାସ ଓ ଦୃଷ୍ଟିଭଙ୍ଗୀକୁ ସୁସଂହତ ଭାବେ ପ୍ରକାଶ କରିଥାଏ । ତତ୍‌ସଙ୍ଗେସଙ୍ଗେ ସଂସ୍କୃତିର ପ୍ରଭାବଶାଳୀ ଉପାଦାନ, ସାଂସ୍କୃତିକ ସଂରଚନା, ମୂଲ୍ୟବୋଧ, ଏବଂ ସାଂସ୍କୃତିକ ଲକ୍ଷ୍ୟ ସବୁର ଚିତ୍ର ପ୍ରଦାନ କରିଥାଏ, ଯାହାକୁ କି ସାଂସ୍କୃତିକ ଚେତନାର ଅନୁଭବ ଓ ପ୍ରମାଣ ଭାବରେ ଗ୍ରହଣ କରାଯାଇପାରେ । କଥାନି ସମାଜରେ ବ୍ୟବହାରିକ ଜ୍ଞାନର ଆହରଣ ପାଇଁ ପରିସର ସୃଷ୍ଟି କରିଥାଏ । ନୈତିକତାକୁ ପ୍ରତିଷ୍ଠିତ କରିବା ସହିତ ଦୈନନ୍ଦିନ ଜୀବନର ନିର୍ଦ୍ଦିଷ୍ଟ ଅବଧାରଣା ଓ ବିଶ୍ୱାସକୁ ପରିବର୍ଦ୍ଧିତ କରିବାରେ ସହାୟକ ହୋଇଥାଏ । ବିଭିନ୍ନ କର୍ମକାଣ୍ଡ ତଥା ଦୈନନ୍ଦିନ ଜୀବନକୁ ନିୟମବଦ୍ଧ ଓ ଶୃଙ୍ଖଳିତ କରିଥାଏ । ପାରମ୍ପରିକ ଆସ୍ଥା ଓ ଆଦିମ ବୌଦ୍ଧିକାଧିକାରକୁ ଅତୁଟ ରଖିବାରେ ସାହାଯ୍ୟ କରିଥାଏ । ସମାଗ୍ରିକ ଭାବରେ ପାରମ୍ପରିକ ସମାଜରେ କଥାନି ଏକ ଶିକ୍ଷଣ ପ୍ରକ୍ରିୟା ଭାବରେ କାର୍ଯ୍ୟ କରେ । ସାଧାରଣ ଆଚାର ବ୍ୟବହାର, ବିଭିନ୍ନ ନୀତିନିୟମ, ଶ୍ରମଶୀଳତା ତଥା ଦୈନନ୍ଦିନ ଜୀବନର ବହୁବିଧ ଶିକ୍ଷା କଥାନିରୁ ମିଳିଥାଏ । ଶିଶୁ-କିଶୋରମାନଙ୍କ ପାଇଁ ଏହା ଏକ ସମ୍ପୂର୍ଣ୍ଣ ଶିକ୍ଷାୟତନ ଭାବରେ ମଧ୍ୟ କାର୍ଯ୍ୟ କରିଥାଏ । କଥାନିକୁ ଆଚାର-ବିଚାର, ବ୍ୟବହାର ତଥା ବିଧିବିଧାନରେ ଅନୁମୋଦନକାରୀ ଭାବରେ ବ୍ୟବହାର କରାଯାଇପାରେ । ଶୈକ୍ଷିକ ପ୍ରକାର୍ଯ୍ୟ ଓ ସାଂସ୍କୃତିକ ବୈଧତା ସହିତ ଏହି ପ୍ରକାର୍ଯ୍ୟର ସାମଞ୍ଜସ୍ୟ ପରିଲକ୍ଷିତ ହେଉଥିଲେ ମଧ୍ୟ ଏହାର ସ୍ୱତନ୍ତ୍ର ତା ଅଛି । କଥାନି ସାମାଜିକ ଅନୁମୋଦନ ତଥା ଅଗ୍ରାହ୍ୟ ପାଇଁ ବ୍ୟବହୃତ ହୋଇପାରେ, ସାମାଜିକ ନିନ୍ଦା-ପ୍ରଶଂସା ତଥା ବୈଧାନିକ ସତର୍କତା ସାମାଜିକ ବିଭେଦକାରୀ ସମସ୍ୟାର ସମାଧାନ କରିବା ସହିତ ଦଣ୍ଡବିଧାନ ବ୍ୟବସ୍ଥାକୁ ମଧ୍ୟ ଅନୁମୋଦନ କରିଥାଏ । ଅତଏବ, ଏହିସବୁ ଆୟାମକୁ ଆଧାରକରି ଏଠାରେ ଆମର ସହଜ ଅବଧାରଣା ପାଇଁ କଥାନିର କେତୋଟି ବୈଶିଷ୍ଟ୍ୟକୁ ସଂକ୍ଷେପରେ ଏପରି ଭାବରେ ଉଲ୍ଲେଖ କରିପାରିବା—

୧. କଥାନିଟି ମଧ୍ୟ ଅନ୍ୟାନ୍ୟ ଲୋକ ଉପାଦାନ ପରି କେତେବେଳେ କିଏ ସୃଜନ କରିଥାଏ ଏହା କହିବା କଷ୍ଟକର । ଏକ ନିର୍ଦ୍ଦିଷ୍ଟ ପରମ୍ପରା ମଧ୍ୟରେ ସମସ୍ତ ସଦସ୍ୟ ଏହାର ସର୍ଜନ ପରିବେଷଣ ସହିତ ସମ୍ପୃକ୍ତ ଥାଆନ୍ତି ।

୨. ଗୋଟିଏ କଥାନି ପରମ୍ପରାକ୍ରମେ ଗୋଟିଏ ଗୋଷ୍ଠୀଠାରୁ ଆଉ ଗୋଟିଏ ଗୋଷ୍ଠୀକୁ ସମ୍ପ୍ରସାରିତ ହୋଇଥାଏ, ଏବଂ ଏକଏକ ପରିବେଷଣରେ ଏହା ପ୍ରକାଶିତ ହୋଇଥାଏ ।

୩. କଥାନିଗୁଡିକରେ ପରିବେଶ ଏବଂ ପ୍ରସଙ୍ଗକ୍ରମେ ନୂତନ ସଂଯୋଜନା ଦେଖାଯାଇଥାଏ ।

୪. ପ୍ରତି ପରିବେଷଣରେ ଲୋକ କଥାଗୁଡିକ ନୂତନ ଭାବରେ ପରିପ୍ରକାଶିତ ହେବା ସହିତ ଏହାର ପ୍ରକାରାନ୍ତର 'ପ୍ରକାରାନ୍ତର ରୂପ' ଦେଖିବାକୁ ମିଳିଥାଏ ।

୫. ସାମାଜିକ ରୀତିନୀତି ପ୍ରସଙ୍ଗରେ କଥିତ ହେଉଥିବା କଥାନିଗୁଡିକ ବେଳେବେଳେ ଅନ୍ୟ ପ୍ରସଙ୍ଗରେ ପରିବେଷିତ ହେବାରେ ନିୟମଜନିତ ବାଧକତା ଦେଖାଯାଇଥାଏ ।

୬. ଲୋକ କଥାର ପରିବେଷଣରେ ମଧ୍ୟ ଜଣେଜଣେ ସିଆନ୍ କଥକ ଥାଆନ୍ତି ଯାହାଙ୍କୁ କଥାନି ପରିବେଷଣ କରିବାକୁ ସମ୍ପୃକ୍ତ ତଥା ସ୍ଥାନୀୟ ସହାବସ୍ଥିତ ଗୋଷ୍ଠୀର ସଦସ୍ୟ ଅନୁରୋଧ କରିଥାନ୍ତି ।

୭. ଲୋକ କଥାଗୁଡିକ ସମ୍ପୃକ୍ତ ଗୋଷ୍ଠୀର କଥିତ ଭାଷାରେ ପ୍ରକାଶିତ ହେଉଥିବାରୁ ଏହା ସରଳ ଏବଂ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟଙ୍କ ପାଇଁ ପ୍ରାଣସ୍ପର୍ଶୀ ହୋଇଥାଏ ।

୮. ଲୋକ କଥାର ପରିବେଷଣକାଳରେ ପ୍ରାସଙ୍ଗିକତା ଦୃଷ୍ଟିରୁ ବେଳେବେଳେ ଗୀତର ସଂଯୋଜନା ମଧ୍ୟ ଦେଖାଯାଏ, ଏବଂ ଏହା ସହିତ ପରିବେଷଣକାରୀଙ୍କ ଅଙ୍ଗଭଙ୍ଗୀ କରିବା ମଧ୍ୟ ଦୃଷ୍ଟିଗୋଚର ହୋଇଥାଏ ।

୯. ଲୋକ କଥାର ପରିବେଷଣରେ ଶ୍ରୋତା ତଥା ଅନ୍ୟ ଅଂଶଗ୍ରହଣକାରୀଙ୍କ ଭୂମିକା ଉଲ୍ଲେଖନୀୟ । ଏମାନେ କଥାନି ପରିବେଷଣରେ ତ୍ରୁଟିବିଚ୍ୟୁତି ଲକ୍ଷ୍ୟ କଲେ ତାହାକୁ ସୁଧାରିବା ସହିତ ଆବଶ୍ୟକୀୟ ସଂଯୋଜନା ମଧ୍ୟ କରିଥାଆନ୍ତି ।

୧୦. ଲୋକ କଥାଗୁଡିକ କେବଳ ମନୋରଞ୍ଜନ ପାଇଁ ନୁହେଁ, ଏହାର ପରିବେଷଣ ବେଳେବେଳେ ଏକ ସାମାଜିକ ସାଂସ୍କୃତିକ ଆବଶ୍ୟକତାର ପରିପୂରକ ମଧ୍ୟ ହୋଇଥାଏ ।

୧୧. ପରିବେଷଣକାଳରେ ପରିବେଷଣକାରୀ କଥାନି ସହିତ ସାମଞ୍ଜସ୍ୟ ରକ୍ଷାକରି ପରିବେଶ ଏବଂ ସମୟ-ସ୍ଥାନିକ ଆଖ୍ୟାନ ପ୍ରସ୍ତୁତ କରିବା ମଧ୍ୟ ଲୋକ କଥା ପରିବେଷଣର ଅନ୍ୟ ଏକ ଆୟାମ ।

### ୨.୧.୨.୭ ପ୍ରବାଦ-ପ୍ରବଚନ ଓ ରୂଢ଼ି

ପ୍ରବାଦ-ପ୍ରବଚନ ହେଉଛି ପରମ୍ପରାଗତ ଅଭିଜ୍ଞତାଭିତ୍ତିକ ବାଚନିକ ପରିପ୍ରକାଶ । ଏହା କେତେବେଳେ ସିଧାସଳଖ କଥାରେ ପ୍ରକାଶ ପାଇଥାଏ ତ କେତେବେଳେ କେତୋଟି ପଙ୍କ୍ତିର ସରଳପଦ ଭାବରେ ମଧ୍ୟ ପ୍ରକାଶିତ ହୋଇଥାଏ । ଏହି ବାକ୍ୟ ବା ପଦଗୁଡିକ ସାଧାରଣତଃ ଉପଦେଶାତ୍ମକ, ଏବଂ ଅନେକ ସମୟରେ ବିଭିନ୍ନ ଅବଧାରଣାର ବ୍ୟାଖ୍ୟା କରିଥାଏ । ଅନ୍ୟାନ୍ୟ ଲୋକ ଉପାଦାନ ପରି ଏହା ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟମାନଙ୍କ ମଧ୍ୟରେ ପାରମ୍ପରିକ ରୂପରେ ତଥା ମୌଖିକ ଭାବରେ ସଂପ୍ରସାରିତ ହୋଇଥାଏ । ସେହିପରି, ରୂଢ଼ି ସମ୍ପୃକ୍ତ ଲୋକ ଗୋଷ୍ଠୀର ବା ଭାଷାର ସଂକ୍ଷିପ୍ତ ପରିପ୍ରକାଶ ଯାହାର ସ୍ୱରୂପ ହେଉଛି ବାକ୍ୟାଂଶ ବା ଖଣ୍ଡବାକ୍ୟ, ଏବଂ ଏହା ତାହାର ଆକ୍ଷରିକ ଅର୍ଥ ପ୍ରକାଶ ନକରି ଏଥିରେ ଥିବା ବ୍ୟଞ୍ଜିତ ଅର୍ଥ ପ୍ରକାଶ କରିଥାଏ । ତେବେ, ପ୍ରବାଦ-ପ୍ରବଚନ ଏବଂ ରୂଢ଼ିସବୁର ଅର୍ଥ କେବେଳ ସମ୍ପୃକ୍ତ ଗୋଷ୍ଠୀ ପାଇଁ ହିଁ ଅର୍ଥପୂର୍ଣ୍ଣ ହୋଇଥାଏ ।

**ଅବଧାରଣା ଏବଂ ସଂଜ୍ଞା**

ପ୍ରବାଦ-ପ୍ରବଚନ ସମ୍ପର୍କରେ ଅନେକ ଲୋକତତ୍ତ୍ୱବିଦ୍ ଗବେଷଣା କରିଛନ୍ତି ତଥା କରିଚାଲିଛନ୍ତି । ଏଠାରେ କେତେକ ଲୋକତତ୍ତ୍ୱବିଦ୍ ନିଜ ଅଧ୍ୟୟନ ଏବଂ ଅବଧାରଣାରୁ କିପରି ପ୍ରବାଦ-ପ୍ରବଚନକୁ ପରିଭାଷିତ କରିଛନ୍ତି ତାହା ଦ୍ରଷ୍ଟବ୍ୟ—

ଲୋକତତ୍ତ୍ୱବିଦ୍ ବାର୍ଲେଟ୍ ଜେରୀ ପ୍ରବାଦ-ପ୍ରବଚନର ଅନୁଶୀଳନରେ ଆନ୍ତର୍ଜାତିକସ୍ତରରେ ସୁପରିଚିତ, ସେ ପ୍ରବାଦର ସଂଜ୍ଞା ଭାବରେ ଉଲ୍ଲେଖ କରନ୍ତି— "A proverb is an expression which, owing its birth to the people, testifies to its origin in form and phrase. It expresses what is apparently a fundamental truth—that is, a truism,—in homely language, often adorned, however, with alliteration and rhyme. It is usually short, but need not be; it is usually true, but need not be. Some proverbs have both a literal and figurative meaning, either of which makes perfect sense; but more often they have but one of the two. A proverb must be venerable; it must bear the sign of antiquity, and, since such signs may be counterfeited by a clever literary man, it should be attested in different places at different times. This last requirement we must often waive in dealing with very early literature, where the material at our disposal is incomplete" (Whiting 1932, 302) ।

ସେହିପରି, ଆବ୍ରାହାମସ୍ ପ୍ରବାଦ-ପ୍ରବଚନ ସମ୍ପର୍କରେ କହନ୍ତି, "Proverbs are short and witty traditional expressions that arise as part of everyday discourse as well as in the more highly structured situations of education and judicial proceedings. Each proverb is a full statement of approach to recurrent problem. It presents a point of view and a strategy that is self-sufficient, needing nothing more than an event of communication to bring it into play" (Abrahams 192, 119) । ପ୍ରବାଦ ପ୍ରବଚନ ସମ୍ପର୍କରେ ଅନୁରୂପ ସଂଜ୍ଞା ପ୍ରଦାନ କରନ୍ତି ମିଦେର, "A concise traditional statement expressing an apparent truth with currency among the folk. Defined more inclusively, proverbs are short, generally known sentences of the folk that contain wisdom, truths, morals, and traditional views in a metaphorical, fixed, and memorizable form and that are handed down orally from generation to generation. (Mieder 2011, 1025)

ଅନୁରୂପ ଭାବରେ, ଷ୍ଟିଫେ଼ନ୍ (Stephen D. Winick) ମଧ୍ୟ କହନ୍ତି, "Proverbs are brief (sentence-length) entextualized utterances which derive a sense of wisdom, wit and authority from explicit and intentional intertextual reference to a tradition of previous similar wisdom utterances. This intertextual reference may take many forms, including replication (i.e., repetition of the text from previous contexts), imitation (i.e., modeling a new utterance after a previous utterance), or use of features (rhyme, alliteration, meter, ascription to the elders, etc.) associated with previous wisdom sayings. Finally, proverbs address recurrent social situations in a strategic way" (Winick 2003, 595) ।

ଲୋକଧାରା ଅଧ୍ୟୟନକୁ ଉଚ୍ଚକୋଟୀ ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣକରିଥିବା ଆଲାନ୍ ଡଣ୍ଡିସ୍ ପ୍ରବାଦ-ପ୍ରବଚନ ସମ୍ପର୍କରେ ମଧ୍ୟ ବିଶେଷ ଅଧ୍ୟୟନ କରିଛନ୍ତି, ସେ ଏହାକୁ ଏପରି ଭାବରେ ପରିଭାଷିତ କରନ୍ତି— "The proverb appears to be a traditional propositional statement consisting of at least one descriptive element, a descriptive element consisting of a topic and a comment. This means that proverbs must have at least two words. Proverbs which contain a single descriptive element are non-oppositional. Proverbs with two or more descriptive elements may be either oppositional or non-oppositional" (Dundes 1975, 970) ।

ପ୍ରବାଦ-ପ୍ରବଚନ ସମ୍ପର୍କିତ ଏହିସବୁ ଅବଧାରଣାକୁ ଆଧାରକରି ଆମେ ଏହାକୁ ଏପରି ଭାବରେ ପରିଭାଷିତ କରିପାରିବା ଯେ—

ପ୍ରବାଦ-ପ୍ରବଚନ ସମ୍ପୃକ୍ତ ଲୋକ ଗୋଷ୍ଠୀର ଅନୁଭୂତି ସମ୍ପନ୍ନ ବାଚିକ ପରିପ୍ରକାଶ । ଏହା ଅନେକ କ୍ଷେତ୍ରରେ ସାଧାରଣତଃ ଏକ ସମ୍ପୂର୍ଣ୍ଣ ବାକ୍ୟ ଭାବରେ ପ୍ରକାଶିତ ହୋଇଥାଏ । ବିଭିନ୍ନ ଘଟଣା, ଚରିତ୍ର, ତଥା ସାମାଜିକ ସାଂସ୍କୃତିକ ଦୃଷ୍ଟିଭଙ୍ଗୀକୁ ପ୍ରକାଶ କରିବା ସହିତ ଲୋକ ଗୋଷ୍ଠୀର ସଦସ୍ୟଙ୍କୁ ସେସବୁ ଆୟାମ ସମ୍ପର୍କରେ ପରିଚିତ କରିଥାଏ ।

ସେହିପରି, ରୂଢ଼ି ହେଉଛି—

ସମ୍ପୃକ୍ତ ଭାଷା ଗୋଷ୍ଠୀର ଏକ ସଂକ୍ଷିପ୍ତ ପରିପ୍ରକାଶ, ଏକ ଏକ ଖଣ୍ଡବାକ୍ୟ । ଏହା ବେଳେବେଳେ କ୍ରିୟାଯୁକ୍ତ ହୋଇଥିଲାବେଳେ କେତେକ କ୍ଷେତ୍ରରେ କ୍ରିୟାହୀନ ମଧ୍ୟ ହୋଇଥାଏ । ପ୍ରବାଦ-ପ୍ରବଚନ ପରି ରୂଢ଼ିର ଅର୍ଥ କେବଳ ସମ୍ପୃକ୍ତ ଲୋକ ଗୋଷ୍ଠୀ ହିଁ ପାଇଁ ଅର୍ଥପୂର୍ଣ୍ଣ, ତଥା ଏକ ରୂଢ଼ିର ବ୍ୟଞ୍ଜିତ ଅର୍ଥକୁ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟ ହିଁ ବୁଝିପାରିଥାନ୍ତି ।

ଅନ୍ୟାନ୍ୟ ଲୋକ ଉପାଦାନ ପରି ପ୍ରବାଦ ପ୍ରବଚନ ଏବଂ ରୂଢ଼ିଗୁଡିକ ମଧ୍ୟ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟମାନଙ୍କ ମଧ୍ୟରେ ପାରମ୍ପରିକ ରୂପରେ ତଥା ମୌଖିକ ଭାବରେ ସଂପ୍ରସାରିତ ହୋଇଥାଏ । ଏହି ସମ୍ପ୍ରସାରଣ ଭିତରେ ସମୟକ୍ରମେ ପରିବେଶ, ପ୍ରସଙ୍ଗ, ଓ ପରିସ୍ଥିତି ଦୃଷ୍ଟିରୁ ନୂତନ ସଂଯୋଜନା ହେବା ସହିତ କିଛି ଉପାଦାନର ବିଲୋପନ ମଧ୍ୟ ହୋଇଥାଏ ।

**ବିଭାଗୀକରଣ**

ପ୍ରବାଦ-ପ୍ରବଚନାକୁ ଲୋକତତ୍ତ୍ୱବିଦ୍‌ମାନେ ନିଜନିଜ ଅଧ୍ୟୟନରେ ବିଭିନ୍ନ ଭାବରେ ବିଭାଗୀକରଣ କରିଛନ୍ତି ଯେପରି—

ଟେଲର୍ ତାଙ୍କ *The Proverb* (1931) ଗ୍ରନ୍ଥରେ ପ୍ରବାଦପ୍ରବଚନକୁ ୧. 'ଐତିହାସିକ ପ୍ରବାଦ-ପ୍ରବଚନ (Historical proverbs)', ୨. 'ନୀତିଗତ ପ୍ରବାଦ-ପ୍ରବଚନ (Legal proverbs)', ୩. 'ପାଣିପାଗ ଆଧାରିତ ପ୍ରବାଦ-ପ୍ରବଚନ (Weather proverbs)', ୪. 'ଚିକିତ୍ସା ଆଧାରିତ ପ୍ରବାଦ-ପ୍ରବଚନ (Medical proverbs)', ୫. 'ପ୍ରଥା-ପରମ୍ପରା ଆଧାରିତ ପ୍ରବାଦ-ପ୍ରବଚନ (Conventional phrases)', ଏବଂ ୬. 'ଭବିଷ୍ୟବାଣୀ ଆଧାରିତ ପ୍ରବାଦ-ପ୍ରବଚନ (Proverbial prophecies)' ଭାବରେ ବିଭକ୍ତ କରିଥିଲେ (Taylor 1931, 15) । ଅନୁରୂପ ଭାବରେ, ବୁର୍ନେ ଏହାକୁ ୧. 'ପୂର୍ଣ୍ଣାଙ୍ଗ ପ୍ରବାଦ-ପ୍ରବଚନ (Proverbs proper)', ଏବଂ ୨. 'ଖଣ୍ଡବାକ୍ୟ ପ୍ରବାଦ-ପ୍ରବଚନ (Proverbial Phrases)' ଭାବରେ ବିଭକ୍ତ କରନ୍ତି (Burne 1914, 282) । ପରବର୍ତ୍ତୀ ସମୟରେ, ବ୍ରୁନବାନ୍ଦ୍ ପ୍ରବାଦ-ପ୍ରବଚନକୁ ୧. 'ସାଧାରଣ ବାସ୍ତବତା ପ୍ରକାଶକ ପୂର୍ଣ୍ଣାଙ୍ଗ ପ୍ରବାଦ-ପ୍ରବଚନ (True proverb)', ୨. 'ଖଣ୍ଡବାକ୍ୟ ପ୍ରବାଦ-ପ୍ରବଚନ (Proverbial phrases)', ୩. 'ତୁଳନାତ୍ମକ ପ୍ରବାଦ-ପ୍ରବଚନ (Proverbial comparisions)', ୪. 'ସୂକ୍ତି (Wellerism)', ଏବଂ ୫. 'ଅନ୍ୟାନ୍ୟ ପ୍ରବାଦ-ପ୍ରବଚନ (Miscellanious Proverbial sayings)' ଆଦି ଭାବରେ ବିଭକ୍ତ କରିଛନ୍ତି (Brunvad 1978, 52-54) ।

ଗ୍ରୀସ୍ ପ୍ରବାଦ-ପ୍ରବଚନ ସମ୍ପର୍କରେ ବିଶେଷ ଅଧ୍ୟୟନ କରିଥିବା ଇମାନୁଏଲ (Emanuele Lelli) ଏଗୁଡିକୁ ୧. 'ମାନବୀୟ ଗୁଣ ଏବଂ ଚରିତ୍ର ଆଧାରିତ ପ୍ରବାଦ-ପ୍ରବଚନ (Proverbs centered on human concepts, personifications)', ୨. 'ଦୈନନ୍ଦିନ ଜୀବନ ଏବଂ ପ୍ରାକୃତିକ ବସ୍ତୁ ଆଧାରିତ ପ୍ରବାଦ-ପ୍ରବଚନ (Proverbs of everyday life

and of the natural world)', ୩. 'ପ୍ରାଣୀଜଗତ ଆଧାରିତ ପ୍ରବାଦ-ପ୍ରବଚନ (Proverbs featuring animals)', ୪. 'ସ୍ଥାନ ଏବଂ ବ୍ୟକ୍ତି ଆଧାରିତ ପ୍ରବାଦ-ପ୍ରବଚନ (Proverbs on places and peoples)', ୫. 'ଐତିହାସିକ ଉପାଖ୍ୟାନ ଆଧାରିତ ପ୍ରବାଦ-ପ୍ରବଚନ (Pproverbs of anecdotical or historical characters)', ଏବଂ ୬. 'ମିଥ୍, ଦେବଦେବୀ ତଥା ବୀରଗାଥା ଆଧାରିତ ପ୍ରବାଦ-ପ୍ରବଚନ (Pproverbs focusing on mythical characters, gods and heroes)' ଭାବରେ ବିଭକ୍ତ କରିଛନ୍ତି (Lelli 2007, 140) ।

ଲୋକତତ୍ତ୍ୱବିଦମାନଙ୍କ ଏହି ବିଭାଗୀକରଣକୁ ଆଧାରକରି ପ୍ରବାଦ-ପ୍ରବଚନଗୁଡିକୁ ଆମେ ୧. ପୌରାଣିକ ପ୍ରବାଦ-ପ୍ରବଚନ, ୨. ଐତିହାସିକ ପ୍ରବାଦ-ପ୍ରବଚନ, ୩. ଦେବଦେବୀ ଓ ଧର୍ମ ସମ୍ବନ୍ଧୀୟ ପ୍ରବାଦ-ପ୍ରବଚନ, ଏବଂ ୪. ଦୈନନ୍ଦିନ ଜୀବନଧାରା ଆଧାରିତ ପ୍ରବାଦ-ପ୍ରବଚନ ଭାବରେ ବିଭକ୍ତ କରିପାରିବା ।

**ବୈଶିଷ୍ଟ୍ୟ**

ପ୍ରବାଦଗୁଡିକ ସାଧାରଣତଃ କିମ୍ବଦନ୍ତୀ, ପୁରାଣ, କେତେକାଂଶରେ ଇତିହାସ, ଏବଂ ବେଳେବେଳେ ବିଭିନ୍ନ ଲୋକ କାହାଣୀକୁ ମଧ୍ୟ ଆଧାର କରିଥାଏ । ସେହିପରି, ପ୍ରବଚନ ହେଉଛି ଆପ୍ତବାକ୍ୟ । ଏବଂ, ଏହା ମଧ୍ୟ ପ୍ରବାଦ ଭଳି କିମ୍ବଦନ୍ତୀ, ପୁରାଣ, କେତେକାଂଶରେ ଇତିହାସ, ଏବଂ ବେଳେବେଳେ ବିଭିନ୍ନ ଲୋକ କାହାଣୀ ଆଧାରିତ ହୋଇଥାଏ । ଅତଏବ, ବେଳେବେଳେ ପ୍ରବାଦଠାରୁ ପ୍ରବଚନକୁ ଅଲଗାକରି ଚିହ୍ନିବା କଷ୍ଟକର ।

ପ୍ରବାଦ-ପ୍ରବଚନଗୁଡିକ ଅତୀତର ଅନୁଭୂତି ତଥା ସାମ୍ପ୍ରତିକ ସମୟର ବିଭିନ୍ନ ଚରିତ୍ର, ଦୈନନ୍ଦିନ ଜୀବନର ବହୁବିଧ ଘଟଣାବଳୀ, ବିଭିନ୍ନ ସାମାଜିକ ସାଂସ୍କୃତିକ କ୍ରିୟାକର୍ମ ତଥା ନିତିଦିନ ଜୀବନଯାତ୍ରାର ଅନୁଭୂତି ସମ୍ପନ୍ନ ସତର୍କତା ସମ୍ବନ୍ଧିତ ଧାରଣାର ସୂଚକ ଭାବରେ ପ୍ରକାଶିତ ହୋଇଥାଏ । ଅନେକତଃ, ପ୍ରବାଦଗୁଡିକ ଆକ୍ଷରିକ ଅର୍ଥକୁ ନସୂଚାଇ ବ୍ୟଞ୍ଜିତ ଅର୍ଥ ପ୍ରକାଶ କରିଥାଏ । ପ୍ରତ୍ୟେକ ପ୍ରବାଦ-ପ୍ରବଚନରେ ଗୋଟିଏ ବିଷୟ ବର୍ଣ୍ଣନା ହେବା ସହିତ ସେ ସମ୍ପର୍କିତ ମତାମତ ମଧ୍ୟ ତା ଭିତରେ ନିହିତ ଥାଏ । କେତେକ ପ୍ରବାଦ-ପ୍ରବଚନ କୌଣସି ଏକ କାହାଣୀକୁ ଆଧାର କରୁଥିବାବେଳେ, ସେଥିରେ ବିଭିନ୍ନ ଐତିହାସିକ, ସାମାଜିକ, ଏବଂ ରାଜନୈତିକ ଘଟଣାବାଳୀର ଚିତ୍ର ପ୍ରଖ୍ୟାପିତ ହେବା ସହ ସେ ସମ୍ପର୍କିତ ଅବଧାରଣା ଏବଂ ଶିକ୍ଷଣୀୟ ଦିଗକୁ ପ୍ରକାଶ କରିଥାଏ । ବେଳେବେଳେ ଏହା ଦୁଇ ବିପରୀତ ଘଟଣାକୁ ତୁଳନାତ୍ମକ ଭାବରେ ବ୍ୟାଖ୍ୟା କରୁଥିବା ବେଳେ ବେଳେବେଳେ ଏହା ନିର୍ଦ୍ଦିଷ୍ଟ ଏକ ଅବଧାରଣାର ଅନୁଶୀଳନ କରିଥାଏ ତଥା ସମାଲୋଚନାଭିତ୍ତକ ମଧ୍ୟ ହୋଇଥାଏ । ପ୍ରବାଦ-ପ୍ରବଚନ ତଥା ରୂଢିଗୁଡିକ ମୌଖିକ ଭାବରେ ସମ୍ପୃକ୍ତ ସମାଜର ଜଣେ ସଦସ୍ୟଙ୍କଠାରୁ ଆଉ ଜଣେ ସଦସ୍ୟଙ୍କ ପାଖକୁ ସମ୍ପ୍ରସାରିତ ହୋଇଥାଏ ଏବଂ ପରିସ୍ଥିତି ପ୍ରସଙ୍ଗକ୍ରମେ ନୂତନ ପ୍ରବାଦ-ପ୍ରବଚନ ଏବଂ ରୂଢିର ମଧ୍ୟ ସଂଯୋଜନା ଦେଖିବାକୁ ମିଳେ । ଏଠାରେ ଆମର ସହଜ ଅବଧାରଣା ପାଇଁ ପ୍ରବାଦ-ପ୍ରବଚନ, ଏବଂ ରୂଢିର କେତୋଟି ବୈଶିଷ୍ଟ୍ୟକୁ ସଂକ୍ଷେପରେ ଏପରି ଭାବରେ ଉଲ୍ଲେଖ କରିପାରିବା—

୧. ପ୍ରବାଦ-ପ୍ରବଚନଗୁଡିକ ସମ୍ପୃକ୍ତ ଗୋଷ୍ଠୀ ଜୀବନର ଅନୁଭୂତ ଜ୍ଞାନର ପରିପ୍ରକାଶ । ଏଗୁଡିକ ସମ୍ପୂର୍ଣ୍ଣ ବାକ୍ୟ ବେଳେବେଳେ ଏକାଧିକ ପଦ ହୋଇଥିବାବେଳେ ରୂଢି ସମ୍ପୃକ୍ତ ଭାଷାର ବିଶେଷ ଆଦାନାପ୍ରଦାନ ଯୋଗ୍ୟ ବାକ୍ୟାଂଶ ବା ଖଣ୍ଡବାକ୍ୟ ।

୨. ପ୍ରବାଦ-ପ୍ରବଚନଗୁଡିକରେ ସମ୍ପୃକ୍ତ ଲୋକ ଗୋଷ୍ଠୀର ଆଚାର ବ୍ୟବହାର, ସାମାଜିକ ରୀତିନୀତିର ଅବଧାରଣା ପ୍ରକାଶିତ ହୋଇଥାଏ ।

୩. ପ୍ରବାଦ-ପ୍ରବଚନଗୁଡିକରେ ଦୈନନ୍ଦିନ ଜୀବନର କାର୍ଯ୍ୟକଳାପର ତୃଟିବିଚ୍ୟୁତି ସମ୍ପର୍କରେ ସମାଲୋଚନା ମଧ୍ୟ ଦେଖାଯାଏ । ତଥା ସମ୍ପୃକ୍ତ ଗୋଷ୍ଠୀରେ ଶୈକ୍ଷିକ ଭୂମିକା ନିର୍ବାହ କରିଥାଏ ।

୪. ପ୍ରବାଦ-ପ୍ରବଚନ ଓ ରୂଢ଼ିଗୁଡ଼ିକ କେତେବେଳେ କିଏ ସୃଜନ କରିଥାଏ ଏହା କହିବା କଷ୍ଟକର । ଏବଂ ଅନ୍ୟାନ୍ୟ ଲୋକ ଉପାଦାନ ଭଳି ଗୋଷ୍ଠୀର ସମସ୍ତ ସଦସ୍ୟ ଏହାର ସର୍ଜନ ପରିବେଷଣ ସହିତ ସମ୍ପୃକ୍ତ ଥାଆନ୍ତି ।

୫. ରୂଢ଼ିଗୁଡ଼ିକ ତାହାର ଆକ୍ଷରିକ ଅର୍ଥ ପ୍ରକାଶ ନକରି ଆରୂଢ଼ ଲାକ୍ଷଣିକ ବା ବ୍ୟଞ୍ଜିତ ଅର୍ଥ ପ୍ରକାଶ କରିଥାଏ । ସେହିଭଳି, ପ୍ରବାଦ-ପ୍ରବଚନରେ ବେଳେବେଳେ ଦୁଇଗୋଟି ପରସ୍ପର ବିରୋଧୀ ପ୍ରସଙ୍ଗର ଏକତ୍ର ସଂଯୋଜନା ଦେଖାଯାଇଥାଏ ।

୬. ଗୋଟିଏ ଲୋକ ଗୋଷ୍ଠୀରେ ପ୍ରଚଳିତ ପ୍ରବାଦ ପ୍ରବଚନ ତଥା ରୂଢ଼ିରେ ଯଦିଓ ସମୟକ୍ରମେ ଅର୍ଥ ପରିବର୍ତ୍ତନ ହୋଇନଥାଏ ତେବେ, ପ୍ରସଙ୍ଗକ୍ରମେ ଓ ସମୟକ୍ରମେ ନୂଆ ନୂଆ ପ୍ରବାଦପ୍ରଚବନ ତଥା ରୂଢ଼ିର ସଂଯୋଜନା ଦେଖାଯାଇଥାଏ ।

### ୨.୧.୨.୮ ନାଁ-ଦିଆ

ନାଁ-ଦିଆଗୁଡ଼ିକ ହେଉଛି ରୂପକ ଆଧାରିତ ପାରମ୍ପରିକ ପରିପ୍ରକାଶ ଯେଉଁଠି ଦୁଇଟି ବସ୍ତୁ, ଅବସ୍ଥା, ବା ଘଟଣା ପ୍ରକ୍ରିୟା ଭିତରେ ଥିବା ଅବଧାରିତ ସାମଞ୍ଜସ୍ୟ, ତଥା ସାମ୍ୟ ବୈଷମ୍ୟର ଧାରଣା ଓ ତୁଳନାରୁ ଏହାର ସୃଷ୍ଟି । ପ୍ରବାଦପ୍ରବଚନ ଭଳି ଏହାର ପରିବେଷଣ ପାରମ୍ପରିକ ଭାବରେ ହିଁ ସମ୍ପୃକ୍ତ ଗୋଷ୍ଠୀ ମଧ୍ୟରେ ହୋଇଥାଏ । ଅନୁରୂପ ଭାବରେ, ଏହାର ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟଙ୍କପାଇଁ ହିଁ ଅର୍ଥପୂର୍ଣ୍ଣ ହୋଇଥାଏ । ଏହା ଅନ୍ୟୁନ ଦୁଇଜଣ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବି ପରିବେଷିତ ହୋଇପାରେ । ଅନେକ ନାଁ-ଦିଆ ସମ୍ପର୍କରେ ଅଂଶଗ୍ରହଣକାରୀ ଗୋଷ୍ଠୀର ସମସ୍ତ ସଦସ୍ୟ ଅବଗତ ଥାଆନ୍ତି ତେବେ, କିଛି ଶୁଣିନଥିବା ପୂର୍ବରୁ ଅବଗତ ନଥିବା ନାଁ-ଦିଆର ଉତ୍ତର ନିରୂପଣ କରିବାରେ କଷ୍ଟ ହୋଇଥାଏ । ଅନେକ ସମୟରେ ପରିବେଷଣ କରି ବିଭିନ୍ନ ବସ୍ତୁ ତଥା ପ୍ରତୀକକୁ ଆଧାର କରି ପୂର୍ବପ୍ରସ୍ତୁତ ବଦଳରେ ନୂଆ ଆଖ୍ୟାନ ମଧ୍ୟ ସଂଯୋଜନା କରିବା ଦେଖାଯାଏ । ଏକ୍ଷେତ୍ରରେ ଅନ୍ୟ ଅଂଶଗ୍ରହଣକାରୀମାନଙ୍କୁ ପରିବେଷଣକାରୀ ତାହାର ଉପସ୍ଥାପନାଗତ ଯର୍ଥାଥତା ବୁଝାଇବାକୁ ପଡିଥାଏ ଏବଂ ଏଥିରେ ଅନ୍ୟ ଅଂଶଗ୍ରହଣକାରୀ ଏହି ବ୍ୟାଖ୍ୟାରେ ସହମତ ହେଲେ ସେହି ନାଁ-ଦିଆ ସ୍ୱୀକୃତ ହେବା ସହିତ ଅନ୍ୟ ସଦସ୍ୟଙ୍କ ପାଖକୁ ମଧ୍ୟ ସମ୍ପ୍ରସାରିତ ହୋଇଥାଏ ।

#### ଅବଧାରଣା ଏବଂ ସଂଜ୍ଞା

ନାଁ-ଦିଆ ସମ୍ପର୍କରେ ଅନେକ ଲୋକତତ୍ତ୍ୱବିଦ୍ ଗବେଷଣା କରିଛନ୍ତି ତଥା କରିଚାଲିଛନ୍ତି । ଏଠାରେ କେତେକ ଲୋକତତ୍ତ୍ୱବିଦ୍ ନିଜ ଅଧ୍ୟୟନ ଏବଂ ଅବଧାରଣାରୁ କିପରି ନାଁ-ଦିଆକୁ ପରିଭାଷିତ କରିଛନ୍ତି ତାହା ଦ୍ରଷ୍ଟବ୍ୟ—

ଆବ୍ରାହାମସ୍, ଏବଂ ଡଣ୍ଡିସ୍ ନାଁ-ଦିଆକୁ "Riddles are questions that ar framed with the purpose of confusing or testing the wits ofthose who donot know the answer" (Abrahams, and Dunes 1972, 130) ଭାବରେ ପରିଭାଷିତ କରନ୍ତି । ସେହିପରି, ବ୍ରୁନ୍‌ବାନ୍ଦ୍ ତାଙ୍କର *The Study of American Folklore: An Introduction* ଗ୍ରନ୍ଥରେ ନାଁ-ଦିଆକୁ "Folk riddles are traditional questions with unexpected (albeit traditional) answers— verbal puzzles that demonstrate the cleverness of the questioner and challenges the wit of his audience" ଭାବରେ ପରିଭାଷିତ କରିଛନ୍ତି (Brunvand 1978, 63) । ଅନୁରୂପ ଭାବରେ, ଦାନିଏଲ୍ ରୋମେର (Danielle M. Roemer) କହନ୍ତି, "...a type of enigmatic interrogative routine characterized by proposition (that is, an imlied or stated question), posed by the riddler(the initiating participant). The opposition is intended to call forth a reply from the respondent (the riddler's coparticipant)" (Roemer 1996, 1316) ।

ନାଁ-ଦିଆର ଏହିସବୁ ଅବଧାରଣାକୁ ଆଧାରକରି ଆମେ ଏହାକୁ ଏପରି ଭାବରେ ପରିଭାଷିତ କରିପାରିବା ଯେ—

ନାଁ-ଦିଆ ଏକ ପ୍ରଶ୍ନ ଆଧାରିତ ପାରମ୍ପରିକ ପରିପ୍ରକାଶ, ଯେଉଁଠି ଏକ ବା ଏକାଧିକ ବସ୍ତୁ, ଅବସ୍ଥା, ବା ଘଟଣା ପ୍ରକ୍ରିୟାର ବର୍ଣ୍ଣନା ସହିତ ସେସବୁକୁ ନେଇ ସମ୍ପୃକ୍ତ ଲୋକ ଗୋଷ୍ଠୀ ମଧ୍ୟରେ ଥିବା ସାମ୍ୟବୈଷମ୍ୟର ଧାରଣା ଓ ତୁଳନାରୁ ଏହାର ସୃଷ୍ଟି । ପ୍ରବାଦ-ପ୍ରବଚନ ଭଳି ଏହାର ପରିବେଷଣ ପାରମ୍ପରିକ ଭାବରେ ହିଁ ସମ୍ପୃକ୍ତ ଗୋଷ୍ଠୀ ମଧ୍ୟରେ ହୋଇଥାଏ । ଅନୁରୂପ ଭାବରେ, ଏହାର ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟଙ୍କ ପାଇଁ ହିଁ ଅର୍ଥପୂର୍ଣ୍ଣ ହୋଇଥାଏ । ପରିବେଶ, ପରିସ୍ଥିତି ଏବଂ ନୂତନ ସାମାଜିକ ସଂରଚନାରେ ଏହି ଉପାଦାନରେ ଲୋକଧାରାର ଅନ୍ୟ ଉପାଦାନ ଭଳି କିଛି ନୂତନ ସଂଯୋଜନା ହେବା ସହିତ କିଛି ଉପାଦାନର ବିଲୋପନ ମଧ୍ୟ ହୋଇଥାଏ ।

**ବିଭାଗୀକରଣ**

ନାଁ-ଦିଆକୁ ଲୋକତତ୍ତ୍ୱବିଦ୍‌ମାନେ ନିଜନିଜ ଅଧ୍ୟୟନରେ ବିଭିନ୍ନ ଭାବରେ ବିଭାଗୀକରଣ କରିଛନ୍ତି ଯେପରି— ଟେଲର୍ ନାଁ-ଦିଆକୁ ୧. 'ପ୍ରାଣୀଜଗତ ସମ୍ପର୍କିତ ନାଁ-ଦିଆ (Comparisons to animal)', 'ବ୍ୟକ୍ତି ସମ୍ପର୍କିତ ନାଁ-ଦିଆ (Comparisions to person)', ୨. 'ତୁଳନାତ୍ମକ ନାଁ-ଦିଆ (Enumerations of comparisions)', ୩. 'ସ୍ୱରୂପ ଏବଂ କାର୍ଯ୍ୟ ସମ୍ପର୍କିତ ନାଁ-ଦିଆ (Enumerations in terms of form and function)', ୪. 'ବସ୍ତୁ ତଥା ପଦାର୍ଥ ସମ୍ପର୍କିତ ନାଁ-ଦିଆ (Comparisions to things)', ୫. 'ବୃକ୍ଷଲତା ସମ୍ପର୍କିତ ନାଁ-ଦିଆ (Comparisions to plants)', ୬. 'ଘଟଣା-ପ୍ରକ୍ରିୟା ସମ୍ପର୍କିତ ନାଁ-ଦିଆ (Enumerations in terms of color)', ୭. 'ରଙ୍ଗ ଆଧାରିତ ନାଁ-ଦିଆ (Enumerations in terms of acts)' ଭଳି ବିଭିନ୍ନ ଭାଗରେ ବିଭକ୍ତ କରିଛନ୍ତି (Tylore 1951, 3-4) ।

ନାଁ-ଦିଆ ଉପରେ ବିଶଦ ଗବେଷଣା କରିଛନ୍ତି ଲୋକତତ୍ତ୍ୱବିଦ୍ ଆବ୍ରାହାମସ୍ ଏବଂ ଡଣ୍ଡିସ୍ (Roger D. Abrahams, and Alan Dundes) । ସେମାନେ ତାଙ୍କ ଏକ ପ୍ରବନ୍ଧରେ ଏହାକୁ ୧. 'ବର୍ଣ୍ଣନାତ୍ମକ ନାଁ-ଦିଆ (Descriptive riddles)', ୨. 'କଉତୁକିଆ ନାଁ-ଦିଆ (Joking questions)', ୩. 'ବୁଦ୍ଧିକସରତ ନାଁ-ଦିଆ (Wisdom questions)', ୪. 'ଦ୍ୱନ୍ଦ୍ୱାତ୍ମକ ନାଁ-ଦିଆ (Puzzls)', ଏବଂ ୫. 'ଲାଳିକାଧର୍ମୀ ନାଁ-ଦିଆ (Parody riddles)' ଆଦି ଭାବରେ ବିଭକ୍ତ କରନ୍ତି (Abrahams, and Dundes 1972, 131-139) । ସେହିପରି, ଲୋକତତ୍ତ୍ୱବିଦ୍ ବ୍ରୁନବାନ୍ଦ୍ ୧. 'କାହାଣୀ ତଥା କୌଣସି ଘଟଣା ଆଧାରିତ ନାଁ-ଦିଆ (Neck riddles)', ୨. 'ଦ୍ୱି-ଅର୍ଥବୋଧକ ନାଁ-ଦିଆ (Pretended obscene riddles)', ୩. 'ଚାତୁର୍ଯ୍ୟପୂର୍ଣ୍ଣ ପ୍ରଶ୍ନ (Riddling questions)', ୪. 'ଶବ୍ଦଯାଦୁ (Conundrum)', ୫. 'ଦ୍ୱନ୍ଦ୍ୱାତ୍ମକ ନାଁ-ଦିଆ (Puzzles)', ୬. 'ନୈର୍ବାଚିକ ନାଁ-ଦିଆ (Non-oral riddles)', ୭. 'ଦ୍ରୁତାଖ୍ୟାନ (Toungue twister)', ୮. 'ସଂକ୍ଷିପ୍ତ ଶବ୍ଦରୂପ ବା ପୂର୍ଣ୍ଣରୂପ-ପ୍ରଶ୍ନ (Mnemonic device)' ଆଦି ଭାବରେ ବିଭକ୍ତ କରନ୍ତି (Brunvand 1978, 66-72) ।

ଲୋକତତ୍ତ୍ୱବିଦ୍‌ମାନଙ୍କ ଏହି ବିଭାଗୀକରଣକୁ ଆଧାର କରି ନାଁ-ଦିଆଗୁଡିକୁ ଆମେ ଏହିପରି ଭାବରେ ବିଭକ୍ତ କରିପାରିବା—

୧. ମଣିଷ ଓ ଅନ୍ୟାନ୍ୟ ଜୀବଜନ୍ତୁ ସମ୍ବନ୍ଧୀୟ

୨. ଗୃହପୋକରଣ ଓ ଖାଦ୍ୟପୋକରଣ

୩. କୃଷି ଓ ଅନ୍ୟ ପାରମ୍ପରିକ ବୃତ୍ତି ସମ୍ପର୍କିତ

୪. ପାରମ୍ପରିକ ହିସାବ ସମ୍ପର୍କିତ

୫. ପ୍ରାକୃତିକ ତଥା ଅପ୍ରାକୃତିକ ବସ୍ତୁ ସମ୍ପର୍କିତ

**ବୈଶିଷ୍ଟ୍ୟ**

ନାଁ-ଦିଆଗୁଡିକ ସ୍ୱରୂପଦୃଷ୍ଟିରୁ ଏକ ପଦ୍ୟ ହେବା ସହିତ ଗଦ୍ୟରୂପରେ ମଧ୍ୟ ପ୍ରକାଶିତ ହୋଇଥାଏ । ସେହିପରି, କେତେକ ନାଁ-ଦିଆ ପରାଭାଷିକ ତଥା ଏକ ସଂକେତ, ଏକ ରେଖାଚିତ୍ର ଭଳି ନୈର୍ବାଚିକ ରୂପରେ ବି ପ୍ରକାଶିତ ହୋଇଥାଏ । କୌଣସି ଏକ ବସ୍ତୁ ବା ପଦାର୍ଥକୁ ନେଇ ଏକ ଲୋକ ଗୋଷ୍ଠୀରେ ବେଳେବେଳେ ଏକାଧିକ ନାଁ-ଦିଆ ପରିବେଷିତ ହୋଇଥାଏ । ଏହାର ପରିବେଷଣ ନିମିତ୍ତ ଦୁଇ ବା ତତୋଧିକ ଅଂଶଗ୍ରହଣକାରୀ ଆବଶ୍ୟକ ହୋଇଥାଏ । ପ୍ରଥମେ ପରିବେଷଣକାରୀ ପ୍ରତିପକ୍ଷକୁ ଆହ୍ୱାନ କରିବା ସହିତ ଏକ ବିଷୟର ଉପସ୍ଥାପନା କରନ୍ତି । ଏହି ଉପସ୍ଥାପନାରେ ବିଷୟ ବା ବସ୍ତୁଗତ ସୂଚନା ସହିତ ଦ୍ୱନ୍ଦ୍ୱାତ୍ମକ ବ୍ୟାଖ୍ୟା ମଧ୍ୟ ଥାଏ । ପ୍ରତିପକ୍ଷ ଅଂଶଗ୍ରହଣକାରୀ ଏହାର ସାମଞ୍ଜସ୍ୟ ଆୟାମଟିକୁ ଅନୁଶୀଳନ କରି ଏହାର ଉତ୍ତର ପ୍ରଦାନ କରିଥାନ୍ତି । ଅନ୍ୟାନ୍ୟ ଲୋକ ଉପାଦାନ ଭଳି ଏହା ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟଙ୍କପାଇଁ ହିଁ ଅର୍ଥପୂର୍ଣ୍ଣ ହୋଇଥାଏ । ପରିବେଶ, ପରିସ୍ଥିତି ଏବଂ ନୂତନ ସାମାଜିକ ସଂରଚନାରେ ଏହି ଉପାଦାନରେ ମଧ୍ୟ ଲୋକଧାରାର ଅନ୍ୟ ଉପାଦାନ ଭଳି କିଛି ନୂତନ ସଂଯୋଜନା ହେବା ସହିତ କିଛି ଉପାଦାନର ବିଲୋପନ ମଧ୍ୟ ହୋଇଥାଏ ।

ଲୋକତତ୍ତ୍ୱବିଦ୍‌ମାନେ ନାଁ-ଦିଆର ବିଭିନ୍ନ ଆୟାମ ସମ୍ପର୍କରେ ଆଲୋଚନା କରନ୍ତି । ଯେପରି ରବର୍ଟ, ଏହାର ସଂରଚନା ସମ୍ପର୍କରେ ଅନୁଶୀଳନ କରିବା ସହିତ ଏହାର — କ) ପ୍ରାରମ୍ଭିକ ଉକ୍ତି (opening formula), ଖ) ବିଷୟର ନାମକରଣ (naming the subject to be desribed), ଗ) ବିଷୟର ବର୍ଣ୍ଣନା (descriptive statement about the subject), ଘ) ଭ୍ରାନ୍ତିସୃଷ୍ଟିକାରୀ ଉକ୍ତି (misleading statement about the same subject) ଏବଂ, ଙ) ଶେଷ ଉକ୍ତି (closing formula) ଭଳି ପାଞ୍ଚଟି ଆୟାମ ସମ୍ପର୍କରେ ଉଲ୍ଲେଖ କରନ୍ତି (as quoted by Jansen 1968, 207) । ଅନୁରୂପ ଭାବରେ, ଲୋକକତ୍ତ୍ୱବିଦ୍ ବ୍ରୁନ୍‌ବାନ୍ଦ୍ ନାଁ-ଦିଆର ଛଅଟି ଆୟାମ ସମ୍ପର୍କରେ ଆଲୋଚନା କରନ୍ତି— କ) ପ୍ରସ୍ତାବନା (Introduction), ଖ) ବିଷୟର ନାମକରଣ (Description), ଗ) ବିଷୟର ବର୍ଣ୍ଣନା (Name), ଘ) ଭ୍ରାନ୍ତି ସୃଷ୍ଟିକାରୀ ଉକ୍ତି (Block), ଙ) ଶେଷ ଉକ୍ତି (Close), ଏବଂ ଚ) ଉତ୍ତର (Brunvand 1978, 65) । ସେହିପରି, ରୋମେର୍ ମଧ୍ୟ ନାଁ-ଦିଆର ପାଞ୍ଚଟି ଆୟାମ ସମ୍ପର୍କରେ ଆଲୋଚନା କରନ୍ତି— କ) ଉପସ୍ଥାପନ-ସୂଚନା (riddle-act invitation), ଖ) ଉପସ୍ଥାପନା (riddler's proposition), ଗ) ଅଂଶଗ୍ରହଣକାରୀଙ୍କ ପ୍ରାଥମିକ ଅବଧାରଣା (respondent initial response), ଘ) ଅନ୍ୟ ଅଂଶଗ୍ରହଣକାରୀଙ୍କ ସହିତ ସୂଚନା-ଇସାରା (any riddler respondent interaction during the contemplation period), ଏବଂ ଙ) ଉତ୍ତର ପର୍ଯ୍ୟାୟ (ଉତ୍ତର ପ୍ରଦାନ ଏବଂ ନୂତନ ଆହ୍ୱାନ) (the riddle answer sequence) ତାଙ୍କ "Riddles and Puzzles" ପ୍ରବନ୍ଧରେ (Roemer 1996, 1316) । ତେବେ, ପ୍ରତ୍ୟେକ ନାଁ-ଦିଆର ଯେ ପ୍ରସ୍ତାବନା, ବିଷୟର ନାମକରଣ, ବିଷୟର ବର୍ଣ୍ଣନା, ଭ୍ରାନ୍ତି ସୃଷ୍ଟିକାରୀ ଉକ୍ତି, ଶେଷ ଉକ୍ତି, ଏବଂ ଉତ୍ତର ନିର୍ଣ୍ଣୟ ଭଳି ବିଭିନ୍ନ ଆୟାମ ଅଛି ଏହା ନିଶ୍ଚିତ । କିନ୍ତୁ, କେତେକ କ୍ଷେତ୍ରରେ ଏହି ସମସ୍ତ ଆୟାମ ନଥାଇ ମଧ୍ୟ ସଫଳ ନାଁ-ଦିଆ ପରିବେଷିତ ହେବା ଦେଖିବାକୁ ମିଳେ ।

ଏଠାରେ ଆମର ସହଜ ଅବଧାରଣା ପାଇଁ ପ୍ରବାଦ-ପ୍ରବଚନ, ଏବଂ ନାଁ-ଦିଆର କେତୋଟି ବୈଶିଷ୍ଟ୍ୟକୁ ସଂକ୍ଷେପରେ ଏପରି ଭାବରେ ଉଲ୍ଲେଖ କରିପାରିବା—

୧. ନାଁ-ଦିଆଗୁଡିକ ସଂକ୍ଷିପ୍ତ ଏବଂ ପ୍ରତୀକାତ୍ମକ ।

୨. ଏହା ଉଭୟ ପଦ୍ୟାତ୍ମକ ଏବଂ ଗଦ୍ୟାତ୍ମକ ତଥା ନୈର୍ବାଚିକ ମଧ୍ୟ ହୋଇଥାଏ ।

୩. ଏହା ସମୟର ଅପନୋଦନ ପାଇଁ ପରିବେଷିତ ସାଧାରଣତଃ ଶିଶୁ କିଶୋରମାନଙ୍କ ଦ୍ୱାରା ପରିବେଷିତ ହୋଇଥାଏ । ଏକ ପରିବେଷଣ କ୍ଷେତ୍ରରେ ହିଁ ଏହା ପ୍ରକାଶିତ ହୋଇଥାଏ ।

୪. ନାଁ-ଦିଆରେ ସମ୍ପୃକ୍ତ ଲୋକ ଗୋଷ୍ଠୀର ଜୀବଜନ୍ତୁ, ଗଛଲତା, ବିଭିନ୍ନ ଉପକରଣ, ପ୍ରାକୃତିକ ଅପ୍ରାକୃତିକ ବସ୍ତୁ ଆଦିକୁ ଆଧାରକରି କଥିତ ହୋଇଥାଏ । ଏହାର ପରିବେଷଣରେ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟ ହିଁ ଭାଗ ନେଇଥାନ୍ତି ।

୫. ଅନେକ ଧନ୍ଦା ବା ନାଁ-ଦିଆଗୁଡିକର ଉତ୍ତର ସମ୍ପର୍କରେ ଅଂଶଗ୍ରହଣକାରୀ ଗୋଷ୍ଠୀର ପ୍ରାୟ ସଦସ୍ୟ ଜ୍ଞାତ ଥାଆନ୍ତି । ତେବେ, ପରିବେଶ ପରିସ୍ଥିତି ଏବଂ ପ୍ରତୀକୀତ ବସ୍ତୁକୁ ଉପଲକ୍ଷ୍ୟ କରି ଏହାର ବକ୍ତବ୍ୟରେ ନୂତନ ଆଖ୍ୟାନ ଦିଆଯାଇଥାଏ ଯାହାକୁ ପରବର୍ତ୍ତୀ ସମୟରେ ପରିବେଷଣକାରୀ ଅନ୍ୟମାନଙ୍କୁ ସେହି ବକ୍ତବ୍ୟର ସାର୍ଥକତା ବୁଝାଇବାକୁ ପଡିଥାଏ ନଚେତ୍ ତାହା ଗ୍ରହଣୀୟ ହୋଇନଥାଏ ।

୬. ଏହା ଶିଶୁ କିଶୋରମାନଙ୍କ ଭିତରେ ସୃଜନଶୀଳତା ତଥା ମାନସିକ କସରତ ଓ ସ୍ମରଣଶକ୍ତିର ବିକାଶ କରିବାର ସହାୟକ ହୋଇଥାଏ ।

### ୨.୧.୨.୯ ଅନ୍ୟାନ୍ୟ ଲୋକୋକ୍ତି

ମିଥ୍, ଗାଥା, ଗୀତ, କଥାନି, ପ୍ରବାଦ-ପ୍ରବଚନ, ଏବଂ ରୂଢି ବ୍ୟତୀତ ଅନ୍ୟ ବିଶେଷ ବାଚିକ ଆଦାନପ୍ରଦାନ ମଧ୍ୟ ପ୍ରତ୍ୟେକ ଲୋକ ଗୋଷ୍ଠୀରେ ଦେଖାଯାଏ । ଏହି ସମସ୍ତ ଲୋକ ଉପାଦାନ ମଧ୍ୟ ଲୋକତତ୍ତ୍ୱଦୃଷ୍ଟିରୁ ଏକଏକ ଗୁରୁତ୍ୱପୂର୍ଣ୍ଣ ବାଚିକ ପରିପ୍ରକାଶ । ଏଗୁଡିକ ହେଉଛି— ଠାର-ଭାଷା, ସୁଭାଷଣ, କୁଭାଷଣ (ଗାଳି), ଛଟା, ଆମୋଦ-ବାକ୍ୟ, ଗାଲୁଗପ (ଗମାତ) ବା ଚୁଟ୍‌କୁଲା, ଦୈନନ୍ଦିନ ଜୀବନର ବ୍ୟକ୍ତିଗତ ଆଖ୍ୟାନ (personal narrative), ଉପାଖ୍ୟାନ (anecdote), ସଂକ୍ଷିପ୍ତ ଶବ୍ଦରୂପ (mnemonic device), ଏବଂ ଦ୍ରୁତାଖ୍ୟାନ । ଏହି ପାରମ୍ପରିକ ପରିପ୍ରକାଶଗୁଡିକ ଗୋଷ୍ଠୀ ଜୀବନର ଦୈନନ୍ଦିନ ଆଦାନପ୍ରଦାନର ଗୁରୁତ୍ୱପୂର୍ଣ୍ଣ ଦିଗସବୁକୁ ପ୍ରକାଶ କରିଥାଏ ।

#### ଅବଧାରଣା

ଠାର-ଭାଷା, ସୁଭାଷଣ, କୁଭାଷଣ (ଗାଳି), ଛଟା, ଆମୋଦ-ବାକ୍ୟ, ଗାଲୁଗପ (ଗମାତ) ବା ଚୁଟ୍‌କୁଲା, ଦୈନନ୍ଦିନ ଜୀବନର ବ୍ୟକ୍ତିଗତ ଆଖ୍ୟା, ଉପାଖ୍ୟାନ, ସଂକ୍ଷିପ୍ତ ଶବ୍ଦରୂପ, ଏବଂ ଦ୍ରୁତାଖ୍ୟାନଗୁଡିକ ଗୋଟିଏ ଗୋଟିଏ ଲୋକ ଗୋଷ୍ଠୀ ସର୍ଜନଶୀଳ ବାଚିକ ପରିପ୍ରକାଶ । ଏସବୁରୁ ସମ୍ପୃକ୍ତ ଲୋକ ଗୋଷ୍ଠୀର ସଦସ୍ୟ ପରସ୍ପର ଭିତରେ ଅଣ-ଆନୁଷ୍ଠାନିକ ତଥା ଅନ୍ତରଙ୍ଗ ଭାବରେ କିପରି ପରସ୍ପରକୁ ସମ୍ବୋଧିତ କରୁଛନ୍ତି ତଥା ସେମାନଙ୍କ ଦୈନନ୍ଦିନ ଜୀବନ ବିଭିନ୍ନ ମୁହୂର୍ତ୍ତକୁ କିପରି ଉପଭୋଗ କରୁଛନ୍ତି, ଏହା ସହିତ ନିକଟ ସମ୍ପର୍କୀୟ ତଥା ଅନ୍ୟ ଲୋକ ଗୋଷ୍ଠୀ ପ୍ରତି ସେମାନଙ୍କ ଭିତରେ ଥିବା ଆଗ୍ରହ ଏବଂ ଆକ୍ରୋଶ ଭାବକୁ କିପରି ପ୍ରକାଶ କରୁଛନ୍ତି ସେ ସମ୍ପର୍କରେ ଏକ ଅବଧାରଣା ଆମକୁ ମିଳିଥାଏ । ଠାର-ଭାଷା, ସୁଭାଷଣ, କୁଭାଷଣ (ଗାଳି), ଛଟା, ଆମୋଦ-ବାକ୍ୟଗୁଡିକ ପ୍ରବାଦ-ପ୍ରବଚନ, ରୂଢି ଭଳି ସଂକ୍ଷିପ୍ତ । ସେହିପରି, ଗମାତ ଏବଂ ଉପଖ୍ୟାନଗୁଡିକ ମଧ୍ୟ କଥାନିଠାରୁ ସଂକ୍ଷିପ୍ତ ଏବଂ ନାଁ-ଦିଆ ଭଳି ଯଥା ସମ୍ଭବ କମ୍ ସଂଖ୍ୟକ ସଦସ୍ୟଙ୍କ ମଧ୍ୟରେ ପରିବେଷିତ ହୋଇପାରେ । ଏବଂ, ଅନ୍ୟ ବାଚିକ ଉପାଦାନଠାରୁ ଏଗୁଡିକରେ ଅଧିକ ନୂତନ ସମକାଳୀନ ସଂଯୋଜନା ଦେଖିବାକୁ ମିଳେ । ଏହି ଉପାଦାନଗୁଡିକ ସାଧାରଣତଃ ଯୁବ ଗୋଷ୍ଠୀରେ ବହୁତ ଆଦାନପ୍ରଦାନ ହେବା ଦେଖାଯାଏ । ସେହିପରି, ଠାରଭାଷା, ଗାଳି, ଛଟା ଆଦି କିଶୋର କିଶୋରୀ ତଥା ନାରୀମାନେ ପରସ୍ପର ଭିତରେ ଅଧିକ ଆଦାନପ୍ରଦାନ କରିଥାଏ । ବିଭିନ୍ନ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପରିସରରେ ସମକାଳୀନ ସମାଜ, ଜୀବନଧାରା ତଥା ପରିବେଶ ପରିସ୍ଥିତିକୁ ଆଧାର କରି ଅସଂଖ୍ୟ ଚୁଟ୍‌କୁଲା, ଉପାଖ୍ୟାନ, ଏବଂ ବିଶେଷ ଆମୋଦ ବାକ୍ୟର ଆଦାନପ୍ରଦାନ ହୋଇଥାଏ ।

#### ବୈଶିଷ୍ଟ୍ୟ

ଠାର-ଭାଷା, ଆମୋଦ-ବାକ୍ୟ, ଗାଲୁଗପ ବା ଚୁଟ୍‌କୁଲା, ଦୈନନ୍ଦିନ ଜୀବନର ବ୍ୟକ୍ତିଗତ ଆଖ୍ୟାନ, ଉପାଖ୍ୟାନ, ସଂକ୍ଷିପ୍ତ ଶବ୍ଦରୂପ, ଏବଂ ଦ୍ରୁତାଖ୍ୟାନ ପ୍ରଭୃତି ପ୍ରବାଦ-ପ୍ରବଚନ, ନାଁ-ଦିଆ ଭଳି ସରଳ ଏବଂ ସଂକ୍ଷିପ୍ତ । ଏହା ଉଭୟ ଗଦ୍ୟ

ଏବଂ ପଦ୍ୟରେ ପ୍ରକାଶିତ ହୋଇଥାଏ । ଠାର-ଭାଷା, ଗାଲୁଗପ, ଆମୋଦ-ବାକ୍ୟ ଅନ୍ତରଙ୍ଗ ସମ୍ପର୍କିତ ବ୍ୟକ୍ତିମାନେ ପରସ୍ପର ମଧ୍ୟରେ ଆଦାନପ୍ରଦାନ କରୁଥିଲାବେଳେ ଗାଳି ଉଭୟ ଅନ୍ତରଙ୍ଗ, ଏବଂ କୌଣସି କାରଣରୁ ଅନ୍ତରଙ୍ଗତାର ଅବସାନ ହେଲେ ପ୍ରସଙ୍ଗକ୍ରମେ ପରସ୍ପର ପରସ୍ପର ଉପରକୁ ପ୍ରୟୋଗ କରିବା ଦେଖାଯାଏ । ସେହିପରି, ଦ୍ରୁତାଖ୍ୟାନ ଏବଂ ସଂକ୍ଷିପ୍ତ ଶବ୍ଦରୂପ ସାଧାରଣତଃ ଶିଶୁ କିଶୋରମାନଙ୍କଦ୍ୱାରା ବହୁଳ ଭାବରେ ପରିବେଷିତ ହୋଇଥାଏ । ଏହିସବୁ ବାଚିକ ପରିପ୍ରକାଶର ବିଭିନ୍ନ ଦିଗକୁ ଆମର ସହଜ ଅବଧାରଣା ପାଇଁ ଏଠାରେ ଏପରି ଭାବରେ ଉଲ୍ଲେଖ କରିପାରିବା—

୧. ଏଗୁଡିକ ସାଧାରଣତଃ ସମ୍ପୃକ୍ତ ଲୋକ ଗୋଷ୍ଠୀର ସଦସ୍ୟମାନଙ୍କଦ୍ୱାରା ମନୋରଞ୍ଜନ ତଥା ସମୟ ଅତିବାହିତ କରିବା ପାଇଁ ପରିବେଷଣ କରାଯାଇଥାଏ ।

୨. ତେବେ, ଚୁଟ୍‌କୁଲା ବା ଗାଲୁଗପର ମୁଖ୍ୟ ଉଦ୍ଦେଶ୍ୟ ମନୋରଞ୍ଜନ ହେଲେ ମଧ୍ୟ ଏଥିରେ ସମକାଳୀନ ସମାଜରେ ପ୍ରଚଳିତ ବିଭିନ୍ନ କ୍ରିୟାକଳାପର, ଆଚାର ବ୍ୟବହାରର, ତଥା ବ୍ୟକ୍ତିଗତ ଜୀବନର ବ୍ୟଙ୍ଗାତ୍ମକ ପରିପ୍ରକାଶ ସହିତ ସମାଲୋଚନା ମଧ୍ୟ ଦେଖାଯାଏ ।

୩. ଚୁଟ୍‌କୁଲାର ଆଖ୍ୟାନଗୁଡିକ ସମ୍ପୃକ୍ତ ସମାଜର ବିଭିନ୍ନ ଆୟାମ ଓ ଘଟଣାବଳୀକୁ ଆଧାର କରିବା ସହିତ ଅନ୍ୟ ଲୋକ ଗୋଷ୍ଠୀର ବିଭିନ୍ନ ଘଟଣା ଏବଂ ଅବଧାରଣା ମଧ୍ୟ ଦେଖିବାକୁ ମିଳିଥାଏ ।

୪. ଲୋକତତ୍ତ୍ୱବିଦ୍‌ମାନଙ୍କ ମତରେ ଚୁଟ୍‌କୁଲା ବା ଗାଲୁଗପରେ ସମ୍ପୃକ୍ତ ଗୋଷ୍ଠୀ ଅବଚେତନରେ ଥିବା ଅବଧାରଣାଗୁଡିକର ଚିତ୍ର ପ୍ରକାଶ ପାଇଥାଏ । ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀ ତଥା ବ୍ୟକ୍ତି ବିଷୟରେ, କୌଣସି ଏକ ଘଟଣା ସମ୍ପର୍କରେ ସମ୍ପୃକ୍ତ ଗୋଷ୍ଠୀର ଅବଚେତନରେ ଥିବା ଧାରଣା ତଥା ଆମୋଦପଣ ଏଥିରେ ପ୍ରକାଶିତ ହୋଇଥାଏ ।

୫. ଠାର-ଭାଷା ଏକ ବିଶେଷ ପରିପ୍ରକାଶ ଯାହା କେବଳ ଉଭୟ ଆଦାନପ୍ରଦାନକାରୀ ଏବଂ ସମ୍ପୃକ୍ତ ଗୋଷ୍ଠୀର ନିକଟତମ ସଦସ୍ୟ ହିଁ ବୁଝିବାରେ ସକ୍ଷମ ହୋଇଥାନ୍ତି ।

୬. ଅନୁରୂପ ଭାବରେ, ଆମୋଦ ବାକ୍ୟଗୁଡିକ ଆଦାନପ୍ରଦାନକାରୀଙ୍କ ମଧ୍ୟରେ ମନୋରଞ୍ଜନ କରିବା ସହିତ ସେମାନଙ୍କ ଭିତରେ ଏକ ଆନ୍ତରିକ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କର ସୂଚନା ଆମକୁ ପ୍ରଦାନ କରିଥାଏ । ଅନ୍ୟତ୍ର, ଏହି ପରିପ୍ରକାଶ ଅନ୍ୟତ୍ର (ସମ୍ପୃକ୍ତ ସାମାଜିକ କିମ୍ବା ଭାଷିକ ଗୋଷ୍ଠୀର ସଦସ୍ୟ ବି ହୋଇଥାଆନ୍ତୁ ନା କାହିଁକି) ଗ୍ରହଣୀୟ ହୋଇନଥାଏ ।

ଏଠାରେ ଆମେ ଲୋକଧାରାର ପ୍ରାୟ ସମସ୍ତ ମୌଖିକ ପରିପ୍ରକାଶ ସମ୍ପର୍କରେ ଏକ ସଂକ୍ଷିପ୍ତ ଅବଧାରଣା ସହିତ ଏହାର ବିଭାଗୀକରଣ ଏବଂ ଅନ୍ୟାନ୍ୟ ଦିଗ ଉପରେ ଆଲୋଚନା କଲେ । ତେବେ, ସମ୍ପ୍ରତି ଲୋକଧାରାରେ ବାଚିକ ପରିପ୍ରକାଶ କହିଲେ କେବଳ ମୌଖିକ ପରିପ୍ରକାଶକୁ ବୁଝାଏ ନାହିଁ ବରଂ, ପାରମ୍ପରିକ ଲିଖିତ ପରିପ୍ରକାଶକୁ ବି ବୁଝାଏ, ଏବଂ ଏହା ଉପରେ ସମ୍ପ୍ରତି ଆନ୍ତର୍ଜାତିକ ସ୍ତରରେ ଲୋକତତ୍ତ୍ୱବିଦ୍‌ମାନେ କିପରି ଗବେଷଣାରତ ଏହି ବିଷୟରେ ପରିଚ୍ଛେଦର ପ୍ରାରମ୍ଭରେ ସୂଚନା ଦିଆଯାଇଛି । କିନ୍ତୁ ଓଡିଆ ଲୋକଧାରା ଆଲୋଚନା ପ୍ରସଙ୍ଗରେ କୌଣସି ଏ ସଂପର୍କରେ କୌଣସି ଗବେଷଣା ହୋଇନଥିବାରୁ ଏହାକୁ ଏହାର ଏକ ଉପାଦାନ ଭାବରେ ଗ୍ରହଣକରି ଆଲୋଚନା କରିବାକୁ ଉପେକ୍ଷା କରାଯାଉଛି ।

## ପ୍ରଶ୍ନ

**କ) ଦୀର୍ଘ ଉତ୍ତରମୂଳକ**

୧) ଲୋକ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରନ୍ତୁ ।

୨) ମିଥ୍‌ର ସମ୍ପର୍କିତ ଅବଧାରଣା, ଏବଂ ଏହାର ବିଭିନ୍ନ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରନ୍ତୁ ।

୩) ଲୋକ ସାହିତ୍ୟର ବିଭିନ୍ନ ବୈଶିଷ୍ଟ୍ୟ ସମ୍ପର୍କରେ ଉଦାହରଣସହ ଆଲୋଚନା କରନ୍ତୁ ।

**ଖ) ନାତିଦୀର୍ଘ ଉତ୍ତରମୂଳକ**

୧) କିମ୍ବଦନ୍ତୀକୁ ଆନ୍ତର୍ଜାତିକ ସ୍ତରରେ ଲୋକତତ୍ତ୍ୱବିଦ୍‌ମାନେ କିପରି ଭାବରେ ପରିଭାଷିତ କରିଛନ୍ତି ଆଲୋଚନା କରନ୍ତୁ ।

୨) ଲୋକ ଗାଥା ଏବଂ କାବ୍ୟର ଅବଧାରଣା, ସଂଜ୍ଞା ତଥା ପରିପ୍ରକାଶଗତ ସଂରଚନା ସମ୍ପର୍କରେ ଆଲୋଚନା କରନ୍ତୁ ।

୩) ଲୋକ କାହଣୀର ଅବଧାରଣାଗତ ବିଭିନ୍ନ ଦିଗ ଏବଂ ବୈଶିଷ୍ଟ୍ୟ ସମ୍ପର୍କରେ ଉଲ୍ଲେଖ କରନ୍ତୁ ।

**ଗ) ସଂକ୍ଷିପ୍ତ ଉତ୍ତରମୂଳକ**

୧) ନାଁ-ଦିଆର ବିଭିନ୍ନ ସଂରଚନାର ସ୍ୱରୂପ ସମ୍ପର୍କରେ ଆଲୋଚନା କରନ୍ତୁ ।

୨) ପ୍ରବାଦ-ପ୍ରବଚନର ବିଭାଗୀକରଣ କରି ପ୍ରତ୍ୟେକରୁ ଗୋଟିଏ ଉଦାହରଣ ଦିଅନ୍ତୁ ।

# ଲୋକ ସାହିତ୍ୟ ଓ ଲୋକ ଜୀବନ

୨.୨.୦ ଉପକ୍ରମ

୨.୨.୧ ଲୋକ ସାହିତ୍ୟ ଓ ସାମାଜିକ ଜୀବନ

*୨.୨.୧.୧ ଜୀବନବସ୍ଥାର ଚିତ୍ର*

*୨.୨.୧.୨ ପାରିବାରିକ ଜୀବନର ଚିତ୍ର*

*୨.୨.୧.୩ କୃଷିକର୍ମ, ଏବଂ ଅନ୍ୟାନ୍ୟ ପାରମ୍ପରିକ ଜୀବନ-ଜୀବିକାର ଚିତ୍ର*

*୨.୨.୧.୪ ଅର୍ଥନୈତିକ ଓ ରାଜନୈତିକ ସ୍ୱରୂପ*

୨.୨.୨ ଲୋକ ସାହିତ୍ୟ ଓ ସାଂସ୍କୃତିକ ଜୀବନ

*୨.୨.୨.୧ ଦୈନନ୍ଦିନ କାର୍ଯ୍ୟକଳାପ*

*୨.୨.୨.୨ ଗୋଷ୍ଠୀଗତ ଜୀବନ ଶୈଳୀ, ଏବଂ ଆବେଗିକ ପରିପ୍ରକାଶ*

*୨.୨.୨.୩ ପର୍ବପର୍ବାଣି, ଏବଂ ସାମାଜିକ ରୀତିନୀତି*

*୨.୨.୨.୪ ପୋଷାକ ପରିଚ୍ଛଦ, ଏବଂ ଅଳଂକାରର ଚିତ୍ର*

*୨.୨.୨.୫ ଖାଦ୍ୟପେୟର ଚିତ୍ର*

*୨.୨.୨.୬ ବିଶ୍ୱାସ*

୨.୨.୩ ଲୋକ ସାହିତ୍ୟରେ ସମ୍ପୃକ୍ତ ଲୋକ ଜୀବନର ଭାଷା

୨.୨.୪ ଲୋକ ସାହିତ୍ୟ: ପରିବେଷଣ, ପରିବେଷଣ ପ୍ରକ୍ରିୟା, ଓ ପରିବେଷଣ ପ୍ରକ୍ରିୟାର ବିଭିନ୍ନ ଆୟମ

୨.୨.୫ ଲୋକ ଜୀବନରେ ଲୋକ ସାହିତ୍ୟର ପ୍ରକାର୍ଯ୍ୟ

୨.୨.୬ ଲୋକ ଜୀବନରେ ଲୋକ ସାହିତ୍ୟର ପ୍ରଭାବ

*୨.୨.୬.୧ ଅନୁକରଣାତ୍ମକ ଜ୍ଞାନ ଓ କୌଶଳର ସରଳ ପ୍ରୟୋଗ*

*୨.୨.୬.୨ ଲୋକ ଗୋଷ୍ଠୀର ସଦସ୍ୟମାନଙ୍କ ମଧ୍ୟରେ ଐକ୍ୟତା*

*୨.୨.୬.୩ ବିଭିନ୍ନ ସାମାଜିକ ସାଂସ୍କୃତିକ ପ୍ରକ୍ରିୟାର ପ୍ରଶିକ୍ଷଣ*

*୨.୨.୬.୪ ପାରମ୍ପରିକ ଜ୍ଞାନ ତଥା ସାଂସ୍କୃତିକ ଅବଧାରଣାର ସଂପ୍ରସାରଣ*

*୨.୨.୬.୫ ଅତୀତ ଓ ବର୍ତ୍ତମାନ ମଧ୍ୟରେ ସଂଯୋଗର ସେତୁ*

## ୨.୨.୦ ଉପକ୍ରମ

ଲୋକ ସାହିତ୍ୟ ସହିତ ଲୋକ ଜୀବନ ଓତଃପ୍ରୋତ ଭାବରେ ଜଡିତ କାରଣ ଲୋକ ସାହିତ୍ୟ ସମ୍ପୃକ୍ତ ସମାଜର ତଥା ଲୋକ ଗୋଷ୍ଠୀର ହିଁ ପରିପ୍ରକାଶିତ ସ୍ୱରୂପ । ଏଥିରେ ଅତଏବ, ସମ୍ପୃକ୍ତ ସମାଜର ସମସ୍ତ ଆୟାମର ପରିପ୍ରକାଶ ଦେଖିବାକୁ ମିଳେ ତେବେ, ଲୋକ ସାହିତ୍ୟ ସମାଜର ବିଭିନ୍ନ ଦିଗକୁ କେବଳ ପ୍ରକାଶିତ କରେନାହିଁ ସମାଜରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ଦେଖିବାକୁ ମିଳେ । ଏଠାରେ ଲୋକ ସାହିତ୍ୟରେ ଲୋକ ଜୀବନର ଚିତ୍ର ତଥା ଏହାର ସାମାଜିକ, ସାଂସ୍କୃତିକ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରିବା ସହିତ ଲୋକ ଜୀବନରେ ଏହାର ବିଭିନ୍ନ ପ୍ରକାର୍ଯ୍ୟ, ଏବଂ ପ୍ରଭାବ ଉପରେ ମଧ୍ୟ ଆଲୋଚନା କରିବାପାଇଁ ଯଥା ସଂଭବ ଚେଷ୍ଟା କରାଯାଇଛି ।

## ୨.୨.୧ ଲୋକ ସାହିତ୍ୟ ଓ ସାମାଜିକ ଜୀବନ

ଲୋକଧାରାର ଅନ୍ୟାନ୍ୟ ଉପାଦନାର ଅଧ୍ୟୟନ ପରି ଲୋକ ସାହିତ୍ୟର ଅଧ୍ୟୟନପାଇଁ ମଧ ଏହାର ସାମାଜିକ ଆୟାମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଲୋକ ସାହିତ୍ୟର ସାମାଜିକ ପ୍ରସଙ୍ଗକ୍ରମରେ ସମ୍ପୃକ୍ତ ସମାଜର ଜୀବନବସ୍ଥାର ଚିତ୍ର, ପାରିବାରିକ ଜୀବନର ଚିତ୍ର, କୃଷିକର୍ମ, ଏବଂ ଅନ୍ୟାନ୍ୟ ପାରମ୍ପରିକ ଜୀବନ-ଜୀବିକାର ଚିତ୍ର, ଏବଂ ଅର୍ଥନୈତିକ ଓ ରାଜନୈତିକ ସ୍ୱରୂପ ପରି ବହୁବିଧ ଆୟାମକୁ ଅନୁଶୀଳନ କରାଯାଇପାରେ ।

***୨.୨.୧.୧ ଜୀବନାବସ୍ଥାର ଚିତ୍ର:*** ଲୋକ ସାହିତ୍ୟରେ ସମ୍ପୃକ୍ତ ଲୋକ ଗୋଷ୍ଠୀର ତଥା ସମାଜର ବିଭିନ୍ନ ଜୀବନବସ୍ଥାର ଚିତ୍ର ଦେଖିବାକୁ ମିଳେ । ଜନ୍ମ, ପ୍ରାକ୍-ଜନ୍ମ, ବିବାହ, ପ୍ରାକ୍-ବିବାହ, ମୃତ୍ୟୁ ଆଦି ବିଭିନ୍ନ ଜୀବନର ବିଭିନ୍ନ କ୍ରିୟାକଳାପର ପାଳନ ପରିପ୍ରେକ୍ଷୀରେ ଲୋକ ଗୋଷ୍ଠୀର ସଦସ୍ୟମାନେ ସେମାନଙ୍କ ବାଚିକ ପରିପ୍ରକାଶରେ ନିଜନିଜର ମନୋଭାବ, ଖୁସି, ଦୁଃଖ, ଶୋକ ଆଦି ପ୍ରକାଶ କରିବା ଦେଖାଯାଏ । ଏଠାରେ ଓଡିଆ ଲୋକ ସାହିତ୍ୟରେ ତଥା ଓଡିଶାର ମୌଖିକ ବାଚିକ ପରିପ୍ରକାଶମାନଙ୍କରେ ସେସବୁର ଚିତ୍ର କିପରି ପରିଦୃଷ୍ଟ ଦ୍ରଷ୍ଟବ୍ୟ—

**ଜନ୍ମ**

"ସକାଳେ ଜନମ ବଡ କରମ
ଦିନବେଳେ ଦଡରମଟର
ସଂଜେ ଜନମ ହେଲେ ଭାଗ୍ୟବାନ ସେ
ରାତିରେ ବଡ ସୁନ୍ଦର" ।

...

"ମାଆଘର ତୁମା ଚିକନ୍ ଚାକନ୍
ବୁଆ ଘର ତୁମା ରାଏଁଝାଏ
ପୂର୍ବାପୁରୁଷା ଆସଲେ ବଡା ଶରଦା ଗିରଦା
ଦେଖିଚାହିଁ କରି ଚିହ୍ନବ ତମେ" ।

...

"ଜନ୍ମସାରୁନ୍ ଛାନି ପିଟଲେ
ନାଇଁ ଡରେ ସେ କାକେ
ଜନମ ସାରୁନ୍ ଗିନା ବଜାଲେ
ଗୋଏଲ ଲାଗ୍‌ସି ସବ୍‌କେ" ।

**ବିବାହ**

"ସୁନ୍ଦରୀ ଦେଖି ପାଶରିନାଇଁ ଯିବ ଗୁନକେ
ଗୁନଥିଲେ ନୁନ ମିଲେ
ସୁମରୁଥିବ ଜାଁଥିବା ଯାକେ ।
କାଳୀ ଗୋରୀ ଦେଖିବ ଦେଖିବ ଶ୍ୟାମଳ ରଙ୍ଗ
ଗୁଣ ଯାହାର କଥା ମଧୁର ତାକୁ କରିବ ସଙ୍ଗ" ।

...

"ପୁଅ ବାହା କରିବ ପଚାଶ କୋଶରେ
ଝିଅକୁ ଦେବ ପାଞ୍ଚକୋଶେ
ଭଲରେ ମନ୍ଦରେ ଝିଅ ସିନା ଆସେ
ବୋହୂର କି ଯାଏ ଆସେ" ।

...

"କନକ ବେଦୀକି ଆଣିଲେ ମନରେ ହରଷିତା
ବେଦବାକ୍ୟ ବସି ପଢ଼ିଲେ ବ୍ରାହ୍ମଣ ଗୋଟା ଚାରି
ହୁଳହୁଳି ଦେଉ ଅଛନ୍ତି ମିଳି ସକଳ ନାରୀ" (ଦାଶ ୧୯୭୪, ୬୦) ।

ସେହିପରି, ବିବାହକାଳୀନ କାନ୍ଦଣାରେ ବିବାହ କରୁଥିବା ଝିଅ ତଥା ତାହାର ମାଆ, ଖୁଡୀ ଆଦି ନିକଟ ସମ୍ପର୍କିୟାମାନେ ରାହାଧରି ବିଭିନ୍ନ ଘଟଣା, ପିଲାଦିନ, ଏବଂ ଶାଶୁଘରର ସମ୍ଭାବ୍ୟ ଉତ୍ପୀଡନର ବର୍ଣ୍ଣନାକରି କାନ୍ଦିବା ଦେଖାଯାଏ । ସମ୍ପ୍ରତି କିନ୍ତୁ ସହରାଞ୍ଚଳରେ ତ ଦୂରେଥାଉ ଗ୍ରାମାଞ୍ଚଳରେ ମଧ୍ୟ ପୂର୍ବଭଳି ଆଉ କାନ୍ଦଣାର ପରମ୍ପରା ଦୁର୍ଲ୍ଲଭ କହିଲେ ଅତ୍ୟୁକ୍ତି ହେବନାହିଁ । ତେବେ, ଆଲୋଚନା ପ୍ରସଙ୍ଗରେ ଉଦାହରଣ ଦିଆଯାଇପାରେ—

"ଶଙ୍ଖ ହୁଳହୁଳି ବଜେଇ ଦେଇ
ତୁମ ପାଖେ କିଏ କହିଲା ଯାଇ
ସବୁ ମାଆମାନେ ଆସିଲ ଧାଇଁ
ହଳଦୀ ଲେପନ କରିବା ପାଇଁ ।
ଛାଡଛାଡ ମୋର କେଶ ବାଳକୁ
ଟାକିଲେଣି ସଖି ଯିବି ଖେଳକୁ ।

...

କେଶ ଫିଟିଗଲେ ଧୂଳିରେ ଲୋଟେ
ତାହା ଦେଖି ମାତା ଉଚ୍ଚାଟେ ଆସେ ।
ନିୟମ ଦେଇ ତ କହୁଛି ମୁହିଁ
ମୋ ଦେହେ ହଳଦୀ ଛୁଇଁବ ନାଇଁ ।

ହଳଦୀ ମୋ ଦେହେ ଛୁଇଁ କି ଗଲ

ଲଙ୍କାରେ ଚହଳ ପକାଇ ଦେଲ" (ଦାଶ ୧୯୭୪, ୧୩୮)।

ଅନୁରୂପ ଭାବରେ, ମୃତ୍ୟୁକାଳୀନ କାନ୍ଦଣାଗୁଡିକରେ ମଧ୍ୟ ନିକଟତମ ତଥା ପ୍ରିୟଜନର ନିଧନରେ ତାଙ୍କର ଗୁଣ ତଥା ଅତୀତ କଥା ସ୍ମରଣକରି ବିଶେଷତଃ ମାଆ, ଝିଅ, ଭଉଣୀମାନେ କାନ୍ଦିବା ଦେଖାଯାଏ ଏବଂ, ସମ୍ପ୍ରତି ମଧ୍ୟ ଏହି ପରମ୍ପରା ଓଡିଆ ପାରମ୍ପରିକ ଜୀବନରେ ପରିଦୃଷ୍ଟ ହୋଇଥାଏ।

***୨.୨.୧.୨ ପାରିବାରିକ ଜୀବନର ଚିତ୍ର:*** ଲୋକ ସାହିତ୍ୟରେ ଦୈନନ୍ଦିନ ଜୀବନ ସହିତ ଓତଃପ୍ରୋତ ଭାବରେ ସମ୍ପୃକ୍ତ। ଗୋଟିଏ ଲୋକ ଗୋଷ୍ଠୀର ସଦସ୍ୟ ସମାଜ ତଥା ତାହାର ପ୍ରଜାତିକ ସମ୍ପର୍କ ସହିତ ପରିବାରର ମଧ୍ୟ ଜଣେ ସଦସ୍ୟ। ଜଣେ ସଦସ୍ୟଟିଏ ନିଜ ପରିବାରରେ ବାପା-ମାଆ ବ୍ୟତୀତ ଭାଇ-ଭଉଣୀ, ଭାଇ-ଭାଉଜ, ଜେଜେବାପା-ଜେଜେମାଆ, ଅପା-ଭିଣୋଇ ଭଳି ଅନେକ ସମ୍ପର୍କ ସହିତ ସମ୍ପର୍କିତ ଏବଂ ଜୀବନକାଳ ଭିତରେ ସାହି ପଡିଶାର ଅନ୍ୟ ସଦସ୍ୟଙ୍କ ସହିତ ମଧ୍ୟ ଭାବର ଆଦାନ-ପ୍ରଦାନ କରିବାକୁ ହୋଇଥାଏ। ଏହି ପାରିବାରିକ ଜୀବନର ବହୁଦିଗ ଲୋକ ଗୀତରେ ତଥା ପ୍ରବାଦ-ପ୍ରବଚନ, କଥାନି ଇତ୍ୟାଦିରେ ପ୍ରକାଶିତ ହୋଇଥାଏ ଉଦାହରଣସ୍ୱରୂପ—

"କାନ୍ଥରେ ଛାଟିଲି ମାଟି

ଦଶାଦିଆ ଘରେ ବଡ ପାଇଟି

ଦିଶୁଛି ପଞ୍ଜରା କାଠି" ।

"ଯମୁନା ନଈର ଘର

ଗାଳିଦେବେ ମୋର ଶାଶୁ ଶ୍ୱଶୁର

କେମନ୍ତେ ମୁଁ ଯିବି ଘର"।

"ଦୁକୁଡା ପତର ହାତେ

ମୋର ବଡ ଭାଇ ଆଣିଛି ତତେ

ଦିଅର ବୋଲିବୁ ମତେ"।

"କୁଲାରେ କାଟିଲି ଜହ୍ନି

ଏଇ ବାଟେ ଗଲେ ମଝିଆଁ ନାନୀ

ଦିଶିଗଲା ପାଟ କାନି

ଦେଉଳ ଉପରେ ଫଗୁ

ଧାନ ମାଣେ ନେଇ ଭୁଜା ଖାଇବୁ

ମୋ କୃଷ୍ଣେ ଖେଳାଉଥିବୁ" (ଦାଶ ୧୯୭୪, ୧୮୩-୧୮୮)।

"ଜାଇଫୁଲରେ କଁଷି ବାଉଁଶର ଧୂନ

ଘଇତା ଖାଉଛେ ଶୀକାର ତୁନ

ଆହା, ଜାଇଫୁଲ

ମାଏଜି ଖାଉଛେ ନୁନ" ।

"ଜାଇଫୁଲରେ ଖୁଟି ବାଡୁନର ମୁଠା
ବଡଘର ବୋଲି ଦେଲୁ ଗୋ ବାପା
ଅଡୁବେଲେ ଧାନ କୁଟା" ।
"ସଜନୀ ନାଲେନାଲେ ଗଲା ପାନି
ମାଆ ଘରେ ମୁଇଁ ଦୁଃଖ ନିଜାନି
ସଜନୀ, ଶାଶୁଘରେ ଟନାଟନି" (ମିଶ୍ର ୧୯୯୬, ୩୬୮-୩୭୨)।

***୨.୨.୧.୩ କୃଷିକର୍ମ, ଏବଂ ଅନ୍ୟାନ୍ୟ ପାରମ୍ପରିକ ଜୀବନ-ଜୀବିକାର ଚିତ୍ର :*** ଲୋକ ସାହିତ୍ୟରେ ସମ୍ପୃକ୍ତ ଲୋକ ଗୋଷ୍ଠୀର ଅର୍ଥନୈତିକ ତଥା ପାରମ୍ପରିକ ଜୀବନ-ଜୀବିକାର ଚିତ୍ର ଏବଂ ତାହାର ବିଭିନ୍ନ ସ୍ୱରୂପର ପରିପ୍ରକାଶ ବି ଦେଖିବାକୁ ମିଳେ । ସମୟାନୁକୂଳ କୃଷିକାର୍ଯ୍ୟ କରିବା ସମ୍ପର୍କରେ, ବର୍ଷା ସମ୍ପର୍କରେ, 'ସଲ ଅମଳ, ତଥା କେଉଁ ସମୟରେ ବା କିପରି ଭାବରେ ଚାଷକଲେ ଭଲ 'ସଲ ମିଳିବ ସେସବୁ ଲୋକ ଗୀତ, ପ୍ରବାଦ-ପ୍ରବଚନ ମଧ୍ୟରେ ସମ୍ପୃକ୍ତ ଗୋଷ୍ଠୀର ପରସ୍ପର ମଧ୍ୟରେ ତଥା ପୂର୍ବପିଢ଼ିରୁ ଉତ୍ତର ପିଢ଼ିଙ୍କ ପାଖକୁ ସମ୍ପ୍ରସାରିତ ହୋଇଥାଏ । ଉଦାହରଣସ୍ୱରୂପ—

"ଯଦି ବରଷେ ମାଘର ଶେଷେ
ଧନ୍ୟ ସେ ରାଜା ଧନ୍ୟ ସେ ଦେଶ ।
ଭୋଦୁଅ ଧୋଇ କିଛି ରହି
ଅଶିଣ ଧୋଇ ନିକଳଙ୍କ ହୋଇ" (ପ୍ରଧାନ, ଏବଂ ସ୍ୱାଇଁ ୨୦୧୦, ୧୮୫) ।
"ପୁଷେ ବରଷେ, ସର୍ବନାଶେ
ମାଘେ ବରଷେ, ସୁନା ଖସେ
ଚଷା ଭାଇ ଖୁଲଖୁଲାଇ ହସେ ।
...
ଛାଡ ଚଉଦ ଚଷ ଚାରି
କରଷଣ କର କୃଷି କିଆରି
ଉଛ ଉଛ ହିଡ ଦେ
ଚାରି ଚଉଦ ବୁଝି ନେ" (ମିଶ୍ର ୧୯୯୭, ୩୮) ।
"ନଈ ଖଣ୍ଡି ଚାଷ
ନଈ ଖଣ୍ଡି ବାସ
କେବେ ନକର ଆଶ" ।
ଉଇଁ ନଦିଶେ ହସି ପଶେ
ସଜ ଗୋବରରେ ଅଂଶାଇ ପଶେ
ଉତ୍ତରମେଘ ଦକ୍ଷିଣେ ଆସେ
ଡାକ ବୋଲେ ପୁତା ନିଶ୍ଚେ ବରଷେ" ।

"ଫଗୁଣେ ଚଷ, ସୁନାର କଷ
ଚଇତେ ଚାଷ, କୁଟୁମ୍ବ ପୋଷ
ବୈଶାଖ ଚାଷ କୋଛକୁ ତୋଷ
ଜ୍ୟେଷ୍ଠ ଚାଷ ମୂଲିଆ ପୋଷ" (ମିଶ୍ର ୧୯୯୭, ୧୫୮-୧୫୯)।

ଓଡିଶାର ପାରମ୍ପରିକ ସମାଜରେ ବିଭିନ୍ନ ଲୋକ ଗୋଷ୍ଠୀର ବିଭିନ୍ନ କୌଳିକ ବୃତ୍ତି, ସମାଜରେ ସେମାନଙ୍କ ଭୂମିକା, ଦୈନନ୍ଦିନ ଜୀବନର ଚିତ୍ର, କର୍ମକୁଶଳତା, ତଥା ପ୍ରଜାତିକ ବା ଗୋଷ୍ଠୀ ଜୀବନର ସାଧାରଣ ଆଚାର ବ୍ୟବହାରର ଚିତ୍ର ମଧ୍ୟ ଗୀତ, ପ୍ରବାଦ-ପ୍ରବଚନ, ଏବଂ ଲୋକୋକ୍ତି ଭଳି ବିଭିନ୍ନ ବାଚନିକ ପରିପ୍ରକାଶରେ ଦେଖିବାକୁ ମିଳେ । ଉଦାହରଣସ୍ୱରୂପ—

"ମହାକ୍ଷତ୍ରୀ ବିଦ୍ୟାରେ ସେ ରାଜ୍ୟ କରେ ରକ୍ଷା
ଜନପ୍ରଜା ପାଳି ସେହୁ ମାଗିଖାଏ ଭିକ୍ଷା
ଘଣ୍ଟାର ଶବଦ କରି କରେ ଖଡଗ ଧରି
ପ୍ରଜାଙ୍କ ହିତେ ବୁଲଇ ହୋଇ ଦିଗମ୍ବରୀ" (ଦାଶ ୧୯୭୪, ୨୧)।

"କୁମ୍ଭାର ଘର ବୋହୂ
ଝାଟିକି ନଗଲେ ମାଟିକି ଯାଉ ।
ଲୋହରା ଘରେ ଠନ୍ ଠନ୍ ଗଉଡ ଘରେ ସର ସର
କୁମ୍ଭାର ଘରେ ଘିରଘିର
ବଢେଇ ଘରେ ଢକରଢକର" ।

"ସୁନାରୀ ଗଢିଲା ଗହଣା
ଭରିଏ ଦେଇଥିଲି ସେବେ ଏବେ
ବାହାରିଲା ଆଠଣା" ।

"ତେଲି ଘର ଝିଅ ତେଲ ଚିକିଚିକି
କୁମ୍ଭାର ଘର ମାଟି କାଦୁଅ
ଗଉଡ ଝିଅ କ୍ଷୀର-ସର ଭରା
କେଉଟ ଝିଅ ସଦା ଆଇଁଷିଆ" ।

***୨.୨.୧.୪ ଅର୍ଥନୈତିକ ଓ ରାଜନୈତିକ ସ୍ୱରୂପ :*** ଲୋକ ସାହିତ୍ୟରେ ସମ୍ପୃକ୍ତ ଲୋକ ଗୋଷ୍ଠୀର ଅର୍ଥନୈତିକ ତଥା ରାଜନୈତିକ ସ୍ୱରୂପର ପରିପ୍ରକାଶ ଦେଖିବାକୁ ମିଳେ । ବିଭିନ୍ନ ଲୋକ ଗୀତ, ଗଳ୍ପ ତଥା ପ୍ରବାଦ-ପ୍ରବଚନରେ ସମ୍ପୃକ୍ତ ସମାଜର ଅର୍ଥନୈତିକ, ରାଜନୈତିକ ସ୍ୱରୂପ ପ୍ରକାଶିତ ହୋଇଥାଏ । ନିମ୍ନୋକ୍ତ ଲୋକ ଗୀତଗୁଡିକରେ କିପରି ନଅଙ୍କ ଦୁର୍ଭିକ୍ଷ କଥା, ଜଗନ୍ନାଥଙ୍କ ଆତ୍ମଗୋପନ ବିଷୟ, କଳାପାହାଡ ଆକ୍ରମଣ, ଜମିଦାରୀ ପରମ୍ପରା, ମହାଜନ, ଠିକାଦାର, ସରକାରୀ କର୍ମଚାରୀଙ୍କ ଶୋଷଣ, ଏବଂ ସାଧାରଣ ଜନତାଙ୍କ ବିଦ୍ରୋହର ଚିତ୍ର କିଛି ଲୋକ ଗୀତରେ କିପରି ଫୁଟି ଉଠିଛି ତାହା ଦ୍ରଷ୍ଟବ୍ୟ—

"ନଅଙ୍କ ମନୁ ନଯିବ ପାସୋର ହୋ ।
...
ବିକାକିଣା ଭାଉ କି କରିବା ଆଉ
ସଦର ଗଉଣୀ ଏ ଚାରି ସେର
ଦଶ ଏଗାର
କାଢ଼ିଆକୁ ଦେଲେ ବାର ତେଅର" ।
"ଅଚଳନ୍ତି ଜଗନ୍ନାଥ ଦେଉଳେ ଅଛନ୍ତି
ଚଳନ୍ତି ପ୍ରତିମା ବିଷ୍ଣୁ ଚଳି ଯାଉଛନ୍ତି
...
ସୁନା ଥାଳି ରୂପା ବାଟି କାହିଁଗଲା ଏବେ ?
ଲୁହା କରାଇରେ ଭାତ ଖାଇ ନପାରିବେ
ବନ୍ଧୁ  ନୃପତି ଶରୀର
ବହୁତ କିଳେଶ ନିଶ୍ଚେ ହୋଇବ ଏଥର" (ଦାଶ ୧୯୭୪, ୭୨-୭୨) ।
"ଭଲା ରାମଚଣ୍ଡୀ ଭଲାରେ
କଳାପାହାଡ଼କୁ    ବାଟରେ ବସାଇ
ଭଲା ପାଣି ଆଣି ଗଲାରେ" (ମିଶ୍ର ୧୯୯୭, ୨୧୦) ।
"ସଜନୀ ଗାଁ ତରାତରା ଖାରି
ଗାଁର ଗଁଟିଆ ପରଦୁଆରୀ
ସଜନୀ, ଗାଆାଁ ହେଲା ସରକାରୀ" (ମିଶ୍ର ୧୯୯୬, ୩୮୧) ।
"ଜାଇଫୁଲରେ,
ଡାକିନେଲା ଠିକାଦାର
ଘରଦ୍ୱାର ଛାଡି ବିଦେଶେ ଘର
ଆହା ଜାଇଫୁଲ ପେଟ କାଜେ ହରବର... ।
ଜାଇଫୁଲରେ,
ନୂଆବନ୍ଧେ ଜଗଲ ଗଦା
ଆସିଲା ପଟୁଆରି ହୋ ଜାଇଫୁଲରେ
ହାତର ମୁଦିହେଲା ବନ୍ଧା..." (ମିଶ୍ର ୧୯୯୬, ୩୯୯-୪୦୩) ।
"ଜମି ଛାଡିବା ନାହିଁ
ଗାଁରୁ ଉଠିବା ନାହିଁ / ଡଙ୍ଗର ଛାଡିବା ନାହିଁ...
ମାଟିର ମଣିଷ / ମାଟିର ପୋକ
ମାଟି ଛାଡିବା ନାହିଁ..." (ସାହୁ ୨୦୦୮, ୧୯୧) ।

"ଏ ବଏଲାରେ... ଏ...
କେନ୍ ଘାଁଟର୍ ପାଏନ୍ କିଏ ଖାଇବା
ଶିରି ଚିକନ୍ ବାଟେ କିଏ ଚାଲିବା
ପରଛା ଯେତେ ଗୁମର କଥା
ଆମକୁ ଜଣା ଥିଲାରେ... ହୋ...
ଏ ବଏଲାରେ... ଏ...
ଆମର ବଲି କିଛି ନାଇଁ,
ମାଟି ମାଁ ତ ଆମର
ନାଇଁ ଛାଡୁ ଗାଁ-ଘର-ଝାର କାଏଁ
ଜୁଝିବା ଏକା ସାର ହୋ..." (ବାଗ ୨୦୧୨, ୬୯)।

**୨.୨.୨ ଲୋକ ସାହିତ୍ୟ ଓ ସାଂସ୍କୃତିକ ଜୀବନ**

ଲୋକ ସାହିତ୍ୟରେ ଏହାର ସାମାଜିକ ପ୍ରସଙ୍ଗ ଯେପରି ଗୁରୁତ୍ୱପୂର୍ଣ୍ଣ ସେହିପରି ସାଂସ୍କୃତିକ ପ୍ରସଙ୍ଗ ମଧ ଗୁରୁତ୍ୱପୂର୍ଣ୍ଣ। ସମ୍ପୃକ୍ତ ସମାଜର ବିଭିନ୍ନ ସାଂସ୍କୃତିକ ଆୟାମକୁ ଉପେକ୍ଷା କରି ଲୋକ ସାହିତ୍ୟର ଲୋକଜୀବନ ସମ୍ପର୍କକୁ ଅଧ୍ୟୟନ କରିବା ସଂଭବ ନୁହେଁ। ଲୋକ ସାହିତ୍ୟରେ ସମ୍ପୃକ୍ତ ସମାଜର ସଦସ୍ୟମାନଙ୍କ ବିଶ୍ୱାସ, ଗୋଷ୍ଠୀଗତ ଜୀବନଶୈଳୀ, ଦୈନନ୍ଦିନ କାର୍ଯ୍ୟକଳାପ, ପବିତ୍ର ଅନୁଷ୍ଠାନ, ତଥା ମନୋରଂଜନ, ଭାଷା, ସ୍ଥାନ, ଜାତି ପରିବେଶ ଓତଃପ୍ରୋତ ଭାବରେ ଜଡିତ। ତେଣୁ ସାଂସ୍କୃତିକ ପ୍ରସଂଗରେ ଲୋକ ସାହିତ୍ୟରେ କିପରି ଦୈନନ୍ଦିନ କାର୍ଯ୍ୟକଳାପ, ଗୋଷ୍ଠୀଗତ ଜୀବନ ଶୈଳୀ, ଏବଂ ଆବେଗିକ ପରିପ୍ରକାଶ, ପର୍ବପର୍ବାଣି, ଏବଂ ସାମାଜିକ ରୀତିନୀତି, ପୋଷାକ ପରିଚ୍ଛଦ, ଏବଂ ଅଳଂକାରର ଚିତ୍ର, ଖାଦ୍ୟପେୟ, ଏବଂ ବିଶ୍ୱାସର ଚିତ୍ର ପ୍ରତିଫଳିତ ସେସବୁ ସମ୍ପର୍କରେ ଏଠାରେ ସଂକ୍ଷେପରେ ଆଲୋଚନା କରାଯାଇପାରେ—

***୨.୨.୨.୧ ଦୈନନ୍ଦିନ କାର୍ଯ୍ୟକଳାପ :*** ଲୋକ ସାହିତ୍ୟରେ ଦୈନନ୍ଦିନ କାର୍ଯ୍ୟକଳାପର ପରିପ୍ରକାଶ ଏକ ସ୍ୱାଭାବିକ ପ୍ରକ୍ରିୟା। ଅନେକ ଲୋକ ଗୋଷ୍ଠୀରେ ବିଭିନ୍ନ କର୍ମ ପରିସରରେ ସମ୍ପ୍ରତି ମଧ୍ୟ ଉତ୍ସାହ ଭରିବା ପାଇଁ ଗୀତ ଗାନ କରାଯାଏ। ସେହିପରି, କୃଷିକର୍ମ ଭଳି ଦୀର୍ଘସମୟ ଧରି ନିୟୋଜିତ ହେଉଥିବା କାର୍ଯ୍ୟଗୁଡିକରେ କାହାଣୀ, ତଥା ବିଭିନ୍ନ ଉପାଖ୍ୟାନର କଥନ ପରିଦୃଷ୍ଟ ହୋଇଥାଏ। ଏହି ପରିବେଷଣ ଅନେକତଃ ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିବା ସହିତ ମନୋରଞ୍ଜନ କରିବାରେ ସହାୟକ ହୋଇଥାଏ। ସେହିପରି, ଅବସର ସମୟରେ ମଧ୍ୟ ମନୋରଞ୍ଜନ ତଥା ସମୟ ଅତିବାହିତ କରିବାପାଇଁ ପରିବେଷିତ ମୌଖିକ ଉପାଦାନରେ ମଧ୍ୟ ବିଭିନ୍ନ ଦୈନନ୍ଦିନ କାର୍ଯ୍ୟକଳାପର ଚିତ୍ର ପ୍ରକାଶିତ ହୋଇଥାଏ ।

"ହଳ ତ ବାନ୍ଧିଲିରେ କପିଳା ବଳଦକୁ
ଶଗଡ ବାନ୍ଧିଲିରେ କାଆଟୁ ହାଟକୁ
ଆହା କହିଥିଲା ଶଳା ଭାଉଜ, ଶିଙ୍ଘ ପାନିଆକୁ ରେ ।
...
ଭାତ ଫୁଟୁଫୁଟୁ ତୁଣ ଘୁଡୁକିଲା
ବାଡି ତଳେ ଗୀତ ଶୁଭଇ... ଗୀତ ଶୁଭଇ
ଶଗଡି ବାହୁଡିଲା... ହୋ" (ଦାଶ ୧୯୭୪, ୨୪୩)।

"ଆଜି ତ ଗୁରୁବାରେ ଲିପଇ ଘରଦ୍ୱାର
ଓଷାତ ପୂଜିବାକୁ ହୋଇଛି ତିଆର
ଓଷା ତ ପୂଜୁପୂଜୁ ଆସିଲା କମ୍ପଜ୍ୱର
ବଇଦ ଲାଗିଛି ଛଇଳ ନାଗର ହୋ" ।
"ଧାନ ବୁଣିଗଲି ଯେ ଉପର ବାହାଲ
ଏତେ ହାନିମାନ କି ଲାଭ ଭାଇ କିସାନ
ଭୁତିଆ କୁଲ ସାନ" (ଦାଶ ୧୯୭୪, ୨୪୭-୨୪୮)।

ଏପରିକି, ବିଭିନ୍ନ କ୍ରୀଡା ଗୀତ ତଥା ଆଖ୍ୟାନରେ ମଧ୍ୟ ବିଭିନ୍ନ ଦୈନନ୍ଦିନ କାର୍ଯ୍ୟକଳାପର ଚିତ୍ର ଦେଖିବାକୁ ମିଳେ, ଉଦାହରଣସ୍ୱରୂପ—

"ପୁଚି ଲୋ ଘୁଞ୍ଚି ଯା
ଗହୀର ବିଲରେ ଲୁଚି ଯା
ଗହୀର ବିଲରେ ମଇଁଷି
ଧାନ ମଚମଚ ଖାଉଛି
ଅଡେଇ ଦେ ରେ ଭାଇ ଗଉଡ ।
...
ତାଳ ଗଛମୂଳେ ଢମଣା
କଉଡି ନାହିଁ କି ପତର ନାହିଁ
ଆମେ ଦି ଭଉଣୀ ପୁଚି ଖେଳୁଥିଲୁ ମାଗଣା" (ଦାଶ ୧୯୭୪, ୩୧୪)।

ସେହିପରି, ପଶ୍ଚିମ ଓଡିଶାର 'ହୁମୋ', 'ବୋରିଆ', 'ମାଛସରେ ଘିନ୍', ଏବଂ 'ଟଙ୍ଗିଆ ଛନେଦିଅ' ପ୍ରଭୃତି ପାରମ୍ପରିକ କ୍ରୀଡା ଗୀତଗୁଡିକରେ ଜୀବନଚର୍ଯ୍ୟାର ପ୍ରତ୍ୟକ୍ଷ ପରିପ୍ରକାଶ ଘଟୁଥିବା ଦେଖାଯାଏ । ଏହି ଗୀତ ଆଧାରିତ କ୍ରୀଡାଗୁଡିକରେ ମଧ୍ୟ ଦୈନନ୍ଦିନ ଜୀବନଶୈଳୀ ତଥା ସାମାଜିକ ସମ୍ପର୍କର ସ୍ୱରୂପ ପ୍ରକାଶିତ ହୋଇଥାଏ, ଏଠାରେ ପଶ୍ଚିମ ଓଡିଶାର 'ଟଙ୍ଗିଆ ଛନେଦିଅ' ବା 'କାଠଯିବା' କ୍ରୀଡା ଗୀତ ଉଦାହରଣସ୍ୱରୂପ ଦ୍ରଷ୍ଟବ୍ୟ—

"ପ୍ରଥମ ଦଳ : ଟଂଗିଆଛନେ ଦିଅନି !
ଦ୍ୱିତୀୟ ଦଳ : କେଁ କର୍‌ବ ଟଂଗିଆ ?
ପ୍ରଥମ ଦଳ : ବଉଶଁ ମାରି ଯିମୁ !
ଦ୍ୱିତୀୟ ଦଳ : କେଁ କର୍‌ବ ବଉଁଶ ?
ପ୍ରଥମ ଦଳ : ଝାପି ଗୁଟେ ଗୁଥିମୁଁ
ଦ୍ୱିତୀୟ ଦଳ : କେଁ କର୍‌ବ ଝାପି ?
ପ୍ରଥମ ଦଳ : ଛିଡାପଟା ରଖିମୁଁ !
ଦଦ୍ୱି ୀୟ ଦଳ : କେଁ କର୍‌ବ ଛିଡାପଟା ?
ପ୍ରଥମ ଦଳ : ପୋଫ ବିହା କରିମୁ... (ମିଶ୍ର ୧୯୯୬, ୧୬୭)!

ସେହିପରି, 'କଥା ପଦେକୁ ଟଙ୍କାଟିଏ', 'କୁଲୁପାତ୍ର କଥା', 'କୋଷା କୁମର ରଜା ଆର୍ ଝାରମତୀ ରାନୀ', 'ଷଣ୍ଢ ଦଦା ଓ ମଣିଷ ଭାଇ କଥା' (ବିଶି ୧୯୯୬), 'ଡଅପୋଇ, ଜେମ୍ଆରା ମାତୁଂ', 'ରାଜ କୁମାର ଓ ରାଜ କୁମାରୀ', 'ନାଗ କୁମାର', 'ବଣ ମଈଁଷି' (ମିଶ୍ର ୨୦୦୯), 'ଉଜଳବତୀ କନିଆ', 'ଅସୁର ଆଉ ବଢେଇ ପିଲାକଥା', 'କୁହୁକ କରାଟ', 'କାଲ ଜୋଇଁ', 'ଯେହୁ ଚିନ୍ତଇ ପରମନ୍ଦ', 'କର୍ମ ମୋହର ନିଜ ଗୁରୁ', ଏବଂ 'ଭିକାରୁଣୀ-ରାଜରାଣୀ' (ଦାଶ ୧୯୭୭) ପ୍ରଭୃତି ଲୋକ କଥାରେ ମଧ୍ୟ ଦୈନନ୍ଦିନ ଜୀବନର ଚିତ୍ର ଦେଖିବାକୁ ପାଇଥାଉ ।

***୨.୨.୨.୨ ଗୋଷ୍ଠୀଗତ ଜୀବନ ଶୈଳୀ, ଏବଂ ଆବେଗିକ ପରିପ୍ରକାଶ:*** ଲୋକ ସାହିତ୍ୟର ପରିପ୍ରକାଶ ତଥା ପରିବେଷଣ ଗୋଷ୍ଠୀଗତ ଭାବରେ ହିଁ ହୋଇଥାଏ । ଅର୍ଥାତ୍ ଲିଖିତ ସାହିତ୍ୟ ଭଳି ଏକକ ପରିପ୍ରକାଶ ସମ୍ଭବ ନୁହେଁ । ଅତଏବ, ଲୋକ ସାହିତ୍ୟ ଗୋଷ୍ଠୀଗତ ଜୀବନ ସହିତ ଅଂଗାଗୀ ଭାବରେ ଜଡିତ । ସମସ୍ତ ଲୋକ ଗୀତ ଦଳଗତ ଭାବରେ ହିଁ ପରିବେଷିତ ହୋଇଥାଏ । ସେହିପରି, କଥାନି ପରିବେଷଣରେ ମଧ୍ୟ ସ୍ୱାଭାବିକ ଭାବରେ ଏକାଧିକ ଶ୍ରୋତା ଅଂଶଗ୍ରହଣ କରିବା ଦେଖାଯାଏ । ଏପରିକି, ପ୍ରବାଦ-ପ୍ରବଚନ, ତଥା ବିଭିନ୍ନ ଲୋକୋକ୍ତି ମଧ୍ୟ ଏକାଧିକ ସଦସ୍ୟଙ୍କ ସହିତ ହିଁ ଆଦାନପ୍ରଦାନ ହୋଇଥାଏ । ଏହା ସହିତ, ଏଥିରେ ସମ୍ପୃକ୍ତ ଗୋଷ୍ଠୀର ଏକତା, ବିଚାରଧାରା, ଅନ୍ୟ ଗୋଷ୍ଠୀ ପ୍ରତି ଦୃଷ୍ଟିଭଙ୍ଗୀ, ସାମୂହିକ ମନୋରଞ୍ଜନ, ସହାବସ୍ଥାନ ଆଦିର ଚିତ୍ର ଦେଖିବାକୁ ମିଳିଥାଏ ।

ଲୋକ ସାହିତ୍ୟରେ ସମ୍ପୃକ୍ତ ଲୋକ ଜୀବନର ଆବେଗିକ ପରିପ୍ରକାଶ ମଧ୍ୟ ଦେଖିବାକୁ ମିଳେ ଯେପରି—

"ଅଦିନେ କୁହୁଡି ଆସିଲା ମାଡି
　　ଅଦିନେ ମିଳିଲା ଦେଖା
ପରପୁଅ ଆଣି ପୋଷାପୁଅ କଲେ
　　ସେ କେଉଁ ପୁଅରେ ଲେଖା" ।

"ଅମୁହାଁ ବେଦନାର ମୁହଁ ନାହିଁ
　　ଉଆଁସ ରାତିରେ ଜହ୍ନ ନାହିଁ" ।

"ଚଇତାରେ ଚଇତା
　　ଦୁଇ ମାଇପର ଘଇତ
ତବତ ଖାଇବୁ କି ବାସି ଖାଇବୁ
　　ବେଳ ଥାଉ ଥାଉ କହିଥା" (ମିଶ୍ର ୧୯୯୭, ୧୪୧) ।

"ଚକ ବୁଲୁଥାଇ　　　ଅଖ ବୁଲୁଥାଇ
ବୁଲୁ ପଡୁଥାଏ ପହି
ସଂସାର ଭିତରେ　　　ଘର କରିଥିଲେ
ପଥର ପଡିଲେ ସହି" ।

"ଛୋଟା କଣା କୁଜା ଘଇତା ହେଉ
　　ବଉଁଶ ପୋଷିଲେ ହେଲା
ଛୋଟୀ କାଣୀ କୁଜୀ ମାଇପ ହେଉ
　　ପୁଅ ଜନମ କଲେ ହେଲା" ।

"ଚୁଙ୍ଗୁଚୁଙ୍ଗିଆ ମାଗୁର ନିଶୁଆ
ହିଆରେ ନଥାଇ ବାଳ
ଏ ତିନିଙ୍କୁ ବିଶ୍ୱାସ ନଯିବ
ଜୀବ ଥିବ ଯେତେକାଳ" (ମିଶ୍ର ୧୯୯୭,୧୪୬-୧୪୭) ।
"ଅଗ୍ନି, ରାଜା, ରୋଗୀ, ଦୁହିତା, ଚୋର
ଗୋରୁ, ମହିଷି, ଅତି ଲୋଭୀ ନର
ବେଶ୍ୟା, ହସ୍ତିନୀ, ମଦୁଆ, ମାହାନ୍ତି
ଯେତେ ପାଇଲେ ଏ ବୋଧ ନୁହନ୍ତି" ।
"ଅଘରୁଆ ପୁଏ ଜାଣିବେ ଯେହୁ
କଥା କେ କହେ ତୁ କାର
ଡରନାହିଁ ପର ଭୁଆଷୁଣିଙ୍କୁ
ତାକୁ ଜାଣିବ ଛୋକାର" ।
"ଅଳପ ଲୋକ ବିସ୍ତର ବୋଝ
ତାକୁ ଜାଣିବ ବାପା
ମହର୍ଗ କାଳରେ ଯାଚି ପରଶେ
ତାକୁ ଜାଣିବ ଅପା" (ମିଶ୍ର ୧୯୯୭, ୧୪୮-୧୪୯) ।
"ଜାଇଫୁଲରେ ଆହା ମୋ ଗଳାର ହାର
ଗଳାକାଟି ତୋତେ ଦେବି ରୁଧିର
ମୋତେ ନକରିବୁ ପର ।
ସଜନୀ, ବନ୍ଧପାନି ଫୁଟେ କଇଁ
ସପନେ ଦେଖିଲି ଆଖିନେ ନାଇଁ
ସଜନୀ, ତମର ବିନୁ ଆନ ନାଇଁ ।
ଜାଇଫୁଲରେ,
ନୂଆ ବନ୍ଧେ ପାନିନାଇଁ
ଫୁଲ ଫୁଟିଛେ ଗା ବାସନା ନାଇଁ
ଭମରା ବସିବା କାହିଁ" (ମିଶ୍ର ୧୯୯୬, ୧୯୨-୧୯୫) ।

***୨.୨.୨.୩ ପର୍ବପର୍ବାଣି, ଏବଂ ସାମାଜିକ ରୀତିନୀତି :*** ବିଭିନ୍ନ ପାରମ୍ପରିକ ବିଶ୍ୱାସ ପରି ସମ୍ପୃକ୍ତ ଗୋଷ୍ଠୀର ସାମାଜିକ ରୀତିନୀତିର ପ୍ରତିଫଳନ ମଧ ଲୋକ ସାହିତ୍ୟରେ ଦେଖିବାକୁ ମିଳିଥାଏ । ସେହିପରି, କିଛି ଗୀତ, ଗାଥା, ଏବଂ କାହାଣୀ

ବିଭିନ୍ନ ପର୍ବପର୍ବାଣିରେ ଏକ ଏକ ଆବଶ୍ୟକତା ଭାବରେ ପରିବେଷଣ କରାଯାଇଥାଏ । ଅତଏବ, ଏହିସବୁ ପରିବେଶ ତଥା ପରିସ୍ଥିତିରେ ସମ୍ପୃକ୍ତ ଗୋଷ୍ଠୀର ମୌଖିକ ପରିପ୍ରକାଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ଗ୍ରହଣ କରିଥାଏ । ଓଷାବ୍ରତର ପାଳନ ଆଉ ପରିବେଷଣରେ ତ ଏହା ଏକ 'ପୂଜନପାଠ (ritual text)' ଭାବରେ ମଧ୍ୟ ଗୃହୀତ ହୋଇଥାଏ ।

"ଚଇତି ପରବ ସୁଆଦ ଲୋ ଭାବ,
ସୁଆଦ ଭାବ କେଁ ଗୀତ ରସେ ନାଇଁ ପଟୁ
ଶୁନବା ଲୋକକେ ଜଟୁଁ" (ମିଶ୍ର ୧୯୯୬, ୧୫୪) ।
"ଛି ଭାଲୁକୁଣୀ ଛିଇ ଲୋ
ଶୁଖୁଆ ଖାଇଲୁ କିଇ ଲୋ
ଭାଲୁକୁଣୀ ପୁଅ ମଲାରେ ସାଆଁଳ ମୁଟା ତଳେ
ସାଆଁଳ ମୁଟା ଭାଙ୍ଗି ପଇଲା
ଭାଲୁଣୀ ଉପରେ" (ଦାଶ ୧୯୭୪, ୩୨୧) ।
"ଜହ୍ନିଫୁଲେ ଲୋ ପୂଜିଲି ତୋତେ
କି ବର ମାଗୁଛି ଦେବୁଟି ମୋତେ ?
କାକୁଡି ଫୁଲେ ଲୋ ପୂଜିଲି ତୋତେ
କି ବର ମାଗୁଛି ଦେବୁଟି ମୋତେ ?
କନ୍ୟାରି ଫୁଲେ ଲୋ ପୂଜିଲି ତୋତେ
କି ବର ମାଗୁଛି ଦେବୁଟି ମୋତେ ?
କଖାରୁ ଫୁଲେ ଲୋ ପୂଜିଲି ତୋତେ
କି ବର ମାଗୁଛି ଦେବୁଟି ମୋତେ" (ଦାଶ ୧୯୭୪, ୩୧୪) ?
"ଆମେ ଭାଲୁକୁଣି ଖାଏ ଖିରି
ତୁମ ଭାଲୁକୁଣି ବାଟହଗୁରି ।
ଆମ ଭାଲୁକୁଣି ଖାଏ ମୁହାଁ
ତୁମ ଭାଲୁକୁଣି ମୁହଁରେ ନିଆଁ ।
ଆମ ଭାଲୁକୁଣି ହାତରେ ଖଡୁ
ତୁମ ଭାଲୁକୁଣି ବଉଁଶ ବୁଡୁ
ଆମ ଭାଲୁକୁଣି ମୁଣ୍ଡରେ ବେଣୀ
ତୁମ ଭାଲୁକୁଣି ମୁଣ୍ଡେ ଉକୁଣି" (ମିଶ୍ର ୧୯୯୭, ୧୩୨) ।
"ମାଘ ଯେ ମାସରେ ବସନ୍ତ ପଞ୍ଚମୀ
        ପ୍ରଥମେ ସେ ଯାତ୍ରା ଲାଗିଛି ଧାଡି
ଫଗୁଣ ମାସରେ ହୁଅଇ ଜାଗର
        ହରିହର ଭେଟ ଧୂପ ଖେଚାଡି ।

ଚଇତ୍ରରେ ରାଧାକୃଷ୍ଣ ଯେ ମେଳଣ

ଅନେକ ପ୍ରକାରେ ଭୋଗ ସଜାଡି ।

ବୈଶାଖ ମାସରେ ଚନ୍ଦନ ଯେ ଯାତ୍ରା

ନୀଳାଦ୍ରୀ ମଉଛା ରତନ ଘଡି

ଜ୍ୟେଷ୍ଠ ମାସରେ ସାବିତ୍ରୀ ଅମାସ୍ୟା

ବୋଝ ସଙ୍ଗେ ଯାଏ ଦକ୍ଷିଣୀ ଶାଢୀ ।

ଆଷାଢ ମାସରେ ହୁଏ ଶ୍ରୀଗୁଣ୍ଡିଚା

ଜଗନ୍ନାଥ ଗଲେ ରଥରେ ଚଢି

ଶ୍ରାବଣ ମାସରେ ଚିତଉ ଯେ ଲାଗି

ଗଡିଆରେ ସବୁ ଦେଲେ ପୋଡି ।

ଭାଦ୍ରବ ମାସରେ ଶ୍ରୀକୃଷ୍ଣ ଜନମ

ରାଶି କୋରା ସଙ୍ଗେ କଷି କାକୁଡି

ଆଶ୍ୱିନ ମାସରେ ହୁଏ ଦେବୀ ଯାତ୍ରା

ଦଶହରା ଦିନ ପାଣିରେ ପଡି

କାର୍ତ୍ତିକ ମାସରେ ହବିଷ୍ୟ କରନ୍ତି

ରାଇ ଦାମୋଦର ପୂଜିଲେ ବୁଢୀ ।

ମଗୁଶୀର ମାସରେ ଓଢଣ ଯେ ଷଠୀ

ମଙ୍ଗଳା ତ ଘୋଡ ହୋଇଲ ଘୋଡି

ପୁଷ ଯେ ମାସରେ ପୁଷ୍ୟ ଅଭିଷେକ

ଦରଶନେ ଗଲେ ଧାଡି କି ଧାଡି" (ଦାଶ ୧୯୭୪, ୩୩୯-୪୦) ।

***୨.୨.୨.୪ ପୋଷାକ ପରିଛଦ, ଏବଂ ଅଳଂକାରର ଚିତ୍ର :*** ଲୋକ ସାହିତ୍ୟ ଯେହେତୁ ଗୋଷ୍ଠୀଗତ ଜୀବନ ସହିତ ଅଙ୍ଗାଗୀ ଭାବରେ ଜଡିତ ଏଣୁ, ଏଥିରେ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟଙ୍କ ପୋଷାକ ପରିଚ୍ଛଦ ତଥା ବିଭିନ୍ନ ଅଳଂକାରର ଚିତ୍ର ମଧ୍ୟ ପ୍ରକାଶିତ ହୋଇଥାଏ । ଏଠାରେ ନିମ୍ନରେ କିଛି ଲୋକ ଗୀତରେ କିପରି କୁସୁମ କଢି, ନୟନପୁର ଶାଢି, ପାଟଲୁଗା ତଥା ନୁପୂର, ଝୁଣ୍ଟିଆ, ଓ କମର ପଟି ପ୍ରଭୃତି ଅଳଂକାର ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି ତାହାର ଉଦାହରଣସ୍ୱରୂପ ଦ୍ରଷ୍ଟବ୍ୟ—

"ଆହାରେ କୁସୁମ କଢି

ତତେ ଆଣିଦେବି ନୟପୁର ଶାଢି

ପିନ୍ଧାଇ ଦେବି ସଜାଡି" (ଦାଶ ୧୯୭୪, ୨୦୮) ।

"ଜୁଡା ଚାରିପାଖେ କୁସୁମ ପାଖୁଡା

ଦେଖନ୍ତେ ପଡିଲା ଝଡି

ମେଘନାଦ ଶାଢୀ ପିନ୍ଧିବୁ ସଜାଡି

ମରମେ ଗଲି ମୁଁ ମରି” (ଦାଶ ୧୯୭୪, ୩୨୯)।

“ନଈ ତଳେତଳେ କେ କେ ଯାଉଛ ଲୋ

ପାଟ ଲୁଗା ଫର ଫର

ସେଇ ପାଟ ଲୁଗା ଖଣ୍ଡେ ଦେବ ବାପା

ଯିବି ମୁଁ ଧବଳେଶ୍ୱର”।

“କଲିକତା ଯାଏ ଲମ୍ବ ଯେ ଥିବ

ଭଁପୁର ଯାଏ ତଅଁର(ଦଶି) ଥିବ

ସେଇ ଲୁଗା ଯେ ପିନ୍ଧି ଆସିବ

ତେଇଁକି ମୋ ଚିତ୍ତ ଢଳି ପଡିବ” (ଦାଶ ୧୯୭୪, ୩୨୧-୩୨୩)।

“ପାଦରେ ପିନ୍ଧିଲି ସୁନା ମଲକଢ଼ୀ

ହାତରେ ପିନ୍ଧିଲି ବିଦ

ନାକରେ ପିନ୍ଧିଲି ଗୁଣା ନାକଚଣା

ମତେ ମାଡୁନାହିଁ ନିଦ” (ଦାଶ ୧୯୭୪, ୪୪)।

“ନାକକୁ ହଂସ ବଶଣୀ ବୈଠାରୁ, କର୍ଣ୍ଣକୁ କର୍ଣ୍ଣ କୁନ୍ତଳ

ମଥାକୁ ମଥାମଣି ବୈଠାରୁ ମଥାକୁ ମଥା-ମଣି

ମଝି ପିଠିକି ବେଶୀ ବୈଠାରୁ ଯେ ମଝି ପିଠିକି ବେଣୀ

ବେକକୁ ହୃଦୟ ପଦକ ବୈଠାରୁ, ବେକକୁ ହୃଦୟ ପଦକ।

ଦଶ ଆଙ୍ଗୁଟିକି ଦଶୋଟି ମୁଦି, ଦସ ଆଙ୍ଗୁଟିକି ମୁଦି।

ହାତକୁ ସୁବର୍ଣ୍ଣ ଚୁଡି ବୈଠାରୁ, ଅଣ୍ଟାକୁ କମର ପଟା।

ଗୋଡକୁ ଝୁଣ୍ଟିଆ ନେପୁର ବୈଠାରୁ,

ଗୋଡକୁ କରିବ ନେପୁର” (ଦାଶ ୧୯୭୪, ୮୬)।

“ତୋ ଗୋଡ ଝୁଣ୍ଟିଆ ଲୋ ବାଜଇ ରାଇଁ ଝାଇଁ

ଆଳି ରାଇଜର କି ଗଢଣ,

ଦେଇଛି ନଣନ୍ଦେଇ” (ଦାଶ, ୧୯୭୪, ୨୨୯)।

***୨.୨.୨.୫ ଖାଦ୍ୟପେୟର ଚିତ୍ର:*** ଲୋକ ସାହିତ୍ୟର କେବଳ ପୋଷାକ ପରିଚ୍ଛଦ, ଅଳଂକାରର ଚିତ୍ର ନୁହେଁ ଦୈନନ୍ଦିନ ଜୀବନରେ ପ୍ରସ୍ତୁତ ଖାଦ୍ୟପେୟର ଚିତ୍ର ମଧ୍ୟ ଦେଖିବାକୁ ମିଳେ। ନିମ୍ନରେ ଉପକୂଳ ଓଡିଶାର କିଛି ଦୋଳି ଗୀତରେ ପାଣି କଖାରୁ, ମଦରଙ୍ଗା ଶାଗର ରାଇ, ଏବଂ ଖୁଦ ଜାଉ; ସେହିପରି, ପଶ୍ଚିମ ଓଡିଶାର ସଜନୀ ଏବଂ ଜାଇଫୁଲ ଭଳି କେତେକ ଲୋକ ଗୀତରେ କଞ୍ଚା ଆମ୍ବ, ଖଜୁର ତଥା ଡୁରୁ(ଗଡିଶା) ମାଛ ଭଜା ପ୍ରଭତି ଖାଦ୍ୟ ପରମ୍ପରା କିପରି ଆଖ୍ୟାନ ପ୍ରସଙ୍ଗରେ ସଂଯୋଜିତ ଦ୍ରଷ୍ଟବ୍ୟ—

“ପାଣି କଖାରୁର ରାଇ

ବରତ କରିଛି ଅଖାଇ ନାନୀ

ପିଆଜ ପତରା ରାଇ" (ଦାଶ ୧୯୭୪, ୧୮୩)।

"ମଦରଙ୍ଗା ଶାଗ ରାଇ
ମାୟା ଜାଲେ ମୋତେ ଗୋ ଦେଲୁ ପକାଇ
ଦେଲୁ ପକେଇ କିଏ ଦେବ ମୁକୁଲେଇ" (ଦାଶ ୧୯୭୪, ୨୦୧)?

"ଖୁଦ କରିଥିଲି ଜାଉ, ଓଉ କରିଥିଲି
ପାଣି ସଙ୍ଗେ ପଡିଥିଲା ଲାଉ
କଦଳୀ ଭଣ୍ଡା, ପୋଲା ଖାଇବାକୁ ମାଗୁଛି ହେଣ୍ଡା
ମୋ ହାତକୁ ନାହିଁ ଡର" (ଦାଶ ୨୦୦୧, ୪୪୧)।

"ଚୁଡାକୁ ସୁନ୍ଦର ଗୁଡ, ଦହି
ଦୁଧକୁ ସୁନ୍ଦର ନବାତ, ଖଇ।
ଚିଙ୍ଗୁଡି ମାଛକୁ ଟାକେରା ଆମ୍ବୁଳ
ତୋଡି ମାଛ କାଞ୍ଜିପାଣି
ମାଗୁର ମାଛରେ ସଜ ବସାଦହି
ଭାତ ନେଇଥାଏ ଟାଣି" (ମିଶ୍ର ୧୯୯୭, ୧୫୧-୧୫୨)।

"ସାରୁ, ଆଳୁ ବଡି, ବାଇଗଣ କଦଳୀର ମହୁର
ବୋଇତି କଖାରୁ ଆମ୍ବିଳ ଖଣ୍ଡଦିଆ ଶାକର।...
ବସନ୍ତ କଦଳୀ ମଞ୍ଜାକୁ କିଛି କରିବ ରାଇ
ଲେଉଟିଆ ଶାଗ ଭାଜିରେ ସଜ ପଖାଳ ଦହି।...
ସାତ ପତୁରିଆ ଜହ୍ନିର ଭଜା ଭେଣ୍ଡି ଆମ୍ବିଳ
ମୂଳା କାଞ୍ଜି ସଙ୍ଗେ ମେଳ ଲୋ କନ୍ଦମୂଳ ସୁମେଳ" (ମିଶ୍ର ୧୯୯୭, ୨୦୨)।

***୨.୨.୨.୬ ବିଶ୍ୱାସ:*** ଲୋକ ସାହିତ୍ୟ ସମ୍ପୃକ୍ତ ଗୋଷ୍ଠୀ ତଥା ଅଞ୍ଚଳର ଅନେକ ପାରଂପରିକ ବିଶ୍ୱାସର ପ୍ରତିଫଳନ ଦେଖିବାକୁ ମିଳିଥାଏ । ଏହି ପ୍ରସଙ୍ଗରେ "ଆର ଜନ୍ମର ଲୁହା ଚୋରଣୀ ଏ ଜନ୍ମରେ ପେଚା", "ଚୌଠି ଚାନ୍ଦରେ ଝଗଡା", "ପେଚା ବୋବାଇଲେ ମରୁଡି", "ବ୍ରାହ୍ମଣୀ ହାତରେ ଅଡା", ଏବଂ "ନଖ ଘଷିଲେ ଝଗଡା ହେବା" ଭଳି କିଛି ପ୍ରବାଦ-ପ୍ରବଚନ ଉଦାହରଣସ୍ୱରୂପ ଉଲ୍ଲେଖ କରାଯାଇପାରେ । ସେହିପରି, କୃଷିକାର୍ଯ୍ୟ, ପାଣିପାଗ, ଏବଂ ଭଲମନ୍ଦ ସମ୍ବନ୍ଧୀୟ କେତେକ ଡାକବଚନରେ ମଧ୍ୟ ପାରମ୍ପରିକ ବିଶ୍ୱାସର ଚିତ୍ର ଦେଖିବାକୁ ମିଳେ—

"ପାଞ୍ଚ ରବିବାର ଯଦି ପଡଇ ମାସରେ
ଅତି ବୃଷ୍ଟି ଅନାବୃଷ୍ଟି ହୁଏ ସେ ମାସରେ"।

"ପେଚା ବୋବାଏ ଯାହାର ବାଡି
ତା ଘରେ ପଶଇ କଳି ଧୋକଡି"।

"ବାଆଁରେ ଶିଆଳ ବାଆଁରେ ମଡା
ଡାହାଣେ ଦେଖିଲେ ବ୍ରାହ୍ମଣ ଯୋଡା
ଆଗରେ ନେଉଳ ଗୋବତ୍ସା ହାତୀ
ଦେଖିଲେ ଚଳିବ ରାତିକା ରାତି" ।
"ପାଞ୍ଚ ରବିବାର ଯଦି ପଡଇ ମାସରେ
ଅତି ବୃଷ୍ଟି ଅନାବୃଷ୍ଟି ହୁଏ ସେ ମାସରେ" (ମିଶ୍ର ୧୯୯୭, ୩୩) ।

ଏହା ବ୍ୟତୀତ, ବିଭିନ୍ନ ଓଷାବ୍ରତ ସାହିତ୍ୟରେ ସମ୍ପୃକ୍ତ ଓଷାବ୍ରତ ପାଳନରେ ସୁଫଳ ମିଳିବା ଭଳି ବିଶ୍ୱାସ କରାଯାଏ । ବିଭିନ୍ନ ସାମାଜିକ ରୀତିନୀତିରେ ମଧ୍ୟ ପାଲା ପରିବେଷଣ ତଥା ବିଭିନ୍ନ ଲୋକ ଗୀତର ଆଖ୍ୟାନ ମଙ୍ଗଳକର ତଥା ଅର୍ଥପୂର୍ଣ୍ଣ ଭାବରେ ଗ୍ରହଣ କରାଯାଇଥାଏ । ଯେପରି, ପୁଅ ଜନ୍ମହେଲେ ସତ୍ୟନାରାୟଣ ପାଲାର ଆୟୋଜନ କରିବା, ଅନେକ ପାରମ୍ପରିକ ଦେବଦେବୀ ପୂଜାରେ ଲୋକ ଗୀତ ମନ୍ତ୍ର ଗାନ, ଏବଂ ପରିବେଷଣ ଉଦାହରଣ ସ୍ୱରୂପ— ଡାଲଖାଇ ଗୀତ ଓ ନାଚ, ରଜ ଗୀତ, କୁମାର ପୂନେଇ ଗୀତ, ମଙ୍ଗଳ ଗୀତ ପରିବେଷଣ ।

### ୨.୨.୩ ଲୋକ ସାହିତ୍ୟରେ ସମ୍ପୃକ୍ତ ଲୋକ ଜୀବନର ଭାଷା

ଲୋକ ଜୀବନର ଭାଷା ବା ସମକାଳୀନ ସମାଜର କଥିତ ଭାଷା ହିଁ ଲୋକ ସାହିତ୍ୟର ପରିପ୍ରକାଶର ମାଧ୍ୟମ । ବେଳେବେଳେ ଏକ ଭୌଗୋଳିକ ଖଣ୍ଡ ମଧ୍ୟ ଗୋଟିଏ ସାଧାରଣ ଭାଷା କଥିତ ହେଉଥିଲେ ମଧ୍ୟ ବହୁ ଗୋଷ୍ଠୀ, ଏବଂ ପ୍ରଜାତିର ଲୋକ ବସବାସ କରୁଥିଲେ ବହୁଭାଷିକତା ମଧ୍ୟ ଦେଖିବାକୁ ମିଳେ । ତେବେ, ବେଳେବେଳେ ଏଥିରେ ଲିଖିତ ସାହିତ୍ୟିକ ଭାଷାର ମଧ୍ୟ ଉପଯୋଗ ହୋଇଥାଏ । ଅନୁରୂପ ଭାବରେ, ବେଳେବେଳେ ଏହା ଅତ୍ୟନ୍ତ ସରଳ ହୋଇଥିଲାବେଳେ ବେଳେବେଳେ ପ୍ରତୀକଧର୍ମୀ ତଥା ଆଳଂକାରିକ ମଧ୍ୟ ହୋଇଥାଏ । ଏସବୁର ଉଦାହରଣ ନିମ୍ନରେ ଦ୍ରଷ୍ଟବ୍ୟ—

ଲୋକ ଗୀତର ପଶ୍ଚିମ ଓଡିଶାର କଥିତ ଭାଷାର ପ୍ରୟୋଗ—

"ସଜନୀ ବନ୍ଧପାନି ଫୁଟେ କଇଁ
ସପନେ ଦେଖିଲି ଆଖିନେ ମୁଇଁ
ସଜନୀ, ତମର ବିନୁ ଆନ ନାହିଁ" ।
"ସଜନୀ ସୁନା ଗିଲାସର ଦାନା,
ଦୁଆରକୁ ତୋତେ କେ କଲା ମନା,
ସଜନୀ, ପୁରୁଣା ପୀରତି ମନା" (ମିଶ୍ର ୧୯୯୬, ୧୯୧) ।

ଦକ୍ଷିଣ ଓଡିଶାର କଥିତ ଭାଷାର ମୌଖିକ ପରିପ୍ରକାଶ—

"ଚିଙ୍ଗୁଡି ମାଛର ଝୋଳ
ମା ଦେଉଥିବ, ପୁଅ ଖାଉଥିବ
ବୋଉ ଥିଲେ ବଡ *ଗୋଳ* । ...
"ବଡ ଖାଇଲେ ଜଳଖିଆ ସାନ ଖାଇଲେ ଟୁକୁଟୁକୁ" ।

"ଅଭାଗ୍ୟ କାଳକୁ,

*ଭଙ୍ଗେ ପନେଇଲେ* କେରାଣ୍ଡି ମାଳକୁ" (ପାଣିଗ୍ରାହୀ ୨୦୦୧, ୮୩)।

ଲୋକ ଗୀତରେ ଉପକୂଳ ଓଡିଶାର କଥିତ ଭାଷା—

"ତାଡ ତ ଆଣିଥିଲ ନଡା ଗଣ୍ଠିରେ

ସେ *ତାଡ* ପିନ୍ଧିଲି ମୁଁ ବାହା *ତାଟିରେ*।

ଦର୍ପଣ *ପେଡି* ମୋର ଫିଟଇ ନାଇଁ

ସିନ୍ଦୂର *ଘିତିଲି* ମୁଁ ମୁଦିକି ଚାହିଁ" (ଦାଶ ୧୯୭୪, ୩୩୬)।

ସେହିପରି, ଉତ୍ତର ଓଡିଶାର ଲୋକ ସାହିତ୍ୟରେ ସମ୍ପୃକ୍ତ ଅଞ୍ଚଳର କଥିତ ଭାଷାର ପ୍ରୟୋଗ ଦ୍ରଷ୍ଟବ୍ୟ, ଯେପରି—

"*ଶୁଇଥାଏ* ସେ ଉଠେନି

ତାକୁ କିଏ ଜାଣେନି"।

"କି ହୋ ଖାଲି କଥାରୁ

ଧନୀ ନ ଚିହ୍ନିବ *ଲୁଗାଜୁତାରୁ*" (ରାଉତ ୨୦୧୨, ୧୩୫-୩୭)।

"ଚଇତାଳି ପୁଅ ହେଇ *ଥାଆତି*

ରଜାଙ୍କ ଦାଣ୍ଡରେ ଚାଲି *ଥାଆତି* ...

*କିସ* ଖାଇ ଶାଶୂ ଘର କରିଛି

ଆଠଣି ଚାରଣି ଧରି ଆସିଛି ...

ତେନ୍ତୁଳି ପତର *ରୁଛିଲି* ମୁଠେ..." (ଦାଶ ୧୯୭୪, ୧୧୪)।

ଏହା ବ୍ୟତୀତ, ସମସ୍ତ ଆଦିବାସୀ ଲୋକ ଗୋଷ୍ଠୀର ମୌଖିକ ପରିପ୍ରକାଶଗୁଡିକ ସେମାନଙ୍କ କଥିତ ଭାଷାରେ ହିଁ ପ୍ରକାଶିତ। ଏଠାରେ ଉତ୍ତର ଓଡିଶାର କୁମାରୀ ବ୍ରତରେ ଗାନ କରାଯାଉଥିବା 'ଜାଅଆ' ଗୀତର କିୟଦଂଶ ଉଲ୍ଲେଖନୀୟ—

"କାହାଁହି ରାଖବଁ ଲହଲହ ବାଁଶ୍ ଗୋ

କାହାଁହି ରାଖବଁ ଜାଅଆ ଡାଲି ମଅରେ

ଛାଁ ଛାଁ ଚଲେ ରାଖବଁ ଲହଲହ ବାଁଶ୍ ଗୋ

ମାଝାଘାରେ ରାଖବଁ ଜାଅଆ ଡାଲି ମଅର୍" (ମହାନ୍ତ ୨୦୦୧, ୫୩ )।

ବେଳେବେଳେ, ବିଭିନ୍ନ ଲୋକ ଗୀତରେ ପ୍ରତୀକଧର୍ମୀ ଭାଷାର ମଧ ବ୍ୟବହାର କରାଯାଇଥାଏ, ଉଦାହରଣସ୍ୱରୂପ—

"ଏକ୍ ବଉଁଶ ମାରିଗଲି ଦୁଇ ବଉଁଶର୍ ପଲା

ପିଲା ଭିତରେ ଦେବ୍ତା ଥିଲା

ଛିକ୍ ଡୁବ୍ ଡୁବ୍ କଲା... ଛିକ୍ ଡୁବ୍ ଡୁବ୍ କଲା..." (ବାଗ ୨୦୧୨, ୨୨୧)।

"ବଡ ଲୋକ ବୋଲି ଡାକ ପଡିଛି

ଅଢେଇ କୁଲା ଶାଗ ସିଝୁଛି"।

"ଉଡ଼ାଇଥିବୁ ମାରିବୁ ନାହିଁ

ଗୋଡାଇଥିବୁ ଧରିବୁ ନାହିଁ" (ଦାଶ ୧୯୮୦, ୧୫୫-୧୭୫)।

ସେହିପରି, ତାମସା, ନାଗା ନାଚ, ଓ ପାଲା ଭଳି କିଛି ପାରମ୍ପରିକ ପରିବେଷଣରେ ଆମେ ଏକାଧିକ ଲୋକ ଗୋଷ୍ଠୀର କଥିତ ଭାଷାର ମିଳିତ ପରିପ୍ରକାଶ ମଧ୍ୟ ଦେଖିବାକୁ ପାଇଥାଉ । ଅନୁରୂପ ଭାବରେ, ଦାସକାଠି, ଘୁମୁରା, ଦେଶିଆ ନାଟ, ଓ ପ୍ରହ୍ଲାଦ ନାଟକ ଆଦିରେ ଲିଖିତ ଛାନ୍ଦ, ପଦାବଳୀ ମଧ୍ୟ ବ୍ୟବହୃତ ହୋଇଥାଏ । ଯେପରି—

"ଚୋପଦାର- ବେ ଝାଡୁୱାଲା ଅବତକ କାହାଁ ଥା ?

ଝାଡପୱାଲା- ଝାଡୁୱାଲା କେ ଡାକେ ଉଚ୍ଚସ୍ୱରରେ ।

ଆମି ନାରୀର ସଙ୍ଗେ ରସରଙ୍ଗେ

ଛିଲାମ ବାଙ୍କାବାଜାରେ ।

...

ଚୋପଦାର- ଆବେ ତୁମାରା ନାମ କଣ ?

ଗଉଡୁଣୀ- ନାଁ ମୋର କହିବାକୁ ଲାଗେ କାନ୍ଦ ମାଡୁଛି । କି କହିବି" (ବେହେରା ୨୦୦୧, ୨୬୬) ?

"ଜୟ ମା ଭଗବତୀ ନବନୀତ ମୂରତି ଗୋ ।

କୂଳ ସୁଦନ୍ତୀ ଘେନ ବିନତି ଗୋ ।

କୁନ୍ଦ ଇନ୍ଦୁ ବରନି ଆଦି ବରଦାୟିନୀ

ସୁର ସୁରାଦି ମୁନୀ ସେବନ୍ତି ଗୋ ଜନନୀ" (ମିଶ୍ର ୨୦୧୨,୧୯୭) ।

"ସତ୍ୟଯୁଗର ଏ ବାଣୀ ମହିଷାକୁ କାତ୍ୟାୟନୀ

ନାଶକଲେ ଯେତେବେଳେ ଘୁମୁରା ଉତ୍ପତ୍ତି କଲେ

ଦୁର୍ଗା ଘୁମୁରୀ ଗଢ଼ିଲେ ଈଶ୍ୱର ଚର୍ମ ଛାଇଲେ

ଦୁର୍ଗା ଦୁର୍ଗା ବୋଲି

ଶବଦ ଶୁଭିଲା ଫେଡି କହିଦେଲି" (ମିଶ୍ର ୧୯୯୬, ୩୧୮) ।

## ୨.୨.୪ ଲୋକ ସାହିତ୍ୟ: ପରିବେଷଣ, ପରିବେଷଣ ପ୍ରକ୍ରିୟା, ଏବଂ ପରିବେଷଣର ଆୟାମ

ଲୋକ ସାହିତ୍ୟ ବା ମୌଖିକ ଲୋକଧାରା ପରିବେଷଣ ବ୍ୟତିରେକ ନିରର୍ଥକ । ଅତଏବ, ପ୍ରତ୍ୟେକ ମୌଖିକ ଉପାଦାନର ପରିବେଷଣ ସେହି ପରିବେଷଣରେ ସମ୍ପୃକ୍ତ ଲୋକ ଗୋଷ୍ଠୀର ସଦସ୍ୟମାନଙ୍କ ଅଂଶଗ୍ରହଣ ସହିତ ଓତଃପ୍ରୋତ ଭାବରେ ଜଡ଼ିତ । ଅତଏବ, ଲୋକ ସାହତ୍ୟର ଓ ଲୋକ ଜୀବନ ବିଷୟରେ ଆଲୋଚନା କଲାବେଳେ ଉପାଦାନର ପରିବେଷଣ, ସଦସ୍ୟଙ୍କ ଅଂଶଗ୍ରହଣ ଏବଂ ପରିବେଷଣ ପ୍ରକ୍ରିୟା ସମ୍ପର୍କରେ ଅବଗତ ହେବା ବିଧେୟ ।

### *୨.୨.୪.୧ ପରିବେଷଣ*

ଲୋକ ସାହିତ୍ୟ ବା ମୌଖିକ ଲୋକଧାରା ପରିବେଷଣପାଇଁ ସାଧାରଣତଃ କୌଣସି ନିର୍ଦ୍ଦିଷ୍ଟ ସମୟ ନଥାଏ । ତଥାପି, ମନୋରଞ୍ଜନପାଇଁ କର୍ମମୟ ଜୀବନରୁ ଟିକିଏ ବିରତ ବା ବିଶ୍ରାମ ସମୟକୁ ପରିବେଷଣ ଆୟୋଜନ ନିମନ୍ତେ ଉପଯୁକ୍ତ ମନେକରାଯାଇଥାଏ । ତେବେ, ଅନେକ ଗୀତ, କଥା, କିମ୍ବଦନ୍ତୀ, ଉପାଖ୍ୟାନ କର୍ମକ୍ଷେତ୍ରରେ ମଧ୍ୟ ଶ୍ରମ ଲାଘବ ନିମନ୍ତେ ପରିବେଷିତ ହୋଇଥାଏ । ଅଳ୍ପବୟସ୍କ ଅର୍ଥାତ୍ ବାଳକ ବାଳିକା ବା କିଶୋର କିଶୋରୀମାନେ ଯେକୌଣସି ଅବସର ସମୟରେ ଗୀତ, କଥାନି, ଧନ୍ଦା, ନାଁ-ଦିଆ ଆଦିର ଆୟୋଜନ କରିପାରିଥାନ୍ତି । ଅନେକ ମିଥ୍, ଗାଥା ଆଦିର ପରିବେଷଣପାଇଁ ବେଳେବେଳେ ସ୍ୱତନ୍ତ୍ର ଅବସର ମଧ୍ୟ ଅପେକ୍ଷା କରାଯାଇଥାଏ । ସେହିପରି, କାହାଣୀ ଏବଂ ନୃତ୍ୟ ଆଧାରିତ ଗୀତଗୁଡ଼ିକୁ

ରାତିରେ ମଧ୍ୟ ପରିବେଷିତ ହୋଇପାରେ । ଅନୁରୂପ ଭାବରେ, ରୀତିନୀତି ଆଧାରିତ କଥାନି, ଗୀତ, ମିଥ୍, କାବ୍ୟ, ଏବଂ ଗାଥାଗୁଡିକ ସମ୍ପୃକ୍ତ ରୀତିନୀତି ଏବଂ ପୂଜାପାଠ ସମୟରେ ପରିବେଷିତ ହୋଇଥାଏ ।

ଗୋଟିଏ ଲୋକ ଗୋଷ୍ଠୀରେ ସେହି ଗୋଷ୍ଠୀର ମୌଖିକ ପରିପ୍ରକାଶର ପରିବେଷଣ ଅଧିକାର ପ୍ରାୟ ସମସ୍ତ ସଦସ୍ୟଙ୍କ ପାଖରେ ଥାଏ । ତେବେ, ଯେପରି ଆମେ ପ୍ରଥମ ଅଧ୍ୟାୟରେ ଆଲୋଚନା କରିଛୁ ଯେ ବିଭିନ୍ନ ବାଚିକ ପରିପ୍ରକାଶରେ ଲୋକଧାରାର ଅନ୍ୟାନ୍ୟ ଉପାଦାନ ଭଳି ଜଣେ ଜଣେ ଦକ୍ଷ ପରିବେଷକ ମଧ୍ୟ ଥାଆନ୍ତି । ତାହା ବିଭିନ୍ନ ଲୋକ ଗୋଷ୍ଠୀରେ ବିଭିନ୍ନ ଭାବରେ ପରିଚିତ । ଯେପରି— ଗଳ୍ପସାଗର, କଥାକାର, ଭାଟ, ଗୀତ କୁଢିଆ, ଇତ୍ୟାଦି । ଏମାନେ ବେଳେବେଳେ ଉପାଦାନର ପରିବେଷଣ ସମ୍ପର୍କରେ ଅନ୍ୟ ସଦସ୍ୟଙ୍କୁ ପ୍ରଶିକ୍ଷଣ ଦେବାରେ ମଧ୍ୟ ସହାୟକ ହୋଇଥାନ୍ତି, ଏହା ଏଠାରେ ଉଲ୍ଲେଖନୀୟ ଯେ, ଏ ପ୍ରଶିକ୍ଷଣ ଆନୁଷ୍ଠାନିକ ନୁହେଁ, ବରଂ ପାରମ୍ପରିକ । ସେହିପରି, ରୀତିନୀତି ସାମାଜିକ କ୍ରିୟାକଳାପ ସମ୍ବନ୍ଧୀୟ କେତେକ ମୌଖିକ ପରିପ୍ରକାଶରେ ଜଣେ ଜଣେ ନିର୍ବାଚିତ ପରିବେଷକ ଥାଆନ୍ତି ସେମାନଙ୍କ ବ୍ୟତୀତ ସମ୍ପୃକ୍ତ ଉପାଦାନକୁ ଅନ୍ୟ କେହି ପରିବେଷଣ କରିବାର ଅଧିକାର ନଥାଏ । ଉତ୍ତର-ଓଡିଶାର 'ଢଣ କୋଇଲା', ଏବଂ ପଶ୍ଚିମ ଓଡିଶାର 'ଡାଲଖାଇ'ରେ ପୂଜକମାନଙ୍କଦ୍ୱାରା ଗାନ କରାଯାଉଥିବା ଗୀତକୁ ଏଠାରେ ଉଦାହରଣସ୍ୱରୂପ ନିଆଯାଇପାରେ, ସେହିପରି, ବିଭିନ୍ନ ଦେବଦେବୀ ସମ୍ପର୍କିତ ବନ୍ଦନା, ଆରତୀ ସମ୍ପୃକ୍ତ ପାରମ୍ପରିକ ପୂଜକ ବା ଦିଆରୀ ହିଁ ଗାନ କରିଥାନ୍ତି । ଏହା ଉପାଦାନ ସମ୍ପର୍କିତ ଏକଚାଟିଆ ଅଧିକାର ନୁହେଁ ବରଂ ସମ୍ପୃକ୍ତ ଲୋକ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କ ମିଳିତ ସ୍ୱୀକୃତି । ଏହି ରୀତିନୀତିଜନିତ ନିୟମ ବ୍ୟତୀତ, ଅନ୍ୟ ସମସ୍ତ ଉପାଦାନ ଊଣା ଅଧିକେ ସମସ୍ତ ସଦସ୍ୟ ପରିବେଷଣ କରିପାରନ୍ତି ତଥା ଏହି ପରିବେଷଣରେ ସମସ୍ତେ ଭାଗ ନେବାର ଅଧିକାର ରଖନ୍ତି ।

### *୨.୨.୪.୨ ପରିବେଷଣ ପ୍ରକ୍ରିୟା*

ଲୋକ ସାହିତ୍ୟର ବିଭିନ୍ନ ଉପାଦାନ ଯେପରି, କଥା, ଗାଥା, କାବ୍ୟ, ଗୀତ, ପ୍ରବାଦ-ପ୍ରବଚନ, ଚୁଟକୁଲା ବା ଗାଲୁ ଗପ, ଏବଂ ଅନ୍ୟାନ୍ୟ ବାଚିକ ପରିପ୍ରକାଶଗୁଡିକ ବିଭିନ୍ନ ଲୋକ ଗୋଷ୍ଠୀରେ ବିଭିନ୍ନ ଶୈଳୀରେ ପରିବେଷିତ ହୋଇଥାଏ । ସେହିପରି, ସବୁ ଉପାଦାନର ପରିବେଷଣ ମଧ୍ୟ ସମାନ ନୁହେଁ । ଆମେ ଏହି ପରିଚ୍ଛେଦର ପ୍ରଥମ ଭାଗରେ ବିଭିନ୍ନ ଉପାଦାନର ଆଲୋଚନା ପ୍ରସଙ୍ଗରେ ଉପାଦାନଗୁଡିକର ପରିବେଷଣ ସମ୍ପର୍କରେ ଆଲୋଚନା କରିଛୁ । ଏହା ବ୍ୟତୀତ, ଏହି ପରିବେଷଣକୁ ସମ୍ପ୍ରତି ଲୋକତତ୍ତ୍ୱବିଦ୍‌ମାନେ ପରିବେଷଣ ପ୍ରକ୍ରିୟା (performance 'event') ଭାବରେ ଗ୍ରହଣକରି ଏହାର ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ପ୍ରଦାନକରନ୍ତି । କାରଣ, ପରିବେଷଣ କହିଲେ, ମୌଖିକ ଉପାଦାନର କେବଳ ବିଷୟ ଉପସ୍ଥାପନ ନୁହେଁ, ବରଂ ଏହା ସହିତ ପରିବେଷଣକାରୀଙ୍କ ଅଙ୍ଗଭଙ୍ଗୀ, ପରା-ଭାଷିକ ପରିପ୍ରକାଶ, ସହିତ ଅଂଶଗ୍ରହଣକାରୀଙ୍କ ଯୋଗଦାନ, ସମ୍ପୃକ୍ତ ଲୋକ ଗୋଷ୍ଠୀରେ ଏହାର ପ୍ରଭାବ ତଥା ପରିବେଷଣ ପୂର୍ବ ଏବଂ ପରବର୍ତ୍ତୀ ପ୍ରକ୍ରିୟାଗୁଡିକର ସମନ୍ୱିତ ଅନୁଶୀଳନକୁ ବୁଝାଏ । ଏଥିରୁ ଆମେ ଉପାଦାନଟିର ବିଷୟ ସମ୍ପର୍କରେ ଅବଗତ ନହୋଇ ଏହା କ'ଣ ପାଇଁ, କାହିଁକି, କିପରି ଭାବରେ ପରିବେଷିତ ହେଉଛି ସେସମ୍ପର୍କରେ ଜାଣିବା ସହିତ ଏହା ସମ୍ପୃକ୍ତ ଗୋଷ୍ଠୀ ପାଇଁ କିପରି ଏବଂ କାହିଁକି ଅର୍ଥପୂର୍ଣ୍ଣ ଏହା ସହିତ ସେମାନଙ୍କ ସାମାଜିକ ସାଂସ୍କୃତିକ ସମ୍ପର୍କ ତଥା ଏଥିରେ ସମୟକ୍ରମେ ଦେଖାଯାଉଥିବା ପରିବର୍ତ୍ତନ ଆଦି ସମ୍ପର୍କରେ ଅବଗତ ହେବାର ଅବସର ସୃଷ୍ଟି କରିଥାଏ ।

### *୨.୨.୪.୩ ପରିବେଷଣ ପ୍ରକ୍ରିୟାର ବିଭିନ୍ନ ଆୟାମ*

ଆମେ ଜାଣିଲେ ଯେ ଲୋକ ସାହିତ୍ୟ, ଲିଖିତ ସାହିତ୍ୟ ଭଳି ପଠନ ବା ଶ୍ରବଣ ଆଧାରିତ ଏକ ସାହିତ୍ୟ ନୁହେଁ, ବରଂ ଏକ ପରିବେଷଣ ପ୍ରକ୍ରିୟା । ଏବଂ, ଏହି ପରିବେଷଣର ବିଭିନ୍ନ ପ୍ରକାର୍ଯ୍ୟ, ବିଭିନ୍ନ ଆୟାମ ଅଛି । ଏହାର ବିଭିନ୍ନ

ଆୟାମ ଉପରେ ବାସକମ୍ (William R. Bascom), ପାଟ୍ରିକ୍ ମୁଲେନ୍ (Patrick B. Mullen), ବାରବାରା (Barbara A. Babcock), ଆବ୍ରାହାମସ୍ (Roger D. Abrahams), ରୋବର୍ଟ ଜର୍ଜସ୍ (Robert A. Georges), ଏବଂ ରିଚାର୍ଡ ବାଉମାନ୍ (Richard Bauman) ପ୍ରଭୃତି ଲୋକତତ୍ତ୍ୱବିଦ୍ ତାଙ୍କ ପ୍ରବନ୍ଧଗୁଡିକରେ ଆଲୋଚନା କରିଛନ୍ତି । ପ୍ରାସଙ୍ଗିକତା ଦୃଷ୍ଟିରୁ ପରିବେଷଣ ପ୍ରକ୍ରିୟାର ଦୁଇ ପ୍ରମୁଖ ଆୟାମ, ଏହାର ବିଭିନ୍ନ ପ୍ରକାର୍ଯ୍ୟ, ଏବଂ ଲୋକ ଜୀବନରେ ଏହାର ପ୍ରଭାବ ସମ୍ପର୍କରେ ଏଠାରେ ସଂକ୍ଷେପରେ ଆଲୋଚନା କରାଯାଇପାରେ—

### ୧. ଏକ ଆଦାନପ୍ରଦାନ ପ୍ରକ୍ରିୟା

ପରିବେଷଣ ନିମିତ୍ତ ଜଣେ କଥକ ବା ପରିବେଷଣକାରୀ ସହିତ ଅନ୍ୟୂନ ଜଣେ ଶ୍ରୋତା ବା ଅଂଶଗ୍ରହଣକାରୀଙ୍କ ଆବଶ୍ୟକତା ଥାଏ । ବିନା ଶ୍ରୋତାରେ ଲୋକ ସାହିତ୍ୟ ପରିବେଷଣ ତଥା ଆଦାନପ୍ରଦାନ ସମ୍ଭବନୁହେଁ । ତେବେ, ଏକାଧିକ ଅଂଶଗ୍ରହଣକାରୀଙ୍କ ଉପସ୍ଥିତି ପରିବେଷଣକୁ ଆକର୍ଷଣୀୟ କରିଥାଏ । ପରିବେଷଣରେ ଏହି ଆଦାନପ୍ରଦାନ କଥକ ଏବଂ ଶ୍ରୋତାଙ୍କ ମଧ୍ୟରେ ସିଧାସଳଖ ହୋଇଥାଏ । ଅନ୍ୟ ଅର୍ଥରେ କଥାନି ପରିବେଷଣ ପ୍ରକ୍ରିୟାରେ ଶ୍ରୋତା, ପରିପ୍ରକାଶ, ଏବଂ ପରିବେଷଣକାରୀଙ୍କ ମଧ୍ୟରେ ଏକ 'ପ୍ରତ୍ୟକ୍ଷ ପରିଗ୍ରହଣ (direct intercolcution)' ଭାବରେ ଦେଖିବାକୁ ମିଳିଥାଏ ।

ପରିବେଷଣରେ କଥକ ଏବଂ ଶ୍ରୋତା ଏକ ଏକ ନିର୍ଦ୍ଦିଷ୍ଟ ସଙ୍କେତ ମାଧ୍ୟମରେ ଭାବର ଆଦାନପ୍ରଦାନ କରିଥାନ୍ତି । ଲୋକ ଉପାଦାନର ପ୍ରତ୍ୟେକ ପରିବେଷଣରେ ଭାଷିକ, ପରାଭାଷିକ, ଏବଂ ଅଙ୍ଗଭଙ୍ଗୀ ପ୍ରଭୃତି ସଙ୍କେତ ଏହି ଭାବର ଆଦାନପ୍ରଦାନକୁ ସମ୍ପୂର୍ଣ୍ଣ କରିବାରେ ସାହାଯ୍ୟ କରିଥାଏ । ଏହି ଆଦାନପ୍ରଦାନ ଶବ୍ଦ ତଥା ଦୃଶ୍ୟର ବର୍ଣ୍ଣନା ତଥା ଅଂଶଗ୍ରହଣକାରୀଙ୍କ କଳ୍ପନାକୁ ଆଧାର କରିଥାଏ । ଅର୍ଥାତ୍ କଥାନିର ସମ୍ପୂର୍ଣ୍ଣ ଆସ୍ୱାଦନପାଇଁ କେବଳ କଥକର ଭାଷିକ ବର୍ଣ୍ଣନାନୁହେଁ, ଅଙ୍ଗଭଙ୍ଗୀ ଓ ଅନ୍ୟାନ୍ୟ ପରାଭାଷିକ ପ୍ରକ୍ରିୟାଗୁଡିକର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ସେହିପରି, କଥାନି ପରିଗହ୍ରଣରେ ଶ୍ରୋତାମାନଙ୍କ ଏକାତ୍ମକତା ମଧ୍ୟ ଏକ ଉଲ୍ଲେଖନୀୟ ଆୟାମ । କାରଣ, ପରିବେଷଣରେ ବିଷୟବସ୍ତୁର ଅବଧାରଣା ଓ ସମ୍ପ୍ରସାରଣର ଧାରାବାହିକତା କଥକ, ଏବଂ ଶ୍ରୋତାଙ୍କ ପାରମ୍ପରିକ ଜ୍ଞାନ ତଥା ପରିବେଶ, ପରିସ୍ଥିତି ଅନୁଯାୟୀ ସୃଜନଶୀଳ ତତ୍କାଳିକ ସଂଯୋଜନା ଉପରେ ନିର୍ଭର କରିଥାଏ ।

### ୨.ଏକ ସାମାଜିକ ଅଭିଜ୍ଞତା ଏବଂ ସାଂସ୍କୃତିକ ଆବଶ୍ୟକତା

ଲୋକ ସାହିତ୍ୟର ପ୍ରତ୍ୟେକ ପରିବେଷଣ ଏକ ନିର୍ଦ୍ଦିଷ୍ଟ ଲୋକ ଗୋଷ୍ଠୀ ସୃଷ୍ଟି କରିଥାଏ । ପାରମ୍ପରିକ ସମାଜରେ ଏହି ପରିବେଷଣ ପ୍ରକ୍ରିୟା ସମ୍ପୃକ୍ତ ସମାଜର ଐକତାକୁ ବଜାୟ ରଖିବାରେ ସହାୟକ ହୋଇଥାଏ । ପ୍ରତ୍ୟେକ ପରିବେଷଣ କଥକ ଏବଂ ଶ୍ରୋତାର ସାମାଜିକ ସମ୍ପର୍କ ତଥା ନୀତିନିୟମକୁ ଆଧାର କରିଥଏ । କଥକ ଉପସ୍ଥିତ ଶ୍ରୋତାଙ୍କୁ ଆଖି ଆଗରେ ରଖି କଥାନି ପରିବେଷଣ କରିଥାଆନ୍ତି । ବେଳେବେଳେ କିଛି କିଛି ପରିବେଷଣ ଗୁରଜନ କିମ୍ବା ସମ୍ମାନାସ୍ପଦ ମହିଳା ତଥା ସାନସାନ ପିଲାମାନଙ୍କ ଉପସ୍ଥିତିକୁ ଆଖି ଆଗରେ ରଖିବାକୁ ପଡେ, ଏବଂ ପରିବେଷଣକାଳରେ ବିଷୟବସ୍ତୁର ନିର୍ବାଚନ ସହିତ ବର୍ଣ୍ଣନା ଉପରେ ଧ୍ୟାନ ଦିଆଯାଇଥାଏ ।

ଲୋକ ସାହିତ୍ୟର ପରିବେଷଣ କେବଳ ମନୋରଞ୍ଜନ ବା ସମୟର ଅପନୋଦନପାଇଁ ନୁହେଁ, ଏହାର ବିଭିନ୍ନ ସାମାଜିକ ଉପଯୋଗ ମଧ୍ୟ ଅଛି । ଉଦାହରଣସ୍ୱରୂପ— ବିଭିନ୍ନ ସାମାଜିକ ସାଂସ୍କୃତିକ, ରାଜନୈତିକ ତଥା ଐତିହାସିକ କିମ୍ବଦନ୍ତୀମୂଳକ ଘଟଣାବଳୀର ବର୍ଣ୍ଣନାପାଇଁ କଥାନି ପରିବେଷଣ ଏକ ପ୍ରକୃଷ୍ଟ ପରିସର ଭାବରେ କାମ କରିଥାଏ । କଥାନି ପରିବେଷଣରେ ଅଂଶଗ୍ରହଣକାରୀ ଶ୍ରୋତାଙ୍କ ମଧ୍ୟରେ ତଥା ସମ୍ପୃକ୍ତ ସମାଜର ଅନ୍ୟ ସଦସ୍ୟଙ୍କ ପାଖକୁ ମଧ୍ୟ ଏହି ଆୟାମଗୁଡିକ ସିଧାସଳଖ ସମ୍ପ୍ରସାରିତ ହୋଇଥାଏ, ଏବଂ ସମ୍ପୃକ୍ତ ସମାଜର ବିଭିନ୍ନ ଦିଗ ସହିତ ସେମାନଙ୍କୁ ପରିଚିତ କରିବାରେ ସହାୟକ ହୋଇଥାଏ । ସେହିପରି, ଅନେକ ଗୀତ, ଗାଥା, ତଥା ମିଥ୍ର ପରିବେଷଣରେ ପଛରେ ମଧ୍ୟ ଏକଏକ ସାମାଜିକ ଆବଶ୍ୟକତା ଥାଏ ।

ଲୋକ ସାହିତ୍ୟର ରୀତନୀତିଗତ ପରିବେଷଣ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଏବଂ ପରିବେଷଣରେ କେବଳ ଥରେ ମାତ୍ର ଆୟୋଜିତ ହୋଇଥାଏ । ତେବେ, ମନୋରଞ୍ଜନ ତଥା ସମୟ ଅତିବାହିତ କରିବାପାଇଁ ଆୟୋଜିତ ବିଭିନ୍ନ ଉପାଦାନର ପରିବେଷଣ ଥରେ ପରିବେଷିତ ହେବାପରେ ଆବଶ୍ୟକ ମନେହେଲେ ପରବର୍ତ୍ତୀ ସମୟରେ ମଧ୍ୟ ପରିବେଷଣ କରାଯାଇଥାଏ । ତେବେ, ଏହି ପରିବେଷଣଗୁଡିକରେ ବିଷୟବସ୍ତୁ ଆଖ୍ୟାନ ସମାନହେଲେ ମଧ୍ୟ ପରିପ୍ରକାଶରେ ନୂତନତା ଦେଖିବାକୁ ମିଳିଥାଏ । ଏବଂ, ପ୍ରତ୍ୟେକ ବାଚିକ ପରିବେଷଣରେ ସମୟ, ପରିବେଶ, ଶ୍ରୋତା ତଥା କଥକର ସାମାଜିକ, ମାନସିକ ସ୍ଥିତି ଏକ ନୂତନ ଆଖ୍ୟାନର ସୃଜନଭୂମି ପାଲଟିଯାଏ ।

### ୨.୨.୫ ଲୋକ ଜୀବନରେ ଲୋକ ସାହିତ୍ୟର ପ୍ରକାର୍ଯ୍ୟ

ଅନ୍ୟ ଲୋକ ଉପାଦାନ ଭଳି ବାଚିକ ଉପାଦାନର ମଧ୍ୟ ବିଭିନ୍ନ ପ୍ରକାର୍ଯ୍ୟ (function) ଅଛି । ପ୍ରତ୍ୟେକ ପରିବେଷଣ ସମ୍ପୃକ୍ତ ସମାଜ ବା ଗୋଷ୍ଠୀର ଜୈବିକ, ସାମାଜିକ, ସାଂସ୍କୃତିକ ଏବଂ ରାଜନୈତିକ ସଂଘର୍ଷର ପୃଷ୍ଠଭୂମିକୁ ଅନୁଶୀଳନ କରିବାରେ ସହାୟକ ହୋଇଥାଏ । ଏହି ପ୍ରକାର୍ଯ୍ୟଗୁଡିକର ଅନୁଶୀଳନରୁ ଆମେ ଉପାଦାନଟି ଲୋକ ଜୀବନ ବା ଲୋକ ଗୋଷ୍ଠୀ ସହିତ କିପରି ସମ୍ପର୍କିତ ତଥା ଏହା ସେମାନଙ୍କ ଜୀବନକୁ କି କାମରେ ଆସେ ତଥା ସେମାନଙ୍କ ଜୀବନଧାରାକୁ କିପରି ପ୍ରଭାବିତକରେ ସେ ସମ୍ପର୍କରେ ଅବଗତ ହୋଇପାରିବା । ଏଠାରେ, ବାସକମ୍‌ଙ୍କର ବହୁଚର୍ଚ୍ଚିତ 'ପ୍ରକାର୍ଯ୍ୟାତ୍ମକ ଉପାଗମ (Functional Approach)'କୁ ଆଧାରକରି ଲୋକ ସାହିତ୍ୟର ପ୍ରକାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇପାରେ—

୧. ଲୋକ ସାହିତ୍ୟ ସମ୍ପୃକ୍ତ ସମାଜର ସାଂସ୍କୃତିକ ଦର୍ପଣ ଭାବରେ କାର୍ଯ୍ୟ କରିଥାଏ । ଏହି ପରିବେଷଣରେ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟମାନେ ବିଭିନ୍ନ ସାମାଜିକ ଅନୁଷ୍ଠାନ, ପାରମ୍ପରିକ ବୈଷିୟକ ଜ୍ଞାନ, ବାହ୍ୟ ଲୌକିକତା ତଥା ସାମାଜିକ ବିଶ୍ୱାସ, ଏବଂ ସେମାନଙ୍କ ଦୃଷ୍ଟିଭଙ୍ଗୀ ସୁସଂହତଭାବେ ପ୍ରକାଶିତ ହୋଇଥାଏ । ତତ୍‌ସଙ୍ଗେସଙ୍ଗେ ସଂସ୍କୃତିର ପ୍ରଭାବଶାଳୀ ଉପାଦାନ, ସାଂସ୍କୃତିକ ସଂରଚନା, ମୂଲ୍ୟବୋଧ, ଏବଂ ସାଂସ୍କୃତିକ ଲକ୍ଷ୍ୟସବୁର ଚିତ୍ର ପ୍ରଦାନକରିଥାଏ, ଯାହାକୁ କି ସାଂସ୍କୃତିକ ଚେତନାର ଅନୁଭବ ଓ ପ୍ରମାଣଭାବରେ ଗ୍ରହଣ କରାଯାଇପାରେ ।

୨. ଲୋକ ସାହିତ୍ୟ ସମ୍ପୃକ୍ତ ସମାଜରେ ବା ଲୋକ ଗୋଷ୍ଠୀରେ ବ୍ୟବହାରିକ ଜ୍ଞାନର ଆହରଣପାଇଁ ପରିସର ସୃଷ୍ଟି କରିଥାଏ । ନୈତିକତାକୁ ପ୍ରତିଷ୍ଠିତ କରିବା ସହିତ ଲୋକ ବିଶ୍ୱାସକୁ ପରିବର୍ଦ୍ଧିତ କରିବାରେ ସହାୟକ ହୋଇଥାଏ । ବିଭିନ୍ନ କର୍ମକାଣ୍ଡ ତଥା ଦୈନନ୍ଦିନ ଜୀବନକୁ ନିୟମବଦ୍ଧ ଓ ଶୃଙ୍ଖଳିତ କରିଥାଏ । ପାରମ୍ପରିକ ଆସ୍ଥା ଓ ଆଦିମ ବୌଦ୍ଧିକାଧିକାରକୁ ଅତୁଟ ରଖିବାରେ ସାହାଯ୍ୟ କରିଥାଏ ।

୩. ଲୋକ ସାହିତ୍ୟ ସମ୍ପୃକ୍ତ ଲୋକ ଗୋଷ୍ଠୀରେ ବହୁସମୟରେ, ଏବଂ ଅନେକ ପ୍ରସଙ୍ଗରେ ଏକ ଶିକ୍ଷଣ ପ୍ରକ୍ରିୟା ଭାବରେ କାର୍ଯ୍ୟ କରିଥାଏ । ସାଧାରଣତଃ ଆଚାରବ୍ୟବହାର, ବିଭିନ୍ନ ନୀତିନିୟମ, ଶ୍ରମଶୀଳତା, ପ୍ରଥା-ପରମ୍ପରା ସମ୍ପର୍କିତ ଜ୍ଞାନ ତଥା ଦୈନନ୍ଦିନ ଜୀବନର ବହୁବିଧ ଆୟାମର ଶିକ୍ଷା କଥାନି ପରିବେଷଣରୁ ମିଳିଥାଏ । ଶିଶୁ-କିଶୋରମାନଙ୍କ ପାଇଁ ଏହା ଏକ ସମ୍ପୂର୍ଣ୍ଣ ଶିକ୍ଷାୟତନ ଭାବରେ ମଧ୍ୟ କାର୍ଯ୍ୟ କରିଥାଏ । ସେଥିପାଇଁ, ଲୋକତତ୍ତ୍ୱବିଦ୍‌ମାନେ ସ୍ୱୀକାର କରନ୍ତି ଯେ ଆମେ ଯେତେ ଶିକ୍ଷିତ ହେଲେ ମଧ୍ୟ ଆମର ଦୈନନ୍ଦିନ ଜୀବନରେ ଲୋକଧାରା ମାଧ୍ୟମରେ ହିଁ ନିଜକୁ ପ୍ରକାଶିତ କରିଥାଉ ।

୪. ଲୋକ ସାହିତ୍ୟ ଆଚାର-ବିଚାର, ବ୍ୟବହାର ତଥା ବିଧିବିଧାନରେ ଅନୁମୋଦନକାରୀ ଭାବରେ ମଧ୍ୟ ବ୍ୟବହାର କରାଯାଇପାରେ । ଶୈକ୍ଷିକ ପ୍ରକାର୍ଯ୍ୟ ଓ ସାଂସ୍କୃତିକବୈଧତା ସହିତ ଏହି ପ୍ରକାର୍ଯ୍ୟର ସାମଞ୍ଜସ୍ୟ ପରିଲକ୍ଷିତ ହେଉଥିଲେ ମଧ୍ୟ ଏହାର ସ୍ୱତନ୍ତ୍ରତା ଅଛି । ସେହିପରି, ଏହାର ପରିବେଷଣ ବେଳେବେଳେ ସାମାଜିକ ଅନୁମୋଦନ ପାଇଁ ତ ବେଳେବେଳେ ଅଗ୍ରାହ୍ୟ ପାଇଁ ବ୍ୟବହୃତ ହୋଇପାରେ, ସାମାଜିକ ନିନ୍ଦା-ପ୍ରଶଂସା ତଥା ବୈଧାନିକ ସତର୍କତା, ସାମାଜିକ ବିଭେଦକାରୀ

ସମସ୍ୟାର ସମାଧାନ କରିବା ସହିତ ଦଣ୍ଡବିଧାନ ବ୍ୟବସ୍ଥାକୁ ମଧ୍ୟ ଅନୁମୋଦନ କରିଥାଏ । ବିଭିନ୍ନ ମିଥ୍, କଥା, କିମ୍ବଦନ୍ତୀ, ପ୍ରବାଦ-ପ୍ରବଚନର ପରିବେଷଣ ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବା ଦେଖାଯାଏ ।

ପରିଶେଷରେ, ଏହା କୁହାଯାଇପାରେ ଯେ, ଲୋକ ସାହିତ୍ୟ ସମ୍ପୃକ୍ତ ଲୋକ ଗୋଷ୍ଠୀର ଏକ ସାଂସ୍କୃତିକ ପରିଚୟ । ଲୋକ ସାହିତ୍ୟ ପରିବେଷଣର ଅନେକ ଉପଯୋଗିତା ତଥା ପ୍ରକାର୍ଯ୍ୟ ଅଛି । ଲୋକ ସାହିତ୍ୟର ସଂଗ୍ରହ, ବିଭାଗୀକରଣ, ଏବଂ ପରିବେଷଣ ପ୍ରକ୍ରିୟାକୁ ଅନୁଶୀଳନକରି ଆମେ ସମ୍ପୃକ୍ତ ସମାଜର ବହୁବିଧ ଆୟାମ ସମ୍ପର୍କରେ ଅବଗତ ହୋଇପାରିବା ।

**ବୈଶିଷ୍ଟ୍ୟ**

ଲୋକ କାବ୍ୟ ଦୀର୍ଘ, ଏବଂ ସମ୍ପୃକ୍ତ ଲୋକ ଗୋଷ୍ଠୀର ଗୁରୁତ୍ୱପୂର୍ଣ୍ଣ କାହଣୀର ଆଖାନ । ଏହା ଆନୁଷ୍ଠାନିକ ପରିବେଶରେ ପରିବେଷିତ ହେବା ସହିତ ଏହାର ପରିବେଷଣରେ ଉଚ୍ଚାଙ୍ଗ ଆଭିମୁଖ୍ୟ ଏବଂ 'ଆଳଂକାରିକ ଶବ୍ଦାବଳୀ (figures of speech)'ର ପ୍ରୟୋଗ ଦେଖାଯାଏ । କାବ୍ୟ ଆଖ୍ୟାନ ନାୟକ କୈନ୍ଦ୍ରିକ ହେବା ସହିତ ଜାତି, ଦେଶ ତଥା ସମ୍ପୃକ୍ତ ଅଞ୍ଚଳ, ଏବଂ ଧାର୍ମିକ ଗୋଷ୍ଠୀର ସାଂସ୍କୃତିକ ଆଭିମୁଖ୍ୟକୁ ଉପସ୍ଥାପିତ କରିଥାଏ । ଏହାର କାବ୍ୟ ନାୟକ ବିବିଧ ସମସ୍ୟା ତଥା ଯୁଦ୍ଧ, ଏବଂ ଅନୁକୂଳ ପରିସ୍ଥିତି ସହିତ ଲଢେଇକରି ସମ୍ପୃକ୍ତ ଜାତିର ବା ଲୋକ ଗୋଷ୍ଠୀର ସ୍ୱତନ୍ତ୍ରତା ବଜାୟ ରଖିବାରେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । କାବ୍ୟ ନାୟକର ଜୀବନଯାତ୍ରା ତଥା ବୀରତ୍ୱପୂର୍ଣ୍ଣ ଘଟଣାବଳୀସବୁ ବିରାଟ ପରିସରରେ ତଥା ପରିବ୍ୟାପ୍ତ ଭୌଗୋଳିକ କ୍ଷେତ୍ରରେ ଘଟିଥିବା ଘଟଣାସବୁ ବର୍ଣ୍ଣିତ ହେବା ଦେଖିବାକୁ ମିଳେ । ଏହା ସହିତ,ଏହି ଘଟଣାବଳୀକୁ ସୁଦୂର ଅତୀତରେ ଘଟିଥିବା ଭଳି ଉପସ୍ଥାପିତ କରାଯାଇଥାଏ । ପ୍ରାୟ ସମସ୍ତ କାବ୍ୟ ତାହା ମୌଖିକ ହେଉ କିମ୍ବା ଲିଖିତ ଏହାର ନାୟକ ଅସୀମ ବୀରତ୍ୱର ଅଧିକାରୀ ହୋଇଥାଏ, ଏବଂ ଅନେକ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିବା ଦେଖାଯାଏ । କାରଣ, ନାୟକ ସମ୍ପୃକ୍ତ ଲୋକ ଗୋଷ୍ଠୀର ଐକତାକୁ ପ୍ରତିଷ୍ଠା କରିବାରେ ଏହି ବିଶେଷ ଗୁଣାବଳୀ ତଥା ଶକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ । କାବ୍ୟର ନାୟକର ଏହି ଅସମ୍ଭାବ୍ୟ ଘଟଣା, ଏବଂ କାର୍ଯ୍ୟକଳାପରେ ଦୈବୀଶକ୍ତି ତଥା ଆଧିଭୌତିକ ଶକ୍ତିର ସାହାଯ୍ୟ ମିଳିଥାଏ । କାବ୍ୟର ପରିବେଷଣର ପ୍ରାରମ୍ଭରେ ସ୍ତୋତ୍ର ତଥା ପ୍ରାର୍ଥନା ବା ମହିମାଗାନ ଦେଖିବାକୁ ମିଳେ ଯାହା ନାୟକ ତଥା ନାୟକକୁ ସାହାଯ୍ୟ କରିଥିବା ଦୈବୀଶକ୍ତି ଆଉ ଆଧିଭୌତିକ ଶକ୍ତି ପ୍ରତି ସମ୍ପୃକ୍ତ ଲୋକ ଗୋଷ୍ଠୀରେ ମାନସିକ ଭାବରେ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଥାଏ । ଅନେକ ଲୋକ କାବ୍ୟ ପ୍ରାରମ୍ଭ ଘଟଣାବଳୀର ମଝିଅଂଶରୁ ହୋଇଥାଏ, ଏବଂ ଅନ୍ୟ ଘଟଣାଗୁଡିକ 'ପ୍ରଚ୍ଛଦ କାହାଣୀ (flashbacks)' ଭାବରେ ଆଖ୍ୟାୟିତ ହୁଏ । ଆଖ୍ୟାନର ଦୀର୍ଘତା ଯୋଗୁଁ ଏଥିରେ ନାୟକ ଓ ଅନ୍ୟ ଚରିତ୍ର ସମ୍ପର୍କିତ ଅନେକ ଘଟଣାବଳୀ ସ୍ଥାନିତ ହୋଇଥାଏ ତଥା ଅନ୍ୟ ଜାତି ଏବଂ ଗୋଷ୍ଠୀର ସଦସ୍ୟଙ୍କ ସହିତ ମଧ୍ୟ ନାୟକର ସାମାଜିକ ସାଂସ୍କୃତିକ ସଂଘର୍ଷ, ରାଜନୈତିକ ଯୁଦ୍ଧ, ସନ୍ଧି ଆଦି ସ୍ଥାନିତ ହେବା ଦେଖିବାକୁ ମିଳେ । ଆଖ୍ୟାନର ଦୀର୍ଘତା ବଜାୟ ରଖିବା ପାଇଁ ସ୍ଥାନୀୟ 'ପରିବର୍ଦ୍ଧିତ ରୂପକ (extended similes)' ଯାହା କାବ୍ୟ-ରୂପକ ଭାବରେ ପରିଚିତ ସଂଯୋଜିତ ହୋଇଥାଏ, ତଥା କାହାଣୀ, ପଦ୍ୟ, ଏବଂ ବିଭିନ୍ନ ଘଟଣାବଳୀର ସଂଯୋଜନା କରାଯାଏ ।

ଏହି ପାରମ୍ପରିକ କାବ୍ୟଗୁଡିକ ଦୀର୍ଘତା କାରଣରୁ ଧାରାବାହିକ (episodic) ଭାବରେ କଥିତ ହୋଇଥାଏ । ଲୋକତତ୍ତ୍ୱବିଦ୍ ଓଲରିକ୍ (Axel Olrik) ପାରମ୍ପରିକ କାବ୍ୟର ବାରଟି ବିଭିନ୍ନ ଦିଗ ସମ୍ପର୍କରେ ଉଲ୍ଲେଖ କରନ୍ତି ଯେପରି— ୧) ପ୍ରାରମ୍ଭ ଏବଂ ପରିସମାପ୍ତିଗତ ସ୍ୱତନ୍ତ୍ର ଆଖ୍ୟାନଶୈଳୀ (Law of Opening and Closing Scenes), ୨) ପୁନରାବୃତ୍ତିତା (Law of Repetition), ୩) ତିନିସ୍ତରୀୟ ବିଷୟ ବର୍ଣ୍ଣନା (Law of Three), ୪) ଏକକାଳୀନ ଦୁଇଟି ଘଟଣାର ବର୍ଣ୍ଣନା (Law of Two to a Scene), ୫) ଭଲ ମନ୍ଦ, ବିଜୟ ପରାଜୟ, ସୁନ୍ଦର ଅସୁନ୍ଦର ଭଳି ପରସ୍ପର ବିରୋଧି ବର୍ଣ୍ଣନା (Law

of Contrast), ୬) ଦ୍ୱୈତ୍ୱ-ଭୂମିକା (Law of Twins) ଅର୍ଥାତ୍ ଏକକାଳୀନ ଦୁଇଟି ଚରିତ୍ରର ସମାନ ଭୂମିକା, ୭) ପରିଶେଷରେ ନାୟକର ମହତ୍ତ୍ୱ ପ୍ରତିପାଦନ (Law of the Importance of Final Position), ୮) ସିଧାସଳଖ ଆଖ୍ୟାନ (Law of the Single Strand) ଅର୍ଥାତ୍ ପ୍ରଚ୍ଛଦ ବର୍ଣ୍ଣନା କିମ୍ବା ବହୁବିଧ ବ୍ୟାପକ-ବର୍ଣ୍ଣନାର ଅଭାବ (No extraneous details, No flashback), ୯) ବର୍ଣ୍ଣନାରେ ମୁଖ୍ୟ ଚରିତ୍ରର ପ୍ରତିଷ୍ଠାପନ ପ୍ରତି ଗୁରୁତ୍ତ୍ୱପ୍ରଦାନ (Law of Use of Tableaux Scenes), ୧୦) ଅଲୌକିକ କାର୍ଯ୍ୟ (Law of Logic of the Sage), ୧୧) ବହୁ ଆଖ୍ୟାନ ତଥା ବିଷୟବସ୍ତୁର ଶୃଙ୍ଖଳିତ ସମ୍ପର୍କ (Law of Unity of Plot), ଏବଂ, ୧୨) ନାୟକ କୈନ୍ଦ୍ରିକ ଆଖ୍ୟାନ (Law of the Concentration on a Leading Character) (Olrik 1992, 42-61) । ସେହିପରି, ଗ୍ରୀକ୍ ଆଲୋଚକମାନେ ମଧ୍ୟ ସ୍ଥାନୀୟ କାବ୍ୟଗୁଡିକର ଅନୁଶୀଳନକରି ଏହାର ସଂରଚନାଗତ ଆଧାରର ପାଞ୍ଚଟି ଦିଗ ସମ୍ପର୍କରେ କହନ୍ତି— ୧. ପ୍ରସ୍ତାବନା (extended similes)' ଅର୍ଥାତ୍ କୌଣସି ଏକ ପ୍ରଶ୍ନ, କାରଣ, ପରିସ୍ଥିତି ପ୍ରସଙ୍ଗରେ ଏହାର ପରିବେଷଣ ପ୍ରସ୍ତୁତି ହୋଇଥାଏ, ୨. ପ୍ରାର୍ଥନା ବା ନାୟକର ମହିମା ପ୍ରଖ୍ୟାପନ (Invocation), ୩. ଆକସ୍ମିକ ଆଖ୍ୟାନ ଉପସ୍ଥାପନା (In medias res) ଅର୍ଥାତ୍ କାହାଣୀର ମୂଳରୁ ପ୍ରାରମ୍ଭିକ ଉପସ୍ଥାପନା ନହୋଇ ମଝି ଅଂଶରୁ ପରିବେଷିତ ହୋଇଥାଏ, ୪. ବହୁବିଧ-ଘଟଣାର ବ୍ୟାଖ୍ୟାନ (Enumeratio), ଏବଂ ୫. ବାକ୍ୟାଂଶର ପୁନଃପୌନିକ ଉପସ୍ଥାପନା (Epithet) (Harmon, and Holman 1999, 161) । । ଏହା କେବଳ ନିର୍ଦ୍ଦିଷ୍ଟ ଅଞ୍ଚଳପାଇଁ ପ୍ରଯୁଜ୍ୟନୁହେଁ ବରଂ, ବିଶ୍ୱର ସମଗ୍ର ଅଞ୍ଚଳର ଲୋକ ସାହିତ୍ୟର ପରିବେଷଣ ପ୍ରକ୍ରିୟା ଏବଂ ଆଦାନପ୍ରଦାନରେ ଦେଖିବାକୁ ମିଳେ । ଏହିସବୁ ଅଧ୍ୟୟନରୁ ସମ୍ପୃକ୍ତ ସମାଜର ସାମାଜିକ, ସାଂସ୍କୃତିକ ବା ରାଜନୈତିକ ତଥା ଅର୍ଥନୈତିକ ପରିସ୍ଥିତି ଭଳି ବିଭିନ୍ନ ବୈଶିଷ୍ଟ୍ୟ ସହିତ ପରିଚିତ ହେବା ସମ୍ଭବ ହୋଇଥାଏ ।

### ୨.୨.୬ ଲୋକ ଜୀବନରେ ଲୋକ ସାହିତ୍ୟର ପ୍ରଭାବ

***୨.୨.୬.୧. ଅନୁକରଣାତ୍ମକ ଜ୍ଞାନ ଓ କୌଶଳର ସଫଳ ପ୍ରୟୋଗ:*** ଲୋକ ସାହିତ୍ୟର ପରିବେଷଣ ସମାଜରେ ପାରମ୍ପରିକ କଳା କୌଶଳର ସଫଳ ପ୍ରୟୋଗରେ ସହାୟକ ହୋଇଥାଏ। ବିଭିନ୍ନ ସାମାଜିକ ରୀତିନୀତି, କାର୍ଯ୍ୟକଳାପ, ପ୍ରଥା-ପରମ୍ପରା ସମ୍ପର୍କରେ ଏହା ଅଂଶଗ୍ରହଣକାରୀଙ୍କୁ ଅବଗତ କରାଇଥାଏ । ଲୋକ ସାହିତ୍ୟର ପରିବେଷଣ ମାଧମରେ ପ୍ରତ୍ୟେକ ସଦସ୍ୟ ନିଜନିଜର ଲୋକ ଗୋଷ୍ଠୀ ତଥା ସମାଜ, ଏବଂ ପରିବେଶ ବିଷୟରେ ସୂଚନାପ୍ରାପ୍ତ ହେବାର ଅବସର ମିଳେ। ସାମାଜିକ ଆଚାର ବ୍ୟବହାର, ନୀତିନିୟମ ତଥା ଶୃଙ୍ଖଳା ଜ୍ଞାନ ଗୋଷ୍ଠୀ ଜୀବନଯାପନ ତଥା ବନ୍ଧୁତ୍ୱ ପରି ଜୀବନର ବହୁବିଧ ଆୟାମ ସହ ପରିଚିତ ହେବା ସଂଗେସଂଗେ ଏହାର ସଫଳ ପ୍ରୟୋଗ ପରବର୍ତ୍ତୀ ସମୟରେ ସାମାଜିକ ଜୀବନ ନିର୍ବାହ କରିବାରେ ସହାୟକ ହୋଇଥାଏ।

***୨.୨.୬.୨ ଲୋକ ଗୋଷ୍ଠୀର ସଦସ୍ୟମାନଙ୍କ ମଧରେ ଐକ୍ୟତା:*** ଲୋକ ସାହିତ୍ୟ ସବୁବେଳେ ଗୋଷ୍ଠୀଗତ ଭାବରେ ହିଁ ପରିବେଷିତ ହୋଇଥାଏ ଏହା ଆମେ ଜାଣିଛେ । ଅତଏବ, ଲୋକ ସାହିତ୍ୟର ଏହି ଦଳଗତ ବା ଗୋଷ୍ଠୀଗତ ପରିବେଷଣ ପରିବେଷଣକାରୀ ଏବଂ ଅଂଶଗ୍ରହଣକାରୀମାନଙ୍କ ମଧରେ ଏକ ଗୋଷ୍ଠୀଗତ ଐକତା ଦେଖିବାକୁ ମିଳିଥାଏ। ଏହି ଐକତା କେବଳ ଏହି ବାଚିକ ଆଦାନପ୍ରଦାନ ବା ପରିବେଷଣ ସମୟରେ ନୁହେଁ ବରଂ, ପରବର୍ତ୍ତୀ ସମୟରେ ମଧ ବଳବତ୍ତର ରହିଥାଏ। ଏହା ସହିତ ସମ୍ପୃକ୍ତ ସଦସ୍ୟମାନଙ୍କର ଭିତରେ ଥିବା ପରିବେଷଣକାଳର ଏହି ଐକତା ପରବର୍ତ୍ତୀ ସମୟରେ ସାମାଜିକ ଜୀବନରେ ମଧ ଦୃଷ୍ଟିଗୋଚର ହୋଇଥାଏ ଏବଂ ସମାଜରେ ପରସ୍ପର ଭିତରେ ଏକତ୍ର ମନୋଭାବ ସୃଷ୍ଟି କରିଥାଏ।

***୨.୨.୬.୩ ବିଭିନ୍ନ ସାମାଜିକ ସାଂସ୍କୃତିକ ପ୍ରକ୍ରିୟାର ପ୍ରଶିକ୍ଷଣ:*** ଲୋକ ସାହିତ୍ୟ ଶିଶୁ ତଥା କିଶୋରମାନଙ୍କ ପାଇଁ ଏକ ଶିକ୍ଷଣଶାଳା ସଦୃଶ କାମ କରିଥାଏ । କେବଳ ଶିଶୁମାନଙ୍କ କ୍ଷେତ୍ରରେ ନୁହେଁ ଅନ୍ୟ ସଦସ୍ୟମାନେ ମଧ୍ୟ ବିଭିନ୍ନ ବାଚିକ ପରିବେଷଣରୁ ସମୋନଙ୍କ ଲୋକ ଗୋଷ୍ଠୀ ସମ୍ପର୍କିତ ସାମାଜିକ ତଥା ବ୍ୟକ୍ତିଗତ ଜୀବନର ବହୁବିଧ ଆୟାମ ସହିତ ପରିଚିତ ହେବା ସହ ଦୈନନ୍ଦିନ ଜୀବନର ଆଚାର ବ୍ୟବହାର ରୀତିନୀତି ସମ୍ପର୍କରେ ମଧ ଅବଗତ ହୋଇଥାନ୍ତି। ବିଭିନ୍ନ ଗୀତ, କଥାନି, ମିଥ୍, ଗାଥା, କାବ୍ୟର ଆଖ୍ୟାନ ପରିବେଷଣରେ ଅଂଶଗ୍ରହଣରୁ ସଦସ୍ୟମାନେ ସେମାନଙ୍କର ସାମାଜିକ ରୀତିନୀତି, ଦୈନନ୍ଦିନ ଜୀବିକା ସମ୍ପର୍କରେ ପରିଚିତ ହେବା ସହିତ ପାରିପାର୍ଶ୍ୱିକ ପ୍ରକୃତି, ପରିବେଶ, ସହିତ ଉପାଦାନର ପରିବେଷଣ ପ୍ରକ୍ରିୟା ସମ୍ପର୍କରେ ମଧ ପରିଚିତ ହେବା ସହିତ ତତ୍‌ସମ୍ପର୍କିତ ଅଭିଜ୍ଞତା ହାସଲ କରିବାର ସୁଯୋଗ ପାଇଥାନ୍ତି।

***୨.୨.୬.୪ ପାରମ୍ପରିକ ଜ୍ଞାନ ତଥା ସାଂସ୍କୃତିକ ଅବଧାରଣାର ସଂପ୍ରସାରଣ:*** ଲୋକ ସାହିତ୍ୟ ପରିବେଷଣ ଏହି ଲୋକ ଉପାଦାନକୁ ସମାଜରେ ଜୀବିତ ରଖିବା ସହିତ ପରବର୍ତ୍ତୀ ପିଢ଼ିକୁ ସଂପ୍ରସାରିତ କରିବାରେ ସାହାଯ୍ୟ କରିଥାଏ। ଏହି ସମ୍ପ୍ରସାରଣପାଇଁ, ନିୟମିତ ଆୟୋଜନ ତଥା ପରିବେଷଣର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପ୍ରତ୍ୟେକ ପରିବେଷଣ ଗୋଟିଏ ପିଢ଼ିରୁ ଅନ୍ୟ ଏକ ପିଢ଼ିକୁ ତଥା ଗୋଟିଏ ସମାଜରୁ ଅନ୍ୟ ଏକ ସମାଜକୁ ପାରମ୍ପରିକ କ୍ରୀଡାକୌଶଳ ତଥା ତତ୍‌ସମ୍ପର୍କିତ ଜ୍ଞାନ ସଂପ୍ରସାରିତ ହୋଇଥାଏ। ଏବଂ, ସମୟକ୍ରମେ ଏହି ପରିବେଷଣଗୁଡ଼ିକରେ ନୂତନ ସଂଯୋଜନା ହେବା ସହିତ ନୂତନ ଜ୍ଞାନକୌଶଳଗୁଡ଼ିକୁ ମଧ୍ୟ ପରବର୍ତ୍ତୀ ପିଢ଼ିକୁ ସମ୍ପ୍ରସାରିତ କରିବାରେ ସହାୟକ ହୋଇଥାଏ ।

***୨.୨.୬.୫ ଅତୀତ ଓ ବର୍ତ୍ତମାନ ମଧରେ ସଂଯୋଗର ସେତୁ:*** ଲୋକ ସାହିତ୍ୟର ଏହି ପରିପ୍ରକାଶ ବା ପରିବେଷଣ ସମ୍ପୃକ୍ତ ଲୋକ ଗୋଷ୍ଠୀରେ ଅତୀତ ଏବଂ ବର୍ତ୍ତମାନର ସଂଯୋଗ ସେତୁ ଭାବରେ କାର୍ଯ୍ୟ କରିଥାଏ । ନୂତନ ପିଢ଼ିର ସଦସ୍ୟମାନେ ସେମାନଙ୍କ ପାରମ୍ପରିକ ତଜ୍ଞାନ ସମ୍ପର୍କରେ ଅବଗତ ହେବାରେ ଲୋକ ସାହିତ୍ୟର ଏହି ପରିବେଷଣ ଅନେକତଃ ସାହାଯ୍ୟ କରିଥାଏ। ବହୁକାଳରୁ ଚଳି ଆସିଥିବା ବିଭିନ୍ନ ସାମାଜିକ ରୀତିନୀତି, କାର୍ଯ୍ୟକଳାପ, ଆଚାର ବ୍ୟବହାର, ଧାର୍ମିକ ଅବବୋଧକୁ ନୂତନ ପିଢ଼ି ସହିତ ପରିଚିତ କରାଇବାରେ ସହାୟକ ହୋଇଥାଏ ତଥା ଏସବୁକୁ ଜୀବିତ ରଖିବା ସହିତ ସେହି ଗୋଷ୍ଠୀର ପରବର୍ତ୍ତୀ ପୀଢ଼ିକୁ ସଂପ୍ରସାରିତ ହେବାରେ ସାହାଯ୍ୟ କରିଥାଏ। ଏହି ପ୍ରକ୍ରିୟାରେ ଗୋଟେ ଲୋକ ଗୋଷ୍ଠୀର ସଦସ୍ୟ ସମ୍ପୃକ୍ତ ଗୋଷ୍ଠୀର ଐତିହ୍ୟ, ସାଂସ୍କୃତିକ ପରମ୍ପରା ତଥା ପୁରାତନ ଜ୍ଞାନରାଶି ସହିତ ଜଡ଼ିତ ହେବାରେ ସାହାଯ୍ୟ କରିଥାଏ । ଅତଏବ, ଲୋକ ସାହିତ୍ୟର ଏହି ପରିବେଷଣ, ନିୟମିତ ଆୟୋଜନ, ତଥା ସମ୍ପ୍ରସାରଣ ଲୋକ ଜୀବନରେ ସେମାନଙ୍କର ବର୍ତ୍ତମାନକୁ ଅତୀତ ସହିତ ଯୋଡିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଏହା ନିଃସନ୍ଦେହ।

## ପ୍ରଶ୍ନ

### କ) ଦୀର୍ଘ ଉତ୍ତରମୂଳକ

୧) ଲୋକ ସାହିତ୍ୟରେ ପାରମ୍ପରିକ ଜୀବନର ସାମାଜିକ ଚିତ୍ର କିପରି ଭାବରେ ପ୍ରତିଫଳିତ ଆଲୋଚନା କରନ୍ତୁ ।

୨) ଲୋକ ସାହିତ୍ୟ ପାରମ୍ପରିକ ଜୀବନର ଏକ ସାଂସ୍କୃତିକ ଆଖ୍ୟାନ— ଆଲୋଚନା କରନ୍ତୁ ।

୩) ଲୋକ ସାହିତ୍ୟର ପରିବେଷଣ ପ୍ରକ୍ରିୟା ଏବଂ ପ୍ରକାର୍ଯ୍ୟ ସମ୍ପର୍କରେ ଆଲୋଚନା କରନ୍ତୁ ।

### ଖ) ନାତିଦୀର୍ଘ ଉତ୍ତରମୂଳକ

୧) ଲୋକ ସାହିତ୍ୟ ପରିବେଷଣର ବିଭିନ୍ନ ଆୟାମ ସମ୍ପର୍କରେ ଆଲୋଚନା କରନ୍ତୁ ।

୨) ଲୋକ ଜୀବନରେ ଲୋକ ସାହିତ୍ୟର ପ୍ରଭାବ ସମ୍ପର୍କରେ ଆଲୋଚନା କରନ୍ତୁ ।

୩) ଓଡିଆ ଲୋକ ସାହିତ୍ୟରେ କଥିତ ଭାଷାର ପ୍ରୟୋଗ ସମ୍ପର୍କରେ ଉଦାହରଣ ସହ ଆଲୋଚନା କରନ୍ତୁ ।

### ଗ) ସଂକ୍ଷିପ୍ତ ଉତ୍ତରମୂଳକ

୧) ଲୋକ ସାହିତ୍ୟରେ ସମ୍ପୃକ୍ତ ଲୋକ ଗୋଷ୍ଠୀର ବିଶ୍ୱାସ କିପରି ପ୍ରତିଫଳିତ ଦୁଇଟି ଉଦାହରଣ ଦିଅନ୍ତୁ ।

୨) ଓଡିଶାର ପାରମ୍ପରିକ ଖାଦ୍ୟପେୟର ଚିତ୍ର ପ୍ରକାଶ କରୁଥିବା ଦୁଇଟି ଲୋକ ଗୀତର ଉଦାହରଣ ଦିଅନ୍ତୁ ।

# ଓଡିଆ ଲୋକ ସାହିତ୍ୟ

୩.୧.୦ ଉପକ୍ରମ

୩.୧.୧ ପଦ୍ୟାତ୍ମକ ଲୋକ ସାହିତ୍ୟ

୩.୧.୧.୧ କାବ୍ୟ

୩.୧.୧.୨ ଗାଥା

୩.୧.୧.୩ ଗୀତ

୩.୧.୨ ଗଦ୍ୟାତ୍ମକ ଲୋକ ସାହିତ୍ୟ

୩.୧.୨.୧ ମିଥ୍

୩.୧.୨.୨ କିମ୍ବଦନ୍ତୀ

୩.୧.୨.୩ କାହାଣୀ

୩.୧.୩ ଲୋକୋକ୍ତି

୩.୧.୪ ଅନ୍ୟାନ୍ୟ ବାଚିକ ଆଦାନପ୍ରଦାନ

## ୩.୧.୦ ଉପକ୍ରମ

ଓଡିଆ ତଥା ଓଡିଶାର କଥିତ ଭାଷାରେ ପ୍ରକାଶିତ ମୌଖିକ ଗୀତ, ଗାଥା, ଗପ, ମିଥ୍, କାବ୍ୟ, ଏବଂ କିମ୍ବଦନ୍ତୀ ତଥା ଅନ୍ୟ ବାଚିକ ପରିପ୍ରକାଶଗୁଡିକୁ ଆମେ ଓଡିଆ ଲୋକ ସାହିତ୍ୟ ଭାବରେ ଗ୍ରହଣ କରିପାରିବା । ଆନ୍ତର୍ଜାତିକ ସ୍ତରରେ ଯେପରି ଲୋକଧାରାର ଅଧ୍ୟୟନ ଲୋକ ସାହିତ୍ୟ ଅଧ୍ୟୟନରୁ ସୂତ୍ରପାତ ହୋଇଥିଲା ସେହିପରି, ଓଡିଆ ଲୋକଧାରାର ଅଧ୍ୟୟନର ପ୍ରାରମ୍ଭିକ ପର୍ଯ୍ୟାୟରେ ମଧ୍ୟ ଲୋକ ସାହିତ୍ୟର ଅଧ୍ୟୟନକୁ ହିଁ ଗୁରୁତ୍ୱପ୍ରଦାନ କରାଯାଇଥିଲା । ଜନ୍ ବୀମସ୍ଙ୍କଠାରୁ ଅର୍ଥାତ୍ ୧୮୭୨ ମସିହାରୁ ସାମ୍ପ୍ରତିକ ସମୟ ଯାଏଁ ପ୍ରାୟ ଦୀର୍ଘ ଦେଢଶହ ବର୍ଷର ଓଡିଆ ଲୋକଧାରା ଅଧ୍ୟୟନରେ ଗବେଷକମାନଙ୍କଦ୍ୱାରା ଓଡିଆ ଲୋକ ସାହିତ୍ୟ ସଂଗ୍ରହ ହେବା ସହିତ ତାହାର ବିଭାଗୀକରଣ, ଆଲୋଚନା, ଏବଂ ଅନୁଶୀଳନ

ହୋଇଆସୁଛି । ଅତଏବ, ଏଠାରେ ଓଡିଆ ଲୋକ ସାହିତ୍ୟକୁ ଆମେ ଶୃଙ୍ଖଳା ଦୃଷ୍ଟିରୁ ପଦ୍ୟାତ୍ମକ ସାହିତ୍ୟ, ଗଦ୍ୟାତ୍ମକ ସାହିତ୍ୟ, ଲୋକୋକ୍ତି, ଏବଂ ଅନ୍ୟାନ୍ୟ ବାଚିକ ଉପାଦାନ ଭାବରେ ବିଭକ୍ତ କରି ଉପାଦାନଗୁଡିକ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରିବାର ପ୍ରୟାସ କରାଯାଉଛି ।

### ୩.୧.୧ ପଦ୍ୟ ସାହିତ୍ୟ

ପଦ୍ୟ ସାହିତ୍ୟ ବା ପାରମ୍ପରିକ ପଦ୍ୟାତ୍ମକ ପରିପ୍ରକାଶ ଭାବରେ ଆମେ ଲୋକ କାବ୍ୟ, ଲୋକ ଗାଥା, ଏବଂ ଲୋକ ଗୀତକୁ ଗ୍ରହଣ କରିପାରିବା । ଏହି କାବ୍ୟ, ଗାଥା, ଏବଂ ଗୀତ ସମ୍ପର୍କିତ ଅବଧାରଣା, ସଂଜ୍ଞା ତଥା ଏଗୁଡିକର ବିଭିନ୍ନ ଦିଗ ତଥା ବୈଶିଷ୍ଟ୍ୟ ସମ୍ପର୍କରେ ଦ୍ୱିତୀୟ ପରିଚ୍ଛେଦର ପ୍ରଥମ ଭାଗରେ ଆମେ ଆଲୋଚନା କରିସାରିଛୁ, ଏଠାରେ ଓଡିଆ ଲୋକ ସାହିତ୍ୟର ଆଲୋଚନା ପରିପ୍ରେକ୍ଷୀରେ ଏହି ଉପାଦାନଗୁଡିକର ସୂଚନା ସହିତ ତତ୍‌ସମ୍ପର୍କିତ ବିଭିନ୍ନ ଲୋକତତ୍ତ୍ୱବିଦ୍‌ଙ୍କ ଗବେଷଣା, ବିଭାଗୀକରଣ, ଏବଂ ଓଡିଆ ଲୋକ ଗୋଷ୍ଠୀ ଆଧାରରେ ଉପାଦାନର ବିଭିନ୍ନ ଦିଗ ସମ୍ପର୍କରେ ଲୋକତତ୍ତ୍ୱବିଦମାନେ ସେମାନଙ୍କ ଆଲୋଚନାଗୁଡିକରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଚର୍ଚ୍ଚା କରିଛନ୍ତି ସେ ସମ୍ପର୍କରେ ମଧ୍ୟ ଅବଗତ କରାଯିବାର ପ୍ରୟାସ କରାଯାଉଛି ।

#### ୩.୧.୧.୧ କାବ୍ୟ

ସାଧାରଣତଃ ଗୋଟିଏ ଗୋଷ୍ଠୀର ବୀରତ୍ୱ ତଥା ଦୀର୍ଘ ଜୀବନଯାତ୍ରାର ମୌଖିକ ପରିପ୍ରକାଶ ହେଉଛି ପାରମ୍ପରିକ କାବ୍ୟ । ଗୀତ, ମିଥ୍, ଗାଥା ଭଳି ଏହା ମଧ୍ୟ ଗୀତ ଆକାରରେ ପରିବେଷିତ ହୋଇଥାଏ । ପାରମ୍ପରିକ କାବ୍ୟରେ ସମ୍ପୃକ୍ତ ଲୋକ ଗୋଷ୍ଠୀ ତଥା ପ୍ରଜାତି ଘଟଣାକ୍ରମରେ ଅନ୍ୟ ଜାତି ସହିତ ଦ୍ୱନ୍ଦ୍ୱ, ଯୁଦ୍ଧଯାତ୍ରା, ବିଜୟର ଚିତ୍ର, ସହିତ ନିଜ ଭୌଗୋଳିକ କ୍ଷେତ୍ର, ଏବଂ ବଂଶ ପରମ୍ପରାର ମହାନତା ଆଦିର ବ୍ୟାଖ୍ୟା ଦେଖିବାକୁ ମିଳେ ଆଦିପୁରୁଷଙ୍କର ଅଲୌକିକ ଗାରିମା ବର୍ଣ୍ଣନାକରିବା ଆଉ ସେହି ଐତିହ୍ୟମୟତା ସହ ଗୋଷ୍ଠୀର ସାମ୍ପ୍ରତିକ ସଦସ୍ୟମାନଙ୍କୁ ପରିଚିତ କରିବା ଉଦ୍ଦେଶ୍ୟରେ ଏହା ପରିବେଷିତ ହୋଇଥାଏ ।

ଲୋକ କାବ୍ୟର ପରିବେଷଣ ପାଇଁ ବାଦ୍ୟଯନ୍ତ୍ରର ବ୍ୟବହାର ହୋଇଥାଏ । ଜଣେ ମୁଖ୍ୟ ଗାୟକ ସଙ୍ଗେ ଆଉ ଜଣେ କିମ୍ବା ଦୁଇତିନିଜଣ ଗାୟକ ଥାଆନ୍ତି । "ଲୋକ କାବ୍ୟ ଇଷ୍ଟ ଦେବୀଦେବତାଙ୍କ ସମ୍ମାନ ପାଇଁ ଉଦ୍ଦିଷ୍ଟ । ଏହି ଲୋକ କାବ୍ୟ ପ୍ରଜାତିକ ପରିଚିତି, ସାମାଜିକ ନୀତିନିୟମ ପାଳନପାଇଁ, ଉତ୍ତର ପୁରୁଷଙ୍କ ପାଇଁ ଶୈକ୍ଷିକ ଅବଲମ୍ବନ ମଧ୍ୟ । ତେଣୁ, ସମାଜରେ ପ୍ରଜନ୍ମରୁ ପ୍ରଜନ୍ମକୁ ଲୋକ କାବ୍ୟର ଗାୟକମାନଙ୍କଦ୍ୱାରା ଏହି ପରିବେଷଣରେ ବିଭିନ୍ନ ଜ୍ଞାନ ପ୍ରସାରିତ ହୋଇଥାଏ । ଲୋକ କାବ୍ୟ ମୁଖ୍ୟତଃ ଦୈବାଧୀନ (ମିଥ୍, ଜାତି ସୃଷ୍ଟି ପୃଥିବୀ ସୃଷ୍ଟି କୃଷିର ଉତ୍ପତ୍ତି) ଦ୍ୱିତୀୟ ପ୍ରକାର କାବ୍ୟ ଯୁଦ୍ଧ ଓ ପ୍ରେମମୂଳକ ଓ ବୀର ରସାତ୍ମକ, ତୃତୀୟ ପ୍ରକାର କାବ୍ୟ ସାମାଜିକ ନିୟମ ଘଟଣା ଚରିତ୍ରଦ୍ୱାରା ଅନୁବନ୍ଧିତ" (ମିଶ୍ର ୨୦୧୨, ୧୨୪) । ଏହି ପରିବେଷଣ ସାଧାରଣତଃ ସମ୍ପୃକ୍ତ ଜାତି ବା ଗୋଷ୍ଠୀର ପାରମ୍ପରିକ ଭାଟମାନଙ୍କଦ୍ୱାରା ପରିବେଷିତ ହୋଇଥାଏ । ଡମ୍‌ମାନଙ୍କର ଭାଟ 'ବିରଥିଆ', ଗଉଡମାନଙ୍କର 'ଘୋଗିଆ', ଗଣ୍ଡମାନଙ୍କର 'ପରଘନିଆ', ଏବଂ କନ୍ଧମାନଙ୍କର ଭାଟ 'ବଗୁଆ' ବା 'ମରାଲ' ଭାବରେ ପରିଚିତ । ଏହି ପ୍ରଜାତିକ ଭାଟମାନେ ସେମାନଙ୍କର ଯଜମାନ ଘରକୁ ବର୍ଷରେ ଥରେ କିମ୍ବା ଦୁଇଥର ପରିଭ୍ରମଣରେ ଯାଇ ଦାନ (ଅନ୍ନ, ବସ୍ତ୍ର, ଖାଦ୍ୟସାମଗ୍ରୀ, ଗାଈଗୋରୁ, ତଥା ସୁନା ଟଙ୍କା ପ୍ରଭତି ଦ୍ରବ୍ୟ) ଗ୍ରହଣ କରିଥାନ୍ତି । ଏହି ସମୟରେ ଏହି କାବ୍ୟର ପରିବେଷିତ ହେବା ଦେଖିବାକୁ ମିଳେ । ଏହା ବ୍ୟତୀତ, ଦେବଗୁନିଆ, ବାସୁଦେବିଆ ବ୍ରାହ୍ମଣମାନେ ନିୟମିତ ଭାବରେ ଲକ୍ଷ୍ମୀଙ୍କ ଜନ୍ମ ଏବଂ ପୂଜାବିଧି ତଥା ରାମାୟଣର ସ୍ଥାନୀୟ ରୂପଗୁଡିକୁ ପରିବେଷଣ କରିଥାନ୍ତି । ତେବେ, କିଛି କାବ୍ୟ ଯେପରି— କେଉଟମାନଙ୍କ 'କୈବର୍ତ୍ତ ଗୀତ', କୁମ୍ଭାରମାନଙ୍କର 'ଚନ୍ଦ୍ରଧ୍ୱଜ ରାଜା କଥା', 'କୁରାଲ ପୁରାଣ' ଆଦି ବିନା ଭାଟରେ ମଧ୍ୟ ଗୋଷ୍ଠୀର ସଦସ୍ୟମାନଙ୍କଦ୍ୱାରା ମଧ୍ୟ ପରିବେଷିତ ହୋଇଥାଏ ।

ଓଡିଆ ଲୋକଧାରା ଆଲୋଚନା ପ୍ରସଙ୍ଗରେ ଲୋକ କାବ୍ୟ ସମ୍ପର୍କରେ ବିଶେଷ ଗବେଷଣା ହୋଇନାହିଁ । କେବଳ ଲୋକତତ୍ତ୍ୱବିଦ୍ ମହେନ୍ଦ୍ର କୁମାର ମିଶ୍ର ହିଁ ପଶ୍ଚିମ ଓଡିଶାର ଆଦିବାସୀ ତଥା ଅଣ-ଆଦିବାସୀ ଲୋକ ଗୋଷ୍ଠୀରେ ପ୍ରଚଳିତ କେତେକ କାବ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି ତାଙ୍କ "ପଶ୍ଚିମ ଓଡିଶାର ଲୋକ କାବ୍ୟ", "ଲୋକ କାବ୍ୟର ସର୍ଜନାଭୂମି", "Oral Epics in Kalahandi" ପ୍ରଭୃତି ପ୍ରବନ୍ଧ, ଏବଂ *Oral Epics of Kalahandi* (୨୦୦୭) ଗ୍ରନ୍ଥରେ । ଏହି ଗ୍ରନ୍ଥ ଏବଂ ପ୍ରବନ୍ଧଗୁଡିକରେ ସେ ଗଣ୍ଡ, ଭତ୍ରା, ବିଞ୍ଝାଲ, ବନଜାରା, ଗଉଡ, ଡମ୍, ତେଲି, କେଉଟ, କୁମ୍ଭାର, ମାଳୀ ଆଦି ଲୋକ ଗୋଷ୍ଠୀରେ ପ୍ରଚଳିତ କାବ୍ୟଗୁଡିକ ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିଛନ୍ତି ।

ଓଡିଶାରେ ପରିବେଷିତ ହେଉଥିବା ବିଭିନ୍ନ ଲୋକ କାବ୍ୟର ପରିବେଷଣର ବିଭିନ୍ନ ଆୟାମଗୁଡିକ ସମ୍ପର୍କରେ ମହେନ୍ଦ୍ର କୁମାର ମିଶ୍ର ଆଲୋଚନା କରି କହନ୍ତି ଯେ— ଏହା ମୌଖିକ ପରମ୍ପରା ରୂପେ ଭାଟ ତଥା ଅନ୍ୟ ପାରମ୍ପରିକ ପରିବେଷଣକାରୀମାନଙ୍କଦ୍ୱାରା ବାଦ୍ୟଯନ୍ତ୍ର ଆଦି ସହିତ ଗାନ ହୁଏ । ଗୋଁଡମାନଙ୍କ 'କିକରି (ସାରଙ୍ଗୀ)', କନ୍ଧମାନଙ୍କର 'ଧୁନଧୁନିଆ ବା ଏକତାରା', ବନଜାରାମାନଙ୍କର 'ଢାପ', ବିରଥିଆଙ୍କ 'ଡମ୍ବରୁ', ଏବଂ ଗଉଡମାନଙ୍କ କାବ୍ୟ ପରିବେଷଣରେ 'ବାଂଶ' ଓ 'ବ୍ରହ୍ମବୀଣା' ଆଦି ବାଦ୍ୟଯନ୍ତ୍ର ବ୍ୟବହୃତ ହୋଇଥାଏ । ଏମାନେ ଯେଉଁ ବାଦ୍ୟଯନ୍ତ୍ର ବ୍ୟବହାର କରନ୍ତି ତାହା ଭିତରେ ସମ୍ପୃକ୍ତ ଗୋଷ୍ଠୀର ଆରାଧ୍ୟ ଦେବତା ବିଦ୍ୟମାନ ବୋଲି ସେମାନେ ବିଶ୍ୱାସ କରିଥାନ୍ତି । ଗୀତଗୁଡିକ ଛଅରୁ ଆଠ ଘଣ୍ଟା ଧରି ଗାନ କରାଯାଇଥାଏ । ଏବଂ, ଏହି ଗାନ ପରିବେଷଣ କରିବା ପୂର୍ବରୁ ଇଷ୍ଟ ପୂଜାହୁଏ । କେବଳ ଯଜମାନ ଘର ଛଡା ଅନ୍ୟତ୍ର ଗାଇବା ମନା । ଏବଂ, ଏହି ଲୋକ କାବ୍ୟଗୁଡିକ ଇଷ୍ଟ ଦେବଦେବୀଙ୍କ ପାଇଁ ଉତ୍ସର୍ଗୀକୃତ ।

କଥାବସ୍ତୁ ଦୃଷ୍ଟିରୁ ଓଡିଆ କାବ୍ୟକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ— ୧. ସୃଷ୍ଟି ମିଥ୍ ଓ ନିଜ ବଂଶ ବା ଜାତିର ସ୍ଥାପନା, ଓ ୨. ଗୋଷ୍ଠୀ ନାୟକଙ୍କଦ୍ୱାରା ନିଜ କୀର୍ତ୍ତୀ ଓ ଗୌରବର ସ୍ଥାପନା । ଏଥିପାଇଁ ଯୁଦ୍ଧ-ବିବାହ-ସଂଘର୍ଷ-ମିତ୍ରଜାତି-ଶତ୍ରୁଜାତି ତଥା ପ୍ରକୃତି ଓ ଦେବଦେବୀଙ୍କ ସହ ସଂଘର୍ଷ, ସନ୍ଧି କିମ୍ବା ଅନୁଗ୍ରହ ପ୍ରାପ୍ତି ଆଦିର ଆଖ୍ୟାନ ସଂଯୋଜନା ହେବା ଦେଖାଯାଏ । ସୃଷ୍ଟି ମିଥ୍‌ରେ ପ୍ରଳୟଜଳରେ ମାଟି ସ୍ଥାପନା ଓ ପଶୁପକ୍ଷୀ ପାହଡ ପର୍ବତର ସୃଷ୍ଟି, ଶେଷରେ ଭାଇ-ଭଉଣୀଙ୍କ ମିଳନରୁ ମଣିଷର ସୃଷ୍ଟି, ସେହି ପ୍ରଥମ ପୁରୁଷ ଆଦିଦେବତା ଓ ତାଙ୍କଠାରୁ ପ୍ରଥମ ପ୍ରଜନ୍ମଠାରୁ ଏଯାବତ୍ ବଂଶର ଇତିହାସ । ଜୀବିକା ପାଇଁ ସଂଘର୍ଷ, ଆବିଷ୍କାର ଓ ଉଦ୍ଭାବନ । ଦ୍ୱିତୀୟ ପ୍ରକାର କାବ୍ୟରେ କାବ୍ୟ ନାୟକର ବିଭିନ୍ନ ପରୀକ୍ଷା ନିରୀକ୍ଷାଦ୍ୱାରା ନାୟକତ୍ୱ ପ୍ରାପ୍ତି ଓ ନାନା ଅତିମାନବୀୟ ଉଦ୍ଭାବନ ଏବଂ ଅସାଧ୍ୟ ସାଧନ ଯେପରି ବାଘ ମାରିବା, ଜଳ ଆଣିବା, ମଦ୍ୟ ପ୍ରସ୍ତୁତ କରିବା, ଜମି ପ୍ରସ୍ତୁତ କରିବା, ଫସଲ ଉତ୍ପାଦନ କରିବା ଆଦି କାର୍ଯ୍ୟର ବର୍ଣ୍ଣନା ଦେଖାଯାଏ । ସେହିପରି, କୌଳିକ ବୃତ୍ତିର ପ୍ରଶସ୍ତି ଗାନ ଓ କର୍ମ କୌଶଳର ବର୍ଣ୍ଣନା ପାଇଁ ରାମାୟଣ ମହାଭାରତ କିମ୍ବା ହରିବଂଶକୁ ଉପଜୀବ୍ୟ କରି ତନ୍ମଧ୍ୟରୁ ଉପାଖ୍ୟାନ ଖୋଜି ନିଜ ଜାତି ବଂଶ ସହିତ ଯୋଡି କାବ୍ୟ ନିର୍ମାଣ କରିବା । ଏହା ସହିତ ନାୟକ ନାୟିକା ସାମାଜିକ ପ୍ରଥା ପରମ୍ପରାକୁ ନମାନି କିପରି ଉପହସିତ ତାହାର ଚିତ୍ର ପ୍ରଦାନକରିବା ସହ ପ୍ରଥାସିଦ୍ଧ ନୀତି ନିୟମର ପ୍ରଖ୍ୟାପନ କରିବା ମଧ୍ୟ ଦେଖାଯାଏ । ଏହି କାବ୍ୟିକ ଆଖ୍ୟାନଗୁଡିକକୁ ଗଉଡମାନେ 'ବାଂଶଗୀତ', ଗୋଁଡମାନେ 'ଗୋଁଡବାନା', କନ୍ଧମାନେ 'ଭୀମା ସିଡି', ବନଜାରାମାନେ 'ସାକି', କୁଟିଆ କନ୍ଧମାନେ 'ଗାଏଣୀ', ଭୁଞ୍ଜିଆମାନେ 'କଥା', ଦେବଗୁନିଆମାନେ 'ଜନମଖଣ୍ଡ ପୁରାଣ', ଡମମାନେ 'ଜାତି ଜନମ', ବିଞ୍ଝାଲମାନେ 'ପୁରଥି ପୁରାଣ' ଭାବରେ ପରିଚିତ କରିଥାନ୍ତି । ଏହି କାବ୍ୟଗୁଡିକର ସର୍ଗବନ୍ଧ ବିଭାଜନ ବି ଦେଖିବାକୁ ମିଳେ ଯେପରି, ବାଂଶଗୀତ ବାରଖେନା ବା ବାରଶାଖା— ଗୌଡେଶ୍ୱର ଦେଶର ରାଜା ନାଗେଶ୍ୱର ଏବଂ ରାଣୀ ଉର୍ମିଳାଙ୍କ ୧. ଦୁରବଲ, ୨. ଚଏବଲ, ୩. ରାଏବଲ, ୪. ଭୁଜବଲ, ୫. ଖରତମାଲ, ୬. ସାନ ଖରତ, ୭. ବଡ ଖରତ, ୮. ମନ୍ଦ ଉଡୁଆ, ୯. ରୂପାଧର, ୧୦. କୋତରାବଏନା, ୧୧. ବୀରବଲ, ଏବଂ ୧୨. ସୁନାଧର ଆଦି ବାରଟି ପୁତ୍ରଙ୍କ ବୀରତ୍ୱର କାହାଣୀ, ଏହା ସହିତ ଏମାନଙ୍କ ପରିବାରରେ ଥିବା ଚୁଲ ଚୁଲିଆ, ବିଜା ନଙ୍ଗରିଆ, ତେଲ ମାଛ, ହାଡୁ କୁରରିଆ, ତ୍ରିବେନା, ଜଟାବଏନା, ଓ ପୋଲଡୁଙ୍ଗୁ ପ୍ରଭୃତି ସାତଜଣ ହଳିଆ ସମ୍ପର୍କିତ କାହଣୀ; ଭୀମା ସିଡିରେ 'ଜନମ ଖେନା', ଓ 'ନାଙ୍ଗର

ଖେନା' ଭାବରେ ଦୁଇଖେନା; ଏବଂ, ଗୋଁଡ କାବ୍ୟରେ ଗଡ ମଣ୍ଡଳ, ଚନ୍ଦାଗଡ, ଛୋଟାନାଗପୁର, ଲୁହାଗଡ, ଧାମଡାଗଡ, ବିରାଟଗଡ, ଏବଂ ହୀରାଗଡ ଆଦି ଆଠଖେନା ପରିବେଷିତ ହେବା ଦେଖାଯାଏ ।

ପରିବେଷଣକାରୀ ଦୀର୍ଘ ଆଖ୍ୟାନର ବିଭିନ୍ନ ପର୍ଯ୍ୟାୟକୁ ମନେରଖି ପରମ୍ପରାଶ୍ରିତ କାବ୍ୟିକ ଭାଷାରେ ଏହାକୁ ପରିବେଷଣ କରିଥାନ୍ତି । ଏହାର ଆଖ୍ୟାନରେ ସମ୍ପୃକ୍ତ ସମାଜରେ ପ୍ରଚଳିତ ଗୀତ କଥାନି ପ୍ରବାଦ-ପ୍ରବଚନ ମଧ୍ୟ ସ୍ଥାନିତ ହେବା ଦେଖିବାକୁ ମିଳେ । "ଏହା ଶ୍ରୁତି ପରମ୍ପରା, ଏଥିରେ ଗୋଟିଏ ବକ୍ତବ୍ୟର ସ୍ମୃତି ଗୁରୁତ୍ୱପୂର୍ଣ୍ଣ । ପରମ୍ପରାର ଭାଷା ଓ ଭାଷାର ପରମ୍ପରାକୁ ଜଣେ ଗାୟକ କିପରି କ୍ରମାନ୍ୱୟରେ ଗାଇପାରୁଛନ୍ତି, ତାହା ଗୁରୁତ୍ୱପୂର୍ଣ୍ଣ । ଗାୟକର ମାନସିକ ସ୍ତରରେ ତେଣୁ ପରମ୍ପରାର ଭାଷାଟି ବାକ୍ୟାଂଶ ରୂପେ ସଂରଚିତ । ତାହା ଗାଇଲାବେଳେ ଉତୁରି ଆସେ । ସଂସ୍କୃତିର ଗଭୀର ଅର୍ଥ ଓ ପ୍ରତୀକ ଏହି ପାରମ୍ପରିକ କାବ୍ୟ ଭାଷାରେ ନିର୍ମିତ ହୋଇ ଚଳି ଆସୁଥାଏ । ତେଣୁ, ପରମ୍ପରା ସଂଗୀତକୁ ଠିକ୍ ଭାବେ ଗାଇବା ହେଉଛି ଗାୟକର ପ୍ରଥମ କର୍ତ୍ତବ୍ୟ । ତହିଁରେ ବ୍ୟକ୍ତିରୂପେ ତାଙ୍କର ବିଶେଷ ଭୂମିକା ନଥାଏ । ସଂସ୍କୃତିକୁ ଯଥାର୍ଥ ଭାବେ ସମସ୍ତଙ୍କ ଆଗରେ ଉପସ୍ଥାପନା କରିବା ବେଳେ ବ୍ୟକ୍ତି ଭିତରେ ଏକ ସାଂସ୍କୃତିକ ବ୍ୟକ୍ତିତ୍ୱଟି ପ୍ରଭୁତ୍ୱ ବିସ୍ତାର କରିଥାଏ" (ମିଶ୍ର ୨୦୧୨, ୧୨୭) ।

ଗାଥାରେ ଯେପରି ଯତିପାତ ହୁଏ, ପ୍ରାନ୍ତମେଳ ରହିଥାଏ ତଥା ପଦର ବାରମ୍ବାର ଆବୃତ୍ତି ଦେଖାଯାଏ ସେହିପରି ଲୋକ କାବ୍ୟରେ ହୁଏନାହିଁ । ଏଥିରେ ଏକା ନିଃଶ୍ୱାସକେ ଯେତେଦୂର ପର୍ଯ୍ୟନ୍ତ ପଦଟିକୁ ଦାଣ୍ଡିବୃତ୍ତର ଗୀତ ଗାଇଲା ପରି ଲମ୍ବାଇ ଦିଆଯାଏ । ବିଭିନ୍ନ ଚରଣଗୁଡିକର ଅକ୍ଷର ସଂଖ୍ୟା ଅନିର୍ଦ୍ଦିଷ୍ଟ । ପ୍ରାନ୍ତମେଳ ନାହିଁ । ଲୋକ କାବ୍ୟ ପରିବେଷଣରେ ଏକ ସ୍ୱତନ୍ତ୍ର ଶୈଳୀ ପରିଦୃଷ୍ଟ ହୋଇଥାଏ, ଗାଥା ପରି ଏହାର ନିର୍ଦ୍ଦିଷ୍ଟ କେତେକ ସ୍ଥାନରେ ଯତିପାତ ବା ବଳାଘାତ ପଡେନାହିଁ । ବରଂ ଗାୟକ ନିଜର ଶ୍ୱାସପ୍ରଶ୍ୱାସ ନିୟନ୍ତ୍ରଣକରି ଧାଡିଗୁଡିକୁ ବର୍ଣ୍ଣନାର ଆବଶ୍ୟକତା ଅନୁସାରେ ସଙ୍କୁଚିତ କିମ୍ବା ପ୍ରଲମ୍ବିତ କରିଥାଏ । ତେଣୁ, ଏହାର ଶୈଳୀକୁ ଦାଣ୍ଡିବୃତ୍ତ ବୋଲାଯାଇପାରେ । ସେହିପରି, ଲୌକିକ ଜଗତର ବସ୍ତୁ ଆଦିକୁ ରୂପକ ଉପମା ଭାବରେ ବ୍ୟବହାର କରିବା ଲୋକ କାବ୍ୟର ବିଶିଷ୍ଟ ଗୁଣ । ବିଷୟବସ୍ତୁ ଅନୁରୋଧରେ ଲୌକିକ ସାହିତ୍ୟ ସଂଯୋଜନାର ଚମତ୍କାରିତା ରହିଛି । ପୁଅଝିଅଙ୍କୁ ବୁଝାଇବା, ନାରୀମାନଙ୍କର କାନ୍ଦଣା, ଗାଈଆଳ ଗୀତ ଆଦିର ସଂଯୋଜନା ପରିବେଷଣକୁ ପ୍ରାକୃତିକତା ପ୍ରଦାନ କରିଥାଏ (ମିଶ୍ର ୧୯୯୫, ୧୭୬) ।

ଲୋକ କାବ୍ୟଗୁଡିକ ମଣିଷ ପ୍ରକୃତି ସହିତ ଥିବା ସମ୍ପର୍କର ନିଗୁଢ ରହସ୍ୟ । ଏହା ପ୍ରାଚୀନକାଳରୁ ସାମ୍ପ୍ରତିକ ସମୟଯାଏ ଲୋକ ଗୋଷ୍ଠୀର ସାମୂହିକ ଚେତନାକୁ ଆକ୍ରାନ୍ତ କରି ରଖିଥାଏ । ହୁଏତ ସମୟ ଓ ସ୍ଥାନର ପ୍ରାଚୀନତା ଦୃଷ୍ଟିରୁ ଏହା ମିଥିକ୍ ହୋଇପାରେ ହେଲେ ଏହାର ଗୋଷ୍ଠୀ ମାନସିକତା ଓ ଗୋଷ୍ଠୀ ପରିଚତି ଏକ ଉଲ୍ଲେଖନୀୟ ଦିଗ ।

### ୩.୧.୧.୨ ଗାଥା

ଗାଥା ଲୋକ ସାହିତ୍ୟର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଓଡିଆ ଲୋକଧାରାରେ ତଥା ଓଡିଶାର ବିଭିନ୍ନ ପାରମ୍ପରିକ ଲୋକ ଗୋଷ୍ଠୀରେ ଅନେକ ଗାଥା ସାମ୍ପ୍ରତିକ ସମୟରେ ମଧ୍ୟ ପ୍ରଚଳିତ । ଏହା, ଲୋକ ସାହିତ୍ୟର ଅନ୍ୟ ଉପାଦାନ ଭଳି ମୌଖିକ ଭାବରେ ପ୍ରକାଶିତ ହେବା ସହ ପରମ୍ପରାକ୍ରମେ ଗୋଟିଏ ପିଢିରୁ ଆଉ ଗୋଟିଏ ପିଢିକୁ ସମ୍ପ୍ରସାରିତ ହୋଇଥାଏ । 'ଗାଥା ଗୀତିକାରେ ଆଖ୍ୟାନ ମୁଖ୍ୟ, ସ୍ୱର ଗୌଣ, ପୁଣି ବର୍ଣ୍ଣନାରେ ଗତାନୁଗତିକତା ଦେଖିବାକୁ ମିଳେ । ଗୋଟିଏ ମାତ୍ର ଆଖ୍ୟାନ ଗୀତିକାର ଉପଜୀବ୍ୟ, ଗୀତ ଓ ସଂଳାପ ମଧ୍ୟରେ କାହାଣୀ ଦ୍ରୁତଗତିରେ ପ୍ରବାହିତ ହୁଏ । ପୂର୍ଣ୍ଣାଙ୍ଗ ଚରିତ୍ର ଚିତ୍ରଣ ଲାଗି ଅବକାଶ ନଥାଏ, ପରିବେଶର ସୁସ୍ପଷ୍ଟ ଚିତ୍ର ଦେବା ଲାଗି କାହାଣୀର ଧାରାକୁ ବ୍ୟାହତ କରାଯାଏ ନାହିଁ । ଗାଥା ଗୀତିକା କ୍ରିୟାସାଧନ, ସେହି ହିସାବରେ ନାଟକୀୟ । ଏହା ବର୍ଣ୍ଣନାତ୍ମକ ହେଲେ ହେଁ ଘଟଣାକୁ ଆଗେଇ ନେଉନଥିବା କୌଣସି ବିଷୟ ଏଥିରେ ଅପ୍ରାସଙ୍ଗିକ ବିବେଚିତ ହୋଇପାରେ । ପୁରାଣ, ଇତିହାସ ବା ଜନଶ୍ରୁତିମୂଳକ ରୋମାଞ୍ଚକର କାହାଣୀ ଗାଥା ଗୀତିକାର ପ୍ରଧାନ ଅବଲମ୍ବନ । ଏହା ଇଙ୍ଗିତ ପ୍ରଧାନ, ଇଙ୍ଗିତରେ କାହାଣୀକୁ ଅଳ୍ପ ପରିସର

ମଧ୍ୟରେ କୁହାଯାଏ' (ଦାଶ ୧୯୫୮, ୪୯) । ସେହିପରି, 'ଲୋକ ଗାଥାରେ ସମ୍ପୃକ୍ତ ଲୋକ ସମାଜର ବା ଗୋଷ୍ଠୀର ମହିମାମୟ କଥାର ବର୍ଣ୍ଣନା ରହିଥାଏ । ଅଧିକାଂଶ ଲୋକ ଗାଥା କୌଣସି ଜାତି, ବଂଶ, ତଥା ସମ୍ପୃକ୍ତ ଅଞ୍ଚଳ ଆଦିର ଗୌରବମୟ କାହାଣୀ, ଚରିତ୍ର, ଘଟଣା, ଲୋକ ଦେବତା (ଜାତି-ଦେବତା, କୁଳ-ଦେବତା, ଅଞ୍ଚଳ ଓ ଗ୍ରାମ୍ୟ ଦେବୀଦେବତା) ଇତ୍ୟାଦିର କଥା ହିଁ ପ୍ରକାଶ କରିଥାଏ । ଅନ୍ୟ ଅର୍ଥରେ ଲୋକ ଗାଥା ହେଉଛି, ଲୋକ ଗୋଷ୍ଠୀର ଗୌରବର କଥା । ...ଲୋକ ଗାଥାରେ ଲୋକ ଜୀବନଧାରାର କାଳ୍ପନିକ ତଥା ବାସ୍ତବ ବର୍ଣ୍ଣନା କିମ୍ବା ସମ୍ପୃକ୍ତ ଲୋକ ସମାଜର ଚିତ୍ର ଯେତେ ନଥାଏ; ତା'ଠାରୁ ବହୁଗୁଣରେ ଏବଂ ଅଧିକ ଭାବରେ କୌଣସି ବ୍ୟକ୍ତିର ବୀରତ୍ୱ, ଦେବତାଙ୍କ ମହାତ୍ମ୍ୟ, ଗୌରବାବହ ଘଟଣା, ଜାତିର ଉତ୍ପତ୍ତି ବିଷୟକ ବିଶ୍ୱାସ ଭଳି କାହାଣୀମାନ ବେଶୀ ସ୍ଥାନ ପାଇଥାଏ' (ପାଣିଗ୍ରାହୀ ୨୦୧୨, ୧୦୧) ।

ଓଡିଆ ଲୋକଧାରା ଆଲୋଚନା କ୍ରମରେ ବହୁ ଲୋକତତ୍ତ୍ୱବିଦ୍ ଓଡିଶାର ଲୋକ ଗାଥାଗୁଡିକୁ ବିଭିନ୍ନ ଭାବରେ ବିଭାଗୀକରଣ କରିଛନ୍ତି, ଆଲୋଚନା କରିବାକୁ ପ୍ରୟାସ କରିଛନ୍ତି । ଉଦାହରଣସ୍ୱରୂପ, କୁଞ୍ଜବିହାରୀ ଦାଶ ଓଡିଆ ଲୋକ ଗାଥାକୁ ୧. ଧର୍ମାତ୍ମକ ଗାଥା (ବଉଳାଗାଈ, ଗୋବିନ୍ଦଚନ୍ଦ୍ର), ୨. ଅଭିଯୋଗାତ୍ମକ ଗାଥା (ବୋହୂର ଶାଶୁ ବିରୁଦ୍ଧରେ, ଶାଶୁର ବୋହୂ ବିରୁଦ୍ଧରେ, ବୋହୂର ନଣନ୍ଦ ବିରୁଦ୍ଧରେ), ୩. ଶୋକାତ୍ମକ ଗାଥା (ଅପତ୍ୟ ଶୋକ, ଆତ୍ମ ବିସର୍ଜନ, ଅନ୍ତିମ ବିଦାୟ), ଏବଂ ୪. ସୁଖାତ୍ମକ ଗାଥା (ବିବାହ ଗୀତ) (ଦାଶ ୧୯୫୮, ୪୯) ଆଦି ଭାବରେ ବିଭାଗୀକରଣ କରିଛନ୍ତି । ପରବର୍ତ୍ତୀ ସମୟରେ ସେ ସ୍ଥାନୀୟ ଘଟଣାବଳୀ ତଥା ଐତିହାସିକ ବୀରମାନଙ୍କୁ, ପୌରାଣିକ ଚରିତ୍ରମାନଙ୍କୁ ନେଇ ମଧ୍ୟ କେତେକ ଲିଖିତ ଗାଥା ଉଦାହରଣସ୍ୱରୂପ— ତଅପୋଇ ଗାଥା, ଗୋବିନ୍ଦଚନ୍ଦ୍ର ଗାଥା, ବିଶିକେଶନ ଗାଥା, କଳାପାଣି ଗାଥା, ଦେଉଳ ତୋଳା ଗାଥା, ଏବଂ ସୁରେନ୍ଦ୍ର ସାଏ ଗାଥା ଆଦି ସମ୍ପର୍କରେ ଉଲ୍ଲେଖ କରନ୍ତି (ଦାଶ ୧୯୭୪, ୧-୯୧) । କୁଞ୍ଜବିହାରୀ ଗୋମେଙ୍କ ପ୍ରାଚୀନତମ ଗାଥା, କୌଟୁମ୍ବିକ ଗାଥା, ଅଲୌକିକ ଗାଥା, ପୌରାଣିକ ଗାଥା, ସୀମାନ୍ତ ଗାଥା, ଏବଂ ଆରଣ୍ୟକ ଗାଥା ଆଦି ବିଭାଗୀକରଣକୁ ସମ୍ପର୍କରେ ଆଲୋଚନା କରି କହନ୍ତି— "ପ୍ରାଚୀନତମ ଗାଥା-ଗୀତିକା ପୃଥ୍ୱୀ ବା ଋତୁ ସମ୍ବନ୍ଧୀ, ସମସ୍ୟାମୂଳକ ପ୍ରଶ୍ନରେ ସମସ୍ୟାର ଉତ୍ଥାପନ ଓ ଉତ୍ତରରେ ତାର ସମାଧାନ କରାଯାଏ । ଏହା ସମୂହଦ୍ୱାରା ଗୀତ ହୁଏ । କୌଟୁମ୍ବିକ ଗାଥା ସାମାଜିକ ଗାଥା-ଶ୍ରେଣୀର, ଅଲୌକିକ ଗାଥା ପୌରାଣିକ ଗାଥା ଗୀତିକା ଶ୍ରେଣୀର ହୋଇପାରେ । କୌଟୁମ୍ବିକ ଗାଥା ଗୀତିକାରେ ବଧୂ, ନଣନ୍ଦ, ଶ୍ୱଶ୍ରୂ ଓ ଶ୍ୱଶୁରଙ୍କ ଚରିତ୍ର ଚିତ୍ରିତ ହୋଇଥାଏ । ଅଲୌକିକ ଗାଥା ଗୀତିକାରେ ଦୈବ ପ୍ରଭାବ, ଯାଦୁ ବିଦ୍ୟାବଳରେ ଶରୀରର ପରିବର୍ତ୍ତନ ଆଦି ଅଦ୍ଭୂତ କ୍ରିୟାକୌଶଳ ବର୍ଣ୍ଣିତ ହୋଇଥାଏ । ...ବିହାର ଓ ଓଡିଶା ସୀମାରେ ପ୍ରଚଳିତ ଶିରୀସୁବନାଥ ଗାଥା ସୀମାନ୍ତ ଗାଥା ଶ୍ରେଣୀର ଅନ୍ତର୍ଗତ । ରବିନ୍ ହୁଡ ପରି ଗାଥା ଓଡିଶାରେ ନାହିଁ" (ଦାଶ ୧୯୮୦, ୫୨) ।

ଓଡିଆ ଲୋକ ସାହିତ୍ୟ ଅନ୍ୟତମ ଉଲ୍ଲେଖଯୋଗ୍ୟ ଗବେଷକ ଚକ୍ରଧର ମହାପାତ୍ର କିନ୍ତୁ ଓଡିଆ ଲୋକ ଗାଥାକୁ ୧. କନ୍ୟା ବିବାହରେ ମା ଝିଅର ଦୁଃଖ ଆଧାରିତ ଗାଥା, ୨. ଶାଶୁଘରେ ବଧୂର ଦୁଃଖଦ ଜୀବନର ଗାଥା, ଏବଂ ୩. ଧର୍ମୀୟ ଗାଥା ବା ପଦ୍ୟ କାହାଣୀ ଭାବରେ ବିଭକ୍ତ କରିଛନ୍ତି (ମହାପାତ୍ର ୧୯୫୯, ଉଲ୍ଲିଖିତ— ପାଣିଗ୍ରାହୀ ୨୦୦୩, ୭) । ଓଡିଆ ଗାଥା ସମ୍ପର୍କରେ ଶ୍ୟାମସୁନ୍ଦର ମହାପାତ୍ରଙ୍କ ଗବେଷଣା ଓଡିଆ ଲୋକଧାରା ଅନୁଶୀଳନ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଅବଦାନ । ମହାପାତ୍ର, ଓଡିଆ ଲୋକ ଗାଥାକୁ ୧. ସାମାଜିକ, ୨. ଧର୍ମୀୟ, ଏବଂ ୩. ଇତିହାସ ଓ କିମ୍ବଦନ୍ତୀମୂଳକ ଭଳି ତିନି ଭାଗରେ ବିଭକ୍ତ କରନ୍ତି (ମହାପାତ୍ର ୧୯୯୧, ୬୪-୭୦) । ଅନୁରୂପ ଭାବରେ, ନିମାଇଁ ଚରଣ ପଣ୍ଡା ମଧ୍ୟ ଓଡିଆ ଲୋକ ଗାଥାକୁ ୧. ଧର୍ମମୂଳକ, ୨. ପୌରାଣିକ, ଏବଂ ୩. ବୀର ଓ ପ୍ରେମ କଥାତ୍ମକ ଗାଥା ଆଦି ଭାବରେ ବିଭକ୍ତ କରନ୍ତି (ପଣ୍ଡା, ୧୯୭୭, ୬୨) । ତେବେ, ଲୋକତତ୍ତ୍ୱବିଦ୍ କୁମୁଦ ରଞ୍ଜନ ପାଣିଗ୍ରାହୀ ଲୋକ ଗାଥାକୁ ୧. ସୃଷ୍ଟି ଓ ଉତ୍ପତ୍ତି ସମ୍ପର୍କିତ ଗାଥା, ୨. ଜାତି ଆଧାରିତ ଗାଥା, ୩. ଲୋକ ଦେବତା ଆଧାରିତ ଗାଥା, ୪. ଲୋକ ବିଶ୍ୱାସ ଆଧାରିତ ଗାଥା, ୫. ବୀରତ୍ୱ ଓ ପ୍ରେମ ଗାଥା, ୬. ଅସାଧାରଣ ଘଟଣା / ଚରିତ୍ର ଆଧାରିତ ଗାଥା, ଏବଂ ୭. ଅନ୍ୟାନ୍ୟ ଗାଥା ଭାବରେ ମଧ୍ୟ ବିଭକ୍ତ କରିବା ସହିତ (ପାଣିଗ୍ରାହୀ ୨୦୦୩, ୧-୨୨), ଅନ୍ୟ ଏକ ପ୍ରବନ୍ଧରେ ସେ ଏହାକୁ ୧. ଜାତି ଗାଥା, ଏବଂ ୨. ଧର୍ମ ଗାଥା

ଭଳି ଦୁଇ ଭାଗରେ ବିଭାଗୀକରଣ କରନ୍ତି । "ଜାତି ଗାଥାରେ କୌଣସି ଜାତିର ଗୌରବାବହ କଥା, ଚରିତ୍ର, ଘଟଣା ଇତ୍ୟାଦି ବର୍ଣ୍ଣିତ ହୋଇଥାଏ । ଏହାର କଥାବସ୍ତୁ ଭାବରେ ଐତିହ୍ୟ, ପ୍ରେମ, ବୀରତ୍ୱ, ଜାତି-ଦେବଦେବୀ, ଜାତି-ବିଶ୍ୱାସ ଇତ୍ୟାଦିକୁ ଗ୍ରହଣ କରାଯାଇଥାଏ । ସେହିପରି, ଲୋକ-ଦେବତାଙ୍କୁ ଆଧାରକରି ସେମାନଙ୍କର ମହତ୍ୱ, ମହାନତା ଶକ୍ତିର ବର୍ଣ୍ଣନା କରାଯାଇଥାଏ ଧର୍ମ ଗାଥାରେ" (ପାଣିଗ୍ରାହୀ ୨୦୧୨, ୧୧୫-୧୧୮)।

ଓଡିଶାର ବିଭିନ୍ନ ଅଞ୍ଚଳରେ ବହୁ ଲୋକ ଗାଥାର ପ୍ରଚଳନ ଅଛି । ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସ କରୁଥିବା ସାଧାରଣ ଲୋକର, ବିଭିନ୍ନ ଜାତିର ଲୋକର, ବିଭିନ୍ନ ଲୋକ-ଦେବତା କୈନ୍ଦ୍ରିକ ବିଶ୍ୱାସଭିତ୍ତିକ ଲୋକ-ଗାଥା ରହିଛି । ମହେନ୍ଦ୍ର କୁମାର ମିଶ୍ର ଲୋକ ଗାଥାକୁ ୧. ଜାତିଭିତ୍ତିକ ଗାଥା, ୨. ପୌରାଣିକ ଗାଥା, ୩. ବୀରତ୍ୱ, ପ୍ରେମ ଓ ଯୁଦ୍ଧ ଗାଥା, ଏବଂ ୪. ପ୍ରଜାତିଭିତ୍ତିକ ଗାଥା ଭାବରେ ବିଭକ୍ତ କରନ୍ତି (ମିଶ୍ର ୧୯୯୬, ୨୩୪) । ଉଦାହରଣସ୍ୱରୂପ, ପଶ୍ଚିମ ଓଡିଶାର ଗଉଡ ଜାତିର ବାରଖେନା ବଂଶଗୀତ ଶୁଣିବାକୁ ମିଳେ । ଏହି ଗୀତ ସେମାନଙ୍କର ଭାଟମାନଙ୍କଦ୍ୱାରା ଗାନ କରାଯାଇଥାଏ । ଏହି ଗୀତ ବିବାହ ଉତ୍ସବରେ ମଙ୍ଗଳ ଗୀତ ଭାବରେ ମଧ୍ୟ ଗାନ କରାଯାଇଥାଏ । ଏହାର ପରିବେଷଣ ସମୟରେ ବଂଶୀ ଆକୃତିର ଏକ ତିନିହାତ ଲମ୍ବ ଏବଂ ଦୁଇହାତ ବ୍ୟାସ ବିଶିଷ୍ଟ ଏକ ବାଦ୍ୟଯନ୍ତ୍ର ବ୍ୟବହୃତ ହେଉଥିବାରୁ ଏହା ବାଂଶଗୀତ ଭାବରେ ମଧ୍ୟ ପରିଚିତ । ସେହିପରି, ବନଜାରାମାନଙ୍କର ଲଦନ୍‌ଲଦା ଗୀତ, ଭୁଞ୍ଜିଆମାନଙ୍କର ଖୋଲାଗଡିଆ ରଜା କଥା, କୋକୋଭଏନି, ମାରାଁଡି ପୋଟୁରା, ସିରାରାମ୍ ରାଉତ, ଉଦଲିଆ ଗୀତ ଡୋଡୋକ୍ ଗୀତ ଆଦି ଗାଥା ପ୍ରଚଳିତ । ଏହି ଗାଥାମାନଙ୍କରେ ସମ୍ପୃକ୍ତ ଲୋକ ଗୋଷ୍ଠୀର ଜୀବନ ଜୀବିକା, ପ୍ରଜାତିକ ସୃଷ୍ଟି କଥା, କୌଳିକ ବୃତ୍ତି, ଓ ବାଣିଜ୍ୟ ବ୍ୟବସାୟର ଚିତ୍ର ନିହିତ । ଏଠାରେ ଉଲ୍ଲେଖନୀୟ ଯେ ଏହି ଗାଥାଗୁଡିକୁ ତଥା ସମାନ କାହାଣୀର କଥାବସ୍ତୁ ଆଧାରିତ ଆଖ୍ୟାନକୁ ପାରମ୍ପରିକ କାବ୍ୟ ଭାବରେ ମଧ୍ୟ ଏହା ପୂର୍ବରୁ ଆଲୋଚନା କରାଯାଇଛି ତଥା ଲୋକତତ୍ତ୍ୱବିଦ୍ ମହେନ୍ଦ୍ର କୁମାର ମିଶ୍ର ଆଲୋଚନା କରିଛନ୍ତି । ଅତଏବ, ଏଠାରେ ଗାଥା ଏବଂ କାବ୍ୟ ଭିତରେ ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ, ତେବେ ଏହି ଆଖ୍ୟାନଗୁଡିକ କେତେ କେତେବେଳେ ସଂକ୍ଷିପ୍ତ ଭାବରେ ତଥା ଗାଥା କବିତା ଭାବରେ ପ୍ରକାଶିତ ହୋଇଥାଏ ଯେପରି, ଭାରତର ଅନ୍ୟତ୍ର ମଧ୍ୟ ଏଭଳି ଉପାଦାନ କୌଣସି ଏକ ସ୍ଥାନରେ ଗୀତ ଭାବରେ ପରିବେଷିତ ହେଲାବେଳେ ଅନ୍ୟ ଏକ ଭୌଗୋଳିକ କ୍ଷେତ୍ରରେ ସମାନ ଲୋକ ଗୋଷ୍ଠୀର ସଦସ୍ୟଙ୍କଦ୍ୱାରା କାବ୍ୟ ଭାବରେ ପରିବେଷିତ ହେବା ଦେଖାଯାଏ । ସମ୍ଭବତଃ, ଉପାଦାନର ଏହିଭଳି କିଛି  ପରିବେଷଣଗତ ଭିନ୍ନତାକୁ ଦୃଷ୍ଟିରୁ ସେ ସମାନ ଉପାଦାନକୁ କାବ୍ୟ ଏବଂ ଗାଥା ଭାବରେ ଆଲୋଚନା କରିଛନ୍ତି ।

ଗାଥାର ପରିବେଷଣ ଶୈଳୀ ସମ୍ପର୍କରେ ଲୋକତତ୍ତ୍ୱବିଦ୍ ଶ୍ୟାମସୁନ୍ଦର ମହାପାତ୍ର ବିଶଦ ଭାବରେ ଆଲୋଚନା କରିଛନ୍ତି । ଲୋକ ଗାଥାରେ "ଆଖ୍ୟାନର ଦ୍ରୁତତା ଏହାର ଅନ୍ୟତମ ବୈଶିଷ୍ଟ୍ୟ । ଏହା ସାରକଥା କହିବା ଭଙ୍ଗୀରେ କଥାବସ୍ତୁକୁ ଆଗେଇ ନିଏ । କଥାବସ୍ତୁ ସହ ଘନିଷ୍ଠ ଭାବରେ ଜଡିତ ନଥିବା ଉପାଦାନ ପରିତ୍ୟକ୍ତ ହୁଏ । ଆଖ୍ୟାନରେ ଦ୍ରୁତତା ହେତୁ ପରିତ୍ରି ଚିତ୍ରଣ ବା ପ୍ରକୃତି ବର୍ଣ୍ଣନାର ଅବକାଶ ମଧ୍ୟ ମିଳେନାହିଁ" (ମହାପାତ୍ର ୧୯୯୧, ୬୮) । ସେହିପରି, ଲୋକତତ୍ତ୍ୱବିଦ୍ ଗୋମେଙ୍କ ଅନୁଶୀଳନକୁ ଆଧାରକରି ଆଖ୍ୟାନ ରୀତିର ଅନ୍ୟ କେତୋଟି ବୈଶିଷ୍ଟ୍ୟ ସମ୍ପର୍କରେ ମଧ୍ୟ ସେ ଆଲୋଚନା କରନ୍ତି— 'ଧ୍ରୁବପଦ (Refrain), ପଂକ୍ତି ଗୁଚ୍ଛର ଆବର୍ତ୍ତନ (Recurrent passage), ସରଳ ପୁନରୁକ୍ତି (Simple repetition), ବର୍ଦ୍ଧିଷ୍ଣୁ ପୁନରୁକ୍ତି (Incrimental repetitaion), 'ନାଟକୀୟ ଉତ୍କଣ୍ଠା', ଏବଂ 'ସଂଳାପ ଓ ବାକ୍‌ଛନ୍ଦ' (ମହାପାତ୍ର ୧୯୯୧, ୬୫-୬୬) । ମହାପାତ୍ରଙ୍କ ମତରେ "ଓଡିଆ ଲୋକ ଗାଥାରେ ଘୋଷାର ବ୍ୟବହାର କ୍ୱଚିତ୍ ଦେଖାଯାଏ । ପଲ୍ଲୀ ଗୀତି ସଂଚୟନ ସଂକଳିତ ଫୁଲବଉଳ ବେଣୀ ଗାଥାଟିରେ 'ଭାଇ ତ ଆମର ଚନ୍ଦ୍ରବଦନ, ଭାଉଜ ମନ୍ଥନକାରୀ' ପଙ୍କ୍ତିଟି ଘୋଷା ଭାବରେ ବ୍ୟବହୃତ । ସେହିପରି, ସରଳ ପୁନରୁକ୍ତି ଓଡିଆ ଗାଥାରେ ସର୍ବତ୍ର ଦେଖାଯାଏ । କାହାଣୀର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ଗାଥାଟି ଭିତରେ ବାରମ୍ବାର ଆବର୍ତ୍ତିତ ହୁଏ । ଉଦ୍ଦିଷ୍ଟ ବିଷୟଟି ଉପରେ ଗୁରୁତ୍ୱ ଆରୋପ କରିବା, ଉତ୍କଣ୍ଠା ବଢେଇବା, ଅନ୍ୟମନସ୍କ ଶ୍ରୋତାକୁ କାହାଣୀର ଖିଅ ଧରେଇ ଦେବା ପରି ବିଭିନ୍ନ ଉଦ୍ଦେଶ୍ୟ ଏହାଦ୍ୱାରା ସାଧିତ ହୋଇଥାଏ । ଏ ପ୍ରସଙ୍ଗରେ

ଦେଉଳ ତୋଳା ଗାଥାଟି ଉଲ୍ଲେଖଯୋଗ୍ୟ । ବୃଦ୍ଧ କାରିଗର ମୂର୍ତ୍ତି ଗଢିବାପାଇଁ ଏକୋଇଶ ଦିନ ମନ୍ଦିର ଭିତରେ ଆବଦ୍ଧ ହେବାକୁ ଚାହେଁ; ଏଇ ସମୟ ଭିତରେ ମନ୍ଦିରର ଦ୍ୱାର କେହି ଖୋଲିବେ ନାହିଁ ଏକୋଇଶ ଦିନରୁ ଊଣାହେଲେ ତାର କାର୍ଯ୍ୟ ସମାପ୍ତ ହେବା ସମ୍ଭବ ନୁହେଁ । ଉକ୍ତ ଗାଥାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଗାଥାଟି ଭିତରେ ଉକ୍ତ ବିଷୟଟି ପ୍ରାୟ ତିନିଥର ଆବୃତ୍ତ ହୋଇଛି । କେତେକ କ୍ଷେତ୍ରରେ, ଉପରୋକ୍ତ ଉଦ୍ଦେଶ୍ୟରେ ଗୋଟିଏ ଗୋଟିଏ "ପଙ୍‌କ୍ତି ଗୁଚ୍ଛ (Passage)'ର ପୁନରାବୃତ୍ତି ମଧ୍ୟ  ଘଟିଥାଏ । ଗାଥା ମଧ୍ୟରେ ଅନ୍ୟ ଏକ ପ୍ରକାର ପୁନରାବୃତ୍ତିକୁ ବର୍ଦ୍ଧିଷ୍ଣୁ ପୁନରାବୃତ୍ତି କୁହାଯାଏ । ଏ କ୍ଷେତ୍ରରେ ଗାଥାର ଗୋଟିଏ ଅଂଶ ପୁନରାବୃତ୍ତ ହେବାବେଳେ ସେଥିରେ କିଛି ନୂତନ ଉପାଦାନ ସଂଯୋଜିତ ହୁଏ । ପୁନରାବୃତ୍ତିର ଏହି ପାର୍ଥକ୍ୟ କଥାବସ୍ତୁକୁ ଆଗେଇ ନେବାରେ ସାହାଯ୍ୟ କରେ । ଗୋବିନ୍ଦଚନ୍ଦ୍ର ଗାଥାଟିରେ ଏହି ପ୍ରକାରର ପୁନରାବୃତ୍ତି ଲକ୍ଷ୍ୟ କରାଯାଏ । ଲୋକତତ୍ତ୍ୱବିଦ୍‌ଙ୍କ ମତରେ ଗାଥାର ଘୋଷା ଅଂଶଟି ଦଳଗତ ନୃତ୍ୟ ଗୀତର ସୂଚନା ଦିଏ । ସେଭଳି ନୃତ୍ୟ ଗୀତର ମୁଖ୍ୟ ଗାୟକ ଗାଥାଟି ବୋଲୁଥିବା ବେଳେ ଅନ୍ୟମାନେ ଧ୍ରୁବପଦ ଆବୃତ୍ତି କରିଥାନ୍ତି । କ୍ରମେ ନୃତ୍ୟ ଗୀତରୁ ଗାଥା ବିଚ୍ଛିନ୍ନ ହେବା ସଙ୍ଗେ ସଙ୍ଗେ ସେଥିରୁ ଘୋଷା ଅଂଶତକ ଲୋପ ପାଇଯାଇଛି ।

ଓଡିଆ ଗାଥାଗୁଡିକରେ ଉପମା ଓ ରୂପକର ବହୂଳ ବ୍ୟବହାର ଦେଖାଯାଏ । ଅଜଣା ବା ଅମୂର୍ତ୍ତ ବିଷୟକୁ ପରିଚିତ, ମୂର୍ତ୍ତ ଉପାଦାନ ସହିତ ତୁଳନାକରି ନିଜର ଭାବପ୍ରକାଶ କରିବା ପ୍ରବଣତାରୁ ଏପରି ହୋଇଥିବା ମନେହୁଏ । ଉପମା ବା ରୂପକର ଉପମେୟଗୁଡିକ ମୁଖ୍ୟତଃ ପ୍ରକୃତି, ଦୈନନ୍ଦିନ ଜୀବନ, ସମାଜ ବା ଧର୍ମ ଜଗତରୁ ଗୃହୀତ । ପ୍ରକୃତି ଜଗତ ଗୃହୀତ ଉପାଦାନଗୁଡିକ ହିଁ ସର୍ବାଧିକ । ପଶୁପକ୍ଷୀ, ସରୀସୃପ, ବୃକ୍ଷଲତା, ଫଳପୁଷ୍ପ, ପାହାଡ, ପଥର, ବିଭିନ୍ନ ଧାତୁ, ନଦୀ ସମୁଦ୍ର ଆଦି ପ୍ରକୃତିର ବିଭିନ୍ନ ଉପାଦାନ ଉପମେୟ ଭାବରେ ବ୍ୟବହୃତ । ଖାଦ୍ୟପେୟର ସାମଗ୍ରୀ, ଏପରିକି ଜଗନ୍ନାଥଙ୍କ ପୋଡ ପିଠା ମଧ୍ୟ ଉପମାନ ହୋଇପାରେ । ଢଗ-ରାମାୟଣର ରାବଣ ନିଜକୁ ଆରିସା, ଏବଂ ରାମଚନ୍ଦ୍ରକୁ ପୋଡ ପିଠା ସହିତ ତୁଳନା କରିଛି" (ମହାପାତ୍ର ୧୯୯୧, ୬୬-୬୮) ।

ଓଡିଆ "ଗାଥାଗୁଡିକରେ ଉପମା ଓ ରୂପକ ପରି ପ୍ରତୀକର ମଧ୍ୟ ବହୁଳ ବ୍ୟବହାର ଦେଖାଯାଏ । ବିଶେଷ କରି ଧର୍ମୀୟ ଗାଥାରେ ଚରିତ୍ରଗୁଡିକ ଗୋଟିଏ ଗୋଟିଏ ପ୍ରତୀକ ସ୍ତରକୁ ଉନ୍ନୀତ ହୋଇଥାନ୍ତି । ଦୁଷ୍କୃତକାରୀ ଦଣ୍ଡ ପାଏ, ଧର୍ମନିଷ୍ଠ ପୁରସ୍କୃତ ହୁଏ । କିନ୍ତୁ, ଉଭୟେ ଲୋକ ଜୀବନରେ ପ୍ରତୀକର କାର୍ଯ୍ୟ କରିଥାନ୍ତି । ପ୍ରତୀକାତ୍ମକ ଚରିତ୍ର ବ୍ୟତୀତ ପ୍ରକାଶ ଭଙ୍ଗୀରେ ମଧ୍ୟ ପ୍ରତୀକର ବ୍ୟବହାର ଦେଖିବାକୁ ମିଳେ । ଏଗୁଡିକ ମୁଖ୍ୟତଃ ପରମ୍ପରାଗତ ପ୍ରତୀକ । ଗାଥାର ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା ପରବର୍ତ୍ତୀ ପାଦର ଅକ୍ଷର ସଂଖ୍ୟା ସହ ସମାନ ହୋଇନପାରେ, ତଥାପି ତାହା ଯଥେଷ୍ଟ ପ୍ରଭାବଶାଳୀ । ପରିବେଷଣକାରୀ ଗାଥାର ପରିବେଷଣକାଳରେ ସର୍ବତ୍ର ଅନ୍ତ୍ୟମେଳ ରକ୍ଷା କରିବାକୁ ପ୍ରୟାସ କରିଥାନ୍ତି । ସେହିପରି, "ପ୍ରକାଶ ଭଙ୍ଗୀରେ ଛନ୍ଦର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ପାଦରେ ଅକ୍ଷର ସଂଖ୍ୟାର ଅସମତା ଓ ଦୁର୍ବଳ ଅନ୍ତ୍ୟମେଳ ସତ୍ତ୍ୱେ ଛନ୍ଦ ସର୍ବଦା ସୁରକ୍ଷିତ । ଛନ୍ଦର ଏହି ଉତ୍ଥାନପତନ, ପ୍ରବାହ ଓ ଯତିପାତଜନିତ ବିରତି ଶ୍ରୋତାର ହୃଦୟରେ ଉଦ୍ଦିଷ୍ଟ ଭାବର ସଞ୍ଚାର କରିବାକୁ ଯଥେଷ୍ଟ ହୁଏ । ଗାଥା କବିତାର ଏହି ଛନ୍ଦ ସହ ଦାଣ୍ଡିବୃତ୍ତ ବା ବଚନିକା ଛନ୍ଦର ସାଦୃଶ୍ୟକୁ ଲକ୍ଷ୍ୟ କରାଯାଇପାରେ" (ମହାପାତ୍ର ୧୯୯୧, ୬୯) । ପରିଶେଷରେ ଏହା କୁହାଯାଇପାରେ ଯେ ଓଡିଆ ଲୋକ ସାହିତ୍ୟରେ ପୌରାଣିକ, ଐତିହିସିକ, କିମ୍ବଦନ୍ତୀମୂଳକ, ସାମାଜିକ ଘଟଣାବଳୀ ଆଧାରିତ ତଥା ବିଭିନ୍ନ ଜାତି ଓ ପ୍ରଜାତିଭିତ୍ତିକ ଗାଥା ମଧ୍ୟ ପରିବେଷିତ ହେବା ସହିତ ସମ୍ପୃକ୍ତ ଲୋକଗୋଷ୍ଠୀର ସର୍ଜନଶୀଳ ଆୟାମ ଭାବରେ ସେମାନଙ୍କ ଇତିହାସ, ଜାତି-କଥା ତଥା ସମାଜିକ ଦୃଷ୍ଟିଭଙ୍ଗୀର ଆଖ୍ୟାନକୁ ପ୍ରକାଶ କରିଥାଏ ।

### ୩.୧.୧.୩ ଗୀତ

ଲୋକ ଗୀତ ଲୋକ ସାହିତ୍ୟର ଅନ୍ୟତମ ବାଚିକ ଉପାଦାନ ଯାହା ପାରମ୍ପରିକ ଭାବରେ ପରିବେଷିତ ହୋଇଥାଏ । କୁଞ୍ଜବିହାରୀ ଦାଶ ଏହାକୁ 'ଲୋକ ବେଦ' ଭାବରେ ଅଭିହିତ କରିଛନ୍ତି । ଏହା 'କେଉଁ ଅଜ୍ଞାତ କୋଣରେ ସୃଷ୍ଟି ଲାଭକରି

ତାର ବିଚକ୍ଷଣ ମହକରେ ଜନସମାଜର କୋଣେ ଅନୁକୋଣେ ପ୍ରଚାରିତ ହୋଇ ସାର୍ବଜନୀନ ହୋଇପାରିଥାଏ (ମହାପାତ୍ର ୧୯୬୦, ୨)'। ଏହା "ପ୍ରାଚୀନ ପୁଣି ନବୀନ, ଯୁଗେଯୁଗେ ଏହାର ରୂପରେ ଘଟାନ୍ତର ଘଟିଲେ ବି ପ୍ରାଚୀନଧାରା ଅକ୍ଷୁଣ୍ଣ ରହେ । ପ୍ରାଚୀନତମ ଯୁଗର ସନ୍ଦେଶ ଲୋକ ଗୀତ ଜରିଆରେ ଆମ ନିକଟରେ ଆସି ପହଞ୍ଚେ । ସେ ଦିଗରୁ ଦେଖିଲେ ଲୋକ ସାହିତ୍ୟ ବିଦଗ୍ଧ ସାହିତ୍ୟର ଜନକ" (ଦାଶ ୧୯୫୮, ୧୬) । ଓଡ଼ିଆ ଲୋକ ଗୀତଗୁଡ଼ିକରେ ମଧ୍ୟ ବିଶ୍ୱର ଅନ୍ୟତ୍ର ଲୋକ ଗୀତ ଭଳି ପଲ୍ଲୀପ୍ରାଣତା, ସାଂଗୀତିକତା, ସରଳ କଥିତ ଭାଷାର ସଂଯୋଜନା ଦେଖାଯାଏ । ଏହା ସହିତ, ଏଥିରେ ଲୋକ ଜୀବନର ବିଭିନ୍ନ ରୀତିନୀତି, ବିଶ୍ୱାସ, ଆଚାର-ବ୍ୟବହାର, ଦୋଷ ଦୁର୍ବଳତା ଆଦି ପ୍ରକାଶିତ ହେବା ଦେଖିବାକୁ ମିଳେ ।

ଓଡ଼ିଆ ଲୋକ ଗୀତକୁ କୁଞ୍ଜବିହାରୀ ଦାଶ ଦୁଇ ଭାଗରେ ବିଭକ୍ତ କରିଛନ୍ତି— କ) ବୋଲା ଯାଉଥିବା ଗୀତ, ଓ ଖ) ବୋଲା ଯାଉନଥିବା ଗୀତ । ଏବଂ, ବୋଲାଯାଉଥିବା ଗୀତକୁ ମୌଖିକ ଆଉ ରଚିତ ଗୀତ ଭଳି ଦୁଇ ଭାଗରେ ବିଭକ୍ତ କରି ମୌଖିକ ଗୀତଗୁଡ଼ିକୁ ୧. ସ୍ତ୍ରୀମାନେ ବୋଲୁଥିବା ଗୀତ, ୨. ପୁରୁଷମାନେ ବୋଲୁଥିବା ଗୀତ, ୩. ସ୍ତ୍ରୀ-ପୁରୁଷ ଉଭୟ ବୋଲୁଥିବା ଗୀତ, ଏବଂ ୪. ବାଳକବାଳିକାମାନେ ବୋଲୁଥିବା ଗୀତ ଭାବରେ ବିଭକ୍ତ କରିଥିଲେ । ସେହିପରି, ପଲ୍ଲୀକବିମାନଙ୍କଦ୍ୱାରା ମେଳା-ମେଳଣରେ ବିକ୍ରି କରାଯାଉଥିବା ଗୀତ ଉଦାହରଣ ସ୍ୱରୂପ— ନଟୁଚୋରୀ, ଭୁତକେଳି, ନାବକେଳି, କାଚବୋଲି, ବାଘବୋଲି, ସୀତାବନବାସ ଏସବୁ ବ୍ୟତୀତ ବନ୍ୟା ଭୂକମ୍ପ, ମରୁଡ଼ି, ଯୁଦ୍ଧ ବିପ୍ଳବ ସମ୍ପର୍କିତ ଗୀତଗୁଡ଼ିକୁ 'ରଚିତ ଲୋକ ଗୀତ' ଭାବରେ ଉଲ୍ଲେଖ କରିଛନ୍ତି (ଦାଶ ୧୯୫୮, ୪୩-୪୬) । ସେହିପରି, ଚକ୍ରଧର ମହାପାତ୍ର ଲୋକ ଗୀତକୁ ୧. ଝିଅଙ୍କ ଗୀତିକା, ୨. ବୋହୂଙ୍କ ଗୀତିକା, ୩. ହୁଳହୁଳି, ୪. କାନ୍ଦଣା, ୫. ଗାଆଣି, ୬. ମଙ୍ଗଳ ବୋଲି, ୭. କିଶୋରୀଙ୍କ ମେଳ-ଗୀତିକା, ୮. ଦୋଳି ଗୀତ, ୯. ପିଲାଙ୍କ ଖେଳ ଗୀତ, ୧୦. ପିଲାଙ୍କ ଆବୃତ୍ତି ଗୀତ, ୧୧. ବାତ୍ସଲ୍ୟ ଗୀତ, ୧୨. ଉପଦେଶ ଗୀତି, ୧୩. ଗ୍ରାମ୍ୟ ଗୀତି ୧୪. ବନ୍ଦନା ଗୀତ, ୧୫. ଢଗ-ଢମାଳି, ୧୬. ବଚନ, ୧୭. କୃଷକ ବୋଲି, ୧୮. ସମର ବୋଲି, ୧୯. ନୃତ୍ୟଗୀତିକା, ୨୦. ଯାତ୍ରା-ଉତ୍ସବ ଗୀତିକା, ୨୧. ମଜୁରା ଗୀତ, ଓ ୨୨. ଦାରିଦ୍ର୍ୟ ଗୀତିକା ଆଦି ବିଭିନ୍ନ ବିଭାଗରେ ବିଭକ୍ତ କରିଛନ୍ତି (ମିଶ୍ର ୧୯୯୭, ୧୨୦) । ପରବର୍ତ୍ତୀ ସମୟରେ, ଶ୍ୟାମସୁନ୍ଦର ମହାପାତ୍ର ଲୋକ ଗୀତଗୁଡ଼ିକୁ ୧. ଗାଥା, ୨. ଲିରିକ୍ ବା ଉଚ୍ଛ୍ୱାସ ଗୀତି, ୩. କର୍ମ ଗୀତ, ୪. ଖେଳ ଗୀତ, ୫. ପିଲାଭୁଲାଣି ଗୀତ, ୬. ନାଁ-ଦିଆ, ୭. ପ୍ରବାଦ-ପ୍ରବଚନ, ୮. ଢଗ ଓ ଛଟା, ଏବଂ ୯. ମନ୍ତ୍ର ଭାବରେ ବିଭକ୍ତ କରିଛନ୍ତି (ମହାପାତ୍ର ୧୯୯୫, ୭୪-୮୦) ।

ଓଡ଼ିଆ ଲୋକଧାରା ଆଲୋଚନାର ଅନ୍ୟତମ ପ୍ରତିଷ୍ଠିତ ଲୋକତତ୍ତ୍ୱବିଦ୍ କୃଷ୍ଣଚନ୍ଦ୍ର ପ୍ରଧାନ ଲୋକ ଗୀତିକାଗୁଡ଼ିକୁ ମୁଖ୍ୟତଃ ଛଅ ଭାଗରେ କରିଛନ୍ତି ଯେପରି— ୧. କର୍ମମୂଳକ, ୨. ନୀତିନିୟମ ଓ ଶକୁନ-ଅପଶକୁନ ସମ୍ପର୍କୀୟ, ୩. ଧର୍ମମୂଳକ, ୪. ବୁଦ୍ଧିମୂଳକ, ୫. ନାରୀଜୀବନମୂଳକ, ଏବଂ ୬. ଅନ୍ୟାନ୍ୟ । ଏହା ବ୍ୟତୀତ, ଭାବଦୃଷ୍ଟିରୁ ସେ ଏହି ଗୀତିକାଗୁଡ଼ିକୁ ୧. ପ୍ରେମମୂଳକ, ୨. ଜୀବନ ସମ୍ପର୍କୀୟ, ୩. ଆଧିଭୌତିକ, ୪. ଇତିହାସ ଓ କିମ୍ବଦନ୍ତୀମୂଳକ, ଏବଂ ୫. ସମ୍ବେଦନାତ୍ମକ ଓ ମନସ୍ତତ୍ତ୍ୱ ଆଧାରିତ ଗୀତ ଆଦି ଭାବରେ ମଧ୍ୟ ବିଭାଗୀକରଣ କରିଛନ୍ତି (ପ୍ରଧାନ ୨୦୦୪, ୧୦୪) । ପୁନର୍ବାର ଅନ୍ୟତ୍ର ସେ ଲୋକ ଗୀତକୁ ଦୁଇ ପ୍ରମୁଖ ଭାଗରେ ବିଭକ୍ତକରି ତାହାର ଉପବିଭାଗଗୁଡ଼ିକ ଉପରେ ଆଲୋଚନା କରନ୍ତି ଯେପରି— ୧. ଗାଥା କବିତା ସାମଗ୍ରିକ ଦୃଷ୍ଟିରୁ— ପରମ୍ପରାନୁଗତ ଗାଥା, ଚାରଣ ଗାଥା, ପ୍ରକାଶିତ ଗାଥା, ସାହିତ୍ୟିକ ଗାଥା; ଭାବ ଦୃଷ୍ଟିରୁ— ଧର୍ମାତ୍ମକ ଗାଥା, ଅଭିଯୋଗାତ୍ମକ ଗାଥା, ଶୋକାତ୍ମକ ଗାଥା, ଇତିହାସ ଓ କିମ୍ବଦନ୍ତୀମୂଳକ ଗାଥା, ସୁଖାତ୍ମକ ଗାଥା, ଏବଂ ୨. ଅନ୍ୟାନ୍ୟ ଲୋକ ଗୀତ ଭାବରେ— ୧. କର୍ମମୂଳକ ଗୀତ, ୨. ନୀତିନିୟମ ଓ ଶକୁନ-ଅପଶକୁନ ସମ୍ପର୍କୀୟ ଗୀତ, ୩. ଧର୍ମମୂଳକ ଗୀତ, ୪. ବୁଦ୍ଧିମୂଳକ ଗୀତ, ୫. ନାରୀଜୀବନମୂଳକ ଗୀତ, ୬. ଅନ୍ୟାନ୍ୟ ଗୀତ ଆଦି ଭାବରେ ବିଭକ୍ତ କରିଛନ୍ତି (ପ୍ରଧାନ ୨୦୦୪, ୧୦୫) । ଅନୁରୂପ ଭାବରେ, ସୁଧୀର କୁମାର ସାହୁ ପଶ୍ଚିମ ଓଡ଼ିଶାର ଲୋକ ଗୀତଗୁଡ଼ିକର ଆଲୋଚନା ପ୍ରସଙ୍ଗରେ ଏହାକୁ ୧. ସଙ୍ଗୀତମୟ କ୍ଷୁଦ୍ର ଗୀତ, ଏବଂ ୨. ଦୀର୍ଘବର୍ଣ୍ଣନାତ୍ମକ ଗୀତ ଭାବରେ ବିଭକ୍ତ କରିବା ସହିତ ସଙ୍ଗୀତମୟ କ୍ଷୁଦ୍ର ଗୀତକୁ କ) କ୍ରୀଡ଼ା ଗୀତ, ଖ) ଶ୍ରମ ଗୀତ,

ଗ) ପର୍ବ ଗୀତ, ଏବଂ ଘ) ଅନ୍ୟାନ୍ୟ ଦୁଃଖସୁଖର ଗୀତ ଭାବରେ ବିଭକ୍ତ କରିବା ସହ ଦୀର୍ଘ-ବର୍ଣ୍ଣନାତ୍ମକ ଗୀତକୁ ମଧ୍ୟ କ) ଲୋକ କାବ୍ୟ, ଖ) ଲୋକ ଗାଥା, ଗ) ମିଥ୍, ଘ) ଓଷାବ୍ରତ କଥା, ଏବଂ ଙ) ଉତ୍ସବମୂଳକ ଲୋକ ସାହିତ୍ୟ ଭାବରେ ବିଭକ୍ତ କରିଛନ୍ତି (ସାହୁ ୨୦୦୮, ୫୮)।

ଲୋକତତ୍ତ୍ୱବିଦ୍ ମହେନ୍ଦ୍ର କୁମାର ମିଶ୍ର ମଧ୍ୟ ତାଙ୍କ *କଳାହାଣ୍ଡିର ଲୋକ ସଂସ୍କୃତି* (୧୯୯୬) ଗ୍ରନ୍ଥରେ ଲୋକ ଗୀତକୁ ୧. ଆମୋଦପ୍ରମୋଦଭିତ୍ତିକ ଗୀତ, କ୍ରୀଡାଭିତ୍ତିକ ଗୀତ, ୩. କର୍ମଭିତ୍ତିକ ଗୀତ, ୪. ପାରିବାରିକ, ସାମାଜିକ-ଆଚାର ଓ ଚଳଣିଭିତ୍ତିକ ଗୀତ, ୫. ଧର୍ମାନୁଷ୍ଠାନ ଓ ଧର୍ମାଚାରଭିତ୍ତିକ ଗୀତ, ୬. ପୌରାଣିକ ଜ୍ଞାନଭିତ୍ତିକ ଗୀତ, ଏବଂ ୭. ନୃତ୍ୟଭିତ୍ତିକ ଗୀତ ଭାବରେ ବିଭାଗୀକରଣ କରନ୍ତି (ମିଶ୍ର ୧୯୯୬, ୧୨୬)। ସେହିପରି, ଲୋକତତ୍ତ୍ୱବିଦ୍ ଅଜୟ କୁମାର ମିଶ୍ର ତାଙ୍କ *ଓଡିଆ ଲୋକ ସଂସ୍କୃତି ଓ ଲୋକ ସାହିତ୍ୟ* ଗ୍ରନ୍ଥରେ ଲୋକ ଗୀତକୁ ୧, ଝିଅବୋହୂଙ୍କ ଦୁଃଖ-ସୁଖ ଗୀତ, ୨. କାନ୍ଦଣା ଗୀତ, ୩. ମଙ୍ଗଳ ଗୀତ, ୪. କୁମାରୀମାନଙ୍କ କ୍ରୀଡା-କୌତୁକ ସଂଗୀତ (ଦୋଳିଗୀତ, ଓଷା-ମନସା, ଖୁଦୁରୁକୁଣି-ବାଦ-ପ୍ରତିବାଦ, ପୁଚିଖେଳ ଗୀତ, ଓ ନାଁ-ଦିଆ), ୫. ଶିଶୁ ଗୀତିକା, ଏବଂ ୬. ଅନ୍ୟାନ୍ୟ ଗୀତିକା (ଗୋପାଳ ବୋଲି, ଶ୍ରମ ସଂଗୀତ, ମନ୍ତ୍ରତନ୍ତ୍ରାଦି ଗୀତ) ଭାବରେ ବିଭକ୍ତ କରିଛନ୍ତି (ମିଶ୍ର ୧୯୯୭, ୧୨୧-୧୩୫)। ସେହିପରି, ଚୌଧୁରୀ ଅଜୟ ପ୍ରଧାନ,ଏବଂ ଦିଲୀପ କୁମାର ସ୍ୱାଇଁ ମଧ୍ୟ ତାଙ୍କର *ଲୋକ ଜୀବନ ଓ ଲୋକ ସାହିତ୍ୟ* ଶୀର୍ଷକ ଲୋକ ସାହିତ୍ୟ ଆଲୋଚନା ପୁସ୍ତକରେ ଲୋକ ଗୀତକୁ ୧. ସାମାଜିକ ଲୋକ ଗୀତ (ମଙ୍ଗଳ ଗୀତ, ନାଁ-ଦିଆ ଗୀତ), ୨. ସମସ୍ୟାମୂଳକ ଲୋକ ଗୀତ (ଢଗଢମାଳି, ପ୍ରହେଳିକା, ଡାକବଚନ), ୩. ଧର୍ମକାର୍ଯ୍ୟମୂଳକ ଲୋକଗୀତ (ପର୍ବପର୍ବାଣି ଗୀତ, ଓଷା ମନସା, ଖୁଦୁରୁକୁଣୀ ଓଷା), ୪. ମନୋରଞ୍ଜନମୂଳକ ଲୋକ ଗୀତ (ପୁଚିଖେଳ ଓ ଶିଶୁଗୀତିକା), ୫. ମନସ୍ତାତ୍ତ୍ୱିକ ଲୋକ ଗୀତ (ଦୋଳିଗୀତ, କାନ୍ଦଣା), ୬. କର୍ମମୂଳକ ଲୋକ ଗୀତ (କୃଷକ ଗୀତ, ଶଗଡିଆ ଗୀତ, ସୁଆରୀ ଗୀତ, ମଇଁଷିଆଳ ଗୀତ, ନାଉରିଆ ଗୀତ, ଚକୁଳିଆପଣ୍ଡା ଗୀତ), ଏବଂ ୭, ଅନ୍ୟାନ୍ୟ କେତେକ ଲୋକ ଗୀତିକା (ଯୁଦ୍ଧ ଗୀତି, ଗୋପାଳ ବୋଲି, ଶ୍ରମ ସଙ୍ଗୀତ, ଶିକାର ଗୀତ) ଭାବରେ ବିଭକ୍ତ କରିଛନ୍ତି (ପ୍ରଧାନ, ଏବଂ ସ୍ୱାଇଁ ୨୦୧୦,୧୭୬)।

ଓଡିଆ ଲୋକ ଗୀତର ପରିପ୍ରକାଶ ଏବଂ ପରିବେଷଣକୁ ଲକ୍ଷ୍ୟକଲେ ଦେଖାଯାଏ ଯେ ଶଗଡିଆ ଗୀତ, କୃଷକ ବୋଲି, ସମର ବୋଲି, ଗୋପାଳ ବୋଲି, ମଇଁଷିଆଳ ଗୀତ, ନାଉରି ଗୀତ, ସବାରି ଗୀତ, ସାପୁଆ କେଳା, ମାଙ୍କଡ ନଚାଳି ଗୀତ, ଚକୁଳିଆ ପଣ୍ଡା ଗୀତ, ଗ୍ରାମ୍ୟ ବନ୍ଦନାଗୀତ ଆଦି ପରୁଷମାନଙ୍କଦ୍ୱାରା ପରିବେଷିତ ହୋଇଥାଏ। ଏହି ଗୀତଗୁଡିକରେ କୃଷି କର୍ମ, ପାଣିପାଗ, ବଳଦ-ହଳ-ନଙ୍ଗଳ ସମ୍ପର୍କିତ ଜ୍ଞାନ, ମଇଁଷି ଚରାଇବା, ନାଆ ବାହିବା, ଅତୀତର ଓଡିଆ ବୀରମାନଙ୍କ ବୀରତ୍ୱ, ଏବଂ ଯୁଦ୍ଧ-କଳା-କୌଶଳର ଆଦିର ବର୍ଣ୍ଣନା ଦେଖିବାକୁ ମିଳେ। ଏହା ବ୍ୟତୀତ, ବିଲରେ ପାଣି ଦେବାବେଳେ, ରୁଆ ସମୟରେ, ଖେତ ଜଗିବାବେଳେ, ଧାନ କାଟିବାବେଳେ, ଅମଳ ସମୟରେ ଅନେକ ପ୍ରକାରର ଗୀତ ପରିବେଷିତ ହୋଇଥାଏ। ମଧ୍ୟ ସେହିପରି, ମଙ୍ଗଳ ଗାନ, ଓଷା-ମନାସ, ଦୋଳି ଗୀତ, ବାତ୍ସଲ୍ୟ ଗୀତ ବା ପିଲାବୁଝା ଗୀତ ତଥା କାନ୍ଦଣା ଆଦି ନାରୀମାନଙ୍କଦ୍ୱାରା ସାଧାରଣତଃ ପରିବେଷଣ କରାଯିବା ଦେଖିବାକୁ ମିଳେ। ଅନୁରୂପ ଭାବରେ, କିଛି କ୍ରୀଡା ଗୀତ ବା ନାନାବାୟା ଗୀତ ଶିଶୁମାନଙ୍କଦ୍ୱାରା ପରିବେଷିତ ହୋଇଥାଏ। ମଙ୍ଗଳ ଗୀତଗୁଡିକରେ 'ଜାତକ ଦେଖା, ଅନୁକୂଳ, ବେଦି ତିଆରି, ମଣ୍ଡପ ଧଉଳା, ବଡିପକା, ହଳଦୀ କୁଟା, ବାଟଘସ, ମୁଗଜାଇ ରଗଡା, ହାଣ୍ଡି ମଙ୍ଗୁଳା, କୌତୁକ ସୂତ୍ର ବନ୍ଧନ, ଲବଣ ଚଉଁରୀ, ବାଟବରଣ, ହାତଗଣ୍ଠି ହୋମ, ବୃଢାକଳସ, ଜୁଆ ଖେଳ, ପଞ୍ଚୁଗ୍ରାସୀ, ଉଛୁଣାଧରା, ବରବିଜେ ଆଦି ବିଭିନ୍ନ ପ୍ରସଙ୍ଗରେ ପରିବେଷିତ ହେବା ସହିତ କିପରି ଭାବରେ ଏହି ଅନୁଷ୍ଠାନସବୁର ଆୟୋଜନ କରାଯିବ କି କି ପଦାର୍ଥ ପ୍ରୟୋଜନ ହେବ, ତାହାର ବିଶେଷ ବିବରଣ ବର୍ଣ୍ଣନା କରାଯାଇଛି' (ମହାପାତ୍ର ୧୯୫୯, ୨୬)। ସେହିପରି, ରଜ, ଦୋଳ ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ଖୁଦୁରୁକୁଣି, ନୂଆଖାଇ, କରମା, ଭାଇ ଜିଉଁତିଆ ଆଦି ଉତ୍ସବ ସମୟରେ ଆୟୋଜିତ କ୍ରୀଡା-କୌତୁକ ସମୟରେ ମଧ୍ୟ ଅନେକ ଗୀତ ପରିବେଷିତ ହେବା ଦେଖାଯାଏ। ଏହା ବ୍ୟତୀତ, ବିଭିନ୍ନ ଉତ୍ସବରେ, ଯାନିଯାତ୍ରାରେ ନୃତ୍ୟ ପରିବେଷଣ ସମୟରେ ମଧ୍ୟ ଅସଂଖ୍ୟ ଲୋକ ଗୀତ ଓଡିଆ ଲୋକ ଜୀବନରେ ଗାନ କରାଯାଏ।

ବିଶ୍ୱର ଅନ୍ୟାନ୍ୟ ଲୋକ ଗୀତ ଭଳି ଓଡିଶାର ପ୍ରାୟ ଲୋକ ଗୀତ ଗୋଷ୍ଠୀଗତ ପରିବେଷଣ । ଏହି ପରିବେଷଣରେ ସ୍ଥାନୀୟ ଲୋକ ଗୋଷ୍ଠୀର ସଦସ୍ୟ ହିଁ ଅଂଶଗ୍ରହଣ କରିଥାନ୍ତି । ତେବେ, ନାନାବାୟା ଗୀତଗୁଡିକ, ଏବଂ କେତେକ କ୍ରୀଡାରେ ବ୍ୟବହୃତ ରାଙ୍ଗ ଗୀତ, ତଥା ବିଭିନ୍ନ ପରିବେଶ ଆଉ ପ୍ରାସଙ୍ଗିକ କ୍ଷେତ୍ରରେ କେତେକ ଗୀତର ଏକକ ପରିବେଷଣ ମଧ୍ୟ ହୋଇଥାଏ । ମୌଖିକ ଭାବରେ ଏହି ଗୀତଗୁଡିକ ପରିବେଷିତ ହେଲାବେଳେ ତଥା ସମୟ ପରିବେଶ ପରିସ୍ଥିତି ଅନୁସାରେ ଏଥିରେ ପରିବର୍ତ୍ତନ ହେବା ସହିତ ନୂତନ ସଂଯୋଜନା ମଧ୍ୟ ଦେଖାଯାଏ ।

### ୩.୧.୨ ଗଦ୍ୟ ସାହିତ୍ୟ

ପାରମ୍ପରିକ ଗଦ୍ୟାତ୍ମକ ପରିପ୍ରକାଶ ଭାବରେ ଆମେ ମିଥ୍, କିମ୍ବଦନ୍ତୀ, ଏବଂ କାହାଣୀକୁ ଗ୍ରହଣ କରିପାରିବା । ଏହି ଉପାଦାନଗୁଡିକର ସଂଜ୍ଞା, ଅବଧାରଣା ତଥା ବିଭିନ୍ନ ଦିଗ ସମ୍ପର୍କରେ ମଧ୍ୟ ଦ୍ୱିତୀୟ ପରିଚ୍ଛେଦର ପ୍ରଥମ ଭାଗରେ ଆଲୋଚନା କରାଯାଇଛି । ଏଠାରେ ଓଡିଆ ଲୋକ ସାହିତ୍ୟ ପରିପ୍ରେକ୍ଷୀରେ ଏହି ଉପାଦାନଗୁଡିକର ସୂଚନା ସହିତ ଏହା ସମ୍ପର୍କିତ ଗବେଷଣା, ବିଭାଗୀକରଣ, ଏବଂ ଉପାଦାନର ବିଭିନ୍ନ ଦିଗ ସମ୍ପର୍କରେ ଓଡିଶାର ଲୋକତତ୍ତ୍ୱବିଦମାନେ ଯେଉଁ ଆଲୋଚନା କରିଛନ୍ତି ସେ ସମ୍ପର୍କରେ ଅବଗତ କରାଯିବାର ପ୍ରୟାସ କରାଯାଉଛି ମାତ୍ର ।

### ୩.୧.୨.୧ ମିଥ୍

ଓଡିଆ ଜନଜୀବନରେ ବହୁ ପ୍ରକାରର ମିଥ୍ ପ୍ରଚଳିତ ତଥା ପରିବେଷିତ ହେବା ଦେଖିବାକୁ ମିଳିଥାଏ । ଉଭୟ ଆଦିବାସୀ ଏବଂ ଅଣ-ଆଦିବାସୀ ଲୋକ ଗୋଷ୍ଠୀରେ ତଥା ସମତଳ ଏବଂ ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା ପ୍ରାୟ ସମସ୍ତ ଲୋକ ଗୋଷ୍ଠୀରେ ମିଥ୍‌ର ପ୍ରଚଳନ ଅଛି । ପୌରାଣିକ ଦେବଦେବୀଙ୍କୁ ନେଇ ଓଡିଶାର ସମଗ୍ର ଅଞ୍ଚଳରେ ଏପରିକି ଆଦିବାସୀ ଲୋକ ଗୋଷ୍ଠୀରେ ମଧ୍ୟ ସ୍ଥାନୀୟ ମିଥ୍ ସୃଷ୍ଟି ହୋଇଥିବା ଜଣାଯାଏ । ସେହିପରି, ପ୍ରତ୍ୟେକ ଅଞ୍ଚଳରେ ଅସଂଖ୍ୟ ସ୍ଥାନୀୟ ଦେବଦେବୀ ପୂଜିତ । ଏବଂ, ଏହି ଦେବଦେବୀ ସମ୍ପର୍କରେ ଅନେକ ମିଥ୍ ମଧ୍ୟ କଥିତ ହୋଇଥାଏ । ବିଭିନ୍ନ ବୃକ୍ଷରାଜି, ପାହାଡ ପର୍ବତ, ନଦୀ, ଜଳକୁଣ୍ଡକୁ ନେଇ ବହୁକାଳରୁ ଅନେକ ମିଥ୍ ଓଡିଶାର ଜନଜୀବନରେ କଥିତ । ସେହିପରି, ଆଦିବାସୀ ଲୋକ ଗୋଷ୍ଠୀରେ ମଧ୍ୟ ବୃକ୍ଷରାଜି, ପାହାଡ ପର୍ବତ, ନଦୀ, ଜଳ, ଜଳକୁଣ୍ଡ, ପବନ ଭଳି ପ୍ରକୃତି ସମ୍ପର୍କିତ ଏବଂ ଗ୍ରହ, ତାରା, ଆକାଶ, ରାତି, ଦିନ, ଜହ୍ନ, ବିଭିନ୍ନ ଖାଦ୍ୟଶସ୍ୟ, ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ, ପାନୀୟ, ପ୍ରଥା-ପରମ୍ପରା, ପାରିବାରିକ ତଥା ପ୍ରଜାତିକ ସୃଷ୍ଟି ଓ ସର୍ଜନକୁ ନେଇ ଅନେକ ମିଥ୍ କଥିତହେବା ଶୁଣାଯାଏ । ସେହିଭଳି, ମାଛ, ମଶା, ମାଛି, ସିଂହ, ସରୀସୃପ ଆଦି ପ୍ରାଣୀ ତଥା କୁଲା, ଇଲା(ଦାଆ), ଲଙ୍ଗଳ ଭଳି ବିଭିନ୍ନ ଦୈନନ୍ଦିନ ଉପକରଣ, ନିସାନ୍, ଢୋଲ, ମହୁରୀ, ତାସା, ବଂଶୀ, ଏକତାରା; ବିଭିନ୍ନ ବର୍ଗ, ବଂଶ, ପ୍ରଜାତିକ ପରମ୍ପରାକୁନେଇ ଅନେକ ମିଥ୍ କଥିତହେବା ଦେଖାଯାଏ ।

ଓଡିଆ ମିଥ୍ ସମ୍ପର୍କରେ ବିଶେଷ ଗବେଷଣା ହୋଇନଥିଲେ ମଧ୍ୟ ପ୍ରସନ୍ନ କୁମାର ମିଶ୍ରଙ୍କ ପୂର୍ବ ଭାରତୀୟ ହିନ୍ଦୁ ଲୋକ ମିଥ ଓଡିଶା ଏକ ଉଲ୍ଲେଖନୀୟ ଗବେଷଣା କାର୍ଯ୍ୟ । ଏହି ଗ୍ରନ୍ଥରେ ସେ ମିଥ୍‌କୁ ୧. ଶାସ୍ତ୍ରୀୟ ଦେବତା ବିଷୟକ ମିଥ୍, ୨. ଲୋକ ଦେବତା ବିଷୟକ ମିଥ୍, ୩. ଧର୍ମାନୁଷ୍ଠାନ ମିଥ୍, ୪. ଲୋକ ଚଳଣି, ପ୍ରଥା ଓ ଲୋକାଚାର ସମ୍ପର୍କୀୟ ମିଥ୍, ୫. ତୀର୍ଥ ବିଷୟକ ମିଥ୍, ୬. ଜୀବଜନ୍ତୁ ବିଷୟକ ମିଥ୍, ଏବଂ ୭. ଗଛ-ବୃକ୍ଷ ବିଷୟକ ମିଥ୍ ଆଦି ସାତ ଭାଗରେ ବିଭକ୍ତ କରିଛନ୍ତି । ଏହାସହିତ ସେ ଲୋକ ଦେବତା ବିଷୟକ ମିଥ୍‌କୁ ଗ୍ରାମଦେବୀ ସମ୍ପର୍କିତ ମିଥ୍ ଏବଂ ଉଆସ ବା ଗଡଦେବୀ ସମ୍ପର୍କିତ ମିଥ୍ ଭାବରେ ଦୁଇଭାଗରେ ବିଭକ୍ତ କରିଛନ୍ତି । ସେହିପରି, ଧର୍ମାନୁଷ୍ଠାନ ମିଥ୍‌କୁ ଶାସ୍ତ୍ରୀୟ ଧର୍ମାନୁଷ୍ଠାନ ମିଥ୍ ଏବଂ ଲୋକ-ଧର୍ମାନୁଷ୍ଠାନ ମିଥ୍ ଭାବରେ ବିଭକ୍ତ କରି ଏହି ଲୋକ-ଧର୍ମାନୁଷ୍ଠାନ ମିଥ୍‌କୁ ପୁଣି କ) କୁମାରୀ ଅନୁଷ୍ଠାନକେନ୍ଦ୍ରିକ ଲୋକ ମିଥ୍, ଖ) ଗୃହିଣୀ ଓ ବିଧବା ଅନୁଷ୍ଠାନ କେନ୍ଦ୍ରିକ ଲୋକ-ମିଥ୍, ଗ) ପାରିବାରିକ ଅନୁଷ୍ଠାନକେନ୍ଦ୍ରିକ ଲୋକ-ମିଥ୍ ଏବଂ ଘ) ଜାତୀୟ ଅନୁଷ୍ଠାନ କେନ୍ଦ୍ରିକ ଲୋକ-ମିଥ୍ ଭାବରେ ବିଭକ୍ତ କରିଛନ୍ତି । ଅନୁରୂପ ଭାବରେ, ଗଛ-ବୃକ୍ଷ ବିଷୟକ ମିଥ୍‌କୁ ୧) ପବିତ୍ର ଗଛବୃକ୍ଷ

ବିଷୟକ, ୨) କ୍ଷେତ-ଜାତ ଗଛବୃକ୍ଷ ବିଷୟକ, ଏବଂ ୩) ଲତା-ଫୁଲ-ତୃଣ ଓ ଜଳଜ ଉଦ୍ଭିଦ ବିଷୟକ ମିଥ୍ ଭାବରେ ବିଭକ୍ତ କରିଛନ୍ତି (ମିଶ୍ର ୧୯୮୧, ୬୦-୭୫)।

ପ୍ରସନ୍ନ କୁମାର ମିଶ୍ରଙ୍କ ପୂର୍ବରୁ ଭେରିଅର ଏଲୱିନ୍ (Verrier Elwin) ଓଡିଶାର ମିଥ୍‌କୁ ୧. ସ୍ୱର୍ଗ ଓ ପୃଥିବୀ ମିଥ୍ (Heaven and Earth Myth), ୨. ଉଦ୍ଭିଦଜଗତ ମିଥ୍ (Vegitable world Myth), ୩. ପ୍ରାଣୀଜଗତ ମିଥ୍ (The Animal world Myth), ୪. ମାନବ ସମ୍ପର୍କିତ ମିଥ୍ (Man), ଏବଂ ୫. ମାନବର ସାମାଜିକ ଅନୁଷ୍ଠାନ ସମ୍ପର୍କିତ ମିଥ୍ (Social Instituation of Man), ଏବଂ ୬. ମଣିଷର ପାରିବାରିକ ଜୀବନ ସମ୍ପର୍କିତ ମିଥ୍ (The Domestic life of Man), ଭାବରେ ବିଭକ୍ତ କରିଛନ୍ତି (ମିଶ୍ର ୧୯୮୧, ୫୯)।

ଏଲୱିନ୍ ତାଙ୍କର ମିଥ୍ ସମ୍ପର୍କିତ ଏହି ବିଭାଗୀକରଣରେ ପୃଥିବୀ ଓ ବିଶ୍ୱର ସୃଷ୍ଟି, ଆକାଶ, ସୂର୍ଯ୍ୟଚନ୍ଦ୍ର, ନକ୍ଷତ୍ର, ବଜ୍ର ଓ ବିଦ୍ୟୁତ, ଜଳ, ଓ ଭୂମିକମ୍ପ ଆଦିକୁ ସ୍ୱର୍ଗ ଓ ପୃଥିବୀ ମିଥ୍ ସମ୍ପର୍କିତ ମିଥ୍ ଭାବରେ ଗ୍ରହଣ କରିଛନ୍ତି । ସେହିପରି, ପୁଷ୍ପ, ତୃଣ, ଗଛ, ଖାଦ୍ୟ, ଧୂଆଁପତ୍ର, ମଦ୍ୟ ଆଦିର ସୃଷ୍ଟି ସମ୍ପର୍କିତ ଆଖ୍ୟାନକୁ ଉଦ୍ଭିଦଜଗତ ମିଥ୍ ଭାବରେ ଗ୍ରହଣ କରିବା ସହିତ; ଜିଆଠାରୁ ଆରମ୍ଭକରି ବିଭିନ୍ନ ପଶୁପକ୍ଷୀଙ୍କ ସୃଷ୍ଟି ଆଖ୍ୟାନ ପ୍ରାଣୀଜଗତ ମିଥ୍ ଭାବରେ ସ୍ଥାନିତ । ମାନବ ସମ୍ପର୍କିତ ମିଥ୍‌ରେ ମଣିଷ ସୃଷ୍ଟିଠାରୁ ଆତ୍ମା, ସ୍ୱପ୍ନ ଏବଂ ମୃତ୍ୟୁର ଆଗମନ ଆଦି ମିଥ୍ ଅନ୍ତର୍ଭୁକ୍ତ, ଅନୁରୂପ ଭାବରେ, ଜାତି ଓ ବର୍ଣ୍ଣର ସୃଷ୍ଟି, ବୈବାହିକ ଅନୁଷ୍ଠାନ, ଧର୍ମର ଉତ୍ପତ୍ତି, କାଉଁରି ବିଦ୍ୟା, ଓ ଗୁଣିଗାରେଡି, ସରକାର ଓ ଅର୍ଥନୈତିକ ବ୍ୟବସ୍ଥା ସମ୍ପର୍କିତ ମିଥ୍; ଏବଂ ଅଗ୍ନିର ଆବିଷ୍କାର, ଗୀତ, ନୃତ୍ୟ, ଜୀବନଜୀବିକା ସମ୍ବନ୍ଧୀୟ ମିଥ୍‌କୁ ଯଥାକ୍ରମେ ସାମାଜିକ ଅନୁଷ୍ଠାନ ସମ୍ପର୍କିତ ମିଥ୍ ଏବଂ ପାରିବାରିକ ଜୀବନ ସମ୍ପର୍କିତ ମିଥ୍ ଭାବରେ ଉଲ୍ଲେଖ କରିଛନ୍ତି (ମିଶ୍ର ୧୯୮୧, ୫୯)।

ଆଦିକନ୍ଦ ମହାନ୍ତ ମିଥ୍‌କୁ ୧. ସୃଷ୍ଟି ସମ୍ପର୍କିତ ମିଥ୍, ୨. ସାମାଜିକ ଜୀବନ ବ୍ୟବସ୍ଥା ମିଥ୍, ଏବଂ ୩. ସାଂସ୍କୃତିକ ଚଳଣି ସମ୍ପର୍କିତ ମିଥ୍ ଭାବରେ ବିଭାଗୀକରଣ କରିବା ସହିତ ସୃଷ୍ଟି ସମ୍ପର୍କିତ ମିଥ୍‌କୁ କ) ମଣିଷ ସୃଷ୍ଟି ମିଥ୍, ଖ) ଜୀବ ସୃଷ୍ଟି ମିଥ୍, ଗ) ଉଦ୍ଭିଦ ସୃଷ୍ଟି ମିଥ୍, ଘ) ଗ୍ରହତାରାଦି ସୃଷ୍ଟି ମିଥ୍, ଙ) ଦେବଦେବୀ ସୃଷ୍ଟି ବିଷୟକ ମିଥ୍, ଚ) ଅପଦେବତା ସୃଷ୍ଟି ମିଥ୍, ଛ) ଭୂତ ସୃଷ୍ଟି ମିଥ୍, ଜ) ବାଦ୍ୟ ସୃଷ୍ଟି ମିଥ୍, ଝ) ଖାଦ୍ୟ ଓ ପାନୀୟ ସୃଷ୍ଟି ମିଥ୍, ଏବଂ ଞ) ପୃଥିବୀ ସୃଷ୍ଟି ସମ୍ପର୍କିତ ମିଥ୍ ଭାବରେ ବିଭକ୍ତ କରିବା ସହିତ ସାମାଜିକ ଜୀବନ ବ୍ୟବସ୍ଥା ମିଥ୍‌କୁ କ) ପୂଜାପାର୍ବଣ ବିଷୟକ ମିଥ୍, ଖ) ଜୀବନଚର୍ଯ୍ୟା ବିଷୟକ ମିଥ୍, ଏବଂ ଗ) ବିଧିବ୍ୟବସ୍ଥା ବିଷୟକ ମିଥ୍, ଏବଂ ସାଂସ୍କୃତିକ ଚଳଣି ସମ୍ପର୍କିତ ମିଥ୍‌କୁ କ) ଦୈବକୃପା ସମ୍ପର୍କିତ ସାଂସ୍କୃତିକ ମିଥ୍, ଖ) ସଜ୍ଜନ ଜୀବନ ଚରିତ ସମ୍ପର୍କିତ ସାଂସ୍କୃତିକ ମିଥ୍, ଏବଂ ଗ) ଜୀବନ-ଜୀବିକା ସମ୍ପର୍କିତ ଜାତିଗତ ସାଂସ୍କୃତିକ ମିଥ୍ ଭାବରେ ବିଭାଗୀକରଣ କରିଛନ୍ତି (ମହାନ୍ତ ୨୦୦୩, ୯-୧୩)।

ଦୋଳଗୋବିନ୍ଦ ବିଶି *କଳାହାଣ୍ଡିର ଲୋକ କଥା* ଗ୍ରନ୍ଥରେ ମିଥ୍‌କୁ କଥିତ ପରମ୍ପରାର ମଥାନ୍ କଥା ଭାବରେ ଗ୍ରହଣକରି ୧. ସୃଷ୍ଟି ପ୍ରକ୍ରିୟା ମିଥ୍, ୨. ମହାପ୍ଲାବନ ମିଥ୍ ୩. ଦେବଦେବୀ ଜନ୍ମ ମିଥ୍, ୪. ମଣିଷ ସୃଷ୍ଟି ମିଥ୍, ୫. ଦେବାସୁର ଦ୍ୱନ୍ଦ୍ୱ ମିଥ୍, ୬. ଚନ୍ଦ୍ର, ସୂର୍ଯ୍ୟ ଗ୍ରହତାରାଦି ସୃଷ୍ଟି, ୭. ଦିବାରାତିର ସୃଷ୍ଟି, ୮. ବିଭିନ୍ନ ଜୀବ-ପ୍ରାଣୀଙ୍କ ବୈଶିଷ୍ଟ୍ୟ, ୯. ସ୍ୱର୍ଗ-ନର୍କ-ପାପ-ପୁଣ୍ୟ ପ୍ରସଙ୍ଗ, ୧୦. ଆତ୍ମା ୧୧. ଜନ୍ମ ମୃତ୍ୟୁ, ୧୨ ଆଚାର, ସଂସ୍କାର, ରୀତିନୀତି ୧୩. ଅଗ୍ନି, ୧୪. ବିଭିନ୍ନ ଶିଳ୍ପବସ୍ତୁର ଉତ୍ପତ୍ତି, ୧୫. ବିଭିନ୍ନ ପ୍ରକାରର ମାଟି, ବିହନ, ଓ ଜୀବଜନ୍ତୁଙ୍କ ସୃଷ୍ଟି, ୧୬. ରଙ୍ଗ ସୃଷ୍ଟି, ୧୭. ସ୍ତ୍ରୀଲିଙ୍ଗ-ପୁଲିଙ୍ଗର ସୃଷ୍ଟି, ୧୮. ବୃକ୍ଷଲତାଦିର ବୈଶିଷ୍ଟ୍ୟ, ୧୯. ଚରିତ୍ର, ଗୁଣ ଆଦିର ସୃଷ୍ଟି, ୨୦. ଲୋକ ବାଦ୍ୟ ଓ ଗୀତ ନୃତ୍ୟର ସୃଷ୍ଟି, ୨୧. ପର୍ବତ ଏବଂ ନଦୀର ସୃଷ୍ଟି, ୨୨. ଜାତି ଓ ପ୍ରଜାତି ସମୂହର ସୃଷ୍ଟି, ଏବଂ ୨୩. ବୃତ୍ତି କର୍ମ ଓ ପଦପଦବୀର ସୃଷ୍ଟି ମିଥ୍ ଭାବରେ ବିଭକ୍ତ କରିଛନ୍ତି (ବିଶି ୧୯୯୬, ୮୮)।

ଓଡିଆ ଜନଜୀବନକୁ ମିଥ୍ ବହୁ ଭାବରେ ପ୍ରଭାବିତ କରିଛି । ବହୁ ଶାସ୍ତ୍ରୀୟ ଦେବତାଙ୍କୁ ଓଡିଶାର ସାଧାରଣ ଜନତା ପୂଜାଅର୍ଚ୍ଚନା କରିବା ସହିତ ରୋଗ-ଶୋକ ଓ ବିପଦରୁ ମୁକ୍ତି ପାଇବା ନିମନ୍ତେ ବିଶ୍ୱାସ କରିବା ପଛରେ ଅନେକ

ମିଥ୍‌ର ପ୍ରଭାବ ଦେଖିବାକୁ ମିଳେ । ଇନ୍ଦ୍ର, ଅଗ୍ନି, ବରୁଣ, ସୂର୍ଯ୍ୟ, ବିଷ୍ଣୁ, ଶିବ, ଲକ୍ଷ୍ମୀ, ଦୁର୍ଗା, କାଳୀ ସମ୍ପର୍କିତ ମିଥ୍ ବ୍ୟତୀତ ଅନେକ ପାରମ୍ପରିକ ଦେବଦେବୀ ସମ୍ପର୍କିତ ମିଥ୍ ଓଡିଆ ଲୋକଧାରାରେ ପରିଦୃଷ୍ଟ । ଗ୍ରାମ୍ୟ ଦେବଦେବୀ ମିଥ୍ ଭାବରେ ଜାଗୁଲେଇ, ବାସୁଲେଇ, ପାତାଳୀଶ୍ୱରୀ, ଶୀତଳା, ଚୁଡାଖାଇ, ଦହିଖାଇ, ବୁଢାରଜା, କନା ଭଏଁରା, ଡାଲଖାଇ, ପେଣ୍ଡ୍ରାଗଡିଏନି ଆଦି ଦେବଦେବୀଙ୍କ କ୍ରିୟାକଳାପକୁ କେନ୍ଦ୍ରକରି ନାନା ମିଥ୍‌କୁ ଏହାର ଉଦାହରଣ ସ୍ୱରୂପ ନିଆଯାଇପାରେ । ଉଆସ ବା ଗଡ ଦେବୀ ସମ୍ବଲପୁରର ସମଲେଶ୍ୱରୀ, ପାଟଣାଗଡର ପାଟଣେଶ୍ୱରୀ, ଭବାନୀପାଟଣାର ମାଣିକେଶ୍ୱରୀ, ଜୁନାଗଡର ଲଙ୍କେଶ୍ୱରୀ, ଘୁମୁସରର ବାଘଦେବୀ, ଖଲ୍ଲିକୋଟର ଦହିଖାଇ ଚାମୁଣ୍ଡା, ବାରିପଦାର ଅମ୍ବିକାଇ, ବହଳଦାର କିଚକେଶ୍ୱରୀ ଆଦି ଦେବୀମାନେ ସମ୍ପୃକ୍ତ ଗଡଜାତ ଅଞ୍ଚଳର ଗଡ ରକ୍ଷାକାରୀଣୀ ଦେବୀ ଭାବରେ ପ୍ରଖ୍ୟାତ । ଏମାନଙ୍କ କ୍ରିୟାକଳାପକୁ କେନ୍ଦ୍ରକରି ବିଭିନ୍ନ ମିଥ୍ ଶୁଣିବାକୁ ମିଳିଥାଏ । ଏହା ବ୍ୟତୀତ, ବିଭିନ୍ନ ଓଷାବ୍ରତରେ ତଥା ପର୍ବପର୍ବଣୀରେ ପୂଜିତ ଦେବଦେବୀଙ୍କ ସମ୍ପର୍କରେ ମଧ୍ୟ ଅନେକ ମିଥ୍ ଶୁଣିବାକୁ ମିଳିଥଆଏ । ଭାଲୁକୁଣୀ ଓଷା, ହରଗୌରୀ ଓଷା, କୁଆଁର ପୂନେଇଁ, ବାଟ ଓଷା, ଏବଂ ବୁଧେଇ ଓଷା ଆଦି ସମ୍ପର୍କରେ ଅନେକ ମିଥ୍ ପ୍ରଚଳିତ ଆଉ ଓଡିଶାର ବିଭିନ୍ନ ଲୋକ ଗୋଷ୍ଠୀର ସଦସ୍ୟମାନଙ୍କ ପାଖରେ ସୁପରିଚିତ । ବାଶୁଲେଇ ପୂଜା, ଚଡକ ପୂଜା, ଦଣ୍ଡ, ପାଟୁଆ ଯାତ୍ରା, କରମା, ଶୁଲିଆ ଯାତ୍ରା ପାଳନ ପରିବେଷଣ ପଛରେ ମଧ୍ୟ ସ୍ଥାନୀୟ ଲୋକ ଗୋଷ୍ଠୀମାନଙ୍କରେ ବିଭିନ୍ନ ମିଥ୍ ପ୍ରଚଳିତ । ବିଭିନ୍ନ ତୀର୍ଥକ୍ଷେତ୍ର, ନଦୀ, ବେଳାଭୂମି, ପବିତ୍ର କୁଣ୍ଡ, ଗିରିଖୋଲ, ବୃକ୍ଷ ଆଦିକୁ କେନ୍ଦ୍ରକରି ମଧ୍ୟ ଅନେକ ମିଥ୍ ଶୁଣିବାକୁ ମିଳେ । ବାରୁଣୀ ମେଳା, ନୃସିଂହନାଥର ଚନ୍ଦନ ଯାତ୍ରା; କପିଳାସ, ଗନ୍ଧମାର୍ଦ୍ଦନ, ନିୟମଗିରି, ବରୁଣେଇ ଆଦି ପର୍ବତ ପାହାଡ; ଦଶାଶ୍ୱମେଧ ଘାଟ, ବେଦବ୍ୟାସ ସରୋବର, ତପ୍ତପାଣି, ସୋମତୀର୍ଥର ପାପନାଶିନୀ ଘାଟ, ମରିଚ କୁଣ୍ଡ, ଗୁପ୍ତେଶ୍ୱରର ପାଦୁକ ପାଣି, ମହୋଦଧି, ଚନ୍ଦ୍ରଭାଗା ବେଳାଭୂମି; ତୁଳସୀ ଚଉରା, କଳ୍ପବଟ ଏବଂ ସ୍ଥାନୀୟତା ଭିତ୍ତିରେ ଅନେକ ମିଥ୍ ବିଭିନ୍ନ ଲୋକ ଗୋଷ୍ଠୀରେ ପ୍ରଚଳିତ । ବିଭିନ୍ନ ଅଞ୍ଚଳରେ ବର-ଓସ୍ତ ବାହାଘର, ମୂଳା ଷଷ୍ଠୀ, ତାଳ ନବମୀ ଆଦି ମଧ୍ୟ ଏହି ମିଥ୍ ଆଦିକୁ ଆଧାରକରି ପାଳନ କରାଯାଇଥାଏ । ଏହି ମିଥ୍‌ଗୁଡିକରେ ସମ୍ପୃକ୍ତ ଦେବଦେବୀ, ବସ୍ତୁ, ସ୍ଥାନ ଆଦିର ମହିମା ପ୍ରଖ୍ୟାପନ ହେବା ସହିତ ତାହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଇଥାଏ । ଧାର୍ମିକ ତଥା ରୀତିନୀତି ଆଧାରିତ ମିଥ୍‌ଗୁଡିକରେ ସୃଷ୍ଟି ଆଖ୍ୟାନ, ମହିମା ପ୍ରଖ୍ୟାପନ ସହିତ ସେସବୁର ପୂଜା ଆରାଧନାରେ କି ଫଳ ମିଳେ ସେ ସମ୍ପର୍କରେ ବକ୍ତବ୍ୟ ଦେଖିବାକୁ ପାଇଥାଉ, ଏହା ସହିତ ଏହି ମିଥ୍‌ଗୁଡିକରେ ସମ୍ପୃକ୍ତ ପରମ୍ପରାର ପାଳନ ଏବଂ ପରିବେଷଣ ସମ୍ପର୍କରେ ମଧ୍ୟ ବିଧିବଦ୍ଧ ବ୍ୟାଖ୍ୟା କରାଯାଇଥାଏ ।

ଓଡିଶାର ସମସ୍ତ ଆଦିବାସୀ ଗୋଷ୍ଠୀରେ ପ୍ରକୃତି ବୃକ୍ଷ ପାହାଡ ପର୍ବତ ବିଭିନ୍ନ 'କନ୍ଦମୂଳ ଖାଦ୍ୟଶସ୍ୟକୁ ନେଇ ମଧ୍ୟ ଅନେକ ସୃଷ୍ଟି ମିଥ୍ ଦେଖିବାକୁମିଳେ । ସେହିପରି, କାଳୀସୁନ୍ଦରୀ ମିରଚୁକ୍, ଗୋପାଗୋସେନ୍, ମାଏଲି, ଦୁଆରଶନୀ, ବାଟ ଘରେନ୍, ବସ୍ତରେନ୍, ଲୁହାଗଡିଏନ୍, ଗଙ୍ଗାଦେଇ, ମହାଦେଓ, ସୁନାଦେଇ-ରୂପାଦେଇ, ଡୋକରୀ, ବନଜାରେନ୍, ଡୁମେର ରାନୀ, କାଳିଆ କୁଣ୍ଡଲ, ଭୁଆସେନ୍, ରାଏମତୀ, ମଟିଆ, ବୋଘୁଆ, ବିଛଲଡାଣ, କିରିକାଛେନ୍, ଗବଡାଶନି, ମୈଫଦେବତା, ଭଣାରଘରେନ୍, ଖଣ୍ଡୁଆଲ, ଏବଂ ଛୋଟିବୁଢୀ ଆଦି ବିଭିନ୍ନ ପାରିବାରିକ ତଥା ପ୍ରଜାତିକ ଦେବଦେବୀ ସମ୍ପର୍କିତ ମିଥ୍ ମଧ୍ୟ ଓଡିଶାର ବିଭିନ୍ନ ଲୋକ ଗୋଷ୍ଠୀରେ ଶୁଣିବାକୁ ମିଳେ । ଏହି ପ୍ରଜାତିକ ମିଥ୍‌ଗୁଡିକ ପ୍ରଳୟ ଜଳରେ ଭୂମି ସ୍ଥାପନା, ଜଡରୁ ଜୀବନର ସୃଷ୍ଟି ପ୍ରକ୍ରିୟା; ଜାତି, ବଂଶ, ବର୍ଗ, ଏବଂ ପାରମ୍ପରିକ କର୍ମର ବିଭାଜନ; ପ୍ରକୃତି ଆକାଶ ବିଶ୍ୱ ବ୍ରହ୍ମାଣ୍ଡର ବ୍ୟାଖ୍ୟା, ବିଭିନ୍ନ ଖାଦ୍ୟ, ପାନୀୟର ସୃଷ୍ଟି ସମ୍ପର୍କିତ ଆଖ୍ୟାନ ମୁଖ୍ୟ ବିଷୟ ଭାବରେ ପ୍ରକାଶିତ ହୋଇଥା ଏ ।

### ୩.୧.୨.୨ କିମ୍ବଦନ୍ତୀ

ବିଭିନ୍ନ ଘଟଣାବଳୀ ମୌଖିକ ପରମ୍ପରାରେ ପ୍ରକାଶିତ ହୋଇଥାଏ । ବେଳେବେଳେ ଏହା କୌଣସି ଏକ ଦେବଦେବୀ, ସ୍ଥାନ, ବା ପରମ୍ପରା ସହିତ, ସମ୍ପୃକ୍ତ ଅଞ୍ଚଳର ବୀର, ଜନନାୟକଙ୍କ ଜୀବନଯାତ୍ରା ତଥା ବିଶେଷ ଉପଲବ୍ଧି ପ୍ରସଙ୍ଗରେ ଅନେକ କାହାଣୀ ଲୋକ ଗୋଷ୍ଠୀରେ ସର୍ଜନ ହୋଇଥାଏ ଯାହା ପଛରେ ବେଳେବେଳେ ଆଂଶିକ ସତ୍ୟତା ଥିବାବେଳେ, ବେଳେବେଳେ ଥାଏ ସମ୍ପୂର୍ଣ୍ଣ କାଳ୍ପନିକ ସର୍ଜନଶୀଳତା । ଏହି କାହାଣୀଗୁଡିକ କିମ୍ବଦନ୍ତୀ ଭାବରେ ପରିଚିତ । ଅତଏବ, ଏଥିରେ ସମ୍ପୃକ୍ତ ଜାତି

ବା ଗୋଷ୍ଠୀ, ତଥା ଅଞ୍ଚଳର ଇତିହାସ, ବୀର ବା ନାୟକଙ୍କ ଗୌରବମୟ କାହାଣୀ, ସାଧୁସନ୍ଥଙ୍କ ଜୀବନ ଚରିତ, ସେମାନଙ୍କ ଅଦ୍ଭୁତ ଘଟଣାବଳୀ, ମନ୍ଦିର, ପଥର, ଦୁର୍ଗ, ନିର୍ଦ୍ଦିଷ୍ଟ ଭୌଗୋଳିକ କ୍ଷେତ୍ରର ଅନ୍ୟ ଅନେକ ଉପାଦାନ ଉପରେ ମହିମାମୟ ଆଖ୍ୟାନ ସ୍ଥାନ ପାଇଥାଏ ।

କିମ୍ବଦନ୍ତୀ 'ପ୍ରାମାଣିକ ସତ୍ୟ କିମ୍ବା ନିପଟ ମିଥ୍ୟା' ନୁହେଁ । ଏହାର 'କପୋଳ-କଳ୍ପିତ ଓ ଦିନୁଁଦିନ ବୃଦ୍ଧିପ୍ରାପ୍ତ ଆଖ୍ୟାନର ପଲ୍ଲବନ ମଧ୍ୟରେ ସତ୍ୟ ଲୁକ୍କାୟିତ ଥାଏ' (ଦାଶ ୧୯୫୮, ୪୩୯) । ଏହା ସତ୍ୟ ନହେଲେ ବି ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟମାନେ ବେଳେବେଳେ ଇତିହାସ ଭାବରେ ଗ୍ରହଣ କରିଥାନ୍ତି । କିମ୍ବଦନ୍ତୀରେ ବର୍ଣ୍ଣିତ ବିଷୟଟି ସୁଦୂର ଅଥବା ନିକଟ ଅତୀତରେ ଘଟିଥିବା ବିଶ୍ୱାସ କରାଯାଏ । ସେହିପରି, "କିମ୍ବଦନ୍ତୀର ପାତ୍ରପାତ୍ରୀଗଣଙ୍କ ମଧ୍ୟରୁ ଅନେକ ବାସ୍ତବ-ଇତିହାସର ନରନାରୀ । ସମାଜରେ ସେମାନେ ଦୂର ଅଥବା ନିକଟ ଅତୀତରେ ବଞ୍ଚିଥିଲେ ବୋଲି ସ୍ୱୀକାର କରାଯାଏ । ସେହି ପାତ୍ରପାତ୍ରୀଙ୍କ ସ୍ମୃତି-ବିଜଡିତ ନଦୀ-ଘାଟ-ମନ୍ଦିର-ପର୍ବତ ଇତ୍ୟାଦି ସେମାନଙ୍କ ଐତିହାସିକତାର ସ୍ମାରକୀ, ଏବଂ ତାହାରି ମାଧ୍ୟମରେ ସେମାନେ କାଳକାଳ ବଞ୍ଚନ୍ତି । ଅତଏବ, କୁହାଯାଇପାରେ ଯେ— ବାସ୍ତବ ଇତିହାସର ଭିତ୍ତି ଉପରେ କିମ୍ବଦନ୍ତୀର ସୌଧ ନିର୍ମିତ । ଅଲୌକିକ କଳ୍ପନା, ବିଶ୍ୱାସ ଓ ବିଭିନ୍ନ କଥକଙ୍କ ଖଣ୍ଡନ-ମଣ୍ଡନ ଏହି କିମ୍ବଦନ୍ତୀକୁ ଏପରି ଏକ କଥାର ରୂପ ଦିଏ, ଯହିଁରେ କାଳକ୍ରମେ ବାସ୍ତବ ଐତିହାସିକ ସତ୍ୟଟି ନାନା ଆବରଣ ମଧ୍ୟରେ ଲୁଚିରହେ" (ମିଶ୍ର ୧୯୮୧, ୧୬) ।

ଓଡିଆ ଲୋକଧାରାର ଆଲୋଚନା ପରିପ୍ରେକ୍ଷୀରେ କିମ୍ବଦନ୍ତୀକୁ ନେଇ ଅନେକ ଗବେଷଣା ହେବା ଦେଖାଯାଏ । ଓଡିଶାର ବିଭିନ୍ନ ଅଞ୍ଚଳରେ ମିଳୁଥିବା କିମ୍ବଦନ୍ତୀର ସଂଗ୍ରହ ଏବଂ ବିଭାଗୀକରଣ ସହିତ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବାକୁ ଅନେକ ଲୋକତତ୍ତ୍ୱବିଦ୍ ପ୍ରୟାସ କରିଛନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟର ପ୍ରଖ୍ୟାତ ଗବେଷକ କୁଞ୍ଜବିହାରୀ ଦାଶ ଅନେକ କିମ୍ବଦନ୍ତୀ ସଂଗ୍ରହ କରିବା ସହିତ ସେ ସମ୍ପର୍କରେ ଆଲୋଚନା କରିଛନ୍ତି । ଓଡିଶାରେ ଦେବତା ସ୍ୱପ୍ନେଇବା ପରେ ତାଙ୍କ ପ୍ରତିଷ୍ଠା ହେବା, ଗାଈ ଯାଇ କୌଣସି ଗୁପ୍ତ ମହାଦେବଙ୍କ ଉପରେ ଦୁଧ ଢାଳି ଦେଇ ଆସୁଥିବା, ମୁଣ୍ଡ ବଳିଦେବା ପରେ ପୋଖରୀରେ ପାଣି ପଡିବା ଇତ୍ୟାଦି ମଠ ମନ୍ଦିର, ଦେବଦେବୀ, ଦୁର୍ଗ ଓ ରାଜବାଟି, ନଦୀ, ପର୍ବତ, ପୁଷ୍କରିଣୀ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ବିଷୟରେ ବହୁ କିମ୍ବଦନ୍ତୀ ପ୍ରଚଳିତ ରହିଅଛି (ଦାଶ ୧୯୭୭, ୭୨୭) । ସେ କିମ୍ବଦନ୍ତୀ ସବୁକୁ ୧. ପୌରାଣିକ, ୨. ଐତିହାସିକ, ୩. ଦେବଦେବୀ ବିଷୟକ, ବ୍ୟକ୍ତି ବିଷୟକ ଭଳି ଚାରିଭାଗରେ ବିଭକ୍ତ କରିବା ସହିତ (ଦାଶ ୧୯୫୮, ୪୪୦) ଅନ୍ୟତ୍ର, କ) ମନ୍ଦିର ନିର୍ମାଣ ବିଷୟକ, ଖ) ଦେବଦେବୀ ବିଷୟକ, ଗ) ନଦୀପର୍ବତ ପୁଷ୍କରିଣୀ ବିଷୟକ, ଘ) ବ୍ୟକ୍ତି ବିଷୟକ, ଏବଂ ଙ) ପଶୁପକ୍ଷୀ ସରୀସୃପ ବିଷୟକ କିମ୍ବଦନ୍ତୀ ଭାବରେ ମଧ୍ୟ ବିଭକ୍ତ କରିଛନ୍ତି (ଦାଶ ୧୯୭୭, ୭୨୮) ।

ମିଥ୍ ଏବଂ କିମ୍ବଦନ୍ତୀ ସମ୍ପର୍କରେ ସ୍ୱତନ୍ତ୍ର ଭାବରେ ଗବେଷଣା କରିଥିବା ପ୍ରସନ୍ନ କୁମାର ମିଶ୍ର କିମ୍ବଦନ୍ତୀକୁ ଏକ ଏକ କାହାଣୀ ଭାବରେ ଅଭିହିତକରି ଏହାକୁ ୧. ଠାକୁରଠାକୁରାଣୀଙ୍କ କଥା, ୨. ଯୁଦ୍ଧର କାହାଣୀ, ୩. ରାଜା ଓ ସିଂହାସନ ପ୍ରାପ୍ତିର କାହାଣୀ, ୪. କବି, ଋଷି ଓ ସାଧକାଦିଙ୍କ କାହଣୀ, ୫. ସ୍ଥାନର ମହାତ୍ମ୍ୟ, ୬. ନଦୀନିର୍ଝର ସରୋବରଙ୍କ କାହାଣୀ, ୭. ପାହାଡ ଓ ଗୁମ୍ଫାର କାହାଣୀ, ୮. ଗଛଲତା, ଫୁଲଫଳଙ୍କ କାହାଣୀ, ଏବଂ ୯. ଦେଉଳତୋଳା କାହାଣୀ ଭାବରେ ବିଭକ୍ତ କରିଛନ୍ତି (ମିଶ୍ର ୨୦୧୨, ଛ-ଞ) ।

ଓଡିଶାର ଲୋକ ଜୀବନରେ ଶିବେଇ ସାନ୍ତରାଙ୍କ ଦେଉଳ ତୋଳା, ବୁଢା ବଢେଇ, ଇନ୍ଦ୍ରଦ୍ୟୁମ୍ନ ଓ ଗାଲମାଧବ, ଆଦି ମନ୍ଦିର ପ୍ରତିଷ୍ଠା ସମ୍ପର୍କିତ କିମ୍ବଦନ୍ତୀ; ଧବଳେଶ୍ୱର (ଗୋପାଳପୁର), ନୀଳମାଧବ, ସାକ୍ଷୀ ଗୋପାଳ, ଖୀରଚୋରା ଗୋପୀନାଥ (ରେମୁଣା), ଲଡୁବାବା (ଶରଣକୁଳ, ପୁରୀ), ଶୁକରମଲ୍ଲ ଠାକୁରାଣୀ, ଏବଂ ରାମଚଣ୍ଡୀଙ୍କ ସ୍ତ୍ରୀବେଶରେ ପାଣି ଆଣିବା (ଚନ୍ଦ୍ରଭାଗା), ଦଧିବାମନ, ଆଖଣ୍ଡଳମଣି, କାଣ୍ଟେଶ୍ୱର ମହାଦେବ, ଡାଲଖାଇ, ପାଟଣେଶ୍ୱରୀ, ନୃସିଂହନାଥ, ବାଙ୍କମୁଣ୍ଡୀ ଠାକୁରାଣୀ, କପିଳେଶ୍ୱର ମହାଦେବ, ଖୁଟୁଳା ଦେବତା, ଭଣ୍ଡାରିକା, ଶ୍ରୀ ପ୍ରସନ୍ନ ପୁରୁଷୋତ୍ତମ ଆଦି ଦେବଦେବୀ ବା

ଠାକୁରଠାକୁରାଣୀ ସମ୍ପର୍କିତ କିମ୍ବଦନ୍ତୀ; ଗୁପ୍ତେଶ୍ୱର, ତପ୍ତପାଣି, ଆମ୍ବିଳି ଝରଣା, ମୀନଝୋଲା, ଦେବକୁଣ୍ଡ, ସୀତାଦେବୀ କୁଣ୍ଡ ଆଦି ନଦୀନିର୍ଝର ସରୋବର ସମ୍ପର୍କିତ କିମ୍ବଦନ୍ତୀ; ସାରଳା ଦାସଙ୍କ ଦୈବୀକୃପା. ଉପେନ୍ଦ୍ର ଭଞ୍ଜ କବିତ୍ୱ, ରାମତାରକା ମନ୍ତ୍ରପ୍ରାପ୍ତି, ଚନ୍ଦ୍ର ଚୋର, ପଣ୍ଡିତ ଗୋକୁଳଭୂଷଣ ଆଚାରୀ, ସୁନ୍ଦର ଦାସ ବାବାଜୀ, ଭୀମଭୋଇଙ୍କ ଜ୍ଞାନପ୍ରାପ୍ତି ଆଦି କବି, ଋଷି ଓ ସାଧକାଦିଙ୍କ କାହଣୀ; ପୁରୁଣା ତିଗିରିଆ ଗଡ, ସମ୍ବଲପୁର ପ୍ରତିଷ୍ଠା, ଛତ୍ରପୁର, ପାତାଳି ଶ୍ରୀକ୍ଷେତ୍ର (ଖୁଟ୍ ସମଲେଇ, ସୋନପୁର), ଜଗନ୍ନାଥଙ୍କ ପାତାଳି(ଗଞ୍ଜାମ ଜିଲ୍ଲାର ମର୍ଦ୍ଦା), ସୀତାଙ୍କ ଅଳଙ୍କାର ଘର (ଆସିକାର ନୀଳକଣ୍ଠେଶ୍ୱର ପର୍ବତ) ଆଦି ସ୍ଥାନ ବିଷୟକ କିମ୍ବଦନ୍ତୀ; ବଜ୍ରକୂଟ (ଓଡଗାଁ, ନୟାଗଡ), ପଞ୍ଚୁପାଣ୍ଡବ ପାହାଡ (ଓଡଗାଁ, ନୟାଗଡ), ପେଜଗିଳା ପର୍ବତ (ଜିଲୁଣ୍ଡା, ଗଞ୍ଜାମ), ବୁଦ୍ଧଖୋଲ (ବୁଦ୍ଧଗିରି, ଗଞ୍ଜାମ), ପଞ୍ଚୁପାଣ୍ଡବ ଖୋଲ (ମହେନ୍ଦ୍ରଗିରି, ଗଞ୍ଜାମ), କପିଳାସ (ଢେଙ୍କାନାଳ), ସପ୍ତଶଯ୍ୟା (ଢେଙ୍କାନାଳ) ଆଦି ପାହାଡ ଓ ଗୁମ୍ଫା ସମ୍ପର୍କିତ କିମ୍ବଦନ୍ତୀ; ଏବଂ ସତୀ-ଆମ୍ବ, ସୀତାସାରୁ, ସୀତାଫଳ, କନିଅର ଫୁଲ, ମଲ୍ଲୀ ଫୁଲ, ଚମ୍ପା ଫୁଲ ଆଦି ବିଭିନ୍ନ ଫୁଲ ଏବଂ ମହୁଲ, ସଲପ, ଧାନ ଆଦି ବିଭିନ୍ନ ଗଛ ସମ୍ପର୍କିତ ବିଭିନ୍ନ କିମ୍ବଦନ୍ତୀ ଓଡିଶାର ବିଭିନ୍ନ ଅଞ୍ଚଳରେ ଶୁଣିବାକୁ ମିଳେ ।

ଉପରୋକ୍ତ କିମ୍ବଦନ୍ତୀଗୁଡିକ ବ୍ୟତୀତ ଆଦିବାସୀ ଲୋକ ଗୋଷ୍ଠୀରେ ମଧ୍ୟ ଠାକୁର-ଠାକୁରାଣୀ, ସମ୍ପୃକ୍ତ ଅଞ୍ଚଳର ରାଜା-ରାଣୀ, ବିଭିନ୍ନ ସ୍ଥାନ, ନଦୀ ଝରଣା ପାହାଡ, ଗଛଲତା, ଏବଂ ଫୁଲଫଳ ଆଦି ସମ୍ପର୍କରେ ଅନେକ କିମ୍ବଦନ୍ତୀ ପ୍ରଚଳିତ । ଭୀମମୋଡୋ (ଭୀମା ବିବାହ ସମ୍ପର୍କିତ), ମାରାଗୁଡାର ଭୁଞ୍ଜିଆ ରାଜା, ପାତାଳ ଗଙ୍ଗା, ଲକ୍ଷ୍ମଣଙ୍କ ଅଗ୍ନି ପରୀକ୍ଷା, ଘୁମୁରାର ଜନ୍ମ, ପେଣ୍ଡରାଗଡିଏନି, ଗଙ୍ଗାଦି, ମାଏଲି, ବୁଢା ରଜା, ବସ୍ତରେନ୍ ଆଦି ଦେବଦେବୀ ତଥା ନିର୍ଦ୍ଦିଷ୍ଟ ଅଞ୍ଚଳର ବିଭିନ୍ନ ବୃଷ, ପାହାଡ, ମୁଣ୍ଡିଆ ଆଦି କିମ୍ବଦନ୍ତୀକୁ ଏହାର ଉଦାହରଣସ୍ୱରୂପ ଉଲ୍ଲେଖ କରାଯାଇପାରେ । ଏହି କିମ୍ବଦନ୍ତୀଗୁଡିକରେ ନିଜେ ବଞ୍ଚିଥିବା ଜୀବନ, ଦୈନନ୍ଦିନ ଜୀବନର ବିଭିନ୍ନ ଘଟଣା, ଓ ବ୍ୟକ୍ତିତ୍ୱର ଚିତ୍ର ଦେଖିବାକୁ ମିଳେ । ବିଶେଷତଃ ନଦୀ, ଜଳାଶୟ, ପ୍ରସ୍ରବଣ, ପ୍ରପାତ, ଜଙ୍ଗଲ, ଗୁମ୍ଫା, ପ୍ରସ୍ତର ଚଟାଣରେ ଖୋଦିତ ମଣିଷ, ପଶୁପକ୍ଷୀର ପଦଚିହ୍ନ ସମ୍ପର୍କରେ, ଦୂର ଅତୀତର ଭଗ୍ନ ଐତିହାସିକ ଅବଶେଷ, ଅସ୍ତ୍ରଶସ୍ତ୍ର ଉପରେ ନିଜର ବିଶ୍ୱାସ ଏବଂ ଅବଧାରଣା ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ, ନିକଟ ଅତୀତର ଅଲୌକିକ ତପସ୍ୱୀ କିମ୍ବା ଅନ୍ୟ କୌଣସି ଘଟଣା, ରାଜା, ଜମିଦାର, ସ୍ଥାନୀୟ ଶାସନକର୍ତ୍ତାଙ୍କ ସହିତ ସେମାନଙ୍କ ସନ୍ଧି ଏବଂ ସଂଘର୍ଷର କାହାଣୀଗୁଡିକ ମଧ୍ୟ ଶୁଣିବାକୁ ମିଳେ ।

ଓଡିଶାର ଏହି କିମ୍ବଦନ୍ତୀଗୁଡିକ ସମ୍ପୃକ୍ତ ଅଞ୍ଚଳର ବିଭିନ୍ନ ଲୋକ ଗୋଷ୍ଠୀର ସାମୁହିକ ବିଶ୍ୱାସର ଆଖ୍ୟାନ । ଏଗୁଡିକୁ ସତ୍ୟ ମନେନକଲେ ବି ବିଶ୍ୱାସ କରାଯାଇଥାଏ । ତେବେ, କଥାନି ଭଳି ଏଗୁଡିକର ସ୍ୱାଭାବିକ କଥନ ହୁଏନାହିଁ ସାଧାରଣତଃ ଶୁଣିବାକୁ ମିଳେନାହିଁ ବରଂ, ପ୍ରସଙ୍ଗକ୍ରମେ ତଥା ଜିଜ୍ଞାସାକ୍ରମେ ଏହାର କଥନ ବା ପରିବେଷଣ ଦେଖାଯାଏ । ତେବେ, ମିଥ୍ ଭଳି ଏହାର ବିଶେଷ ପରିବେଷଣକାରୀ ନଥାନ୍ତି, ତଥା ସ୍ୱତନ୍ତ୍ର ପରିବେଷଣ ଭଳି କୌଣସି ବାଧା ନଥାଏ ।

### ୩.୧.୨.୩ କାହାଣୀ

ଲୋକ ଗୀତ ଭଳି ଲୋକ କାହଣୀ ମଧ୍ୟ ଲୋକ ସାହିତ୍ୟର ଏକ ପ୍ରମୁଖ ବାଚିକ ଉପାଦାନ । ଲୋକ କାହାଣୀ ସାଧାରଣତଃ କଳ୍ପନା ପ୍ରଧାନ । ଏହା ମିଥ୍, କିମ୍ବଦନ୍ତୀ ଭଳି ସତ୍ୟ କିମ୍ବା ପବିତ୍ର ଭାବରେ ପରିଗଣିତ ହୋଇନଥାଏ ବରଂ, ସମୟ ଅପନୋଦନ ତଥା ମନୋରଞ୍ଜନର ଏକ ପ୍ରକ୍ରିୟା ଭାବରେ ପରିବେଷିତ ହୋଇଥାଏ । ତେବେ, ଲୋକଧାରାର ଅନ୍ୟାନ୍ୟ ଉପାଦାନ ଭଳି ଏହାର ମଧ୍ୟ ସାମାଜିକ ସାଂସ୍କୃତିକ ଆବଶ୍ୟକତା, ତଥା ସମ୍ପୃକ୍ତ ଲୋକ ଗୋଷ୍ଠୀରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଲୋକତତ୍ତ୍ୱବିଦ୍‌ମାନେ ସ୍ୱୀକାର କରନ୍ତି ।

ଲୋକ କାହାଣୀରେ ସମାଜର ବିଭିନ୍ନ ଘଟଣାବଳୀ ତଥା ଅନେକ ସମୟରେ ସାମାଜିକ ରୀତିନୀତିର ଚିତ୍ର, ବିଭିନ୍ନ କୌଳିକ ବୃତ୍ତି ଆଉ ବାଣିଜ୍ୟର ଚିତ୍ର ମଧ୍ୟ ଦେଖିବାକୁ ମିଳେ । ଲୋକ କାହାଣୀରେ ପ୍ରକାଶିତ ହେଉଥିବା ସମାଜର ଏହି ବହୁମୁଖୀ ଚିତ୍ର ନୂତନ ପିଢିକୁ ସମାଜର ସାଂସ୍କୃତିକ ଆୟାମ ସହ ପରିଚିତ କରିବା ସହିତ ବିଧିବଦ୍ଧ ଏବଂ ଶୃଙ୍ଖଳିତ ଜୀବନ

ଜାଇଁବାରେ ସହାୟକ ହୋଇଥାଏ । ଓଡିଆ ବାଚିକ ଲୋକଧାରା କ୍ରମରେ ବିଭିନ୍ନ ଲୋକ ଗୋଷ୍ଠୀରେ ବିଭିନ୍ନ ପ୍ରସଙ୍ଗ ଏବଂ ପରିବେଶରେ ଅସଂଖ୍ୟ କାହାଣୀ ପରିବେଷିତ ହେଉଛି ତଥା ହୋଇଆସୁଛି । ସେହିପରି, ଓଡିଆ ଲୋକଧାରା ଆଲୋଚନାର ପ୍ରାରମ୍ଭିକ ପର୍ଯ୍ୟାୟରୁ ଓଡିଆ ଲୋକତତ୍ତ୍ୱବିଦ୍‌ମାନେ ଏହାର ସଂଗ୍ରହକାର୍ଯ୍ୟ ସହିତ ବିଭାଗୀକରଣ ଏବଂ ଅନୁଶୀଳନ ମଧ୍ୟ କରିବାକୁ ପ୍ରୟାସ କରିଆସିଛନ୍ତି ।

ଲୋକ କାହାଣୀକୁ କୁଞ୍ଜବିହାରୀ ଦାଶ ସାତ ଭାଗରେ ବିଭକ୍ତ କରନ୍ତି— ୧. ପୌରାଣିକ କଥା (ରାମାୟଣ, ମହାଭାରତ ଆଦି କାହାଣୀଗୁଡିକ ଏହାର ଅନ୍ତର୍ଭୁକ୍ତ), ୨. ଓଷାବ୍ରତ କଥା (ଓଡିଶାର ପ୍ରଚଳିତ ବିଭିନ୍ନ ଓଷାବ୍ରତ କଥା), ୩. ସନ୍ଥ ଓ ଭକ୍ତ କଥା (ବନ୍ଧୁ ମହାନ୍ତି, ମଙ୍ଗଳ ଗଉଡ, ଜୟଦେବ, ଗୀତା ପଣ୍ଡା, ବିଲ୍ୱମଙ୍ଗଳ, ସାଲବେଗ ଆଦି ବହୁ ସନ୍ଥ ଓ ଭକ୍ତଙ୍କ ଜୀବନର କିଛି ଉପାଖ୍ୟାନକୁ ନେଇ ରଚିତ କାହଣୀ), ୪. କିମ୍ବଦନ୍ତୀ କଥା (ଉଭୟ ଧର୍ମ ଓ ଇତିହାସ ବିଷୟକ ଯେପରି ନିତେଇ ଧୋବଣୀ, କୌଶଲ୍ୟାଗଙ୍ଗ, କାଞ୍ଚିକାବେରୀ ଇତ୍ୟାଦି କାହଣୀ), ୫. ପାଲା କାହାଣୀ, ୬. ମହାତ୍ମ୍ୟ କଥା, ଏବଂ ୭. ଲୌକିକ କଥା । ଏହା ବ୍ୟତୀତ, ସେ 'ଲୌକିକ କଥା'କୁ କ) ଉପଦେଶାତ୍ମକ କାହାଣୀ, ଖ) ଦେବତା, ଅସୁର, ଭୂତପ୍ରେତ ବ୍ରହ୍ମଦୈତ୍ୟ କାହାଣୀ, ଗ) ଚୋର, ଡକାୟତ, ଠକ, ଶଠ କାହାଣୀ, ଘ) ପଶୁପକ୍ଷୀ ସର୍ପ କୁମ୍ଭୀର ମତ୍ସ୍ୟ ବିଷୟକ କାହାଣୀ, ଙ) ରଜାପୁଅ ମନ୍ତ୍ରୀପୁଅ ସାଧବପୁଅ କଟୁଆଳ ପୁଅ ପ୍ରଭୃତି ଚାରି ସଙ୍ଗାତ କଥା, ଚ) ପ୍ରଶ୍ନ ଉତ୍ତର ପ୍ରଦାନ କାହାଣୀ, ଛ) ନୀତିଶିକ୍ଷାମୂଳକ କାହାଣୀ, ଏବଂ ଜ) ବ୍ୟଙ୍ଗ ଓ ହାସ୍ୟରସାତ୍ମକ କାହାଣୀ ଭାବରେ ମଧ୍ୟ ବିଭକ୍ତ କରିଛନ୍ତି (ଦାଶ ୧୯୫୮, ୪୩-୪୬) । ଅନ୍ୟତ୍ର ସେ ଏହାକୁ କ) ପଶୁପକ୍ଷୀ ଓ ସରୀସୃପ କାହାଣୀ, ଖ) ପ୍ରେମ, ଯୁଦ୍ଧ ଓ ଅସାଧ୍ୟ ସାଧନ ଗ) ଅସୁର ଅସୁରୁଣୀ, ଘ) କର୍ମ ଓ ଦୈବ, ଙ) ବୋଇତ ବଣିଜ, ଚ) ଓଷା ଓ ବ୍ରତ କଥା, ଛ) ସାଙ୍କେତିକ ଭାଷା, ଜ) ପ୍ରଶ୍ନର ଉତ୍ତର ଓ ସମସ୍ୟାର ସମାଧାନ, ଝ) ଛଦ୍ମରୂପ, ଞ) ଐନ୍ଦ୍ରଜାଲିକ ବସ୍ତୁ, ଟ) ଭାଇ ଓ ଭଉଣୀ, ଠ) ସପତ୍ନୀ ଓ ବିମାତା, ଡ) ଭୂତ ଗଳ୍ପ, ଢ) ଠକ, ଶଠ, ଡାକୁ, ଣ) ହାସ୍ୟ ଓ ବ୍ୟଙ୍ଗ, ତ) କିମ୍ବଦନ୍ତୀ, ଏବଂ ଥ) ବିବିଧ ଆଦି ସତରଟି ଭାଗରେ ବିଭକ୍ତ କରିଛନ୍ତି (ଦାଶ ୧୯୮୦, ୧୨) ।

ପରବର୍ତ୍ତୀ ସମୟରେ, ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ଲୋକ କାହାଣୀକୁ କ) ଦେବତା, ଭୁତପ୍ରେତ, ବେତାଳ, ଯକ୍ଷ, ଅପସରା, ପ୍ରଭୃତି ବୈଦିକ ବିଷୟ ବସ୍ତୁର ଗଳ୍ପ, ଖ) ଅସୁର-ଅସୁରୁଣୀ, ଐନ୍ଦ୍ରଜାଲିକ, ତାନ୍ତ୍ରିକ ପ୍ରଭୃତି ଭୌତିକ ବିଦ୍ୟା ସମନ୍ୱିତ ଗଳ୍ପ, ଗ) ରାଜା, ମନ୍ତ୍ରୀ, ସାଧକ, କଟୁଆଳ ସମ୍ପର୍କିତ ଗଳ୍ପ, ଘ) ପଶୁପକ୍ଷୀ, ସାପ, କୁହୁକ ଘୋଡା ପ୍ରଭୃତି ପଶୁପକ୍ଷୀ ସମ୍ବନ୍ଧୀୟ ଗଳ୍ପ, ଏବଂ ଙ) ସାଧାରଣ ଜୀବନର ବିଭିନ୍ନ ଦିଗ ଉପରେ ନିର୍ଭର କରୁଥିବା ସାମାଜିକ କାହାଣୀ ଭାବରେ ବିଭକ୍ତ କରିଛନ୍ତି (ଆଚାର୍ଯ୍ୟ ୧୯୭୫, ୫୮) । ସେହିପରି, ସୂର୍ଯ୍ୟନାରାୟଣ ଦାଶ ଲୋକ କାହାଣୀକୁ ୧. ଦେବତା, ଭୂତପ୍ରେତ, ବେତାଳ, ଯକ୍ଷ, ଅପ୍ସରା ପ୍ରଭୃତି ଦୈବିକ ବିଷୟ ବସ୍ତୁର ଗଳ୍ପ, ୨. ଅସୁର, ଐନ୍ଦ୍ରଜାଲିକ, ତାନ୍ତ୍ରିକ ପ୍ରଭୃତି ଭୌତିକ ବିଦ୍ୟା ସମନ୍ୱିତ ଗଳ୍ପ, ୩. ରାଜା, ମନ୍ତ୍ରୀ, କଟୁଆଳ, ଓ ସାଧବ ସମ୍ପର୍କିତ ଗଳ୍ପ, ଏବଂ ୪. ସାଧାରଣ ଜୀବନର ବିଭିନ୍ନ ଦିଗ ଉପରେ ନିର୍ଭର କରୁଥିବା କାହାଣୀ (ଦାଶ ୧୯୬୮, ୬୭) ।

ଲୋକତତ୍ତ୍ୱବିଦ୍ କୃଷ୍ଣଚନ୍ଦ୍ର ପ୍ରଧାନ ତାଙ୍କ *ଓଡିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି* ଗ୍ରନ୍ଥରେ କୁଞ୍ଜବିହାରୀ ଦାଶଙ୍କ ଲୋକ କାହାଣୀ ସମ୍ପର୍କିତ ବିଭାଗୀକରଣକୁ ଆଲୋଚନା କରିବା ସହିତ ନିଜ ଦୃଷ୍ଟିକୋଣରୁ ଓଡିଆ ଲୋକ କାହାଣୀକୁ ୧. ସାମାଜିକ, ୨. ଐତିହାସିକ, ୩, ଅଲୌକିକ, ଏବଂ ୪. ପୌରାଣିକ ଏହିପରି ଚାରିଭାଗରେ ବିଭକ୍ତ କରନ୍ତି (ପ୍ରଧାନ ୧୯୯୮, ୯୮) । ସେହିପରି, ଶ୍ୟାମସୁନ୍ଦର ମହାପାତ୍ର ଷ୍ଟିଥ୍ ଥମ୍ପସନ୍‌ଙ୍କୁ ଅନୁସରଣ କରି ଲୋକ କାହାଣୀକୁ ୧. କିମ୍ବଦନ୍ତୀ ଓ ଅନ୍ୟାନ୍ୟ ବିଶ୍ୱାସମୂଳକ କାହାଣୀ, ଏବଂ ୨. କଳ୍ପନା-ପ୍ରଧାନ କାହାଣୀ ଭାବରେ ବିଭକ୍ତ କରିବା ସହିତ 'କିମ୍ବଦନ୍ତୀ ଓ ଅନ୍ୟାନ୍ୟ ବିଶ୍ୱାସମୂଳକ କାହାଣୀ'କୁ କ) ସ୍ଥାନ ବିଷୟକ କିମ୍ବଦନ୍ତୀ, ଖ) ବ୍ୟକ୍ତି ବିଷୟକ କିମ୍ବଦନ୍ତୀ, ଗ) ବିଶିଷ୍ଟ ଘଟଣା କୈନ୍ଦ୍ରିକ କିମ୍ବଦନ୍ତୀ, ଘ) ବ୍ୟାଖ୍ୟାଦାନକାରୀ କାହାଣୀ, ଏବଂ ଙ) ପରୀ, ଦୈତ୍ୟ-ଦାନବ, ଏବଂ ଭୂତପ୍ରେତ ଆଦି ଅଦ୍ଭୁତ ପ୍ରାଣୀଙ୍କ କାହାଣୀ ଭାବରେ ବିଭକ୍ତ କରିଛନ୍ତି ସେହିପରି, 'କଳ୍ପନା-ପ୍ରଧାନ କାହାଣୀ'କୁ କ) ଜୀବଜନ୍ତୁ କାହାଣୀ, ଖ) ରୂପକଥା, ଗ)

ହାସ୍ୟରସାତ୍ମକ କାହାଣୀ, ଏବଂ ଘ) ଠକ-ପ୍ରତାରକ କାହାଣୀ ଭାବରେ ବିଭକ୍ତ କରିଛନ୍ତି (ମହାପାତ୍ର ୨୦୧୧, ୯୮-୧୦୬) । ସେହିପରି, ମହେନ୍ଦ୍ର କୁମାର ମିଶ୍ର ଲୋକ କାହାଣୀକୁ ୧. ସାମାଜିକ, ୨. ବୃତ୍ତି ଓ ଜାତି ଭିତ୍ତିକ, ୩. ନୀତି ବିଷୟକ, ୪. ପଶୁପକ୍ଷୀ ଓ ସରୀସୃପ ବିଷୟକ, ୫. ଅତିପ୍ରାକୃତ ଓ ଅଲୌକିକ, ଏବଂ ୬. ରହସ୍ୟ ଓ ଧନ୍ଦା ପହଳିଭିତ୍ତିକ କାହାଣୀ ଭାବରେ ବିଭକ୍ତ କରିଛନ୍ତି (ମିଶ୍ର ୧୯୯୬, ୨୨୦) । ଅନୁରୂପ ଭାବରେ, ଏହାକୁ *ଓଡିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି* ଗ୍ରନ୍ଥରେ ୧. ଜୀବଜନ୍ତୁ ଭିତ୍ତିକ କାହାଣୀ, ୨. ପ୍ରେମ ଓ ଦୁଃସାହସିକ କାହାଣୀ, ୩. ଅସୁର ଅସୁରୁଣୀ କାହାଣୀ, ୪. କର୍ମ-ଭାଗ୍ୟ ଓ ଦୈବବାଦ ଭିତ୍ତିକ କାହାଣୀ, ୫. ବୋଇତ ବଣିଜ ସମ୍ପର୍କିତ କାହାଣୀ, ୬. ଓଷାବ୍ରତ କାହାଣୀ, ୭. ପ୍ରତୀକ ଧର୍ମୀ ଭାଷାଭିତ୍ତିକ କାହାଣୀ, ୮. ପ୍ରଶ୍ନୋତ୍ତରଭିତ୍ତିକ ଗଳ୍ପ, ୯. ଛଦ୍ମରୂପଭିତ୍ତିକ କାହାଣୀ, ୧୦. କୁହୁକ କାହାଣୀ, ୧୧. ପାରିବାରିକ ଜୀବନ କାହାଣୀ, ୧୨. ଭୌତିକ କାହାଣୀ, ୧୩. ଶଠ ଓ ଡାକୁ ଚରିତ୍ରଭିତ୍ତିକ କାହାଣୀ, ୧୪. ହାସ୍ୟ ଓ ବ୍ୟଙ୍ଗାତ୍ମକ କାହାଣୀ, ୧୫. କିମ୍ବଦନ୍ତୀ ଆଧାରିତ କାହାଣୀ, ଏବଂ ୧୬. ବିଭିନ୍ନ ବିଷୟକ କାହାଣୀ ଭାବରେ ବିଭକ୍ତ କରିଛନ୍ତି ଅଜୟ କୁମାର ମିଶ୍ର (ମିଶ୍ର ୧୯୯୭, ୨୫୧) ।

ଓଡିଆ ଲୋକଧାରା ଅନ୍ୟତମ ତତ୍ତ୍ୱବିଦ୍ ସୁଧୀର କୁମାର ସାହୁ ଲୋକତତ୍ତ୍ୱବିଦ୍ ୱିଲିୟମ୍ ବାସକମ୍‌ଙ୍କୁ ଅନୁସରଣକରି ଲୋକ କାହାଣୀକୁ ୧. ମାନବ ସମ୍ପର୍କିତ କଥାନ, ୨. ଜୀବଜନ୍ତୁ ସମ୍ପର୍କିତ କଥାନି, ୩. ଚାତୁର୍ଯ୍ୟପୂର୍ଣ୍ଣ କଥାନି, ୪. ଦୀର୍ଘ କଥାନି, ୫. ଦ୍ୱନ୍ଦ୍ୱାତ୍ମକ କଥାନି, ୬. ସୂତ୍ର କଥାନି, ୮. ନୀତିକଥାପୂର୍ଣ୍ଣ କଥାନି, ୯. ପରୀ କଥାନି, ଏବଂ ୧୦. ଶିଶୁସୁଲଭ କଥାନି ଭାବରେ ମଧ୍ୟ ବିଭକ୍ତ କରିଛନ୍ତି (ସାହୁ ୨୦୦୮, ୮୩) ।

ଲୋକ କାହାଣୀର ବିଭାଗୀକରଣ ସମ୍ପର୍କରେ ଆଉ ଏକ ଉଲ୍ଲେଖନୀୟ ବିଷୟ ହେଉଛି ଯେ କାହାଣୀର ପାରମ୍ପରିକ ପରିବେଷଣକାରୀମାନେ ମଧ୍ୟ ଲୋକ କଥାକୁ ବିଭିନ୍ନ ବିଭାଗରେ ବିଭାଗୀକରଣ କରିଛନ୍ତି, ଯେପରି— ୧. ମଥାନ୍ କଥା (ସିଡି, ଶିରା, ଗାଭା ଆଦି ସୃଷ୍ଟି ପୁରାଣ/ଲୋକ ପୁରାଣ/ଜାତି ପୁରାଣ ଓ କାବ୍ୟ), ୨. ଉପସନ୍ କଥା (ଜୀବ, ଉଦ୍ଭିଦ ଓ ପଦାର୍ଥ, ବିଭିନ୍ନବସ୍ତୁର ସୃଷ୍ଟିପ୍ରସଙ୍ଗ ମିଥ୍), ୩. ଧାନ୍ନା କଥା (ଦେବଦେବୀଙ୍କ ଧରାବତରଣ ଓ ଲୋକଶିକ୍ଷା ତଥା ଧର୍ମସ୍ଥାପନ ଉଦ୍ଦେଶ୍ୟରେ ବିଭିନ୍ନ ମାନବୋଚିତ ଲୀଳା ପ୍ରସଙ୍ଗ ବର୍ଣ୍ଣିତ କଥାନି), ୪. ଖମନା (ଆରଣ୍ୟକ କଥାନି), ୫. ଯୁଗଳ (ପ୍ରଶ୍ନୋତ୍ତରୀ ବା ଓଗାଳଧର୍ମୀ, ବିଶେଷତଃ ଧନ୍ଦା, ମୋଚନଧର୍ମୀ କଥାନି, ପ୍ରଶ୍ନ-ଉତ୍ତର କଥା), ୬. ଚତରାଙ୍ଗି (ଲଘୁହାସ୍ୟ ବା ଚାତୁର୍ଯ୍ୟପୂର୍ଣ୍ଣ ବିନୋଦମୂଳକ କଥା), ୭. ଲବକ (ଲୋକଶିକ୍ଷାମୂଳକ ସମୟୋପଯୋଗୀ ଲଘୁକଥା), ୮. ଟୋବୋରୋବୋ (ଲମକଧର୍ମୀ ଓ ଛଳ ଚତୁର କଥାନି), ୯. ଲମକ୍ (ଦୀର୍ଘ କଥାନି) । ଦୀର୍ଘତା ଦୃଷ୍ଟିରୁ ଲମକ ପରିବେଷଣରେ ଏକତାନିକତା ବଦଳରେ ଏହାକୁ ମନୋରଞ୍ଜନଧର୍ମୀ କରିବାକୁ ବିଭିନ୍ନ ଶୈଳୀରେ ପରିବେଷଣ କରାଯାଇଥାଏ । ଯଥା— (କ) ଡେଣାପଟିଆ– ଡେଣାପଟିଆ ଲମକ୍‌ରେ କାହାଣୀର ଗତି ସରଳ ରୈଖିକ କଥାନି ଏକ ସାଧାରଣ ବିନ୍ଦୁରେ ମିଳିତ ହୋଇ ଉପସଂହାର ଆଣିଥାଆନ୍ତି, ଠିକ୍ ଶଗଡର ଦୁଇଟି ଡେଣା ପରି, (ଖ) ଡେଲାବାଟିଆ– ଡେଲାବାଟିଆ ଲମକ୍‌ରେ ଏକ ମୂଳ କାହାଣୀ ଆଗକୁ କିଛିବାଟ ଗତିକରି ଯିବାପରେ ପ୍ରସଙ୍ଗକୁ ଧରି ତହିଁରୁ ଦ୍ୱିତୀୟ କଥାନିକୁ ମୂଳକରି ଗଳ୍ପଭାଗ ପୂର୍ବପରି କିଛିବାଟ ଗତିକଲା ପରେ ସେଥିରୁ ତୃତୀୟ କଥାନି ଆରମ୍ଭ ହୁଏ । ଏହିପରି ମୂଳ କଥାନିକୁ ଭିତ୍ତିକରି କଥାନି ଆଗକୁଆଗକୁ ବିଭିନ୍ନ ଶାଖାପ୍ରଶାଖାରେ ପ୍ରସାରିତ ହୋଇଥାଏ, ଯେପରି ଗୋଟିଏ ମଣିଷ ଚଲାପଥ ପଥରୁ ଆଗକୁ ଅନେକ ବାଟ ବାହାରି ବିଭିନ୍ନ ଆଡକୁ ଯାଇଥାଏ ଠିକ୍ ସେହିପରି, (ଗ) ଗୁମାଗୁପିଆ– ପରିଚ୍ଛେଦକ୍ରମରେ ନୀତିଦୀର୍ଘ ଭିନ୍ନଭିନ୍ନ ଲମକ୍ କହିସାରିବା ପରେ ଶେଷ ଲମକ୍‌ରେ କଥକ ସମସ୍ତ ଲମକ୍‌କୁ ସମ୍ବନ୍ଧିତ କରିଥାଆନ୍ତି । 'ଳରେ, ସାମଗ୍ରିକଭାବେ ଲମକ୍‌ଗୁଡିକ ମଧ୍ୟରେ ଥିବା ପୂର୍ବାପର ସମ୍ପର୍କ ସୃଷ୍ଟି ହୋଇଥାଏ । ସମସ୍ତ ପରିଚ୍ଛେଦର ପ୍ରାରମ୍ଭ ସହ ଉପସଂହାର ପର୍ଯ୍ୟାୟର ପୃଷ୍ଠଭୂମିକ ସମ୍ପର୍କ ରହିଥାଏ ।, (ଘ) ଛିଡା ମୂନ୍ଦଲିଆ– ଏ ପ୍ରକାର ଲମକ୍‌ରେ ଭିନ୍ନଭିନ୍ନ ଚରିତ୍ର କଥକ ରୂପରେ ଭିନ୍ନଭିନ୍ନ ଲମକ୍ କହିଥାଆନ୍ତି । ପ୍ରଥମ ଚରିତ୍ର ନିଜ କଥାନିକୁ ଯେଉଁଠି ଶେଷ କରନ୍ତି, ସେଇଠି ନିଜମତ ପ୍ରକାଶ କରିବାକୁଯାଇ ଦ୍ୱିତୀୟ ଚରିତ୍ର ଅନ୍ୟ ଏକ କଥାନି ଆରମ୍ଭ କରନ୍ତି । ସାଧାରଣତଃ ଅନୁଭୂତି ଆଧାରିତ ବା ଦୃଷ୍ଟାନ୍ତ ଆଖ୍ୟାନମୂଳକ କଥାନି ଏହିପରି ପରିବେଷିତ ହୋଇଥାଏ ।

ଏହିପରି, ସମସ୍ତଙ୍କ କଥା ଶେଷ ହେବାପରେ ମୂଳ ସମସ୍ୟାର ସମାଧାନ ଉପରେ ବିଚାର କରାଯାଏ । ଜଣକ କଥାନି ଯେଉଁଠି ଛିଡେ ବା ଶେଷ ହୁଏ ଆଉ ଜଣକର କଥାନି ସେଇଠୁ ମୁନ୍ଦଲ ବା ଆରମ୍ଭ ହୋଇଥିବାରୁ ଏହାକୁ ଛିଡା ମୁନ୍ଦଲିଆ ଲମକ୍ କୁହାଯାଇଥାଏ । (ଙ) ଆରାତୁମିଆଁ– ଏ ପ୍ରଭାର ଲମକ୍‌ରେ ବିଭିନ୍ନ ସୂତ୍ରରୁ ଏକାଧିକ କଥାନି ଆସି ଶେଷରେ ଗୋଟିଏ ବିନ୍ଦୁରେ ମିଳିତ ହୋଇଥାଆନ୍ତି, ଠିକ୍ ଶଗଡ ଚକର ତୁମିରେ ଆରାସକୁ ଆସି ମିଶିଥିବା ପରି ।, ଏବଂ (ଚ) ଏକ ଧରସିଆ– ଏହା ଗୋଟିଏ ମାତ୍ର ସରଳ କଥାନିକୁ ବୁଝାଏ (ବିଶି ୧୯୯୬, ୪-୬) ।

ଲୋକ କାହାଣୀଗୁଡିକ ସାଧାରଣତଃ ଜାଗାଘର ପିଣ୍ଡା ବା ଭାଗବତ ଟୁଙ୍ଗୀ, ଘର ସାମ୍ନାସ୍ଥିତ ପ୍ରଶସ୍ତ ପ୍ରାଙ୍ଗଣ, ଶଗଡ ବାହିଲାବେଳେ, ବିଲବଛା, ଧାନକଟା, ରୁଆ, ଅମଳ ସମୟରେ ଉଭୟ ରାତି ଏବଂ ଦିନରେ, ସେହିପରି ରାତ୍ରିରେ ଦୂରସ୍ଥାନକୁ ଯାତ୍ରା କଲାବେଳେ, ଗାଈ ଚରାଇଲାବେଳେ, ଖରାଦିନର ଦ୍ୱିପ୍ରହର ସମୟରେ ପରିବେଷିତ ହେବା ଦେଖାଯାଏ । ବିଶେଷତଃ ଗୃହିଣୀ ନାରୀମାନଙ୍କଦ୍ୱାରା ଏହା ମଧ୍ୟାହ୍ନ ଭୋଜନ ପରବର୍ତ୍ତୀ ସମୟରେ, ଶିଶୁ-କିଶୋରମାନଙ୍କ କ୍ଷେତ୍ରରେ ସୁବିଧାମନେ କରୁଥିବା ଯେକୌଣସି ସମୟରେ ମଧ୍ୟ ଏହା ଆୟୋଜିତ ହୋଇଥାଏ ।

ଲୋକ ଗଳ୍ପର ବିଷୟବସ୍ତୁ ଭାବରେ ସାଧାରଣ ମଣିଷ, ରାଜାରାଣୀ ଭଳି ଉଚ୍ଚାଙ୍ଗବ୍ୟକ୍ତି ଚରିତ୍ର ବ୍ୟତୀତ ବଣ୍ୟ ପଶୁପକ୍ଷୀ, ଭୂତପ୍ରେତ, ପରୀ ତଥା ଦୈବୀ ଚରିତ୍ର ମଧ୍ୟ ବହୁଳ ଭାବରେ ସ୍ଥାନିତ ହେବା ଦେଖାଯାଏ । ପ୍ରାୟ ପ୍ରତ୍ୟେକ ଲୋକ ଗଳ୍ପରେ ପଶୁପକ୍ଷୀ ଏବଂ ମନୁଷ୍ୟ ଭିତରେ ଏକ କୌଟୁମ୍ବିକତା ତଥା ମଣିଷ ଭଳି ପାରସ୍ପରିକ ସମ୍ପର୍କ ଦେଖିବାକୁ ମିଳେ । ଏପରିକି ହିଂସ୍ର ପ୍ରାଣୀମାନେ ମଧ୍ୟ ବେଳେବେଳେ ମଣିଷ ଶିଶୁକୁ ପାଳନ ପୋଷଣ କରିବା ଦେଖାଯାଏ । ଲୋକ ଗଳ୍ପରେ ଅନେକ ଚରିତ୍ରର ନାମ ନଥାଏ ବରଂ ରଜାପୁଅ, ବ୍ରାହ୍ମଣୀ, ସାଧବବୋହୂ, ବଡରାଣୀ, କଟୁଆଳ, ବଇଁଶୀଫୁଙ୍କୁ ପିଲା, ଗଉଡ ପିଲା, ଛେଲିଆ ପିଲା ତଥା ଗାଈଆଳ ପିଲା ଆଦି ଭାବରେ ପରିଚିତ ହୁଅନ୍ତି, ତେବେ ଅଳ୍ପ କେତୋଟି ଗଳ୍ପରେ ଚରିତ୍ରର ନାମ ମଧ୍ୟ ଥାଏ ଯେପରି— ଚମ୍ପାବତୀ, ଟୋଲକୋସମା, ଉଜ୍ଜଳ, ଦାରୁଠେଙ୍ଗ, ସାରୁକୁମର ଆଦି । ସେହିପରି, ବର୍ଣ୍ଣନାରେ ସାଧାରଣତା ସହିତ ଅନେକ ଅଲୌକିକତା ତଥା ଅସାଧ୍ୟ ସାଧନାର କଥା ମଧ୍ୟ କୁହାଯାଇଥାଏ ଯେମିତି— ନାୟକ ପକ୍ଷିରାଜ ଘୋଡାରେ ବସି ଯେଉଁସବୁ ପାହାଡ, ପର୍ବତ, ନଦୀ ଅତିକ୍ରମ କରିଯାଏ, ପତରଟିଏ ପଡିଲେ ପଥର ପଡିଲା ପରି ଶବ୍ଦହୁଏ । ସେହିପରି, ସମୁଦ୍ରର ବର୍ଣ୍ଣନାରେ ସାତ ତାଳ ପାଣି, ଚଉଦ ତାଳ ପଙ୍କ, ବିଭିନ୍ନ ଦେବାଦେବୀଙ୍କ ଆକସ୍ମିକ ସାହାଯ୍ୟ, ଏପରିକି ପଶୁପକ୍ଷୀମାନେ ମଧ୍ୟ ଅସମ୍ଭବ କାର୍ଯ୍ୟ କରିବାରେ ସହାୟକ ହେବା ଦେଖାଯାଏ ।

ଓଡିଆ ଲୋକ ଗଳ୍ପର କେତୋଟି ପ୍ରବୃତ୍ତି ସମ୍ପର୍କରେ କୁଞ୍ଜବିହାରୀ ଦାଶ ଆଲୋଚନା କରନ୍ତି ସେଗୁଡିକ ହେଲା— ରୂପାନ୍ତର ଗ୍ରହଣ ଓ ନବଜନ୍ମ (ନାୟକ ନାୟିକା ତଥା ମୁଖ୍ୟ ଚରିତ୍ରର କୌଣସି ପରିସ୍ଥିରେ ମୃତ୍ୟୁ ହେବା ପରେ ପୂନର୍ବାର ଜନ୍ମ ଗ୍ରହଣ କରିବା), ଅଣବାବୁଆ ପିଲା, ପକ୍ଷୀରକ୍ତ, ପକ୍ଷୀମାଂସ ଭକ୍ଷଣ, ଯାନବାହାନ ଆନୟନ (ପକ୍ଷିରାଜ ଘୋଡା, ମନପବନ କଠଉ, ମନ୍ତ୍ରିତ-ବାଡି), ଶିଶୁ ଭସାଣ (ନାୟକର ଜନ୍ମବେଳେ ସଉତୁଣୀ କିମ୍ବା ଅନ୍ୟମାନଙ୍କଦ୍ୱାରା ନଦୀଜଳରେ ଭସାଇଦେବା ଏବଂ ସନ୍ତାନହୀନା ମାଳୀ, ଗଉଡୁଣୀ, କେଉଟୁଣୀ ଆଦିଙ୍କଦ୍ୱାରା ପାଳିତ ହେବା), ପଥପ୍ରଦର୍ଶନ, ବିବାହ ପାଇଁ ପଣ ରଖିବା; କୁହୁକ ପେଣ୍ଡୁ, କୁହୁକ କଠଉ, କୁହୁକ ଶଂଘା, କୁହୁକ ଖଣ୍ଡା ଆଦି ଐନ୍ଦ୍ରଜାଲିକ ବସ୍ତୁ; ତୁଳସୀ ଗଛ, କଟରାଏ ଦୁଧ, ଜୀବନ ମୁଦି ଭଳି ବିଭିନ୍ନ ଜୀବନ ନାଟି । ଏହା ବାତୀତ, ପ୍ରାୟ ପରିବେଷଣରେ କାହାଣୀ କଥନର ପ୍ରାରମ୍ଭରେ ଏକ ପଦ୍ୟାତ୍ମକ ଆଖ୍ୟାନ ଆରମ୍ଭ କରାଯାଇଥାଏ ଯାହାକୁ କୁଞ୍ଜବିହାରୀ ଦାଶ 'କଥାଣି' ଭାବରେ ପରିଚିତ କରନ୍ତି । ଏବଂ କଥାନିର ସମାପ୍ତିରେ ମଧ୍ୟ ଦୁଇତିନି ପଦର ଅନୁରୂପ ଆଖ୍ୟାନ ଦେଖିବାକୁ ମିଳେ ଯେପରି— 'ମୋର କଥାଟି ସରିଲା, ଫୁଲ ଗଛଟି ମଲା', 'ମୋର କଥାନି ସରଲା, ମୁଇଁ ଯାଇଥିଲି ନରଲା, ନରଲା ନୁଁ ଆନିଥିଲି କରଲା, ଭାଜି ଖାଇ ଖାଇ ସରଲା (ମୁଁ ଯାଇଥିଲି ନର୍ଲା, ନର୍ଲାରୁ ଆଣିଥିଲି କରଲା, ଭାଜି ଖାଇଖାଇ ସରିଲା)', ବା ଫମୁଇଁ ଏତକି ଜାନସି ଆଗକେ କାଣା ହେଲା ତମେ ଭାବନା (ମୁଁ ଏତକି ଜାଣିଛି, ଆଗକୁ କ'ଣ ହେଲା ସେକଥା ତମେ ଭାବ)'। ସେହିପରି ବିଭିନ୍ନ ଅଞ୍ଚଳରେ ଘୋଗିଆ, ପରଘନିଆ, ବଗୁଆ, ମରାଲ, ବିରଥିଆ ବା ଦେବଗୁନିଆ ପ୍ରଭୃତି ପ୍ରଜାତିକ ଭାଟ : କୋଏନୀକାର/କୁହୁନିକାର, ଟହଲିଆ,

ସୁତରେନ୍, ମେଲାଭୁତିଆର, ଜଙ୍ଗଲିଆ, ସିଆନ୍, ଜାନି, ଝାଁକର, ଦିଆରି, ଦେବଗୁନିଆଁ, ଦେହେଲିଆ ପ୍ରଭୃତି ସାମାଜିକ ପ୍ରତିନିଧି: ଗୀତ କୁଢ଼ିଆ, ଗୀତ କୁଢ଼ିଏନ୍‌ମାନେ ନିୟମିତ କଥକ ଭାବରେ କଥାନି ପରିବେଷଣ କରିଥାନ୍ତି । ଏହା ବ୍ୟତୀତ ପ୍ରତ୍ୟେକ ଲୋକ ଗୋଷ୍ଠୀର ସମସ୍ତ ସଦସ୍ୟ ଉଣାଅଧିକେ କଥାନି ପରିବେଷଣ କରିବାର ଦକ୍ଷତା ରଖନ୍ତି ।

### ୩.୧.୩ ଲୋକୋକ୍ତି

ଲୋକ ଅଭିବ୍ୟକ୍ତି ବା ଲୋକୋକ୍ତି ସାହିତ୍ୟର ଅନ୍ୟ ସମସ୍ତ ବିଭବଠାରୁ ସଂକ୍ଷିପ୍ତ ହେଲେ ମଧ ବଳିଷ୍ଠ । ଜନ ସମାଜର ଐତିହାସିକ ଜୀବନଯାତ୍ରା, ଦୈନନ୍ଦିନ ଜୀବନଚର୍ଯ୍ୟାର ବିଭିନ୍ନ ଅନୁଭୂତି, କର୍ମ ତଥା ସାମାଜିକ ଜୀବନର ଯାବତୀୟ ଅନୁଭବକୁ ବହନକରି ଲୋକୋକ୍ତି ସାମାଜିକ ଆଦାନପ୍ରଦାନ, ମନୋରଞ୍ଜନ, ଶିଶୁ ଓ ଯୁବାବର୍ଗକୁ ଶିକ୍ଷାଦାନ, ସାମାଜିକ ବ୍ୟବହାର, ଓ ଅନୁଭୂତିର ପ୍ରଖ୍ୟାପନ କରିବା, ବିଶ୍ୱାସ, ପରମ୍ପରା ଇତ୍ୟାଦିର ଯୌକ୍ତିକତା ପ୍ରଦାନ କରିବା କ୍ଷେତ୍ରରେ ବ୍ୟବହୃତ ହୋଇଥାଏ । ଏଥିରୁ ସମ୍ପୃକ୍ତ ଲୋକ ଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରେ ପାରମ୍ପରିକ ଭାବରେ ହେଉଥିବା ଆଦାନ-ପ୍ରଦାନର ସ୍ୱରୂପ ତଥା ସେମାନଙ୍କ ଦୃଷ୍ଟିଭଙ୍ଗୀର ପରିଚୟ ମିଳିଥାଏ । ଓଡିଆ ଲୋକଧାରା ଆଲୋଚନା ପ୍ରସଙ୍ଗରେ ଓଡିଆ ଲୋକତତ୍ତ୍ୱବିଦ୍‌ମାନେ ଉପରୋକ୍ତ ସମସ୍ତ ବିଷୟ ଉପରେ ଗବେଷଣା ବା ଆଲୋଚନା କରିନଥିଲେ ମଧ୍ୟ ପ୍ରବାଦ-ପ୍ରବଚନ, ଋଢ଼ି, ନାଁ-ଦିଆ ଆଦି ବିଷୟରେ ଅନେକ ଆଲୋଚନା କରିଛନ୍ତି ବା କରିଆସୁଛନ୍ତି ।

କୁଞ୍ଜବିହାରୀ ଦାଶ ତାଙ୍କ *ଲୋକବାଣୀ ସଂଚୟନ* ଗ୍ରନ୍ଥରେ କ) ଢଗ, ଖ) ଛଟା, ଗ) ନାଁ ଦିଆ, ଘ) ପ୍ରବାଦ ବା କାହାଣୀ ବଚନ, ଙ) କବି ବଚନ, ଚ) ଦନାଇ ବଚନ, ଛ) ଡାକ ବଚନ, ଜ) କୃଷି ପ୍ରବଚନ, ଝ) ସଂସ୍କୃତ, ହିନ୍ଦୀ, ପାରସୀ, ବା ବଙ୍ଗଳା ବଚନ, ଞ) ନ୍ୟାୟ, ଟ) ରୂଢ଼ି ପ୍ରୟୋଗ, ଠ) ଉପଦେଶ ବଚନ, ଏବଂ ଡ) ସାଧାରଣ ଲୋକଙ୍କ ବିଶିଷ୍ଟ ଉକ୍ତି ଆଦି ଭାବରେ ଲୋକୋକ୍ତିକୁ ବିଭାଗୀକରଣ କରିଛନ୍ତି (ଦାଶ ୧୯୮୦, ୧୪୪) । ସେହିପରି, ମହେନ୍ଦ୍ର କୁମାର ମିଶ୍ର ତାଙ୍କ *କଳାହାଣ୍ଡିର ଲୋକ ସଂସ୍କୃତି*ରେ ଢଗଢମାଳି, ପ୍ରବାଦ-ପ୍ରବଚନ, ଟିକଲ, ଧନ୍ଦା, ଏବଂ ସୁଭାଷଣ, କୁଭାଷଣ ଓ ସଂକେତ ଉକ୍ତି ଆଦି ଲୋକକ୍ତି ସମ୍ପର୍କରେ ଆଲୋଚନା କରିଛନ୍ତି (ମିଶ୍ର ୧୯୯୬, ୨୭୮ । ଅନୁରୂପ ଭାବରେ, ସୁଧୀର କୁମାର ସାହୁ ଲୋକକ୍ତି ଭାବରେ ଢଗ/ଛଟା/ଦାଏକା, ଏବଂ ବଖାନି ବା ଧନ୍ଦାଗୁଡିକୁ ଆଲୋଚନା କରିଛନ୍ତି (ସାହୁ ୨୦୦୮, ୧୦୮) । ଏଠାରେ ଏହି ଉପାଦାନ ସମ୍ପର୍କିତ ଆଲୋଚନା ବିଷୟରେ ସଂକ୍ଷେପରେ ସୂଚନା ପ୍ରଦାନକରିବା ସହିତ ବିଷୟର ବିଭିନ୍ନ ଦିଗ ସମ୍ପର୍କରେ ପରିଚିତ କରିବାର ପ୍ରୟାସ କରାଯାଉଛି ।

ପ୍ରବାଦ-ପ୍ରବଚନ ଲୋକୋକ୍ତିର ଏକ ବଳିଷ୍ଠ ବିଭାଗ । ଓଡିଆ ଲୋକଧାରା ଆଲୋଚନାରେ ଅନ୍ୟ କୌଣସି ଲୋକ ଉପାଦାନ ଉପରେ ବିଶେଷ ଆଲୋଚନା ନହେଲେ ବି ପ୍ରବାଦ-ପ୍ରବଚନ, ନାଁଦିଆ ପ୍ରଭୃତି କେତୋଟି ଲୋକବାଣୀ ଉପରେ ଉଲ୍ଲେଖନୀୟ ଆଲୋଚନା ଦେଖିବାକୁ ମିଳେ । ଓଡିଆ ଲୋକଧାରା ଆଲୋଚନା ପ୍ରସଙ୍ଗରେ ଅନେକ ଲୋକତତ୍ତ୍ୱବିଦ୍ ପ୍ରବାଦ-ପ୍ରବଚନ ସମ୍ପର୍କରେ ବହୁ ଆଲୋଚନା କରିଛନ୍ତି ତେବେ, କେତେକ ଏହାକୁ ଲୋକ ଗୀତ ଭାବରେ ଗ୍ରହଣ କରିଛନ୍ତି । କିନ୍ତୁ, ଏହା ଲୋକ ଗୀତ ନୁହେଁ ବରଂ ଏକ ସ୍ୱତନ୍ତ୍ର ବାଚିକ ପରିପ୍ରକାଶ । ଆନ୍ତର୍ଜାତିକ ସ୍ତରରେ ମଧ୍ୟ ଏହାକୁ ଏକ ସ୍ୱତନ୍ତ୍ର ଉପାଦାନ ଭାବରେ ଗ୍ରହଣ କରାଯାଇଛି ।

ବିଶିଷ୍ଟ ଲୋକତତ୍ତ୍ୱବିଦ୍ କୁଞ୍ଜବିହାରୀ ଦାଶ ପ୍ରବଚନ ଏବଂ ଢଗ ମଧ୍ୟରେ ବିଶେଷ ତଫାତ୍‌କୁ ଗ୍ରହଣ କରିପାରିନଥିଲେ— 'ପ୍ରବଚନ ଓ ଢଗ ମଧ୍ୟରେ ତାରତମ୍ୟ କ୍ଷୀଣ । ଢଗର ପରିସର ବୃହତ୍ । ପ୍ରବଚନ ଢଗର ଅନ୍ତର୍ଗତ ହୋଇପାରେ । ଏହାର ଅର୍ଥ ଧର୍ମ ବା ନୀତି ସମ୍ବଳିତ ଉକ୍ତି । କୃଷି ବଚନକୁ ମଧ୍ୟ ପ୍ରବଚନ ଆଖ୍ୟା ଦିଆଯାଇଥାଏ । ଏଠି ପ୍ରବଚନର ଅର୍ଥ ପ୍ରକୃଷ୍ଟ ବା ପ୍ରଧାନ ଉକ୍ତି । ପ୍ରବାଦ ପ୍ରବଚନଠାରୁ ଭିନ୍ନତର । ଏହାର ଅର୍ଥ ଜନଶ୍ରୁତି, କିମ୍ବଦନ୍ତୀ ବା କଥା-

ସମ୍ମିଳିତ ଉକ୍ତି । କେତୋଟି ଶବ୍ଦ ମଧ୍ୟରେ ଗୋଟିଏ କିମ୍ବଦନ୍ତୀ ବା କଥା ସୂଚିତ ହୋଇଥାଏ ' (ଦାଶ ୧୯୮୦, ୧୪୫) । ଏବଂ, ସେ ସାମଗ୍ରିକ ଭାବରେ ଢଗଢମାଳି ଓ ପ୍ରବାଦ ପ୍ରବଚନକୁ ୧. ପୌରାଣିକ, ୨. କିମ୍ବଦନ୍ତୀମୂଳକ, ୩. ଗଳ୍ପାତ୍ମକ, ୪. କୃଷି ବାଣିଜ୍ୟ ବିଷୟକ, ୫. ଦୈବିକ, ୬. ଧର୍ମ, ଦର୍ଶନ ଓ ନୀତି ଉପଦେଶମୂଳକ, ୭. ସମସ୍ୟାମୂଳକ, ୮. ତୁଳନାତ୍ମକ, ୯. ଐତିହାସିକ, ୧୦. ମାନବେତର ପ୍ରାଣୀ ବିଷୟକ, ୧୧. ବୁଦ୍ଧି ଜ୍ଞାନ ବିଷୟକ, ୧୨. ଜାତି ବିଷୟକ, ୧୩. କ୍ରୀଡାକୌତୁକାତ୍ମକ, ଏବଂ ୧୪. ବିବିଧ ଭାବରେ ବିଭକ୍ତ କରନ୍ତି (ଦାଶ ୧୯୮୦, ୧୭୩) । ସେହିପରି, ଓଡିଆ ଲୋକଧାରା ଆଲୋଚନାର ଅନ୍ୟତମ ଲୋକତତ୍ତ୍ୱବିଦ୍ ମହେନ୍ଦ୍ର କୁମାର ମିଶ୍ର କଳାହାଣ୍ଡି ଅଞ୍ଚଳର ବିଭିନ୍ନ ପ୍ରବାଦ-ପ୍ରବଚନ ଏବଂ ଢଗଢମାଳିକୁ ୧. ପାରିବାରିକ, ୨. ସାମାଜିକ, ୩. ବ୍ୟବହାରିକ ବା ନୀତିଶିକ୍ଷାମୂଳକ, ୪. ଲୋକଚରିତ୍ରଭିତ୍ତିକ, ୫. ପୌରାଣିକ, ୬. ଐତିହାସିକ, ୭. କୃଷିଭିତ୍ତିକ, ୮. ଜ୍ୟୋତିଷ ଓ ଆୟୁର୍ବେଦଭିତ୍ତିକ ପ୍ରବଚନ ଭାବରେ ବିଭାଗୀକରଣ କରିଛନ୍ତି (ମିଶ୍ର ୧୯୯୬, ୨୭୯) । ଅନୁରୂପ ଭାବରେ, ଅଜୟ କୁମାର ମିଶ୍ର ପ୍ରବାଦ ଏବଂ ପ୍ରବଚନକୁ ଅଲଗା ଅଲଗା ଭାବରେ ଆଲୋଚନା କରିବା ସହିତ ଏହାକୁ ୧. ପୁରାଣ କଥାଭିତ୍ତିକ, ୨. ଇତିହାସ କାହାଣୀ ଆଧାରିତ, ୩. ଦେବାଦେବୀ ଓ ଧର୍ମ ସମ୍ବନ୍ଧୀୟ, ୪. ଲୋକବିଶ୍ୱାସମୂଳକ, ୫. ଲୋକ କଥାଭିତ୍ତିକ ପ୍ରବାଦ ଭାବରେ ବିଭକ୍ତ କରିବା ସହିତ (ମିଶ୍ର ୧୯୯୭, ୧୦) ପ୍ରବଚନକୁ ୧. ପୌରାଣିକ, ୨. କିମ୍ବଦନ୍ତୀମୂଳକ, ୩. ଇତିହାସ ସମର୍ଥିତ, ୪. ଗଳ୍ପାତ୍ମକ ପ୍ରବଚନ, ୫. ଲୋକବିଶ୍ୱାସମୂଳକ ପ୍ରବଚନ, ୬. ଉପଦେଶାତ୍ମକ ବା ନୀତିବାଣୀଭିତ୍ତିକ ପ୍ରବଚନ, ୭. ଧର୍ମ ସମ୍ବନ୍ଧୀୟ ପ୍ରବଚନ, ୮. ଦୈବୀଶକ୍ତି ବା ଭାଗ୍ୟ ବିଷୟକ ପ୍ରବଚନ, ୯. କ୍ଷଣଭଙ୍ଗବାଦଭିତ୍ତିକ ପ୍ରବଚନ, ୧୦. ଅନୁଭବଭିତ୍ତିକ ପ୍ରବଚନ, ୧୧. କ୍ରୀଡାକୌତୁକ ଭିତ୍ତିକ ପ୍ରବଚନ, ୧୨. ସ୍ୱାସ୍ଥ୍ୟ ବିଷୟକ ପ୍ରବଚନ, ୧୩. ଜ୍ୟୋତିଷବଚନ ଭିତ୍ତିକ ପ୍ରବଚନ, ୧୪. ପରିବାର ସମ୍ପର୍କିତ ପ୍ରବଚନ, ୧୫. ମାନବ ଚରିତ୍ର ସଙ୍କେତାତ୍ମକ ପ୍ରବଚନ, ୧୬. ଋତୁ ଓପାଣିପାଗ ସମ୍ପର୍କିତ ପ୍ରବଚନ, ୧୭. କୃଷିବିଷୟକ ପ୍ରବଚନ, ୧୮. ପଶୁପକ୍ଷୀ ସମ୍ପର୍କିତ ପ୍ରବଚନ, ୧୯. ସମସ୍ୟାମୂଳକ ପ୍ରବଚନ, ୨୦. ତୁଳନାତ୍ମକ ପ୍ରବଚନ, ୨୧. ବିରୋଧାଭାସାତ୍ମକ ପ୍ରବଚନ ୨୨. ଜାତିଭିତ୍ତିକ ପ୍ରବଚନ, ଏବଂ ୨୩. ବ୍ୟଙ୍ଗାତ୍ମକ ପ୍ରବଚନ ଆଦି ବିଭିନ୍ନ ବିଭାଗରେ ବିଭକ୍ତ କରିଛନ୍ତି (ମିଶ୍ର ୧୯୯୭, ୨୪-୪୨) ।

ଓଡିଆ ଲୋକଧାରା ଆଲୋଚନାର ଅନ୍ୟତମ କୃତବିଦ୍ୟ ଲୋକତତ୍ତ୍ୱବିଦ୍ କୃଷ୍ଣଚନ୍ଦ୍ର ପ୍ରଧାନ ତାଙ୍କର *ଲୋକ ସାହିତ୍ୟ: ତତ୍ତ୍ୱରୂପ ଓ କଳାରୂପ* ଗ୍ରନ୍ଥରେ ପ୍ରବାଦ-ପ୍ରବଚନକୁ ୧. ଐତିହାସିକ ଓ କିମ୍ବଦନ୍ତୀ ବିଷୟକ, ୨. ପ୍ରାକୃତିକ ଜଗତ ସମ୍ବନ୍ଧୀୟ, ୩. ସମାଜ ବିଷୟକ, ୪. ଲୋକ ବିଶ୍ୱାସ ସମ୍ବନ୍ଧୀୟ ପ୍ରବାଦ-ପ୍ରବଚନ ଭାବରେ ବିଭାଗୀକରଣ କରିବା ସହିତ ସମାଜ ବିଷୟକ ପ୍ରବାଦ ପ୍ରବଚନକୁ ୧. ବିଭିନ୍ନ ଜାତି, ୨. ବିଭିନନ୍ନ ବ୍ୟକ୍ତିବିଶେଷ ଓ ସେମାନଙ୍କ ଚରିତ୍ର ସମ୍ବନ୍ଧୀୟ, ୩. ସାମାଜିକ ବିଧିବିଧାନ ସମ୍ବନ୍ଧୀୟ, ୪. ଖାଦ୍ୟପେୟ, ୫. ଉପକରଣ, ୬. କୃଷି ବିଷୟକ, ୭. ସ୍ୱାସ୍ଥ୍ୟ ବିଷୟକ, ୮. ଅର୍ଥ ସମ୍ପର୍କିତ, ୯. ଧର୍ମ, ଦର୍ଶନ, ଓ ନିୟତି ସମ୍ବନ୍ଧୀୟ, ୧୦. କର୍ମଫଳ ଓ ଜୀବନର କ୍ଷଣଭଙ୍ଗୁରତା, ୧୧. ଭୌତିକବାଦ, ୧୨. ତୀର୍ଥ, ଦେବତା, ପୂଜାପାର୍ବଣ ସମ୍ବନ୍ଧୀୟ ପ୍ରବଚନ ଭାବରେ ମଧ୍ୟ ବିଭକ୍ତ କରିଛନ୍ତି (ପ୍ରଧାନ ୨୦୦୪,୧୨୫) ।

ଓଡିଆ ପ୍ରବାଦ ପ୍ରବଚନ ମଧ ବିଶ୍ୱର ଅନ୍ୟାନ୍ୟ ସଂସ୍କୃତିର ପ୍ରବାଦ ପ୍ରବଚନ ପରି ସଂକ୍ଷିପ୍ତ, ଗଦ୍ୟ ପଦ୍ୟାତ୍ମକ, ଉପଦେଶାତ୍ମକ, ତଥା ବ୍ୟଞ୍ଜନା ଓ ବିଦ୍ରୁପାତ୍ମକ, ଓ ବ୍ୟାବହାରିକ ଜୀବନଧାରାର ଚିତ୍ର ପ୍ରକାଶକ । ଏଥିରେ "ମଣିଷର ଅଗଣିତ ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ଓ ନାସାକୁଞ୍ଚନ ବହୁ ବିଚିତ୍ର ଭଙ୍ଗୀରେ ଆତ୍ମପ୍ରକାଶ କରିଛି । ଏ ସମସ୍ତଙ୍କର ଲକ୍ଷ୍ୟ ସ୍ୱାର୍ଥ ସର୍ବସ୍ୱ ମଣିଷକୁ ତାର ସମସ୍ତ ସଂକୀର୍ଣ୍ଣ ଚିନ୍ତାରୁ ମୁକ୍ତ କରି ଗୋଟିଏ ଶୁଦ୍ଧ ସଂସ୍କୃତ ଚରିତ୍ରବାନ୍ ସାମାଜିକ ବ୍ୟକ୍ତି ଭାବରେ ପ୍ରତିଷ୍ଠା ପ୍ରଦାନ କରିବା । ହଜାର ହଜାର ବର୍ଷଧରି ଜୀବନ ପ୍ରତି ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଦୃଷ୍ଟିଭଙ୍ଗୀ ସାର୍ବକାଳିକ ପ୍ରତିଷ୍ଠା ଲାଭକରିଛି ଓ ସାଂସ୍କୃତିକ ଚେତନାର ମୂଲ୍ୟବୋଧ ଭାବରେ ପରିଗୃହୀତ ହୋଇଛି" (ରଥ ୧୯୮୨, ୯୬) ।

ପ୍ରବାଦ-ପ୍ରବଚନ ବ୍ୟତୀତ ନାଁ-ଦିଆ ଏବଂ ଛଟା, ଦାଏକା ବା ଧନ୍ଦା ଭଳି ବିଭିନ୍ନ ଉପାଦାନ ଉପରେ ମଧ୍ୟ ଅନେକ ଲୋକତତ୍ତ୍ୱବିଦ୍ ଓଡିଆ ଲୋକଧାରା ଆଲୋଚନା କ୍ରମରେ ଆଲୋଚନା କରିଛନ୍ତି ତଥା ନିଜନିଜ ଦୃଷ୍ଟିକୋଣରୁ ଏହାର ବିଭାଗୀକରଣ  କରିଛନ୍ତି । ଯେପରି— କୁଞ୍ଜବିହାରୀ ଦାଶ ନାଁ-ଦିଆକୁ ସାତ ଭାଗରେ ବିଭକ୍ତ କରିଥିଲେ, ୧. କୃଷିଜାତ ଦ୍ରବ୍ୟ ଓ କୃଷି ଉପକରଣ ସମ୍ବନ୍ଧୀୟ, ୨. ଖାଦ୍ୟବସ୍ତୁ ସମ୍ବନ୍ଧୀୟ, ୩. ଘରକରଣା ସମ୍ବନ୍ଧୀୟ, ୪. ପ୍ରାଣୀ ସମ୍ବନ୍ଧୀୟ, ୫. ପ୍ରକୃତି ସମ୍ବନ୍ଧୀୟ, ୬. ଗ୍ରହତାରା ସମ୍ବନ୍ଧୀୟ, ଏବଂ ୭. ବିବିଧ (ଦାଶ ୧୯୫୮, ୨୪୮) । ସେହିପରି, ଧନ୍ଦା ବା ନାଁ-ଦିଆକୁ ୧. ମାନବ ଶରୀର ସମ୍ବନ୍ଧୀୟ, ୨. ଖାଦ୍ୟପେୟ ସମ୍ବନ୍ଧୀୟ, ୩. ଜାତି ଓ ବ୍ୟବସାୟୀ ସମ୍ବନ୍ଧୀୟ, ୪. କୃଷି ଓ ହାତହତିଆର ସମ୍ବନ୍ଧୀୟ, ୫. ପୌରାଣିକ ବିଦ୍ୟା ଓ ଗଣିତ ସମ୍ବନ୍ଧୀୟ, ୫. ପଶୁପକ୍ଷୀ ଓ ପ୍ରାଣୀ ସମ୍ବନ୍ଧୀୟ, ଏବଂ ୬. ବିଶ୍ୱ ଓ ପ୍ରକୃତି ସମ୍ବନ୍ଧୀୟ ଆଦି ଭାଗରେ ବିଭକ୍ତ କରିଛନ୍ତି ଲୋକତତ୍ତ୍ୱବିଦ୍ ମହେନ୍ଦ୍ର କୁମାର ମିଶ୍ର (ମିଶ୍ର ୧୯୯୬, ୨୯୬) । ପରବର୍ତ୍ତୀ ସମୟରେ, ଧନ୍ଦାକୁ ବଖାନି ଭାବରେ ଗ୍ରହଣକରି ସୁଧୀର କୁମାର ସାହୁ ମଧ୍ୟ ୧. ମଣିଷ ଓ ଅନ୍ୟାନ୍ୟ ଜୀବଜନ୍ତୁ ସମ୍ବନ୍ଧୀୟ, ୨. କୃଷି ସମ୍ବନ୍ଧୀୟ, ୩. ବୃକ୍ଷଲତା ସମ୍ବନ୍ଧୀୟ, ୪. ଗୃହପୋକରଣ ଓ ଖାଦ୍ୟପୋକରଣ, ଏବଂ ୫. ଗଣିତ ସମ୍ବନ୍ଧୀୟ ଆଦି ପାଞ୍ଚଟି ବିଭାଗରେ ବିଭକ୍ତ କରିଛନ୍ତି (ସାହୁ ୨୦୦୮, ୧୨୭-୧୨୯) । ସୁଧୀର କୁମାର ସାହୁ ଛଟା ଦାଏକାକୁ ମଧ୍ୟ ଶୃଙ୍ଖଳା ଦୃଷ୍ଟିରୁ କର୍ମ ସମ୍ବନ୍ଧୀୟ ୧. ଜାତି ସମ୍ବନ୍ଧୀୟ, ୨. ମାନବିକ ଚରିତ୍ର ସମ୍ବନ୍ଧୀୟ, ୩. ସ୍ଥାନ ସମ୍ବନ୍ଧୀୟ, ୪. ଜନବିଜ୍ଞାନ ସମ୍ବନ୍ଧୀୟ. ଏବଂ ୫. ସାମାଜିକ ଶିକ୍ଷାମୂଳକ ଭାବରେ ବର୍ଗୀକରଣ କରିଛନ୍ତି (ସାହୁ ୨୦୦୮, ୧୧୭); ଏବଂ ବଖାନି ବା ଧନ୍ଦାକୁ ୧. ମଣିଷ ଓ ଅନ୍ୟାନ୍ୟ ଜୀବଜନ୍ତୁ ସମ୍ବନ୍ଧୀୟ, ୨. କୃଷି ସମ୍ବନ୍ଧୀୟ ସମ୍ବନ୍ଧୀୟ, ୩. ବୃକ୍ଷଲତା ସମ୍ବନ୍ଧୀୟ, ୪. ଗୃହପୋକରଣ ଓ ଖାଦ୍ୟପୋକରଣ ସମ୍ବନ୍ଧୀୟ, ଏବଂ ୫. ଗଣିତ ସମ୍ବନ୍ଧୀୟ ଭାବରେ ବିଭାଗୀକରଣ କରିଛନ୍ତି (ସାହୁ ୨୦୦୮,୧୨୪-୧୩୦) ।

ସୁଧୀର କୁମାର ସାହୁ ଛଟା, ଦାଏକାର ବୈଶିଷ୍ଟ୍ୟ ଭାବରେ ୧. ସଂକ୍ଷିପ୍ତତା, ସରଳତା, ଅର୍ଥଗର୍ଭତା, ୨. ଗଦ୍ୟାତ୍ମକତା, ୩. ସମଧର୍ମୀ ଚିତ୍ରାତ୍ମକତା, ୪. ବ୍ୟବହାରିକତା, ୫. ବ୍ୟଞ୍ଜନା ଓ ବିଦ୍ରୁପାତ୍ମକତା, ଏବଂ ୬. ସାମାଜିକ ଓ ଇତିହାସର ପରିବାହକ ପ୍ରଭୃତି ଆୟାମ ସମ୍ପର୍କରେ ଉଲ୍ଲେଖ କରିବା ସହ, ବଖାନୀର ବୈଶିଷ୍ଟ୍ୟ ଭାବରେ ୧. ଉଭୟ ପକ୍ଷ ଅଂଶଗ୍ରହଣ, ୨. ରହସ୍ୟାତ୍ମକତା, ୩. ଦ୍ୱି-ଅର୍ଥ ବୋଧକ, ୪. ପ୍ରତିସ୍ପର୍ଦ୍ଧା, ୫. ରୂପକ ଧର୍ମୀତା, ଏବଂ ୬. ଅସମ୍ଭାବ୍ୟତା ଆଦି ବିଷୟର ଉଲ୍ଲେଖକରି ଏହିସବୁ ଦିଗ ଉପରେ ବିଶଦ ଭାବରେ ଆଲୋଚନା କରିଛନ୍ତି (ସାହୁ ୨୦୦୮,୧୧୨-୧୩୦) । ଏଗୁଡିକ ଲୋକ ମାନସର କଳ୍ପନା ଓ ବୌଦ୍ଧିକତାରୁ ପ୍ରସୂତ । ଏଥିରେ ବିଭିନ୍ନ  ଘଟଣା, ବିଷୟବସ୍ତୁ, ପରିସ୍ଥିତି, ମାନବ ଶରୀର, ଖାଦ୍ୟପେୟ, ଗୃହୋପକରଣ, ପୌରାଣିକ ବିଦ୍ୟା, ହାତ-ହତିଆର, ଜାତି ତଥା ବୃତ୍ତି ବ୍ୟବସାୟ, ପଶୁପକ୍ଷୀ ଓ ପ୍ରାଣୀ, ବୃକ୍ଷଲତା ସମ୍ପର୍କରେ ଅସଂଖ୍ୟ ରୂପକାତ୍ମକ, ଶ୍ଳେଷାତ୍ମକ ଆଖ୍ୟାନ ଶୁଣିବାକୁ ମିଳିଥାଏ । ସାଧାରଣତଃ, ଏଗୁଡିକ ବ୍ୟକ୍ତି ଚରିତ୍ରକୁ ଆକ୍ଷେପ ତଥା ସମାଲୋଚନା କରି କୁହାଯିବା ସହିତ ସାମାଜିକ ଚଳଣିରେ ଅସଙ୍ଗତି ଲକ୍ଷ୍ୟକଲେ କିମ୍ବା ପ୍ରେମ ବିବାହ, ପରକୀୟା ପ୍ରୀତି, ଏପରିକି ଅବ୍ୟବସ୍ଥିତ ଦାମ୍ପତ୍ୟ ଜୀବନ ସମ୍ପର୍କରେ ମଧ ବିଭିନ୍ନ ପରିବେଶ ଓ ପରିସ୍ଥିତିରେ ଅନେକ ବଖାନି ପ୍ରକାଶିତ ହୋଇଥାଏ ।

ପ୍ରବାଦ-ପ୍ରବଚନ, ଢଗଢମାଳି, ଟିକଲ, ଧନ୍ଦା ତଥା ବଖାନିରୁ ପାରମ୍ପରିକ ଗୋଷ୍ଠୀ ଜୀବନର ସର୍ଜନଶୀଳ ଚିନ୍ତାଧାରାକୁ ଉପଲବ୍ଧ କରିବା ସଙ୍ଗେସଙ୍ଗେ ସମ୍ପୃକ୍ତ ଲୋକ ଗୋଷ୍ଠୀର କଳ୍ପନା, ବୁଦ୍ଧି ଓ ଆବେଗ ତଥା କ୍ରିୟା ପ୍ରତିକ୍ରିୟାକୁ ଆକଳନ କରାଯାଇପାରେ । ଏଗୁଡିକ ଲୋକ ଗୋଷ୍ଠୀର ବିଭିନ୍ନ ସଦସ୍ୟଙ୍କ ବ୍ୟବହାରକୁ ଶୃଙ୍ଖଳିତ କରି ଏକ ସୁସ୍ଥ ସୁସଂହତ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

### ୩.୧.୪ ଅନ୍ୟାନ୍ୟ ବାଚିକ ଆଦାନପ୍ରଦାନ

ପ୍ରବାଦ-ପ୍ରବଚନ, ରୂଢ଼ି, ନାଁ-ଦିଆ ତଥା ବଖାଣି ବ୍ୟତୀତ ଦୈନନ୍ଦିନ ଜୀବନରେ ଆଦାନ-ପ୍ରଦାନ ହେଉଥିବା ଚୁଟକୁଲା ବା ଗାଲୁଗପ, ଗମାତ, ବିଶେଷ ବାକ୍ୟ ଏବଂ ବକ୍ତବ୍ୟ ଆଦି ମଧ୍ୟ ଲୋକଧାରାର ଏକଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଏ ସମ୍ପର୍କରେ ଓଡିଆ ଲୋକଧାରା ଆଲୋଚନାରେ ଆଦୌ ଗବେଷଣା ହୋଇନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ଅତଏବ, ଏଠାରେ ଏହି ଉପାଦାନର ସ୍ୱରୂପ ସମ୍ପର୍କରେ ଏକ ସଂକ୍ଷିପ୍ତ ଅବଧାରଣା ପାଇଁ କେତୋଟି ଉଦାହରଣମାତ୍ର ଦିଆଯାଉଛି ।

ଆମେ ପ୍ରତିଦିନ ବିଭିନ୍ନ ପରିବେଶରେ ବିଭିନ୍ନ ଲୋକ ଗୋଷ୍ଠୀରେ ତଥା ନିଜ ଗୋଷ୍ଠୀର ସଦସ୍ୟଙ୍କ ସହିତ ମଧ୍ୟ ଆଦାନପ୍ରଦାନ ସମୟରେ ଅନେକ ଗମାତ କରିଥାଉ । ବେଳେବେଳେ ଅନ୍ତରଙ୍ଗ ସାଙ୍ଗସାଥୀଙ୍କ ଭିତରେ ନିଷିଦ୍ଧ ଗମାତଗୁଡିକ ମଧ୍ୟ ଆଦାନପ୍ରଦାନ ହୋଇଥାଏ । ଏହା ବ୍ୟତୀତ, ଆମେ ପ୍ରତିଦିନ ଖବରକାଗଜ, ଇଣ୍ଟରନେଟ୍, ବିଭିନ୍ନ ପତ୍ରପତ୍ରିକା, ଏବଂ ମୋବାଇଲେ ମଧ୍ୟ ଅନେକ ଗମାତର ଆଦାନପ୍ରଦାନ କରିଥାଉ ; ଏ ସମ୍ପର୍କରେ ଆମେ ସମସ୍ତେ ଅବଗତ ଅତଏବ, କୌଣସି ଉଦାହରଣ ଦେବାର ଆବଶ୍ୟକତା ନାହିଁ । ସେହିପରି, ବିଶେଷ ବାକ୍ୟ ଏବଂ ବକ୍ତବ୍ୟଗୁଡିକ ମଧ୍ୟ ସମ୍ପୃକ୍ତ ଲୋକ ଗୋଷ୍ଠୀର ପାରମ୍ପରିକ ଜ୍ଞାନ ତଥା ସୃଜନକଳାର ପରିପ୍ରକାଶକ । ଏପରିକି ଗୋଟିଏ ଲୋକ ଗୋଷ୍ଠୀର ସଦସ୍ୟମାନେ ପରସ୍ପର ମଧ୍ୟରେ ଆଦାନପ୍ରଦାନ କରୁଥିବା ଗାଳିକୁ ମଧ୍ୟ ଲୋକତତ୍ତ୍ୱବିଦମାନେ ଗୋଷ୍ଠୀର ପାରମ୍ପରିକ ଆଦାନପ୍ରଦାନର ସ୍ୱରୂପ ସମ୍ପର୍କରେ ଅବଗତ ହେବା ପାଇଁ ଆଲୋଚନା କରିବା ଆନ୍ତର୍ଜାତିକ ସ୍ତରରେ ଗବେଷଣା ରତ । ଓଡିଆ ଲୋକଧାରା ଏହି ଅନ୍ୟାନ୍ୟ ଲୋକୋକ୍ତି ଆଲୋଚନା ପ୍ରସଙ୍ଗକ୍ରମେ ରାଜେନ୍ଦ୍ର ଷଡଙ୍ଗୀଙ୍କ "ଲୋକ ବଚନରେ ଗାଳି", ଏବଂ ଅଜୟ କୁମାର ମିଶ୍ରଙ୍କ "ଗାଳି" ପ୍ରବନ୍ଧ ଦୁଇଟି ଏଠାରେ ଉଲ୍ଲେଖନୀୟ ନିଶ୍ଚୟ । ସେହିପରି, *ଓଡିଆ ଲୋକ ସାହିତ୍ୟ* ଗ୍ରନ୍ଥରେ ଲକ୍ଷ୍ମୀକାନ୍ତ ତ୍ରିପାଠୀ "ଓଡିଆ ଲୋକ ଠାର" ସମ୍ପର୍କରେ ଆଲୋଚନା କରିଛନ୍ତି । ଏବଂ, ମହେନ୍ଦ୍ର କୁମାର ମିଶ୍ର ମଧ୍ୟ ତାଙ୍କ କଳାହାଣ୍ଡିର ଲୋକ ସଂସ୍କୃତି ଗ୍ରନ୍ଥରେ ସୁଭାଷଣ, କୁଭାଷଣ ଓ ସଂକେତ ଉକ୍ତି ଉପଶୀର୍ଷକରେ ଯୌନ ସମ୍ପର୍କିତ, ମୃତ୍ୟୁ ସମ୍ପର୍କିତ, ଏବଂ ରୋଗବ୍ୟାଧି ସମ୍ପର୍କିତ ଅନେକ ପାରମ୍ପରିକ ପରିପ୍ରକାଶ ସମ୍ପର୍କରେ ଆଲୋଚନା କରିଛନ୍ତି (ମିଶ୍ର ୧୯୯୬, ୩୦୪-୫) ।

ଆମର ଦୈନନ୍ଦିନ ଜୀବନରେ ପ୍ରାୟ ସମୟରେ ଅନେକ ବିଶେଷ ବାକ୍ୟ ପ୍ରକାଶ କରିଥାଉ ଯାହା କଳାତ୍ମକ ଏବଂ ସାଧାରଣ ପରିପ୍ରକାଶଠାରୁ ଅନେକତଃ ଭିନ୍ନ । ଏହାର ପ୍ରତୀକିତ ଅର୍ଥ କେବଳ ସମ୍ପୃକ୍ତ ଲୋକ ଗୋଷ୍ଠୀର ସଦସ୍ୟ ହିଁ ବୁଝିବା ସମ୍ଭବ ହୋଇଥାଏ । 'କ'ଣ ରେଳରେ ଆସିଲ କି ?', 'କ'ଣ ଦେହ ଭଲ ନାହିଁ ?', 'ନିଦ ହେଇନି ବୋଧେ !', 'ଜାଣିପାରୁନ ଆଉ ?', 'କ'ଣ ଗଧୋଇନ ?', 'ଶଶୁର ଘର ସମ୍ପତ୍ତି ତ ପଡିଛି !', ଏବଂ '(ପୁରୀ)ପଣ୍ଡାକୁ ଦେଉଳ ଦେଖାଉଛ ?' ପ୍ରଭୃତି ଭଳି ବିଶେଷ ବାକ୍ୟ ତଥା ବକ୍ତବ୍ୟଗୁଡିକୁ ଏହାର ଉଦାହରଣ ଭାବରେ ଗ୍ରହଣ କରାଯାଇପାରେ । ଓଡିଶାର ବିଭିନ୍ନ ଅଞ୍ଚଳରେ ତଥା ବିଭିନ୍ନ ଲୋକ ଗୋଷ୍ଠୀରେ ଏଭଳି ସହସ୍ରାଧିକ ବିଶେଷ ଆଦାନପ୍ରଦାନ ଆମେ ଦେଖିପାଇପାରିବା ଯାହାର ଲୋକତାତ୍ତ୍ୱିକ ଅଧ୍ୟୟନ ସେହି ଗୋଷ୍ଠୀର ଆଦାନପ୍ରଦାନ ତଥା ସାଂସ୍କୃତିକ ସ୍ୱରୂପକୁ ଉନ୍ମୋଚନ କରିବାରେ ସହାୟକ ହୋଇପାରେ ।

## ପ୍ରଶ୍ନ

**କ) ଦୀର୍ଘ ଉତ୍ତରମୂଳକ**

୧) ଓଡିଆ ଲୋକ ସାହିତ୍ୟ ପରିପ୍ରେକ୍ଷୀରେ ମିଥ୍ ସମ୍ପର୍କରେ ଆଲୋଚନା କରନ୍ତୁ ।

୨) ଓଡିଆ ଲୋକ କାହାଣୀର ବିଭାଗୀକରଣ ସହ ଏହାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରନ୍ତୁ ।

୩) ଓଡିଆ ଲୋକ କାବ୍ୟ ସମ୍ପର୍କରେ ଆଲୋଚନା କରନ୍ତୁ ।

**ଖ) ନାତିଦୀର୍ଘ ଉତ୍ତରମୂଳକ**

୧) ଓଡିଆ କିମ୍ବଦନ୍ତୀର ଆଲୋଚନାକ୍ରମରେ ଏହାକୁ ଲୋକତତ୍ତ୍ୱବିଦ୍‌ମାନେ କିପରି ବିଭାଗୀକରଣ କରିଛନ୍ତି ଆଲୋଚନା କରନ୍ତୁ ।

୨) ଓଡିଆ ଲୋକ ଗୀତର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରନ୍ତୁ ।

୩) ଓଡିଆ ନାଁ-ଦିଆ ଗୁଡିକର ବିଭାଗୀକରଣ ସମ୍ପର୍କରେ ଉଲ୍ଲେଖ କରନ୍ତୁ ।

**ଗ) ସଂକ୍ଷିପ୍ତ ଉତ୍ତରମୂଳକ**

୧) ଭେରିଅର ଏଲଓ୍ୱିନ୍ ଓଡିଆ ଆଦିବାସୀ ମିଥ୍‌କୁ କେତେ ଭାଗରେ ବିଭକ୍ତ କରିଛନ୍ତି ଓ ସେଗୁଡିକ କ'ଣ ?

୨) ଓଡିଶାରେ ପ୍ରଚଳିତ ବିଭିନ୍ନ ଦେବଦେବୀ ମିଥ୍ ବିଷୟରେ ଉଲ୍ଲେଖ କରନ୍ତୁ ।

ତୃତୀୟ ପରିଚ୍ଛେଦ

ଦ୍ୱିତୀୟ ଭାଗ

# ଓଡିଆ ଲୋକ ସଂସ୍କୃତି

୩.୨.୦ ଉପକ୍ରମ

୩.୨.୧ ଓଡିଶାର ବିଭିନ୍ନ ଲୋକ ଗୋଷ୍ଠୀ

୩.୨.୨ ଦୈନନ୍ଦିନ ଜୀବନଜୀବିକା

୩.୨.୩ ପାରିବାରିକ ଜୀବନ

୩.୨.୪ ଖାଦ୍ୟପେୟ

୩.୨.୫ ବେଶ-ପୋଷାକ ଓ ଅଳଙ୍କାର

୩.୨.୬ ଦେବଦେବୀ ତଥା ଧାର୍ମିକ ବିଶ୍ୱାସ

୩.୨.୭ ସାମାଜିକ ରୀତିନୀତି ଏବଂ ପର୍ବପର୍ବାଣି

୩.୨.୮ ଜନ୍ମ-ମୃତ୍ୟୁ-ବିବାହ

୩.୨.୯ ଲୋକ ବିଶ୍ୱାସ

୩.୨.୯ କଳାତ୍ମକ ପରିପ୍ରକାଶ: ଲୋକ ସାହିତ୍ୟ, ଏବଂ ନୃତ୍ୟ-ନାଟକ

୩.୨.୧୦ ଅନ୍ୟ କଳାତ୍ମକ ପରିବେଷଣ

୩.୨.୧୧ ଓଡିଆ ଲୋକ ସଂସ୍କୃତିର ବୈଶିଷ୍ଟ୍ୟ

## ୩.୨.୦ ଉପକ୍ରମ

ଭୌଗୋଳିକ ଦୃଷ୍ଟିକୋଣରୁ ଓଡିଶାର ଉତ୍ତରରେ ବିହାର, ପଶ୍ଚିମରେ ମଧ୍ୟପ୍ରଦେଶ, ଦକ୍ଷିଣରେ ଆନ୍ଧ୍ରପ୍ରଦେଶ ଓ ଉତ୍ତର-ପୂର୍ବରେ ପଶ୍ଚିମବଙ୍ଗଳା ଅବସ୍ଥିତ । ଉତ୍ତର-ପୂର୍ବରେ ପଶ୍ଚିମବଙ୍ଗ ଅନ୍ତର୍ଗତ ମେଦିନୀପୁର ଜିଲାରୁ ଆରମ୍ଭକରି ଆନ୍ଧ୍ର ଉପକୂଳରେ ଶ୍ରୀକାକୁଲମ୍ ଜିଲାର ସୀମା ପର୍ଯ୍ୟନ୍ତ ବଙ୍ଗୋପସାଗର ଓଡିଶାର ଉପକୂଳରେ ପ୍ରବାହିତ, ଅର୍ଥାତ୍ ଅନ୍ୟପକ୍ଷରେ ଏହାକୁ ଉତ୍ତର ଓ ଦକ୍ଷିଣ ଭାରତର ସଙ୍ଗମସ୍ଥଳ କହିଲେ ଅତ୍ୟୁକ୍ତି ହେବନାହିଁ । ଆର୍ଯ୍ୟ-ଅଧ୍ୟୁଷିତ ଉତ୍ତର ଭାରତ, ଓ ଦ୍ରାବିଡ ବହୁଳ ଦକ୍ଷିଣଭାରତର ମଧ୍ୟସ୍ଥଳରେ ଏହାର ଅବସ୍ଥିତି ଓଡିଶାର ସଂସ୍କୃତି ତଥା ଜୀବନଚକ୍ରକୁ ବହୁ ପରିମାଣରେ ଅନୁପ୍ରାଣିତ କରିଛି ।

ବର୍ତ୍ତମାନର ଓଡିଶା ତିରିଶଗୋଟି ଜିଲାକୁ ନେଇ ଗଠିତ । ସେଗୁଡିକ ମଧ୍ୟରୁ କେତେକ ସମତଳ ତଥା ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାସ୍ଥଳେ ଅନ୍ୟଗୁଡିକ ଘନଜଙ୍ଗଲ ପରିବେଷ୍ଟିତ ପାର୍ବତ୍ୟାଞ୍ଚଳର ଅନ୍ତର୍ଭୁକ୍ତ । ସମୁଦ୍ର ଉପକୂଳଠାରୁ ଆରମ୍ଭକରି ହଜାର ହଜାର ଫୁଟ ଉଚ୍ଚ ପର୍ବତମାଳା ପର୍ଯ୍ୟନ୍ତ ଓଡିଶାର ବିଭିନ୍ନ ପ୍ରାକୃତିକ ପରିବେଶ ବିଭିନ୍ନ ଅଞ୍ଚଳର ଅଧିବାସୀମାନଙ୍କ ଜୀବନକୁ ନାନା ପ୍ରକାରେ ପ୍ରଭାବିତ କରିଥାଏ । ପୁଣି ଆଞ୍ଚଳିକ ଭିତ୍ତିରେ ଏହା ଚାରିଭାଗରେ ବିଭକ୍ତ । ସମ୍ବଲପୁର, ବରଗଡ, ସୁନ୍ଦରଗଡ, ବଲାଙ୍ଗିର, କଳାହାଣ୍ଡି, ନୂଆପଡା, ବୌଦ, ସୋନପୁର, ଦେବଗଡ, ଝାରସୁଗୁଡା, ଅନୁଗୁଳ, ଢେଙ୍କାନାଳର କିଛି ଅଂଚଳକୁ ନେଇ ପଶ୍ଚିମାଞ୍ଚଳର ପରିକଳ୍ପନା କରାଯାଇଥିବା ସ୍ଥଳେ କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନଗିରି, ଫୁଲବାଣୀ, କନ୍ଧମାଳ, ଗଜପତି, ଓ ଗଞ୍ଜାମ ଜିଲାକୁ ଦକ୍ଷିଣାଞ୍ଚଳ ; ଏବଂ ପୁରୀ, ଖୋର୍ଦ୍ଧା, ନୟାଗଡ, ଯାଜପୁର, କଟକ, ଜଗତସିଂହପୁର, କେନ୍ଦ୍ରାପଡା ଆଦିକୁ କେନ୍ଦ୍ରାଞ୍ଚଳ ଭାବରେ ପରିଗଣିତ କରାଯାଉଥିବାବେଳେ ; ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳର କିଛି ଅଂଶ, ମୟୁରଭଞ୍ଜ, ଓ କେଉଁଝର ଜିଲାକୁ ଉତ୍ତରାଞ୍ଚଳ ଭାବରେ ଚିହ୍ନିତ କରାଯାଇଛି ।

ଓଡିଶାର ଲୋକ ସଂସ୍କୃତିକୁ ଏଠାରେ ଏକ ସୁବ୍ୟବସ୍ଥିତ ଆଲୋଚନା ଦୃଷ୍ଟିରୁ, ଓଡିଶାର ବିଭିନ୍ନ ଲୋକ ଗୋଷ୍ଠୀ, ଦୈନନ୍ଦିନ ଜୀବନଜୀବିକା, ପାରିବାରିକ ଜୀବନ, ଖାଦ୍ୟପେୟ, ବେଶ-ପୋଷାକ, ଅଳଂକାର, ପର୍ବପର୍ବଣୀ ସାମାଜିକ ରୀତିନୀତି, ଜନ୍ମ-ବିବାହ-ମୃତ୍ୟୁ କର୍ମ, ଲୋକ ସାହିତ୍ୟ, ନୃତ୍ୟ, ନାଟକ, ଏବଂ ଅନ୍ୟ କଳାତ୍ମକ ପରିବେଷଣ ଭଳି ବିଭିନ୍ନ ବିଭାଗରେ ବିଭକ୍ତ କରି ଆଲୋଚନା କରାଯାଉଛି ।

## ୩.୨.୧ ଓଡିଶାର ବିଭିନ୍ନ ଲୋକ ଗୋଷ୍ଠୀ

ଆମେ ଜାଣିଛେ, ଓଡିଶାରେ ବିଭିନ୍ନ ଆଦିବାସୀ ଅଣ-ଆଦିବାସୀ ପ୍ରଭୃତି ବିଭିନ୍ନ ଲୋକ ଗୋଷ୍ଠୀର ଲୋକ ବସବାସ କରନ୍ତି । ଏହା ସହିତ ହିନ୍ଦୁ ମୁସଲମାନ, ଖ୍ରୀଷ୍ଟିୟାନ, ବୌଦ୍ଧ, ଜୈନ ତଥା ଆଦିମାନଙ୍କ ପାରମ୍ପରିକ ଧର୍ମ ବିଶ୍ୱାସ ମଧ୍ୟ ଦେଖିବାକୁ ମିଳେ । ଏମାନେ ଓଡିଶାର ଉଭୟ ପାର୍ବତ୍ୟାଞ୍ଚଳ ଏବଂ ସମତଳ ଅଞ୍ଚଳରେ ନିଜନିଜ ସୁବିଧା ଅନୁସାରେ ବସବାସ କରିଥାନ୍ତି । ସେହିପରି, ଉପକୂଳ ଅଞ୍ଚଳରେ ମଧ୍ୟ ଅନେକ ଲୋକ ଗୋଷ୍ଠୀ ବସବାସ କରୁଥିବାବେଳ ସେମାନଙ୍କ ଭିତରେ ଏକ ସ୍ୱତନ୍ତ୍ର ଜୀବନଧାରା ଦେଖିବାକୁମିଳେ । ବିଭିନ୍ନ ଧର୍ମଧାରାର ଲୋକ ଗୋଷ୍ଠୀ ବ୍ୟତୀତ ହିନ୍ଦୁ ଲୋକ ଗୋଷ୍ଠୀରେ ବିଭିନ୍ନ ଜାତି ଉପଜାତିର ଏକତ୍ର ସହାବସ୍ଥାନ ମଧ୍ୟ ଦେଖାଯାଏ । ଅନୁରୂପ ଭାବରେ, ଆଦିବାସୀ ଗୋଷ୍ଠୀରେ ମଧ୍ୟ ବାଷଠି ପ୍ରକାରର ପ୍ରଜାତିକ ଭିନ୍ନତା ଦେଖିବାକୁ ମିଳେ । ଏକ ଏକ ଭୌଗୋଳିକ ପରିସରରେ ଏହି ସବୁ ଭିନ୍ନଭିନ୍ନ ଜାତି, ଉପଜାତି, ଓ ପ୍ରଜାତି ଗୋଷ୍ଠୀ ତଥା ବିଭିନ୍ନ ଧର୍ମଧାରାର ଲୋକ ଏକତ୍ର ବାସବାସ କରୁଥିଲାବେଳେ ସେମାନଙ୍କ ଜୀବନଧାରାରେ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବରେ ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀକୁ ପ୍ରଭାବିତ କରିବା ତଥା ଏକ ସମନ୍ୱିତ ଜୀବନଧାରଣ କରିବା ସମ୍ଭବ ହୋଇପାରିଛି । ଅତଏବ, ପ୍ରତ୍ୟେକ କ୍ରିୟାକର୍ମ ପର୍ବପର୍ବାଣୀରେ ସହାବସ୍ଥିତ ଗୋଷ୍ଠୀର ସଦସ୍ୟମାନଙ୍କ ଭୂମିକା ସହିତ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ସାମାଜିକ ଆଦାନପ୍ରଦାନ ଦେଖିବାକୁମିଳେ ।

### ୩.୨.୨ ଦୈନନ୍ଦିନ ଜୀବନଜୀବିକା

ସମଗ୍ର ଭାରତର ଅନ୍ୟାନ୍ୟ ରାଜ୍ୟ ପରି ଓଡିଶା ମଧ୍ୟ କୃଷିପ୍ରଧାନ ରାଜ୍ୟ । ସମ୍ପ୍ରତି ମଧ୍ୟ ଓଡିଶାର ଅଶୀ ପ୍ରତିଶତ ଜୀବନଜୀବିକା କୃଷି ଆଧାରିତ । ଓଡିଶାର ପ୍ରାୟ ଆଦିବାସୀ ଗୋଷ୍ଠୀ ପାର୍ବତ୍ୟାଞ୍ଚଳ ତଥା ସମ୍ପୃକ୍ତ ସମତଳ ଅଞ୍ଚଳରେ ବସବାସ କରିବା ସହ ସେଠାକାର ମାଟି-ଅନୁକୂଳ ମାଣ୍ଡିଆ, ବାଜରା, ସୁଆଁ ଆଦି ବିଭିନ୍ନ ଚାଷ କରିବା ଦେଖାଯାଏ । ଏହା ବ୍ୟତୀତ, ସେମାନେ ଜଙ୍ଗଲରୁ ମହୁ, ଝୁଣା, ଲାଖ ଆଦି ସଂଗ୍ରହ କରି ମଧ୍ୟ ଜୀବନ ନିର୍ବାହ କରିଥାନ୍ତି । ପାର୍ବତ୍ୟାଞ୍ଚଳ ବ୍ୟତୀତ ଅନ୍ୟ ଅଞ୍ଚଳମାନଙ୍କରେ ମଧ୍ୟ ବସବାସ କରୁଥିବା ଆଦିବାସୀ ଏବେ ଅଣ-ଆଦିବାସୀ ସଦସ୍ୟ ସେମାନଙ୍କ କୃଷିକ୍ଷେତ୍ରରେ ବିଶେଷକରି ଧାନ ତଥା ମୁଗ, ବିରି, ହରଡ, ବୁଟ ଭଳି ଡାଲି ଜାତୀୟ ଖାଦ୍ୟଶସ୍ୟ, ଏବଂ ବିଭିନ୍ନ ପନିପରିବା ଚାଷ କରିବା ଦେଖାଯାଏ । ଏହା ବ୍ୟତୀତ, ଚିନାବାଦାମ, ସୋରିଷ, ସୂର୍ଯ୍ୟମୁଖୀ, ଜଡା ଆଦି ତୈଳ ଜାତୀୟ ଚାଷ ମଧ୍ୟ କରାଯାଇଥାଏ । ଅନୁରୂପ ଭାବରେ, ଉଭୟ ପାର୍ବତ୍ୟାଞ୍ଚଳ ଏବଂ ସମତଳ ଅଞ୍ଚଳରେ କଦଳୀ, କମଳା, ଆମ୍ବ, ପଣସ, ପିଜୁଳି ଆଦି ଫଳ ଚାଷ ହେବା ସହିତ କୋରାପୁଟର କିଛି ଅଞ୍ଚଳରେ କଫି, ଧୂଆଁପତ୍ର ଆଦି ଚାଷ ମଧ୍ୟ କରାଯାଉଛି । ସେହିପରି, ଉପକୂଳ ଓଡିଶାର କେତେକ ଅଞ୍ଚଳରେ ପାନ ଚାଷର ପରମ୍ପରା ଦେଖାଯାଏ । କୃଷିକର୍ମ ବ୍ୟତୀତ, ବିଭିନ୍ନ ବେପାର ବଣିଜ ଅନ୍ୟ ରାଜ୍ୟ ଭଳି ଓଡିଶାର ମଧ୍ୟ ଜନସାଧାରଣଙ୍କ ଜୀବନଜୀବିକାର ଅନ୍ୟତମ ମାଧ୍ୟମ । ସେହପରି, ଦୈନନ୍ଦିନ ଜୀବନର ଉପଯୋଗୀ ତଥା ଗୃହକାର୍ଯ୍ୟ, କୃଷିକାର୍ଯ୍ୟରେ ବ୍ୟବହୃତ ହୋଉଥିବା ନାନା ଉପକରଣର ନିର୍ମାଣ ବିଭିନ୍ନ ଜାତି ଉପଜାତିର ଲୋକେ ନିଜର କୌଳିକବୃତ୍ତି ଭାବରେ ଗ୍ରହଣ କରିବା ଦେଖାଯାଏ । ଏମାନେ ବେଳେବେଳେ ନିଜର କୃଷିକର୍ମ ବ୍ୟତୀତ ଏହି ଉପକରଣଗୁଡିକର ଉତ୍ପାଦନ କରିଥାନ୍ତି । ଏହି ଉତ୍ପାଦନକର୍ମ ସହିତ ଅନେକ କ୍ଷେତ୍ରରେ ପର୍ବପର୍ବାଣୀ ତଥା ସାମାଜିକ ରୀତିନୀତିର ଏମାନକ ଅନୁରୂପ ଭୂମିକା ମଧ୍ୟ ଦେଖାଯାଏ । ସମ୍ପ୍ରତି ଆନୁଷ୍ଠାନିକ ଶିକ୍ଷାରେ ଅଗ୍ରଗତି ହେବା ପରେ ବିଭିନ୍ନ ସରକାରୀ ବେସରକାରୀ ଚାକିରୀ କରିବା ସହିତ ନିଜସ୍ୱ କର୍ମପରିସର ସୃଷ୍ଟିକରି ସ୍ୱାବଲମ୍ବୀ ଭାବରେ ଅନେକ ଲୋକ ଜୀବନଜୀବିକା ନିର୍ବାହ କରିବା ପରିଦୃଷ୍ଟ ।

### ୩.୨.୩ ପାରିବାରିକ ଜୀବନ

ସାଧାରଣ ଓଡିଆ ପରିବାରିକ ଜୀବନ ଆଧୁନିକ ଯୁଗରେ ମଧ୍ୟ ଏକତ୍ରିତ । ଏହି ଯୌଥ-ପାରିବାରିକ ଜୀବନରେ ବାପା-ମାଆ, ଭାଇ-ଭଉଣୀ, ବୋହୂ, ନାତିନାତୁଣୀ ଆଦି ଏକତ୍ର ଏକାନ୍ନ-ପରିବାର ଭାବରେ ରହିବା ଦେଖାଯାଏ । କେତେକ କ୍ଷେତ୍ରରେ ଏକାଧିକ ଭାଇ ନିଜନିଜ ପରିବାରକୁ ନେଇ ଅଲଗାଅଲଗା ନରହି ଏକତ୍ର ରହିବା ମଧ୍ୟ ପରିଦୃଷ୍ଟ ହୋଇଥାଏ । ପରିବାରରେ ସମସ୍ତେ ସମସ୍ତଙ୍କୁ ସ୍ନେହ-ସମ୍ମାନ କରିବା ସହିତ ସହାବସ୍ଥିତ ଅନ୍ୟ ପରିବାର ସହିତ ମଧ୍ୟ ସୁଖଦୁଃଖରେ ଭାଗୀଦାର ହେବା ଦେଖାଯାଏ । ପର୍ବପର୍ବାଣି, ଯାନିଯାତ୍ରାରେ ପରସ୍ପର ଘରକୁ ଅତିଥି ଭାବରେ ଆମନ୍ତ୍ରଣ କରିବା ସହିତ ଆଦର ଅଭ୍ୟର୍ଥନା କରିବା, ସାହିପଡିଶାକୁ ମିଠା, ପିଠା ବାଣ୍ଟିବା ଆଦି ପରମ୍ପରା ଏଯାଏଁ ବଜାୟ ରହିଛି । ଜନ୍ମ-ବିବାହ-ମୃତ୍ୟୁ ଆଦି ସମୟରେ ପାରିବାରିକ ସଦସ୍ୟ ନହେଲେ ମଧ୍ୟ ଉପସ୍ଥିତ ରହି କ୍ରିୟା କର୍ମଠୁ ଆବଶ୍ୟକୀୟ ଅନ୍ୟାନ୍ୟ ଭୋଜିଭାତରେ ମଧ୍ୟ ସହଯୋଗର ହାତ ବଢେଇବା ଓଡିଆ ପାରିବାରିକ ଜୀବନଧାରାର ଏକ ସ୍ୱତନ୍ତ୍ର ଦିଗ । ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳ ହେଉ ଏହି ସହଭାଗିତା ଏପର୍ଯ୍ୟନ୍ତ ଓଡିଶାର ଜନଜୀବନରେ ଅକ୍ଷତ ଅବସ୍ଥାରେ ଅଛି ।

### ୩.୨.୪ ଖାଦ୍ୟପେୟ

ସାଧାରଣ ଓଡିଆ ପରିବାରରେ ଭାତ, ଡାଲି ବା ପରିବା ତରକାରିକୁ ପ୍ରତିଦିନର ପ୍ରଧାନ ଖାଦ୍ୟରୂପେ ଗ୍ରହଣ କରାଯାଇଥାଏ । ଓଡିଶାର ଅଧିକାଂଶ ଲୋକ କୃଷିକର୍ମ ଉପରେ ନିର୍ଭର କରୁଥିବାରୁ ପ୍ରତ୍ୟୁଷରୁ ସାଧାରଣତଃ ଲୁଣ, ଲଙ୍କା ପିଆଜ, ତେନ୍ତୁଳି ଏବଂ ସ୍ଥଳବିଶେଷରେ ବିଭିନ୍ନ ପ୍ରକାର ଶାଗଭଜା ସହ ପଖାଳ ଖାଇ ନିଜନିଜର ଗନ୍ତବ୍ୟସ୍ଥଳକୁ ବାହାରିଯାଆନ୍ତି । ପ୍ରଧାନ ଖାଦ୍ୟ ଭାତ ବ୍ୟତୀତ ମୁଗ, ହରଡ, କାନ୍ଦୁଲ, ବିରି, ଚଣା, ମସୁର ପ୍ରଭୃତି ବିଭିନ୍ନ ପ୍ରକାର ଡାଲି,

ଆଳୁ, ଖମ୍ବଆଳୁ, ସାରୁ, କଖାରୁ, ବାଇଗଣ, ଲାଉ, ପାଣିକଖାରୁ, ଅମୃତଭଣ୍ଡା, ଜହ୍ନି, ଭେଣ୍ଡି, ଶିମ୍ବ, ସଜନାଛୁଇଁ, କଞ୍ଚା କଦଳୀ, କଦଳୀଭଣ୍ଡା, କଦଳୀମଞ୍ଜା ପ୍ରଭୃତି ପନିପରିବା ଏବଂ ମାଛ, ମାଂସ ଓ ଅଣ୍ଡା ପ୍ରଭୃତି ନିରାମିଷ ଖାଦ୍ୟର ବ୍ୟବହାର ଦେଖିବାକୁ ମିଳେ । ବିରିରୁ ପ୍ରସ୍ତୁତ ବଡି ମଧ୍ୟ ଓଡିଶାର ଏକ ଲୋକପ୍ରିୟ ଖାଦ୍ୟ ।

ବିଭିନ୍ନ ଋତୁରେ ସାମୟିକ ଭାବରେ ଫୁଲକୋବି, ବନ୍ଧାକୋବି, ଫୁଲ(ଓଲ୍) କୋବି, ଟମାଟୋ, ବିନ୍, ମଟର ଛୁଇଁ, କଞ୍ଚା ପଣସ ମଧ ତରକାରିର ମଧ୍ୟ ପ୍ରଧାନ ଖାଦ୍ୟ ଭାବରେ ବ୍ୟବହୃତ ହୋଇଥାଏ । ଏହାସହିତ କୋଶଳା, ଲେଉଟିଆ, ଖଡା, ସଜନା, ପାଳଙ୍ଗ, ବଥୁଆ, କଖାରୁ, ପୋଇ, ମଦରଙ୍ଗା, ସାରୁ, ସୁନୁସୁନିଆ, କଲମ, ମେଥି ପ୍ରଭୃତି ଶାଗ ଓଡିଶାରେ ଅତ୍ୟନ୍ତ ଲୋକପ୍ରିୟ । ସେହିପରି— ଆମ୍ବ, ପଣସ, ସପୁରି, ନଡିଆ, କଦଳୀ, ଅମୃତଭଣ୍ଡା, ବେଲ ପ୍ରଭୃତି ପକ୍ୱ'ଳ ମଧ ପ୍ରଚୁର ପରିମାଣରେ ବ୍ୟବହାର କରିବା ସଙ୍ଗେସଙ୍ଗେ ବନ୍ଧୁ ବାନ୍ଧବଙ୍କୁ ଦେଇ ଚର୍ଚ୍ଚା କରିବା ଦେଖାଯାଏ । ବିଭିନ୍ନ ପ୍ରକାର ରୁଚିକର ଖାଦ୍ୟ-ସାମଗ୍ରୀର ପ୍ରସ୍ତୁତ ପାଇଁ ସୋରିଷ, ଓ ବାଦାମ ତେଲ ବହୁଳଭାବରେ ବ୍ୟବହାର କରାଯାଇଥାଏ । ସ୍ଥଳବିଶେଷରେ (ପ୍ରଧାନତଃ ଦକ୍ଷିଣାଞ୍ଚଳରେ) ରାଶ, ଓ ନଡିଆ ତେଲର ବ୍ୟବହାର ହୁଏ । ଏତଦ୍‌ଭିନ୍ନ ଜୀରା, ଲଙ୍କା, ଅଦା, ପିଆଜ, ରସୁଣ, ଡାଲଚିନି, ଧନିଆ, ଗୁଜୁରାତି, ଗୋଲ ମରିଚ, ତେଜପତ୍ର ପ୍ରଭୃତି ବିଭିନ୍ନପ୍ରକାର ମସଲା ଓ ଲୁଣ ଏବଂ ହଳଦିଗୁଣ୍ଡ ଆବଶ୍ୟକ ପରିମାଣରେ ବ୍ୟବହାରକରି ତରକାରୀ ତଥା ଅନ୍ୟାନ୍ୟ ଖାଦ୍ୟପଦାର୍ଥକୁ ଅଧିକ ସୁସ୍ୱାଦୁ କରିବାକୁ ଚେଷ୍ଟା କରାଯାଇଥାଏ । ସ୍ଥଳବିଶେଷରେ ତଥା ବିବାହ–ବ୍ରତାଦି ଶୁଭକାମରେ, ସାଧାରଣ ଖାଦ୍ୟ ବ୍ୟତୀତ ବିଭିନ୍ନ ପ୍ରକାର ମିଷ୍ଟାନ୍ନ, କ୍ଷୀରି, ଓ ଶାକାର, ଆମ୍ବିଳ ପ୍ରଭୃତି ଅଧିକ ପ୍ରକାର ଖାଦ୍ୟର ବ୍ୟବସ୍ଥା କରାଯାଇଥାଏ ।

ଓଡିଶାରେ ଗାଈ, ମଇଁଷି, ଛେଳି, ମେଣ୍ଢା ପ୍ରଭୃତି ଗୃହପାଳିତ ପ୍ରାଣୀ ପାଳନ କରାଯାଉଥିବାରୁ ଅନେକ ସମୟରେ ଦୁଧ, ଦହି, ଛେନା, ଲହୁଣୀ, ଘିଅ ମଧ ପ୍ରତିଦିନର ଖାଦ୍ୟରେ ବ୍ୟବହୃତ ହୋଇଥାଏ । ଓଡିଶାର ବିଭିନ୍ନ ଅଞ୍ଚଳରେ ଅନେକ ପ୍ରକାର ପିଠାପଣା ମଧ୍ୟ ପ୍ରସ୍ତୁତ କରାଯାଇଥାଏ । ପିଠାପଣା ମଧରେ ଏଣ୍ଡୁରି ପିଠା ପ୍ରଧାନ ଏବଂ ତାହା ଏକ ସର୍ବସାଧାରଣ ଖାଦ୍ୟ । ଏହା ବ୍ୟତୀତ ଚକୁଳି, ଚିତୋଉ, ଛୁଞ୍ଚିପତ୍ର, ସରୁ ଚକୁଳି, ମଣ୍ଡା, ଗଇଁଠା, କାକରା, ଆରିଷା ପ୍ରଭୃତି ଅତ୍ୟନ୍ତ ଲୋକପ୍ରିୟ । କାକରା, ଆରିଷା ଓ ପୁରି ପ୍ରଭୃତି ପିଠାମାନ ପ୍ରଧାନତଃ ବିବାହ-ବ୍ରତାଦି ଉତ୍ସବମାନଙ୍କରେ ଗୁଆ ଘିଅ କିମ୍ବା ଆଜିକାଲି ଡାଲଡା ପ୍ରଭୃତି ବନସ୍ପତି ତେଲଦ୍ୱାରା ପ୍ରସ୍ତୁତ କରାଯାଇ ସାଧାରଣରେ ପରିବେଷଣ କରାଯାଇଥାଏ । ସର୍ବସାଧାରଣରେ ପ୍ରଚଳିତ ଭାତ, ଡାଲି, ତରକାରି ବ୍ୟତୀତ କେତେକ ପରିବାରରେ ରାତ୍ରିଭୋଜନ ରୂପେ ରୁଟି, ତରକାରି ବା ଡାଲମା ବ୍ୟବହୃତ ହୋଇଥାଏ । ସକାଳେ ଓ ସନ୍ଧ୍ୟାରେ ପୁରି, ପରଟା-ତରକାରି ପ୍ରଭୃତି ଜଳଖିଆର ବ୍ୟବସ୍ଥା ସହିତ ମୁଢି, ଚୁଡା ଓ ସ୍ଥଳବିଶେଷରେ ପଖାଳ ମଧ୍ୟ ଖିଆଯାଇଥାଏ । ଅନେକ ଅଞ୍ଚଳରେ ଖରାଦିନରେ ମାଣ୍ଡିଆ ଜାଉ ଖାଇବାକୁ ପ୍ରାଧାନ୍ୟ ଦିଆଯାଇଥାଏ । ଆଜିକାଲି ଗାଁ ଓ ସହରାଞ୍ଚଳରେ ବରା, ପକୋଡି, ଆଳୁଚପ୍, ଦୋସା, ଇଡଲି ପ୍ରଭୃତିକୁ ଜଳଖିଆରୂପେ ବ୍ୟବହରା କରିବାକୁ ଅଧିକ ପସନ୍ଦ କରିବା ଦେଖାଯାଉଛି । ବିବାହ–ବ୍ରତାଦି ଶୁଭକାର୍ଯ୍ୟ ପାଇଁ ଯେଉଁ ଭୋଜିଭାତର ବ୍ୟବସ୍ଥା କରାଯାଏ, ସେଥିରେ ଏହି ଚିରାଚରିତ ଖାଦ୍ୟ ସହିତ ଶେଷରେ କ୍ଷୀରି ଓ ପିଠା ପରିବେଷଣ କରିଥାନ୍ତି । ଏହି କ୍ଷୀରି ସାଧାରଣତଃ ଅରୁଆ ଚାଉଳ, ସୁଜି କିମ୍ବା ପାଲୁଅରୁ ପ୍ରସ୍ତୁତ ହୋଇଥାଏ । ତେବେ, ସମ୍ପ୍ରତି ଅନେକ ପ୍ରକାରର ମିଠା ତଥା ଅନ୍ୟାନ୍ୟ ଖାଦ୍ୟଦ୍ରବ୍ୟ ମଧ୍ୟ ପରିବେଷିତ ହେଉଛି ।

ଭାରତର ଅନ୍ୟାନ୍ୟ ଅଞ୍ଚଳପରି ଓଡିଶାରେ ମଧ୍ୟ ଚାହା ଏକ ସାଧାରଣ ପାନୀୟ । ସେହିପରି, ବିଭିନ୍ନ ପର୍ବପର୍ବାଣୀରେ ଗୁଡଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ପଣା ବ୍ୟବହାର କରନ୍ତି । ଏହି ପଣା ପ୍ରସ୍ତୁତ କରିବା ପାଇଁ ସେମାନେ ମୁଖ୍ୟତଃ ଗୁଡ ବା ଚିନି, ଦହି, ଦୁଧ, ନଡିଆ, ଛେନା, ପାଚିଲା କଦଳୀ, କର୍ପୂର, ଗୋଲମରିଚ, ଅଦା ପ୍ରଭୃତି ବ୍ୟବହାର କରରାଯାଇଥାଏ । ସହରାଚଂଳମାନଙ୍କରେ ଆଜିକାଲି ଏସବୁ ବଦଳରେ ଚା'ଭୋଜି (Tea Party)ର ବ୍ୟବସ୍ଥା କରାଯାଇ ଏଥିରେ ବିସ୍କୁଟ, ରସଗୋଲା, ମିକଚ୍ଚର, ସହିତ ବିଭିନ୍ନ ପ୍ରକାରର ମିଠା ପରିବେଷଣ କରାଯାଉଛି ।

ଓଡିଆ ସଂସ୍କୃତିରେ ପାନର ସ୍ୱତନ୍ତ୍ର ଭୂମିକା ଅଛି । ଓଡିଶାର ଗାଁଗହଳ ତଥା ସହରାଞ୍ଚଳର ଅଧିକାଂଶ ଲୋକ 'ପାନ' ଖାଆନ୍ତି । ସାଧାରଣତଃ ଭାତ ଖାଇସାରିଲା ପରେ ଗୁଆ-ପାନ ଖାଇବା ସଙ୍ଗେସଙ୍ଗେ ମେଳା, ମହୋତ୍ସବ ତଥା ସାଧାରଣ କ୍ଷେତ୍ରରେ ବନ୍ଧୁବାନ୍ଧବମାନଙ୍କୁ ପାନ ଦେଇ ଚର୍ଚ୍ଚା କରାଯାଇଥାଏ । ଏହା ସହିତ କେତେକ ଲୋକ ଧୂଆଁପତ୍ର ପିକା, ବିଡି, ସିଗାରେଟ୍ ପ୍ରଭୃତି ଧୂମପାନ କରିବା ମଧ୍ୟ ଦେଖିବାକୁ ମିଳେ ।

ଓଡିଶାର ବିଭିନ୍ନ ଅଞ୍ଚଳରେ ଖାଦ୍ୟାଭ୍ୟାସ ଓ ଖାଦ୍ୟ-ସାମଗ୍ରୀ ପ୍ରସ୍ତୁତ ପ୍ରଣାଳୀରେ କେତେକ ଭିନ୍ନତା ପରିଲକ୍ଷିତ ହୁଏ । କେନ୍ଦ୍ରାଞ୍ଚଳ ଓ ପଶ୍ଚିମାଞ୍ଚଳର ଅଧିକାଂଶ ଲୋକ ଗୋଷ୍ଠୀର ସଦସ୍ୟ ଉଷୁନା ଚାଉଳ ଓ ଦକ୍ଷିଣାଞ୍ଚଳରେ ଅରୁଆ ଚାଉଳ ବ୍ୟବହାର କରିଥାନ୍ତି । କେନ୍ଦ୍ରାଞ୍ଚଳର ଲୋକ ଭାତ, ଡାଲି, ତରକାରି, ଭଜା, ଖଟା ପ୍ରଭୃତି ବିଶେଷଭାବରେ ବ୍ୟବହାର କରୁଥିବାବେଳେ ଦକ୍ଷିଣାଞ୍ଚଳର ଲୋକେ ଦହି, ସମ୍ବର, ଚାରୁ, ଚଲହା, ପାମ୍ପଡ, ଲଙ୍କା ଓ ବିଭିନ୍ନ ଚଟଣିକୁ ଅଧିକ ପସନ୍ଦ କରିଥାନ୍ତି । ଅରୁଆ ଚାଉଳ, ତେନ୍ତୁଳି, ଲଙ୍କା ଓ ଦହିର ବ୍ୟବହାର ଶରୀରପକ୍ଷେ ସ୍ୱାସ୍ଥ୍ୟପ୍ରଦ ବୋଲି ସେମାନଙ୍କର ବିଶ୍ୱାସ । ପଶ୍ଚିମାଞ୍ଚଳରେ ଖାଦ୍ୟାଭ୍ୟାସରେ କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ଉଭୟର ପ୍ରଭାବ କେତେକାଂଶରେ ଦୃଷ୍ଟିଗୋଚର ହୋଇଥାଏ । ଜଳଖିଆ ଭାବରେ ପଶ୍ଚିମ ଓ କେନ୍ଦ୍ରାଞ୍ଚଳରେ ଚୁଡା, ମୁଢି, ବରା, ପକୋଡି ପ୍ରଭୃତିର ଅଧିକ ବ୍ୟବହାର ହେଉଥିବାବେଳେ ଦକ୍ଷିଣାଞ୍ଚଳରେ ଦୋସା, ଇଡଲି (କେନ୍ଦ୍ରାଞ୍ଚଳରେ ଏଣ୍ଡୁରି), ସମ୍ବର, ଚଟଣି ପ୍ରଭୃତି ଆଦୃତ ହୋଇଥାଏ । ଛେନାଜାତୀୟ ଦ୍ରବ୍ୟ ବା ବିଭିନ୍ନ ପ୍ରକାର ମିଷ୍ଟାନ୍ନର ବ୍ୟବହାର ସବୁ ଅଞ୍ଚଳରେ ପ୍ରାୟତଃ ସମାନ । ଦକ୍ଷିଣାଞ୍ଚଳର ଖାଦ୍ୟପେୟରେ ମୁଖ୍ୟତଃ ଦକ୍ଷିଣ–ଭାରତୀୟ ପ୍ରଭାବ ବହୁଳ ଭାବରେ ପରିଲକ୍ଷିତ ହୋଇଥାଏ ।

ଓଡିଶାରେ ବିଭିନ୍ନ ପର୍ବପର୍ବାଣୀରେ ସ୍ୱତନ୍ତ୍ର ଖାଦ୍ୟ ପରିବେଷଣର ପରମ୍ପରା ଦେଖିବାକୁମିଳେ । ମହାବିଷୁବ ସଂକ୍ରାନ୍ତିରେ ଗହମ ବୁଟ ଓ ଚାଉଳର ଛତୁଆ, ଚିତଉ ଅମାବାସ୍ୟାରେ ଚାଉଳ ଓ ନଡିଆମିଶ୍ରିତ ଚିତଉ ପିଠା, ବଉଳ ଅମାବାସ୍ୟାରେ ବଉଳମଣ୍ଡା, ବଉଳ ଗଇଁଠା, ଦ୍ୱିତୀୟା ଓଷାରେ ବିଭିନ୍ନ ପନିପରିବା ମିଶ୍ରିତ ଘାଣ୍ଟ ତରକାରୀ, ଲକ୍ଷ୍ମୀପୂଜାରେ ଦହିଭାତ, ମୂଳାଶାଗ, ଆରିସା, ପୋଡୁଆଁ ଅଷ୍ଟମୀରେ ଏଣ୍ଡୁରୀପିଠା, କୁମାର ପୂର୍ଣ୍ଣମୀରେ ମିଠେଇ, ଲଡୁଆଖୁ, କଦଳୀ, ଖଇ, ମକର ସଂକ୍ରାନ୍ତିରେ ମକର ଚାଉଳ, ରଜସଂକ୍ରାନ୍ତିରେ ପୋଡ ପିଠା, ଜନ୍ମାଷ୍ଟମୀ ଚୁଡାଘଷା, ମଣ୍ଡା କାକରା, କାର୍ତ୍ତିକ ପୂର୍ଣ୍ଣିମାରେ ଉଖୁଡା, ବଡଓଷାରେ ମୁଆଁଗଜ, ଗଜମଣ୍ଡା, ତରଣ, ଶାକର, ଧନୁ ସଂକ୍ରାନ୍ତିରେ ଧନୁ ମୁଆଁ, ଗଣେଷ ଚତୁର୍ଥୀରେ ଚୁଡାଘଷା, ରାଶିଲଡୁ, ଅଗି ପୂର୍ଣ୍ଣିମାରେ ଅଗିଜାଉ, ସପ୍ତପୁରୀ ଅମାବାସ୍ୟାରେ ସାତପତ୍ରୀ ଫେଣି, ମାଘ ସପ୍ତମୀରେ ଖସା ଜାଉ, ରାଶି-ଶିମ୍ବ ରାଇତା, ଅଶୋକାଷ୍ଟମୀରେ ଅଶୋକ କଢି ଇତ୍ୟାଦି ଖାଦ୍ୟପେୟର ବ୍ୟବସ୍ଥା ଏକ ଉଲ୍ଲେଖନୀୟ ସାଂସ୍କୃତିକ ଦିଗ ।

### ୩.୨.୫ ବେଶ-ପୋଷାକ ଓ ଅଳଙ୍କାର

ଓଡିଶାର ବିଭିନ୍ନ ଜାତି ତଥା ଗୋଷ୍ଠୀମାନଙ୍କଦ୍ୱାରା ବ୍ୟବହୃତ ବେଶ-ପୋଷାକ ଓ ଅଳଙ୍କାରରେ ପ୍ରାୟତଃ କୌଣସି ବୈଷମ୍ୟ ପରିଲକ୍ଷିତ ହୁଏନାହିଁ । କେବଳ ଲୋକମାନଙ୍କର ଆର୍ଥିକ ଅବସ୍ଥା ଭିତ୍ତିରେ ଯାହା କିଛି ଭିନ୍ନତା ଦେଖିବାକୁ ମିଳିଥାଏ । ଓଡିଶାର ସ୍ତ୍ରୀଲୋକମାନେ ସାଧାରଣତଃ ହାତବୁଣା ଶାଢି ବ୍ୟବହାର କରୁଥିଲେ ସମ୍ପ୍ରତି ବଜାରରେ ଉପଲବ୍ଧ ଶାଢିର ବହୁଳ ବ୍ୟବହାର ଦେଖାଯାଉଛି । ବିବାହ, ବ୍ରତ ତଥା ପର୍ବପର୍ବାଣି ପ୍ରଭୃତି ଶୁଭକାମମାନଙ୍କରେ ଓଡିଶାର ସ୍ତ୍ରୀଲୋକମାନେ ପ୍ରଧାନତଃ ଉଚ୍ଚମାନର ଶାଢି ବା ଅନେକତଃ ପାଟ ଶାଢି ପରିଧାନ କରିବାକୁ ଭଲପାଇଥାନ୍ତି । ଯୁବତୀମାନେ ଶାଢି ସହିତ ଅନେକ କ୍ଷେତ୍ରରେ ବ୍ଲାଉଜ୍, ସାୟା ପ୍ରଭୃତି ବ୍ୟବହାର କରିଥାନ୍ତି । ବିଧବାମାନେ ରଙ୍ଗ-ବେରଙ୍ଗ ଶାଢି ନପିନ୍ଧି, ସାଧାରଣତଃ ଧଳାଶାଢି ବ୍ୟବହାର କରନ୍ତି । ସେହିପରି, ସମ୍ବଲପୁର ଅଞ୍ଚଳର ସ୍ତ୍ରୀଲୋକମାନେ ତନ୍ତବୁଣା ସମ୍ବଲପୁରୀ ଶାଢି ପିନ୍ଧିବାକୁ ଭଲପାଉଥିବାବେଳେ ବାଲେଶ୍ୱର, ମୟୁରଭଞ୍ଜ, ଗଞ୍ଜାମ, ପୁରୀ, କଟକ ଓ କୋରାପୁଟ ଅଞ୍ଚଳର ସ୍ତ୍ରୀଲୋକମାନେ ମଧ୍ୟ ବିଭିନ୍ନ ପ୍ରକାରର ହାତବୁଣା ଶାଢି ଯେପରି, ସମ୍ବଲପୁର ଅଂଚଳରେ 'ସମ୍ବଲପୁରୀ ଶାଢି', ବ୍ରହ୍ମପୁରରେ 'ବରହମ୍ପୁରୀ ପାଟ' ଓ କଟକ ନୂଆପାଟଣା ଅଂଚଳର ସିଲକ୍ ଶାଢି ପିନ୍ଧିବାକୁ ଅଧିକ ଗୁରୁତ୍ୱଦେବା ଦେଖାଯାଏ । ଓଡିଶାରେ ବ୍ୟବହୃତ ଶାଢିର

ଲମ୍ୱ ସାଧାରଣତଃ ନଅ ହାତରୁ ବାରହାତ ପର୍ଯ୍ୟନ୍ତ ହୋଇଥାଏ । ଏହା ମୁଖ୍ୟତଃ ସମ୍ମୁଖଭାଗରୁ ବାମ କାନ୍ଧ ଉପର ଦେଇ ଯାଇ ପଛପାଖରେ ଝୁଲି ରହିଥାଏ । ଏହାକୁ 'ପଣତ' ବା 'ଅଞ୍ଚଳ' କୁହାଯାଏ । ଅନେକ ସ୍ତ୍ରୀଲୋକ ଏହି ପଣତକୁ ଶାଢ଼ିକୁ 'ଓଢ଼ଣୀ' ରୂପେ ବ୍ୟବହାର କରନ୍ତି । ଓଡିଶାରେ ପ୍ରଚଳିତ ଶାଢ଼ିଗୁଡିକ ବିଭିନ୍ନ ରଙ୍ଗର ।

କେଶ ବିନ୍ୟାସ ସ୍ତ୍ରୀ ଲୋକମାନଙ୍କର ସୌନ୍ଦର୍ଯ୍ୟର ଶୋଭାବର୍ଦ୍ଧନ କରିଥାଏ । ଓଡିଶାର ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା ସ୍ତ୍ରୀଲୋକମାନେ ବିଭିନ୍ନ ପ୍ରକାର ଖୋଷାବାନ୍ଧିବା ସହିତ ସେଥିରେ ମୁଣ୍ଡ-କଣ୍ଟା, ଗୋଜିକାଠି ଭଳି ଅନେକ ପାରମ୍ପରିକ ଅଳଂକାର ବ୍ୟବହାର କରନ୍ତି । ଦକ୍ଷିଣାଞ୍ଚଳର ସ୍ତ୍ରୀଲୋକମାନେ ବିଭିନ୍ନ ପ୍ରକାର କେଶ ପ୍ରସାଧନ ପରେ ଲୋଟଣୀ ଛନ୍ଦରେ ଖୋଷାଖୋସି ସୁବାସିତ ଫୁଲ ତଥା ଫୁଲର ହାରରେ ତାକୁ ଶୋଭାମୁକ୍ତ କରିଥାନ୍ତି । ପୁଣି ସ୍ତ୍ରୀ ଲୋକମାନେ ଅନେକ ପ୍ରକାର ସୁଗନ୍ଧଯୁକ୍ତ କ୍ରିମ୍ ପାଉଡର ସହିତ ଅନେକ ରୂପଚ କରିବା ଦେଖାଯାଏ । ଓଡିଆ ସଧବା ହିନ୍ଦୁ ନାରୀର ସୀମାନ୍ତରେ ସିନ୍ଦୁର ଏକ ପ୍ରଧାନ ଭୂଷଣ । ଏତଦ୍‌ବ୍ୟତୀତ, ସେମାନେ ହାତ ଓ ଗୋଡର ନଖଗୁଡିକୁ ଲାକ୍ଷା ରସଦ୍ୱାରା ରକ୍ତବର୍ଣ୍ଣରେ ରଞ୍ଜିତକରି ନିଜର ଶୋଭା ବୃଦ୍ଧି କରୁଥିବାବେଳେ ସମ୍ପ୍ରତି ବଜାରରେ ଉପଲବ୍ଧ ନେଲପଲିସ୍, ଏବଂ ଓଠପାଇଁ ଲିପଷ୍ଟିକ୍ ମଧ୍ୟ ବ୍ୟବହାର କରିବା ଦେଖିବାକୁ ମିଳେ ।

ଓଡିଶାର ପୁରୁଷମାନେ ଦୈନନ୍ଦିନ ଜୀବନରେ ସାଧାରଣତଃ ଧୋତି, ଖଦି, ଲୁଙ୍ଗି, ଗାମୁଛା, ତଉଲିଆ, କାମିଜ୍, ଗଞ୍ଜି ତଥା ଆଜିକାଲ ପଞ୍ଜାବି ସାମୟିକ ଭାବରେ ବ୍ୟବହାର କରିବା ଦେଖାଯାଏ । ଏଗୁଡିକ ଅଧିକାଂଶ କ୍ଷେତ୍ରରେ ତନ୍ତବୁଣା ହେଲେ ମଧ ଏବେ ଲୋକ କଳବୁଣା ଧୋତି ଓ ଗାମୁଛା ବହୁକ୍ଷେତ୍ରରେ ଅଧିକ ପସନ୍ଦ ଯୋଗ୍ୟ । ଆଧୁନିକ ସଭ୍ୟତାର ବିକାଶ ସଙ୍ଗେସଙ୍ଗେ ସଂପ୍ରତି ଅନେକ ଲୋକ ଆଜିକାଲି ଶାର୍ଟ୍, ପ୍ୟାଣ୍ଟ, ଜିନ୍‌ସ, ଟି-ଶାର୍ଟ୍, କୋଟ୍, ଏବଂ ଟାଇ ପ୍ରଭୃତି ମଧ୍ୟ ସର୍ବସାଧାରଣରେ ବ୍ୟବହାର କରାଯାଉଛି । ଏହା କେବଳ ସହରାଂଚଳରେ ଆବଦ୍ଧ ନରହି ଗାଁଗହଳିରେ ମଧ ଦେଖାଯାଏ । ସେହିପରି, ଝିଅମାନେ ମଧ୍ୟ ଜିନସ୍, ଟି-ଶାଟ, ଟପ୍, ଲେଗିଙ୍ଗସ୍ ଆଦି ପୋଷାକ ଆପଣେଇ ନେଇପାରିଛନ୍ତି ।

ଅଳଙ୍କାର କ୍ଷେତ୍ରରେ ଉଭୟ ସହର ଓ ପଲ୍ଲୀ ଅଞ୍ଚଳ ସ୍ତ୍ରୀଲୋକମାନେ ସାଧାରଣତଃ ସୁନା, ରୂପା, ତମ୍ବା, ପିତଳ, ନିର୍ମିତ ଅଳଙ୍କାର ବ୍ୟବହାର କରିଥାନ୍ତି । ଓଡିଶାର ପାରମ୍ପରିକ ଅଳଂକାର ଭାବରେ ମୁଣ୍ଡପାଇଁ ମଲ୍ଲୀକଢ଼ି, ମୁକୁତା, ସୀମିନ୍ଥିନୀ, ଗୋଜିକାଠି, ଚଉଁରୀମୁଣ୍ଡି, ବାଙ୍କ ଡେଉଁରିଆ, କିଆପତର ସିନ୍ଥି ବା ମଥାମଣି, ଓ କେତକୀ; ଖୋସା ପାଇଁ ଚାଏଁରିମୁଡି, ଶିରିଖାଡି ; ବେକପାଇଁ ସରକୁଣ୍ଡି, ଚମ୍ପାକଢ଼ି, ସୁକିହାର, କୁରୁଜାତକ (ଅଧୁଲିହାର), ମହୁଡମାଳ (ଟଙ୍କାହାର), ଓ ମୋତିମାଳ ; କାନପାଇଁ କାପ, ଫାଁଶିଆ, ବାଲିଗୁରା, ଜାଉଁଲି ନୋଲି ; କାନପାଇଁ କାପ, ଫାଁଶିଆ, ବାଲିଗୁଣା, ଜାଉଁଳି ନୋଳି, କାନପେଣ୍ଡି, କାନଫୁଲ ଓ ମଲକଢ଼ି ; ନାକପାଇଁ ଦଣ୍ଡି, ନୋଥ, ଗୁଣା, ବସଣୀ ଫୁଲ, ନାକଚଣା, ନୁଲୁକ, ସିନ୍ଦୁଫାଳ, ଓ ଝରାଗୁଣା; ହାତପାଇଁ ଗଜରା, ବଟପଲ, ବିଦ, ତାବିଜ, ତିଖା, ଚୁଡି, ପଣି, ତାଇତ, ଅନନ୍ତ, ତାଡ, ବଳା, ଖଡୁ, ଓ ବାଙ୍କ ଡେଉଁରିଆ ; ଅଣ୍ଟାପାଇଁ ଗୋଠ, ପଟି, ଫୁଲଝରା, ଘୁନସି, ଓ ଅଣ୍ଟାସୂତା; ଏବଂ ଗୋଡପାଇଁ ବିଦମୁଦି, ବଳା, ପାଉଁଜି, ଝୁଣ୍ଟିଆ, ମଲ, ପାହୁଡ, ଘାଗୁଡି, କତରିଆ, ବଂଦରିଆ, ଓ ଖଗଲା ପ୍ରଭୃତି ଅନେକ ଅଳଙ୍କାର ବ୍ୟବହାର କରାଯାଉଥିଲା ଯାହା ଅନେକତଃ ସମ୍ପ୍ରତି ଦୁଷ୍ପ୍ରାପ୍ୟ । ତେବେ, ଏହିସବୁ ପାରମ୍ପରିକ ଏବଂ ଓଜନିଆ ଅଳଙ୍କାର ପରିବର୍ତ୍ତେ ଆଜିକାଲି ହାଲୁକା ତଥା ଅଧିକ ଆକର୍ଷଣୀୟ ଅଳଙ୍କାରମାନ ଅଧିକ ବ୍ୟବହାର କରିବା ଦେଖାଯାଉଛି ।

### ୩.୨.୬ ଦେବଦେବୀ ତଥା ଧାର୍ମିକ ବିଶ୍ୱାସ

ଓଡିଆ ଲୋକ ଗୋଷ୍ଠୀରେ ଶାସ୍ତ୍ରୀୟ ଦେବଦେବୀଙ୍କ ସହିତ ଅନେକ ସ୍ଥାନୀୟ ଦେବଦେବୀ ଉପରେ ମଧ୍ୟ ବିଶ୍ୱାସ କରାଯାଏ । ଓଡିଶାର ପ୍ରାୟ ପ୍ରତ୍ୟେକ ଗ୍ରାମରେ ପାରମ୍ପରିକ ଭାବରେ ଗ୍ରାମଦେବୀ ପୂଜା ପାଇ ଆସୁଛନ୍ତି । ଗ୍ରାମ୍ୟ ଦେବଦେବୀଙ୍କ ଏହି ପୂଜାଅର୍ଚ୍ଚନା ଦାୟିତ୍ୱ ସ୍ଥାନୀୟ ସଂପ୍ରଦାୟ ଉପରେ ନ୍ୟସ୍ତ ଥାଏ । ପଣ୍ଡା, ପୂଜାରୀ ବା ସେବକମାନେ ବିଭିନ୍ନ ପ୍ରକାର ମନ୍ତ୍ରପାଠକରି ଗ୍ରାମ ଦେବୀ ଦେବତାମାନଙ୍କୁ ଆବାହନ କରିଥାନ୍ତି । ସ୍ଥଳବିଶେଷର ଭୋପା ବା ମାଳୀ, ବାରିକ ଗୋଷ୍ଠୀର

ଲୋକମାନେ ଶିବ ଓ ଗ୍ରାମଦେବତୀ ପ୍ରଭୃତି ଠାକୁରାଣୀଙ୍କର ସେବାପୂଜା କରନ୍ତି । ତଥାକଥିତ ଉଚ୍ଚବର୍ଗୀୟ ହିନ୍ଦୁମାନଙ୍କ ମଧ୍ୟରେ ସାଧାରଣତଃ ବିଷ୍ଣୁ, ଶିବ, ଲକ୍ଷ୍ମୀ, ସରସ୍ୱତୀ, ଗଣେଶ ଭଳି ବିଭିନ୍ନ ଶାସ୍ତ୍ରୀୟ ଦେବଦେବୀଙ୍କର ପୂଜା ଆରାଧନା କରିବା ମଧ୍ୟ ଦେଖାଯାଏ ।

ଓଡିଶାର ପ୍ରତ୍ୟେକ ଗାଁରେ ଭାଗବତ ଟୁଙ୍ଗୀ ବ୍ୟତୀତ ବିଭିନ୍ନ ଦେବଦେବୀଙ୍କ ମନ୍ଦିର ସ୍ଥାପିତ ହୋଇଥିବା ଦେଖିବାକୁମିଳେ । ବିବାହ, ବ୍ରତ, ପର୍ବପର୍ବାଣି କିମ୍ବା ଅନ୍ୟାନ୍ୟ କୌଣସି ଶୁଭକାର୍ଯ୍ୟରେ ସର୍ବପ୍ରଥମେ ଗ୍ରାମ ଦେବଦେବୀ ତଥା ମନ୍ଦିରରେ ପୂଜାପାଉଥିବା ଦେବଦେବୀଙ୍କୁ ପୂଜା ଆରାଧନାକରିବା ଦେଖାଯାଏ । ସେହିପରି, ଉପକୂଳ ଓଡିଶା ସହିତ ଓଡିଶାର ଅନେକ ଅଞ୍ଚଳରେ ଜଗନ୍ନାଥଙ୍କୁ ଭକ୍ତି କରିବା ଓ ପ୍ରତ୍ୟେକ କ୍ରିୟାକର୍ମରେ ବିଶ୍ୱାସ କରିବା ଓଡିଆ ପାରମ୍ପରିକ ଜୀବନଧାରାର ଏକ ଉଲ୍ଲେଖନୀୟ ଦିଗ । ଓଡିଶାର ପ୍ରାୟ ସମସ୍ତ ଲୋକ ଗୋଷ୍ଠୀର କିଛି ନା କିଛି ସଦସ୍ୟ ବିଭିନ୍ନ ତନ୍ତ୍ରମନ୍ତ୍ରରେ ଗଭୀର ବିଶ୍ୱାସ ପୋଷଣ କରିଥାନ୍ତି । ଯାଦୁବିଦ୍ୟା ଓ ଗୁଣିଗାରୁଡି ଉପରେ ମଧ୍ୟ ଅନେକ ଲୋକ ଗୋଷ୍ଠୀର ସଦସ୍ୟ ବିଶ୍ୱାସ କରିବା ସହିତ ଓଝା, ଗୁଣିଆ, ଦିଶାରୀ, ପୂଜକମାନଙ୍କର ସାହାଯ୍ୟ ଲୋଡିଥାନ୍ତି ।

ଓଡିଶାରେ ପ୍ରାଚୀନକାଳରୁ ବିଭିନ୍ନ ଧର୍ମର ଲୋକେ ବସବାସ କରିଆସୁଛନ୍ତି ତଥା ପ୍ରାଚୀନକାଳରୁ ଓଡିଶାର ସାଧାରଣ ଜନଜୀବନକୁ ଜୈନଧର୍ମ, ବୌଦ୍ଧ ଧର୍ମ, ଇସଲାମ ଧର୍ମ, ଖ୍ରୀଷ୍ଟ ଧର୍ମ, ଏବଂ ବ୍ରାହ୍ମ ଧର୍ମ ପ୍ରଭାବିତ କରିଛି । ଓଡିଶାର ଅନେକ ଜାତି ଓ ଜନଜାତିର ସଦସ୍ୟ ଖ୍ରୀଷ୍ଟ, ଏବଂ ଇସ୍‌ଲାମ ଧର୍ମରେ ଧର୍ମାନ୍ତରିତ ହୋଇଛନ୍ତି । ଏହି ଧର୍ମାନ୍ତରୀତ ଆଦିବାସୀଗଣ ଖ୍ରୀଷ୍ଟ, ଇସ୍‌ଲାମ ଧର୍ମର ଉତ୍ସବ ପାଳନକରିବା ସଙ୍ଗେସଙ୍ଗେ ଆପଣାର ପ୍ରଜାତିକ ପ୍ରଥା, ପରମ୍ପରା, ଓ ଉତ୍ସବ ଆଦି ପାଳନ କରିଥାନ୍ତି । ସେହିପରି, ସୁଦୂର ଇତିହାସରୁ କାଳକ୍ରମେ ହିନ୍ଦୁଧର୍ମରେ ଅଙ୍ଗୀଭୂତ ହୋଇଥିବା ଆଦିବାସୀ ମଧ ଆପଣାର ପ୍ରଥା, ପରମ୍ପରା, ଏବଂ ଉତ୍ସବ ପ୍ରଭୃତିର ପାଳନକରି ଆସୁଛନ୍ତି । ଏହି ମୁଖ୍ୟ ଧର୍ମଧାରା ବ୍ୟତୀତ କବୀର ବିଶ୍ୱାସୀ (କବୀରପନ୍ଥୀ), ଗୁରୁ ଘାସିଦାସ ବିଶ୍ୱାସୀ (ସତନାମୀ), ମହିମାପନ୍ଥୀ ଭଳି ବିଭିନ୍ନ ଧର୍ମଧାରାରେ ଓଡିଶାର ବିଭିନ୍ନ ଜାତି ଜନଜାତିର ଲୋକ ବିଶ୍ୱାସ କରିବା ଦେଖାଯାଏ । ଏହି ଧର୍ମଧାରାରେ ବିଶ୍ୱାସ କରୁଥିବା ଲୋକ ଗୋଷ୍ଠୀ ପରଂବ୍ରହ୍ମ ତଥା ଏକେଶ୍ୱରବାଦ ଉପରେ ବିଶ୍ୱାସ କରନ୍ତି, ହିନ୍ଦୁମାନଙ୍କ ପରି ମୂର୍ତ୍ତିପୂଜା କରନ୍ତି ନାହିଁ । ଆଇଁଷ, ମଦ୍ୟ ପ୍ରଭୃତିକୁ ସ୍ପର୍ଶ କି ଗ୍ରହଣକରନ୍ତି ନାହିଁ । ଏପରିକି ମହିମା ଧର୍ମାବଲମ୍ବୀମାନେ ଧୋବା, ଭଣ୍ଡାରୀ, ଓ ବ୍ରାହ୍ମଣମାନଙ୍କଠାରୁ ଜଳ କିମ୍ବା ଖାଦ୍ୟ ମଧ ଗ୍ରହଣ କରିନଥାନ୍ତି । ଆଦିବାସୀମାନେ ନିଜ ନିଜର ପିତୃପୁରୁଷଙ୍କୁ ପୂଜା କରିବା ସହ ପାରିବାରିକ ଦେବୀ, ଗ୍ରାମଦେବୀ, ବଂଶ ତଥା ଗୋତ୍ରଦେବଦେବୀମାନଙ୍କୁ, ଏବଂ ପ୍ରକୃତିପୂଜା ମଧ କରିଥାନ୍ତି । ସମ୍ପ୍ରତି ନୂତନ ଭାବରେ ବିକଶିତ ତଥା ପ୍ରସାରିତ ହୋଇଥିବା ସତ୍ୟସାଇ, କାଳୀକୃଷ୍ଣ, ଜୟଗୁରୁ, ଏବଂ ଗାୟତ୍ରୀ ପରମ୍ପରାରେ ମଧ୍ୟ ଅନେକ ସଦସ୍ୟ ବିଶ୍ୱାସ କରିବା ଦେଖାଯାଏ ।

### ୩.୨.୭ ସାମାଜିକ ରୀତିନୀତି ଏବଂ ପର୍ବପର୍ବାଣି

ସମତଳ ଅଞ୍ଚଳର ହିନ୍ଦୁମାନେ ବର୍ଷସାରା ଅନେକ ପର୍ବପର୍ବାଣି ପାଳନ କରନ୍ତି । ଆଦିବାସୀମାନଙ୍କ ପରି ସେଗୁଡିକ ମଧ୍ୟରୁ କେତେକ କୃଷିଭିତ୍ତିକ, କେତେକ ଧର୍ମସମ୍ବନ୍ଧୀୟ ଏବଂ କେତେକ ଅନ୍ୟାନ୍ୟ କିଛି ବିଶ୍ୱାସ ବା ପରମ୍ପରା ଉପରେ ପ୍ରତିଷ୍ଠିତ । କୃଷିଭିତ୍ତିକ ପର୍ବପର୍ବାଣିମାନଙ୍କ ମଧ୍ୟରେ ଅକ୍ଷୟ ତୃତୀୟା, ରଜପର୍ବ, ଗହ୍ମାପୂର୍ଣ୍ଣମୀ, ନୂଆଖିଆ, ମାଣବସା ପ୍ରଭୃତି ଉଲ୍ଲେଖଯୋଗ୍ୟ । ଧାନବୁଣାଠାରୁ ଆରମ୍ଭକରି ଫସଲ କଟା, ଏବଂ ନୂଆଖିଆ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟ ଦେଇ ଏହିସବୁ ପର୍ବ ଜନସାଧାରଣଙ୍କଦ୍ୱାରା ଆଗ୍ରହର ସହିତ ପାଳନ କରାଯାଇଥାଏ । ଧର୍ମ ସମ୍ବନ୍ଧୀୟ ପର୍ବପର୍ବାଣିମାନଙ୍କ ମଧ୍ୟରେ ଦୁର୍ଗାପୂଜା, ଦୀପାବଳୀ, ଶିବରାତ୍ରି, ଦୋଳଯାତ୍ରା, ଶିବବିବାହ, ରଥଯାତ୍ରା ପ୍ରଭୃତି ପ୍ରଧାନ । ଏହି ପର୍ବଗୁଡିକୁ ଲୋକମାନେ ଉଚ୍ଚନୀଚ ଭେଦଭାବ ଭୁଲି, ଭକ୍ତିପୂତ ହୃଦୟରେ ମହାଜାକଜମକ ସହକାରେ ପାଳନ କରିବା ଦେଖାଯାଏ ।

ମକର ଯାତ୍ରା, ମାଘ ସପ୍ତମୀ, ମହିମା ମେଳା, ଶୀତଳଷଷ୍ଠୀ ଯାତ୍ରା, ପଡଲ, ପୌଷ ପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମା, ବୈଶାଖ ପୂର୍ଣ୍ଣିମା, ମାଘ ପୂର୍ଣ୍ଣିମା ପ୍ରଭୃତି ପର୍ବପର୍ବାଣି ପ୍ରଧାନତଃ ବିଭିନ୍ନ ପ୍ରକାର ବିଶ୍ୱାସ ଏବଂ ପରମ୍ପରା ସହ ସମ୍ପୃକ୍ତ । ଏଗୁଡିକମଧ୍ୟରୁ

କେତେକ ଆଞ୍ଚଳିକଭିତ୍ତିରେ ପାଳନ କରାଯାଏ। ସମ୍ବଲପୁର ଅଂଚଳରେ ଶୀତଳଷଷ୍ଠୀ ଓ ନୂଆଖାଇ (ନବାନ୍ନ) ପ୍ରଭୃତି ଅତ୍ୟନ୍ତ ଲୋକପ୍ରିୟ ଥିବା ସ୍ଥଳେ, ଢେଙ୍କାନାଳର ମହିମା ମେଳା, କଟକରେ ମକର, ପୁରୀରେ ମାଘ ସପ୍ତମୀ, ଉତ୍ତର ବାଲେଶ୍ୱରରେ ମନସା ପୂଜା, ଓ ଗଞ୍ଜାମ ଅଞ୍ଚଳରେ ପଡଲ, ଓ ପୌଷ ପୂର୍ଣ୍ଣିମା, ଠାକୁରାଣୀ ଯାତ୍ରା ପ୍ରଭୃତି ପର୍ବ ଅତ୍ୟନ୍ତ ଆଗ୍ରହର ସହିତ ପାଳନ କରାଯାଇଥାଏ। ବୈଦିକ ବ୍ରତ, ପୂଜା ଓ ଅନ୍ୟାନ୍ୟ ଧର୍ମୀୟ ଅନୁଷ୍ଠାନ ବ୍ୟତୀତ ଲୋକାଚାର ମଧ୍ୟରେ କେତେକ ଓଷା-ବ୍ରତର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ। ଲୋକ ଧର୍ମରେ ପ୍ରକୃତି ଉପାସନା ପ୍ରାଧାନ୍ୟ ଲାଭ କରିଥାଏ। ବହୁକାଳଧରି ଏ ଓଷା-ବ୍ରତ ସମାଜର ଜନସାଧାରଣଙ୍କ ସାଂସ୍କୃତିକ ଜୀବନର ଅଙ୍ଗ ଭାବରେ ଆସ୍ଥା ଜନ୍ମାଇ ଆସିଛି। ତନ୍ମଧ୍ୟରେ ଭୂମି ପୂଜା, ଗୃହାଧିଦେବତା ପୂଜା, ଶସ୍ୟ ପୂଜା, ବୃଷ୍ଟି ବନ୍ଦାପନା, ନଦୀ ବନ୍ଦାପନା, ନାଗପୂଜା, ଗେଣ୍ଡା-କୋଚିଆ ପୂଜା, ଗୋ-ପୂଜା ଭଳି ପାରମ୍ପରିକ ପୂଜାଗୁଡ଼ିକ ଉଲ୍ଲେଖନୀୟ।

ଭୂମିପୂଜା ରୂପେ ରଜ ଓ ଅକ୍ଷୟ ତୃତୀୟା ଦୁଇଟି ପ୍ରମୁଖ ପର୍ବ। ଗୃହାଧିଦେବପୂଜା ମଧ୍ୟରେ ଚୁଲିପୂଜା, ଈଶାନ ପୂଜା କରାଯାଏ। ଶସ୍ୟପୂଜାରେ ନୂଆଖିଆ, ମାର୍ଗଶିର ମାସ ଗୁରୁବାର, ଚତୁର୍ମାସ୍ୟ ଗୁରୁବାର, ସୁଦଶା ବ୍ରତ, ଧାନମାଣିକା ଓଷା, କ୍ଷେତ ବଢ଼ା ପ୍ରଭୃତି ଉଲ୍ଲେଖଯୋଗ୍ୟ। ବର୍ଷା ଦିନରେ ଠିକ୍ ସମୟରେ ବର୍ଷା ନହେଲେ ଇନ୍ଦ୍ର ଦେବତାଙ୍କ ଉଦ୍ଦେଶ୍ୟରେ ବୃଷ୍ଟି ବନ୍ଦାପନା, ବେଙ୍ଗପୂଜା କରାଯିବା ମଧ୍ୟ ଦେଖିବାକୁ ମିଳେ । ବନ୍ୟାବିପ୍ଳାତ ସମୟରେ ସନ୍ତାନସନ୍ତତି ମରିନଥିବା ସ୍ତ୍ରୀ ଥାଳିରେ ସାତକେରା ଦୁବ, ସାତଟି ବରକୋଳି ପତ୍ର, ସାତଟି ଦୀପ ଥୋଇ ନଦୀ ଦେବତାଙ୍କୁ ବନ୍ଦାପନା କରନ୍ତି। ଏହା ଫଳରେ ବନ୍ୟା ପ୍ରକୋପ କମିଯାଏ ବୋଲି ସମ୍ପୃକ୍ତ ଲୋକ ଗୋଷ୍ଠୀରେ ଧାରଣା। ଶ୍ରାବଣ ମାସର ଚିତାଲାଗି ଅମାବାସ୍ୟା ଦିନ ଚିତଉ ପିଠାକରି ପୋଖରୀ ଓ ପାଣିନାଳ ପ୍ରଭୃତିରେ ଗେଣ୍ଡା, କୋଚିଆ ଉଦ୍ଦେଶ୍ୟରେ ଅର୍ପଣ କରାଯାଏ। ଫଳରେ, ସେମାନେ ସମ୍ପୃକ୍ତ ଲୋକମାନଙ୍କର ଅନ୍ତଷ୍ଟି ସାଧନ କରନ୍ତିନାହିଁ ବୋଲି ବିଶ୍ୱାସ କରାଯାଏ। ସେହିପରି, ନାଗପୂଜା ଉଦ୍ଦେଶ୍ୟରେ ଅନୁଷ୍ଠିତ ଅନନ୍ତ ଚତୁର୍ଦ୍ଦଶୀ, ଫଣୀ ପଞ୍ଚମୀ, ନାଗ ଚତୁର୍ଥୀ, ବ୍ୟତୀତ କାର୍ତ୍ତିକ ମାସରେ ଶୁକ୍ଳ ଓ କୃଷ୍ଣ ଚତୁର୍ଥୀରେ ନାଗଦେବତାଙ୍କ ଉଦ୍ଦେଶ୍ୟରେ ଉଈହୁଙ୍କାଗୁଡ଼ିକରେ କ୍ଷୀରଗୁଡ ଦିଆଯାଇ ପୂଜା କରାଯାଏ। ନାଗମାନଙ୍କ କବଳରୁ ପରିବାରକୁ ରକ୍ଷାକରିବା ଏହି ନାଗପୂଜାର ଲକ୍ଷ୍ୟ। ଗୋ ପୂଜା, ହିନ୍ଦୁମାନଙ୍କର ଏକ ପ୍ରଧାନ ପର୍ବ। ଗୋଷ୍ଠାଷ୍ଟମୀ ବ୍ୟତୀତ ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମାରେ ଗୋରୁମାନଙ୍କୁ ନାନା ପ୍ରକାରେ ସଜ୍ଜିତ କରାଯାଇ ସେମାନଙ୍କୁ ବିବିଧ ଭୋଜ୍ୟ ପଦାର୍ଥ ଦିଆଯାଏ। ଏହା ବ୍ୟତୀତ, ଜହ୍ନି ଓଷା, ଦ୍ୱିତୀୟା ଓଷା, ବୁଧିବାମନ ଓଷା, କାଞ୍ଜିଅଁଳା ଓଷା, ଖୁଦୁରକୁଣୀ ବା ଭାଲୁକୁଣୀ ଓଷା, ବୁଧେଇ ଓଷା, ପୂଅ ଜୀଉଁନ୍ତିଆ, ଚୈତ୍ର୍ୟ ମଙ୍ଗଳବାର, ଷୋହଳପାଳି ଗୁରୁବାର, ପୁଷ ରବିବାର, ଧାନମାଣିକା, ଖରଖରା, ରବିନାରାୟଣ ବ୍ରତ, କୁକୁଟୀ ବ୍ରତ, କେଦାର ବ୍ରତ, ବଜ୍ରମହାକାଳୀ ବ୍ରତ, ଅନନ୍ତ ବ୍ରତ, ସାବିତ୍ରୀ ବ୍ରତ, ବାଲିତୃତୀୟା ବ୍ରତ, ଏବଂ ଋଷିପଞ୍ଚମୀ ବ୍ରତ ପ୍ରଭୃତି ବିଭିନ୍ନ ଓଷାବ୍ରତ ମୁଖ୍ୟତଃ ଓଡିଶାର ସ୍ତ୍ରୀ ଲୋକମାନେ ପାଳନ କରନ୍ତି।

ଓଷାବ୍ରତଗୁଡିକରେ ଓଡିଆ ଗୃହିଣୀମାନେ ବିଭିନ୍ନ ପ୍ରକାରର ପିଠା, ମଣ୍ଡା, ଚକୁଳି, ଚିତଉ, ସରୁଚକୁଳି, ଆରିଷା, କାକରା, ପୋଡପିଠା, ଏଣ୍ଡୁରୀ ପିଠା, ଆଥାର ମଣ୍ଡା, ଖିରି, ଖେଚୁଡି, ଜାଉ, ଅଟକାଳି ଭଳି ବିଭିନ୍ନ ଧରଣର ବ୍ୟଞ୍ଜନ ପ୍ରସ୍ତୁତ କରିବା ଦେଖାଯାଏ । ମାଟିଘର ହୋଇଥିଲେ ଲିପାପୋଛା କରିବା ସହିତ ପିଠୋଉର ଝୋଟି ଦେବା, ନାନାବର୍ଣ୍ଣର ମୁରୁଜ ପକାଇବା ସର୍ବସାଧାରଣରେ ପରିଦୃଷ୍ଟ । ଏହା ବ୍ୟତୀତ, ଓଡିଶାର ବିଭିନ୍ନ ଅଂଚଳରେ ଅନେକ ପାରମ୍ପରିକ ଦେବଦେବୀଙ୍କୁ ପୂଜା କରାଯାଏ। ଏମାନଙ୍କ ମଧ୍ୟରେ ଶୀତଳା, ବସନ୍ତେଇ, ବାସେଲୀ, ବସ୍ତରେନ୍, ମାଉଲି, ଗୋପାଗୋସେନ୍, ବୁଢୀ ଠାକୁରାଣୀ, ବୁଢୀ ଠାକୁରାଣୀ, ଜାଗୁଳାଈ, କୁତାମଚଣ୍ଡୀ, ଖେଡେଈ, କନ୍ଧୁଣୀ, ଡମୁଣୀ, ବସନ୍ତକାଳୀ, ସାଆନ୍ତାଣୀ, ବୁଢାରଜା, ସମଲେଶ୍ୱରୀ, ଚୁଡାଖାଇ, ମାଣିକେଶ୍ୱରୀ ଆଦି ଗ୍ରାମଦେବୀଙ୍କ ନାମ ଉଲ୍ଲେଖନୀୟ। ଏହି ଦେବଦେବୀମାନଙ୍କର କୌଣସି ମୂର୍ତ୍ତିନାହିଁ। ସେଥିପାଇଁ ଗଛ, ପଥର, କାଠ, ମାଟିନିର୍ମିତ ପ୍ରତୀକ ତଥା ପ୍ରତିମୂର୍ତ୍ତି ପ୍ରଭୃତି ପୂଜିତ ହୋଇଥାଆନ୍ତି। କେତେକ ଅଞ୍ଚଳରେ ନିର୍ଦ୍ଦିଷ୍ଟ ସ୍ଥାନରେ କୌଣସି ସଙ୍କେତ ନଥାଇ ମଧ କ୍ଷେତ୍ରପାଳଙ୍କ ଆସ୍ଥାନ ମନେକରାଯାଇ ତାହାକୁ ଧୂପଦୀପ, ନୈବେଦ୍ୟ ବଳିଦେଇ

ପରିବାରବର୍ଗଙ୍କ ବିଭିନ୍ନ ରୋଗ ନିବାରଣ ନିମିତ୍ତ ଆରଧନା କରାଯାଏ। ଏହି ସମସ୍ତ ପୂଜା, ଆଚାର ଓ ସଂସ୍କାର ଲୋକ ବିଶ୍ୱାସ ଉପରେ ପ୍ରତିଷ୍ଠିତ।

### ୩.୨.୮ ଜନ୍ମ-ମୃତ୍ୟୁ-ବିବାହ

ଜନ୍ମ-ମୃତ୍ୟୁ-ବିବାହ ମଣିଷ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ । ପ୍ରାୟ ସମସ୍ତ ଲୋକ ଗୋଷ୍ଠୀରେ ଏହା ସହିତ ଅନେକ ରୀତିନୀତି, ପ୍ରଥା-ପରମ୍ପରା, ତଥା ଅନେକ ପ୍ରକାରର ବିଶ୍ୱାସ ଜଡିତ ଯାହାର ପାଳନ ଏବଂ ପରିବେଷଣ ଏକ ପ୍ରକାର ବାଧ୍ୟତାମୂଳକ, ସର୍ବସ୍ୱୀକୃତ । କୌଣସି ସଦସ୍ୟଙ୍କ ଏହି ସାମାଜିକ ରୀତିନୀତିର ପାଳନ ଆଉ ପରିବେଷଣଜନିତ ଉପେକ୍ଷାକୁ ସମ୍ପୃକ୍ତ ଲୋକ ଗୋଷ୍ଠୀର ସାମାଜିକ ସାଂସ୍କୃତିକ ଜୀବନରେ ସହଜ ଭାବରେ ଗ୍ରହଣ କରାଯାଇନଥାଏ । ଏଠାରେ ଓଡିଆ ଲୋକ ଜୀବନରେ ପ୍ରଚଳିତ ଜନ୍ମ-ମୃତ୍ୟୁ-ବିବାହ ସମ୍ପର୍କିତ ବିଭିନ୍ନ ରୀତିନୀତି ଓ ପ୍ରକ୍ରିୟା ଉପରେ ଆଲୋଚନା କରାଯାଉଛି ।

#### *ଜନ୍ମ, ଏବଂ ପ୍ରାକ୍-ବିବାହ କ୍ରିୟାକର୍ମ*

ପ୍ରାୟ ଓଡିଆ ପରିବାରରେ ଜନ୍ମବେଳେ 'ବଧେଇ' ବସିବା, ଦୁଆର ମୁହଁରେ ସିଜୁଡାଳ ବାନ୍ଧିବା ଏକ ପରମ୍ପରା । ପାଞ୍ଚଦିନରେ 'ପଞ୍ଚୁଆତି' ପାଳିବା ସଙ୍ଗେସଙ୍ଗେ, ମାମୁଁ ଆସି 'ବାଆଁ ପଟିଆ' ଦଉଡି ବଳିବା ସହିତ ବିରି, ମୁଗ ଓ ଚାଉଳଭଜା ଭୋଗ ଦେଇ ପିଲାଟିର ଦୀର୍ଘାୟୁ କାମନା କରାଯାଏ। ଷଷ୍ଠଦିନରେ ଷଠୀଦେବୀଙ୍କୁ କାନ୍ଥରେ ଗୋବର ଓ କଉଡିରେ ଘରକରି, ଲେଖନ ତାଳପତ୍ର ଦେଇ ପୂଜାକରିବା ବିଧି ଓଡିଶାରେ ଘରେଘରେ ପ୍ରଚଳିତ। ଏସବୁ ପଛରେ ସମ୍ପୃକ୍ତ ଲୋକ ଗୋଷ୍ଠୀର ସଦସ୍ୟଙ୍କ ବିଶ୍ୱାସ ଯେ, ରାତି ଅଧରେ ଷଠୀଦେବୀ ଆସନ୍ତି ଓ ଲେଖନୀ ଧରି ତାଳପତ୍ରରେ ପିଲାର ପରମାୟୁ ଗଣନାକରି ଲେଖିଦେଇଯାଆନ୍ତି। ସେହିପରି, ସପ୍ତମ ଦିନରେ 'ଉଠିଆରି' ହୁଏ । ଏକୋଇଶ ବା ତିରିଶ ଦିନରେ ପିଲାର ମଙ୍ଗଳ କାମନାକରି ସତ୍ୟପୀରଙ୍କୁ ଶିରଣୀଭୋଗ ଦିଆଯାଏ। ଏହିଦିନ ପାଲା ପରିବେଷଣର ଆୟୋଜନ କରାଯାଇଥାଏ ।

ନବଜାତ ଶିଶୁର ନାମକରଣରେ ମଧ କେତେକ ଲୋକାଚାର ରହିଛି। କେତେକ ଅଞ୍ଚଳରେ ବର୍ଷକ ପରେ ବର୍ଷପୂରାଣି ଉତ୍ସବରେ ନାମକରଣ ହେଉଥିବାବେଳେ ଅନ୍ୟ କେତେକ ଅଂଚଳରେ ଏକୋଇଶ ଦିନରେ ନାମକରଣ କରାଯାଏ। କୌଣସି କୌଣସି ସ୍ଥାନରେ ଅଢେଇ ବର୍ଷରେ ନାମକରଣ ଉତ୍ସବ ପାଳିତ ହୁଏ। ସେହିପରି, ନାଉଲି ଉତ୍ସବ କେବଳ ରାଜପରିବାରରେ ପାଳିତ ଦେଖାଯାଏ। ନାମକରଣ ପରି ହିନ୍ଦୁ ପରିବାରରେ ପୁଅ ପିଲାର ବ୍ରତୋପୟନ ଉତ୍ସବରେ ବୈଦିକ ବିଧିବିଧାନ ବାହାରେ ବହୁବିଧ ଲୋକାଚାର ରହିଛି। ପ୍ରଥମତଃ ଗର୍ଭଧାନଠାରୁ ଆରମ୍ଭକରି ସମାବର୍ତ୍ତନ ପର୍ଯ୍ୟନ୍ତ ଦଶକର୍ମ ବିଧି କ୍ରମାନ୍ୱୟରେ ପାଳିତନହୋଇ ସପ୍ତମ, ନବମ, ଏକାଦଶ ବର୍ଷରେ ରବି ଓ ଗୁରୁଶୁଦ୍ଧି ଦେଖି ଗୋଟିଏ ଦିନରେ ଅନୁଷ୍ଠିତ ହୁଏ। ସାଧାରଣତଃ ଦେଖାଯାଏ ଯେ ଗର୍ଭଧାନଠାରୁ ଷଟ୍‌କର୍ମ ଗୋଟିଏ ଦିନରେ କରାଯାଇ, ଚୂଡାକରଣଠାରୁ ସମାବର୍ତ୍ତନ ପର୍ଯ୍ୟନ୍ତ ଚାରିକର୍ମ ପରଦିନ କରାଯାଇଥାଏ। ପୂର୍ବଦିନ ଛଅଗୋଟି କର୍ମ ନିଷ୍ପନ୍ନ ହୋଇଥିଲେ ହେଁ, ସାତଦିନଟି ଚାରିକର୍ମ ବା ମୁଣ୍ଡନ ନାମରେ ପରିଚିତ।

ବ୍ରତକର୍ମ ପୂର୍ବରୁ ବେଦି ଅନୁକୂଳ, ଢେଙ୍କି ମଙ୍ଗୁଳା, ଗୁଆ ମଙ୍ଗୁଳା, ଜାଇ ମଙ୍ଗୁଳା, ଦିଅଁ ମଙ୍ଗୁଳା, ହାଣ୍ଡିବସା, କାଣ୍ଡ-କଳସୀରେ ଦେବସ୍ଥାନରୁ ଜଳଆଣି ବାଳକକୁ ସ୍ନାନ କରାଇବା ବିଧିଗୁଡିକ ଲୋକାଚାରର ଅନ୍ତର୍ଗତ। କାରଣ, ଉପନୟନପାଇଁ କୁଟାକଣ୍ଡା କାର୍ଯ୍ୟ ବହୁପୂର୍ବରୁ ଆରମ୍ଭ କରାଯାଉଥିବାରୁ, ଅହ୍ୟସ୍ତ୍ରୀମାନଙ୍କଦ୍ୱାରା ଢେଙ୍କିକୁ ହଳଦୀ, ସିନ୍ଦୁର, କଜ୍ଜଳଦେଇ ପୂଜା କରାଯାଏ। ଏକ ନିର୍ଦ୍ଦିଷ୍ଟ ଶୁଭଦିନରେ ଉକ୍ତ ମଙ୍ଗୁଳା କାର୍ଯ୍ୟ ହେଉଥିବାରୁ ସେଦିନଟି ଢେଙ୍କି ମଙ୍ଗୁଳା କୁହାଯାଏ। ବନ୍ଧୁ ସୁହୃଦମାନଙ୍କୁ ଗୁଆଦେଇ ନିମନ୍ତ୍ରଣ କରାଯିବାର ବିଧି ବହୁକାଳରୁ ଚଳିଆସୁଛି। ତେଣୁ ନିର୍ଦ୍ଦିଷ୍ଟ ଦିବସରେ ପାଞ୍ଚ-ସାତ ଅହ୍ୟସ୍ତ୍ରୀ ମିଶି ଗୁଆ ମଙ୍ଗୁଳା, କରିବା ପରେ ବନ୍ଧୁମାନଙ୍କୁ ନିମନ୍ତ୍ରଣ ପଠାଯାଏ। ଏହି ବ୍ରତୋପନୟନ କାର୍ଯ୍ୟରେ ମୁଗ ଡାଲି ହିଁ

ବ୍ରତୋପନୟନ କରାଯାଉଥିବା ପିଲାଟିର ଭୋଜନ ଭାବରେ ଗ୍ରହଣ କରିଥାଏ । ଉପନୟନ କର୍ମରେ ମୁଗଜାଇ ଲାଗୁଥିବାରୁ ଗୁଆ ମଙ୍ଗୁଳା ଦିନ ମୁଗ ଜାଇରେ ହଳଦି ଗୋଳାଯାଇ ଅହ୍ୟସ୍ତ୍ରୀମାନେ ଘୋରଣାରେ ଚୂନା ପ୍ରସ୍ତୁତ କରିଥାନ୍ତି ।

### *ବୈବାହିକ କ୍ରିୟାକର୍ମ*

ସାଧାରଣତଃ ବିବାହ ସଂସ୍କାର ସମାଜରେ ଅନ୍ୟାନ୍ୟ ସଂସ୍କାରଠାରୁ ପ୍ରାଧାନ୍ୟ ଅଧିକାର କରିଥାଏ । ଏହି ସଂସ୍କାର ସମ୍ବନ୍ଧରେ ସ୍ମୃତିଶାସ୍ତ୍ରର ବିଧାନ ବ୍ୟତୀତ ସର୍ବଭାରତୀୟ ସ୍ତରରେ ବହୁ ପ୍ରକାର ଲୋକାଚାର ଅନୁଷ୍ଠିତ ହେଉଥିବାର ଦେଖାଯାଏ । ତନ୍ମଧ୍ୟରେ ଓଡିଶାରେ ବସବାସକରୁଥିବା ବିଭିନ୍ନ ଜାତି, ଗୋଷ୍ଠୀ ଓ ସ୍ଥାନଭେଦରେ ଲୋକ ସଂସ୍କାର ଭିନ୍ନଭିନ୍ନ ପ୍ରକାରର ପ୍ରଚଳିତ । ଉପନୟନ ପରି ବିବାହରେ ମଧ ସମସ୍ତ ପ୍ରକାର ମଙ୍ଗଳକୃତ୍ୟ ଅନୁଷ୍ଠିତ ହୁଏ । ବିବାହରେ 'ବରଧରା' ନମରେ ଏକ ଲୋକାଚାର ରହିଛି । କେତେକ ଅଞ୍ଚଳରେ ଏହି ପ୍ରଥା 'ଜୁଆଁଇ ନିମନ୍ତ୍ରଣ' ଭାବରେ ପରିଚିତ । ଏଥିରେ କନ୍ୟାପିତା ନିମନ୍ତ୍ରଣ ପତ୍ର ସହିତ ମହାପ୍ରସାଦ, ଗୁଆ, ନଡିଆ, ନୂଆଲୁଗା, ସୁନାମୁଦି ଗୋଟିଏ ତାଟ ବା ଡାଲାରେ ରଖି ତାହା ବରଘରକୁ ପଠାନ୍ତି । ବରଘର ତାହା ପାଇବାମାତ୍ରେ ବିବାହ ପ୍ରସଙ୍ଗ ସ୍ୱୀକୃତ ହେଲା ବୋଲି ବୁଝି, ନିଜର ଆତ୍ମୀୟ ଓ ବନ୍ଧୁମାନଙ୍କୁ ନିମନ୍ତ୍ରଣ ପଠାନ୍ତି । ଏହି ପ୍ରଥା ପୁରୀ ଓ ଗଞ୍ଜାମ ଜିଲ୍ଲାର କେତେକ ବ୍ରାହ୍ମଣ ଶାସନରେ ପାଳିତ ହୁଏ । ଅନ୍ୟାନ୍ୟ ସ୍ଥାନରେ ଏହା 'ବରଧରା' ନାମରେ ନାମିତ । ବିବାହର ପୂର୍ବଦିନ କନ୍ୟାର ଭ୍ରାତା ବା ଅନ୍ୟ କୌଣସି ସମ୍ପର୍କୀୟ ବ୍ୟକ୍ତି ଗୋଟିଏ ହାଣ୍ଡିରେ ଚନ୍ଦନ, ଫୁଲ, ଗୁଆ, ନଡିଆ, ଲୁଗା ଓ ବରଯାତ୍ରୀ ନିମନ୍ତ୍ରଣପତ୍ର ରଖି ବାରିକ ଓ ଶଙ୍ଖୁଆ ସହିତ ବରଘରକୁ ଯାଆନ୍ତି । ସେଠାରେ ଏକ ପୂଜାନୁଷ୍ଠାନ କରାଯାଇ ବେଦୋକ୍ତ ମନ୍ତ୍ରରେ ଭାବୀ ଜାମାତାକୁ ବରଣ କରାଯାଏ । ସେହି 'ବରଧରା'ଦଳରେ ଯାଇଥିବା ଲୋକ କନ୍ୟାଘରକୁ ଫେରିଆସିବା ପରେ ବିବାହ ସ୍ୱୀକୃତହେଲା ବୋଲି ବୁଝାଯାଏ । ବରଧରା ଫେରିବାପରେ କନ୍ୟାଘରେ କୋଇଲି ବୁଡ ବା କୁଆଁରୀ ସ୍ନାନ, ନାନ୍ଦିମୁଖୀ ଶ୍ରାଦ୍ଧ, ଦିଅଁ ମଙ୍ଗୁଳା ଆଦି ପାଳିତ ହୁଏ । 'କୋଇଲି ବୁଡ'ର ଅର୍ଥ ସେହି ଦିନଠାରୁ କନ୍ୟାର କୁମାରୀତ୍ୱ ଲୋପ ପାଇଲା । ସେହି ସମୟଠାରୁ କନ୍ୟାଟି ଅନ୍ୟ ଘରକୁ ଚାଲିଯିବାର ଏହା ଏକ ସଙ୍କେତ ।

ବିବାହ-ବେଦିରେ ମଧ୍ୟ ବୈଦିକ ବିଧି ସହିତ ଅନେକ ପ୍ରକାର ଲୋକାଚାର ପାଳିତହୁଏ । ତନ୍ମଧ୍ୟରେ କନକାଞ୍ଜଳି, କନିଷ୍ଠ ବେଦି ବା କୁକର୍ମ-ବେଦିକର୍ମ, ଅଳତାସିନ୍ଦୁର, ଲବଣ ଚାମରୀ, ଶଳାବିଧା ଉଲ୍ଲେଖଯୋଗ୍ୟ । ବିବାହ ପରେ ଜୁଆ-କଉଡି ଖେଳ, ଶୀତଳତୁଣ୍ଡୀ, ଗୁଜାଜକା ପ୍ରଭୃତି ଲୋକବିଧିର ପ୍ରଚଳନ ଅଦ୍ୟାପି ରହିଛି । ପୂର୍ବେ ଉକ୍ତ ବିଧାନଗୁଡିକର ପାଳନକାଳରେ ବିଭିନ୍ନ ସଙ୍ଗୀତ ଗାନ କରାଯାଉଥିଲା । ଏହି ଗୀତରେ ରାମ ଓ କୃଷ୍ଣଙ୍କୁ ବର, ଏବଂ ସୀତା ଓ ରାଧାଙ୍କୁ କନ୍ୟାରୂପେ କଳ୍ପନା କରାଯାଇଥାଏ । ମଙ୍ଗଳ ଗୀତରେ କୋଇଲିବୁଡ, ବରଖିରି ଅଞ୍ଜଳି, ବରମାଫିଆ, ବରବରଣ, ହସ୍ତଗଣ୍ଠି, ବରବିରି ମୁଗଚୁରା, ବରଗନ୍ଧ ଘରଷଣ, କନ୍ୟା କୋଇଲି ବୁଡ, ଲବଣ ଚଉଁରୀ, ଜୁଆ-କଉଡି, ପଞ୍ଚୁଗ୍ରାସୀ ଆଦି ସମ୍ବନ୍ଧରେ ଉଲ୍ଲେଖ ଦେଖିବାକୁ ମିଳେ । ତେବେ, ବର୍ତ୍ତମାନ ସମାଜରେ ମଙ୍ଗଳ ଗୀତର ପ୍ରଚଳନ ପ୍ରାୟ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ ।

ବିବାହର ସାତଦିନ ମଧରେ ତୃତୀୟଦିନ ବେଦିପୂଜା, ମାଛବଛା, ବେଦୀରେ କନ୍ୟା-ମାତାଙ୍କୁ ସର୍ପଦଂଶନ ଓ ନଣନ୍ଦଦ୍ୱାରା ସର୍ବବିଷ ଝଡା, ପଞ୍ଚମ ଓ ସପ୍ତମ ଦିନ କାଦଖେଳ ତଥା ମଙ୍ଗଳହାଣ୍ଡି ଉଜୁଆ ପ୍ରଭୃତି ଲୋକବିଧି ପ୍ରାଧାନ୍ୟ ଲାଭକରିଥାଏ । ବିବାହ ସମ୍ପର୍କରେ ବହୁ ଲୋକାଚାର ଓଡିଶାର ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ଅଛି । ବିବାହ ପୂର୍ବରୁ ଇଷ୍ଟ ନିମନ୍ତ୍ରଣ ବିଧି ତନ୍ମଧ୍ୟରେ ଅନ୍ୟତମ । ଯେଉଁ ବ୍ୟକ୍ତିର ଗୃହରେ ବିବାହ ନିଷ୍ପନ୍ନ ହୁଏ, ସେହି ବ୍ୟକ୍ତିର ଗୋତ୍ର ଅନୁସାରେ ଗୋଟିଏ ନିର୍ଦ୍ଦିଷ୍ଟ ବୃକ୍ଷପୂଜା କରାଯାଇଥାଏ । ମୃର୍ତ୍ତିକାକୁ ଇଷ୍ଟ ଦେବତାରୂପେ ଈଶାଣ କୋଣରେ ଗୋଟିଏ ନୂଆ ଧାତୁପାତ୍ରରେ ବିବାହର ସପ୍ତମଦିନ ପର୍ଯ୍ୟନ୍ତ ରଖାଯାଏ । ତାପରେ ଅଷ୍ଟମଦିନ ତାହାକୁ ନଦୀ ବା ପୁଷ୍କରଣୀରେ ବିସର୍ଜନ ଦିଆଯାଏ । ଏ ପ୍ରସଙ୍ଗରେ ଏହା ଉଲ୍ଲେଖନୀୟ ଯେ, କନ୍ୟା ବା ବର ପିତାର ଗୋତ୍ର 'କାଶ୍ୟପ' ହୋଇଥିଲେ କୌଳିକ ବିଶ୍ୱାସ ଅନୁସାରେ

କସିଗଛ ବା 'ପରାଶର' ହୋଇଥିଲେ ପଳାଶ ଗଛ ପୂଜା କରାଯାଇ ତା ମୂଳରେ ମାଟି ସଂଗ୍ରହ କରାଯାଏ । ଏହି ପୂଜା ମୂଳରେ ଆଦିବାସୀମାନଙ୍କ ସଂସ୍କୃତିର ସମ୍ପର୍କ ଥିବା ଅନୁମାନ କରାଯାଏ ।

ଓଡିଶାରେ ପ୍ରାଚୀନ କାଳରେ 'ବାଲ୍ୟ ବିବାହ' ରୀତି ପ୍ରଚଳିତ ଥିଲା, କିନ୍ତୁ ଆଜିକାଲି ଏହାର ପ୍ରଚଳନ ଆଦୌନାହିଁ କୁହାଯାଇପାରେ । ସେହିପରି, ପ୍ରେମ ଜନିତ ବିବାହର ବିଶେଷ ଦୃଷ୍ଟାନ୍ତ ନଥିଲେ ମଧ ବର୍ତ୍ତମାନ ସମୟରେ ଅନେକ କ୍ଷେତ୍ରରେ ଆଧୁନିକତାର ପ୍ରଭାବ ଫଳରେ ଏ ଧରଣର ବିବାହର ଅନେକ ଉଦାହରଣ ଦେଖିବାକୁ ମିଳେ । ଓଡିଶାର ପ୍ରାୟ ସମସ୍ତ ଲୋକ ଗୋଷ୍ଠୀରେ ନିଜ ଗୋତ୍ର ବା ବଂଶରେ ବିବାହ ପ୍ରାୟତଃ ହୁଏନାହିଁ । ପୁଣି, କେତେକ ସମ୍ପର୍କୀୟ ବ୍ୟକ୍ତିମାନଙ୍କମଧରେ ବିବାହ ନିଷେଧ କରାଯାଇଛି । ବରପିତା ପ୍ରଥମେ କନ୍ୟା ଦେଖି ବା କନ୍ୟାପିତା ବରଦେଖି ବିବାହ ପ୍ରସ୍ତାବ ଦେଇଥାନ୍ତି । ବିବାହ ପୂର୍ବରୁ କନ୍ୟାପକ୍ଷ ବରର ବଂଶ ପରମ୍ପରା, ଶାରୀରିକ ଗଠନ, ଶିକ୍ଷାଗତ ଯୋଗ୍ୟତା, ଓ ଅନ୍ୟାନ୍ୟ ଗୁଣ ଇତ୍ୟାଦି ଦେଖିବାବେଳେ ବରପକ୍ଷ ସେହିପରି କନ୍ୟାର ବଂଶ ପରମ୍ପରା, ଶିକ୍ଷା, ସୌନ୍ଦର୍ଯ୍ୟ, ଆଜ୍ଞାବହତା, ଓ କର୍ମନିପୁଣତାକୁ ଦେଖି ବିବାହ ପ୍ରସ୍ତାବ ସ୍ଥିରକରନ୍ତି । ଉଭୟ ପକ୍ଷ ରାଜିହେଲେ କୌଣସି ଏକ ଶୁଭଦିନରେ ଦେବତାଙ୍କ ମନ୍ଦିରରେ 'ନିର୍ବନ୍ଧ' କରାଯାଇଥାଏ । ବିଭାଘର ଶେଷରେ କନ୍ୟା ବିଦାୟବେଳେ ଓଡିଆ ଘରର ଝିଅ-ବୋହୂମାନଙ୍କର କାନ୍ଦଣା ଏକ ସାଧାରଣା ଘଟଣା । ସେ ସମୟରେ ସେଠାରେ ଉପସ୍ଥିତ ଥିବା ଲୋକମାନେ ଯଦି ନକାନ୍ଦନ୍ତି, ତେବେ ପରଜନ୍ମରେ ସେମାନେ କାଠବେଙ୍ଗ ହୁଅନ୍ତି ବୋଲି ମଧ୍ୟ ଏକ ପାରମ୍ପରିକ ଧାରଣା ରହିଛି । ସଂପ୍ରତି, ଓଡିଶାର ସହରାଞ୍ଚଳରେ ଅବଶ୍ୟ ପ୍ରାୟ ଉଚ୍ଚଶିକ୍ଷିତ ଝିଅ ତଥା ତାଙ୍କ ପରିବାର ଏବଂ ସମ୍ପର୍କୀୟ ବିବାହ ସମୟରେ ଆଉ କାନ୍ଦିବା ଦେଖାଯାଉନାହିଁ । ଓଡିଶାର ଅନେକ ଅଞ୍ଚଳରେ ସ୍ଥଳବିଶେଷରେ 'ଘର ଜୋଇଁଆ' ବିବାହର ପରମ୍ପରା ମଧ୍ୟ ଦେଖିବାକୁ ମିଳେ । ସାଧାରଣତଃ, ପୁତ୍ର-ସନ୍ତାନ ନଥିବା ପରିବାରରେ ପରିଣତ ବୟସରେ ନିଜର ସୁବିଧାପାଇଁ ସେମାନେ ଝିଅପାଇଁ ଘରଜୋଇଁ ରଖିଥାନ୍ତି । ଅନେକ ଲୋକ ଗୋଷ୍ଠୀରେ 'ବହୁ ବିବାହ' ପ୍ରଥା ମଧ୍ୟ ଓଡିଶାରେ ପ୍ରଚଳିତ । ସ୍ତ୍ରୀର ମୃତ୍ୟୁ, ଛାଡପତ୍ର ବା ପ୍ରଥମ ସ୍ତ୍ରୀ ନିଃସନ୍ତାନ ହେଲେ ଦ୍ୱିତୀୟ ବିବାହ କରିବା ଦେଖାଯାଏ । ସେହିପରି, କେତେକ ଲୋକ ଗୋଷ୍ଠୀରେ ଅଳ୍ପବୟସରେ ବିଧବା ହୋଇଥିଲେ ସ୍ୱାମୀର ମୃତ୍ୟୁ ପରେ ଦିଅର ସହିତ ବିବାହ କରିଦିଆଯାଇଥାଏ । ଦିଅର ନଥିଲେ ଅନ୍ୟତ୍ର ମଧ୍ୟ ପୁନଃବିବାହ କରିବା ପ୍ରାୟ ଦେଖାଯାଏ । ତେବେ, କେତେକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ବିଧବାମାନଙ୍କୁ ସନ୍ନ୍ୟାସିନୀ ଭଳି ଜୀବନଯାପନ କରି ହବିଷ୍ୟ ପାଳନ କରିବାକୁ ପଡିଥାଏ ।

ଓଡିଶାର ବିଭିନ୍ନ ଅଞ୍ଚଳରେ ତଥା ବିଭିନ୍ନ ଲୋକ ଗୋଷ୍ଠୀରେ ବିବାହରେ ବିଭିନ୍ନ ପ୍ରକାର ସ୍ୱତନ୍ତ୍ରତା ପରିଲକ୍ଷିତ ହୁଏ, ଯେପରି ଗଞ୍ଜାମ, କୋରାପୁଟ, ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗିର ପ୍ରଭୃତି ଅଞ୍ଚଳରେ ନିଜ ସଂପର୍କୀୟମାନଙ୍କ ସହ ବିବାହ ନିଷେଧ ଥିଲେ ମଧ ମାମୁଁ-ଝିଅ ସହିତ ବିବାହକୁ ଏମାନେ ଅଧିକ ପସନ୍ଦ କରିଥାନ୍ତି । ସମ୍ଭବତଃ ଦକ୍ଷିଣ-ଭାରତୀୟ ସାମାଜିକ ଜୀବନର ପ୍ରତିଫଳନରେ ଏଭଳି ବିଧି-ବ୍ୟବସ୍ଥା ପ୍ରଚଳିତ ରହିଛି । ସେହିପରି, ବିଭିନ୍ନ ଜାତି ତଥା ଗୋଷ୍ଠୀ ମଧ୍ୟରେ ବିବାହ ରୀତିନୀତି ମଧ୍ୟ ଅଳ୍ପବହୁତ ଅଲଗା ଅଲଗା ହୋଇଥାଏ ।

### *ମୃତ୍ୟୁ ପରବର୍ତ୍ତୀ କ୍ରିୟାକର୍ମ*

ମାନବ-ଜୀବନରେ ଅନ୍ତ୍ୟେଷ୍ଟି କ୍ରିୟା ସର୍ବଶେଷ କ୍ରିୟାରୂପେ ଗୃହୀତ । ଓଡିଆ ପରିବାରରେ କୌଣସି ବ୍ୟକ୍ତିର ସ୍ୱର୍ଗବାସ ହେଲେ ଅନେକ ବିଧିବିଧାନ ସହିତ କେତେକ ଲୋକ-ସଂସ୍କାର ମଧ୍ୟ ପାଳିତ ହୋଇଥାଏ । ଶବ ନେବାପାଇଁ ଛଖଣ୍ଡ କାଠ ବା ବାଉଁଶରେ କୋକେଇ ପ୍ରସ୍ତୁତ କରାଯାଏ । ତତ୍‌ସହିତ ଗୋଟିଏ କଳସୀ, ବୋଝ, କୋଡି-କୋଦାଳ, ଗୋଟିଏ ନିଆଁହୁଲା, ଗୋଟିଏ ଶିକାରେ ହାଣ୍ଡି ଶବଦାହ ଉଦ୍ଦେଶ୍ୟରେ ଯାଏ । ଶବ ଘରୁ ବାହାରିଯିବା ପରେ ତା ପଛେପଛେ ଗୋବରପାଣି ଛିଂଚା ଯାଏ, ଚୁଲି ଓ ଭାତହାଣ୍ଡି ଫିଙ୍ଗାଯାଏ । ଶ୍ମଶାନରେ ଅର୍ଦ୍ଧପଥ ପିଣ୍ଡଦାନ, ପ୍ରେତର ସ୍ନାନ, ଭୋଜନ, ମୁଖାଗ୍ନି ବିଧି ଅନୁଯାୟୀ ପାଳିତ ହୁଏ, ମାତ୍ର ଚିତାଗ୍ନିର ଚାରିପଟେ ଶବକୁ ତିନି, ପାଞ୍ଚ ବା ସାତଥର ବୁଲାଇବା ଓ ଧର୍ମକୁ ସାକ୍ଷୀକରି ଶ୍ମଶାନ ଭୂମିରେ

ଉପସ୍ଥିତ ଥିବା ପ୍ରତ୍ୟେକ ଆତ୍ମୀୟ-ସ୍ୱଜନ ପ୍ରେତର କାନପାଖରେ ଡାକିବା ଏକ ଏକ ପାରମ୍ପରିକ ପ୍ରଥା । ଜୀବିତ ବ୍ୟକ୍ତିକୁ କାଳେ ଭ୍ରମବଶତଃ ଅଗ୍ନିରେ ଅର୍ପଣ କରାଯାଉଛି, ସେହି ଦୋଷରୁ ମୁକ୍ତ ହେବା ନିମନ୍ତେଏହି ବିଧି ପ୍ରଚଳିତ ଅଛି ।

ଶ୍ମଶାନରୁ ଫେରିବା ପରେ ଶ୍ମଶାନଯାତ୍ରୀ ବା ମାଲଭାଇମାନଙ୍କୁ ଥରେ ମାତ୍ର ତେଲ ଦେବା, ଗାଧୋଇ ଆସିବା ପରେ ହଳଦୀ ପାଣିରେ ଗୋଡ ଧୋଇବା, ନିମ୍ବପତ୍ର ଚୋବାଇବା, ଭୂମିରେ ଲୁହା ଖଣ୍ଡକରେ ତିନୋଟି ଗାର କାଟିବା ଆଦି ପ୍ରଥା ପାଳନ ଅବସରରେ ପରିବାରର ପବିତ୍ରତା ଓ ସ୍ୱାସ୍ଥ୍ୟରକ୍ଷାର ବିଧିବିଧାନ ପ୍ରତି ଦୃଷ୍ଟି ଦିଆଯାଇଥିବାର ମନେହୁଏ । ମୃତ୍ୟୁର ଦଶମ, ଏକାଦଶ ବା ତ୍ରୟୋଦଶ ରାତ୍ରିରେ ବିସର୍ଜନ ହାଣ୍ଡି ବା ମାଲହାଣ୍ଡି ଉତ୍ସର୍ଗ କରାଯାଏ । ସ୍ଥାନବିଶେଷରେ ଏହି ବିଧି ଭିନ୍ନଭିନ୍ନ ଭାବେ ପାଳିତ ହୁଏ । କେତେକ ଅଂଚଳରେ ଦଶମଦିନ ନିଶାର୍ଦ୍ଧରେ ଦୁଇଟି ହାଣ୍ଡି ଚିତ୍ରବିଚିତ୍ର କରି ତନ୍ମଧ୍ୟରେ ଅରୁଆ ଚାଉଳ, ଗୁଆ, ମାଛଭଜା ପ୍ରଭୃତି ରଖି ଅଗ୍ନିଦାତା ତାକୁ ଭାରକରି ଗ୍ରାମର ଶେଷ ସୀମାପର୍ଯ୍ୟନ୍ତ ଯାଆନ୍ତି । ସେଠାରେ ଭୋଜ୍ୟପଦାର୍ଥକୁ ପ୍ରେତ ନାମରେ ସମର୍ପଣ କରି ଏକମୁହାଁହୋଇ ଫେରିଆସନ୍ତି । ବିସର୍ଜନ ହାଣ୍ଡି ନେଇ ବାହାରିଯିବା ମାତ୍ରେ ଘରେ ଗୋଟିଏ କୋଣରେ ବାଲି କୁଢାଇ ତା ଉପରେ ଗୋଟିଏ ଦୀପଜାଳି ନୂଆ ହାଣ୍ଡିଟିଏ ଢାଙ୍କିଦିଅନ୍ତି । ବିସର୍ଜନ ହାଣ୍ଡି ଫିଙ୍ଗିଦେଇ ଆସିଥିବା ଲୋକମାନେ ମୌନବ୍ରତ ଧାରଣପୂର୍ବକ ସ୍ନାନସାରି ଘରକୁ ଫେରିଆସିଥାନ୍ତି । ଘର ଦୁଆର ମୁହଁରେ ଚାଳକୁ ତିନିପାହାର ପିଟନ୍ତି । ସେତେବେଳେ ଘର ମଧ୍ୟରେ ଥିବା ଲୋକ ଓ ବିସର୍ଜନ ହାଣ୍ଡି ଫିଙ୍ଗିଆସିଥିବା ଲୋକମାନଙ୍କ ମଧ୍ୟରେ କେତେକ ପ୍ରଶ୍ନୋତ୍ତର ହୁଏ । ତାପରେ ସେମାନଙ୍କୁ କବାଟ ଖୋଲି ଦିଆଯାଏ, ସେମାନେ ଘର ଭିତରେ ପ୍ରବେଶ କରିବା ମାତ୍ରେ ନିର୍ଦ୍ଦିଷ୍ଟ ସ୍ଥାନରେ ବାଲି ଉପରେ ଦୀପଜଳୁଥିବା ସ୍ଥାନକୁ ଘରର ପୁରୁଖା ଲୋକମାନେ ଯାଆନ୍ତି । ଦୀପ ଉପରେ ଢଙ୍କା ହୋଇଥିବା ହାଣ୍ଡିଟାକୁ ବାହାରକରି ବାଲିକୁ ନିରୀକ୍ଷଣ କରନ୍ତି । ବାଲି ଉପରେ କୌଣସି ନା କୌଣସି ଚିହ୍ନ ପଡିଥାଏ । ପ୍ରେତ ସେହି ଚିହ୍ନରେ ଚିହ୍ନିତ ବାହନରେ ବସି ପ୍ରେତଲୋକରେ ପ୍ରବେଶ କରେ ବୋଲି ଲୋକ ବିଶ୍ୱାସ ରହିଛି ।

କେତେକ ଅଞ୍ଚଳରେ ଈଶାଣ ଗୃହରେ ଚାଉଳ ଚୂନାରେ ଏକ ମଣ୍ଡଳ ନିର୍ମିତ ହୁଏ । ମଣ୍ଡଳ ନିକଟରେ ଦୀପଟିଏ ଜଳାଯାଏ । ପରିବାରର ସମସ୍ତେ ଘର ବାହାରକୁ ଯାଇ ସମ୍ବନ୍ଧ ଅନୁସାରେ ପ୍ରେତକୁ ଡାକନ୍ତି । ତାପରେ ସେହି ଚୂନା ଉପରେ କୌଣସି ଏକ ଚିହ୍ନ ପଡିଥିବାର ଦେଖାଯାଏ । ସେଥିରୁ ଜଣାଯାଏ ଯେ, ସେହି ଦିନଠାରୁ ପ୍ରେତ ଇଷ୍ଟଦେବତାରୂପେ ପରିବାରର ଲୋକଙ୍କ ସହିତ ବସବାସ କରେ । ଦଶାହ ଓ ଏକଦଶାହ ରାତ୍ରିରେ ବିସର୍ଜନ ହାଣ୍ଡି ଫିଙ୍ଗିବା ଆଉ 'ବାଲି ମଣ୍ଡଳ' ଉପରେ ପ୍ରେତର ବାହନର ଚିହ୍ନ ଲକ୍ଷ୍ୟ କରିବା ପ୍ରଭୃତିକୁ ମୃତବ୍ୟକ୍ତି ଜନ୍ମର ସମସ୍ତ ସମ୍ପର୍କ ତୁଟାଇଦେଇ ପ୍ରେତଲୋକକୁ ଚାଲିଯାଏ ବୋଲି ଧାରଣା ଜନ୍ମେ । ପରିବାରବର୍ଗଙ୍କ ସହିତ ମୃତବ୍ୟକ୍ତିର କୌଣସି ସମ୍ପର୍କନାହିଁ, ଏହା ଜାଣିବାପରେ ତା ପ୍ରତି ଅନୁଶୋଚନା ଅନାବଶ୍ୟକ ବୋଲି ବୁଝାଯାଏ । ଏହିପରି ଭାବରେ ପରିବାରବର୍ଗ ଶୁଦ୍ଧ ବା ପବିତ୍ରହେବା ପରେ ଏକାଦଶ ଦିବସରେ ବ୍ରାହ୍ମଣେତର ଜାତିର ଲୋକାମାନେ ମୃତ ଆତ୍ମାର ସଦଗତି ପାଇଁ ବ୍ରାହ୍ମଣମାନଙ୍କୁ ଜଳପାନ ବା ସ୍ଥଳବିଶେଷରେ ମହାପ୍ରସାଦଦ୍ୱାରା ଆପ୍ୟାୟିତ କରି ସାଧ୍ୟାନୁସାରେ ଦକ୍ଷିଣା ଦେବାର ବ୍ୟବସ୍ଥା କରିଥାନ୍ତି । ପରେପରେ ଜ୍ଞାତି, କୁଟୁମ୍ବ, ବନ୍ଧୁବାନ୍ଧବ ତଥା ପଡୋଶୀମାନଙ୍କ ଉଦ୍ଦେଶ୍ୟରେ ଶକ୍ତି ମୁତାବକ ଭୋଜନର ବ୍ୟବସ୍ଥା କରାଯାଇଥାଏ । ଦ୍ୱାଦଶ ଦିବସରେ ପିତୃପୁରୁଷମାନଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦିଆଯାଏ । ଏହି ଅଶୌଚ ସମୟ ମଧ୍ୟରେ ସଂପୃକ୍ତ ବ୍ୟକ୍ତି ତଥା କୁଟୁମ୍ବମାନଙ୍କୁ ଏଗାର ଦିନ ପର୍ଯ୍ୟନ୍ତ ମାଛ, ମାଂସ, ପ୍ରଭୃତି ଆମିଷ ଦ୍ରବ୍ୟ ସହିତ ତେଲ ଘିଅ ଭକ୍ଷଣ କରିବାକୁ ବାରଣକରାଯାଇଥାଏ । ପରେପରେ ପ୍ରତିବର୍ଷ ନିର୍ଦ୍ଦିଷ୍ଟ ଦିବସରେ ମୃତବ୍ୟକ୍ତିଙ୍କ ପାଇଁ ବାର୍ଷିକ ଶ୍ରାଦ୍ଧର ବ୍ୟବସ୍ଥା କରାଯାଇଥାଏ । ଅନେକ ପରିବାର ମୃତବ୍ୟକ୍ତିର ଅସ୍ଥି ସଂଗ୍ରହକରି ବିଭିନ୍ନ ତୀର୍ଥରେ ବିସର୍ଜନ କରନ୍ତି ।

କାର୍ତ୍ତିକ ଅମାବାସ୍ୟା ବା ପିପେଇ ଅମାବାସ୍ୟା ଦିନ ଦୀପଦାନ ଶ୍ରାଦ୍ଧକରି ଏବଂ ରାତିରେ କାଉଁରିଆ ବା ଘିଅ ବଳିତା ଜାଳି ପିତୃମାନଙ୍କୁ ଆଲୋକ ବର୍ତ୍ତିକା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ଯାହା 'ବଡବଡୁଆ ଡାକ' ଭାବରେ ପରିଚିତ । ସେହିପରି, ଆଶ୍ୱିନ ମାସର ପିତୃପକ୍ଷରେ ପିତୃଶ୍ରାଦ୍ଧ ଦେବାର ପରମ୍ପରା ଓଡିଶାର ହିନ୍ଦୁ ଲୋକ ଗୋଷ୍ଠୀରେ ଦେଖାଯାଏ । ଏହି ସମୟରେ ପିତୃଶ୍ରାଦ୍ଧ ଦେଲେ ନିଜନିଜର ଦିବଂଗତ ପିତୃପୁରୁଷଙ୍କ ଆତ୍ମା ଶାନ୍ତି ପାଇଥାଏ ବୋଲି ଏଠାକାର ପାରମ୍ପରିକ

ଜୀବନଧାରାରେ ଏକ ବିଶ୍ୱାସ ବଳବତ୍ତର ଅଛି । ଓଡିଶାର ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ ଏବଂ ଦକ୍ଷିଣ-ପଶ୍ଚିମ ଭାଗରେ ସାଧାରଣତଃ ବ୍ରାହ୍ମଣ, ଖଣ୍ଡାୟତ, କରଣ, ଚଷା, ମାଳୀ, ବାରିକ, ଗଉଡ ପ୍ରଭୃତି ଜାତିମାନଙ୍କ ସହ ବାଉରି, କଣ୍ଡରା, ପାଣ, ହାଡି, ଡମ ପ୍ରଭୃତି ବିଭିନ୍ନ ଲୋକ ଗୋଷ୍ଠୀ ବହୁସଂଖ୍ୟାରେ ବସବାସ କରୁଥିଲେ ମଧ ସେମାନଙ୍କ ସାମାଜିକ ଜୀବନ ଓ ଆଚାର–ବ୍ୟବହାରରେ ସାମାନ୍ୟ କେତେକ ବ୍ୟତିକ୍ରମ ବ୍ୟତୀତ ବେଶିକିଛି ସ୍ୱତନ୍ତ୍ରତା ଦୃଷ୍ଟିଗୋଚର ହୁଏନାହିଁ ।

### ୩.୨.୯ ଲୋକ ବିଶ୍ୱାସ

ଲୋକ ବିଶ୍ୱାସ ଲୋକ ଚଳଣୀକୁ ଶୃଙ୍ଖଳିତ କରିଥାଏ । ଅତଏବ, ଏସବୁ ଗୋଟିଏ ଗୋଷ୍ଠୀର ସାଂସ୍କୃତିକ ପରିପ୍ରକାଶର ଅନ୍ୟତମ ସ୍ୱରୂପ ଭାବରେ ପରିଗଣିତ ହୋଇଥାଏ । ଏହା ଭବିଷ୍ୟତର ଶୁଭାଶୁଭ ସଂକେତର ସୂଚନା ଦେବା ସହିତ ଲୋକଙ୍କର ଧର୍ମଧାରଣା ଓ ନୈତିକ ଭାବନାକୁ ନିୟନ୍ତ୍ରିତ କରିଥାଏ । ନିଷେଧାତ୍ମକ ପ୍ରକ୍ରିୟାଗୁଡିକର ପ୍ରଖ୍ୟାପନ କରିବା ସହିତ ସମ୍ପୃକ୍ତ ସମାଜର କର୍ମ ଓ ବ୍ୟବହାରକୁ ଦର୍ଶାଇଥାଏ । ଓଡିଶାରେ ଅନେକ ଲୋକ ଗୋଷ୍ଠୀରେ ନାରୀମାନେ ସ୍ୱଅଙ୍ଗରେ ଚିତା କୁଟାଇଥାନ୍ତି । ଚିତା ନକୁଟାଇଲେ, ନାକକାନ ନଫୋଡିଲେ ଯମଦଣ୍ଡ ଭୟ ଥାଏ ବୋଲି ବିଶ୍ୱାସ କରାଯାଇଥାଏ । ନଖରେ ଭୂଇଁରେ ଗାରକାଟିବାକୁ, ରାତିରେ ସୁସୁରି ବଜେଇବାକୁ ମନାକରାଯାଏ । ଏପରି କଲେ ବିପଦ ଆପଦରେ ପଡିବାର ଆଶଙ୍କା ଥାଏ ବୋଲି ଜନମାନସରେ ବିଶ୍ୱାସ କରାଯାଏ । ସେହିପରି, ରୋଗଶୋକରୁ ରକ୍ଷାପାଇବା, କେତେକ ଅଞ୍ଚଳରେ ସପ୍ତପୁରୀ ଆମାବାସ୍ୟା ଦିନ ରଥଯାତ୍ରା ସମୟରୁ ଆରମ୍ଭ ହୋଇଥିବା ଗେଡିଖେଳର ଗେଡି(ରଣପା)ଗୁଡିକୁ ଗ୍ରାମ ବାହାରେ ଥିବା ଗୋଟିଏ ଉଇହୁଙ୍କାରେ ସମସ୍ତ ଖେଳାଳୀ ଭାଙ୍ଗିରୁଜି ଏକତ୍ର କରି ପୋତିଦେଇଥାନ୍ତି । ଏହା 'ଡୁକେର୍ ଖେଦା' ଭାବରେ ପରିଚିତ । ଡୁକେର୍ ଏକ ରୋଗ ବଇରାଗର ଦେବୀ । ସେ ଦେବୀ ଗାଁ ବାହାରକୁ ଚାଲିଗଲେ ତାଙ୍କ ସାଙ୍ଗରେ ଗ୍ରାମର ସମସ୍ତ ରୋଗ ବଇରାଗ ମଧ ଚାଲିଯାଏ ବୋଲି ବିଶ୍ୱାସ କରାଯାଏ । ସେହିପରି, କେତେକ ଅଞ୍ଚଳରେ ଧାରନୀ ଦେବୀଙ୍କ ପୂଜା ସମୟରେ ଏକ ଉଦ୍ଦଣ୍ଡ ଦେବତା ଗବଡା ଶନିଙ୍କ ପୂଜାକରାଯାଏ ଗବ୍ଡା ଶନିଙ୍କ ପୂଜାପାଇଁ ଏକ ଗବଡା ବା ଆବର୍ଜନାପୂର୍ଣ୍ଣ ସ୍ଥାନରେ ଗାତ ଖୋଳାଯାଏ ଓ ଏକ ନୂଆ ହାଣ୍ଡିରେ ଗୋଟିଏ ଜୀବନ୍ତ ଘୁଷୁରିକୁ ରଖି ତାକୁ ତେଲୁଣି ଢାଙ୍କି ମାଟିରେ ପୋତି ଦିଆଯାଏ । ଏହିପରି କଲେ ମାଟି ଶୀତଳ ହୁଏ ଓ ଗ୍ରାମରେ ବିପତ୍ତି ପଡେନାହିଁ, ରୋଗଶୋକ ମଧ ହୁଏନାହିଁ ବୋଲି ବିଶ୍ୱାସ କରାଯାଏ । 'ରୋଗୀ ବହଲା' ପାଳନକରିବା ପଛରେ ମଧ ଏମିତି ଏକ ବିଶ୍ୱାସ ଅଛି । ଗାଁର ନରିଆ, ଝାଟକର 'ରୋଗ୍‌ଭାର'କୁ ଗ୍ରାମ ଦୂରବର୍ତ୍ତୀ ଏକ ନିର୍ଜନ ସ୍ଥାନରେ ଥିବା ବୃକ୍ଷଡାଳରେ ଓହଳାଇଦେଇ ଆସନ୍ତି । ଏହି 'ରୋଗ୍‌ଭାର୍'କୁ ସମସ୍ତେ ପୂଜାକରିବା ସହିତ ଏଥିରେ ଅସରପା, ଓଡଶ, ଉକୁଣି, ବାଡିବଗିଚାର ଫସଲ ନଷ୍ଟକାରୀ କୀଟପତଙ୍ଗସବୁକୁ ପକାଇଦେଇଥାନ୍ତି ଏବଂ, ଏହାର ପରିବେଷଣରେ ରୋଗକୀଟ ଦୂରହେବା ସହିତ ବାଡିବଗିଚାର ଫସଲ କୀଟଦାଉରୁ ରକ୍ଷାପାଇଥାଏ ବୋଲି ବିଶ୍ୱାସ କରାଯାଏ । ସେହିପରି, ଓଡିଶାର ସମଗ୍ର ଅଞ୍ଚଳରେ ମାନବୀୟ ଜୀବନଚକ୍ର ସମ୍ପର୍କିତ ତଥା ଜନ୍ମମୃତ୍ୟୁ ବିବାହକୁ ନେଇ ଅନେକ ରୀତିନୀତି ଓ ବିଭିନ୍ନ ପ୍ରକାରର ବିଶ୍ୱାସ ପ୍ରଚଳିତ । ପ୍ରସବକାଳରେ ଶୀଘ୍ର ଛୁଆ ଜନ୍ମନହେଲେ ଆସନ୍ନ ପ୍ରସବାନାରୀ ସମ୍ମୁଖରେ ରେଳଟିକଟ ଦେଖାଇ ଦେଲେ ଶୀଘ୍ର ପ୍ରସବ ହୁଏ ବୋଲି ବିଶ୍ୱାସ କରାଯାଏ । ସେହପରି, ଗର୍ଭବତୀ ନାରୀ ଆକାଶ ତଥା ସୂର୍ଯ୍ୟ ଚନ୍ଦ୍ରକୁ ଖାଲି ଆଖିରେ ଅନେଇଲେ ସନ୍ତାନସନ୍ତତି ଟେରାଟେରି ହେବାର ସମ୍ଭାବନା ଥାଏ ବୋଲି ମଧ୍ୟ ବିଶ୍ୱାସ କରାଯାଏ । ଗୁରୁବାର ଦିନରେ କିମ୍ବା ଯେକୌଣସି ରାତ୍ରିରେ କାହାକୁ ଧାନଚାଉଳ ଟଙ୍କା ଦିଆଯାଇନଥାଏ । ଏହାଦ୍ୱାରା ଲକ୍ଷ୍ମୀଛଡା ହେବାକୁପଡେ ବୋଲି ବିଶ୍ୱାସ କରାଯାଏ । ଏହିପରି ଏକ ବିଶ୍ୱାସରୁ କାହାକୁ ଖାଲି ମାଣ ବା ଗଉଣି ମଧ ଦିଆଯାଏନାହିଁ । କାଉ ରାବିଲେ, ହାତରୁ ବାସନକୁସନ ଖସି ପଡିଲେ ଘରକୁ ଅତିଥି ଆସିବେ ବୋଲି ମଧ୍ୟ ବିଶ୍ୱାସ କରାଯାଏ । ରାତିରେ ଶୋଇଥିବା ଅବସ୍ଥାରେ ଛୋଟପିଲାସବୁ ପଡିଗଲେ ପଡିଶାର ସାତଘରୁ ସାତଡାଳ କିମ୍ବା ତିନିଘରୁ ତିନିଡାଳ ପାଣିଆଣି ଗାଧୋଇ ଦିଆଯାଏ । ଯାତ୍ରା ସମୟରେ ପଛରୁ କେହି ଡାକିଲେ, ଗର୍ଭବତୀ  ନାରୀ ଖାଲି ମାଠିଆ ଦେଖିଲେ ଅଶୁଭ ହେବାର ଆଶଙ୍କା କରାଯାଏ । ଓଡିଶାର ବିଭିନ୍ନ ଅଞ୍ଚଳରେ କଳା ବିଲେଇ ପୋଷିବା, ଡିମିରି ଫୁଲ ଦେଖିଲେ, ବିଭିନ୍ନ ଗଛର ମଦାଙ୍ଗ ତଥା 'ପଥର ଲସା' ପାଇଲେ ସୌଭାଗ୍ୟଶାଳୀ ଓ ସମ୍ପତ୍ତି ଲାଭ କରିବାର କଳ୍ପନା ମଧ୍ୟ ଓଡିଶାର

ବିଭିନ୍ନ ଲୋକ ଗୋଷ୍ଠୀରେ ଦେଖିବାକୁ ମିଳେ । ଓଡିଶାର ପ୍ରାୟ ସମସ୍ତ ଲୋକ ଗୋଷ୍ଠୀରେ ଗୁଣିଗାରେଡି, ମନ୍ତ୍ରତନ୍ତ୍ର, ପାଙ୍ଗନନାଶନ ଆଦିରେ ବିଶ୍ୱାସକରିବା ପରିଦୃଷ୍ଟ ହୋଇଥାଏ । ଏପରିକି, ହାଡଫୁଟି, ମିଳିମିଳା, ବସନ୍ତର ନିରାକରଣପାଇଁ ଗ୍ରାମଦେବୀ ଠାକୁରାଣୀ, ଶୀତଳାମାଆ ପ୍ରଭୃତି ଦେବଦେବୀଙ୍କ ଉପରେ ବିଶ୍ୱାସ କରିବା ମଧ୍ୟ ଦେଖାଯାଏ । ଅନୁରୂପ ଭାବରେ— ସାପ, ବିଛା ଆଦି କାମୁଡିଲେ, ଭୂତପ୍ରେତ ଧରିଲେ ଓଝା, ଗୁଣିଆ ଡାକି ମନ୍ତ୍ର ମାଧମରେ ଦେହଝାଡି ସୁସ୍ଥ ହେବାରେ ବିଶ୍ୱାସ କରାଯାଏ । ଡାଆଣୀମାନେ ଅର୍ଦ୍ଧରାତ୍ରରେ ଅନ୍ୟ ଦେହରେ ସୂତାଲଗେଇ ରକ୍ତ ଶୋଷିନେବା, ତନ୍ତ୍ରବଳରେ ଗୁଣିଆ ବାଘ ପାଲଟିଯିବା ପରି ଆଧିଭୌତିକ ବିଶ୍ୱାସ ମଧ ଓଡିଶାର କେତେକ ଅଞ୍ଚଳର ବିଭିନ୍ନ ଲୋକ ଗୋଷ୍ଠୀରେ ଦେଖିବାକୁ ମିଳେ ।

### ୩.୨.୯ କଳାତ୍ମକ ପରିପ୍ରକାଶ: ଲୋକ ସାହିତ୍ୟ, ଏବଂ ନୃତ୍ୟ-ନାଟକ

ଓଡିଶାର ସାଧାରଣ ଜନଜୀବନରେ ଗୀତ, ଗାଥା, କଥାନି, ପ୍ରବାଦ-ପ୍ରବଚନ ଭଳି ବିଭିନ୍ନ ବାଚିକ ପରିପ୍ରକାଶ ଦେଖିବାକୁମିଳେ । ଏହା ବ୍ୟତୀତ, ବର୍ଷସାରା ସମଗ୍ର ଓଡିଶାର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପର୍ବପର୍ବାଣୀ ପାଳନ ଓ ପରିବେଷଣ ହେବା ସହିତ ଏହି ଅବସରରେ ବିଭିନ୍ନ ନାଚ, ଗୀତ ତଥା ଅନ୍ୟ ପାରମ୍ପରିକ ପରିବେଷଣମାନ ମଧ୍ୟ ଆୟୋଜନ କରାଯାଇଥାଏ ଯାହା ସମ୍ପୃକ୍ତ ଅଞ୍ଚଳର ପାରମ୍ପରିକ ସଂସ୍କୃତି ସହିତ ଓତଃପ୍ରୋତ ଭାବରେ ଜଡିତ । ଓଡିଶାରେ ଆଦିବାସୀ ଅଣ-ଆଦିବାସୀ ତଥା ବିଭିନ୍ନ ଧର୍ମର ଲୋକ ବସବାସ କରୁଥିବାରୁ ଏଠାରେ ବହୁ-ଆୟାମୀ ଲୋକଧାରା ଦେଖିବାକୁ ମିଳେ ଯାହାକୁ ଏଠାରେ ଓଡିଶାର ଲୋକ ସଂସ୍କୃତିର ଏକ ଦିଗ ଭାବରେ ସଂକ୍ଷେପରେ ଆଲୋଚନା କରାଯାଇପାରେ ।

#### ଲୋକ ସାହିତ୍ୟ

ଓଡିଶାର ପାରମ୍ପରିକ ଜୀବନରେ ବିଭିନ୍ନ ବାଚିକ ପରିପ୍ରକାଶ ଭାବରେ କଥାନି, ଗୀତ, ଗାଥା, କାବ୍ୟଧର୍ମୀ ଦୀର୍ଘ ପରିପ୍ରକାଶର ପରମ୍ପରା ଅଛି । ଜନ୍ମ, ବିବାହ, ମୃତ୍ୟୁ ତଥା ପର୍ବପର୍ବାଣୀ ପାଳନ ଅବସରରେ ପ୍ରତ୍ୟେକ ଲୋକ ଗୋଷ୍ଠୀରେ ବିଭିନ୍ନ ବାଚିକ ପରିପ୍ରକାଶମାନ ଦେଖିବାକୁ ମିଳେ । ଏହି ପାରମ୍ପରିକ ଗୀତ, କଥା, ଗାଥାଗୁଡିକ ଦୈନନନ୍ଦିନ ଜୀବନର ଚିତ୍ର ପ୍ରକାଶ କରୁଥିବାବେଳେ ଏହାର ପରିବେଷଣ କେବଳ ଅବସର ସମୟରେ ନୁହେଁ ବରଂ, ସମୟ-ସୁବିଧା ଅନୁସାରେ କର୍ମକ୍ଷେତ୍ରରେ ମଧ୍ୟ ଦେଖିବାକୁମିଳେ । କର୍ମକ୍ଷେତ୍ରର ଏହି ପରିବେଷଣ ପରିବେଷଣକାରୀ ତଥା ଅନ୍ୟ କର୍ମରତ ଅନ୍ୟ ଶ୍ରୋତାମାନଙ୍କ ମନୋରଞ୍ଜନ ହେବାସହିତ ସେମାନଙ୍କୁ ଆହୁରି କର୍ମତତ୍ପର କରିଥାଏ । ସେହିପରି, ବିଭିନ୍ନ ସାମାଜିକ ରୀତିନୀତିରେ ବିଭିନ୍ନ ମିଥ୍ ଆଦିର ପରିବେଷଣ ଦେଖାଯାଏ । ଅନୁରୂପ ଭାବରେ, ଦୈନନ୍ଦିନ ଜୀବନରେ ଅନେକ ଆଖ୍ୟାନ, ଉପାଖ୍ୟାନ, ପ୍ରବାଦ-ପ୍ରବଚନ ତଥା ଅନ୍ୟାନ୍ୟ ଲୋକୋକ୍ତିର ଆଦାନପ୍ରଦାନ ଦେଖିବାକୁ ମିଳେ ।

#### ନୃତ୍ୟ ଓ ନାଟକ

ବାଚିକ ପରିପ୍ରକାଶ ପରି ସମଗ୍ର ଓଡିଶାର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ନୃତ୍ୟ ଓ ନାଟକ ପରିବେଷିତ ହୋଇଥାଏ । ବିଭିନ୍ନ ପର୍ବପର୍ବାଣୀ, ସାମାଜିକ ରୀତିନୀତିରେ ଏହି ନୃତ୍ୟ ଓ ନାଟକ ପରିବେଷିତ ହେବା ସହିତ ଅଂଶଗ୍ରହଣକାରୀ ଏବଂ ସମ୍ପୃକ୍ତ ଲୋକ ଗୋଷ୍ଠୀର ସଦସ୍ୟଙ୍କ ମନୋରଞ୍ଜନ କରିବାରେ ସହାୟକ ହୋଇଥାଏ । ଓଡିଶାର ଉତ୍ତରାଞ୍ଚଳ ଆଉ ଉପକୂଳ ଓଡିଶାରେ ଦଧି, ଢଣକୋଇଲା, ଚଢେଆ-ଚଢେଇଆଣୀ, ଦାସକାଠି, ଗୋଟିପୁଅ, ରାମଲୀଳା, ଭାରତଲୀଳା ପ୍ରଭୃତି ବିଭିନ୍ନ ଲୀଳା; ଲଉଡି ନୃତ୍ୟ, କାଳିସୀ ନାଚ, ରାବଣ ଛାୟା, କଣ୍ଢେଇ ନାଟ ପ୍ରଭୃତି ବିଭିନ୍ନ ନୃତ୍ୟ ନାଟକ ପରିବେଷିତ ହେଲାବେଳେ ଦକ୍ଷିଣ ଓଡିଶାରେ ବାଘନାଚ, ପ୍ରହ୍ଲାଦ ନାଟକ, ସଖୀ ନାଟ, ଗୋଲାନାଚ, ରଣପା ପ୍ରଭୃତି ନୃତ୍ୟ ଓ ନାଟକ ପରିବେଷିତ ହେବା ଦେଖିବାକୁମିଳେ । ସେହିପରି, ପଶ୍ଚିମ ଓଡିଶାରେ ଘୁମୁରା, ବନାବାଡି, ଦୁର୍‌ଲା, ଦଣ୍ଡାରି, କର୍‌ମା, ଡାଲଖାଇ, ମାଦ୍‌ଲୀ, ଦଣ୍ଡାରୀ, ରସର୍‌କେଲି, ନିଆଲିମଲି, ସଜନୀ, ବଉଲି, ଶୁଆନାଚ, ସରୁଧାନ, ଢାପ୍, ବୋରିଆ, ହୁମୋ, ଜୀରାଲବଙ୍ଗ,

କଲାକୋକଲି ଆଦି ନୃତ୍ୟ ପରମ୍ପରା ଦେଖିବାକୁ ମିଳେ । ଅନୁରୂପ ଭାବରେ, ପଶ୍ଚିମ ଓଡିଶାରେ ଦଣ୍ଡ ନାଟ, ସୁଲୋଚନା ହରଣ, ଚନ୍ଦ୍ରାବଳୀ ହରଣ, ନୀଳେନ୍ଦ୍ରୀ ହରଣ, କଂସ ବଧ, ମେଘନାଦ ବଧ, ରାବଣ ବଧ, ହାରାବତୀ ହରଣ, ଅର୍ଜ୍ଜୁନକଳା ହରଣ ପ୍ରଭୃତି ନାଟ୍ୟ ପରିବେଷଣ ସହିତ ରାମ ଲୀଳା, ଅଲେଖ ଲୀଳା, ଭାରତ ଲୀଳା, ରାସ ଲୀଳା, ଗୋବିନ୍ଦଚନ୍ଦ୍ର ଲୀଳା, ଏବଂ ଲକ୍ଷ୍ମୀ ସୁଆଙ୍ଗ, ତ୍ରିନାଥମେଳା ପ୍ରଭୃତି ସୁଆଙ୍ଗ ମଧ୍ୟ ପରିଦୃଷ୍ଟ ହୋଇଥାଏ ।

### ୩.୨.୧୦ ଅନ୍ୟ କଳାତ୍ମକ ପରିବେଷଣ

ଅନ୍ୟାନ୍ୟ କଳାତ୍ମକ ପରିବେଷଣ ମଧ୍ୟରେ ବିଭିନ୍ନ ରୀତିନୀତିଗତ ପରିବେଷଣ, ପାରମ୍ପରିକ ଖେଳକୁଦ, ଚିତ୍ରକଳା, ହସ୍ତଶିଳ୍ପ, ବୟନକଳା, କାଷ୍ଠ ଏବଂ ମୃର୍ତ୍ତିକାକଳା ଆଦିକୁ ଗ୍ରହଣକରାଯାଇପାରେ । ଏସବୁ ପରମ୍ପରା ଲୋକ ସମାଜର ସାମୂହିକ ଭାବଧାରାର ଏକ କଳାତତ୍ତ୍ୱ ଶୈଳ୍ପିକ ପରିପ୍ରକାଶ । ଏକ ସାମଗ୍ରିକ ଚେତନାର ନିର୍ଯ୍ୟାସ ଲୋକ କଳା ମଧ୍ୟରେ ପ୍ରକାଶ ପାଇଥାଏ । ସାମାଜିକ ଉତ୍ସବ, ଧର୍ମୀୟ ରୀତିନୀତି, ଦୈନନ୍ଦିନ ଜୀବନ ଜୀବିକାର ଅନୁଭବ ଓ ଆବଶ୍ୟକତାରୁ ଏସବୁର ସୃଷ୍ଟି ।

ଓଡିଶାରେ ଲୋକ କଳା, ଓ ଲୋକ ଶିଳ୍ପର ସମୃଦ୍ଧ ପରମ୍ପରା ଦେଖିବାକୁ ମିଳେ । ସମ୍ବଲପୁର ଜିଲ୍ଲାର ବିକ୍ରମ ଖୋଲ, ଭଲାପଗଡ, ସୁନ୍ଦରଗଡ ଜିଲ୍ଲାର ମାଣିକମଡା, ଉଷାକୋଠି, କଳାହାଣ୍ଡି ଜିଲ୍ଲାର ଯୋଗୀମଠ, ଡୋକରୀ-ଚଁଚରା ପ୍ରଭୃତି ଗୁମ୍ଫାଚିତ୍ର ଓଡିଶାର ପାରମ୍ପରିକ ଚିତ୍ର କଳାର ପ୍ରାଚୀନତମ ନିଦର୍ଶନ । ଓଡିଶାର ବିଭିନ୍ନ ଅଞ୍ଚଳର ଜାତି ଜନଜାତିଙ୍କର ଗୃହ ସଜ୍ଜା ତଥା ଗୃହାଙ୍ଗନର ସୌନ୍ଦର୍ଯ୍ୟ ବୃଦ୍ଧିପାଇଁ ବିଭିନ୍ନ ମୃତ୍ତିକା, ରଂଗ, ପିଠଉରେ ଘରକାନ୍ଥରେ ଚିତ୍ର ଅଙ୍କନ କରିବା ଦେଖାଯାଏ । ପୁଣି ଓଡିଶାର ବିଭିନ୍ନ ଅଞ୍ଚଳର ବିଭିନ୍ନ ଲୋକ ଗୋଷ୍ଠୀର ନାରୀମାନେ ସ୍ୱ-ଅଙ୍ଗରେ ଚିତା କୁଟେଇହେବା ପରଂପରା ଅଛି ମଞ୍ଜୁଆତି ପତ୍ର, ହରଗଉରା ଫୁଲର ପ୍ରଲେପରେ ମଧ୍ୟ ନାରୀମାନେ ଗୋଡ, ହାତ, ଆଂଗୁଳିରେ ବିଭିନ୍ନ ଚିତ୍ର ଅଂକନ କରିବା ଦେଖିବାକୁ ମିଳେ ।

ବୟନଶିଳ୍ପ ଭାବରେ ବ୍ରହ୍ମପୁରର ଦକ୍ଷିଣପାଟ, ମାଣିଆବନ୍ଧ ଶାଢୀ, କେନ୍ଦ୍ରାପଡାର ଗୁଲନଗରୀ ଲୁଗା, ସମ୍ବଲପୁର, ବରପାଲି, ସୋନପୁର, ବରଗଡ, ଓ କଳାହାଣ୍ଡି ଜିଲ୍ଲାର ସମ୍ବଲପୁରୀ ଶାଢୀ, ଲୁଙ୍ଗି, ଗାମୁଛାର ସୁଖ୍ୟାତି ଓଡିଶାର ପାରମ୍ପରିକ ବୟନ ଶିଳ୍ପର ଧାରାକୁ ପ୍ରମାଣିତ କରେ । ଅଧୁନା ଲୁପ୍ତପ୍ରାୟ ଗଣା ବା ଡମ୍ମାନଙ୍କର ତନ୍ତବୁଣା 'ଯୋଡିଲୁଗା' ବା 'ଡମ୍କପଟା' ମଧ୍ୟ ଏଇ ବୟନଶିଶଳ୍ପର ପାରମ୍ପରିକତା ପରପ୍ରକାଶ କରିଥାଏ । ସେହିପରି, ସାନ୍ତାଳ ଆଦିବାସୀଙ୍କ ଫୁଟାହ ଶାଢି ଏବଂ ଧୋତି ବୟନ କଳାର ଏକ ଉତ୍କୃଷ୍ଟ ସ୍ୱରୂପ ।

ଓଡିଶାର ସମଗ୍ର ଜିଲ୍ଲାରେ ପଥର, କାଠ, ବାଉଁଶ ଆଦିରେ ବିଭିନ୍ନ ମୂର୍ତ୍ତି ଓ ନିତ୍ୟ ବ୍ୟବହାର୍ଯ୍ୟ ଗହୃପୋକରଣ ଦେଖିବାକୁ ମିଳେ । ବାଉଁଶର ଡଙ୍କି, ଚଟୁ, ପାଛିଆ, ଝାପି, କୁଲା, ଟୋକେଇ; କାଠର ଖଟ କବାଟ, ବାକ୍ସ ଆଦି ବିଭିନ୍ନ ଗୃହପୋକରଣ ବ୍ୟବହାର କରାଯାଇଥାଏ । ମୃତ୍ତିକା ଶିଳ୍ପର ଟେରାକୋଟା ତଥା ବିଭିନ୍ନ କାରୁକାର୍ଯ୍ୟ ମଧ୍ୟ ଓଡିଶାର କଳାତ୍ମକ ପରିପ୍ରକାଶକୁ ପ୍ରମାଣ କରେ । ସେହିପରି, ପାରଳାଖେମୁଣ୍ଡିର ଶିଂଘକାମ, କଟକର ତାରକସି କାମ ଆଦି ଓଡିଆ ପାରମ୍ପରିକ କଳାର ଗୌରବମୟ ଉଦାହରଣ । ଅନୁରୂପ ଭାବରେ, ରଘୁରାଜପୁରର ପଟ୍ଟଚିତ୍ର ଶିଳ୍ପ ସାରା ବିଶ୍ୱରେ ଓଡିଆ ଚିତ୍ରକଳାର ସ୍ୱତନ୍ତ୍ର ପରିଚିତିର ପରିଚାୟକ । ଏହି ଲୋକ କଳା ଓ ଶିଳ୍ପ ଓଡିଶାର ଶିଳ୍ପ ସୌନ୍ଦର୍ଯ୍ୟ ତଥା କଳାତ୍ମକ ସୃଜନଶୀଳତା ତଥା ସାମାଜିକ ସାଂସ୍କୃତିକ ଜୀବନର ଚିତ୍ରକୁ ପରିପ୍ରକାଶକରିବା ସହିତ ଆମର ପାରମ୍ପରିକ ଐତିହ୍ୟର ଅବବୋଧ ପାଇଁ ଏକ ଅବଧାରଣା ସୃଷ୍ଟି କରିଥାଏ ।

### ୩.୨.୧୧ ଓଡିଆ ଲୋକ ସଂସ୍କୃତିର ବୈଶିଷ୍ଟ୍ୟ

ଓଡିଆ ଲୋକ ସଂସ୍କୃତି ବିଶ୍ୱର ଅନ୍ୟାନ୍ୟ ଲୋକ ସଂସ୍କୃତି ପରି ଅନନ୍ୟ, ଏବଂ ଏହାର ଗୌରବମୟ ପରମ୍ପରା ଅଛି । ଆଧୁନିକ ଶିକ୍ଷା ଆଉ ସଭ୍ୟତା ଅଗ୍ରଗତିରେ ମଧ୍ୟ ଏହାର ପାରମ୍ପରିକତା ତଥା ପ୍ରାଚୀନ ଏତିହ୍ୟକୁ ବଜାୟ ରଖିପାରିଛି । ସେହିପରି, ପାରିବାରିକ ସାମାଜିକ ତଥା ସାଂସ୍କୃତିକ ଜୀବନରେ ସହଭାଗିତା, ପରସ୍ପର ଗ୍ରହଣଶୀଳତା ଓ ଐକତା ଭିତରେ ନିଜର ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଛି । ଓଡିଆ ଲୋକ ସଂସ୍କୃତିର କେତୋଟି ବୈଶିଷ୍ଟ୍ୟକୁ ଏପରି ଭାବରେ ସୂଚିତ କରାଯାଇପାରେ—

- ଓଡିଆ ଲୋକ ସଂସ୍କୃତି ଅନ୍ୟ ଲୋକ ସଂସ୍କୃତି ପରି ଅନନ୍ୟ ତଥା ସ୍ୱତନ୍ତ୍ର ।

- ଓଡିଆ ଲୋକ ସଂସ୍କୃତିରେ ବହୁ ଗୋଷ୍ଠୀ, ବହୁଜାତି ଏବଂ ଜନଜାତିର ଏକତ୍ର ସହବସ୍ଥାନ ଏବଂ ସାଂସ୍କୃତିକ ସମନ୍ୱୟର ସ୍ୱରୂପ ଦେଖିବାକୁମିଳେ ।

- ଚିତ୍ର କଳା, ବୟନ କଳା, ମାଟି, କାଠ, ବାଉଁଶ, ଧାତୁରେ ବିଭିନ୍ନ କଳାତ୍ମକ ଉତ୍ପାଦନ ପାଇଁ ପ୍ରସିଦ୍ଧି ଲାଭ କରିବା ସହିତ ଏହାର ପ୍ରାଚୀନ ପରମ୍ପରା ଏକ ଉଲ୍ଲେଖନୀୟ ଦିଗ ।

- ବର୍ଷକର ବାରମାସରେ ତେର ପର୍ବ ପାଳନ କରିବା ଓଡ଼ିଆ ପାରମ୍ପରିକ ଜୀବନର ଏକ ବିଶିଷ୍ଟ ଆୟାମ ଭାବରେ ଗ୍ରହଣ କରାଯାଇପାରେ ।

- ଏହି ପର୍ବପର୍ବାଣିରେ ବିଭିନ୍ନ ପ୍ରକାରର ବ୍ୟଞ୍ଜନର ପ୍ରସ୍ତୁତି ପାରମ୍ପରିକ ରନ୍ଧନ କଳା ଭଳି ଏକ ସ୍ୱତନ୍ତ୍ର ଦିଗର ପରିଚାୟକ ।

**ପ୍ରଶ୍ନ**

**କ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ**

୧) ଓଡିଆ ଲୋକ ସଂସ୍କୃତି ଆଲୋଚନା ପରିପ୍ରେକ୍ଷୀରେ ବିଭିନ୍ନ ଦେବଦେବୀ ଏବଂ ଧାର୍ମିକ ବିଶ୍ୱାସ ସମ୍ପର୍କରେ ଆଲୋଚନା କରନ୍ତୁ ।

୨) ଓଡିଆ ଲୋକ ସଂସ୍କୃତିରେ ବିଭିନ୍ନ ଲୋକ ଗୋଷ୍ଠୀରେ ପାଳନ କରାଯାଉଥିବା ମୃତ୍ୟୁ ପରବର୍ତ୍ତୀ ସାମାଜିକ ରୀତିନୀତିଗୁଡିକ ସମ୍ପର୍କରେ ଆଲୋଚନା କରନ୍ତୁ ।

୩) ଓଡିଆ ଲୋକ ସଂସ୍କୃତିରେ ପରିଦୃଷ୍ଟ ବିଭିନ୍ନ ବିଶ୍ୱାସ ସମ୍ପର୍କରେ ଆଲୋଚନା କରନ୍ତୁ ।

**ଖ) ନାତିଦୀର୍ଘ ଉତ୍ତରମୂଳକ**

୧) ଓଡିଶାର ପାରମ୍ପରିକ କଳା ଏବଂ ଶିଳ୍ପ କର୍ମ ଉପରେ ଆଲୋଚନା କରନ୍ତୁ ।

୨) ଓଡିଶାରେ ପାଳନ କରାଯାଉଥିବା ପର୍ବପର୍ବାଣି ଓ ସାମାଜିକ ରୀତିନୀତିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରନ୍ତୁ ।

୩) ଓଡିଶାର ପାରମ୍ପରିକ ବୈବାହିକ ପରମ୍ପରା ଉପରେ ଆଲୋଚନା କରନ୍ତୁ ।

**ଗ) ସଂକ୍ଷିପ୍ତ ଉତ୍ତରମୂଳକ**

୧) ବିଭିନ୍ନ ପର୍ବପର୍ବାଣିରେ ଖିଆ ଯାଉଥିବା ବିଶେଷ ଖାଦ୍ୟପେୟ ସମ୍ପର୍କରେ ଉଲ୍ଲେଖ କରନ୍ତୁ ?

୨) ଓଡିଆ ନାରୀମାନଙ୍କ କିଛି ପାରମ୍ପରିକ ଅଳଙ୍କାରର ନାମ ଉଲ୍ଲେଖ କରନ୍ତୁ ।

ଚତୁର୍ଥ ପରିଚ୍ଛେଦ

ପ୍ରଥମ ଭାଗ

# ଓଡିଶାର ଆଦିବାସୀ ଜୀବନଧାରା ଓ ଲୋକ ସାହିତ୍ୟ

୪.୧.୦ ଉପକ୍ରମ

୪.୧.୧ ସାମାଜିକ ଜୀବନଧାରା

*୪.୧.୧.୧ ବାସସ୍ଥାନ ତଥା ଆବାସ ଶୈଳୀ*

*୪.୧.୧.୨ ସାମାଜିକ ସଂଗଠନ*

*୪.୧.୧.୩ ଜୀବନ-ଜୀବିକା, ଏବଂ ପାରମ୍ପରିକ କର୍ମ*

୪.୧.୨ ସାଂସ୍କୃତିକ ଜୀବନ

*୪.୧.୨.୧ ଖାଦ୍ୟପେୟ*

*୪.୧.୨.୨ ବେଶ-ପୋଷାକ ଏବଂ ଅଳଙ୍କାର*

*୪.୧.୨.୩ ଜନ୍ମ-ମୃତ୍ୟୁ-ବିବାହ*

*୪.୧.୨.୪ ଧାର୍ମିକ ବିଶ୍ୱାସ*

*୪.୧.୨.୫ ପର୍ବପର୍ବାଣି ତଥା ପାରମ୍ପରିକ ଉତ୍ସବ*

*୪.୧.୨.୬ ଅନ୍ୟ ଲୋକ ଗୋଷ୍ଠୀ ସହ ସମ୍ପର୍କ, ଏବଂ ଅତିଥି ଚର୍ଚ୍ଚା*

୪.୧.୩ ଆଦିବାସୀ ଲୋକ ସାହିତ୍ୟ ଓ ଲୋକଧାରା

*୪.୧.୩.୧ ଲୋକ ସାହିତ୍ୟ*

*୪.୧.୩.୨ ଲୋକ ନୃତ୍ୟ ଏବଂ ନାଟକ*

*୪.୧.୩.୩ ଅନ୍ୟାନ୍ୟ କଳାତ୍ମକ ପରିପ୍ରକାଶ*

୪.୧.୪ ଆଦିବାସୀ ଜୀବନଧାରା ଏବଂ ଲୋକ ସାହିତ୍ୟ ତଥା ଲୋକଧାରାର ବୈଶିଷ୍ଟ୍ୟ

## ୪.୧.୦ ଉପକ୍ରମ

ଓଡିଶାରେ କନ୍ଧ, କୋହ୍ଲ, ଗଣ୍ଡ, ପରଜା, ବଣ୍ଡା, ଶଉରା, ମୁଣ୍ଡା, ମୁଣ୍ଡାରୀ, ଗଦବା, ଭୂମିଜ, ସାନ୍ତାଳ ଆଦି ବାଷଠି ଗୋଷ୍ଠୀର ଆଦିବାସୀ ବସବାସ କରନ୍ତି । ଓଡିଶାର ଲୋକଧାରା ଆଲୋଚନାରେ ଏହି ଆଦିବାସୀଙ୍କ ଭୂମିକା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥାଏ । ଏମାନଙ୍କ ସ୍ୱତନ୍ତ୍ର ଜୀବନଧାରା ତଥା ଏହି ଲୋକ ଗୋଷ୍ଠୀଦ୍ୱାରା ପାଳିତ ହେଉଥିବା ପର୍ବପର୍ବାଣୀ ଓଡିଆ ଲୋକଧାରା ଆଲୋଚନାରେ ନିଜର ସ୍ୱତନ୍ତ୍ରତା ବଜାୟ ରଖିଥାଏ । ଏମାନଙ୍କ ମଧ୍ୟରୁ ଅଧିକାଂଶ ସମଗ୍ର କୋରାପୁଟ, ମୟୁରଭଞ୍ଜ, ସୁନ୍ଦରଗଡ, ଫୁଲବାଣୀ, ବୌଦ, କନ୍ଧମାଳ, ନୂଆପଡା, ବାଲିଗୁଡା, ଗଞ୍ଜାମ, କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର, ଢେଙ୍କାନାଳ, ଓ କେଉଁଝର ପ୍ରଭୃତି ଜିଲ୍ଲାର ମାଳ ଅଞ୍ଚଳମାନଙ୍କରେ ବସବାସ କରନ୍ତି । ସମତଳ ଅଞ୍ଚଳରେ ଏମାନଙ୍କ ସଂଖ୍ୟା ଅତି ଅଳ୍ପ । ଏମାନଙ୍କ ମଧ୍ୟରୁ ଅନେକ ଏବେବି ଆଧୁନିକ ଜୀବନଧାରାଠାରୁ ଦୂରରେ ରହିଛନ୍ତି । ତେବେ, ପ୍ରତ୍ୟେକ ଆଦିବାସୀ ଲୋକ ଗୋଷ୍ଠୀର ଏକ ସ୍ୱତନ୍ତ୍ର ସଂସ୍କୃତି, ସାମାଜିକ ଚଳଣି, ପ୍ରଥା-ପରମ୍ପରା, ଏବଂ ଧାର୍ମିକବିଶ୍ୱାସ ଅଛି । ଅତଏବ, ଓଡିଆ ଲୋକଧାରା ତଥା ଲୋକ ସଂସ୍କୃତିର ଆଲୋଚନା ପ୍ରସଙ୍ଗରେ ଏହି ଆଦିବାସୀ ଜୀବନଧାରା ଏକ ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖେ ।

ଏଠାରେ ଆଲୋଚନାକୁ ଶୃଙ୍ଖଳିତ କରିବାପାଇଁ ଆଦିବାସୀ ଗୋଷ୍ଠୀର ଜୀବନଧାରାକୁ ସାମାଜିକ ଜୀବନଧାରା ଏବଂ ସାଂସ୍କୃତିକ ଜୀବନଧାରା ଭାବରେ ଆଲୋଚନା କରାଯିବା ସହିତ ସେମାନଙ୍କ ପାରମ୍ପରିକ ସାହିତ୍ୟ ସମ୍ପର୍କରେ ମଧ୍ୟ ସ୍ୱତନ୍ତ୍ର ଭାବରେ ଆଲୋଚନା କରାଯିବାର ପ୍ରୟାସ କରାଯାଉଛି ।

## ୪.୧.୧ ସାମାଜିକ ଜୀବନଧାରା

ସାମାଜିକ ଜୀବନଧାରା ଭାବରେ ଆଦିବାସୀଙ୍କ ବାସସ୍ଥାନ ତଥା ଆବାସଶୈଳୀ, ସାମାଜିକ ସଂଗଠନ, ଜୀବନ-ଜୀବିକା ଏବଂ ପାରମ୍ପରିକ କର୍ମ ଆଦି ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯାଇପାରେ—

### *୪.୧.୧.୧ ବାସସ୍ଥାନ ତଥା ଆବାସ ଶୈଳୀ*

ଆଦିବାସୀମାନେ ଓଡିଶାର ବିଭିନ୍ନ ଅଞ୍ଚଳର ଜଙ୍ଗଲରେ ତଥା ଜଙ୍ଗଲ ନିକଟସ୍ଥ ସମତଳ ଅଞ୍ଚଳରେ ବସବାସ କରିବା ଦେଖାଯାଏ । ଗୋଟିଏ ଆଦିବାସୀ କୌଣସି ବି ଏକ ସ୍ଥାନରେ ଯାଇ ଘର ତିଆରିକରି ରହିଯାଉଥିଲା ତାହା ନୁହେଁ । ଏଥିପାଇଁ ଏକ ନିର୍ବାଚିତ ଅଞ୍ଚଳ ବା ସ୍ଥାନକୁ ସେମାନେ ଯାଇ ପୂଜାପାଠକରି ମାଟି ମାଆକୁ 'ଅଂଗ ମାଗିବା' ବା ଆଶ୍ରୟ ମାଗିବା ପରେ ହିଁ ବସବାସ କରୁଥିଲେ । ଏହି ପରମ୍ପରା 'ମୁଡା ଗାଡିବା' ବା 'ଗାଁ ବସେଇବା' ଭାବରେ ପରିଚିତ । ଏବଂ, ଯୋଉ ଆଦିବାସୀ ଗୋଷ୍ଠୀର ସଦସ୍ୟ ପ୍ରଥମେ ପୂଜାପାଠକରି ଗ୍ରାମ ସ୍ଥାପନା କରିଥାନ୍ତି ସେ ଗାଁ ସେଇ ଲୋକ ଗୋଷ୍ଠୀର ମାଟି ଭାବରେ ପରିଚିତ ହୋଇଥାଏ । କାରଣ, ସେଇ ଗ୍ରାମ ନିର୍ମାଣ ପଛରେ ସେଇ ଗୋଷ୍ଠୀର ଭୂମିକା ରହିଥାଏ ଏବଂ, ସେମାନେ ହିଁ ସେଇ ଗ୍ରାମର ଗ୍ରାମ ଦେବଦେବୀଙ୍କ ପାରମ୍ପରିକ ପୂଜକ ଭାବରେ ପରିଗଣିତ ହୋଇଥାନ୍ତି । ପରବର୍ତ୍ତୀ ସମୟରେ, ଯେତେବି ଲୋକ ଗୋଷ୍ଠୀର ସଦସ୍ୟ ଆସନ୍ତି ଗ୍ରାମର ଏହି ପୂଜାରୀ ତଥା ଦିଆରୀ ବା ଜାନିକୁ ବସବାସ କରିବା ନିମନ୍ତେ ତଥା ମାଟି ମାଆର ଅନୁମତି ନିମନ୍ତେ ଅନୁରୋଧ କରନ୍ତି ଏବଂ ଅନୁମତି ପାଇଲା ପରେ ହିଁ ଗୃହ ନିର୍ମାଣ କରିଥାନ୍ତି ।

ଆଦିବାସୀ ଗୃହଗୁଡିକ ସ୍ଥାନୀୟ ଉପଲବ୍ଧ ଗଛ, ବାଉଁଶ, ନଡାକୁଟା, ଖପରକୁ ନେଇ ନିଜ ବାସଗୃହ ନିର୍ମାଣ କରିବା ଦେଖାଯାଏ । ଏହି ଗୃହରେ ସେମାନେ ସେମାନଙ୍କ ଛେଳିମେଣ୍ଢା, ପାରା କୁକୁଡା, ଘୁଷୁରୀ, ବତକ ଆଦି ଗୃହପାଳିତ ପଶୁପକ୍ଷୀମାନଙ୍କୁ ମଧ୍ୟ ରଖିଥାଆନ୍ତି । ବିଭିନ୍ନ ଆଦିବାସୀ ଗୋଷ୍ଠୀ ସମ୍ପ୍ରତି ଆଦିବାସୀମାନେ ଅନେକ ସ୍ଥାନରେ ପକାଘର ମଧ୍ୟ ନିର୍ମାଣକରି ବସବାସ କରୁଛନ୍ତି ଏବଂ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ବାସସ୍ଥଳୀ ନିର୍ମାଣ କରୁଛନ୍ତି । ତେବେ, ସହରାଞ୍ଚଳ ତଥା ଗ୍ରାମ-ସହରାଞ୍ଚଳରେ, ଆଦିବାସୀ ଏବଂ ଅଣ-ଆଦିବାସୀମାନଙ୍କ ବସବାସ ଭିତରେ ବିଶେଷ କୌଣସି

ପ୍ରଭେଦ ଦେଖିବାକୁମିଳେନାହିଁ । ପାରମ୍ପରିକ ଆଦିବାସୀ ଗୃହଗୁଡିକ ସେମାନଙ୍କ 'ସାଂସ୍କୃତିକ ପରିଚିତି (cultural marker)' ବହନ କରିଥାଏ, ଅର୍ଥାତ୍ ଗୃହନିର୍ମାଣ ଏବଂ କାନ୍ଥଚିତ୍ରରୁ ଜଣାପଡିଥାଏ ଯେ ସମ୍ପୃକ୍ତ ଘରଟି କେଉଁ ଆଦିବାସୀ ଗୋଷ୍ଠୀର ; ଯେପରି— ସାନ୍ତାଳ, ମୁଣ୍ଡା, ମୁଣ୍ଡାରୀ ଆଦିବାସୀଙ୍କ ଘରଗୁଡିକ ସମାନ୍ତରାଳ ଭାବରେ, ଏବଂ ଧାଡିଧାଡିରେ ତିଆରି ହେବା ସହିତ ଉପର ଅଂଶରେ ଧଳା ରଙ୍ଗ, ପିଣ୍ଡାରେ ନାଲି ଏବଂ କଳା ରଙ୍ଗରେ ଚିତ୍ରିତ ହୋଇଥାଏ । ସେହିପରି, ସଉରା କାନ୍ଥ ଚିତ୍ରରୁ ସେମାନଙ୍କ ଘରଗୁଡିକୁ ଚିହ୍ନିତ କରାଯାଇପାରେ ।

#### *୪.୧.୧.୨ ସାମାଜିକ ସଂଗଠନ*

ପ୍ରତ୍ୟେକ ଆଦିବାସୀ ତଥା ଅଣ-ଆଦିବାସୀ ଗ୍ରାମରେ ପାରମ୍ପରିକ ଗ୍ରାମ୍ୟ ମୁଖ୍ୟଙ୍କ ସହିତ ପୂଜକ ରୂପରେ ଝାଙ୍କର, ଜାନୀ, ଦିଆରୀ, ଶିରା, ତଥା ଗୁରମେ ଆଦି ଥାଆନ୍ତି । ସମ୍ପ୍ରତି ଗଣତନ୍ତ୍ରର ପଞ୍ଚାୟତ ବ୍ୟବସ୍ଥାରେ ଶାସନଗତ ନହେଲେ ମଧ୍ୟ ସାମାଜିକ ରୀତିନୀତି କ୍ଷେତ୍ରରେ ଏମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଭିନ୍ନ ପର୍ବପର୍ବାଣୀ, ସାମାଜିକ ରୀତିନୀତି ପାଳନ ପରିବେଷଣରେ ଏମାନଙ୍କ ଭୂମିକା ପୂର୍ବଭଳି ଅତୁଟ ଏବଂ ସମସ୍ତ ସଦସ୍ୟ ଏହାକୁ ସ୍ୱୀକାର କରନ୍ତି । ସେହିପରି, କେତେକ ପୂଜାପର୍ବରେ ତଥା ବିଶେଷ ଆୟୋଜନରେ ଆଖାପାଖର ପାଲିଗ୍ରାମର ଲୋକମାନେ ମଧ୍ୟ ଏକତ୍ର ଅଂଶଗ୍ରହଣ କରିଥାନ୍ତି । ଉଦାହରଣସ୍ୱରୂପ, ଯଦି କୌଣସି ଏକ ଗ୍ରାମରେ ପୋଢବଳୀ ବା ମେରିଆ ପଡୁଛି ତେବେ, ଆଖପାଖର ସମ୍ପୃକ୍ତ ଲୋକ ଗୋଷ୍ଠୀ ମଧ୍ୟ ସେଥିରେ ଭାଗ ନେଇଥାନ୍ତି । କେବଳ ଗ୍ରାମ ନୁହେଁ, ବରଂ ପାଲି, ପଁଚୁରା ଭଳି ଆଖପାଖର ଅନେକ ଗ୍ରାମ ମଧ୍ୟରେ ସାଂସ୍କୃତିକ ତଥା ପ୍ରଜାତିକ ଐକତା ଦେଖିବାକୁ ମିଳେ ।

#### *୪.୧.୧.୩ ଜୀବନ-ଜୀବିକା, ଏବଂ ପାରମ୍ପରିକ କର୍ମ*

ଆଦିବାସୀମାନେ ଭାରତର ସମସ୍ତ ପାରମ୍ପରିକ ଲୋକ ଗୋଷ୍ଠୀ ଭଳି କୃଷିକର୍ମକୁ ନିଜର ପାରମ୍ପରିକ ଜୀବିକା ଭାବରେ ଆପଣେଇ ନେଇଛନ୍ତି । ତେବେ, ଜଙ୍ଗଲ ପାହାଡ ତଥା ସମ୍ପୃକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ, ଏବଂ ଆଦିମ ଆଦିବାସୀମାନେ (Primitive Tribes) ଜଙ୍ଗଲରେ ପୋଡୁଚାଷ, ମାଣ୍ଡିଆ, କୋଳଥ, କାନ୍ଦୁଲ, ଝୁଡଙ୍ଗ, ମକା, ବାଜରା, ଆଦି ଚାଷକରିବା ସହିତ ମହୁ, ଝୁଣା, ଲାଖ, ଶାଳପତ୍ର, କେନ୍ଦୁପତ୍ର, ପାଳୁଅ ବିଭିନ୍ନ ପ୍ରକାରର ଜଙ୍ଗଲଜାତ ଦ୍ରବ୍ୟ ବିକ୍ରିକରି ମଧ୍ୟ ଜୀବିକାନିର୍ବାହ କରିବା ଦେଖାଯାଏ । ସେହିପରି, କେତେକ ଆଦିବାସୀ ଗୋଷ୍ଠୀ ଲୁଗାବୁଣିବା, ବିଭିନ୍ନ ଦୈନନ୍ଦିନ ଗୃହ ଏବଂ କୃଷି ଉପକରଣ ପ୍ରସ୍ତୁତ କରିବାକୁ ମଧ୍ୟ ନିଜର କୌଳିକବୃତ୍ତି ଭାବରେ ଗ୍ରହଣ କରିନେଇଛନ୍ତି । ଏହାର ଉଦାହରଣ ଭାବରେ ସାନ୍ତାଳମାନଙ୍କ ଫୁଟାହ ଧୋତି, ଶାଢୀ, ପରଜା, ଗଦବା ଆଦି ଆଦିବାସୀଙ୍କ ବେତ-ବାଉଁଶରେ ବିଭିନ୍ନ ଗୃହ ଉପକରଣର ପ୍ରସସ୍ତୁତିକୁ ଗ୍ରହଣକରାଯାଇପାରେ । ତେବେ, ଏହା କୁମ୍ଭାର, କମାର, ବଢେଇ, ତନ୍ତୀ ଆଦିଙ୍କ ଭଳି ଜାତି ଆଧାରିତ କୌଳିକ ବୃତ୍ତିନୁହେଁ, ବରଂ ଆବଶ୍ୟକତା ଅନୁଯାୟୀ ସ୍ଥାନୀୟ ଉତ୍ପାଦନ ପ୍ରୟାସ କୁହାଯାଇପାରେ । ଏହା ସହିତ ଆନୁଷ୍ଠାନିକ ଶିକ୍ଷାରେ ଅଗ୍ରଗତି କରିଥିବା ଆଦିବାସୀ ଗୋଷ୍ଠୀର ଅନେକ ସଦସ୍ୟ ଅଣ-ଆଦିବାସୀମାନଙ୍କ ଭଳି ବିଭିନ୍ନ ସରକାରୀ ଚାକିରୀ ତଥା ଉଚ୍ଚ ପଦପଦବୀରେ ମଧ୍ୟ ସ୍ଥାନିତ ।

### ୪.୧.୨ ସାଂସ୍କୃତିକ ଜୀବନ

ସାଂସ୍କୃତିକ ଜୀବନଧାରା ଭାବରେ ଆଦିବାସୀ ଲୋକ ଗୋଷ୍ଠୀର ପାରମ୍ପରିକ ଖାଦ୍ୟପେୟ, ବେଶ-ପୋଷାକ ଓ ଅଳଙ୍କାର ଜନ୍ମ-ମୃତ୍ୟୁ-ବିବାହ, ଧାର୍ମିକ ବିଶ୍ୱାସ, ପର୍ବପର୍ବାଣୀ ତଥା ପାରମ୍ପରିକ ଉତ୍ସବ, ଅନ୍ୟ ଲୋକ ଗୋଷ୍ଠୀ ସହ ସମ୍ପର୍କ, ଏବଂ ଅତିଥି ଚର୍ଚ୍ଚା ଆଦି ବିଭିନ୍ନ ସାଂସ୍କୃତିକ ଦିଗ ସମ୍ପର୍କରେ ଆଲୋଚନା କରାଯାଇପାରେ—

*୪.୧.୨.୧ ଖାଦ୍ୟପେୟ*

ଓଡିଶାର ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିଭିନ୍ନ ପ୍ରକାର ଖାଦ୍ୟାଭ୍ୟାସ ଦେଖିବାକୁମିଳେ । ଅଣ-ଆଦିବାସୀମାନଙ୍କ ଭଳି ଭାତ ଓଡିଶାର ଆଦିବାସୀମାନଙ୍କର ମଧ୍ୟ ପ୍ରଧାନ ଖାଦ୍ୟ (staple diet) । ତେବେ, ଅନେକ ଆଦିବାସୀ ଯେଉଁମାନେ ଉଚ୍ଚ ପାର୍ବତ୍ୟାଞ୍ଚଳରେ ବସବାସ କରିଥାନ୍ତି ସେମାନଙ୍କ ପାଖରେ ଧାନଚାଷ ଉପଯୋଗୀ ଜମିର ଅଭାବଯୋଗୁଁ ଜଙ୍ଗଲର ଫଳମୂଳ ଓ ମାଂସକୁ ନିଜର ଦୈନନ୍ଦିନ ଖାଦ୍ୟରେ ସାମିଲ କରିବା ଦେଖାଯାଏ । ଏମାନେ ନିଜନିଜ ଜମିରେ ଧାନ, ମକା, ଯଅ, ମାଣ୍ଡିଆ ସହିତ ଝୁଡଙ୍ଗ, କାନ୍ଦୁଲ, ହରଡ, ମୁଗ, ବିରି, କୋଳଥ ଭଳି ଡାଲିଜାତୀୟ ଫସଲ ସହିତ ବିଭିନ୍ନପ୍ରକାର ପନିପରିବା ଚାଷ କରିଥାନ୍ତି । ଏହା ବ୍ୟତୀତ, ଜଙ୍ଗଲରୁ ମିଳୁଥିବା ଫଳ, କନ୍ଦମୂଳ, ଓଲୁଅ, ଛତୁ, ପାଳୁଅ, କରଡି(ବାଉଁଶ ଗଜା)କୁ ମଧ୍ୟ ଖାଦ୍ୟ ଭାବରେ ଗ୍ରହଣକରିଥାନ୍ତି । ଚାଉଳ ଓ ମାଣ୍ଡିଆ ଅଟାରେ ପ୍ରସ୍ତୁତ ଜାଉ ଅନେକ ଆଦିବାସୀ ଗୋଷ୍ଠୀର ପ୍ରଧାନ ଖାଦ୍ୟ । ସେହିପରି, କୁକୁଡା, ଗୋରୁ, ମଇଁଷି, ଛେଳି, ମେଣ୍ଢା, ଘୁଷୁରି ପ୍ରଭୃତି ଗୃହପାଳିତ ପଶୁ ପାଳନକରିବା ସହିତ ଏମାନଙ୍କ ମାଂସ ଖାଇବା ବ୍ୟତୀତ ହରିଣ, କୁଟୁରା, ସମ୍ବର, ଠେକୁଆ ପ୍ରଭୃତି ବନ୍ୟଜନ୍ତୁ ଶିକାର ମଧ୍ୟ ଶିକାର କରିଥାନ୍ତି । କେତେକ ଆଦିବାସୀ ବିଲମୂଷା, କଙ୍କଡା, ହରଡ ଚଢେଇ ଆଦିକୁ ସିଝାଇ ବା ପତ୍ରଦ୍ୱାରାଗୁଡାଇ ପୋଡିକି ମଧ୍ୟ ଖାଇବା ଦେଖାଯାଏ । ସେହିପରି, ନାଲି ପିମ୍ପୁଡିକୁ ଚଟଣିକରି ଖାଇବା, ଛତୁ ସହ ମିଶାଇ ପତ୍ରପୋଡା କରି ଖାଇବାକୁ ମଧ୍ୟ ଅନେକ ଆଦିବାସୀ ଗୋଷ୍ଠୀର ସଦସ୍ୟ ଭଲପାଆନ୍ତି । କଙ୍କଡା, କୁକୁଡା, ହରିଣ, କୁଟ୍ରା ଆଦି ପ୍ରାଣୀ ତଥା ଅନ୍ୟାନ୍ୟ ମାଂସରେ କେତେକ ଆଦିବାସୀ ଗୋଷ୍ଠୀ ପିଠା ମଧ୍ୟ ପ୍ରସ୍ତୁତ କରି ଖାଇଥାଆନ୍ତି । ଏହା ସହିତ ତେନ୍ତୁଳି ପତ୍ର, ଆମ୍ବ, ଆମ୍ବଡା, ତେନ୍ତୁଳି ପ୍ରଭୃତିରୁ ସେମାନେ ବିଭିନ୍ନ ପ୍ରକାର ଚଟଣି ପ୍ରସ୍ତୁତ କରିଥାନ୍ତି । ଗ୍ରୀଷ୍ମଋତୁରେ ପ୍ରଧାନତଃ ଆମ୍ବ, ପଣସ, ସପୁରି, ତେନ୍ତୁଳି ଓ ଅନ୍ୟାନ୍ୟ ଜଙ୍ଗଲଜାତ ଫଳ ମଧ୍ୟ ଏମାନଙ୍କର ପ୍ରିୟ ଖାଦ୍ୟ ।

ଆଦିବାସୀମାନେ ମଧ୍ୟ ଅଣ-ଆଦିବାସୀମାନଙ୍କ ଭଳି ବହୁପରିମାଣରେ ଧୂଆଁପତ୍ର ସେବନ କରିଥାନ୍ତି । ଧୂଆଁପତ୍ରକୁ ବିଡି ବା ପିକା ଆକାରରେ ବ୍ୟବହାର କରିଥାନ୍ତି ବିଭିନ୍ନ ପ୍ରକାର ଖାଦ୍ୟ ଅଭ୍ୟାସ ସହିତ ଆଦିବାସୀମାନେ ଅନେକ ପ୍ରକାର ପାନୀୟ ମଧ ବ୍ୟବହାର କରିଥାନ୍ତି । ରନ୍ଧା ଭାତରୁ ତିଆରି ହାଣ୍ଡିଆ, ରନ୍ଧା ମାଣ୍ଡିଆରୁ ଲନ୍ଧା, ତଥା ମହୁଲ ଫୁଲରୁ ପ୍ରସ୍ତୁତ ମହୁଲୀ ମଦ, ଏବଂ ସଲପ, ଖଜୁରୀ ତାଡି ସେମାନଙ୍କର ପ୍ରିୟ ପାନୀୟ । ତେବେ, ମଦ ନିଶାରେ କୌଣସି ଅସାମାଜିକ କାର୍ଯ୍ୟ ତଥା ନିକଟ ସହାବସ୍ଥିତ ଗୋଷ୍ଠୀର ଅନ୍ୟ ସଦସ୍ୟଙ୍କୁ କ୍ଷତି କଲାଭଳି କୌଣସି କାମ କରିନଥାନ୍ତି । ସେହିପରି, ଅଣ-ଆଦିବାସୀମାନଙ୍କ ଭଳି ଆଦିବାସୀମାନଙ୍କ ବିବାହ, ପର୍ବ-ପର୍ବାଣୀ ତଥା ଶୁଭକାମରେ ମଧ୍ୟ ମଦର ବହୁଳ ବ୍ୟବହାର ଦେଖାଯାଏ । ଏପରିକି, ଦେବଦେବୀଙ୍କୁ ସନ୍ତୁଷ୍ଟ କରିବାପାଇଁ ନୈବେଦ୍ୟ ଭାବରେ ସେମାନେ ମଦ ପରିବେଷଣ କରିବାକୁ ପସନ୍ଦ ବି କରିଥାନ୍ତି ।

*୪.୧.୨.୨ ବେଶ-ପୋଷାକ ଏବଂ ଅଳଙ୍କାର*

ଓଡିଶାର ଆଦିବାସୀ ଓ ଅଣ-ଆଦିବାସୀମାନଙ୍କ ବେଶ-ପୋଷାକ ତଥା ପରିଚ୍ଛଦ ମଧ୍ୟରେ ବିଶେଷ ପ୍ରଭେଦ ଦେଖିବାକୁ ମିଳିନଥାଏ । ତେବେ, କେତେକ ଅଞ୍ଚଳରେ ଆଦିବାସୀମାନେ ସମ୍ପ୍ରତି ମଧ୍ୟ ସେମାନଙ୍କର ପାରମ୍ପରିକ ବେଶ-ପୋଷାକ ପରିଧାନ କରିବା ଦେଖାଯାଏ । ଅନେକ ଆଦିବାସୀ ବିଭିନ୍ନ ପ୍ରକାର ଫୁଲ, ପକ୍ଷୀର ପର, କାଇଁଚ ଫଳ ପ୍ରଭୃତିଦ୍ୱାରା ନିଜକୁ ସଜ୍ଜିତ କରିବାକୁ ପସନ୍ଦ କରିବା ଦେଖାଯାଏ । ମୁଣ୍ଡରେ କଉଡିର ମାଳ, ପାପୁଲିଠାରୁ କହୁଣି ପର୍ଯ୍ୟନ୍ତ ରସ ନିର୍ମିତ ବଳା, ଗଳାରେ ରସର ହାର, କାନରେ ବିଭିନ୍ନ ପ୍ରକାର ରିଙ୍ଗ, ହାତ ଓ ଗୋଡରେ ବଳା ତଥା ଆଙ୍ଗୁଠିରେ ବିଭିନ୍ନ ପ୍ରକାର ମୁଦି ପିନ୍ଧିବା ଦେଖିବାକୁମିଳେ । ଅନେକ ଆଦିବାସୀ ଖରା ତାପରୁ ରକ୍ଷାପାଇବାପାଇଁ ମୁଣ୍ଡରେ ପଗଡି ବା ଠେକା ବାନ୍ଧିବା ସମ୍ପ୍ରତି ମଧ୍ୟ ପରିଦୃଷ୍ଟ । ସେହିପରି, ଆଦିବାସୀ ରମଣୀ ଶରୀରରେ ବିଭିନ୍ନ ପ୍ରକାରର ପାରମ୍ପରିକ ଅଳଙ୍କାର ଗ୍ରହଣକରିବା ଦେଖାଯାଏ । ସମଗ୍ର ଓଡିଶାରେ ଅଣ-ଆଦିବାସୀ ଗୋଷ୍ଠୀମାନଙ୍କରେ ଯେଭଳି ଅଳଂକାର ଗ୍ରହଣପାଇଁ ଝିଅପିଲାଙ୍କ କାନଫୋଡିବାକୁ ପଡିଥାଏ ସେହିପରି, ଆଦିବାସୀମାନେ ମଧ୍ୟ ଝିଅଟି ଶିଶୁ ଥିବାବେଳେ ତାହାର କାନଫୋଡି ସେଥିରେ ତେନ୍ତୁଳି ବା ନିମ୍ବକାଠିର ଖିଲ ଦେଇଥାନ୍ତି । ପରବର୍ତ୍ତୀ ସମୟରେ, ସେହି ସ୍ଥାନରେ ସୁନା କିମ୍ବା ପିତଳର ନାନା ଅଳଂକାର

ବ୍ୟବହାର କରାଯାଇଥାଏ । ନାକରେ ମଧ୍ୟ ଛୋଟ ମୁଦି ଭଳି ଫୋଡା-ଫାଶିଆ ପିନ୍ଧିବା ଦେଖାଯାଏ । ପ୍ରାୟ ପ୍ରତ୍ୟେକ ଆଦିବାସୀ ଲୋକ ଗୋଷ୍ଠୀରେ ସେମାନେ ନିଜପାଇଁ ବସ୍ତ୍ର ବୟନ କରିବା ଉଦାହରଣସ୍ୱରୂପ— ବଣ୍ଡା, ଗଦବା, ସାନ୍ତାଳ ପ୍ରଭୃତି ଆଦିବାସୀମାନେ ସେମାନଙ୍କ ବ୍ୟବହାରପାଇଁ ସ୍ୱତନ୍ତ୍ର କପଡା ବୁଣିବା ଦେଖାଯାଏ । ସମ୍ପ୍ରତି କିନ୍ତୁ ଏହି ପାରମ୍ପରିକ ବସ୍ତ୍ରର ବ୍ୟବହାର ଧିରେଧିରେ କମିବାରେ ଲାଗିଛି, କାରଣ ବଜାରରେ ସୁଲଭ ମୂଲ୍ୟରେ ପୋଷାକ ମିଳିପାରୁଛି, ତେବେ ହସ୍ତଶିଳ୍ପ ପ୍ରସ୍ତୁତି ଭାବରେ ଅଣ-ଆଦିବାସୀମାନେ ମଧ୍ୟ ଏହି ଆଦିବାସୀ ବସ୍ତ୍ର ପରିଧାନ କରିବା ଦେଖିବାକୁ ମିଳେ ।

କୋରାପୁଟ ଅଞ୍ଚଳର ବଣ୍ଡାମାନେ ବହୁକାଳଧରି ଏକ ସ୍ୱତନ୍ତ୍ର ବେଶଭୂଷା ଓ ଚଳଣି ଭିତରେ ଆବଦ୍ଧ ହୋଇ ରହିଆସିଥିବା ଦେଖାଯାଏ । ଏମାନେ ଜଙ୍ଗଲରେ ମିଳୁଥିବା କେରଂ ଛେଲି ଓ ବଜାରର ରଙ୍ଗୀନ ସୂତାରେ ଯେଉଁ ଲୁଗା ନିଜପାଇଁ ବୁଣିଥାନ୍ତି, ତାହା ମାତ୍ର ଆଠ ବା ଦଶ ଇଞ୍ଚ୍ ଚଉଡା ଓ ଦୁଇ ତିନି ଗଜ ଲମ୍ବରୁ ଅଧିକ ନଥାଏ । ସେମାନେ ଅନେକଗୁଡିଏ ପିତଳ ଓ ପନି-କଣ୍ଠି ହାର ପରିଧାନ କରନ୍ତି । ତଥା ସ୍ତ୍ରୀଲୋକମାନେ ବକ୍ଷଦେଶକୁ ବିଭିନ୍ନ ପ୍ରକାର କଉଡି ଟଙ୍କାମାଳର ଅଳଙ୍କାର ଓ ହାରରେ ସଜ୍ଜିତ କରିଥାନ୍ତି । ଅଧୁନା ବଣ୍ଡାମାନେ ମଧ୍ୟ ବଜାରରେ ମିଳୁଥିବା ବସ୍ତ୍ର ପରିଧାନ କରୁଛନ୍ତି । କୋୟା ସ୍ତ୍ରୀଲୋକମାନେ ବ୍ୟବହାର କରୁଥିବା ବସ୍ତ୍ର ବଣ୍ଡାମାନଙ୍କ ବସ୍ତ୍ରଠାରୁ ସାମାନ୍ୟ ଅଧିକ ଲମ୍ବା ଏବଂ ଏହା ଅଣ୍ଟାଠାରୁ ଆଣ୍ଠୁ ପର୍ଯ୍ୟନ୍ତ ଶରୀରକୁ ଆବୃତ୍ତ କରିଥାଏ । ଏମାନେ ଗଳାରେ ଅନେକ ହାର, ହାତରେ ଅନେକ ପିତଳ ବଳା ସହିତ କାନରେ ନାକରେ ଏକପ୍ରକାର ଫୁଲ, ଓ ମୁଣ୍ଡରେ ପିତଳର ଏକ ସରୁ ପଟି ବ୍ୟବହାର କରିଥାନ୍ତି । ସେହିପରି, ଦେଶିଆ କନ୍ଧମାନେ ଗାଢ ଲାଲ ଓ ହଳଦି ରଙ୍ଗର ଶାଢି ପିନ୍ଧିବାକୁ ଅଧିକ ପସନ୍ଦ କରନ୍ତି । ବିଭିନ୍ନ ପ୍ରକାର ପାରମ୍ପରିକ ଅଳଙ୍କାରରେ ନିଜକୁ ସଜାଇବାକୁ ଏମାନେ ଖୁବ୍ ଭଲପାଆନ୍ତି । ଗଦବାମାନେ ଛୋଟ ଲୁଗା ପିନ୍ଧନ୍ତି, ଏବଂ କାନ୍ଧରେ ଗାମୁଛା ପକାଇଥାନ୍ତି । ଏମାନେ ବେକରେ 'ଖଗଳା' ପିନ୍ଧିବା ସହିତ ହାତ ଓ ଗୋଡର ଆଙ୍ଗୁଠିରେ ନାନା ପ୍ରକାର ମୁଦି, ଝୁଣ୍ଟିଆ ପିନ୍ଧିଥାନ୍ତି । ଜୁଆଙ୍ଗ ପୁରୁଷମାନେ ଛୋଟ ଲୁଗା ପିନ୍ଧୁଥଲେ ମଧ ସ୍ତ୍ରୀଲୋକମାନେ ଶାଢିକୁ ଅଣ୍ଟାରେ ବହୁବାର ଗୁଡାଇ ଶେଷରେ କାନିକୁ କାନ୍ଧରେ ପକାଇଦିଅନ୍ତି । ମୁଣ୍ଡରେ ସେମାନେ ଗୋଜିକାଠି, ଚଉଁରୀମୁଣ୍ଡି, ନାକରେ ନାକମାଛି ଓ ନୁଲୁକ, କାନରେ କାନଫାଶିଆ, ଓ ବେକରେ ବିଭିନ୍ନ ପ୍ରକରର ପୋହଳା ବା ମାଳିର ହାର ବ୍ୟବହାର କରିଥାନ୍ତି । ହାତରେ ବଳା ବା ଚୁଡି ସେମାନଙ୍କର ଅନ୍ୟତମ ଆକର୍ଷଣୀୟ ଅଳଙ୍କାର । ଅନେକ କ୍ଷେତ୍ରରେ ପୁରୁଷମାନେ ମଧ୍ୟ ପିତଳ ନୋଳି ବ୍ୟବହାର କରିଥାନ୍ତି । ସ୍ତ୍ରୀ ଓ ପୁରୁଷମାନଙ୍କଦ୍ୱାରା ବ୍ୟବହୃତ ଅଳଙ୍କାରମାନ ସାଧାରଣତଃ ରୂପା, ତମ୍ବା, ପିତଳ, ରସ ପ୍ରଭୃତି ଧାତୁଦ୍ୱାରା ନିର୍ମିତ ହୋଇଥାଏ । ସ୍ଥଳବିଶେଷରେ ସେମାନେ ସୁନା ଅଳଙ୍କାର ମଧ୍ୟ ବ୍ୟବହାର କରିବା ଦେଖାଯାଏ ।

ଆଦିବାସୀ ସ୍ତ୍ରୀଲୋକମାନେ ମୁହଁ, ଏବଂ ଶରୀରର ବିଭିନ୍ନ ଅଂଶରେ ଚିତା କୁଟାଇବାକୁ ପସନ୍ଦ କରିବା ଦେଖିବାକୁ ମିଳିଥାଏ । ଏହି ଚିତାକୁଟା ପରମ୍ପରା ସମ୍ପ୍ରତି 'ଟାଟୁ (tattoo)' ରୂପରେ ଆଧୁନିକ ଯୁବକ ଯୁବତୀଙ୍କ ପାଖରେ ଏକ 'ଜନପ୍ରିୟ ପରମ୍ପରା (Popular culture)' ଭାବରେ ଦେଖିବାକୁ ମିଳୁଛି । ସେହିପରି, ପ୍ରାୟ ସମସ୍ତ ଆଦିବାସୀ ଗୋଷ୍ଠୀରେ ବର୍ଷାଦିନରେ ଶାଳପତ୍ରରେ ନିର୍ମିତ ପଖିଆ ବ୍ୟବହାର କରାଯାଉଥିଲା ଯାହା ସମ୍ପ୍ରତି ଛତାର ବହୁଳ ବ୍ୟବହାର ଯୋଗୁଁ କ୍ୱଚିତ୍ ଦେଖିବାକୁ ପାଇଥାଉ ।

### *୪.୧.୨.୩ ଜନ୍ମ-ମୃତ୍ୟୁ-ବିବାହ*

ଜନ୍ମ-ମୃତ୍ୟୁ-ବିବାହ ପ୍ରାୟ ସମସ୍ତ ମଣିଷ ସମାଜରେ ଏକ ସ୍ୱତନ୍ତ୍ର ସଂସ୍କାର । ଏହାର ପାଳନ ଏବଂ ପରିବେଷଣକୁ କେହି ଉପେକ୍ଷା କରିନଥାନ୍ତି । ଜାତି ତଥା ଗୋଷ୍ଠୀ ଭେଦରେ ଏହାର ପରମ୍ପରା ଭିନ୍ନ ହୋଇଥାଏ । ଅତଏବ, ଆଦିବାସୀ ଗୋଷ୍ଠୀରେ ମଧ୍ୟ ଜନ୍ମ-ମୃତ୍ୟୁ-ବିବାହକୁ ନେଇ ସ୍ୱତନ୍ତ୍ର ପରମ୍ପରା ପ୍ରଚଳିତ । ଏଠାରେ ବିଭିନ୍ନ ଆଦିବାସୀ ଲୋକ ଗୋଷ୍ଠୀରେ ପ୍ରଚଳିତ ଜନ୍ମ-ମୃତ୍ୟୁ-ବିବାହ ଭଳି ମାନବ ଜୀବନର ମୌଳିକ କ୍ରିୟାକର୍ମ ଉପରେ ଆଲୋଚନା କରାଗଲା—

***ଜନ୍ମ***

କେବଳ ସନ୍ତାନ ଜନ୍ମ ନୁହେଁ, ଗର୍ଭଧାରଣ ସମୟରେ ମଧ୍ୟ ଅନେକ ପ୍ରଥା ପରମ୍ପରା ପାଳନ କରାଯାଇଥାଏ । ଉଦାହରଣସ୍ୱରୂପ, କେତେକ ଆଦିବାସୀ ଗୋଷ୍ଠୀରେ ଗର୍ଭବତୀ ସ୍ତ୍ରୀମାନଙ୍କର ଖାଦ୍ୟପେୟ ଉପରେ ଯଥେଷ୍ଟ କଟକଣା ପ୍ରୟୋଗକରି ସେମାନଙ୍କୁ ବହୁଦିନଧରି ଭାତ ଓ ନିମ୍ବପତ୍ର ଖାଇବାକୁ ଦେଇଥାନ୍ତି । ସନ୍ତାନପ୍ରସବା ମହିଳାମାନଙ୍କର ଗର୍ଭଯନ୍ତ୍ରଣାର ଉପଶମ ତଥା ସୁଖପ୍ରସବ ପାଇଁ ଚିରପ୍ରବାହିତ କୌଣସି ଏକ ଝରଣାର ପାଣି ମନ୍ତ୍ରରେଇ କିମ୍ବା ବଜ୍ରାଘାତ କୌଣସି ବୃକ୍ଷର ଏକ ଅଂଶରେ ଏକ କାଠମାଳିକରି ସ୍ତ୍ରୀଲୋକର ବେକରେ ଲଗାଇଦେଲେ ଶୀଘ୍ର ସନ୍ତାନ ଜନ୍ମଲାଭ କରିଥାଏ ବୋଲି ମଧ୍ୟ କେତେକ ଆଦିବାସୀ ଗୋଷ୍ଠୀ ବିଶ୍ୱାସ କରିଥାନ୍ତି । ସନ୍ତାନ ଜନ୍ମ ପରେପରେ ପାଖ ପଡୋଶୀ ଜଣେ ବୟସ୍କା ସ୍ତ୍ରୀଲୋକ ଛୁରି, ତୀର ବା ଖପରା ସାହାଯ୍ୟରେ ପ୍ରଥମେ ପିଲାଟିର ନାଭି କାଟିଥାନ୍ତି । ଗର୍ଭ୍ଫୁଲକୁ ଜନ୍ମିତ ସନ୍ତାନର ପିତା ଏକ ଶିଆଳିପତ୍ରରେ ଆବୃତକରି ଘର ପଛରେ ମାଟିତଳେ ପୋତିଦେବା ଦେଖାଯାଏ । ପରେପରେ ପିଲାଟିକୁ ଉଷୁମ ପାଣିରେ ଗାଧୋଇ ଦିଆଯାଏ । ନାଭି ଶୁଖିବାପାଇଁ ମଧ୍ୟ ଅନେକ ଅଞ୍ଚଳରେ ସାଧାରଣତଃ ହଳଦୀ ଓ ଗରମ ଚାଉଳର ଚୂନାକୁ ବ୍ୟବହାର କରିଥାନ୍ତି । ସନ୍ତାନ ଜନ୍ମ ପରେପରେ ମାଆକୁ ଅସ୍ପୃଶ୍ୟା ମନେକରାଯାଇ ତାକୁ ସମସ୍ତଙ୍କଠାରୁ ଏକ ସପ୍ତାହରୁ ଆରମ୍ଭକରି ସ୍ଥଳବିଶେଷରେ ମାସେ ପର୍ଯ୍ୟନ୍ତ ଦୂରେଇ ରଖାଯାଏ । ଜନ୍ମର ସପ୍ତମ କିମ୍ବା ନିର୍ଦ୍ଦିଷ୍ଟ ଦିବସ ଅତିବାହିତ ହେବାପରେ, ମାଆ ହଳଦିପାଣିରେ ସ୍ନାନକରି ଶୁଦ୍ଧ ହେବାକୁ ହୋଇଥାଏ । ଏହିଦିନ ସନ୍ତାନର ନାମକରଣ ମଧ୍ୟ ହୋଇଥାଏ । ପୁଣି ଅନେକ ଆଦିବାସୀ ପରିବାରରେ ମାଆମାନେ ସନ୍ତାନ ପ୍ରସବ ପରେପରେ କୌଣସି ବିଧି-ବିଧାନର ସମ୍ମୁଖୀନ ନହୋଇ ପୂର୍ବଭଳି ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ ନିର୍ବାହ କରିଥାନ୍ତି । ସନ୍ତାନ ପ୍ରସବପରେ ସେମାନେ କୌଣସି ବିଛଣା ବ୍ୟବହାର ନକରି, ପ୍ରାଚୀନ ପରମ୍ପରାନୁଯାୟୀ ଭୂମିରେ ଶୁଅନ୍ତି । ଥଣ୍ଡା ପାଣିରେ ସ୍ନାନକରି ସେମାନଙ୍କର ନିତ୍ୟ-ବ୍ୟବହାର୍ଯ୍ୟ ଖାଦ୍ୟ ଗ୍ରହଣ କରିଥାନ୍ତି । ସାତଦିନ ପରେ ଶିଶୁକୁ ସ୍ନାନକରାଇ ସମସ୍ତ ପଡୋଶୀ ତଥା ସମ୍ପର୍କୀୟମାନଙ୍କ ଗହଣରେ ତାର ନାମକରଣ ଉତ୍ସବ ପାଳନ କରାଯାଇଥାଏ । ଗର୍ଭାବସ୍ଥାରେ ଆଦିବାସୀ ସ୍ତ୍ରୀଲୋକମାନେ ସୂର୍ଯ୍ୟପରାଗ ବା ଚନ୍ଦ୍ରଗ୍ରହଣ ସମୟରେ ପଦାକୁନଆସି ଘରେ ଲୁଚିରହନ୍ତି, ନଚେତ୍ ଗର୍ଭସ୍ଥ ସନ୍ତାନର ଅନିଷ୍ଟହୁଏ ବୋଲି ବିଶ୍ୱାସ କରାଯାଏ । ନାମକରଣ ଉତ୍ସବ ବିଭିନ୍ନ ଆଦିବାସୀଙ୍କ ମଧରେ ବିଭିନ୍ନ ଭାବରେ ପାଳିତ ହୋଇଥାଏ । କେତେକ ସଂପ୍ରଦାୟରେ ପିଲାଟିର ହାତରେ ଏକ ମହୁଲ ପତ୍ରଦେଇ ପରିବାର ତଥା ଗୋଷ୍ଠୀର ବୟସ୍କ ବ୍ୟକ୍ତି ନାମକରଣ କରଥାନ୍ତି । କେତେକ ସ୍ଥାନରେ ଶିରା ବା ଦିଆରୀକୁ ଡାକି 'ଚାଉଳ ଠୋକା' ହୁଏ । ଦିଆରୀ ଚାଉଳର ପୁଞ୍ଜିପକେଇ (କୌଣସି ଏକ ସ୍ଥାନରରେ ମୁଠାଏ ଚାଉଳ ଥୋଇବା) କୁକୁଡାକୁ ମନ୍ତ୍ରିତ କରିବା ସହିତ ଚାଉଳ ଖାଇବାକୁ ଛାଡି ଦିଆଯାଏ ସେହି ସମୟରେ ବଂଶାନୁକ୍ରମରେ ବିଭିନ୍ନ ନାମ ଉଚ୍ଚାରଣ କରାଯାଉଥାଏ କୁକୁଡା ଯେଉଁ ନାମ ଉଚ୍ଚାରିତ ହେବାବେଳେ ଚାଉଳ ଠୁଙ୍କି ଖାଏ ସେହି ପୂର୍ବପୁରୁଷର ଡୁମା ପୂନର୍ବାର ଜନ୍ମଲାଭ କରିଛି ବୋଲି ବିଶ୍ୱାସ କରାଯାଏ ।

***ବିବାହ ପରମ୍ପରା***

ଆଦିବାସୀମାନଙ୍କ ବିବାହ ପ୍ରଥା ମଧ ସ୍ୱତନ୍ତ୍ର । ବିଭିନ୍ନ ସଂପ୍ରଦାୟ ମଧରେ ଭିନ୍ନଭିନ୍ନ ପ୍ରକାର ବୈବାହିକ ପ୍ରଥା ପ୍ରଚଳିତ ଥିବାର ଦେଖାଯାଏ । ପ୍ରତ୍ୟେକ ଆଦିବାସୀ ଗ୍ରାମରେ ସାଧାରଣତଃ ବାଳକବାଳିକାମନଙ୍କ ପାଇଁ ଗୋଟିଏ ଗୋଟିଏ ଅଲଗା ଘର ଥାଏ ଯାହାକୁ ଧାଙ୍ଗଡା-ଧାଙ୍ଗିଡୀବସା ବୋଲି କୁହାଯାଏ, ତେବେ ବିଭିନ୍ନ ଆଦିବାସୀ ଗୋଷ୍ଠୀରେ ସେମାନଙ୍କ କଥିତ ଭାଷାରେ ଏହା 'ଇନ୍‌କରମିନ୍', 'ଘୋଟୁଲ', 'ସେଲାନିଡିଙ୍ଗୋ' ଆଦି ବିଭିନ୍ନ ନାମରେ ପରିଚିତ । ବାଳକବାଳିକାମାନେ ସାତଆଠ ବର୍ଷପର୍ଯ୍ୟନ୍ତ ବାପା, ମାଆଙ୍କ ନିକଟରେ ରହି ତାପରେ ଏହି ସାମୂହିକ ଶୟନ ଗୃହକୁ ଚାଲିଯାଇଥାନ୍ତି । ଏହି ସାମୁହିକ ଗୃହଗୁଡିକ ଜଣେଜଣେ ବୟସ୍କ ପୁରୁଷ, ତଥା ମହିଳାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥାଏ । ଅବିବାହିତ ବାଳକ-ବାଳିକାମାନେ ଏହି ସାମୂହିକ ଶୟନାଗାରକୁ ଆସି ଏକାଠି ନୃତ୍ୟ, ସଙ୍ଗୀତ ଓ ଗପସପ କରିବା ସହିତ ନିଜନିଜର ଜୀବନସାଥୀ ବାଛିବାର ସ୍ୱାଧିନତା ଥାଏ । ପରେ ବାପାମାଆଙ୍କ ସମ୍ମତିକ୍ରମେ ପାରମ୍ପରିକ ବିବାହ ହୋଇଥାଏ । ଆଦିବାସୀ

ଗୋଷ୍ଠୀମାନଙ୍କ ମଧ୍ୟରୁ କନ୍ଧମାନେ ସାଧାରଣତଃ ପ୍ରାପ୍ତବୟସ୍କ ନହେବା ପର୍ଯ୍ୟନ୍ତ ବିବାହ କରନ୍ତିନାହିଁ। ବିବାହ ପ୍ରସ୍ତାବ ଆସିଲେ ଉଭୟପକ୍ଷ ପରସ୍ପର ଭିତରେ କଥାବାର୍ତ୍ତାକରି ବିବାହସ୍ଥିର କରିଥାନ୍ତି। ସମୟ ସମୟରେ ଯୁବକ ନିଜ ସ୍ତ୍ରୀକୁ ବାଛିଥାଏ, ପରେ ପିତାମାତାଙ୍କ ଅନୁମତି ନିଏ। ବରର ପିତାମାତା ତାଙ୍କ ପୁଅପାଇଁ ଯେଉଁ ମୂଲ୍ୟ ସ୍ଥିର କରିଦିଅନ୍ତି, ତାହା ଉପରେ ବିବାହ ନିର୍ଭରକରେ। ସେହିପରି, ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀରେ ବିଧବା ବିବାହ ପ୍ରଚଳିତ। ବିଧବାମାନେ ସାଧାରଣତଃ ସ୍ୱାମୀର ଭାଇ ସହିତ ବିବାହ କରିଥାନ୍ତି, ସ୍ୱାମୀର ନିଜଭାଇ କିମ୍ବା ରକ୍ତ ସମ୍ପର୍କୀୟ ଅନ୍ୟ କୌଣସି ଭାଇ ନଥିଲେ ଅନ୍ୟତ୍ର ବିବାହ କରିବାକୁ ମଧ୍ୟ ନିୟମ ଜନିତ କୌଣସିବାଧା ନଥାଏ। ଏଠାରେ ଏହା ଉଲ୍ଲେଖନୀୟ ଯେ, ଆଦିବାସୀ ସମାଜରେ ସ୍ୱାମୀ ନିକଟରେ ରହିବାକୁ ଚାହୁଁନାହିଁ ବୋଲି ଗ୍ରାମ ତଥା ଜାତି ପଞ୍ଚାୟତ ନିକଟରେ ସ୍ତ୍ରୀଟିଏ କହିଦେଲା ମାତ୍ରେ, ତାକୁ ଛାଡପତ୍ରପାଇଁ ଅନୁମତି ମିଳିଥାଏ। ସଉରା ସମ୍ପ୍ରଦାୟରେ ବାପା ମାଆ ସାଧାରଣତଃ ପ୍ରଥମେ ତାଙ୍କର କେତେକ ସମ୍ପର୍କୀୟ ଲୋକଙ୍କୁ ନେଇ କନ୍ୟାର ପିତାମାତାଙ୍କ ସଙ୍ଗେ କଥାବାର୍ତ୍ତା ଆରମ୍ଭ କରନ୍ତି। ଏଥିପାଇଁ ସେମାନେ ନେଇଥିବା ମଦ୍ୟପାତ୍ରକୁ ଯଦି କନ୍ୟାପିତା ଗ୍ରହଣ କରିନିଅନ୍ତି, ତେବେ ବିବାହରେ ସେ ସମ୍ମତ ହେଲେ ବୋଲି ଧରିନିଆଯାଏ। କନ୍ୟାପାଇଁ ମୂଲ୍ୟ ଖାଦ୍ୟଶସ୍ୟ ବା ମଦ୍ୟଭଳି ନଗଦ ଜିନିଷ ଆକାରରେ ଦେବାକୁପଡେ। ସେମାନେ ଏକାଗୋତ୍ରରେ ବିବାହ କରନ୍ତିନାହିଁ। ଛାଡପତ୍ର ସହିତ ପ୍ରାୟ ଆଦିବାସୀ ଗୋଷ୍ଠୀରେ ଏକାଧିକ ବିବାହ ପ୍ରଚଳିତ । ଆଦିବାସୀ ଗୋଷ୍ଠୀରେ ନାନା ପ୍ରକାର ବିବାହ ପରମ୍ପରା ଦେଖାଯାଏ। ଗଣ୍ଡମାନଙ୍କ ମଧ୍ୟରେ ବାଲ୍ୟବିବାହ ତଥା ପ୍ରାପ୍ତବୟସ୍କଙ୍କ ମଧ୍ୟରେ ବିବାହ ଉଭୟ ପ୍ରଥାର ପ୍ରଚଳନ ରହିଛି। ଏମାନେ ନିଜ ଗୋତ୍ରରେ ବିବାହ କରନ୍ତି ନାହିଁ। ପିତାମାତା ସ୍ଥିର କରିବା ଅନୁସାରେ, ଏବଂ ଉଭୟପକ୍ଷଙ୍କ ମିଳିତ ସଭାରେ ସ୍ଥିରୀକୃତ ହୋଇଥିବା 'କନ୍ୟାମୂଲ୍ୟ' ପ୍ରଦାନ ପରେ, ସେମାନଙ୍କର ବିବାହ ହୋଇଥାଏ। ଏହି ବିବାହ ଆଦିବାସୀ ପୁରୋହିତମାନଙ୍କଦ୍ୱାରା ସମାହିତ ହୋଇଥାଏ। ଭୂୟାଁ ବାଳକବାଳିକାମାନେ ସାଧାରଣତଃ ସାମୂହିକ ଶୟନାଗାରରୁ ନିଜନିଜର ସାଥୀ ବାଛିନେଇ ପରେ ପିତାମାତାଙ୍କ ସମ୍ମତିକ୍ରମେ ବିବାହ ବନ୍ଧନରେ ଆବଦ୍ଧ ହୋଇଥାନ୍ତି। ଏମାନେ ମଧ୍ୟ ଏକା ଗୋତ୍ରରେ ବିବାହ କରନ୍ତିନାହିଁ। ବିବାହ ସେମାନଙ୍କ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ। ବାପମାଆମାନେ ପୁଅପାଇଁ କନ୍ୟା ବାଛିବାବେଳେ କନ୍ୟାର ସୌନ୍ଦର୍ଯ୍ୟ ତଥା ଶାରୀରିକ ଅବସ୍ଥା ପ୍ରତି ଦୃଷ୍ଟି ନଦେଇ କନ୍ୟାର କାର୍ଯ୍ୟଦକ୍ଷତା ପ୍ରତି ଅଧିକ ଦୃଷ୍ଟି ଦେଇଥାନ୍ତି।

ବଣ୍ଡା ଯୁବକ-ଯୁବତୀମାନେ ସାମୂହିକ ଶୟନ ଗୃହରୁ ନୃତ୍ୟ, ସଂଗୀତ ଓ ଗପସପ ମାଧମରେ ସେମାନଙ୍କର ଜୀବନସାଥୀ ବାଛ ପରେ ବିବାହ କରିଥାନ୍ତି। ସେମାନଙ୍କର ବିଧିବଦ୍ଧ ବିବାହକୁ 'ସେବଡ' କୁହାଯାଏ। ଅନ୍ୟ ଆଦିବାସୀ ସମାଜ ଭଳି ଏମାନଙ୍କ ଭିତରେ ମଧ୍ୟ ବିଧବା ବିବାହ ପ୍ରଚଳିତ, ମାତ୍ର ଏହି ବିବାହ ପ୍ରଧାନତଃ ମୃତ ସ୍ୱାମୀର ଭାଇ ସହିତ ହୋଇଥାଏ। ସେମାନଙ୍କର ବୈବାହିକ ଜୀବନର ଅନ୍ୟ ଏକ ଉଲ୍ଲେଖନୀୟ ଦିଗ ହେଲା ଯେ ବଣ୍ଡା ଯୁବତୀମାନେ ସାଧାରଣତଃ ସେମାନଙ୍କଠାରୁ କମ୍ ବୟସର ଯୁବକଙ୍କ ସହିତ ବିବାହ କରିବାକୁ ପସନ୍ଦ କରନ୍ତି, କାରଣ ସେମାନେ ବୃଦ୍ଧା ହୋଇଗଲେ, ସ୍ୱାମୀମାନେ ତାଙ୍କର ଭରଣପୋଷଣ କରିପାରିବେ। ମାତ୍ର ଏଥିପାଇଁ ସେମାନଙ୍କ ଭିତରେ ବିବାଦ ଲାଗି ଶେଷରେ 'ଛାଡପତ୍ର' ଦିଆନିଆ ହୋଇଥାଏ। ଗଦବା ସଂପ୍ରଦାୟରେ ବିବାହପାଇଁ ବାପମା ପୁଅର ସମ୍ମତିକ୍ରମେ କନ୍ୟା ବାଛନ୍ତି, ଏବଂ ମଦ କୁକୁଡା ସହ ଝିଅଘରକୁ ଯାଇ ତାର ବାପ-ମାଙ୍କୁ ଦେଇଥିବା ଆନୁଷ୍ଠାନିକ ପ୍ରସ୍ତାବରେ ଯଦି ସେମାନେ ରାଜିହୁଅନ୍ତି, ତେବେ ବିବାହ ଖର୍ଚ୍ଚ ପାଇଁ ଏକଟଙ୍କା, କନ୍ୟାପାଇଁ କାଚମାଳି ଓ ପିତଳ ଅଳଙ୍କାର ପ୍ରଦାନ କରିଥାନ୍ତି। ସମୟ ସମୟରେ ଯୁବକ-ଯୁବତୀ ପରସ୍ପର ପ୍ରତି ପ୍ରେମାସକ୍ତ ହୋଇ ଗାଁ ଛାଡି ତାଙ୍କ ସମ୍ପର୍କୀୟ ରହୁଥିବା ଅନ୍ୟ ଗାଁକୁ ଚାଲିଯାନ୍ତି। ପରବର୍ତ୍ତୀ ସମୟରେ, ବାପ-ମାଆ ଯାଇ ତାଙ୍କୁ ବୁଝାଇଶୁଝାଇ ଆଣି ଆନୁଷ୍ଠାନିକ ଭାବରେ ବିବାହ କରାଇଥାନ୍ତି। 'ପରସାମୁଡି' ବିବାହରେ ଯୁବତୀ ଯୁବକକୁ ପ୍ରଲୋଭିତ କରିବାପାଇଁ ତା'ଘରେ ରହିଯାଏ, ଏବଂ ସେଥିପାଇଁ ତାକୁ ବେଳେବେଳେ ଶାଶୁ ଶଶୁରଙ୍କଠାରୁ ମାଡ ଓ ଗାଳି ସହିବାକୁ ହୁଏ। ଯଦି ସେ ତାହା ସହ୍ୟ କରିଯାଏ, ତାହେଲେ ତାକୁ ଗ୍ରହଣ କରିନିଆଯାଏ।

ଜୁଆଙ୍ଗମାନେ ବିବାହପାଇଁ କଥାବାର୍ତ୍ତା ଆରମ୍ଭ କରିବା ପୂର୍ବରୁ ଭବିଷ୍ୟତ ଫଳାଫଳ ଜାଣିବାପାଇଁ ଚାଉଳ ମନ୍ତୁରି ନିଅନ୍ତି। ସେଥିରୁ ଯଦି ଭଲ ଫଳାଫଳ ଜଣାପଡେ, ତେବେ କଥାବାର୍ତ୍ତା ଆରମ୍ଭ ହୁଏ। ତା'ପରେ ପୁଅ ବା ବରପକ୍ଷର

କେତେକ ଲୋକ ଝିଅଘରକୁ ଯାଇ ବିବାହ ସ୍ଥିର କରିଥାନ୍ତି । ପରଜାମାନେ ସାଧାରଣତଃ ସମଗୋତ୍ରରେ ବିବାହ କରୁନଥିଲେ ମଧ ମାମୁଝିଅକୁ ବିବାହ କରିବା ଦେଖାଯାଏ । ପୁଅକୁ ଅଠର ବର୍ଷ ଓ ଝିଅକୁ ପନ୍ଦର ବର୍ଷ ହେବାପୂର୍ବରୁ ସେମାନେ ବିବାହ କରନ୍ତି ନାହିଁ । ସେମାନଙ୍କ ଭିତରେ ପାଞ୍ଚପ୍ରକାର ବିବାହ ପ୍ରଚଳିତ । ସେଗୁଡିକ ହେଲା 'ହରିବୋଲ' ବାହା ବା ପିତାମାତାଙ୍କ ପ୍ରସ୍ତାବମତେ ବିବାହ । 'ଝିଙ୍କା ଓଟରା' ବାହା ବା ଧରିଆଣି ବିବାହ । 'ପରସାମୁଡି', 'ଉଦୁଲିଆ' ଭଳି ପ୍ରେମ ବିବାହ, ଏବଂ 'ଘର ଜୁଆଇଁ' ବିବାହ । ନିଜ ବଂଶ ଭିତରେ ବିବାହ ନକରିବା 'ହୋ'ମାନଙ୍କ ସାମାଜିକ ପରମ୍ପରାର ଏକ ଗୁରୁତ୍ୱପୂର୍ଣ୍ଣ । ପାରମ୍ପରିକ ପଦ୍ଧତିରେ ବିବାହ ହୋଇନପାରିଲେ ଅନେକ ସମୟରେ ପୁଅ ଜବରଦସ୍ତ କନ୍ୟାକୁ ଧରିଆଣି ଯେଉଁ ବିବାହ କରେ, ତାହା 'ଅପରତିପି' ନାମରେ ପରିଚିତ । ପରସ୍ପର ସମ୍ମତିରେ ବିବାହକୁ 'ରାଜିଖୁସି ବିବାହ' ବୋଲି କୁହାଯାଇଥାଏ । ପ୍ରାୟ ପ୍ରତି ଆଦିବାସୀ ସଂପ୍ରଦାୟରେ ଛାଡପତ୍ର ବ୍ୟବସ୍ଥା ରହିଛି । ସାଧାରଣତଃ ସ୍ତ୍ରୀ ରୁଗ୍ଣା ହେଲେ, ଅସତ୍‌ଚରିତ୍ରା ହେଲେ, ବହୁଦିନ ଧରି ସନ୍ତାନହୀନାହେଲେ ବା ଡାହାଣୀ ବୋଲି ସନ୍ଦେହ କଲେ ଏହା କାର୍ଯ୍ୟକାରୀ ହୋଇଥାଏ । ଏଥିପାଇଁ ଅନେକ କ୍ଷେତ୍ରରେ ସ୍ୱାମୀ ସ୍ତ୍ରୀର ପଣତରେ ପାଞ୍ଚଛଅ ଟଙ୍କା ବାନ୍ଧିଦେଲେ ବା ସ୍ଥଳବିଶେଷରେ ନିଜ ପଗଡିରୁ କିଛି ଅଂଶ ଚିରି ଦେଇଦେଲେ ଛାଡପତ୍ର ବ୍ୟବସ୍ଥା ସଙ୍ଗେସଙ୍ଗେ କାର୍ଯ୍ୟକାରୀ ହେଲା ବୋଲି ଧରିନିଆଯାଏ । ଛାଡପତ୍ର ଦିଆନିଆ ହୋଇଥିବା ସ୍ତ୍ରୀ ଆଉ ପୁରୁଷଙ୍କର ମଧ୍ୟ ପୁନର୍ବାର ବିବାହ ତଥା ଅନ୍ୟତ୍ର ବିବାହଜନିତ କୌଣସି ସମସ୍ୟା ନଥାଏ । ଛାଡପତ୍ର ପାଇଥିବା ଝିଅଟି ମଧ୍ୟ ବାପାମାଆଙ୍କ ଘରକୁ ଫେରିଆସି ସ୍ୱଚ୍ଛନ୍ଦ ଜୀବନଯାପନ କରିପାରେ ।

ଆଦିବାସୀମାନଙ୍କ ବିବାହ ପ୍ରଧାନତଃ ଫସଲ ଅମଳପରେ ଆରମ୍ଭ ହୋଇଥାଏ । ଆଦିବାସୀ ସ୍ତ୍ରୀମାନେ ପୁରୁଷମାନଙ୍କଠାରୁ ଅଧିକ କର୍ମଠ ଓ କାର୍ଯ୍ୟଦକ୍ଷ । ସେମାନେ ଘର ଓ ବାହାର ଉଭୟ ପଟର କାମ ପ୍ରାୟତଃ କରିଥାନ୍ତି । ଏପରିକି କେତେକ କ୍ଷେତ୍ରରେ ସେମାନେ ବଜାର-ହାଟରେ ବିକ୍ରିବଟା କରୁଥିବାର ଦୃଷ୍ଟାନ୍ତ ମଧ ବିରଳ ନୁହେଁ । ତେଣୁ, ସେମାନେ ସମାଜରେ ପୁରୁଷମାନଙ୍କ ଭଳି ବ୍ୟକ୍ତି ସ୍ୱାଧୀନତା ଉପଭୋଗ କରିଥାନ୍ତି ବୋଲି କୁହାଯାଇପାରେ । ବିବାହ ପୂର୍ବରୁ ପୁରୁଷମାନଙ୍କ ସହିତ ମିଶି ଗୀତ ଓ ନାଚରେ ସହଯୋଗ କରିବା ପାଇଁ ମଧ୍ୟ ସାମାଜିକ ଭାବରେ ସେମାନଙ୍କୁ ବାଧା ଦିଆଯାଏନାହିଁ । ବିବାହ ପରେ ମଧ ବିବାହ ଓ ଅନ୍ୟାନ୍ୟ ପର୍ବପର୍ବାଣି ପ୍ରଭୃତି ଉତ୍ସବାନୁଷ୍ଠାନମାନଙ୍କରେ ପୁରୁଷମାନଙ୍କ ସହ ମିଶି ମଦ୍ୟପାନ ସହ ସଙ୍ଗୀତ ଓ ନାଚରେ ଯୋଗଦେବାକୁ ସେମାନଙ୍କୁ କେହି ବାରଣ କରନ୍ତିନାହିଁ ।

ପ୍ରାୟ ଆଦିବାସୀ ପରମ୍ପରାରେ ଦଶବାର ବର୍ଷର ବାଳିକା ରଜସ୍ୱଳାହେବା ପୂର୍ବରୁ ତାହାକୁ ଏକ ଶର ସହିତ ବିବାହ କରିଦିଆଯାଏ । ଏହା 'କଣାବରା' ବା କାଣ(ଶର)ସହିତ ବିବାହ ଭାବରେ ପରିଚିତ । ଏପରି କରିବା ପଛରେ ବିଶ୍ୱାସଟି ହେଲା ଯେ ପରବର୍ତ୍ତୀ ସମୟରେ ଯଦି ଝିଅ ନିଜ ଇଚ୍ଛାରେ କୌଣସି ଯୁବକ ସହିତ ଉଦଲିଆ (ପରସ୍ପର ସମ୍ମତିରେ ଝିଅ ନିଜ ଇଚ୍ଛାରେ କୌଣସି ଯୁବକ ସହିତ ବିବାହ କରିବାକୁ ଚାଲିଯିବା) ବା ପରସାମୁଡି (ପୁଅର ଅନିଚ୍ଛା ଥିଲେ ମଧ୍ୟ ଝିଅ ନିଜ ଇଚ୍ଛାରେ ବିବାହ କରିବା ପାଇଁ ପୁଅର ଘରକୁ ଚାଲିଯିବା ଏବଂ ତା ଘରେ ବୋହୂଭଳି ରହିବା) ଚାଲିଯାଏ ତେବେ, ସେଥିରେ କୌଣସି ଅସାମାଜିକତା ବା ନିୟମଜନିତ ବାଧକତା ଆଉନଥାଏ । ଏହି କଣାବରା ବିବାହ ପରମ୍ପରା ଅନୁରୂପ ପାଳିତ ହୋଇଥାଏ । କେତେକ ସ୍ଥଳରେ ସହାବସ୍ଥିତ ଗୋଷ୍ଠୀର ଏକାଧିକ ଝିଅମାନଙ୍କୁ ମଧ୍ୟ ଏକତ୍ର କଣାବରି କରାଯାଏ । ଆଦିବାସୀ ସମାଜର ସମସ୍ତ ବିବାହ ତଥା ରୀତିନୀତି ଯେପରି ସେମାନଙ୍କ ଲୋକଗୋଷ୍ଠୀର ସଦସ୍ୟଙ୍କଦ୍ୱାରା ହିଁ ଅନୁଷ୍ଠିତ ହୋଇଥାଏ ଏହି କଣାବରା ପରମ୍ପରା ମଧ୍ୟ ସେମାନଙ୍କ ଗୋଷ୍ଠୀ-ପୂଜକଙ୍କଦ୍ୱାରା କରାଯାଏ । ଏବଂ, ବିବାହକାଳୀନ ଭୋଜି ଭଳି ଭୋଜିଭାତର ଆୟୋଜନ ହୋଇଥାଏ । ଏହି ପରମ୍ପରା ଆଦିବାସୀ ସମାଜ ବ୍ୟତୀତ ଓଡିଶାର ବିଭିନ୍ନ ଅଞ୍ଚଳରେ ଗଉଡ, ମାଳୀ, ଭୁଲିଆ, ଡମ୍, କୋଷ୍ଟା, କେଉଟ, ଲୋହରା, କୁମ୍ଭାର ଆଦି ଅନ୍ୟ ଲୋକ ଗୋଷ୍ଠୀରେ ମଧ୍ୟ ପ୍ରଚଳନ ଅଛି । ତେବେ, ସମ୍ପ୍ରତି ଆଧୁନିକତା ତଥା ଶିକ୍ଷାର ପ୍ରସାର ଫଳରେ ଅନେକ ଲୋକ ଗୋଷ୍ଠୀ ଏହାର ପାଳନ ଆଉ ପରିବେଷଣକୁ ଉପେକ୍ଷା କରିବା ଦେଖିବାକୁ ମିଳେ ।

### *ମୃତ୍ୟୁ ପରବର୍ତ୍ତୀ ସଂସ୍କାର*

ଜନ୍ମ ଏବଂ ବିବାହ ପରମ୍ପରା ଭଳି ଆଦିବାସୀମାନଙ୍କ ମୃତ୍ୟୁ ପରବର୍ତ୍ତୀ ସଂସ୍କାର ପରମ୍ପରା ତଥା ଶବ-ସତ୍କାର ପଦ୍ଧତି ଓ ଅନ୍ୟାନ୍ୟ କ୍ରିୟାକର୍ମର ଧାରା ସ୍ୱତନ୍ତ୍ର । ବିଭିନ୍ନ ଆଦିବାସୀ ଗୋଷ୍ଠୀ ଅଳ୍ପ ବହୁତ ପରିବର୍ତ୍ତିତ ଶୈଳୀରେ ତଥା ନୀତିନିୟମରେ ପାଳନ କରାଯାଇଥାଏ । ଅନେକ ଆଦିବାସୀ ସଂପ୍ରଦାୟରେ ଶବଦାହ ଓ ଶବପୋଡା ଉଭୟ ପଦ୍ଧତି ଅନୁସରଣ କରାଯାଏ ଯେପରି, ପରଜା ପ୍ରଭୃତି ଆଦିବାସୀମାନେ ମୃତ ବ୍ୟକ୍ତିର ଶବକୁ ପୂର୍ବକୁ ମୁହଁକରି ପୋତିଥାଆନ୍ତି । 'ହୋ'ମାନେ ଶବସହ ତାର ସମସ୍ତ ବ୍ୟବହାର୍ଯ୍ୟ ଜିନିଷକୁ ମଧ ଦାହକରନ୍ତି । ପରଦିନ ସକାଳୁ ସେମାନେ ସେହି ପାଉଁଶ ଉପରେ ପାଣି ଢାଳି ହାଡଗୁଡିକ ସଂଗ୍ରହ କରିଆଣି ମାଟିପାତ୍ରରେ ପୂରାଇ ଶୁଦ୍ଧିକ୍ରିୟାର ଶେଷଦିନ ପର୍ଯ୍ୟନ୍ତ ରଖି ଗୋଟିଏ ଗାତରେ ପୋତିପକାନ୍ତି ଏବଂ ତା ଉପରେ ସ୍ମୃତିସ୍ତମ୍ଭ ସ୍ୱରୂପ ଗୋଟିଏ ପଥର ରଖିଦିଅନ୍ତି । ସେହିପରି, ମୃତ୍ୟୁପରେ କନ୍ଧ ଓ ସଉରାମାନେ ସାଧାରଣତଃ ଗର୍ଭବତୀ ସ୍ତ୍ରୀ ବ୍ୟତୀତ ଅନ୍ୟ ଶବଗୁଡିକୁ ପୋଡିଦିଅନ୍ତି, କିନ୍ତୁ ହଇଜା ଓ ବସନ୍ତ ପ୍ରଭୃତି ରୋଗରେ ମୃତ୍ୟୁହେଲେ ସେମାନେ ଶବଗୁଡିକୁ ପୋତିଦିଅନ୍ତି ।

ଶବ ଶୋଭାଯାତ୍ରାରେ ସ୍ତ୍ରୀଲୋକମାନେ ବିଭିନ୍ନ ବାଦ୍ୟ ବଜାଇ ମୃତ ଲୋକର ଶବକୁ ତାର ବ୍ୟବହୃତ ଲୁଗାପଟା ସହ ଶ୍ମଶାନକୁ ବୋହିନିଅନ୍ତି । ଶବଦାହ ପରଦିନ ସେମାନେ ପୁଣିଥରେ ସେଠାକୁଯାଇ ପାଉଁଶଦେଖି ମୃତ୍ୟୁର କାରଣ ଅନୁସନ୍ଧାନ କରନ୍ତି, ମାତ୍ର କିଛି ଜାଣିନପାରିଲେ ସେମାନଙ୍କ ପୁରୋହିତ 'ସମନ'କୁ ଏଥିପାଇଁ ଡକାଇଥାନ୍ତି । ତାପରେ ସେଠାରେ ସେମାନେ କୁକୁଡା ବଳି ପକାଇ ନିମ୍ବପତ୍ର ଓ ଚାଉଳ ସହିତ ତାକୁ ରାନ୍ଧି ଘରକୁ ଆଣି ପୂର୍ବପୁରୁଷମାନଙ୍କୁ ଅର୍ପଣ କରିଥାନ୍ତି । ଏ ପ୍ରକାର ଶବ-ସତ୍କାର ପଦ୍ଧତିକୁ 'ଲିମ୍ବା' କୁହାଯାଏ । ଜୁଆଙ୍ଗମାନେ ଶବ ଦାହକରି ପାଉଁଶକୁ ନିକଟବର୍ତ୍ତୀ ଝରଣା ବା ନଦୀରେ ଭସାଇଦିଅନ୍ତି । ପରେ ତିନିଦିନ ପର୍ଯ୍ୟନ୍ତ ସେମାନେ ମୃତାହ ପାଳନଜନ୍ମ-ମୃତ୍ୟୁ-ବିବାହକରନ୍ତି । ସେ ସମୟ ମଧରେ ମାଛ, ମାଂସ ଏପରିକି ଲୁଣ ମଧ୍ୟ ଖାଆନ୍ତିନାହିଁ । ତେବେ, ଆଜିକାଲି ସେମାନେ ହିନ୍ଦୁମାନଙ୍କ ଭଳି ଦଶଦିନରେ ଶୁଦ୍ଧି ସାରିବାକୁ ଚେଷ୍ଟା କଲେଣି ।

ସାନ୍ତାଳମାନଙ୍କ ଶବଦାହ ସମୟରେ ବଡପୁଅ ଶବ ଦେହରେ ଲୁଗାରୁ ଖଣ୍ଡେ ଆଣି ତାକୁ ଖଣ୍ଡେ ବାଡି ଅଗରେ ବାନ୍ଧି ନିଆଁ ଲଗେଇଦେଇ ପଛଆଡକୁ ମୁହଁ ଫେରାଇଥାଆନ୍ତି, ଏବଂ ତାପରେ ଅନ୍ୟମାନେ ଖଣ୍ଡେ କାଠ ଥୋଇଦିଅନ୍ତି । ପଞ୍ଚମ ଦିବସରେ ମୁଣ୍ଡ ଖପୁରିଆଣି ଧୋଇକି ରଖି, ଷଷ୍ଠ ଦିବସରେ ନିକଟବର୍ତ୍ତୀ ନଦୀ ବା ଝରଣାରେ ତାକୁ ବିସର୍ଜନ କରିଦିଅନ୍ତି । ଏକାଦଶ ଦିବସ ଅନ୍ତ୍ୟେଷ୍ଟିକ୍ରିୟାର ଶେଷ ଦିବସରୂପେ ପାଳିତ ହୁଏ । ହିନ୍ଦୁମାନଙ୍କ ସହିତ ମିଶିଯାଇଥିବା ଆଦିବାସୀମାନେ ବ୍ରାହ୍ମଣ, ବାରିକ ଓ ଧୋବାଙ୍କ ସାହାଯ୍ୟରେ ଦଶଦିନ ପର୍ଯ୍ୟନ୍ତ ମୃତାହ ପାଳନକରି ଶୁଦ୍ଧିକ୍ରିୟା ସଂପନ୍ନ କରିଥାନ୍ତି, ମାତ୍ର ଅନ୍ୟମାନେ ତିନିଦିନରୁ ଆରମ୍ଭକରି ସ୍ଥଳବିଶେଷରେ ଏଗାର ଦିନ ପର୍ଯ୍ୟନ୍ତ ଅଶୁଦ୍ଧି ପାଳନ କରୁଥିବା ଜଣାଯାଏ । ଶୁଦ୍ଧି ପାଇଁ ସେମାନେ ଦଶଦିନ ପାଳନକରି, ସେଦିନ ସାଧାରଣ ଭୋଜିରେ ପ୍ରଚୁର ମଦ ଓ ମାଂସ ପ୍ରଭୃତି ପରିବେଷଣ କରିଥାନ୍ତି ।

### *୪.୧.୨.୪ ଧାର୍ମିକ ବିଶ୍ୱାସ*

ଆଦିବାସୀମାନଙ୍କ ମଧ୍ୟରେ ଅନେକ ଦେବଦେବୀ ବା ଧର୍ମ ବିଶ୍ୱାସ ଦେଖାଯାଏ । ପ୍ରତ୍ୟେକ ସଂପ୍ରଦାୟ ମଧରେ ସେମାନଙ୍କ ଗୋଷ୍ଠୀ ପରିଚିତିସ୍ୱରୂପ ବିଭିନ୍ନ ପ୍ରକାର ଧର୍ମ ବିଶ୍ୱାସ ରହିଥିଲେ ମଧ, ବାସ୍ତବ କ୍ଷେତ୍ରରେ ବିଶେଷ ପ୍ରଭେଦଥିବାର ସୂଚନା ମିଳେନାହିଁ । ଏହିସବୁ ବିଶ୍ୱାସ ତଥା ଅବଧାରଣା ସାଧାରଣତଃ ପୂର୍ବପୁରୁଷ, ପୁନର୍ଜନ୍ମ, ବହୁ ଦେବଦେବୀ, ମନ୍ତ୍ରତନ୍ତ୍ର, ତଥା ଗୁଣିଗାରୁଡି ଉପରେ ପ୍ରତିଷ୍ଠିତ । ଐଶ୍ୱରିକ ଶକ୍ତି ବଳରେ ମନୁଷ୍ୟର ଭଲମନ୍ଦ ଓ ସୁଖଦୁଃଖ ନିୟନ୍ତ୍ରିତ ହୁଏ ବୋଲି ସେମାନଙ୍କର ଧାରଣା । ତେଣୁ, ସେମାନେ ଅନେକ ଦେବଦେବୀ ଓ ଭୂତପ୍ରେତଙ୍କୁ ବିଭିନ୍ନ ନାମଦେଇ ସମାଜର ମଙ୍ଗଳପାଇଁ ପୂଜାଆରାଧନା କରନ୍ତି । ସେମାନେ ପୂର୍ବପୁରୁଷଙ୍କ ଉପରେ ଅଗାଧ ବିଶ୍ୱାସ ରଖିଥାନ୍ତି । 'ଜୀ' ପୂର୍ବପୁରୁଷଙ୍କ ଡୁମାକୁ ମଧ୍ୟ ଆବାହନ କରିବା ସହିତ ପୂଜା କରିବା ଦେଖାଯାଏ । ତଥା ପରିବାର ବା ବଂଶର ଆରାଧ୍ୟ ଦେବତା ସହିତ ପୂଜା କରିବା

ଦେଖାଯାଏ । ପରିବାରରେ ଜଣେ ବ୍ୟକ୍ତିର ମୃତ୍ୟୁ ହେଲେ ସେ ବାରମ୍ବାର ପୁଅଝିଅ ନାତିନାତୁଣୀ ଘରେ ପୂନର୍ବାର ଜନ୍ମଗ୍ରହଣ କରିଥାଏ ବୋଲି ମଧ୍ୟ ପ୍ରତ୍ୟେକ ଆଦିବାସୀ ଲୋକ ଗୋଷ୍ଠୀ ବିଶ୍ୱାସ କରନ୍ତି । ପୂର୍ବପୁରୁଷମାନେ ସେମାନଙ୍କ କାର୍ଯ୍ୟକଳାପ ସର୍ବଦା ଲକ୍ଷ୍ୟ କରୁଛନ୍ତି, ନିଜ କର୍ତ୍ତବ୍ୟରେ ଅବହେଳା କଲେ ସେମାନେ ଦଣ୍ଡଦେବେ, ଓ ସେମାନଙ୍କ କୋପରୁ ରୋଗଶୋକ ତଥା ଅମଙ୍ଗଳ ହୁଏ ବୋଲି ବିଶ୍ୱାସ କରିଥାନ୍ତି ।

ଡାଆଣୀମାନଙ୍କ କୁଦୃଷ୍ଟିରେ ରୋଗ ହୁଏ ବୋଲି ପ୍ରାୟ ଆଦିବାସୀ ଲୋକ ଗୋଷ୍ଠୀରେ ଏକ ସାଧାରଣ ଧାରଣା । ସେଥିପାଇଁ ଭୋଗ, ବଳୀ, ମଦ ପ୍ରଭୃତି ଦେଇ ପୂଜାରୀ, ଗୁଣିଆ ହାତରେ ଦେବତାମାନଙ୍କର କ୍ରୋଧ ଶାନ୍ତ କରିବାକୁ ଚେଷ୍ଟା କରିଥାନ୍ତି । କନ୍ଧମାନେ ସାଧାରଣତଃ ୮୪ ପ୍ରକାର ଦେବଦେବୀଙ୍କୁ ପୂଜାକରନ୍ତି । ସେମାନଙ୍କ ମଧରେ 'ତାନୁପେନୁ' ବା ଧରଣୀଦେବତା ପ୍ରଧାନ । ସାନ୍ତାଳମାନେ ସେମାନଙ୍କ ଦେବତାଙ୍କୁ 'ଠାକୁର' ବା 'ସିଙ୍ଗ୍‌ବୋଙ୍ଗା' ବୋଲି ନାମ ଦେଇଥାନ୍ତି । ସେମାନେ ତାଙ୍କୁ ସୃଷ୍ଟି କର୍ତ୍ତା ଓ ଫସଲ-ଦେବତା ବୋଲି ଗ୍ରହଣ କରନ୍ତି । ଲିଙ୍ଗାଦେଓ, ଜଙ୍ଗାଦେଓ, ଓ ବୁଢାଦେଓ ଗଣ୍ଡମାନଙ୍କର ପ୍ରଧାନ ଦେବତା । ସେମାନଙ୍କ ଯୋଗୁଁ ରୋଗ, ମୃତ୍ୟୁ, ମଡକ ଓ ଧନସମ୍ପତ୍ତି ନଷ୍ଟ ହୁଏ ବୋଲି ସେମାନଙ୍କର ଧାରଣା । ଆଦିମ ଗଣ୍ଡମାନେ କାଳୀପୂଜା କରିବା ସଙ୍ଗେସଙ୍ଗେ ଭୂତ, ଜଙ୍ଗଲ, ଶସ୍ୟ ଓ ପୃଥିବୀକୁ ମଧ ଦେବତାରୂପେ ପୂଜା କରନ୍ତି । ଗଣ୍ଡମାନଙ୍କ ଭଳି କୋୟାମାନେ ନିଜର କୁଳଦେବତା ମା'ନିୟମକୋଣ୍ଡା, ବେଜାଡଓ୍ୱାଡା, ମେରିଓ୍ୱାଡା ପ୍ରଭୃତିଙ୍କୁ ଛାଡି ଭଲ ଫସଲ ଓ ରୋଗମୁକ୍ତ ଜୀବନଯାପନ କରିବା ପାଇଁ ମାଟିମାଆର ପୂଜା କରିବା ଦେଖାଯାଏ । ଏଥିପାଇଁ ସାଧରଣତଃ ଗଛମୂଳରେ ପଥର ଖଣ୍ଡେ ରଖି ସେଥିରେ ସିନ୍ଦୁର ଦେଇ 'ଠାକୁରାଣୀ' ନାମରେ ତାକୁ ପୂଜା କରାଯାଇଥାଏ । ଜୁଆଙ୍ଗମାନେ ସୂର୍ଯ୍ୟଙ୍କୁ ଧର୍ମଦେବତା ଓ ବସୁମତୀଙ୍କୁ ମାଟି ଦେବତା ରୂପେ ପୂଜା କରନ୍ତି । ଏହା ବ୍ୟତୀତ, ପ୍ରତ୍ୟେକ ପରିବାରରେ ଜଣେଜଣେ କୁଳଦେବୀ ଦେବତା ଥାଆନ୍ତି, ଯେପରି, କାହା ଘରେ କାଳୀସୁନ୍ଦ୍ରି ମିରଚୁକ୍, ତ କାହା ପରିବାରରେ ଗୋପାଗୋସେନ୍, କାହା ପରିବାରରେ ପେଣ୍ଡ୍ରାଗୋଡିଏନ୍, କେଉଁଠି ମାଏଲି । କେତେକ ଆଦିବାସୀ ଗ୍ରାମରେ ଏହି ଦେବୀଦେବତାମାନେ ଗ୍ରାମ ଠାକୁରାଣୀ, ବୁଢାରଜା ଆଦି ବ୍ୟତୀତ ଅନ୍ୟତମ ମୁଖ୍ୟ ଦେବାଦେବୀ ରୂପରେ ମଧ୍ୟ ପୂଜା ପାଇଥାଆନ୍ତି । ତେବେ, ଏହି ଦେବାଦେବୀଙ୍କ ପାଇଁ କୌଣସି ସ୍ୱତନ୍ତ୍ର ମନ୍ଦିର ତିଆରି କରାଯାଇନଥାଏ । ଗ୍ରାମ ମଧ୍ୟରେ ଥିଲେ କୌଣସି ଏକ ଗୁଡି ବା ଝାଟିମାଟିର ଛୋଟ ଆସ୍ଥାନ ଘର, ପରିବାର ମଧ୍ୟରେ ହୋଇଥିଲେ ଧାନଘର, ବା ରୋଷେଇ ଘରର କୌଣସି ଏକ କୋଣକୁ ଦେବୀଙ୍କ ଆସ୍ଥାନ ଭାବରେ ଗ୍ରହଣ କରାଯାଇଥାଏ ।

ଗୁଣିଆମାନଙ୍କର ଗୁଣିଗାରୁଡିରେ ଅନେକ ପ୍ରକାର ରୋଗ ଓ ବିଶୃଙ୍ଖଳା ସୃଷ୍ଟି ହୁଏ ବୋଲି ସେମାନଙ୍କର ଧାରଣା । ପାଖାପାଖି ସହାବସ୍ଥିତ ବିଭିନ୍ନ ଆଦିବାସୀ ଗ୍ରାମକୁ ନେଇ ଯେଉଁ ପାଲି ବା ପଁଚୁରା ଗଠିତ ହୋଇଥାଏ ସେହିଭଳି ସେସବୁ ଅଞ୍ଚଳରେ ଥିବା ବିଭିନ୍ନ ଦେବୀଦେବତା ମଧ୍ୟରେ ବି କୌଟୁମ୍ବିକତା ଲକ୍ଷ୍ୟ କରାଯାଇଥାଏ । ଏମାନଙ୍କର ବଂଶ, ବର୍ଗ, ଗୋତ୍ର, ବିବାହ ପରମ୍ପରା ଆଦି ଦେଖିବାକୁ ମିଳେ । କେଉଁ ବଂଶର ଦେବୀ କେଉଁ ବଂଶର ଦେବତା ସହିତ ବିବାହ କରିପାରିବେ, କେଉଁ ଦେବୀ ସାତ ଉଭଣୀ ତ କେଉଁ ଦେବୀ ଷୋହଳ ଭଉଣୀ, କେଉଁ ଦେବତା ବାର ଭାଇ ତ କେଉଁ ଦେବତା ଆଠ ଭାଇ, ସେହିପରି— କେଉଁ ଦେବତା କାହାର ମାମୁଁ ତ ଆଉ କେଉଁ ଦେବୀ କାହାର ଭାଇବୋହୂ । ଅଣ-ଆଦିବାସୀ ପରମ୍ପରାରେ ଯେପରି କାର୍ତ୍ତିକ ମାସକୁ ପୁଣ୍ୟ ମାସ ଭାବରେ ପରିଗଣିତ କରାଯାଇଥାଏ ସେହିପରି ଦଶହରା ମାସ ଆଦିବାସୀ ସମାଜରେ 'ଦିଏଲ ମାସ ବା ଦେବୀମାସ' ଭାବରେ ପରିଗଣିତ ହୋଇଥାଏ । ମାସର ସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ କେତେକସ୍ଥାନରେ ନବମୀ ଏବଂ ଦଶମୀ ଦୁଇଦିନ ପ୍ରାୟ ପାରମ୍ପରିକ ଦେବାଦେବୀ ଆସ୍ଥାନମାନଙ୍କରେ ପୂଜା ଆରାଧନା ହୁଏ । ଦଶମୀ ଦିନ ଦେବୀ ନିଜ ଆସ୍ଥାନ ଛାଡି ଗ୍ରାମର ପ୍ରତି ଘର ବୁଲନ୍ତିଏହା 'ବୋଏଲ ବୁଲିବା' ଭାବରେ ପରିଚିତ । ଦେବୀଙ୍କ ଛତ୍ର, ଅସ୍ତ୍ର, ଖଣ୍ଡା, ଟାଙ୍ଗୀ, ଶୂଳଶିକୁଳି, ଆଦି ସହିତ କାଳିସୀ ବା ଶିରା ପାରମ୍ପରିକ ଡମ ବାଦ୍ୟକାରଙ୍କ ନିଶାନ୍, ତସା ଢୋଲ, ମହୁରୀ, ଝାଞ୍ଜର ଆଦି ବାଦ୍ୟବାଦନ ସହିତ ଘର ଘର ବୁଲନ୍ତି । ଦେବୀ ଏବଂ କାଳିସୀକୁ ଘରର ଦୁଆର ମୁହଁରେ ଗୋବର ଲିପା ପିଢା, ପାଣି, ଧୂପ, କ୍ଷୀର, ଅରୁଆ ଚାଉଳ, ଫୁଲ, ସିନ୍ଦୂର ଆଦି ଦେଇ ପ୍ରତ୍ୟେକ ଘରେ ପାଦପୂଜା କରନ୍ତି । ଅନୁରୂପ ଭାବରେ,

ଚଇତ୍ରା ଯାତ୍ରା ସମୟରେ ମଧ୍ୟ ଗ୍ରାମର ଠାକୁରାଣୀ ଏହିପରି ବୋଏଲ ବୁଲି ପ୍ରତିଘରୁ ପୂଜାପାଠ ଗ୍ରହଣ କରିଥାନ୍ତି । ଯେଉଁମାନେ ମାନସିକ କରିଥାନ୍ତି ଏହି ଦିନ ବଳି-ଭୋଗ ସହିତ ମାନସିକ ବସ୍ତୁ ଦେବୀଙ୍କୁ ଅର୍ପଣ କରିଥାନ୍ତି ।

ଆଦିବାସୀ ଧର୍ମଧାରଣାରେ ମଣିଷ, ପ୍ରକୃତି, ଓ ଅତିପ୍ରାକୃତ ଶକ୍ତି ମଧ୍ୟରେ ନିବିଡ ସମ୍ପର୍କ ଦେଖିବାକୁ ମିଳେ । ମଣିଷ ନିଜେ ବଞ୍ଚିଥିବା ପ୍ରକୃତି ମଧ୍ୟରୁ ହିଁ ସେଇ ଅତିପ୍ରାକୃତ ଶକ୍ତିକୁ ଉପଲବ୍ଧି କରେ । ଜଡ ଓ ଜୀବନ ମଧ୍ୟରେ ସେମାନେ ଦେବଦେବୀଙ୍କ ସ୍ୱରୂପକୁ ଉପଲବ୍ଧି କରନ୍ତି । ପରିଦୃଶ୍ୟମାନ ତଥା ସେମାନଙ୍କ ପାରିପାର୍ଶ୍ୱିକ ପରିବେଶରେ ହିଁ ସେମାନେ ବିଶ୍ୱଦୃଷ୍ଟିର ପରିକଳ୍ପନା କରିଥାନ୍ତି । ଧରନୀ ମାତା ଓ ସୂର୍ଯ୍ୟ ଦେବତାଙ୍କୁ ମୂଳ ଦେବଦେବୀ ଭାବରେ ବା ପ୍ରକୃତି ପରୁଷ, ଆଦି ପୁରୁଷ ଭାବରେ ଗ୍ରହଣକରିବା ସହିତ  ସେମାନଙ୍କ ଆଦିପୁରୁଷଗଣ ସେଇଠାରୁ ଜନ୍ମନେଇଥିବା ବିଶ୍ୱାସ କରନ୍ତି ।

### *୪.୧.୨.୫ ପର୍ବପର୍ବାଣି ତଥା ପାରମ୍ପରିକ ଉତ୍ସବ*

ଅଣ-ଆଦିବାସୀଙ୍କ ଭଳି ଆଦିବାସୀମାନେ ମଧ୍ୟ ବର୍ଷକସାରା ବହୁ ପର୍ବପର୍ବାଣି ପାଳନ କରିଥାନ୍ତି । ଏହି ପର୍ବପର୍ବାଣୀଗୁଡିକରୁ କେତେକ କୃଷିଭିତ୍ତିକ, କେତେକ ଦେବଦେବୀଙ୍କ ସହିତ ସଂପୃକ୍ତ ବା ଧର୍ମ ସମ୍ବନ୍ଧୀୟ ବିଲରେ ବିହନ ବୁଣିବା, ଫସଲ କାଟିବା ଓ ନୂଆକରି ଫସଲ ଖାଇବାବେଳେ ସେମାନେ ଯେଉଁ ଉତ୍ସବମାନ ପାଳନ କରିଥାନ୍ତି, ତାହା ସର୍ବାପେକ୍ଷା ବଡ ପର୍ବ । ପୋଡୁଚାଷ ପାଇଁ ଜଙ୍ଗଲ ଚାଷ କରିବା ପୂର୍ବରୁ 'କୁରୁଲାପୁର' ଉତ୍ସବ ଓ ବିହନ ଦେବାଦିନ 'ଜାମାଲପୁର' ପର୍ବ କେତେକ ଆଦିବାସୀ ଲୋକ ଗୋଷ୍ଠୀ ପ୍ରମୁଖ ପର୍ବ ଭାବରେ ପାଳନ କରିଥାନ୍ତି । ଆମ୍ବ, ଶିମ୍ବ ପ୍ରଭୃତି ନୂଆ ଖାଦ୍ୟପଦାର୍ଥ ଖାଇଲାବେଳେ ଓ ମହୁଲ ଫୁଲ ଫୁଟିଲାବେଳେ ମଧ ପ୍ରାୟ ସମସ୍ତ ଆଦିବାସୀ ଗୋଷ୍ଠୀରେ ନାନା ଉତ୍ସବ ପାଳିତ ହୋଇଥାଏ । ଅନୁରୂପ ଭାବରେ, ଶେମି ନୂଆ, ଆମ୍ବ ନୂଆ, ଚାଉଳ ଧୂଆ, କେନ୍ଦୁ ନୂଆ, ଏବଂ ସର୍ବସାଧାରଣ ନୂଆଖାଇ ପ୍ରଭୃତି ପର୍ବ ଏକଏକ ଉଲ୍ଲେଖନୀୟ ଉତ୍ସବ । କାରଣ, ଏହି ସବୁ ପର୍ବ ପ୍ରକୃତିରୁ ମିଳୁଥିବା ଖାଦ୍ୟଶସ୍ୟ ବା 'ଳମୂଳକୁ ପ୍ରଥମେ ମାଟିମାଆ ତଥା ଗ୍ରାମର ଅଧିଷ୍ଠାତ୍ରୀ ଦେବଦେବୀ, ଏବଂ ପାରିବାରିକ ଦେବଦେବୀ, ପୂର୍ବପୁରୁଷଙ୍କୁ ଉତ୍ସର୍ଗ କରିବା ପରେ ହିଁ ଗ୍ରହଣ କରିଥାନ୍ତି । ଏହି ପର୍ବଗୁଡିକରେ ସେମାନେ ସ୍ୱତନ୍ତ୍ର ଖାଦ୍ୟ ଓ ମଦ୍ୟ ପ୍ରଭୃତି ପ୍ରସ୍ତୁତକରି ପୂର୍ବପୁରୁଷମାନଙ୍କୁ ଉତ୍ସର୍ଗ କରିଥାନ୍ତି । ବିଭିନ୍ନ ବିଶ୍ୱାସ ଏବଂ ସାମାଜିକ ରୀତିନୀତି ସହିତ ସଂପୃକ୍ତ ପର୍ବମାନଙ୍କ ମଧରେ 'ବାହା ବୋଙ୍ଗା', 'ବାଲିଯାତ୍ରା', ଓ 'ଚଇତ ପର୍ବ' ଆଦି ଅନ୍ୟତମ । ଶାଳଗଛରେ ମଞ୍ଜି ଧରିବାବେଳେ ଏହା ପାଳିତ ହୋଇଥାଏ 'ବାହା ବୋଙ୍ଗା', ଏବଂ ଏଥିରେ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ବଳିଦିଆଯାଏ । ସେହିପରି, ପ୍ରତି ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ଧାନବିହନ ବୁଣିବା ଅବସରରେ 'ବିହନଛିନା ଯାତ୍ରା', କ୍ଷେତରେ ପୋକଜୋକ ନଲାଗିବା ପାଇଁ 'ଆଷାରଖେନା', ଏବଂ 'ଡାଣସରା' ଆଦି ପର୍ବ ପାଳିତ ହୋଇଥାଏ । ସେହିପରି, ଫସଲ ଅମଳ ପରେପରେ ଖୁସିପାଳନ ଅବସରରେ 'ପୁଷପୁନି', 'ଚୋରୋଦିଆ' ଆଦି ପାଳନ କରାଯାଇଥାଏ । ରୋଗ ବିପଦରୁ ରକ୍ଷାପାଇବା ଭଳି ବିଶ୍ୱାସକୁ ଆଧାରକରି ମଧ୍ୟ ବର୍ଷର ବିଭିନ୍ନ ସମୟରେ ଆଦିବାସୀମାନେ 'ରୋଗୀ ବହଲା', 'ହରାଲି ଉଆଁସ୍', 'ଘଣ୍ଟଯାତ୍ରା' ଆଦି ପାଳନ କରାଯାଇଥାଏ । ସେହିପରି, ବର୍ଷା ହେଉନଥିଲେ ସାମ୍ଭବ୍ୟ ବର୍ଷାପାଇଁ 'ବେଙ୍ଗ-ବେଙ୍ଗୁଲୀ ବିବାହ', 'ବାଲିଯାତ୍ରା' ବା 'ଭୀମାବିବାହ ଉତ୍ସବ' ଆଦି ପରିବେଷଣ କରିବା ଦେଖାଯାଏ । ଏବଂ, ଏହି ସମସ୍ତ ପର୍ବପର୍ବାଣିର ପାଳନ ଆଉ ପରିବେଷଣରେ ମଦ୍ୟପାନ ଓ ନୃତ୍ୟଗୀତର ଆୟୋଜନ ବହୁଳ ଭାବରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ସମ୍ପ୍ରତି, ଅନେକ ଆଦିବାସୀ ହିନ୍ଦୁମାନଙ୍କ ସଂସ୍ପର୍ଶରେ ଆସି ଶିବରାତ୍ରି, ହୋଲି, ରଥଯାତ୍ରା, ଦଶହରା ପ୍ରଭୃତି ପର୍ବପର୍ବାଣି ପାଳନ କରୁଥିବା ଦେଖାଯାଉଛି ।

### *୪.୧.୨.୬ ଅନ୍ୟ ଲୋକ ଗୋଷ୍ଠୀ ସହ ସମ୍ପର୍କ, ଏବଂ ଅତିଥି ଚର୍ଚ୍ଚା*

ଓଡିଶାର ପ୍ରାୟ ଅଞ୍ଚଳରେ ଆଦିବାସୀ ଓ ଅଣ-ଆଦିବାସୀମାନଙ୍କ ଏକତ୍ର ସହବସ୍ଥାନ ଦେଖିବାକୁ ମିଳେ, ବହୁତ କମ୍ ଗାଁ ଅଛି ଯେଉଠି କେବଳ ଆଦିବାସୀ ହିଁ ବସବାସ କରନ୍ତି । ପ୍ରତି ଗାଁରେ ଏକାଧିକ ଆଦିବାସୀ ଏକତ୍ର ବସବାସ କରିବା ସହ ଅଣ-ଆଦିବାସୀମାନଙ୍କ ସହିତ ମଧ୍ୟ ବସବାସ କରିବା ଦେଖାଯାଏ । ଅତଏବ, ଏହି ସବୁ ଗ୍ରାମମାନଙ୍କରେ ପାରମ୍ପରିକ

କ୍ରିୟାକର୍ମ ତଥା ସାମାଜିକ ରୀତିନୀତିରେ ବସବାସ କରୁଥିବା ସମସ୍ତ ଆଦିବାସୀ ତଥା ଅଣ-ଆଦିବାସୀ ଏକତ୍ର ଅଂଶଗ୍ରହଣ କରିବା ଦେଖାଯାଏ । ସେହିପରି, ଅନେକ ଅଣ-ଆଦିବାସୀମାନେ ମଧ୍ୟ ଆଦିବାସୀଙ୍କ ଗାଁମାନଙ୍କୁ ଯାଇ ବସତି ସ୍ଥାପନ କରିବା ଲାଗିଲେଣି ।

ଅତଏବ, ଓଡିଶାର ଆଦିବାସୀ ଅଧ୍ୟୁଷିତ ତଥା ସମ୍ପୃକ୍ତ ଅଞ୍ଚଳର ପ୍ରାୟ ପ୍ରତ୍ୟେକ ଗ୍ରାମରେ ଗ୍ରାମର ପାରମ୍ପରିକ ସଂରଚନା ଭିତରେ ସମସ୍ତେ ସମସ୍ତଙ୍କୁ ସମ୍ମାନ ଦେବା ସହିତ ପାରମ୍ପରିକ ପୂଜା ଆଉ ରୀତିନୀତିରେ ନିଜନିଜ ଭୂମିକା ପାଳନ କରିଥାନ୍ତି, ଯେପରି— ଯେଉଁ ଗୋଷ୍ଠୀ ଗାଁ ବସେଇ ଥାଆନ୍ତି ବା ପ୍ରାରମ୍ଭିକ କାଳରେ ଆସି ବସବାସ ଆରମ୍ଭ କରିଥାନ୍ତି ସେ ସେହି ଗୋଷ୍ଠୀର ସଦସ୍ୟ ଗାଁରେ ଜାନୀ ଭୂମିକା ଗ୍ରହଣ କରିଥାନ୍ତି ; କାରଣ ସେଇ ଗାଁର ମାଟିମାଆକୁ ସେ ହିଁ ପୂଜା କରିବାର ଅଧିକାର ରଖିପାରନ୍ତି । ସେହିପରି, ଅନ୍ୟ କୌଣସି ଜାତି ବା ଗୋଷ୍ଠୀର ସଦସ୍ୟ ଜଣେ ଗ୍ରାମର ମୁଖିଆ ଭାବରେ କାର୍ଯ୍ୟ ତୁଲାଇବାକୁ ହୋଇଥାଏ । ଅନୁରୂପ ଭାବରେ, ଏକ ପାରମ୍ପରିକ ଗ୍ରାମରେ ସିଆନ୍, ଗଣା, ଝାଁକର, ଧଙ୍ଗଡାମାଝୀ, ଦିଆରୀ ଆଦି ଗୋଷ୍ଠୀମୁଖ୍ୟ, ସାମାଜିକ ସାଂସ୍କୃତିକ କର୍ମକର୍ତ୍ତା ଦେଖିବାକୁ ମିଳନ୍ତି । ଏମାନେ ବେଳେବେଳେ ବିଭିନ୍ନ ଜାତି ଏବଂ ଗୋଷ୍ଠୀର ସଦସ୍ୟ ହୋଇଥିବାବେଳେ ବେଳେବେଳେ ସମାନ ଗୋଷ୍ଠୀର ସଦସ୍ୟ ମଧ୍ୟ ହୋଇଥାନ୍ତି । ଏମାନେ ବଂଶାନୁକ୍ରମିକ ଭାବରେ ବିଭିନ୍ନ ସାମାଜିକ ରୀତିନୀତିରେ ପର୍ବପର୍ବାଣୀର ପାଳନରେ ଏମାନଙ୍କ ନିଜନିଜ ଭୂମିକା ତୁଲାଇଥାଆନ୍ତି । ଯେପରି, ଗାଁ ଦେବଦେବୀ ପୂଜାରେ କିଏ ପୂଜା କରିବ, କିଏ ପୂଜା ସାମଗ୍ରୀ ବଳୀଭୋଗ ଯୋଗାଡ କରିବ, ଅନ୍ୟ ସମସ୍ତଙ୍କୁ ପୂଜା ସମ୍ପର୍କରେ ଅବଗତ କରାଇବ ଏସବୁ କାର୍ଯ୍ୟ ନିଜନିଜ ଭିତରେ ବାଣ୍ଟି ନେଇଥାନ୍ତି, ଏବଂ ଆବଶ୍ୟକ ସମୟରେ ସୂଚାରୁ ରୂପେ ପାଳନକରିଥାନ୍ତି । ଅତଏବ, ଆଦିବାସୀମାନେ ସବୁବେଳେ ଅନ୍ୟ ଲୋକ ଗୋଷ୍ଠୀର ସଦସ୍ୟମାନଙ୍କ ସହିତ ଶାନ୍ତି ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ବସବାସ କରିଆସିଛନ୍ତି । ବେଳେବେଳେ, ଯେତେବେଳେ ଏମାନେ ଅନ୍ୟ ଅଣ-ଆଦିବାସୀ ଗୋଷ୍ଠୀର ସଦସ୍ୟଙ୍କଦ୍ୱାରା ଶୋଷିତ ତଥା ଅତ୍ୟାଚାରିତ ହୋଇଛନ୍ତି ସେତେବେଳେ ସେମାନେ ସ୍ୱର ଉତ୍ତୋଳନ ମଧ୍ୟ କରିଛନ୍ତି ।

ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀରେ ଘରକୁ ଅତିଥି ଆସିଲେ ସେମାନଙ୍କୁ ସ୍ୱତନ୍ତ୍ର ମାନ୍ୟତାଦେବା ସହିତ ଅତିଆନନ୍ଦରେ ସ୍ୱାଗତ କରିବା ଦେଖିବାକୁ ମିଳେ । ଓଡିଶାର ମୁଣ୍ଡା, ମୁଣ୍ଡାରୀ, ଖଡିଆ, ହୋ, ବିଞ୍ଝାଲ, ଭୁଞ୍ଜିଆ, ବଣ୍ଡା, ଭୂମିଜ ଆଦି ଆଦିବାସୀ ଗୋଷ୍ଠୀରେ ଘରକୁ ଅତିଥି ଆସିଲେ ସେମାନେ ତାହାଙ୍କୁ ଗୁରୁତ୍ୱପୂର୍ଣ୍ଣ ଭାବରେ ଗ୍ରହଣ କରିଥାନ୍ତି । କୋଉ ଗୋଷ୍ଠୀରେ ତାଟିଆରେ ପାଣିଆଣି ହାତ ଧୋଇଦିଅନ୍ତି, ତ କୋଉ ଗୋଷ୍ଠୀରେ ଘରର ଅବିବାହିତ ଝିଅମାନେ ଢାଳରେ ପାଣିଆଣି ଅତିଥିମାନଙ୍କ ପାଦକୁ ନିଜ ହାତରେ ପ୍ରକ୍ଷାଳନ କରିଥାନ୍ତି । ସାନ୍ତାଳ ଲୋକ ଗୋଷ୍ଠୀରେ ଅତିଥି ବୟସରେ ସାନ ହୋଇଥିଲେ ସୁଦ୍ଧା ତାଙ୍କୁ 'ଜୋହାର' କରିଥାନ୍ତି । ସେହିପରି, ହୋ, ବିଞ୍ଝାଲ ଆଦି ଗୋଷ୍ଠୀରେ ଅତିଥିକୁ ପ୍ରଥମେ ଖାଦ୍ୟ ଖାଇସାରିବା ପରେ ହିଁ ନିଜେ ଖାଇବା ଦେଖାଯାଏ । ଅନୁରୂପ ଭାବରେ, ଭୁଞ୍ଜିଆ ଲୋକ ଗୋଷ୍ଠୀରେ ଅତିଥିମାନଙ୍କପାଇଁ ସ୍ୱତନ୍ତ୍ରଗୃହ ମଧ୍ୟ ନିର୍ମାଣ କରାଯାଇଥିବା ଦେଖିବାକୁ ମିଳେ । ଏହା ବ୍ୟତୀତ, ଅତିଥିଙ୍କ ଆସିବା ଦିନଟି ଅନେକ ଆଦିବାସୀ ଗୋଷ୍ଠୀପାଇଁ ଏକ ଉତ୍ସବର ଦିନଭାବରେ ପରିଗଣିତ ହୋଇଥାଏ । ଅତିଥିକୁ ମଦ ଓ ମାଂସରେ ଆପ୍ୟାୟିତ କରିବା ସହିତ ରାତିରେ ନାଚଗୀତର ଆୟୋଜନ ମଧ୍ୟ କରିଥାନ୍ତି । ସମ୍ପ୍ରତି ଆନୁଷ୍ଠାନିକ ଶିକ୍ଷା ତଥା ସହରାଞ୍ଚଳ ଏବଂ ଆଧୁନିକତାର ପ୍ରଭାବରେ ସମ୍ପୃକ୍ତ ଗୋଷ୍ଠୀର କେତେକ ସଦସ୍ୟ କେତେକାଂଶରେ ଆଉ ପାଳନ କରୁନଥିବାବେଳେ କେତେକ ସ୍ଥାନରେ କେବଳ ନିଜ ଗୋଷ୍ଠୀର ଅତିଥିଙ୍କ କ୍ଷେତ୍ରରେ ସେହିଭଳି ପରମ୍ପରା  ପରିବେଷଣ କରିବା ଦେଖିବାକୁ ମିଳେ ।

ଆଦିବାସୀମାନେ ଅସାକ୍ଷର ତଥା ଆନୁଷ୍ଠାନିକ ଶିକ୍ଷାଦୀକ୍ଷାଠାରୁ ଅନେକ ଦୂରରେ ବୋଲି ତଥାକଥିତ ଶିକ୍ଷିତ ଗୋଷ୍ଠୀ ଭିତରେ ଏକ ପାରମ୍ପରିକ ଅବଧାରଣା ଅଛି । ତେବେ, ସମ୍ପ୍ରତି ଅନେକ ଆଦିବାସୀ ଆନୁଷ୍ଠାନିକ  ଶିକ୍ଷାପ୍ରାପ୍ତ ଏବଂ ଉଚ୍ଚଶିକ୍ଷିତ ତଥା ବହୁ ଉଚ୍ଚ ପଦପଦବୀରେ ମଧ୍ୟ ସ୍ଥାନିତ । ଏବଂ, ଏହା ମଧ୍ୟ ସତ୍ୟ ଯେ ବହୁ ସଂଖ୍ୟକ ଆଦିବାସୀ ଆଜି ବି ଆନୁଷ୍ଠାନିକ ଶିକ୍ଷାକ୍ଷେତ୍ରରେ ତଥା ସାମାନ୍ତରାଳ ଜୀବନଧାରାଠାରୁ ବହୁ ଦୂରରେ । ତଥାପି, ଆଦିବାସୀମାନଙ୍କର ଏକ ସ୍ୱତନ୍ତ୍ର ଜୀବନଧାରା ଅଛି, ଏକ ସ୍ୱତନ୍ତ୍ର ବିଚାରବୋଧ ଅଛି, ସେମାନଙ୍କ ସାଂସ୍କୃତିକ ମୂଲ୍ୟବୋଧ ଅଛି ।

### ୪.୧.୩ ଆଦିବାସୀ ଲୋକ ସାହିତ୍ୟ ଓ ଲୋକଧାରା

ଆମେ ଜାଣୁ, ଓଡିଶାରେ ବାଷଠି ଗୋଷ୍ଠୀର ଆଦିବାସୀ ବସବାସ କରନ୍ତି । ଏମାନଙ୍କ ମଧ୍ୟରୁ ଅନେକ ଆଦିବାସୀଙ୍କର ସ୍ୱତନ୍ତ୍ର ଭାଷା ଅଛି । ସେହିପରି, ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀର ମୌଖିକ ପରିପ୍ରକାଶର ପରମ୍ପରା ଅଛି । ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀର ମିଥ୍, କଥାନି, ଗୀତ ଏପରି ଜନମ୍ ଖଣ୍ଡ ପୁରାଣ ଭଳି ମୌଖିକ କାବ୍ୟ ପରମ୍ପରା ମଧ୍ୟ ଦେଖିବାକୁ ମିଳେ । ମୌଖିକ ପରିପ୍ରକାଶ ବ୍ୟତୀତ ଅନ୍ୟାନ୍ୟ ପାରମ୍ପରିକ ପରିପ୍ରକାଶ ମଧ୍ୟ ଦେଖିବାକୁ ମିଳେ ଯାହା ଓଡିଶାର ଲୋକଧାରାର ଏକ ଅଂଶ ଭାବରେ ଗ୍ରହଣ କରାଯାଇପାରେ ଏବଂ ଏହାର ସ୍ୱତନ୍ତ୍ରତାକୁ ଉପଲବ୍ଧି କରାଯାଇପାରେ ।

#### *୪.୧.୩.୧ ଲୋକ ସାହିତ୍ୟ*

ଆଦିବାସୀ ସମାଜରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଅବସରରେ ମିଥ୍, କଥାନି, ଗୀତ ଅନେକ ବାଚିକ ପରିପ୍ରକାଶ ଦେଖିବାକୁ ମିଳେ । ସେହିପରି, ମନୋରଞ୍ଜନ ତଥା ସମୟ ଅତିବାହିତ କରିବପାଇଁ ମଧ୍ୟ ନୃତ୍ୟ ନାଟକର ପରିବେଷଣ ଦେଖାଯାଏ । ଆଦିବାସୀ ସମାଜରେ ଆମୋଦ-ପ୍ରମୋଦଭିତ୍ତିକ ଗୀତ ବ୍ୟତୀତ ଖେଳ ଗୀତ, କର୍ମ ଗୀତ, ପାରିବାରିକ ରୀତିନୀତିକାଳୀନ ଗୀତ (ଜନ୍ମ, ବିବାହ, ଶ୍ରାଦ୍ଧ, ଏବଂ ଡୁମା ଆବାହାନକାଳୀନ), ସାମାଜିକ ଧର୍ମାଚାରକାଳୀନ ଗୀତ, ଏବଂ ବିଭିନ୍ନ ପାରମ୍ପରିକ କାବ୍ୟ, ଗାଥା, ଏବଂ କିମ୍ବଦନ୍ତୀ ଆଦି ଆଖ୍ୟାୟିତ ହୋଇଥାଏ । ଧର୍ମାଚାରରେ ଗାନ କରାଯାଉଥିବା ଗୀତଗୁଡିକୁ ପବିତ୍ର ବୋଲି ଗ୍ରହଣ କରାଯାଇଥାଏ । ଅତଏବ, କେବଳ ପର୍ବପର୍ବାଣି ଓ ଦେବଦେବୀ ବନ୍ଦନା ସମୟ ବ୍ୟତୀତ ଅନ୍ୟ ସମୟରେ ଏହାର ପରିବେଷଣକୁ ଉପେକ୍ଷା କରାଯାଇଥାଏ । ସୃଷ୍ଟି ମିଥ୍, ତଥା ବଂଶର ଇତିହାସ ମୌଖିକ ଭାବରେ ଧର୍ମାଚାରମାନଙ୍କରେ ଆଖ୍ୟାନ ଭାବରେ ଦେଖିବାକୁ ମିଳେ । ଆମୋଦ-ପ୍ରମୋଦଭିତ୍ତିକ ଗୀତଗୁଡିକରେ ଦୈନନ୍ଦିନ ଜୀବନର ସୁଖଦୁଃଖ, ପ୍ରେମ-ପ୍ରଣୟ, ଆଶାଆକାଂକ୍ଷା, ଆଚାରବ୍ୟବହାର, ପାରସ୍ପରିକ ସମ୍ପର୍କ, ପାରିବାରିକ ପ୍ରେମ, ତଥା ଜୀବନପ୍ରତି ସେମାନଙ୍କ ଦୃଷ୍ଟିଭଙ୍ଗୀ ପ୍ରକାଶିତ ହୋଇଥାଏ । ସେହିପରି, ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀରେ ମୌଖିକ ଇତିହାସ ଅଛି । ଏହି ଇତିହାସ ତଥା ବଂଶର ସ୍ମରଣୀୟ ଘଟଣାବଳୀକୁ ନେଇ ଦୀର୍ଘଗୀତ ପରିବେଷିତ ହୋଇଥାଏ ଯାହାକୁ କାବ୍ୟ ଭାବରେ ପରିଚିତ କରାଯାଇପାରେ । ଏହି କାବ୍ୟଗୁଡିକ ବିଶ୍ୱର ସମସ୍ତ ପାରମ୍ପରିକ କାବ୍ୟ ଭଳି ଗୋଷ୍ଠୀ ପରିଚିତିକୁ ବଜାୟ ରଖିବାପାଇଁ ଏକ ସଚେତନ ପ୍ରୟାସ । ନିଜନିଜ ଜାତିର ଆଦିପୁରୁଷ ସହିତ ଅଲୌକିକ ଗୌରବ, ଯୁଦ୍ଧ, ରାଜ୍ୟ ଜୟ, ଭୂ-ଅଧିକାର, ରାଜକନ୍ୟା ବିବାହ, ଅସାଧ୍ୟ ସାଧନ ପ୍ରଭୃତି ଘଟଣାବଳୀସବୁ ଏଥିରେ ସ୍ଥାନିତ ହେବା ଦେଖିବାକୁମିଳେ । ପହରିଆମାନଙ୍କର 'ଗାନ୍ଧୁ ପାରଧିଆ', 'କୋକୋଭଏନୀ', 'ସିରାରାମ ରାଉତ', 'ଡୋଡୋକ ଗୀତ'; ଭୁଞ୍ଜିଆମାନଙ୍କର 'ରିଖମୁନ୍', 'ତୁଳସୀବୀର', 'ଖୋଲାଗଡିଆ ବୀର', 'ଚିତଲସିଂ ଛତ୍ରୀ'; କନ୍ଧମାନଙ୍କର 'ନାଙ୍ଗମତୀ ରାଜଫୁଲିଆ କଥା', ତଥା 'ଭୀମାସିଡି'; ବଞ୍ଜାରାମାନଙ୍କର 'ଲଦନଲଦା', 'ଲାଖା ବଞ୍ଜାରା ଓ ମିଠୁ ଭୁଞ୍ଜିଆ କଥା' ଆଦି ମୌଖିକ-କାବ୍ୟିକ ଆଖ୍ୟାନ ପରମ୍ପରାକୁ ଏହାର ଉଦାହରଣ ଭାବରେ ଗ୍ରହଣ କରାଯାଇପାରେ ।

ଆଦିବାସୀ କାହାଣୀଗୁଡିକ ମୁଖ୍ୟତଃ ପ୍ରାକୃତିକ ପରିବେଶ ସହିତ ମାନବୀୟ ଆବେଗର ସମନ୍ୱିତ ପରିପ୍ରକାଶ । କାହାଣୀରେ ମଣିଷ, ପଶୁପକ୍ଷୀ, ବୃକ୍ଷଲତା, ଫଳମୂଳ ତଥା ଅନ୍ୟାନ୍ୟ କୃଷି ଉତ୍ପାଦ, ପାହାଡ ଝରଣା, ଅସୁର, ପରୀ, ରାଜକୁମାର ରାଜକୁମାରୀ ଆଦି ସମସ୍ତ ଚରିତ୍ର ଆଖ୍ୟାନ ପ୍ରସଙ୍ଗରେ ଆସିଥାନ୍ତି । ସେହିପରି, ମଣିଷ ମୃତ୍ୟୁପରେ ବୃକ୍ଷହେବା ପଶୁପକ୍ଷୀ ମୂଷା. ବିଲେଇ, ଠେକୁଆ, ମାଙ୍କଡ, ଗଧ, ବିଲୁଆ ଭଳି ଦୁର୍ବଳ ପ୍ରାଣୀମାନେ ହାତୀ, ବାଘ, ସିଂହ ଆଦି ବଳବାନ ପ୍ରାଣୀମାନଙ୍କୁ କୌଶଳରେ ପରାଜିତ କରିବା, ପଶୁପକ୍ଷୀଙ୍କଦ୍ୱାରା ଏପରିକି ହିଂସ୍ରପ୍ରାଣୀମାନଙ୍କଦ୍ୱାରା ମଧ୍ୟ ମଣିଷ ଶିଶୁ ଘଟଣା ପ୍ରସଙ୍ଗରେ ପାଳିତ ହେବା, ବଣ ମଇଁଷି, ହାତୀ, ବାଘ, ତିତିର ପକ୍ଷୀ ଆଦି ପଶୁପକ୍ଷୀଙ୍କ ସହାୟତାରେ ଗାଈଆଳ ପିଲା ଭଳି ସାଧାରଣ ଚରିତ୍ରମାନେ ଅସାଧ୍ୟ ସାଧନକରିବା ଆଦି ଅସଂଖ୍ୟ ଘଟଣା ଆଦିବାସୀ ମାନସିକତାର ସାଂକେତିକ ପରିପ୍ରକାଶ ଭାବରେ ପ୍ରକାଶିତ ହୋଇଥାଏ ।

ଆଦିବାସୀ ସମାଜର ଏହି ବାଚିକ ପରିପ୍ରକାଶଗୁଡିକ ବିଭିନ୍ନ ସମୟରେ ପରିବେଷିତ ହୋଇଥାଏ । କେତେକ ରୀତିନୀତି ଆଧାରିତ ଯେପରି ଦେବଦେବୀଙ୍କ ମହିମା ଆଖ୍ୟାନ କରୁଥିବା ଗୀତ ବା ଗାଥା ବ୍ୟତୀତ ଅନ୍ୟ ବାଚିକ ପରିପ୍ରକାଶର ପରିବେଷଣ ଯେକୌଣସି ସମୟରେ ହୋଇଥାଏ । ଏହି କଥାନି, ଗୀତ, ଗାଥା, କିମ୍ବଦନ୍ତୀ ସବୁ ସମ୍ପୃକ୍ତ ସମାଜରେ କିନ୍ତୁ କଥାନି ଏବଂ ଗୀତ ଭାବରେ ହିଁ ପରିବେଷିତ ହୋଇଥାଏ । ହଳ କଲାବେଳେ, ଧାନ ରୋଇଲାବେଳେ, ବିଲ ବାଛିବାବେଳେ, ଧାନ କାଟିବା ସମୟରେ, ଅମଳ କରିବା ବା ବେଙ୍ଗଲା ବୁଲେଇବାବେଳେ ତଥା ଗାଈ ଚରେଇବା, ଫସଲ ଜଗିବା ସମୟରେ ମଧ୍ୟ ଅନେକ ଗୀତ କଥାନି ପରିବେଷିତ ହୋଇଥାଏ । ସେହିପରି, ଗୋଷ୍ଠୀ ସୃଷ୍ଟି ସମ୍ପର୍କରେ ଦେବଦେବୀଙ୍କ ମହିମା, ଏବଂ ସେମାନଙ୍କର ସୃଷ୍ଟି କାହାଣୀ କେବଳ ସମ୍ପୃକ୍ତ ପୂଜାପର୍ବରେ ତଥା ସାମାଜିକ ଅନୁଷ୍ଠାନରେ ବିଶେଷ ପରିବେଷଣକାରୀ ଯେପରି, ଦିଆରୀ, ତଥା ଜାନିଙ୍କଦ୍ୱାରା ପରିବେଷିତ ହୋଇଥାଏ । ଧାର୍ମିକତା ତଥା ରୀତିନୀତିଗତ ବାଧକତା କାରଣରୁ ଅନ୍ୟ ସଦସ୍ୟ ଏ ସମ୍ପର୍କରେ ଜ୍ଞାତ ଥିଲେ ମଧ୍ୟ ତାହା ପରିବେଷଣ କରିନଥାନ୍ତି । ସେହିପରି, ଗୀତ କଥାନି ପରିବେଷଣରେ ଦକ୍ଷ ବ୍ୟକ୍ତିମାନଙ୍କୁ ଗୀତ କୁଡିଆ, ଗୀତ କୁଡିଏନ୍ ଭାବରେ ପରିଚିତ କରାଯାଇଥାଏ । ଏମାନେ ଏହିସବୁ ପାରମ୍ପରିକ ଉପାଖ୍ୟାନକୁ ସମ୍ପୃକ୍ତ ଲୋକ ଗୋଷ୍ଠୀର ସଦସ୍ୟଙ୍କ ସାମ୍ନାରେ ସରସ ଭାବରେ ପରିବେଷଣ କରିପାରିବା ଭଳି କଳା ଆୟତ୍ତ କରିପାରିଥାନ୍ତି । ଏହି ପାରମ୍ପରିକ କଥକ ବା ପରିବେଷଣକାରୀମାନେ ପ୍ରାୟ ପ୍ରତ୍ୟେକ ଗ୍ରାମରେ ଥାଆନ୍ତି ଏବଂ ସ୍ଥାନୀୟ ସଦସ୍ୟମାନଙ୍କ ପାଇଁ ପରିବେଷଣ କରିଥାନ୍ତି ।

### *୪.୧.୩.୨ ଲୋକ ନୃତ୍ୟ ଏବଂ ନାଟକ*

ଆଦିବାସୀ ଲୋକ ଗୋଷ୍ଠୀରେ କେବଳ ବାଚିକ ପରିପ୍ରକାଶ ଦେଖିବାକୁ ମିଳେନାହିଁ ବରଂ, ନୃତ୍ୟ ନାଟକ ଭଳି ଅନେକ ପାରମ୍ପରିକ ପରିବେଷଣ ମଧ୍ୟ ଦେଖିବାକୁମିଳେ । ବିଭିନ୍ନ ଧର୍ମାଚାରରେ ଅର୍ଥାତ୍ ଦେବୀପୂଜା ସମୟରେ, ବାହାଘର, ନାମକରଣ, ପ୍ରାକ୍‌ବୈବାହିକ କର୍ମ, ନୂଆଖାଇ, ଦଶରା, ଚଇତ୍ରା, ମାଗେ ପର୍ବ ଆଦି ସାମାଜିକ ସାଂସ୍କୃତିକ ଉତ୍ସବରେ ସମ୍ପୃକ୍ତ ଆଦିବାସୀ ଗୋଷ୍ଠୀର ସଦସ୍ୟମାନେ ବିଭିନ୍ନ ନୃତ୍ୟ ପରିବେଷଣ କରିଥାନ୍ତି । ସେହିପରି, ଅବସର ସମୟର ଅପନୋଦନ ପାଇଁ ମଧ୍ୟ ଧାଙ୍ଗଡା-ଧାଙ୍ଗଡୀ ବସାରେ, ଜହ୍ନରାତିରେ ଗାଁ ଦାଣ୍ଡରେ ସ୍ୱତନ୍ତ୍ର ଭାବରେ ବିଭିନ୍ନ ନୃତ୍ୟର ଆୟୋଜନ କରାଯାଇଥାଏ । ଏ ପରିପ୍ରେକ୍ଷୀରେ ଉଦାହରଣସ୍ୱରୂପ, ମୁଣ୍ଡାମାନଙ୍କର ଜାଦୁର (ନିରଗାଦୂର, ଓରଜାଦୁର, ଗେନା), ମାଗେ (ମାଗେ ପରବକାଳୀନ ନୃତ୍ୟ), ରାଚେ ( ଗାଁ ଦାଣ୍ଡର ନୃତ୍ୟ), ଝାପି (ଶିକାର ନୃତ୍ୟ); ସାନ୍ତାଳମାନଙ୍କର ସାରହୁଲ, ବାହାବୋଙ୍ଗା, ଏବଂ ମାଗେ ପରବ ପାଳନ ସମୟରେ ପରିବେଷିତ ଲାହାଙ୍ଗେ, ଡାଙ୍ଗ୍, ଦାସାଇଁ, ଡାଣ୍ଟା, ଜାତୁରଦାହା, ଝିକା, ରିଙ୍ଗା, କରମ ନୃତ୍ୟ; କୋୟାମାନଙ୍କ ବିଜାପାଣ୍ଡୁ, କେତୁ ନୃତ୍ୟ; ପରଜାମାନଙ୍କ ଢେମସା, ରିଙ୍ଗୋଡି ନୃତ୍ୟ, ରୀମା ନୃତ୍ୟ, ଧାଙ୍ଗଡାଧାଙ୍ଗଡୀ ନୃତ୍ୟ; ଗୋଣ୍ଡମାନଙ୍କ ମାଣ୍ଡି ଏଡନା (ନୃତ୍ୟ), ଗୁଟାପାରା ଏଡନା (ନୃତ୍ୟ), ଦାନ୍ଦର ଏଡନା (ନୃତ୍ୟ), ପୁରି ଚେତ୍ରା ଏଡନା (ନୃତ୍ୟ), ସୁଗତା ଏଡନା (ନୃତ୍ୟ), ପାରଦ ଏଡନା (ନୃତ୍ୟ) ଭଳି ନୃତ୍ୟ ଉଲ୍ଲେଖନୀୟ । ଏହି ନୃତ୍ୟଗୁଡିକରେ ପାରମ୍ପରିକ କୃଷିକର୍ମ ତଥା ବିଭିନ୍ନ ସାମାଜିକ ରୀତିନୀତିର ପ୍ରଭାବ ଦେଖିବାକୁ ମିଳେ । ସେହିପରି, ଏହିସବୁ ନୃତ୍ୟ ପରିବେଷଣ ସମୟରେ ସମ୍ପୃକ୍ତ ଗୋଷ୍ଠୀର କଥିତ ଭାଷାରେ ଗୀତ ଗାନ କରାଯାଇଥିବା ନିଜସ୍ୱ ଗୋଷ୍ଠୀ ସଦସ୍ୟଙ୍କଦ୍ୱାରା ପ୍ରସ୍ତୁତ ଢୋଲକି, ନାଗରା, ଡୁମାରିଂଗ୍, ସାରଙ୍ଗୀ, ବାନାମ (କାହାଳୀ), ରୁତୁ (ବଂଶୀ), ଚାଙ୍ଗୁ, ଢୋଲ, ମହୁରୀ, ବୀରକାହାଳୀ, ଡୁଡୁ, ଖୁଟ୍‌ମାନ୍ଦଲ, ଦୁଦ୍ରା, ଚିତକାଲି, ତିରିବିଡି ଆଦି ବାଦ୍ୟଯନ୍ତ୍ରଗୁଡିକ ବାଦନ କରାଯାଇଥାଏ । ସେହିପରି, ଅବିଭକ୍ତ କୋରାପୁଟ ଜିଲ୍ଲାରେ ପରିବେଷିତ ହୋଇଥାଏ ଦେଶିଆ ନାଟ । ଏହି ନାଟ୍ୟ ପରମ୍ପରା ଡମ୍ବ-ଖାଙ୍ଗାର, ପେଟା-ପରଶୁ ଭଳି ବିଭିନ୍ନ ସ୍ଥାନୀୟ ଆଦିବାସୀ ଚରିତ୍ର ଆଧାରିତ ସାମାଜିକ କାହାଣୀକୁ ଆଧାରକରି ଆଦିବାସୀ କଳାକାରମାନଙ୍କଦ୍ୱାରା ହିଁ ପରିବେଷିତ ହୋଇଥାଏ ।

### *୪.୧.୩.୩ ଅନ୍ୟାନ୍ୟ କଳାତ୍ମକ ପରିପ୍ରକାଶ*

ଅନ୍ୟାନ୍ୟ କଳାତ୍ମକ ପରିବେଷଣ ମଧ୍ୟରେ ବିଭିନ୍ନ ରୀତିନୀତିଗତ ପରିବେଷଣ, ପାରମ୍ପରିକ ଖେଳକୁଦ, ଚିତ୍ରକଳା, ହସ୍ତଶିଳ୍ପ, ବୟନକଳା, କାଷ୍ଠ ଏବଂ ମୃତ୍ତିକାକଳା ଆଦିକୁ ଗ୍ରହଣକରାଯାଇପାରେ । ଓଡିଶାର ଆଦିବାସୀ ଲୋକ ଗୋଷ୍ଠୀରେ ଗୃହ ସଜ୍ଜା ତଥା ଗୃହାଙ୍ଗନର ସୌନ୍ଦର୍ଯ୍ୟ ବୃଦ୍ଧିପାଇଁ ବିଭିନ୍ନ ମୃତ୍ତିକା, ରଂଗ, ପିଠଉରେ ଘରକାନ୍ଥରେ ଚିତ୍ର ଅଙ୍କନ କରିବା ଦେଖାଯାଏ । ପୁଣି ପ୍ରାୟ ସମସ୍ତ ଆଦିବାସୀ ନାରୀ ସ୍ୱ-ଅଙ୍ଗରେ ଚିତା କୁଟେଇହେବା ପରଂପରା ଅଛି ମଞ୍ଜୁଆତି ପତ୍ର, ହରଗଉରା ଫୁଲର ପ୍ରଲେପରେ ମଧ୍ୟ ନାରୀମାନେ ଗୋଡ, ହାତ, ଆଂଗୁଳିରେ ବିଭିନ୍ନ ଚିତ୍ର ଅଂକନ କରିବା ଦେଖିବାକୁ ମିଳେ । ସେହିପରି, ସାନ୍ତାଳ, ବଣ୍ଡା ଆଦି ଆଦିବାସୀଙ୍କ ଫୁଟାହ ଶାଢି ଏବଂ ଧୋତି, କେରଂ ଲୁଗା ବୟନ କଳାର ଏକ ଉତ୍କୃଷ୍ଟ ସ୍ୱରୂପ ।

ଓଡିଶାର ସମଗ୍ର ଜିଲ୍ଲାରେ ପଥର, କାଠ, ବାଉଁଶ ଆଦିରେ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ଗହୃପୋକରଣ ଦେଖିବାକୁ ମିଳେ ଯାହା ସାଧାରଣତଃ ଆଦିବାସୀମାନଙ୍କଦ୍ୱାର ପ୍ରସ୍ତୁତ ହୋଇଥାଏ । ବାଉଁଶର ଡଙ୍କି, ଚଟୁ, ପାଛିଆ, ଝାପି, କୁଲା, ଟୋକେଇ, ବାକ୍ସ ଆଦି ବିଭିନ୍ନ ଗୃହପୋକରଣ ବ୍ୟବହାର କରାଯାଇଥାଏ । ଏହି ଲୋକ କଳା ଓ ଶିଳ୍ପ ଓଡିଶାର ଶିଳ୍ପ ସୌନ୍ଦର୍ଯ୍ୟ ତଥା କଳାତ୍ମକ ସୃଜନଶୀଳତା ତଥା ସାମାଜିକ ସାଂସ୍କୃତିକ ଜୀବନର ଚିତ୍ରକୁ ପରିପ୍ରକାଶକରିବା ସହିତ ଆମର ପାରମ୍ପରିକ ଐତିହ୍ୟର ଅବବୋଧ ପାଇଁ ଏକ ଅବଧାରଣା ସୃଷ୍ଟି କରିଥାଏ ।

### ୪.୧.୪ ଆଦିବାସୀ ଜୀବନଧାରା ଏବଂ ଲୋକ ସାହିତ୍ୟ ତଥା ଲୋକଧାରାର ବୈଶିଷ୍ଟ୍ୟ

ଆମେ ଆଦିବାସୀ ଜୀବନଧାରା ପ୍ରସଙ୍ଗରେ ସାମାଜିକ, ସାଂସ୍କୃତିକ ଜୀବନଧାରା ସେମାନଙ୍କର ଲୋକ ସାହିତ୍ୟ, ଲୋକନାଟକ ଓ ଅନ୍ୟାନ୍ୟ କଳାତ୍ମକ ପରିପ୍ରକାଶ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କଲେ, ଏଠାରେ ଆଦିବାସୀ ଜୀବନଧାରା ସେମାନଙ୍କ ସାମାଜିକ ସାଂସ୍କୃତିକ ମୂଲ୍ୟବୋଧ ତଥା ପାରମ୍ପରିକ ବାଚିକ ପରିପ୍ରକାଶର କେତୋଟି ଗୁରୁତ୍ୱପୂର୍ଣ୍ଣ ଦିଗକୁ ସଂକ୍ଷେପରେ ଏପରି ଭାବରେ ଉଲ୍ଲେଖ କରାଯାଇପାରେ ଯେ,

- ସାଧାରଣତଃ ଆଦିବାସୀମାନେ ଅନ୍ୟ ସାମାଜିକ ଗୋଷ୍ଠୀର ଲୋକମାନଙ୍କ ପରି ନିଜର ଦୈନନ୍ଦିନ ଜୀବନକୁ ଶୃଙ୍ଖଳିତ ଭାବରେ ଜୀଇଁବାର ପ୍ରୟାସ କରିଥାନ୍ତି ।

- ଆଦିବାସୀମାନଙ୍କ ସମାଜରେ ମଧ୍ୟ ସ୍ୱତନ୍ତ୍ର ଧାର୍ମିକ ବିଶ୍ୱାସ ତଥା ପ୍ରକୃତି ପ୍ରେମର ଅନନ୍ୟ ସମାବେଶ ଦେଖିବାକୁ ମିଳେ । ଏମାନେ ଜନ୍ମଭୂମି ତଥା ଜୀବନଧାରଣରେ ସହାୟକ ପ୍ରକୃତି ପ୍ରତି କୃତଜ୍ଞତା ସ୍ୱରୂପ ସେସବୁକୁ ଦେବୀଦେବତା ଭାବରେ ପୂଜା କରନ୍ତି ଯାହା ଅନ୍ୟ ଲୋକ ଗୋଷ୍ଠୀଠାରୁ ଏକ ଉଲ୍ଲେଖନୀୟ ଦିଗ ।

- ଆଦିବାସୀ ସାମାଜରେ ମଧ୍ୟ ଜନ୍ମ-ବିବାହ-ମୃତ୍ୟୁକୁ ନେଇ ବିଭିନ୍ନ ରୀତିନୀତି ପାଳିତ ହୋଇଥାଏ । ଏବଂ ଏହା ଅଣଆଦିବାସୀ ଲୋକ ଗୋଷ୍ଠୀଠାରୁ ସ୍ୱତନ୍ତ୍ର ତଥା ପ୍ରକୃତି ଏବଂ ପରିବେଶ-କୈନ୍ଦ୍ରିକ । ସେହିପରି, ପ୍ରାକ୍-ବିବାହ ପରମ୍ପରା (ଉଦାହରଣସ୍ୱରପ— କଣାବରି, ମୋଡାଗଡା, ଡାଳପୋତା ଆଦି ପରମ୍ପରା)ରେ ସ୍ୱ-ଗୋଷ୍ଠୀ ଅବଧାରଣା ସହିତ ବିଭିନ୍ନ ରୀତିନୀତି ପାଳନ କରାଯାଇଥାଏ, ତଥା ମୃତ୍ୟୁ-ପରବର୍ତ୍ତୀ ପରମ୍ପରାରେ ନିଜ ପୂର୍ବପୁରୁଷକୁ ସ୍ୱର୍ଗବାସୀ ନଭାବି ତାହାକୁ ଆବାହନକରି ନିଜର ଆରାଧ୍ୟ ଦେବତା ତଥା ରକ୍ଷାକର୍ତ୍ତାଭାବରେ ପୂଜା କରିବା ଏବଂ ଗୃହ ମଧ୍ୟରେ ସ୍ଥାପନା କରିବା ମଧ୍ୟ ଅନନ୍ୟ ସାଂସ୍କୃତିକ ଅବବୋଧ ଯାହା ଅନ୍ୟ ଲୋକ ଗୋଷ୍ଠୀରେ ପରିଦୃଷ୍ଟ ହୋଇନଥାଏ ।

- ସେହିପରି, ଅତିଥି ପରାୟଣତାର ପରମ୍ପରା ମଧ୍ୟ ପ୍ରଶଂସନୀୟ । ଆଲୋଚନାରେ ଉଲ୍ଲିଖିତ ମୁଣ୍ଡା, ଖଡିଆ, ବିଞ୍ଝିଆ ଆଦି ଜନଜାତିର ଏଭଳି ଅତିଥି ଚର୍ଚ୍ଚା ଅନ୍ୟ ଅଣ-ଆଦିବାସୀ ଲୋକ ଗୋଷ୍ଠୀରେ ଦୁର୍ଲ୍ଲଭ ।

- ଆଦିବାସୀମାନେ ନିଜନିଜ ପାରମ୍ପରିକ ଜୀବନଧାରା ପ୍ରତି ଅଙ୍ଗୀକାରବଦ୍ଧ । ଯେତେ ଆନୁଷ୍ଠାନିକ ଶିକ୍ଷା ତଥା ଉଚ୍ଚ ପଦପଦବୀରେ ସ୍ଥାନିତ ହୋଇ ଆଧୁନିକ ସହରୀ ଜୀବନ ଜୀଇଁଲେ ମଧ୍ୟ ନିଜ ପାରମ୍ପରିକ ସାଂସ୍କୃତି ପାଳନ ପରିବେଷଣରେ ଅବହେଳା କରିବା ଦେଖାଯାଏ ନାହିଁ ।

- ଚିତାକୁଟା ପରମ୍ପରା ଭଳି କେତୋଟି ପରମ୍ପରାକୁ ଅଣ-ଆଦିବାସୀ ଗୋଷ୍ଠୀର ସଦସ୍ୟମାନେ ଆଧୁନିକ ଫେଶନ୍ ଭାବରେ ମଧ୍ୟ ଗ୍ରହଣ କରିବା ଦେଖାଯାଉଛି ।

- ଅନୁରୂପ ଭାବରେ, ଆଦିବାସୀ ଚିତ୍ରକଳା, ହସ୍ତଶିଳ୍ପ ପ୍ରସ୍ତୁତ ସାମଗ୍ରୀ ଆଜି ଅନ୍ୟ ଲୋକ ଗୋଷ୍ଠୀର ସଦସ୍ୟଙ୍କଦ୍ୱାରା ମଧ୍ୟ ଆଦୃତ ତଥା 'ଜନପ୍ରିୟ ସଂସ୍କୃତି', ସୌଖୀନ ବସ୍ତୁ ଭାବରେ ଆପଣେଇ ନେବା ଦେଖିବାକୁ ମିଳୁଛି ।

- ଆଦିବାସୀ ଲୋକ ସାହିତ୍ୟ ସେମାନଙ୍କ ବାଚିକ ସୃଜନଶୀଳ ପରିପ୍ରକାଶର ସ୍ୱରୂପ । ଏହି ପରିପ୍ରକାଶରେ ସେମାନଙ୍କ ଗୋଷ୍ଠୀ ପରିଚିତି, ପ୍ରକୃତିପ୍ରାଣତା, ପରିବେଶପ୍ରୀତି, ପାରସ୍ପରିକ ଆଦାନ-ପ୍ରଦାନର ଚିତ୍ର ଦେଖିବାକୁ ମିଳେ ।

- ଅନେକ ବାଚିକ ପରିପ୍ରକାଶ ଏକଏକ ସାଂସ୍କୃତିକ ଆବଶ୍ୟକତା ଭାବରେ ବିଭିନ୍ନ ରୀତିନୀତି ତଥା ପୂଜାପର୍ବରେ ପରିବେଷିତ ହୋଇଥାଏ । ସେହିପରି, ନିଜକୁ କର୍ମ ଚଞ୍ଚଳ କରିବାକୁ କର୍ମକ୍ଷେତ୍ରରେ ମଧ୍ୟ ଅନେକ ଗୀତ କଥାନି ଆଦି ପରିବେଷିତ ହେବା ଦେଖିବାକୁ ମିଳେ ।

- କେବଳ ଗୀତ ବା କଥାନି ନୁହେଁ ନିଜନିଜର ପ୍ରଜାତିକ ମହିମା ପ୍ରଖ୍ୟାପନ ତଥା ଗୋଷ୍ଠୀ ସର୍ଜନା ସମ୍ପର୍କିତ ଦୀର୍ଘ କାବ୍ୟାତ୍ମକ ଆଖ୍ୟାନ ମଧ୍ୟ ପାରମ୍ପରିକ ଭାବରେ ପରିବେଷିତ ହୋଇଥାଏ ।

- ଏହି ବାଚନିକ ଆଖ୍ୟାନଗୁଡିକର ପରିବେଷଣରେ ପାରମ୍ପରିକ ଭାବରେ ପ୍ରସ୍ତୁତ ବିଭିନ୍ନ ବାଦ୍ୟ ମଧ୍ୟ ପରିବେଷିତ ହୋଇଥାଏ ।

- ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀ ବର୍ଷର ଯେକୌଣସି ସମୟରେ କୌଣସି ବି ନୂଆ ଖାଦ୍ୟଶସ୍ୟ ବା ନୂଆ ଫଳମୂଳ ନିଜେ ଖାଇବା ଆଗରୁ ଯେଉଁ ମାଟିରୁ ଏହା ମିଳିଥାଏ ସେହି ମାଟି ମାଆ ତଥା ପ୍ରକୃତି ଏବଂ ନିଜ ପୂର୍ବପୁରୁଷଙ୍କୁ ଭେଟି ଦେଇ କୃତଜ୍ଞତା ଜଣାଇବାପାଇଁ ପୂଜା ଆରାଧନା କରିବା ପରେ ହିଁ ଗ୍ରହଣ କରିଥାନ୍ତି । ସେହିପରି—

- ଭଗବାନ, ଈଶ୍ୱର ତଥା ଦେବଦେବୀ ନାମରେ ପ୍ରକୃତିର ପୂଜା ସମସ୍ତ ଆଦିବାସୀ ଗୋଷ୍ଠୀର ଏକ ପ୍ରମୁଖ ଏବଂ ଉଲ୍ଲେଖନୀୟ ଦିଗ ।

- ଆଦିବାସୀ ଗୋଷ୍ଠୀରେ ଦେବୀଦେବତାମାନେ ସର୍ବସାଧାରଣଙ୍କ ମଙ୍ଗଳାର୍ଥେ କେବଳ ଦାଣ୍ଡକୁ ଆସନ୍ତି ନାହିଁ ବରଂ, ପ୍ରତ୍ୟେକ ଆଶାୟୀଙ୍କ ଘରର ଦୁଆର ମୁହଁକୁ ଯାଇଥାଆନ୍ତି ।

- ଆଦିବାସୀମାନେ ସେମାନଙ୍କର ଏହି ଦେବଦେବୀମାନଙ୍କୁ କେବଳ ନଡିଆ, କଦଳୀ ଆଦି ସାତ୍ତ୍ୱିକ ଭୋଗ ପ୍ରଦାନ କରିନଥାନ୍ତି ବରଂ, ସେମାନେ ଖାଉଥିବା ସମସ୍ତ ଖାଦ୍ୟ ପଦାର୍ଥ ଏପରିକି ମଦ, ଛେଳି, କୁକୁଡା, ଘୁଷୁରୀ ଆଦି ମଧ୍ୟ ବଳି ଦେଇଥାଆନ୍ତି ।

## ପ୍ରଶ୍ନ

### କ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

୧) ଓଡିଶାର ଆଦିବାସୀ ଗୋଷ୍ଠୀମାନଙ୍କରେ ପ୍ରଚଳିତ ବିଭିନ୍ନ ବିବାହ ପରମ୍ପରା ସମ୍ପର୍କରେ ଆଲୋଚନା କରନ୍ତୁ ।

୨) ଓଡିଶାର ଆଦିବାସୀ ଗୋଷ୍ଠୀର ଜନ୍ମ, ଏବଂ ମୃତ୍ୟୁ ପରବର୍ତ୍ତୀ କ୍ରିୟାକର୍ମ ସମ୍ପର୍କରେ ଆଲୋଚନା କରନ୍ତୁ ।

୩) ଓଡିଶାର ଆଦିବାସୀ ଗୋଷ୍ଠୀର ବିଭିନ୍ନ ଧାର୍ମିକ ଅବଧାରଣଗୁଡିକ କିପରି ଆଲୋଚନା କରନ୍ତୁ ।

### ଖ) ନାତିଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

୧) ଓଡିଶାର ଆଦିବାସୀ ସଂସ୍କୃତିର ବିଭିନ୍ନ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରନ୍ତୁ ।

୨) ଅନ୍ୟ ଲୋକ ଗୋଷ୍ଠୀର ସଦସ୍ୟଙ୍କ ସହିତ ଆଦିବାସୀଙ୍କ ସମ୍ପର୍କ, ଏବଂ ସେମାନଙ୍କ ଅତିଥି ପରାୟଣତା ସମ୍ପର୍କରେ ଆଲୋଚନା କରନ୍ତୁ ।

୩) ଓଡିଶାର ଆଦିବାସୀମାନଙ୍କ ସାମାଜିକ ଜୀବନ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରନ୍ତୁ ।

### ଗ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

୧) ଓଡିଶାର ଆଦିବାସୀଙ୍କ ପାରମ୍ପରିକ ଅଳଙ୍କାର ସମ୍ପର୍କରେ ଉଲ୍ଲେଖ କରନ୍ତୁ ।

୨) ଓଡିଶାର ବିଭିନ୍ନ ଆଦିବାସୀ ଲୋକ ଗୋଷ୍ଠୀ ହେଉଥିବା କେତୋଟି କୃଷିଭିତ୍ତିକ ପର୍ବ ସମ୍ପର୍କରେ ଉଲ୍ଲେଖ କରନ୍ତୁ ।

ଚତୁର୍ଥ ପରିଚ୍ଛେଦ

ଦ୍ୱିତୀୟ ଭାଗ

# ଓଡିଶାର ଲୋକ ନାଟକ ପରମ୍ପରା ଓ ପ୍ରକାରଭେଦ

୪.୨.୦ ଉପକ୍ରମ

୪.୨.୧ ଲୋକ ନୃତ୍ୟ

*୪.୨.୧.୧ ଅବଧାରଣା ଏବଂ ସଂଜ୍ଞା*

*୪.୨.୧.୨ ବିଭାଗୀକରଣ*

୪.୨.୧.୨.୧ ଧାର୍ମିକ ଅନୁଷ୍ଠାନରେ ପରିବେଷିତ ନୃତ୍ୟ

୪.୨.୧.୨.୨ ପର୍ବପର୍ବାଣିରେ  ପରିବେଷିତ ନୃତ୍ୟ

୪.୨.୧.୨.୩ ଆମୋଦପ୍ରମୋଦଭିତ୍ତିକ ନୃତ୍ୟ

୪.୨.୧.୨.୪ ପ୍ରଜାତିକ ନୃତ୍ୟ

*୪.୨.୧.୩ ଲୋକ ନୃତ୍ୟର ବୈଶିଷ୍ଟ୍ୟ*

୪.୨.୨ ଲୋକ ନାଟକ

*୪.୨.୨.୧ ଅବଧାରଣା ଓ ସଂଜ୍ଞା*

*୪.୨.୨.୨ ବିଭାଗୀକରଣ*

୪.୨.୨.୨.୧ ନାଟ

୪.୨.୨.୨.୨ ଲୀଳା

୪.୨.୨.୨.୩ ସୁଆଙ୍ଗ

୪.୨.୨.୨.୪ ଗୀତାଭିନୟ

୪.୨.୨.୨.୫ ଫାର୍ଶ/ପ୍ରହସନ

୪.୨.୩ ଅନ୍ୟାନ୍ୟ ପାରମ୍ପରିକ ପରିବେଷଣ

୪.୨.୪ ଲୋକ ନାଟକ ଏବଂ ଅନ୍ୟାନ୍ୟ ପାମ୍ପରିକ ପରିବେଷଣର ବୈଶିଷ୍ଟ୍ୟ

### ୪.୨.୦ ଉପକ୍ରମ

ଲୋକ ସାହିତ୍ୟ ଭଳି ଲୋକ ନୃତ୍ୟ ଏବଂ ନାଟକ ମଧ୍ୟ ଲୋକଧାରାର ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଓଡିଆ ଲୋକ ନାଟକ ଆଲୋଚନାକ୍ରମରେ ଲୋକ ନୃତ୍ୟ, ଏବଂ ଲୋକ ନାଟକକୁ ଅନେକତଃ ଏକତ୍ର ଆଲୋଚନା କରାଯିବା ଦେଖାଯାଏ ଯେତେବେଳେ କି ପରିବେଷଣ ତଥା ବିଷୟଦୃଷ୍ଟିରୁ ଏହି ଦୁଇଟି ଉପାଦାନ ସ୍ୱତନ୍ତ୍ର । ଅତଏବ, ଏଠାରେ ଲୋକ ନୃତ୍ୟ, ଏବଂ ଲୋକ ନାଟକକୁ ସ୍ୱତନ୍ତ୍ର ଭାବରେ ଆଲୋଚନା କରି ଉପାଦାନର ପରିଭାଷା, ସ୍ୱରୂପ, ପରିବେଷଣ, ପରିବେଷଣକାରୀ ତଥା ତାହାର ବୈଶିଷ୍ଟ୍ୟ ସମ୍ପର୍କରେ ମଧ୍ୟ ସଂକ୍ଷିପ୍ତ ଭାବରେ ଆଲୋଚନା କରାଯିବାର ପ୍ରୟାସ କରାଯାଉଛି ।

### ୪.୨.୧ ଲୋକ ନୃତ୍ୟ

ଓଡିଶା ଆଦିବାସୀ, ଅଣ-ଆଦିବାସୀ ଭଳି ବହୁ ଲୋକ ଗୋଷ୍ଠୀର ସମନ୍ୱୟ । ଏହିସବୁ  ଲୋକ ଗୋଷ୍ଠୀ ତଥା ଆଞ୍ଚଳିକଭିତ୍ତିରେ ଲୋକଧାରାରେ, ପାରମ୍ପରିକ ଜୀବନଧାରାରେ ମଧ୍ୟ ପ୍ରଭେଦ ଦେଖିବାକୁମିଳେ । ସେହିପରି, ଅନେକ ଲୋକ ନୃତ୍ୟ ପରମ୍ପରା ମଧ୍ୟ ପରିଦୃଷ୍ଟ ହୋଇଥାଏ । ପ୍ରତ୍ୟେକ ଲୋକ ଗୋଷ୍ଠୀରେ ପାରମ୍ପରିକ ନୃତ୍ୟ ପରିବେଷିତ ହେବା ଦେଖାଯାଏ । ମନୋରଞ୍ଜନ ସହିତ ସମ୍ପୃକ୍ତ ଲୋକ ଗୋଷ୍ଠୀରେ ନୃତ୍ୟ ଏକ ସାମାଜିକ ସାଂସ୍କୃତିକ ଆବଶ୍ୟକତା ଭାବରେ ମଧ୍ୟ ଦେଖାଯାଏ । ଗୋଟିଏ ଲୋକ ଗୋଷ୍ଠୀରେ ଯେତେବେଳେ କୌଣସି ଏକ ପାରମ୍ପରିକ ନୃତ୍ୟ ପରିବେଷିତ ହୋଇଥାଏ ଏହି ପରିବେଷଣରେ ପ୍ରାୟ ସମସ୍ତ ସଦସ୍ୟ ଅଂଶଗ୍ରହଣ କରିବାର ସମ୍ଭାବନା ଥାଏ । ଗୋଟିଏ ଲୋକ ଗୋଷ୍ଠୀର ସଦସ୍ୟଙ୍କଦ୍ୱାରା ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରସଙ୍ଗ ଏବଂ ପରିବେଶରେ ବିଭିନ୍ନ ପରିବେଷଣକାରୀମାନଙ୍କଦ୍ୱାରା ଏହା ପରିବେଷିତ ହେଲାବେଳେ ଏହାର ପରିବେଷଣ ଶୈଳୀରେ ନୂତନ ସଂଯୋଜନା ହେବା ସହିତ ଅଳ୍ପବହୁତ ପରିବର୍ତ୍ତନ ଯୋଗୁଁ ଅନେକ 'ପ୍ରକାରାନ୍ତର ରୂପ' ଦେଖିବାକୁ ମିଳିଥାଏ ।

#### *୪.୨.୧.୧ ଅବଧାରଣା ଏବଂ ସଂଜ୍ଞା*

ପାରମ୍ପରିକ ନୃତ୍ୟ ବା ଲୋକ ନୃତ୍ୟକୁ ଲୋକତତ୍ତ୍ୱବିଦ୍‌ମାନେ ନିଜନିଜ ଦୃଷ୍ଟିକୋଣରୁ ପରିଭାଷିତ କରିବାକୁ ଚେଷ୍ଟା କରିଛନ୍ତି ଯେପରି, ବୃନ୍‌ବାନ୍ଦ୍ ତାଙ୍କ *The Study of American Folklore* ଗ୍ରନ୍ଥରେ କହନ୍ତି— "Folk dances are those dances that are transmitted in a traditional manner, whatever their origin, and that have developed traditional variants, whatever their other development" (Brunvand 1978, 260) । ସେହିପରି, ଆମେରିକାନ୍ ଲୋକଧାରା ଜ୍ଞାନକୋଷରେ କଲିନ୍ କେଜେଲ ଲୋକ ନୃତ୍ୟକୁ "Stylized movements of individuals, couples, or larger groups in traditional patterns, usually performed to musical accompaniment. In modern folkloristics, dance is generally understood as a panhuman but non-universal type of structured movement system involving the creative use of the human body in time and space in a manner that formalizes and intensifies kinesthetic experience and communication through culturally distinct idioms distinguished as such within particular societies" (Quigley 1996, 403) ଭାବରେ ପରିଭାଷିତ କରନ୍ତି ।

ଲୋକ ନୃତ୍ୟ ସମ୍ପର୍କିତ ଏକ ସାମ୍ପ୍ରତିକ ଆଲୋଚନାରେ ଲୋକତତ୍ତ୍ୱବିଦ୍ ସୁଜାନେ କହନ୍ତି—"Folk dance is usually viewed as being strictly for the pleasure of the participants, as not requiring an audience, and, despite the dancers' enjoyment, as often being of little interest to spectators. …Folk dances are defined as being passed from generation to generation, with no known choreographer. …The dances are learned by individuals as they grow up in the society. Each dance is a living form that changes over time" (Youngerman 2000, np) । ତେବେ, ବିଭିନ୍ନ ପରିବେଷଣ ଯାହାକୁ ଆମେ ଅନେକ ସମୟରେ

ଲୋକ ନାଟକ ଭାବରେ ପରିଚିତ କରିଥାଉ ସେସବୁକୁ ଆଲୋଚନା କରିବା ସହିତ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି— "Folk dance is traditional, but that not all traditional forms are folk dance…" (Kealiinohomoku, 1972, 385) ।

ଅତଏବ, ଲୋକତତ୍ତ୍ୱବିଦ୍‌ମାନଙ୍କ ଏହିସବୁ ସଂଜ୍ଞା ଏବଂ ଅବଧାରଣାରୁ ଆମେ ଲୋକ ନୃତ୍ୟକୁ ଆମର ସହଜ ଏପରି ଭାବରେ ପରିଭାଷିତ କରିପାରିବା ଯେ—

ଯେଉଁ ନୃତ୍ୟ ଏକ ନିର୍ଦ୍ଦିଷ୍ଟ ଲୋକ ଗୋଷ୍ଠୀରେ ପାରମ୍ପରିକ ଭାବରେ ପରିବେଷିତ ହୋଇଥାଏ ତ ଥ । ଯେଉଁ ନୃତ୍ୟରେ ସମ୍ପୃକ୍ତ ଲୋକ ଗୋଷ୍ଠୀର ସମସ୍ତ ସଦସ୍ୟ ଅଂଶଗ୍ରହଣ କରିବା ସହିତ ଯାହାର ପରିବେଷଣ ଏବଂ ପରିପ୍ରକାଶକୁ ସମ୍ପୃକ୍ତ ଗୋଷ୍ଠୀରେ ଏକ ସାମାଜିକ ସାଂସ୍କୃତିକ ଆବଶ୍ୟକତା ଭାବରେ ଗ୍ରହଣ କରାଯାଇଥାଏ ତାହା ହେଉଛି ଲୋକ ନୃତ୍ୟ ।

### *୪.୨.୧.୨ ବିଭାଗୀକରଣ*

ଲୋକ ନୃତ୍ୟକୁ ବିଭିନ୍ନ ଗବେଷକ ବିଭିନ୍ନ ଭାବରେ ବିଭାଗୀକରଣ କରିଛନ୍ତି ଯେପରି— ଦ୍ୱାରିକାନାଥ ନାୟକ ଏହାକୁ ୧. ଲୋକ ନୃତ୍ୟ, ୨. ବିକଶିତ ଲୋକନୃତ୍ୟ, ଏବଂ ୩, ଆଦିବାସୀ ନୃତ୍ୟ ଆଦି ଭାଗରେ ବିଭକ୍ତ କରନ୍ତି (ନାୟକ ୨୦୦୪, ୫) । ଖଗେଶ୍ୱର ମହାପାତ୍ର ଆଦିବାସୀ ନୃତ୍ୟକୁ ୧. ଯାଦୁବିଦ୍ୟାବିଶ୍ୱାସଭିତ୍ତିକ ନୃତ୍ୟ (Magical Dances), ୨. ମୃତ୍ୟୁ ସମ୍ପର୍କିତ ନୃତ୍ୟ (Dances connected with death), ୩. ବିବାହ ସମ୍ପର୍କିତ ନୃତ୍ୟ (Marriage Dances), ୪. ମନୋରଞ୍ଜନ ନୃତ୍ୟ (Pastime Dances), ୫. ଧର୍ମଭିତ୍ତିକ ନୃତ୍ୟ (Religious Dances), ଏବଂ *୬*. ମିଳନ ନୃତ୍ୟ (Court-ship Dances), ଭାବରେ ବିଭକ୍ତ କରିଛନ୍ତି (Mahapatra 2009, 6-7) । ସେହିପରି, ଗଞ୍ଜାମ ପାରମ୍ପରିକ ନାଟ୍ୟ ନୃତ୍ୟକୁ ଆଠ ଭାଗରେ ବିଭକ୍ତ କରନ୍ତି ସନ୍ତୋଷ କୁମାର ଶତପଥୀ— ୧. ପୁରାଣଭିତ୍ତିକ (ପ୍ରହ୍ଲାଦ ନାଟକ, ରାମ ନାଟକ, ଜାନୁଘଣ୍ଟ, ଭାରତ ଲୀଳା, ଓ କଣ୍ଢେଇ ନାଚ), ୨. ଜାତିଭିତ୍ତିକ (ବାଉଁଶରାଣୀ, କେଳା-କେଳୁଣୀ, ଶବର-ଶବରୁଣୀ, ମେରକେୟା, ଗୋଲା ନାଚ, ଧୋବା ନାଚ, ଲଉଡି ନାଚ, ଓ ମୁଣ୍ଡପୋତା), ୩. ଶୃଙ୍ଗାର ରସାତ୍ମକ (ସଖୀନାଚ), ୪. ଉତ୍ସବଭିତ୍ତିକ (ଘୋଡା ନାଟ, କଳଘୋଡା, ବାଘ ନାଟ ଓ ଖଣ୍ଡା ସାଧନା), ୫. ଭକ୍ତିମୂଳକ (ଢଣ କୋଇଲା, ଓ ଗାହାଣ), *୬*. ବାଦ୍ୟଯନ୍ତ୍ରଭିତ୍ତିକ (ଦାସକାଠି, ଢଣକୋଇଲା, ଘୁଡୁକି, ରଣପା, ଓ ଘଣ୍ଟ ନୃତ୍ୟ), ୭. ଯାତ୍ରାଭିତ୍ତିକ (ରାମ ଲୀଳା, କୃଷ୍ଣ ଲୀଳା, ରାଧାପ୍ରେମ ଲୀଳା, ଓ ଲକ୍ଷ୍ମୀ ପୁରାଣ), ୮. ଉପାସନାଭିତ୍ତିକ (ଦଣ୍ଡନାଟ ଓ ଘୋଡାନାଚ) (ଶତପଥୀ ୨୦୧୨,୧୮୩) । ଅନୁରୂପ ଭାବରେ, ମହେନ୍ଦ୍ର କୁମାର ମିଶ୍ର ଲୋକ ନୃତ୍ୟକୁ ଆମୋଦ-ପ୍ରମୋଦଭିତ୍ତିକ ନୃତ୍ୟ ଏବଂ ପର୍ବପର୍ବାଣିଭିତ୍ତିକ ନୃତ୍ୟ ଭଳି ଦୁଇଭାଗରେ ବିଭକ୍ତ କରିବା ସହିତ ୧. କୃଷିକାର୍ଯ୍ୟ ସମ୍ପର୍କିତ ନୃତ୍ୟ, ୧. ଧର୍ମୀୟ ଅନୁଷ୍ଠାନର ପାରମ୍ପରିକ ନୃତ୍ୟ, ୩. ଯୁଦ୍ଧ ନୃତ୍ୟ, ୪. ବିବାହକାଳୀନ ନୃତ୍ୟ, ଏବଂ ୫. ସ୍ତ୍ରୀ-ପୁରୁଷଙ୍କ ଯୁଗ୍ମ ନୃତ୍ୟ ଆଦି ଭାବରେ ବିଭକ୍ତ କରନ୍ତି (ମିଶ୍ର ୧୯୯*୬*, ୩୧୫) ।

*କଳାହାଣ୍ଡିର ଲୋକ ନୃତ୍ୟ* ଗ୍ରନ୍ଥରେ ପରମେଶ୍ୱର ମୁଣ୍ଡ ୧. ଧର୍ମ-ଯାଦୁବିଦ୍ୟା ବିଶ୍ୱାସଭିତ୍ତିକ ନୃତ୍ୟ (ପରଜୁଣୀ ନୃତ୍ୟ, ଭୀମାକନ୍ଦେନ ନୃତ୍ୟ, ବାଲିଯାତ୍ରା, ପାଟୁଆ ଯାତ୍ରା ଆଦିର ଝାଞ୍ଜିମତା ନାଚ, ଗୁର୍‌ମେ ନାଚ, ଶିରାଖେଳ ବା କାଳିସୀ ନାଚ), ୨. ଉତ୍ସବଭିତ୍ତିକ ନୃତ୍ୟ (ଘୁମୁରା, ବନାବାଡି, ଦୁର୍‌ଲା, ଦଣ୍ଡାରି, କର୍‌ମା, ଡାଲଖାଇ, ଡୁକେର୍ ଖେଦା, ଢଣକୋଇଲା, ପାଲା, ଏବଂ ଚଇତି ଘୋଡା ନୃତ୍ୟ), ୩. ଆମୋଦ-ପ୍ରମୋଦଭିତ୍ତିକ ନୃତ୍ୟ (କରମା, ଡାଲଖାଇ, ମାଗେ, କୁଆଁର ପୁନେଇ ନାଚ, ସାରହୁଲ, ନୂଆଖାଇ, ଦଶରା, ପୁଷ ପରବ, ଚଇତ୍ ପରବ, ବାଲିଯାତ୍ରା ଆଦି ସମୟରେ ଅନୁଷ୍ଠିତ ହେଉଥିବା ମାଦ୍‌ଲୀ, ଦଣ୍ଡାରୀ, ଘୁମ୍‌ରା, ରସର୍‌କେଲି, ନିଆଲିମଲି, ସଜନୀ, ବଉଲି, ଶୁଆନାଚ, ସରୁଧାନ, ଏବଂ ଢାପ୍ ଆଦି ଧାଙ୍ଗରାଧାଙ୍ଗରୀ ନୃତ୍ୟ), ୪. କ୍ରୀଡାଭିତ୍ତିକ ନୃତ୍ୟ (ବୋରିଆ, ହୁମୋ, ଜୀରାଲବଙ୍ଗ, କଳାକୋକିଲ), ୫. ଜୀବିକାର୍ଜନଭିତ୍ତିକ

ନୃତ୍ୟ (ମାଙ୍କଡ ନାଚ, ବାଉଁଶ ରାଣୀ, ଜାନୁଘଣ୍ଟ ପର୍ଶୁରାମ ଆଦି ପରିବେଷଣ) ଭାବରେ ବିଭକ୍ତ କରିଛନ୍ତି ଲୋକ ନୃତ୍ୟକୁ (ମୁଣ୍ଡ ୨୦୦୧, ୪)। ତେବେ, ଧର୍ମାଚାର ଭଳି ବିଶେଷ କ୍ଷେତ୍ରରେ ତଥା କ୍ରିୟାକଳାପର ଅନୁସରଣରେ ଯେଉଁ ପରିବେଷଣ (ନୃତ୍ୟ) ଦେଖାଯାଏ ଉଦାହରଣସ୍ୱରୂପ, 'ରାଣୀ ପରବ'ର ପରଜୁଣୀ ନୃତ୍ୟ, ଭୀମାକନ୍ଦେନ ନୃତ୍ୟ; ବାଲିଯାତ୍ରା, ପାଟୁଆ ଯାତ୍ରା ଆଦିର ଝାଞ୍ଜିମଡା ନାଚ, ଗୁର୍‌ମେ ନାଚ, ଶିରାଖେଳ ବା କାଳିସୀ ନାଚ ପ୍ରଭୃତି; ଏସବୁକୁ ଲୋକ ନୃତ୍ୟ ଭାବରେ ଗ୍ରହଣ କରାଯାଇନପାରେ । କାରଣ, ନୃତ୍ୟରେ, ତାହା ପାରମ୍ପରିକ କି ଜନପ୍ରିୟ କିମ୍ବା ଶାସ୍ତ୍ରୀୟ ନୃତ୍ୟ ହେଉ, ଏକ ଛନ୍ଦୋବଦ୍ଧ ପଦପାତ ଆଉ ଅଙ୍ଗ-ପରିଚାଳନାର ବିଧିବଦ୍ଧସୂତ୍ର ବା ସ୍ୱରୂପ ଥାଏ; ଯାହା ଗୀତ ଓ ସଂଗୀତ ସହିତ ତାଳଦେଇ ପ୍ରକାଶିତ ହୋଇଥାଏ । କିନ୍ତୁ, ଏହି ସବୁ ପରିବେଷଣରେ ଛନ୍ଦୋବଦ୍ଧ ପଦପାତ ନଥାଏ ତଥା ବିଧିବଦ୍ଧ ଅଙ୍ଗ ପରିଚାଳନାର ଅଭାବ ଦେଖିବାକୁ ମିଳେ, ଯଦିଓ ଏସବୁ ପରିବେଷଣ ମଧ୍ୟ ସ୍ଥାନୀୟ ଭାଷାରେ ଅନେକ ସମୟରେ ନାଚ ବା ନୃତ୍ୟ ଭାବରେ ପରିଚିତ । ଏହି (ନୃତ୍ୟ)ପରିବେଷଣଗୁଡିକ ଦେବୀ ଦେବତାଙ୍କ ପୂଜା ଉତ୍ସବ ସମୟରେ ହିଁ ପରିବେଷିତ ହୋଇଥାଏ ତଥା କାଳିସୀ ଲାଗିଥିବା ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷ ହିଁ ଏହା ପରିବେଷଣ କରିପାରନ୍ତି । ସେହିପରି, ବାଉଁଶ ରାଣୀ, ଜାନୁଘଣ୍ଟ ପର୍ଶୁରାମ, ମାଙ୍କଡ ନାଚ ଆଦି ପରିବେଷଣକୁ ମଧ୍ୟ ନୃତ୍ୟଭାବରେ ଗ୍ରହଣ କରାଯାଇନପାରେ, ହଁ ଏହାକୁ ଆମେ **'ପ୍ରଦର୍ଶନଶୀଳ ଲୋକଧାରା (performative folklore)'** ବା ପାରମ୍ପରିକ ପ୍ରଦର୍ଶନ କହିବାରେ କୌଣସି ଦ୍ୱିଧା ନାହିଁ । ଅତଏବ, ଆମେ ଆମର ଅବଧାରଣା ପାଇଁ ଲୋକ ନୃତ୍ୟକୁ 'ପର୍ବପର୍ବାଣିରେ ପରିବେଷିତ ନୃତ୍ୟ', 'ଉତ୍ସବ ଅନୁଷ୍ଠାନରେ ପରିବେଷିତ ନୃତ୍ୟ', 'ଆମୋଦପ୍ରମୋଦଭିତ୍ତିକ ନୃତ୍ୟ', ଏବଂ 'ପ୍ରଜାତିକ ନୃତ୍ୟ' ଭାବରେ ବିଭାଗୀକରଣ କରି ଆଲୋଚନା କରିପାରିବା—

**୪.୨.୧.୨.୧. ଧାର୍ମିକ ଅନୁଷ୍ଠାନରେ ପରିବେଷିତ ନୃତ୍ୟ :** ପର୍ବପର୍ବାଣି ନୁହେଁ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସମୟରେ ମଧ୍ୟ ନିର୍ଦ୍ଦିଷ୍ଟ ନୃତ୍ୟ ପରିବେଷଣର ପରମ୍ପରା ଓଡିଶାର ବିଭିନ୍ନ ଲୋକ ଗୋଷ୍ଠୀ ନୃତ୍ୟ ପରିବେଷଣ କରାଯାଇଥାଏ । ଭାଇ ଜିଉଁତିଆ, କରମା, ଦଣ୍ଡ, ପାଟୁଆଯାତ୍ରା, ବାସେଳୀ ପୂଜା ଆଦି ଧାର୍ମିକ ଉତ୍ସବରେ ଆୟୋଜିତ ଚଇତି ଘୋଡା, ଡାଲଖାଇ, କରମା, ଗେଡି, ଗୋଟିପୁଅ ନୃତ୍ୟ, ଏବଂ ଚଢେଆ-ଚଢେଆଣୀ ଇତ୍ୟାଦି ନୃତ୍ୟକୁ ଏହାର ଉଦାହରଣ ଭାବରେ ଗ୍ରହଣ କରାଯାଇପାରେ ।

**୪.୨.୧.୨.୨. ପର୍ବପର୍ବାଣିରେ ପରିବେଷିତ ନୃତ୍ୟ :** ଓଡିଶାର ପ୍ରାୟ ସମସ୍ତ ଅଞ୍ଚଳରେ ଯେତେବେଳେ ବିଭିନ୍ନ ଲୋକ ଗୋଷ୍ଠୀଦ୍ୱାରା ପର୍ବପର୍ବାଣି ପାଳନ କରାଯାଏ ସେତେବେଳେ ମନୋରଞ୍ଜନ ନିମିତ୍ତ କେବଳ ନାଟକ ନୁହେଁ ବିଭିନ୍ନ ନୃତ୍ୟର ଆୟୋଜନ କରିବା ମଧ୍ୟ ଦେଖିବାକୁ ମିଳେ । ଏହି ନୃତ୍ୟଗୁଡିକ ହୁଏତ ପ୍ରାରମ୍ଭିକ ଭାବେ କୌଣସି ଧର୍ମୀୟ ଅନୁଷ୍ଠାନ, ସାମାଜିକ କର୍ମ, ତଥା ସାଂସ୍କୃତିକ ପରିବେଷଣ ସହିତ ସମ୍ପୃକ୍ତ ତେବେ ଏହା ରୀତିନୀତି ଆଧାରିତ ହୋଇନଥିବାରୁ ଅନ୍ୟ ପର୍ବପର୍ବାଣି ପାଳନ ସମୟରେ ଏବଂ ସହାବସ୍ଥିତ ଅନ୍ୟ ଲୋକ ଗୋଷ୍ଠୀରେ ମଧ୍ୟ ପରିବେଷିତ ହୋଇଥାଏ । ଏହି ପ୍ରସଙ୍ଗରେ ଏଠାରେ ଉଦାହରଣସ୍ୱରୂପ ନୂଆଖାଇ, ଦଶହରା, ସାହିଯାତ ଆଦି ପର୍ବପର୍ବାଣିରେ ଆୟୋଜିତ ଘୁମୁରା, ଢାପ୍, ଚଢେଆ-ଚଢେଆଣୀ ଆଦି ନୃତ୍ୟ ଉଲ୍ଲେଖନୀୟ ମନେକରାଯାଇପାରେ ।

**୪.୨.୧.୨.୩. ଆମୋଦପ୍ରମୋଦଭିତ୍ତିକ ନୃତ୍ୟ :** ଓଡିଶାରେ ସମ୍ପ୍ରତି ମଧ୍ୟ ଅନେକ ଲୋକ ଗୋଷ୍ଠୀରେ ଆମୋଦପ୍ରମୋଦ ପାଇଁ ଅନେକ ପାରମ୍ପରିକ ନୃତ୍ୟ ସମ୍ପୃକ୍ତ ଗୋଷ୍ଠୀ ସଦସ୍ୟମାନଙ୍କଦ୍ୱାରା ପରିବେଷିତ । ବର୍ଷର ବିଭିନ୍ନ ସମୟରେ ସାମାଜିକ ଅନୁଷ୍ଠାନମାନଙ୍କରେ ତଥା ମନୋରଞ୍ଜନ ପାଇଁ ମଧ୍ୟ ଆୟୋଜିତ ହୋଇଥାଏ ବହୁ ନୃତ୍ୟ । ଏଠାରେ ଏଭଳି କେତୋଟି ନୃତ୍ୟ ଭାବରେ ବଜାଶାଲିଆ, ବୋରିଆ, ହୁମୋ, ଏବଂ କାଠି ନାଚ ଇତ୍ୟାଦି ନୃତ୍ୟକୁ ଉଦାହରଣ ଭାବରେ ନିଆଯାଇପାରେ ।

**୪.୨.୧.୨.୪. ପ୍ରଜାତିକ ନୃତ୍ୟ :** ଓଡିଶାର ବିଭିନ୍ନ ଜାତି ଏବଂ ଜନଜାତିଙ୍କ ମଧ୍ୟରେ ବହୁ ପାରମ୍ପରିକ ନୃତ୍ୟ ପରିବେଷିତ ହେବା ଦେଖାଯାଏ । ଏପରି ଦେଖିବାକୁ ଗଲେ ଘୁମୁରା, ଡାଲଖାଇ, କରମା, ଚଇତିଘୋଡା ନାଚ, କାଠି ନାଟ,

ଢାପ୍, ବଜାଶାଲିଆ, ବୋରିଆ, ଝୁମର ଯାହା ବି ହେଉନା କାହିଁକି ସବୁ ନୃତ୍ୟ ବିଭିନ୍ନ ଜାତି ଓ ଜନଜାତିର ସଦସ୍ୟଙ୍କଦ୍ୱାରା ହିଁ ପରିବେଷିତ । ଏହା ନିଶ୍ଚିତ ଯେ ସମ୍ପ୍ରତି ପାରମ୍ପରିକ ଭାବରେ ମଧ୍ୟ ଘୁମୁରା ଭଳି କେତୋଟି ନୃତ୍ୟରେ ଅନ୍ୟ ଲୋକ ଗୋଷ୍ଠୀର ସଦସ୍ୟମାନେ ମଧ୍ୟ ଅଂଶଗ୍ରହଣ କରିବା ଦେଖାଯାଏ । ତେବେ, ରିଞ୍ଜୋଡି, ଦାସାଇଁ, ଡାଣ୍ଟା, ଜାତୁର ଦାହା, ଝିକା, ରିଙ୍ଗା, କରମା, ଝୁମର, ଏବଂ ବନାବାଡି ତଥା ଲଉଡି ଆଦି ବିଭିନ୍ନ ଆଦିବାସୀ ଓ ଅଣ-ଆଦିବାସୀ ଗୋଷ୍ଠୀର ନୃତ୍ୟକୁ ପ୍ରଜାତିକ ନୃତ୍ୟ ଭାବରେ ଗ୍ରହଣ କରିପାରିବା ।

ଏଠାରେ ଏକ ସଂକ୍ଷିପ୍ତ ଅବଧାରଣା ପାଇଁ କେତୋଟି ଲୋକ ନୃତ୍ୟ ସମ୍ପର୍କରେ ଉଲ୍ଲେଖ କରାଗଲା—

*ଡାଲଖାଇ*

ଆଶ୍ୱିନ ମାସ ଶୁକ୍ଳପକ୍ଷ ଅଷ୍ଟମୀ ବା ମହାଷ୍ଟମୀ ଦିନ ପାଳିତ ହୋଇଥାଏ 'ଭାଇଜିଇଁତା ଓଷା' । ପଶ୍ଚିମ ଓଡିଶାରେ 'ଭାଇଜିଇଁତା ଓଷା' ପାଳନ ଅବସରରେ ଏହି ଡାଲଖାଇ ନୃତ୍ୟ ଆୟୋଜିତ ହୋଇଥାଏ । ଏଥିରେ ଅଭିଆଡୀ ଝିଅମାନେ ଅଂଶଗ୍ରହଣ କରିଥାନ୍ତି । ଆଶ୍ୱିନ ଶୁକ୍ଳପକ୍ଷ ସପ୍ତମୀ ଦିନ ଆଗରୁ ନିର୍ବାଚିତ କୌଣସି ଏକ ସ୍ଥାନରେ ଡାଲଖାଇ କୋଠି ବା ଉଷାକୋଠି ନିର୍ମାଣ କରାଯାଏ । ଏହି କୋଠି ଷୋହଳ ବଖରା ହୋଇଥାଏ, ଯେଉଁଠି ସରସ୍ୱତୀ, ଦୁର୍ଗା, ଶିବ, ପାର୍ବତୀ, ବ୍ରହ୍ମା, ଲକ୍ଷ୍ମୀ, କଇଁଛ, ରାବଣ, ହନୁମାନ, କାର୍ତ୍ତିକ, ରଏଲା, ବରୁଣ, ମାଛ, ଏବଂ କୁବେର ଆଦି ଦେବଦେବୀଙ୍କ ପ୍ରତୀକ ଅଙ୍କନହୋଇଥାଏ । କେଉଁକେଉଁଠି କେବଳ ଡାଲଖାଇଙ୍କପାଇଁ ହିଁ ଏକମାତ୍ର କୋଠି ନିର୍ମାଣ କରାଯାଇଥାଏ, ଏଠାରେ ଉଲ୍ଲେଖନୀୟ ଯେ ଡାଲଖାଇ ଭିନ୍ନ ଅନ୍ୟ ଦେବଦେବୀଙ୍କ ପୂଜା ଏହି ପରମ୍ପରାରେ ପରବର୍ତ୍ତୀ ବିକାଶ ବା ସଂଯୋଜନା ମାତ୍ର । ଏହି ଡାଲଖାଇ କୋଠିରେ ପୂଜା କିରବାପାଇଁ ଜଣେ ସ୍ତ୍ରୀ ବା ପୁରୁଷ ଲୋକ ଥାଆନ୍ତି ଯିଏ ଧୁନ୍‌କେଲ ଗୀତ ଏବଂ ବାଦ୍ୟ ପରିବେଷଣ କରିପାରନ୍ତି । ଧୁନ୍‌କେଲ ଏକ ସ୍ୱତନ୍ତ୍ର ବାଦ୍ୟଯନ୍ତ୍ର । ଏହା ଗୋଟିଏ ହାଣ୍ଡି, ଗୋଟିଏ କୁଲା, ଏବଂ ଗୋଟିଏ ବାଡିକୁ ନେଇ ନିର୍ମିତ ହୋଇଥାଏ । ଗାନ ସମୟରେ ହାଣ୍ଡି ଉପରେ କୁଲାକୁ ଓଲଟାଇ ରଖାହୁଏ ଓ ବନ୍ଦନାବେଳେ ପୂଜକ ବା ପୂଜାରିଣୀ ବାମହାତରେ ଧୁନ୍‌କେଲ ବାଡିଟିକୁଧରି ତାର ଆଗପଟକୁ ଓଲଟା କୁଲାର ପ୍ରାୟ ମଝିଅଂଶରେ ଚାପିଧରି ଡାହାଣ ହାତରେ ଝୁମୁକାଦଣ୍ଡରେ ଏହା ଉପରେ ଘଷିଥାନ୍ତି ଫଳରେ ଏଥିରୁ ମୃଦୁଧ୍ୱନୀ ବାହାରିଥାଏ । ଓଷା କରୁଥିବା ଝିଅମାନେ ପୂଜାରୀ ସହିତ ମିଶି ଧୁନକେଲ ଗୀତ ଗାଇଥାନ୍ତି । ପୂଜାସରିବା ପରେ ନୃତ୍ୟ ପରିବେଷିତ ହୋଇଥାଏ ଏହି ନୃତ୍ୟରେ ଢୋଲ, ନିଶାଣ, ମହୁରି ପ୍ରଭୃତି ବାଦ୍ୟ ବାଦନହେବା ଦେଖିବାକୁମିଳେ । ଝିଅମାନେ ନୃତ୍ୟ ସମୟରେ ସେମାନଙ୍କ ପିଠିରେ ପଡିଥିବା ଚାଦର ବା ଶାଢୀର ପଣତକୁ ବାମ ହାତରେ କିମ୍ବା ଡାହାଣ ହାତରେ ହଲାଇ ହଲାଇ ନୃତ୍ୟ କରିଥାନ୍ତି ।

ଡାଲଖାଇ ନୃତ୍ୟ ଅନ୍ୟ ପାରମ୍ପରିକ ନୃତ୍ୟ ସହିତ ସମାନ । ତେବେ, ଡାଲଖାଇ ପୂଜା ଅବସରରେ ଏହା ଅନୁଷ୍ଠିତ ହେଉଥିବାରୁ ଏଥିରେ **'ଡାଲଖାଇ ବୋ'** ବା **'ଡାଲଖାଇରେ...'** ବୋଲି ସମ୍ବୋଧନ ବା ଘୋଷାପଦ ଶୁଣିବାକୁ ମିଳେ । ଏବଂ ଏହି ନୃତ୍ୟ ଡାଲଖାଇ ଦେବୀଙ୍କ ରୀତିନୀତି ସହିତ କୌଣସି ସମ୍ପର୍କ ରଖୁନଥିବାରୁ ଅନ୍ୟ ସମୟରେ ମଧ୍ୟ ଏହାର ପରିବେଷଣ ହୋଇଥାଏ । ଡାଲଖାଇ ନୃତ୍ୟ ବ୍ୟତୀତ ଓଡିଶାର ହୁମୋ, ବଉଲି, ମାଏଲାଜଡ, ରସରକେଲି, ଗୁନ୍‌ଜିକଂଟା, ଜାମୁଡାଲି, ସାଇଁଲଡି, ରିଞ୍ଜୋଡି, କରମା, ଏବଂ ବୋରିଆ ପ୍ରଭୃତି ଅନେକ ଲୋକ ନୃତ୍ୟର ପ୍ରଚଳନ ଅଛି ।

*ଘୁମୁରା*

ପଶ୍ଚିମ ଓଡିଶାର କଳାହାଣ୍ଡି, ବଲାଙ୍ଗୀର, ସୁନ୍ଦରଗଡ, ଓ କୋରାପୁଟ ଆଦି ଜିଲ୍ଲାମାନଙ୍କରେ ଘୁମୁରା ନୃତ୍ୟ ପରିବେଷିତ ହୋଇଥାଏ । ଏହା ଏକ ଦଳଗତ ନୃତ୍ୟ । ନୃତ୍ୟରେ ବ୍ୟବହାର କରାଯାଉଥିବା ଏକ ବିଶେଷ ବାଦ୍ୟଯନ୍ତ୍ର 'ଘୁମୁରା'କୁ ଆଧାରକରି ଏହି ନୃତ୍ୟ ପରିବେଷିତ ହେଉଥିବାରୁ ଏହାର ଏପରି ନାମକରଣ ହୋଇଥିବା ମନେହୁଏ । ଗୋଟିଏ ମାଠିଆ ଆକୃତିର ମାଟିପାତ୍ରରେ ଗୋଧି ଚମଡା ଲଗାଯାଇ ତିଆରି କରାଯାଇଥାଏ ଏହି ବାଦ୍ୟ । ତେବେ, ଘୁମୁରା ସହିତ

ନିସାନ୍ ଢୋଲ, ତାସା, ତିରିବିଡି, ବଂଶୀ ଆଦି ବାଦ୍ୟ ମଧ୍ୟ ଏଥିରେ ବାଦନ କରାଯାଇଥାଏ । ନୃତ୍ୟ ପରିବେଷଣକାରୀମାନେ ସ୍ୱତନ୍ତ୍ର ବେଶ ହେବା ସହିତ ମୁଣ୍ଡରେ ମରୟରପୁଚ୍ଛ ଧାରଣ କରିଥାନ୍ତି । ଏହି ନାଚରେ ମଙ୍ଗଳାଚରଣ ବା ଦେବୀ ବନ୍ଦନା ପରେ କାହାଣୀଧର୍ମୀ ସଙ୍ଗୀତକୁ ଗୀତ ଆକାରରେ ବୋଲାଯାଏ । ଏହି ଗୀତଗୁଡିକ ସ୍ଥାନୀୟ କବିମାନଙ୍କଦ୍ୱାରା ବିଭିନ୍ନ ପୌରାଣିକ କାହାଣୀକୁ ଆଧାରିତକରି ରଚିତ ହୋଇଥିବା ଦେଖାଯାଏ । ଏଥିରେ ସ୍ୱତନ୍ତ୍ର ଭାବରେ ଜଣେ ଗାୟକ ଥାଆନ୍ତି । ଗାୟକ ଗୀତ ଗାଇବାପରେ ଘୁମୁରା ବାଦକମାନେ ବିଶେଷ ଶୈଳୀରେ ନୃତ୍ୟ ପରିବେଷଣ କରିଥାଆନ୍ତି ।

*ଘୋଡା ନାଚ*

ଘୋଡା ନାଚ ଓଡିଶାର ଏକ ବହୁପରିଚିତ ଲୋକ ନୃତ୍ୟ । ପୂର୍ବ-ଉପକୂଳ ଓଡିଶାର କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ ଚୈତ୍ରମାସ ପୂର୍ଣ୍ଣିମା ଦିନ ସେମାନଙ୍କର ଆରାଧ୍ୟା ଦେବୀ ବାସେଳୀଙ୍କର ପୂଜା ଆରାଧନା ଅବସରରେ ଏହାର ଆୟୋଜନ କରିବା ଦେଖିବାକୁ ମିଳିଥାଏ । ଦେବୀ ବାସେଳୀଙ୍କ ନିକଟରେ ମାଟିତିଆରି ଗୋଟିଏ ଘୋଡାର ମସ୍ତକ ପୂଜାପାଇଥାଏ । କୈବର୍ତ୍ତମାନେ ଏକ ନିଖୁଣ ବାଉଁଶକୁ କାଟି ଘୋଡାର ପାଦହୀନ ଦେହ, ବେକ ଓ ମୁଣ୍ଡର ଏକ ଆକୃତି ତିଆରି କରିଥାନ୍ତି । ପରିବେଷଣକାରୀ ଏହି ଘୋଡା ଭିତରେ ପଶି ତାକୁ ନଚାଇଥାନ୍ତି । ଏହି ନୃତ୍ୟରେ ଢୋଲ, ମହୁରୀ, ଯୋଡିନାଗରା, ଝୁମକା ଆଜି ବାଦ୍ୟ ମଧ୍ୟ ବାଦନ କରାଯାଇଥାଏ, ଏବଂ ଚଢେଆ-ଚଢେଇଆଣୀ ଗୀତ ବୋଲାଯାଇଥାଏ । ଚଢେଆ-ଚଢେଇଆଣୀ ଭୂମିକାରେ ଜଣେ ପୁରୁଷ ଲୋକ ଅଭିନୟ କରିଥାନ୍ତି । ଏମାନେ ନିଜ ଭୂମିକା ଛାଡି ଆବଶ୍ୟକ ହେଲେ ପ୍ରସଙ୍ଗକ୍ରମେ ଅନ୍ୟ ଭୂମିକାରେ ମଧ୍ୟ ଅଭିନୟ କରିପାରନ୍ତି । ଦୁଇଜଣ ଗାୟକ ବିଭିନ୍ନ ପ୍ରଶ୍ନୋତ୍ତର ଛଳରେ ଗୀତ ଗାନକରିଥାନ୍ତି । ଗାୟକମାନେ ପ୍ରଥମେ ଢୋଲ, ମହୁରି ତାନରେ ଗୀତର ପ୍ରଥମ ପଦ ଗାନକରିବା ପରେ, ଶେଷ ପଦଟିକୁ ପାଳିଧରି ନର୍ତ୍ତକ ଘୋଡାଟିକୁ ଧରି ବିଭିନ୍ନ ଅଙ୍ଗଭଙ୍ଗୀ ସହିତ ନୃତ୍ୟ ଆରମ୍ଭ କରିଥାନ୍ତି । ଏଥିରେ ମୁଖ୍ୟତଃ ଦେବୀଙ୍କ ଜନ୍ମ, ବିଭିନ୍ନ ଲୀଳା ଆଦିର ଅବତାରଣା କରିବା ଦେଖାଯାଏ ।

*ବନାବାଡି ବା ଲଉଡି ନୃତ୍ୟ*

ବନା ବାଡି ବା ଗଉର ବାଡି ନୃତ୍ୟ ଗଉଡମାନଙ୍କଦ୍ୱାରା ସେମାନଙ୍କ ଇଷ୍ଟଦେବୀ କିରିକାଛେନ୍ ପୂଜା ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ଏକ ବିଶେଷ ନୃତ୍ୟ । ଧାନକଟା ସରିଯିବା ପରେପରେ କାର୍ତ୍ତିକ ଶୁକ୍ଳପକ୍ଷ ଦଶମୀ ଦିନଠାରୁ ମଗ୍ଧା ଗଉଡମାନେ ସେମାନଙ୍କ ଆରାଧ୍ୟ କିରିକାଛେନ୍ ଦେବୀଙ୍କଠାରୁ ବାଡି, ଘୁଙ୍ଗୁର, ତାଳ, କୁଣ୍ଡି, ବର୍ଚ୍ଛା ବାହାର କରି ନୃତ୍ୟ ଅଭିଯାନ ଆରମ୍ଭକରି ମାଘ ଶୁକ୍ଳ ଦଶମୀ ଦିନରେ ଦେବୀଙ୍କ ଠାରେ ସମସ୍ତ ଅଳଙ୍କରଣ ସମର୍ପଣକରି ଏହାର ସମାପନ କରିଥାନ୍ତି । ଗୋଟିଏ ଗାଁର 'ଗଉର ବାଡି ନାଚ ଦଳ ନିଜନିଜ ଗ୍ରାମରୁ ବାହାରି ପାଲି ଗ୍ରାମମାନଙ୍କରେ ଏହି ନୃତ୍ୟ ଅଭିଯାନ କରିଥାନ୍ତି । ଏହିପରି ଗଉଡମାନେ ବସତି କରିଥିବା ପ୍ରତ୍ୟେକ ଗ୍ରାମରେ ଏହି ନୃତ୍ୟ ଅନୁଷ୍ଠିତ ହୋଇଥାଏ । ପାଲି ଗ୍ରାମମାନଙ୍କରେ ନୃତ୍ୟ ଦଳ ପହଞ୍ଚିଲା ପରେ ସଂପୃକ୍ତ ଗ୍ରାମର ଗଉଡମାନଙ୍କର ମୁଖିଆ ନୃତ୍ୟଦଳକୁ ପାଣିଢାଳ ଧରି ଆମନ୍ତ୍ରଣ କରିଥାନ୍ତି, ଏବଂ ଅତିଥି ଭାବରେ ଚର୍ଚ୍ଚା କରିଥାନ୍ତି । ସଂଧ୍ୟାରେ ଏହି ନୃତ୍ୟ ଦଳ, ଓ ସଂପୃକ୍ତ ଗ୍ରାମର ଗଉଡ ଯୁବକମାନଙ୍କ ମଧରେ 'ବାଡିମରା ବା ବାଡିଖେଳ' ହୋଇଥାଏ । ଦୁଇଜଣ, ଚାରିଜଣ, ଆଠଜଣ ହୋଇ 'ବାଡିମରା ଖେଳ' ଖେଳିଥାନ୍ତି । ଏହା ସହିତ କିଛି ଗୀତର ସଂଯୋଜନା ମଧ୍ୟ ଦେଖାଯାଏ । ଗୋଟିଏ ଦଳ ଅନ୍ୟଦଳକୁ ଆକ୍ରମଣକାରୀ ଭାବରେ ପ୍ରତିରୋଧ କରିବା ସହିତ ଠେଙ୍ଗା ସାହାଯ୍ୟରେ ଭୂଇଁ ଉପରେ ଗଡିଘାଲି ହୋଇ, ବାହୁରେ, ଜଂଘରେ ହାତପିଟି ନିଶମୋଡି ସତର୍କତାର ସହିତ ପ୍ରତିରୋଧ କରିଥାନ୍ତି । ଏହା ଏକ ଜାତଭିତ୍ତିକ ପରିବେଷଣ ହୋଇଥିବାରୁ ଏଥିରେ କେବଳ ଗଉଡମାନେ ତଥା ସ୍ୱ-ଗୋଷ୍ଠୀ ସଦସ୍ୟ ହିଁ ଅଂଶଗ୍ରହଣ କରିବା ଦେଖାଯାଏ । ତେବେ, ସ୍ୱ-ଗୋଷ୍ଠୀ ଭିନ୍ନ ଅନ୍ୟ ଗୋଷ୍ଠୀର ସଦସ୍ୟମାନେ ମଧ୍ୟ ଏହି ନୃତ୍ୟ ପରିବେଷଣକୁ ଉପଭୋଗ କରିଥାଆନ୍ତି । ଅନୁରୂପ ନୃତ୍ୟ ପରିବେଷଣ ଗଞ୍ଜାମ ଅଞ୍ଚଳରେ ମଧ୍ୟ ପରିବେଷିତ ହେବା ଦେଖିବାକୁ ମିଳେ ଯାହା ଲଉଡି ନୃତ୍ୟ ଭାବରେ ପରିଚିତ ।

### *ଝୁମର*

ଝୁମର ନୃତ୍ୟ ଓଡିଶାର ମୟୁରଭଞ୍ଜ, କେଉଁଝର, ଢେଙ୍କାନାଳ, ଆଠଗଡ, ଏବଂ ସୁନ୍ଦରଗଡ ଜିଲ୍ଲାରେ ପରିବେଷିତ ହୋଇଥାଏ । ଓଡିଶା ବାହାରେ ମଧ୍ୟ ଭାରତର ପଶ୍ଚିମବଙ୍ଗ, ପଞ୍ଜାବ, ରାଜସ୍ଥାନ, ଝାଡଖଣ୍ଡ, ନାଗପୁର ଆଦି ଅଞ୍ଚଳରେ ଏହାର 'ପ୍ରକାରନ୍ତର ରୂପ'ଗୁଡିକ ବିଭିନ୍ନ ଲୋକ ଗୋଷ୍ଠୀଦ୍ୱାରା ପରିବେଷିତ ହେବା ଦେଖାଯାଏ । ଏହି ନୃତ୍ୟରେ ଗୀତ ସହିତ ମାଦଳ ଓ ଢୋଲ ପ୍ରଭୃତି ବାଦ୍ୟଯନ୍ତ୍ର ବ୍ୟବହୃତ ହୋଇଥାଏ । ନୃତ୍ୟ ପରିବେଷଣକାରୀମାନେ ଏହାର ପରିବେଷଣକାଳରେ ପାଦରେ ଘୁଙ୍ଗୁର ପିନ୍ଧିଥାନ୍ତି । ଗୀତର ତାଳେ ତାଳେ ମଣ୍ଡଳାକାରରେ ଏହି ନୃତ୍ୟ ପରିବେଷିତ ହୋଇଥାଏ । ଝୁମର ଗୀତରେ ରାଧାକୃଷ୍ଣଙ୍କ ପ୍ରେମଲୀଳା, ଦଧିବିକ୍ରି ଆଦି ଘଟଣା ବର୍ଣ୍ଣିତ ହୋଇଥାଏ । ଏହା ସହିତ ରାମାୟଣ, ମହାଭାରତର ଅନ୍ୟାନ୍ୟ ଘଟଣାବଳୀର ଚିତ୍ର ମଧ୍ୟ ଦେଖିବାକୁ ମିଳେ ।

### *ବଣ୍ଡି ନାଚ*

ଢେଙ୍କାନାଳ ଜିଲ୍ଲା ତଥା ପଶ୍ଚିମ ଓଡିଶାର କେତେକ ଅଞ୍ଚଳରେ ଏହାର ପରିବେଷିତ ହେବା ଦେଖାଯାଏ । ଏହାର କଥାବସ୍ତୁ ହେଲା— ଚନ୍ଦ୍ରଶେଖର ପତ୍ନୀ ବଣ୍ଡି ଦେଖିବାକୁ ସୁନ୍ଦରୀ କିନ୍ତୁ ସେ ବିଧବା । ସେ ଭଲପାଏ ଶ୍ରୀକୃଷ୍ଣଙ୍କୁ । କୃଷ୍ଣ କିନ୍ତୁ ତାକୁ ଭଲନପାଇ ରାଧାକୁ ଭଲପାଇଥିଲେ । ପ୍ରତିଦିନ କୃଷ୍ଣ ବିଭିନ୍ନ ଛଦ୍ମବେଶରେ ଆସନ୍ତି ଚନ୍ଦ୍ରଶେଣା ଘରକୁ ରାଧାଙ୍କ ସହ ମିଳିତ ହେବାପାଇଁ । କେତେବେଳେ ନାପିତୁଣୀ, କେତେବେଳେ ଚିତାକୁଟାଳୀ ଅଥବା କେତେବେଳେ ଭୂତ ଛଡାଇବାକୁ ଗୁଣିଆ ହୋଇ ଉତ୍କଣ୍ଠିତା ବଣ୍ଡି କୃଷ୍ଣଙ୍କ ଆଗମନକୁ ପ୍ରତୀକ୍ଷା କରେ । ଏବଂ, ରାଧାକୃଷ୍ଣଙ୍କ ମିଳନରେ ହିଁ ସେ ନିଜକୁ ସନ୍ତୁଷ୍ଟ କରିନିଏ । ପ୍ରସଙ୍ଗକ୍ରମେ ଦିନେ ଶାଶୁ ଜଟିଳା ବଣ୍ଡିକୁ ଘର ଜଗାଇ ଦେଇ ଯମୁନାକୁ ଗାଧୋଇବାକୁ ଯାଏ । ବଣ୍ଡି କିନ୍ତୁ ରାଧାକୃଷ୍ଣଙ୍କ ମିଳନପାଇଁ ସୁଯୋଗ ସୃଷ୍ଟି କରେ । କୃଷ୍ଣଙ୍କ ସହ ରାଧା ମିଳନପାଇଁ ବଣ୍ଡି ସବୁକିଛି ତ୍ୟାଗ କରିବା ଲାଗି ପ୍ରସ୍ତୁତ । ଏହି କଥାବସ୍ତୁକୁ ଆଧାରକରି ଏହି ନୃତ୍ୟ ପରିବେଷିତ ହୋଇଥାଏ ।

### *ଘୁଡୁକି ନୃତ୍ୟ*

ଘୁଡୁକୀ ନୃତ୍ୟକୁ ଘୁଡୁକି ନାଟ ତଥା କେତେକ ଅଞ୍ଚଳରେ ଧୁଡୁକି ନାଟ ବୋଲି ମଧ୍ୟ କୁହାଯାଏ । ଏହା ନବରଙ୍ଗ ଘୁଡୁକି ଭାବରେ ମଧ୍ୟ ପରିଚିତ । ଏହି ପାରମ୍ପରିକ ପରିବେଷଣଟି ସାଧାରଣତଃ କେଳା ସମ୍ପ୍ରଦାୟର ସଦସ୍ୟମାନଙ୍କଦ୍ୱାରା ପରିବେଷିତ ହୋଇଥାଏ,ଏବଂ ଏହା ସେମାନଙ୍କ ଜୀବିକାର୍ଜନର ଏକ ମାଧ୍ୟମ ମଧ୍ୟ । ଘୁଡୁକି ଏକ ସ୍ୱତନ୍ତ୍ର ବାଦ୍ୟଯନ୍ତ୍ର ଯାହା ସମ୍ପୃକ୍ତ ଲୋକ ଗୋଷ୍ଠୀଦ୍ୱାରା ନିର୍ମିତ ହୋଇଥାଏ । ଏହାର ଆକାର ଫମ୍ପା ଗୋଲକ ଭଳି । ଦୈର୍ଘ୍ୟ ଏକ ଫୁଟ୍ ଏବଂ ବ୍ୟାସାର୍ଦ୍ଧ ଚାରିରୁ ଛଅ ଇଞ୍ଚ । ଖୋଲାମୁହଁର ଗୋଟିଏ ପାର୍ଶ୍ୱରେ ଗୋଧି ଚମଡା ବନ୍ଧା ଯାଇଥାଏ । ଏହି ଗୋଧି ଚମଡାର ଠିକ୍ କେନ୍ଦ୍ରରୁ ଏକ ଛୋଟକାଠି ସାହାଯ୍ୟରେ ତନ୍ତସୂତା ଲଗାଯାଏ । ତନ୍ତସୂତାଟି ଗୋଲମୁହଁ ପଟେ ବାହାରି ଆସି ପ୍ରାୟ ଛଅ ଇଞ୍ଚର ଏକ କାଠିର ମଧ୍ୟ ଭାଗକୁ ସଂଯୁକ୍ତ କରିଥାଏ । କାଠିର ଉଭୟପାର୍ଶ୍ୱରେ ଘୁଙ୍ଗୁର ଲାଗିଥାଏ । ବାଦକ ଏହି ବାଦ୍ୟଯନ୍ତ୍ରକୁ କାଖତଳେ ଜାକିଧରି ଡାହାଣ ହାତ ଆଙ୍ଗୁଳିରେ ତାରକୁ ଟାଣି ଆଙ୍ଗୁଳିଚାଳନା କରି ଶବ୍ଦସୃଷ୍ଟି କରିଥାନ୍ତି । ଧୁଡୁକୀବାଦକ ଗୀତ ଗାଇଗାଇ ସୁତ୍ରଧରର କାର୍ଯ୍ୟ କରିଥାଏ । ତାଙ୍କରି ନିର୍ଦ୍ଦେଶରେ ଦୁଇ-ଚାରି ଜଣ ନୃତ୍ୟ ପରିବେଷଣକାରୀ ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇ କେଳା-କେଳୁଣୀ, ଯୋଗୀ–ଯୋଗୀଆଣୀ, ଶବର-ଶବରୁଣୀ ପ୍ରଭୃତି ଭୂମିକାରେ ଅଭିନୟ କରିଥାନ୍ତି । ଗୀତ ଗାୟନ ମଧରେ ଧୁଡୁକୀ ବାଦନ ଦର୍ଶକମାନଙ୍କୁ ମୁଗଧ କରିଥାଏ ।

### *କାଠି ନାଚ*

କାଠି ନାଚ ଏକ ସ୍ୱତନ୍ତ୍ର ପରିବେଷଣ, ଯାହା ମୟୁରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ ଜିଲ୍ଲାରେ ବିଭିନ୍ନ ଲୋକ ଗୋଷ୍ଠୀଦ୍ୱାରା ପରିବେଷିତ ହୋଇଥାଏ । ଏହି ନୃତ୍ୟରେ ଖିସାଗଛ ଅଥବା କରୁଚି କାଠରେ ତିଆରି ଦୁଇଟି କାଠି ସାହାଯ୍ୟରେ

ଏହା ପରିବେଷିତ ହୋଇଥାଏ । ଏହି କାଠି ଦୁଇଟିର ଦୈର୍ଘ୍ୟ ପ୍ରାୟ ଦେଢହାତ ଏବଂ ପାଞ୍ଚଣ ମୁଠା ଅନୁରୂପ ମୋଟା । ଏଥି ସହିତ, ମାଦଲ ଢୋଲ ଝାଞ୍ଜ ଆଦି ବାଦ୍ୟ ମଧ୍ୟ ବ୍ୟବହୃତ ହୋଇଥାଏ । ଘୁମୁରା ନୃତ୍ୟ ଭଳି ଏହି ପରିବେଷଣରେ ଗୀତ ପରିବେଷଣ କରୁଥିବା ବ୍ୟକ୍ତି ନୃତ୍ୟ ପରିବେଷଣ କରିନଥାନ୍ତି । ନୃତ୍ୟ ପରିବେଷଣକାରୀମାନେ ଗୀତ ଏବଂ ବାଦ୍ୟର ତାଳେତାଳେ ବୃତ୍ତାକାରରେ ବାମରୁ ଡାହାଣକୁ ଡାହାଣରୁ ବାମକୁ ନୃତ୍ୟ ପରିବେଷଣ କରିବା ଦେଖାଯାଏ ।

*ରଣପା*

ରଣପା ଏକ ବିଶେଷ ଧରଣର ପାରମ୍ପରିକ ନୃତ୍ୟ । ଚାଙ୍ଗୁ ସହିତ ଢୋଲ କାଠ କରତାଳି ଆଦି ଏଥିରେ ବାଦ୍ୟ ପରିବେଷଣ ନିମିତ୍ତ ବ୍ୟବହୃତ ହୋଇଥାଏ । ଏହା ସହିତ ପ୍ରତ୍ୟେକ ପରିବେଷଣକାରୀ ରଣପା ବାଡି ବ୍ୟବହାର କରିଥାନ୍ତି । ଏହି ରଣପା ବାଡି ସ୍ୱତନ୍ତ୍ର ଭାବରେ ନିର୍ମିତ ହୋଇଥାଏ । ଏକ ପାଞ୍ଚ୍‌ଫୁଟ୍ ଲମ୍ବର ବାଡିରେ ଫୁଟେ ଉପରକୁ ପାଦ ରଖିବାପାଇଁ ଆଉରି ଏକ ବାଡି ଭୂ-ସମାନ୍ତରାଳରେ ସଂଯୋଜିତ ହୋଇଥାଏ । ନୃତ୍ୟ ପରିବେଷଣକାରୀ ଦୁଇଟି ରଣପା ବାଡିର ଏହି ଭୂ-ସମାନ୍ତରାଳ ବାଡିରେ ପାଦ ରଖିବା ସହିତ ନୃତ୍ୟ କରିବାକୁ ହୋଇଥାଏ । ଗଞ୍ଜାମ ଅଞ୍ଚଳରେ ପରିବେଷିତ ହେଉଥିବା ଏହି ନୃତ୍ୟ ବିଭିନ୍ନ ଶୈଳୀରେ ପରିବେଷିତ ହୋଇଥାଏ ଯେପରି— କୃଷ୍ଣ ଶୈଳୀ, ମୟୁର ଶୈଳୀ, ଚଢେୟା ଶୈଳୀ ଏବଂ କାଣ୍ଡ ନୃତ୍ୟ ଶୈଳୀ । କୃଷ୍ଣ ଶୈଳୀରେ ନୃତ୍ୟ ପରିବେଷଣ ସମୟରେ ପରିବେଷଣକାରୀମାନେ ଡାହାଣ ଗୋଡ ବାମ ଗୋଡର ପଛକୁ ଆଣନ୍ତି, ଏବଂ ନୃତ୍ୟର ତାଳ ରକ୍ଷାକରି ନାଚିଥାନ୍ତି । ମୟୁର ଶୈଳୀରେ ମୟୁରର ପଦପାତକୁ ଅନୁସରଣ କରାଯାଇଥାଏ ଏବଂ ଚଢେୟା ଶୈଳୀରେ ଚଢେୟା ନାଚର ଶୈଳୀ ଅନୁସୃତ । ସେହିପରି, କାଣ୍ଡ ନୃତ୍ୟ ଶୈଳୀରେ ନୃତ୍ୟ ପରିବେଷଣକାରୀମାନେ କାଣ୍ଡପରି ଝୁଲିଥାଆନ୍ତି । ଏହି ପରିବେଷଣକୁ ପଦ୍ମଶ୍ରୀ ଭଗବାନ ସାହୁ ବିକଶିତ କରିଥିବା ଆଲୋଚକମାନେ ଉଲ୍ଲେଖ କରନ୍ତି, ଅର୍ଥାତ୍ ଏହାପୂର୍ବରୁ ଏହି ନୃତ୍ୟ ପରମ୍ପରା ଗଞ୍ଜାମ ଅଞ୍ଚଳରେ ନଥିଲା । ଏବଂ, ଭଗବାନ ସାହୁଙ୍କ ପ୍ରୟାସରେ ଏହା ବିଶ୍ୱସ୍ତରରେ ପ୍ରସିଦ୍ଧି ପାଇଥିବା କଥା ମଧ୍ୟ କୁହାଯାଏ । ଏସବୁ ଏଠାରେ ଉଲ୍ଲେଖ କରିବାର କାରଣ ହେଲା ଏହା ଏକ ନିର୍ଦ୍ଦିଷ୍ଟ ଲୋକ ଗୋଷ୍ଠୀରେ କିପରି ପ୍ରସଙ୍ଗ ଏବଂ ପରିସ୍ଥିତି କ୍ରମେ ନୂତନ ଲୋକ ନୃତ୍ୟ ବିକାଶ ଲାଭକରେ ତାହାର ଏହା ଏକ ସ୍ପଷ୍ଟ ଉଦାହରଣ । କାରଣ, ଏହା ପୂର୍ବରୁ ଏହି ନୃତ୍ୟ ଭାରତର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଲୋକ ଗୋଷ୍ଠୀଦ୍ୱାରା ପାରମ୍ପରିକ ଭାବରେ ପରିବେଷିତ ହେଉଛି ବା ହୋଇ ଆସୁଛି । ଏପରିକି, ଓଡିଶାର କଳାହାଣ୍ଡି, ନବରଙ୍ଗପୁର ତଥା ଅବିଭକ୍ତ ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମଧ୍ୟ ଏହାର ପାରମ୍ପରିକ ପରିବେଷଣ ଦେଖିବାକୁ ମିଳେ । ସମ୍ପୃକ୍ତ ଅଞ୍ଚଳରେ ଏହି ପରିବେଷଣ ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟା ଦିନଠାରୁ ସପ୍ତପୁରୀ ଅମାବାସ୍ୟା ପର୍ଯ୍ୟନ୍ତ ପରିବେଷିତ ହୋଇଥାଏ । ଏହା ଡୁକେର ଖେଦା ଭଳି ସାମାଜିକ ଅନୁଷ୍ଠାନ ସହିତ ମଧ୍ୟ ସମ୍ପୃକ୍ତ । ଏବଂ, ସପ୍ତପୁରୀ ଅମାବାସ୍ୟା ଦିନ ନୃତ୍ୟ ପରିବେଷଣକାରୀମାନେ କୌଣସି ଏକ ଉଇହୁଙ୍କାରେ ନିଜନିଜ ଗେଡି ବା ରଣପା ବାଡିଗୁଡିକୁ ଭାଙ୍ଗି ପୋତିଦେଇଥାନ୍ତି । ଫଳସ୍ୱରୂପ, ରୋଗବଇରାଗର ଦେବୀ ଡୁକେଇ ଏହା ସହିତ ଚାଲିଯାଆନ୍ତି, ଏବଂ ରୋଗଶୋକରୁ ମୁକ୍ତି ମିଳେ ବୋଲି ଏହି ଅଞ୍ଚଳର ସମ୍ପୃକ୍ତ ଲୋକ ଗୋଷ୍ଠୀର ସଦସ୍ୟମାନେ  ବିଶ୍ୱାସ ବି କରିଥାନ୍ତି । ଏହି ନୃତ୍ୟଗୁଡିକ ବ୍ୟତୀତ, ଓଡିଶାର ପ୍ରତ୍ୟେକ ଅଞ୍ଚଳରେ ତଥା ବିଭିନ୍ନ ଆଦିବାସୀ ଅଣ-ଆଦିବାସୀ  ଲୋକ ଗୋଷ୍ଠୀରେ ଆହୁରି ଅନେକ ନୃତ୍ୟ ପାରମ୍ପରିକ ଭାବରେ ପରିବେଷିତ ହେଉଛି ତଥା ହୋଇଆସୁଛି ।

### ୪.୨.୧.୩ ଲୋକ ନୃତ୍ୟର ବୈଶିଷ୍ଟ୍ୟ

ଏଠାରେ ଆମେ ପାରମ୍ପରିକ ନୃତ୍ୟ କ'ଣ, ଏହାର ବିଭିନ୍ନ ଅବଧାରଣା ସମ୍ପର୍କରେ ଆଲୋଚନା କରିବା ସହିତ ଓଡିଶାର ଉଭୟ ଆଦିବାସୀ ଓ ଅଣ-ଆଦିବାସୀଗୋଷ୍ଠୀରେ ପ୍ରଚଳିତ ବିଭିନ୍ନ ନୃତ୍ୟକୁ 'ଧାର୍ମିକ ଅନୁଷ୍ଠାନରେ ପରିବେଷିତ ନୃତ୍ୟ', 'ପର୍ବପର୍ବାଣିରେ ପରିବେଷିତ ନୃତ୍ୟ', 'ଆମୋଦପ୍ରମୋଦଭିତ୍ତିକ ନୃତ୍ୟ', ଏବଂ 'ପ୍ରଜାତିକ ନୃତ୍ୟ' ଭାବରେ ବିଭାଗୀକରଣ କରି କେତୋଟି ନୃତ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା କଲେ । ଏହି ନୃତ୍ୟଗୁଡିକ ସମ୍ପୃକ୍ତ ଲୋକ ଗୋଷ୍ଠୀର

ସଦସ୍ୟମାନଙ୍କଦ୍ୱାରା ବିଭିନ୍ନ ପ୍ରସଙ୍ଗରେ ତଥା ବିଭିନ୍ନ ପରିବେଶରେ କେବଳ ମନୋରଞ୍ଜନ ପାଇଁ ନୁହେଁ ଏକ ସାମାଜିକ ଏବଂ ସାଂସ୍କୃତିକ ଆବଶ୍ୟକତା ଭାବରେ ଦଳଗତ ଭାବରେ ପରିବେଷିତ ହୋଇଆସୁଛି । ପରିଶେଷରେ, ଲୋକ ନୃତ୍ୟର କେତେକ ବୈଶିଷ୍ଟ୍ୟକୁ ଏପରି ଭାବରେ ସୂଚିତ କରାଯାଇପାରେ ଯେ,

- ଅନ୍ୟାନ୍ୟ ଲୋକ ଉପାଦାନ ଭଳି ଲୋକ ନୃତ୍ୟଗୁଡିକ ମଧ୍ୟ ପାରମ୍ପରିକ ଭାବରେ ସ୍ଥାନୀୟ ଲୋକ ଗୋଷ୍ଠୀରେ ପରିବେଷିତ ହୋଇଥାଏ, ଏବଂ ଏଥିରେ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟ ହିଁ ଅଂଶଗ୍ରହଣ କରିଥାନ୍ତି ।

- ଲୋକ ନୃତ୍ୟ ପରିବେଷଣଧାରା କେହି କାହାକୁ ବିଧିବଦ୍ଧ ଭାବରେ ଶିଖାଇନଥାନ୍ତି । ଅନ୍ୟ ସଦସ୍ୟଙ୍କ ପାରମ୍ପରିକ ପରିବେଷଣରୁ ହିଁ ଆଉ ଜଣେ ସଦସ୍ୟ ଏହା ଶିକ୍ଷା କରିଥାନ୍ତି । ତେବେ, କେତେକ କ୍ଷେତ୍ରରେ କିଛି ଦକ୍ଷ ପରିବେଷଣକାରୀ ଅନ୍ୟମାନଙ୍କୁ ଏହା ପାରମ୍ପରିକ ଭାବରେ ଶିକ୍ଷା ଦେବା ମଧ୍ୟ ଦେଖାଯାଏ ।

- କେବଳ ମନୋରଞ୍ଜନ ପାଇଁ ନୁହେଁ କେତେକ ଉତ୍ସବ, ପର୍ବପର୍ବାଣିରେ ଏହା ଏକ ସାମାଜିକ ଆବଶ୍ୟକତା ଭାବରେ ମଧ୍ୟ ପରିବେଷିତ ହୋଇଥାଏ । ଏବଂ, ଏହି ପରିବେଷଣରେ ଅଂଶଗ୍ରହଣ କରିବା ପବିତ୍ର ତଥା ଶୁଭ ମଧ୍ୟ ମନେ କରାଯାଇଥାଏ ।

- ଲୋକ ନୃତ୍ୟରେ ଗୀତ ସହିତ ବିଭିନ୍ନ ପାରମ୍ପରିକ ବାଦ୍ୟଯନ୍ତ୍ରର ଉପଯୋଗ ମଧ୍ୟ ହୋଇଥାଏ । ଏହି ବାଦ୍ୟଯନ୍ତ୍ରଗୁଡିକ ସମ୍ପୃକ୍ତ ଲୋକ ଗୋଷ୍ଠୀର ସଦସ୍ୟଙ୍କଦ୍ୱାରା ହିଁ ନିର୍ମିତ ହୋଇଥାଏ ।

- କେତେକ ନୃତ୍ୟରେ ବିଧିବଦ୍ଧ ଭାବରେ ଏକ କାହାଣୀ ବା କଥାବସ୍ତୁର ପରିବେଷଣ ହେବା ଦେଖାଯାଏ ଯାହା ପରିବେଷଣଟିକୁ ନାଟକର ପ୍ରତୀତି ଆଣିଥାଏ ।

- ଲୋକ ନୃତ୍ୟଗୁଡିକ ସାଧାରଣତଃ ସମ୍ପୃକ୍ତ ଲୋକ ଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରେ, ବେଳେବେଳେ ସମାନ ଭୌଗୋଳିକ ତଥା ଭାଷିକ କ୍ଷେତ୍ରର ଅନ୍ୟ ଲୋକ ଗୋଷ୍ଠୀରେ ମଧ୍ୟ ପରିବେଷିତ ହୋଇଥାଏ । ଏହା ମୁକ୍ତ ମଞ୍ଚ, ନଚେତ୍ ଉପଯୁକ୍ତ ମନେକରାଯାଉଥିବା ଯେକୌଣସି ସ୍ଥାନରେ ପରିବେଷିତ ହୋଇଥାଏ ।

### ୪.୨.୨ ଲୋକ ନାଟକ

ଆଦିମାନବ ଜୀବିକାର୍ଜନ କ୍ଷେତ୍ରରୁ ଅବସର ନେଇ ନିଜ ନିଜ ମଧରେ ନାଚିକୁଦି, ହସିଖେଳି ସମୟ ଅପନୋଦନ କରୁଥିଲା । ସେହି ନାଚକୁଦ, ହସଖେଳ ମଧରେ ସେ ଆତ୍ମବିଭୋର ହୋଇଉଠୁଥିଲା ତାକୁ ଆହୁରି ରସମୟ କରିବା ଇଚ୍ଛାରେ ସେଥିରେ ମନଇଚ୍ଛା ଗୀତ, ଅଙ୍ଗଭଙ୍ଗୀ ବା ଅଭିନୟ ସଂଯୋଗ କରିବାକୁ ପ୍ରୟାସ କରିଥିଲା ଯାହାର ପରିବର୍ତ୍ତିତ ତଥା ବିକଶିତ ରୂପ ହେଉଛି ଲୋକ ନାଟକ । ଲୋକ ନାଟକର ମଞ୍ଚ ହେଉଛି ମୁକ୍ତ ମଞ୍ଚ । ଗାଁ ଦାଣ୍ଡରେ, ମନ୍ଦିର ପ୍ରାଙ୍ଗଣରେ, କିମ୍ବା ନିକଟସ୍ଥ ଖୋଲା ପଡିଆରେ ଏହା ସାଧାରଣତଃ ପରିବେଷିତ ହୋଇଥାଏ । ସେହିପରି, ଏହି ପରିବେଷଣରେ ସାଧାରଣତଃ ସମ୍ପୃକ୍ତ ଲୋକ ଗୋଷ୍ଠୀର ସଦସ୍ୟ ହିଁ ଅଂଶଗ୍ରହଣ କରିଥାନ୍ତି । ତେବେ, ସମଭାଷାଭାଷି ଅଞ୍ଚଳରେ ଗୋଟିଏ ଲୋକ ଗୋଷ୍ଠୀର ପାରମ୍ପରିକ ନାଟକ ଅନ୍ୟ ସହାବସ୍ଥିତ ଲୋକ ଗୋଷ୍ଠୀରେ ମଧ୍ୟ ପରିବେଷିତ ହେବା ଦେଖାଯାଏ ।

#### *୪.୨.୨.୧ ଅବଧାରଣା ଓ ସଂଜ୍ଞା*

ଲୋକ ନାଟକ କ'ଣ ତଥା ଏହାର ବିଭିନ୍ନ ଦିଗ ସମ୍ପର୍କରେ ଓଡିଆ ଲୋକଧାରା ଆଲୋଚନାର ଅନେକ ବିଦ୍ୱାନ୍ ନିଜନିଜ ଅଧ୍ୟୟନ ଆଉ ଦୃଷ୍ଟିକୋଣରୁ ପରିଭାଷିତ କରିଛନ୍ତି ତଥା ନିଜ ନିଜ ଅବଧାରଣା ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଯେପରି—

"ଲୋକ ନାଟକ ଯାହା ଲୋକଙ୍କ ଦ୍ୱାରା ଲୋକମାନଙ୍କ ପାଇଁ ପରିକଳ୍ପିତ ହୋଇଥାଏ, ଏବଂ ଏକାନ୍ତ ଭାବେ ଲୋକମାନଙ୍କର ହୋଇଥାଏ, ତାହାକୁ ଲୋକ ନାଟକ କୁହାଯାଇପାରିବ । ଅର୍ଥାତ୍ ଜନ ସମ୍ପୃକ୍ତି ଏହାର ପ୍ରଥମ ବୈଶିଷ୍ଟ୍ୟ । ଏ ଜନ କେଉଁମାନେ ? ଜ୍ଞାନର ଭାରରେ ସଦା ଅବନତ ବାଗ୍‌ଜାଲରେ ସମଗ୍ର ବିଶ୍ୱକୁ ଆବଦ୍ଧ କରୁଥିବା, ବିଦଗ୍ଧ ପଣ୍ଡିତ ମଣ୍ଡଳୀ ଏମାନେ ନୁହନ୍ତି । ବରଂ ପେଟ ଚାଖଣ୍ଡକ ପାଇଁ ଉଦୟାସ୍ତ ଖଟୁଥିବା ଏବଂ ପେଟର କଥାକୁ ପାଟିରେ ପ୍ରକାଶ କରୁଥିବା, ଏ ଦେଶର ସଂଖ୍ୟାଗରିଷ୍ଠ ଖଟିଖିଆ, ଶ୍ରମଜୀବୀ ଜନତା ହିଁ ଏହାର ଅନ୍ତର୍ଭୁକ୍ତ" (ଦାସ ୨୦୦୧, ୨) ।

"ଲୋକର ଅର୍ଥ ସାଧାରଣ ଜନତା । ସେମାନଙ୍କ ନାଟକ କହିଲେ ପ୍ରତ୍ୟେକ ନାଟକକୁ ବୁଝାଯିବ । ଏଥିରେ ପାରମ୍ପରିକ ନାଟକଠାରୁ ପରୀକ୍ଷାଧର୍ମୀ ନାଟକ ପର୍ଯ୍ୟନ୍ତ ପ୍ରତ୍ୟେକ ନାଟକକୁ ପର୍ଯ୍ୟାୟଭୁକ୍ତ କରାଯାଇପାରେ । ତେଣୁ ଗ୍ରାମ ଓ ସହରର ଅଜସ୍ର ଜନତା ଏକାଠି ବସି ଯେଉଁ ନାଟକକୁ ଉପଭୋଗ କରନ୍ତି ତାହା ହିଁ ଲୋକ ନାଟକ ନାମରେ ନାମିତ" (ନାୟକ ୨୦୦୧,୧୪) ।

"ନୃତ୍ୟ, ଗୀତ, ଏବଂ ଅଭିନୟର ତ୍ରିବେଣୀ ସଙ୍ଗମ ଲୋକ ନାଟକରେ ଘଟିଥାଏ । ଆତ୍ମବିନୋଦନ ନିମିତ୍ତ ସୃଷ୍ଟିଲାଭ କରିଥିବା ଏହା ଏକ କଳାତ୍ମକ ବିଭାଗ । ଏଥିରେ ଗ୍ରାମୀଣ ଜନତା ନିଜକୁ ପ୍ରକାଶିତ କରିବାର ସୁଯୋଗ ଲାଭ କରିଥାନ୍ତି। ଗ୍ରାମ୍ୟ ପରିବେଶ, ସରଳ ନିଷ୍କପଟ ଜୀବନର ଛନ୍ଦ, ଲୋକ ବିଶ୍ୱାସ, ଚଳଣି, ଦେବଦେବୀଙ୍କ ପ୍ରତି ଭୟ ଏବଂ ଭକ୍ତି, ପୂଜା ପର୍ବପର୍ବାଣି ଆଦିର ସାଂସ୍କୃତିକ ଚିତ୍ର ଯେତେବେଳେ ନୀଚ-ଗୀତ-ଅଭିନୟ ମାଧ୍ୟମରେ ଗ୍ରାମ୍ୟ ମଞ୍ଚରେ ରୂପାୟିତ ହୁଏ, ତାକୁ ଆମେ ଲୋକ ନାଟକ କହିଥାଉ । ଅର୍ଥାତ୍ ସାଧାରଣ ଲୋକଙ୍କ ଦ୍ୱାରା, ସାଧାରଣ ଲୋକଙ୍କ ପାଇଁ ସାଧାରଣ ଭାଷାରେ ଯେତେବେଳେ ନାଟ୍ୟକର୍ମଟି ସାଧାରଣ ଭାବରେ ଅଭିନୀତ ହୁଏ, ତାକୁ ଆମେ 'ଲୋକନାଟକ' କହିଥାଉ" (ସାହୁ ୨୦୦୯, ୨-୩) ।

ଏହି ସବୁ ଅବଧାରଣା ତଥା ସଂଜ୍ଞା ବ୍ୟତୀତ ଆମେ କିଛି ଅନ୍ୟ ଲୋକତତ୍ତ୍ୱବିଦ୍‌ଙ୍କ ଲୋକ ନାଟକ ସମ୍ପର୍କିତ ପରିଭାଷା ସମ୍ପର୍କରେ ମଧ୍ୟ ଅବଗତ ହେବା ଯାହା ଆମର ଲୋକ ନାଟକ ସମ୍ପର୍କିତ ଅବଧାରଣାକୁ ବ୍ୟାପକ କରିପାରିବ । ଯେପରି, ବ୍ରିଟିଶ୍ ଲୋକତତ୍ତ୍ୱବିଦ୍ ବ୍ରୁନବାନ୍ଦ୍ ଲୋକ ନାଟକକୁ— "Folk drama includes plays that are traditionally transmitted, usually for regular performance…" (Brunvand 1978, 267) ଭାବରେ ପରିଭାଷିତ କରନ୍ତି । ସେହିପରି, ଲୋକ ନାଟକ ସମ୍ପର୍କରେ ଲୋକତତ୍ତ୍ୱବିଦ୍ ମିକାଇଲଙ୍କର ଅବଧାରଣା ହେଉଛି "A theatrical performance given for a specific and cohesive group of people, wherein the actors and the audience are conscious of both their roles in the performance and their shared identity as group members. The form that the drama takes varies, the most common being performances by human actors; but folk dramas also rely upon pantomime, puppetry, shadow figures, or any combination of these forms" (Taft 2006, 439) ।

ଲୋକ ନାଟକ ସମ୍ପର୍କରେ ବିଶଦ ଭାବରେ ଗବେଷଣା କରିଥିବା ଲୋକତତ୍ତ୍ୱବିଦ୍ ଷ୍ଟିଭସ୍ ତିଲିସ୍‌ଙ୍କ ଅନୁଶୀଳନ ଉଲ୍ଲେଖନୀୟ । ସେ ଲୋକ ନାଟକକୁ "…folk drama is theatrical performance, within a frame of make-believe action shared by performers and audience, that is not fixed by authority but is based in living tradition and displays lesser or greater variation in its repetition of this tradition; its performance, enacted over time and space with practices of design, movement, speech, and/or music, engenders and/or enhances a sense of communal identity among those who participate in its delivery and reception" (Tillis 1999, 140) ଭାବରେ ପରିଭାଷିତ କରନ୍ତି । ଅନୁରୂପ ଭାବରେ, ଥୋମାସ୍ ମଧ୍ୟ ଲୋକ ନାଟକକୁ ପରିଭାଷିତ କରନ୍ତି "There is no traditional drama. There are only traditional performances that are more or less dramatic and dramatic performances that are more or less traditional;

there are also traditional dramatic activities that are more or less performances. And the theoretical ideal is the optimum combination of these elements (traditional, dramatic, performance) rather than the maximum degree of any one of them" (Pettit 2011, 392)।

ଏହିସବୁ ସଂଜ୍ଞା ଏବଂ ପରିଭାଷାକୁ ଆଧାରକରି ଆମର ସହଜ ଅବଧାରଣା ପାଇଁ ଏଠାରେ ଲୋକ ନାଟକକୁ ଏପରି ଭାବରେ ପରିଭାଷିତ କରିପାରିବା—

ଯେଉଁ ନାଟକ ପାରମ୍ପରିକ, ଏବଂ ଅଣ-ଆନୁଷ୍ଠାନିକ ଭାବରେ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟଙ୍କଦ୍ୱାରା ସ୍ୱ - ଗୋଷ୍ଠୀ ଦର୍ଶକଙ୍କ ମଧ୍ୟରେ ପରିବେଷିତ ହୋଇଥାଏ ତାହା ଲୋକ ନାଟକ । ଗୋଷ୍ଠୀ ମଧ୍ୟରେ ବିଭିନ୍ନ ସ୍ଥାନରେ ବିଭିନ୍ନ ପରିବେଷଣକାରୀମାନଙ୍କଦ୍ୱାରା ଏହା ପରିବେଷିତ ହେଲାବେଳେ ସମାନ କଥାବସ୍ତୁର ନାଟକରେ ମଧ୍ୟ ଆଖ୍ୟାନରେ ନୂତନ ସଂଯୋଜନା ହେବା ସହିତ ଅଳ୍ପବହୁତ ପରିବର୍ତ୍ତନ ଯୋଗୁଁ ଅନେକ 'ପ୍ରକାରାନ୍ତର ରୂପ' ତଥା 'ଭିନ୍ନ ରୂପ' ଦେଖିବାକୁ ମିଳିଥାଏ । ଏବଂ, ପରିବେଷଣରେ ସମ୍ପୃକ୍ତ ଲୋକ ଗୋଷ୍ଠୀର ଅନ୍ୟ ସଦସ୍ୟଙ୍କ ମଧ୍ୟ ପ୍ରତ୍ୟକ୍ଷ ତଥା ପରୋକ୍ଷ ଅଂଶଗ୍ରହଣ କରିବାର ସୁଯୋଗ ଥାଏ ।

### *୪.୨.୨.୨ ବିଭାଗୀକରଣ*

ଲୋକ ନାଟକକୁ ଆଲୋଚକମାନେ ବିଭିନ୍ନ ଭାବରେ ବିଭାଗୀକରଣ କରିଛନ୍ତି ଯେପରି—ସର୍ବେଶ୍ୱର ଦାସ ଏହାକୁ ୧. ସଂଳାପ ବିହୀନ ଗୀତନୃତ୍ୟ ସର୍ବସ୍ୱ ଲୋକ ନାଟ୍ୟ, ଏବଂ ୨. ସଂଳାପଯୁକ୍ତ, ସଂଗୀତବହୁଳ ଏବଂ ନାଟକୀୟ ଆଙ୍ଗିକ ସମ୍ପୂର୍ଣ୍ଣ ଲୋକ ନାଟକ ଭାବରେ ବିଭକ୍ତ କରିଛନ୍ତି । ସେ ଲୀଳା, ସୁଆଙ୍ଗ, ଗୀତିନାଟ୍ୟ, ଗୀତାଭିନୟ ଓ ମୋଗଲ ତାମସାକୁ ଦ୍ୱିତୀୟ ପର୍ଯ୍ୟାୟରେ ଏବଂ ଅନ୍ୟାନ୍ୟ ସମସ୍ତ ନାଟ, ନାଚକୁ ପ୍ରଥମ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରିଅଛନ୍ତି (ଦାସ ୧୯୯୪, ୫) । ଏହିପରି, ରବି ନାୟକ ଓଡିଆ ଲୋକ ନାଟକକୁ ୧. ନାଚ, ନାଟ, ସୁଆଙ୍ଗ, ୨. ଲୀଳା, ୩. ଗୀତାଭିନୟ ଓ ଗୀତିନାଟ୍ୟ, ୪. ଫାର୍ଶ, ତାମସା, ପ୍ରହସନ, ଏବଂ ୫. ଆଧୁନିକ ଯାତ୍ରା ବା ଯାତ୍ରା ନାଟକ ଭାବରେ ବିଭକ୍ତ କରିଛନ୍ତି (ନାୟକ ୨୦୦୧, ୧୮) । କାର୍ତ୍ତିକ ରଥ ଲୋକ ନାଟକକୁ ତାଙ୍କର *ଓଡିଶାର ଲୋକନାଟ୍ୟ ପରମ୍ପରା* ଗ୍ରନ୍ଥରେ ୧. ସଂଗୀତ ପ୍ରଧାନ ଲୋକ ନାଟକ, ୨. ନୃତ୍ୟ ପ୍ରଧାନ ଲୋକ ନାଟକ, ଏବଂ ୩. ନୃତ୍ୟ-ସଂଗୀତର ସମାବେଶ ସହ ସଂଳାପ ଓ ଅଭିନୟ ପ୍ରଧାନ ଲୋକ ନାଟକ ଭାବରେ ବିଭକ୍ତ କରିଥିବାବେଳେ (ରଥ ୨୦୦୧, ଗ), ହେମନ୍ତ କୁମାର ଦାସ ଏଗୁଡିକୁ ତାଙ୍କର "ଓଡିଆ ଲୋକ ନାଟକ" ପ୍ରବନ୍ଧରେ ୧, ବ୍ୟବସାୟିକ, ୨. ବର୍ଣ୍ଣନାଧର୍ମୀ, ୩, ଆଧ୍ୟାତ୍ମିକ, ଏବଂ ୪. ପିତୁଳା ନାଚ ଭାବରେ ବିଭକ୍ତ କରିବା ସହ ପରିବେଷଣ ଶୈଳୀଦୃଷ୍ଟିରୁ କାହାଣୀ ପ୍ରଧାନ, ଏବଂ ନୃତ୍ୟ ପ୍ରଧାନ ନାଟକ ଭାବରେ ମଧ୍ୟ ବିଭକ୍ତ କରିଛନ୍ତି (ଦାସ ୨୦୧୨, ୧୨-୧୩) ।

ଓଡିଶାରେ ଛଉ, ପାଲା, ଦାସ କାଠି, କଣ୍ଢେଇ ନାଟ, ଦଣ୍ଡ ନାଟ, କୃଷ୍ଣ ଲୀଳା, ରାମ ଲୀଳା, ପାଟୁଆ ଯାତ୍ରା, ଧନୁଯାତ୍ରା, ଭାରତ ଲୀଳା, କୃଷ୍ଣ ଲୀଳା, ବାଘ ନାଟ, ବଣ୍ଡି ନାଟ, ଦେଶିଆ ନାଟ, ପ୍ରହ୍ଲାଦ ନାଟ, ଓ ଯାତ୍ରା ପ୍ରଭୃତି ଅନେକ ପ୍ରକାରର ପାରମ୍ପରିକ ପରିବେଷଣ ଦେଖିବାକୁ ମିଳେ । ଲୋକ ନାଟକକୁ ନାଟ, ଲୀଳା, ସୁଆଙ୍ଗ, ଗୀତାଭିନୟ, ଫାର୍ସ-ପ୍ରହସନ ଆଦି ବିଭିନ୍ନ ବିଭାଗରେ ଆଲୋଚକମାନେ ବିଭକ୍ତ କରନ୍ତି । ତେବେ. ସମ୍ପ୍ରତି "ଓଡିଶାରେ ଲୀଳା, ଯାତ୍ରା, ଗୀତିନାଟ୍ୟ ପ୍ରଭୃତିରେ କୌଣସି ପାର୍ଥକ୍ୟ ଦେଖାଯାଏ ନାହିଁ" (ଦାସ ୧୯୮୯, ୭୪) ସେହିପରି, "ସୁଆଙ୍ଗ, ଲୀଳା, ଏବଂ ଯାତ୍ରା ସମାର୍ଥକ" (ଦାସ ୧୯୮୯, ୧୩୯) । ଅନୁରୂପ ଭାବରେ, ସାହିଯାତ, ପାଟୁଆ ଯାତ୍ରା, ଧନୁଯାତ୍ରା, କଣ୍ଢେଇ ନାଟ, ଏବଂ ଦଣ୍ଡ ଆଦି ପାରମ୍ପରିକ ପରିବେଷଣକୁ ମଧ୍ୟ ଲୋକ ନାଟକ ଭାବରେ ଆଲୋଚନା କରିବା ଦେଖାଯାଏ । ଏହିସବୁ ପାରମ୍ପରିକ ପରିବେଷଣକୁ ତତ୍ତ୍ୱଦୃଷ୍ଟିରୁ ନାଟକ ଭାବରେ ଗ୍ରହଣକରାଯାଇନପାରେ, ବରଂ ଏଗୁଡିକ ସାମାଜିକ ରୀତିନୀତି ଆଧାରିତ ପାରମ୍ପରିକ ପ୍ରଦର୍ଶନ ବା ପରିବେଷଣ । ଅତଏବ, ଏଠାରେ ଏକ ଶୃଙ୍ଖଳିତ ଆଲୋଚନା ପାଇଁ ଆମେ ଲୋକ ନାଟକକୁ

ନାଟ, ଲୀଳା, ସୁଆଙ୍ଗ, ଗୀତାଭିନୟ, ଫାର୍ସ-ପ୍ରହସନ, ଆଦି ପ୍ରଚଳିତ ବିଭାଗୀକରଣ ସହିତ କିଛି ଉପାଦାନକୁ ଅନ୍ୟାନ୍ୟ ପାରମ୍ପରିକ ପରିବେଷଣ ଭାବରେ ବିଭକ୍ତକରି ଆଲୋଚନା କରିପାରିବା—

### ୪.୨.୨.୨.୧ ନାଟ

ଲୋକ ନାଟକର ଏକ ସ୍ୱତନ୍ତ୍ର ପରିପ୍ରକାଶ ଭାବରେ ଏଠାରେ ଦେଶିଆ ନାଟ, ପ୍ରହଲ୍ଲାଦ ନାଟ, ଏବଂ ପଶ୍ଚିମ ଓଡିଶାରେ ପରିବେଷିତ ହେଉଥିବା ଦଣ୍ଡ ନାଟ ସମ୍ପର୍କରେ ପ୍ରଥମେ ଆଲୋଚନା କରାଯାଉଛି । ସେହିପରି, ସୀତା ବିବାହ, ରାବଣ ବଧ, ଲଙ୍କା ଦହନ, ରାମ(ଲୀଳା)ନାଟକ, କଂସବଧ, ଭାରତ(ଲୀଳା)ନାଟକ ଆଦି ନାଟ୍ୟ ପରିବେଷଣ ଯାହା ରୀତିନୀତି ବିହୀନ, ଏକକାଳୀନ ଅର୍ଥାତ୍ ଗୋଟିଏ ରାତ୍ରରେ ହିଁ ପରିବେଷିତ ହେଉଥିବା ନାଟକ ଆଦିକୁ ମଧ୍ୟ ଏହି ଶ୍ରେଣୀରେ ଗ୍ରହଣ କରାଯାଇପାରିବ । ଏହି ନାଟକଗୁଡିକର ପରିବେଷଣକୁ ସୁଆଙ୍ଗଠୁ ସମ୍ପୂର୍ଣ୍ଣ ଭିନ୍ନ କରିବା ସହଜ ମନେହୋଇନପାରେ ତେବେ, ବିଷୟ ପରିଚିତି ପାଇଁ ପାରମ୍ପରିକ ଅବଧାରଣାକୁ ଆଧାରକରି ଏଠାରେ ଅନତ୍ର୍ୟ ସୁଆଙ୍ଗ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି ।

*ଦେଶିଆ ନାଟ*

ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପରିବେଷିତ କେତେକ ପାରମ୍ପରିକ ନାଟକ ଦେଶିଆ ନାଟ ଭାବରେ ପରିଚିତ । ଏହି ନାଟକରେ ଅଭିନୟ କରୁଥିବା କଳାକାରମାନେ ସାଧାରଣତଃ ନିଜେ ଗୀତ ପରିବେଷଣ କରିନଥାନ୍ତି, ଗୀତଗୁଡିକ ସ୍ୱତନ୍ତ୍ର ପରିବେଷଣକାରୀଙ୍କ ଦ୍ୱାରା ପରିବେଷିତ ହୋଇଥାଏ । ଅନେକ ସ୍ଥଳରେ ଏହା ସାଧାରଣତଃ ନାଟଗୁରୁମାନେ ହିଁ କରିଥାନ୍ତି । ପାରିମ୍ପରିକ ବାଦ୍ୟଯନ୍ତ୍ର ସାଙ୍ଗକୁ ଆଜିକାଲି ପ୍ରାୟ ପରିବେଷଣରେ ଆଧୁନିକ ବାଦ୍ୟଯନ୍ତ୍ରର ବ୍ୟବହାର ମଧ୍ୟ ଦେଖାଯାଏ । ରାମାୟଣ, ମହାଭାରତର ବିଭିନ୍ନ ବିଷୟ ବସ୍ତୁ ଏଥିରେ ପରିବେଷିତ ହେବା ସହିତ ଅନେକ ସାମାଜିକ କାହାଣୀକୁ ଆଧାରକରି ମଧ୍ୟ ଏହା ପରିବେଷିତ ହେବା ଦେଖାଯାଏ, ଉଦାହରଣସ୍ୱରୂପ— 'ଅଁଳାବତୀ ନାଟକ', 'କଳିକେଶ ନାଟକ', 'ଧୋବା କୁମୁଟି ନାଟକ', 'ମୁଦାର ମାଝୀ ନାଟକ', 'ପେଟା-ପରଶୁ ନାଟକ', ଏବଂ 'ଡମୁ ଖାଙ୍ଗାର ନାଟକ' ।

*ପ୍ରହ୍ଲାଦ ନାଟକ*

ପ୍ରହ୍ଲାଦ ନାଟକ ଗଞ୍ଜାମ, କୋରାପୁଟ, ଓ ଫୁଲବାଣୀ ଜିଲ୍ଲାରେ ପରିବେଷିତ ହେବା ଦେଖିବାକୁ ମିଳେ । ଏହା ସାତୋଟି ଅଂଶରେ ବିଭକ୍ତ । ଓଡିଆ ଯାତ୍ରାଶୈଳୀରେ ଏହା ପରିବେଷିତ ହୁଏ । ଏଥିରେ ପାତ୍ରପାତ୍ରୀଗଣ ନାଟ୍ୟ ଅନୁରୂପ ମୁଖା ବ୍ୟବହାର କରନ୍ତି । ଏଥିରେ ଏକ ସୋପାନାକାରି ମଞ୍ଚ ସମ୍ମୁଖରେ ରଙ୍ଗଭୂମି ନିରୂପିତ ହୋଇଥାଏ । ରଙ୍ଗଭୂମିର ଏକପାର୍ଶ୍ୱରେ ବାଦ୍ୟକାର, ମୁଖ୍ୟଗାୟକ ଓ ସହଗାୟକମାନେ ଉପସ୍ଥିତ ଥାଆନ୍ତି । ଅଭିନେତାମାନେ ବେଶଘରୁ ବାହାରି ଦର୍ଶକଙ୍କ ମଧଦେଇ ରଙ୍ଗମଞ୍ଚକୁ ଯାତାୟାତ କରନ୍ତି । ନାଟକର ଶେଷ ଦୃଶ୍ୟରେ ନୃସିଂହାବତାର ପ୍ରଦର୍ଶନ ନିମିତ୍ତ ଏକ ସ୍ତମ୍ଭ ନିର୍ମିତ ହୋଇଥାଏ । ଏଥିରେ ନୃସିଂହଙ୍କ ମୂର୍ତ୍ତିର ପ୍ରଦର୍ଶନ ଉଦ୍ଦେଶ୍ୟରେ ଏକ ବିରାଟ ମୁଖା ବ୍ୟବହାର କରାଯାଏ । ହିରଣ୍ୟକଶିପୁ ଦୃଶ୍ୟ ଦେଖାଇବା ପର୍ଯ୍ୟନ୍ତ ନୃସିଂହଙ୍କୁ ସେହି ସ୍ତମ୍ଭ ଆବରଣ ମଧରେ ରଖାଯାଇଥାଏ । ପୂର୍ବରୁ ହିରଣ୍ୟକଶିପୁ ବିଦାରଣ ଦୃଶ୍ୟ ପରିବେଷିତ ହେଉଥିଲା ; କିନ୍ତୁ କାଳକ୍ରମେ ଏହା ହିରଣ୍ୟକଶିପୁ ପଳାୟନ ଓ ନୃସିଂହଙ୍କ ଅନୁଧାବନ ଦୃଶ୍ୟ ଭିତରେ ହିଁ ସିମୀତ ରଖାଯାଉଛି ।

*ଦଣ୍ଡ ନାଟ*

ଏଠାରେ ଦଣ୍ଡ ନାଟ ଭାବରେ ଦଣ୍ଡ ରୀତିନୀତି ତଥା ତାହାର ପାଳନ, ଏବଂ ଅନୁଷ୍ଠାନରେ ପରିବେଷିତ ହେଉଥିବା ବିଭିନ୍ନ ପ୍ରକାରର ଫାର୍ସ ବା ପ୍ରହସନକୁ ଆଲୋଚନା କରାଯାଉନାହିଁ । ବରଂ, ଏଠାରେ ଆଲୋଚ୍ୟ ବିଷୟ ହେଲା ପଶ୍ଚିମ

ଓଡିଶାରେ ଦଣ୍ଡ ନାଟ ଭାବରେ ରାଧାକୃଷ୍ଣଙ୍କ ପ୍ରେମକାହାଣୀ ସମ୍ପର୍କିତ ପାରମ୍ପରିକ ନାଟ୍ୟ ପରିବେଷଣ । ଏହା ଉଭୟ ଗଦ୍ୟ ଏବଂ ପଦ୍ୟରେ ପରିବେଷିତ ହୋଇଥାଏ । ଏବଂ, ଏହି ପରିବେଷଣକୁ ଲୀଳା କୁହାଯିବ ନା ସୁଆଙ୍ଗ, ଗୀତାଭିନୟ ବା ଗୀତିନାଟ୍ୟ କୁହାଯିବ ତାହା ପରିବେଷଣ ଶୈଳୀକୁ ଆଧାରକରି ଅଲଗା ଭାବରେ ଚିହ୍ନିତ କରିବା କଷ୍ଟକର । ଅତଏବ, ଏହାର ସ୍ଥାନୀୟ ପରିଚିତକୁ ଆଧାର କରି ଏହାକୁ ଏଠାରେ ନାଟ ଭାବରେ ହିଁ ଗ୍ରହଣକରାଯାଉଛି । ଏହି ନାଟ୍ୟ ପରିବେଷଣ ମଧ୍ୟ ଶିବଙ୍କୁ ପୂଜା କରିବା ପରେ ହିଁ ଆରମ୍ଭ ହୋଇଥାଏ । ଏହି ପରିବେଷଣରେ ସାଧାରଣତଃ ସ୍ଥାନୀୟ କବି ତଥା ନାଟ୍ୟକାରଙ୍କଦ୍ୱାରା ରଚିତ ଆଖ୍ୟାନ ପରିବେଷିତ ହୋଇଥାଏ । ପରିବେଷଣକାରୀମାନେ ତତ୍କାଳିକ ସଂଯୋଜନା ମଧ୍ୟ କରିବା ଦେଖିବାକୁ ମିଳେ । ସମ୍ପ୍ରତି ମିକ୍ସଚର ଦଣ୍ଡ, ରସ ଦଣ୍ଡ ଆଦି ପ୍ରକାରାନ୍ତର ପରିବେଷଣ ମଧ୍ୟ ଦେଖିବାକୁ ମିଳୁଛି ଯାହା ସମାନ ରାଧାକୃଷ୍ଣ କାହାଣୀକୁ ଆଧାରକରି ପାରମ୍ପରିକ ଶୈଳୀରେ ପରିବେଷିତ ହୋଇଥାଏ ।

***ଦୁଆରୀ ନାଟ***

ଦୁଆରୀ ନାଟ ବା ଭାରତ ଲୀଳା ଦକ୍ଷିଣ ଓଡିଶାର ଏକ ପ୍ରମୁଖ ପାରମ୍ପରିକ ନାଟ୍ୟ ପରିବେଷଣ । ତେବେ, ଏହାର ପରିବେଷଣ କେବଳ ଦକ୍ଷିଣ ଓଡିଶାରେ ସୀମାବଦ୍ଧ ନୁହେଁ ଓଡିଶାର ଅନ୍ୟାନ୍ୟ ଅଞ୍ଚଳରେ ମଧ ଏହି ଲୀଳା ଅଭିନୀତ ହୁଏ । ସେହିପରି, ଏହା ଲୀଳା ଭାବରେ ପରିଚିତ ହେଉଥିଲେ ମଧ୍ୟ ଏହାର ପରିବେଷଣ ପଛରେ କୌଣସି ରୀତିନୀତିଗତ ସମ୍ପର୍କ ନାହିଁ । ଆରମ୍ଭରୁ ଶେଷଯାଏ ଦୁଆରୀ ଚରିତ୍ର ଏହି ପରିବେଷଣକୁ ପରିଚାଳନା କରିଥାଏ । ଦୁଆରୀ ଚରିତ୍ର ସୂତ୍ରଧର ଭାବରେ କେବଳ ନାଟ୍ୟ ପରିଚାଳନା କରେନାହିଁ ବରଂ ଅଭିନୟକ୍ରମେ ବିଭିନ୍ନ ବିଷୟର ବ୍ୟାଖ୍ୟା କରିବା ସହିତ କଥାବସ୍ତୁର ଅଗ୍ରଗତିରେ ସହାୟତା ମଧ୍ୟ କରିଥାଏ । ସାରଳା ଦାସଙ୍କ ରଚିତ 'ମହାଭାରତ'ରୁ ଏହାର ବିଷୟବସ୍ତୁ ନିର୍ବାଚିତ ହୋଇଅଛି । ଅର୍ଜ୍ଜୁନ ଓ ସୁଭଦ୍ରାଙ୍କର ପ୍ରେମ ପ୍ରଣୟ ଓ ବିବାହକୁ ଆଧାରକରି ଏହା ପରିବେଷିତ ହୋଇଥାଏ । ଅନ୍ୟାନ୍ୟ ଲୋକ ନାଟକ ଭଳି ମୁକ୍ତାକାଶ ମଞ୍ଚତଳେ ଢୋଲ, ମହୁରୀ, ଗିନି, ରାମତାଳି, ପଖାଉଜ ଆଦି ସହିତ ହାରମୋନିୟମ୍, ତବଲା, କ୍ଲାରିଓନେଟ୍ ଭଳି ବିଭିନ୍ନ ଆଧୁନିକ ବାଦ୍ୟ ବାଦନ ସହିତ ଏହି ନାଟକ ମଧ୍ୟ ସମ୍ପ୍ରତି ଓଡିଶାର ବିଭିନ୍ନ ସ୍ଥାନରେ ଅଭିନୀତ ହୁଏ । ଏହି ନାଟ୍ୟ ପରିବେଷଣର ଅନ୍ୟ ଏକ ଉଲ୍ଲେଖନୀୟ ଦିଗ ହେଲା ଆବଶ୍ୟକତା ଅନୁଯାୟୀ ଏହାର ପରିବେଷଣ ବିସ୍ତାରିତ ହୋଇପାରେ, ବିଶେଷତଃ ତର୍କ, ଶାସ୍ତ୍ର ବ୍ୟାଖ୍ୟାନ, ସାହିତ୍ୟ ଚର୍ଚ୍ଚା ଏବଂ ବାଦୀଅଭିନୟ ସମୟରେ ଏହା ବହୁରାତ୍ର ପରିବେଷଣ କରାଯାଇଥାଏ ।

**୪.୨.୨.୨.୨ ସୁଆଙ୍ଗ**

ସୁଆଙ୍ଗ ମଧ୍ୟ ଏକ ସଂଗୀତମୟ ପରିବେଷଣ । ତେବେ, ପରବର୍ତ୍ତୀ ସମୟରେ ଏଥିରେ ଗଦ୍ୟ ସଂଳାପ ସଂଯୋଜିତ ହେଇଛି । ପାଣିନିଙ୍କ ସମୟରୁ ଏହି ପାରମ୍ପରିକ ପରିବେଷଣର ଧାରା ଓଡିଶାରେ ପ୍ରଚଳିତ । ଦେବଦେବୀଙ୍କ ମହିମା ଏବଂ କୀର୍ତ୍ତି ଏହାର ମୁଖ୍ୟ ବିଷୟ । ଏବଂ, ପ୍ରସଙ୍ଗକ୍ରମେ ପରବର୍ତ୍ତି ସମୟରେ ଏଥିରେ ଅନ୍ୟ ସାମାଜିକ ବିଷୟ ମଧ୍ୟ ସ୍ଥାନ ପାଇବାକୁ ଲାଗିଲା । ଏହାକୁ କିଛି ଆଲୋଚକ ହାସ୍ୟରସପୂର୍ଣ୍ଣ ଏକ ପ୍ରକାର ସଂଳାପଯୁକ୍ତ ଅଭିନୟ ଭାବରେ ଗ୍ରହଣକରିବା ସହ ପ୍ରହସନ ଭାବରେ ମଧ୍ୟ ଗ୍ରହଣ କରିଥାନ୍ତି (ସାହୁ ୨୦୦୯, ୫୨) । ଓଡିଶାର ସୁଆଙ୍ଗ ପରିବେଷଣ ପରମ୍ପରାରେ 'ବିଲଙ୍କା ରାମାୟଣ ସୁଆଙ୍ଗ', 'ଗଣ୍ଡାବଧ ସୁଆଙ୍ଗ', 'ଚନ୍ଦ୍ରାବତୀ ସୁଆଙ୍ଗ', 'ସୁଭଦ୍ରାହରଣ ସୁଆଙ୍ଗ', 'ଲକ୍ଷ୍ମୀ ସୁଆଙ୍ଗ', 'ରଙ୍ଗସଭା ସୁଆଙ୍ଗ', 'ଅସଦଅଲ୍ଲୀ ସୁଆଙ୍ଗ', 'କେଳାକେଳୁଣି ଓ ରାଘବ ସୁଆଙ୍ଗ', 'ଶେଖ୍ ଅବଦୁଲ ହାମିଦ୍ ସୁଆଙ୍ଗ', ଏବଂ 'ଦୀନବନ୍ଧୁ ସୌଦାଗର ସୁଆଙ୍ଗ' ପ୍ରଭୃତି ସୁଆଙ୍ଗ ପରିବେଷଣ ଉଲ୍ଲେଖନୀୟ ।

**୪.୨.୨.୨.୩ ଲୀଳା**

ଲୀଳାଗୁଡିକ ସାଧାରଣତଃ ଗୀତାତ୍ମକ ପରିବେଷଣ । ପୌରାଣିକ କାହାଣୀ ଅବଲମ୍ବନରେ ରଚିତ ବିଭିନ୍ନ ଆଖ୍ୟାନକୁ ନେଇ ଏହା ପରିବେଷିତ ହୋଇଥାଏ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଆବୃତ୍ତିଧର୍ମୀ ଥିଲା । ଅଭିନୟ କ୍ଷେତ୍ରରେ ଆବୃତ୍ତିକାରୀ

ବା ପରିବେଷଣକାରୀ ପୋଥିରୁ ରାମ ବା କୃଷ୍ଣ ଚରିତ ଗାନ କଲାପରେ ପାଳିଆମାନେ ଏହାକୁ ପାଳିଧରୁଥିଲେ ଏବଂ ଚରିତ୍ରଗୁଡିକ ଅଙ୍ଗଭଙ୍ଗୀ ସହ ଅଭିନୟ କରୁଥିଲେ । ଏହି ଆଖ୍ୟାନ ଗୀତରେ ଶାସ୍ତ୍ରୀୟ, ଅର୍ଦ୍ଧଶାସ୍ତ୍ରୀୟ ଏବଂ ପାରମ୍ପରିକ ଗୀତର ସ୍ୱର ବ୍ୟବହୃତ ହୁଏ । ପରବର୍ତ୍ତୀ ସମୟରେ, ଏଥିରେ ଗଦ୍ୟ ବଚନିକା ଖଞ୍ଜାଯାଇଛି । ତେବେ, ଏହି ଗଦ୍ୟ ଆଖ୍ୟାନ ମଧ୍ୟ ପଦ୍ୟାତ୍ମକ ତଥା ଛନ୍ଦମୟ । ଲୀଳାର ପରିବେଷଣକୁ ଧାର୍ମିକ ଚିନ୍ତା ସମନ୍ୱିତ ସାତ୍ତ୍ୱିକ ଅଭିନୟ ଭାବରେ ମଧ୍ୟ କେତେକ ଆଲୋଚକ ଗ୍ରହଣ କରିଥାନ୍ତି । ସେହିପରି, ଏହାକୁ ସୁଆଙ୍ଗଠାରୁ ମଧ୍ୟ ପ୍ରାଚୀନ ପାରମ୍ପରିକ ପରିବେଷଣ ଭାବରେ ଆଲୋଚକମାନ ଗ୍ରହଣକରନ୍ତି । ଓଡିଶାରେ ପରିବେଷିତ ହେଉଥିବା ଲୀଳାମାନଙ୍କ ମଧ୍ୟରେ ରାସ ଲୀଳା, କୃଷ୍ଣ ଲୀଳା, ଗୋପ ଲୀଳା, ରାଧାପ୍ରେମ ଲୀଳା, ରାଧାକୃଷ୍ଣ ଶ୍ୟାମକୃଷ୍ଣ ଲୀଳା, ମାନଭଞ୍ଜନ ଲୀଳା, କଳଙ୍କଭଞ୍ଜନ ଲୀଳା, ଭାରତ ଲୀଳା ପ୍ରଭୃତି ପ୍ରଧାନ । ଏଗୁଡିକ ମୁଖ୍ୟତଃ କୃଷ୍ଣଙ୍କ ବିଷୟକୁ କେନ୍ଦ୍ରକରି ପରିକଳ୍ପିତ । ସେହିପରି ରାମଙ୍କ ବିଷୟକୁ କେନ୍ଦ୍ରକରି ଗଢି ଉଠିଥିବା ଲୀଳା ରାମ ଲୀଳା ଭାବରେ ପରିଚିତ ।

*ରାମ ଲୀଳା*

ଓଡିଶାର ଉପକୂଳ ଅଞ୍ଚଳରେ ରାମ ଲୀଳା ବହୁଳ ଭାବେ ପ୍ରଚଳିତ । ତେବେ, ଓଡିଶାର ଅନ୍ୟତ୍ର ମଧ୍ୟ ଏହାର ପରିବେଷଣ ଦେଖିବାକୁ ମିଳେ । "ଓଡିଶାରେ ରାମଲୀଳାର ତିନିପ୍ରକାର ପରିବେଷଣ ଦେଖିବାକୁ ମିଳେ— ରାମଲୀଳା, ରାମନାଟକ, ଓ ନୃତ୍ୟ ରାମାୟଣ" (ସାହୁ ୨୦୦୯, ୨୭) । ରାମ ଲୀଳା ଚୈତ୍ର ଶୁକ୍ଳ ନବମୀ ବା ରାମ ନବମୀଠାରୁ ଆରମ୍ଭ ହୋଇ ଏକୋଇଶ ଦିନ ବ୍ୟାପୀ ଚାଲେ । ଅଞ୍ଚଳ ଭେଦରେ ଏହା ନଅଦିନ, ଏଗାରଦିନ, ଚଉଦଦିନ ମଧ୍ୟ ପରିବେଷିତ ହୋଇଥାଏ । ରାମ ଜନ୍ମଠାରୁ ରାମ ଅଭିଷେକ ଯାଏଁ ପ୍ରତିଦିନ ଗୋଟିଏ ଗୋଟିଏ ବିଷୟ ଅଭିନୀତ ହୁଏ । ଏବଂ, ଏହା ରୀତିନୀତି ଆଧାରିତ । ଲୀଳା ପରିବେଷଣକାରୀମାନେ ପ୍ରଥମରୁ ଶେଷଦିନଯାଏ ଶୁଦ୍ଧପୂତ ଜୀବନଯାପନ କରିଥାନ୍ତି । ଗଦ୍ୟ ଓ ପଦ୍ୟ ସଂଳାପ ତଥା ନୃତ୍ୟ ଓ ଗୀତ ମାଧମରେ ଚରିତ୍ରଗୁଡିକ ଅଭିନୟ ପ୍ରଦର୍ଶନ କରନ୍ତି । ଏହି ଅଭିନୟ ଲାଗି କୌଣସି ନିର୍ଦ୍ଦିଷ୍ଟ ପ୍ରକାରର ମଞ୍ଚ ଆବଶ୍ୟକ ନଥାଏ । ମୁକ୍ତାକାଶ ତଳେ ଘଣ୍ଟ, ଢୋଲ, ମହୁରୀ, ଗିନି, ରାମତାଳି, ପଖାଉଜ ଆଦି ବାଦ୍ୟର ତାଳେତାଳେ ଏହି ଲୀଳା ଅଭିନୀତ ହୁଏ ।

*କୃଷ୍ଣଲୀଳା*

ରାମ ଲୀଳା ଭଳି କୃଷ୍ଣ ଲୀଳା ମଧ ଓଡିଶାର ପୁରପଲ୍ଲୀରେ ଆଦୃତ । ଏହାର ଅଧିକ ପ୍ରସାର ଆରମ୍ଭ ହୋଇଥିଲା ଚୈତନ୍ୟଙ୍କ ଓଡିଶା ଆଗମନ ପରେ ଅର୍ଥାତ୍ ପଞ୍ଚଦଶ ଶତାବ୍ଦୀରୁ । ଏହା ସଂଗୀତଧର୍ମୀ ଜୟଦେବଙ୍କ 'ଗୀତଗୋବିନ୍ଦ', କବିସୂର୍ଯ୍ୟ ବଳଦେବ ରଥଙ୍କ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ', ପ୍ରଭୃତି କାବ୍ୟମାନଙ୍କର ଅବଦାନ କୃଷ୍ଣ ଲୀଳାରେ ଅଧିକ । ଦୋଳ ସମୟରେ ବା ଫାଲଗୁନ ମାସରେ, କାର୍ତ୍ତିକ ରାସବେଳେ, ବୈଶାଖର, ଚନ୍ଦନ ଯାତ୍ରା ବେଳେ କୃଷ୍ଣ ଲୀଳାମାନ ପ୍ରଦର୍ଶିତ ହୋଇଥାଏ । ଶ୍ରୀକୃଷ୍ଣ ଲୀଳା ଓଡିଶାରେ ଜୟଦେବଙ୍କ ଯୁଗରୁ ପ୍ରଚଳିତ । ଏଥିରେ ବସ୍ତ୍ରହରଣ ଲୀଳା, ପୁତନା ବଧ, କାଳୀୟ ଦଳନ, ଗୋଚାରଣ, ଧନୁଯାତ୍ରା, କଂସବଧ ଆଦି କାହାଣୀ ପରିବେଷିତ ହୋଇଥାଏ । ପରବର୍ତ୍ତୀକାଳରେ 'ଦ୍ୱାରକା ଲୀଳା'କୁ ମଧ କୃଷ୍ଣ ଲାଳାର ପରିବେଷଣ କ୍ରମରେ ପରିବେଷିତ ହେବା ଦେଖାଯାଏ । ରାମ ଲୀଳା ଭଳି ମୁକ୍ତାକାଶ ମଞ୍ଚ ତଳେ ଢୋଲ, ମହୁରୀ, ଗିନି, ରାମତାଳି, ପଖାଉଜ ଆଦି ସହିତ ହାରମୋନିୟମ୍, ତବଲା ଭଳି ବିଭିନ୍ନ ଆଧୁନିକ ବାଦ୍ୟ ବାଦନ ସହିତ ଏହି ଲୀଳା ସମ୍ପ୍ରତି ମଧ୍ୟ ଓଡିଶାର ବିଭିନ୍ନ ସ୍ଥାନରେ ଅଭିନୀତ ହୁଏ । ଏପରିକି ପୁରୀ ଜିଲ୍ଲାର କେତେକ ଅଞ୍ଚଳରେ ମଧୁ ମଙ୍ଗଳ ନାମରେ ଏକ କୃଷ୍ଣଲୀଳା ଅଠଚାଳିଶ ଦିନ ଧରି ପରିବେଷିତ ହେବା ଦେଖାଯାଏ । ଏହା ମଧ୍ୟ ରୀତିନୀତି ଆଧାରିତ ପରିବେଷଣ । ଅଭିନୟ ପୂର୍ବରୁ ରଙ୍ଗମଞ୍ଚରେ ରାଧାକୃଷ୍ଣଙ୍କ ମୂର୍ତ୍ତି ଏବଂ ତୁଳସୀ ଚଉରାର ପୂଜା ଆରାଧନା, ଅଭିନୟକାରୀଙ୍କ ଉପବାସ, ଅଭିନୟକାଳରେ ନିରାମିଷ, ଅରୁଆ ଅନ୍ନ ଭୋଜନ ଆଦି ଆଚାର ଅନୁଷ୍ଠାନ ଗ୍ରହଣ କରିବାର ବିଧି ଅଛି ।

### ୪.୨.୨.୨.୫ ଗୀତାଭିନୟ

ଗୀତାଭିନୟ କହିଲେ ଗୀତ, ନୃତ୍ୟ ଏବଂ ବାଦ୍ୟ ସମ୍ମିଳିତ ପାରମ୍ପରିକ ପରିବେଷଣ— "ଯେଉଁ ନାଟ୍ୟ ରୂପରେ ମୁଖ୍ୟତଃ ପଦ୍ୟଥାଏ ଏବଂ ଗଦ୍ୟ ସଂଳାପ ନଥାଏ ବା ଅତି କମ୍ ଥାଏ, ତାହାକୁ ଗୀତାଭିନୟ ବୋଲି କୁହାଯାଇଥାଏ; ମାତ୍ର ଗୀତିନାଟ୍ୟରେ ସଂଳାପ ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟରେ ରଚିତ ଏବଂ ଏହା ସମ୍ପ୍ରତି ଉଭୟ ଯାତରା ଏବଂ ଥିଏଟରରେ ପରିବେଷଣ କରାଯାଏ" (ଦାସ ୧୯୮୧, ୧୦୫)। ଏବଂ, ସୁଆଙ୍ଗ, ଗୀତାଭିନୟ, ଓ ଗୀତିନାଟ୍ୟ ନାଟ୍ୟଶୈଳୀରେ ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ନାହିଁ (ବେହେରା ୧୯୯୭,୧୩୬) । ସେହିପରି, "ଗୀତିନାଟ୍ୟ ଏବଂ ଗୀତୀଭିନୟ ପରସ୍ପରର ବହୁତ ପାଖାପାଖି । ଉଭୟର ଚିତ୍ର ଚରିତ୍ର ମଧ୍ୟ ସମାନ । ଏଣୁ, ଉଭୟଙ୍କ ମଧ୍ୟରେ ସୀମାରେଖା ଟାଣିବା ଅନେକ ସମୟରେ କଷ୍ଟକର" (ସାହୁ ୨୦୦୯, ୪୮) । ଏହା ନିଶ୍ଚିତ ଯେ, ସମ୍ପ୍ରତି ସୁଆଙ୍ଗ, ତଥା ଏଠାରେ (ପାରମ୍ପରିକ)ନାଟକ ଅର୍ଥରେ ଯେଉଁ ପ୍ରହ୍ଲାଦ ନାଟ, ଦଣ୍ଡ ନାଟ, ଦେଶିଆ ନାଟ, ଦୁଆରୀ ନାଟ ଆଦି ସମ୍ପର୍କରେ ଯାହା ଉଲ୍ଲେଖ କରାଗଲା ସେ ସବୁର ପରିବେଷଣ ପ୍ରାୟ ସମାନ, କୌଣସି ମୌଳିକ ପ୍ରଭେଦ ଦେଖିବାକୁ ମିଳେନାହିଁ । ଓଡିଆ ଲୋକ ନାଟକ ସମ୍ପର୍କିତ ଆଲୋଚନା ଗ୍ରନ୍ଥମାନଙ୍କରେ ଗୀତିନାଟ୍ୟ ତଥା ଗୀତାଭିନୟ ଭାବରେ ମେଘନାଦ ବଧ, ସୁଭଦ୍ରା ପରିଣୟ, ଉଷାବତୀ ହରଣ, ଭୂତକେଳି, କର୍ଣ୍ଣବଧ, ରଙ୍ଗସଭା ଆଦି ନାଟ୍ୟ ପରିବେଷଣ ସମ୍ପର୍କରେ ଯେଉଁ ଉଲ୍ଲେଖ ଦେଖିବାକୁମିଳେ ପରିବେଷଣଦୃଷ୍ଟିରୁ ତଥା ମଞ୍ଚ, ବେଶପୋଷାକ, ଗୀତ, ସଂଗୀତ, ଗଦ୍ୟ ଆଖ୍ୟାନର ବ୍ୟବହାର, ତଥା ଦର୍ଶକଙ୍କ ଅଂଶଗ୍ରହଣ ଆଦିକୁ ଦେଖିଲେ ଅନ୍ୟ ପାରମ୍ପରିକ ନାଟକଗୁଡିକଠାରୁ ଏହାର ପରିବେଷଣରେ ବିଶେଷ ଭିନ୍ନତା ପରିଲକ୍ଷିତ ହୁଏନାହିଁ । ବରଂ, ଏ କ୍ଷେତ୍ରରେ ଆମେ ପାଲା, ଦାସକାଠି, ଗାହାଣ, ଏବଂ ରାସ ଆଦି ପରିବେଷଣକୁ ନେଇପାରିବା । କାରଣ, ଏହାର ମୁଖ୍ୟ ଆଖ୍ୟାନ ଭାଗ ହେଉଛି— ଗୀତ । ଏହା ସହିତ ଏଥିରେ କିଛି ଅଭିନୟ ମଧ୍ୟ ଦେଖିବାକୁ ମିଳେ ତେବେ, ଏହି ଅଭିନୟ ଅନ୍ୟ ନାଟକର ଅଭିନୟଠାରୁ ନିଶ୍ଚିତ ରୂପେ ପ୍ରସାରିତ ନୁହେଁ । ଏହା ବ୍ୟତୀତ, ତାମସା ଭଳି ପରିବେଷଣ ନାଟକର ପ୍ରତୀତି ଆଣୁଥିଲେ ମଧ୍ୟ ଏଥିରେ ନାଟକର ବିଧିବଦ୍ଧ କ୍ରମବର୍ଦ୍ଧିଷ୍ଣୁ କାହାଣୀ ନାହିଁ, ବରଂ କିଛି ଛୋଟଛୋଟ ଉପାଖ୍ୟାନକୁ ଆଧାରକରି ଏହା ପରିବେଷିତ ହୋଇଥାଏ । ଅତଏବ, ଏହି ପାରମ୍ପରିକ ପରିବେଷଣକୁ ମଧ୍ୟ ଏକ ଗୀତାଭିନୟ ଭାବରେ ଗ୍ରହଣ କରାଯାଇପାରେ । ଏଠାରେ ପାଲା, ଦାସକାଠି, ରାସ, ଗାହାଣ, ତାମସା, ଏବଂ ବିଭିନ୍ନ ଫାର୍ଶ ବା ପ୍ରହସନକୁ ଗୀତାଭିନୟ ଭାବରେ ଗ୍ରହଣକରି ସେ ସମ୍ପର୍କରେ ଆଲୋଚନା କରାଯାଉଛି ।

*ପାଲା*

ଦୀର୍ଘଦିନ ଧରି ଓଡିଶା ଏବଂ ବଙ୍ଗଳା ମୁସଲମାନ ଶାସନାଧିନ ରହିଥିବାରୁ ଉଭୟ ପ୍ରଦେଶରେ ହିନ୍ଦୁ ଏବଂ ମୁସଲମାନଙ୍କ ମଧ୍ୟରେ ଏକ ଧାର୍ମିକ ତଥା ସାଂସ୍କୃତିକ ସମନ୍ୱୟ ଦେଖାଦେଇଥିଲା । ଏହି ହିନ୍ଦୁ ମୁସଲମାନ ସଂସ୍କୃତିର ସମନ୍ୱୟ ଭିତରୁ ପାଲାର ସୃଷ୍ଟି । ଓଡିଶାର ପୁରପଲ୍ଲୀରେ ଏପରିକି ସହରାଞ୍ଚଳରେ ମଧ୍ୟ କେତେକ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ବିଶେଷତଃ ପରିବାରରେ ସନ୍ତାନ ଜନ୍ମ ହେଲେ ଏକୋଇଶା ଦିନରେ ତଥା ବର୍ଷପୂର୍ତ୍ତି ଅବସରରେ ପାଲାର ଆୟୋଜନ କରାଯାଇଥାଏ । ପାଲା ପରିବେଷଣର ଆରାଧ ଦେବତା ହେଉଛନ୍ତି— ସତ୍ୟନାରାୟଣ, ସେହି ପୁଣି ସତ୍ୟପୀର । ବଲ୍ଲଭାଚାର୍ଯ୍ୟ ସଂପ୍ରଦାୟର ବୈଷ୍ଣବମାନଙ୍କର ମଧରେ ଇସଲାମ୍ ଧର୍ମଗୁରୁମାନେ ଧର୍ମପ୍ରଚାର କରିଥିଲେ । ସେମାନେ ଇସଲାମ୍ ଧର୍ମ ଆଚରଣ କରୁଥିଲେ ମଧ ହିନ୍ଦୁମାନଙ୍କର ଓଷା, ବ୍ରତ ପାଳନ କରୁଥିଲେ । ଏଇଥିରୁ ଜନ୍ମ ନେଇଥିଲା ପୀର ପୂଜା ବା ସତ୍ୟନାରାୟଣ ପାଲା । ସତ୍ୟନାରାୟଣଙ୍କ ଭୋଗ ହେଉଛି 'ଳ ଓ କଦଳୀ । ପୀରଙ୍କ ଭୋଗ— ବୁନ୍ଦିଆ । ତେଣୁ ସତ୍ୟନାରାୟଣଙ୍କ ପୂଜାରେ ପାଞ୍ଚଟି ଗୁଆ ସହିତ ପାଞ୍ଚଟି ପାଚିଲା କଦଳୀ ଓ ପାଞ୍ଚଟି ବୁନ୍ଦି ଲଡୁ ମୁଖା ସ୍ୱରୂପ ରଖାଯାଇଥାଏ । ଏହି ମୁଖା ପାଞ୍ଚଟି ଯୋଗେ ରୁଦ୍ର, ନାରାୟଣ, ଦୁର୍ଗା, ଗଣେଶ, ଭାସ୍କରଙ୍କର ଆରାଧାନା କରାଯାଏ ।

ପାଲା ଦୁଇ ପ୍ରକାରର— ବୈଠକୀ ପାଲା, ଓ ଠିଆ ପାଲା । ବୈଠକୀ ପାଲାରେ ପୁରୋହିତ ଦେବତାମାନଙ୍କ ଆସ୍ଥାନ ସ୍ଥାପନପୂର୍ବକ ପ୍ରଚଳିତ ଷୋହଳଟି ପାଲାରୁ ଗୋଟିଏ ବିଷୟ ଉପସ୍ଥାପନା କରନ୍ତି । ଅନ୍ୟ ସାଧାରଣ ଲୋକେ

ତାହାଙ୍କୁ ଘେରିବସିଥାନ୍ତି । ସ୍ଥାନେସ୍ଥାନେ କୀର୍ତ୍ତନିଆ ଦଳ ମଧ ଏହି ପରିବେଷଣ ସହିତ ଯୋଗଦିଅନ୍ତି । 'ଠିଆ ପାଲା'ରେ ଅବଶ୍ୟ ଆସ୍ଥାନ ସ୍ଥାପନା କରାଯାଏନାହିଁ । ଗାୟକ ପ୍ରଥମେ ଶ୍ଳୋକରେ ଏହି ପଞ୍ଚଦେବତାଙ୍କ ବନ୍ଦନା ଗାନକରି ଓ ଆରାଧ୍ୟଦେବୀ ମା ସରସ୍ୱତୀ– ଶାରଦାଙ୍କର ବନ୍ଦନା ଗାଇ, ପାଲା ପରିବେଷଣ କରିବାରେ ଦେବୀ ତାଙ୍କୁ ସାହାଯ୍ୟ କରନ୍ତୁ ବୋଲି ପ୍ରାର୍ଥନାକରି ଆରମ୍ଭ କରନ୍ତି । ଜଣେ ଗାୟକଙ୍କୁ ଛାଡିଦେଲେ ଆଉ ତିନି ଜଣ ପାଲିଆ ଥାଆନ୍ତି । ଜଣେ ବାଦ୍ୟକ ମୃଦଙ୍ଗ ବଜାଇବାକୁ ଥାଆନ୍ତି । ତିନିଜଣ ପାଳିଆଙ୍କ ମଧରେ ଜଣେ ଭଲ ପାଳିଧରୁଥିବା ଲୋକ ହେଉଛନ୍ତି ଶ୍ରୀ ପାଳିଆ । ପାଲାବାଲାମାନେ ସୁନ୍ଦର ଚିତ୍ରିତ ବେଶ ପରିଧାନ କରିଥାନ୍ତି । କାନରେ କୁଣ୍ଡଳ ପିନ୍ଧିଥାନ୍ତି ଓ ମୁଣ୍ଡରେ ପଗଡି ବାନ୍ଧିଥାନ୍ତି । ଶ୍ଳୋକ ଆବୃତ୍ତିକରିବା ସହିତ ବିଭିନ୍ନ କାବ୍ୟ ଓ ପୁରାଣମାନଙ୍କରୁ ପଦ ସଂଯୋଜନାକରି ଗୋଟିଏ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଆଗେଇ ନିଆଯାଏ । ମଝିରେମଝିରେ ଗାୟକ କ୍ଲିଷ୍ଟପଦମାନଙ୍କୁ ସରଳ ଭାଷାରେ ବୁଝାଇ ଦେଉଥାନ୍ତି । ବେଳେବେଳେ, ଦୁଇ ବା ତତୋଽଧିକ ଦଳ ପାଲା ପରିବେଷଣ କରନ୍ତି । ସେମାନଙ୍କ ମଧରେ ଶାସ୍ତ୍ର ପ୍ରତିଯୋଗିତା ମଧ ହୁଏ । ଏହାକୁ 'ବାଦୀପାଲା' କହନ୍ତି । ପାଲା ଆଜି ବି ଓଡିଶାର ପୁରପଲ୍ଲୀରେ ସମ୍ଭ୍ରମର ସହିତ ପରିବେଷଣ କରାଯାଉଛି ।

### *ଦାସକାଠି*

ପାଲା ପରି ଦାସକାଠି ଓଡିଶାର ସୁପରିଚିତ ପାରମ୍ପରିକ ପରିବେଷଣ କଳା । ଦାସକାଠି ପରିବେଷଣକାରୀ ପାଇକଛା ଭିଡି, ମୁଣ୍ଡରେ ପଗଡି ପିନ୍ଧି, ରାମକାଠି ବାଦନପୂର୍ବକ ପୌରାଣିକ ଆଖ୍ୟାନଗୁଡିକ ଗାନ କରିଥାନ୍ତି । ତାଙ୍କ ସହିତ ଆଉ ଜଣେ ସହଗାୟକ ଅଂଶଗ୍ରହଣ କରନ୍ତି । ତାଙ୍କୁ ପାଳିଆ ନାମରେ ଅଭିହିତ କରାଯାଏ । ପାଲା ଭଳି କୌଣସି ନିର୍ଦ୍ଦିଷ୍ଟ ମତବାଦ ବା ଧର୍ମପ୍ରଚାର କରିବା ଦାସକାଠିର ଉଦ୍ଦେଶ୍ୟ ନୁହେଁ । ପରିବେଷଣକାରୀ ପ୍ରାଚୀନ ତଥା ରୀତିଯୁଗୀୟ କବିମାନଙ୍କ ବିଭିନ୍ନ ଛାନ୍ଦ, ଚଉତିଶା, ଚୌପଦୀ ପରିବେଷଣ ପ୍ରସଙ୍ଗରେ ଗାନକରିବା ସହିତ ପାଳିଆ ନିୟମିତ ଅନ୍ତରାଳରେ 'ରାମ ଯେ ନବୀନସୁନ୍ଦର ରାମ ଯେ', ପ୍ରଭୃତି ଖଣ୍ଡପଦ ପାଳିଧରିବା ସଙ୍ଗେସଙ୍ଗେ ମୁଖ୍ୟ ପରିବେଷଣକାରୀଙ୍କୁ ବିଶ୍ରାମ ଦେଇଥାଆନ୍ତି । କୌଣସି ଚରିତ ସମ୍ବନ୍ଧରେ ଗାନକରିବାବେଳେ ଦାସକାଠି ଦଳର ସେହି ଦୁଇଜଣ ଗାୟକ ଓ ସହଗାୟକ ନାୟକ, ଖଳନାୟିକା ହେବା ସହିତ ଅନ୍ୟ ଚରିତ୍ରର ମଧ୍ୟ ଉପସ୍ଥାପନା କରିଥାନ୍ତି । ଦାସକାଠି ପରିବେଷଣରେ ପ୍ରଥମେ ପାରମ୍ପରିକ ଶୈଳୀରେ ରଚିତ ଗୀତଗୁଡିକୁ ପ୍ରାଧାନ୍ୟ ଦିଆଯାଉଥିବାବେଳେ ବର୍ତ୍ତମାନ ଲିଖିତ-ଉଚ୍ଚାଙ୍ଗ ସାହିତ୍ୟ ତଥା ରୀତିକାଳୀନ କାବ୍ୟ-କବିତାମାନଙ୍କରୁ ଛାନ୍ଦ, ପଦ ଆଦି ପରିବେଷଣ ପ୍ରସଙ୍ଗରେ ସଂଯୋଜିତ ହେବା ଦେଖିବାକୁ ମିଳୁଛି । ସେହିପରି, "ଦାସକାଠି ପରିବେଷଣରେ ୨୭ ପ୍ରକାର ବିଷୟବସ୍ତୁ ଦେଖିବାକୁ ମିଳେ ଯଥା— ୯ ପ୍ରକାରର ହରଣ, ୯ ପ୍ରକାରର ମରଣ (ବଧ), ଏବଂ ୯ ପ୍ରକାରର ଶରଣ । ଦର୍ଶକ ବା ଶ୍ରୋତାମାନଙ୍କ ଅନୁରୋଧରେ ଏଥିରୁ ଗୋଟିଏ ନିର୍ବାଚିତ ବିଷୟ ପରିବେଷିତ ହୋଇଥାଏ" (ସାହୁ ୨୦୦୯, ୬୧) । ଦାସକାଠି ପରିବେଷଣକାରୀମାନେ ମୁଖ୍ୟତଃ ମହାଭାରତ ଓ ରାମାୟଣରୁ ବିଷୟବସ୍ତୁମାନ ଗ୍ରହଣକରି ବିଭିନ୍ନ କାବ୍ୟ-କବିତାରୁ ଆଖ୍ୟାନ ସମ୍ପର୍କିତ ପଦ, ଚଉତିଶା, ଚଉପଦୀ, ଏବଂ ଛାନ୍ଦଗୁଡିକ ଉଦ୍ଧୃତକରିବା ସହିତ ମଧ୍ୟ ମଝିରେ ମଝିରେ ବିଭିନ୍ନ ସଂସ୍କୃତ ଶ୍ଳୋକର ସଂଯୋଜନା କରିବା ମଧ୍ୟ ଦେଖାଯାଏ ।

### *ରାସ*

ତ୍ରୟୋଦଶ ଶତାବ୍ଦୀରୁ ଓଡିଶାରେ ରାସ ପରିବେଷିତ ହୋଇଆସୁଛି । ବିଶ୍ୱନାଥ କବିରାଜଙ୍କ *ସାହିତ୍ୟ ଦର୍ପଣ*ରେ ଓଡିଶାରେ ରାସ ପରିବେଷଣ ସମ୍ପର୍କରେ ଉଲ୍ଲେଖ ଦେଖିବାକୁ ମିଳେ । କିଛି ଆଲୋଚକ ଶ୍ରୀମଦ୍ ଭାଗବତ ଗୀତାକୁ ହେଉଛି ରାସର ମୂଳଉତ୍ସ ଭାବରେ ଗ୍ରହଣ କରନ୍ତି । ଈଶ୍ୱରଙ୍କ ଅପ୍ରାକୃତ 'ରହସ୍ୟ ଲୀଳା' ଏଥିରେ ପରିବେଷିତ ହୋଇଥାଏ । ଷୋଳ ସହସ୍ର ଗୋପାଙ୍ଗନାମାନଙ୍କ ଗହଣରେ ଶ୍ରୀକୃଷ୍ଣଙ୍କ ବସନ୍ତ ଓ ଶରତ ରାସ ବା ଅଲୌକିକ ପ୍ରେମଭାବର ବର୍ଣ୍ଣନା ଏହାର ମୁଖ୍ୟ ବିଷୟ । କାର୍ତ୍ତିକ ମାସ ଶୁକ୍ଳପକ୍ଷ ଏକାଦଶୀଠାରୁ ଆରମ୍ଭ ହୋଇ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ରାସ ଅନୁଷ୍ଠିତ ହୁଏ— ଏଥିପାଇଁ ଏହି ପୂର୍ଣ୍ଣିମା 'ରାସ ପୂର୍ଣ୍ଣିମା' ଭାବରେ ମଧ୍ୟ ପରିଚିତ । ଏହା ଏକ ଦଳଗତ ପରିବେଷଣ । ପରିବେଷଣକାରୀମାନେ ଦଳଗତ

ଭାବରେ ପଖଉଜ, ତାଳ, ମର୍ଦ୍ଦଳ, ଝାଞ୍ଜ ଆଦି ବାଦ୍ୟଯନ୍ତ୍ର ସହିତ ପାଲା ଭଳି ସ୍ଥାନୀୟ କବିଙ୍କ ରଚନା ସହିତ ରୀତିକାଳୀନ ତଥା ମଧ୍ୟଯୁଗୀୟ କବିମାନଙ୍କ ବିଭିନ୍ନ ଗୀତ ଏବଂ କାବ୍ୟାଂଶକୁ ଆଖ୍ୟାନ ପ୍ରସଙ୍ଗରେ ଗାନ କରିବା ତାହାର ଅର୍ଥ ବ୍ୟାଖ୍ୟା କରିବା ସହିତ ବୃତ୍ତାକାରରେ ନୃତ୍ୟ ପରିବେଷଣ କରିଥାନ୍ତି । ସଂଚାର, ଏବଂ ସମ୍ପ୍ରଦା ହେଉଛି ରାସର ଅନୁରୂପ ଅନ୍ୟ ପ୍ରକାରାନ୍ତର ରୂପ ପରିବେଷଣ ।

*ତାମସା*

ମୋଗଲ ତାମସା ବିଶେଷତଃ ଭଦ୍ରକ ଅଂଚଳରେ ପରିବେଷିତ ହେବା ଦେଖାଯାଏ । ଏହା ଉଭୟ ହିନ୍ଦୁ ଓ ମୁସଲମାନମାନଙ୍କଦ୍ୱାରା ଅଭିନୀତ ହୁଏ । ଅନ୍ୟାନ୍ୟ ପାରମ୍ପରିକ ପରିବେଷଣ ଭଳି ଏହା ମଧ୍ୟ ମୁକ୍ତମଞ୍ଚରେ ପରିବେଷିତ ହୋଇଥାଏ । ମୀନସଂକ୍ରାନ୍ତିଠାରୁ ବିଷୁବସଂକ୍ରାନ୍ତି ପର୍ଯ୍ୟନ୍ତ ବିଶେଷତଃ ଏହା ଅଭିନୀତ ହୁଏ । ବିଷୁବସଂକ୍ରାନ୍ତି ଦିନ ଏହି ତାମସା ଉଜୁଆଁ ଯାଏ । ମାତ୍ର ଏବେ ଏହା ମାତ୍ର ଗୋଟିଏ ଦିନପାଇଁ ଅଭିନୀତ ହେଉଛି । ବିଷୁବସଂକ୍ରାନ୍ତି ଦିନ ଏକ ଶିବମନ୍ଦିରରୁ ମୋଗଲ ବାଦଶାହାଙ୍କ ପଟୁଆର ଆରମ୍ଭ ହୁଏ । ମୋଗଲ ତାମସାର ମୁଖ୍ୟ ଚରିତ୍ର ହେଉଛନ୍ତି ବାଦଶାହା ବା ମିର୍ଜା ସାହେବ । ମିର୍ଜା ସାହେବ ବହୁ ଦାମୀ ଏବଂ ଆଖିଝଲସା ବେଶପୋଷାକରେ ଭୂଷିତହୋଇ ବହୁମୂଲ୍ୟ ପାଲିଙ୍କିରେ ବସି ସୈନ୍ୟସାମନ୍ତ ଓ ବାଦ୍ୟକାରଙ୍କ ଗହଣରେ ମଞ୍ଚକୁ ଆସନ୍ତି । ପଟୁଆରର ଆଗକୁ ଚୋପଦାର ଆସି ପ୍ରଥମେ ବାଦଶାହଙ୍କ ମହିମା ବର୍ଣ୍ଣନାକରି ଗୋଟିଏ ଗୀତ ଗାଏ । ଏହି ଗୀତରେ ପାର୍ଶୀ, ଓଡିଆ, ଓ ବଙ୍ଗଳା ଭାଷା ମିଶିଥାଏ । ତାପରେ ଗୀତ ବୋଲିବୋଲି ଆସି ଝାଡୁଦାର, ହୁକାବାଲା, ପାଣିବାଲା, ଦପ୍ତରୀ, ଚଟନିବାଲା, ପଙ୍ଖାବାଲା— ଏହିଭଳି ଜଣକ ପରେ ଜଣେ ଗୀତ ବୋଲିବୋଲି ନିଜ ପରିଚୟ ନିଜେ ଦେଇଦେଇ ଆସନ୍ତି । ସେଠି ଦରବାର ବସେ । ଯେ ଯାହାର ଦୁଃଖ, ରାଜ୍ୟର ସୁଖଦୁଃଖ ମିର୍ଜା ସାହେବ ବା ମୋଗଲ ସମ୍ରାଟଙ୍କ ନିକଟରେ ସମସ୍ତେ ଗୁହାରି କରନ୍ତି । ମିର୍ଜା ସାହେବ ପୁଣି ଗୀତ ଓ ସଂଳାପ ମାଧମରେ ତାର ସମାଧାନ କରନ୍ତି । ଏହି ଗୁହାରି ଓ ସେବା ଉଭୟ ସଂଳାପ ଏବଂ ବ୍ୟଙ୍ଗାତ୍ମକ ଗୀତ ମାଧ୍ୟମରେ ପରିବେଷିତ ହୋଇଥାଏ । ତାମସାରୁ ମୋଗଲ ଶାସନକାଳୀନ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଚିତ୍ରର ସୂଚନା ମିଳେ । ଓଡିଶାରେ ଭିଲ ତାମସା, ରାଧାକୃଷ୍ଣ ତାମସା, ଚଉଡା ତାମସା, ଯୋଗୀ ତାମସା, ଫକୀର ତାମସା, ଏବଂ ଲେଲିନ୍ ମଜାବାଈ ତାମସା ଆଦି ପରିବେଷିତ ହେଉଥିବା ଦେଖିବାକୁ ମିଳେ ।

### ୪.୨.୨.୨.୫ ଫାର୍ସ ବା ପ୍ରହସନ

**ଫାର୍ସ** ବା ପ୍ରହସନ ସାଧାରଣତଃ ହାସ୍ୟରସ ସୃଷ୍ଟି କରିବା ନିମନ୍ତେ ପରିବେଷଣ କରାଯାଇଥାଏ । ବ୍ୟଙ୍ଗ ବିଦ୍ରୁପାତ୍ମକ ଭଙ୍ଗୀରେ କୌଣସି ଚରିତ୍ର ବା ଘଟଣାର ଅବତାରଣା କରି ଦର୍ଶକ ତଥା ଶ୍ରୋତାମାନଙ୍କ ମନରେ ହାସ୍ୟ ରସର ଉଦ୍ରେକ କରିବାକୁ ଏହି ପରିବେଷଣରେ ପରିବେଷଣକାରୀମାନେ ଚେଷ୍ଟା କରିଥାନ୍ତି । ବେଳେବେଳେ ଏଥିରେ ପ୍ରସଙ୍ଗକ୍ରମେ ଦାମ୍ପତ୍ୟ କଳହ, ସପତ୍ନୀ ବାବାଦ ଭଳି କଥାବସ୍ତୁ ଏଥିରେ ପରିବେଷିତ ହୋଇଥାଏ ତଥା ସମାଜର ବିଭିନ୍ନ ପ୍ରସଙ୍ଗକୁ ବ୍ୟଙ୍ଗବିଦ୍ରୂପ କରିବା ସହିତ ଏହାର ସମାଲୋଚନା କରାଯାଇଥାଏ । ଓଡିଶାରେ ବ୍ରାହ୍ମଣ-ବ୍ରାହ୍ମଣୀ, କେଳା-କେଳୁଣୀ, ବୁଢା-ବୁଢୀ, କାଳୀ-ଗୋରୀ, ରୋଗ-ବଇଦ, ବାବୁ-ବାବୁଆଣୀ, ଗୋପାଳ-ଗୋପାଳୁଣୀ, ରଜକ-ରଜକୀ, ଧୋବା-ଧୋବଣୀ **ଫାର୍ସ**, ନାଟୁଆ ମହାନ୍ତି **ଫାର୍ସ**, ଆବୁହୋସେନ୍ **ଫାର୍ସ**, ନୂଆ ଜୋଇଁ **ଫାର୍ସ**, ଏବଂ ଆଲିବାବା **ଫାର୍ସ** ପ୍ରଭୃତି **ଫାର୍ସ** ପରିବେଷଣ ସମ୍ପର୍କରେ ଆଲୋଚକମାନେ ଆଲୋଚନା କରନ୍ତି ।

### ୪.୨.୩ ଅନ୍ୟାନ୍ୟ ପାରମ୍ପରିକ ପରିବେଷଣ

ଅନ୍ୟାନ୍ୟ ପାରମ୍ପରିକ ପରିବେଷଣ ଭାବରେ ଏଠାରେ ବାଘ ନାଟ, ଛଉ ନାଟ ସାହିଯାତ, ଧନୁଯାତ୍ରା, ପାଟୁଆ ଯାତ୍ରା ଆଦି ପାରମ୍ପରିକ ପରିବେଷଣଗୁଡିକ ସମ୍ପର୍କରେ ଆଲୋଚନା କରାଯାଇଛି । ବାଘନାଟ, ଛଉନାଟ ବା ନୃତ୍ୟ ମଧ୍ୟ

ପରିବେଷଣ ପ୍ରକ୍ରିୟା ଦୃଷ୍ଟିରୁ ସମପର୍ଯ୍ୟାୟୀ ପରିବେଷଣ । ଏହି ପରିବେଷଣ ଦୁଇଟିରେ ଯଦିଓ କିଛିକିଛି ଆଖ୍ୟାନ ଥାଏ ତେବେ, ମୁଖ୍ୟ ପରିବେଷଣ ହେଉଛି ମୁଖା ପରିଚାଳନା ଆଧାରିତ ଅଙ୍ଗାଭିନୟ । ସେହିପରି, ଛାୟା ନାଟକ, ଏବଂ କଣ୍ଢେଇ ନାଟ ନାଟରେ ମଧ୍ୟ ବିଭିନ୍ନ କାହାଣୀ ଆଖ୍ୟାୟିତ ହେଉଥିଲେ ମଧ୍ୟ କଣ୍ଢେଇ ବା ପ୍ରତିକୃତିର ପରିଚାଳନା ହେଉଛି ମୁଖ୍ୟ ପରିବେଷଣ କଳା ଯାହା ଅନ୍ୟାନ୍ୟ ନାଟକ ପରିବେଷଣଠାରୁ ସମ୍ପୂର୍ଣ୍ଣ ଭାବରେ ସ୍ୱତନ୍ତ୍ର । ଅନୁରୂପ ଭାବରେ, ସାହିଯାତ, ଧନୁଯାତ୍ରା, ପାଟୁଆ ଯାତ୍ରା ମଧ୍ୟ ଏକଏକ ସ୍ୱତନ୍ତ୍ର ପରିବେଷଣ— ଏଗୁଡିକୁ ନାଟକ କୁହାଯାଇନପାରେ । ସାହିଯାତ, ଏବଂ ଧନୁଯାତ୍ରାର ପରିବେଷଣରେ ସମ୍ପୃକ୍ତ ସମଗ୍ର ଅଞ୍ଚଳ ପରିବେଷଣ ଭୂମି ବା ମଞ୍ଚ ଭାବରେ ଗୃହୀତ ହୋଇଥାଏ । ଏହି ପରିବେଷଣର ଚରିତ୍ର ଅନ୍ୟାନ୍ୟ ନାଟ୍ୟ ପରିବେଷଣ ଭଳି ଏକ ନିର୍ଦ୍ଦିଷ୍ଟ ମଞ୍ଚରେ ନିଜ ପରିବେଷଣ ଉପସ୍ଥାପନ କରିନଥାନ୍ତି, ବରଂ ସମଗ୍ର ଅଞ୍ଚଳରେ ଭ୍ରମଣ କରିଥାନ୍ତି । ସେହିପରି, ପ୍ରତି ବର୍ଷ ପରିବେଷଣ ପାଇଁ ନୂତନ ପରିବେଷଣକାରୀମାନେ ମଧ୍ୟ ନିର୍ବାଚିତ ହୋଇଥାନ୍ତି ତଥା ଅଂଶଗ୍ରହଣ କରିଥାନ୍ତି । ଅତଏବ, ଏହି ପରିବେଷଣଗୁଡିକୁ ଅନ୍ୟ ପରିବେଷଣ ସହିତ ସମାନ ଭାବରେ ଗ୍ରହଣକରାଯାଇନପାରେ । ପାଟୁଆ ଯାତ୍ରା ମଧ୍ୟ ଏକ ଅଞ୍ଚଳର ତଥା ଏକ ନିର୍ଦ୍ଦିଷ୍ଟ ଲୋକ ଗୋଷ୍ଠୀର ଧାର୍ମିକ ରୀତିନୀତି ଆଧାରିତ ପରିବେଷଣ । ଦଣ୍ଡକୁ (ଦଣ୍ଡ ନାଟ ନୁହେଁ) ମଧ୍ୟ ଏହି ପର୍ଯ୍ୟାୟର ପରିବେଷଣ ଭାବରେ ଗ୍ରହଣ କରାଯାଇପାରେ । ପାଟୁଆ ଯାତ୍ରା, ଦଣ୍ଡ ଭଳି ଓଡିଶାରେ ଅନେକ ପରିବେଷଣ ବିଭିନ୍ନ ଲୋକ ଗୋଷ୍ଠୀରେ ପରିବେଷିତ ହୋଇଥାଏ ।

### ବାଘ ନାଟ

ଗଞ୍ଜାମ ଅଞ୍ଚଳରେ ପରିବେଷିତ ହେଉଥିବା ଏହି ପାରମ୍ପରିକ ପରିବେଷଣ ଦୁଇ ପ୍ରକାରର— ବାଘବେଶ ନାଚ, ଏବଂ ଚିତ୍ରିତ ବାଘନାଚ । ବାଘବେଶ ନାଚରେ, ବେତ ବାଉଁଶରେ ତିଆରି ବାଘର ଆକୃତି ତିଆରି କରି ବାଘ-ଛିଟ ଭେଲଭେଟ୍ କନା ଆବରଣ ଦିଆଯାଇଥାଏ । ଦୁଇ ଜଣ ଅଭିନେତା ଏହି ବାଘବେଶ ଭିତରେ ପଶି ଆକ୍ରମଣ କରିବା, କୁଦାମାରିବା, ଶିକାରକୁ ଘୋଷାଡି ନେବା, ଏବଂ ଝୁଣି ଖାଇବା ଭଳି ବିଭିନ୍ନ ଦୃଶ୍ୟ ପରିବେଷଣ କରିଥାନ୍ତି । ପରିବେଷଣ ସମୟରେ ଚାଙ୍ଗୁ ସହିତ ମହୁରୀ, ଡୁଡୁମ ଆଦି ବାଦ୍ୟଯନ୍ତ୍ର ମଧ୍ୟ ବ୍ୟବହୃତ ହୋଇଥାଏ । ବାଘନୃତ୍ୟରେ ପରିବେଷଣକାଳୀନ ବାଦ୍ୟର ତାଳକୁ ତିନି ଭାବଗରେ ବିଭକ୍ତ କରାଯାଇଥାଏ— ଦ୍ରୁତ, ମଧ୍ୟମ, ଏବଂ ସାଧାରଣ । ଦ୍ରୁତ ତାଳରେ ବାଘର ପ୍ରଥମ ଆଗମନ, ଦ୍ରୁତଗତିରେ ଶିକାର ଉପରକୁ ଆକ୍ରମଣ, ଶିକାରକୁ ଝୁଣି ଖାଇବା, ଶିକାରକୁ ମାରି ଦ୍ରୁତଗତିରେ ଟେକିନେବା ସମୟରେ ଦ୍ରୁତ ତାଳ ପଡିଥାଏ । ଅନୁରୂପ ଭାବରେ, ଶିକାରକୁ ଛକି ରହିବା, ସୁଯୋଗ ଉଣ୍ଡି ଆକ୍ରମଣ ଉଦ୍ୟମ ଓ ଶିକାରକୁ ମାରିବା ପରେ ଘୋଷାରି ନେବା ସମୟରେ ମଧ୍ୟମ ତାଳର ପ୍ରୟୋଗ ହୋଇଥାଏ । ଏବଂ, ବାଘ ଜଙ୍ଗଲରେ ବୁଲୁଥିବା, କୌତୁକରେ ଖେଳୁଥିବା ଓ ଗୋଟିଏ ସ୍ଥାନରେ ନୃତ୍ୟସାରି ଅନ୍ୟସ୍ଥାନକୁ ଯିବା ସମୟରେ ସାଧାରଣ ତାଳ ପ୍ରୟୋଗ ହୋଇଥାଏ । ସେହିପରି, ଚିତ୍ରିତ ବାଘ ନାଚରେ ପରିବେଷଣକାରୀଙ୍କୁ ବାଘ ଭାବରେ ବିଭିନ୍ନ ରଙ୍ଗରେ ଚିତ୍ରିତ ହୋବାକୁ ହୋଇଥାଏ । କାଠ ବାଉଁଶରେ ପ୍ରସ୍ତୁତ ବାଘ ମୁଣ୍ଡକୁ ଠାକୁରାଣୀଙ୍କ ପାଖରେ ପୂଜା କରାଗଲା ପରେ ଏହାକୁ ଧାରଣକରି ପରିବେଷଣକାରୀ ନୃତ୍ୟ ପରିବେଷଣ କରିଥାନ୍ତି । କେହିକେହି ପରିବେଷଣକାରୀ ଏଥିପାଇଁ ମାନସିକ ବି କରିଥାନ୍ତି, ଏବଂ ମାନସିକ ପୂରଣ ହେଲେ ନିଜକୁ ବାଘ ବେଶରେ ସଜାଇ ନୃତ୍ୟ ପରିବେଷଣ କରିଥାନ୍ତି ।

### ଛଉ ନାଚ

ଷଢେଇକଳା, ପୁରୁଲିଆ,ଏବଂ ମୟୁରଭଞ୍ଜ ଏହି ତିନୋଟି ଅଞ୍ଚଳରେ ବିଶେଷତଃ ଛଉ ନୃତ୍ୟର ପ୍ରଚଳନ ଅଛି । ଚଇତ ମାସର ଚଇତ ପର୍ବଠାରୁ ଏ ନୃତ୍ୟ ଆରମ୍ଭ ହୋଇ ବୈଶାଖ ମାସର ପ୍ରଥମଦିନ ଯାଏ ପରିବେଷିତ ହୋଇଥାଏ । ମୟୂରଭଞ୍ଜ ଓ ଷଢେଇକଳାରେ ପ୍ରଥମ ମାଜଣାଘାଟରୁ ଉକ୍ତ ନୃତ୍ୟର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୁଏ । ଏହାପରେ ଶୋଭାଯାତ୍ରା ବାହାରି ଶିବ ମନ୍ଦିରରେ ପହଞ୍ଚେ, ଏବଂ ସେଠାରେ ପୂଜାର୍ଚ୍ଚନା କରାଯାଏ । ଜର୍ଜର ନାମକ ସ୍ତମ୍ଭଧାରୀ ବ୍ୟକ୍ତି ଏହି ଶୋଭାଯାତ୍ରାର

ନେତୃତ୍ୱ ଗ୍ରହଣ କରିଥାଆନ୍ତି । ମନ୍ଦିରରୁ ସେମାନଙ୍କ ଯାତ୍ରା ଆରମ୍ଭ ହୁଏ ରାଜପ୍ରସାଦକୁ ତାପରେ ଯାଇଥାନ୍ତି ଆଖଡା ଘରକୁ । ଆଖଡାର ପ୍ରଥମ ରାତିରେ ଘଟପୂଜା କରାଯାଏ । ପୁନର୍ବାର ଘଟକୁ ଧରି ଶୋଭାଯାତ୍ରାରେ ଯାଉଥିବା କଳାକାର ଦଣ୍ଡ ସହାୟତାରେ ନାନାବିଧ ଶାରୀରିକ କୌଶଳ ପ୍ରଦର୍ଶନ କରନ୍ତି । ଏପରିକି ନିଆଁ ଉପରେ ଚାଲିବା ଭଳି ଦୁଃସାହସିକ ପ୍ରଦର୍ଶନ ମଧ୍ୟ ଦେଖିବାକୁ ମିଳେ । ଦ୍ୱିତୀୟ ପର୍ଯ୍ୟାୟ ବୃନ୍ଦାବନୀ ନାମରେ ନାମିତ । ଏଥିରେ ହନୁମାନଙ୍କ ଲଙ୍କାପୋଡା ବୃତ୍ତାନ୍ତ ବର୍ଣ୍ଣିତ ହୋଇଥାଏ । ଏହା ମୁଖ୍ୟତଃ ରାଜପ୍ରସାଦ ମଧରେ ଅଭିନୀତ ହୁଏ । ତୃତୀୟ ପର୍ଯ୍ୟାୟ କାଳିକା ଘଟ ନାମରେ ନାମିତ । ଏହାପରେ ଛଉ ନୃତ୍ୟ ଆରମ୍ଭ ହୁଏ । ଗତି ଅନୁସାରୀ ତାଳ ଯୋଜନା ଛଉନୃତ୍ୟର ମୁଖ୍ୟ ଆକର୍ଷଣ । ଏଥିରେ ଚାରିପ୍ରକାର ମର୍ଦ୍ଦଳ ବ୍ୟବହୃତ ହୋଇଥାଏ । ସେଗୁଡିକର ନାମ ହେଲା ଢୋଲ, ନାଗରା, ଧୂପସା, ଓ ଟିକ୍କା । କିନ୍ତୁ ମୟୂରଭଞ୍ଜର ଛଉରେ ମହୁରୀର ପ୍ରଚଳନ ମଧ୍ୟ ଅଛି । ଏହାଛଡା ଘଣ୍ଟ, କରତାଳ, ଶିଙ୍ଗା ପ୍ରଭୃତି ବାଦ୍ୟଯନ୍ତ୍ର ମଧ ଏଥିରେ ବ୍ୟବହୃତ ହୋଇଥାଏ ।। ସାଧାରଣତଃ ପୌରାଣିକ ଏବଂ କିମ୍ବଦନ୍ତୀ ଆଧାରିତ ବିଷୟକୁ ନେଇ ଛଉନୃତ୍ୟ ପରିବେଷିତ ହୋଇଥାଏ । ଷଢେଇକଳା ଓ ପୁରୁଲିଆ ଅଞ୍ଚଳରେ ପରିବେଷିତ ହେଉଥିବା ଛଉନୃତ୍ୟରେ ମୁଖାର ପ୍ରଚଳନ ଦେଖିବାକୁମିଳେ । କାଠ କିମ୍ବା ମାଟିରେ ଏହି ମୁଖାଗୁଡିକ ତିଆରି କରାଯାଇଥାଏ । ଚରିତ୍ର ତଥା ସେମାନଙ୍କ ଆଖ୍ୟାନ ପ୍ରକ୍ରିୟା ସହ ସାମଞ୍ଜସ୍ୟ ରଖି ମୁଖାଗୁଡିକୁ ବିଭିନ୍ନ ରଙ୍ଗରେ ରଙ୍ଗାୟିତ କରାଯାଇଥାଏ । ଭାବପ୍ରକାଶପାଇଁ ଅଙ୍ଗଚାଳନା ହିଁ ଏହାର ମାଧମ । ଏହା ଏକ ବୀରତ୍ୱ ବ୍ୟଞ୍ଜକ ନୃତ୍ୟ । ଏଥିରେ ଷୋଳ ଜଣ ବା ବତିଶ ଜଣ ନୃତ୍ୟକାରୀ ଅଂଶଗ୍ରହଣ କରିଥାନ୍ତି ।

### କଣ୍ଢେଇ ନାଟ

କଣ୍ଢେଇ ନାଟ ବା ନାଚ ଏକ ଅନନ୍ୟ ପରିବେଷଣ କଳା । ଏହି ପରିବେଷଣରେ ପରିବେଷଣକାରୀ ପ୍ରଚ୍ଛଦରେ ରହି କଣ୍ଢେଇଗୁଡିକୁ ଆଖ୍ୟାନ ଅନୁରୂପ ପରିବେଷଣ କରିଥାନ୍ତି । ଏହି ପରିବେଷଣରେ ବ୍ୟବହୃତ କଣ୍ଢେଇଗୁଡିକ ପରିବେଷଣକାରୀମାନଙ୍କଦ୍ୱାରା ହିଁ ପ୍ରସ୍ତୁତ ହୋଇଥାଏ । ଆଖ୍ୟାନର ବିଷୟବସ୍ତୁ ଭାବରେ ରାମ ଲୀଳା, କୃଷ୍ଣ ଲୀଳା ଭଳି ପୌରାଣିକ କାହାଣୀ ସହିତ ବିଭିନ୍ନ ଐତିହାସିକ ଏବଂ ସାମାଜିକ କାହାଣୀ ମଧ୍ୟ ଆଖ୍ୟାୟିତ ହୋଇଥାଏ । ଓଡିଶାରେ ଚାରି ପ୍ରକାରର କଣ୍ଢେଇ ନାଟ ପରିବେଷିତ ହେବା ଦେଖିବାକୁ ମିଳେ— ୧. ସୂତା କଣ୍ଢେଇ, ୨. ହାତ କଣ୍ଢେଇ, ୩, ବାଡି କଣ୍ଢେଇ, ଏବଂ ୪. ଛାୟା ନାଟକ ବା ରାବଣଛାୟା ।  ସଖୀ କଣ୍ଢେଇ ମୁକ୍ତ ମଞ୍ଚରେ ପରିବେଷିତ ହେଉଥିଲାବେଳେ ସୂତା କଣ୍ଢେଇ ଏବଂ ବାଡି କଣ୍ଢେଇ ପାଇଁ ଏକମୁଖୀ ମଞ୍ଚ ବ୍ୟବହୃତ ହୋଇଥାଏ । ଏହି ମଞ୍ଚର ଲମ୍ବ ୫-୬ଫୁଟ୍, ଏବଂ ଉଚ୍ଚତା ଓ ଚଉଡା ୩-୪ ଫୁଟ୍ ହୋଇଥାଏ । ସୂତା କଣ୍ଢେଇ ଉପରୁ, ଏବଂ ବାଡି କଣ୍ଢେଇ ମଞ୍ଚ ତଳରୁ ପରିଚାଳିତ ହୋଇଥାଏ । ପରିବେଷଣକାଳରେ ଢୋଲକି, ଯୋଡିନାଗରା, ମହୁରୀ, ଝଂଜଣୀ, ବଂଶୀ, ଗିନି, ହାରମୋନିୟମ୍, ଏବଂ ଝୁମକା ଆଦି ବାଦ୍ୟଯନ୍ତ୍ର ବ୍ୟବହୃତ ହୋଇଥାଏ ।

### ସାହିଯାତ

ଦୋଳ ଉତ୍ସବ ସରିବା ପରେପରେ ଶ୍ରୀମନ୍ଦିରକୁ କେନ୍ଦ୍ରକରି ଗଢିଉଠିଥିବା ସାତ ସାହିର ଆଖଡା ପରିବେଷିତ ହୋଇଥାଏ । ସାହି ନାହାକଙ୍କ ସଭାପତିତ୍ୱରେ ଭିନ୍ନଭିନ୍ନ ସାହିମାନଙ୍କରେ ଏହା ଅନୁଷ୍ଠିତ ହୋଇଥାଏ । ଏହି ସାହି ନାହାକ ନାମଧାରୀ ବ୍ୟକ୍ତିମାନେ ପୁରୁଷାନୁକ୍ରମେ ପୁରୀର ମହାରାଜାଙ୍କଦ୍ୱାରା ନିଯୁକ୍ତି ପାଇଥାନ୍ତି ଓ ବର୍ତ୍ତମାନସୁଦ୍ଧା ଏହି ପରମ୍ପରା ବଜାୟ ରହିଛି । ସାହିଯାତ ପୂର୍ବରୁ ଏହି ବୈଠକରେ ସିଦ୍ଧାନ୍ତ ନିଆଯାଏ, କେଉଁକେଉଁ ଯୁଆନ୍‌ମାନେ ରାବଣ, ସପ୍ତଶିରା, ତ୍ରିଶିରା, ଦଶାବତାର ଇତ୍ୟାଦି ମେଢମାନ ବନ୍ଧାଇବେ । ସାହିଯାତ ପୂର୍ବରୁ ପ୍ରତ୍ୟେକ ଜାଗାର ଜରିବଦାର ବା ସମ୍ପାଦକ ନିଜନିଜ ଜାଗାର ଯୁଆନ୍‌ମାନଙ୍କର ଏକ ତାଲିକା ପ୍ରସ୍ତୁତ କରିଥାନ୍ତି, ଯେଉଁମାନେ କି ଏହି ସାହିଯାତରେ ଅଂଶଗ୍ରହଣ କରିବେ । ଏହି ତାଲିକାକୁ 'ପଥର ଆଖଡା' ବୈଠକରେ 'ସାହି ନାହାକ'ଙ୍କୁ ପ୍ରଦାନ କରାଯାଏ । ସାହି ନାହାକଙ୍କ ଅନୁମୋଦନ ପରେ ପ୍ରତ୍ୟେକ ଜାଗାରେ ଜଣେ ଓସ୍ତାଦ ବା ଗୁରୁଙ୍କ ଅଧୀନରେ ଯୁଆନ୍‌ମାନେ ନୃତ୍ୟାଭ୍ୟାସ ଆରମ୍ଭ କରିଥାନ୍ତି । ଏହି  ନୃତ୍ୟ

ଅଭ୍ୟାସ ପାଇଁ ପ୍ରତ୍ୟେକ ଜାଗା ତରଫରୁ ବିଭିନ୍ନ ପ୍ରକାରର 'ଖୋରାକି' ଯଥା କ୍ଷୀରସର, ପାପୁଡି, ରାବିଡି, ଗୁରୁନ୍ଦା, ପେଣ୍ଡା ସର୍ବତ, ଓ ବିଭିନ୍ନ ଫଳମୂଳ ଯୋଗାଇ ଦିଆଯାଇଥାଏ । ସାହିଯାତରେ ମଲ୍ଲକୁସ୍ତି, ମେଳକୁସ୍ତି, କସରତ, ଫରି ଖେଳ, ବାଙ୍କ ଛୁରୀ, ଛଡି, ନିଝାମ, ପଟା, ବାଘ ନାଟ, ତଥା ବିଭିନ୍ନ ପ୍ରକାରର ବନାଟି, ବାଡି ବା ଲାଠି ଖେଳ ; ବୁଢା-ବୁଢୀ, କେଳା-କେଲୁଣୀ, ଶବର-ଶବରୁଣୀ ନୃତ୍ୟ, ପାଲା, ସାଠୋରା, ଦାସକାଠି, ଚଇତି ଘୋଡା, ପ୍ରଭୃତି ନୃତ୍ୟ ତଥା ଅଭିନୟ ହେବା ସହିତ ପର୍ଶୁରାମ, ରାବଣ, ରାମ, ଲକ୍ଷ୍ମଣ, ସୀତା, ଭରତ, ଶତ୍ରୁଘ୍ନ, ହନୁମାନ, ତ୍ରିଶିରା, ସପ୍ତଶିରା, ଦଶାବତାର, ଅର୍ଦ୍ଧନାରୀଶ୍ୱର, ଦୁର୍ଗା, ମଙ୍ଗଳା, କୃଷ୍ଣଲୀଳା, ଗଣେଶ, ଶିବ, ନୃସିଂହ, ପଞ୍ଚମୁଖୀ ହନୁମାନ, ନାଗା ଓ ବିଭିନ୍ନ ପ୍ରକାରର ସୁଦୃଶ୍ୟ ମେଢ ବାନ୍ଧିଥାନ୍ତି ଭିନ୍ନଭିନ୍ନ ଜାଗା ଆଖଡାର ଟୋକାମାନେ ।

ସାହିଯାତ ପ୍ରାରମ୍ଭରେ ହରଚଣ୍ଡୀ ସାହି ମେଳ (ଶ୍ରୀରାମଙ୍କ ପକ୍ଷ) ଦକ୍ଷିଣକାଳୀଙ୍କୁ ପୂଜା କରନ୍ତି । ଅସ୍ତ୍ରଶସ୍ତ୍ର ପୂଜା ହୋଇ ସିନ୍ଦୂର କରାଯାଏ । ପୁରୁଣା ନଅରର ଗଡଦେବୀ 'ଶ୍ୟାମକାଳୀ'ଙ୍କ ନିକଟସ୍ଥ ଅଷ୍ଟଶମ୍ଭୁଙ୍କ ଜଗମୋହନରେ ଅସ୍ତ୍ରଶସ୍ତ୍ର ହାତ ହତିଆର ରଖିଦିଅନ୍ତି । ପରଦିନ ଶ୍ୟାମକାଳୀଙ୍କଠାରୁ ଉଆସ ଦାଣ୍ଡ, ବାଲିସାହି ଦେଇ କାକୁଡିଖାଇ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥାନ୍ତି । ପରଦିନଠାରୁ ବାଲିସାହି ଓ ଅନ୍ୟାନ୍ୟ ସାହିର ସାହିଯାତ ସବୁ କ୍ରମାନ୍ୱୟରେ ଅନୁଷ୍ଠିତ ହୁଏ । ପ୍ରତ୍ୟେକ ମେଳରେ ଜାଗାଘରମାନଙ୍କର ବରିଷ୍ଠ ବ୍ୟକ୍ତିମାନେ ହାତୀ ଉପରେ ବସି ନିଶାଣଧରି ଆଗେଆଗେ ବାହାରନ୍ତି । ସାହିଯାତର ଆକର୍ଷଣର କେନ୍ଦ୍ରବିନ୍ଦୁ ଦଶାନନ ରାବଣ । ଏହି ରାବଣ ନାଚକୁ ସାହିଯାତରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । ଯେଉଁ ସାହିର ରାବଣ ସରସା ନାଚିଲା ସେ ସାହିର ରାବଣ ବନ୍ଧାଇଥିବା ବ୍ୟକ୍ତି, ସେହି ସାହିର ଭେଣ୍ଡିଆମାନେ ତଥା ସାହି ନାହକ ସାତସାହିରେ ସରସା ବିବେଚିତ ହୋଇଥାନ୍ତି । ସାହିଯାତର ଅନ୍ୟତମ ଆକର୍ଷଣ ହେଉଛି, ବିଭିନ୍ନ ପ୍ରକାର ଫୁଲ ଓ ସୋଲରେ ସୁସଜ୍ଜିତ ଷଡଭୁଜା, ଚତୁର୍ଭୁଜା, ଓ ଦ୍ୱିଭୁଜା ଦୁର୍ଗା, କାଳୀ, ଗଣେଶ, ନୃସିଂହ, ଶିବ, ଅର୍ଦ୍ଧ-ନାରୀଶ୍ୱର, ଦଶାବତାର, ମଙ୍ଗଳା ଇତ୍ୟାଦି ମେଢ । ନାଗା ନୃତ୍ୟ ହେଉଛି ସାହିଯାତର ଅନ୍ୟତମ ବିଭବ । ମୁଣ୍ଡରେ ଜଟ ଓ ଜଟାଫୁଲ, କାନ୍ଧରେ ଧନୁ, ପିଠିରେ ଢାଲ, ପେଟରେ ବ୍ୟାଘ୍ର ଚର୍ମ, ଅଣ୍ଟା ଓ ଜଂଘରେ ଘଣ୍ଟି, ଗୋଡରେ ଚଉଁରା, ବେକରେ ରୁଦ୍ରାକ୍ଷମାଳି, ହାତରେ ବାହୁଟି ପିନ୍ଧି ନାଗାମାନଙ୍କର ପାହୁଲ, ଆଖି ତରାଟି ଓ ଉଗ୍ରନୃତ୍ୟ ପରିବେଷଣ ଅତ୍ୟନ୍ତ ଆକର୍ଷଣୀୟ ହୋଇଥାଏ ।

### ଦଣ୍ଡ

ଦଣ୍ଡ ନାଟ ତଥା ଦଣ୍ଡ ନୃତ୍ୟ ଆଲୋଚନା ପ୍ରସଙ୍ଗରେ ଦଣ୍ଡ ରୀତିନୀତିକୁ ମଧ୍ୟ ନାଟକ ଏବଂ ନୃତ୍ୟ ପରମ୍ପରା ଭାବରେ ଆଲୋଚନା କରାଯାଇଥାଏ ଯଦିଓ ଉପାଦାନ ଦୃଷ୍ଟିରୁ ଏହା ନୃତ୍ୟ ବା ନାଟକ ନୁହେଁ ବରଂ, ଧର୍ମୀୟ ଅନୁଷ୍ଠାନ ତଥା ସ୍ୱତନ୍ତ୍ର ପରିବେଷଣ । ଦଣ୍ଡ ଶୈବ ପରମ୍ପରାର ପ୍ରତୀକ । ମେଷ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିର ସାତ ଦିନ ସ୍ଥଳ ବିଶେଷରେ ତେରଦିନ କେଉଁଠି ଏକୋଇଶ ଦିନ ପୂର୍ବରୁ ଆରମ୍ଭ ହୋଇ ଉକ୍ତ ଦିନ ଏହା ଶେଷ ହୋଇଥାଏ । ସାଧାରଣତଃ ଓଡିଶାର ଗଡଜାତ ତଥା ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ ଏହା ବହୁଳ ଭାବରେ ପାଳିତ ହୋଇଥାଏ । ଦଣ୍ଡର ବିଭିନ୍ନ ପୂର୍ବରୁ ପର୍ଯ୍ୟାୟ ଅଛି । ଯେଉଁ ଗାଁରେ ବା ଯେଉଁ ବ୍ୟକ୍ତି ଘରେ ଦଣ୍ଡ ଭାଙ୍ଗିବାର ଥାଏ । ସେ ଯଜମାନ ଭାବରେ ବାଟ ବରଣ କରି ଦଣ୍ଡଦଳକୁ ଗାଁକୁ ନିମନ୍ତ୍ରଣ କରି ଆଣନ୍ତି । ଭୋକ୍ତାମାନେ ଗାଁରେ କୌଣସି ଏକ ସ୍ଥାନରେ ଶିବ-ଶକ୍ତିଙ୍କୁ ଅସ୍ଥାୟୀ ଭାବରେ 'କାମନା ଘର'ରେ ସ୍ଥାପନା କରିଥାନ୍ତି । କାମନା ଘଟ ସ୍ଥାପନା ପରେ ଗ୍ରାମର ମଙ୍ଗଳ ସକାଶେ ସମସ୍ତ ଭୋକ୍ତା ଏକତ୍ର ଭାବରେ ପ୍ରାର୍ଥନା କରନ୍ତି । ବୀଣାକାର ମଙ୍ଗଳ ବାକ୍ୟ ଗାନ କରିଥାନ୍ତି । ସ୍ତୁତିଗାନ ପରେ ଭୋକ୍ତାମାନେ ଆମ୍ବତୋଟା, ପୋଖରୀ ପାଖ, ତଥା ଗ୍ରାମ ପ୍ରାନ୍ତରରେ ଅବସ୍ଥିତ ଗଛତଳେ ବିଶ୍ରାମ ନିଅନ୍ତି ଏହା ବନଦଣ୍ଡ ଭାବରେ ପରିଚିତ । ସେହିପରି, ଦଣ୍ଡୁଆମାନଙ୍କ ସହିତ ଅନ୍ୟ ଭୋକ୍ତାମାନେ ପ୍ରଚଣ୍ଡ ରୌଦ୍ରତାପରେ ଛତ୍ର-ବୈରଖ ଧରି ଗାଁକୁ ଆସିବା ଗାଁଦାଣ୍ଡ ଧୂଳିରେ ଗଡଘାଲି ହେବା ଧୂଳିଦଣ୍ଡ । ଏଥିରେ ବିଭିନ୍ନ ଶାରୀରିକ ଅଙ୍ଗଭଙ୍ଗୀ ତଥା ବିଭିନ୍ନ ଆଙ୍ଗିକ ପ୍ରକ୍ରିୟାର ପ୍ରଦର୍ଶନ କରିଥାନ୍ତି । ଧୂଳିଦଣ୍ଡ ପ୍ରକ୍ରିୟା ପରେ ପୋଖରୀକୁ ଯାଇ କୂଳରେ ଛତ୍ର ବୈରଖ, ତଥା ରୁଦ୍ରକାଳୀକୁ ରଖି ଏକ ଶିବଲିଂଗ ସ୍ଥାପନା କରନ୍ତି, ଏବଂ ଭୋକ୍ତାମାନେ ଅଣ୍ଟାଏ ପାଣିରେ ପଶି ଶିବଙ୍କୁ ସ୍ତୁତି କରନ୍ତି । ଏହି ସମୟରେ କାଠକୁ କାଠ ଘଷି ଅଗ୍ନି ବାହାରକରି

ଚାରିଖଣ୍ଡ ମାଟି ଦଣ୍ଡାରେ ଅଗ୍ନି ସଂଯୋଗ କରନ୍ତି ଏବଂ ଏହି ସଂଯୋଗିତ ଅଗ୍ନିକୁ ଦେବତାଙ୍କ ଆବିର୍ଭାବ ବୋଲି ମନେକରାଯାଏ । ଏହା ପାଣିଦଣ୍ଡ ଭାବରେ ପରିଚିତ । ଏହି ଅଗ୍ନିଦଣ୍ଡ ଓ ଶିବଶକ୍ତିକୁ ଧରି ଭୋକ୍ତାମାନେ ଘରକୁ ଘର ଦାଣ୍ଡରେ ବୁଲିଥାନ୍ତି, ଏହାକୁ ଝୁଣାଖେଳ କୁହାଯାଏ । ଏହି ଝୁଣାଖେଳରେ ଅନ୍ୟ ଭୋକ୍ତାମାନେ ମଧ୍ୟ ବିଭିନ୍ନ ବେଶରେ ନୃତ୍ୟକରିକରି ବୁଲନ୍ତି । ରାତିରେ ମନୋରଞ୍ଜନ ପାଇଁ ହାଡି-ହାଡିଆଣୀ, ଈଶ୍ୱର-ପାର୍ବତୀ, ପରଭା-ପରଭାଣୀ, ଚଢେଆ-ଚଢେଆଣୀ, ଫକୀର-ଫକୀରାଣୀ, ନବଛନକା-ନବଛନକୀ, ଶଳା-ଭିଣୋଇ, କେଳା-କେଲୁଣୀ, ଭାଲୁଆ-ଭାଲୁଆଣୀ, ଯୋଗୀ-ଯୋଗିଆଣୀ, ଦିଅର-ଭାଉଜ, ବାଇଧନ, ଶବର-ଶବରୁଣୀ, ପତ୍ରସଉରା-ସଉରୁଣୀ, ବୀଣାକାର-ବୀଣାକାରୁଆଣୀ ଆଦି ସୁଆଙ୍ଗ ପରିବେଷିତ ହୋଇଥାଏ ।

ଦଣ୍ଡ ପୂଜାର ଅନ୍ୟ ପ୍ରକାରାନ୍ତର ରୂପ ହେଉଛି ପାଟୁଆ ଯାତ୍ରା, ଚଡକପୂଜା, ଝାମୁଯାତ୍ରା । ବାଲେଶ୍ୱର, ମେଦିନୀପୁର ଅଞ୍ଚଳରେ ଏହା ଚଡକ ପୂଜା ଭାବରେ ପରିଚିତ ହେଲାବେଳେ ବାଙ୍କି, କାକଟପୁର, କଟକ, ପୁରୀ ଆଦି ଅଞ୍ଚଳରେ ଏହା ଝାମୁଯାତ୍ରା ଭାବରେ ପରିଚିତ ।

### ଧନୁଯାତ୍ରା

ଧନୁଯାତ୍ରା ପଶ୍ଚିମ ଓଡିଶାର ଏକ ବିଶେଷ ପାରମ୍ପରିକ ପରିବେଷଣ । ଧନୁଯାତ୍ରାର ପରିବେଷଣ ଏକ ମଞ୍ଚ ମଧ୍ୟରେ ସୀମିତ ନୁହେଁ, ସମଗ୍ର ବରଗଡ ସହରକୁ ଏଥିପାଇଁ ମଞ୍ଚ ଭାବରେ ଗ୍ରହଣ କରାଯାଇଥାଏ । ଏବଂ, ଏଠାରେ ଦର୍ଶକ ମଧ୍ୟ ସମଗ୍ର ସହରର ସାଧାରଣ ଜନତା । ଅମ୍ବାପଲି ଗ୍ରାମକୁ ଗୋପପୁର, ବରଗଡ ସହରକୁ କଂସ ରାଜାର ରାଜଧାନୀ ମଥୁରା, ଓ ମଧବର୍ତ୍ତୀ ଜୀରା ନଦୀକୁ ଯମୁନା ରୂପେ କଳ୍ପନାକରି ଏକ ବିଶାଳ ଅଞ୍ଚଳକୁ ରଙ୍ଗଭୂମିରେ ପରିଣତ କରାଯାଏ । ଏହି ଯାତ୍ରା ପୌଷମାସରେ ପ୍ରାୟ ଏଗାର ଦିନଧରି ଅନୁଷ୍ଠିତ ହୋଇଥାଏ । ଏହି ଏଗାର ଦିନରେ କୃଷ୍ଣଙ୍କ ଜନ୍ମ, ନାବକେଳି, ଅକ୍ରୁରଙ୍କ ଜୀରାନଦୀରେ ସ୍ନାନ, କୃଷ୍ଣଙ୍କ କାଳୀୟ ଦଳନ, କଂସର ନଗରୀ ପରିକ୍ରମା, ରଂଗସଭା, କଂସବଧ ଆଦି ବିଭିନ୍ନ ପରିବେଷଣ ଆୟୋଜିତ ହୋଇଥାଏ । କଂସ ମଥୁରାର ରାଜା ଭାବରେ ହାତୀ ଉପରେ ବସି ବରଗଡ ନଗରୀ ଭ୍ରମଣ, ଓ ରାଜା ଭାବରେ ପ୍ରଜାଙ୍କ ଭଲମନ୍ଦ ପଚାରିବା ସହିତ ଦୋଷୀକୁ ବିଭିନ୍ନ ଦଣ୍ଡପ୍ରଦାନ କରିବା ଦେଖାଯାଏ । ଏହି ଦଣ୍ଡପ୍ରଦାନକୁ ସମ୍ପୃକ୍ତ ଲୋକ ଗୋଷ୍ଠୀ ସଦସ୍ୟ ଆନନ୍ଦର ସହକାରେ ଗ୍ରହଣ କରିବା ଏ ପରିବେଷଣର ଉଲ୍ଲେଖନୀୟ ଦିଗ । ଏପରିକି ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ଏବଂ ସ୍ଥାନୀୟ ବିଦ୍ୱାନବ୍ୟକ୍ତି ବିଶେଷମାନେ ମଧ୍ୟ ଏହାକୁ ଅସ୍ୱୀକାର କରିନଥାନ୍ତି । ବରଗଡ ବ୍ୟତୀତ ପଶ୍ଚିମ ଓଡିଶାର କୁଚିଣ୍ଡା, ଚିଚିଣ୍ଡା, ଏବଂ ଭଟଲି ଆଦି ବିଭିନ୍ନ ଅଞ୍ଚଳରେ ମଧ୍ୟ ଧନୁଯାତ୍ରା ଅନୁଷ୍ଠିତ ହୋଇଥାଏ ।

ଏହା ବ୍ୟତୀତ, ଓଡିଶାର ବିଭିନ୍ନ ଅଞ୍ଚଳରେ ଏହିଭଳି ଅନେକ ପାରମ୍ପରିକ ପରିବେଷଣ ଦେଖିବାକୁ ମିଳେ । ଛତର ଯାତ୍ରା, ଲାଠି ଯାତ୍ରା, ଶୁଳିଆ ଯାତ୍ରା, ଡୋକରୀବୁଢୀ ଯାତ୍ରା, କନ୍ତକୁଆଁରୀ ଯାତ୍ରା, ପାଟଖଣ୍ଡା ଯାତ୍ରା, ଖଣ୍ଡାବସା, ସାରହୁଲ, ବାହାବୋଙ୍ଗା, କରମା, କଳସୀ ବା ଠାକୁରାଣୀ ଯାତ୍ରା, ଚଇତ୍ରା ଯାତ୍ରା, ମକର ଯାତ୍ରା, ଟୁସୁ, ଶୀତଳ ଷଷ୍ଠୀ ଯାତ୍ରା, ନାଗନାଗେନ୍ ଯାତ୍ରା, ଡାଣ୍ସରା ବା ବେଲ୍ସରା, ଟଁକି ପରବ ପ୍ରଭୃତି କୃଷିଭିତ୍ତିକ, ଆଞ୍ଚଳିକ ତଥା ପୌରାଣିକ ଦେବଦେବୀଙ୍କ ଯାତ୍ରାକୁ ଏହାର ଉଦାହରଣସ୍ୱରୂପ ଗ୍ରହଣ କରାଯାଇପାରେ ।

### ଯାତ୍ରା ନାଟକ

ଯାତ୍ରାକୁ ଏକ 'ଉଦାର ସଂଜ୍ଞା (ମାନସିଂହ ୧୯୭୭, ୩୪୬)' ଭାବରେ ଗ୍ରହଣକରି ଏଥିରେ ସୁଆଙ୍ଗ, ଲୀଳା, ଦଣ୍ଡ ନାଚ, ସଖୀ ନାଟ, କେଳା-କେଲୁଣୀ, ଚଢେଆ-ଚଢେଆଣୀ ଗୀତିନାଟ୍ୟ ଇତ୍ୟାଦି ଲୋକବୃତ୍ତର ସମସ୍ତ ଶାଖା ଅନ୍ତର୍ଭୁକ୍ତ କରାଯାଏ (ଦାଶ, ୧୯୮୦, ୧୮୧; ଦାସ ୨୦୧୧, ୧୩୯) । ସେହିପରି, ଯାତ୍ରା କହିଲେ ବିଭିନ୍ନ ପାରମ୍ପରିକ ଦେବଦେବୀଙ୍କ ପୂଜା, ମେଳଣ ତଥା ଧର୍ମୀୟ ଉତ୍ସବକୁ ମଧ୍ୟ ବୁଝାଇଥାଏ (ପାଣିଗ୍ରାହୀ ୨୦୧୨, ୨୦୪) । ଅନୁରୂପ

ଭାବରେ, ଅପେରାକୁ ମଧ୍ୟ ଆଲୋଚକ ତଥା ଓଡିଆ ଲୋକ ଗୋଷ୍ଠୀର ସଦସ୍ୟମାନେ ଯାତ୍ରା ଭାବରେ ପରିଚିତ କରିଥାନ୍ତି । ଏବଂ, ଆମେ ଜାଣୁ ଯେ ସୁଆଙ୍ଗ, ଲୀଳା, ସଖୀନାଟ ଭଳି ନୃତ୍ୟ ଓ ନାଟକ ପରିବେଷଣ, ଓ ଦେବଦେବୀ ପୂଜା-ମେଳଣଗୁଡିକ ନିଜନିଜ ସ୍ୱରୂପଦୃଷ୍ଟିରୁ ଅଲଗା; ଅତଏବ, ସମ୍ପ୍ରତି ଯାତ୍ରା ନାଟକ (ଧନୁ ଯାତ୍ରା, ପାଟୁଆ ଯାତ୍ରା, ଶୁଳିଆ ଯାତ୍ରା ନୁହେଁ) କହିଲେ ଅପେରା ବା ସ୍ୱ-ପରିଚିତ ଗଣନାଟ୍ୟକୁ ବୁଝିବାରେ କୌଣସି ଦ୍ୱନ୍ଦ୍ୱନାହିଁ ।

ଆମେ ଯେଉଁ ଯାତ୍ରା ନାଟକ ଦେଖୁଛୁ ଊନବିଂଶ ଶତାବ୍ଦୀର ପୂର୍ବାର୍ଦ୍ଧରେ ଏହି ନାଟ୍ୟ ପରମ୍ପରାର ପରିବେଷଣ ପ୍ରାରମ୍ଭ ହୋଇଥିବା ଜଣାଯାଏ । ଗୋପାଳ ଦାସ ସର୍ବପ୍ରଥମେ ଓଡିଆ ଯାତ୍ରାଦଳ ଗଢି ବଙ୍ଗଦେଶରେ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କରିଠାରୁ ବଙ୍ଗଳାରେ ଯାତ୍ରାର ଆରମ୍ଭ ବୋଲି ବଙ୍ଗୀୟ ଆଲୋଚକମାନେ ମତ ଦିଅନ୍ତି (ଦାସ ୧୯୮୩, ୧୩୧) । ଖ୍ରୀଷ୍ଟୀୟ ୧୮୫୦ ବେଳକୁ ଜଗନ୍ନାଥ ପାଣି ଭଦ୍ରକର ନଳାଙ୍ଗଠାରେ ଯାତ୍ରାଦଳ ଗଠନକରି ଓଡିଶା ଓ ଓଡିଶା ବାହାରେ ଯାତ୍ରା ପ୍ରଦର୍ଶନ କରିଥିଲେ । ସେ ନିଜେ ଜଣେ ଆଶୁକବି ହୋଇଥିବାରୁ ଦକ୍ଷଯଜ୍ଞ, ଧ୍ରୁବଚରିତ, ଉଷାବତୀ ହରଣ, ହାରବତୀ ହରଣ ପ୍ରଭୃତି ବହୁ ଗୀତିନାଟ୍ୟ ରଚନା କରିଥିଲେ । ଦର୍ଶକମାନଙ୍କ ମନୋରଞ୍ଜନ ନିମିତ୍ତ ସେ ଯାତ୍ରା ମଝିରେ ବିଭିନ୍ନ ସୁଆଙ୍ଗ ମଧ୍ୟ ପରିବେଷଣ କରୁଥିଲେ । ତାଙ୍କରି ପ୍ରେରଣାରେ ପରବର୍ତ୍ତୀ ସମୟରେ ବୈଷ୍ଣବ ପାଣି, ବାଳକୃଷ୍ଣ ମହାନ୍ତି, ରାମଚନ୍ଦ୍ର ସ୍ୱାଇଁ, ଗୋପାଳ ଦାସ (ଦ୍ୱିତୀୟ), କୃଷ୍ଣପ୍ରସାଦ ବସୁ, ହାଡିବନ୍ଧୁ, ଉଦୟନାଥ, ରଘୁନାଥ ପଣ୍ଡା, କୃଷ୍ଣପ୍ରସାଦ ବେହେରା ପ୍ରଭୃତି ଯାତ୍ରାକାରମାନେ ବିଭିନ୍ନ ସ୍ଥାନରେ ଯାତ୍ରାଦଳ ଗଢି ଓଡିଆ ଯାତ୍ରା ନାଟକର ସମୃଦ୍ଧି ସାଧନ କରିଛନ୍ତି । ସମ୍ପ୍ରତି ସୁସଜ୍ଜିତ ଅତ୍ୟାଧୁନିକ ରଙ୍ଗମଞ୍ଚରେ ଓଡିଆ ଯାତ୍ରାର ପରିବେଷଣ ହଜାର ହଜାର ଜନସାଧାରଣଙ୍କଦ୍ୱାରା ଆଦୃତ ହେଉଅଛି ।

ଲୋକ ନାଟକର ଅନେକ ଆଲୋଚକ ଯାତ୍ରା ନାଟକକୁ ଲୋକ ନାଟକ ଭାବରେ ଉପସ୍ଥାପିତ କରୁଥିଲେ ମଧ୍ୟ ତତ୍ତ୍ୱଦୃଷ୍ଟିରୁ ଏହା ଲୋକ ନାଟକ ନୁହେଁ । ଗୋଟେ ସମୟରେ ଅର୍ଥାତ୍ ଯାତ୍ରା ନାଟକର ପ୍ରାରମ୍ଭିକ କାଳରେ ପୌରାଣିକ କାହାଣୀକୁ ଆଧାରକରି ଅନେକ ଯାତ୍ରା ନାଟକ ମଞ୍ଚସ୍ଥ ହେଉଥିଲା । ଫଳତଃ, ଏହା ଲୋକ ନାଟକର ପ୍ରତୀତି ଆଣିଦେଉଥିଲା । ତେବେ, ଏହା ଏକ ଆନୁଷ୍ଠାନିକ ପରିବେଷଣ । ଏହା ନିଶ୍ଚିତ ଯେ, ଏଥିରେ ପରିବେଷିତ ପୌରାଣିକ ବିଷୟବସ୍ତୁକୁ ନାଟକ ସମ୍ପର୍କିତ ଉପାଦାନ (ପାଠ)ର ଏକ **'ପ୍ରକାରାନ୍ତର ରୂପ'** ଭାବରେ ଗ୍ରହଣ କରାଯାଇପାରେ । ତେବେ, ଏହା ସମ୍ପୃକ୍ତ ଲୋକ ଗୋଷ୍ଠୀର ସଦସ୍ୟମାନଙ୍କଦ୍ୱାରା ପାରମ୍ପରିକ ଭାବରେ ପରିବେଷିତ ହୋଇନଥାଏ, ତଥା ଏହାର ପ୍ରୟୋଜନା ମଧ୍ୟ ଅଣଆନୁଷ୍ଠାନିକ ନୁହେଁ । ପାରମ୍ପରିକ ନାଟକରେ ଦର୍ଶକ ତଥା ଅଂଶଗ୍ରହଣକାରୀ ଲୋକ ଗୋଷ୍ଠୀର ପରୋକ୍ଷ ତଥା ପ୍ରତ୍ୟକ୍ଷ ଆଦାନପ୍ରଦାନ ଏକ ଗୁରୁତ୍ୱପୂର୍ଣ୍ଣ ଆୟାମ, ଯାହା ଏଠାରେ ସମ୍ଭବନୁହେଁ । ସମ୍ପ୍ରତି ଯାତ୍ରା ବା ଅପେରାରେ କେବଳ ମାତ୍ର ସାମାଜିକ କାହାଣୀ ପରିବେଷିତ ହେଉଛି ନୁହେଁ ଏଗୁଡିକର 'ପ୍ରକାରାନ୍ତର ରୂପ' ମଧ୍ୟ ପରିଦୃଷ୍ଟ ହୁଏନାହିଁ । ଏହି ପରିବେଷଣର କଳାକାରମାନେ ମଧ୍ୟ ସ୍ଥାନୀୟ ଲୋକ ଗୋଷ୍ଠୀର ସଦସ୍ୟ ନୁହଁନ୍ତି । ଅତଏବ, ଏହାକୁ ଲୋକ ନାଟକ ନୁହେଁ, ବରଂ ଏକ 'ଜନପ୍ରିୟ ନାଟକ (Popular drama)' ଭାବରେ ଗ୍ରହଣ କରାଯାଇପାରେ ।

### ୪.୨.୪ ଲୋକ ନାଟକ ଏବଂ ଅନ୍ୟାନ୍ୟ ପାରମ୍ପରିକ ପରିବେଷଣର ବୈଶିଷ୍ଟ୍ୟ

ଲୋକ ନାଟକ ବିଭାଗୀକରଣ ସହିତ ଏହାର କେତୋଟି ପ୍ରମୁଖ ଆୟାମ ଉପରେ ଆମେ ଆଲୋଚନା କଲେ ଏହା ବ୍ୟତୀତ, ଅନ୍ୟାନ୍ୟ ପାରମ୍ପରିକ ପରିବେଷଣ ଭାବରେ ମଧ୍ୟ ଓଡିଶାର ବିଭିନ୍ନ ଲୋକ ଗୋଷ୍ଠୀରେ ପରିବେଷିତ ହେଉଥିବା ପାରମ୍ପରିକ ପରିବେଷଣଗୁଡିକ ସମ୍ପର୍କରେ ଆଲୋଚନା କଲେ । ଏଗୁଡିକ କେବଳ ମନୋରଞ୍ଜନ ପାଇଁ ନୁହେଁ, ବରଂ ଏକ ସାମାଜିକ ସାଂସ୍କୃତିକ ଆବଶ୍ୟକତା ଭାବରେ ମଧ୍ୟ ସମ୍ପୃକ୍ତ ଲୋକ ଗୋଷ୍ଠୀରେ ପରିବେଷିତ ହୋଇଥାଏ । ଅତଏବ, ପରିଶେଷରେ ଏଠାରେ ଲୋକ ନାଟକ ଏବଂ ଏହି ପାରମ୍ପରିକ ପରିବେଷଣଗୁଡିକର ବୈଶିଷ୍ଟ୍ୟକୁ ଏପରି ଭାବରେ ସୂଚିତ କରାଯାଇପାରେ ଯେ,

- ଲୋକ ନାଟକ ପାରମ୍ପରିକ ଭାବରେ ସ୍ଥାନୀୟ ଲୋକ ଗୋଷ୍ଠୀରେ ପରିବେଷିତ ହୋଇଥାଏ, ଏବଂ ଏଥିରେ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟ ହିଁ ଅଭିନୟ କରିଥାନ୍ତି । ତେବେ, ବ୍ୟବସାୟିକ ଏବଂ ଦର୍ଶକଙ୍କ ଅନୁରୋଧକ୍ରମେ ଏହା ଅନ୍ୟ ଲୋକ ଗୋଷ୍ଠୀ ତଥା ଭିନ୍ନ ପରିବେଶରେ ମଧ୍ୟ ପରିବେଷିତ ହୋଇଥାଏ ।

- ଲୋକ ନାଟକର ପ୍ରଶିକ୍ଷଣରେ ଜଣେ ଜଣେ ନାଟଗୁରୁ ଥାଆନ୍ତି । ଏହି ନାଟଗୁରୁ ମଧ୍ୟ ପରମ୍ପରାର ସୃଷ୍ଟି, ପରିବେଷଣ ସମ୍ପର୍କିତ କୌଣସି ଆନୁଷ୍ଠାନିକ ଶିକ୍ଷା ନଥାଏ ।

- ଏହାର ବିଷୟ ବସ୍ତୁ ପୌରାଣିକ, ଧର୍ମୀୟ, ଐତିହାସିକ ହେବା ସହିତ କେତେକ କ୍ଷେତ୍ରରେ ସାମାଜିକ ମଧ୍ୟ ହୋଇଥାଏ ।

- ନାଟକର ସଂଳାପ ବିଷୟବସ୍ତୁକୁ ଆଧାରକରି ପୂର୍ବରୁ ରଚିତ ହୋଇଥିଲେ ମଧ୍ୟ ସମାନ ବିଷୟବସ୍ତୁକୁ ନେଇ ସମାନ ପାଠ ସର୍ବତ୍ର ଦେଖାଯାଏ ନାହିଁ— ଏହାର ଭିନ୍ନ ଭିନ୍ନ ପାଠ ଦୃଷ୍ଟିଗୋଚର ହୋଇଥାଏ । ଏବଂ, ସ୍ଥଳବିଶେଷରେ ଚରିତ୍ରମାନେ କିଛିକିଛି ତତ୍କାଳିକ ସଂଯୋଜନା ମଧ୍ୟ କରିଥାନ୍ତି ତେବେ, ଏହା ଲୋକ କଥା, ଲୋକ ଗୀତ ତଥା ଅନ୍ୟ ମୌଖିକ ଉପାଦାନ ତୁଳନାରେ କମ୍ ।

- ଧର୍ମୀୟ ବା ସାମାଜିକ ରୀତିନୀତି ଆଧାରିତ ପରିବେଷଣଗୁଡିକ ବିଧିବିଧାନ, ଏବଂ ନୀତିନିୟମ ସହିତ ପରିବେଷିତ ହୋଇଥାଏ ତଥା ଏହାର ସର୍ବକାଳୀନ ପରିବେଷଣ ଜନିତ ବାଧକତା ମଧ୍ୟ ଥାଏ ।

- ଲୋକ ନାଟକଗୁଡିକ ସାଧାରଣତଃ ନୃତ୍ୟ, ଗୀତ, ଓ ବାଦ୍ୟ ବହୁଳ ।

- ଏହାର ସଂଳାପ ଉଭୟ ଗଦ୍ୟ, ଏବଂ ପଦ୍ୟରେ କିମ୍ବା ଉଭୟ ମିଶାମିଶି ହୋଇଥାଏ ।

- ଲୋକ ନାଟକର ପରିବେଷଣରେ ଅନେକ ସମୟରେ ଦର୍ଶକ ମଧ୍ୟ ଭାଗ ନେଇଥାଆନ୍ତି ତଥା ପରିବେଷଣକାଳରେ ମୁଖ୍ୟ ପରିବେଷଣକାରୀମାନଙ୍କ ସହିତ ଆଦାନପ୍ରଦାନ କରିବାର ସୁଯୋଗ ପାଇଥାନ୍ତି ।

- ଏଗୁଡିକ ସାଧାରଣତଃ ମୁକ୍ତମଞ୍ଚରେ ପରିବେଷିତ ହୋଇଥାଏ ।

- ଅଭିନୟରେ ପରିବେଷଣକାରୀ ନିଜ ଆଖ୍ୟାନ ମାଧ୍ୟମର ପରିବେଷିତ ଚରିତ୍ରର ପରିଚୟ ପ୍ରଦାନ ଲୋକ ନାଟକର ଏକ ମୁଖ୍ୟ ବୈଶିଷ୍ଟ୍ୟ ।

- ଲୋକ ନାଟକର ଭାଷା ସରଳ ତଥା ଆଖ୍ୟାନରେ ସାଧାରଣତଃ କଥିତ ଭାଷାର ପ୍ରୟୋଗ ଦେଖାଯାଏ । ତେବେ, ପ୍ରସଙ୍ଗକ୍ରମେ କେତେକ ପରିବେଷଣରେ ଲିଖିତ ସାହିତ୍ୟର ଗୀତ, ପଦାବଳୀ, ଛାନ୍ଦ ତଥା ଅନ୍ୟାନ୍ୟ ପଙ୍କ୍ତି ମଧ୍ୟ ବ୍ୟବହୃତ ହୋଇଥାଏ ।

- ଲୋକ ନାଟକର ପରିବେଷଣରେ ସ୍ୱ-ଗୋଷ୍ଠୀ ତଥା ସ୍ଥାନୀୟ ଗୋଷ୍ଠୀ ସଦସ୍ୟଙ୍କଦ୍ୱାରା ପ୍ରସ୍ତୁତ ଅନେକ ପାରମ୍ପରିକ ବାଦ୍ୟଯନ୍ତ୍ର ସହିତ ସମ୍ପ୍ରତି ଆଧୁନିକତାର ପ୍ରଭାବରେ ବିଭିନ୍ନ ଆଧୁନିକ ବାଦ୍ୟଯନ୍ତ୍ରର ମଧ୍ୟ ବ୍ୟବହାର ଦେଖିବାକୁ ମିଳେ ।

## ପ୍ରଶ୍ନ

**କ) ଦୀର୍ଘ ଉତ୍ତରମୂଳକ**

୧) ଲୋକ ନୃତ୍ୟର ସଂଜ୍ଞା ତଥା ଅବଧାରଣା ଏବଂ ବିଭାଗୀକରଣ ଉପରେ ଆଲୋଚନା କରନ୍ତୁ ।

୨) ଲୋକ ନାଟକ କ'ଣ ? ଏହାର ଅବଧାରଣା ତଥା ପରିଭାଷା ଓ ବିଭାଗୀକରଣ ସହିତ ବିଭିନ୍ନ ଯେକୌଣସି ଗୋଟିଏ ଉପାଦାନ ସମ୍ପର୍କରେ ଆଲୋଚନା କରନ୍ତୁ ।

୩) ସାହିଯାତ, ଧନୁଯାତ୍ରା, ଏବଂ ଦଣ୍ଡ ପରିବେଷଣ ସମ୍ପର୍କରେ ଉଲ୍ଲେଖ କରିବା ସହ ଏଗୁଡିକୁ କାହିଁକି ନାଟକ କୁହାଯାଇ ପାରିବ କି ନାହିଁ ସେ ସମ୍ପର୍କରେ ଆଲୋଚନା କରନ୍ତୁ ।

**ଖ) ନାତିଦୀର୍ଘ ଉତ୍ତରମୂଳକ**

୧) ରାମ ଲୀଳା, ଏବଂ ଭାରତ ଲୀଳା ସମ୍ପର୍କରେ ସଂକ୍ଷେପରେ ଉଲ୍ଲେଖ କରନ୍ତୁ ।

୨) ପଶ୍ଚିମ ଓଡିଶାର ଦୁଇଟି ଲୋକ ନୃତ୍ୟ ସମ୍ପର୍କରେ ଉଲ୍ଲେଖ କରନ୍ତୁ ।

୩) ଓଡିଆ ଲୋକ ନୃତ୍ୟ, ଏବଂ ଲୋକ ନାଟକର ବୈଶିଷ୍ଟ୍ୟଗୁଡିକୁ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରନ୍ତୁ ।

**ଗ) ସଂକ୍ଷିପ୍ତ ଉତ୍ତରମୂଳକ**

୧) ଓଡିଆ ଲୋକ ନୃତ୍ୟ, ଏବଂ ଲୋକ ନାଟକରେ ବ୍ୟବହୃତ ହେଉଥିବା ପାରମ୍ପରିକ ବାଦ୍ୟଯନ୍ତ୍ର ସମ୍ପର୍କରେ ଉଲ୍ଲେଖ କରନ୍ତୁ ।

୨) ସବୁ ପାରମ୍ପରିକ ପରିବେଷଣକୁ ଲୋକ ନୃତ୍ୟ କୁହାଯାଇନପାରେ— କାହିଁକି ?

পঞ্চম পরিচ্ছেদ

ପଞ୍ଚମ ପରିଚ୍ଛେଦ

ପ୍ରଥମ ଭାଗ

# ଆଧୁନିକ କାବ୍ୟ, କବିତାରେ ଲୋକ ସାହିତ୍ୟର ପ୍ରଭାବ


୫.୧.୦ ଉପକ୍ରମ

୫.୧.୧ ସ୍ୱାଧୀନତା ପୂର୍ବବର୍ତ୍ତୀ କାବ୍ୟ, କବିତାରେ ଲୋକ ସାହିତ୍ୟର ପ୍ରଭାବ

*୫.୧.୧.୧ ମିଥ୍, କିମ୍ବଦନ୍ତୀ, ଲୋକ କଥା, ଏବଂ ଗାଥାର ପ୍ରଭାବ*

*୫.୧.୧.୨ ଗ୍ରାମ୍ୟ ଜୀବନଧାରାର ପ୍ରଭାବ*

*୫.୧.୧.୩ ଲୋକ ଗୀତର ଶୈଳୀଗତ ପ୍ରଭାବ*

*୫.୧.୧.୪ ପାରମ୍ପରିକ ପ୍ରତୀକର ବ୍ୟବହାର*

୫.୧.୨ ସ୍ୱାଧୀନତା ପରବର୍ତ୍ତୀ କାବ୍ୟ, କବିତାରେ ଲୋକ ଉପାଦାନ

*୫.୧.୨.୧ ଲୋକ ଗାଥା, କିମ୍ବଦନ୍ତୀ, ଓ କଥାର ପ୍ରତୀକାତ୍ମକ ବ୍ୟବହାର*

*୫.୧.୨.୨ ଆଞ୍ଚଳିକ, ଏବଂ ପ୍ରଜାତିକ ଜୀବନଧାରାର ପ୍ରଭାବ*

*୫.୧.୨.୩ ଲୋକ କଥା ଓ ଲୋକ ଗୀତର ଶୈଳୀଗତ ପ୍ରଭାବ*

୫.୧.୩ ଓଡିଆ କାବ୍ୟ କବିତାରେ ଲୋକ ଉପାଦାନ ପ୍ରୟୋଗ ଏବଂ ପ୍ରଭାବର ବୈଶିଷ୍ଟ୍ୟ


## ୫.୧.୦ ଉପକ୍ରମ

ଜଣେ ସର୍ଜନଶୀଳ ସ୍ରଷ୍ଟା ସମ୍ପୃକ୍ତ ଭାଷା ଗୋଷ୍ଠୀର ସମାଜରେ ହିଁ ବସବାସ କରିଥାଏ । ଅତଏବ, ତାହାର ସୃଷ୍ଟି ତଥା ସର୍ଜନଶୀଳତାରେ ସମ୍ପୃକ୍ତ ସମାଜରେ ମିଥ୍, ଗାଥା, କିମ୍ବଦନ୍ତୀ, ଗୀତ, କଥାନି, ପ୍ରବାଦ-ପ୍ରବଚନ ଭଳି ପାରମ୍ପରିକ ବାଚିକ ପରିପ୍ରକାଶର ପ୍ରଭାବକୁ ଅନେକ ସମୟରେ ସେ ଉପେକ୍ଷା କରିନପାରେ । ଏଥିପାଇଁ ସମସ୍ତ ଭାଷାଗୋଷ୍ଠୀର ଲିଖିତ ସାହିତ୍ୟରେ ସମ୍ପୃକ୍ତ ଭାଷାର ମୌଖିକ ପରିପ୍ରକାଶର ଚିତ୍ର ସବୁସମୟରେ ପରିଦୃଷ୍ଟ ହୋଇଥାଏ । ଆମେ ଆଧୁନିକ ଓଡିଆ କାବ୍ୟ କବିତାରେ ଲୋକ ଉପାଦାନର ପ୍ରୟୋଗ ଓ ବ୍ୟବହାର ପ୍ରସଙ୍ଗରେ ଏଠାରେ ଏକ ବ୍ୟବସ୍ଥିତ ଆଲୋଚନା ପାଇଁ ସ୍ୱାଧିନତା ପୂର୍ବବର୍ତ୍ତୀ, ଏବଂ ପରବର୍ତ୍ତୀ ଏପରି ଦୁଇ ଭାଗରେ ବିଭକ୍ତ କରିବା—

## ୫.୧.୧ ସ୍ୱାଧୀନତା ପୂର୍ବବର୍ତ୍ତୀ କାବ୍ୟ, କବିତାରେ ଲୋକ ସାହିତ୍ୟର ପ୍ରଭାବ

ଊନବିଂଶ ଶତକ ଶେଷାର୍ଦ୍ଧରୁ ଓଡିଆ ସାହିତ୍ୟର ଆଧୁନିକ ଯୁଗ ପ୍ରାରମ୍ଭ । ଅତଏବ, ଆଧୁନିକ ଓଡିଆ କାବ୍ୟ କବିତା କହିଲେ ଏହି ପର୍ଯ୍ୟାୟର ରାଧାନାଥ ରାୟ, ମଧୁସୂଦନ ରାଓ, "ଫକୀରମୋହନ ସେନାପତି, ନନ୍ଦକିଶୋର ବଳ, ଗଙ୍ଗାଧର ମେହେର ପ୍ରଭୃତି ସ୍ରଷ୍ଟା ତଥା ସେମାନଙ୍କ ସୃଷ୍ଟି ଆଦିକୁ ଗ୍ରହଣକରାଯାଇପାରେ । ପରବର୍ତ୍ତୀ ସମୟରେ, ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, ମାୟାଧର ମାନସିଂହ, ବିଦ୍ୟୁତପ୍ରଭା ଦେବୀ, କୁନ୍ତଳା କୁମାରୀ, ରାଧାମୋହନ ଗଡନାୟକ, ସଚ୍ଚି ରାଉତରାୟ, ଏବଂ ସତ୍ୟବାଦୀ ସାହିତ୍ୟ ସ୍ରଷ୍ଟାଙ୍କ ରଚନାଦ୍ୱାରା ଓଡିଆ କାବ୍ୟ କବିତା ହୋଇଛି ସମୃଦ୍ଧ । ଏହି ସ୍ରଷ୍ଟାମାନଙ୍କ ରଚନାରେ କିପରି ଲୋକ ସାହିତ୍ୟର ଉପାଦାନଗୁଡିକ ବ୍ୟବହୃତ ହୋଇଛି ସେ ସମ୍ପର୍କରେ ପ୍ରଥମେ ଆଲୋଚନା କରିବା । ତେବେ, ଏକ ଶୃଂଖଳିତ ଆଲୋଚନା ପାଇଁ ମିଥ୍, କିମ୍ବଦନ୍ତୀ, ଲୋକ କଥା, ଓ ଗାଥାର ପ୍ରଭାବ, ଲୋକ ଗୀତର ଶୈଳୀଗତ ପ୍ରଭାବ, ଏବଂ ଗ୍ରାମ୍ୟ ଜୀବନଧାରାର ପ୍ରଭାବ ଭାବରେ ଆଲୋଚନା କରାଯାଉଛି ।

### *୫.୧.୧.୧ ମିଥ୍, କିମ୍ବଦନ୍ତୀ, ଲୋକ କଥା, ଏବଂ ଗାଥାର ପ୍ରଭାବ*

ରାଧାନାଥ ରାୟଙ୍କ ବହୁ କାବ୍ୟ, କଥାବସ୍ତୁ ଲୋକ କିମ୍ବଦନ୍ତୀ ଜନଶ୍ରୁତିକୁ ଆଧାରକରି ରଚିତ । ତାଙ୍କର *କେଦାର ଗୌରୀ* କାବ୍ୟର କଥାବସ୍ତୁ ପଛରେ ଅଛି ଓଭିଡଙ୍କ ପିରାମସ୍ ଥିସ୍‌ବି ଲୋକ ଗଳ୍ପ । ଷ୍ଟର୍ଲିଙ୍କ ଇତିହାସର ସୂଚନାକୁ ଆଧାରକରି ଏହି ଗଳ୍ପ ଅନୁସରଣରେ ସେ କାବ୍ୟ ରଚନା କରିଛନ୍ତି ଯାହା ପରବର୍ତ୍ତୀ ସମୟରେ ସ୍ଥାନୀୟ କିମ୍ବଦନ୍ତୀର ରୂପଧାରଣ କରିଛି । ସେହିପରି, ତାଙ୍କର *ଚନ୍ଦ୍ରଭାଗା* ମଧ୍ୟ ଆପାଲୋ-ଡାଫନୀ କାହାଣୀକୁ ଆଧାରକରି ରଚିତ । ଅନୁରୂପ ଭାବରେ, ତାଙ୍କର *ଉଷା*, ଆଉ *ପାର୍ବତୀ* କାବ୍ୟର କଥାବସ୍ତୁଗୁଡିକ ମଧ୍ୟ ବିଭିନ୍ନ ଗ୍ରୀକ୍ ଲୋକ କଥାକୁ ଆଧାରକରିଛି । ତେବେ, ରାଧାନାଥଙ୍କ ବର୍ଣ୍ଣନାପାଟବତା ଆଉ ଯଥାର୍ଥ ବିନିଯୋଗ ଏହି କାହାଣୀଗୁଡିକୁ ସ୍ଥାନୀୟ ରୂପପ୍ରଦାନ କରିଛି । ଏହି ସ୍ଥାନୀୟ ରୂପଗ୍ରହଣ ପଛରେ ଅନେକ ମୋଟିଫ୍ ଯାହା ଓଡିଆ କାହାଣୀରେ ମଧ୍ୟ ପ୍ରଚଳିତ ସେସବୁର ପ୍ରୟୋଗ । ଉଦାହରଣସ୍ୱରୂପ— ଲୋକ କାହାଣୀରେ 'ପଣରକ୍ଷା' ଅଭିପ୍ରାୟଟି ବେଶ୍ ଗୁରୁତ୍ୱପୂର୍ଣ୍ଣ । ନାୟିକାର ପଣ ବା ପ୍ରତିଜ୍ଞା ଯିଏ ରକ୍ଷା କରିପାରେ, ସେ ହୁଏ ତାହାର ଈପ୍‌ସିତ ପୁରୁଷ । 'ଉଷା' କାବ୍ୟରେ ଉଷାର ପଣ ରହିଛି । ଉଷାର ଏହି 'ପଣ' ଘଟଣାଟି ଓଡିଆ ଲୋକ କଥାରେ ମଧ୍ୟ ପ୍ରଚଳିତ । ସେହିପରି, 'ଛଦ୍ମବେଶ ଧାରଣ' ଓ 'ନାୟକ ନାୟିକଙ୍କ ମଧ୍ୟରେ ଗୁପ୍ତ ପ୍ରେମ' ମଧ୍ୟ ଲୋକ କାହାଣୀର ଅନ୍ୟତମ ବିଶିଷ୍ଟ ବିଭାବ । *ଯଯାତି କେଶରୀ* କାବ୍ୟରେ ଯଯାତି ଏବଂ ଲଳିତାର ଗୁପ୍ତପ୍ରେମ, ଯଯାତିଙ୍କର ଛଦ୍ମବେଶରେ ଲଳିତାଙ୍କର ଅନ୍ତଃପୁରରେ ଅବସ୍ଥାନ ଘଟଣାଟି ଲୋକ କଥାର ରାଜାପୁଅ, ମନ୍ତ୍ରୀ ପୁଅ ଓ କଟୁଆଳ ପୁଅ କାହାଣୀଟିକୁ ସୂଚାଇ ଦେଇଥାଏ । ଅନୁରୂପ ଭାବରେ, *ଚନ୍ଦ୍ରଭାଗା* କାବ୍ୟରେ ସୂର୍ଯ୍ୟଙ୍କର ବ୍ରାହ୍ମଣ ରୂପଧାରଣକୁ ମଧ୍ୟ ଏକ ଉଦାହରଣ ଭାବରେ ଗ୍ରହଣ କରାଯାଇପାରେ । 'ଉଷା' କାବ୍ୟରେ କାର୍ତ୍ତିକେୟଙ୍କଠାରୁ ଜୟନ୍ତର ସୁବର୍ଣ୍ଣ ଆତ ପ୍ରାପ୍ତି ଲୋକ କଥାର ଅଲୌକିକ ବସ୍ତୁପ୍ରାପ୍ତିକୁ ସୂଚାଇଥାଏ । ସେହିପରି, ରାଧାନାଥଙ୍କ *ଚିଲିକା* କାବ୍ୟରେ ମଧ୍ୟ ବହୁ ଘଟଣା, ଓଡିଶାର ବିଭିନ୍ନ ନଦନଦୀ, ଦେବଦେବୀ, ଲୋକ କଥା, ଏବଂ କିମ୍ବଦନ୍ତୀର ବର୍ଣ୍ଣନା ଦେଖିବାକୁ ମିଳିଥାଏ ।

ଆଧୁନିକ ଓଡିଆ ସାହିତ୍ୟର ଏହି ପ୍ରାରମ୍ଭିକ ପର୍ଯ୍ୟାୟର ଅନ୍ୟତମ ସ୍ରଷ୍ଟା ହେଉଛନ୍ତି ମଧୁସୂଦନ ରାଓ । ମଧୁସୂଦନଙ୍କ ପଲ୍ଲୀ ଭାବନା ସମ୍ବଳିତ କବିତାଗୁଡିକରେ ଲୋକ ଉପାଦାନର ପ୍ରଭାବ ଦେଖାଯାଏ । ପଲ୍ଲୀବାସୀଙ୍କ ବିଭିନ୍ନ ଅନୁଭୂତି, ପୂଜାପାର୍ବଣ, ଋତୁବୈଚିତ୍ର୍ୟ ପ୍ରଭୃତିର ଚିତ୍ର ଏହି କବିତାଗୁଡିକରେ ଦେଖିବାକୁ ମିଳିଥାଏ । ବିଶେଷକରି ତାଙ୍କର ଶିଶୁ କବିତାଗୁଡିକରେ ପାରମ୍ପରିକ ଶିଶୁ ଗୀତଗୁଡିକର ପ୍ରଭାବ ମଧ୍ୟ ପରିଲକ୍ଷିତ ।

ରାଧାନାଥ ରାୟ ଏବଂ ମଧୁସୂଦନ ରାଓଙ୍କ ବ୍ୟତୀତ ଗଙ୍ଗାଧର ମେହେର ଏହି ସମୟର ଅନ୍ୟତମ ପ୍ରତିଷ୍ଠିତ ସାହିତ୍ୟ ସାଧକ । *ଇନ୍ଦୁମତୀ*, *ପ୍ରଣୟ ବଲ୍ଲରୀ*, *ତପସ୍ୱିନୀ* ଭଳି ସାର୍ଥକ କାବ୍ୟଗ୍ରନ୍ଥର ସ୍ରଷ୍ଟା ହେଉଛନ୍ତି ଗଙ୍ଗାଧର । ସମକାଳୀନ ଅନ୍ୟ ସାହିତ୍ୟ ସ୍ରଷ୍ଟାଙ୍କ ଭଳି ଗଙ୍ଗାଧର ମେହେରଙ୍କ କାବ୍ୟ-କବିତାରେ ମଧ୍ୟ ଲୋକ ସାହିତ୍ୟର ପ୍ରଭାବ ଦେଖିବାକୁମିଳେ । *ଇନ୍ଦୁମତୀ*

କାବ୍ୟରେ ଆକାଶରୁ ପୁଷ୍ପହାର ଖସି ନାୟିକା ଶରୀର ସ୍ପର୍ଶକରିବା ଓ ପରିଣତିସ୍ୱରୂପ ନାୟିକାର ମୃତ୍ୟୁବରଣ ଲୋକ କଥାର 'ଦୈବ ଅଭିଶାପ'କୁ ସୂଚିତକରେ । *ପ୍ରଣୟ ବଲ୍ଲରୀ* କାବ୍ୟରେ ଦୁଷ୍ମନ୍ତଙ୍କର ଶକୁନ୍ତଳାଙ୍କୁ ପ୍ରୀତିର ସ୍ମାରକୀସ୍ୱରୂପ ମୁଦ୍ରିକାପ୍ରଦାନ ଏବଂ ମୁଦ୍ରିକା ହରାଇବାରୁ ଦୁଷ୍ମନ୍ତଙ୍କର ବିସ୍ମରଣ, ଦୁର୍ବାଶାଙ୍କ ଅଭିଶାପ ଆଦିକୁ ଲୋକ ଉପାଦାନ ଭାବରେ ଗ୍ରହଣ କରାଯାଇପାରେ କାରଣ, 'ସନ୍ତକ ପ୍ରଦାନ' ଏବଂ ତାହା ବେଳେବେଳେ ନାୟକ ନାୟିକାଦ୍ୱାରା ହଜିଯିବା, ଶାପପ୍ରଦାନ କରିବା ପ୍ରଭୃତି ଲୋକ କଥାର ଅନ୍ୟତମ ବିଶିଷ୍ଟ ଉପାଦାନ । *କୀଚକ ବଧ* କାବ୍ୟର ଚପଳା ଚରିତ୍ର ମଧ ଲୋକ କଥାର ମାଲ୍ୟାଣୀ ଚରିତ୍ରର ଅନୁରୂପ ଏକ ଚରିତ୍ର । ଏହା ବ୍ୟତୀତ, ଗଙ୍ଗାଧରଙ୍କ କୃଷକ ସଙ୍ଗୀତଗୁଡିକରେ ମଧ୍ୟ ଖନାବଚନ ବା ଡାକବଚନ ତଥା ସମକାଳୀନ ସମାଜରେ ପ୍ରଚଳିତ କୃଷିକର୍ମର ଚିତ୍ର ଏବଂ ତତ୍ସମ୍ପର୍କିତ ବାଚିକ ପରିପ୍ରକାଶର ସଂଯୋଜନା ଦେଖିବାକୁ ମିଳିଥାଏ ।

ଆଧୁନିକ ଓଡିଆ ସାହିତ୍ୟର ଦ୍ୱିତୀୟ ପର୍ଯ୍ୟାୟ ସତ୍ୟବାଦୀ ଯୁଗ ଭାବରେ ପରିଚିତ । ଜାତୀୟତାର ନବଜାଗରଣ ସୃଷ୍ଟି ଏହି କାଳର ସ୍ରଷ୍ଟାମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଲେ ହେଁ ଓଡିଶାର ଐତିହ୍ୟ, ସଂସ୍କୃତି ଓ କିମ୍ବଦନ୍ତୀକୁ ଆଧାରକରି ବହୁ କାବ୍ୟ କବିତା ସୃଷ୍ଟି କରିଯାଇଛନ୍ତି । ଗୋପବନ୍ଧୁ ଦାସଙ୍କ *ଧର୍ମପଦ* କାବ୍ୟ ଏକ ପରିଚିତ କିମ୍ବଦନ୍ତୀକୁ ଆଧାରକରି ଗଢି ଉଠିଛି । 'ବାରଶହ ବଢେଇରେ ଦାୟ ନା ପୁଅର ଦାୟ' ଲୋକୋକ୍ତିଟି ଏବେ ବି ଓଡିଶାର ସାମାଜିକ ଜୀବନରେ ପ୍ରଚଳିତ । ସେହିପରି, ନୀଳକଣ୍ଠ ଦାସ ଭାଟଙ୍କ ମୁହଁରୁ ଶୁଣି *ମାୟାଦେବୀ* କାବ୍ୟ ରଚନା କରିଥିବା କଥା ନିଜେ ସ୍ୱୀକାର କରନ୍ତି । ଏପରିକି, *କୋଣାର୍କ* କାବ୍ୟରେ ମଧ୍ୟ ବହୁ ଉପାଦାନ ଲୋକ ସଂସ୍କୃତିରୁ ଗୃହୀତ ହୋଇଥିବା ଜଣାଯାଏ । ଏହା ବ୍ୟତୀତ, ଲୋକ ଗୀତ ଶୈଳୀରେ କେତୋଟି ଶିଶୁ ଗୀତିକା ମଧ୍ୟ ରଚନା କରିଛନ୍ତି ନୀଳକଣ୍ଠ ।

ଏହି ସମୟର ଅନ୍ୟତମ ସ୍ରଷ୍ଟା ଗୋଦାବରୀଶ ମିଶ୍ରଙ୍କ ବହୁ ଗାଥାରେ ମଧ୍ୟ ଲୋକ ଉପାଦାନର ପ୍ରୟୋଗ ଦେଖିବାକୁମିଳେ । ଲୋକ ସାହିତ୍ୟର ଅନ୍ୟତମ ବିଶିଷ୍ଟ ଉପାଦାନ ହେଉଛି ଗାଥା । ଗୋଦାବରୀଶଙ୍କଦ୍ୱାରା ରଚିତ ଗାଥାଗୁଡିକରେ ସମକାଳୀନ ବହୁ ଲୋକ କଥା ଓ କିମ୍ବଦନ୍ତୀର ସମନ୍ୱୟ ଦେଖାଯାଏ । ତାଙ୍କର *ଆଲେଖିକା* ସଂକଳନର 'କାଳିଜାଈ', 'ଗାଲମାଧବ', ଏବଂ 'ଧରଣୀଧର' ଆଦି ଗାଥା ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ । ସେହିପରି, ତାଙ୍କର କବିତାଗୁଡିକରେ ମଧ୍ୟ ଲୋକ ଉପାଦାନର ସିଧାସଳଖ ପ୍ରଭାବ ଦେଖିବାକୁ ମିଳେ ଉଦାହରଣସ୍ୱରୂପ, *କଳିକା* ସଂକଳନରେ ସ୍ଥାନିତ 'ଆକାମାବୋଇ' କବିତାର ଆଖ୍ୟାନକୁ ବୋଇତ ବନ୍ଦାଣ ପରମ୍ପରା କିପରି ପ୍ରଭାବିତ କରିଛି ଦ୍ରଷ୍ଟବ୍ୟ—

"ଅକା ମାଆ ବୋଇ
ଗୁଆପାନ ଥୋଇ
ଗୁଆପାନ ତକ ତୋର
ମାସକ ଧରମ ମୋର" ।

ସମକାଳର ଓଡିଆ ସାହିତ୍ୟର ଅନ୍ୟତମ ପ୍ରତିଷ୍ଠିତ କବି ମାୟାଧର ମାନସିଂହ । ମାନସିଂହ, ଓଡିଆ ନୌବାଣିଜ୍ୟ ପରମ୍ପରା ତଥା କିମ୍ବଦନ୍ତୀକୁ ଆଧାରକରି ରଚନା କରନ୍ତି— *ସାଧବ ଝିଅ* କାବ୍ୟ । ସେହିପରି, *କୋଣାର୍କ*, *ବାରବାଟି* ଆଦି କାବ୍ୟ-ନାଟିକା ଏବଂ କାବିତାରେ ମଧ୍ୟ ସମ୍ପୃକ୍ତ ଓଡିଆ କିମ୍ବଦନ୍ତୀକୁ ଆଧାରକରି ରଚିତ । ଲୋକ କଥାର 'ମାଲୁଣୀ' ମୋଟିଫ୍ କିପରି ତାଙ୍କ 'ସାଧବ ଝିଅ' କବିତାରେ ସଫଳ ଭାବରେ ପ୍ରୟୋଗ ହୋଇଛି ଉଦାହରଣସ୍ୱରୂପ ଏଠାରେ ଦ୍ରଷ୍ଟବ୍ୟ—

"କରୁ ଚାଙ୍ଗୁଡି ଆଣି କଟିରେ ଥୋଇ
ମାଲୁଣୀ ଅନେଇଲା ଚକିତ ହୋଇ
ଦେଖିଲା ରୂପବନ୍ତ ତରୁଣ ଆଗେ
ଲାଜେ ତା ଆଖି ଟିକେ ଯାଉଛି ନଇ ।

...

ଗୁନ୍ଥିବ ମାଳା ଯତନ କରି

ସାଧବ କନ୍ୟା ପାଶେ ନେବି ମୁଁ ଧରି

ଆସି କୁଟୀରେ-ଲେଉଟିଲା ଘରକୁ

ସାଧବପୁଅ ଚଳେ ଶିବ ସୁମରି"।

ଅନୁରୂପ ଭାବରେ, ରାଧାମୋହନ ଗଡନାୟକଙ୍କ *ପଶୁପକ୍ଷୀର କାବ୍ୟ* ସଂକଳନର ଅନେକ କବିତାରେ କିମ୍ବଦନ୍ତୀ ଓ ପୌରାଣିକ ଆଖ୍ୟାୟିକାଗୁଡିକ ଜୀବନ୍ତ ରୂପ ପରିଗ୍ରହଣ କରିଛି। ବଉଳାଗାଈ କାହାଣୀକୁ ନେଇ ତାଙ୍କର 'ବଉଳା ଏବଂ ମହାବଳ' କବିତା ଏ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଉଦାହରଣ । ଗଡନାୟକ 'ସତୀଗାଡିଆ' ଭଳି ସ୍ଥାନୀୟ କିମ୍ବଦନ୍ତୀ ଆଧାରିତ କବିତା ମଧ୍ୟ ରଚନା କରିଛନ୍ତି ଯାହା ତାଙ୍କର *ବନରାଜିନୀଳା* କବିତା ସଂକଳନରେ ସ୍ଥାନିତ ।

ସବୁଜ ପରବର୍ତ୍ତୀ ପ୍ରଗତିବାଦୀ ଯୁଗର କବିତାଗୁଡିକରେ ମଧ୍ୟ ଲୋକ ଉପାଦାନର ପ୍ରୟୋଗ ଯଥେଷ୍ଟ ଦେଖିବାକୁ ମିଳିଥାଏ । ଏ ପରିପ୍ରେକ୍ଷୀରେ କବି ସଚ୍ଚି ରାଉତରାୟଙ୍କ ବହୁ କବିତାକୁ ଉଦାହରଣ ଭାବରେ ଗ୍ରହଣ କରାଯାଇପାରେ। ତାଙ୍କର *ପଲ୍ଲୀଶ୍ରୀ* କବିତା ଗ୍ରନ୍ଥର କବିତାଗୁଡିକ ଓଡିଶାର ପଲ୍ଲୀଜୀବନର ବହୁ ଉପାଦାନକୁ ନେଇ ଋଦ୍ଧିମନ୍ତ। ପଲ୍ଲୀଜୀବନର ବହୁ ପରମ୍ପରାର ଚିତ୍ର କବିତାଗୁଡିକୁ ବେଶ୍ ମନଛୁଆଁ କରିପାରିଛି। ସଂକଳନର 'ପଲ୍ଲୀ ସକାଳ', 'ପଲ୍ଲୀ ସଞ୍ଜ', 'ମାଲୁଣୀ', 'ପହିଲି ରଜ', 'ଜମିଦାରଙ୍କ ଷଣ୍ଢ', 'ଛୋଟ ମୋର ଗାଆଁଟି', ଏବଂ 'ଗ୍ରାମ-ଶଶାନ' ଆଦି କବିତାରେ ପ୍ରତିଫଳିତ ପାରମ୍ପରିକ ଜୀବନଧାରାର ଚିତ୍ରକୁ ଏଠାରେ ଉଦାହରଣ ଭାବରେ ଉଲ୍ଲେଖ କରାଯାଇପାରେ—

"ଗାଁର ପୁଣି ବାଗୁଡି ଖେଳ

କେଳୁଆ, ନିଧି, ଅଇଁଠା ବାଡି

ଲଗାଇ କଳି, ଝୁଣିବେ ହାତ

ଡାକିବ କେଡେ କୁହାଟି ।

ଛୋଟ ମୋର ଗାଆଁଟି" (ଛୋଟ ମୋର ଗାଆଁଟି)।

"ସରଗ ଘରର ନୂଆବୋହୂ କେବେ

କୁହୁଡି ଡେଣା ମଥାନେ ଟାଣି

ବାସି ତାରାଫୁଲ ନେବ ଗୋ ଓଳାଇ

ଛିଞ୍ଚିଦେଇ ନାଲି ଗୋବର ପାଣି" (ପହିଲି ରଜ)।

"ପୁଣି ନିତି ଶନିବାରେ

ଛାଡି କିଳିକିଳା ସ୍ୱରେ

ପିତାଶୁଣୀ ନଇପଠା ବାଲିରେ ଚରେ

ଦୂରୁ ଆଖୁ କିଆରୀରେ

ତେଣ୍ଡା ଶବଦ ସମୀରେ

ଭରିଆସେ, ନାଉରିଆ ଯିବ ସୁମରେ" (ଗ୍ରାମ-ଶଶାନ)।

ସେହିପରି, ଏହି ସମୟର ଅନ୍ୟତମ ପରିଚିତ ସ୍ରଷ୍ଟା ପ୍ରାଣକୃଷ୍ଣ ସାମଲଙ୍କ କବିତାଗୁଡିକରେ ବି ଲୋକ ଉପାଦାନର ପ୍ରଭାବ ଦେଖିବାକୁ ମିଳେ । ତାଙ୍କର *କସ୍ତୁରିକା* କାବ୍ୟ ନାଟିକାଟି 'ସାହାଡା ସୁନ୍ଦରୀ' ଲୋକ କଥା ଅବଲମ୍ବନରେ ରଚିତ । ସେହିପରି, 'ରଜ ପର୍ବ', ଓ 'ଭୂଇଁ ନିଅଣ' କବିତାରେ ମଧ୍ୟ ଅନେକ ଲୋକ ଉପାଦାନ ଆଉ ଉପମାର ପ୍ରୟୋଗ ଦେଖାଯାଏ । ଅନୁରୂପ ଭାବରେ, ଲୋକ କଥାରେ ପ୍ରଚଳିତ ସାଧବ ଝିଅ ଓ ସାଧବ ପୁଅ କାହାଣୀ, ଏବଂ କଲରେଇ ଫୁଲ କାହାଣୀକୁ ନେଇ ଜ୍ଞାନୀନ୍ଦ୍ର ବର୍ମା ଯଥାକ୍ରମେ ରଚନା କରିଛନ୍ତି *ବୋଲେ ହୁଁଟି*, ଏବଂ *କଲରେଇ ଫୁଲ* କାବ୍ୟନାଟିକା। ଏହିପରି, ସ୍ଥାନୀୟ କିମ୍ବଦନ୍ତୀକୁ ଆଧାରକରି ଲୋକତତ୍ତ୍ୱବିଦ୍ କୁଞ୍ଜବିହାରୀ ଦାଶ ମଧ୍ୟ ଲେଖିଛନ୍ତି *ଜୁଜୁମା*, ଏବଂ *ବାଗ୍ରା* କାବ୍ୟ ।

ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟର ଅନ୍ୟ ଜଣେ ପ୍ରତିଷ୍ଠିତ ସ୍ରଷ୍ଟା ବିନୋଦଚନ୍ଦ୍ର ନାୟକ । କବିଙ୍କର 'ଗ୍ରାମପଥ' କବିତାଟିରେ ଲୋକ କଥାର 'ଉଠ୍‌ରେ ପୁତା ଉଠ୍' ଭାବଟି ଗୃହୀତ—

"ପଥର ସେ ପାଖେ ବୁଣା ହରଡ ଓ ବୁଟ
ଆଗରେ ଚାରଣ ପଡିଆ ଗୋରୁର ଗୋଠ
ଶିମୁଳି ଶାଖାରେ
ବାହୁନେ କପୋତୀ
"ଉଠ୍ ପୁତା ଉଠ—
ଉଠ୍ ପୂରିଲାଣି ମାଣ" ।
ଏ ପାଖେ କଇଁର ପୋଖରୀ ଗାଧୁଆ ତୁଠ" (ଗ୍ରାମପଥ) ॥

***୫.୧.୧.୨ ଗ୍ରାମ୍ୟ ଜୀବନଧାରାର ପ୍ରଭାବ***

ସମକାଳୀନ ଅନେକ କବିତାରେ ଗ୍ରାମ୍ୟ ଜୀବନଧାରାର ଅବିକଳ ଚିତ୍ର ପ୍ରକାଶ ପାଇଛି । ତଥା ପାରମ୍ପରିକ ଓଡିଆ ଗ୍ରାମ୍ୟ ଜୀବନ ଏହି ସମୟର କବିମାନଙ୍କ କାବ୍ୟ କବିତାକୁ ସିଧାସଳଖି ଭାବରେ ପ୍ରଭାବିତ କରିଛି । ଯେପରି, ଫକୀରମୋହନଙ୍କ *ଅବସର ବାସରେ* କବିତା ଗ୍ରନ୍ଥରେ ସ୍ଥାନିତ 'ସାହାଡା ଗଛର କ୍ରନ୍ଦନ', 'କପୋତ ସଙ୍ଗୀତ', ଚକୁଆ ଚକୋଇ' ଆଦି କବିତା ବ୍ୟତୀତ 'ଶଂଖ ବିରାଡି ଓ ବଣିପକ୍ଷୀ', 'ଭୁଆ ବିରାଡି ଓ କାଳିଆ କୁକୁର', ଏବଂ 'ଉତ୍କଳ କୃଷକ' ପ୍ରଭୃତି କବିତାରେ ମଧ୍ୟ ଲୋକ ଜୀବନର ଚିତ୍ର ଦେଖିବାକୁ ମିଳିଥାଏ । ସେହିପରି, ନନ୍ଦକିଶୋର ବଳଙ୍କ *ପଲ୍ଲୀ ଚିତ୍ର* ସଂକଳନସ୍ଥ କବିତାଗୁଡିକରେ ପଲ୍ଲୀ ଜୀବନର ବାସ୍ତବ ଚିତ୍ର ଏବଂ ଅନୁଭୂତିର ରୂପାୟନ ଦେଖିବାକୁ ମିଳେ । ଏଥିରେ ସ୍ଥାନିତ 'ସାଇମଧ୍ୟେ', 'ଗ୍ରାମ ହାଟ', 'ଗ୍ରାମ ଖଳା', 'ଗ୍ରାମ ତୋଟା', ଏବଂ 'ଗ୍ରାମ ଶ୍ମଶାନ' ଭଳି କବିତାଗୁଡିକରେ ଗ୍ରାମ୍ୟ ଜୀବନର ଚିତ୍ର ଅତ୍ୟନ୍ତ ଜୀବନ୍ତ ଭାବରେ ଚିତ୍ରିତ ହୋଇଛି । ନନ୍ଦକିଶୋର ବଳଙ୍କ କବିତାରେ ସମକାଳୀନ ଓଡିଶାର ପଲ୍ଲୀ-ପ୍ରକୃତି ଓ ପାରମ୍ପରିକ ଜୀବନଧାରା ତଥା ଲୋକ ଜୀବନରେ ପ୍ରଚଳିତ ପାରମ୍ପରିକ ମୌଖିକ ପରିପ୍ରକାଶ କିପରି ତାଙ୍କ କବିତାରେ ସଂଯୋଜିତ ହୋଇଛି ତାହା ଏଠାରେ ଉଦାହରଣସ୍ୱରୂପ ଉଲ୍ଲେଖ କରାଯାଇପାରେ—

"ଭାଗବତ ଘରୁ ମାତାଙ୍କ ସାଙ୍ଗରେ
ଫେରିଗଲା ଶିଶୁ ଘରେ,
ନୂଆବୋହୂ ପାଶେ ବସି ବର୍ଷାଗୀତ
ଗାଇଲା ଚୁଲ୍ଲି-ମୁଣ୍ଡରେ—" (ନବବର୍ଷା ଭାବନା) ।

"ମଝିଆ ବୋହୂ ଯେ ଲବଙ୍ଗଲତା,
ସବାସାନବୋହୂ ଗଜମୁକୁତା
ଲବଙ୍ଗଲତାକୁ ଗଜମୁକୁତା
କହିଲେ ଭଉଣୀ କହଲୋ କଥା" (ନାନାବାୟା ଗୀତ)।
"ଭୋଦ୍ରଅ ମାସରେ ମାଣ୍ଡିଆ ପାଚଇ
ହୋ ରେ ବାଇଆ ହୋଓ
ଯୋଉ କିଆରୀରେ ଗହଳ ମାଣ୍ଡିଆ
ସେଇ କିଆରୀରେ ଶୋଓ
...
ଦୁଇକୂଳ ଖାଇ ବଢ଼ିଅଛି ନଈ
ପାଳରେ ପାରିଛି ଧାନ,
ପଲବାନ୍ଧି ପକ୍ଷୀ ଆକାଶେ ଉଡନ୍ତି
ଶୁଭୁଥାଏ ତାଙ୍କ ଗାନ" (ହୋଓରେ ବାଇଆ ହୋଓ)।

ସେହିପରି, ନନ୍ଦକିଶୋରଙ୍କ *ନିର୍ଝରିଣୀ* କାବ୍ୟରେ ମଧ୍ୟ ପଲ୍ଲୀ ଜୀବନର ବିପୁଳ ଚିତ୍ର ଦେଖିବାକୁମିଳେ । ପରବର୍ତ୍ତୀ ସମୟରେ ରଚିତ 'ଡାଆଣିଆ ଖରା', 'ବଡବୋଉ ଝର', 'କେତକୀ ଝର' ପ୍ରଭୃତି କବିତାରେ ମଧ୍ୟ ସମକାଳୀନ ଲୋକ ଜୀବନଧାରାର ଚିତ୍ର ଦେଖିବାକୁ ମିଳେ ତଥା କଥିତ ଭାଷା, ପ୍ରବାଦପ୍ରବଚନ, ଢଗଢମାଳି ଆଦିର ଅପୂର୍ବ ସମନ୍ୱୟ ଦେଖାଯାଏ ।

ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟର ପ୍ରତିଷ୍ଠିତ ପ୍ରତିଭାମାନଙ୍କ ମଧ୍ୟରେ ଗୋଦାବରୀଶ ମହାପାତ୍ର ଅନ୍ୟତମ । ମହାପାତ୍ରଙ୍କ କବିତାଗୁଡିକରେ ମଧ୍ୟ ଅନେକ ଲୋକ ଉପାଦାନର ପ୍ରଭାବ ଦେଖିବାକୁ ମିଳେ ଉଦାହରଣସ୍ୱରୂପ—

"ଘୋରଣି ଚକିରେ ଲାଗିଛି କଳ
କୀଳା ପୋତାଠାରେ ବାହୁର ବଳ
ଘିରିଘିରି ବୁଲାଅ ଘିରି
ପାଣିରେ ହୋଇବ ମାଣ୍ଡିଆ ଖିରି" (ମାଣ୍ଡିଆ)।
"ନାକେ ଲଗାଇଲେ ତେଲ ଗାଢ଼ ହୁଏ ନିଦ
ଅଙ୍ଗ ମର୍ଦ୍ଦନରେ ଯାଏ ଗ୍ଲାନି ସର୍ବବିଧ" (ତୈଳ ମର୍ଦ୍ଦନ)।
"ନୂଆଘର, ବର ଜାଣିନି କିଛି
ଲୁଚିଛି ନା ତାର ଗୋଡ ଦିଶୁଛି
ବଡ ଲାଜକୁଳୀ ନାପାରେ ଜାଣି
ଧରିଛି ଓଢ଼ଣା ହାତରେ ଟାଣି" (ନୂଆବୋହୂ ଆସୁଛି )।

ଗାଁରେ ନୂଆବୋହୂ ଆସିଲେ ସ୍ତ୍ରୀଲୋକମାନେ ନୂଆବୋହୂକୁ ଦେଖିବାକୁ ତାର ଗହଣାଗାଣ୍ଠି ବିଷୟରେ ଜାଣିବାକୁ କିପରି ବ୍ୟଗ୍ର ହୁଅନ୍ତି ତାହାର ଚିତ୍ର ମଧ୍ୟ ଗୋଦାବରୀଶଙ୍କ କବିତାରେ ପ୍ରତିଫଳିତ—

"କେ ଛୁଇଁଲା ଗଳାର ମାଳି—
"ବେକଟାଯାକ ତ ପଡିଛି ଖାଲି
ଆଉଁସି କହେ କେ— ଏ ମଲ୍ଲି କଢି
ଗଠଣ ସୁନ୍ଦର ନାହିଁ ।"

...

ପଣତ ଓଟାରି ଦେଖେ କେ ବାହୁ
ବିଦ, ବାଜୁବନ୍ଧ ପିନ୍ଧିଛି ବୋହୂ
ଆଉ କେ କହିଲା— "ଏ ରାତି ପାହୁ
ଆଲୁଏ ଦେଖିବା ଆଣି" (ଆମରି ଗାଁ ବୋହୂ) ।

ସତ୍ୟବାଦୀ ପରବର୍ତ୍ତୀ ସବୁଜ ଚେତନାର ସାହିତ୍ୟ ଭାବରେ ପରିଚିତ । ତେବେ, ଏହି ଚେତନାର ରଚନାଗୁଡିକରେ ତଥା ସମସାମୟିକ ଅନ୍ୟ କାବ୍ୟ କବିତାରେ ମଧ୍ୟ ଲୋକ ଉପାଦାନର ତଥା ଲୋକ ସାହିତ୍ୟର ବିଶେଷ ପ୍ରଭାବ ଦେଖାଯାଏ । ଏଠାରେ, କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ରଜ' କବିତା ଏ ପରିପ୍ରେକ୍ଷୀରେ ଉଲ୍ଲେଖନୀୟ—

"ହଳଦୀ ଅଳତା ଲଗାଇ ମୁଣ୍ଡ ବାନ୍ଧି ଯତନେ

ଗ୍ରାମ ସୀମନ୍ତିନୀ ଆଦରେ ଚାହିଁଥିବେ ଗଗନେ" ।

ଅନୁରୂପ ଭାବରେ, ମାୟାଧର ମାନସିଂହଙ୍କ 'ବିଲ ଲକ୍ଷ୍ମୀ', 'କଣ୍ଟକାଚ', 'ବର୍ଷା ସନ୍ଧ୍ୟା', 'ପଲ୍ଲୀ ସନ୍ଧ୍ୟା', 'ତଅପୋଇ ବିଳାପ', ଏବଂ 'ସାଆଁତ ମାଆ' ଆଦି କବିତାରେ ପଲ୍ଲୀ ଜୀବନଧାରାର ଚିତ୍ର ଦେଖିବାକୁମିଳେ । ଏହି କବିତାଗୁଡିକରେ ପଲ୍ଲୀର ଶ୍ୟାମଳ ପ୍ରାନ୍ତର, ଧାନକ୍ଷେତ, ଗ୍ରାମ ଦାଣ୍ଡରେ ଶିଶୁର କ୍ରୀଡା, ନିତିଦିନିଆ ଝଗଡା, ଭୋଜିଭାତ ଆଦିର ବ୍ୟାପକଚିତ୍ର ସ୍ଥାନିତ । ଉଦାହରଣ ଭାବରେ, ମାନସିଂହଙ୍କ 'ପଲ୍ଲୀ ସଂଧ୍ୟା' କବିତାର କିୟଦଂଶ ଦ୍ରଷ୍ଟବ୍ୟ—

"ଘରେଘରେ ସନ୍ଧ୍ୟାଦୀପ ଜାଳିଲେ ବନିତା
କାହାର ଦୁଆରେ କ୍ଷୀଣ ଶୋଭଇ ସଳିତା
ପବିତ୍ର ତୁଳସୀ ପୀଠ ତଳକୁ ଆବୋରି
ଗୁହାରନ୍ତି ଗାଇ ଦୁଃଖ, ଘିଅବତୀ ଧରି" ।

ସେହିପରି, ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଅନେକ କବିତାରେ ଲୋକ ସାହିତ୍ୟ ତଥା ପାରମ୍ପରିକ ସମାଜର ଚିତ୍ର ଦେଖିବାକୁ ମିଳେ । ଉଦାହରଣସ୍ୱରୂପ, *ସବୁଜ କବିତା* ଗ୍ରନ୍ଥରେ ସ୍ଥାନିତ ଏକ କବିତା 'ଯୌବନ ପୂଜା'ର କିୟଦଂଶ ଏଠାରେ ଉଲ୍ଲେଖନୀୟ—

"ପଲ୍ଲୀବାଳାର ହଂସଗତି
କକ୍ଷେ କଳସୀ ସରଳ ଚାହାଣି..." ।

ଅନୁରୂପ ଭାବରେ, କୁନ୍ତଳା କୁମାରୀଙ୍କ 'ଅର୍ଚ୍ଚନା' କବିତାରେ ଗ୍ରାମ୍ୟ ଜୀବନଧାରାର ଚିତ୍ର ଦ୍ରଷ୍ଟବ୍ୟ—

"ପଖାଳ ଭାତକୁ ନମିଳେ ତୁଣ
ତବତ ଭାତକୁ ନାହିଁ ତିଅଣ ..." ।

ରାଧାମୋହନ ଗଡନାୟକ ସବୁଜ ସମସାମୟିକ ପ୍ରତିଷ୍ଠିତ କବିମାନଙ୍କ ମଧ୍ୟରେ ଏକ ଉଲ୍ଲେଖଯୋଗ୍ୟ ସ୍ରଷ୍ଟା । ତାଙ୍କ 'ମାଆ ଓ ପୁଅ', 'ଆମ ଗାଁ କଲଣ୍ଡାପାଳ', 'ଜେଜିମାଆ', 'ମାଣିକ୍ୟ ଚରିତ', 'ଶ୍ରୀପଞ୍ଚମୀ' ଆଦି କବିତାରେ ପଲ୍ଲୀଜୀବନ ତଥା ମୌଖିକ ସାହିତ୍ୟର ପରୋକ୍ଷ ପ୍ରତିଛବି ଦେଖିବାକୁ ମିଳେ । ସେହିପରି, *ଶାମୁକାର ସ୍ୱପ୍ନ* କବିତା ସଂକଳନର 'ଶ୍ରାୟା ଚଣ୍ଡାଳୁଣୀ' କବିତାରେ ଲକ୍ଷ୍ମୀପୂଜା ତଥା ମାଣଓଷାର ଚିତ୍ର ଦେଖାଯାଏ ।

ବିଦ୍ୟୁତପ୍ରଭା ଦେବୀଙ୍କ *କନକାଞ୍ଜଳି* କବିତା ସଂକଳନର ପ୍ରତ୍ୟେକଟି କବିତାରେ ପଲ୍ଲୀ ଜୀବନଧାରାର ଚିତ୍ର ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବରେ ପ୍ରକାଶିତ ତଥା ମୌଖିକ ସାହିତ୍ୟର ସଂଯୋଜନା ଦେଖିବାକୁ ମିଳେ । ସଂକଳନର 'ରଜପର୍ବ', 'ମାଣବସା', 'ଦୀପାବଳୀ', 'ପ୍ରଥମାଷ୍ଟମୀ', 'କୁଆଁର ପୁନିଅଁ', 'ପଲ୍ଲୀର ବର୍ଷା', 'ଦିଅଁ ଦେବତା', 'ନଈ ପୋଖରୀ', ଏବଂ 'ସଂଜ-ସକାଳ' ପ୍ରଭୃତି କବିତାରେ ଗ୍ରାମ୍ୟ ଜୀବନ ଚିତ୍ରର ପ୍ରଭାବ ସୁସ୍ପଷ୍ଟ । ସେହିପରି, ତାଙ୍କର *ସ୍ୱର୍ଣ୍ଣ ଦୀପ* ସଂକଳନର ତେରଟିଯାକ କବିତାରେ ପଲ୍ଲୀ ଜୀବନର ତଥା ପଲ୍ଲୀ କୁମାରୀର କିଶୋରୀ ଜୀବନଠାରୁ ବୈବାହିକ ଗୃହିଣୀ-ଜୀବନ, ଶାଶୁଘର, ଗୃହପ୍ରବେଶ, ଘରକରଣା, ବୈବାହିକ ଜୀବନ ଆଦିର ଐଶ୍ୱର୍ଯ୍ୟପୂର୍ଣ୍ଣ ଚିତ୍ର ଉପସ୍ଥାପିତ ।

ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟର ଅନ୍ୟ ଜଣେ ପ୍ରତିଷ୍ଠିତ କବି ବିନୋଦଚନ୍ଦ୍ର ନାୟକ । କବିଙ୍କର 'ଗ୍ରାମପଥ' କବିତାରେ ପୋଇଶାଗ, ପାଣି କଖାରୁ ଲତା, ସଜନା ଗଛ, ଏବଂ ଅପରାଜିତା ପ୍ରଭୃତି ଘର ଅଗଣା ତଥା ବାଡରେ କିପରି ଶୋଭା ପାଇଥାଏ ତାହାର ଚିତ୍ର ଦ୍ରଷ୍ଟବ୍ୟ—

ପୋଇଶାଗ ଆଉ          ପାଣି କଖାରୁର ଲତା
ମାଡି ମାଡି ଆସେ          ଟପିଲାଣି ଘର ମଥା
    ସଜନାର ଶାଖୁ
    ଝରିପଡେ କେତେ ଫୁଲ ।
ବାଡଦେହେ ପୁଣି ଅପରାଜିତାର ଛତା" (ଗ୍ରାମପଥ) ॥

### ୫.୧.୧.୩ ଲୋକ ଗୀତର ଶୈଳୀଗତ ପ୍ରଭାବ

ଆଧୁନିକ ଓଡିଆ କାବ୍ୟ କବିତାର ବିଷୟବସ୍ତୁକୁ ନୁହେଁ ଆଖ୍ୟାନ ଶୈଳୀକୁ ମଧ୍ୟ ପ୍ରଭାବିତ କରିଛି ଲୋକ ସାହିତ୍ୟ । ଏଠାରେ ଏହି ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ରଚିତ କିଛି ରଚନାରେ ଏହି ଶୈଳୀଗତ ପ୍ରଭାବ ସମ୍ପର୍କରେ ଆଲୋଚନା କରିବା ।

ପ୍ରାରମ୍ଭିକକାଳର ଅନେକ କାବ୍ୟ କବିତା ରଚନାରେ ଲୋକ ଗୀତ ପ୍ରତ୍ୟକ୍ଷ ପ୍ରଭାବ ଦେଖାଯାଏ । ଏହିକ୍ରମରେ, ଏଠାରେ ନନ୍ଦକିଶୋର ବଳଙ୍କ 'ଜେମାଦେଈ', 'ନବ ବର୍ଷାଭାବନା', ଏବଂ 'ଡାମରା କାଉ' କବିତାକୁ କିପରି ପାରମ୍ପରିକ ଶିଶୁଗୀତ ସିଧାସଳଖ ପ୍ରଭାବିତ କରିଛି ଉଦାହରଣସ୍ୱରୂପ ଦ୍ରଷ୍ଟବ୍ୟ—

"ଉଡିଗଲେ ଗେଣ୍ଡାଳିଆ ଝାଡିଦେଲେ ପକ୍ଷି
ଜେମାଦେଇ କାନ୍ଦୁଛନ୍ତି ବୁଢାବର ଦେଖି
ବାପା ବୋଇଲେ ଝିଅ ମୋର ବାର ବରଷର
ମା ବୋଇଲେ ଝିଅ ମୋର କୋଠାକୁ ସୁନ୍ଦର ।
...

ଝାଡିଦେଲେ ପର ଉଡିଗଲେ ଗେଣ୍ଡାଳିଆ

ଜେମାଦେଈଙ୍କର ବର କୋଇଲି କାଳିଆ” (ଜେମାଦେଈ) ।

ମେଘ ବଲଥିଲା ତପଲ ତପଲ

କେଶୁଲ ମାଇଲା ଗଦା

କୋଉ ଲାଇଜରେ ରଇଲେ ମୋ ଲଦା

ତେଲିଙ୍ଗି ବାଇଦ ବଦା” (ନବବର୍ଷା ଭାବନା) ।

“ଡାମରା କାଉରେ ଡାମରା କାଉ

ଉଚ୍ଚ ପରବତେ ବୋବାଉଥାଉ

ଉଚ୍ଚ ପରବତ ଘୁଞ୍ଚି ଘୁଞ୍ଚିକା

ତହିଁରେ ବସିଛି ତିନି ମଞ୍ଜିକା” (ଡାମରା କାଉ) ।

ସେହିପରି, କାନ୍ତକବି ଲକ୍ଷ୍ମୀକାନ୍ତ ମାହାପାତ୍ରଙ୍କ ଉଭୟ କଥା ସାହିତ୍ୟ ଓ କବିତାଗୁଡିକରେ ଲୌକିକ ଆଚାର, ଢଗ-ଢମାଳି, ପ୍ରହେଳିକା ଆଦିର ପ୍ରଚୁର ପ୍ରୟୋଗ ଦେଖିବାକୁ ମିଳେ । ସେହିପରି ତାଙ୍କର ଅନେକ କବିତାରେ ଲୋକ ଗୀତର ଛନ୍ଦ ଅନୁସୃତ ହେବା ଦେଖାଯାଏ ଉଦାହରଣସ୍ୱରୂପ—

“ନଡିଆ ଗଛ ତ ଲମ୍ବ ସଜନୀ ଗୋ,

ନଡିଆ ଗଛ ତ ଲମ୍ବ

ବିପଦରେ ଧରି ରହିବ ଦମ୍ଭ ଗୋ

ଥିବ ଯେସନେ ପଥର ଖମ୍ବ ଗୋ” (ଗଛ ଗୀତ) ।

“ଚକା ଚକା ଭଉଁରୀ

ମାମୁଁ ଘର ଚମରୀ

ମାମୁଁ ଘର ଗାଆଁଟି

ଜୁକୁଜୁକୁ ଦିଶେ ହେଇ,

ଆଖିବୁଜି ଚାହାଁଟି” (ଚକା ଚକା ଭଉଁରୀ) ।

କୁଞ୍ଜବିହାରୀ ଦାଶଙ୍କଦ୍ୱାରା ରଚିତ ଅନେକ କବିତାରେ ମଧ୍ୟ ଲୋକ ଜୀବନର ଏବଂ ଲୋକ ସାହିତ୍ୟର ସ୍ୱତଃସ୍ଫୁର୍ତ୍ତ ପ୍ରଭାବ ଦେଖିବାକୁମିଳେ । ତାଙ୍କର ‘ହଳିଆ ଗୀତ’, ‘ନଣ୍ଡାର ଚିଠି’, ଏବଂ ‘କୋଇଲା ଖଣିର କୁଲି’, ଟିକି ତରାଟି ପ୍ରଭୃତି କବିତାରେ ମଧ୍ୟ ପାରମ୍ପରିକ ଜୀବନଧାରା ତଥା ପଲ୍ଲୀ ଜୀବନର ପ୍ରତ୍ୟକ୍ଷ ଚିତ୍ର ସହିତ ଲୋକ ଗୀତର ଛନ୍ଦ ଦ୍ରଷ୍ଟବ୍ୟ । ଉଦାହରଣସ୍ୱରୂପ—

“ପାଚିଲା ଗାମୁଛା ପଡିଯାଉଛି କଳା

ମଉସା, ଅଛି କି ଆଉ ସେ ସୁନ୍ଦା ସାଉଁଳା ?

...

ଆମ୍ବକଷି ଭଙ୍ଗା ବାସନା ତୋରାଣି

ପିତା ଶାଗ ଖରଡା କିଏ ସେ ଦେବ ଆଣି” (ନଣ୍ଡାର ଚିଠି) ?

"ଟିକି ତରାଟି
ଦେବଶିଶୁ ତୋତେ ଲଡୁ ଥିବେଟି
ଖଣତି ଧରି ଖାତଟି ଖୋଳି
ରୂପା ଗୋଟି ଧରି ଖେଳିବେ ବାଟି ।
...
ଟିକି ତରାଟି
ନପାଇବି ତୋତେ ଦିନସାରାଟି
ସଞ୍ଜ ମେଘେ ମେଘେ ଖୋଜୁ ଥିବିଟି" (ଟିକି ତରାଟି) ।
"ବେଙ୍ଗଲଜା ଘରେ ବାହାଘର ଆଜି
ବାଜଇ ତେଲେଙ୍ଗା ବାଜା
ଦୂଲ ନଈ ଛୁଇ ବିଜୁଲି ନାଚଇ
ଆସିଛନ୍ତି ଇନ୍ଦ୍ରଲ ଲାଜା
ବୋଉ ମୋଲ ଦିନେ କଉତିଲା ମତେ
ତଅପୋଇ ଜିଅ କଥା
ଛାତ ଭାଇଗଲେ ବୋଇତ ବନିଜେ
ପାଇଲା ଜିଅ କି ବତା" (ନାଉରିଆ) ।
"ଡାକଇ କେଳୁଣୀ "ଚିତା କୁଟାଇବ ସଜନୀ"
ହେଲା କି ନହେଲା ଭାର ଦେଖି
ଡାକେ ଭଜନୀ
...
"ଗାଈ ଫିଟାଅ ହୋ"
ଡାକେ ଗୋଠିଆଳ ପଦନୀ
ଡାକଇ କେଳୁଣୀ
"ଚିତା କୁଟାଇବ ସଜନୀ" (ବାଉରୀ ସାଇର ସନ୍ଧ୍ୟା) ।

### *୫.୧.୧.୪ ପାରମ୍ପରିକ ପ୍ରତୀକର ବ୍ୟବହାର*

ପ୍ରାରମ୍ଭିକ ପର୍ଯ୍ୟାୟରେ ଓଡିଆ କାବ୍ୟ କବିତାରେ ଲୋକ ଉପାଦାନଗୁଡିକ ସାଧାରଣ ଭାବରେ ତଥା ସିଧାସଳଖ ବର୍ଣ୍ଣନା ବା ଆଖ୍ୟାନର ବିଷୟ ଭାବରେ ସଂଯୋଜିତ ହେବା ସହିତ କବିତାର ପରିପ୍ରକାଶଗତ ଶୈଳୀକୁ ପ୍ରଭାବିତ କରିବା ଦେଖାଯାଏ । ତେବେ, ଶେଷ ଆଡକୁ ଯେତେବେଳେ ନୂତନ ଶୈଳୀରେ ଆଧୁନିକ କବିତା ପ୍ରକାଶିତ ହେବାକୁ ଲାଗିଲା ସେତେବେଳେ ବିଭିନ୍ନ ଲୋକ ଉପାଦାନ ତହା ସିଧାସଳଖ ଭାବରେ ସ୍ଥାନିତ ନହୋଇ ତାହାର ପ୍ରତୀକାତ୍ମକ ପ୍ରୟୋଗ କରାଗଲା ଯାହା ସ୍ୱାଧୀନତା ପରବର୍ତ୍ତୀ କାବ୍ୟ କବିତାରେ ବ୍ୟାପକ ଭାବରେ ଦେଖିବାକୁ ମିଳେ । ଅତଏବ, ଆଧୁନିକ ଓଡିଆ

କବିତାରେ ଲୋକ ଉପାଦାନର ଏହି ପ୍ରତୀକାତ୍ମକ ପ୍ରୟୋଗ ଏହି ସମୟରେ କିପରି ପ୍ରାରମ୍ଭ ହୋଇଥିଲା ସେ ସମ୍ପର୍କରେ ଏଠାରେ ସଂକ୍ଷେପରେ ଆଲୋଚନା କରାଯାଉଛି—

ନୂତନ ଓଡିଆ କବିତା ଧାରାର ମୁଖ୍ୟ ପୁରୋଧା ସଚ୍ଚି ରାଉତରାୟଙ୍କ 'ଅଳକା ସାନ୍ୟାଲ' କବିତାରେ କଳାଘୋଡା, ରାଜକୁମାର, ବନ୍ଦିନୀ ରାଜକନ୍ୟା ଭଳି ଲୋକ କଥାର ପ୍ରତୀକ କିପରି ବ୍ୟବହୃତ ଦ୍ରଷ୍ଟବ୍ୟ—

"ବନ୍ଦିନୀ ତୁମକୁ ଲୋଡେ ଦେବାପାଇଁ ମୁକ୍ତି ଉପହାର
ଖୋଜଇ ପ୍ରାନ୍ତର, ବନେ, ଖୋଲି ଦେଖେ ସବୁ କାରଗାର
ବନ୍ଦିନୀ ମୋ କାହିଁ ଅଛି ?
ଖୋଜେ କଳାଘୋଡାର ସବାର"।

ସେହିପରି, ବିନୋଦଚନ୍ଦ୍ର ନାୟକଙ୍କ 'ମଣି ଅଙ୍ଗୁରୀୟ', 'କଡାଏ କଉଡି', ଏବଂ 'ସାଧବ ଝିଅର ଗୋଟିଏ କଥା' ଆଦି କବିତାରେ ଗ୍ରାମ୍ୟ ଜୀବନରେ କାଖରେ ମାଟିର କଳସୀ ଧରି ପାଣି ଆଣିବା, ଲିଆ କଉଡି, ଦଣ୍ଡ ନାଟ, ପିକାଟାଣିବା ଭଳି ପାରମ୍ପରିକ ପ୍ରକ୍ରିୟାଗୁଡିକ କିପରି ଏକ ଏକ ପ୍ରତୀକ ଭାବରେ କବିଙ୍କ ଆଖ୍ୟାନକୁ ପ୍ରଭାବିତ କରିଛି ଦ୍ରଷ୍ଟବ୍ୟ—

"ବନଗ୍ରାମୁଁ ମଦାଳସା ସୀମନ୍ତିନୀ
ଚଳେ ଧୀରେ ପାହାଡୀ ନଦୀରେ
    କାଖେ ଜାକି ମାଟିର ଗଗରୀ
...
ତୋ ପାଦ ନୂପୁର ଆଉ ବାଜୁନିତ
ରୁଣୁଝୁଣୁ ସ୍ୱରେ" (ମଣି ଅଙ୍ଗୁରୀୟ) ।

"ମୟୁର ପୁଚ୍ଛ ପୋଷାକ ପରିହିତ ଜୀବନର ଏଇ ଦଣ୍ଡନାଟ
ଧୂମ ପିଙ୍ଗଳ ମଶାଲ ଲାଲ ଆଲୁଅରେ
ନିମେଷର ମାତ୍ର ଅଭିନୟ
ବିଦାକୀ ଆଞ୍ଜୁଳେ ଲିଆ କଡାକେ କଉଡି" (କଡାଏ କଉଡି) ।

"ଶୁଣ ଲୋ ଝିଅ ମୋ
    କହିବି ମୁଁ ତତେ ଗୋଟିଏ କଥା
ସାଧବ ଘରର ସାତ ବୋହୂ, ଖାଲି
    ଗୋଟିଏ ଝିଅ ନାଁ କନକଲତା ।
...
ପିକା ଟାଣି ପାଟି କଣେ କୁଣ୍ଡଳୀ
    ଧୂଆଁ ଛାଡି ହସେ ସାଧବ ଧୀରେ

ଅକ୍‌କଲ ନାହିଁ ବୁଢା ଖଲାସିର

ବୁଢାବେଳେ ଡର ଛାଡିନି କିରେ" (ସାଧବ ଝିଅର ଗୋଟିଏ କଥା) !

### ୫.୧.୨ ସ୍ୱାଧୀନତା ପରବର୍ତ୍ତୀ କାବ୍ୟ, କବିତାରେ ଲୋକ ଉପାଦାନ

ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ କାବ୍ୟ କବିତାରେ ଲୋକ ଉପାଦାନର ବିଭିନ୍ନ ବିଭବକୁ ବିଭିନ୍ନ ଭାବରେ ଗ୍ରହଣକରିବା ସହିତ ସମକାଳୀନ କବିମାନେ ନିଜନିଜ ରଚନାମାନଙ୍କରେ ସଂଯୋଜନା କରିଛନ୍ତି । ଆଧୁନିକ ମଣିଷର ଜଟିଳ ଜୀବନ ଓ ସ୍ଥିତିହୀନତାକୁ ଲୋକ ସାହିତ୍ୟର ମିଥ୍, ଚରିତ୍ର, ଏବଂ ଘଟଣା ମାଧମରେ ପ୍ରକାଶକରିବା ସହିତ ଏହି ପ୍ରୟୋଗବାଦୀ କବିମାନେ ନିଜର ସାମାଜିକ, ସାଂସ୍କୃତିକ ଚେତନା ତଥା ଐତିହ୍ୟକୁ ସେମାନଙ୍କ ରଚନାମାନଙ୍କରେ ପ୍ରକାଶ କରିବାକୁ ଚେଷ୍ଟା କରିଛନ୍ତି । ଅନ୍ୟ ଅର୍ଥରେ ଆମର ପାରମ୍ପରିକ ମିଥ୍, କିମ୍ବଦନ୍ତୀ, ବିଭିନ୍ନ ଲୋକ ଚରିତ୍ର, ବାଚିକ ପରିପ୍ରକାଶ, ଏବଂ ବିଭିନ୍ନ ପ୍ରଜାତିକ ରୀତିନୀତି ଓ ଧର୍ମଧାରା ଆଦି ସ୍ୱାଧୀନତା ପରବର୍ତ୍ତୀ କାବ୍ୟ କବିତାର ଆଖ୍ୟାନକୁ ପ୍ରଭାବିତ କରିଛି । ଅତଏବ, ଏଠାରେ ଆମର ଆଲୋଚନାକୁ ସହଜ କରିବା ପାଇଁ ସ୍ୱାଧୀନତା ପରବର୍ତ୍ତୀ କାବ୍ୟ, କବିତାରେ ଲୋକ ଉପାଦାନକୁ କବିତା ଏବଂ କାବ୍ୟରେ ଲୋକ ଗାଥା, କିମ୍ବଦନ୍ତୀ, ଓ କଥାର ପ୍ରତୀକାତ୍ମକ ବ୍ୟବହାର, ଲୋକ ଗୀତର ଶୈଳୀଗତ ପ୍ରଭାବ, ଏବଂ ଆଞ୍ଚଳିକ, ଆଉ ପ୍ରଜାତିକ ଜୀବନଧାରାର ପ୍ରଭାବ ଭାବରେ ଆଲୋଚନା କରାଯାଉଛି ।

#### *୫.୧.୨.୧ ଲୋକ ଗାଥା, କିମ୍ବଦନ୍ତୀ, ଓ କଥାର ପ୍ରତୀକାତ୍ମକ ବ୍ୟବହାର*

ଆମେ ଆଲୋଚନା କରିଛୁ ଯେ ସ୍ୱାଧୀନତା ପୂର୍ବବର୍ତ୍ତୀକାଳରେ ସଚ୍ଚି ରାଉତରାୟ, ଏବଂ ବିନୋଦ ଚନ୍ଦ୍ର ନାୟକ ସେମାନଙ୍କ କବିତାଗୁଡିକରେ ଲୋକ ଉପାଦାନର ସିଧାସଳଖ ବ୍ୟବହାର ନକରି ପ୍ରତୀକାତ୍ମକ ବ୍ୟବହାର କରିବା ଆରମ୍ଭ କରିଥିଲେ । ସ୍ୱାଧୀନତା ପରବର୍ତ୍ତୀ କବିତା ଏବଂ କାବ୍ୟରେ ଲୋକ ଉପାଦାନର ଏହି ପ୍ରୟୋଗ ଧାରା ଆହୁରି ପରିବ୍ୟାପ୍ତ ହେବା ଦେଖାଯାଏ । ଉଦାହରଣସ୍ୱରୂପ, ଗୁରୁପ୍ରସାଦ ମହାନ୍ତିଙ୍କ 'ଚମ୍ପାଫୁଲ' କବିତାରେ ଚମ୍ପାଫୁଲ, ରଜାଝିଅ, ଏବଂ ହାଡସବୁ ମୁକ୍ତ ଫୁଲ ହେବା ଭଳି ଯାଦୁକାରୀ ଘଟଣା, ରଜବତୀ କନ୍ୟା ଲାଗି ଯୋଗୀର କାମନା ଏକ ଏକ ପ୍ରତୀକ ଭାବରେ ସଂଯୋଜିତ ହୋଇ କବିତାର ଆଖ୍ୟାନକୁ ସଫଳ କରିବାରେ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରିଛି ତାହା ଏଠାରେ ଦ୍ରଷ୍ଟବ୍ୟ—

"ଚମ୍ପାଫୁଲ ହାତେ ଧରି ମନାସିଲା ଯାଦୁକାରୀ ଥରେ
ପଥର ପାଲଟି ହେଲା ରଜାପୁଅ, ହାଡସବୁ ହେଲା ମୁକ୍ତାଫୁଲ
ରଜାଝିଅ ବେଣୀଫୁଲ ଖସିଗଲା ସୁଏ ସୁଏ ଭାସି
ଗୋଟିଏ ଫୁଲରେ ପୁଣି ହେଲା କୋଟି ମଣିଷର ମୂଳ ।

...

ପଥର ତରଳି ଥିଲା, ମଶାଣିର ଭୂତପ୍ରେତ ଛାଡି
ରଜବତୀ କନ୍ୟାଲାଗି ଯୋଗୀଥିଲା ମଦନରେ ମାତି" (ଚମ୍ପାଫୁଲ) ।

ସେହିପରି, କବିଙ୍କ 'ଦୃଷ୍ଟିର ଦିଗନ୍ତ', 'ନିଶ୍ଚିନ୍ତ କୋଇଲି', ଏବଂ 'ମାର୍ଶାଘାଇ' ପ୍ରଭୃତି କବିତାରେ ପାରମ୍ପରିକ ଜୀବନଧାରାର ପ୍ରତ୍ୟକ୍ଷ ଏବଂ ପ୍ରତୀକାତ୍ମକ ଉପସ୍ଥାପନା ମଧ୍ୟ ଉଲ୍ଲେଖନୀୟ—

"କାଠକଟା ଚଢେଇର ଡାକପରି ଅବୁଝ ଉଦାସ
ନିଛାଟିଆ ଜୋର ତଳେ କଇଁନାଡ ଦଳ ଆଉ ଫିକାନେଳି ଶିଉଳି ଭିତରେ

କଉମାଛ ନିଦ ପରି ଏ ଖରାର ନିଦ

...

ଏ ଚୋରା ଦକ୍ଷିଣାରେ ଧାନକଟା ମହକ ଓ ନିଛାଟିଆ ବିଲ

ନିଛାଟିଆ ଚାଳତଳେ ଧାରଧାର ପିମ୍ପୁଡି ଓ କଙ୍କି ଡେଣା ଅସରପା ଗୋଡ

କେତେ ମୂଷା, ନୂଆବୋଉ, କେତେ ଖୁଡୀ ବଡମାଆ

ହନୁମାନ ମୁଖା ଗାଆଁ ଆଖଡା ଘରର...” (ଦୃଷ୍ଟିର ଦିଗନ୍ତ) ।

“କୋଇଲି ନିଶ୍ଚିନ୍ତ ବୋଧେ ସବୁଦିନ ଶୋଇଥାଏ

ସେ ଗାଆଁର ଗହଳ ତୋଟାରେ

ସେଠି ଧାନକ୍ଷେତ ପାରି ବାଦଲ ବି ଶୋଇପଡେ

ସେଠି ଆସେ ଆଷାଢ଼ ଫାଲଗୁନ” (ନିଶ୍ଚିନ୍ତ କୋଇଲି) ।

“ମୁଁ ଭଲପାଇଚି ତେଣୁ କେନାଲର କୂଳେକୂଳେ

ଘାସ ଆଉ ଧାନକ୍ଷେତ, ମାଛରଙ୍କା ଶଙ୍ଖଚିଲ

ପାଣିଗଛ କଣ୍ଟାଫୁଲ

ଖଜୁରୀ ଡାଳର ଡାହି ଛୁଇଁ ଛୁଇଁ ଫେରୁଥିବା

ପବନରେ ଅନାସକ୍ତ ସ୍ନେହ ଓ ନିଶ୍ୱାସ” (ମାର୍ଶାଘାଇ) ।

ଅନୁରୂପ ଭାବରେ, ଗୁରୁପ୍ରସାଦ ତାଙ୍କର *କାଳପୁରୁଷ* ଭଳି ଦୀର୍ଘ କବିତାରେ ନିର୍ମୁଳୀ ନଟା, ଅରୁନ୍ଧତୀ ତାରା ଭଳି ପାରମ୍ପରିକ ପ୍ରତୀକର ସଂଯୋଜନା ଯେ କରିଛନ୍ତି ସମ୍ପର୍କରେ ମଧ୍ୟ ଆମେ ସମସ୍ତେ ଅବଗତ ।

କବି ବେଣୁଧର ରାଉତଙ୍କ କବିତାରେ ଲୋକ ଉପାଦାନ ଆଧୁନିକ ଜୀବନ ଯନ୍ତ୍ରଣାକୁ ପରୋକ୍ଷରେ ପ୍ରକାଶ କରିବାରେ ସହାୟକ ହୋଇଛି । ଚକୁଳିଆ ପଣ୍ଡା ଲୋକ କଥା ଭିତ୍ତିରେ ‘କାଠଘୋଡା ପାଣି ପି’ କବିତାରେ ଚକୁଳିଆ ପଣ୍ଡାର ପାଣି ପିଇବା ଘଟଣା, ଏବଂ କାଠଘୋଡାକୁ ପ୍ରତୀକ ଭାବରେ ଗ୍ରହଣ କରାଯାଇଛି । ସେହିପରି, ‘ଯୋଗୀ’, ଏବଂ ‘କେଶବତୀ’ କବିତାରେ ମଧ୍ୟ ଲୋକ କଥାର କାଉଁରୀ ନଗର, ମାଣିକ ପ୍ରଦୀପ, ପକ୍ଷୀରାଜ ଘୋଡା ପ୍ରଭୃତି ପାରମ୍ପରିକ ପ୍ରତୀକର ପ୍ରଭାବ ପରିଲକ୍ଷିତ—

“ସେହି ଦିନୁ ଯୋଗୀ ଆହାର ତିଆଗି ବୁଲଇ ନିତି

କାହିଁ ଅଛି ଗାଏ ବ୍ୟର୍ଥ-ପ୍ରଣୟ-ଅଶ୍ରୁଗୀତି

କେନ୍ଦରାଟିଏ ସାଥୀକରି ସବୁବେଳେ

କାନ୍ଦି କହିଲା ଆକୁଳେ ନିରାଶା ଭାରେ

ପାଇବି ହୁଏତ ସନ୍ଧାନ ତାର ଏ ଜୀବନ ଆରପାରେ” (ଯୋଗୀ) ।

“କାଉଁରୀନଗରେ ଯେଉଁ ମାଳିସାହି ଇଳାନଈ କୂଳେ

ପଡିଅଛି ଦକ୍ଷିଣେ ବାହାରି

ଛାତିରେ ତା ଏକଇ ସଉଧ

ଏ ସଉଧ ?

ଏ ସଉଧ ମାଲୁଣୀର ବାସ,

ପାଶେ ତା କଣୟସ୍ତମ୍ଭେ ମାଣିକ ପ୍ରଦୀପ

...

ପକ୍ଷୀରାଜେ ଆସେ ରଜାପୁଅ" (କେଶବତୀ) ।

ଆଧୁନିକ ଓଡିଆ କବିତାରେ ସୀତାକାନ୍ତ ମହାପାତ୍ର ଜଣେ ପ୍ରତିଷ୍ଠିତ ପ୍ରତିଭା । ମହାପାତ୍ରଙ୍କ 'ପେଭ୍‌ମେଣ୍ଟର ପିତାମହ' କବିତାରେ ଲୋକ ଗୀତର ବାଇ ଚଢେଇ ଭଳି ପାରମ୍ପରିକ ପ୍ରତୀକଟି କିପରି ନୂତନ ଅର୍ଥ ଗ୍ରହଣ କରିଛି ତାହା ଦ୍ରଷ୍ଟବ୍ୟ—

"ବାୟା ଚଢେଇରେ ବାୟା ଚଢେଇ

ତୋ ମାଆ ଯାଇଛି ଗାଈ ଅଡେଇ

ଡେରି ହେଲେ ହୋଇପାରେ । ତୁ କିନ୍ତୁ ଡର୍‌ନା" ।

ସୀତାକାନ୍ତଙ୍କ 'ବାନର-ମକର କଥା' କବିତାଟି ମଧ୍ୟ ଲୋକ କଥାକୁ ଅନୁସରଣକରି ରଚିତ ହୋଇଥିଲେ ହେଁ, ଏଥିରେ ଆଧୁନିକ ପ୍ରେମ ସମ୍ପର୍କ ମଧ୍ୟରେ କଲିଜା ଏବଂ ସମ୍ପୂର୍ଣ୍ଣ କାହାଣୀଟିର ପ୍ରତୀକାତ୍ମକ ପ୍ରୟୋଗ ଉଲ୍ଲେଖନୀୟ—

"ତମେ ଅବଶ୍ୟ ଠକିଯାଇଛ ତେବେ

ମୋ କଲିଜାଟା ଆଉ କିଏ ପାଇଯିବ

ଏକଥା ମୁଁ ଭରସି ପାରୁ ନାହିଁ

ଥରେ ମାଗିଦେବା ପରେ ସେଟା

ତମର ହୋଇ ରହିଗଲା କାଳକାଳ ପାଇଁ

ତମର ବୋଲି ହିଁ କଣ ମାଗିଥିଲ କି" ?

ସୀତାକାନ୍ତଙ୍କ ପରି ରମାକାନ୍ତ ରଥ ମଧ୍ୟ ସାମ୍ପ୍ରତିକ ସମୟର ଜଣେ ପ୍ରତିଷ୍ଠିତ କବି । ମଣିଷ ଜୀବନର ଅସହାୟତା, ନିଃସଙ୍ଗତା ଓ ସର୍ବୋପରି ମୃତ୍ୟୁଚେତନା ତାଙ୍କ କବିତାଗୁଡିକର ବିଶିଷ୍ଟ ବିଭାବ ରୂପେ ପରିଗଣିତ ହେଲେ ହେଁ, ତାଙ୍କ ସୃଷ୍ଟିରେ ଐତିହ୍ୟ ଚେତନା, ଓ ଲୋକ ଉପାଦାନର ପ୍ରଭାବ ମଧ୍ୟ ପରିଦୃଷ୍ଟ । ଲୋକ କଥାର ଅନେକ ଘଟଣାକୁ ଆଧୁନିକ ଦୃଷ୍ଟିକୋଣରୁ ନିଜ କବିତାଗୁଡିକରେ ପ୍ରତୀକାତ୍ମକ ପ୍ରୟୋଗ କରିବାରେ ରମାକାନ୍ତଙ୍କ ବୈଶିଷ୍ଟ୍ୟ ସ୍ୱତନ୍ତ୍ର । 'ବିମାନ ଦୁର୍ଘଟଣାରେ ମୃତ୍ୟୁ' କବିତାରେ ଲୋକ କଥାର କାଞ୍ଚନ ଗଛକୁ କିପରି ଏକ ପ୍ରତୀକ ଭାବରେ ଗ୍ରହଣ କରାଯାଇ ପ୍ରୟୋଗ କରାଯାଇଛି ତାହା ଏ ପ୍ରସଙ୍ଗରେ ଦ୍ରଷ୍ଟବ୍ୟ—

"କାଞ୍ଚନ ଗଛରେ ତଳେ ପ୍ରବାହତି ରକ୍ତନଦୀ, ଦେଖ

ନିଃଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି

ଦେବା କି ନ ଦେବା ଫୁଲ, ରାଜାଙ୍କର ମାଳୀ

ଆସିଅଛି, ରଜା ନିଜେ ମାଗୁଛନ୍ତି" ?

ସେହିପରି, ରମାକାନ୍ତଙ୍କ *ସନ୍ଦିଗ୍ଧ ମୃଗୟା* କବିତା ସଂକଳନର 'ମାଷ୍ଟାଣୀ' କବିତାରେ କିପରି ପାରମ୍ପରିକ ବିବାହର ଚିତ୍ର ଏବଂ ଅନ୍ୟ ଏକ କବିତାରେ ଲୋକ କଥାର କାଞ୍ଚନ ଗଛ କିପରି ପ୍ରତୀକାତ୍ମକ ଭାବରେ ଆଖ୍ୟାନକୁ ପ୍ରଭାବିତ କରିଛି ଏଠାରେ ଉଲ୍ଲେଖନୀୟ—

"ଶୁଭିବ ବାଜଣା ଏକ...
ଶୋଭାଯାତ୍ରାର ଓ ବହୁ ବଛାବଛା ରାନ୍ଧୁଣିଆଙ୍କର
ଦ୍ୱାରା ଖାନ ରନ୍ଧାହେବ, ମାଇପି ଓ ପିଲାଙ୍କ ଭିଡରେ
ପଡିଆ ଗହଳ ହେବ..." (ମାଷ୍ଟାଣୀ) ।
"କାଞ୍ଚନ ଗଛରେ ତଳେ ପ୍ରବାହତି ରକ୍ତନଦୀ, ଦେଖ
ନିଃଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି
ଦେବା କି ନ ଦେବା ଫୁଲ, ରାଜାଙ୍କର ମାଳୀ
ଆସିଅଛି, ରଜା ନିଜେ ମାଗୁଛନ୍ତି" (ବିମାନ ଦୁର୍ଘଟଣାରେ ମୃତ୍ୟୁ) ?

ସୀତାକାନ୍ତ ମହାପାତ୍ର ଏବଂ ରମାକାନ୍ତ ରଥଙ୍କ ଭଳି ଆଧୁନିକ କବିତା କ୍ଷେତ୍ରରେ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଭୂମିକା ମଧ୍ୟ ଉଲ୍ଲେଖନୀୟ । ରାଜେନ୍ଦ୍ର ପଣ୍ଡା ତାଙ୍କ କବିତାଗୁଡିକରେ ଶବ୍ଦ ସଂଯୋଜନାରେ ଯେପରି ଯାଦୁ ସୃଷ୍ଟି କରିପାରନ୍ତି ସେହିପରି କବିତା ଆଖ୍ୟାନରେ ଲୋକ କଥାର ବିଭିନ୍ନ ମୋଟିଫ୍ ଓ କାହାଣୀ ମଧରେ ସେ ଜୀବନର ନିଷ୍ଠୁର ସତ୍ୟକୁ ଚମତ୍କାର ରୂପ ପ୍ରଦାନ କରିପାରନ୍ତି । ଅନ୍ଧଙ୍କର ହାତୀ ଦେଖା କାହାଣୀଟି କିପରି ପ୍ରତୀକାତ୍ମକ ଭାବେ ତାଙ୍କର 'ମଣିଷ ଦେଖା', ଏବଂ 'ପ୍ରବନ୍ଧ ଲିଖନ : ହାତୀ' କବିତାରେ ଭିନ୍ନ ଭିନ୍ନ ଭାବରେ ସଂଯୋଜିତ ଏଠାରେ ଉଦାହରଣସ୍ୱରୂପ ଦ୍ରଷ୍ଟବ୍ୟ—

"ଅନ୍ଧ ହୋଇଗଲେ ତୀବ୍ରତର ହୁଏ ସ୍ପର୍ଶ ଜ୍ଞାନ
ଦେଖ,
ଅନ୍ଧ ମଣିଷଟିଏ ମଣିଷଟାକୁ ଅଣ୍ଡାଳୁଚି—
କଣଟିଏ ବୋଲି ଚିହ୍ନିବାପାଇଁ
କେଶ ଧରୁଛି, କହୁଛି : ଜାଲ
ଆଖି ଛୁଉଁଛି, କହୁଛି : ଅନ୍ଧକୂପ
ଭୁଜ ଧରୁଛି, କହୁଛି : ଭୁଜଙ୍ଗ
ହୃତପିଣ୍ଡ ଧରୁଛି, କହୁଚି : ଅକର୍ମଶିଳା
ନାଭିମଣ୍ଡଳ ଛୁଉଁଚି, କହୁଚି : କୁମ୍ଭୀପାକ
ଚେତନା ଛୁଉଁଚି, କହୁଚି ; ସ୍ୱାର୍ଥ ଦ୍ୱେଷ ବିଶ୍ୱାସଘାତ
ଆଶ୍ଚର୍ଯ୍ୟ !
ମଣିଷଟିଏ ମଣିଷଟିକୁ ଚିହ୍ନିପାରୁନି" (ମଣିଷ ଦେଖା) !
"ସମସ୍ତେ ଯାଆନ୍ତି ଭୁଲି ଖୁଆଡ ଓ ଖେଦାର କାରୁଣ୍ୟ
ସମସ୍ତେ ଦେଖନ୍ତି ସ୍ୱପ୍ନ ରାତାରାତି କଳଶ ଢଳାର
ଶିଶୁମାନେ ଲଭିଥାନ୍ତି 'ଝୁଲହାତୀ' ବାଆପାଣି ଖାଇ ଫୁଲିବାର

ଲୋଭ;

ହାତୀ ଏକ ସ୍ୱାସ୍ଥ୍ୟବାନ ପ୍ରାଣୀ ।

...

ମୁଁ ସ୍ତମ୍ଭ, ମୁଁ ହାତୀ ନୁହେଁ

ମୁଁ ସର୍ପ, ମୁଁ ହାତୀ ନୁହେଁ

ମୁଁ କାଂଥ, ମୁଁ ହାତୀ ନୁହେଁ

ମୁଁ କୁଲା, ମୁଁ ହାତୀ ନୁହେଁ

ମୁଁ ବିଭକ୍ତ, ମୁଁ ହାତୀ ନୁହେଁ

ମୁଁ ଖାଲି ଏତିକି ଜାଣେ—

ହାତୀ ଏକ ପ୍ରାଣୀ:

ହାତୀ ଏକ ସ୍ଥଳଚର ସ୍ୱାସ୍ଥ୍ୟବାନ ପ୍ରାଣୀ" (ପ୍ରବନ୍ଧ ଲିଖନ : ହାତୀ) ।

ଅନୁରୂପ ଭାବରେ, ରାଜେନ୍ଦ୍ର ପଣ୍ଡାଙ୍କର 'ଗୌଣ ଦେବତା', 'ଅମେରୁଦଣ୍ଡୀ', 'ପରକୀୟା', 'ଶିବେଇ ସାନ୍ତରା-୨', 'ମନ୍ତ୍ରୀପୁଅ', 'ଉଡିଗଲେ ଗେଣ୍ଡାଳିଆ', 'ରଜାଘର ଭୋଜି', ଏବଂ 'ଗିଳ ବୋଇଲେ ଓପାସ ?' ଆଦି କବିତାରେ ମଧ୍ୟ ଲୋକ ଶୈଳୀ, ପାରମ୍ପରିକ ପ୍ରତୀକ, ବାଚିକ ଉପାଦାନ କିପରି ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ କବିତାର ପରିପ୍ରକାଶକୁ ପ୍ରଭାବିତ କରିଛି ଉଦାହରଣସ୍ୱରୂପ ଏଠାରେ ଉଲ୍ଲେଖନୀୟ—

"କୁଟୁତୁଣୀର କିଯାଏ, ସେ କି ଜାଣେ

ଧାନ କୁଟୁଥାଏ, ଧାନ କୁଟୁଥାଏ

ଢେଙ୍କାନାଳରୁ ସ୍ୱର୍ଗଯାଏ..." (ଗୌଣଦେବତା) ।

"ଉଠ ଉଠ

ବାଳଗୋପାଳ

ନାକ ନାଇଁ ଆଖି ନାଇଁ

କାନ ନାଇଁ ଜିଭ ନାଇଁ

ହାତ ନାଇଁ ଗୋଡ ନାଇଁ" (ଅମେରୁଦଣ୍ଡୀ) ।

"ବାଁପଟ ଛାତିର ହୃଦୟ ଦେଲି କିମ୍ପିରିଣୀକୁ,

ଜାମୁଗଛ କୋରଡରେ ହୃଦୟ ତୋ ପାଇଁ ଅଛି ବୋଲି

ମିଛରେ କହିଲି ପ୍ରିୟା ମୋର ମର୍କଟୀକୁ ।

ଅଭ୍ୟାସ ଦୋଷରୁ ଆଉଥରେ ଗଲି ପାଣିକି ଯେ

କିମ୍ପିରିଣୀ ବୋଲେ, ନାଥ,

ଡାହାଣପଟର ହୃଦୟ ଦିଅ" (ପରକୀୟା) ।

"ସିଧା ସରପଟ ହାମୁଡେଇ ସଜ ହୁଅନ୍ତେ

ବୁଢୀ ବୋଇଲା— ପୁଅ !

ତବତ ଜାଉ କ'ଣ ଏମିତି ଖାଆନ୍ତି" (ଶିବେଇ ସାନ୍ତରା-୨) ?

"କିଏ ଯାଏ ବଣିଜ କରି ଦରିଆପାରି ପ୍ରବାସକୁ
କିଏ ଯାଏ ନିଶାର୍ଦ୍ଧରେ ହୁସିଆର ଡାକି
ସୌଦାଗରର ଯୁବତୀ ଜାୟା କୁହୁ କହିଲେ
କଟୁଆଳର କିଶୋରୀ ବଧୁ ଉହୁଁ ବୋଲେ
ରଜାପୁଅର ଶ୍ରମରେ ମନ୍ତ୍ରୀ ପୁଅ ଉଲୁସି ଉଠେ" (ମନ୍ତ୍ରୀପୁଅ) ।

"ଖାଲି ଗେଣ୍ଡାଳିଆ ନୁହେଁ
ସବୁ ପକ୍ଷୀ ଉଡିଯିବେ ଲୋ ଝାଡିଦେଇ ପର
...
ରସିକା ବୁଢୀ ଜ୍ଞାନଦେଇ ମାଲୁଣୀର ଘର
ସବୁଥିବ ଲୋ ନଥିବ ଜମା ବାହୁନିବା ସୁର" (ଉଡିଗଲେ ଗେଣ୍ଡାଳିଆ) ।

ଅନ୍ୟ ଆଧୁନିକ ଓଡିଆ କବିମାନଙ୍କ ଭଳି କବି ସୌରୀନ୍ଦ୍ର ବାରିକଙ୍କ କବିତାଗୁଡିକରେ ମଧ୍ୟ ଲୋକ ଉପାଦାନର ଯଥେଷ୍ଟ ପ୍ରଭାବ ଦେଖିବାକୁ ମିଳେ । କବିଙ୍କର 'କେବେ ତ କିଛି ଦେଇପାରିଲିନି' ଆଉ 'କୋକୁଆ' କବିତାଦ୍ୱୟର କେତେକାଂଶ ଏପ୍ରସଙ୍ଗରେ ଉଦାହରଣଯୋଗ୍ୟ—

"ତୁମେ କିଏ ?
ଡାହାଣୀ ଚିରୁଗୁଣୀ ନା ପିତାଶୁଣୀ
ମାଲୁଣୀ ବୁଢ଼ୀ ଅବା କେଉଁ ଅସୁରଣୀ
ତୁମେ ଆସିବା ଦିନଠୁଁ ମୋର ଯେମିତି
କଣ ହୋଇଗଲା ? ସବୁ ବଦଳିଗଲା" (କେବେ ତ କିଛି ଦେଇପାରିଲିନି) ।

"ଅନ୍ଧାର ହେଲେ
କୋକୁଆ ଆସେ ଦ୍ୱାରକାପୁରକୁ
ଘରେଘରେ ତାଟି ପଡିଯାଏ
ଚୁପ୍ ଚାପ୍ ଶୋଇପଡେ ଅଝଟ ଶିଶୁଟିଏ" (କୋକୁଆ) ।

କବି ପ୍ରତିଭା ଶତପଥୀଙ୍କ କବିତାରେ ଲୋକ ଉପାଦାନଗୁଡିକ କେତେବେଳେ କବିତାର ଶୀର୍ଷକକୁ ତ କେତେବେଳେ ବିଷୟବସ୍ତୁକୁ ପ୍ରଭାବିତ କରିଛି । ଉଦାହରଣ ଭାବରେ ତାଙ୍କର 'ସାହାଡା ସୁନ୍ଦରୀ' କବିତାରେ ଲୋକ କଥାର ସାହାଡା ସୁନ୍ଦରୀ କିପରି ଆଖ୍ୟାନକୁ ପ୍ରଭାବିତ କରିଛି ଏଠାରେ ଉଲ୍ଲେଖନୀୟ—

"ମୁଁ ସିନା ଖରାରେ ପୋଡେ, ବର୍ଷା ଖାଏ, ଶୀତ ସହେ
ସାହାଡା ଗଛର ଅପରିପଚ୍ଛନ୍ନ ଗଣ୍ଡି ଭିତରେ
ଲୁଚିଥିବା ହେ ସୁନ୍ଦରୀ ।
ତୋର ଅସ୍ଥିରତାରେ ମୋତେ ଆଉ ଦୋହଲାଇ ଦେ' ନା" ।

### ୫.୧.୨.୨ ଆଞ୍ଚଳିକ, ଏବଂ ପ୍ରଜାତିକ ଜୀବନଧାରାର ପ୍ରଭାବ

ସ୍ୱାଧୀନତା ପରବର୍ତ୍ତୀ କାବ୍ୟ କବିତାରେ ଲୋକ ଉପାଦାନ ସଂଯୋଜନା ପ୍ରସଙ୍ଗରେ ଅନ୍ୟତମ ଉଲ୍ଲେଖନୀୟ ଦିଗ ହେଉଛି ଏହି ସମୟରେ କବିମାନେ ବିଭିନ୍ନ ଆଞ୍ଚଳିକ ତଥା ପ୍ରଜାତିକ ପରମ୍ପରାର ସଂଯୋଜନା ମଧ୍ୟ ସେମାନଙ୍କ ଆଖ୍ୟାନମାନଙ୍କରେ କରିଛନ୍ତି । ଅନ୍ୟ ଅର୍ଥରେ, ସାମ୍ପ୍ରତିକ ଓଡିଆ କବିତା ଓ କାବ୍ୟକୁ କିଛି ଆଞ୍ଚଳିକ ତଥା ପ୍ରଜାତିକ ଲୋକ ସାହିତ୍ୟ ତଥା ପାରମ୍ପରିକ ଜୀବନଧାରା ମଧ୍ୟ ପ୍ରଭାବିତ କରିଛି ଉଦାହରଣସ୍ୱରୂପ ଏଠାରେ ସୌଭାଗ୍ୟ କୁମାର ମିଶ୍ରଙ୍କର 'କାପାଳିକ', ଏବଂ 'ସୋମନାଥ' କବିତାରେ 'ଗ୍ରାମ ଦେବତୀଙ୍କ ପୀଠ' ଆଉ ପୁରୀର 'ଜେଗାଘର' ପରମ୍ପରାର ପ୍ରଭାବ ଉଲ୍ଲେଖନୀୟ—

"ସେ ଅତି ପାହାନ୍ତିଆରୁ ଉଠିପଡି ଭୁଆସୁଣୀମାନେ
ଗ୍ରାମଦେବତୀଙ୍କ ପୀଠ ମଣ୍ଡିଦେଲେ ମନ୍ଦାର ଫୁଲରେ
ମାଟିର ଭୋଗକୁ ବଳି ଦେଲେ ଓ ନିଜର
ମଙ୍ଗଳକାମନା କଲେ ସ୍ୱାମୀ ପୁତ୍ର କନ୍ୟା ପଡୋଶୀର" (କାପାଳିକ) ।
"ସୋମନାଥ ସେଦିନ ଜେଗାଘର ମାଲ ପରି
ବାହସ୍ଫୋଟ ମାରି ମାରି ଆସି ପହଞ୍ଚିଲା
ସନ୍ଧ୍ୟାବେଳେ ଛକରେ" (ସୋମନାଥ) ।

ସେହିପରି, କବି ପ୍ରତିଭା ଶତପଥୀଙ୍କ *ସାହାଡା ସୁନ୍ଦରୀ* କବିତା ସଂକଳନର 'ଅବତଳ' ଆଉ 'ରେଳଯାତ୍ରା' କବିତାରେ ପାନ ଭଙ୍ଗା, ଦୋଳିଗୀତ, ହୁଳହୁଳି, ରାତିରେ ପେଚା ଡାକିବା ଭଳି କେତୋଟି ପାରମ୍ପରିକ ଜୀବନଧାରା କିପରି ସମ୍ପୃକ୍ତ କବିତାର ଆଖ୍ୟାନ ଭାଗକୁ ପ୍ରଭାବିତ କରିଛି ଦ୍ରଷ୍ଟବ୍ୟ—

"ଝିଅଙ୍କର ଦୋଳିଗୀତ ଅନତିଦୂରରେ
ପାଖଘରୁ ଟୁକ୍ ଟୁକ୍ ପାନଭଙ୍ଗା ଆବାଜ ବୋଉର
...
ଶୁଭୁଥାଏ ଦିଅଙ୍କଠି
ଶଂଖ, ଘଣ୍ଟ, ହୁଳହୁଳି
ଗହଗହ ପୂଜା" (ଦୁଇଟି ମୂହୁର୍ତ୍ତ) ।
"ଦ୍ୱିପହରେ ଲୁଚିଲୁଚି ସାଙ୍ଗହୋଇ ପାଣିରେ ବୁଡିବା
ଜାଙ୍ଗୁଲୁ ଜାଙ୍ଗୁଲୁ ରାତି ଗଛମୂଳେ
ଆମ୍ବ ଖୋଜିବା
ଧୂଳିଘରେ ଭାତରାନ୍ଧି ଭୋଜି ପରିଷିବା" (ଅବତଳ) ।
"ପେଚାଡାକେ, ଭେରଂଡା ବୋବେଇ ଉଠେ
ଘରେଘରେ ମା ଏତେବେଳେ
ପିଲାଙ୍କ ମୁଣ୍ଡକୁ ଆସ୍ତେ ଥାପୁଡାନ୍ତି
ନିଦ ବାଉଳାରେ" (ରେଳଯାତ୍ରା) ।

ଏହା ବ୍ୟତୀତ, ଓଡିଆ ସାହିତ୍ୟର ସମକାଳୀନ ବହୁ କବିଙ୍କ କବିତାରେ ଲୋକ ଉପାଦାନ ବିଭିନ୍ନ ରୂପରେ ଆତ୍ମପ୍ରକାଶ କରିଛି । ଏଠାରେ ହୃଷୀକେଶ ମଲ୍ଲିକ, ହରିହର ମିଶ୍ର, ବାସୁଦେବ ସୁନାନୀ, ଅଖିଳ ନାୟକ, ଭାରତ ମାଝୀ, ଅଜୟ ପ୍ରଧାନ ପ୍ରଭୃତି କିଛି ଯୁବ କବିଙ୍କ ସାମ୍ପ୍ରତିକ ରଚନାଗୁଡିକରେ ଲୋକ ଉପାଦାନ କିପରି ପ୍ରଭାବିତ କରିଛି ସେ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରାଯାଇପାରେ ।

ହୃଷୀକେଶ ମଲ୍ଲିକଙ୍କ 'ଛତା-୧', 'ସାବତ ମା', 'ବୋଉ: ମୃତ୍ୟୁବାର୍ଷିକୀ-୧', ଏବଂ 'ପୁଅ-୧' ଆଦି କବିତାରେ ପାରମ୍ପରିକ କ୍ରୀଡା, କେଳାକେଳୁଣୀ ସମ୍ପ୍ରଦାୟ, ଚିତି ସାପ, ଦୋସମାଳି ଆଡି, କୋଳି ପାଚିବା, ମଣ୍ଡାଖିଆ ଅସୁର ପ୍ରଭୃତି ପାରମ୍ପରିକ ଉପାଦାନର ପ୍ରଭାବ ଉଦାହରଣସ୍ୱରୂପ ଦ୍ରଷ୍ଟବ୍ୟ—

"କେଳୁଣୀ କହେ କେଳାକୁ
ମାଳୁଣୀ କହେ ମାଳୀକୁ
ଶଉରୀ କହେ ଶଉରାକୁ..." (ଛତା-୧) ।
"ବୁଢୀଆଣୀଟିଏ ସୂତା କାଟୁଥାଏ
ନିଦକରେ
ଝିଟିପିଟି, ଅସରପା ଖେଳୁଥାନ୍ତି
ଡାଳମାଙ୍କୁଡି
କାତି ଛାଡିଥାଏ ଚିତି ସାପ..." (ସାବତ ମା)।
"କହିବାକୁ ଥିଲା
କେତେବେଳେ ଖେଳ-ସାଙ୍ଗ ନାଁରେ
ଦେବାକୁ ଥିଲା ଫେରାଦି
...
ଦୂର ଦୋସମାଳି-ଆଡିରେ
ବଇଁଚ କୋଳି ପାଚିବା, ବାଡି ପଛ ଲେମ୍ବୁ-ମୂଳରେ
ତାଳ ମଂଜ ଗଜା ଦବା, ଲଟୁ-ଚୋରି
ଓ କାଲି ରାତିରେ ଶୁଣିଥିବା
ଭୂତ ଡାକର ଓରମାନା" (ବୋଉ: ମୃତ୍ୟୁବାର୍ଷିକୀ-୧) ।
"ସୁତାଖିଅ ପରି ଧାନଗଛଟି
ହୁଲହୁଲଉଥାଏ
କୋହଲା ପବନରେ
ଗୁଣ୍ଡୁଚିମୂଷା, ବାରଜାତି ଚଢେଇ
କି ମଣ୍ଡାଖିଆ ଅସୁର
ପାଟି ଆଁକଲେ କାହାକୁ ଆଉ ଠେଲି ଦିଅନ୍ତି" (ପୁଅ-୧) ।

ସେହିପରି, ଓଡିଆ ପାରମ୍ପରିକ ଜୀବନଧାରାର ଚିତ୍ର କିପରି ହରିହର ମିଶ୍ରଙ୍କ କବିତାକୁ ପ୍ରଭାବିତ କରିଛି ଉଲ୍ଲେଖନୀୟ—

"ଯାନିଯାତ୍ରା, ମେଳା ମହୋତ୍ସବେ
ପାନ ଡିବା...
...
କହ, କହ ସାଧବାଣୀ
ସାଧବର ଦେଶାନ୍ତର
ରକତ ଟଳମଳ ଖଇର ପାଞ୍ଚପଳ
ତୋ ଅଣ୍ଟିଛୁରୀରେ ବିଦ୍ଧ କେଉଁ ଜାତି'ଳ" (ଧର୍ମଘଟ) ?
"ଘର ଥିଲେ କେତେ ନଥିଲେ ବା କେତେ
ବାଆପାଣି ଖାଇ ଫୁଲୁଛି... ହାତୀ ଝୁଲୁଛି" (ଗୋବିନ୍ଦଚନ୍ଦ୍ର) ।

ଅନୁରୂପ ଭାବରେ, ଅଜୟ ପ୍ରଧାନଙ୍କ କବିତାରେ ପୁରୀର ପାରମ୍ପରିକ ସାଂସ୍କୃତିକ ଜୀବନ ଆଉ କଥିତ ଭାଷା କିପରି ତାଙ୍କ କବିତା ସର୍ଜନକୁ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ କରିଛି ଦ୍ରଷ୍ଟବ୍ୟ—

"ଜାଗାକୁ ଆସେ ଭାଙ୍ଗଫାଙ୍ଗ କରିବାକୁ
ଶାଳଗଛମାରେ ଭୁଜ, ପଟା ଛାତି
ମେଜାଜିଟେ, ହେଲେ ଦୂରରୁ ଗୁରୁଜନଙ୍କୁ ନମସ୍କାର" (ଛୋଟକଥା) ।
"ଏ ସହରରେ ବଜର ହେଲେ ବୁଢା ଆଉ ପିଲା
ଜାଗା ଘର ମାଡିଲାଣି ଯିଏ କହିବ ତାକୁ କିଆଁ
...
ସାହିଯାତ ରାବଣ ଚନ୍ଦନ ଗାଧୁଆ ମେଳି
ନାଗା ମାଙ୍କଡ କୁସ୍ତି ଓ ବନାଟି
ପାନ ସ' ମଲ୍ଲୀମାଳ ତା ସ' ଝୁଲଣଝାଲ ଚାଲି" (ପୁରୀ) ।
...
"ଫି ସନ୍ ଗଣ୍ଡାଏ ଦି'ଗଂଯ ମରୁଥିବେ ସାକ୍ଷୀଗୋପାଳରେ
ଫି ସନ୍ ମରୁଥିବେ ପୁରୀ ଯିବା ବାଟରେ
ହ'ଜତ ଥିଲେ ସିନା ହେବ !
କୂଅ ତ ସବୁଠି ଅଛି, ପାଣି କାଇଁ ?
ପଞ୍ଚକୋଶୀ ଭିତରେ ତ କେତେ ନଈ
ନଈ କୂଳିଆ ଗାଁଗୁଡାକରେ ବେଶି କିନ୍ତୁ
ଏଇ ଝାଡାବାନ୍ତି, ହଁ ନା ନାଇଁ" (ସାଆଁତ) !!

ବାସୁଦେବ ସୁନାନୀ, ଅଖିଳ ନାୟକ, ଏବଂ ଭାରତ ମାଝୀଙ୍କ କବିତାଗୁଡିକରେ ପଶ୍ଚିମ ଓଡିଶାର ପାରମ୍ପରିକ ଜୀବନଧାରା, ଦଳିତ ଆଦିବାସୀଙ୍କ ପ୍ରଥା-ପରମ୍ପରା, ତଥା ସେମାନଙ୍କ ସାଂସ୍କୃତିକ ଦୃଷ୍ଟିଭଙ୍ଗୀର ପ୍ରଭାବ ଦେଖିବାକୁ ମିଳେ । ଉଦାହରଣସ୍ୱରୂପ, ଭାରତ ମାଝୀଙ୍କ 'ଲକ୍ଷ୍ମୀନାନୀ', '୨୦୦୨ : ଜ୍ୟୋତିଷ ଉବାଚ', ଏବଂ 'ଉତ୍ତର-ଆଧୁନିକ' ଆଦି କବିତାରେ ଲୋକ ଉପାଦାନ, ସାମାଜିକ ରୀତିନୀତି କିପରି କବିତାର ଆଖ୍ୟାନରେ ପ୍ରକାଶିତ ଏଠାରେ ଉଲ୍ଲେଖନୀୟ—

"ଶୁଣ ଭିତର କାନ୍ଥରେ ଲେଖିଦେବ— ଶୁଭ ଲାଭ
ଲେମ୍ବୁ ଦିଟା ଟାଙ୍ଗିଦେବ ଗେଟ୍‌ରେ
ବତାରେ ଖୋସିଦେବ ଖଣ୍ଡେ ନାଲିକନା,
ଗଲା ଜୁନ୍‌ରୁ କଟିଯାଇଛି ରିଷ୍ଟି
ଖାଲି ଯା ଆସନ୍ତା ବୈଶାଖରେ
ପାଞ୍ଚ ବ୍ରାହ୍ମଣଙ୍କୁ ପିଆଇଦେବ ପଣା" (୨୦୦୨ : ଜ୍ୟୋତିଷ ଉବାଚ) ।
"ପୁରୀଯାଇ ବ୍ରାହ୍ମଣ ଭୋଜନ
କରେଇ ଦେଇ ଆସୁଚି
ବାପାଙ୍କ ଶ୍ରାଦ୍ଧ ଦିବସରେ" (ଉତ୍ତର-ଆଧୁନିକ) ।
"ଯେଉଁ ଗାଁରେ ସେ
ମହୁଲ ବେଟି ଯାଉଯାଉ ଜୁଆନ୍ ହୋଇଥିଲା
କୁଣାବରୀ ହୋଇଥିଲା
ଯେଉଁଠିକି ଚଇତ୍ରା ଆସୁଥିଲା
ରୋଗବୁହାଣି ଦଶହରାରେ" (ଲକ୍ଷ୍ମୀ ନାନୀ) ।

ଅନୁରୂପ ଭାବରେ, ବାସୁଦେବ ସୁନାନୀଙ୍କ କବିତାରେ ପାରମ୍ପରିକ ଜୀବନଧାରାର ବୈଷମ୍ୟକୁ ପ୍ରଶ୍ନ କରିବା, ତଥା କଥିତ ସାମାଜିକ ରୀତିନୀତିକୁ ଉପେକ୍ଷା କରିବା ସହିତ ଦଳିତ ଏବଂ ଆଦିବାସୀ ଜୀବନଧାରା, ସାଂସ୍କୃତିକ ଅସ୍ମିତାର ପ୍ରତ୍ୟକ୍ଷ ପରିପ୍ରକାଶ ଦେଖାଯାଏ, ଉଦାହରଣସ୍ୱରୂପ—

"ତୁଳସୀ ଗଛରେ ଦେବୀଥାଏ
ରୋଇବୁନି ପାପ ହେବ
କଳଙ୍କ ଲାଗିବ ବଂଶରେ
ଫଳ ଭିତରେ ନଡିଆ ଶ୍ରୀଫଳ
ଈଶ୍ୱରଙ୍କ ପ୍ରିୟ
ରୋଇବୁନି ତୋ ମାଟିରେ ..." (ଚିହ୍ନିବାକୁ ପଡିବ ସେଇ ଜଣକୁ) ।
"ଦେ
ଦେଇ ଦେ ତୋର
ପୂଜା ସାମଗ୍ରୀ

ଅରୁଆ ଚାଉଳ ଦେ
ବେଲପତ୍ର ଦେ
ନଡିଆ କଦଳୀ ଦେ
ଦକ୍ଷିଣା ଦଶଟଙ୍କା ଦେ”(ଇଏ ମନ୍ଦିର) ।
“ସେ ଚମଡାରେ
ନିଶାନ, ଢୋଲ ତିଆରି କରେ
ମୋତେ କାଳିସୀ ଲାଗିଲେ
ସେ ବଜେଇ ବଜେଇ ମୋତେ ନଚାଏ
ଘର ଘର, ଗାଁ ଗାଁ ବୁଲାଏ” (ସନ୍ଦେହୀ) ।
“ଲାହିଲି ଲାହିଲି ଲାହିଲି
ଗାଦିଗିଡି ଗାଦିଗିଡି ଗାଦିଗିଡି
କିନ୍ ଗିଦିନ୍ କିନ୍ ଗିଦିନ୍ କିନ୍ ଗିଦିନ୍
...
ବାଜା ବାଜୁଛି
କିନ୍‌ଗିଦିନ୍ କିନ୍ ଗିଦିନ୍ କିନ୍ ଗିଦିନ୍” (ମୁଁ କିଛି ବୁଝିପାରୁନି) ।
“ମୁଁ ଜାଣିନି ଶୁକୁଟି ଚମାରୁଣୀ
ଜ୍ଞାନଦେଇ ମାଲୁଣୀ, ନିତେଇ ଧୋବଣୀ
ପତ୍ର ସଉରୁଣୀ, ଲୁହୁକୁଟି ଲୋହରାଣୀ” (ତାନ୍ତ୍ରିକ) ।
“ସେମି ପତର ଲେମି
ତୋର ମାଁ ବୁଆ କାଏଁ କରବେ
ନନୀ ଗା ମହନି ଲଗେଇ ନେମି” (ବିକଟାଳ ମହୁରୀ) ।

ସେହିପରି, ଅଖିଳ ନାୟକଙ୍କ କବିତାରେ ମଧ୍ୟ କଳାହାଣ୍ଡିର ତଥା ଦଳିତ ସମ୍ପ୍ରଦାୟର ପାରମ୍ପରିକ ଜୀବନଧାରାର ଚିତ୍ର ସହିତ ସାମାଜିକ ବୈଷମ୍ୟ, ପ୍ରଚଳିତ ରୀତିନୀତିକୁ ଉପେକ୍ଷା, ଏବଂ ସାଂସ୍କୃତିକ ଅସ୍ମିତାର ପ୍ରତ୍ୟକ୍ଷ ପ୍ରଭାବ ତାଙ୍କର ପରିପ୍ରକାଶକୁ ସ୍ୱତନ୍ତ୍ରତା ତଥା ମୌଳିକତା ପ୍ରଦାନ କରିଛି, ଉଦାହରଣସ୍ୱରୂପ—

“ମାତ୍ର ଗୋଟେ ପଁସ୍ତମା, ଗୋଟେ ପଁସ୍ତମା ଧାନରେ
ଗୌନ୍ତିଆ ଘରେ
ଗାଈମଇଁଷିଙ୍କ ବେକରେ
ବର୍ଷକ ପାଇଁ ପଘା ବନିଯାଏ ସେ
ପଖାଳ କଡରେ ତୁଣନଥିଲେ,
ଲୁଣ ନଥିଲେ,

...
ମା, ମାଇପି, କୁଲା, କଂସା, ତାଟିଆ, ମାଠିଆ, ଛିନଛତ୍ର" (ଯୋଗ୍ୟତା) ।
"ନିଜ ହାତରେ ସୂତାକାଟି
ମୋ ପାଇଁ ସୁନ୍ଦର ଶାଢ଼ିଟେ ବୁଣିଦେବ ବୋଲି
ଯିଏ ବାଟରେ ଘାଟରେ ରାଣ ଖାଇଲା,
ସେ ବୋଲାଇଲା ନେତା,
...
ସାତସିଆଁ ଶାଢ଼ିଟେ ପିନ୍ଧି
ସେବେଠୁ ଏ'ଠି ହାଟ ମଝିରେ ମୁଣ୍ଡପୋତି
ଠିଆ ହୋଇଛି ମୁଁ,..." (କଳାହାଣ୍ଡି) ।
"ମାଉଁସ ଖାଇନୁ ଯେ
ମୋର କଞ୍ଚା ନରକକୁ ଗେଫିଛୁ, ରେ ରଇଜକା
ଝୋଲ ହାପିରିନୁ ଯେ
ମୋର ମୂତ, ରକତକୁ ସୁଡୁକିଚୁ, ରେ ଯୋଗିନୀଖିଆ
...
ରହି ଥା, ଦେଖିବୁ,
ରହି ଥା, କଣ ହେବୁ, ଦେଖିବୁ
ଶୁଖିଲା ଭୂଇଁରେ ଝୁଂଟି ପଡିବୁ, ରେ ନିନାଗୁରିଆ
ଛଟ୍‌କି ଛଟ୍‌କି ମରିବୁ" ( ରହି ଥା' ଦେଖିବୁ) ।
"ଡଙ୍ଗର ଦେବତା ଥିଲା ବୋଲି ତ
ଖରା ହେଉ, ତରା ହେଉ
ମାଟିରୁ, ମହୁଲରୁ, ମହୁଘରାରୁ
ଶୁଖୁନଥିଲା ରସ;
ଯେତେ ଦୁହିଁଲେ ବି ପହ୍ନାଉଥିଲା
ସଲପ ଗଛ, ଝରନ୍, ଆକାଶ;
...
ଡଙ୍ଗର ଦେବତା ଥିଲା ବୋଲି ତ
ଘଡଘଡି-ଚଡଚଡିରେ କଲିଜା ଥରିଲା ବେଳେ
...
ଝୋ ଝୋ ବର୍ଷାର କୋରଡା ମାଡରେ
ପିଠିରୁ ଛାଲ ଉତୁରି ଗଲେ ବି
କଦାପି ହାର୍ ମାନୁନଥିଲା ଆମର ଝାଟିମାଟିର ଘର" (ଦେଶଦ୍ରୋହୀ) ।

### ୫.୧.୨.୩ ଲୋକ କଥା ଓ ଲୋକ ଗୀତର ଶୈଳୀଗତ ପ୍ରଭାବ

ସ୍ୱାଧୀନତା ପରବର୍ତ୍ତୀ କାଳର କବିମାନଙ୍କ କାବ୍ୟ କବିତାରେ ଯଦିଓ ଅନେକ ଲୋକ ଉପାଦାନର ପ୍ରତୀକାତ୍ମକ ପ୍ରଭାବ ଦେଖାଯାଏ ତେବେ, ଅନେକ କବିଙ୍କ କାବ୍ୟ କବିତାର ଆଖ୍ୟାନ ଶୈଳୀକୁ କିନ୍ତୁ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ କରିଛି ଉଦାହରଣସ୍ୱରୂପ ଏଠାରେ ସୀତାକାନ୍ତ ମହାପାତ୍ରଙ୍କ 'ବୁଢ଼ୀମା' କବିତାରେ ଲୋକ କଥାର 'କଥାଣି' ଶୈଳୀ ପ୍ରଭାବ ଉଲ୍ଲେଖନୀୟ—

"କଥାଟିଏ କହୁଁ, କଥାଟିଏ କହୁଁ
କିସ କଥା ; ବେଂଗୁଲି କଥା
କିସ ବେଂଗୁଲି କାଠ ବେଂଗୁଲି" (ବୁଢ଼ୀମା) ।

ସେହିପରି, ରମାକାନ୍ତ ରଥଙ୍କ କବିତାରେ ଲୋକ ଉପାଦାନ ପ୍ରତୀକାତ୍ମକ ଭାବରେ ନୁହେଁ ଆଖ୍ୟାନ ପରିପ୍ରକାଶକୁ ଶୈଳୀଗତ ଭାବେ ମଧ୍ୟ ପ୍ରଭାବିତ କରିଛି ଉଦାହରଣସ୍ୱରୂପ—

"ଗୋହିରୀ ବିଲ ଓ ଡିହ ମଗ୍ନ କରି କଜଳ ସୁଅରେ
କେତେଦୂର ଚଟକଳ, କେତେଦୂରେ ଏ ପଧାନ ପଡା
ମଝିରେ ଚାଲିଛି ସୁଅ ଦୁଇକୂଳୁ ବିଦାରି ଅତଡା
...
ବାୟା ଚଢେଇରେ ବାୟା ଚଢେଇ
ତାଳଗଛେ କରୁ ବସା
ତଳକୁ ଆରେ ମୋ କୁନି କାନ୍ଦୁଚି
ତୋ ସାଙ୍ଗେ ଖେଳିବ ପଶା" (ନବଗୁଞ୍ଜର) ।

ଶରତଚନ୍ଦ୍ର ପ୍ରଧାନଙ୍କ ଅନେକ କବିତାରେ ଲୋକ ଛନ୍ଦ ଓ ଶୈଳୀକୁ ବେଶ୍ ବିଶ୍ୱସ୍ତତା ସହିତ ଅନୁସରଣ କରାଯାଇଛି । ସେ ଲୋକ ପରମ୍ପରାରୁ ଚରିତ୍ର ଏବଂ ଚିତ୍ର ଗ୍ରହଣକରିଛନ୍ତି ତଥା ପ୍ରତୀକ ଓ ଚିତ୍ରକଳ୍ପ ମାଧମରେ ଆଧୁନିକ ଜୀବନଯନ୍ତ୍ରଣାକୁ ପ୍ରକାଶକରିବା ସମୟରେ ଐତିହ୍ୟ ସଚେତନ ହୋଇଉଠିଛନ୍ତି । ତାଙ୍କ କବିତାଗୁଡିକରେ ବାଚିକ ଲୋକ ଉପାଦାନ ଶୈଳୀର ପ୍ରଭାବ ଏଠାରେ ଦ୍ରଷ୍ଟବ୍ୟ—

"ଡାକୁଥିବେ ଆସ ଆସ ମୋ ଲୋଟଣୀ ପାରା
ସୁନାକାଠି ପିଞ୍ଜରାରେ
ଦିଅଥରେ ଧରା" (ଆକାଶ) ।
"ଚାଙ୍ଗୁ ଘାଉଁ ଘାଉଁରେ
ଚାଙ୍ଗୁ ଘାଉଁ ଘାଉଁ
କଥା କହ ବନ୍ଧୁ ଆରେ ବେଳ ଥାଉଁଥାଉଁ" (ତିନୋଟି କବିତା) ।
"ମୁଁ ଡାକିଲି ପାରାମାନେ
ମୋ ପାଖକୁ ଆସ

ଲେଉଟାଣି ଫୁଲସଂଜ

ତୁନି ହୋଇ ବସ

...

ଆସ ଆସ ପାରାଯୋଡିକ ମୋ ପିଣ୍ଡାରେ ବସ

ମୋ ପିଣ୍ଡାଟି ମୋଜାଇକ୍ ମସୃଣ ପାବଚ୍ଛ" (ସୁନାର ହରିଣ) ।

"ଯେ କୁମ୍ଭାର ଗଢ଼ିଗଲା

ଏ କଞ୍ଚା ମାଠିଆ

ଯେ ମାଲୁଣୀ ଫିଙ୍ଗିଦେଲା

ଏ ଫୁଲ ମରୁଆ

...

କେଁ କେଁ କେଁ କରାଟ

ପୋଖରୀ ଭିତରେ କରୁଛି ନାଟ

...

ଫସଲ କଟା ଗାନ ମହିଷିଆଳର" (କୌଣସି ଏକ ଦିନର ତିନୋଟି ପ୍ରହର) ।

ଅନୁରୂପ ଭାବରେ, ପ୍ରଧାନଙ୍କ *ଯଯାତି* କାବ୍ୟରେ ମଧ୍ୟ ଅନେକ ଲୋକ ଉପାଦାନ ସଂଯୋଜିତ ହେବା ସହିତ ଲୋକ ଗୀତର ପରିପ୍ରକାଶ ଶୈଳୀର ପ୍ରଭାବ ଦେଖିବାକୁ ମିଳେ—

"କାଣି ବିରାଡିଙ୍କ ଭିଡ

ରଣଭଣ ଯେତେ

କୁଜୀ ଅସରପା

...

ବାୟା ଚଢ଼େଇରେ ବାୟା ଚଢ଼େଇ

ଧର୍ମ ଗଲାଣି ରାଈ ଚରେଇ ।

...

ଦୁଇ ବିଲେଇଙ୍କ କଳି

ଭାଙ୍ଗିବା ପାଇଁ କି ମାଙ୍କଡ ବାପୁଡା

କେତେବେଳେ ଅବା ଧରିଚି ଚରାଜୁ ପାଲି" (କବିତା ସଂଖ୍ୟା- ୧୪) ।

"ଅବୁଝା ରାଇଜେ

ହୋଇଲା ରାଜା

ବାଜିବ ବାଜା

...

ପାଳବିଣ୍ଡା ମନ୍ତ୍ରୀ
ମାରିବେ ମଜା
କୁଳକୁ ଲଜ୍ଜା" (କବିତା ସଂଖ୍ୟା-୨୯)।
"ବିଲୁଆ ନନାରେ
ବିଲୁଆ ନନା
ଘର ପୋଡିଯାଏ ପଛକୁ ଅନା
...
କାଳିଆ କହ୍ନାଇ
ନିଦୁଆ ଆଖି
ମଣିଷ ବଦଳେ
ଦେଖେ ଚମକି" (କବିତା- ୩୨)।

ଆଧୁନିକ ଓଡିଆ କବିତାରେ ପାରମ୍ପରିକ ବାଚିକ ପରିପ୍ରକାଶର ଶୈଳୀଗତ ପ୍ରଭାବ ସମ୍ପର୍କରେ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ କବିତା ମଧ୍ୟ ଉଲ୍ଲେଖନୀୟ। କବିଙ୍କର ରଜାଘର ଭୋଜି ଏବଂ ଗିଳ ବୋଇଲେ ଉପାସ ? ଆଦି କବିତାରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ଉଦାହରଣସ୍ୱରୂପ ଦ୍ରଷ୍ଟବ୍ୟ—

"କାନ୍ଥ ଶୁଣ
ବାଡ ଶୁଣ
ଯେତିକି ପାଣିକି ଲୁଣ
ଧୋରେ ବାଇଆ ଧୋ
    ଯେଉଁ କିଆରୀରେ ଗହଳ ମାଣ୍ଡିଆ
    ସେଇ କିଆରୀରେ ଶୋ'।
...
ଥାଳି ସୁନା-ଥାଳି ଗିନା ରୂପା ଗିନା
    ଝକଝକ ହେଉଥାଏ
ହଁସୁଳି ଶେଯରେ ଗଜରା ମାଳ ହୋ
    ମହ ମହ ବାସୁଥାଏ" (ରଜାଘର ଭୋଜି)।
"ନ ପୁରିବ ତୋର ସେରକ
    ଆଉ ନପୁରିବ ଯଦି ମାଣକ
ଯାଏ ଆସେ ନାହିଁ କିଛି ତ ପୁତାରେ
    ବାହୁନା ବୃଥାରେ
ନେଏ ସୁଦାମାର ଖୁଦ ମୁଠାକ।
...

ମାଗି ଆଣିଲା ତିଅଣ ଖାଆ ଖାଆ
ଲୁଟି ଆଣିଲା ମଣୋହି ଖାଆ ଖାଆ
ଭୁଞ୍ଜି ବୋଇଲେ ଖାଆ ଖାଆ
ଗିଳ ବୋଇଲେ ଖାଆ ଖାଆ" (ଗିଳ ବୋଇଲେ ଉପାସ ?) ।

### ୫.୧.୩ ଓଡିଆ କାବ୍ୟ କବିତାରେ ଲୋକ ଉପାଦାନ ପ୍ରୟୋଗ ଏବଂ ପ୍ରଭାବର ବୈଶିଷ୍ଟ୍ୟ

ଆମେ ଦେଖିଲେ ଆଧୁନିକ କାବ୍ୟ କବିତାକୁ ଅର୍ଥାତ୍ ଉଭୟ ସ୍ୱାଧୀନତା ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ କାବ୍ୟ କବିତାକୁ ଲୋକ ଉପାଦାନ ବହୁଭାବରେ ପ୍ରଭାବିତ କରିଛି । ପ୍ରାରମ୍ଭିକ ପର୍ଯ୍ୟାୟର ରଚନାଗୁଡିକରେ ପ୍ରତ୍ୟକ୍ଷ ପ୍ରଭାବ ଦେଖାଯାଉଥିବାବେଳେ ସ୍ୱାଧୀନତା ପରବର୍ତ୍ତୀ କାବ୍ୟକବିତାରେ ଏହା ଉଭୟ ପ୍ରତ୍ୟକ୍ଷ ଏବଂ ପ୍ରତୀକାତ୍ମକ ପ୍ରଭାବ ଦେଖାଯାଏ । ସେହିପରି, କାବ୍ୟ କବିତାର ଆଖ୍ୟାନ ଶୈଳୀରେ ମଧ୍ୟ ଲୋକ ଆଖ୍ୟାନ ଶୈଳୀର ପ୍ରଭାବ ଦେଖିବାକୁ ମିଳେ । ଅତଏବ, ଏହାର କେତୋଟି ପ୍ରମୁଖ ଦିଗକୁ ଏଠାରେ ଏପରି ଉଲ୍ଲେଖ କରାଯାଇପାରେ ଯେ,

- ଓଡିଆ କାବ୍ୟ କବିତାରେ ମୌଖିକ ସାହିତ୍ୟର ଉପାଦାନଗୁଡିକ କେତେକ କାବ୍ୟ କବିତାରେ ସିଧାସଳଖ ଭାବରେ ପ୍ରୟୋଗ ହେବାବେଳେ କେତେକ ସ୍ଥଳରେ ଏହା ପରୋକ୍ଷ ଭାବରେ ସଂଯୋଜିତ । ଯେପରି— ସ୍ୱାଧିନତା ପୂର୍ବବର୍ତ୍ତୀ ଅନେକ କବିତାରେ ଏହାର ସିଧାସଳଖ ଆଖ୍ୟାନ ଦେଖିବାକୁ ମିଳେ । ବିଶେଷ ଭାବରେ ନନ୍ଦକିଶୋର ବଳ, ଏବଂ ବିଦ୍ୟୁତପ୍ରଭା ଦେବୀଙ୍କ କବିତା ଏବଂ ଶିଶୁ କବିତାମାନଙ୍କରେ ଏହାର ପ୍ରତ୍ୟକ୍ଷ ପ୍ରୟୋଗ ହୋଇଥିବାବେଳେ ସ୍ୱାଧିନତା ପରବର୍ତ୍ତୀ ଆଧୁନିକ କବିତାରେ ଏହା ପରୋକ୍ଷରେ ପ୍ରତୀକ ତଥା ଚିତ୍ରକଳ୍ପ ଭାବରେ ପ୍ରୟୋଗ ହେବା ଦେଖାଯାଏ ।

- କିଛି କାବ୍ୟ କବିତା ସମକାଳୀନ ଲୋକ ଜୀବନକୁ ଆଧାରକରି ରଚିତ । ଏହାର ଉଦାହରଣ ଭାବରେ ଅଜୟ ପ୍ରଧାନଙ୍କ *ବଇଦା ନା ଓ ଅନ୍ୟମାନେ*, ବାସୁଦେବ ସୁନାନୀଙ୍କ *କରଡି ହାଟ*, ଏବଂ *ବୋଧହୁଏ ମୋତେ ଭଲପାଇବା ଜଣାନାହିଁ*, ଭାରତ ମାଝୀଙ୍କ *ମହାନଗରୀର ପଦ୍ୟ* ଅଖିଳ ନାୟକଙ୍କ *ଧିକ୍, ଗୁଲିଖଟି* ଆଦି କବିତା ସଂକଳନରେ ସ୍ଥାନିତ କବିତାଗୁଡିକୁ ଗ୍ରହଣ କରାଯାଇପାରେ ।

- କିଛି କାବ୍ୟ କବିତା ପ୍ରଚଳିତ କିମ୍ବଦନ୍ତୀ ମିଥ୍‌କୁ ନେଇ ରଚିତ ଉଦାହରଣସ୍ୱରୂପ— *କୋଣାର୍କ, ମାୟାଦେବୀ, ସାଧବ ଝିଅ, ଗାଳମାଧବ, କାଳିଜାଇ, ଧରଣୀଧର, ଜୁଜୁମା, ବାଗ୍ରା, କସ୍ତୁରିକା,* ଏବଂ *କଲରେଇ ଫୁଲ* ।

- କିଛି କାବ୍ୟରେ ନୂତନ କିମ୍ବଦନ୍ତୀର ଅନ୍ତର୍ଗ୍ରହଣ ଦେଖାଯାଏ । ଏହାର ଉଦାହରଣ ଭାବରେ ରଧାନାଥଙ୍କ କାବ୍ୟକୁ ଗ୍ରହଣ କରାଯାଇପାରେ, ଯେଉଁଠି ସେ ଗ୍ରୀକ୍ କିମ୍ବଦନ୍ତୀକୁ ଅନ୍ତଃକରଣ କରି ସ୍ଥାନୀୟତାର ରୂପ ପ୍ରଦାନ କରିଛନ୍ତି ଯାହା ପରବର୍ତ୍ତୀ ସମୟରେ ସ୍ଥାନୀୟ କିମ୍ବଦନ୍ତୀ ଭାବରେ ପରିଗଣିତ ହୋଇଛି ।

ସେହିପରି, ଆଧୁନିକ ଓଡିଆ କାବ୍ୟକବିତାରେ ମୌଖିକ ଉପାଦାନର ସଂଯୋଜନା ପଛରେ କେତୋଟି ଦିଗକୁ ଏହିପରି ଆକଳନ କରାଯାଇପାରେ—

- ସ୍ଥାନୀୟ ସଂସ୍କୃତି ଓ ଐତିହ୍ୟର ସୃଜନ, ଏବଂ ସୃଜନରେ ଏହାର ପ୍ରତିଫଳନ କରିବାର ପ୍ରୟାସ ।

- କବିତାର ଗଠନଶିଳ୍ପ ବା ବର୍ଣ୍ଣନା ଶୈଳୀରେ ଭିନ୍ନତା ଆଣିବା । ରୂପକ, ଫାଣ୍ଟାସି, କଥକତା ଆଦି ଜରିଆରେ କବିତାର ଗଢଣକୁ ସ୍ୱତନ୍ତ୍ର କରିବା । ବିଭିନ୍ନ ପ୍ରସଙ୍ଗର ରୂପାନ୍ତରଣରେ ପାରମ୍ପରିକ ପ୍ରତୀକ ପ୍ରୟୋଗକରି ନୂତନ ଆଖ୍ୟାନ ନିର୍ମାଣ କରିବା ।

- କବିତାର ଅଭିବ୍ୟକ୍ତିକୁ ଅଧିକ ଭାବଗର୍ଭକ ଓ ପ୍ରଭାବଶାଳୀ କରାଇବା ।

- ଲୋକ ଉପାଦାନର ସଂଯୋଜନା କରି ଆଖ୍ୟାନରେ ସମକାଳୀନ ସମାଜ ଏବଂ ଜୀବନଧାରାର ବାସ୍ତବ ଚିତ୍ର ଉପସ୍ଥାପନା କରିବା ।

- କବିତାରେ କଥିତ ଭାଷାର ପ୍ରୟୋଗକୁ ଗୁରୁତ୍ୱ ପ୍ରଦାନକରିବା ।

- ବିଷୟର ନାମକରଣରେ ଲୋକ ଉପାଦାନ ତଥା ପାରମ୍ପରିକ ବାଚିକ ଉପାଦାନ ତଥା ରୂପକ ଉପଯୋଗକରି ଭିନ୍ନତା ସୃଷ୍ଟି କରିବା । ଉଦାହରଣସ୍ୱରୂପ— *ଧାନ ସାଉଁଟା ଝିଅ* (ହୃଷୀକେଶ ମଲ୍ଲିକ), *ମିଛୁଆ ଗାଈଆଳ ଟୋକା ମଲାପୂର୍ବରୁ ଗାଇଥିବା ଗୀତ* (ଶୈଳଜ ରବି),ଏବଂ *ବତ୍ରିଶ ସିଂହାସନ* (ଶରତଚନ୍ଦ୍ର ପ୍ରଧାନ), ପ୍ରଭୃତି କବିତା ସଂକଳନ ଏ ପରିପ୍ରେକ୍ଷୀରେ ଉଲ୍ଲେଖନୀୟ ।

## ପ୍ରଶ୍ନ

### କ) ଦୀର୍ଘ ଉତ୍ତରମୂଳକ

୧) ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡିଆ କାବ୍ୟ, କବିତାରେ ଲୋକ ଉପାଦାନର ପ୍ରଭାବ ସମ୍ପର୍କରେ ଆଲୋଚନା କରନ୍ତୁ ।

୨) ସ୍ୱାଧୀନତା ପରବର୍ତ୍ତୀ ଓଡିଆ କାବ୍ୟ, କବିତାରେ ଲୋକ ଉପାଦାନର ପ୍ରଭାବ ସମ୍ପର୍କରେ ଆଲୋଚନା କରନ୍ତୁ ।

୩) ଆଧୁନିକ ଓଡିଆ କବିତାକୁ ଓଡିଶାର ପାରମ୍ପରିକ ଗ୍ରାମ୍ୟ ଜୀବନଧାରା କିପରି ଭାବରେ ପ୍ରଭାବିତ କରିଛି ଆଲୋଚନା କରନ୍ତୁ ।

### ଖ) ନାତିଦୀର୍ଘ ଉତ୍ତରମୂଳକ

୧) ବିଭିନ୍ନ ଲୋକ ଗଳ୍ପ ଓଡିଆ କବିତାକୁ କିପରି ଭାବରେ ପ୍ରଭାବିତ କରିଛି ଆଲୋଚନା କରନ୍ତୁ ।

୨) ସୀତାକାନ୍ତ ମହାପାତ୍ର, ଏବଂ ଶରତଚନ୍ଦ୍ର ପ୍ରଧାନଙ୍କ କବିତାକୁ ଲୋକ ସାହିତ୍ୟ କିପରି ଭାବରେ ପ୍ରଭାବିତ କରିଛି ଆଲୋଚନା କରନ୍ତୁ ।

୩) ସାମ୍ପ୍ରତିକ ତରୁଣ ଓଡିଆ କବିମାନଙ୍କ କବିତା ଲୋକ ଉପାଦାନଦ୍ୱାରା କିପରି ଭାବରେ ପ୍ରଭାବିତ ଆଲୋଚନା କରନ୍ତୁ ।

### ଗ) ସଂକ୍ଷିପ୍ତ ଉତ୍ତରମୂଳକ

୧) ନାନାବାୟା ଗୀତ (Nursery Rhyme) ବା ଶିଶୁଗୀତ ଶୈଳୀରେ ଲିଖିତ ଓଡିଆ କବିତାଗୁଡିକ ସମ୍ପର୍କରେ ଉଲ୍ଲେଖ କରନ୍ତୁ ।

୨) ପୁରୀର ପାରମ୍ପରିକ ଜୀବନଧାରା ପ୍ରଭାବିତ କବିତାଗୁଡିକର କେତୋଟି ପଙ୍କ୍ତି ଉଦାହରଣସ୍ୱରୂପ ଉଲ୍ଲେଖ କରନ୍ତୁ ।

পঞ্চম পরিচ্ছেদ

କିପରି ପ୍ରୟୋଗ ହୋଇଛି ସେ ସଂପର୍କରେ ଆଲୋଚନା କରାଯାଉଛି । ସେହିପରି, ଓଡ଼ିଆ ଉପନ୍ୟାସରେ ଲୋକ ସାହିତ୍ୟର ପ୍ରଭାବକୁ ଆମେ ଆଲୋଚନାକୁ ଶୃଂଖଳିତ କରିବା ପାଇଁ ସ୍ୱାଧୀନତା ପୂର୍ବବର୍ତ୍ତୀ ଉପନ୍ୟାସରେ, ଏବଂ ସ୍ୱାଧୀନତା ପରବର୍ତ୍ତୀ ଉପନ୍ୟାସରେ ଲୋକ ସାହିତ୍ୟର ପ୍ରଭାବ  ଭାବରେ ଆଲୋଚନା କରିପାରିବା ।

### ୫.୨.୧ ସ୍ୱାଧୀନତା ପୂର୍ବବର୍ତ୍ତୀ ଉପନ୍ୟାସରେ ଲୋକ ସାହିତ୍ୟର ପ୍ରଭାବ

ଉନବିଂଶ ଶତକର ଶେଷ ଦ୍ୱିଦଶକ ହେଉଛି ଆଧୁନିକ ଉପନ୍ୟାସର ଜନ୍ମ ସମୟ । ଓଡ଼ିଆ ସାହିତ୍ୟର ପ୍ରଥମ ଉପନ୍ୟାସ *ପଦ୍ମମାଳୀ* ଯଦିଓ ଐତିହାସିକ କାହାଣୀକୁ ଆଧାରକରି ରଚିତ ତେବେ ବି ଏହି ଉପନ୍ୟାସରେ ଲୋକ ଉପାଦାନର ପ୍ରାଚୁର୍ଯ୍ୟ ପରିଲକ୍ଷିତ ହୋଇଥାଏ । ଔପନ୍ୟାସିକ ଉମେଶଚନ୍ଦ୍ର ସରକାର ଆଖ୍ୟାନର କଥାବସ୍ତୁ, ପରିବେଶ, ଏବଂ ବର୍ଣ୍ଣନା ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ଲୋକ ଉପାଦାନର ସଂଯୋଜନା କରିଥିବା ଦେଖାଯାଏ । ରୂପ କାହାଣୀ ପରି ନାୟିକା ପଦ୍ମମାଳୀକୁ ପ୍ରେମୀର ସ୍ମାରକୀସ୍ୱରୂପ ପରୀକ୍ଷିତଙ୍କ ହୀରା ଆଙ୍ଗୁଠି ପ୍ରଦାନ, କାହାଣୀ ଗଠନରେ ଜନଶ୍ରୁତିର ଗୁରୁତ୍ୱ, ପଦ୍ମମାଳୀର ମୁକ୍ତି ନିମିତ୍ତ ମଙ୍ଗଳାଙ୍କ ନିକଟରେ ମାନସିକ, ଜାଗର ଯାତ୍ରା, କୋଷ୍ଠୀ ଗଣନା, ସତ୍ୟର ଜୟ ଏବଂ ଅସତ୍ୟର ପରାଜୟ ଭଳି ପାରମ୍ପରିକ ବିଶ୍ୱାସ ଆଦି ଏହାର କଥାବସ୍ତୁକୁ ନିୟନ୍ତ୍ରଣ କରିଛି । ଅନୁରୂପ ଭାବରେ, ରାମଶଙ୍କରଙ୍କ *ବିବାସିନୀ* ଉପନ୍ୟାସରେ କଳାବତୀଙ୍କ ରଘୁନାଥଙ୍କୁ ସ୍ୱର୍ଣ୍ଣ କରାଟ ପ୍ରଦାନ; ଭଗବତୀ, ଶାରଳାଈ, ବୁଢ଼ାଲିଙ୍ଗ ଆଦି ଲୌକିକ ଦେବଦେବୀଙ୍କ ବର୍ଣ୍ଣନା; 'ସ୍ୱର୍ଗକୁ ନିଶୁଣି ନଥିଲା ପ୍ରାୟ ବଡଲୋକଙ୍କୁ ଉତ୍ତର ନାହିଁ', 'କେବେ ଦେଇଛି ଧାନ ପାଏ, ଗୋଡାଇ ମାଗୁଛି ଏବଯାଏ'— ଭଳି ପ୍ରବାଦ-ପ୍ରବଚନ ଓ ଲୋକୋକ୍ତି, ସହିତ ବିଭିନ୍ନ କ୍ଷେତ୍ରରେ ରାଣ ନିୟମ ଦେବା ପମ୍ପରା, ଗେଣ୍ଡାଗୁଆଳି ଯାତ୍ରା, ବାବାଜୀ ଉପାଖ୍ୟାନ ଆଦି ଲୋକ ଉପାଦାନଗୁଡ଼ିକ ଏହି ଉପନ୍ୟାସରେ ଚିତ୍ରିତ ।

ଗୋପାଳ ବଲ୍ଲଭ ଦାସଙ୍କ *ଭୀମାଭୂୟାଁ* ଉପନ୍ୟାସ ଓଡ଼ିଆ ସାହିତ୍ୟର ପ୍ରଥମ ଆଦିବାସୀ ଜୀବନଧାରା ଆଧାରିତ ଆଖ୍ୟାନ । ଏହି ଉପନ୍ୟାସରେ ଭୂୟାଁ ଆଦିବାସୀମାନଙ୍କ ବିବାହ ପ୍ରଥା, ବିଭିନ୍ନ ଉତ୍ସବ ଓ ବିଶ୍ୱାସବୋଧ, ଅତିଥି ପରାୟଣତା, ତଥା ଅନ୍ୟାନ୍ୟ ପାରମ୍ପରିକ ଜୀବନଯାତ୍ରା ସମ୍ପର୍କରେ ଆଖ୍ୟାନ ପ୍ରସ୍ତୁତ କରିଛନ୍ତି । ଲୋକ କଥାର କଥା-ପ୍ରାରମ୍ଭ-କଥନିକା ଶୈଳୀରେ ଉପନ୍ୟାସର କଥାବସ୍ତୁ ଆରମ୍ଭ ହୋଇଥିବାବେଳେ ଆଖ୍ୟାନ ପ୍ରସଙ୍ଗରେ— 'ଯେଣେ ଇଚ୍ଛା ତେଣେ ଯା, କରମ ଘେନି ବୁଲୁଥା', 'ଦଇବ ଦଉଡ଼ି ମଣିଷ ଗାଈ, ଯେଣିକି ନିଅଇ ତେଣିକି ଯାଇ', 'ଚଷା କି ଜାଣେ କପୂରର ଗୁଣ, ସୁଂଘିସୁଂଘି ବୋଲେ ସଇନ୍ଧବ ଲୁଣ' ଭଳି ଅନେକ ଲୋକୋକ୍ତି, ପ୍ରବାଦ-ପ୍ରବଚନ, ଏବଂ ଭୂୟାଁ ସମାଜରେ ପ୍ରଚଳିତ ପାରମ୍ପରିକ ଚିକିତ୍ସା ସମ୍ପର୍କରେ ମଧ୍ୟ ବର୍ଣ୍ଣନା କରାଯାଇଛି ।

ଓଡ଼ିଆ ଉପନ୍ୟାସକୁ ପ୍ରତିଷ୍ଠିତ କରିବାରେ ଫକୀରମୋହନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଏହା ଅନସ୍ୱୀକାର୍ଯ୍ୟ । ଜଣେ ସୃଜନଶୀଳ ସ୍ରଷ୍ଟାଭାବରେ ଓଡ଼ିଶାର ଲୋକ ଜୀବନ ଓ ଲୋକ ଚରିତ୍ର ଅନୁଶୀଳନ କ୍ଷେତ୍ରରେ ଫକୀରମୋହନଙ୍କର ସ୍ୱତନ୍ତ୍ର ଦକ୍ଷତା ମଧ୍ୟ ଥିଲା । ଓଡ଼ିଶାର ବିଭିନ୍ନ ସ୍ଥାନରେ କର୍ମମୟ ଜୀବନ ଅତିବାହିତ କରିବା ସମୟରେ ଓଡ଼ିଶାର ମାଟି, ପାଣି, ପବନ ଓ ସର୍ବୋପରି ଓଡ଼ିଶାର ସାମାଜିକ ଜୀବନ ଓ ବ୍ୟକ୍ତି ଚରିତ୍ରକୁ ସେ ଅତି ନିକଟରୁ ଦେଖିଥିଲେ । ଫଳସ୍ୱରୂପ, ତାଙ୍କର ସୃଷ୍ଟିଗୁଡ଼ିକରେ ଓଡ଼ିଶାର ଲୋକ ଜୀବନ ଓ ସେମାନଙ୍କର ସାମାଜିକ ଚଳଣି, ଜୀବନଯାତ୍ରା, ବିଶ୍ୱାସବୋଧ ଯଥେଷ୍ଟ ପରିସ୍ଫୁଟ ହୋଇଥାଏ । ଫକୀରମୋହନଙ୍କ *ଛମାଣ ଆଠଗୁଣ୍ଠ* ଉପନ୍ୟାସରେ ବୁଢ଼ୀ ମଙ୍ଗଳାଙ୍କ ବର୍ଣ୍ଣନା ଓ ତାଙ୍କ ପ୍ରତି ଗ୍ରାମବାସୀଙ୍କ ବିଶ୍ୱାସ; ବସଣି, ଛାପାମୁଦି, ପାଟଥୋପା, କଂସାବାଙ୍କ, ବାହିବାଳା ଭଳି ତତ୍କାଳୀନ ସମାଜରେ ପ୍ରଚଳିତ ପାରମ୍ପରିକ ଅଳଙ୍କାର ଚିତ୍ର; ବିଭିନ୍ନ ଚେରମୂଳି ଔଷଧ, ପିଠାପଣା, ପରିବହନ, କୃଷି ଉପକରଣ ଆଦିର ବର୍ଣ୍ଣନା; ରାଣ ପକାଇବା, କାନ୍ଦଣା ପ୍ରଭୃତି ଜୀବନଧାରାର ଚିତ୍ର ମଧ୍ୟ ଦେଖାଯାଏ । ଏତଦ୍‌ବ୍ୟତୀତ, 'ଗୋଦରୀଲୋ ଆପଣା ଗୋଡକୁ ଅନା', 'ପିତାଗୁଣେ ପୁତା', 'ଧାନକୁଟୁଣୀ ଭାଗବତ ପଢ଼ିବା', 'ହାଉଡା କଥା ହାଉଡା ମାଁ ଜାଣେ', 'ଭେକ ଥିଲେ ଭିକ', 'ଏହିଁକି ଏତେ ନା- ମୁଦିନାହିଁ ଗୋଡ କଚାଡୁ କେତେ', 'ଘଡ଼ିରୁ ତେଲ ନସରୁ, ପୁଅ ମୁଣ୍ଡ ନୁଖୁରା ନରହୁ', 'ଅଧର୍ମ ବିତ୍ତ ବଢ଼େ ବହୁତ, ଗଲାବେଳେ ଯାଏ

ମୂଳ ସହିତ' ଆଦି ଅନେକ ଲୋକୋକ୍ତିର ପ୍ରୟୋଗ ମଧ୍ୟ ଦେଖାଯାଏ । ସେହିପରି, *ମାମୁଁ* ଉପନ୍ୟାସରେ ମଧ୍ୟ ପାରମ୍ପରିକ ଜୀବନଧାରା ଚିତ୍ରିତହେବା ସହିତ ବିଭିନ୍ନ ଲୋକବିଶ୍ୱାସ, ମୁହଁଦେଖା, ଶ୍ରାଦ୍ଧକ୍ରିୟା, ଅଧିଆ ପଡିବା ଭଳି ଲୋକାଚାର, ସ୍ତ୍ରୀ ଲୋକମାନଙ୍କ କଜିଆ କରିବା ଭଳି ଦୈନନ୍ଦିନ ଜୀବନର ବିଭିନ୍ନ ଘଟଣାବଳୀର ଚିତ୍ର ସହିତ ଅନେକ ପ୍ରବାଦପ୍ରବଚନ ବ୍ୟବହୃତ ହୋଇଛି । ଅନୁରୂପ ଭାବରେ, *ଛମାଣ ଆଠଗୁଣ୍ଠ* ଉପନ୍ୟାସରେ ବୁଢୀ ମଙ୍ଗଳା ଓ ଅସୁରଦୀଘିକୁ ନେଇ ଲୋକ ବିଶ୍ୱାସର ଅବତାରଣା କରାଯାଇଥିବାବେଳେ *ମାମୁଁ* ଉପନ୍ୟାସରେ ମଧ୍ୟ କାକଟପୁର ମଙ୍ଗଳାଙ୍କ ପାଖକୁ ଯାଇ ଦେଉରୀ ପୂଜାକଲେ, କଳାଛେଳି, କଳାକୁକୁଡା ଆଦି ବଳିଦେଲେ ଗର୍ଭହେବା କଥା ଉଲ୍ଲେଖ କରାଯାଇଛି । ସନ୍ତାନ ଜନ୍ମର ବିବିଧ ବିଧି, କନ୍ୟା ବା ବୋହୂ ମୁଖଦେଖାରେ ଟଙ୍କା ଓ ସୁନା ପ୍ରଦାନ, ଶୁଦ୍ଧିକ୍ରିୟା ଆଦି ଲୋକାଚାର ସମ୍ପର୍କରେ ସୂଚନା ରହିଛି । ଏତଦ୍‌ବ୍ୟତୀତ, ଏହି ଉପନ୍ୟାସରେ 'ବଡଲୋକଙ୍କୁ ଦିଅ ଧାର, ଯାଉଁଣୁ ଆସୁଣୁ ନମସ୍କାର', 'ଝିଅଘରେ ରହିଲେ ଅଡୁଆ, ଘିଅ ଘରେ ରହିଲେ କଡୁଆ', 'ବାଘ ମଲେ ବିଲୁଆ ରଜା' ଭଳି ଅନେକ ପ୍ରବାଦ-ପ୍ରବଚନ ମଧ୍ୟ ଆଖ୍ୟାନ ପ୍ରସଙ୍ଗରେ ସଂଯୋଜିତ ହୋଇଛି । ସେହିପରି, *ଲଛମା*, ଏବଂ *ପ୍ରାୟଶ୍ଚିତ* ଉପନ୍ୟାସରେ ମଧ୍ୟ ପାରମ୍ପରିକ ଜୀବନଧାରା ତଥା ସମକାଳୀନ ମୌଖିକ ପରମ୍ପରାର ଅନେକ ଚିତ୍ର ଦେଖିବାକୁ ମିଳେ ।

ଫକୀରମୋହନଙ୍କ ପରବର୍ତ୍ତୀ ଔପନ୍ୟାସିକ ଦୟାନିଧି ମିଶ୍ରଙ୍କ *ନୟନତାରା* ଉପନ୍ୟାସରେ ମଧ୍ୟ ଅନ୍ନପ୍ରାଶନ୍ନ, ସୂତିକାଗୃହ, ବିଭିନ୍ନ ବ୍ରତ-ଉପବାସ ପ୍ରଭୃତି ଲୋକାଚାର ବର୍ଣ୍ଣନା ଦେଖିବାକୁ ମିଳିଥାଏ । ଲୋକ କାହାଣୀର ଆରମ୍ଭ ଯେପରି ଏକ ନୀତିଶିକ୍ଷାରୁ ସୃଷ୍ଟି ହୋଇଥାଏ ଅନୁରୂପ ଭାବରେ ଉକ୍ତ ଉପନ୍ୟାସର ଆରମ୍ଭ ମଧ କରଛନ୍ତି ସେ । ଏହା ବ୍ୟତୀତ, ବର୍ଣ୍ଣନା ପ୍ରସଙ୍ଗରେ 'ଚୁଡାକୁ ଗୁଡ ସାକ୍ଷୀ', 'କାଳା ଆଗରେ ମୂଳା ଚୋବାଇବା', 'ହାତର କାଚ ବଜ୍ରହେଉ', 'ସତ୍ୟବାନ ପରି ପତି ପା' ପ୍ରଭୃତି ଲୋକୋକ୍ତିର ପ୍ରୟୋଗ ମଧ୍ୟ ଦେଖାଯାଏ ।

ଗୋଦାବରୀଶ ମିଶ୍ର ଏହି ସମୟଖଣ୍ଡର ଅନ୍ୟତମ ସୁପରିଚିତ ଔପନ୍ୟାସିକ । *ଅଭାଗିନୀ, ଘଟାନ୍ତର, ଅଠରଶହ ସତର*, ଏବଂ *ନିର୍ବାସିତ* ଭଳି ଅନେକ ଚର୍ଚ୍ଚିତ ଉପନ୍ୟାସର ସେ ରଚୟିତା । ତାଙ୍କ *ଅଭାଗିନୀ* ଉପନ୍ୟାସରେ ମଧ୍ୟ ବିଭିନ୍ନ ଲୋକୋକ୍ତି, ଲୋକବିଶ୍ୱାସ, ଲୋକଗୀତ, ଛଦ୍ମବେଶ ଧାରଣ, ରାଣ ନିୟମ ପକାଇବା ପ୍ରଭୃତି ଲୋକ ପରମ୍ପରାର ପ୍ରୟୋଗ ଦେଖାଯାଏ । ସେହିପରି, ଉପନ୍ୟାସର ବର୍ଣ୍ଣନାକ୍ରମରେ କିପରି କଥିତ ଭାଷାର ପ୍ରୟୋଗ ହୋଇଛି ଏଠାରେ ଦ୍ରଷ୍ଟବ୍ୟ— "ଅଳପେଇସା, ପଳା, ବାହାର, ନିକଲ୍ । ମୋ ପେଟ ଛିଡି ପଡିଲାନାହିଁ, ତୁ କଳିକାଳ ଜନ୍ମ ହେବାକୁ । ମରୁନାହୁଁ ବାଡିପଡା, ଯା ପଳା" ।

ସମକାଳୀନ ଅନ୍ୟତମ ଔପନ୍ୟାସିକ ଚିନ୍ତାମଣି ମହାନ୍ତିଙ୍କ *ରୂପାଚୁଡି* ଉପନ୍ୟାସରେ ଲୋକ କାହଣୀର ଆଙ୍ଗିକତାକୁ ଗ୍ରହଣ କରାଯାଇଛି । ଲୋକ କଥାରେ ଯେପରି ବସ୍ତୁଟି ଯେଉଁ ବ୍ୟକ୍ତିଠାରୁ ଯାଇଥାଏ, ତା' ନିକଟକୁ ପୁନଃ ଫେରିଆସିଥାଏ, ସେହିପରି ରୂପାଚୁଡିଟି ଫେରିଆସିଛି ଉପନ୍ୟାସ ମୁଖ୍ୟ ଚରିତ୍ର ହରିବାବୁଙ୍କ ପାଖକୁ । ଏହା ବ୍ୟତୀତ, ବିଭିନ୍ନ ଲୋକାଚାର ଓ ପ୍ରଥା-ପରମ୍ପରା, ଯାତ୍ରା-ଉତ୍ସବ, ବାଦୀପାଲା, ରାଣ ପକାଇବା, ସଙ୍ଗାତ ବସିବା, ଉଦ୍ଦେଶ୍ୟ ପୂରଣପାଇଁ ମାନସିକ କରିବା ସହିତ ବର୍ଣ୍ଣନା ପ୍ରସଙ୍ଗରେ ବିଭିନ୍ନ ଲୋକୋକ୍ତି ଯଥା— 'ପାଣି ପିଇବ ଛାଣି, ପଇସା ନେବ ଗଣି', 'ତୁ ଯେତେ ମାଠିବୁ ମାଠ, ମୁଁ ସେହି ଦରପୋଡା କାଠ', 'ଭେଡା ରସିକ, କଖାରୁ ଫୁଲକୁ ପାରଡା ପୋକ' ଭଳି ନାନା ପ୍ରବାଦ-ପ୍ରବଚନ, ଗାଳି, ଭୂତପ୍ରେତ ସମ୍ପର୍କିତ ବିଶ୍ୱାସ ଅନେକ ପାରମ୍ପରିକ ଜୀବନଧାରାର ଚିତ୍ର ସ୍ଥାନିତ ହୋଇଛି । ମହାନ୍ତିଙ୍କ 'ଯୁଗଳ ମଠ' ଉପନ୍ୟାସରେ ମଧ୍ୟ ସେହିପରି ବହୁ ଛଟା ବା ଢଗର ପ୍ରୟୋଗ ଦେଖାଯାଏ ବିଭିନ୍ନ ବର୍ଣ୍ଣନା ପ୍ରସଙ୍ଗରେ ଯେପରି— 'ଏଇ କଥାକୁ ନା ପେଲିଦେଲି କଲିକତାକୁ', 'ନାକଟିଲିଖି, ଏତେ ଗୁଣବୋଲି ଜାଣିଥିଲିକି', 'ମାର ମାର ବୋଇତାଳୁକୁ, ବୋଇତାଳୁ ଗଲା ଭାଡି ତଳକୁ, ଫେରିଆସିଲା ଗୋଡ ତଳକୁ', 'ହାଇଲା ମର, ନା ହାଇମାରିଦେଇ ଶୋଇଛି ଘର' । ସେହିପରି, ତାଙ୍କର *ଟଙ୍କା ଗଛ* ଉପନ୍ୟାସରେ ଠକ ଓ ଡକାୟତମାନଙ୍କ ଛଦ୍ମବେଶ ଧାରଣ, ବିଭିନ୍ନ ପୌରାଣିକ କାହାଣୀର ସଂଯୋଜନା ସହିତ ଅନେକ ଲୋକ ବିଶ୍ୱାସ, ଓ ଲୋକୋକ୍ତିର ପ୍ରୟୋଗ କଥା ଆଖ୍ୟାନର ପ୍ରସଙ୍ଗରେ ଉଲ୍ଲେଖ କରିବା ଦେଖାଯାଏ ।

ଚିନ୍ତାମଣି ମହାନ୍ତିଙ୍କ *ଶନିସପ୍ତା* ଉପନ୍ୟାସ ଲୋକ ଉପାଦାନର ପ୍ରୟୋଗ ଦୃଷ୍ଟିରୁ ଏକ ଉଲ୍ଲେଖନୀୟ ସୃଷ୍ଟି । ସମଗ୍ର ଉପନ୍ୟାସଟି ଶନି ଗ୍ରହ ଉପରେ ଥିବା ଆମର ସାଧାରଣ ଅବଧାରଣା ଉପରେ ରଚିତ । ଅତଏବ, ଉପନ୍ୟାସରେ ଆମେ ତତ୍କାଳୀନ ପାରମ୍ପରିକ ଜୀବନଧାରାରେ ପ୍ରଚଳିତ ବିଭିନ୍ନ ବିଶ୍ୱାସ ଏବଂ ବହୁ ଲୋକାଚାରର ଚିତ୍ର ଏହି ଉପନ୍ୟାସରେ ଦେଖିବାକୁ ପାଇଥାଉ । ଡାଆଣୀ, ଭୂତପ୍ରେତ, ଗ୍ରହଦୋଷ, ଗୁଣିକରିବା, ମନ୍ତ୍ର ତଥା ପ୍ରତିକାର ଔଷଧ ଭଳି ବିଭିନ୍ନ ବିଶ୍ୱାସ ସହିତ ଅନ୍ତଃସତ୍ତ୍ୱା ନାରୀର ରୀତିନୀତି, ମାନସିକ ଆଦି ବିଭିନ୍ନ ଲୋକାଚାର, ସହିତ ଜନଶ୍ରୁତି, ପିଠାପଣା, ଶିଶୁକୁ ଶିକ୍ଷାଶୈଳୀ, ଯୋଗ କୀର୍ତ୍ତନର ଚିତ୍ର ବ୍ୟତୀତ ପ୍ରସଙ୍ଗକ୍ରମେ ବିଭିନ୍ନ ପ୍ରବାଦପ୍ରବଚନ ଓ ଲୋକୋକ୍ତିର ପ୍ରୟୋଗ ଦେଖାଯାଏ । ନନ୍ଦକିଶୋର ବଳଙ୍କ କବିତା ପରି ତାଙ୍କର ଏକମାତ୍ର ଉପନ୍ୟାସ *କନକଲତା*ରେ ମଧ୍ୟ ଲୋକ ଉପାଦାନର ପ୍ରାଚୁର୍ଯ୍ୟ ପରିଲକ୍ଷିତ । ପଲ୍ଲୀଜୀବନର ଜୀବନ୍ତ ଚିତ୍ର, ଲୋକଶିଳ୍ପ, ଲୋକାଚାର, ଢଗ-ଢମାଳି, ପ୍ରବଚନ ଆଦିର ଚମତ୍କାର ପ୍ରୟୋଗ ଉକ୍ତ ଉପନ୍ୟାସରେ ଦେଖିବାକୁ ମିଳେ । ଉଦାହରଣସ୍ୱରୂପ, ଏଠାରେ କେତୋଟି ଲୋକୋକ୍ତି ଉଲ୍ଲେଖ କରାଯାଇପାରେ— 'ବ୍ରାହ୍ମଣ ରଜା, ଖଣ୍ଟ ପରଜା, ଉହଡହ ଆମ୍ବିଳ, ଶୀତଳ ଭଜା । ସଖୀ, ଏ ବଡ ମନ୍ଦ', କଣ୍ଟାବାଡରେ ଲୁଗା ପକାଇବୁ, ଚାଲିଲା ଶଗଡରେ ହାତଦେବୁ', 'ଶିଳ ଶିଳୁପା ତ ଗଗନେ ଉଡୁଛି, ଶିମିଳି ତୂଳା କହୁଛି ମତେ ରଖେ', 'ଗଙ୍ଗା ଯିବୁ ଯେତିକି, ଫଳ ପାଇବୁ ସେତିକି', ଦେଇଥିଲେ ପାଇ, ପଢିଥିଲେ ଗାଇ, ପଡିଆ ବାଡିରେ ଗୋଧନ ଚରାଇ । ସେହିପରି, ବିଷୟବସ୍ତୁର ପ୍ରାସଙ୍ଗିକତାଦୃଷ୍ଟିରୁ ଅନେକ ଢଗର ପ୍ରୟୋଗ ମଧ୍ୟ କରିଛନ୍ତି ନନ୍ଦକିଶୋର ଯେପରି— 'ଆଜହୁଁ ଏତେ, ପାଣିପଡିଲେ ହବୁ କେତେ', 'ଛିଲୋ ଛତୁ, ମେଘ ବରଷିଲେ କେତେ ତୁ ଫୁଟୁ', 'ତଳ ବରଡା ଖସୁଛି, ମଝି ବରଡା ହସୁଛି, ଉପର ବରଡା ଥାଇ କହୁଛି ମୋ ଦିନକାଳ ଆସୁଛି', 'ଜଗନ୍ନାଥଙ୍କର ବଢେଇ, କାହାକୁ ଦିଅନ୍ତି ପାଟ ପୀତାମ୍ବରୀ, କାହାକୁ ଦିଅନ୍ତି ଗଡେଇ' । ଏତଦ୍‌ବ୍ୟତୀତ, ବିଭିନ୍ନ ଲୋକ କଳା, ପାରମ୍ପରିକ ଅଳଙ୍କାର, ବସ୍ତ୍ର, କେନ୍ଦେରା ଗୀତ କଥା, ତଥା ସମକାଳୀନ ଓଡିଆ ସମାଜର ଅନେକ ପାରମ୍ପରିକ ବିଶ୍ୱାସ ଆଦିର ସଂଯୋଜନା ଉପନ୍ୟାସଟିକୁ ଅନେକ ପ୍ରାସଙ୍ଗିକ କରିପାରିଛି ।

କୁନ୍ତଳାକୁମାରୀଙ୍କ *ନଅ ତୁଣ୍ଡୀ, ପରଶ ମଣି*, ଏବଂ *ରଘୁ ଅରକ୍ଷିତ* ଆଦି ଉପନ୍ୟାସରେ ଲୋକ ଉପାଦାନର ମଧ୍ୟ ଯଥାଯୋଗ୍ୟ ସଂଯୋଜନା ଦେଖିବାକୁ ମିଳିଥାଏ । *ନଅ ତୁଣ୍ଡୀ* ଉପନ୍ୟାସରେ ବିଭିନ୍ନ ପାରମ୍ପରିକ ବିଶ୍ୱାସ, ପୌରାଣିକ କାହାଣୀର ଅବତାରଣା ଗ୍ରାମ୍ୟ ପରିବେଶ, ଲୋକ କଥାର ଆଖ୍ୟାନ ଶୈଳୀର ପ୍ରୟୋଗ ସହିତ ବର୍ଣ୍ଣନା ପ୍ରସଙ୍ଗରେ ଅନେକ ଲୋକୋକ୍ତିର ପ୍ରୟୋଗ ଦୋଖିବାକୁ ମିଳେ । ସେହିପରି, *ରଘୁ ଅରକ୍ଷିତ* ଉପନ୍ୟାସରେ ମାଈକିନୀ ଝିଅ ପାଠ ପଢିଲେ ବିଧବା ହେବା, ଝିଟିପିଟିର ଟିକ୍‌ଟିକ୍ ଶବ୍ଦ ସମୟରେ କୁହାଯାଇଥିବା କଥାକୁ ସତ ମନେକରିବା, ଗୁଣିଗାରେଡି କରିବା, ବଶୀକରଣ ଭଳି ପାରମ୍ପରିକ ବିଶ୍ୱାସର ଚିତ୍ର ଦେଖାଯାଏ । ଅନୁରୂପ ଭାବରେ, *ପରଶ ମଣି* ଉପନ୍ୟାସରେ ସନ୍ତାନ ଜନ୍ମ ସମୟରେ ସୂତିକାଗୃହର ନୀତିନିୟମ, ଏକୋଇଶା ଦିନ ସନ୍ତାନର ନାମକରଣ, ବନ୍ଧୁମାନଙ୍କର ଉପହାର ପ୍ରଦାନ ଆଦି ସାମାଜିକ ଚଳଣି ତଥା ଲୋକ ଜୀବନର ବିଭିନ୍ନ ଚିତ୍ର ଉପସ୍ଥାପିତ ହୋଇଛି ।

ସବୁଜ ଚେତନାର ସ୍ରଷ୍ଟା ତଥା ସମକାଳୀନ ଅନ୍ୟ ଔପନ୍ୟାସିକମାନଙ୍କ ସୃଷ୍ଟି ମଧ୍ୟରେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ *ମାଟିର ମଣିଷ*; ଗୋଦାବରୀଶ ମହାପାତ୍ରଙ୍କ *ପ୍ରେମପଥେ*; ଚକ୍ରଧର ମହାପାତ୍ରଙ୍କ *ରଣ ମାଧୁରୀ, ବଳାଙ୍ଗୀ*, ଏବଂ ନଅଜଣ ଲେଖକ ଲେଖିକାଙ୍କ ମିଳିତ ସୃଷ୍ଟି *ବାସନ୍ତୀ* ଉପନ୍ୟାସରେ ମଧ୍ୟ ବିଭିନ୍ନ ଲୋକୋକ୍ତି, ସାମାଜିକ ଚଳଣି ଓ ଲୋକ ବିଶ୍ୱାସର ପରିପ୍ରକାଶ ଘଟିଛି । କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ *ମାଟିର ମଣିଷ* ଉପନ୍ୟାସରେ ମା' ମଙ୍ଗଳାଙ୍କ ପୂଜା, ଶ୍ୟାମପ୍ରଧାନଙ୍କ ସ୍ତ୍ରୀ ଅହିଅ ହୋଇ ମୃତ୍ୟୁବରଣ କରିବା ପ୍ରସଙ୍ଗରେ ଲିଆ କଉଡି ପକାଇବା, ବିବାହ ପୂର୍ବରୁ ବିଭିନ୍ନ ପ୍ରାରମ୍ଭିକ ପ୍ରକ୍ରିୟାର ଆୟୋଜନ, ଉଦ୍ଦେଶ୍ୟ ସିଦ୍ଧିପାଇଁ ମାନସିକ କରିବା, କିମିଆ କରିବା ଆଦି ଲୋକ ବିଶ୍ୱାସ ଓ ଲୋକାଚାରର ଚିତ୍ର ଉପସ୍ଥାପିତ ହୋଇଛି ବର୍ଣ୍ଣନା ପ୍ରସଙ୍ଗରେ । ସେହିପରି, ବର୍ଣ୍ଣନା ଶୈଳୀରେ ଲୋକ କଥାର ଶୈଳୀ ଅନୁସରଣ କରିବା, ପ୍ରସଙ୍ଗକ୍ରମେ ଲୋକ କଥା ଏବଂ ଲୋକ ଗୀତର ଉପସ୍ଥାପନା, ଦୈନନ୍ଦିନ ଜୀବନରେ ଦେଖାଯାଉଥିବା କଳିକଜିଆର ଅବତାରଣା ସହିତ ଅନେକ ପ୍ରବାଦପ୍ରବଚନର ପ୍ରୟୋଗ ଦେଖାଯାଏ । *ମାଟିର ମଣିଷ* ଭଳି ତାଙ୍କର *ଲୁହାର ମଣିଷ* ଉପନ୍ୟାସରେ ମଧ୍ୟ ପଞ୍ଚୁଆତି,

ଏକୋଇଶିଆ; ବାଟ ବନ୍ଧାଣ, ଶିଳ ଲେଉଟା, ହାତ ଗଣ୍ଠି, ଶଙ୍ଖୁଡି ସଭା ଆଦି ବୈବାହିକ କ୍ରିୟାକର୍ମ, ସୁଦଶା ବ୍ରତ ପାଳନ ଭଳି ବିଭିନ୍ନ ଲୋକାଚାର ସହିତ ଲୋକ ଗୀତ, ଓ ଅନେକ ପ୍ରବାଦ ପ୍ରବଚନର ପ୍ରୟୋଗ ଦେଖିବାକୁ ମିଳେ ।

ଗୋଦାବରୀଶ ମହାପାତ୍ର ଉଭୟ କବିତା ଓ କଥା ସାହିତ୍ୟ କ୍ଷେତ୍ରରେ ଜଣେ ଅପ୍ରତିଦ୍ୱନ୍ଦୀ ସ୍ରଷ୍ଟା । ତାଙ୍କର *ବିଦ୍ରୋହ*, *ରାଜଦ୍ରୋହୀ*, *ପ୍ରେମପଥେ*, ଏବଂ *ବନ୍ଦୀର ମାୟା* ଆଦି ଉପନ୍ୟାସରେ ନାୟକ ଛଦ୍ମବେଶ ଧାରଣକରି ନାୟିକା ସହିତ ମିଳନର ଇଚ୍ଛା, ବିଭିନ୍ନ ଲୋକାଚାର, ଲୋକୋକ୍ତି; *ବିଦ୍ରୋହ* ଉପନ୍ୟାସରେ ସନ୍ତାନ ଜନ୍ମର ଷଷ୍ଠ ଦିନରେ ଷଠୀଦୁଷୀ କପାଳରେ ଭାଗ୍ୟକଥା ଲେଖିବା ଆଦି ବିଶ୍ୱାସ, ପୁତ୍ର ମଙ୍ଗଳନିମିତ୍ତ ସତ୍ୟନାରାୟଣ ପାଲା, ଶ୍ରାଦ୍ଧକାର୍ଯ୍ୟ, ବିଧବାଙ୍କର ଏକାଦଶୀ ପାଳନ ଆଦି ଲୋକାଚାର ତଥା ବୁଢ଼ୀ ଅସୁରଣୀ କଥା, ସନ୍ନ୍ୟାସୀ ଧୋବା ଆଦି ଲୋକଗଳ୍ପ ସଂଯୋଜିତ । ସେହିପରି, ପୁରାଣ କାହାଣୀ କିପରି ପାରମ୍ପରିକ ଭାବରେ ଆଖ୍ୟାୟିତ ତାହାର ଉଦାହରଣ ଏପ୍ରସଙ୍ଗରେ ଉଲ୍ଲେଖନୀୟ— "ସୀତା କ'ଣ ବିଭା ହେବା ଆଗରୁ ମିଥିଳା ଦାଣ୍ଡରେ ରାମଙ୍କୁ ଦେଖି ତାଙ୍କ କଥା ଭାବୁନଥିଲେ ? ଅର୍ଜ୍ଜୁନ ଧନୁଶର ଧରି ମାଛ ଆଖିକୁ ବିନ୍ଧିଲାବେଳେ କଣ ଦ୍ରୌପଦୀ ତାଙ୍କ କଥା ମନକୁ ନେଇନଥିବେ ?"

ସବୁଜ ପରମ୍ପରାର ନଅଜଣ ଲେଖକକଙ୍କ ମିଳିତ ଉଦ୍ୟମରେ ଲିଖିତ *ବାସନ୍ତୀ* ଉପନ୍ୟାସରେ ବିଭିନ୍ନ ପାରମ୍ପରିକ ବିଶ୍ୱାସ, ରାଣ ପକାଇବାର ପରମ୍ପରା, ବଉଳବସିବା ଭଳି 'ରୀତିନୀତି ଆଧାରିତ ସମ୍ପର୍କ (ritualized relationship)'ର ଚିତ୍ର, ଭୁତପ୍ରେତ, ବଶୀକରଣ ସହିତ ବିଭିନ୍ନ ଲୋକୋକ୍ତିର ପ୍ରୟୋଗ ଦେଖିବାକୁ ମିଳିଥାଏ । ଉପନ୍ୟାସରେ ସ୍ଥାନିତ କେତୋଟି ଲୋକୋକ୍ତି ଏଠାରେ ଉଦାହରଣସ୍ୱରୂପ ଦ୍ରଷ୍ଟବ୍ୟ— 'ତୁଚ୍ଛାକୁ ଏତେ, ମୁଦିନାହିଁ ଗୋଡ କଚାଡୁ କେତେ', 'ଗୁଣକୁ ପୂଜା, ଅବିଗୁଣ ଥିଲେ କତିକି ଯା', 'ଚୋର ମା ଲାଜେ ନକାନ୍ଦେ— ଯେବେ କାନ୍ଦେ ଦୁଆର କିଳି କାନ୍ଦେ', 'କେତେ କଥା ନକଲେ କାହ୍ନୁ, ଯିବଥିବା ଯାଏ ନଯିବ ମନୁ' ।

ଲୋକ ସାହିତ୍ୟର ସଂଗ୍ରାହକ ଭାବରେ ପରିଚିତ ଚକ୍ରଧର ମହାପାତ୍ର ଜଣେ ସଫଳ ଔପନ୍ୟାସିକ ମଧ୍ୟ । ତାଙ୍କର *ରଣମାଧୁରୀ*, ଏବଂ *ବଳାଙ୍ଗୀ* ଉପନ୍ୟାସ ଦୁଇଟିରେ ସେ ଅନେକ ଲୋକ ଉପାଦାନ ତଥା ସମକାଳୀନ ପାରମ୍ପରିକ ଜୀବନର ଅନେକ ମୌଖିକ ପରିପ୍ରକାଶକୁ ସଂଯୋଜିତ କରିଛନ୍ତି । ଏହି ଦୁଇଟି ଉପନ୍ୟାସରେ ବିଭିନ୍ନ କିମ୍ବଦନ୍ତୀ, ଲୋକକଥା, ଓ ପୌରାଣିକ ଉପାଖ୍ୟାନର ସଂଯୋଜନା ସହିତ 'ବୁଢ଼ୀ ମଙ୍ଗଳା', 'ମାଆ ପ୍ରବଳା' ଭଳି ଲୋକ ଦେବୀ ଏବଂ ଲୋକାଚାର, ରୀତିନୀତିକୁ ବି ସଫଳ ଭାବରେ ସ୍ଥାନିତ କରିଛନ୍ତି । ଏପରିକି, ପାରମ୍ପରିକ ନାମକରଣ ଧାରାକୁ ଅନୁସରଣକରି 'ବଳାଙ୍ଗୀ' ଚରିତ୍ରର ନାମକରଣ, ପୋଖରୀ ତଥା ଗ୍ରାମ ବସାଇବା ଏବଂ ତାହାର ନାମକରଣ କରିବା ମଧ୍ୟ ପରିଦୃଷ୍ଟ ହୋଇଥାଏ ତାଙ୍କ *ବଳାଙ୍ଗୀ* ଉପନ୍ୟାସରେ ।

ସଚ୍ଚି ରାଉତରାୟ ସାଧାରଣତଃ କବି ଭାବରେ ପ୍ରସିଦ୍ଧି ଲାଭ କରିଥିଲେ ମଧ୍ୟ ଲେଖିଛନ୍ତି କିଛି ଗଳ୍ପ, ଏବଂ *ଚିତ୍ରଗ୍ରୀବ* ଉପନ୍ୟାସ । ଏହି ଉପନ୍ୟାସରେ ଲାଙ୍ଗୁଡକଟା ବିଲୁଆ, ରାଣ୍ଡିପୁଅ ଅନନ୍ତା, କଇଁଚ ଠେକୁଆ କଥା, ଟୁଆଁ–ଟୁଇଁ କଥା, ଦସ୍ୟୁ ରତ୍ନାକର ଭଳି ପୌରାଣିକ କଥାଗୁଡିକର ସଂଯୋଜନା ଦେଖାଯାଏ । ଏହା ବ୍ୟତୀତ ସମକାଳୀନ ସମାଜର ଅନେକ ଲୋକୋକ୍ତି ଯଥା— 'ପୃଥ୍ୱୀ ଘଡି ଘଡିକୁ ଆନ', 'ନଈ ନଦେଖୁଣୁ ଲଙ୍ଗଳା ହେଉଛ କିଆଁ', 'ଅନ୍ଧ ଦେଶରେ ଦର୍ପଣ', 'ଖଜୁରୀ ଗଛ ପରି ସବୁ ମୂଳରୁ ପାହାଚ ପାହାଚ' ଆଦି ପ୍ରବାଦ-ପ୍ରବଚନ ଆଖ୍ୟାନର ପ୍ରସଙ୍ଗକ୍ରମେ ସନ୍ନିବେଶିତ ହୋଇଛି । ସେହିପରି, ଝିଟିପିଟି କଟ୍‌କଟ୍ ଡାକିଲେ କଥାଟି ସତବୋଲି ଜାଣିବା, ଗାରୁଡି ମନ୍ତ୍ରରେ ଭୂତ ଝାଡିବା, ଏଣ୍ଡୁଅ ମୁଣ୍ଡ ଟୁଙ୍ଗାରିଲେ କଥାର ସମର୍ଥନମିଳିବା ଭଳି ପାରମ୍ପରିକ ବିଶ୍ୱାସ, ଏବଂ କିଛି ଲୋକ ଗୀତର ସଂଯୋଜନା ମଧ୍ୟ ଦେଖାଯାଏ । ଉପନ୍ୟାସରେ କିପରି ଭୁତ ଛଡେଇବା ମନ୍ତ୍ରର ପ୍ରୟୋଗ ହୋଇଛି ଏଠାରେ ଉଦାହରଣସ୍ୱରୂପ ଉଲ୍ଲେଖ କରାଯାଇପାରେ— "ଓଁ ଉଠ ମାଟିଲାଗ । ଭେଟ ରାଜମିତ୍ର ଶିଆଳପିଲା ବ୍ୟାଘ୍ରରୂପେ ଯାଇ ଆସଇ, ସିଂହ ରୂପେ ଯାଇ ଆସଇ, ଲାଗ ମାଟିଲାଗ । ଭୂତ ଛାଡ ବୋଲି କାହାର ଆଜ୍ଞା । କାଉଁରୀ କାମଚଣ୍ଡୀ ପତର ସଉରୁଣୀ ଆଜ୍ଞା ଫୁ !! ଫୁ !! ଫୁ"!

ନିତ୍ୟାନନ୍ଦ ମହାପାତ୍ରଙ୍କ *ହିଡମାଟି, ଜିଅନ୍ତା ମଣିଷ,* ଏବଂ *ଭଙ୍ଗାହାଡ* ଆଦି ଉପନ୍ୟାସରେ ମଉଳାଶ୍ରାଦ୍ଧ, ପେପେଇ ଅମିସାର ବଡବଡୁଆ ଡାକ, ବିଧବାଙ୍କର ବିଭିନ୍ନ ବ୍ରତ-ଉପବାସ, ଭୂତପ୍ରେତ ଉପରେ ବିଶ୍ୱାସ, ଗ୍ରାମରେ ହଇଜା ଲାଗିଲେ ଠାକୁରାଣୀ ବୋଲି ଭାବିବା, ଖାଇବା ସମୟରେ ତଣ୍ଟିରେ ଲାଗିଲେ ନିଜ ଲୋକ ମନେ ପକାଉଛନ୍ତି ବୋଲି ଅନୁମାନ କରିବା, ରାଣ ପକାଇବା ଭଳି ପାରମ୍ପରିକ ବିଶ୍ୱାସ ଓ ଲୋକାଚାର ସହିତ 'ବ୍ରାହ୍ମଣ ରଜା, ଖଣ୍ଟ ପରଜା', 'ଢୋକେ ପି ଦଣ୍ଡେ ଜୀ', 'ନାହିରେ ତେଲ ଦେଇ ଶୋଇବା', 'ଚାଟଘର ପିଲା ଚାଟ, ଭାଟ ଘର ପିଲା ଭାଟ', 'ପେଟ ପୋଷ, ନାହିଁ ଦୋଷ', ଦେଖାଶିଖା ଗଉଡ ବିଭା, 'ମାଗି ଆଣିଲା ତୁ'ଣ— ସଡକେ' ଆଦି ଲୋକୋକ୍ତି ବ୍ୟତୀତ ଚକୁଳିଆ ପଣ୍ଡା ଗୀତ, ହଳିଆଗୀତ, କୁଆଁର ପୁନେଇ ଗୀତ ଆଦିର ଉଦାହରଣ ପ୍ରସଙ୍ଗକ୍ରମେ ସ୍ଥାନିତ ହୋଇଛି । ଏହା ବ୍ୟତୀତ— 'କୁଣ୍ଡଳ ଶିଙ୍ଗା ପାଇବୁ ଯେବେ, ଅଣ୍ଟାରୁ ପଇସା କାଢ଼ିବୁ ତେବେ', 'ଜାଣ ନଜାଣ ଝାମ୍ପୁଲା ଆଣ, ଖାଡିଆ ଶିଙ୍ଗା ସବୁଠୁ ଟାଣ', 'ଆଠ ଦୁମକାଣି ଷୋଳ ଅସରା, ବତିଶି ଲିଫିଲିଫି ଚଉଷଠି କୁଣ୍ଡାଝରା, ତେବେ ଯାଇ ଚଷାପୁଅ ପେଟ ହେବ ପୁରା' ଭଳି କୃଷିକର୍ମ ସମ୍ବନ୍ଧୀୟ ପ୍ରବାଦ-ପ୍ରବଚନ ସ୍ଥାନିତ ହୋଇଛି ।

ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟର ଆଉ କେତୋଟି ଉଲ୍ଲେଖନୀୟ ଉପନ୍ୟାସ ହେଉଛି *ସର୍ବହରା,* ଏବଂ *କଣାମାମୁଁ* । ଲକ୍ଷ୍ମୀଧର ନାୟକଙ୍କ *ସର୍ବହରା* ଉପନ୍ୟାସରେ କେନ୍ଦରା ଗୀତର ସଂଯୋଜନା ସହିତ ଅନେକ ପ୍ରବାଦ-ପ୍ରବଚନ, ଲୋକୋକ୍ତି, ପାରମ୍ପରିକ ବିଶ୍ୱାସ, ରାଣ ପକାଇବା, ପାରମ୍ପରିକ ଚିକିତ୍ସା ଆଦି ଉପସ୍ଥାପିତ ହୋଇଛି । ସେହିପରି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ *କଣାମାମୁଁ* ଉପନ୍ୟାସରେ ବହୁ ଲୋକ ଉପାଦାନ ସ୍ଥାନିତ । ଉପନ୍ୟାସରେ କାହାଣୀ ଉପସ୍ଥାପନାର ଶୈଳୀ ମଧ୍ୟ ଲୋକ କଥାକୁ ଅନୁସରଣ କରିଛି, ଏବଂ ପ୍ରସଙ୍ଗକ୍ରମେ ଭୂତପ୍ରେତ, ଡାଆଣୀ-ଚିରଗୁଣୀ, ଉପରେ ବିଶ୍ୱାସ, ଭୂତ ଭୟ ଦୂର ପାଇଁ ଗୁଣିଗାରେଡି, ତିନିଜଣ ସାଙ୍ଗ ହୋଇଯିବା ଅଶୁଭ, ରାତିରେ ସାପ ନାମ ନଧରିବା, କାର୍ଯ୍ୟସାଧନପାଇଁ ମାନସିକ କରିବା ଆଦି ଲୋକ ବିଶ୍ୱାସ; ବିବାହ ସମୟରେ ନିର୍ବନ୍ଧ, ସ୍ୱୀକାର, କନ୍ୟାମଙ୍ଗୁଳା, ଅହିରାଣୀ ହେଲେ ସ୍ୱାମୀର ଖଇ କଉଡି ବୁଣିବା, ପିଲାଙ୍କର ଜନ୍ମୋତ୍ସବ, ପଞ୍ଚୁଆତି, ଷଠୀଘର, ଏକୋଇଶା ଆଦି ପାରମ୍ପରିକ ରୀତିନୀତି ସହିତ 'ନାହିଁ ମାମୁଁଠାରୁ କଣାମାମୁଁ ଭଲ', 'ଯେତିକି ଗଙ୍ଗା ଗଲି ସେତିକି ଫଳ ପାଇଲି', 'ବାହା ସରିଲେ ବେଦୀ ମୁହଁ ପୋଡା', 'ପେଟ ଗୋଟେ ଆଡେ ତ ପିଠି ଆଉ ଆଡେ', 'ପାଣିହାତ ତେଲହାତ କରି ମେଣ୍ଟେଇଦେବା' ଭଳି ବହୁ ପ୍ରବାଦ-ପ୍ରବଚନ, ଲୋକୋକ୍ତି, ବିଭିନ୍ନ ଗାଲୁଗପ, ପାଲା ଆଉ ଯାତ୍ରା ନାଟକ ପରିବେଷଣର ଚିତ୍ର, ଗାଁ ମାଇପଙ୍କ କାନ୍ଦଣା ଆଦି ବିଭିନ୍ନ ପାରମ୍ପରିକ ଜୀବନଧାରାର ସଂଯୋଜନା ଦେଖାଯାଏ । ସେହିପରି, କଥିତ ଭାଷା ଏବଂ ସାଧାରଣ ଜନତାର ବିଭିନ୍ନ ଯାନଯନ୍ତ୍ରପାତି ପ୍ରତି ଅବଧାରଣା ଆଉ ଆଖ୍ୟାନ କିପରି ତାହା ଏଠାରେ ଉଲ୍ଲେଖନୀୟ— "ଏଇ ବାଇଶିକଳରେ ଚାଲିଛି ଭୂଇଁ ଉପରେ । ଘୋଡାନାହିଁ କି ବଳଦ ନାହିଁ, ଶୂନ୍ୟେ ଶୂନ୍ୟେ ଧାଇଁଛି ଛାଏଁ ଛାଏଁ । ବତିଶିକଳ ଲାଗିଲେ ଏଇ ପୁଣି ପାଣିରେ ଚାଲିବ । ବାଉନକଳ ଯେତେବଳେ ଲାଗିବ ଉଡିଯିବ ପରା ପବନରେ" ।

ସ୍ୱାଧୀନତା ପୂର୍ବବର୍ତ୍ତୀ ପ୍ରାୟ ସମସ୍ତ ଉପନ୍ୟାସରେ ଗ୍ରାମ୍ୟ ଜୀବନର ପ୍ରଭାବ ଦେଖାଯାଏ । ଏଣୁ, ଏହି ସମୟର ଉପନ୍ୟାସରେ ଲୋକ ଉପାଦାନ ତଥା ଓଡିଶାର ପାରମ୍ପରିକ ଗ୍ରାମ୍ୟ ଜୀବନର ବହୁବିଧ ଚିତ୍ର ଆମେ ଦେଖିବାକୁ ପାଇଥାଉ । ଗ୍ରାମ୍ୟ ଜୀବନର ପରିବେଶ, ବିଭିନ୍ନ ପାରମ୍ପରିକ ବିଶ୍ୱାସ, ପ୍ରବାଦ-ପ୍ରବଚନ, ଲୋକୋକ୍ତି, ଛଟା, ସହିତ ଚରିତ୍ରାଭିମୁଖୀ ଆଖ୍ୟାନ ପାଇଁ କଥିତ ଭାଷାର ପ୍ରୟୋଗ ଆଦି ଦେଖାଯାଏ । ତେବେ, ଏହି ସମୟରେ ଅର୍ଥାତ୍ ଓଡିଆ ଉପନ୍ୟାସର ପ୍ରାରମ୍ଭିକ କାଳରେ ଆଦିବାସୀ ଜୀବନଧାରା ଯେ ଓଡିଆ ଔପନ୍ୟାସିକଙ୍କୁ ପ୍ରଭାବିତ କରି ପାରିଛି ତାହା ଏକ ଉଲ୍ଲେଖନୀୟ ଦିଗ । ଅନୁରୂପ ଭାବରେ, ଏହି ସମୟର ଅନ୍ୟ ଏକ ଉଲ୍ଲେଖନୀୟ ଉପନ୍ୟାସ ହେଉଛି ଚିନ୍ତାମଣି ମହାନ୍ତିଙ୍କ ଶନିସପ୍ତା, ଯାହା ଶନିବାର ପ୍ରତି ଏକ ଅଶୁଭ ଅବଧାରଣା ଏବଂ ଶନିଗ୍ରହର କୁଦୃଷ୍ଟି ଭଳି ପାରମ୍ପରିକ ବିଶ୍ୱାସକୁ ଆଧାରକରି ରଚିତ । ସେହିପରି, *ପଦ୍ମମାଳୀ, ଲଛମା, ବଳାଙ୍ଗୀ,* ଏବଂ *ଇତିହ* ଭଳି ଉପନ୍ୟାସରେ ବିଭିନ୍ନ କିମ୍ବଦନ୍ତୀ, ଜନଶ୍ରୁତି, ଏବଂ ସମକାଳୀନ ଓଡିଶାର ପାରମ୍ପରିକ ଜୀବନଧାରାର ପ୍ରଭାବ ଦେଖାଯାଏ ।

### ୫.୨.୨ ସ୍ୱାଧୀନତା ପରବର୍ତ୍ତୀ ଉପନ୍ୟାସରେ ଲୋକ ସାହିତ୍ୟର ପ୍ରଭାବ

ସ୍ୱାଧୀନତା ପରବର୍ତ୍ତୀ ଉପନ୍ୟାସରେ ଆମକୁ ପାରମ୍ପରିକ ଗ୍ରାମ୍ୟ ଜୀବନଧାରାର ଚିତ୍ର ସହ ଇତିହାସ, କିମ୍ବଦନ୍ତୀର ପ୍ରଭାବ, ଆଦିବାସୀ ଏବଂ ଦଳିତ ଜୀବନଧାରା ସହ ବିଭିନ୍ନ ପାରମ୍ପରିକ ଯାତ୍ରା ଏବଂ ପର୍ବପର୍ବାଣିର ପ୍ରଭାବ ମଧ୍ୟ ଦେଖିବାକୁ ମିଳେ । ସେହିପରି, ଉଭୟ ସ୍ୱାଧୀନତା ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ଉପନ୍ୟାସର ଆଖ୍ୟାନ ଶୈଳୀରେ କଥିତ ଭାଷା, ଲୋକ ଗୀତ, ତଥା ପ୍ରବାଦ ପ୍ରବଚନର ପ୍ରଭାବ ଦେଖିବାକୁ ମିଳେ । ଅତଏବ, ସ୍ୱାଧୀନତା ପରବର୍ତ୍ତୀ ଉପନ୍ୟାସକୁ ଶୃଂଖଳାଦୃଷ୍ଟିରୁ ପାରମ୍ପରିକ ଗ୍ରାମ୍ୟ ଜୀବନଧାରାର ପ୍ରଭାବ, ଆଦିବାସୀ ଏବଂ ଦଳିତ ଜୀବନଧାରା ପ୍ରଭାବ, ଇତିହାସ, କିମ୍ବଦନ୍ତୀର ପ୍ରଭାବ, ପାରମ୍ପରିକ ଯାତ୍ରା ଏବଂ ପର୍ବପର୍ବାଣିର ପ୍ରଭାବ, ଏବଂ ଆଖ୍ୟାନ ଶୈଳୀରେ କଥିତ ଭାଷା ତଥା ଲୋକ ଗୀତର ପ୍ରଭାବ ଆଦି ବିଭିନ୍ନ ପର୍ଯ୍ୟାୟରେ ବିଭକ୍ତ କରି ଆଲୋଚନା କରାଯାଉଛି ।

#### *୫.୨.୨.୧ ପାରମ୍ପରିକ ଗ୍ରାମ୍ୟ ଜୀବନଧାରାର ପ୍ରଭାବ*

ସ୍ୱାଧୀନତା ପୂର୍ବବର୍ତ୍ତୀ ଉପନ୍ୟାସରେ ଗ୍ରାମ୍ୟ ଜୀବନଧାରାର ଆଖ୍ୟାନ ଯେଭଳି ମୁଖ୍ୟ ବିଷୟବସ୍ତୁ ଥିଲା, ଏହାର ପ୍ରଭାବ ସ୍ୱାଧୀନତା ପରବର୍ତ୍ତୀ ଉପନ୍ୟାସରେ ମଧ୍ୟ ଦେଖିବାକୁ ମିଳେ; ଏପରିକି ସାମ୍ପ୍ରତିକ ସମୟରେ ରଚିତ ଉପନ୍ୟାସଗୁଡିକରେ ମଧ୍ୟ ଏହାର ପ୍ରଭାବ ଦୁର୍ଲ୍ଲଭ ନୁହେଁ । ଏଠାରେ ଆମେ ସ୍ୱାଧୀନତା ପରବର୍ତ୍ତୀ କେତୋଟି ଉପନ୍ୟାସରେ ଲୋକ ଉପାଦାନର ପ୍ରଭାବ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରିବା ।

କାହ୍ନୁଚରଣ ମହାନ୍ତି ଓଡିଆ ଉପନ୍ୟାସ ସାହିତ୍ୟର ଜଣେ ଅଗ୍ରଗଣ୍ୟ ସ୍ରଷ୍ଟା । ତାଙ୍କ ଉପନ୍ୟାସଗୁଡିକ ଓଡିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଦାବିକରେ, ସେହିପରି, ଗ୍ରାମୀଣ ଓ ସହରୀ ସଭ୍ୟତାର ନିଛକ ଚିତ୍ର ମଧ୍ୟ ତାଙ୍କ ଉପନ୍ୟାସଗୁଡିକରେ ସୁଲଭ । କାହ୍ନୁଚରଣଙ୍କ *କା*, *ମନଜାଣେ ପାପ*, ଏବଂ *ବଗ ବଗୁଲୀ* ଆଦି ଉପନ୍ୟାସର ନାମକରଣ ହିଁ ଲୋକଧାରାର ଉପାଦାନ ଆଧାରିତ । ଏହା ବ୍ୟତୀତ, *ବଗ ବଗୁଲୀ* ଉପନ୍ୟାସରେ ଭୁତପ୍ରେତ, ଡାଆଣୀ କଥା, ଡେଉଁରିଆ ବାନ୍ଧିବା ଭଳି ପାରମ୍ପରିକ ବିଶ୍ୱାସ ତଥା କଥା ପ୍ରସଙ୍ଗରେ ବିଭିନ୍ନ ପୌରାଣିକ କାହାଣୀ ସଂଯୋଜିତ ହୋଇଛି । ସେହିପରି, ତାଙ୍କର *ପାବନୀ* ଉପନ୍ୟାସରେ କୈବର୍ତ୍ତ ଜୀବନଧାରା, ମଙ୍ଗଳା ଦେବୀଙ୍କ କଥା ତଥା ଶିଶୁର ନାମକରଣ କର୍ମ, ଏବଂ *ଲଲାଟ ଲିଖନ* ଉପନ୍ୟାସରେ ମୂଲିଆ, ଶଗଡିଆମାନଙ୍କ ଜୀବନଯାତ୍ରା ଓ ରଜପର୍ବ ପାଳନର ଚିତ୍ର ଦେଖିବାକୁ ମିଳେ ।

କାହ୍ନୁଚରଣଙ୍କ ପରେ ଓଡିଆ ଉପନ୍ୟାସ ସାହିତ୍ୟର ଅନ୍ୟତମ ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା ହେଉଛନ୍ତି ଗୋପୀନାଥ ମହାନ୍ତି, ଏବଂ ସୁରେନ୍ଦ୍ର ମହାନ୍ତି । ଗୋପୀନାଥ ମହାନ୍ତିଙ୍କର *ମାଟି ମଟାଳ* ଓଡିଆ ଜନଜୀବନର ମହାକାବ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଉପନ୍ୟାସର ଆଖ୍ୟାନରେ ତଥା ଚରିତ୍ର ଚିତ୍ରଣରେ ପାରମ୍ପରିକ ଗ୍ରାମ୍ୟ ପଲ୍ଲୀ ଜୀବନର ବିଶ୍ୱାସବୋଧ ଓ ବିଭିନ୍ନ ଲୋକୋକ୍ତି ତଥା ଲୋକ ଚଳଣି ସହିତ ପାରମ୍ପରିକ ଗାଳି ଆଦିର ପ୍ରଭାବ ଦେଖିବାକୁମିଳେ— "ଇଲୋ ଯୋଗିନୀ ଖାଇ ଆଣ୍ଠୁକୁଡୀ ତୋର କେଡେ ଉଗୁରିବା ଟିକିଏ କଥାକୁ ଚିହିଁକି ଉଠୁଛି, ଇଲୋ ଏ ବାଡିପଶୀ ଏ ଘଇତାଖାଇ, ତତେ ତୋ ବୋପା ରାଣ କଣ କହିଲୁ ଆଉ ଥରେ କ' ତୋ ମୁହଁରେ ପାଉଁଶ ପଡୁ, ତୁ ଆଉ ଥରେ କ'..." (ମାଟି ମଟାଳ) । ସେହିପରି, ସୁରେନ୍ଦ୍ର ମହାନ୍ତିଙ୍କ *ଅନ୍ଧ ଦିଗନ୍ତ* ଉପନ୍ୟାସରେ ଗାଁ ଦାଣ୍ଡ, ପାଲା ପରିବେଷଣ, ମେଳଣ ତୋଟା, ମଶାଣି ଚଣ୍ଡିଆ, କାଳିଶୀ ଲାଗିବା କଥା, ଡାଳମାଙ୍କୁଡି ଖେଳ, ମାର୍ଗଶୀର ମାଣଓଷା ପ୍ରଭୃତି ପୂଜା ପରମ୍ପରାର ଚିତ୍ର ସଂଯୋଜିତ ହୋଇଛି । *ଅନ୍ଧ ଦିଗନ୍ତ* ଭଳି *ଫଂଟାମାଟି* ଉପନ୍ୟାସରେ ମଧ୍ୟ ଜାତିପ୍ରଥା, ହରିଜନ ସମାଜ ଚିତ୍ର ବ୍ୟତୀତ ଏହି ଉପନ୍ୟାସଗୁଡିକରେ ଅନେକ ପ୍ରବାଦ-ପ୍ରବଚନ, ଢଗ ଢମାଳି ଆଦିର ପୟୋଗ ବିଭିନ୍ନ ଉପନ୍ୟାସରେ ପରିଲକ୍ଷିତ ହୋଇଥାଏ ।

ଔପନ୍ୟାସିକା ସୀତାଦେବୀ ଖାଡଙ୍ଗା ସ୍ୱାଧୀନତା ପରବର୍ତ୍ତୀ ଓଡିଆ ସାହିତ୍ୟରେ ଜଣେ ଉଲ୍ଲେଖନୀୟ ପ୍ରତିଭା । ଖାଡଙ୍ଗାଙ୍କ *ପୋଷ୍ୟପୁତ୍ର* ଉପନ୍ୟାସରେ ମଧ୍ୟ ସମକାଳୀନ ଗ୍ରାମ୍ୟ ଜୀବନର ଚିତ୍ର ସହିତ ପୋଷ୍ୟପୁତ୍ର ଗ୍ରହଣ ପରମ୍ପରା, କାହାଣୀ କଥନରେ କଥିତ ଭାଷାର ପ୍ରଭାବ ଦେଖିବାକୁ ମିଳେ । ସେହିପରି, ତାଙ୍କର *ଅଗ୍ରଜ* ଉପନ୍ୟାସରେ ଅନେକ ଢଗଢମାଳି,

ପ୍ରବାଦ-ପ୍ରବଚନ, ପହେଲି ଜରିଆରେ ଗାନ୍ଧି ଗୋପବନ୍ଧୁଙ୍କ ଆଦର୍ଶ ପ୍ରଚାରର ଚିତ୍ର ଦେଖାଯାଏ । ଅନୁରୂପ ଭାବରେ, *ପ୍ରତ୍ୟାବର୍ତ୍ତନ* ଉପନ୍ୟାସରେ ଗ୍ରାମ୍ୟ ଜୀବନଧାରାର ଚିତ୍ର, ଓଡିଆ ମଧ୍ୟବିତ୍ତ ପରିବାର, ଶାଶୁବୋହୂ ସମ୍ପର୍କ ଆଦି ଲୋକ ଜୀବନର ବିଭିନ୍ନ ଦିଗ ତାଙ୍କର ଆଖ୍ୟାନ କଳାକୁ ପ୍ରଭାବିତ କରିଛି ।

ସ୍ୱାଧୀନତା ପରବର୍ତ୍ତୀ ସମୟର ଓଡିଆ ଉପନ୍ୟାସ ସାହିତ୍ୟକୁ ଉଚ୍ଚକୋଟୀ ପ୍ରଦାନ କରିବାରେ ମନୋଜ ଦାସ, କିଶୋରୀ ଚରଣ ଦାସ, ଶାନ୍ତନୁ କୁମାର ଆଚାର୍ଯ୍ୟ ପ୍ରଭୃତିଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ । ଏମାନେ ଓଡିଆ ସାମାଜିକ ଓ ସାଂସ୍କୃତିକ ଜୀବନର ବହୁବିଧ ବିଷୟକୁ ସେମାନଙ୍କ ଉପନ୍ୟାସରେ ପ୍ରକାଶିତ କରିବାକୁ ପ୍ରୟାସ କରିଛନ୍ତି । ଏବଂ, ଏହି ପ୍ରୟାସରେ ଆଖ୍ୟାନ ପ୍ରସଙ୍ଗରେ ଓଡିଆ ପାରମ୍ପରିକ ଗ୍ରାମ୍ୟ ଜୀବନର ପ୍ରଭାବକୁ ଉପେକ୍ଷା କରିପାରିନାହାନ୍ତି ।

ମନୋଜ ଦାସଙ୍କ *ତନ୍ଦ୍ରାଲୋକର ପ୍ରହରୀ* ଉପନ୍ୟାସରେ ଜମିଦାରୀ ପ୍ରଥା, ଗାଁ ଠାକୁରାଣୀ, ଓଝାକର୍ମ, ଝାଡଫୁଙ୍କ, କାଳିଶି ଲାଗିବା ପ୍ରଭୃତି ପାରମ୍ପରିକ ଜୀବନଧାରା ଘଟଣା ପ୍ରସଙ୍ଗରେ ବର୍ଣ୍ଣିତ । ସେହିପରି, *ଆକାଶର ଇସାରା* ଉପନ୍ୟାସରେ ମଧ୍ୟ ଠାକୁରାଣୀ, ମୌନବ୍ରତ ଧାରଣ, ଚାରିଗୋଟି କମଳା ଲେମ୍ବୁ ରଖି ଜୁହାରହେବା ଭଳି ପାରମ୍ପରିକ ବିଶ୍ୱାସ ଏବଂ ଅବଧାରଣାଗୁଡିକର ପ୍ରଭାବ ଦେଖିବାକୁ ମିଳେ । ଅନୁରୂପ ଭାବରେ, ତାଙ୍କର *ପ୍ରଭଞ୍ଜନ* ଉପନ୍ୟାସରେ ଦୈବବାଣୀ, ମେଳା-ମହୋତ୍ସବ, ଅପେରା ପାର୍ଟି, ତଥା ଗ୍ରାମ୍ୟ ପରିବେଶର ବର୍ଣ୍ଣନା ସ୍ଥାନିତ ହୋଇଛି । ସେହିପରି, କିଶୋରୀ ଚରଣ ଦାସଙ୍କ *ସାତଟି ଦିନର ସତୀ* ଉପନ୍ୟାସରେ ଓଢଣା ଦେବା, ତୁଳସୀ ଚଉରାମୂଳେ ସଞ୍ଜଦେବା, ଓଡିଆଙ୍କ ପାରମ୍ପରିକ ପିଠାପଣା, ରୂପାର ତାରକସି କାମ, ସମୁଦୀ-ସମୁଦୁଣୀ ଆଦର ଆଭ୍ୟର୍ଥନାର ପରମ୍ପରା ଆଦି କଥା ଆଖ୍ୟାନରେ ସଂଯୋଜିତ । ଏହା ବ୍ୟତୀତ, ତାଙ୍କର *ବିଦେଶିନୀ* ଉପନ୍ୟାସରେ ଟୁଙ୍ଗିଘର, ଶାଶୁବୋହୂ ଝଗଡା, ବଣ୍ଡା ଗାଁ ମୁଦୁଲି ପଡା, ଇଂଗରସନ୍, ସେଲ୍‌ନିଡିଙ୍ଗୋ ପରମ୍ପରା, ଏବଂ ସେମାନଙ୍କ ଦୈନନ୍ଦିନ ଜୀବନଧାରାର ଚିତ୍ର ଦେଖିବାକୁ ମିଳେ ।

ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଉପନ୍ୟାସଗୁଡିକ ଆଧୁନିକ ଜୀବନଧାରାର ବିଶ୍ଳେଷଣାତ୍ମକ ହେଲେ ମଧ୍ୟ ବିଭିନ୍ନ ଘଟଣାପ୍ରସଙ୍ଗରେ ତଥା ଚରିତ୍ର ଚିତ୍ରଣରେ ଲୋକ ଉପାଦନର ପ୍ରଭାବ ଦେଖିବାକୁ ମିଳେ । *ଦକ୍ଷିଣାବର୍ତ୍ତ* ଉପନ୍ୟାସରେ ରୈକ୍ୱ, ଜାବାଳ ପ୍ରଭୃତି ଚରିତ୍ର, ଧୋବାତୁଠ ଏବଂ ସେମାନଙ୍କ ପାରମ୍ପରିକ କର୍ମର ସଂଯୋଜନା ହୋଇଥିଲାବେଳେ, *ଶକୁନ୍ତଳା* ଉପନ୍ୟାସରେ କଣୁଆ ଗାଁର ପାରମ୍ପରିକ ଚିତ୍ର, *ଅନ୍ୟ ଏକ ସମୟ ଅନ୍ୟ ଏକ ଭାରତ* ଉପନ୍ୟାସରେ ଉଚ୍ଚଜାତିଙ୍କଦ୍ୱାରା ପାଣିଅଟକ, ଛୁଆଁଅଛୁଆଁ, ଗ୍ରାମ ପଞ୍ଚାୟତ, ଜମିଦାରୀ ପ୍ରଥା ଆଦି ପାରମ୍ପରିକ ଚିତ୍ର ଦେଖିବାକୁ ମିଳେ । ସେହିପରି, *ନରକିନ୍ନର* ଉପନ୍ୟାସରେ ଡାହାଣୀ କଥା, ବିଭିନ୍ନ ପ୍ରକାର ପାରମ୍ପରିକ ଔଷଧ ଚିକିତ୍ସା କଥା, ସହର ତଳିର ଜୀବନଯାତ୍ରା ସହିତ ପାରମ୍ପରିକ ବିଶ୍ୱାସ ଶୈଳୀରେ କାଳ୍ପନିକ ବିଶ୍ୱାସର ନିର୍ମାଣ ଯେପରି— 'ଗର୍ଭିଣୀ ସ୍ତ୍ରୀ ଲୋକର ବିଷ ଭୟଙ୍କର' ଆଦି ଦେଖିବାକୁ ମିଳେ ।

ସମକାଳୀନ ଅନ୍ୟ ଔପନ୍ୟାସିକମାନଙ୍କ ମଧ୍ୟରେ ଗୋବିନ୍ଦ ଦାସ, ମହାପାତ୍ର ନୀଳମଣି ସାହୁ, ଯତୀନ୍ଦ୍ର କୁମାର ମହାପାତ୍ର, ଏବଂ ନାରାୟଣ ମହାପାତ୍ରଙ୍କ ଭଳି କେତେଜଣ ସାହିତ୍ୟ ସ୍ରଷ୍ଟାଙ୍କୁ ଉପେକ୍ଷା କରାଯାଇନପାରେ । ଏହି ଔପନ୍ୟାସିକଙ୍କ ଉପନ୍ୟାସଗୁଡିକରେ ମଧ୍ୟ ଆମେ ଲୋକ ଉପାଦାନର ପ୍ରଭାବ ଦେଖିବାକୁ ପାଇଥାଉ ତଥା କଥା ଆଖ୍ୟାନ ପ୍ରସଙ୍ଗରେ ଗ୍ରାମ୍ୟ ଜୀବନର ଚିତ୍ର ପରିଦୃଷ୍ଟ ହୋଇଥାଏ । ଗୋବିନ୍ଦ ଦାସଙ୍କ *ସୂର୍ଯ୍ୟାସ୍ତ* ଉପନ୍ୟାସ ଉପନ୍ୟାସରେ ବିଭିନ୍ନ ପ୍ରସଙ୍ଗରେ ମଙ୍ଗଳା ଦେବୀଙ୍କ କଥା, ପାଦୁକା ପିଇବା, କାଳିସୀ ଲାଗିବା ଭଳି ବିଭିନ୍ନ ବିଶ୍ୱାସର ଚିତ୍ର ସହିତ ତ୍ରିଶଙ୍କୁ ରାଜାଙ୍କ କଥା, ସମୁଦ୍ର ମନ୍ଥନରୁ ଲକ୍ଷ୍ମୀଙ୍କ ଜନ୍ମ, କାଳିନ୍ଦୀନାଗ କଥା, ଜଳଦେବତାଙ୍କ ବାସସ୍ଥାନ ଆଦି ପୌରାଣିକ କାହାଣୀ ମଧ୍ୟ ସଂଯୋଜିତ ହୋଇଛି ।

ସମକାଳୀନ ଔପନ୍ୟାସିକ ଭାବରେ ଯତୀନ୍ଦ୍ର କୁମାର ମହାପାତ୍ରଙ୍କ ସ୍ଥାନ ଓଡିଆ ସାହିତ୍ୟରେ ସ୍ୱତନ୍ତ୍ର । ମହାପାତ୍ରଙ୍କ ଅନେକ ଉପନ୍ୟାସରେ ଲୋକ ଉପାଦାନର ପ୍ରଭାବ ଦେଖାଯାଏ । ଉଦାହରଣସ୍ୱରୂପ, *ଅଜ୍ଞାତ ବାସ* ଉପନ୍ୟାସରେ ଜ୍ୟୋତିଷ ଶାସ୍ତ୍ର କଥାର ଉଲ୍ଲେଖ ଦେଖିବାକୁ ମିଳେ, ସେହିପରି *ତୃତୀୟ ନୟନ* ଉପନ୍ୟାସରେ ପ୍ରସଙ୍ଗକ୍ରମେ ଆଦିବାସୀ ଜୀବନଧାରାର ଚିତ୍ର ସଂଯୋଜିତ ହୋଇଥିବା ପରିଦୃଷ୍ଟ ହୁଏ । ଅନୁରୂପ ଭାବରେ ନାରାୟଣ ମାହାପାତ୍ର ତାଙ୍କର *ଅଶରୀରୀର ତୃଷ୍ଣା* ଉପନ୍ୟାସରେ ଭୂତ ଲାଗିବା ଏବଂ ଗୁଣିଆଭୁତ ଝାଡିବା, ମରିଚ କୁଣ୍ଡର ପାଦୁକ ପିଇବା, ପିଣ୍ଡଦାନ ପ୍ରଥା ଆଦି ପାରମ୍ପରିକ ବିଶ୍ୱାସର ଚିତ୍ର ଦେଖାଯାଏ । ମହାପାତ୍ରଙ୍କର *ଯୋଗବିଯୋଗ* ଉପନ୍ୟାସରେ ବର୍ଣ୍ଣନା ପ୍ରସଙ୍ଗରେ ହିନ୍ଦୁ ପରମ୍ପରା ସହିତ ଗ୍ରାମ୍ୟ ଜୀବନର ଚିତ୍ର, ଓଡିଶାର ସାଂସ୍କୃତିକ ଜୀବନର ବିଭିନ୍ନ ଦିଗର ଚିତ୍ରଣ ଦେଖିବାକୁ ମିଳେ ।

ଓଡିଆ ଉପନ୍ୟାସରେ ଲୋକ ଉପାଦାନର ପ୍ରଭାବ ସମ୍ପର୍କରେ ଆଲୋଚନା କଲାବେଳେ ରାମଚନ୍ଦ୍ର ବେହେରା, ସାତକଡି ହୋତା, ଏବଂ ଅଦ୍ୱୈତ ମହାନ୍ତିଙ୍କ କେତୋଟି ଉପନ୍ୟାସକୁ ମଧ୍ୟ ଉପେକ୍ଷା କରାଯାଇନପାରେ । ରାମଚନ୍ଦ୍ରଙ୍କ *ଅଭିନୟର ପରିଧି* ଉପନ୍ୟାସରେ ମଙ୍ଗଳା ଠାକୁରାଣୀ, କାଳିସୀ ଲାଗିବା କଥା ବର୍ଣ୍ଣନା ହେବାସହିତ ଯାତ୍ରା ପରିବେଷଣର ଚିତ୍ର ମଧ୍ୟ ସଂଯୋଜିତ ହୋଇଛି । ତାଙ୍କର *ମନିକା ଏବେ କେଉଁଠି* ଉପନ୍ୟାସରେ ଓଡିଆ ଗ୍ରାମ୍ୟ ଜୀବନର ଛୁଆଁ-ଅଛୁଆଁ ପ୍ରଥାର ଚିତ୍ର ଦେଖିବାକୁ ମିଳେ । ଅନୁରୂପ ଭାବରେ, ସାତକଡି ହୋତାଙ୍କ *ଜନନୀ ଜନ୍ମଭୂମି* ଉପନ୍ୟାସରେ ଠାକୁର ଦେବତା, ଜାଗାଘର, ଭାଗବତ ପାଠ, ପାରମ୍ପରିକ ଖାଦ୍ୟ ପରମ୍ପରାର ପ୍ରଭାବ ମଧ୍ୟ ଆଖ୍ୟାନ ପ୍ରସଙ୍ଗରେ ପରିଦୃଷ୍ଟ ।

ଅଦ୍ୱୈତ ମହାନ୍ତିଙ୍କ *ପାଦତଳର ଆକାଶ* ଉପନ୍ୟାସରେ ହେମ ଚରିତ୍ରର ବିଭିନ୍ନ ଅଳଙ୍କାରର ବର୍ଣ୍ଣନା— ଓଡିଆ ପାରମ୍ପରିକ ଅଳଙ୍କାରର ଚିତ୍ର ପ୍ରଦାନ କରିଥାଏ, "ଏତିକିବେଳେ ତଳସାହି ପାଇକ ଟୋଲିରୁ ପୁଆଣି ହେବାକୁ ଆସିଥିବା ହେମ ପଶି ଆସିଲା ଅଗଣା ଭିତରକୁ । ଦିହରେ ବୋଝେ ଗହଣା ଝମଝମ ହେଉଛି । ମଥାରେ କୁସୁମଝର, ସାଙ୍ଗକୁ ଗୁଡା ହେଇଛି ବଉଳଫୁଲର ମାଳାଟିଏ । କେନ୍ଦୁଲି-ଫେଟା ଶାଢୀର ପଣତ ଲୋଟୁଥାଏ ଭୂଇଁ ଉପରେ । ହାତରେ ବଟଫଳ, ଅଙ୍ଗୁଳିରେ ସେବତୀବସା ମୁଦି, ଅଣ୍ଟାରେ ଝମଝମ ହେଉଛି କାଞ୍ଚିମେଖଳା, ଗୋଡରେ ଅଠବାଙ୍କିଆ ବଳା" ।

ଏହା ବ୍ୟତୀତ, ନିକଟ ଅତୀତରେ ପ୍ରକାଶିତ କିଛି ତରୁଣ ଉପନ୍ୟାସିକଙ୍କ ସୃଷ୍ଟିଗୁଡିକରେ ମଧ୍ୟ ପାରମ୍ପରିକ ଜୀବନଧାରାର ପ୍ରଭାବ ଦେଖିବାକୁ ମିଳେ । ଉଦାହରଣସ୍ୱରୂପ, ପବିତ୍ର ମୋହନ ଦାଶଙ୍କ *ହଂସହାନି* ଉପନ୍ୟାସରେ ଗ୍ରାମ୍ୟ ଜୀବନର ଚିତ୍ର, ଚାଷବାସ କଥା, ମଠ କୀର୍ତ୍ତନ କଥା, ସୁରଟ ଯାଇ ଦାଦନ ଖଟିବା ଆଦିର ଚିତ୍ର ସ୍ଥାନିତ ତଥା ଅଜୟ ସ୍ୱାଇଁଙ୍କ *ନାବାଳକ* ଉପନ୍ୟାସରେ ବୁଢୀମା ଗପ, ସଂକୀର୍ତ୍ତନ, ଜ୍ୟୋତିଷ ଗଣନା, ଦାଣ୍ଡଦୁଆରରେ ପରିବେଷିତ ହେଉଥିବା ସଢେଇ, ବୋହୂବୋହୂକା, ତଥା ଡାଳମାଙ୍କଡି ଆଦି ଖେଳ, ଠାକୁରାଣୀଙ୍କ ଧଣ୍ଡାମାଳ ଓ ସିନ୍ଦୂର ଆଦି ବର୍ଣ୍ଣନା ପ୍ରସଙ୍ଗରେ ଚିତ୍ରିତ ।

### ୫.୨.୨.୨ ଇତିହାସ ଏବଂ କିମ୍ବଦନ୍ତୀର ପ୍ରଭାବ

ସ୍ୱାଧୀନତା ପରବର୍ତ୍ତୀ ଓଡିଆ ଉପନ୍ୟାସଗୁଡିକରେ ଇତିହାସ, ଏବଂ କିମ୍ବଦନ୍ତୀର ପ୍ରଭାବ ମଧ୍ୟ ଦେଖିବାକୁ ମିଳେ । ଇତିହାସକୁ ତଥା ଐତିହାସିକ ଉପାଦାନକୁ ଯଦିଓ ଲୋକ ଉପାଦାନ ଭାବରେ ଗ୍ରହଣ କାରଯାଇନପାରେ ତେବେ, ଏହି ଉପନ୍ୟାସଗୁଡିକରେ ଇତିହାସ କହିଲେ ଜନଶ୍ରୁତି, ତଥା ଜନଶ୍ରୁତିକୁ ଆଧାରିତ ଅନେକ କାଳ୍ପନିକ କାହାଣୀର ସଂଯୋଜନା । ଅତଏବ, ଏହି ଜନଶ୍ରୁତିର ପ୍ରଭାବକୁ ଏକ ଲୋକ ଉପାଦାନର ପ୍ରଭାବ ଭାବରେ ଗ୍ରହଣ କରାଯାଇପାରେ । ଇତିହାସ ତଥା ଜନଶ୍ରୁତି ପ୍ରଭାବିତ ଉପନ୍ୟାସ ଭାବରେ ଆମେ *ପଦ୍ମମାଳୀ* ଉପନ୍ୟାସକୁ ଗ୍ରହଣ କରିପାରିବା ଯାହା ପ୍ରାରମ୍ଭିକ କାଳରେ ରଚିତ ହୋଇଥିଲା । ପରବର୍ତ୍ତୀ ସମୟରେ, ଫକୀରମୋହନଙ୍କ *ଲଛମା*, ଚକ୍ରଧର ମହାପାତ୍ରଙ୍କ *ବନାଙ୍ଗୀ* ଉପନ୍ୟାସକୁ ଏ ପ୍ରସଙ୍ଗରେ ଗ୍ରହଣ କରାଯାଇପାରେ । ସେହିପରି, କାହ୍ନୁଚରଣ ମହାନ୍ତିଙ୍କ *ଇତିହ* ଉପନ୍ୟାସରେ କାରୁବାକୀ, ଅଶୋକ, ସଙ୍ଘମିତ୍ରା, ଖାରବେଳ ଭଳିଐତିହାସିକ ଚରିତ୍ରମାନଙ୍କୁ ନେଇ ପ୍ରଚଳିତ ବିଭିନ୍ନ କିମ୍ବଦନ୍ତୀ, ଏବଂ ସମକାଳୀନ ଓଡିଶାର ପାରମ୍ପରିକ ଜୀବନଧାରାର ପ୍ରଭାବ ଦେଖାଯାଏ ।

ସ୍ୱାଧୀନତା ପରବର୍ତ୍ତୀ ଜନଶ୍ରୁତି ତଥା କିମ୍ବଦନ୍ତୀ ପ୍ରଭାବିତ ଉପନ୍ୟାସ କ୍ରମରେ ସୁରେନ୍ଦ୍ର ମହାନ୍ତିଙ୍କ *କୃଷ୍ଣାବେଣୀରେ ସନ୍ଧ୍ୟା*, ଏବଂ *ଆଜୀବକର ଅଟ୍ଟହାସ* ଉପନ୍ୟାସରେ ପ୍ରତାପରୁଦ୍ର, ତିରୁମଲ୍ଲ, ଜଗନ୍ମୋହିନୀ, ଓ କୁମାର ବୀରଭଦ୍ରଙ୍କ ସମ୍ପର୍କିତ ଜନଶ୍ରୁତି, ଏବଂ ବୌଦ୍ଧଧର୍ମ ତଥା ଆଜୀବକ ସମ୍ପ୍ରଦାୟ ସମ୍ପର୍କିତ ମିଥ୍ ଓ କିମ୍ବଦନ୍ତୀ ସମଗ୍ର ଆଖ୍ୟାନକୁ ପ୍ରଭାବିତ କରିଛି । ଅନୁରୂପ ଭାବରେ, ଔପନ୍ୟାସିକ ବ୍ରଜମୋହନ ମହାନ୍ତି ମଧ୍ୟ ଇତିହାସ ଏବଂ କିମ୍ବଦନ୍ତୀକୁ ଆଧାରକରି ରଚନା କରିଛନ୍ତି *ଲଳିତ ଲବଙ୍ଗଲତା*, ଏବଂ *କାରୁବାକୀ* ଉପନ୍ୟାସ । ଗୀତଗୋବିନ୍ଦ ରଚୟିତା ଜୟଦେବଙ୍କ ଜୀବନ କାହାଣୀ ବିଭିନ୍ନ କିମ୍ବଦନ୍ତୀକୁ ଆଧାରକରି ରଚନା କରିଛନ୍ତି *ଲଳିତ ଲବଙ୍ଗଲତା* ଉପନ୍ୟାସ । ସେହିପରି, *କାରୁବାକୀ* ଉପନ୍ୟାସରେ ଅଶୋକ କଳିଙ୍ଗ ଆକ୍ରମଣ ସମୟର କଳିଙ୍ଗ ରାଜକନ୍ୟା କାରୁବାକୀଙ୍କ କିମ୍ବଦନ୍ତୀ ଆଖ୍ୟାନର ମୁଖ୍ୟ ବିଷୟ ।

ଯତୀନ୍ଦ୍ର କୁମାର ମହାପାତ୍ରଙ୍କ *ବିଦଗ୍ଧ ଅଂଶୁପା* ଉପନ୍ୟାସରେ ସତୀଦାହ ପରମ୍ପରାର ପ୍ରଭାବ ଆଖ୍ୟାନ ପ୍ରସଙ୍ଗକୁ ପ୍ରଭାବିତ କରିଛି । ଅନୁରୂପ ଭାବରେ, ତାଙ୍କର *ବହ୍ନିକନ୍ୟା* ଉପନ୍ୟାସ ପାଇକମାନଙ୍କ ବୀରତ୍ୱ କାହଣୀ ସମ୍ବନ୍ଧୀୟ ଏକ ସ୍ଥାନୀୟ କିମ୍ବଦନ୍ତୀକୁ ଆଧାରକରି ରଚିତ । ଔପନ୍ୟାସିକ ବିକ୍ରମ ଦାସ ସତ୍ୟବାଦୀ ଏବଂ ସାକ୍ଷୀଗୋପାଳ ଅଞ୍ଚଳ ସମ୍ପର୍କିତ ଅନେକ କିମ୍ବଦନ୍ତୀକୁ ନେଇ ରଚନା କରିଛନ୍ତି *ମଶାଣି ଡିହ*; ଏହା ସହିତ, ଏହି ଉପନ୍ୟାସରେ ମାଙ୍କଡଚିଡି ମାରିବା, ଦୀପଦଣ୍ଡି ପଥର ସନ୍ଧିରେ ଚିଙ୍ଗୁଡି ଧରିବା, ବିଭିନ୍ନ ଜଙ୍ଗଲ ଜାତ ଫଳମୂଳ ବିଷୟରେ ବର୍ଣ୍ଣନା ମଧ୍ୟ ଦେଖିବାକୁ ମିଳେ । ଅନୁରୂପ ଭାବରେ, ତାଙ୍କର *ବୁଦ୍ଧଖୋଲର ମାୟା* ଉପନ୍ୟାସରେ ଓଡିଶାର ନୌବାଣିଜ୍ୟ ପରମ୍ପରାର ଚିତ୍ର ତଥା ଉପକୂଳ ଓଡିଶାର ସଂସ୍କୃତି, ଚଳଣି, ବିଶ୍ୱାସ, ସାଂସ୍କୃତିକ ଜୀବନଧାରା, ପ୍ରାଚୀ ସଂସ୍କୃତି, ଚଳଣି, ବିଶ୍ୱାସ, ତଥା ସମକାଳୀନ ଆଧ୍ୟାତ୍ମିକ ଚେତନାର ଚିତ୍ର ମଧ୍ୟ ଦେଖିବାକୁ ପାଇଥାଉ । ସେହିପରି, ଅନାଦି ସାହୁଙ୍କ *ରାଜାରାୟ*, ଏବଂ *ଛିନ୍ନନାଗ* ଅନାଦି ସାହୁଙ୍କ କିମ୍ବଦନ୍ତୀ ତଥା ଲୋକଶ୍ରୁତି ଆଧାରିତ ଉପନ୍ୟାସ । *ରାଜାରାୟ* ଉପନ୍ୟାସରେ ନୌବାଣିଜ୍ୟ ପରମ୍ପରା ତଥା ବୌଦ୍ଧଧର୍ମ ସମ୍ପର୍କିତ ବିଭିନ୍ନ କିମ୍ବଦନ୍ତୀ, ଏବଂ ନାଗବଂଶୀୟ ରାଜାମାନଙ୍କ ରାଜ୍ୟଜୟର କାହାଣୀ, ଏବଂ ଜୈନଧର୍ମ ସମ୍ପର୍କିତ କିଛି କିମ୍ବଦନ୍ତୀର ପ୍ରଭାବ ଦେଖିବାକୁ ମିଳେ *ଛିନ୍ନନାଗ* ଉପନ୍ୟାସରେ । ଔପନ୍ୟାସିକ ନୃସିଂହ ଚରଣ ପଣ୍ଡା ବିଭିନ୍ନ ଜନଶ୍ରୁତି, ବୈଦିକ ସଂସ୍କୃତି ଏବଂ କିମ୍ବଦନ୍ତୀକୁ ଆଧାରକରି ରଚନା କରିଛନ୍ତି *ସପ୍ତସିନ୍ଧୁ*, *ଚଣ୍ଡାଶୋକ*, *ଧର୍ମାଶୋକ*, ଏବଂ *ଖାରବେଳ* ପ୍ରଭୃତି ଉପନ୍ୟାସ । ଏହି ଉପନ୍ୟାସଗୁଡିକରେ ଓଡିଶାର ସାମାଜିକ ଜୀବନଧାରା ଓ ସାଂସ୍କୃତିକ ପରମ୍ପରାର ଚିତ୍ର ଆଖ୍ୟାନ ପ୍ରସଙ୍ଗରେ ବର୍ଣ୍ଣିତ ।

ଇତିହାସ ତଥା ଜନଶ୍ରୁତି, ଏବଂ କିମ୍ବଦନ୍ତୀକୁ ଆଧାରକରି ଉପନ୍ୟାସ ରଚନା କରିବା କ୍ଷେତ୍ରରେ ଔପନ୍ୟାସିକା ଶାନ୍ତି ମହାପାତ୍ରଙ୍କ ନାମ ଉଲ୍ଲେଖନୀୟ । ସେ ବୌଦ୍ଧ କିମ୍ବଦନ୍ତୀ ତଥା ସୁଲତାନ୍ ଆଲାଉଦିନ ଖିଲିଜି ଜାହାଙ୍ଗୀରଙ୍କ ପତ୍ନୀ ନୁରଜାହାନ ସମ୍ବନ୍ଧୀୟ କିମ୍ବଦନ୍ତୀକୁ ଭିତ୍ତିକରି ଲେଖିଛନ୍ତି *ବୁଦ୍ଧଂ ଶରଣଂ ଗଚ୍ଛାମି*, *ବେଗମ୍ ନୁରଜାହାନ୍*, ଏବଂ *ସୁଲତାନ୍ ଆଲ୍ଲାଉଦିନ୍* ଉପନ୍ୟାସ । ସେହିପରି, ମୁକୁନ୍ଦଦେବ ଓ ତତ୍କାଳୀନ ଓଡିଶାର ଐତିହାସିକ ପଟ୍ଟଭୂମି ସମ୍ବନ୍ଧୀୟ କିମ୍ବଦନ୍ତୀକୁ ଆଧାରକରି ରଚନା କରିଛନ୍ତି *ସ୍ୱାଧୀନତାର ଶେଷସୂର୍ଯ୍ୟ* । ଏହି ଉପନ୍ୟାସଗୁଡିକରେ ପାରମ୍ପରିକ ଲୋକ ଜୀବନର ଚିତ୍ର ବିଶେଷ ନଥିଲେ ମଧ୍ୟ କାହାଣୀ ଏବଂ କିମ୍ବଦନ୍ତୀକୁ ଆଧାରକରି ଉପନ୍ୟାସ ରଚନାର ପରମ୍ପରାକ୍ରମରେ ଏହାକୁ ଲୋକ ଉପାଦାନ ଆଧାରିତ ଉପନ୍ୟାସ ଭାବରେ ଗ୍ରହଣ କରାଯାଇପାରେ ।

### ୫.୨.୨.୩ ଆଞ୍ଚଳିକ ସଂସ୍କୃତି, ଯାନିଯାତ୍ରା, ଏବଂ ପର୍ବପର୍ବାଣିର ପ୍ରଭାବ

ସ୍ୱାଧୀନତା ପରବର୍ତ୍ତୀ ଓଡିଆ ଉପନ୍ୟାସକୁ ଆଲୋଚନା କଲେ ଦେଖାଯାଏ ଯେ କିଛି ଉପନ୍ୟାସରେ ଓଡିଶାର କେତେକ ଅଞ୍ଚଳ ଯେଉଁଠି ଅନ୍ୟ ଅଞ୍ଚଳ ଅପେକ୍ଷା ଏକ ସ୍ୱତନ୍ତ୍ର ଜୀବନଧାରା ଦେଖିବାକୁ ମିଳେ ତାହାର ପ୍ରଭାବ ମଧ୍ୟ ଦେଖାଯାଏ । ସେହିପରି, କିଛି ଉପନ୍ୟାସରେ ବିଭିନ୍ନ ପର୍ବପର୍ବାଣି ତଥା ଯାନିଯାତ୍ରା ମଧ୍ୟ ବିଷୟବସ୍ତୁକୁ ବହୁ ପରିମାଣରେ ପ୍ରଭାବିତ କରିଥିବା ମନେହୁଏ । ଅତଏବ, ଏ ପ୍ରସଙ୍ଗରେ ଏହି ଆୟାମଗୁଡିକ କିପରି ଓଡିଆ ଉପନ୍ୟାସକୁ ପ୍ରଭାବିତ କରିଛି ତା ଉପରେ ଆଲୋଚନା କରାଯାଇପାରେ । ଏହି ପରିପ୍ରେକ୍ଷୀରେ ସୁରେନ୍ଦ୍ର ମହାନ୍ତି *ନୀଳଶୈଳ* ଉପନ୍ୟାସ ଏକ ଗୁରୁତ୍ୱପୂର୍ଣ୍ଣ

ସୃଜନ । ଏହି ଉପନ୍ୟାସରେ ଶ୍ରୀମନ୍ଦିରର ପରମ୍ପରା, ମଠ, ବାରବାଟୀ ଦୁର୍ଗ, କଳାପାହାଡ କଥା, ଭାଗବତ ଘର, ପହଣ୍ଡିବେଳର ଚିତ୍ର, ବାହୁଡା ଯାତ୍ରା, ଅଧରପଣା ଏକାଦଶୀ, ଚିଲିକା, ବାଲୁଗାଁ ଚଟୀଘର ; ଜଗନ୍ନାଥଙ୍କ ମଙ୍ଗଳ ଆଳତି, ଅବକାଶ, ଏବଂ ମଇଲମ ଆଦି ପରମ୍ପରାର ଚିତ୍ର ସ୍ଥାନିତ— "ଲକ୍ଷ୍ମୀ ପରମଗୁରୁ ଅଟ୍ଟହାସ କରି କହିଲେ— ଆହେ ମହାପାତ୍ରେ, ସମୁଦ୍ର ତାହାର ତଡପ, ପବନ ତାହାର ଉତ୍ତରୀୟ, ଗଗନ ତାର ଖଣ୍ଡୁଆ ! ଦିଅ ଦିଅ, ଆଉ କଥା କଟାକଟି ନକରି ଶୀଘ୍ରଶୀଘ୍ର ନୀତି ବଢାଅ ।... ପାଣି ଆପଟମାନେ ମାଠିଆ ମାଠିଆ ତୀର୍ଥଜଳ ଆଣନ୍ତି । ପିଢା, ଜିଭ ଛେଲା ଓ ସୁବର୍ଣ୍ଣ ବାସନମାନ ଭଣ୍ଡାରର ସୁଆରବଡୁମାନେ ଆଣି ରଖନ୍ତି । ଖଟୁଳି ସେବକ ଖଟୁଳି ଆଣେ । ଖଟୁଳି ସେବକ ଖଟୁଳି ଆଣେ । ଦର୍ପଣିଆ ଦର୍ପଣ ଯୋଗାଏ । ଅଏଁଳା ଘଟୁଆରୀ ଅଏଁଳା ଦିଏ । ଚନ୍ଦନମୁଖ ପଖାଳ ପଶୁପାଳକ ଯୋଗାଏ । କର୍ପୁର ଦିଏ ଭଣ୍ଡାର ମେକାପ । ପଢିଆରୀ ଆଣେ ମୁଠୁରୀ ଦାନ୍ତକାଠି ଦନ୍ତ ମାର୍ଜନ ପାଇଁ" (ନୀଳଶୈଳ) । ଅନୁରୂପ ଅନ୍ୟ ଏକ ଉପନ୍ୟାସ ହେଉଛି *ନୀଳାଦ୍ରି ବିଜୟ* ।

ପୁରୀର ପାରମ୍ପରିକ ସଂସ୍କୃତି, ତଥା ଯାନିଯାତ୍ରା, ଜଗନ୍ନାଥ ପରମ୍ପରାକୁ ଆଧାରକରି ବଳରାମ ପଟ୍ଟନାୟକ ରଚନା କରିଛନ୍ତି *ଅନାଦି ଅନନ୍ତ*, *ପାର୍ଶ୍ୱଦେବତା*, *ଚରୈବେତି*, ଏବଂ *ଅନେକ ରୂପରୂପାୟ* ଉପନ୍ୟାସ । ଏହି ଉପନ୍ୟାସଗୁଡିକରେ ପୁରୀର ପାରମ୍ପରିକ ଆଖଡା ଘର, ଭାଙ୍ଗବଟା, ମଠମହନ୍ତଙ୍କ ଆଚାର ବାବହାର ବର୍ଣ୍ଣିତ ହେବା ସହିତ ଚନ୍ଦନଯାତ୍ରାବେଳର ଗାଧୁଆ ସିଲଟଣ, ନାଗାନାଚ, ଚଇତି ଘୋଡାନାଚ, ଗୋଟିପୁଅ ନାଚ, ସାହିଯାତ, ଦେବଦାସୀ ନୃତ୍ୟ, ଗଞ୍ଜପା ଖେଳ, ଗୋଖୁଣୀର ସାଇସାଇ ବୁଲି ଖଇଙ୍ଗା ମାଛ ଓ ଶୁଖୁଆ ବିକ୍ରୀ, ପଙ୍ଗତ ପାରୁଶରେ ଅଭଡା ସାଙ୍ଗକୁ କ୍ଷୀରୀ, ଛେନାର ଆୟୋଜନ, ସାଙ୍ଗ-ଭାଙ୍ଗ-ପଙ୍ଗତଭରା ଖିଆଲ ଭଳି ପୁରୀର ପାରମ୍ପରିକ ଜୀବନଧାରା ତଥା ଜଗନ୍ନାଥ କୈନ୍ଦ୍ରିକ ପ୍ରଥା-ପରମ୍ପରାର ବିଭିନ୍ନ ଚିତ୍ର ଆଖ୍ୟାନ ପ୍ରସଙ୍ଗରେ ସଂଯୋଜିତ ହୋଇଛି । ବଳରାମ ପଟ୍ଟନାୟକଙ୍କ ବ୍ୟତୀତ, ବିଜୟିନୀ ଦାସ, ଏବଂ ବିକ୍ରମ ଦାସ ଆଦି ଔପନ୍ୟାସିକମାନେ ମଧ୍ୟ ପୁରୀର ପାରମ୍ପରିକ ସଂସ୍କୃତି ତଥା ଜୀବନଧାରାକୁ ଆଧାରିତ କରି ରଚନା କରିଛନ୍ତି ଏକାଧିକ ଉପନ୍ୟାସ । ବିଜୟିନୀ ଦାସଙ୍କ *ଦେବଦାସୀ* ଉପନ୍ୟାସ ଏକଦା ଶ୍ରୀମନ୍ଦିରରେ ପ୍ରଚଳିତ ଦେବଦାସୀ ପରମ୍ପରାକୁ ଆଧାରକରି ରଚିତ । ଏହି ଉପନ୍ୟାସରେ ଦେବଦାସୀ ପରମ୍ପରା ସମ୍ପର୍କରେ ବିଶଦ ଆଖ୍ୟାନ ସହିତ ଜଗନ୍ନାଥଙ୍କ ସେବା ପରମ୍ପରା ସମ୍ପର୍କରେ ମଧ୍ୟ ବର୍ଣ୍ଣନା ଦେଖିବାକୁ ମିଳେ । ସେହିପରି, ବିକ୍ରମ ଦାସ ତାଙ୍କର *ନିର୍ବାସିତ ଗଜପତି*, ଏବଂ *ଭଲେ ବିରାଜେ ଜୀ* ଉପନ୍ୟାସରେ ପୁରୀ ଗଜପତିଙ୍କ ପାରମ୍ପରିକ ଜୀବନଚର୍ଯ୍ୟା, ପୁରୀର ସାଧାରଣ ଲୋକଙ୍କ ପାରମ୍ପରିକ ଚାଲିଚଳଣ, ଜଗନ୍ନାଥଙ୍କ ପୂଜା ପରମ୍ପରା, ଯାତ୍ରୀ ଗୁମାସ୍ତା କଥା ତଥା ବଙ୍ଗାଳୀ ଯାତ୍ରୀଙ୍କ ଜଗନ୍ନାଥ ଦର୍ଶନ ପରମ୍ପରାର ପ୍ରଭାବ ଦେଖାଯାଏ ।

ଓଡିଆ ଉପନ୍ୟାସରେ ସାଂସ୍କୃତିକ ଆଖ୍ୟାନ ତଥା ଯାନିଯାତ୍ରାର ପ୍ରଭାବ ପ୍ରସଙ୍ଗକ୍ରମରେ ସମକାଳର ଜଣେ ତରୁଣ ଔପନ୍ୟାସିକ ଆଦିତେଶ୍ୱର ମିଶ୍ରଙ୍କ *ଧନୁଯାତ୍ରା* ଏକ ଉଲ୍ଲେଖନୀୟ ଅବଦାନ । ଏହି ଉପନ୍ୟାସରେ ବରଗଡ ଅଞ୍ଚଳରେ ଆୟୋଜିତ ହେଉଥିବା ଧନୁଯାତ୍ରାର ପାଳନ ଏବଂ ପରିବେଷଣ ଚିତ୍ରକୁ ସ"ଳ ଭାବରେ ରୂପାୟିତ କରିଛନ୍ତି ସେ । ସେହିପରି, ନିକଟ ଅତୀତରେ ପ୍ରକାଶିତ ସ୍ୱପ୍ନା ମିଶ୍ରଙ୍କ *ଜାଲ* ଉପନ୍ୟାସରେ କଳାହାଣ୍ଡିର ସ୍ଥାନୀୟ ଆଦିବାସୀଙ୍କର କେନ୍ଦୁନୂଆ, ରୁଗିବହଲା ଭଳି ପର୍ବପର୍ବାଣି, ତଥା ଗାଁ ଦାଣ୍ଡରେ ପରିବେଷିତ ହେଉଥିବା ଡୁଡୁ, ବୋହୂଚୋରୀ, ହାଡବାନ୍ଧୁ, ଖମ୍‌ଖମାଣି, ବାଙ୍ଗରୀ ଆଦି ଲୋକକ୍ରୀଡାର ପ୍ରଭାବ ଦେଖିବାକୁ ମିଳେ । ସ୍ୱପ୍ନାଙ୍କର *ଦାଗ* ଉପନ୍ୟାସରେ ମଧ୍ୟ କଳାହାଣ୍ଡିର ସୀମାନ୍ତରିତ ଜାତି ଜନଜାତିର ସେମାନଙ୍କ ସ୍ଥାନୀୟ ସଂସ୍କୃତି ଏବଂ ଜୀବନଧାରାର ଚିତ୍ର ଦେଖିବାକୁ ମିଳେ ।

### *୫.୨.୨.୪ ଆଦିବାସୀ, ଏବଂ ଦଳିତ ଜୀବନଧାରାର ପ୍ରଭାବ*

ଓଡିଆ ଉପନ୍ୟାସର ପ୍ରାରମ୍ଭିକ ପର୍ଯ୍ୟାୟରେ ହିଁ ଆଦିବାସୀ ଜୀବନଧାରା ଓଡିଆ ଉପନ୍ୟାସର ଆଖ୍ୟାନକୁ ପ୍ରଭାବିତ କରିଛି ଯାହା ଆମେ *ଭାମାଭୂୟାଁ* ଉପନ୍ୟାସରେ ଦେଖିବାକୁ ପାଉଁ । ପରବର୍ତ୍ତୀ ସମୟରେ, ଗୋପୀନାଥ ମହାନ୍ତି ଆଦିବାସୀ ଜୀବନଧାରାର ପ୍ରଭାବରେ ରଚନା କରନ୍ତି *ଦାଦିବୁଢା*, *ପରଜା*, *ଅମୃତର ସନ୍ତାନ*, ଏବଂ *ଶିବଭାଇ* ଆଦି ଉପନ୍ୟାସ । ଏହି ଉପନ୍ୟାସଗୁଡିକରେ ବିଭିନ୍ନ ଆଦିବାସୀ ଲୋକ ଗୋଷ୍ଠୀର ଜୀବନଯାତ୍ରା, ବିଶ୍ୱାସ, ଚାଲିଚଳଣ, ରୀତିନୀତି ଆଦିର ଚିତ୍ର

ସ୍ଥାନିତ । ଉଦାହରଣସ୍ୱରୂପ— *ଅମୃତର ସନ୍ତାନ, ଓ ଶିବଭାଇ* ଉପନ୍ୟାସରେ କୁଭି କନ୍ଧର ପାରମ୍ପରିକ ନାଚଗୀତ, ପୂଜାପର୍ବ, ବାହାଘର, ପୋଷାକ ପରିଚ୍ଛଦ, ବେଜୁଣୀ ପରମ୍ପରା, ନିଶାଣି ମୁଣ୍ଡା, ବାହାଘର, ବା'-ଲି ପୂଜା, ଦିଶାରୀ ଜାନିଙ୍କ ଭୂମିକା ଆଦିର ଚିତ୍ର ଦେଖିବାକୁ ମିଳେ, "ବେଜୁଣୀ ମନଇଚ୍ଛାରେ ସାତ ଘେରା ମାରି ନାଚିଗଲା, ଚଇତର ଖଣ୍ଡିଆ ଭୂତ ପରି... ସେଠି ଅବିକଳ ଝୁଣାଧୂଆଁ, ସେଠି ମୁରୁଜ, ଫୁଲ, ଭାଲିଆ ଫଳ, ସେଠି ବିକଟ ବାଦ୍ୟ ଯାହା ମନେପକାଇ ଦିଏ ସୃଷ୍ଟିର ଶେଷ... ବେଜୁଣୀର ହୋସ୍ ନାହିଁ, ଦେବତାର ହୋସ ନଥାଏ" (ଅମୃତର ସନ୍ତାନ) । ସେହିପରି, *ଦାଦିବୁଢା*, ଏବଂ *ପରଜା* ଉପନ୍ୟାସରେ ପରଜା ଆଦିବାସୀର ଜୀବନଧାରା, ସାମାଜିକ ରୀତିନୀତି, ନାଚଗୀତ, ପର୍ବପର୍ବାଣୀର ପ୍ରଭାବ ଦେଖିବାକୁ ପାଉ— "ମଝିଘର, ତା'ର ଦାଣ୍ଡକବାଟ ଅଛି, ଏ କରେ ଭଣ୍ଡାର ଘର, ସେ କରେ ରୋଷେଇଘର, ଦୁଇ ଘରର ଖାଲି ଭିତିରି କବାଟ ଅଛି ଦାଣ୍ଡଘରକୁ । ସେ ଆଟୁ, ସଂଘା, ଅଧାକାନ୍ଥି, ହାଣ୍ଡି ରଖିବାକୁ ପାହାଚ, ଦାଣ୍ଡଘର ଚଟାଣରେ ମାଣ୍ଡିଆ ସୁଆଁ ଫେଁଶିବାକୁ ଗାତ । ପୁଣି ପର୍ବପର୍ବାଣିରେ ଘର ଲିପା ହୁଏ, କାନ୍ଥ ରଙ୍ଗ କରାହୁଏ— କାନ୍ଥରେ ଧଳାମାଟି, ନାଲିମାଟି । ପିଣ୍ଡାରେ କଳାମାଟି, ହଳଦିଆମାଟି, ଏହା ଉତ୍ତାରୁ ଚିତାକଟା । ... ଅଙ୍ଗାର ଚୂନାକରି ଅଳସୀତେଲରେ ଗୋଳି କବାଟ ଓ ଚୌକାଠରେ କଳା ଦିଆହୁଏ ପୁରୁଣାଘର ପୁଣି ନୂଆଁ ହୋଇ ଚେଇଁଉଠେ" (ପରଜା) । ... ଯାବତୀୟ ଦୁଃଖ, ଦାରିଦ୍ର୍ୟ, ଏବଂ ଶୋଷଣ ଭିତରେ ବି ପରଜା ଖୁସି ହୋଇଥାଏ ଛୋଟଛୋଟ ଘଟଣାମାନଙ୍କରେ, ବାହାଟେ ହେଲେ, ମାଙ୍ଗଣିଟେ ହେଲେ, ପୂଜାଗିଜା ହେଲେ, କହିଥାଏ— ଆରେ ଆଜି ନାଚରେ ସମସ୍ତେ । ରେ ଧାଂଡାମାଝି, ଧାଂଡିମାନଙ୍କୁ ଆଣ୍ରେ, ଢାପୁପିଟ୍, ଭେରୀଫୁଙ୍କ୍ । ଆରେ ମହୁରିଆ, ତୋର ମହୁରୀ ଆଣ୍ରେ, ଢାପୁ ପିଟ୍, ନାଚ୍-ନାଚ୍-ଗାଅ (ଦାଦିବୁଢା) ।

ଗୋପୀନାଥ ମହାନ୍ତିଙ୍କ ପରେପରେ ଆଦିବାସୀଙ୍କ ଜୀବନଧାରାକୁ ଆଧାରକରି ରଚିତ ହୋଇଛି ଅନେକ ଉପନ୍ୟାସ । ଏହି ପରିପ୍ରେକ୍ଷୀରେ, ନାରାୟଣ ମାହାପାତ୍ରଙ୍କ *କାଡେ ଗମାଙ୍ଗ, ଏବଂ କାହାଣୀ ସବୁଜ ଉପତ୍ୟକାର*, ଆଦି ଉପନ୍ୟାସ ଉଲ୍ଲେଖନୀୟ । ଏହି ଉପନ୍ୟାସ ଦୁଇଟିରେ ଆଦିବାସୀ ଗୋଷ୍ଠୀର ପାରମ୍ପରିକ ଜୀବନଧାରା ଆଖ୍ୟାନକୁ ପ୍ରଭାବିତ କରିଛି । ଏହି କ୍ରମରେ, ଅନ୍ୟ ଏକ ଉଲ୍ଲେଖନୀୟ ଉପନ୍ୟାସ ହେଉଛି ଗୋବିନ୍ଦ ଦାସଙ୍କ *ଲାସୁ* । ଏହି ଉପନ୍ୟାସରେ ମଧ୍ୟ ଗୋବିନ୍ଦ ଦାସ କାହାଣୀ ପ୍ରସଙ୍ଗରେ କନ୍ଧ ସମାଜର ପୂଜା ପରମ୍ପରା ତଥା ପାରମ୍ପରିକ ଜୀବନଧାରାର ଚିତ୍ର ସ୍ଥାନିତ କରିଛନ୍ତି ।

ଗୋପୀନାଥ ମହାନ୍ତିଙ୍କ ପରେ ଓଡିଆ ସାହିତ୍ୟରେ ଆଦିବାସୀ ଜୀବନଧାରାର ମହା-ଆଖ୍ୟାନ ପ୍ରସ୍ତୁତ କରିବାରେ ପ୍ରତିଭା ରାୟଙ୍କ ଭୂମିକା ଅନନ୍ୟ । ପ୍ରତିଭା ରାୟଙ୍କ *ଆଦିଭୂମି* ଉପନ୍ୟାସ ବଣ୍ଡା ଆଦିବାସୀଙ୍କ ଜୀବନଧାରାକୁ ନେଇ ରଚିତ । ଏହି ଉପନ୍ୟାସରେ ବଣ୍ଡା ପାହାଡ, ବୁଣ୍ଡି ମହାଦେଇ, ବଣ୍ଡାମାନଙ୍କର ପାରମ୍ପରିକ ବସ୍ତ୍ର 'ରିଙ୍ଗା', ଡୁମା ଦେବତା, ସାଫୁ, ସାପୁର, ଲାଣ୍ଡା, ପେଣ୍ଡମ୍ ପ୍ରଭୃତି ପାରମ୍ପରିକ ପାନୀୟ ଆଦିର ଚିତ୍ର ଦେଖିବାକୁ ମିଳେ । ସେହିପରି, ରାୟଙ୍କ *ପରିଚୟ* ଉପନ୍ୟାସରେ ମଧ୍ୟ କାହାଣୀ ବର୍ଣ୍ଣନାର ପ୍ରସଙ୍ଗକ୍ରମେ ଆଦିବାସୀ ପରମ୍ପରା, ସେମାନଙ୍କ ନାଚଗୀତ ଦୈନନ୍ଦିନ ଜୀବନର ବହୁଦିଗକୁ ଉପସ୍ଥାପିତ କରିଛନ୍ତି । ଅନୁରୂପ ଭାବରେ, କେଉଁଝରର ଭୂୟାଁମେଳି ସମ୍ପର୍କିତ କାହାଣୀ ଏବଂ କିମ୍ବଦନ୍ତୀକୁ ନେଇ ପ୍ରତିଭା ରାୟ ରଚନା କରନ୍ତି *ମହାରାଣୀ ପୁତ୍ର* ଉପନ୍ୟାସ । ସମାନ ବିଷୟବସ୍ତୁଦ୍ୱାରା ପ୍ରଭାବିତ ଆଉ ଏକ ଉପନ୍ୟାସ ହେଉଛି— ମଦନମୋହନ ମିଶ୍ରଙ୍କ *ଆଗ୍ନେୟ ସବୁଜ* ।

ଏହା ବ୍ୟତୀତ, ଆଦିବାସୀ ଜୀବନଧାରାର ପ୍ରଭାବରେ ଯମେଶ୍ୱର ମିଶ୍ର, ଶଶିଭୂଷଣ ମହାପାତ୍ର, ଅନାଦି ସାହୁ, ହୃଷୀକେଶ ପଣ୍ଡା, ସାତକଡି ହୋତା, ଏବଂ ସତ୍ୟପ୍ରିୟ ମହାଳିକ ଭଳି ତରୁଣ ଔପନ୍ୟାସକାର ମଧ୍ୟ ରଚନା କରିଛନ୍ତି କେତେକ ଉଲ୍ଲେଖନୀୟ ଉପନ୍ୟାସ । ଯମେଶ୍ୱର ମିଶ୍ରଙ୍କ *ଗଡତିଆ*, ଏବଂ *ଖମାରୀ* ଉପନ୍ୟାସରେ ପଶ୍ଚିମ ଓଡିଶାର ପାରମ୍ପରିକ ଜୀବନ, ହଳିଆ ପରମ୍ପରା, ପ୍ରଥା ପରମ୍ପରା ପାରିବାରିକ ଜୀବନ ସାଂସ୍କୃତିକ ଚିତ୍ର ଆଦିର ପ୍ରଭାବ ଦେଖିବାକୁ ମିଳେ । ଶଶିଭୂଷଣ ମହାପାତ୍ର ଷାଠିଏ ଦଶକର ଅନ୍ୟତମ ସଫଳ ଔପନ୍ୟାସିକ । ତାଙ୍କର *ଲୁହ ଓ ଲହୁ, ପାହାଡୀ କନ୍ୟା, ଆୟା ମାର୍ଗାରେଟ୍, କ୍ରାନ୍ତିର ଅବବାହିକା*, ଏବଂ *ରାଣୀ କଜଳ* ଆଦି ଉପନ୍ୟାସରେ କାହାଣୀ ପ୍ରସଙ୍ଗରେ ଆଦିବାସୀ ଜୀବନଧାରାର ଚିତ୍ର ଦେଖିବାକୁ ମିଳେ । ସେହିପରି, ଅନାଦି ସାହୁଙ୍କ *ମୁଣ୍ଡ ମେଖଳା* ଉପନ୍ୟାସରେ ଘଟଣା ପ୍ରସଙ୍ଗରେ ଆଦିବାସୀ ଜୀବନର ଚିତ୍ର ଦେଖିବାକୁ

ମିଳେ । ପରବର୍ତ୍ତୀ ସମୟରେ, ଆଦିବାସୀ ଜୀବନଧାରାକୁ ନେଇ ଔପନ୍ୟାସିକ ହୃଷୀକେଶ ପଣ୍ଡା ମଧ୍ୟ ରଚନା କରିଛନ୍ତି ଉପନ୍ୟାସ *ସୁନାପୁଟର ଲୋକେ* । ଏହି ଉପନ୍ୟାସରେ ଆଦିବାସୀଙ୍କୁ ଶୋଷଣର ଚିତ୍ର ଉପସ୍ଥାପନ ପ୍ରସଙ୍ଗରେ ସେମାନଙ୍କ ପାରମ୍ପରିକ ଜୀବନଧାରାର ଚିତ୍ର ମଧ୍ୟ ଦେଇଛନ୍ତି । ସେହିପରି, ସାତକଡି ହୋତାଙ୍କ *ଅଶାନ୍ତ ଅରଣ୍ୟ* ଉପନ୍ୟାସରେ ବାରିପଦା ଅଞ୍ଚଳର ଆଦିବାସୀମାନଙ୍କ ଜୀବନଧାରାର ଚିତ୍ର ଦେଖିବାକୁ ମିଳେ । ଏହି ଉପନ୍ୟାସରେ ବାଙ୍ଗିରିପୋଷି ଅଞ୍ଚଳର ସାନ୍ତାଳ, ବାଉରୀ, ମାଝି, ଭୂମିଜ, ବାଥୁଡି ଆଦି ବିଭିନ୍ନ ଜାତି ଏବଂ ଜନଜାତିର ଚିତ୍ର, ଶାଳବଣ, କୁଟୁରା ଶିକାର ଆଦିବାସୀଙ୍କ ନାଚଗୀତ, ମକର ପର୍ବ, ଓ ସାପ୍ତାହିକ ହାଟ ଆଦିର ଚିତ୍ର ଘଟଣା ପ୍ରସଙ୍ଗରେ ଉଲ୍ଲେଖ ହୋଇଛି । ସେହିପରି, ସତ୍ୟପ୍ରିୟ ମହାଳିକଙ୍କ *ନିଉଟୋପିଆ* ଉପନ୍ୟାସରେ ଆଦିବାସୀ ଚରିତ୍ରଗୁଡିକର ଚିତ୍ରଣ ସହ ସମ୍ପୃକ୍ତ ଲୋକ ଗୋଷ୍ଠୀରେ ପ୍ରଚଳିତ ପାରମ୍ପରିକ ଦେବୀ ଦେବତା, ପୂଜାପାଠ, ଡାଆଣୀ, ବେଜୁଣୀ, ଦିଶାରୀ, ଏବଂ ସାମାଜିକ ରୀତିନୀତି ଆଦି ପାରମ୍ପରିକ ଜୀବନର ଅନେକ ଚିତ୍ର ସଂଯୋଜିତ ହୋଇଛି ।

କେବଳ ଆଦିବାସୀ ଲୋକ ଗୋଷ୍ଠୀ ଓଡିଆ ଉପନ୍ୟାସର ଆଖ୍ୟାନ ପରିସରକୁ ପ୍ରଭାବିତ କରିଛି ତାହା ନୁହେଁ, ବରଂ ଦଳିତ ତଥା ତଥାକଥିତ ନିମ୍ନ ଶ୍ରେଣୀର ଜୀବନଧାରା ମଧ୍ୟ ଅନେକ ଔପନ୍ୟାସିକଙ୍କ ଆଖ୍ୟାନକୁ ପ୍ରଭାବିତ କରିଛି । ଓଡିଆ ସାହିତ୍ୟରେ ଦଳିତ ଜୀବନଧାରା ପ୍ରଭାବିତ ଉପନ୍ୟାସ ସମ୍ଭବତଃ ଗୋପୀନାଥ ମହାନ୍ତିଙ୍କ *ହରିଜନ*, ଯେଉଁଠି ଉପନ୍ୟାସର ସମ୍ପୂର୍ଣ୍ଣ ଆଖ୍ୟାନ ମେହେନ୍ତର ତଥା ହରିଜନ ଜାତିକୁ ଆଧାର କରିଛି । ସେହିପରି, ମହାନ୍ତିଙ୍କର *ଦାନାକାଙ୍କ୍ଷା* ଉପନ୍ୟାସରେ ମଧ୍ୟ ନିମ୍ନଶ୍ରେଣୀର ତଥା ଦଳିତ ଗୋଷ୍ଠୀର ଜୀବନଧାରାର ପ୍ରଭାବ ଦେଖିବାକୁ ମିଳେ । ପରବର୍ତ୍ତୀ ସମୟରେ, ଅନ୍ୟ ଏକ ଉଲ୍ଲେଖନୀୟ ଉପନ୍ୟାସ ହେଉଛି ବ୍ରଜମୋହନ ମହାନ୍ତିଙ୍କ *ସାପୁଆ* । ଏହି ଉପନ୍ୟାସରେ ପଦ୍ମକେଶରୀପୁରର ସାପୁଆ କେଳାଙ୍କ ଜୀବନଧାରାର ପ୍ରଭାବ ଦ୍ରଷ୍ଟବ୍ୟ । ସେହିପରି, କୁଞ୍ଜବିହାରୀ ଦାଶଙ୍କ *ମଶାଣି ତୁଳସୀ* ଉପନ୍ୟାସରେ ଗ୍ରାମଜୀବନ ଚିତ୍ର ସହିତ ବାଉରୀ ସମାଜର ପାରମ୍ପରିକ ଜୀବନଧାରାର ଚିତ୍ର ପ୍ରସ୍ଫୁଟିତ । ଅନୁରୂପ ଭାବରେ ତାଙ୍କର *କି କଥା କଲିକତା*, ଏବଂ *ଗ୍ରାମାୟଣ* ଉପନ୍ୟାସରେ ମଧ୍ୟ ଗ୍ରାମ୍ୟ ଜୀବନର ଚିତ୍ର ସହିତ ବାଉରୀ ସମାଜର ଜୀବନଧାରା— ନ୍ୟାୟ ନିଶାପ, ବାହାଘର, ଶ୍ରାଦ୍ଧ ଆଦିର ଚିତ୍ର ପରିଦୃଷ୍ଟ ।

ଦଳିତ ତଥା ନିମ୍ନଶ୍ରେଣୀର ଲୋକ ଗୋଷ୍ଠୀର ଜୀବନଧାରା ପ୍ରଭାବିତ ଉପନ୍ୟାସ କ୍ରମରେ ଗଣେଶ୍ୱର ମିଶ୍ରଙ୍କ *ସାମୁଦ୍ରିକ*, ଏବଂ ଦେବ୍ରାଜ ଲେଙ୍କାଙ୍କ *ଧୂଳ ପୃଥିବିର ତରା* ଏକ ଏକ ଉଲ୍ଲେଖନୀୟ କୃତି । *ସାମୁଦ୍ରିକ* ଉପନ୍ୟାସରେ ନୋଳିଆମାନଙ୍କ ଜୀବନଧାରା ତଥା ସେମାନଙ୍କ ଦୈନନ୍ଦିନ ଜୀବନଜୀବିକାର ପ୍ରଭାବ ଦେଖିବାକୁ ମିଳୁଥିବାବେଳେ, ଦେବ୍ରାଜ ଲେଙ୍କାଙ୍କ *ଧୂଳ ପୃଥିବିର ତରା* ଉପନ୍ୟାସରେ ଶଅର ପଲ୍ଲୀର ଚିତ୍ର, ଜଙ୍ଗଲ ପରିବେଶର ବର୍ଣ୍ଣନା, କେଳା ସମ୍ପ୍ରଦାୟର ପାରମ୍ପରିକ ଜୀବନଧାରା, ସାପଧରା, ସାପଖେଳା ଆଦି କଥା ବର୍ଣ୍ଣିତ । ଏହି କ୍ରମରେ, ଅଖିଳ ନାୟକଙ୍କ *ଭେଦ*, *ଅବିଜା*, ଏବଂ ବାସୁଦେବ ସୁନାନୀଙ୍କ *ପଡାପୋଡି* ଉପନ୍ୟାସ ତିନୋଟି ନୂତନ ଏବଂ ଉଲ୍ଲେଖଯୋଗ୍ୟ ସଂଯୋଜନା । ଅଖିଳଙ୍କ *ଭେଦ*, ଏବଂ *ଅବିଜା* ଉପନ୍ୟାସରେ ପଶ୍ଚିମ ଓଡିଶାର ଜନଜୀବନ ସହିତ ଦଳିତ ଜୀବନର ଚିତ୍ର ପ୍ରକାଶିତ, ସେମାନଙ୍କ ଜୀବନଜୀବିକା ସହିତ ସାହୁକାର, ମାରୱାଡି, ବ୍ରାହ୍ମଣ ଏବଂ ଅନ୍ୟ ଉଚ୍ଚବର୍ଗଙ୍କ ଶୋଷଣର ଚିତ୍ର ସହିତ ଏହି ଲୋକ ଗୋଷ୍ଠୀର ପାରମ୍ପରିକ ଜୀବନଧାରା କଥା ଆଖ୍ୟାନକୁ ପ୍ରଭାବିତ କରିଥିବା ଦେଖାଯାଏ । ସେହିପରି, ବାସୁଦେବ ସୁନାନୀଙ୍କ *ପଡାପୋଡି* ଉପନ୍ୟାସରେ ମଧ୍ୟ ଦଳିତ ତଥା ଡମ୍ ଲୋକ ଗୋଷ୍ଠୀର ପୂଜାପର୍ବ, ନାଚଗୀତ, ପାରମ୍ପରିକ ଅଳଙ୍କାର ତଥା ପାରମ୍ପରିକ ଜୀବନଧାରାର ପ୍ରଭାବ ଆଖ୍ୟାନ ପ୍ରସଙ୍ଗରେ ଦେଖିବାକୁ ମିଳେ ।

### *୫.୨.୨.୫ ଆଖ୍ୟାନ ଶୈଳୀରେ ଲୋକ ଗୀତ, ଲୋକ କାହାଣୀର ପ୍ରଭାବ*

କେବଳ ବିଷୟ ବସ୍ତୁରେ ନୁହେଁ ଓଡିଆ ଉପନ୍ୟାସର ଆଖ୍ୟାନ ଶୈଳୀରେ ମଧ୍ୟ କଥିତ ଭାଷା, ଲୋକ ଗୀତ, ଲୋକ କାହାଣୀ, ପ୍ରବାଦ-ପ୍ରବଚନ ଢଗଢମାଳି ପ୍ରଭୃତିର ପ୍ରଭାବ ଦେଖାଯାଇଥାଏ । ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡିଆ ଉପନ୍ୟାସ

ବହୁପରିମାଣରେ ଗ୍ରାମ୍ୟ ଜୀବନ ଆଧାରିତ ତେବେ, ସ୍ୱାଧୀନତା ପରବର୍ତ୍ତୀ ଉପନ୍ୟାସ ଜୀବନର ବହୁବିଧ ଆୟାମ ତଥା ସହର ଏବଂ ଆଧୁନିକ ଜୀବନକୈନ୍ଦ୍ରିକ ହେଲେ ମଧ୍ୟ ଗ୍ରାମ୍ୟ ଜୀବନର ପ୍ରଭାବରୁ ନିଜକୁ ଦୂର କରିପାରି ନାହିଁ ; ଏଣୁ ଏହି ସ୍ୱାଧୀନତା ପରବର୍ତ୍ତୀ ଉପନ୍ୟାସର ଆଖ୍ୟାନରେ ମଧ୍ୟ ବାଚିକ ଲୋକଧାରାର ପ୍ରବାବ ଆହୁରି ବ୍ୟାପକ ଭାବରେ ଦେଖାଯାଏ । ଉଦାହରଣସ୍ୱରୂପ, ଏଠାରେ *ଦାଦିବୁଢା* ଉପନ୍ୟାସରେ ବର୍ଣ୍ଣନା ପ୍ରସଙ୍ଗରେ ସମ୍ପୃକ୍ତ ଲୋକ ଗୋଷ୍ଠୀର କଥିତ ଭାଷାର ବ୍ୟବହାର ତଥା ଲୋକ ଗୀତ ଆଦିର ସଂଯୋଜନା ଉଲ୍ଲେଖନୀୟ—

"ସୁଡାସୁଡା ସୁଡିଆ ଗୋଡି
ଓ୍ୱେନାଓ୍ୱେନା ସରସା ଗୋଡି
ଶୋଏ ଦିନ୍‌ପଁ ଦିନେଁ
ବାରୋ ମାସ୍ ତାଁମାସେ
ଜୁଡିଗୁଡି ମିହା ଆତାହ୍ନା" ।

ସେହିପରି, ସତ୍ୟପ୍ରିୟ ମହାଳିକଙ୍କ *ନିଉଟୋପିଆ* ଉପନ୍ୟାସରେ ମଧ୍ୟ ଆଖ୍ୟାନ ପ୍ରସଙ୍ଗରେ ସମ୍ପୃକ୍ତ ଲୋକ ଗୋଷ୍ଠୀରେ ପ୍ରଚଳିତ ଲୋକ ଗୀତର ସଂଯୋଜନା ଦେଖାଯାଏ—

"କାଲେ ମାନା ତିଙଂ, କାଲେ ବୁଜା ତି ଙଂ
ଆଲେଗେ ସିଂ ବୋଙ୍ଗା, ଆଲେଗେ ମାରାଂ ବୋଙ୍ଗା
ଜେତାଏ କାଲେ ବୋରେଂ ଆଇ
ଜେତାଏ କାଲେ ଚିରିଖାଇ
ସାଂଗି ହାଜା ତେଲେଆ, ସାଂଗି ବୋୟା ତେଲେ ଆ
ଦିରି କୁଡାମ ତେଲେଆ, ପାଡାଂଗା ସୁପୁ ତେଲେଆ
ମେଡେଦ ଗେଲେ କାମିତାନ୍
ମେଡେଦ ଗେଲେ ଜୋମ୍‌ତାନ୍..."।

ଅନୁରୂପ ଭାବରେ, ଦେବ୍ରାଜ ଲେଙ୍କାଙ୍କ *ଧୂର ପୃଥିବିର ଡର* ସାପୁଆ କେଳାଙ୍କ ପଦ୍ମତୋଳା ଗୀତ କିପରି ଆଖ୍ୟାନକ୍ରମରେ ସଂଯୋଜିତ ଦ୍ରଷ୍ଟବ୍ୟ—

"ଇଂ ହ୍ରୀଂ କ୍ରୀଂ ଶ୍ରୀଂ
ଆଇଁଶି ମନ୍ତର
କାଇଁଶି ମନ୍ତର ହା... ହା... ଫୁତ୍... ଫୁତ୍... ।
ଏ କାହାର ଆଜ୍ଞା
କାଉଁରୀ ରାମଚଣ୍ଡୀର କୋଟିକୋଟି ଆଜ୍ଞା
ପିତେଇ ମା ଧୋବଣୀ
ନିତେଇ ମା ଶଉରୁଣୀର କୋଟିକୋଟି ଆଜ୍ଞା ।
ଯା' ଯାରେ କତୁରୀ

ବିଷଝଡା କତୁରୀ
ଅମୁକକୁ ବିଷରୁ ପକା ଉତାରି
ହାଃ... ହାଃ... ଫୁ... ଫୁ..." (ଧୂର ପୃଥିବିର ତରା) ।
ସେହିପରି, ଆଖ୍ୟାନ ପ୍ରସଙ୍ଗରେ ଲୋକ ଗୀତର ଅନୁରୂପ ଶୈଳୀ ମଧ୍ୟ ଦ୍ରଷ୍ଟବ୍ୟ—
"ରାଜାପୁଅ ଘାଟେ ଜଗିଚି : ବୋଲେ ହୁଁଟି ।
ମତେ ସୁନାର କଙ୍କଣ ମାଗୁଚି : ବୋଲେ ହୁଁଟି ।
ତାକୁ ପାଣିକି ପକେଇ ଦେ : ବୋଲେ ହୁଁଟି ।
ମତେ ମାଉଁସ ପିତୁଳା ଦେ..." ।
...
"ଗିଲି... ଗିଲି... ଗୁଣ୍ଡି...
ଗିଲିଗିଲି ଗୁଣ୍ଡି...
ପାଆକୁ... ପାନେ...
ମା'ଠଉଁ ଯାଇ ପଇସା... ଆଣେ...
ମା କହିଲା ପଇସା ନାହିଁ...
ମଗଜ ଲଡୁଟି ପାଇବୁ... କାହିଁ...
ପକେଇଦେଲି ଖତ କୁଢକୁ...
କାଉ ନେଇଗଲା... ମାମୁଁ ଘରକୁ
ମାଇଁ ବୋଇଲା... ଏଇଟି କିଏ...
ଧୋଇଧାଇ କରି ଘରକୁ ନେଏ..." (ନାବାଳକ) ।

### *୫.୨.୨.୬ ଆଖ୍ୟାନ ଶୈଳୀରେ କଥିତ ଭାଷାର ପ୍ରଭାବ*

ସ୍ୱାଧୀନତା ପରବର୍ତ୍ତୀ ଉପନ୍ୟାସରେ ସ୍ୱାଧୀନତା ପୂର୍ବବର୍ତ୍ତୀକାଳର ଉପନ୍ୟାସଗୁଡିକ ଭଳି କଥିତ ଭାଷାର ବ୍ୟବହାର ମଧ୍ୟ ଯଥେଷ୍ଟ ପରିଦୃଷ୍ଟ । ଅନ୍ୟ ଅର୍ଥରେ, ଏହିକାଳର ଉପନ୍ୟାସର ଆଖ୍ୟାନକୁ ମଧ୍ୟ କଥିତ ଭାଷା ବହୁ ପରିମାଣରେ ପ୍ରଭାବିତ କରିଛି । ଏହା ସହିତ, କେତେକ ଔପନ୍ୟାସିକ ତାଙ୍କ କଥା ଆଖ୍ୟାନ ପ୍ରସଙ୍ଗରେ ଲୋକ କାହାଣୀର କଥାଣିର ପ୍ରୟୋଗ କରିବା ମଧ୍ୟ ଦେଖାଯାଏ । ଉଦାହରଣସ୍ୱରୂପ ଏଠାରେ କେତୋଟି ଉପନ୍ୟାସ ସମ୍ପର୍କରେ ଆଲୋଚନା କରାଯାଇପାରେ  ଯେପରି, କୁଞ୍ଜବିହାରୀ ଦାଶ *କି କଥା କଲିକତା*, ଏବଂ *ଗ୍ରାମାୟଣ* ଉପନ୍ୟାସରେ ବ୍ୟବହୃତ କଥିତ ଭାଷାର ଉଦାହରଣ ଏ ପରିପ୍ରେକ୍ଷୀରେ ଦ୍ରଷ୍ଟବ୍ୟ—

"ବଇଁଶୀଆ ମା କୋଉଦିନ ଏଡେ ଘରଣୀ ହୋଇଗଲା ବା ? ମୋଝୁଣା ଶୁଖିଲା ମଡିଆଟା ହେଲା କଷି ! ତା ବାଦୁଡି ନଖମରା ପିଜୁଳିଟା ତାକୁ ଏଡେ ଦିଶିଲା"(ଗ୍ରାମାୟଣ) । "ଦୁଧୁଡୁ ଦୁଧୁଡୁ ଦୁଧୁଡୁ ଦୁଧୁଡୁ— ଗୁମ୍ । ଧୁଡୁକୁ ବନ୍ଦ ହେବା ସାଙ୍ଗେ ସାଙ୍ଗେ ଗୋଟିଏ କରଣ ସ୍ୱର ବାସି ଆସିଲା, କଣ ? ମେଣ୍ଢାଟା କାହିଁକି ବିକଳ ରଡି ଦଉଚି ? ନକ୍ସେ କିଛି ବିପଦ ଘଟିଛି" (ମଶାଣୀ ତୁଳସୀ) ।

ଏହା ବ୍ୟତୀତ, ତାଙ୍କ ଉପନ୍ୟାସମାନଙ୍କରେ 'ଯାହା ଦେଇନାହିଁ କପାଳେ, ତାହା ଦେବେନାହିଁ ଗୋପାଳେ', 'ଆଲୋ ସଖୀ, ଆପଣା ମହତ ଆପେ ରଖି', 'ଯେତେ ଭାଇ ସେତେ ଘର, ଯେତେ କନିଆ ସେତେ ବର', 'ଯାହାକୁ ଯେ, ବିରିକୁ ଚାଉଳ ଡିକ୍ରେଇ ଦେ', 'କେତେକେତେ ବିପତ୍ତି ନପଡିଲା, କୃଷ୍ଣ ଥିଲାକୁ କିଛି ନଲାଗିଲା', 'ଧାନ ମହରଗକୁ ନମିଳଇ ମୂଲ, ସାହୁ ପଚାରଇ କେତେ କାମ କଲ', ଏବଂ 'ବିଲେଇ ଅଣପୁରୁଷା ଦେଖି, ମୂଷା ମାରୁଛି ଆଖି' ଭଳି ଅନେକ ପ୍ରବାଦ-ପ୍ରବଚନର ସଂଯୋଜନା ମଧ୍ୟ ଦେଖିବାକୁ ମିଳେ । ସେହିପରି, ଔପନ୍ୟାସିକ ବଳରାମ ପଟ୍ଟନାୟକ ତାଙ୍କର *ଅଜ୍ଞାତ ଅଧ୍ୟାୟ* ଉପନ୍ୟାସର ଯଦିଓ ଡାକ୍ତରମାନଙ୍କ ପେଶାଗତ କାହାଣୀକୁ ନେଇ ରଚିତ ତେବେ ଏଥିରେ ବର୍ଣ୍ଣନା ପ୍ରସଙ୍ଗରେ ଗ୍ରାମ୍ୟଜୀବନର ଚିତ୍ର ସର୍ବୋପରି ଦଳେଇଘାଇ ଭାଙ୍ଗିବାର ବର୍ଣ୍ଣନା ପ୍ରସଙ୍ଗରେ ଯେଉଁ କଥିତ ଭାଷା ପ୍ରୟୋଗ କରିଛନ୍ତି ତାହା ଦ୍ରଷ୍ଟବ୍ୟ—

"ମାଇପକୁ ପର ଦୁଆରେ ବନ୍ଧା ଦେଲାବେଳେ ତୁ କଣ ଜାଣି ନଥିଲୁ ଯେ, ଟଙ୍କା ନଶୁଝିଲାଯାଏଁ ସେ ଆଉ ତୋର ନୁହେଁ ? ପଜା ପଜା । ତୋ ମୁହଁ ଚାହିଁବାକୁ ମତେ ଘିନା ଲାଗୁଛି" ।

କଥା ଆଖ୍ୟାନରେ କଥିତ ଭାଷାର ପ୍ରୟୋଗ ପ୍ରସଙ୍ଗରେ ସମକାଳୀନ କେତେକ ତରୁଣ ଔପନ୍ୟାସିକଙ୍କ ଉପନ୍ୟାସରେ ମଧ୍ୟ ଏହି ପ୍ରଭାବକୁ ଲକ୍ଷ୍ୟ କରାଯାଇପାରେ । ଉଦାହରଣସ୍ୱରୂପ, ଅଖିଳ ନାୟକଙ୍କ *ଅବିଜା* ଉପନ୍ୟାସରେ ପଶ୍ଚିମ ଓଡିଶାର ଜନଜୀବନ ଓ ଦଳିତ ଜୀବନଧାରାର ଚିତ, ଏବଂ ବର୍ଣ୍ଣନା ପ୍ରସଙ୍ଗରେ କଥିତ ଭାଷାର ପ୍ରଭାବ ମଧ୍ୟ ଦ୍ରଷ୍ଟବ୍ୟ—

"ଗୋଟେ କାଠଫାଳିଆରେ କବାଟକୁ ଢାଏଢାଏ ବାଡେଇ ଚାଲିଲା ମା, ତୋର ସେଇ ଘୁଅଚଟା ଘଇତାକୁ ଡାକ୍... ମୋର ବାଛୁରୀ ଉପରେ ହାତ ଉଠେଇରୁ ପରା ଲୋ ବାପ୍‌ଚଦୀ... ତୋର ସେଇ ହାତ ଦିଟାକୁ ଯଦି କାନ୍ଧରୁ ଉପାଡି ବୁଲା କୁକୁରକୁ ନଖୁଆଇଚି ମୋ ନାଁରେ କୁକୁର ପୋଷିବୁ..." ।

ସେହିପରି, ବାସୁଦେବ ସୁନାନୀଙ୍କ *ପଡାପୋଡି* ଉପନ୍ୟାସରେ କିପରି କଥିତ ଭାଷାର ବ୍ୟବହାର ହେଇଛି ତାହା ମଧ୍ୟ ଏଠାରେ ଉଲ୍ଲେଖଯୋଗ୍ୟ—

"ତିହାରେ ବିହାରେ ବାବୁ ! ଛୁଆ ପିଲାକେ ଆନ୍‌ବା କଥା । ସବୁ ଲୋକଠାନେ ହେଲେ ଚିହ୍ନା ଜଣା ହେସନ୍ । ସବୁ ବଛର୍ ବାପା ଗାଦି ପୂଜା ହେଉଛେ ? ହେନ୍ତି ବି ଦିନ୍ ରାଏତ୍ ଟ୍ରେନ୍ ଚାଲିଛେ"।

ଅନୁରୂପ ଭାବରେ, ସ୍ୱପ୍ନା ମିଶ୍ର ତାଙ୍କ *ଜାଲ* ଉପନ୍ୟାସରେ ଆଖ୍ୟାନର ଉପସ୍ଥାପନା କରିବାକୁ ଯାଇ ଲୋକ କଥା ଶୈଳୀର ଅବିକଳ ସଂଯୋଜନା ଦେଖାଯାଏ, ଯେପରି—

"ଗୋହୁଁ ଏଡ଼୍‌କି ଲମ୍, ମୁସ୍‌ରି ଏଡ଼୍‌କି ଚକା, ଫୁଲଫୁଟେ ଫୋକା । ସେ ପରା ଗୋଟେ ନଗର । ଫୁଲ ଫୁଟେ ଟଗର । ଶୁଖିଲା କାଠ୍ ଠେ କରେ, ଶୁଇଲା ଲୋକ ହେଁ କରେ, ବାଙ୍କଟି ବାଡି ଶମେ, ସଳଙ୍ଗା ବାଡି ନାଇ ଶମେ । ସେନ୍ତା ପରା ଗୁଟେ ରାଏଜ୍ ଥିଲା । ସେ ରାଏଜ୍‌ନେ ଗୋଟେ ସାନେଟା ଗାଁ । ଗାଁନେ ତେଲି, ମାଲି, କୋଉଁଟ, କୁମ୍ଭାର, ଗଉର, ଡମ, ଲୁହୁରା ମିଶେଇ ସବୁ ଜାତିର ଲୋକ୍ ଥିଲେ" ।

### ୫.୨.୩ ଓଡିଆ କ୍ଷୁଦ୍ରଗଳ୍ପରେ ଲୋକ ଉପାଦାନ

ଓଡିଆ ଉପନ୍ୟାସ ପରି ଓଡିଆ କ୍ଷୁଦ୍ରଗଳ୍ପରେ ମଧ ଲୋକ ଉପାଦାନର ପ୍ରାଚୁର୍ଯ୍ୟ ପରିଲକ୍ଷିତ ହୋଇଥାଏ। ବିଷୟବସ୍ତୁ, ଚରିତ୍ର ଚିତ୍ରଣ, ଆଖ୍ୟାନ ଉପସ୍ଥାପନ, ବର୍ଣ୍ଣନା ଶୈଳୀରେ ମଧ୍ୟ ଲୋକ କଥା, ଗୀତ ତଥା ପ୍ରବାଦ ପ୍ରବଚନର ପ୍ରଭାବ ଦେଖିବାକୁ ମିଳେ । ସେହିପରି, ଅନେକ ଗଳ୍ପରେ ପାରମ୍ପରିକ ଗ୍ରାମ୍ୟ ଜୀବନଧାରା, ପର୍ବପର୍ବାଣି, ସାମାଜିକ ରୀତିନୀତି, ବିଭିନ୍ନ ଅଞ୍ଚଳ ତଥା ଆଦିବାସୀ ଏ ବିଭିନ୍ନ ଲୋକ ଗୋଷ୍ଠୀର ଜୀବନଧାରା, ସେମାନଙ୍କର ନାଚଗୀତ, ଯାନିଯାତ୍ରା, ନୃତ୍ୟ,

ଗୀତ, ତଥା ନାଟକ ଭଳି ମନୋରଞ୍ଜନ, ଖାଦ୍ୟପେୟ, ଏବଂ କଥିତ ଭାଷାର ପ୍ରଭାବ ମଧ୍ୟ ଦେଖାଯାଏ । ଅତଏବ, ଏଠାରେ ଏହି ସବୁଦିଗ ଉପରେ ସଂକ୍ଷେପରେ ଆଲୋଚନା କରିବାକୁ ପ୍ରୟାସ କରାଯାଉଛି ।

ଓଡିଆ କ୍ଷୁଦ୍ର ଗଳ୍ପରେ ଲୋକ ଉପାଦାନର ପ୍ରଭାବ ପ୍ରସଙ୍ଗ ଆଲୋଚନା କଲାବେଳେ 'ଙ୍କୀରମୋହନ ସେନାପତି ସର୍ବାଗ୍ରେ ସ୍ମରଣୀୟ । ଫକୀରମୋହନଙ୍କ ପ୍ରଥମ ଗଳ୍ପ ରେବତୀରେ ହିଁ ଗ୍ରାମ୍ୟ ଜୀବନର ଧାରା ତଥା ଚିନ୍ତା ଓ ଚେତନାର ପ୍ରଭାବ ଦେଖାଯାଇଥାଏ । ତାଙ୍କର 'ରାଣ୍ଡିପୁଅ ଅନନ୍ତା', 'ବଗଲା ବଗୁଲୀ', 'ଅଧର୍ମ ବିତ୍ତ' ଗଳ୍ପର ଶୀର୍ଷକଗୁଡିକ ବିଭିନ୍ନ ଲୋକୋକ୍ତିରୁ ସଂଗୃହୀତ । ସେହିପରି, 'କମଳାପ୍ରସାଦ ଗୋରାପ', 'କାଳିକାପ୍ରସାଦ ଗୋରାପ' ଆଦିରେ ବିଭିନ୍ନ ଜନଶ୍ରୁତି ଏବଂ କିମ୍ବଦନ୍ତୀର ପ୍ରଭାବ ଦେଖିବାକୁ ମିଳେ । ଏହା ବ୍ୟତୀତ, 'ଙ୍କୀରମୋହନଙ୍କ କ୍ଷୁଦ୍ରଗଳ୍ପରେ ବିଭିନ୍ନ ଲୋକୋକ୍ତି, ପ୍ରବାଦ-ପ୍ରବଚନ, ବିଶ୍ୱାସ, ଢଗ-ଢମାଳି ଆଦିର ପ୍ରଚୁର ଦୃଷ୍ଟାନ୍ତ ଦେଖିବାକୁ ମିଳେ ଯେପରି— 'ରେବତୀ' ଗଳ୍ପରେ ଧନ ଦଉଲତ ନାହିଁ ବିଚାର, ଜାତି କଥାଟା ଆଗେ ପଚାର', 'ରାଣ୍ଡିପୁଅ ଅନନ୍ତା' ଗଳ୍ପରେ 'ମଇଁଷି ମଣେ ନୁହା ଚଣାଖିଆ, ଘୁଷୁରି ମଣେ ଧାଈ', 'ଅଧର୍ମ ବିତ୍ତ' ଗଳ୍ପରେ 'ଅଧର୍ମ ବିତ୍ତ ବଢେ ବହୁତ, ଯିବାବେଳେ ଯାଏ ମୂଳ ସହିତ', 'ସଭ୍ୟ ଜମିଦାର' ଗଳ୍ପରେ 'କୁମ୍ଭୀର ଖୋଜେ ଗୋଳିଆ ପାଣି', 'ବିରେଇ ବିଶାଳ' ଗପରେ 'ପାଳେ ତ ବାପର ମା, ନୋହିଲେ ପାଳେ ତ ମା'ର ମା', 'ଚାଲିଲା ଶଗଡରେ ହାତ ଦିଏ', 'ସୁନାବୋହୂ' ଗଳ୍ପରେ 'ଝିଅକୁ ଜୁଆଇଁ ନେଲେ ଗଲା, ଯମ ନେଲେ ମଲା' । ଏହା ବ୍ୟତୀତ, 'ହସି ପଶେ, ଉଇଁ ନ ଦିଶେ, ବାପ ବୋଇଲେ ପୁତା, ନିଶ୍ଚେ ବରଷେ (ରାଣ୍ଡିପୁଅ ଅନନ୍ତା)', 'ଆପେ ଚଷିବୁ ପୂରା ଚାଷ, ଛତା ଜୋତା ଅଧା ଚାଷ, ମୂଳିଆ ଚାଷ 'ସରଫାସ (ବିରେଇ ବିଶାଳ)' ଭଳି ଅନେକ ପ୍ରବାଦ-ପ୍ରବଚନର ବ୍ୟବହାର ମଧ୍ୟ ଆମେ ଦେଖିବାକୁ ପାଇଥାଉ । ସେହିପରି, କେତେକ ଗଳ୍ପର ବର୍ଣ୍ଣନା ପ୍ରସଙ୍ଗରେ ଲୋକ ଗୀତର ପ୍ରଭାବ ମଧ୍ୟ ଦେଖାଯାଏ, ଉଦାହରଣସ୍ୱରୂପ—

"ହାତୀ ଝୁଲୁଥାଏ ଲସରପସର କିଆ କନ୍ଦା ଖାଇବାକୁ
ଅନନ୍ତ ଝୁଲୁଛି ଲସରପସର ମାଆ ଦୁଧ ଖାଇବାକୁ ।
...
ବାପା ତ ଯାଇଛି ମଇଁଷି ଗୋଠକୁ ମାଆ ତ ଦୁହିଁବ ଗାଈ
ରାଜାଙ୍କ ଦୁଆରେ ପାଟହାତୀ ବନ୍ଧା ଅନନ୍ତ ଚଢିବ ଯାଇ" (ରାଣ୍ଡିପୁଅ ଅନନ୍ତା) ।

"ଅଂ, କାଳିନ୍ଦୀ ହ୍ରଦରେ ଥିଲା କାଳୀ
କୃଷ୍ଣ ଗଲେ ପଦ୍ମ ତୋଳି
କାଳୀ ଦେଲା କାମୁଡି
ଶ୍ରୀକୃଷ୍ଣ ଗଲେ ପଡି
ଗରୁଡ ଅଇଲା ଉଡିକରି
ବିଷ ଗଲା ଘା ମୁହଁରେ ହରି
ଆ-ଫୁ-ଆ-ଫୁ-ଆ-ଫୁ" (ଗାରୁଡି ମନ୍ତ୍ର)।

ଫକୀରମୋହନଙ୍କ ବ୍ୟତୀତ ସମକାଳୀନ ଚନ୍ଦ୍ରଶେଖର ନନ୍ଦ, ଦୟାନିଧି ମିଶ୍ର, ଦିବାସିଂହ ପାଣିଗ୍ରାହୀ, ବାଙ୍କନିଧି ପଟ୍ଟନାୟକ, ଏବଂ ଲକ୍ଷ୍ମୀକାନ୍ତ ମହାପାତ୍ର ଆଦିଙ୍କ ଗଳ୍ପଗୁଡିକରେ ମଧ୍ୟ ଲୋକ ଉପାଦାନର ପ୍ରଭାବ ଦେଖିବାକୁ ମିଳିଥାଏ । ଉଦାହରଣସ୍ୱରୂପ, ଚନ୍ଦ୍ରଶେଖର ନନ୍ଦ ବୈଦିକ ଓ ବୌଦ୍ଧଯୁଗୀୟ କଥାବସ୍ତୁ ଓ କିମ୍ବଦନ୍ତୀକୁ ଆଧାରକରି 'ନଚିକେତା', 'ଆହତ ପକ୍ଷୀ', 'ସତ୍ୟକାମ ଜାବାଳ' ଆଦି ଗଳ୍ପ ତଥା ସ୍ଥାନୀୟ କିମ୍ବଦନ୍ତୀକୁ ଆଧାରକରି 'ବିଲ ଲକ୍ଷେଶ୍ୱର', 'ତେନ୍ତୁଳିଆ ପୀର',

ଏବଂ 'ସତୀ ବଟ' ପ୍ରଭୃତି ଗଳ୍ପ ରଚନା କରିଛନ୍ତି । ପରବର୍ତ୍ତୀ ସମୟରେ ରଚିତ ତାଙ୍କର 'ରଜ ପୋଡପିଠା', 'ବାସି ଖିରିପିଠା' ଆଦି ଗଳ୍ପରେ ମଧ୍ୟ ପାରମ୍ପରିକ ଜୀବନଚର୍ଯ୍ୟା, ବିଶ୍ୱାସ, ଲୋକାଚାର ଆଦିର ପରିପ୍ରକାଶ ଦେଖିବାକୁ ମିଳେ । ସେହିପରି, ଦୟାନିଧି ମିଶ୍ର ମଧ୍ୟ ଜନଶ୍ରୁତି ଏବଂ କିମ୍ବଦନ୍ତୀକୁ ଆଧାରକରି ରଚନା କରିଛନ୍ତି 'ଶାନ୍ତି', 'ଅରୁଣା', ଏବଂ 'ରୂପର ମୂଲ୍ୟ' ଆଦି ଗଳ୍ପ । ଅନୁରୂପ ଭାବରେ, 'ପ୍ରଦୀପ ନିର୍ବାଣ' ଗଳ୍ପ ତତ୍କାଳୀନ ଓଡିଶାର ଶେଷରାଜାଙ୍କ କିମ୍ବଦନ୍ତୀକୁ ଆଧାର କରି ରଚିତ । ଏହି ଗଳ୍ପଗୁଡିକରେ ତତ୍କାଳୀନ ସମାଜର ସାଧାରଣ ଜୀବନଧାରା ତଥା ମରହଟ୍ଟା ଆକ୍ରମଣ ଆଦି କାହାଣୀଗୁଡିକ ସଂଯୋଜିତ ହୋଇଥିବା ଦେଖାଯାଏ ।

ଦିବ୍ୟସିଂହ ପାଣିଗ୍ରାହୀଙ୍କ 'ଅମୃତ କଙ୍କଣ', 'ପିତୃ-ଶିରାଧ', 'ସାବିତ୍ରୀ ଉପବାସ', ଏବଂ 'ଗୟା ଶ୍ରାଦ୍ଧ' ଆଦି ଗଳ୍ପରେ ମଧ୍ୟ ପାରମ୍ପରିକ ବିଶ୍ୱାସ, ପ୍ରଥା ପରମ୍ପରା ଆଦିର ଚିତ୍ର ସଂଯୋଜିତ ଗଳ୍ପଗୁଡିକର ନାମକରଣରୁ ହିଁ ଅନୁମେୟ । ଏହା ବ୍ୟତୀତ, ଏହି ଗଳ୍ପଗୁଡିକରେ ବିବାହ ପରମ୍ପରା, ସାନଭାଇ ପ୍ରତି ଭାଇ-ଭାଉଜଙ୍କ ଅତ୍ୟାଚାର, ସାବିତ୍ରୀ ଅମାବାସ୍ୟା ଆଦି ବିଭିନ୍ନ ପାରମ୍ପରିକ ଜୀବନଧାରାର ଚିତ୍ର ମଧ୍ୟ ଦେଖିବାକୁ ମିଳେ । ଅନୁରୂପ ଭାବରେ, ପାଣିଗ୍ରାହୀଙ୍କ **'ଆଦ୍ୟ ପରିଣାମ'**, ଏବଂ **'ହିସାବ ନିକାଶ'** ଗଳ୍ପରେ ସମକାଳୀନ ଜମିଦାରୀ ପ୍ରଥା ସେମାନଙ୍କର ଅତ୍ୟାଚାରର ଚିତ୍ର ସଂଯୋଜିତ । ସେହିପରି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ **'ପ୍ରତିଦାନ'**,ଏବଂ **'ପ୍ରାୟଶ୍ଚିତ୍ତ'** ଗପରେ ସାବତ ମାଆ କଥା, 'ବୁଢା ଶଂଖାରୀ' ଗପରେ ଶଂଖା ତିଆରି ଏବଂ ଗାଁ ଗାଁ ବୁଲି ଶଂଖା ବିକ୍ରୟର ଚିତ୍ର ସଂଯୋଜିତ । ଅନୁରୂପ ଭାବରେ, **'ପ୍ରଜାପତିଙ୍କ ଅଭିଶାପ'**, ଏବଂ **'ପ୍ରଜାପତିଙ୍କ ଉପହାସ'** ଗଳ୍ପଦୁଇଟିରେ ବିବାହ ପରମ୍ପରା ଏବଂ ଜ୍ୟୋତିଷ ଶାସ୍ତ୍ରର ପ୍ରଭାବିତ ତାଙ୍କର 'ଦପ୍‌ପା ଗଣ୍ଡ' ଗପରେ ମଧ୍ୟ ସ୍ଥାନୀୟ କିମ୍ବଦନ୍ତୀର ଚିତ୍ର ଦେଖିବାକୁ ମିଳେ । ଏହି ଧାରାରେ ବାଞ୍ଛାନିଧି ପଟ୍ଟନାୟକଙ୍କ 'ବିଡମ୍ବନା', 'ପ୍ରବଞ୍ଚନା', 'ପୋଷ୍ୟପୁତ୍ର', 'ମୁକ୍ତି', 'ଲଛମନ୍‌ଜୀ', 'ପ୍ରତିଦାନ', ଏବଂ 'ମାଳତୀ' ଆଦି ଗଳ୍ପଗୁଡିକରେ ପ୍ରବାଦ-ପ୍ରବଚନ, ଲୋକ ବାଣୀ, ନୀତିକଥା, ଲୋକ କଥାର ସାବତ ମା' ମୋଟିଫ୍, ସମକାଳୀନ ଲୋକ ବିଶ୍ୱାସ, ଭଣଜା ଉପରେ ମାଇଁର ଅତ୍ୟାଚାର ଆଦି ପାରମ୍ପରିକ ଜୀବନଧାରାର ପ୍ରଭାବ ଦେଖାଯାଏ ।

ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡିଆ କଥା ସାହିତ୍ୟର ଅନ୍ୟତମ ପ୍ରତିଷ୍ଠିତ ସ୍ରଷ୍ଟା ହେଉଛନ୍ତି କାଳିନ୍ଦୀଚରଣ ପାଣିଗ୍ରାହୀ, ଏବଂ ଅନନ୍ତ ପ୍ରସାଦ ପଣ୍ଡା । କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ କ୍ଷୁଦ୍ରଗଳ୍ପଗୁଡିକରେ ସମକାଳୀନ ସାମାଜର ଲୋକ ଚଳଣି, ଲୋକୋକ୍ତି, ବିଶ୍ୱାସ, ପରମ୍ପରା ପର୍ବପର୍ବାଣି ସମ୍ପର୍କରେ ଉଲ୍ଲେଖ ଦେଖିବାକୁ ମିଳେ । ତାଙ୍କର 'ଉପହାର' ଗଳ୍ପରେ କୁମାର ପୂର୍ଣ୍ଣିମା, 'ଧୂଳି ଗପ'ରେ ଅକ୍ଷୟ ତୃତୀୟା, ଧାନବୁଣା ବିଷୟ ଆଦି ଆଖ୍ୟାନ ପ୍ରସଙ୍ଗରେ ସଂଯୋଜିତ । ସେହିପରି, 'ଦ୍ୱିତୀୟା ଚାନ୍ଦ' ଗପରେ ଧାନ ଉଡାକଥା, ଶାଶୁବୋହୂ ଝଗଡା; 'ରୁଦ୍ରାକ୍ଷ' ଗଳ୍ପରେ ଜାତିପ୍ରଥାର ଚିତ୍ର, 'ମାଗୁଣିର ଶଗଡ' ଗପରେ ପାରମ୍ପରିକ ଶଗଡିଆ ଜୀବନର ଚିତ୍ର, ଏବଂ 'ବାଦୀପାଲା' ଗପରେ ବାଦିପାଲା ପରିବେଷଣର ପ୍ରଭାବ ଦେଖାଯାଏ । ଏହା ବ୍ୟତୀତ, ତାଙ୍କ ଗଳ୍ପ ଆଖ୍ୟାନରେ ଅନେକତ୍ର ସମକାଳୀନ ସମାଜର କଥିତ ଭାଷାର ପ୍ରୟୋଗ ମଧ୍ୟ ଏକ ଉଲ୍ଲେଖନୀୟ ଦିଗ— "ଆଲୋ ଆମେ ତ ବାଉରୀ ଘରର ଝୁଅ । କଉଁ ହାଟୁଆ କରଣ ଯେ ଘର କଣରେ ଘଇତା ମୁହଁଚାହିଁ ବଇଥିବା । କୁମ୍ଭାର ଘର ବୋହୂ, ନା ଝାଟିକି ନଗଲେ ମାଟିକି ଯାଉ । ଆମର ତ ପଙ୍କ କାଦୁଅ ତୋଟା ବିଲରେ ପାଞ୍ଚ ପାଇଟି ନକଲେ ପୁଅ ହେଉ, ଘଇତା ହେଉ ବାରଅନା କହିବେ... (ଧୂଳି)" । ଅନୁରୂପ ଭାବରେ, ତାଙ୍କର 'ପଙ୍ଗୁ', 'ନିୟତିର କ୍ରୀଡା', 'ରୁଦ୍ରାକ୍ଷ', 'ଡାଆଣୀ ବୁଢୀ' ଆଦି ଗଳ୍ପଗୁଡିକରେ ମଧ୍ୟ ଲୋକ ଉପାଦାନର ପ୍ରଭାବ ପରିଦୃଷ୍ଟ । ସେହିପରି, ଗାଳ୍ପିକ ଅନନ୍ତ ପ୍ରସାଦ ପଣ୍ଡାଙ୍କ 'ମନର ଭୂତ', 'ଛତ୍ରଖାଇ', 'କଙ୍କାଳର ସ୍ୱପ୍ନ', 'ଦେଶାନ୍ତରୀ', 'କର୍ମର ଫଳ' ଆଦି ଗଳ୍ପରେ ଲୋକ ବିଶ୍ୱାସ, ଐତିହ୍ୟ ଓ ପରମ୍ପରା, ଲୋକ ଚଳଣି ଆଦିର ପ୍ରଭାବ ପରିଲକ୍ଷିତ ହୋଇଥାଏ ।

ସ୍ୱାଧୀନତା ପରବର୍ତ୍ତୀକାଳରେ ଓଡିଆ କ୍ଷୁଦ୍ରଗଳ୍ପକୁ ଅନେକ ସ୍ରଷ୍ଟା ନିଜନିଜର ସୃଷ୍ଟିରେ ସମୃଦ୍ଧ କରିଛନ୍ତି ତଥା କରିଚାଲିଛନ୍ତି ତଥା ଏହି ସମୟର ଗଳ୍ପଗୁଡିକରେ ମଧ୍ୟ ଲୋକ ଉପାଦାନର ବ୍ୟାପକ ପ୍ରଭାବ ଦେଖିବାକୁ ମିଳେ । ଯେପରି, ସଚ୍ଚିଦାନନ୍ଦ ରାଉତରାୟଙ୍କ 'ମଶାଣିର ଫୁଲ' ଓ 'ମାଟିର ତାଜ' ଗଳ୍ପ ସଂକଳନରେ ସଂକଳିତ ଗଳ୍ପଗୁଡିକରେ ଲୋକ

ଉପାଦାନର ବହୁଳ ପ୍ରୟୋଗ ପରିଦୃଷ୍ଟ। ପଲ୍ଲୀବାସୀଙ୍କ ବିଶ୍ୱାସ, ଚଳଣି, ସାମାଜିକ କ୍ରିୟାକର୍ମ, ଲୋକୋକ୍ତି ଆଦି ଏହି ଗଳ୍ପଗୁଡିକର ସାର୍ବଜନୀନ ଆବେଦନ। ସେହିପରି, ମୃତ୍ୟୁପରେ ଶବଦାହ, ମଡାଚଣ୍ଡିଆ ବେଶ, ଜ୍ୟୋତିଷଶାସ୍ତ୍ର ଉପରେ ବିଶ୍ୱାସ, ପୂର୍ବଜନ୍ମ ଓ ପରଜନ୍ମ ଉପରେ ଆସ୍ଥା, ଜାତିପ୍ରଥା, ପୌରୋହିତ୍ୟ ପ୍ରଥା, ବିବାହ ପ୍ରଥା, ଓଷାବ୍ରତ ଆଦିର ଚିତ୍ର 'ମଶାଣିର ଫୁଲ', 'ଅନ୍ଧାରୁଆ', 'ପଣ୍ଡିତଙ୍କ ମୃତ୍ୟୁ', 'ହାତ', ଓ 'ମଲାକଇଁ' ଆଦି ଗଳ୍ପଗୁଡିକରେ ଦେଖିବାକୁ ମିଳେ।

ନିତ୍ୟାନନ୍ଦ ମହାପାତ୍ର ସ୍ୱାଧୀନତା ପରବର୍ତ୍ତୀ ସମୟର ଜଣେ ଉଲ୍ଲେଖଯୋଗ୍ୟ କଥାକାର। ତାଙ୍କ କ୍ଷୁଦ୍ର ଗଳ୍ପଗୁଡିକରେ ଲୋକ ବିଶ୍ୱାସ, ଲୋକାଚାର, ପର୍ବପର୍ବାଣି, ସାମାଜିକ କ୍ରିୟା-କର୍ମ ଓ ଲୋକୋକ୍ତିର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳେ। 'ଖୁଡୀ' ଗଳ୍ପରେ ସାବତମା'ର ଭୂମିକା, 'ରୁକ' ଗଳ୍ପରେ ନାରୀପ୍ରତି ଯୁଗଯୁଗର ଧାରଣା, ବିଧବାନାରୀର ଯନ୍ତ୍ରଣା, 'ଗରିବର ଦେବତା' ଗଳ୍ପରେ ପଲ୍ଲୀର ପର୍ବପର୍ବାଣୀ ଓ ଲୋକ ବିଶ୍ୱାସ ଆଦି ମୁଖ୍ୟ ଭୂମିକା ଗ୍ରହଣ କରିଛି, ଉଦାହରଣସ୍ୱରୂପ— "ଗାଁ ଅଘିରୁ ଦରପୋଡା ବାଇଗଣ ଖାଇଲେ ବରଷକ ଯାଏ କାଛୁକୁଣ୍ଡିଆ ହୁଏନାହିଁ।... ଅଘି ଲାଗିଲା, ଘଣ୍ଟାଘଡି, ଖୋଳ କରତାଳ, ଶଂଖ ହୁଳହୁଳିରେ ଗାଁ ଫାଟି ପଡିଲା" (ଗରିବର ଦେବତା)। ସେହିପରି, ତାଙ୍କ *ଧନାଗାର କନାଗାର* ସଂକଳନରେ ସ୍ଥାନିତ **'ଅନ୍ଧର ଅହମିକା'** ଗପରେ କଥିତ ଭାଷାର ପ୍ରୟୋଗ କିପରି ଏଠାରେ ଦ୍ରଷ୍ଟବ୍ୟ— "ସଉରି ପାଇକରା ସେମିତି ଖୁଣ୍ଟଟା ପରି ବସିଛି। ହୁଙ୍କୁ ନାହିଁ କି ଚଙ୍କୁନାହିଁ। ଗଲା ଦୁଇ ତିନିଦିନ ହବ ଅନବରତ ଝଡି ବରଷା ଗାଜି ଦେଇ ଯାଉଚି। ଭୋଦୁଅ ମାସ ଶେଷ ମୁଣ୍ଡରେ ଧାରାଶ୍ରାବଣ ଅଜାଡି ହେଇପଡିଲା। କି ଅକାଳ କଥା। ଦାଣ୍ଡରେ ସୁଅ ଚାଲିଛି"।

ଓଡିଆ ସାହିତ୍ୟର ଅନନ୍ୟ ଉପନ୍ୟାସକାର ଗୋପୀନାଥ ମହାନ୍ତି ସ'ଳ କଥାକାର ମଧ୍ୟ। ଉପନ୍ୟାସ ପରି ତାଙ୍କ କ୍ଷୁଦ୍ରଗଳ୍ପରେ ମଧ୍ୟ ଅନେକ ଲୋକ ଉପାଦାନର ଦୃଷ୍ଟାନ୍ତ ବିଭିନ୍ନ କାହାଣୀର ଆଖ୍ୟାନ ପ୍ରସଙ୍ଗରେ ଦେଖିବାକୁ ମିଳେ, ଯେପରି— **'ଶିକାର'** ଗପରେ ଚାଷବାସ, ବଳଦ ବିହନ, ସୁଆଁ ମାଣ୍ଡିଆ, ମହୁଲ ବଣ, ଶାଳ ବଣ ଆଦିର ଚିତ୍ର; **'କାଗଜ ଡଙ୍ଗା'** ଗପରେ ଇଟା ଗଢିବା, ଗାଈ ଚରେଇବା, ବନ୍ଧଘାଇ, ଶୁଖୁଆ ପୋଡି ପଖାଳ ଖାଇବା ପ୍ରଭୃତି ପାରମ୍ପରିକ ଜୀବନଧାରାର ଚିତ୍ର ଦେଖିବାକୁ ମିଳେ। ସେହିପରି, **'ଭାନୁମତୀ'** ଗପରେ ଶବଯାତ୍ରା, କାନ୍ଦଣା, ଜମିଦାରୀ ଚିତ୍ର, ଗଞ୍ଜେଇ ମଞ୍ଜି ଖାଇବାକୁ ଦେଲେ ଦୁହାଁଳ ଗାଈର ଦୁଧ ପରିମାଣ ଦୋହରା ବଢିଯିବା ଭଳି ପାରମ୍ପରିକ ବିଶ୍ୱାସର ଚିତ୍ର ସଂଯୋଜିତ। ଏପରିକି ବାଣପୁରିଆ ଭାଇ, ଖଳିଆ ନଈ, ସୋଲେରି ଶିଖ, ମରୟର ବାଙ୍କ, ଯକ୍ଷର ହୁସିଆର ଭଳି ପାରମ୍ପରିକ ବାଚିକ ପରିପ୍ରକାଶର ସଂଯୋଜନା ମଧ୍ୟ **'ପିଛା ପରୀକ୍ଷା'** ଗପରେ ଦେଖାଯାଏ। ଔପନ୍ୟାସ ଭଳି ଗୋପୀନାଥ ଗଳ୍ପଗୁଡିକରେ ମଧ୍ୟ ସେ ସମକାଳୀନ ସମାଜର କଥିତ ଭାଷାର ପ୍ରୟୋଗକୁ ବିଶେଷ ଗୁରୁତ୍ୱ ପ୍ରଦାନ କରନ୍ତି। ଉଦାହରଣସ୍ୱରୂପ— "...ପୂଜା ଚାଲିଥାଏ। ଭୂଇଁରେ ପଡିଥାଏ ବଳୀ ପଡିଥିବା କୁକୁଡାର ରକ୍ତ, ଅରୁଆ ଚାଉଳ, ମୁରୁଜ, ଝୁଣାଧୂଆଁ ଉଠୁଥାଏ। କାଳିସୀବୁଢୀ ମନ୍ତ୍ର ପଢିପଢି ପାଣିହାଣ୍ଡିରେ ଗୋଟିକ ପରେ ଗୋଟିଏ ଚାଉଳ ପକଉଥାଏ। ଯେଉଁ ନାଁ କହୁକହୁ ଚାଉଳଟା ସିଧା ଠିଆ ହୁଏ ବୋଲି ଆଖିକି ଦେଖାଯାଏ, ସେଇ ନାଁ ରହେ" (ଟଡପା)।

ଆଧୁନିକ ଓଡିଆ କ୍ଷୁଦ୍ରଗଳ୍ପରେ ରାଜକିଶୋର ରାୟଙ୍କ ଭୂମିକା ଉଲ୍ଲେଖନୀୟ। ରାୟଙ୍କ ଅନେକ ଗଳ୍ପରେ ମାନବେତର ପ୍ରାଣୀ ଓ ଲୋକ ବିଶ୍ୱାସର ପ୍ରଭାବ ମଧ୍ୟ ପରିଦୃଷ୍ଟ। ରାୟଙ୍କ 'ଉରୁଭଙ୍ଗ' ଗଳ୍ପରେ ମାଣ୍ଡିଆ ଜାଉ, ପଖାଳ, କେରାଣ୍ଡି ମାଛ, ହରେକ ରକମର ଶାଗ, 'ଶେଷ ହୋଇ ବି ଅଶେଷ' ଗଳ୍ପରେ କୀର୍ତ୍ତନ ମଣ୍ଡଳୀ, ଅଷ୍ଟପ୍ରହାରୀ ଯଜ୍ଞ, 'ବସ ଓ ବନାନୀ' ଗପରେ ପୁଆଣି ହେବା କଥା, ହାତଖଡୁ, ଲବଙ୍ଗଫୁଲ ଭଳି ପାରମ୍ପରିକ ଅଳଙ୍କାର କଥା ବର୍ଣ୍ଣନା ପ୍ରସଙ୍ଗରେ ସଂଯୋଜିତ। ସେହିପରି କଥିତ ଭାଷାର ପ୍ରୟୋଗ ଦ୍ରଷ୍ଟବ୍ୟ— "ହରେକୃଷ୍ଣ ହରେରାମ, ନିତାଇ ଗଉର ରାଧେଶ୍ୟାମ— ଏଇ ପଞ୍ଚମଣ୍ଡଳୀର କୀର୍ତ୍ତନିଆ ଭାଇଙ୍କ ଝାଞ୍ଜ ମୃଦଙ୍ଗ ସାଥୀରେ କୋକେଇଟାକୁ ବହିନେଇ ଚିତାରେ ଶୁଆଇ ଦେବ। ପୋଷେ ଚନ୍ଦନ କାଠ ଗୁଣ୍ଡି ...ସେତିକିରେ ଆତ୍ମା ଆନନ୍ଦ ପାଇବ—

(ବୋଲ) ହରେକୃଷ୍ଣ ହରେରାମ,

ନିତାଇ ଗଉର ରାଧେଶ୍ୟାମ ।

(ଭଜ) ହରେକୃଷ୍ଣ ହରେରାମ,

ନିତାଇ ଗଉର ରାଧେଶ୍ୟାମ" (ଶେଷ ହୋଇ ବି ଅଶେଷ) ।

ଓଡିଆ କ୍ଷୁଦ୍ରଗଳ୍ପ କ୍ଷେତ୍ରରେ ସୁରେନ୍ଦ୍ର ମହାନ୍ତି ବେଶ୍ ପ୍ରତିଷ୍ଠିତ ପ୍ରତିଭା । ମାନବ ଜୀବନର ବିଭିନ୍ନ ସମସ୍ୟାକୁ ନେଇ ତାଙ୍କର ଗଳ୍ପଗୁଡିକ ରଚିତ ହୋଇଥିଲେହେଁ, ପଲ୍ଲୀର ବିଶ୍ୱାସବୋଧ, ସାମାଜିକ ଜୀବନ, ଇତିହାସ ଓ କିମ୍ବଦନ୍ତୀର ନୂତନ ମୂଲ୍ୟାୟନ, କେତେକ କ୍ଷେତ୍ରରେ ଲୋକାଚାର ଏଥିରେ ପ୍ରକାଶ ଲାଭ କରିଛି । ବୌଦ୍ଧଯୁଗୀୟ ଆଖ୍ୟାନ ଓ କିମ୍ବଦନ୍ତୀକୁ ସେ ଆଧାରକରି ତାହାର ନୂତନ ଆଖ୍ୟାନମାନ ନିର୍ମାଣ କରିଛନ୍ତି । ତାଙ୍କର 'ଶ୍ରୀକୃଷ୍ଣଙ୍କ ଶେଷହସ', 'ପିତା ଓ ପୁତ୍ର', 'କେଶରୀ ସନ୍ଧ୍ୟା', 'ସନ୍ଧି ଓ ସର୍ତ୍ତ', 'କାବେରୀରୁ ଗଙ୍ଗା', 'ଶେଷ-ଆରମ୍ଭ', 'ସାରୀପୁତ୍ତ', 'ମଧୁମତ୍ତାର ରାତ୍ରି', 'ଅମ୍ବାପଲ୍ଲୀ', ଏବଂ 'ମହାନିର୍ବାଣ' ଆଦି ଗଳ୍ପରେ ପୁରାଣ, ଇତିହାସ, କିମ୍ବଦନ୍ତୀର ଅପୂର୍ବ ସମନ୍ୱୟ ସାଧିତ ହୋଇଛି । ତାଙ୍କର 'ସାତ ଭଉଣୀ', 'ବାସିମଡା', 'ଇଜ୍‌ମାଲୀ', 'ମରୁଡି', 'ଘଇତାମାରି ପାଟ', 'ଖାଦାନୀ' ଆଦି ଗଳ୍ପରେ ପଲ୍ଲୀ ଜୀବନର ଚିତ୍ର ସହିତ, ପାରମ୍ପରିକ ବିଶ୍ୱାସ, ପ୍ରଥା-ପରମ୍ପରା ଓ ବିଭିନ୍ନ ଲୋକାଚାର ପ୍ରକାଶିତ । ତାଙ୍କ 'ବରଜୁଷେଣ୍ଢ ଘାଇ' ଗଳ୍ପରେ "କଳିକାଳ ଶେଷ ହେଉଛି ଛତିଆ ବଟରୁ ବାରହାତ ଖଣ୍ଡା ବାହାରିବ / କଟକ କଟିରେ ଲାଙ୍ଗୁଳି ଧରା ହୋଇବେ ପୁଣ / କାଳିଆ ବୋଦାରେ ସହସ୍ର ଦୁଷ୍ଟ ହେବେ ନିଧନ" ଭଳି ପାରମ୍ପରିକ ପ୍ରବଚନ ଶୈଳୀରେ କଥା ବାଚନା ମଧ୍ୟ ଦେଖାଯାଏ । ସେହିପରି, ତାଙ୍କର 'ସଭ୍ୟତାର ଗ୍ରାସ' ଗପରେ କନ୍ଧ ଆଦିବାସୀଙ୍କ ପାରମ୍ପରିକ ବସତି, ଘରକରଣା, କାନ୍ଥରେ ଗେରୁମାଟି ଲିପିବାର ଚିତ୍ର ସଂଯୋଜିତ ।

ଓଡିଆ ଗଳ୍ପ ସାହିତ୍ୟର ଅନ୍ୟତମ ଅପ୍ରତିଦ୍ୱନ୍ଦୀ ସ୍ରଷ୍ଟା ମନୋଜ ଦାସଙ୍କ କ୍ଷୁଦ୍ରଗଳ୍ପରେ ଲୋକ ଉପାଦାନର ପ୍ରାଚୁର୍ଯ୍ୟ ବେଶ୍ ଇଙ୍ଗିତଧର୍ମୀ । ଲୋକ ସାହିତ୍ୟର ରୂପକ ଗଳ୍ପ ଅନୁସରଣରେ ସେ ବହୁ ଗଳ୍ପ ରଚନା କରିଛନ୍ତି, ସେହିପରି, ଅନେକ ମାନବେତର ଚରିତ୍ର ତାଙ୍କ ସୃଷ୍ଟିରେ ମୁଖ୍ୟସ୍ଥାନ ଗ୍ରହଣ କରିଛନ୍ତି । କେତେକ ମାନବେତର ଚରିତ୍ରକୁ ସେ ଚିତ୍ରକଳ୍ପ ଭାବରେ ମଧ୍ୟ ଗ୍ରହଣ କରିଛନ୍ତି । ଏମାନଙ୍କ ମଧରେ ଅଛନ୍ତି ମାଙ୍କଡ, ସାପ, ବାଘ, ପେଚା, ବାଛୁରୀ, କୁକୁର, ହେଟା, ତିମି, ବେଙ୍ଗ, ବାଦୁଡି, ଛେଳି, ବିଲେଇ, ମାଛ, ଏବଂ ଅସରପା ଆଦି ପଶୁପକ୍ଷୀ । ଲୋକ କାହାଣୀର ଅଲୌକିକତା ପାଇଁ ଯେପରି ଭୂତପ୍ରେତ, ଡାହାଣୀ, ଦାନବମାନଙ୍କୁ ଗ୍ରହଣ କରାଯାଇଥାଏ, ମନୋଜ ଦାସ ମଧ ଏହି ଚରିତ୍ରଗୁଡିକୁ ପ୍ରତୀକାତ୍ମକ ପ୍ରୟୋଗକରି ଗଳ୍ପ ଆଖ୍ୟାନର ନିଜସ୍ୱ ଶୈଳୀ ନିର୍ମାଣ କରିବାକୁ ପ୍ରୟାସ କରିଛନ୍ତି । ଲୋକ ଉପାଦାନକୁ ଭିତ୍ତିକରି ସମାଜ ଓ ବ୍ୟକ୍ତିଜୀବନର ଏକ ବିଶିଷ୍ଟ ଦିଗକୁ ଆଲୋକିତ କରିବା ତାଙ୍କ ଗଳ୍ପର ପ୍ରମୁଖ ଆୟାମ ଯେପରି, 'ଚୁପ୍ ସଇତାନ' ଗଳ୍ପରେ ଗାଇପହ୍ନାରେ କ୍ଷୀର ନହେବା, ଇଟାଭାଟି ନଜଳିବା, କାହାର ଦେହ ସୁସ୍ଥ ନହେବା ଇତ୍ୟାଦି ପାରମ୍ପରିକ ବିଶ୍ୱାସ, 'ବୃକ୍ଷ' ଗଳ୍ପରେ ପଲ୍ଲୀର ଐତିହ୍ୟ ଓ ବିଶ୍ୱାସବୋଧ, 'ଭୂତୁଣୀ : ଏକ ବିଦାୟ'ରେ ଭୂତପ୍ରେତ ସମ୍ପର୍କିତ ବିଶ୍ୱାସ, 'କିମ୍ପିରିଣୀ' ଗଳ୍ପରେ କିଶୋରୀ ଅବସ୍ଥାରେ ହଜିଯାଇଥିବା ବୃଦ୍ଧାର ଗ୍ରାମ୍ୟ କଳ୍ପନାରେ କିମ୍ପିରିଣୀରେ ରୂପାନ୍ତରିତ ହେବା ଭଳି ଲୋକ କଥାର କଳ୍ପନା ଶୈଳୀ ଦେଖିବାକୁ । ସେହିପରି, 'ହତ୍ୟାକାରୀ', ଓ 'ଡାଆଣୀ ଆଲୁଅ' ଗଳ୍ପରେ ଗ୍ରାମ୍ୟ ଜୀବନର ସରଳତା ତଥା ବିଶ୍ୱାସର ଚିତ୍ର ସ୍ଥାନିତ । 'ଲୁଲୁର୍ଭା ପର୍ବତରେ ଏକ ଦ୍ୱିପହର', ଏବଂ 'କିମ୍ବଦନ୍ତୀର ଉପସଂହାର' ଗଳ୍ପରେ ଯଥାକ୍ରମେ ଚୋରଟିର ଅଙ୍ଗୁଳି ସ୍ପର୍ଶରେ ପର୍ବତଟି ଉପରକୁ ଉଠିଯିବା ଓ ସନ୍ନ୍ୟାସୀଙ୍କ ତପ ଶକ୍ତିରେ ପର୍ବତ ଆକାରର ତରଭୁଜ ଫଳର ଅଲୌକିକତା ପଛରେ ଲୋକ କାହାଣୀର କଳ୍ପନାବିଳାସ ପରିଦୃଷ୍ଟ । ସେହିପରି, 'ଆବୁପୁରୁଷ' ଗଳ୍ପରେ ଗୁରୁଙ୍କ କୃପାରେ ଆବୁଟି କ୍ଷଣଶୀଳ ହେବା ମଧ୍ୟ ଏକ ଅନୁରୂପ ଉପାଦାନର । ତାଙ୍କର *ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ* ଗଳ୍ପ ସଂକଳନରେ ସ୍ଥାନିତ ଗଳ୍ପଗୁଡିକ ବହୁପରିମାଣରେ ପରୀ କାହାଣୀ ଶୈଳୀଦ୍ୱାରା ପ୍ରଭାବିତ । 'ରାଜକନ୍ୟା' କାହାଣୀରେ ସେ ରାଜକନ୍ୟା ସଂପର୍କରେ ଯେଉଁ ରୋମାଞ୍ଚକର ବିସ୍ମୟୋଦ୍ଦୀପକ ବର୍ଣ୍ଣନା ଦେଖିବାକୁ ମିଳେ ତାହା ମଧ୍ୟ ଲୋକ କଥାର ଅନୁରୂପ ଆଖ୍ୟାନ । 'ବ୍ୟାଘ୍ରାରୋହଣ'

ଗଳ୍ପଟି ଲୋକ କାହାଣୀର ରାଜା, ମନ୍ତ୍ରୀ, ସେନାପତି କଥାଟିକୁ ସ୍ମରଣକୁ ଆଣିଥାଏ। 'କନ୍ୟାୟନ' ଗଳ୍ପରେ ରାଜା, ରାଜକୁମାର କାଠୁରିଆ କନ୍ୟା ତଥା ରାଜପରିବାରର ଚରିତ୍ର ଅନୁରୂପ। 'ବ୍ୟାଘ୍ର ଓ କଙ୍କଣ ଲୋଭୀ ପଥଚାରୀ', ଏବଂ 'ବାକ୍‌ପଟୁ ହଂସ' ଗଳ୍ପରେ ମଧ୍ୟ ଲୋକ କାହାଣୀର ସଂରଚନା ଦେଖିବାକୁ ମିଳେ । 'ସାତଜଣ ପ୍ରବୀଣଙ୍କ ସଂପର୍କୀୟ' ତିନୋଟି ଗଳ୍ପରେ ସନ୍ୟାସୀଙ୍କ ଅଲୌକିକତା ଓ ମନ୍ତ୍ରତନ୍ତ୍ରର ବର୍ଣ୍ଣନାରେ ଲୋକ କଥାର ଉପାଦାନର ପ୍ରଭାବ ଅନସ୍ୱୀକାର୍ଯ୍ୟ । ଏତଦ୍‌ବ୍ୟତୀତ, ତାଙ୍କ ଗଳ୍ପ ସଂକଳନଗୁଡିକର ନାମକରଣରେ ମଧ୍ୟ ଲୋକ କାହାଣୀ ପ୍ରଭାବ ଦେଖିବାକୁ ମିଳିଥାଏ ଯେପରି— *ବିଷକନ୍ୟାର କାହାଣୀ*, *କନକ ଉପତ୍ୟକାର କାହାଣୀ*, *ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ*, ଏବଂ *ଆବୁପୁରୁଷ ଓ ଅନ୍ୟାନ୍ୟ କାହାଣୀ* ଇତ୍ୟାଦି।

ଗୋପୀନଥା ମହାନ୍ତି, ସୁରେନ୍ଦ୍ର ମହାନ୍ତି, ମନୋଜ ଦାସଙ୍କ ଗଳ୍ପ ବ୍ୟତୀତ ପ୍ରତିଭା ରାୟ, ହୃଷିକେଶ ପଣ୍ଡା, ମହାପାତ୍ର ନୀଳମଣି ସାହୁ, ଶାନ୍ତନୁ କୁମାର ଆଚାର୍ଯ୍ୟ, ଚନ୍ଦ୍ରଶେଖର ରଥ, ବାମା ଚରଣ ମିତ୍ର, ଏବଂ ବୀଣାପାଣି ମହାନ୍ତିଙ୍କ ଓଡିଆ ସାହିତ୍ୟର ପ୍ରତିଷ୍ଠିତ କଥାକାରମାନଙ୍କ ଗଳ୍ପରେ ମଧ୍ୟ ଲୋକ ଉପଦାନର ପ୍ରଭାବ ଦେଖିବାକୁ ମିଳେ । ଉଦାହରଣସ୍ୱରୂପ, ପ୍ରତିଭା ରାୟଙ୍କ *ହରିତ ପତ୍ର* ସଂକଳନରେ ସ୍ଥାନିତ **'ରିଷ୍ଟ'** ଗଳ୍ପରେ ଯୋଗୀବାବା କଥାର ବର୍ଣ୍ଣନା, କେନ୍ଦେରା ବଜାଇ ଗୋବିନ୍ଦଚନ୍ଦ୍ର ଗୀତ ଗାନକରିବାର ଚିତ୍ର ଦେଖିବାକୁ ମିଳେ । ସେହିପରି, **'ମାଉସ'** ଗପରେ ବଣ୍ଡା ଆଦିବାସୀଙ୍କ ଜୀବନଧାରା ସେମାନଙ୍କର ପାରମ୍ପରିକ ଅଳଂକାର ଆଦିର ଚିତ୍ର ଦେଖିବାକୁ ମିଳେ— **"...**ଫୁଙ୍ଗୁଳା ବୁକୁରେ ନାଲିନେଳି, ହଳଦିଆ, ଶାଗୁଆ, ବାଇଗଣି କେତେ ରଙ୍ଗର ପରସ୍ତ ପରସ୍ତ ପଚାଶ ସରିକି ଖଣ୍ଡେ ସରୁମାଳି ସାନରୁ ବଡ ହୋଇ ଲମ୍ବିଥାଏ ଉଦର ଡେଇଁ କଟି ତଳ ପର୍ଯ୍ୟନ୍ତ— **...** ଅଣ୍ଟାରେ ପେଟ ତଳକୁ ସରିଏ ରସର ଚେନ୍ ବାନ୍ଧିଥାନ୍ତି । ଚେନ୍ ଦେହରେ ସିଧା କରି ସାମ୍ନାପଟୁ ଖୋସିଥାନ୍ତି ଫୁଟେ ଓସାରର ଅଣ୍ଟାକୁ ପାଇଲା ଭଳି କେରଙ୍ଗ ସୂତା ହାତ ତିଆରି ରିଂଗା ଖଣ୍ଡେ" (ମାଉସ) । ଏହା ବ୍ୟତୀତ, ତାଙ୍କର *ଭଗବାଁନ ଦେଶ* ଗଳ୍ପ ସଂକଳନରେ ସ୍ଥାନିତ ସମସ୍ତ ଗଳ୍ପରେ ବଣ୍ଡା ଆଦିବାସୀ ଜୀବନଧାର, ସେମାନଙ୍କର ପାରମ୍ପରିକ ପର୍ବପର୍ବାଣିର ଚିତ୍ର ସହିତ କଥିତ ଭାଷାର ପ୍ରୟୋଗ ଦେଖିବାକୁ ମିଳେ—

"କାସାବେ ?" ନିଦ ମଳମଳ ଗୁଳଂବାବୁ ପଚାରିଲା ବିରକ୍ତିଆ ସ୍ୱରରେ ।

"ନିଙ୍ଗ୍ ରେମୋ ଡୁଗ୍ ଡିନ୍" ।

"ଲୋଡରେ ଥିଲୁ କିରେ" ?

"ଓଇ ସାର୍"!

"କି ମିରିସିରିବାଙ୍ଗ୍" ?

**...**

"ଆଣ୍ଡ୍ରୀ, ଆଣ୍ଡ୍ରୀ ଗୁଳଂ ଆନିଂ-ଆନିଂ କଲ୍ ରୁଙ୍ଗଂତା । ସୋମା ବିକଳରେ କହିଲା" (ଯଙ୍ଗ) ।

ହୃଷିକେଶ ପଣ୍ଡାଙ୍କ ଅନେକ ଗଳ୍ପରେ ଲୋକ ଉପାଦାନର ପ୍ରୟୋଗ ଦେଖାଯାଏ । ତାଙ୍କର 'ସାବିତ୍ରୀ ଓ ତରଣୀସେନ ଦାସ' ଗପରେ ଭୂତପ୍ରେତ କଥା ତଥା ଗୁଣିକରିବା ଭଳି ପାରମ୍ପରିକ ବିଶ୍ୱାସର ଚିତ୍ର ଦେଖାଯାଏ । ସେହିପରି, ତାଙ୍କର 'ସାଧବପୁଅ' ଗପରେ ସାଧବମାନଙ୍କ ବାଣିଜ୍ୟ ପରମ୍ପରାର ଚିତ୍ର ସଂଯୋଜିତ ହୋଇଛି । ଅନୁରୂପ ଭାବରେ, 'ସାହବ ଦେବତା', 'ଛଞ୍ଚାଣ', 'ସୁଖିବାସୀ', ଏବଂ 'ଆଉଦିନେ' ଆଦି ଗପରେ ଆଦିବାସୀ ଜୀବନଧାରା ଏବଂ ଗ୍ରାମ୍ୟ ଜନଜୀବନ ପ୍ରଭାବ ଦେଖିବାକୁ ମିଳେ ଉଦାହରଣସ୍ୱରୂପ— "ଯେତେ ପ୍ରକାରର ଯନ୍ତ୍ରମନ୍ତ୍ର କଲେବି କୋଉ ଦେବତା କୋପରୁ ଏ ରୋଗ ଘୋଟିଚି, ଜମାରୁ ଜଣାଗଲା ନାହିଁ । ବିଶ୍ରାମରେ ଥାଇ ଦାସୀମାନେ କେତେ କେତେ ଠାକୁର ଠାକୁରାଣୀଙ୍କୁ ଡକେଇଲେ, ଡକେଇ ହଇରାଣ ହଲାପଟା କଲେ ହେଲେ କେହି, ପିମ୍ପୁଡି ଦେବତା, ବାଘ ଦେବତା, ବାୟା ଦେବତା କି ହନୁମାନ ଦେବତା, ଗୁଡି ଦେବତା କି ଲାଉତୁମ୍ବା ଦେବତା, ସୂର୍ଯ୍ୟ ଦେବତା କି ଟାଙ୍ଗରା ଦେବତା ଏଥିରେ ନାହାନ୍ତି**...**" (ସାହବ ଦେବତା) ।

ମହାପାତ୍ର ନୀଳମଣି ସାହୁଙ୍କ 'ରାନୁଅପାଠାରୁ ପୁଷି ପର୍ଯ୍ୟନ୍ତ' ଗପରେ ତାନପୁରା କେନ୍ଦେରା ବାଦନ କଥା, 'ଆଦ୍ୟବସନ୍ତର କାହାଣୀ'ରେ ଆଦିବାସୀ ସମ୍ପ୍ରଦାୟର ନାଚଗୀତ ହାଣ୍ଡିଆ ପ୍ରଭୃତି ପରମ୍ପରାର ଚିତ୍ର ଦେଖିବାକୁ ମିଳେ । ସେହିପରି, ଲୋକ କଥା ଶୈଳୀରେ ବିଭିନ୍ନ ପଶୁପକ୍ଷୀଙ୍କୁ ନେଇ ରଚନା କରିଛନ୍ତି 'ବନଗହନର କାକଳି', ଏହି ଗପରେ ଲୋକ କଥା ଶୈଳୀର ଆଖ୍ୟାନ ଦ୍ରଷ୍ଟବ୍ୟ—

"ହଳଦି ବସନ୍ତ କହିଲା- କୁଳୁରୁ କୁଳୁ, କୁଳୁରୁ କୁଳୁ
କଜଳପାତି କହିଲା- ଚିଆଙ୍ଗ ଚାଙ୍ଗ, ଚିଆଙ୍ଗ ଚାଙ୍ଗ
ଗଙ୍ଗେଇ କହିଲା- ଚିରିଂ ଚିରିଂ, ଚିରିଂ ଚିରିଂ" ।

ଅନୁରୂପ ଭାବରେ, ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ **'ସର୍ପଯାନ'** ଗଳ୍ପରେ ଭୁତ ଲାଗିବା ତଥା ସାଧୁ ମହନ୍ତଙ୍କ କଥା, **'ଆମ ମାଉସୀ'** ଗପରେ ଗାଈ ଦୁହାଁର ଚିତ୍ର, **'ଚାଲ ସେଇଠିକି ଯୋଉଠି ଭଗବାନ ଅଛନ୍ତି'** ଗପରେ ରାମଲୀଳା ଯାତ୍ରା କଥା ତଥା ତାଳବଣ, କିଆବଣର ଚିତ୍ର ଦେଖିବାକୁ ମିଳେ । ସେହିପରି, ଗଳ୍ପ କଥନରେ କଥିତ ଭାଷାର ପ୍ରଭାବ ମଧ୍ୟ ଉଲ୍ଲେଖନୀୟ— "ତୁମ କୁଳ ବୁଡିଯାଉ... ଗଧିଆ ବଅଁଶ... ଯୋଗିନୀଖିଆ ଧରମଛଡା ଗଧିଆ ବଅଁଶ... ତୁମ କୁଳ ବୁଡିଯାଉ..." (ଅଦିନ ବଉଳ) ।

ଓଡିଆ କ୍ଷୁଦ୍ରଗଳ୍ପରେ ନିଜସ୍ୱ ଶୈଳୀ ପାଇଁ ଚନ୍ଦ୍ରଶେଖର ରଥଙ୍କ ସ୍ୱତନ୍ତ୍ର ପରିଚିତି ଅଛି । ଚନ୍ଦ୍ରଶେଖରଙ୍କ ଗଳ୍ପଗୁଡିକରେ ମଧ୍ୟ ଗ୍ରାମ୍ୟ ଜୀବନର ଚିତ୍ର ସହିତ ପାରମ୍ପରିକ ଜୀବନଧାରାର ପ୍ରଭାବ ଦେଖିବାକୁ ମିଳେ । ରଥଙ୍କ **'ଶୁଭଶଙ୍ଖ'** ଗଳ୍ପ ଦକ୍ଷିଣାବର୍ତ୍ତ ଶଙ୍ଖକୁ ନେଇ ସୌଭାଗ୍ୟପ୍ରାପ୍ତି ଭଳି ବିଶ୍ୱାସକୁ ଆଧାରକରି ରଚିତ । ସେହିପରି, 'ହୋରି' ଗପରେ ହୋରି ଖେଳର ବର୍ଣ୍ଣନା, 'ଛପନ ଭୋଗ' ଗପରେ ଓଡିଆଙ୍କ ଖାଦ୍ୟପ୍ରିୟ ପରମ୍ପରା, 'ପ୍ରଭୁବିଜେ', ଏବଂ 'ହୋ ଭଗତେ' ଗପରେ ପୁରୀର ପାରମ୍ପରିକ ଚିତ୍ର, ମଠ ପରମ୍ପରା, ଜଗନ୍ନାଥଙ୍କ ପୂଜାବିଧି ଆଦିର ଚିତ୍ର ଦେଖିବାକୁ ମିଳେ । ସେହିପରି, ତାଙ୍କର ଗପରେ କଥିତ ଭାଷାର ପ୍ରୟୋଗ ମଧ୍ୟ ଦ୍ରଷ୍ଟବ୍ୟ— "ଅଲାଜୁକ, ଥୋବଡା, ମାଈଗୁଲିଆ କଣ ଗଛରେ ଫଳନ୍ତି ? କୋଉଠିଥିଲ ଅକୀର୍ତ୍ତି ପସରା ଗାଲମାଧବ ! ଛି ଛି ଛି... ତମେ ଏଇଲାଗେ ଏ ଶଂଖ ଫେରାଇ ମୋ ଟଙ୍କାଧରି ଆସୁଛ ନା ମୁଁ ଏ ଘରେ ନିଆଁ ଲଗେଇ ଦେବି ? ମାସ ଶେଷକୁ ଖାଇବାକୁ ପେଜ ନାହିଁ..." (ଶୁଭଶଙ୍ଖ) ।

ବୀଣାପାଣି ମହାନ୍ତିଙ୍କ **'ଚିତ୍ରିତ ଅନ୍ଧାର'**ରେ ଗାଁ ଚଉପାଢି କଥା, ଜମି ବନ୍ଧକ, ସାଇପଡିଶା କଳି ; **'ଅଲିଖିତ ପୃଷ୍ଠା'** ଗପରେ ମଶାଣି ପଦା, ଡାଆଣୀ କଥା, ଚାଷବାସ ସହିତ ପାରମ୍ପରିକ ବିବାହର ଚିତ୍ର ପ୍ରସଙ୍ଗରେ ଚଉଠିଦିନ ସପ୍ତ ମଙ୍ଗଳା କଥାର ବର୍ଣ୍ଣନା ଦେଖିବାକୁ ମିଳେ । ସେହିପରି, **'ବାହୂବୋହୂକା'** ଗପରେ ଓଢଣା ପକାଇବା ପରମ୍ପରା, ପାନଭଙ୍ଗା, ଗହଣାଗାଣ୍ଠିର ଚିତ୍ର, ଏବଂ **'ପାଟଦେଇ'** ଗପରେ ଭୁତପ୍ରେତ, ଘରକରଣା, ଦାଣ୍ଡ ଓଳେଇବା ବିଷୟ ସହିତ ଯାତ୍ରା-ମେଳଣର ଚିତ୍ର ମଧ୍ୟ ସଂଯୋଜିତ । ଅନୁରୂପ ଭାବରେ, ବାମା ଚରଣ ମିତ୍ରଙ୍କ **'ବଟ ମହାପୁରୁଷ'** ଗଳ୍ପରେ ଗ୍ରାମ୍ୟ ଜୀବନର ଚିତ୍ର ସହିତ ପାରମ୍ପରିକ ଦେବାଦେବୀଙ୍କ ପୂଜାଭୋଗ, ସ୍ନାନ- ମାର୍ଜନା, ସ୍ଥାନୀୟ କବିମାନଙ୍କ କବିତା ରଚନା ଏବଂ ପୁସ୍ତିକା ରୂପରେ ଗ୍ରାମ ଗ୍ରାମ ବୁଲି ବିକ୍ରିକରିବା ଘଟଣା, ବାବାଙ୍କ କାଳୀସାଧନା, ଦାସକାଠିଆ, ପାଲା ଆଦି ପରିବେଷଣର ଚିତ୍ର ଦେଖିବାକୁ ମିଳେ । ସେହିପରି, **'ଝରାଫୁଲ'**, **'ପାକପ୍ରଣାଳୀ'**, **'ହୋଲି'**, ଓ **'ଅପରାଧୀ'**, ଆଦିଗଳ୍ପରେ ମଧ୍ୟ ଆଖ୍ୟାନ ପ୍ରସଙ୍ଗକୁ ପାରମ୍ପରିକ ଗ୍ରାମ୍ୟ ଜୀବନ ଏବଂ ଆଦିବାସୀ ଜୀବନଧାରା ପ୍ରଭାବିତ କରିଛି । ଏହା ସହିତ ବାମାଚରଣଙ୍କ କିଛି ଗପରେ ଆଖ୍ୟାନ ଶୈଳୀ ଭାବରେ ଲୋକ ଗୀତର ଶୈଳୀକୁ ଅନୁସରଣ କରାଯାଇଥିବା ମଧ୍ୟ ପରିଦୃଷ୍ଟ ହୋଇଥାଏ—

"ମୋତେ ଛାଡି ତୁମେ କୁଆଡେ ଗଲ,
ମୋ ପ୍ରାଣନାଥ ।

ତମ ପୋଷାକ କଅଣ ହେବ,

ମୋ ପ୍ରାଣନାଥ ।

ଚନା ଚୁର୍‌ର ମୁର୍‌ର ଆଉ ନଶୁଣିବି,

ମୋ ପ୍ରାଣନାଥ ।

କଟକ ପୋଷାକ ତ ଝୁରିବେ ତୋତେ,

ମୋ ପ୍ରାଣନାଥ ।

ତୁମ ଚଣା ନାଁଟା ବୁଡିଲା ଆଜୁଁ,

ମୋ ପ୍ରାଣନାଥ" (ଜୀବିକା ଓ ଜୀବନ) ।

ଏହା ବ୍ୟତୀତ, ସମକାଳୀନ ଓଡିଆ ସାହିତ୍ୟର ଅନେକ ଯୁବ କଥାକାରଙ୍କ ଗଳ୍ପରେ ମଧ୍ୟ ପାରମ୍ପରିକ ଜୀବନଧାରାର ପ୍ରଭାବ ଦେଖିବାକୁ ମିଳେ ତଥା ଲୋକଧାରାର ଉପାଦାନଗୁଡିକ ସେମାନଙ୍କ ବର୍ଣ୍ଣନାକୁ ପ୍ରଭାବିତ କରିବା ଦେଖାଯାଏ । ଏ ପ୍ରସଙ୍ଗରେ ସଦାନନ୍ଦ ତ୍ରିପାଠୀ, ଭୀମ ପୃଷ୍ଟି, ସତ୍ୟପ୍ରିୟ ମହାଳିକ, ଅଜୟ ସ୍ୱାଇଁ, ଗାୟତ୍ରୀ ସରାଫ୍, ଏବଂ ରାଜକିଶୋର ଦାସ ପ୍ରଭୃତିଙ୍କ ଗଳ୍ପଗୁଡିକ ସମ୍ପର୍କରେ ଏଠାରେ ଆଲୋଚନା କରାଯାଇପାରେ ।

ସଦାନନ୍ଦ ତ୍ରିପାଠୀଙ୍କ ସତୀ ଗଳ୍ପରେ କିପରି ଲୋକ କଥାର ଅସୁର ଏକ ପ୍ରତୀକ ଭାବରେ ବର୍ଣ୍ଣିତ ଉଲ୍ଲେଖନୀୟ— "ଅସୁର ଆସିଲା । ଗୁମ୍ଫାର ଦ୍ୱାରଦେଶରେ ପହଞ୍ଚିବାମାତ୍ରେ ଦୋଷୀଟିଏ ଭଳି କହିଲା ତମକୁ ଭୋକ ଲାଗିବଣି ସତୀ । ମୋର ବିଳମ୍ବ ହୋଇଗଲା । ନିଅ, ଏ ଫଳତକ ଖାଇଦିଅ..." (ସତୀ) । ସେହିପରି, ତାଙ୍କର 'ବଡଭାଇ' ଗଳ୍ପରେ ପାରମ୍ପରିକ ଓଡିଆ କୃଷକ ଜୀବନର ଚିତ୍ର— "ବଡଭାଇ ତ ପୁଣି ହଳ କରୁଛି । ମଇ ଦେଉଛି । ଧାନ ରୋଉଛି । କାଟୁଛି । କଳେଇ ବାନ୍ଧୁଛି । ମୁଣ୍ଡରେ ବୋହି ଖଳାକୁ ଆଣୁଛି । ... ବେଙ୍ଗଳା ପକାଇ ଧାନ ମଳୁଛି । ... ବିହନ ବାନ୍ଧୁଛି ପୁଗୁଡରେ..." ।

ସତ୍ୟପ୍ରିୟ ମହାଳିକଙ୍କ ଗପର ବିଷୟ ବସ୍ତୁ ତଥା ଆଖ୍ୟାନ ଶୈଳୀରେ ମଧ୍ୟ ଲୋକଧାରା ଉପାଦାନର ପ୍ରଭାବ ଦେଖିବାକୁ ମିଳେ । ତାଙ୍କର 'ବୀଜ' ଗପରେ ମୁଖ୍ୟ ଚରିତ୍ରର ବୀରବଲ ଭଳି ନାମକରଣ, 'ଅଗ୍ନିବେଶ' ଗପରେ ବାଇଗଣରେ ଓଁର ଆବିଷ୍କାର, ଗୋଇଠା ମାଡରେ ରକା ଭଲ ହୋଇଯିବା ଭଳି ଘଟଣାର ସଂଯୋଜନା, 'ହନନ' ଗଳ୍ପରେ ମହୀରାବଣ, ଐରାବତ, ଏବଂ ତାନ୍ତ୍ରିକ ଭଳି ଚରିତ୍ର ଉପସ୍ଥାପନା, 'ଅବଶେଷ' ଗଳ୍ପରେ କୁଳଦେବୀଙ୍କ ସ୍ୱପ୍ନ, ଦେବଦାସୀ ପରମ୍ପରା, ପୁତ୍ରପ୍ରାପ୍ତିପାଇଁ ଯଜ୍ଞ, ଏବଂ 'ସରିନଥିବା ଏକ ଲୋକ କଥା'ରେ ଆଦିବାସୀଙ୍କ ମେଳି ସହିତ ବିଭିନ୍ନ ମାନବେତର ଚରିତ୍ରର ପ୍ରତୀକାତ୍ମକ ପ୍ରୟୋଗ, ସାନ୍ତାଳ ଜୀବନଧାରା ସହିତ ପାରମ୍ପରିକ ଲୋକ ଗୀତ ଶୈଳୀରେ ଆଖ୍ୟାନ ଦେଖିବାକୁ ମିଳେ—

"ଆମର ସବୁଦିନେ ଏମିତି ପୁଷମାସ ହେଉ

ଆମେ ଲାଗରେ ନାଚୁ

ବାଘର ଆତ୍ମା ନଆସୁ । ଡାଆଣୀ ଆସୁ ।

କେନ୍ଦି କେନ୍ଦି ଜଅ, ବାଜରା, ମକା

ଜଙ୍ଗଲର କନ୍ଦା, କାନିୟା ମିଳୁ

ହେ ପୂର୍ବପୁରୁଷ ! ତମେ ସବୁ ସ୍ୱର୍ଗରେ ଥାଅ

ରଜା ନଆସୁ, ସାହୁକାର ନଆସୁ

ମନଟା କିଲିରି ବିଲିରି ନହଉ" (ସରିନଥିବା ଏକ ଲୋକକଥା) ।

ଅଜୟ ସ୍ୱାଇଁଙ୍କ 'ବୋଉର ଗୀତଖାତା' ଗପରେ ମାଣବସା, ବ୍ରତ ଉପବାସ କଥା, ଡେଉଁରିଆ ତାବିଜ୍ ପିନ୍ଧିବା କଥା; 'ଡିକାଡେନସ୍‌ର ଗପ' ଏବଂ ପଶ୍ଚିମ ମେରୁର ମଣିଷ ଗପରେ ଚାଷବାସ କଥା, କାଳିସୀ ଲାଗିବା କଥା, ସଂକୀର୍ତ୍ତନ, ଆଉ ଆଦିବାସୀ ଲୋକ ଗୋଷ୍ଠୀର ପୋଢବଳି ପ୍ରଥା ଆଦିର ପ୍ରଭାବ ଦେଖିବାକୁମିଳେ । ସେହିପରି, ବର୍ଣ୍ଣନା ଶୈଳୀରେ ପାରମ୍ପରିକ ଓଡିଆ ଭାଷାର ପ୍ରଭାବ ମଧ୍ୟ ଦେଖାଯାଏ— "ଚନ୍ଦରା ମାକୁ ଖମ୍ଭେଶ୍ୱରୀ ଲାଗିଲେ । ସେ ସଫାସଫା ଗୁନ ସୋଇଁ ଶିକାରେ ତିନି ବରଷର ପୁରୁଣା ଘିଅ, କ୍ଷେତରା ସାହୁ ପେଡିରେ ତିନିଟା ନୂଆ ଧୋବ ଲୁଗା, ଜଇ ମହାରଣା ଆମ୍ବତୋଟାରେ ଏକଣା ଗାଣ୍ଡିସୁନ୍ଦରୀ ଆମ୍ବ ଗଛଡାଳରେ ବାଘୁଆ ମହୁଫେଣା ଥିବାର ଅବିକଳ କହିବାରୁ ଆମର ପ୍ରତେହେଲା ସିଏ ସତକୁ ସତ ମା ଖମ୍ଭେଶ୍ୱରୀ । ଯିଏ ରାତି ଅଧରେ ପିଲାଛୁଆ, ଘୋଡାହାତୀଧରି ଉଜ୍ଜଳ ମଶାଲରେ ଗାଁକୁଗାଁ ବୁଲନ୍ତି । ଆପଦ ବିପଦରେ ଆମ ଅଜ୍ଞାନମାନଙ୍କୁ ତାଙ୍କ କଳାପଣତ ଓ ଘଣ୍ଟାରେ ଘୋଡେଇ ରଖନ୍ତି" (ପଶ୍ଚିମ ମେରୁର ମଣିଷ) । ସେହିପରି, ଭୀମ ପୃଷ୍ଟିଙ୍କ 'ହୋ ମଣିଷମାନେ' ଗପରେ ଖଟୁଲିରେ ଠାକୁର ଧରି ଭିକ ମାଗିବା, ଚାନ୍ଦା ମାଗିବା, ଖଜୁରୀ ତାଡି ପିଇବା; 'ପୋକ' ଗପରେ ପାନ ବରଜ ତଥା ଚାଷ କଥା ଆଦିର ଭଳି ଓଡିଆ ପାରମ୍ପରିକ ଜୀବନଧାରାର ଚିତ୍ର ଉପସ୍ଥାପିତ । ଗ । ଯ୍ ତ_ 1 ସରାଫଙ୍କ **'ଆଲୋକିତ ଅନ୍ଧାର'** ଗପରେ ପ୍ରାଚୀ ଚରିତ୍ର ପ୍ରସଙ୍ଗରେ କିପରି ପାରମ୍ପରିକ ଜୀବନଧାରା ବର୍ଣ୍ଣନା ହୋଇଛି ଦ୍ରଷ୍ଟବ୍ୟ— **"**ମୁଁ ଏଠିକି ଆସିଛି ମାଠିଆରୁ ପାଣିଢାଳି ପିଇବାକୁ **...** ଅଗଣାରେ ମସିଣା ପାରି ଶୋଇବାକୁ । ଝୁରି ପୁରଗା ଓ କୁଲେର ଶାଗ୍ ଖାଇବାକୁ **...** ମୋର ପୁରୁଣାଦିନକୁ ଫେରି ପାଇବାକୁ**"** । **'**ପୁବାଇ ବସନ୍ତର ଗୀତ**'**ରେ ଜଙ୍ଗଲି ବୁଟି କଥା, କଙ୍କି ଓ କଣ୍ଟାଗଛ ଗପରେ ଭାଇ ଜିଉତିଆ ଭଳି ପାରମ୍ପରିକ ପର୍ବ, ଏବଂ **'**ମହକି ଉଠୁଥିବା ମନ୍ଦାର ମାଳତୀମାନେ**'** ଗପରେ ପାରମ୍ପରିକ ସମ୍ପର୍କର ବିଭିନ୍ନ ଦିଗ କଥା ଆଖ୍ୟାନକୁ ପ୍ରଭାବିତ କରିଛି ।

ଅବୋଲକରା ଲୋକ କଥାର ଏକ ପରିଚିତ ଚରିତ୍ର । ଏହାକୁ ଆଧାରକରି ଓଡିଆ କଥା ସାହିତ୍ୟରେ ଅନେକ ଗଳ୍ପ ରଚିତ ହୋଇଛି । ତେବେ, ତରୁଣ ପିଢ଼ିର କଥାକାର ରାଜକିଶୋର ଦାସଙ୍କ *ଅବୋଲକରା* ସଙ୍କଳନ ଏ ପରିପ୍ରେକ୍ଷୀରେ ଏକ ଉଲ୍ଲେଖନୀୟ ସଂଯୋଜନା । ସଂକଳନରେ ସ୍ଥାନିତ ସମସ୍ତ ଗଳ୍ପରେ ଘଟଣା ପ୍ରସଙ୍ଗରେ ଅନ୍ୟ ଚରିତ୍ର ସହିତ ଅବୋଲକରା ମୁଖ୍ୟ ଚରିତ୍ର ଭାବରେ ଚିତ୍ରିତ ହୋଇଛି ଏବଂ ପାରମ୍ପରିକ ଅବୋଲକରା କଥା ଶୈଳୀରେ ସଂକଳନର ଆଖ୍ୟାନକୁ ପ୍ରଭାବିତ କରିଛି । ଅର୍ଥାତ୍, ସମଗ୍ର ଗଳ୍ପ ଗ୍ରନ୍ଥରେ କଥା ଆଖ୍ୟାନରେ ଅବୋଲକରା ଚରିତ୍ର ତଥା କାହାଣୀ କଥନର ପ୍ରଭାବ ଦେଖିବାକୁ ମିଳେ ।

### ୫.୨.୪ ଓଡିଆ କଥା ସାହିତ୍ୟରେ ଲୋକ ଉପାଦାନ ପ୍ରୟୋଗ ଏବଂ ପ୍ରଭାବର ବୈଶିଷ୍ଟ୍ୟ

ଆଧୁନିକ କାବ୍ୟ କବିତାରେ ଲୋକ ସାହିତ୍ୟ ତଥା ଲୋକ ଉପାଦାନ ଯେଭଳି ପ୍ରଭାବିତ କରିବା ଦେଖାଯାଏ ଅନୁରୂପ ଭାବରେ କଥା ସାହିତ୍ୟ ଅର୍ଥାତ୍ ଗଳ୍ପ ଉପନ୍ୟାସକୁ ମଧ୍ୟ ପ୍ରଭାବିତ କରିଛି । ତଥା ନୂତନ ପିଢ଼ିର ସ୍ରଷ୍ଟାମାନଙ୍କ ଗଳ୍ପ ଉପନ୍ୟାସଗୁଡିକରେ ମଧ୍ୟ ଏହାର ପ୍ରଭାବ ଦୁର୍ଲ୍ଲଭ ନୁହେଁ । ଏଠାରେ ଏହାର କେତୋଟି ପ୍ରମୁଖ ଦିଗକୁ ଏଠାରେ ଏପରି ଉଲ୍ଲେଖ କରିପାରିବା ଯେ,

- ଓଡିଆ କାବ୍ୟ କବିତାରେ ମୌଖିକ ସାହିତ୍ୟର ଉପାଦାନଗୁଡିକ ପ୍ରୟୋଗ ପରି ଓଡିଆ ଗଳ୍ପ ଉପନ୍ୟାସରେ ମଧ୍ୟ କେତେକ କ୍ଷେତ୍ରରେ ସିଧାସଳଖ ଭାବରେ ପ୍ରୟୋଗ ହେବାବେଳେ କେତେକ କ୍ଷେତ୍ରରେ ଏହା ପରୋକ୍ଷ ଭାବରେ ସଂଯୋଜିତ । ଯେପରି— ସ୍ୱାଧୀନତା ପୂର୍ବବର୍ତ୍ତୀ ପ୍ରାୟ ଗଳ୍ପ ଉପନ୍ୟାସରେ ଏହାର ପ୍ରତ୍ୟକ୍ଷ ପ୍ରୟୋଗ ହୋଇଥିବାବେଳେ ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ଗଳ୍ପ ଉପନ୍ୟାସରେ ଅନେକତ୍ର ଏହା ପ୍ରତୀକ ତଥା ଚିତ୍ରକଳ୍ପ ଭାବରେ ପ୍ରୟୋଗ ହୋଇଛି ।

- କିଛି ଗଳ୍ପ ଉପନ୍ୟାସରେ ପାରମ୍ପରିକ ବିଶ୍ୱାସ ତଥା ପ୍ରଥା ପରମ୍ପରାକୁ କଥା ଆଖ୍ୟାନର କେନ୍ଦ୍ରଭାବେ ଗ୍ରହଣ କରାଯାଇଛି

- କେତେକ ଗଳ୍ପ ଉପନ୍ୟାସରେ ଲୋକ କଥାର ଆଖ୍ୟାନ ଶୈଳୀକୁ କେତେକ ସ୍ରଷ୍ଟା ଅନୁକରଣ କରିବା ସହିତ ସ୍ୱତନ୍ତ୍ର ଆଖ୍ୟାନ କଳା ନିର୍ମାଣ କରିବାରେ ଉପଯୋଗ କରିଛନ୍ତି । ସେହିପରି,

- କିଛି ଗଳ୍ପ ଉପନ୍ୟାସରେ ଲୋକ କଥା ତଥା ବିଭିନ୍ନ କିମ୍ବଦନ୍ତୀକୁ ମୁଖ୍ୟ କଥାବସ୍ତୁ ଭାବରେ ମଧ୍ୟ ଗ୍ରହଣ କରିବା ଦେଖାଯାଏ । ଏହା ସହିତ, ଏହାକୁ 'କଥାଣୁ' ଭାବରେ ଅନ୍ତର୍ଗ୍ରହଣ କରି ଲୋକ କଥା ଅନୁରୂପ ନୂତନ ଆଖ୍ୟାନ ମଧ୍ୟ ପ୍ରସ୍ତୁତ କରାଯିବାର ପ୍ରୟାସ କରାଯାଇଛି ।

ଆଧୁନିକ ଓଡିଆ ଗଳ୍ପ ଏବଂ ଉପନ୍ୟାସରେ ମୌଖିକ ଉପାଦାନ ତଥା ଲୋକ ଉପାଦାନର ସଂଯୋଜନା ପଛରେ ଥିବା କେତୋଟି ଦିଗକୁ ଏପରି ଆକଳନ କରାଯାଇପାରେ—

- ସ୍ଥାନୀୟ ସଂସ୍କୃତି ଓ ଐତିହ୍ୟକୁ ନିଜ ନିଜ ସୃଷ୍ଟିରେ ପ୍ରକାଶିତ କରିବା ।

- କଥା ଆଖ୍ୟାନରେ ଭିନ୍ନତା ଆଣିବା । ରୂପକ, 'ାଣ୍ଟାସି, କଥନିକା ଆଦି ଜରିଆରେ ଗଳ୍ପ ଉପନ୍ୟାସର ଆଖ୍ୟାନକୁ ଆହୁରି ଆକର୍ଷଣୀୟ କରିବା ।

- ଲୋକ ଉପାଦାନର ସଂଯୋଜନାକରି ଆଖ୍ୟାନରେ ସମକାଳୀନ ସମାଜ ଏବଂ ଜୀବନଧାରାର ବାସ୍ତବ ଚିତ୍ର ପ୍ରଦାନ କରିବାର ପ୍ରୟାସ ।

- ଆଖ୍ୟାନର ଭାଷାରେ କଥିତ ଭାଷା ପ୍ରୟୋଗକୁ ଗୁରୁତ୍ୱ ପ୍ରଦାନ କରିବା ।

- ବିଷୟର ନାମକରଣରେ ଲୋକ ଉପାଦାନ ତଥା ପାରମ୍ପରିକ ବାଚିକ ଉପାଦାନ ତଥା ରୂପକ ଉପଯୋଗକରି ଭିନ୍ନତା ସୃଷ୍ଟି କରିବାର ଇଚ୍ଛା ।

## ପ୍ରଶ୍ନ

### କ) ଦୀର୍ଘ ଉତ୍ତରମୂଳକ

୧) ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡିଆ ଉପନ୍ୟାସରେ ବିଭିନ୍ନ ଲୋକ ଉପାଦାନର ପ୍ରଭାବ ସମ୍ପର୍କରେ ଆଲୋଚନା କରନ୍ତୁ ।

୨) ଓଡିଆ କ୍ଷୁଦ୍ରଗଳ୍ପରେ ଲୋକ ଉପାଦାନର ପ୍ରଭାବ ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରନ୍ତୁ ।

୩) ସ୍ୱାଧୀନତା ପରବର୍ତ୍ତୀ ଓଡିଆ ଉପନ୍ୟାସକୁ ଲୋକ ଉପାଦାନ କିପରି ପ୍ରଭାବିତ କରିଛି ସେ ସମ୍ପର୍କରେ ଆଲୋଚନା କରନ୍ତୁ ।

### ଖ) ନାତିଦୀର୍ଘ ଉତ୍ତରମୂଳକ

୧) ଓଡିଆ ଉପନ୍ୟାସର ଆଖ୍ୟାନକୁ ବିଭିନ୍ନ ଜାତି ଏବଂ ଜନଜାତିର ଜୀବନଧାରା କିପରି ପ୍ରଭାବିତ କରିଛି ଆଲୋଚନା କରନ୍ତୁ ।

୨) ଜନଶ୍ରୁତି ଏବଂ କିମ୍ବଦନ୍ତୀର ପ୍ରଭାବ କିପରି ବିଭିନ୍ନ ଓଡିଆ ଉପନ୍ୟାସ ଏବଂ ଗଳ୍ପରେ ଦେଖିବାକୁ ମିଳେ ଆଲୋଚନା କରନ୍ତୁ ।

୩) ପ୍ରତିଭା ରାୟ, ଏବଂ ମନୋଜ ଦାସଙ୍କ ଗଳ୍ପ ଉପନ୍ୟାସରେ ଲୋକ ଉପାଦାନର ପ୍ରଭାବ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରନ୍ତୁ ।

### ଗ) ସଂକ୍ଷିପ୍ତ ଉତ୍ତରମୂଳକ

୧) ଆଦିବାସୀମାନଙ୍କ ପାରମ୍ପରିକ ଜୀବନଧାରା, ଏବଂ ସଂସ୍କୃତି ପ୍ରଭାବିତ ଓଡିଆ ଉପନ୍ୟାସଗୁଡିକ ବିଷୟରେ ଉଲ୍ଲେଖ କରନ୍ତୁ ।

୨) ଓଡିଆ ଗଳ୍ପ ଉପନ୍ୟାସରେ ଓଡିଶାର ପାରମ୍ପରିକ ଯାନିଯାତ୍ରା ଓ ପର୍ବପର୍ବାଣିର ପ୍ରଭାବ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରନ୍ତୁ ।

# ସହାୟକ ଗ୍ରନ୍ଥ ଏବଂ ପରବର୍ତ୍ତୀ ଅଧ୍ୟୟନ ନିମିତ୍ତ ପୁସ୍ତକ ସୂଚୀ


ଆଚାର୍ଯ୍ୟ, ଦାଶରଥି । କଳାହାଣ୍ଡିର ଲୋକଖେଳ । କଟକ: ନବଦିଗନ୍ତ, ୨୦୧୩ ।

ଆଚାର୍ଯ୍ୟ, ବୃନ୍ଦାବନ ଚନ୍ଦ୍ର । *ଓଡିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ* । କଟକ: ଗ୍ରନ୍ଥ ମନ୍ଦିର, ୧୯୭୫ ।

କୁଅଁର, ଦୁର୍ଗାଚରଣ । *ଓଡିଶାର ଛଉ ନାଟ* । ଭୁବନେଶ୍ୱର: ଓଡିଶା ସାହିତ୍ୟ ଏକାଡେମୀ, ୧୯୬୨ ।

ତ୍ରିପାଠୀ, ଲକ୍ଷ୍ମୀକାନ୍ତ । "ଓଡିଆ ଲୋକଠାର" । *ଓଡିଆ ଲୋକ ସାହିତ୍ୟ* । ସମ୍ପାଦକ । ଶ୍ୟାମସୁନ୍ଦର ମହାପାତ୍ର । ୧୯୮୨ । କଟକ: ଗ୍ରନ୍ଥ ମନ୍ଦିର, ୧୯୯୫ । ୧୩୫-୧୪୪ ।

ଦ୍ୱିବେଦୀ, ହଜାରୀ ପ୍ରସାଦ । "ଲୋକ ସାହିତ୍ୟକା ଅଧ୍ୟୟନ" । *ଜନପଦ* । ୧.୧ (୧୯୫୨): *୬୫* ।

ଦାଶ, ରବିନାରାୟଣ । *ଓଡିଶାର ଆଦିବାସୀ* । କଟକ: ଗ୍ରନ୍ଥ ମନ୍ଦିର, ୧୯୮୩ ।

ଦାଶ, ସାବିତ୍ରୀ । ସମ୍ପାଦିତ । *ସାଂସ୍କୃତିକ ପରିବର୍ତ୍ତନ ଓ ଓଡିଶାର ନୃତ୍ୟ ପରମ୍ପରା* । ଆନନ୍ଦ ଆଶ୍ରମ: କଣ୍ଢେଇ ଘର, ୨୦୦୯ ।

ଦାଶ, କୁଞ୍ଜବିହାରୀ । *ପଲ୍ଲୀଗୀତି ସଞ୍ଚୟନ* । ତୃତୀୟ ଭାଗ । କଟକ: ପ୍ରେମଲତା ଦାଶ, ୧୯୭୪ ।

________ । "ଓଡିଆ ଲୋକ ଗଳ୍ପ ପ୍ରକୃତି ଓ ପ୍ରବୃତ୍ତି" । *ସାହିତ୍ୟ ଓ ସମାଲୋଚନା* । କଟକ: ଓଡିଶା ବୁକ୍ ଷ୍ଟୋର, ୧୯୮୦ । ୧-୪୧ ।

________ । "ଓଡିଆ ଢଗଢମାଳି: ଏକ ଅଧ୍ୟୟନ" । *ସାହିତ୍ୟ ଓ ସମାଲୋଚନା* । କଟକ: ଓଡିଶା ବୁକ୍ ଷ୍ଟୋର, ୧୯୮୦ । ୧୩୧-୧୭୯ ।

________ । *ଓଡିଆ ଲୋକଗୀତ ଓ କାହାଣୀ* । ବିଶ୍ୱଭାରତୀ: ଶାନ୍ତିନିକେତନ ଗବେଷଣା ବିଭାଗ, ୧୯୫୮ ।

________ । *କୁଞ୍ଜବିହାରୀ ଗ୍ରନ୍ଥାବଳୀ* । ଦଶମ ଭାଗ । କଟକ: ଓଡିଶା ବୁକ୍ ଷ୍ଟୋର, ୨୦୦୧ ।

________ । *ଲୋକଗଳ୍ପ ସଞ୍ଚୟନ* । ୧୯୬୪ । ଭୁବନେଶ୍ୱର: ଓଡିଶା ସାହିତ୍ୟ ଏକାଡେମୀ, ୧୯୭୭ ।

________ । "ଲୋକନାଟ୍ୟ ଓ ଯାତ୍ରା" । *ସାହିତ୍ୟ ଓ ସମାଲୋଚନା* । ୧୯୬୨ । କଟକ: ଓଡିଶା ବୁକ୍ ଷ୍ଟୋର, ୧୯୮୦ । ୧୮୧-୨୦୧ ।

ଦାଶ, ଗୌରାଙ୍ଗ ଚରଣ । *ଲୋକନାଟ୍ୟ ପରମ୍ପରା ଓ କଣ୍ଢେଇନାଟ* । କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୯୩ ।

ଦାସ, ଧୀରେନ୍ । *ଦଣ୍ଡନାଟ* । ଭୁବନେଶ୍ୱର: ଓଡିଶା ସାହିତ୍ୟ ଏକାଡେମୀ, ୧୯୮୨ ।

________ । *ଓଡିଶାର ଯାତରା* । ଭୁବନେଶ୍ୱର: ଓଡିଶା ସଙ୍ଗୀତ ନାଟକ ଏକାଡେମୀ, ୧୯୮୧ ।

________ , ଏବଂ ନିରଞ୍ଜନ ପଣ୍ଡା । *ଓଡିଶାର ପାଲା* । ୧୯୮୬ । ଭୁବନେଶ୍ୱର: ଓଡିଶା ସାହିତ୍ୟ ଏକାଡେମୀ, ୨୦୦୯ ।

ଦାସ, ମହେଶ ପ୍ରସାଦ । *ଓଡିଶାର ଲୋକ ସଂସ୍କୃତି* ।୧୯୭୮ । କଟକ: ଗ୍ରନ୍ଥ ମନ୍ଦିର, ୧୯୯୯ ।

ଦାସ, ସର୍ବେଶ୍ୱର । *ଓଡିଆ ନାଟ୍ୟ ସାହିତ୍ୟ* । ଭୁବନେଶ୍ୱର: ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଏବଂ ପ୍ରକାଶନ ସଂସ୍ଥା, ୧୯୯୪ ।

ଦାସ, ହେମନ୍ତ କୁମାର । "ଲୋକ ନାଟକ" । *ଓଡିଶାର ଲୋକନାଟ୍ୟ ପରମ୍ପରା* । ସମ୍ପାଦନା । କାର୍ତ୍ତିକ ଚନ୍ଦ୍ର ରଥ । ୨୦୦୧ : ୧୧-୨୪ ।

________ । "ଲୋକନାଟକ: ଉଦ୍ଭବ ଓ ବିକାଶ" । *ଓଡିଶାର ଲୋକନାଟ୍ୟ ପରମ୍ପରା* । ସମ୍ପାଦନା । କାର୍ତ୍ତିକ ଚନ୍ଦ୍ର ରଥ । ୨୦୦୧ ।୧-୧୩ ।

________ । *ଓଡିଶାର ଲୋକ ନାଟକ* । ୧୯୮୩ । କଟକ: ଗ୍ରନ୍ଥମନ୍ଦିର, ୨୦୧୧ ।

ନନ୍ଦ, ଦୁର୍ଗାମାଧବ । ସମ୍ପାଦକ । *ଆମ ଉପଯୋଗୀ ଲୋକ କଳା* । ବ୍ରହ୍ମପୁର: ଲୋକସଂସ୍କୃତି ଗବେଷଣା ପରିଷଦ, ୨୦୦୪ ।

________ । ସମ୍ପାଦକ । *ଆମ ଲୋକ ମିଥ୍* । ବ୍ରହ୍ମପୁର: ଲୋକସଂସ୍କୃତି ଗବେଷଣା ପରିଷଦ, ୨୦୦୩ ।

________ । ସମ୍ପାଦକ । *ଆମ ଲୋକ ଗୀତ ଓ ଲୋକ ବାଦ୍ୟ* । ବ୍ରହ୍ମପୁର: ଲୋକସଂସ୍କୃତି ଗବେଷଣା ପରିଷଦ, ୨୦୦୧ ।

ନାୟକ, ଦ୍ୱାରିକାନାଥ । ସମ୍ପାଦିତ । *ପଶ୍ଚିମ ଓଡିଶାର ଲୋକ ନୃତ୍ୟ* । କଟକ: ବିଶ୍ୱ ବୁକ୍ସ, ୨୦୦୪ ।

________ । *ସମ୍ବଲପୁରୀ ଲୋକ ଗୀତରେ ସମାଜ ଜୀବନର ସ୍ୱରୂପ* । କଟକ: ଓଡିଶା ବୁକ୍ ଷ୍ଟୋର, ୧୯୯୮ ।

________ । "ଭୂମିକା" । *ପଶ୍ଚିମ ଓଡିଶାର ଲୋକ ନୃତ୍ୟ* । ସମ୍ପାଦନା । ଦ୍ୱାରିକାନାଥ ନାୟକ । କଟକ: ବିଶ୍ୱ ବୁକ୍ସ, ୨୦୦୪ । ୫-୬ ।

ନାୟକ, ରବି । "ଓଡିଆ ଲୋକନାଟକ: ବିଭବ ଓ ବିଭାଗ" । *ଓଡିଶାର ଲୋକନାଟ୍ୟ ପରମ୍ପରା* । ସମ୍ପାଦନା । କାର୍ତ୍ତିକ ଚନ୍ଦ୍ର ରଥ । କଟକ: ସାହିତ୍ୟ ପ୍ରତିଷ୍ଠାନ, ୨୦୦୧। ୧୪-୩୮ ।

ନାୟକ, ସଦାନନ୍ଦ । *ଲୋକ ଧର୍ମ ଓ ଲୋକ ସାହିତ୍ୟ* । ଭୁବନେଶ୍ୱର: ଗାୟତ୍ରୀ ବୁକ ଷ୍ଟୋର, ୧୯୯୯ ।

ପଟ୍ଟନାୟକ, କଇଳାଶ । *ଲୋକ ସାହିତ୍ୟ ଚର୍ଚ୍ଚା* ।୧୯୮୯ । କଟକ: କଟକ ଟ୍ରେଡିଂ କମ୍ପାନୀ, ୧୯୯୬ ।

ପଶାୟତ, ଚିତ୍ରସେନ । *ନୃତାତ୍ତ୍ୱିକ ଓ ସମାଜତାତ୍ତ୍ୱିକ ପ୍ରବନ୍ଧାବଳୀ* । କଟକ: ଓଡିଆ ଗବେଷଣା ପରିଷଦ, ୧୯୯୯ ।

________ । *ପଶ୍ଚିମ ଓଡିଶାର ଲୋକ ଗୀତ* । ଭୁବନେଶ୍ୱର: 6"ାକଲୋର୍ "ାଉଣ୍ଡେସନ୍, ୨୦୦୮ ।

________ । ସମ୍ପାଦକ । *ଆଦିବାସୀ ମୌଖିକ ପରମ୍ପରା* । ନୂଆଦିଲ୍ଲୀ: କେନ୍ଦ୍ର ସାହିତ୍ୟ ଅକାଦେମୀ, ୨୦୦୭ ।

________ , ଦେବାଶିଷ ପାଣ୍ଡିଆ, ଏବଂ ଗିରିଜା ଶଙ୍କର ସାହୁ । ସମ୍ପାଦନା । *ଦଣ୍ଡନାଟ: ଧ ାରା ଓ ଧାରଣା* । ଭୁବନେଶ୍ୱର: ପଶ୍ଚିମ ଓଡିଶା ବିକାଶ ପରିଷଦ, ୨୦୦୯ ।

ପଣ୍ଡା, ନିମାଇଁ ଚରଣ । *ପଶ୍ଚିମ ଓଡିଶାର ଲୋକ ସାହିତ୍ୟର ସ୍ୱରୂପ* । ସମ୍ବଲପୁର: ମେନକା ପ୍ରକାଶନୀ, ୧୯୭୭ ।

ପାଢୀ, ଅଞ୍ଜଳି । *ଓଡିଶାର ଲୋକ ସଂସ୍କୃତି ଆଲୋଚନାର ନୂତନ ଦିଗନ୍ତ* । ଭୁବନେଶ୍ୱର: ମୟୁର ପବ୍ଲିକେଶନ୍, ୨୦୧୨ ।

ପାଢୀ, ରାଜେନ୍ଦ୍ର କୁମାର । *ଧରୁଆ ଲୋକ ସଂସ୍କୃତି* । ଭୁବନେଶ୍ୱର: ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ୨୦୧୨ ।

________ । *ଦେଶିଆ ଢଗ ଓ ବାଖ୍ୟା* । ଭୁବନେଶ୍ୱର : ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ,  ୨୦୧୧ ।

________ । *କୋରାପୁଟର ଆଦିବାସୀ ଲୋକ ସଂସ୍କୃତି* । ବାଲେଶ୍ୱର : ସୁବର୍ଣ୍ଣଶ୍ରୀ ପ୍ରକାଶନୀ,  ୨୦୦୯ ।

________ , ଏବଂ ବିଜୟ ଉପାଧ୍ୟାୟ । *ଦେଶିଆ ଜ୍ଞାନକୋଷ* । ଭୁବନେଶ୍ୱର : ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ୨୦୧୦ ।

ପାଣିଗ୍ରାହୀ, ନଳିନୀ କୁମାର । "ଗଞ୍ଜାମର ଲୋକ ଗୀତ : ଏକ ସାଂସ୍କୃତିକ ଅଧ୍ୟୟନ" । *ଆମ ଲୋକ ଗୀତ ଓ ଲୋକ ବାଦ୍ୟ* । ସମ୍ପାଦକ । ଦୁର୍ଗାମାଧବ ନନ୍ଦ । ବ୍ରହ୍ମପୁର : ଲୋକ ସଂସ୍କୃତି ଗବେଷଣା ପରିଷଦ, ୨୦୦୧ । ୭୭-୮୪ ।

ପାଣିଗ୍ରାହୀ, କୁମୁଦରଞ୍ଜନ । *ପଶ୍ଚିମ ଓଡିଶାର ଯାତ୍ରା ପରମ୍ପରା* । ସମ୍ବଲପୁର  : ସୁଖଦୁଖ୍ ପବ୍ଲିକେଶନ୍, ୨୦୧୨ ।

________ । "ପଶ୍ଚିମ ଓଡିଶାର ଯାତ୍ରା ପରମ୍ପରା" । *ଓଡିଶାର ଲୋକନାଟ୍ୟ ଧାରା* । ସମ୍ପାଦକ । କାର୍ତ୍ତିକ ଚନ୍ଦ୍ର ରଥ । କଟକ : ରଶ୍ମି ପ୍ରକାଶନ, ୨୦୧୨ । ୨୦୦-୨୧୪ ।

________ । "ଲୋକ ଗାଥା ଭିତ୍ତିରେ ଗଉର ଗାଥା" । *କଳାହାଣ୍ଡିର ଲୋକ ସାହିତ୍ୟ* । ସମ୍ପାଦକ । ପରମେଶ୍ୱର ମୁଣ୍ଡ । ଭବାନୀପାଟଣା : ମହାବୀର ସାଂସ୍କୃତିକ ଅନୁଷ୍ଠାନ, ୨୦୦୩ । ୧-୨୨ ।

________ । *ଲୋକଧାରା ଲୋକ ସଂସ୍କୃତି ଓ ଲୋକ ସାହିତ୍ୟ* । ସମ୍ବଲପୁର : ସୁଖଦୁଖ୍ ପବ୍ଲିକେଶନ୍, ୨୦୧୨ ।

ପ୍ରଧାନ, କୃଷ୍ଣଚନ୍ଦ୍ର । *ଓଡିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି* । ୧୯୯୫ । କଟକ : ବିଦ୍ୟାପୁରୀ, ୧୯୯୮ ।

________ । *ଲୋକ ସାହିତ୍ୟ : ତତ୍ତ୍ୱରୂପ ଓ କଳାରୂପ* । କଟକ : ବିଦ୍ୟାପୁରୀ, ୨୦୦୪ ।

________ , ଏବଂ ବିରଞ୍ଚି ନାରାୟଣ ସାମଲ । ସମ୍ପାଦନା । *ଓଡିଆ ସାହିତ୍ୟ ଓ ଲୋକ ଉପାଦାନ* । କଟକ ସତ୍ୟନାରାୟଣ ବୁକ୍ ଷ୍ଟୋର, ୨୦୦୯ ।

ପ୍ରଧାନ, ରଞ୍ଜନ ।  *ପରଜା ଜୀବନ ଓ ସଂସ୍କୃତି* । କେନ୍ଦ୍ରାପଡା : ପ୍ରଜ୍ଞା ପରିମିତା, ୨୦୦୭ ।

ପ୍ରଧାନ, ଚୌଧୁରୀ ଅଜୟ, ଏବଂ ଦିଲ୍ଲୀପ ସ୍ୱାଇଁ । *ଲୋକ ଜୀବନ ଓ ଲୋକ ସାହିତ୍ୟ* । ୧୯୯୬ । ସାଲେପୁର : ଚିତ୍ରୋତ୍ପଳା ପବ୍ଲିକେସନ୍ସ, ୨୦୧୦ ।

ବାଗ, ସଞ୍ଜୀୟ କୁମାର । *ପଶ୍ଚିମ ଓଡିଶାର ପାରମ୍ପରିକ କ୍ରୀଡା : ଏକ ଲୋକତାତ୍ତ୍ୱିକ ଅଧ୍ୟୟନ* । ୨୦୦୯ । ଭୁବନେଶ୍ୱର : ତୃପ୍ତି, ୨୦୧୩ ।

________ । *ଲୋକଧାରା : ପାରମ୍ପରିକ ସର୍ଜନଶୀଳ ଜୀବନଧାରାର ଅଧ୍ୟୟନ* । ଭୁବନେଶ୍ୱର : ଏଥେନା ବୁକସ୍, ୨୦୧୨ ।

ବାଗ, ଗୋପୀନାଥ  । *ଡମ ସଂସ୍କୃତି* । ପର୍ଲା : ପ୍ରେମାଧର ସେଠିଆ, ୨୦୦୯ ।

ବିଦ୍ୟାର୍ଥୀ, ସତ୍ୟେନ୍ଦ୍ର । *ଲୋକ ସାହିତ୍ୟ ବିଜ୍ଞାନ* ।  ଆଗ୍ରା : ଶିବଲାଲ ଅଗ୍ରୱାଲ ଆଣ୍ଡ କମ୍ପାନୀ, ୧୯୭୧ ।

ବିଶି, ଦୋଳଗୋବିନ୍ଦ । "ସମ୍ପାଦକୀୟ ମୁଖବନ୍ଧ" । *କଳାହାଣ୍ଡିର ଲୋକ କଥା* । ସମ୍ପାଦକ । ଦୋଳଗୋବିନ୍ଦ ବିଶି । ଭାବନୀପାଟଣା : ମହାବୀର ସାଂସ୍କୃତିକ ଅନୁଷ୍ଠାନ, ୧୯୯୬ । ୧-୧୦ ।

________ । "କଳାହାଣ୍ଡିର ଲୋକ ମିଥ୍" । *କଳାହାଣ୍ଡିର ଲୋକ କଥା* । ସମ୍ପାଦକ । ଦୋଳଗୋବିନ୍ଦ ବିଶି । ଭାବନୀପାଟଣା: ମହାବୀର ସାଂସ୍କୃତିକ ଅନୁଷ୍ଠାନ, ୧୯୯୬ । ୮୧-୮୯ ।

ବେହେରା, କୃଷ୍ଣଚରଣ । *ଓଡିଶାର ଯାତ୍ରା ଓ ପାରମ୍ପରିକ ଲୋକପ୍ରିୟ ନାଟ୍ୟଧାରା* । ୧୯୯୭ । କଟକ: ଫ୍ରେଣ୍ଡସ ପବ୍ଲିଶର୍ସ, ୧୯୯୯।

________ । *ମୋଗଲ ତାମସା* । ଭଦ୍ରକ: ଭାଗୀରଥି ପ୍ରେସ୍, ୧୯୬୬ ।

________ । "କବି ବଂଶୀବଲ୍ଲଭଙ୍କ ତାମସା" । *ଓଡିଶାର ଲୋକ-ନାଟ୍ୟ ପରମ୍ପରା* । ସମ୍ପାଦକ । କାର୍ତ୍ତିକ ଚନ୍ଦ୍ର ରଥ । କଟକ: ସାହିତ୍ୟ ପ୍ରତିଷ୍ଠାନ, ୨୦୦୧ । ୨୬୨-୨୬୭ ।

ବେହେରା, ଜୟନ୍ତ କୁମାର, ଦୋଳଗୋବିନ୍ଦ ବିଶି, ଏବଂ ପରମେଶ୍ୱର ମୁଣ୍ଡ । ସମ୍ପାଦନା । *କଳାହାଣ୍ଡି: ଲୋକ ଅନୁଷ୍ଠାନ* । ଭବାନୀପାଟଣା: ମହାବୀର ସାଂସ୍କୃତିକ ଅନୁଷ୍ଠାନ, ୧୯୯୮ ।

ବେଶ୍ରା, ଦମୟନ୍ତୀ । *ସମାଜ ଓ ସଂସ୍କୃତି ପୃଷ୍ଠପଟ୍ଟରେ ମୟୂରଭଞ୍ଜର ସାନ୍ତାଳ* । ଭୁବନେଶ୍ୱର: ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ୨୦୧୦ ।

ଭ୍ରମର, ରବୀନ୍ଦ୍ର । *ହିନ୍ଦୀ ଭକ୍ତି-ସାହିତ୍ୟମେ ଲୋକତତ୍ତ୍ୱ* । ଦିଲ୍ଲୀ: ଭାରତୀ ସାହିତ୍ୟ ମନ୍ଦିର, ୧୯୬୫ ।

ଭାବାନନ୍ଦ, ଆଚାର୍ଯ୍ୟ । *ସଂସ୍କୃତିର ତାତ୍ତ୍ୱିକତାରେ ପରିଭାଷା* । ଭୁବନେଶ୍ୱର: ମୟୂର ପବ୍ଲିକେଶନ୍, ୨୦୧୩ ।

ଉପାଧ୍ୟାୟ, କୃଷ୍ଣଦେବ । *ଲୋକ ସାହିତ୍ୟକୀ ଭୂମିକା* । ୧୯୫୭ । ଆହ୍ଲାବାଦ: ସାହିତ୍ୟ ଭବନ ପ୍ରାଇଭେଟ୍ ଲିମିଟେଡେ, ୧୯୭୭ ।

ମହନ୍ତ, ଆଦିକନ୍ଦ । *ମୟୂରଭଞ୍ଜର ଲୋକ ବାଦ୍ୟ* । ବାରିପଦା: କୁଡୁମି ଲେଖକ ପରିଷଦ, ୨୦୦୬ ।

ମହାପାତ୍ର, ଶ୍ୟାମସୁନ୍ଦର । "ସ୍ୱାଧୀନତା ପରବର୍ତ୍ତୀ ଓଡିଆ ଲୋକ ସାହିତ୍ୟ ଚର୍ଚ୍ଚା" । *ସ୍ୱାଧୀନତା ପରବର୍ତ୍ତୀ ଓଡିଆ ସାହିତ୍ୟର ଭୂମି ଓ ଭୂମିକା* । ସମ୍ପାଦକ । ବୈଷ୍ଣବ ଚରଣ ସାମଲ । କଟକ: ଓଡିଶା ବୁକ୍ ଷ୍ଟୋର, ୨୦୦୪ । ୧-୧୩ ।

________ । "ଓଡିଆ ଲୋକ ଗାଥାର ପରିସର ଓ ପ୍ରକୃତି" । *ସାହିତ୍ୟ ସ୍ନାନ* । କଟକ: ଓଡିଶା ବୁକ୍‌ଷ୍ଟୋର, ୧୯୯୧ । ୬୪-୭୦ ।

________ । *ଓଡିଆ ଲୋକ ସାହିତ୍ୟ* । ୧୯୮୨ । କଟକ: ଗ୍ରନ୍ଥ ମନ୍ଦିର, ୧୯୯୫ ।

________ । *ଲୋକ ସାହିତ୍ୟ ତତ୍ତ୍ୱ* । ୧୯୯୫ । କଟକ: ଓଡିଶା ବୁକ୍ ଷ୍ଟୋର, ୨୦୧୧ ।

________ , ଏବଂ ମିହିର କୁମାର ସାହୁ । ସମ୍ପାଦନା । *ଲୋକ ସାହିତ୍ୟ ଗବେଷଣା* । କଟକ: ଫ୍ରେଣ୍ଡସ ପବ୍ଲିଶର୍ସ, ୧୯୯୭ ।

ମହାପାତ୍ର, ଚକ୍ରଧର । *ଉତ୍କଳ ଗାଉଁଲୀ ଗୀତ* । କଟକ: ସୁରମା ମହାନ୍ତି, ୧୯୫୯ ।

________ । *ଓଡିଆ ଗ୍ରାମ୍ୟ ଗୀତି* । କଟକ: ଓଡିଶା ସାହିତ୍ୟ ଏକାଡେମୀ, ୧୯୬୦ ।

ମହାନ୍ତ, ଆଦିକନ୍ଦ । "ଉତ୍ତର ଓଡିଶାର କୁମାରୀ ବ୍ରତ ଜାଅଆ ଓ ତାର ଗୀତ" । *ଆମ ଲୋକ ଗୀତ ଓ ଲୋକ ବାଦ୍ୟ* । ସମ୍ପାଦକ । ଦୁର୍ଗାମାଧବ ନନ୍ଦ । ବ୍ରହ୍ମପୁର : ଲୋକସଂସ୍କୃତି ଗବେଷଣା ପରିଷଦ, ୨୦୦୧ । ୫୦-୬୧ ।

________ । "ମୟୁରଭଞ୍ଜର ଲୋକ ମିଥ୍" । *ଆମ ଲୋକ ମିଥ୍* । ସମ୍ପାଦକ । ଦୁର୍ଗାମାଧବ ନନ୍ଦ । ଗଞ୍ଜାମ : ଲୋକସଂସ୍କୃତି ଗବେଷଣା ପରିଷଦ, ୨୦୦୩ । ୯-୧୩ ।

________ । *ଓଡିଶାର କୁର୍ମାଲୀ ଲୋକ ଗୀତ* । ବାରିପଦା : କୁଡୁମି ଲେଖକ ପରିଷଦ, ୨୦୦୭ ।

________ । *କୁଡୁମି ଜାତି : ଏକ ବିହଙ୍ଗାବଲୋକନ* । ବାରିପଦା : କୁଡୁମି ଲେଖକ ପରିଷଦ, ୨୦୦୭ ।

ମହାନ୍ତି, ବ୍ରଜମୋହନ । ସଂପାଦକ । *ଓଡିଶାର ପର୍ବପର୍ବାଣି, ଓଷାବ୍ରତ, ଯାନିଯାତ୍ରା* । କଟକ : ଓଡିଶା ବୁକ୍ ଷ୍ଟୋର୍, ୧୯୭୯ ।

________ । ସଂପାଦକ । *ଓଡିଶାର ସାଂସ୍କୃତିକ ପରମ୍ପରା* । ୧୯୮୯ । କଟକ : ଓଡିଶା ବୁକ୍ ଷ୍ଟୋର୍, ୧୯୯୧ ।

________ । ସଂପାଦକ । *ଓଡିଶାର ଦେବଦେବୀ* । କଟକ : ଓଡିଶା ବୁକ୍ ଷ୍ଟୋର୍, ୧୯୮୦ ।

________ । *ଓଡିଶାର ଲୋକ ନାଟକ* । ପ୍ରଥମ ଏବଂ ଦ୍ୱିତୀୟ ଭାଗ । କଟକ : ଓଡିଶା ବୁକ୍ ଷ୍ଟୋର୍, ୧୯୯୮ ।

ମହାନ୍ତି, ବଂଶୀଧର । *ଓଡିଶାର ଆଦିବାସୀ ସଂସ୍କୃତି* । ୧୯୫୫ । ଭୁବନେଶ୍ୱର : ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ୧୯୯୦ ।

ମାନସିଂହ, ମାୟାଧର । *ଓଡିଆ ସାହିତ୍ୟର ଇତିହାସ* । କଟକ : ଓଡିଶା ବୁକ୍‌ଷ୍ଟୋର, ୨୦୧୧ ।

ମାନସେଠ୍, କ୍ଷେତ୍ରବାସୀ । *ହୁଁ ମାରିଲେ କହେ* । ନୂଆଦିଲ୍ଲୀ : କେନ୍ଦ୍ର ସାହିତ୍ୟ ଅକାଦେମୀ, ୨୦୦୭ ।

________ । *ଡମ୍ ଭାଷାର ଲୋକ ଉକ୍ତି* । ଡୁମଡିବନ୍ଧ : ବନଶ୍ରୀ ସାହିତ୍ୟ ଓ ସଂସ୍କୃତି ପରିଷଦ, ୨୦୦୦ ।

ମିଶ୍ର, ଅଜୟ କୁମାର । "ଗାଳି" । *ବିଜୟା* । ୨୦.୨ (୨୦୧୨): ୧୬-୧୯ ।

ମିଶ୍ର, ଅଜୟ କୁମାର । *ଓଡିଆ ଯାତ୍ରା ଉନ୍ମେଷ ଓ ଉତ୍ତରଣ* । କଟକ : ଅକ୍ଷର, ୨୦୦୮ ।

________ । *ଓଡିଆ ଲୋକ ସଂସ୍କୃତି ଶବ୍ଦକୋଷ* । ଭୁବନେଶ୍ୱର : ଓଡିଶା ସାହିତ୍ୟ ଏକାଡେମୀ, ୨୦୦୮ ।

________ । *ଓଡିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି* । ୧୯୯୭ । କଟକ : ବିଜୟିନୀ ପବ୍ଲିକେଶନ୍ ୨୦୧୩ ।

ମିଶ୍ର, ପ୍ରସନ୍ନ କୁମାର । *ପୂର୍ବ ଭାରତର ହିନ୍ଦୁ ମିଥ୍ : ଓଡିଶା* । କଟକ : ଓଡିଶା ବୁକ୍ ଷ୍ଟୋର, ୧୯୮୧ ।

________ । *ଓଡିଶାର କିମ୍ବଦନ୍ତୀ* । ୧୯୮୧ । କଟକ : ଗ୍ରନ୍ଥ ମନ୍ଦିର, ୨୦୧୨ ।

ମିଶ୍ର, ମହେନ୍ଦ୍ର କୁମାର । *ପଶ୍ଚିମ ଓଡିଶାର ଆଦିବାସୀ ଲୋକ ସାହିତ୍ୟ* । ଭୁବନେଶ୍ୱର : ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ୧୯୯୨ ।

________ । *ପଶ୍ଚିମ ଓଡିଶାର ଲୋକ ସଂସ୍କୃତି* । ୧୯୯୦ । କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୯୫ ।

________ । *ଓଡିଶାର ଲୋକ କଥା* । ନୂଆ ଦିଲ୍ଲୀ : ନ୍ୟାସନାଲ ବୁକ୍ ଟ୍ରଷ୍ଟ, ୨୦୦୯ ।

________ । *କଳାହାଣ୍ଡିର ଲୋକ ସଂସ୍କୃତି* । କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୯୬ ।

________ । *ଲୋକ ସଂସ୍କୃତି ପରିକ୍ରମା* । କଟକ : ଗ୍ରନ୍ଥ ମନ୍ଦିର, ୧୯୯୬ ।

________ । *ଲୋକ ସଂସ୍କୃତି: ସିଦ୍ଧାନ୍ତ ଓ ପ୍ରୟୋଗ* । ଭୁବନେଶ୍ୱର : ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଏବଂ ପ୍ରକାଶନ ସଂସ୍ଥା, ୨୦୧୨ ।

________ । *ଲୋକ ସଂସ୍କୃତିବିତ୍ ନୀଳକଣ୍ଠ* । ଭୁବନେଶ୍ୱର : ପଣ୍ଡିତ୍ ନୀଳକଣ୍ଠ ସ୍ମୃତି ସମିତି, ୧୯୯୦ ।

ମିଶ୍ର, ସୁବାସ ଚନ୍ଦ୍ର । "ଦେଶିଆ ନାଟର ଅତୀତ ଓ ଭବିଷ୍ୟତ" । *ଓଡିଶାର ଲୋକ ନାଟ୍ୟଧାରା* । ସମ୍ପାଦକ । କାର୍ତ୍ତିକ ଚନ୍ଦ୍ର ରଥ । କଟକ : ରଶ୍ମି ପ୍ରକାଶନ, ୨୦୧୨ । ୧୯୪-୧୯୯ ।

ମୁଣ୍ଡ, ପରମେଶ୍ୱର । ସମ୍ପାଦକ । *କଳାହାଣ୍ଡିର ଦେବଦେବୀ* । ଭବାନୀପାଟଣା : ମହାବୀର ସାଂସ୍କୃତିକ ଅନୁଷ୍ଠାନ, ୨୦୦୬ ।

________ । ସମ୍ପାଦକ । *କଳାହାଣ୍ଡିର ଲୋକ ନୃତ୍ୟ* । ଭବାନୀପାଟଣା : ମହାବୀର ସାଂସ୍କୃତିକ ଅନୁଷ୍ଠାନ, ୨୦୧୧ ।

ମେହେର, ରଘୁନାଥ । *ଆଦିବାସୀ* । ଭୁବନେଶ୍ୱର : ଏଥେନା ବୁକ୍ସ, ୨୦୧୨ ।

________ । *ଦକ୍ଷିଣ ଓଡିଶାର ଆଦିବାସୀ ସଂସ୍କୃତି* । ଭୁବନେଶ୍ୱର : ଏଥେନା ବୁକ୍ସ, ୨୦୧୦ ।

________ । *ପଶ୍ଚିମ ଓଡିଶାର ଲୋକଦେବୀ* । ଭୁବନେଶ୍ୱର : ଏଥେନା ବୁକ୍ସ, ୨୦୧୦ ।

ରଥ, ବନମାଳୀ । "ଓଡିଆ ପ୍ରବଚନରେ ଜନ ସଂସ୍କୃତି" । *ଓଡିଆ ଲୋକ ସାହିତ୍ୟ* । ସମ୍ପାଦକ । ଶ୍ୟାମସୁନ୍ଦର ମହାପାତ୍ର । ୧୯୮୨ । କଟକ : ଗ୍ରନ୍ଥ ମନ୍ଦିର, ୧୯୯୫ । ୧୧୨-୧୧୯ ।

ରଥ, ରଘୁନାଥ । *କନ୍ଧ ସଂସ୍କୃତିର ଅନାଲୋଚିତ ଅଧ୍ୟାୟ* । କୋରାପୁଟ : ସଭା ସାହିତ୍ୟ ସଂସଦ, ୧୯୯୩ ।

ରଥ, କାର୍ତ୍ତିକ ଚନ୍ଦ୍ର । "ନିଜସ୍ୱ ସଂଳାପ" । *ଓଡିଶାର ଲୋକନାଟ୍ୟ ପରମ୍ପରା* । ସମ୍ପାଦକ । କାର୍ତ୍ତିକ ଚନ୍ଦ୍ର ରଥ । କଟକ : ସାହିତ୍ୟ ପ୍ରତିଷ୍ଠାନ, ୨୦୦୧ । କ-ଘ ।

ରାଉତ, ସଂଗ୍ରାମ କେଶରୀ । *ଓଡିଶା ଓ ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳର ଲୋକ ସାହିତ୍ୟ* । ଭୁବନେଶ୍ୱର : ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଏବଂ ପ୍ରକାଶନ ସଂସ୍ଥା, ୨୦୧୨ ।

ରାଉତ, ଭୋଳାନାଥ । *ଦାଣ୍ଡି ରାମାୟଣରେ ଓଡିଶାର ଲୋକ ସଂସ୍କୃତି* । କଟକ : ଓଡିଶା ବୁକ୍ ଷ୍ଟୋର, ୧୯୯୮ ।

ରାଉତ, ଜ୍ୟୋତ୍ସ୍ନା ବିଶ୍ୱାଳ । *ଓଡିଶା ଓ ଆସାମର ବର୍ଣ୍ଣିଳ ଲୋକ ସଂସ୍କୃତି* । ଭୁବନେଶ୍ୱର : ପଶ୍ଚିମା ପବ୍ଲିକେଶନ୍, ୨୦୧୦ ।

ରାଉତରାୟ, ବିନୋଦ । *ଲୋକ କଳା ଓ ଲୋକ ସଂସ୍କୃତି* । କଟକ : ବାଣୀ ଭଣ୍ଡାର, ୧୯୭୬ ।

ଶର୍ମା, ଶ୍ରୀରାମ । *ଲୋକ ସାହିତ୍ୟ: ସିଦ୍ଧାନ୍ତ ଔର୍ ପ୍ରୟୋଗ* । ଆଗ୍ରା : ଶ୍ରୀବିନୋଦ ପୁସ୍ତକ ମନ୍ଦିର, ୨୦୧୦ ।

ଶତପଥୀ, ସନ୍ତୋଷ କୁମାର । *ଦାସକାଠିଆ* । ଭୁବନେଶ୍ୱର : ଦି ବୁକ୍‌ସପ୍, ୧୯୯୫ ।

________ । "ବିବିଧ ନୃତ୍ୟ" । *ଓଡିଶାର ଲୋକନାଟ୍ୟ ଧାରା* । ସମ୍ପାଦକ । କାର୍ତ୍ତିକ ଚନ୍ଦ୍ର ରଥ । କଟକ : ରଶ୍ମି ପ୍ରକାଶନ, ୨୦୧୨ । ୧୩୪-୧୪୬ ।

________ । *ଓଡିଶାର ଦଣ୍ଡନାଟ* । ଭୁବନେଶ୍ୱର : ଦି ବୁକ୍‌ସପ୍, ୧୯୯୪ ।

ଷଡଙ୍ଗୀ, ରାଜେନ୍ଦ୍ର । "ଲୋକବଚନରେ ଗାଳି" । *ଆମ ଲୋକ ସଂସ୍କୃତି* । ସଂପାଦକ । ଦୁର୍ଗାମାଧବ ନନ୍ଦ । ବ୍ରହ୍ମପୁର : ଲୋକ ସଂସ୍କୃତି ଗବେଷଣା ପରିଷଦ, ୨୦୦୩ । ୨୯-୩୪ ।

ସାମନ୍ତରାୟ, ନଟବର । *ଓଡିଆ ପଲ୍ଲୀ ସାହିତ୍ୟ* । ବ୍ରହ୍ମପୁର : ସ୍ୱାଧୀନ ପ୍ରକାଶନୀ, ୧୯୭୦ ।

ସାମଲ, ବୈଷ୍ଣବ ଚରଣ, ଓ ହୃଷୀକେଶ ମଲ୍ଲିକ । ସଂପାଦିତ । *ଓଡିଆ ଯାତ୍ରା ଓ ଲୋକନାଟ୍ୟ ପରଂପରା* । କଟକ : ବୁକ୍ସ ଆଣ୍ଡ ବୁକ୍ସ, ୧୯୮୭ ।

ସାହୁ, ନାରାୟଣ । *ଓଡିଶା ଆସାମ ଓ ବଙ୍ଗଳାର ଲୋକନାଟ୍ୟ* । ୨୦୦୯ । କଟକ : ସତ୍ୟନାରାୟଣ ବୁକ୍ ଷ୍ଟୋର, ୨୦୧୩ ।

________ । *ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି ପରିଭାଷା* । ଭୁବନେଶ୍ୱର : ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଏବଂ ପ୍ରକାଶନ ସଂସ୍ଥା, ୨୦୧୩ ।

ସାହୁ, ମିହିର କୁମାର । *ଓଡିଆ ଉପନ୍ୟାସରେ ଲୋକ ଉପାଦାନ* । କଟକ : ଓଡିଶା ବୁକ୍ ଷ୍ଟୋର, ୧୯୯୫ ।

ସାହୁ, ରବୀନ୍ଦ୍ରନାଥ । *ଓଡିଶାର ଆଦିବାସୀ ଚିତ୍ରକଳା* । ଭୁବନେଶ୍ୱର : ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ୨୦୧୨ ।

ସାହୁ, ସୁଧୀର କୁମାର । *ପଶ୍ଚିମ ଓଡିଶାର ସାଂସ୍କୃତିକ ବିକାଶଧାରା* । କଟକ : ଅଗ୍ରଦୂତ, ୨୦୦୮ ।

ସୁନାନୀ, ବାସୁଦେବ । *ଦଳିତ ସଂସ୍କୃତିର ଇତିହାସ* । ନୂଆପଡା : ଈଶାନ-ଅଙ୍କିତ ପ୍ରକାଶନୀ, ୨୦୦୯ ।

ହାସନ, କୁମାର । *ସମ୍ବଲପୁରୀ ଲୋକ ସାହିତ୍ୟ* । କଟକ : କେ. କେ. ମିଶ୍ର ଆଣ୍ଡ କମ୍ପାନୀ, ୧୯୮୨ ।

Aarne, Antti Amatus. *The Types of the Folktale: A Classification and Bibliography.* 1961. trans. and enlarge. Stith Thompson. Helsinki: Suomalainen Tiedeakatemia, Academia Scientiarum Fennica, 1987.

Abercrombie, Lascelles. *The Epic: An Essay*. 1914. London: Martin Seeker Ltd., 1922.

Abrahams, Roger D. "Folk Drama". *Folklore and Folklife: An Introduction.* ed. Richard M. Dorson. Chicago: Chicago University Press, 1972. 351-362.

________ . "Proverb and Proverbial Expressions". *Folklore and Folklife: An Introduction*. ed. Richard M. Dorson. Chicago: Chicago University Press, 1972. 117-127.

________ . "Toward an Enactment Theory of Folklore". *Frontiers of Folklore.* ed. William R. Bascom. Boulder, Colorado: West view Press, 1977.79–120.

________ , and Alan Dundes. "Riddles". *Folklore and Folklife: An Introduction*. ed. Richard M. Dorson. Chicago: Chicago University Press, 1972. 129-143.

Apo, Satu. “Aarne, Antti (1867–1925)”. *The Greenwood Encyclopedia of Folktales and Fairy Tales*. Vols.1–3. ed. Donald Haase, Westport, CT: Greenwood Press, 2008, 1-2.

Babcock, Barbara A. “The Story in the Story: Meta-narration in Folk Narrative”. *Verbal Art as Performance*. ed. Richard Bauman. Long Grove, IL: Waveland Press Inc., 1984. 61-79.

Bacchilega, Cristina. “Folktale”. *Encyclopedia of Women’s Folklore and Folklife*. Vol. I. eds. Liz Locke, Theresa A. Vaughan, and Pauline Greenhill. London: Greenwood Press, 2009. 247-256.

Bage, Grabriela Mery. *Tribal Knowledge: Studies on the Kharia and Kisan Tribes in Orissa*. Bhubaneswar: Academy of Tribal Dialects and Culture, 2010.

Barnes, Daniel R. “Toward the Establishment of Principles for the Study of Folklore and Literature”. *Southern Folklore Quarterly* 43 (1979): 5–16.

Bascom, William R. “Four Functions of Folklore”. *Journal of American Folklore* 67.226 (1954): 333-349.

________ . “The Form of Prose Narrative”. *Journal of American Folklore* 78.307 (1945): 3-20. rpt. *Contribution to Folkloristics*. ed. William R. Bascom. Meerut: Archana Publication, 1981. 98.

Bauman, Richard. “Differential Identity and the Social Base of Folklore”. *Journal of American Folklore* 84.331 (1971): 31–41.

________ . ed. *Verbal Art as Performance*. Long Grove, IL: Waveland Press Inc., 1984.

Beams, John. ‘‘Folklore of Orissa’’. *The Indian Antiquary* June 7 and July 5 (1872): 168-170 and 211-212. rpt. *John Beams and Orissa*. ed. Lalatendu Das Mahapatra. Rourkela : Pragati Utkal Sangha. 2007. 117-125.

Behera, Karuna Sagar. ed. *Folk Art and Craft*. Cuttack: Indian Institute of Oriental and Orissan Studies. 1983, Print.

Belcher, Stephen. “Myth: Overview”. *African Folklore: An Encyclopedia*. eds. Philip M. Peek, and Kwesi Yankah. London: Routledge, 2004. 560-564

Bennet, Gillian, and Paul Smith. *Contemporary Legend: A Reader*. London: Routledge, 2013.

Bhabanand, Acharya. *Verrier Elwin: A Pioneer Indian Anthropologist.* 1973. Bhubaneswar : Mayur Publications, 2001.

Bidney, David. “Myth, Symbolism, and Truth”. *Myth: A Symposium*. ed. Thomas A. Sebeok. Philadelphia: American Folklore Society, 1955. 1-14.

Blank, Trevor J. *Folk Culture in the Digital Age: The Emergent Dynamics of Human Interaction* Logan, Utah: Utah State University Press, 2012.

________ . *Folklore and the Internet: Vernacular Expression in a Digital World*. Logan, Utah: Utah State University Press, 2009.

Brault, Annabelle. "Folk Music: Definitions and Background". Web. Accessed on 22 April 2012. <https://www.google.co.in/#q=Brault%2C+Annabelle+folk+songs>.

Brunvand, Jan Harold. *The Study of American Folklore*. New York: W. W. Norton and Co., 1978.

Burne, Charlotte Sophia. *The Handbook of Folklore*. London: Sidgwick & Jackson, Ltd., 1914.

Chandola, Sudha. "Some Goddess Rituals in Non-Narrative Folk Song of India". Web. Accessed on 21 December 2013. <www//http:nirc.nanzan-u.ac.jp/nfile/1051>.

Child, Francis James. *The English and Scottish Popular Ballads*. 5 vols. New York: Dover, 1882–1898.

Cox, George W. *An Introduction to the Science of Comparative Mythology and Folklore*. London: Kegan Paul, Trench, & CO., 1883.

Cox, Marian Roalfe. *An Introduction to Folklore*. London: David Nutt, 1895.

Cunningham, Allen. *Songs: Chiefly in the Rural Language of Scotland*. London: Smith and Davy, 1813.

Das, Banchhanidhi. *Essays on Mayurbhanj Chhau*. Bhubaneswar : Alkananda Publishers, 1994. Print.

Das, Chittaranjan. ed. *Folk culture and Literature*. Cuttack: Orissa: Indian Institute of Oriental and Orissan Studies, 1983. Print.

________ . ed. *Folklore of Mankind*. Cuttack: Orissa: Indian Institute of Oriental and Orissan Studies, 1993. Print.

Das, Harish Chandra. "Folk Culture". *Orissa Review* 31.12 (1978): 9-12.

________ . ed. *Folk Music and Dance*. Cuttack: Indian Institute of Oriental and Orissan Studies. 1983.

Das, Kunja Bihari. *A Study of Orissan Folklore*. Santiniketan: Visvabharati Research Publication, 1953.

________ , and Laxman K. Mahapatra. *Folklore of Orissa*. 1979. New Delhi: National Book Trust, 1999.

Dorson, Richard M. "Standard for Collecting and Publishing American Folktales". *Journal of American Folklore* 23.1/9 (1957): 42-58.

________ . ed. *Folklore and Folklife: An Introduction*. Chicago: Chicago Universiy Press, 1972.

________ . *Folklore and Fakelore: Essays toward a Discipline in Folk Studies.* Cambridge: Harvard University Press, 1976.

Dundes, Alan. “Metafolklore and Oral Literacy Criticism”. *Monist* 50 (1966): 506-516. rpt. *The Meaning of Folklore: The Analytical Essays of Alan Dundes*. ed. Simon J. Bronner. Logan, Utah: Utah State University Press, 2007. 77-87.

________ . “On the Structure of the Proverb.” *Proverbium* 25: (1975): 961–973. 970.

Dundes, Alan. “Texture, Text, and Context”. *Southern Folklore Quarterly* 28 (1964): 251-265. rpt. *Essays in Folkloristics*. ed. Alan Dundes. Meerut: Folklore Institutes, 1978. 22-37.

________ . “What is Folklore?”. *The Study of Folklore*. ed. Alan Dundes. Englewood Cliff, New Jersey: Prentice Hall Inc., 1965. 1-3.

________ . “Who are the Folk?”. *Essays in Folkloristics.* ed. Alan Dunes, Meerut: Folklore Institute, 1978. 1–21.

Edmunds, Lowell. “Epic and Myth”. *A Companion to Ancient Epic*. ed. John Miles Foley. Malden, MA: Blackwell Publishing Ltd., 2005. 31-44.

Elwin, Verrier. *Tribal Myth of Orissa*. Oxford: Oxford University Press, 1954.

Evers, Larry, and Barre Tolken. eds. *Native American Orla Traditions: Collaboration and Interpretation*. Logan, Utah: Utah State Universirty Press, 2011.

Farrer, Claire R. “Myth”. *Folklore: An Encyclopedia of Beliefs, Customs, Tales, Music, and Art*. eds. Charlie T. McCormick, and Kim Kennedy White. California: ABC-CLIO, LLC., 2011. 894-900.

Finnegan, Ruth. *Oral Poetry: Its Nature and Significance and Social Context.* 1977. Cambridge: Cambridge University Press, 1979.

________ . *Oral traditions and the Verbal Arts: A Guide to Research Practices*. Lndon: Routledge, 1992.

Flueckiger, Joyce Burkhalter. ‘‘Appropriating the Epic: Gender, Caste, and Regional Identity in Middle India’’. *Epic Traditions in the Contemporary World: The Poetics of Community*. eds. Margaret Beissinger, Jane Tylus, and Susanne Wofford. Berkeley: University of California Press, 1999. 1999: 131–51.

Foley, John Miles. “Analogues: Modern Oral Epics”. *A Companion to Ancient Epic*. ed. John Miles Foley. Malden, MA: Blackwell Publishing Ltd., 2005.

________ . *Traditional Oral Epic: The Odyssey, Beowulf, and the Serbo-Croatian Return Song*. Berkeley: University of California Press, 1991.

Foster, George McClelland. “What is Folk Culture?”. *American Anthropologist* 55.2/1 (1953): 159-173.

Frank, Russell. *News lore: Contemporary Folklore on the Internet* Jackson: The University Press of Mississippi, 2011.

Geertz, Clifford. *The Interpretation of Cultures*. New York: Basic Books, 1973.

Glassie, Henry. “Tradition”. *Journal of American Folklore* 108.430 (1995): 395-412.

Goldberg, Christine. “Folktale”. *Folklore: An Encyclopedia of Beliefs, Customs, Tales, Music, and Art*. eds. Charlie T. McCormick, and Kim Kennedy White. California: ABC-CLIO, LLC., 2011. 558- 570.

Goldstein, Kenneth S. “Notes toward a European-American Folk Aesthetic: Lessons Learned from Singers and Storytellers I have known”. *Journal of American Folklore* 104.412 (1991): 164–178.

Gomme, George Laurence. *The Hand Book of Folklore*. London: David Nutt, 1890.

Greenberg, Andrea. “Drugged and Seduced: A Contemporary Legend”. *New York Folklore Quarterly* 28/29 (1972/73): 131-58.

Gregory, Chris A. “The Oral Epics of the Women of the Dandakaranya Plateau: A Preliminary Mapping”. *Journal of Social Science* 8.2 (2004): 93-104.

Gummere, Francis B. *The Popular Ballad*. Boston: Houghton Mifflin Company, 1907.

Hand, Wayland D. *American Folk Legend*. Berkeley: University of California Press, 1971.

Krik, Geoffrey S. *Myth, Its Meaning and Functions in Ancient and Other Cultures.* Berkeley: Univ California Press, 1971.

Hiltebeitel, Alf. *Rethinking India’s Oral and Classical Epics: Draupadi among Rajputs, Muslims, and Dalits*. Chicago: University of Chicago Press, 1999.

Harmon, William, and C. Hugh Holman. *A Handbook to Literature*. New Jersey: Prentice Hall Inc., 1999.

Hendy, Andrew Von. “The Invention of Myth”. *The Modern Construction of Myth*. Bloomington: Indiana University Press, 2001.

Hine, Christine. *Virtual Ethnography.* London: Sage Publication, 2000.

Hobsbawm, Eric, and Terence Ranger. *The Invention of Tradition*. Cambridge: Cambridge University Press, 1983.

Honko, Lauri. “Epic and Identity: National, Regional, Communal, Individual”. *Oral Tradition* 11.1 (1996): 18-36.

________ . *Textualising the Siri Epic*. Helsinki: Suomalainen Tiedeakatemia, 1998.

Hooke, Samuel Henry. *Middle Eastern Mythology*. 1913. Middlesex, England: Penguin Books, 1968.

Hota, Akhila Bihari. ed. *Tribal Dance of Orissa*. Bhubaneswar: Academy of Tribal Dialects and Culture, 2009.

Jansen, Minna Skafte. “Performance”. *A Companion to Ancient Epic*. ed. John Miles Foley. Malden, MA: Blackwell Publishing, 2005. 45-54.

Jansen, William Hugh “The Surpriser Surprised: A Modern Legend”. *Folklore Forum* 6 (1973): 1-24.

________ . “Riddles: Do It Yourself Oracles”. *American Folklore* ed. Stristram P. Cofifin. New York: Basic Books, 1968. 204-27.

Jason, Heda. “The Rajasthani Epic of Pabuji: A Preliminary Ethno-poetic Analysis”. *Indian Folklore Research Journal* 5.8 (2008): 46-54.

Johns-Putra, Adeline. *The History of the Epic*. New York: Palgrave Macmillan, 2006.

Kaeppler, Adrienne L. “Dance”. *Folklore, Cultural Performances, and Popular Entertainments: A Communications-centered Handbook*. ed. Richard Bauman. Oxford: Oxford University Press, 1992. 196-203.

Katz, Joshua T. “The Indo-European Context”. *A Companion to Ancient Epic*. ed. John Miles Foley. Malden, MA: Blackwell Publishing Ltd., 2005. 20-30.

Kealiinobohomoku, Joann Wheeler. “Folk Dance”. *Folklore and Folklife: An Introduction*. ed. Richard M. Dorson. Chicago: Chicago University Press, 1972. 381-404.

Kittredge, George Lyman. *Introduction to English and Scottish Popular Ballads*. Houghton: Mifflin,1904.

Kõiva, Mare. ed. *Media & Folklore.* Tartu: ELM Scholarly Press, 2009.

Konstan, David, and Kurt A. Raaflaub. ed. *Epic and History*. Malden, MA: Blackwell Publishing Ltd., 2010.

Koskikallio, Petteri. “From Classical to Postclassical: Changing Ideologies and Changing Epics in India”. *Oral Tradition* 11.1 (1996): 144-153.

Koven, Mikel J. *Film, Folklore, and Urban Legend*. Maryland: The Scarecrow Press, Inc., 2008.

Kranenburg, Peter van, Jörg Garbers, Anja Volk, Frans Wiering, Louis P. Grijp, and Remco C. Veltkamp. "Collaboration Perspectives for Folk Song Research and Music Information Retrieval: The Indispensable Role of Computational Musicology". *Journal of Interdisciplinary Music Studies* 4.1(2010): 17-43.

Lang, Andrew. "The Methods of Folklore". *Custom and Myth*. London: Longman Green & Co., 1884. 10-28.

________ . *Custom and Myth*. 1884. London: Longmans, Green and Co., 1910.

________ . *Myth, Ritual and Religion*. Vol. I. 1887. London: Longmans, Green and Co., 1899.

Laws, G. Malcolm, Jr. *American Balladry from British Broadsider: A Guide for Students and Collectors of Traditional Song.* Bibliographical and Special Series Vol. 8. Philadelphia: American Folklore Society, 1957.

Leeming, David Adams. *Myth: A Biography of Belief*. Oxford: Oxford University Press, 2002.

Lelli, Emanuele. "Towards a Classification of Greek Proverbs". *Paremia* 16 (2007): 139-148.

Mahapatra, Khageswar. "Tribal Dance: Its Nature and Function". *Tribal Dance of Orissa*. ed. Akhila Bihari Hota. Bhubaneswar: Academy of Tribal Language & Culture, 2009. 4-10.

________ . ed. *Tribal Language and Culture of Orissa*. Bhubaneswar: Academy of Tribal Dialects and Culture, 1997.

Mahapatra, Kulamani. *Folk Culture and Great Tradition*. Cuttack: Indian Institute of Oriental and Orissan Studies, 1983.

Mahapatra, Shyamasundar. *A Study of Oriya Folk Ballads*. Shantiniketan: Visva Bharati Research Publications, 1988.

Mahapatra, Sitakanta. *Bakhen: Ritual Invocation Songs of a Primitive Community.* New Delhi: Prachi Prakashan, 1979.

________ . *Modernization and Ritual: Identity and Change in Santal Society*. Calcutta: Oxford University Press, 1986.

________ . *The Empty Distance Carries: Oral Poetry of the Mundas and Oraons*. Calcutta: Writers Workshop, 1972.

________ . *The Rainbow of Rhythms: Folk Art Tradition of Orissa.* Jagatsinghpur: Prafulla, 2005.

________ . *The Tangled Web: Tribal Life and Culture of Orissa*. Bhubaneswar: Orissa Sahitya Academy, 1993.

________ . *They Sing Life: Anthology of Oral Poetry of the Primitive Tribes of India.* New Delhi: Inter-India Publication, 2002.

________ . *Tribal Wall Paintings of Orissa*. Bhubaneswar: Orissa Lalitkala Academy, 1991.

________ , Nityanand Pattanaik, and Sajal Patra. eds. *Pattern of Tribal Housing*. Bhubaneswar: Academy of Tribal Dialects and Culture, 1986.

Malinowski, Bronislaw. *Magic, Science and Religion and Other Essays*. Illinois: The Free Press, 1948.

Martin, Richard P. "Epic as Genre". *A Companion to Ancient Epic*. ed. John Miles Foley. Malden, MA: Blackwell Publishing Ltd., 2005. 9-19.

Mieder, Wolfgang. "Proverb". *Folklore: An Encyclopedia of Beliefs, Customs, Tales, Music, and Art*. eds. Charlie T. McCormick, and Kim Kennedy White. California: ABC-CLIO, LLC., 201. 1025–1033.

Mishra, Mahendra Kumar. "Oral Epic in Kalahandi". *Folklore: Electronic Journal of Folklore* 26 (2004): 81-100. Web. Accessed on 21 February 2010. <http://www. folklore.ee/folklore/vol26/mishra.pdf>.

________ . *Oral Epic of Kalahandi*. Chennai: National Folklore Support Center, 2007.

________ . *Visioning Folklore: Essays on Folkloristic of Western Orissa*. Bhubaneswar: Lark Books, 2003.

Moreira, James. "Ballad". *Folklore: An Encyclopedia of Beliefs, Customs, Tales, Music, and Art*. eds. Charlie T. McCormick, and Kim Kennedy White. California: ABC-CLIO, LLC., 2011. 191-195.

Mulemi, Benson, A. "Legends: East Africa". *African Folklore: An Encyclopedia*. eds. Philip M. Peek, and Kwesi Yankah. London: Routledge, 2004. 416-422.

Muller, Meinard. Peter Grosche, and Frans Wiering. "Towards Automated Processing of Folk Song Recordings". Web. Accessed on 21 December 2013. <https://www. mpi-inf.mpg.de/.../2009_MuellerGroscheWiering_FolkSong...> 1-15.

Murko, Matija. "The Singers and their Epic Songs". *Oral Tradition* 5.1 (1990): 107-130.

Nagy, Gregory. "The Epic Hero". *A Companion to Ancient Epic*. ed. John Miles Foley. Malden, MA: Blackwell Publishing Ltd., 2005. 71-89.

Nicolaisen, W. H. F. "The Linguistic Structure of Legends". *Perspective on Contemporary Legend*. Vol. II. eds. Gillian Bennet, Paul Smith, and D. D. A. Widdowson. England: Sheffiled Academic Press, 1987. 61-76.

Norton, Donna E. and Saundra E. Norton. *Through the Eyes of a Child: An Introduction to Children's Literature*. New Jersy: Merrill Prentice Hall, 2003.

Noyes, Dorothy. "Group". *Eight Words for the Study of Expressive Culture*. ed. Burt Feintuch. Urbana: Univ. of Illinois Press, 2003. 7-41.

Oinas, Felix J. "Folk Epic". *Folklore and Folklife: An Introduction*. ed. Richard M. Dorson. Chicago: Chicago University Press, 1972. 99-115.

Olrik, Axle. "The Structure of Narrative". *Principles for Oral Narrative Research*. 1921. trans. Kirsten Wolf, and Jody Jensen. Bloomington: Indiana University Press, 1992. 42-61.

Oring, Elliott. *Folk Groups and Folklore Genres: An Introduction*. Logan: Utah State University Press, 1986, 126.

Pasayat, Chitrasen. *Tribal and Non-Tribal in Folk Culture*. New Delhi: SSDN Publishers and Distributors, 2013. Print.

Pathy, Dinanath. *Traditional Painting of Orissa*. Bhubaneswar: Working Artists Association of Orissa, 1990.

Pattanaik, Direndra Nath. *Folk Theatre of Orissa*. Bhubaneswar: Odisha Sangeet Natak Akademi, 1998.

Pattanaik, Nityanand. *Folklore of Tribal Communities*. New Delhi: Gyan Publishing House, 2002.

Pettit, Thomas. "Folk Drama". *Folklore: An Encyclopedia of Beliefs, Customs, Tales, Music, and Art*. eds. McCormick, Charlie T., and Kim Kennedy White. California: ABC-CLIO, LLC, 2011. 391-397.

Quigley, Colin. "Dance, Folk". *American Folklore: An Encyclopedia*. ed. Jan Harold Brunvand. New York: Garland Publishing, Inc., 1996. 403-413.

Raaflaub, Kurt A. "Epic and History". *A Companion to Ancient Epic*. ed. John Miles Foley. Malden, MA: Blackwell Publishing Ltd., 2005. 55-70.

Rai, B. A. Viveka. "Epics in the Oral Genre System of Tulunadu". *Oral Tradition* 11.1 (1996): 163-172.

Renwick, Roger de V. "Ballad". *American Folklore: An Encyclopedia*. ed. Jan Harold Brunvand. New York: Garland Publishing, Inc., 1996. 108-116.

Richmond, Winthrop Edson. "Folk Speech". *Folklore and Folklife: An Introduction*. ed. Richard M. Dorson. Chicago: Chicago University Press, 1972. 145-157.

________ . *Ballad Scholarship: An Annotated Bibliography*. New York: Garland Publishing, Inc., 1989.

Roemer, Danielle M. "Riddles and Puzzles". *American Folklore: An Encyclopedia*. ed. Jan Harold

Brunvand. New York: Garland Publishing, Inc., 1996. 1316-1324.

Ronstr•om, Owen. "Dance, Folk". *Folklore: An Encyclopedia of Beliefs, Customs, Tales, Music, and Art*. eds. Charlie T. McCormick, and Kim Kennedy White, California: ABC-CLIO, LLC, 2011. 355-363.

Rubin, David C. "Epic and Formulaic Theory". *Memory in Oral Traditions: the Cognitive Psychology of Epic, Ballads, and Counting-out Rhymes*. Oxford: Oxford University Press, Inc., 1995. 194-226.

Simpson, Jacqueline, and Steve Roud. *A Dictionary of English Folklore.* Oxford: Oxford University Press, 2000.

Sims, Martha C. and Martine Stephens. *Living Folklore: An Introduction to the Study of People and their Traditions*. 2005. Logan, Utah: Utah State University Press, 2011.

Smith, Paul. "Contemporary Legend". *Folklore: An Encyclopedia of Beliefs, Customs, Tales, Music, and Art*. eds. Charlie T. McCormick, and Kim Kennedy White. California: ABC-CLIO, LLC., 2011. 782-784.

________ , and Gillian Bennett. eds. *Perspectives on Contemporary Legend*. 1984. Sheffield, UK: Sheffield Academic Press, 1990.

Spence, Lewis. *An Introduction to Mythology*. New York: Moffat Yard and Company, 1921.

Taft, Michael. "Folk Drama". *American Folklore: An Encyclopedia*. 1996. ed. Jan Harold Brunvand. New York: Garland Publishing, Inc. New York & London, 1996 439- 443.

Taylor, Archer. *English Riddles from Oral Tradition.* Berkeley and Los Angeles: University of California Press, 1951.

________ . *The Proverb*. Cambridge: Harvard University Press, 1931.

Thompson, Stith. "Variant". *The Standard Dictionary of Folklore, Mythology and Legend*. eds. Maria Leach, and Jerome Fried. 2 Vols. New York: Funk and Wagnalls, 1950. 1154-55.

________ . *The Folktale*. Berkeley: University of California Press, 1977.

Thoms, William John. "Folklore". *The Athenaeum* 982 (1846): 862–863. rpt. *The Study of Folklore*. ed. Alan Dundes. Englewood Cliffs: Prentice-Hall Inc., 1965. 4-6.

Tillis, Steve. *Rethinking Folk Drama.* Westport: Greenwood Press, 1999.

Tolken, Barre. *The Dynamics of Folklore*. 1978. Logan, Utah: Utah University Press, 1996.

Tshering, Gyonpo. *A Treasury of Songs of the Kingdom of Bhutan*. Thimphu: Special Commission for Cultural Affairs, 1997.

Tuleja, Tad. *Usable Pasts: Traditions and Group Expressions in North America*. Logan, Utah: Utah State University Press, 1997.

Tylor, Edward Burnett. *Primitive Culture: Research into the Development of Mythology, Philosophy, Religion, Art, and Custom.* 2 Vol. 1871. London: John Murray, 1920.

Wade, Tarzia. “A Glance into Mythography”. *The 3rd Stone: Archaeology, Folklore, and Myth* 36 (1999): 39-44.

________ . “Oral Formulaic Epic”. Web. Accessed on 11 January 2014. <www. wtarzia.com/files/Oral_Epic.rtf>

Wadley, Susan Snow. *Raja Nal and the Goddess: The North Indian Epic Dhola in Performance.* Bloomington: Indiana University Press, 2004.

Whiting, Bartlett Jere. “The Nature of the Proverb”. *Harvard Studies and Notes in Philology and Literature* 14: (1932): 273–307.

Williams, Raymond. *Culture and Materialism*. 1980. New York: Verso, 2005.

Winick, Stephen D. “Intertextuality and Innovation in a Definition of the Proverb Genre”. *Cognition, Comprehension, and Communication: A Decade of North American Proverb Studies* (1990–2000). ed. Wolfgang Mieder. Baltmannsweiler, Germany: Schneider Verlag Hohengehren. 2003. 571–601.

Youngerman, Suzanne. “Folk Dance”. *Microsoft® Encarta® Online Encyclopedia 2000*. Web. Accessed on 21 December 2013.<http://encarta.msn.com>.

-0-

# ଏମ୍. ଏ.

# ଓଡ଼ିଆ ପାଠ୍ୟକ୍ରମ

## ଲୋକ ସାହିତ୍ୟ ଓ ସଂସ୍କୃତି

### ପେପର ୨୨


ଆଲୋଚକ

**ଡ. ସଞ୍ଜୟ କୁମାର ବାଗ୍**



**D D C E**
**Education for All**

## ଦୂର-ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ

**ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର**

**ଭୁବନେଶ୍ୱର**